ଅନ୍ତର୍ଭାରତୀୟ ପୁସ୍ତକମାଳା

ଆଦାନ ପ୍ରଦାନ

ଜଳନ୍ତା ନଈ

କୁରତୁଲ୍‌ଏନ୍‌ ହୈଦର

ନ୍ୟାସନାଲ ବୁକ୍‌ ଟ୍ରଷ୍ଟ, ଇଣ୍ଡିଆ

Digitized by PPRACHIN, SOA

ଜଳନ୍ତା ନଈ

Digitized by PPRACHIN, SOA

କୁମାରୀ କୁରତୁଲ୍ ଏନ୍ ହାଇଦରଙ୍କର ଜନ୍ମ ଉତ୍ତର-ପ୍ରଦେଶର ଏକ ସମ୍ଭ୍ରାନ୍ତ ମୁସଲମାନ ପରିବାରରେ । ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରୁ ସେ ଇଂରାଜୀ ସାହିତ୍ୟରେ ଏମ୍. ଏ. ପାଶ୍ କରିଛନ୍ତି ।

ଖୁବ୍ କମ୍ ବୟସରୁ ସେ ଉପନ୍ୟାସ ଲେଖା ଆରମ୍ଭ କରି ଦେଇଥିଲେ । ଉର୍ଦ୍ଦୁ ଉପନ୍ୟାସ ସାହିତ୍ୟକୁ ତାଙ୍କର ଶୈଳୀ ଏକ ନୂତନ ଦିଗର ସନ୍ଧାନ ଦେଇଛି । ପ୍ରଥମ ଶ୍ରେଣୀର ଉର୍ଦ୍ଦୁ ସାହିତ୍ୟିକମାନଙ୍କ ମଧ୍ୟରେ ସେ ନିଜର ଆସନ ପ୍ରତିଷ୍ଠିତ କରି ପାରିଛନ୍ତି ।

କୁମାରୀ ହାଇଦର କିଛିଦିନ ଲାଗି ଲଣ୍ଡନର 'ଡେଲି ଟେଲିଗ୍ରାଫ୍'ର ସମ୍ବାଦଦାତା ରୂପେ କାମ କରୁଥିଲେ । ତାପରେ ସେ ବି.ବି.ସି.ର ଉର୍ଦ୍ଦୁ ବିଭାଗରେ ରହିଲେ । ୧୯୬୧ ମସିହାରେ ଭାରତ ଫେରି ଆସି ସେ 'ଇଂପ୍ରିଣ୍ଟ' ପତ୍ରିକାର ସମ୍ପାଦକ ମଣ୍ଡଳୀରେ ଯୋଗଦାନ କଲେ । ସଂପ୍ରତି ସେ 'ଇଲଷ୍ଟ୍ରେଟେଡ୍ ୱିକ୍‌ଲି ଅଫ୍ ଇଣ୍ଡିଆ'ର ସହ-ସମ୍ପାଦିକା ରୂପେ କାର୍ଯ୍ୟ କରୁଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ହାରାହାରି ଛ' ଗୋଟି ଉପନ୍ୟାସ, ତିନୋଟି କାହାଣୀ ସଂଗ୍ରହ, ଅନେକ ପ୍ରବନ୍ଧ ଓ କେତେକ ବିଦେଶୀ ପୁସ୍ତକର ଉର୍ଦ୍ଦୁ ଅନୁବାଦ ପ୍ରକାଶିତ ହୋଇସାରିଲାଣି ।

Digitized by PPRACHIN, SOA

ଅନ୍ତର୍ଭାରତୀୟ ପୁସ୍ତକମାଳା

ଜଳନ୍ତା ନଈ

କୁରତୁଲ୍ ଏନ ହୈଦର

ଅନୁବାଦିକା

ଶ୍ରୀମତୀ ଚନ୍ଦ୍ରିକା ମହାପାତ୍ର

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ନୂଆ ଦିଲ୍ଲୀ

Digitized by PPRACHIN, SOA

ମାର୍ଚ୍ଚ ୧୯୭୨ (ଫାଲ୍‌ଗୁନ ୧୮୯୩)
March 1972, (Phalguna 1893)

© କୁରତୁଲଏନ ହୈଦର, ୧୯୭୦

Original Title : AAG KA DARIA *(Hindi)*
Oriya Translation : JALANTA NAI

ମୁଖ୍ୟ ପରିବେଶକ

ଗ୍ରନ୍ଥ ମନ୍ଦିର

କଟକ-୨ : ବ୍ରହ୍ମପୁର

ଡାଇରେକ୍ଟର, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ-୫ ଗ୍ରୀନ୍‌ପାର୍କ, ନୂଆଦିଲ୍ଲୀ-୧୬ କର୍ତ୍ତୃକ ପ୍ରକାଶିତ ଏବଂ 'ଗ୍ରନ୍ଥ ମନ୍ଦିର' ପ୍ରକାଶନ ସଂସ୍ଥାର ମୁଦ୍ରଣାଳୟ 'ଗ୍ରନ୍ଥପ୍ରକାଶିକା'ରେ ମୁଦ୍ରିତ ।

Digitized by PPRACHIN, SOA

ପ୍ରସ୍ତାବନା

ଭାରତ ଏକ ବିଶାଳ ଦେଶ । ସାଂସ୍କୃତିକ ଦୃଷ୍ଟିରୁ ଏକ ହେଲେ ବି, ଏକତାର ଯେଉଁ ସୂତ୍ରଦ୍ୱାରା ଏହାକୁ ଏକ ଶକ୍ତିଶାଳୀ ଏବଂ ପ୍ରଗତିଶୀଳ ରାଷ୍ଟ୍ର ଭାବେ ତିଆରିକରି ହେବ, ସେହି ସୂତ୍ରକୁ ମଜବୁତ୍ କରିବା ଦରକାର ।

ଆମ ଭାରତ ଗୋଟିଏ ବହୁ ଭାଷା-ଭାଷୀ ଦେଶ । ଭାଷା ସଂଖ୍ୟା ବୋଧହୁଏ ପୃଥିବୀର ଅନ୍ୟ କୌଣସି ଦେଶରେ ଏତେ ବେଶୀ ନୁହେଁ । କିନ୍ତୁ ଦୁର୍ଭାଗ୍ୟକୁ ନିଜର ପଡ଼ୋଶୀ ପ୍ରଦେଶର ଭାଷା ବା ଭାଷାମାନଙ୍କ ପ୍ରତି ଆମ ଭିତରେ ଆଗ୍ରହ କମ୍ ଦେଖିବାକୁ ମିଳେ । ସେମାନଙ୍କର ସାଂସ୍କୃତିକ ଓ ସାହିତ୍ୟିକ ସମ୍ପଦ ବିଷୟରେ ଜ୍ଞାନ ତ ଆମର ଆହୁରି କମ୍ ! ଇଂରାଜୀ, ଫ୍ରେଞ୍ଚ, ଜର୍ମାନ ଇତ୍ୟାଦି ୟୁରୋପୀୟ ଭାଷାର ସାହିତ୍ୟ ଓ ସମାଜ ବିଷୟରେ ଯେତେ ଜ୍ଞାନ ଆମର ଅଛି ସେତେଟା ନିଜ ଦେଶର ଭାଷା ଓ ସାହିତ୍ୟ ବିଷୟରେ ନାହିଁ ।

ଦେଶର ଭାବନାତ୍ମକ ଓ ସାଂସ୍କୃତିକ ଏକତା ଲାଗି ଏହା ଜରୁରୀ ଯେ ଦେଶବାସୀ ଦେଶର ବିଭିନ୍ନ ଭାଷାର ଉତ୍ତମ ସାହିତ୍ୟିକ କୃତିମାନଙ୍କ ସଙ୍ଗେ ଭଲ ରକମ ପରିଚିତ ହେବେ ଏବଂ ସେମାନଙ୍କ ଜରିଆରେ ବିଭିନ୍ନ ପ୍ରଦେଶର ଚାଲି-ଚଳଣ, ଆଚାର-ବିଚାର ଓ ସାଂସ୍କୃତିକ ଭାବନା ଆଦିର ମଧ୍ୟ ପରିଚୟ ଲାଭ କରିବେ ।

ପଶ୍ଚିମ ଜଗତରେ ଅନେକ ସ୍ୱତନ୍ତ୍ର ରାଷ୍ଟ୍ର ରହିଛି ଓ ପ୍ରତ୍ୟେକ ରାଷ୍ଟ୍ରର ଭିନ୍ନ ଭିନ୍ନ ଭାଷା; ତେବେ ବି ସେଠାକାର ଜନଗଣ ପରସ୍ପରର ସାହିତ୍ୟ ଓ ଚିନ୍ତାଧାରା ବିଷୟରେ ଯେତେ ସୂକ୍ଷ୍ମ ଏବଂ ନିରନ୍ତର ଜ୍ଞାନ ରଖିଥାନ୍ତି ସେତେଟା ଆମ୍ଭମାନଙ୍କର ନିଜ ଦେଶର ଭାଷାମାନଙ୍କ ବିଷୟରେ ନାହିଁ । ଏହା ଏକ ବିଚିତ୍ର ପରସ୍ପର-ବିରୋଧୀ ସତ୍ୟ । ୟୁରୋପରେ ଯେକୌଣସି ଭାଷାର ଭଲ ବହିର ଅନୁବାଦ ଅବିଳମ୍ବେ ସକଳ ଭାଷାରେ ହୋଇଯାଏ । ଭାରତ ଗୋଟିଏ ହିଁ ରାଷ୍ଟ୍ର । କିନ୍ତୁ ଦେଖିବାକୁ ପାଉ, ଆମ ଭିତରେ ଆମ ପଡ଼ୋଶୀ ଭାଷାମାନଙ୍କରେ କ'ଣ ହେଉଛି ତାହା ଜାଣିବାର ଇଚ୍ଛା ନାହିଁ । ଏହି ଅବସ୍ଥା ବଦଳୁଛି ସତ, କିନ୍ତୁ ଅତି ଧୀର ଗତିରେ ।

ଏହି ଅବସ୍ଥାକୁ ବିଚାର କରି ଭାରତ ସରକାର ପ୍ରତ୍ୟେକ ଭାରତୀୟ ଭାଷାରେ ସମକାଳୀନ ସାହିତ୍ୟର ବଛା ବଛା ପୁସ୍ତକ ଅନ୍ୟ ସମସ୍ତ ଭାଷାରେ ଅନୁବାଦ କରାଇବାର ଯୋଜନା କରି ଅଛନ୍ତି । ଏହି ଯୋଜନାରେ ଏପରି ପୁସ୍ତକ ନିର୍ବାଚିତ ହେବ ଯାହାକି ସାଧାରଣ ପାଠକ ଲାଗି ସୁଖପାଠ୍ୟ ହୋଇଥିବ; ଯଥା—କାହାଣୀ, ଉପନ୍ୟାସ,

Digitized by PPRACHIN, SOA

ମନୋରଞ୍ଜକ, ଭ୍ରମଣ ବୃତ୍ତାନ୍ତ ବା ଆତ୍ମଜୀବନୀ ଇତ୍ୟାଦି । ଏହି ପର୍ଯ୍ୟାୟରେ ପୁସ୍ତକ ନିର୍ବାଚନ କଲାବେଳେ ଦେଖିବାକୁ ହେବ ଯେ ସେହି ପୁସ୍ତକ ଉତ୍ତମ ଓ ଲୋକପ୍ରିୟ ହୋଇଥିବ ଏବଂ ସଂପୃକ୍ତ ସମାଜର ଗୃହ-ଚଳଣି, ଚିନ୍ତାଧାରା ଓ ଆଶା-ଆକାଙ୍କ୍ଷା ର ପ୍ରତିଫଳନ କରୁଥିବ ।

ଆଶା କରାଯାଏ, ଏହି ଯୋଜନା ବିଭିନ୍ନ ଭାଷାମାନଙ୍କ ମଧ୍ୟରେ ପରସ୍ପର ବିଷୟରେ ଅଧିକ ଜ୍ଞାନ, ବୁଝାମଣା ଏବଂ ଭାବନାତ୍ମକ ଏକତା ଆଣିବାରେ ବହୁଦୂର ସହାୟକ ପ୍ରମାଣିତ ହେବ ।

ବିଭିନ୍ନ ଭାରତୀୟ ଭାଷାର ପ୍ରଧାନ କୃତିମାନଙ୍କୁ ବାଛି ସେଗୁଡ଼ିକର ଅନୁବାଦ କରିବା କିଛି ସହଜ କଥା ନୁହେଁ । ଆମ୍ଭେମାନେ ନିଜର ପରାମର୍ଶଦାତା ସମିତି ଏବଂ ଅନୁବାଦକ-ମାନଙ୍କଠାରେ କୃତଜ୍ଞ । କାରଣ ସେମାନଙ୍କର ନିର୍ଦ୍ଦେଶ ଓ ସହଯୋଗ ବ୍ୟତିରେକେ ଏ ପ୍ରକାର ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ଅସମ୍ଭବ ହୁଅନ୍ତା ।

ବାଲକୃଷ୍ଣ କେଶ୍କାର

Digitized by PPRACHIN, SOA

ନଦୀରେ ଟୋପା ଟୋପା ପାଣି ପଡ଼ୁଥାଏ । କୂଳରେ ନାରଙ୍ଗୀ ଓ ଲାଲ୍ ରଙ୍ଗର ଫୁଲସବୁ ସବୁଜପତ୍ର ମଧ୍ୟରୁ କୁଙ୍କୁମ ଟୋପା ପରି ଝଲ୍‌ମଲ୍ ହେଉଥାଏ ଏବଂ ଘାସପରି ଝକ୍‌ମକ୍ କରୁଥିବା ଛୋଟ ଛୋଟ ଲହଡ଼ି କୂଳର ଘାସ ଉପରେ ଆଛିଡ଼ି ପଡ଼ୁଥାଏ । ନଦୀ ଘାଟରେ ନୌକାସବୁ ବନ୍ଧା ହୋଇଥାଏ । ଦୂରରୁ ନାଉରୀର ମନମତାଣିଆ ଗୀତ ପବନରେ ଭାସି ଆସୁଥାଏ । କଦମ୍ବଗଛ ମୂଳରେ ମୟୂରଟିଏ ପୁଚ୍ଛ ମେଲାଇ ଠିଆ ହୋଇଥାଏ ।

ନଦୀ ଘାଟର ଅଦୂରବର୍ତ୍ତୀ ବରଗଛ ମୂଳରେ ତିନୋଟି ଯୁବତୀ ବସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହଳଦିଆ ଶାଢ଼ି ପିନ୍ଧିଥିଲା ଏବଂ ଗଭାରେ ଚମ୍ପାଫୁଲ ଖୋସିଥିଲା । ଦ୍ୱିତୀୟ ଯୁବତୀର ବୟସ ବହୁତ କମ୍ ଥିଲା । ସେ ଭ୍ରୂଲତା ସୃଷ୍ଟି କରି ଆଙ୍କିଥିଲା ଏବଂ ତା' ହାବଭାବରୁ ସେ ରାଜକୁମାରୀ ପରି ଜଣାଯାଉଥିଲା । ତୃତୀୟ ଯୁବତୀଟି ଏମାନଙ୍କର ପରିଚାରିକା ଥିଲା । ପାଣି ଛାଟରୁ ଏମାନଙ୍କୁ ରକ୍ଷା କରିବା ନିମନ୍ତେ ସେ ଝାଲରଦାର ଛତ୍ର ଖୋଲି ଧରିଥିଲା । ବରଗଛ ନିକଟରେ ଏକ ଛୋଟ ହ୍ରଦରେ ପାଣିଫଳ ମାଡ଼ିଥିଲା ଏବଂ ଲାଲ୍ ପଦ୍ମଫୁଲ ଫୁଟି ଏହାର ଶୋଭା ବର୍ଦ୍ଧନ କରୁଥିଲା । ପ୍ରଥମ ଯୁବତୀଟିର ବୟସ ଆନୁମାନିକ ୧୫।୧୬ ବର୍ଷ ହୋଇଥିଲେ ସୁଦ୍ଧା ସେ ଅବି-ବାହିତା ଥିଲା । କିଛି ସମୟ ପୂର୍ବରୁ ଜଣେ ଶ୍ୱେତବସ୍ତ୍ରଧାରୀ ବ୍ରହ୍ମଚାରୀ ପଳାଶ ଗଛ ଉହାଡ଼ରୁ ଆଶ୍ଚର୍ଯ୍ୟ ଏବଂ ତନ୍ମୟହୋଇ ଏଇ ତିନିଜଣ ଯୁବତୀଙ୍କି ଲକ୍ଷ୍ୟ କରୁଥିଲା । ହଠାତ୍ ସେ ନିଜ ଦୃଷ୍ଟି ତଳକୁ କଲା ଏବଂ ଖୁବ୍ ତରବର ହୋଇ ନଦୀଆଡ଼କୁ ଆଗେଇ ଗଲା ।

ମେଘ ଘୋଟି ଆସି ବିଜୁଳି ମାରିବା ଦେଖି ପ୍ରଥମ ଯୁବତୀ, ଯିଏ କି ଏ ପର୍ଯ୍ୟନ୍ତ ଚୁପ୍-ଚାପ୍ ବସି ନଦୀଆଡ଼କୁ ଅନାଇ ରହିଥିଲା, ଅନ୍ୟମନସ୍କ ହୋଇ କହିଲା—"ବର୍ଷା ଆରମ୍ଭ ହେବ ।"

କମ୍ ବର୍ଷୀୟା ଯୁବତୀ ଶ୍ୱେତବସ୍ତ୍ରଧାରୀ ବ୍ରହ୍ମଚାରୀକୁ ଦେଖିପାରିଥିବା ହେତୁ କିଛି ଉତ୍ତର ଦେଲାନାହିଁ ।

ଶ୍ରାବସ୍ତୀ ଗୁରୁକୁଳର ସ୍ନାତକ (ଶେଷବର୍ଷର ଛାତ୍ର) ଗୌତମ ନୀଳାମ୍ବର ପଳାଶ ଜଙ୍ଗଲରୁ ବାହାରି ନଦୀ ଆଡ଼କୁ ଅଗ୍ରସର ହେଲା । ବ୍ରହ୍ମଚାରୀ ଥିବାରୁ ସେ ଜୋତା କମ୍ବା

Digitized by PPRACHIN, SOA

ଛତା ବ୍ୟବହାର କରୁନଥିଲା । ଅପରିବର୍ଦ୍ଧିତ କେଶରାଶି କାନ୍ଧ ଉପରେ ପଡ଼ିଥିଲା । ନିଜର ସୌମ୍ୟ ତଥା ଉଦାସ ଦୃଷ୍ଟି ଉପରକୁ କରି ଇନ୍ଦ୍ରଙ୍କ ହାତୀଯୂଥ ପରି ଆକାଶରୁ ପୃଥିବୀ ଉପରକୁ ମାଡ଼ି ଆସୁଥିବା କଳା ଧୂମ୍ର ମେଘରାଶିକୁ ଚାହିଁଲା । ଅଦୂରବର୍ତ୍ତୀ ଜଙ୍ଗଲ, ନଦୀ ଏବଂ ନଦୀ ବକ୍ଷରେ ଭାସମାନ ନୌକା, କଦମ୍ବ ମୂଳରେ ଠିଆ ହୋଇ-ଥିବା ମୟୂର ଏବଂ ଚନ୍ଦ୍ର ପରି ଝଲମଲ ହେଉଥିବା ତିନୋଟି ଯୁବତୀଙ୍କର ସୁନ୍ଦର ମୁଖ —ଏ ସମସ୍ତ ଏକ ଅନିର୍ବଚନୀୟ ଦୃଶ୍ୟ ସୃଷ୍ଟି କରିଥିଲା । ଶ୍ରାବସ୍ତୀ ଏଠାରୁ ବଳରି ପଚାଶ କୋଶ ବାଟ । ଗୌତମ ନିଜର ଚତୁଃପାର୍ଶ୍ୱର ଏହି ମନୋରମ ତଥା ହୃଦୟସ୍ପର୍ଶୀ ଦୃଶ୍ୟ ପ୍ରତି ଥରେ ମାତ୍ର ଆଖିବୁଲାଇ ନଦୀରେ ଲମ୍ଫ ଦେଲା । ନଦୀର ଥଣ୍ଡା ସ୍ପର୍ଶକର ଲହଡ଼ି ସାଙ୍ଗକୁ ବର୍ଷାର ଛିଟ ତା'ର ଶରୀରରେ ଗଭୀର ଶାନ୍ତି ଓ ସ୍ୱସ୍ତି ଭରି ଦେଲା । ସେ ଆଉ କୂଳକୁ ପହଁରିବାକୁ ଲାଗିଲା ।

ଘାଟରେ ବସିଥିବା ଯୁବତୀଙ୍କ ମଧ୍ୟରୁ ପରିଚାରିକା ଜଣକ କହିଲା, "ଏଇ ବିଦ୍ୟାର୍ଥୀ-ମାନଙ୍କର ଜୀବନ ବହୁତ କଷ୍ଟକର । ବିଚାରାମାନେ ନୌକାରେ ମଧ୍ୟ ବସି ପାରିବେ ନାହିଁ ।"

କମ୍ ବର୍ଷୀୟା ଯୁବତୀ ରାଜକୁମାରୀ ନିର୍ମଳା, ଲହଡ଼ିର ପ୍ରତିକୂଳରେ ପହଁରି କୌଣସି ଅଜଣା ଦିଗକୁ ଯାଉଥିବା ସେହି ଅପରିଚିତ ବିଦ୍ୟାର୍ଥୀକୁ ଦେଖି ଦେଖି ତା'ର ନିଜର ଭାଇ କଥା ମନେପକାଉଥିଲା । ତା'ର ଭାଇ ଗତ ଦଶବର୍ଷ ହେବ ନଦୀ, ନାଳ, ଟାଙ୍ଗରା ଭୂଇଁ ତଥା ଦୁର୍ଗମ ଗିରିପଥ ଅତିକ୍ରମ କରି ସୁଦୂର ତକ୍ଷଶିଳା ଯାଇ ଏ ପର୍ଯ୍ୟନ୍ତ ଫେରି-ନଥିଲା । ଭାଇ କଥା ମନେପଡ଼ି ନିର୍ମଳାର ମନ ଭାରାକ୍ରାନ୍ତ ହୋଇଉଠିଲା ।

ରାଜକୁମାରୀକୁ ହଠାତ୍ ଏତେ ଉଦାସ ହେବା ଦେଖି ଦାସୀ ମନେ ମନେ ଭାବିଲା— ଯଦି ମହାରାଜକୁମାର ତକ୍ଷଶିଳାରୁ ଫେରି ଆସିଥାନ୍ତେ, ତେବେ କଣ କୁମାରୀ ଚମ୍ପକ ତାଙ୍କୁ ବିବାହ କରିନଥାନ୍ତେ ? ଏବେ କିନ୍ତୁ କୁମାରୀ ଚମ୍ପକ କବିତା ଲେଖିବାରେ, ସୁଦୂର ଚୀନରୁ ଆସିଥିବା ବିଦ୍ୱାନ୍‌ମାନଙ୍କ ସହିତ ତର୍କାଲୋଚନାରେ ବହୁତ ସମୟ କଟାଉଛନ୍ତି । ରାଜକୁମାରୀ ନିର୍ମଳା ତଳକୁ ନଇଁପଡ଼ି କଲମ ଲଟାରୁ ଗୋଟିଏ ପତ୍ର ଛିଡ଼ାଇଲା । ମୟୂରଟି ମୁଣ୍ଡ ହଲାଇ ଏହି ଯୁବତୀମାନଙ୍କୁ ଥରେ ଅନାଇଦେଇ ଗର୍ବିତ-ଭାବେ ନିକଟସ୍ଥ କଦଳୀ ବଣରେ ଅଦୃଶ୍ୟ ହୋଇଗଲା ।

ଗୌତମ ନଦୀର ମଝିରେ ପହଞ୍ଚି ସାରିଥିଲା । ବର୍ଷାଋତୁ ଯୋଗୁଁ ସରଯୂର ଶଯ୍ୟା ବହୁତ ଓସାରିଆ ହୋଇଯାଇଥିଲା । ସେ ମୁହଁ ବୁଲାଇ ଘାଟରେ ବସିଥିବା ଯୁବତୀ ତିନି ଜଣଙ୍କୁ ଅନାଇଲା । ଅପର କୂଳରେ ବେତ ବୁଦାର ଡାଳ, ପାଣିଶିଉଳି ଗଛ ତଥା ଘାସ ପାଣି ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିଥିଲା ।

Digitized by PPRACHIN, SOA

ଅଯୋଧ୍ୟା ଯିବା ପୂର୍ବରୁ ନିଜର ପାଥେୟ ଚଣ୍ଡୀମନ୍ଦିରରେ ସମର୍ପଣ କରିଥିବା ହେତୁ ଗୌତମ କୂଳରେ ପହଞ୍ଚି ନିଜର ଓଦାଲୁଗା ଚୁପୁଡ଼ି ସେଇ ମନ୍ଦିର ଆଡ଼କୁ ଗଲା ।

ନିସ୍ତବ୍ଧତା ଚାରିଆଡ଼େ ବ୍ୟାପି ଥିଲା ଏବଂ ମନ୍ଦିର ବେଢ଼ା ଭୟ ଉଦ୍ରେକ କରୁଥିଲା । ଗଭୀର ରାତି ପର୍ଯ୍ୟନ୍ତ ଗୌତମ ନିଜ ଭୟର କାରଣ ସମ୍ପର୍କରେ ବିଶ୍ଳେଷଣ କରିବାକୁ ଲାଗିଲା । ନିରାକାର ବ୍ରହ୍ମ ସ୍ୱରୂପରେ ଯଦି ପ୍ରକାଶିତ ହୁଅନ୍ତି ତେବେ ସେଥିରେ ବିଚଳିତ ହେବାର କଣ ଅଛି ? ମଣିଷର କଣ ଅନ୍ୟ କିଛି ଅସ୍ତିତ୍ୱରେ ବିଶ୍ୱାସ ନାହିଁ ? ଏ ଭୟ କଣ ଜୀବନର ଭୟ କିମ୍ବା ମୃତ୍ୟୁ ଭୟ, ଅଥବା ବଞ୍ଚି ରହିବାର ଭୟ ! ଋଗ୍‌ବେଦରେ ଅଛି ଯେ, ଆରମ୍ଭରେ ଅହଂ ମାତ୍ର ଥିଲା ଯାହାକି ପରେ ପୁରୁଷରୂପେ ପ୍ରକଟିତ ହେଲା । ନିଜ ଚତୁର୍ଦ୍ଦିଗରେ ନିଜ ଛଡ଼ା ଅନ୍ୟ କିଛି ନ ଦେଖିପାରି କେବଳ 'ମୁଁ'କୁ ପ୍ରାଧାନ୍ୟ ଦେଲା । ସେଇଥିପାଇଁ ସେ ନିଜକୁ 'ମୁଁ' ବୋଲି ବୁଝିଲା । ଏକଦମ୍ ଏକୁଟିଆ ଥିବାରୁ ଭୟଭୀତ ହୋଇପଡ଼ିଥିଲା । ଏକାକୀତ୍ୱର ଭୟ ବୋଧହୁଏ ଏହିଠାରୁ ହିଁ ଆରମ୍ଭ ହୋଇଛି । ପୁଣି ସେ ବିଚାରିଲା, ଯେହେତୁ ମୋ ବ୍ୟତୀତ ଆଉ କିଛି କିମ୍ବା କେହି ନାହାନ୍ତି ତେବେ ମୋର ଭୟ କାହାକୁ ? ଏଣୁ ଭୟ କରିବା ଛାଡ଼ିଦେଇ ମଧ୍ୟ ସେ ସୁଖୀ ହୋଇପାରିଲା ନାହିଁ । କାରଣ ଏକାକୀତ୍ୱ ତାକୁ ଏକଦମ୍ ଉଦାସୀନ କରି-ପକାଇଲା । ଗୌତମ ନିଜକୁ ନିଜେ କହିଲା, "ମୋର ନିଜ ଆତ୍ମାର ଏକାକୀତ୍ୱକୁ ଭୟ କରିବା ଜମା ଉଚିତ ନୁହେଁ ।"

ଶାଳ, ପିଆଶାଳ ଗଛ, ଧାନ କ୍ଷେତ ଏବଂ ତାର ଆଗରେ ଥିବା ବାରମାସୀ ଗଛର ଜଙ୍ଗଲ । ପଲାଶ ବଣ ଏବଂ ଅସଂଖ୍ୟ ନଦୀ ନାଳ ପାରି ହେଲେ ଯାଇ ତାର ଆଶ୍ରମରେ ପହଞ୍ଚି ହେବ । ମନ୍ଦିର ପାହାଚ ଓହ୍ଲାଇ ସେ ଗାଁ ଆଡ଼କୁ ଆଗେଇଲା । ନଦୀର ଅପର ପାର୍ଶ୍ୱରେ ଅଯୋଧ୍ୟା ନଗରୀର ଆଲୋକମାଳା ଖଦ୍ୟୋତ ପରି ଝଲମଲ ହେଉଥିଲା । ବର୍ଷା ଋତୁରେ ଏ ଦୃଶ୍ୟ ନୀଳ ବର୍ଣ୍ଣ ଉଷାଲୋକ ପରି ପ୍ରତିଭାତ ହେଉଥିଲା ଯେଉଁ-ଥିରେ କି ଅଯୋଧ୍ୟାର ଆଲୋକମାଳା ଏକ ନାରଙ୍ଗୀ ରଙ୍ଗ ଧରି ପରିବ୍ୟାପ୍ତ ହୋଇଥିଲା । ଗାଁରେ ଗୌତମ ପ୍ରଥମ ଗୃହସ୍ଥର ଦ୍ୱାର ଖଡ଼ ଖଡ଼ କଲା । ଲିପାପୋଛା ହୋଇଥିବା ଏ କଚ୍ଚା ଗୃହରେ ଜଣେ ପ୍ରୌଢ଼ ବ୍ୟକ୍ତି ଦୀପାଲୋକରେ କିଛି ପଢ଼ୁଥିଲା । ବାହାରେ ପୁଞ୍ଜୀଭୂତ ଅନ୍ଧକାର ଥିଲା । ଗୌତମର ସ୍ୱର ଶୁଣି ପ୍ରଦୀପ ନେଇ ସେଇ ବ୍ୟକ୍ତି ଜଣକ ବାହାରକୁ ଆସିଲା । ଗୌତମର ଶ୍ୱେତ ବସ୍ତ୍ର ଦେଖି ସେ କହିଲା, "ଏବେ ଶାକ୍ୟମୁନିଙ୍କ ଶିଷ୍ୟ ଥିବା ଭିକ୍ଷୁମାନଙ୍କର ଏକ ଦଳ ଏଠାକୁ ଆସିଛନ୍ତି । ଆପଣ ସେମାନଙ୍କ ମଧ୍ୟରୁ ଜଣେ ବୋଲି ମୁଁ ଭାବିଥିଲି । ଯେବେଠାରୁ ଏ ନୂଆ ଆଦର୍ଶ ଆରମ୍ଭ ହୋଇଛି, ପୁଅ-ମାନଙ୍କ କଥା ତ ଛାଡ଼, ଝିଅମାନେ ସୁଦ୍ଧା ଘର ଦ୍ୱାର ଛାଡ଼ି ଜଙ୍ଗଲରେ ରହୁଛନ୍ତି ।"

Digitized by PPRACHIN, SOA

ଗୌତମ ଗମ୍ଭୀର ହୋଇ କହିଲ, "ମତେ କିଛି ଭିକ୍ଷା ଦିଅନ୍ତୁ ।"

କିନ୍ତୁ ପ୍ରଗଲ୍‌ଭ ଗୃହସ୍ଥ ଦୃଢ଼ତା ସହିତ କହିଯିବାକୁ ଲଗିଲ, "ଏଠାରୁ ଅଳ୍ପ ଦୂରରେ ଯେଉଁ ନଗର ଅଛି ସେଠାରେ ଏକ ଅପୂର୍ବ ସୁନ୍ଦରୀ ଝିଅ କୌଣସି ସଙ୍ଘରେ ସମ୍ମିଳିତ ହେବା ନିମିତ୍ତ ସିଦ୍ଧାନ୍ତ କରିଅଛି ବୋଲି ଅନ୍ତଃପୁରର ଦାସୀମାନେ କୁହାକୁହି ହେଉଛନ୍ତି । ମୋ ସ୍ତ୍ରୀ ବଜାର ସଉଦା କରିଗଲି ବେଳେ ଏ କଥା ଶୁଣି ଆସିଛି । ଅଦ୍ଭୁତ ପ୍ରକାର ଯୁଗ ଆସିଛି । ପିତା ମାତା ଏବେ ସେମାନଙ୍କ ଝିଅ ବିବାହ ଦେବା ଚିନ୍ତାରୁ ମୁକ୍ତି ପାଇଲେ । ଝିଅମାନେ ଏବେ ନିର୍ବାଣ ଲଭ କରିବା ନିମନ୍ତେ ବାହାରି-ପଡ଼ିଲେଣି ।"

ଇତିମଧ୍ୟରେ ଗୃହସ୍ଥର ସ୍ତ୍ରୀ ଖାଦ୍ୟ ସାମଗ୍ରୀ ଆଣି ଗୌତମର ଗୁଦରରେ ଢାଳି ଦେଲ । ଗୌତମ ସେତକ ପୁଟୁଳି କରି ବାରଣ୍ଡା ଖମ୍ବରେ ଆଉଜାଇ ରଖିଲ । ବୌଦ୍ଧ ବିଦ୍ୟାର୍ଥୀମାନଙ୍କର ଏକ ଦଳ ଏଠାରେ ରହିଛନ୍ତି ଜାଣି ସେ ଖୁବ୍‌ ଆନନ୍ଦିତ ହେଲ । ଯାହାହେଉ କଥାବାର୍ତ୍ତା ଓ ଯୁକ୍ତିତର୍କରେ ସମୟ ନିଶ୍ଚୟ ଭଲଭାବେ କଟିବ । ଏହା ଭାବି ତତ୍‌କ୍ଷଣାତ୍‌ ସେ ଗୃହସ୍ଥଙ୍କୁ ଆଶୀର୍ବାଦ କରି ମନ୍ଦିର ଆଡ଼କୁ ପ୍ରସ୍ଥାନ କଲ ।

ଗୃହସ୍ଥ ପ୍ରଦୀପ ବାରଣ୍ଡାରୁ ଉଠାଇ ଗୃହ ଭିତରକୁ ନେଲ । ଗୌତମ କିଛି ଦୂର ଆଗେଇ ଯିବା ପରେ ଟିକେ ଠିଆ ହୋଇ ପଛକୁ ବୁଲି ଦେଖିଲ ସେ ଗୃହ ଭିତରେ ପିଲାଏ ଖେଳୁଛନ୍ତି । ଗୃହିଣୀ ଚୁଲି ମୁଣ୍ଡରେ ବସି ରାନ୍ଧୁଛି । ଦ୍ୱାରବନ୍ଧରେ ଏକ ପାହାଡ଼ିଆ ଶାଗୁ ପଞ୍ଜୁରୀରେ ଟଙ୍ଗା ହୋଇଛି । ଏ ପ୍ରକାର ଶାନ୍ତିପୂର୍ଣ୍ଣ ଦୃଶ୍ୟ ଦେଖି ସୁଦ୍ଧା ଭୟରେ ତାର ଲୋମ ଟାଙ୍କୁରି ଉଠିଲ । ଚୁଲି ନିଆଁର ମଧ୍ୟମ ପ୍ରକାଶରେ ଆଲୋକିତ ଯୁବତୀ, ବାରଣ୍ଡା ଉପରକୁ ନଇଁ ଆସିଥିବା କଦଳୀର ଅଣ୍ଡା ପତ୍ର, ଘର ଭିତରେ ଅଣ୍ଟ ଜାକି ଶୋଇଥିବା ଶାଗୁ, ଏ ସମସ୍ତ ଶାନ୍ତ ପରିବେଶରେ ଗୌତମ ବିଚଳିତ ହୋଇ ପଡ଼ିଲ । ତାର ମନେହେଲ ଯେପରି ଏହି ଗୃହାଗ୍ନି ହିଁ ଚିତାଗ୍ନି ହୋଇ ଉଠିବ । ପୁଣି ସେଇ ଚିତାଗ୍ନିର ନିଆଁରୁ ଅନ୍ୟ ଏକ ଗୃହାଗ୍ନିର ମୂଳଭିତ୍ତି ପଡ଼ିବ । ଏଇ ନିଆଁ ନେଇ ସନ୍ନ୍ୟାସୀ ଗୃହ ତ୍ୟାଗୀ ହୋଇଥାଏ । ଏ ପ୍ରକାର ଅନୁଭୂତି ପ୍ରତ୍ୟେକ ମଣିଷର ଜୀବନରେ ଆସିଥାଏ । ତାର ଜୀବନରେ କଣ ଆସିବ ? ...ଏ ସମସ୍ତ ଦୃଶ୍ୟର ଆଭ୍ୟନ୍ତରୀଣ ଅର୍ଥ କଣ ?

ଶ୍ରାବସ୍ତୀର ହାତୀ ମୁଣ୍ଡ ନକ୍‌ସାର ଖମ୍ବ ଥିବା ବିରାଟ ବାରଣ୍ଡା ସହିତ ଏକ ତ୍ରିତଳ ପ୍ରାସାଦର ମାଲିକ ହେଉଛନ୍ତି ଗୌତମର ପିତା । ଏ ବର୍ଷ ତାର ଶିକ୍ଷା ସମାପ୍ତ ହେବ । ଶିକ୍ଷା ସମାପ୍ତି ହେବା ପରେ ସମସ୍ତ ପ୍ରକାର ସାଂସାରିକ ସୁଖ ତା ପଦତଳେ ଅଜାଡ଼ି ହୋଇ ପଡ଼ିବ । ସମସ୍ତ ତାର ଆପଣାର ଥିଲ । ଅତ୍ୟନ୍ତ ଉଦାରତା ସହିତ ସେ ଜୀବନ

Digitized by PPRACHIN, SOA

ଦର୍ଶନକୁ ଚିନ୍ତନ ଓ ମନନ କରୁଥିଲେ ମଧ୍ୟ ସମୟ ସମୟରେ କେତେକ ପାର୍ଥିବ ବିଷୟ ତାକୁ ଉଦ୍‌ଭ୍ରାନ୍ତ କରିପକାଏ । ଘାଟ ଉପରେ ବସି ବର୍ଷାରେ ଓଦା ହେଉଥିବା ଝିଅ-ମାନେ, ବରଗଛର ଘନ ଜଙ୍ଗଲ ମଧ୍ୟରେ ହଳଦିଆ ବସ୍ତ୍ରଧାରୀ ଭିକ୍ଷୁକଙ୍କ ଦଳ, ଏହି ପ୍ରୌଢ଼ ବାଗୁଲ ଗୃହସ୍ଥର ପତ୍ନୀ—ଏ ସମସ୍ତ ବିଷୟ ବ୍ରହ୍ମର ବିଭିନ୍ନ ପ୍ରତିବିମ୍ବ ଅଟନ୍ତି —ପୂର୍ଣ୍ଣ ବ୍ରହ୍ମ ।

ଗୌତମ ଗୋଟିଏ ପାଚିଲା ବେଲ ଘାସରୁ ଉଠାଇ ମନ୍ଦିରକୁ ଫେରି ଆସିଲା ।

ସେଠାରେ ମାଟିରେ ଗାତ ଖୋଳି ଚୁଲି ତିଆରି କରି ପୋଡ଼ାଇ ଆରମ୍ଭ କଲା । ସାମ୍ନାରେ ଘନ ଅନ୍ଧକାର ମାଡ଼ି ଆସିଥିଲା । ଚନ୍ଦ୍ର ମେଘ ଭିତରେ ଲୁଚି ଯାଇଥିଲା । ପବନରେ ତାଜା ଫୁଲର ମହକ ଥିଲା । ସମସ୍ତ ଜଙ୍ଗଲ ଅନ୍ଧକାରରେ ସାଇଁ ସାଇଁ କରୁଥିଲା । ହଠାତ୍ କାହାର ପାଦ ଶବ୍ଦ ଶୁଣାଗଲା । ଅନ୍ଧକାରରେ ଯେପରି କିଏ ହସିଲା । ପୁନର୍ବାର ଚତୁର୍ଦ୍ଦିଗ ନିସ୍ତବ୍ଧ । ଗୌତମ କାନ୍ଥରେ ଆଉଜି ବସିଥିଲା । ତଳୁ ପାଚେରିରେ ହାତ ରଖି କିଏ ଯେପରି ଉହୁଙ୍କିଲା । ଅନ୍ଧକାର ଏତେ ନିବିଡ଼ ଥିଲା ଯେ ଗୌତମ ତାକୁ ଦେଖି ପାରିଲା ନାହିଁ ।

ତଳୁ ଯେପରି କିଏ ପଚାରିଲା, "ତୁମେ କିଏ ? କାହିଁକି ଅନ୍ଧକାରରେ ଏପରି ବସି ରହିଛ ?"

ଗୌତମ ଉତ୍ତର ଦେଲା, "ମୁଁ" ।

"ବାଃ ଭଲ ତ ! ତୁମର ତେବେ କିଛି ନାଁ ନାହିଁ ?"

—"ମୁଁ ର କୌଣସି ନାଁ ହୋଇପାରେ ନା । ମଣିଷ ଆତ୍ମାର କଣ କେବେ ନାମ-କରଣ କରାଯାଇପାରେ ?"

କିଛି ସମୟ ପୁଣି ନୀରବତା ଛାଇ ଗଲା । ଗୌତମ କିଛି କ୍ଷଣ ଚୁପ୍ ରହି ମନକୁ ମନ ଆରମ୍ଭ କଲା—

"ଏଥର ମୁଁ ଜନ୍ମ ଲାଭ କରିବା ପରେ ଶ୍ରାବସ୍ତୀର ସର୍ବଜ୍ଞ ପଣ୍ଡିତମାନେ ମୋର ଜାତକ ତିଆରି କରି ମୋର ନାମ ଗୌତମ ନୀଲାମ୍ବର ରଖିଲେ ।"

ଆଗନ୍ତୁକ କହିଲା, "ନୀଳ ଆକାଶ ସଦୃଶ ଭାଇ ଗୌତମ, ଏବେ ପୃଥିବୀକୁ ଚାଲି ଆସ ।"

"ତଳ ମାଟି ସନ୍ତସନ୍ତିଆ । ସାପ, ବିଛା ରହିଥିବେ । ତୁମେ ଉପରକୁ ଉଠି ଆସୁନା କାହିଁକି ?"

"ଚେତନାର ବିଭିନ୍ନ ସ୍ତରରେ ଉପର ତଳ ହୋଇଥାଏ । ତୁମେ ବା କାହୁଁ ଜାଣିବ ଯେ ଯାହାକୁ ତୁମେ ଉଚ୍ଚ ବୋଲି ଭାବୁଛ ତାହା ପାତାଳ ଠାରୁ ମଧ୍ୟ ନିମ୍ନ

Digitized by PPRACHIN, SOA

ହୋଇପାରେ ।”

ଗୌତମ କାନ୍ଧ ତଳକୁ ନ ଦେଖି ହଠାତ୍ ପଚାରିଲ, “ତୁମେ କଣ ଭଗବତ ?”

“କୌଣସି ପ୍ରଶ୍ନର ଶେଷ ଉତ୍ତର ଦିଆ ଯାଇ ପାରେନା ।” ଆଗନ୍ତୁକ କହିଲ ।

ଗୌତମ ଭାବିଲ, ଓଃ, ଏହି ବୋଧହୁଏ କୌଣସି ଜିଦ୍‌ଖୋର ଜୈନ ସନ୍ନ୍ୟାସୀ ହୋଇଥିବେ । ଏବେ ପାଟଳୀପୁତ୍ରରେ ରାଜାନୁଗ୍ରହ ଲଭ କରି ଜୈନସନ୍ନ୍ୟାସୀମାନେ ଭାରି ଉପରମୁହାଁ ହୋଇଛନ୍ତି । ହୁଏତ ଏହି କୌଣସି ବୌଦ୍ଧ ବିଦ୍ୱାନ୍ ମଧ୍ୟ ହୋଇ-ପାରନ୍ତି । ଶାକ୍ୟ ମୁନି ସିଦ୍ଧାର୍ଥଙ୍କର ଏଇ ବୁଦ୍ଧିବାଦୀ ଶିଷ୍ୟଗଣଙ୍କ ସହିତ ଯୁକ୍ତି କରିବାରେ ଗୌତମ ଯଥେଷ୍ଟ ଆନନ୍ଦ ପାଉଥିଲ । ବଣଜଙ୍ଗଲରେ ଏ ପ୍ରକାର ବୁଦ୍ଧିବାଦୀ ଅନେକ ଥିଲେ, ଯେଉଁଠି କି କୁତାର୍କିକ, ସନ୍ଦେହବାଦୀ ତଥା ନାସ୍ତିକଗଣ ସ୍ଥାନେ ସ୍ଥାନେ ବିବାଦ କରିବାରେ ଲଗିରହୁଥିଲେ । ଗତ ଶତାବ୍ଦୀରେ ତ କପିଳବାସ୍ତୁର ରାଜକୁମାର ତ୍ୟାଗ ମାର୍ଗକୁ ନିଜର କରି ଏକ ନୂତନ ପରମ୍ପରା ଆରମ୍ଭ କରିଥିଲେ । ତାଙ୍କ ସମୟରେ ତ ବାଷଠି ମତାବଲମ୍ବୀ ନିଜ ନିଜର ବିଭିନ୍ନ ଶାଖା ପ୍ରଶାଖା ନେଇ ରହୁ-ଥିଲେ । ମତମତାନ୍ତର ଏହି ଯୁଗ ବ୍ୟାପୀ ସାମ୍ରାଜ୍ୟରେ ଶାକ୍ୟମୁନି ସିଦ୍ଧାର୍ଥ ନିଜର ଏକ ନୂତନ ଉପନିବେଶ ସ୍ଥାପନ କରିଥିଲେ ।

ମଣିଷ ଏକଦମ୍ ଏକା । ଜୀବନ ଗୋଟିଏ—ଅଥଚ ବାଷଠି ଗୋଟି ମତ ।

“ହେ ଆଗନ୍ତୁକ, ତୁମେ କିଏ ?” ଗୌତମ ଭୟରୁ ମୁକ୍ତି ପାଇବା ନିମନ୍ତେ ପୁନର୍ବାର ପଚାରିଲ, “ନାମ କେବଳ କେତେଗୁଡ଼ିଏ ଧ୍ୱନିର ସମାହାର ଅଟେ । ଯେଉଁମାନେ ଭାବୁଥିଲେ ଯେ ମୋର ପରିଚିତ, ସେମାନେ ମତେ ‘ହରିଶଙ୍କର’ ବୋଲି ଡାକୁଥିଲେ । କିନ୍ତୁ ସେମାନେ କେବଳ ମୋର ‘ନାମ’ ସହିତହିଁ ପରିଚିତ ଥିଲେ ।”

“ଏଠାକୁ କଣ ନୂଆ ଆସିଲ ?”

ଆଗନ୍ତୁକ ଏହା ଶୁଣି ହଠାତ୍ ଲଜ୍ଜିତ ହେଲ, ଏବଂ କହିଲ, “ବର୍ତ୍ତମାନ ମୁଁ ଉତ୍ତର-ପଶ୍ଚିମ ଦିଗରୁ ଆସୁଛି ।”

ଏହା ଶୁଣି ଗୌତମ ପ୍ରଭାବିତ ହୋଇ ପଚାରିଲ—“ତୁମେ କେଉଁଠି ଅଧ୍ୟୟନ କରିଛ ?”

“ତକ୍ଷଶିଳାରେ !”

“ତକ୍ଷଶିଳା । ଆଃ, ମୁଁ କେତେ ଥର ଭାବିଛି ସେଠାକୁ ଯିବାପାଇଁ ।” ଗୌତମ କହିଲ ।

“କିନ୍ତୁ ଯଦି ଯାଇ ନ ପାରିଛ ସେଥିପାଇଁ ଦୁଃଖିତ ହେବାର କିଛି କାରଣ ନାହିଁ । କୌଣସି କଥାରେ କାହାର ବ୍ୟତିକ୍ରମ ହୁଏ ନାହିଁ—ତକ୍ଷଶିଳାରେ ମଧ୍ୟ ସେପରି କିଛି

Digitized by PPRACHIN, SOA

ଅଧିକା ବିଷୟ ନାହିଁ ।”

“ତୁମେ କଣ ତୁମର ଶିକ୍ଷା ସମାପ୍ତ କରିଛ ?” ଗୌତମ ଆହୁରି ଅଧିକ ପ୍ରଭାବିତ ହୋଇ ପଚାରିଲା ।

“ହଁ । ତାପରେ ମୁଁ ନଦୀ ପଥରେ ବହୁତ ଦୂର ଯାତ୍ରା କରିବା ମାନସରେ ବାହାରି-ପଡ଼ିଲି । ମଥୁରା ଗଲି, ବୃନ୍ଦାବନ୍ତିରେ ହସ୍ତିନାପୁରର ଭଗ୍ନାବଶେଷ ଦେଖିଲି । ନିଜ ନୌକାରେ ମୁଁ ସୁଦୂର ପ୍ରାଚ୍ୟ ପର୍ଯ୍ୟନ୍ତ ଯାଇଛି ଏବଂ ସବୁ ଜାଗାରେ ମହାକାଳ ମୋର ଅନୁଗମନ କରୁଥିଲା । ଗୌତମ, ମୋର ବିଶ୍ୱାସ ଯେ ମହାକାଳ ଅତ୍ୟନ୍ତ ଭୟାନକ ଅଟେ । ତୁମେ କଣ କେବେ ମହାକାଳଦ୍ୱାରା ଭୟ ପାଇନ ?”

“ତୁମେ ଗୌତମ ବୁଦ୍ଧଙ୍କୁ ମାନ ?” ଗୌତମ ସ୍ୱସ୍ତିର ନିଶ୍ୱାସ ନେଇ ପଚାରିଲା ।

“ହଁ, ତୁମେ ମଧ୍ୟ କଣ ସଂଘରେ ରହୁଛ ?” ଏତିକି କହି ଏକ ଅପୂର୍ବ ସୁନ୍ଦର ଯୁବକ କାନ୍ଥ ଡେଇଁ ମନ୍ଦିର ବାରଣ୍ଡା ଉପରକୁ ଉଠି ଆସି ଗୌତମ ପାଖରେ ବସି-ପଡ଼ିଲା ।

ଗୌତମର ଶ୍ୱେତ ବସ୍ତ୍ର ଦେଖି ସେ ପଚାରିଲା—“ତୁମେ ବୋଧହୁଏ କାଶୀରେ ଅଧ୍ୟୟନ କର ?” ଗୌତମ ସାମାନ୍ୟ ଗର୍ବ ସହିତ କହିଲା—“ଶ୍ରାବସ୍ତୀର ଗୁରୁକୁଳରେ ଏଇଟା ମୋର ଶେଷ ବର୍ଷ । କାଶୀର ପାଠଶାଳାରେ କେବଳ ମହାପଣ୍ଡିତମାନେ ତିଆରି ହୁଅନ୍ତି ।”

ଆଗନ୍ତୁକ ହଠାତ୍ ପ୍ରଶ୍ନ କଲା—“ତୁମ ଜୀବନର ଉଦ୍ଦେଶ୍ୟ କଣ ?”

ଗୌତମ ଏ ପ୍ରଶ୍ନ ଶୁଣି ଚିଡ଼ିଯାଇ କହିଲା—“ତେବେ ତୁମେ କଣ ଏ ଅନ୍ଧାର ମଧ୍ୟରୁ ହଠାତ୍ ପ୍ରକଟିତ ହୋଇଛ ମତେ ଏ ପ୍ରକାର ପ୍ରଶ୍ନ ପଚାରିବ ବୋଲି ?”

ପବନ ମନ୍ଦମନ୍ଦ ବୋହୁଥିଲା ।

ଚନ୍ଦ୍ରର ମଧ୍ୟମ ପ୍ରକାଶରେ ଗୌତମ ନିଜ ସାଥୀକୁ ଭଲରୂପେ ନିରୀକ୍ଷଣ କଲା । ତାର ଅପୂର୍ବ ସୁନ୍ଦର ଚେହେରା ଗୌତମର ଅତ୍ୟନ୍ତ ପରିଚିତ ମନେହେଲା ।

‘ଏହାଙ୍କୁ ମୁଁ ଆଗରୁ କେଉଁଠି ଦେଖିଛି, କିମ୍ବା ଏବେ ଦେଖି ମନେହେଉଛି ପୂର୍ବରୁ ଦେଖିଲି ପରି । ଯଦି ସେ ନିଜର କୁଞ୍ଚିତ କେଶ ରାଶି କାଟି ଲଣ୍ଡା ହୋଇଯିବେ ତେବେ କଣ ଆଉ କାହାପରି ଦେଖା ଯିବେ ?’

“ତୁମେ ଭିକ୍ଷୁ ହୋଇ ମଧ୍ୟ ଲଣ୍ଡା ହୋଇ ନାହଁ ! ତୁମେ ତୁମ ସଂଘର ନିୟମ ତା’ହେଲେ ମାନ ନାହିଁ ?” ଗୌତମ ଆଗନ୍ତୁକକୁ ପଚାରିଲା ।

“ମୁଁ ସ୍ୱାଧୀନ ଅଟେ । ଏବେ ସୁଦ୍ଧା ସ୍ୱାଧୀନତାର ସନ୍ଧାନରେ ମୁଁ ରହିଛି ।” ଏତିକି କହି ଭିକ୍ଷୁ ଦୂରରେ ଥିବା ଅଯୋଧ୍ୟାର ଆଲୋକମାଳା ଦେଖିବାକୁ ଲାଗିଲା ।

Digitized by PPRACHIN, SOA

"ତା'ହେଲେ ତୁମେ ବେଦକୁ ମଧ୍ୟ ସ୍ୱୀକାର କରନାହିଁ ।" ଗୌତମ କିଛି କ୍ଷଣ ଚୁପ୍ ରହି ପଚାରିଲା । ସେ ସ୍ଥିର କରିନେଲା ଯେ, ବର୍ତ୍ତମାନ ଗୌତମ ବୁଦ୍ଧଙ୍କର ଏ ମେଧାବୀ ଶିଷ୍ୟ ସହିତ ତର୍କ କରିବାର ସୁଯୋଗ ଆସିଗଲା ।

"ଶାକ୍ୟମୁନି ଏହି କୋଶଳ ଦେଶରେ ରହୁଥିଲେ । ତ୍ୟାଗର ଦର୍ଶନ ତଥା ବୌଦ୍ଧିକ ପରିଭାଷା ଉପନିଷଦ୍‌ରେ ରହିଛି । ଶାକ୍ୟମୁନି କେବଳ ମହର୍ଷି କପିଳଙ୍କର ଦାର୍ଶନିକ ବୁଦ୍ଧି ଦ୍ୱାରା ପ୍ରଭାବିତ ହୋଇଥିଲେ । କୌଣସି ବିଷୟ ତର୍କ ଜଗତରେ ନିଜ ଶୁଦ୍ଧ ରୂପରେ ଆଉ ସମ୍ପୂର୍ଣ୍ଣ ହିନ ହୋଇନାହିଁ । ତୁମେ ଶବ୍ଦର ପ୍ରୟୋଗ କାହିଁକି କରୁଛ ? କାରଣ ଶବ୍ଦଦ୍ୱାରା ସମ୍ବନ୍ଧ ସ୍ଥାପନା ହୋଇଥାଏ ।" ଇତି ମଧ୍ୟରେ ତାର ମନେ ପଡ଼ିଗଲା ସେହି ବୃଦ୍ଧଙ୍କ କଥା, ଯିଏ କି ଅଯୋଧ୍ୟାର ରାଜକୁମାରୀ ସଂପର୍କରେ କହିଥିଲା ଯେ, ସେ ଘରଦ୍ୱାର ଛାଡ଼ି ବଣରେ ରହିବା ନିମନ୍ତେ ସ୍ଥିର କରିଛନ୍ତି । ତେଣୁ ଅଳ୍ପ ରାଗିଲା ସ୍ୱରରେ ସେ ନିଜର ବକ୍ତବ୍ୟ ଶେଷ କରି କହିଲା, "ଏବେ ପୁଣି ଝିଅ-ମାନଙ୍କଠାରେ ଏ ପ୍ରକାର ପବନ ବାଜିଲାଣି ।"

ଏସମସ୍ତ ଶୁଣି ହରିଶଙ୍କର ହସିଲା ।

"ହସୁଛ କଣ—ତୁମର ଏ ଆନନ୍ଦ କି ପ୍ରକାର କଷ୍ଟରୁ ଜାତ ହୋଇଛି ?" ଗୌତମ ଅଧିକ ରାଗିଯାଇ କହିଲା । ଭିକ୍ଷୁ ଖୁବ୍ ଅସ୍ତେ ଉତ୍ତର ଦେଲା, "ତାହା ତୁମେ ନିଜେ ଜାଣିପାରିବ ।" ଏତିକି କହି ସେ ତଳେ ଶୋଇପଡ଼ିଲା । ଗୌତମ ପୁଣି ପ୍ରଶ୍ନ କଲା, "ତୁମେ କାହାଠାରୁ ପଳାଇବାକୁ ବସିଛ ?" "ତୁମେ କାହା ସନ୍ଧାନରେ ଲାଗି ରହିଛ !" ହରିଶଙ୍କର ଉତ୍ତର ଦେବା ଛଳରେ ଗୌତମକୁ ପ୍ରଶ୍ନ କଲା ।

"ତୁମେ ବହୁତ ଅହଂକାରୀ ବୋଲି ଜଣାପଡ଼ୁଛି । ଗୋଟିଏ ଅନ୍ଧ ଯେପରି ଆଉ ଏକ ଅନ୍ଧକୁ ବାଟ ଦେଖାଏ, ସେହିପରି ଜ୍ଞାନୀ ବ୍ୟକ୍ତି ନିଜ ଗର୍ବ ଓ ଅହଂକାରର ଭ୍ରମରେ ପଶି ଗୋଟିଏ ସ୍ଥାନରେ ଘୂରି ବୁଲନ୍ତି ।"

"ପୁରୁଣା ଶବ୍ଦ" ହରିଶଙ୍କର କହିଲା । ଗୌତମ ହଠାତ୍ ଦବେଇ ଦେବା ଉଦ୍ଦେଶ୍ୟରେ ପଚାରିଲା—"ତୁମେ ପାଣିନିଙ୍କର ଗ୍ରନ୍ଥ ଅଧ୍ୟୟନ କରିଛ ? ତୁମେ ଶବ୍ଦମାନଙ୍କ ସୀମା ନ ଭାଙ୍ଗିଲେ ସେମାନଙ୍କ ରହସ୍ୟ ଜାଣି ପାରିବ ନାହିଁ ।"

"ଶବ୍ଦର ଶେଷ ବ୍ୟାଖ୍ୟା ପର୍ଯ୍ୟନ୍ତ ଯାଇ ପହଞ୍ଚିଲା ବେଳକୁ ତାର ମୂଳ ଅର୍ଥ ବଦଳି ଯାଇଥାଏ । ଅର୍ଥର ସନ୍ଧାନ ଆରମ୍ଭ କଲା ତ କୁଆଡ଼ୁ ଯାଇ କେଉଁଠି ପହଞ୍ଚିଲା ।"

"ଶବ୍ଦ ହେଉଛି ଶାଶ୍ୱତ । ଶବ୍ଦ ହିଁ ଭଗବାନ—ବ୍ରହ୍ମ । ଓଁ ର ତିନିଗୋଟି ଅକ୍ଷର ତଥା ସା-ପା-ସା ର ତିନି ଗୋଟି ସ୍ୱର ମଧ୍ୟରେ ତ ସୃଷ୍ଟିର ସମସ୍ତ ଅସ୍ତିତ୍ୱ ବନ୍ଧାହୋଇଛି । ଧ୍ୱନି ଆକାଶର ଏକ ଗୁଣ ଅଟେ," ଗୌତମ ଉତ୍ତର ଦେଲା ।

Digitized by PPRACHIN, SOA

"କିନ୍ତୁ ତୁମ ନାମ ସଦୃଶ ଋଷି ଗୌତମ ତ କହିଥିଲେ ଯେ, ଧ୍ୱନି ଯଦି ଶାଶ୍ୱତ ତେବେ ମୁହଁରୁ ବାହାରିବା ପୂର୍ବରୁ ଶବ୍ଦ ଶୁଣାଯିବା ଉଚିତ୍ । କାରଣ ଆକାଶ ଓ ଆମର କାନ ମଝିରେ କୌଣସି ବାଧା ନାହିଁ ।"

"ଶବ୍ଦ ଉପରେ ବିଶ୍ୱାସ ନ କରୁଥିବା ବ୍ୟକ୍ତି କିପରି ଦାର୍ଶନିକ ହୋଇ ପାରିବ ? ଶବ୍ଦମାର୍ଗରେ ନ ଗଲେ ବିଶୁଦ୍ଧ ବିଗ୍ରହ ପର୍ଯ୍ୟନ୍ତ ବା ପହଞ୍ଚିପାରିବ କିପରି ? ଧ୍ୱନି ତ ଶବ୍ଦର ପ୍ରାକୃତିକ ଗୁଣ ଅଟେ । ବସ୍ତୁ ପଦାର୍ଥ ଶାଶ୍ୱତ ଅଟେ ଏବଂ ତାହାହିଁ ବ୍ରହ୍ମ ।"

"ମହାକାଳର ନିତ୍ୟତା ମାନି ହିଁ ତୁମେମାନେବହୁତ ଗଣ୍ଡଗୋଳ କରିଛ !"

ହରିଶଙ୍କର ବିନୟପୂର୍ବକ କହିଲା ।

"ମତେ ଆଶ୍ଚର୍ଯ୍ୟ ଲାଗୁଛି ଯେ ତୁମେ ବେଦାନ୍ତରୁ ଆଗକୁ ଯାଇନାହଁ ।"

"ଶେଷ ପରେ କଣ ହୋଇପାରେ ?"

"ତୁମର ଜାଣିବା ଉଚିତ," ହରିଶଙ୍କର ଉତ୍ତର ଦେଲା ।

ଗୌତମ ନୀରବ ରହିଲା ।

"କାର୍ଯ୍ୟ କାରଣର ନିୟମ ନିଜ ମଧ୍ୟରେ ପୂର୍ଣ୍ଣ ଅଟେ । କୌଣସି ବିଷୟ ଅନ୍ୟ କୌଣସି ବିଷୟ ପରି ହୋଇ ନ ପାରେ । କେବଳ କ୍ଷଣିକ ଅସ୍ତିତ୍ୱ ବ୍ୟତୀତ କୌଣସି ବିଷୟ ଅନ୍ୟ କୌଣସି ବିଷୟ ସହିତ ସମ୍ବନ୍ଧିତ ନୁହେଁ । ସବୁ କିଛି କ୍ଷଣସ୍ଥାୟୀ, ଦୁଃଖ, ବିପତ୍ତିପୂର୍ଣ୍ଣ । ସର୍ବଂ ଦୁଃଖଂ ଦୁଃଖଂ ।" ହରିଶଙ୍କର କହିବାକୁ ଲାଗିଲା "ଶରୀର ଓ ଆତ୍ମା ଦୁହେଁ ନଶ୍ୱର ଅଟନ୍ତି । ଦୁହିଁଙ୍କର ଏକାଠି ରହିବା ସତ୍ତ୍ୱେ କୌଣସି ଶାଶ୍ୱତ ଅସ୍ତିତ୍ୱ ଜନ୍ମ ଲାଭ କରେ ନାହିଁ ! ଆତ୍ମା ଶାଶ୍ୱତ ନୁହେଁ । ମଣିଷ ଦୀପଭଳି ଲିଭିଯାଏ । କେବଳ ଘଟଣାବଳୀ ଓ ଚିନ୍ତାଧାରା ଯାହା ଅବଶେଷ ରହିଯାଏ । ଶୋଇପଡ଼ିଲ କି ଗୌତମ ?"

"ନାଁ ତୁମେ କହିଯାଅ ।"

"ସଙ୍ଗୀତ ନଗରୀ ଅଯୋଧ୍ୟାର ଗୋଟିଏ ଝିଅ ମତେ କୋର୍‌ କଲା ଯେ, ମୁଁ ଯେପରି ଶାଶ୍ୱତ ସତ୍ତ୍ୱରେ ବିଶ୍ୱାସ କରେ । ମେଘମହ୍ଲାର ସ୍ୱରରେ ମଧ୍ୟ ସେ ଦେଶ କାଳ ସବୁ କିଛି ଏକ ସୂତ୍ରରେ ବାନ୍ଧିପାରୁଥିଲା ।"

ଗୌତମ କହିଲା—"ଦେଖ, ତୁମେ ତ ସଙ୍ଗୀତ ଏବଂ ଶବ୍ଦକୁ ଅସ୍ୱୀକାର କରି-ଦେଇଥିଲ, ଅଥଚ ସ୍ୱର ହିଁ ଶେଷ ପର୍ଯ୍ୟନ୍ତ ରହିବ । ସ୍ୱର ଅଟଳ ଅଟେ ।"

"ମୁଁ ଯେତେବେଳେ ଉତ୍ତର କୋଶଳର ସୀମାରେ ପହଞ୍ଚିଲି ଗୁପ୍ତ ରକ୍ଷୀ ଦଳର ପ୍ରହରୀଗଣ ମତେ ପଚାରିଲେ—'ତୁମେ କେଉଁଠୁ ଆସିଲ ?' ମୁଁ କହିଲି—'ମୁଁ ଏଠାରୁ ଯାଇଥିଲି, ଏବେ ଫେରିଲି । ଏହିଠାରେ ତୁମମାନଙ୍କର ଶେଷ ହେବ

Digitized by PPRACHIN, SOA

—ଏଇ ବିପଦରୁ ବଞ୍ଚିବାର ଉପାୟ କର ।' ଜଣେ ପ୍ରହରୀ ତାର ସାଥୀକୁ କହିଲା, 'ତୁମେ ଏ କଥାର ଅର୍ଥ ବୁଝିଲ ? ଏହି ବ୍ୟକ୍ତି ବୋଧହୁଏ କୌଣସି ଦାର୍ଶନିକ ହେବେ ।' ଏହା ପରେ ସେ ଦୁହେଁ ପଶାଖେଳରେ ମତ୍ତ ହେଲେ । କିନ୍ତୁ ମୁଁ ଯେତେବେଳେ ଅଯୋଧ୍ୟାକୁ ଆସିଲି, ମୋର ମନେ ହେଲା ଯେପରି ସ୍ୱର ବର୍ତ୍ତମାନ ନିଃଶେଷ ହୋଇଯାଇଛି । ଗୌତମ, ଜୀବନ ବହୁତ ବେଶୀ ବିସ୍ତାର ଲାଭ କରିଛି—ଦେଶ, ବସ୍ତି, ନୂତନ ମଣିଷ ସମାଜ, ବିଭିନ୍ନ ପ୍ରକାରର ଭାଷା···ମୁଁ ବହୁ ଦେଶ ଦେଶାନ୍ତର ଭ୍ରମଣ କରିଛି । କିନ୍ତୁ ମେଘମଲ୍ଲାର ରାଗିଣୀ ସର୍ବଦା ମୋର ଅନୁଗାମିନୀ ହୋଇଛି । ଯେଉଁ କେତୋଟି ବର୍ଷ ମୁଁ ତକ୍ଷଶିଳାରେ ରହିଲି ସେତିକି ଦିନ ଏହି ରାଗିଣୀକୁ ଭୁଲିଯାଇଥିଲି । ଏବେ ଏଠାକୁ ଫେରି ଦେଖୁଛି ସେହି ସ୍ୱର ପୁଣି ମତେ ଶୁଣାଯାଉଛି । ତୁମେ ମୋ ସହିତ ଶବ୍ଦ ତଥା ଧ୍ୱନିର ନିତ୍ୟତା ସମ୍ପର୍କରେ ତର୍କ କରୁଛ । ମତେ ପଚାର—ମତେ ଜଣାଅଛି—ଏ ସବୁ ବିଭିନ୍ନ ସ୍ଥାନର ପ୍ରତିକ୍ରିୟା ହିଁ ଅଟେ । ବାସ୍ତବରେ କିଛି ନୁହେଁ—ସର୍ବଂ ଦୁଃଖଂ ଦୁଃଖଂ ।"

ଗୌତମ ମୂର୍ତ୍ତିବତ୍ ଶୁଣିବାକୁ ଲାଗିଲା ।

"ପବିତ୍ର ସରଯୂ—ଋଗ୍‌ବେଦରେ ଯାହାର ବର୍ଣ୍ଣନା ଅଛି । ମୋର ମା ! ଆଜି ରାତିରେ ଆଶ୍ଚର୍ଯ୍ୟ ହୋଇ ମୁଁ ତତେ ଦେଖୁଛି । ଅଯୋଧ୍ୟା, ତୋର ଏ ଆଲୋକମାଳା କେତେବେଳ ଯାଏଁ ଏପରି ଝଲମଲ ହେଉଥିବ ? ଅଯୋଧ୍ୟା ପୁରାଣ ପ୍ରସିଦ୍ଧ ଅଜଙ୍କର, ବ୍ରହ୍ମଙ୍କର ନଗର—ସିଏ କି ଅପରାଜେୟ । କଣ ଏପରି ଦିନ ଆସିବ ତୋର, ଏ ଐଶ୍ୱର୍ଯ୍ୟରାଶି ଛିନ୍ନଭିନ୍ନ ହୋଇଯିବ ? ସ୍ଥାୟୀ ବୋଲି କଣ କୌଣସି ବସ୍ତୁ ନାହିଁ ? ନାଁ ତାର ଚମ୍ପକ ଥିଲା—କାରଣ ଚମ୍ପାଫୁଲ ପରି ତାର ରଙ୍ଗ ଓ ରୂପ । ଏହିଠାରେ ମୋର ପରିବାର, ମୋର ପିତାମାତା ତଥା ମୋର ଆଦରର ଭଉଣୀ ମୋର ଫେରିବା ବାଟକୁ ଆକୁଳ ହୋଇ ଅନାଇଁ ରହିଛନ୍ତି । ରାମଚନ୍ଦ୍ର ଚଉଦବର୍ଷ ବନବାସ ପରେ ଫେରିଆସିବାକୁ କଥା ଦେଇଥିଲେ—ମୁଁ ମଧ୍ୟ ଫେରି ଆସିଛି । ତେବେ ଗୌତମ ବୁଦ୍ଧ ମତେ କଥା ଦେବାର ବନ୍ଧନରୁ ମୁକ୍ତ କରିଦେଇଛନ୍ତି । ଦେଖ, ଶବ୍ଦ ପୁନର୍ବାର ମୋ ପାଖରେ ଛଳନା କରୁଛି ।" ଏତିକି କହି ସେ ଚୁପ୍ ରହିଲା ।

ବାହାରେ ମେଘ ଓ ପବନ ଆରମ୍ଭ ହୋଇଯାଇଥିଲା ଏବଂ ତାର ପ୍ରକୋପରେ ଦୀପ ମଧ୍ୟ ଲିଭିଯାଇଥିଲା । ଶଙ୍କର ଇଟା ଦୁଇଟି ତକିଆ କରି ଶୋଇଲା । ଗୌତମ ତାର ଗୁଦଡ଼ି ଘୋଡ଼ି ହୋଇ ଅନ୍ୟ ପଟକୁ ମୁହଁ କରି ଶୋଇଲା । କିଛି କ୍ଷଣ ଅନ୍ଧାରରେ ଦୁହେଁ ଚୁପ୍‌ଚାପ ଗୁହାରେ ରହିବା ପରେ ପୂର୍ବ ଦିଗର ମନ୍ଦ ପବନ ବାଜିବାରୁ

Digitized by PPRACHIN, SOA

ଗଭୀର ନିଦ୍ରାରେ ଶୋଇ ପଡ଼ିଲେ ।

ସେଇଦିନ ରାତିରେ ଗୌତମ ବିଚିତ୍ର ସ୍ୱପ୍ନ ସବୁ ଦେଖିଲା । ମନ୍ଦିରରୁ ଚଣ୍ଡୀ ଦେବୀ ନିଜର ମାହେଶ୍ୱରୀ ରୂପରେ ବାହାରକୁ ଆସିଲେ । କ୍ରମେ ତାଙ୍କ ରୂପ ହଳଦିଆ ଶାଢ଼ି ପିନ୍ଧିଥିବା ପୂର୍ବୋକ୍ତ ଯୁବତୀରେ ପରିଣତ ହେଲା । ତାପରେ ତାଙ୍କର ରୂପ ବିଭିନ୍ନ ରୂପରେ ରୂପାନ୍ତରିତ ହେଲା । ପ୍ରଥମେ ଏକ ନବପରିଣୀତା ବଧୂରୁ ମୁହୂର୍ତ୍ତିକରେ ଏକ କାଳୀକୋଟରୀ କୁରୂପା ବୁଢ଼ୀରେ ରୂପାନ୍ତରିତ ହୋଇ ଚକା ପକାଇ ଗୌତମ ମୁଣ୍ଡ ପାଖରେ ବସି ଜୋର୍‌ରେ ବାହୁନିବାକୁ ଲାଗିଲେ । "ମୋ ମା—ମୋର ମା—ମା" ବୋଲି ଗୌତମ ଖୁବ୍ ଜୋର୍‌ରେ ଚିତ୍କାର କରି ଉଠିଲା । କିନ୍ତୁ ବୁଢ଼ୀ ଦାନ୍ତ ରେଁବାଇ କହିଲା—"ମୁଁ ତୋର ମା ନୁହେଁ—ମୁଁ ତ ବୈଶାଳୀର୍···" ତାର କଥା ସମାପ୍ତ ହେବା ପୂର୍ବରୁ ଗଛରୁ ଏକ ବେଲ୍ ଠୋ କିନା ଘାସ ଉପରେ ପଡ଼ିଲା ଏବଂ ଗୌତମ ଧଡ଼ପଡ଼ ହୋଇ ଉଠି ବସିଲା । ଶଙ୍କର ନିଶ୍ଚିନ୍ତରେ ଶୋଇଥିଲା । ବର୍ଷା ଛାଡ଼ିଯାଇଥିଲା । ଗୌତମ ଇଷ୍ଟ ମନ୍ତ୍ର ଜପିବାକୁ ଲାଗିଲା । ଅନେକ ସମୟ ପରେ ତାକୁ ନିଦ ହେଲା ।

ପାହାନ୍ତିଆରେ ଶଙ୍କର ନିଦ ଭାଙ୍ଗି ଦେଖିଲା ଗୌତମ ଚଣ୍ଡୀ ପାଠରେ ମଗ୍ନ । ନଦୀ ଘାଟରେ ବ୍ରାହ୍ମଣମାନେ ନିତ୍ୟକର୍ମ ସାରୁଥିଲେ । ଆମ୍ବତୋଟାରେ ପକ୍ଷୀମାନେ କିଚିରିମିଚିରି କରୁଥିଲେ । ଗୌତମ ଚଣ୍ଡୀପାଠ ପରେ ବାହାରକୁ ଆସିବାର ଦେଖି ଶଙ୍କର ହସିଲା । ହଠାତ୍ ଗୌତମ ତାକୁ ପଚାରିଲା—"ବୈଶାଳୀରେ କିଏ ରହୁଥିଲା ?"

ଶଙ୍କର ଉତ୍ତର ନ ଦେଇ ହସିବାକୁ ଲାଗିଲା । ଗୌତମ ତାର ଅର୍ଥହୀନ ହସ ଦେଖି ଖୁବ୍ ବିରକ୍ତ ହେଲା । ଦୁହେଁ ମନ୍ଦିର ପାହାଚରୁ ଓହ୍ଲାଇ ଜଙ୍ଗଲ ରାସ୍ତାରେ ଚାଲିବାକୁ ଲାଗିଲେ ।

ଶଙ୍କର ପଚାରିଲା—"ତୁମେ କଣ ଶ୍ରାବସ୍ତୀ ଫେରିଯାଉଛ ?"

"ହଁ ! ତୁମେ ମଧ୍ୟ ମୋ ସହିତ ଆସ । ଶ୍ରାବଣ ମାସରେ ତୁମେ ଆମ ଆଶ୍ରମରେ ରହିପାରିବ ।"

"ଋଷିମାନେ କହିଛନ୍ତି ପ୍ରତ୍ୟେକ ବ୍ୟକ୍ତିର ମାର୍ଗ ଖଣ୍ଡା ଧାର ଠାରୁ ଆହୁରି ଦାଢ଼ୁଆ । ମୁଁ ତୁମକୁ ସାବଧାନ କରିଦେଉଛି ଗୌତମ—ତୁମେ ମୋ ରାସ୍ତାରେ ଆସ-ନାହିଁ ।

ଗୌତମ ପଚାରିଲା, "ଯଦି ସଙ୍କୀର୍ଣ୍ଣ ଏକପଦୀ ରାସ୍ତାରେ ଦୁଇଜଣ ବାଟୋଇ ମୁହାଁମୁହିଁ ଠିଆ ହୁଅନ୍ତି, ତେବେ ସେମାନଙ୍କ ମଧ୍ୟରୁ ଜଣକୁ ଫେରିଯିବାକୁ ପଡ଼ିବ ।

Digitized by PPRACHIN, SOA

ନଚେତ୍ ଉଭୟେ ରାସ୍ତା ତଳ ଖାଲରେ ପଡ଼ିବେ ।”

“ହଁ”, ଶଙ୍କର ଉତ୍ତର ଦେଲା ।

ସେ ଦୁହେଁ ଶ୍ରାବସ୍ତୀ ଅଭିମୁଖରେ ଅଗ୍ରସର ହେଲେ । ଆକାଶରେ ମେଘ ଘୋଟିଆସିଥିଲା । ପବନରେ ଫୁଲର ମହକ ଭାସି ଆସୁଥିଲା । ସନ୍ଧ୍ୟା ପୂର୍ବରୁ ସେ ଦୁହେଁ ମୟୂର ପାଳକଙ୍କ ଏକ ଗ୍ରାମ ସୀମାରେ ପହଞ୍ଚିଲେ । ଗୌତମ ଓ ହରଶଙ୍କର କୂଅ ଫନ୍ଦ ଉପରେ ବସିପଡ଼ିଲେ । ଏମାନଙ୍କ ଆସିବା ଖବର ତତ୍‌କ୍ଷଣାତ୍ ସାରା ଗାଁରେ ବ୍ୟାପିଗଲା ।

ଶଙ୍କର ଆଖି ମୁନ୍ଦି ବସିଥିଲା । ଗୋଟିଏ ସୁନ୍ଦରୀ ତରୁଣୀ ଦୁଇଟି ସୁନ୍ଦର ମୟୂର ପୁଚ୍ଛ ପଞ୍ଝା ଭେଟି ଦେବାକୁ ନେଇ ଆସିଲା । ଗୌତମ ତରୁଣୀଠାରୁ ଗୋଟିଏ ପଞ୍ଝା ନେଇ ଲେଉଟ ପାଲଟ କରି ଦେଖିବାକୁ ଲାଗିଲା । ଏହି ପଞ୍ଝା କେତେ ଦୂର ଦେଶ ବିଦେଶକୁ ବିକ୍ରୀ ହେବା ନିମନ୍ତେ ଯିବ । ହୁଏତ ଏ ପଞ୍ଝା ଅଯୋଧ୍ୟାକୁ ବିକ୍ରୀ ହେବା ପାଇଁ ଯିବ ଏବଂ ଏହାକୁ ଦୈବାତ୍ ସେଇ ଚମ୍ପାଫୁଲ ରଙ୍ଗର ଶାଢ଼ି ପିନ୍ଧିଥିବା ଯୁବତୀଟି କିଣିବ । ଏସବୁ ଭାବୁ ଭାବୁ ସେ ପଞ୍ଝାଟି ଫେରାଇ ଦେଲା । “ଆମକୁ ବିଳାସ ସାମଗ୍ରୀ ନେବା ନିଷେଧ । ଆମର ଏ ପଞ୍ଝାର କିଛି ପ୍ରୟୋଜନ ନାହିଁ । ମୟୂର ପୁଚ୍ଛ ଆମେ ଜଙ୍ଗଲରେ ଦେଖି ଖୁସି ହେଉ ।” ଗୌତମ ଏହା କହିବା ପରେ ଯୁବତୀଟି ପଞ୍ଝା ଫେରାଇନେଇ ପ୍ରଣାମ କରିବା ନିମନ୍ତେ ମୁଣ୍ଡ ନୁଆଁଇଲା ।

ଗୌତମ କୌତୁକ କରି ପଚାରିଲା—“ତୁମ ନାଁ ସୁଜାତା ତ ନୁହେଁ ?” ଏତିକି ପଚାରି ସେ ଶଙ୍କରକୁ ଅନାଇଲା । କିନ୍ତୁ ଶଙ୍କର ଆଖି ବୁଜି ପୂର୍ବବତ୍ ବସି ରହିଥିଲା । ଯୁବତୀଟି ସରଳ ଭାବରେ ଉତ୍ତର ଦେଲା, “ମୋର ନାଁ ନନ୍ଦବାଳା, ମୋ ବଡ଼ ଭଉଣୀର ନାଁ ସୁଜାତା ।” ଏହା କହି ସେ ଗାଁକୁ ଫେରିଗଲା ।

ଏହି ସମୟରେ ହରଶଙ୍କର କହିଲା, “ଭାଇ ଗୌତମ, ସବୁ ଯୁଗରେ ରାସ୍ତାର ପ୍ରତ୍ୟେକ ମୋଡ଼ରେ ତୁମକୁ ନନ୍ଦବାଳା କିମ୍ବା ସୁଜାତା ମିଳିବେ । ସେମାନେ ତୁମକୁ ଶ୍ରଦ୍ଧା ଭକ୍ତି କରିବେ । ଏବେ ମଧ୍ୟ ସମୟ ଅଛି, ଆଖି ଖୋଲି ସବୁ ବିଚାର କରି ଦେଖ ।”

ସକାଳୁ ଉଠି ସେ ଦୁହେଁ ପୁନର୍ବାର ଯାତ୍ରା ଆରମ୍ଭ କଲେ । ଶ୍ରାବସ୍ତୀ ନଗର ନିକଟ ହୋଇ ଯାଇଥିଲା । ବାରମାସୀ ଜଙ୍ଗଲ ଶେଷ ହୋଇ ଜନବସତି ଆରମ୍ଭ ହୋଇ-ଯାଇଥିଲା ।

ଚାଲୁ ଚାଲୁ ହରଶଙ୍କର ଗୌତମକୁ କହିଲା, “ଭାଇ ଗୌତମ, ବୈଶାଳୀରେ ଏକ ଅମ୍ବାପାଲୀ ଥିଲା । ସେ, ଚମ୍ପକ, ସୁଜାତା ଏବଂ ନନ୍ଦବାଳା ସମସ୍ତେ ଏକ । ନିଜ

Digitized by PPRACHIN, SOA

ମନକୁ ବିକାରଶୂନ୍ୟ କର ।" ଏତିକି କହି ସେ ହଠାତ୍ ରାସ୍ତାରୁ ପୁଣି ବାରମାସୀ ଜଙ୍ଗଲକୁ ଫେରିଗଲା । ଗୌତମ ତାକୁ ପଛରୁ ଡାକଦେଲା, କିନ୍ତୁ ସେତେବେଳକୁ ସେ ଦୃଷ୍ଟିରୁ ଅଦୃଶ୍ୟ ହୋଇଥିଲା ।

୨

ରାପ୍ତୀ ନଦୀର ଦକ୍ଷିଣ କୂଳରେ ଅବସ୍ଥିତ ଶ୍ରାବସ୍ତୀ ଏକ ବିଶାଳ ନଗରୀ ଥିଲା । ଏହାର ଉତ୍ତରରେ ହିମାବନ୍ତର ଗୋଲାପୀ ଏବଂ ନୀଳ ପର୍ବତମାଳା ବିସ୍ତୃତ ଥିଲା । ଏହି ପର୍ବତମାଳା ତଳଦେଶରେ ଶସ୍ୟଶ୍ୟାମଳା କ୍ଷେତ, ଟିକେ ଉପରକୁ ତରାଇ ଜଙ୍ଗଲ ଏବଂ ଏହି ଜଙ୍ଗଲ ବ୍ୟାଘ୍ରାଦି ହିଂସ୍ର ଜନ୍ତୁଙ୍କ ନିବାସସ୍ଥଳୀ ଥିଲା ।

ଉତ୍ତର କୋଶଳର ନଗର, ସହର, ତଥା ପୁର ଏହି ଶସ୍ୟଶ୍ୟାମଳ ଅଞ୍ଚଳରେ ହିଁ ଅବସ୍ଥିତ ଥିଲା । ଜନବସତିର ବୃଦ୍ଧି ହେତୁ ଜଙ୍ଗଲ ପରିଷ୍କାର କରାଯାଉଥିଲା ।

ଶ୍ରାବସ୍ତୀ ନଗରୀ ବିଶେଷ ବିଖ୍ୟାତ ଥିବା ଯୋଗୁଁ ଦୂରଦୂରାନ୍ତରୁ ବହୁ ଲୋକ ଆସି ଏଠାରେ ବାସ କରୁଥିଲେ । ଭିନ୍ନ ଭିନ୍ନ ସାହିରେ ଭିନ୍ନ ଭିନ୍ନ ପେଶା ତଥା ଜାତିର ଲୋକ ରହୁଥିଲେ । ଯଥା ସ୍ୱର୍ଣ୍ଣକାର, ବଢ଼ାଇ, କମାର ଆଦି ଜାତିମାନେ ନିଜ ନିଜ ସାହିରେ ହିଁ ରହୁଥିଲେ । ରଥଚାଳକ, କୁମ୍ଭାର, ଚମାର ସବୁ ନଗର ବାହାରେ ରହୁଥିଲେ । ଜନବସତିର ବହୁ ଦୂରରେ ଚଣ୍ଡାଳମାନେ ରହିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । କେବଳ ଶବ ଉଠାଇବା, ଶବ ପୋଡ଼ିବା ଏମାନଙ୍କର ପେଶା ଥିଲା । ସେମାନେ ଶବ ଶରୀରର ବସ୍ତ୍ର ଓ ପରିଚ୍ଛଦ ପିନ୍ଧିବାର ଅଧିକାରୀ ଥିଲେ । ଭଙ୍ଗା ବାସନରେ ସେମାନେ ଖାଦ୍ୟ ଖାଉଥିଲେ ଏବଂ କଂସାର ଆଭୂଷଣ ପିନ୍ଧିବା ନିମନ୍ତେ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଅଥଚ ମାତ୍ର ୭୦ । ୮୦ ବର୍ଷ ପୂର୍ବେ ଶ୍ରାବସ୍ତୀରେ କପିଳବାସ୍ତୁର ଶାକ୍ୟମୁନି ଆସି ରହିଥିଲେ ଏବଂ ସେ ଓ ତାଙ୍କର ଶିଷ୍ୟମାନେ ପ୍ରଚାର କରିଥିଲେ ଯେ, ମଣିଷ ଜନ୍ମାନୁସାରେ ନୁହେଁ ମାତ୍ର କର୍ମାନୁସାରେ ହିଁ ବ୍ରାହ୍ମଣ ବା ଶୂଦ୍ର ହୋଇଥାଏ । ଏବେ ସୁଦ୍ଧା ଗେରୁଆ ବସ୍ତ୍ରଧାରୀ ଭିକ୍ଷୁଗଣଙ୍କ ଦଳ ସାଇ ସାଇ ବୁଲି ଚଣ୍ଡାଳ ତଥା ଶୂଦ୍ରଗଣଙ୍କୁ ସତ୍କର୍ମ କରିବା ନିମନ୍ତେ ଉପଦେଶ ଦେଉଥିଲେ ।

Digitized by PPRACHIN, SOA

ସାରା ବର୍ଷ ମୌନବ୍ରତାବଲମ୍ବୀ ବ୍ରାହ୍ମଣମାନଙ୍କ ପରି ଚୂପ୍‌ଚାପ୍ ରହିଥିବା ବେଙ୍ଗ ପ୍ରଭୃତି ଜୀବ ଇନ୍ଦ୍ର ଦେବତାଙ୍କ କୃପାରୁ ଜୀବନର ଖୋରାକ ପାଇଁ ମନ ଆନନ୍ଦରେ ଚିତ୍କାର କରିବାରେ ଲାଗିଛନ୍ତି । ଯେପରି ବିଦ୍ୟାର୍ଥୀମାନେ ଗୁରୁବାକ୍ୟକୁ ଥରେ ଶୁଣି ଘୋଷି ହେଉଥାନ୍ତି, ସେପରି ଗୋଟିଏ ବେଙ୍ଗ ଅନ୍ୟ ଗୋଟିଏ ବେଙ୍ଗର ବୋଲିକୁ ଅନୁକରଣ କରୁଥାଏ । ମଣ୍ଡୁଗୁଡ଼ିକ ପୋଖରୀ ଭିତରେ ଥାଇ ସାମୂହିକ ଭାବେ ବର୍ଷା ବନ୍ଦନା କରିବାରେ ଲାଗିପଡ଼ିଛନ୍ତି ।

ଗୌତମ ନିଜ ବହି ବନ୍ଦ କରି ସାମନାକୁ ଅନାଇଲା । ବର୍ଷା ଜୋର୍‌ରେ ପଡ଼ୁଥିଲା । ବେଙ୍ଗ ରଡ଼ି ଛାଡ଼ୁଥିଲେ । ମୟୂରର କେକା ଧ୍ୱନି ଶୁଣାଯାଉଥିଲା । ଶ୍ରାବଣର ମେଘଦ୍ୱାରା ଆକାଶ ଭରି ଥିଲା । କେତେ ଶତାବ୍ଦୀ ପୂର୍ବରୁ ବର୍ଷାଋତୁର ଯେଉଁ ପ୍ରକାର ବର୍ଣ୍ଣନା ଋଗ୍‌ବେଦରେ ଦିଆ ଯାଇଥିଲା, ଠିକ୍ ସେହି ଦୃଶ୍ୟ ଯେମିତିକୁ ସେମିତି ସାମନାରେ ଥିଲା । ସେ କୁଡ଼ିଆ ବାହାରେ ବାରଣ୍ଡାରେ ବସି ଶ୍ରାବଣ ମାସର ବର୍ଷାଗୀତ ଶୁଣୁଥିଲା । ଆଶ୍ରମ ନଗରଠାରୁ ଦୂରବର୍ତ୍ତୀ ଅଶୋକବନରେ ଅବସ୍ଥିତ ଥିଲା । ନଦୀ କୂଳେ କୂଳେ ଶ୍ରେଣୀ ଶ୍ରେଣୀ କୁଡ଼ିଆ ବିଦ୍ୟାର୍ଥୀଗଣଙ୍କ ରହିବା ସକାଶେ ଉଦ୍ଦିଷ୍ଟ ଥିଲା । ଗୌତମ ମୂଳରୁ ତାର ଆଚାର୍ଯ୍ୟଙ୍କ ନିକଟରେ ଅଧ୍ୟୟନ କରୁଥିଲା । ଇତିମଧ୍ୟରେ ସେ ନାଟକ ଲେଖିବା ତଥା ଚିତ୍ରାଙ୍କନରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିପାରିଥିଲା । କାବ୍ୟ-ପ୍ରତିଭା ନେଇ ତାର ଜନ୍ମ---ତେବେ ସେ ମିଛଟାରେ ପୁରୋହିତଗିରି କରିବ ବା କାହିଁକି ? ଏ କଥା ତାର ଗୁରୁ ତା' ନିମନ୍ତେ ଚିନ୍ତା କରିଥିଲେ । ଅଧ୍ୟୟନରେ ମଧ୍ୟ ତାର ରୁଚି ବେଶୀ ନଥିଲା । ଗୌତମ ଇନ୍ଦ୍ରପ୍ରସ୍ଥ ଯାଇ ପାଞ୍ଚାଳ ସୈନ୍ୟ ବିଭାଗରେ ଚାକିରି ପାଇପାରିଥାନ୍ତା । କିନ୍ତୁ ସେ ସିଦ୍ଧାନ୍ତ କରିଥିଲା ଯେ, ସେ କେବଳ ନାଟକ ଲେଖିବ, କଳାସମ୍ବନ୍ଧୀୟ ସିଦ୍ଧାନ୍ତ ଉପରେ ବହି ଲେଖିବ, ଚିତ୍ର ତଥା ମୂର୍ତ୍ତି ତିଆରି କରିବ ।

ଆଜି ସନ୍ଧ୍ୟାରେ ରାଜନୀତିବିଜ୍ଞାନର ଛାତ୍ର ଅଖିଳେଶ, ଯିଏ କି ତକ୍ଷଶିଳାରୁ ନିକଟରେ ଫେରିଥିଲା, ଗୌତମର କୁଡ଼ିଆରେ କେତେଜଣ ଉତ୍ସାହୀ ନବଯୁବକଙ୍କ ସହିତ ବସି ଗରମାଗରମ ଆଲୋଚନାରେ ଲିପ୍ତ ଥିଲା ।

“ବହୁତ ଗଣ୍ଡଗୋଳ ହେବାର ସମ୍ଭାବନା ରହିଛି,” ଅଖିଳେଶ କଥାକୁ ମଝିରୁ କାଟି ଶ୍ରାବସ୍ତୀର ଘଟଣାବଳୀର ଲିପିକାର ଯୋଗେନ୍ଦ୍ର କହିଲା, “ଦୁଧ, ଦହି, ଲୁଣ, ଝିଣ୍ଟି, ବେଠି, ବେଗାରି ଏପରି କୌଣସି ଜିନିଷ ନାହିଁ ଯେଉଁଥିରେ ପାଟଳୀପୁତ୍ର ସରକାର ଭାଗ ବସାଉ ନାହାଁନ୍ତି ।”

“ଏବଂ ଏତେ ବିଶାଳ ସୈନ୍ୟବାହିନୀର ଖର୍ଚ୍ଚ”—ଗୁଣବର୍ମା କହିଲା । “ଦେଶକୁ

Digitized by PPRACHIN, SOA

ପୃଥ୍ୱୀ ଖାଇସାରଲେଣି । ତୁମେ କଣ ଭାବୁଛ ଲୋକେ ଆଉ ଚୁପ୍ ରହିବେ ?"

ଶ୍ରାବସ୍ତୀର ମୂର୍ତ୍ତିକାର ବିମଳେଶ୍ୱର ଗମ୍ଭୀର ହୋଇ କହିଲା, "ମହାରାଜ ଘନନନ୍ଦ ଆଗ୍ନେୟଗିରିର ମୁହଁ ଉପରେ ଯେପରି ବସିଛନ୍ତି ।" ତା'ପରେ ସେ ଅଖିଳେଶଆଡ଼କୁ ଅନାଇ କହିଲା, "ତୁମେ ସେ ଗୃଣକ୍ୟର କଥା କଣ କହୁଥିଲ ପରା ?"

"ତୁମର କଣ ତାଙ୍କ ସହିତ ପରିଚୟ ହୋଇଛି ?"

"ତକ୍ଷଶିଳାରେ ଥିବା ସମୟରେ ତାଙ୍କ ନିକଟକୁ କେତେଥର ଯାଇଛି ।"

ଏଠା ଲୋକଙ୍କର ତକ୍ଷଶିଳାରୁ ଫେରିଥିବା ବିଦ୍ୟାର୍ଥୀଙ୍କ ସମ୍ପର୍କରେ ଏପରି ଉଚ୍ଚ ଧାରଣା ଥିଲା ଯେ, ତତ୍‌କ୍ଷଣାତ୍ ସେଠି ବସିଥିବା ଯୁବକମାନଙ୍କ ଦୃଷ୍ଟି ଅଖିଳେଶ ଉପରେ ପଡ଼ିଲା । ଅଖିଳେଶ ସେମାନଙ୍କୁ ଗୃଣକ୍ୟଙ୍କ ସମ୍ପର୍କରେ କହିବାକୁ ଆରମ୍ଭ କରିଛି, ଯୋଗେନ୍ଦ୍ରର ସୂଚନା ଅନୁସାରେ ସେ ପାଟଳୀପୁତ୍ରରେ ପହଞ୍ଚି ସାରିଥିଲେ । ଏବେ ଅଦ୍ଭୁତ ସବୁ ନାମ ପ୍ରକାଶ ପାଉଥିଲା, ଘଟଣାବଳୀର ପୁନରାବୃତ୍ତି ହେଉଥିଲା । ଲୋକେ ନିଜ ନିଜର ମତ ବ୍ୟକ୍ତ କରୁଥିଲେ ।

ଏ ସମସ୍ତଙ୍କ ମଧ୍ୟରେ ଥାଇ ମଧ୍ୟ ଏମାନଙ୍କଠାରୁ ଅଲଗା ହୋଇ ଗୌତମ ଗୋଟିଏ କୋଣରେ ଚୁପ୍ ହୋଇ ବସିଥିଲା ।

"ମଗଧବାସୀ ସର୍ବଦା ଯୁଦ୍ଧପ୍ରିୟ"—ଯୋଗେନ୍ଦ୍ର କହିଲା । "ରାଜା ଜରାସନ୍ଧଙ୍କ କଥା କଣ ଭୁଲିଗଲ ?"

"ମଗଧ ସହିତ ଆମର ସନ୍ଧି ସ୍ଥାପନା କେବେହେଲେ ସମ୍ଭବପର ନୁହେଁ"—ବିମଳେଶ୍ୱର କହିଲା ।

"ଭାଇ ! କଥା ହେଉଛି ସମଗ୍ର ଜାତିର," ଅଖିଳେଶ ଚକାମାଡ଼ି ବସି କହିଲା । ଅନ୍ୟ ସମସ୍ତେ ତାର କଥା ମନ ଦେଇ ଶୁଣିଲେ ।

"ସମଗ୍ର ଦେଶ ବ୍ରାହ୍ମଣ ଓ କ୍ଷତ୍ରିୟଙ୍କର ରାଜ୍ୟ ଅଟେ । ସୁଦୂର ସିନ୍ଧୁ ପର୍ଯ୍ୟନ୍ତ ବ୍ରାହ୍ମଣଙ୍କ ପ୍ରାଧାନ୍ୟ ବହୁତ ବେଶୀ । କେବଳ ମଗଧ ସମ୍ପୂର୍ଣ୍ଣରୂପେ ବ୍ରାହ୍ମଣଙ୍କ ଅକ୍ତିଆରରେ କେବେହେଲେ ଆସିନାହିଁ । ମଗଧର ଉଚ୍ଚ ଜାତିଙ୍କୁ ମଧ୍ୟ ଆମେ କୋଶଳ ରାଜ୍ୟବାସୀ କେବେହେଲେ ମହତ୍ତ୍ୱ ଦେଇନାହୁଁ, ଏବଂ ବର୍ତ୍ତମାନ ଆମେ କିପରି ଭୁଲିବୁ ଯେ ଅଜାତଶତ୍ରୁଙ୍କ ପୌତ୍ରର ମୃତ୍ୟୁ ପରେ ସେଠାରେ ଶୂଦ୍ରଙ୍କ ରାଜୁତି ଚାଲୁଛି ! ଘନବଂଶ···" ଏତିକ କହି ସେ ସମବେତ ଯୁବକଙ୍କୁ ଅନାଇ କହିଲା, "ଘନବଂଶ ଶୂଦ୍ରବଂଶ ଅଟେ ଏବଂ ମଗଧ ହେଉଚି ନିମ୍ନବଂଶୀୟ ଯୁଦ୍ଧପ୍ରିୟ ଲୋକଙ୍କ ରାଜ୍ୟ ।"

ଗୁଣବର୍ମା କହିଲା, "ମଗଧର ନୂତନ ରାଜଧାନୀ ପାଟଳୀପୁତ୍ର ଏବେ ଗିରିବ୍ରଜ ଓ

Digitized by PPRACHIN, SOA

ରାଜଗିରଠାରୁ ଆହୁରି ବଳଶାଳୀ ହୋଇଛି ।"

"କୁଶୀନଗର, ବୈଶାଳୀ ଏବଂ ଶ୍ରାବସ୍ତୀ କୋଶଳରାଜ୍ୟ ସହିତ ଅଜାତଶତ୍ରୁଙ୍କ ବିରୁଦ୍ଧରେ ମେଣ୍ଟ ବାନ୍ଧିଥିବା ଘଟଣା ଏବେକାର କଥା । ସେ ସମୟରେ ଏହି ସଂଗଠିତ ଆକ୍ରମଣର ପ୍ରତିରୋଧ କରିବା ନିମନ୍ତେ ମଗଧର ମନ୍ତ୍ରିଗଣ ପାଟଳୀ ଗ୍ରାମ ଚତୁଃପାର୍ଶ୍ୱରେ ଏକ ଗଡ଼ ଖାଇ ଖୋଳାଇଥିଲେ । ଅଜାତଶତ୍ରୁଙ୍କ ପୌତ୍ର ଉଦୟ କୁସୁମପୁରର ମୂଳଦୁଆ ପକାଇବା ତ କାଲିପରି ଲାଗୁଛି ! କିନ୍ତୁ ଆଜି ସେହି କୁସୁମପୁର ଏପରି ଶକ୍ତିଶାଳୀ ରାଜଧାନୀ ହୋଇଛି, ଯାହାକୁ ଏତେ ଦୂରରେ ଥାଇ ମଧ୍ୟ ଆମ୍ଭେମାନେ ଡରୁଛୁଁ"—ବିମଳେଶ୍ୱର କହିଲା ।

ଗୌତମ ଦୀପର ଆଲୋକରେ ନିଜ ବନ୍ଧୁମାନଙ୍କୁ ଦେଖୁଥିଲା ଏବଂ ମନେ ମନେ ଗୌତମ ସିଦ୍ଧାର୍ଥଙ୍କ ଭବିଷ୍ୟତ୍ ବାଣୀ କଥା ମନେପକାଉଥିଲା । ସିଦ୍ଧାର୍ଥଙ୍କର ଭବିଷ୍ୟତ୍ ବାଣୀ ଥିଲା ଯେ ଏହି ଶ୍ରାବସ୍ତୀ ନଗରୀ ଦିନେ ଅଗ୍ନି, ବନ୍ୟା ଓ ଯୁଦ୍ଧରେ ନଷ୍ଟ ହୋଇଯିବ । ଜନବସତି ଏହିପରି ଗଢ଼ି ଉଠେ, ପୁଣି ତାହା ନଷ୍ଟ ହୋଇଯାଏ ।

ଅଖିଳେଶ, ଯିଏ କି ଅନ୍ୟ ଏକ କୋଣରେ ଏକ ଅଳ୍ପବୟସ୍କ ବାଳକକୁ ଗ୍ରୀକମାନଙ୍କ ସମ୍ପର୍କରେ କହୁଥିଲା, ବର୍ତ୍ତମାନ ଉଚ୍ଚସ୍ୱରରେ ବିମଳେଶ୍ୱରକୁ କହିଲା, "ତୁମେ ଏକ୍ଷଣି ମହାରାଜ ଉଦୟଙ୍କ ନାଁ ଧରିଲ ? ଆରେ ଭାଇ, ମହାରାଜ ଉଦୟ ତ ପାରସ୍ୟ ସମ୍ରାଟ ଦାରାଙ୍କର ସମସାମୟିକ ଥିଲେ ।" ପୁଣି ସେ ସେହି ପୂର୍ବୋକ୍ତ ବାଳକକୁ କହିବାକୁ ଲାଗିଲା—"ମୁଁ ବର୍ତ୍ତମାନ ଗ୍ରୀକମାନଙ୍କ ରାଜନୈତିକ ଦୃଷ୍ଟିକୋଣ, ସାମ୍ରାଜ୍ୟ ଶାସନ ସମ୍ପର୍କରେ ତୁମକୁ କହୁଥିଲି । ଦାରା ପାରସ୍ୟ ସାମ୍ରାଜ୍ୟର ଅଧୀଶ୍ୱର । ତୁମେମାନେ ଜାଣି ନାହଁ ଯେ ବର୍ତ୍ତମାନ ସେମାନଙ୍କ ପ୍ରଭାବ ଚତୁର୍ଦ୍ଦିଗରେ ବ୍ୟାପି ଯାଇଛି ।"

"ତାଙ୍କର ପ୍ରଭାବ !" ଅଳ୍ପ ବୟସ୍କ ବାଳକ ପଚାରିଲା ।

"ଇରାନୀମାନେ ଯେତେବେଳେ ଗାନ୍ଧାର ରାଜ୍ୟ ଆକ୍ରମଣ କଲେ, ସେଠାର ରାଜା ବମ୍ବିସାରଙ୍କ ନିକଟକୁ ଖବର ପଠାଇଲେ ଯେ, ଆଜିକାଲି ଇରାନୀ ସାମ୍ରାଜ୍ୟ ସପ୍ତସିନ୍ଧୁର ଉତ୍ତର-ପଶ୍ଚିମ ଅଞ୍ଚଳ ନିଜ ଅଧିକାରକୁ ଆଣି କର ଆଦାୟ କରୁଛନ୍ତି । ଏବଂ ଦାରା କହୁଥିଲେ—"ମୁଁ ଦାରୟୁଶ ଅଟେ ।" ଅଖିଳେଶର କଥା ଗୌତମର କ୍ଷୁଦ୍ର କୁଟୀରରେ ଅଦ୍ଭୁତ ରୂପେ ପ୍ରତିଧ୍ୱନିତ ହେଲା—"ମୁଁ ସମ୍ରାଟ, ରାଜାମାନଙ୍କ ରାଜା, ଏ ସମସ୍ତ ଦେଶଗୁଡ଼ିକର ଶାହାନଶାହା, ଯେଉଁଠାରେ କି ନାନା ଜାତି, ନାନା ପ୍ରକାରର ଲୋକେ ରହୁଛନ୍ତି ।"

Digitized by PPRACHIN, SOA

"ଶାହନ୍‌ଶାହ—ଶାହନ୍‌ଶାହ ।" ଗୌତମ ଘୋଷି ହେଲା । "ଏହା ପାର୍ଶୀ ଭାଷା ହୋଇପାରେ ?"

"ହଁ" ଅଖିଳେଶ ଉତ୍ତର ଦେଲା । "ଏଇ ଦାରୟୁଶଙ୍କ ପ୍ରଥମ ପୁତ୍ର ଅର୍ତ୍ତିଖଶୀଜ ଉତ୍ତରାପଥର ଏ ଅଧିକୃତ ଅଞ୍ଚଳଗୁଡ଼ିକ ବିଷୟରେ ଗର୍ବ କରି କହିଥିଲା, "ଏଇ ଅଞ୍ଚଳ, ଯେଉଁଠି ଦେବତାମାନେ ପୂଜା ପାଆନ୍ତି, ମୁଁ ଅହୁର୍ମ୍ମଜ୍‌ଦଙ୍କ ଆଖି ଠାରରେ ଏଠା ଦେବମନ୍ଦିରର ମୂଳଦୁଆ ସହିତ ଦୋହଲାଇ ଦେଲି ।"

ଗୌତମ ଉଦାସୀନ ହୋଇଉଠିଲା—ମଣିଷ ସବୁ ପରସ୍ପରକୁ ଖାଇଦେବାକୁ ଯେପରି ବଦ୍ଧପରିକର । ଅହୁର୍ମ୍ମଜଦଙ୍କ ଆଖି ଠାରରେ ଦେବମନ୍ଦିରର ମୂଳଦୁଆ ହଲାଇପକାଇଛି ।

"ଅହୁର୍ମ୍ମଜଦ କିଏ ?" ସେ ଅଖିଳେଶକୁ ପଚାରିଲା ।

"ଇରାନୀମାନେ ଈଶ୍ୱରଙ୍କୁ ସେହି ନାଁରେ ଡାକନ୍ତି ।"

"ତା ପରେ ତୁମର ସେଇ ଅର୍ତ୍ତିଖଶୀଜ ଆଉ କଣ କହୁଥିଲା ?"

"ଏଇଟା ରାଜନୀତି, ଭାଇ ଗୌତମ"—ଅଖିଳେଶ ବିରକ୍ତ ହୋଇ କହିଲା । ପୁଣି ଅନ୍ୟମାନଙ୍କ ଆଡ଼କୁ ଅନାଇ କହିଲା—"କେତେ ଦିନ ତଳେ ଦଳେ ବଣିକ ଫାରାସୀ ପୋଲିସଙ୍କ କବଳରୁ ଜୀବନ ରକ୍ଷା କରି କୌଣସି ପ୍ରକାରେ ତକ୍ଷଶିଳାରେ ପହଞ୍ଚିଥିଲେ । ସେମାନେ କହୁଥିଲେ ଯେ ଇରାନରେ ମଧ୍ୟ ଏକ ଭୟଙ୍କର ଯୁଦ୍ଧ ଚାଲିଛି । ଯବନମାନେ ଯେବେଠାରୁ ଇରାନ୍ ଅଧିକାରରୁ ରକ୍ଷା ପାଇଛନ୍ତି ପାରସ୍ୟ ସାମ୍ରାଜ୍ୟ ଦିନକୁ ଦିନ ଦୁର୍ବଳ ହୋଇପଡ଼ୁଛି ।" "ତୁମକୁ ଗୋଟିଏ କଥା କହିଦେଉଛି ।" ଅଖିଳେଶ ଗୌତମକୁ କହିଲା— "ବିଷ୍ଣୁଗୁପ୍ତ ମତେ ତକ୍ଷଶିଳାରେ କହିଥିଲେ ଯେ, ଆମ ଦେଶ ପାଇଁ ମଧ୍ୟ ଏପରି ଏକ ଚତୁରଙ୍ଗ ବଳ ସାମ୍ରାଜ୍ୟର ଆବଶ୍ୟକତା ଅଛି । ପୃଥିବୀର ଚତୁର୍ଦ୍ଦିଗରେ ଏହା ବିସ୍ତାର ଲାଭ କରିବା ଆବଶ୍ୟକ—ଏକ ଅତ୍ୟନ୍ତ ଶକ୍ତିଶାଳୀ ସାମ୍ରାଜ୍ୟ । ଫାରାସୀ ପୋଲିସ୍‌କୁ ବଣିକଗଣ କହୁଥିଲେ ଯେ, ଇରାନର ଦାରୟୁଶ ତୃତୀୟ ପରାକ୍ରମୀ ସମ୍ରାଟ ହେଲେ କଣ ହେବ ତାଙ୍କୁ ଯବନମାନଙ୍କ ସେନାପତି ଅଲକ୍ଷେନ୍ଦ୍ର ପରାଜିତ କରିଦେଇ ସୁଦୂର ପଶ୍ଚିମରୁ ଏକ ବିରାଟ ସୈନ୍ୟବାହିନୀ ନେଇ ଆସିଛନ୍ତି ।"

ଗୌତମ ଆଶ୍ଚର୍ଯ୍ୟ ହୋଇ ଶୁଣୁଥିଲା ।

"ସମଗ୍ର ଇରାନ ବର୍ତ୍ତମାନ ଅଲକ୍ଷେନ୍ଦ୍ରଙ୍କ ଅଧୀନରେ ।" ଅଖିଳେଶ କଥା ଶେଷ କଲା ।

"ତେବେ ପାରସ୍ୟର ଚତୁରଙ୍ଗ ସାମ୍ରାଜ୍ୟର ଅଧିପତି ହେଉଛନ୍ତି ଅଲକ୍ଷେନ୍ଦ୍ର ?"

Digitized by PPRACHIN, SOA

ଗୌତମ ପଚାରିଲା ।

"ହଁ, ହଁ, ହଁ"—ଅଖିଳେଶ ଉତ୍ତର ଦେଲା ।

"ଭାଇ ଅଖିଳେଶ, ତୁମେ ଜାତିରେ କ୍ଷତ୍ରିୟ । ରାଜ୍ୟ ସ୍ଥାପନ କରିବା ଓ ରାଜ୍ୟ ବିନାଶ କରିବା ତୁମର କାମ । ମୁଁ ତୁମକୁ ଏ ବିଷୟରେ ଅଧିକ କଣ କହିବି ?" ଗୌତମ କହିଲା ।

"ଗୌତମ !" ଅଖିଳେଶ ଦୀପରେ ତେଲ ଦେଇ, ତାକୁ ସମସ୍ତଙ୍କ ମଝିରେ ରଖି, ଗୌତମକୁ ଭଲଭାବେ ଲକ୍ଷ୍ୟ କରି କହିଲା—

"ତୁମକୁ ଯଦି କୌଣସି ଯୁଦ୍ଧରେ ଯୋଗ ଦେବାକୁ ପଡ଼ିବ ତେବେ କଣ ତୁମେ ଯୁଦ୍ଧ କରିବାକୁ ମନା କରିଦେବ ?"

"ତୁମେ କଣ ଭାବୁଛ ପ୍ରଜାଗଣ ନୀରବ ରହିବେ ?" କୁଟୀରର ଅନ୍ୟ କୋଣରେ ବସି ଥିବା ଯୋଗେନ୍ଦ୍ର ଗୌତମକୁ ଲକ୍ଷ୍ୟକରି କହିଲା । ଗୌତମ ଘାବରି ହୋଇ ତା ଆଡ଼କୁ ଅନାଇଲା ।

ମଗଧର ରାଜନୈତିକ ସ୍ଥିତି ସମ୍ପର୍କରେ ଜୋର୍‌ସୋର୍‌ରେ ପୁଣି ଆଲୋଚନା ଚାଲିଲା ।

ଦ୍ୱିତୀୟ ଦିନ ସନ୍ଧ୍ୟା ସମୟରେ ଗୌତମ ଝରକା ପାଖରେ ବସି ଏକ ଭୂର୍ଜପତ୍ର ପଢ଼ିବାରେ ମଗ୍ନ ଥିବା ସମୟରେ ହରଶଙ୍କର ଆସି ତାର ଦୁଆର ମୁହଁରେ ଉପସ୍ଥିତ ହେଲା ।

"ବ୍ରହ୍ମଚାରୀ ! ମୁଁ କଣ ତୁମ ପବିତ୍ର କୁଟୀରରେ ପ୍ରବେଶ କରିପାରିବି ?"

"ଆସ, ଆସ ଭାଇ ! କିପରି ଆସିଲ ?" ଗୌତମ ଭୂର୍ଜପତ୍ର ପୋଥି ବାନ୍ଧିରଖି ବ୍ୟତିବ୍ୟସ୍ତ ହୋଇ କହିଉଠିଲା, "ମୁଁ ତ ଭାବିଥିଲି ତୁମେ ଚିରଦିନ ପାଇଁ ଲୋପ ପାଇ ଯାଇଛ ।" ଏହା ପରେ ସେ ଘର ଓଳାଇ ବସିବାଲାଗି ଖଣ୍ଡିଏ ଆସନ ବିଛାଇ ଦେଲା ।

"ତୁମକୁ କଣ ତୁମର ଅଭିଳାଷ ବେଶୀ କଷ୍ଟକର ହେଉଛି ?" ହରଶଙ୍କର କିଛି କ୍ଷଣ ପରେ ହଠାତ୍ ପ୍ରଶ୍ନ କଲା ।

"ଅର୍ଥାତ୍ ?"

"ଉଦାହରଣ ସ୍ୱରୂପ ଧର କୌଣସି ଜୈବିକ ଇଚ୍ଛା ।"

Digitized by PPRACHIN, SOA

"ବର୍ତ୍ତମାନ ମୁଁ ତୁମକୁ ଗୋଟିଏ ପ୍ରଶ୍ନ ପଚାରିବା ପାଇଁ ଇଚ୍ଛା କରୁଛି, ଭାଇ ହରିଶଙ୍କର !" ଗୌତମ ଧୀରେ ଧୀରେ କହିବା ଆରମ୍ଭ କଲା, "ଯଦି ମୋର ପୃଷ୍ଠଭୂମି ରକ୍ତାକ୍ତ ହୋଇଥାଏ, ମୋର ଚତୁର୍ଦ୍ଦିଗରେ କେବଳ ରକ୍ତର ସ୍ରୋତ ବୋହୁଥାଏ, ତେବେ ଏପରି ଅବସ୍ଥାରେ ମୁଁ କଣ କରିପାରିବି ? ଏଇ ସମସ୍ତ ରକ୍ତପାତର ପ୍ରାୟଶ୍ଚିତ୍ତ ମୁଁ କିପରି ବା କରି ପାରିବି ? ମୋର ବନ୍ଧୁଗଣ ଯୁଦ୍ଧ କରିବା ପାଇଁ କୃତସଙ୍କଳ୍ପ, ଅଥଚ ମୁଁ ନିଜେ ଯୁଦ୍ଧ କରିବାକୁ ଚାହେଁ ନା ।"

"କିନ୍ତୁ ଏହା ସତ୍ତ୍ୱେ ବି ତୁମକୁ ଯୁଦ୍ଧ କରିବାକୁ ହେବ ।" ହରିଶଙ୍କର ଉତ୍ତର ଦେଇ ପୁନର୍ବାର ପଢ଼ିବାରେ ମନୋନିବେଶ କଲା ।

ବାହାରେ ପଳାଶ ବୃକ୍ଷର ଛାୟା ସବୁ ଦୀର୍ଘରୁ ଦୀର୍ଘତର ହୋଇଥିଲା । ଗୌତମ କିଛି କ୍ଷଣ ହରିଶଙ୍କରର କଥା ଶୁଣିବାକୁ ଅପେକ୍ଷା କଲା । କିନ୍ତୁ ଏହି ବିଚିତ୍ର ଭିକ୍ଷୁ ପୁନର୍ବାର ମୌନ ରହିଲା । ସନ୍ଧ୍ୟା ହୋଇ ଯାଇଥିଲା । ସେ ଦୁହେଁ ଚୁପ୍‌ଚାପ୍ ଝରକା ନିକଟରେ ଦଣ୍ଡାୟମାନ ରହିଥିଲେ ।

"ଜୀବନ ସମ୍ପର୍କରେ ମୋତେ କିଛି କୁହ ।" ଗୌତମ ପୁଣି ଅନୁରୋଧ କଲା ।

"ତୁମ ଜୀବନ କେବଳ ତୁମରି—ମୋ ଜୀବନଠାରୁ ଏକଦମ୍ ଭିନ୍ନ । ମୁଁ ତୁମକୁ କିଛି କହି ପାରିବି ନାହିଁ ।" ହରିଶଙ୍କର କହିଲା ।

ଗୌତମ ଗୃହ କୋଣରୁ ତାଳପତ୍ର ଖଣ୍ଡିଏ ଉଠାଇ ଆଣି କହିଲା, "ତୁମେ ମତେ ଶାନ୍ତି ବିଷୟରେ କିଛି କହ, ମୁଁ ଲେଖିବି । ମୁଁ ବହିର ଦ୍ୱିତୀୟ ପ୍ରକରଣରେ ଏହି ବିଷୟରେ ଲେଖିବାକୁ ଚାହୁଁଛି ।" ଏତିକି କହି ଲେଖନୀ ବାହାର କରି ସେ ଚଟା ପକାଇ ବସିଲା ।

"କିନ୍ତୁ ତୁମ ବହିର ଅନ୍ତିମ ପ୍ରକରଣ ଲେଖିବ କିଏ ?"

"ସମସ୍ତ ଇତିହାସ ଏକ ଅଥଳ ସମୁଦ୍ର ଅଟେ, ଏବଂ ଏହି ବିଶାଳ ସମୁଦ୍ରରେ ତୁମେ ଓ ମୁଁ ଖଣ୍ଡିଏ ଖଣ୍ଡିଏ ପତ୍ର ପରି ଭାସୁଛେ । ଏହା ପୂର୍ବରୁ ଏ ପର୍ଯ୍ୟନ୍ତ ଯାହା କିଛି ମୁଁ ଜାଣିଛି ତାହାର ଉତ୍ତର ଦାୟିତ୍ୱ ମୋ ଉପରେ ଅଛି କି ନାହିଁ ? କୁହ, ମୁଁ କଣ ଲେଖିବି ?" ଗୌତମ ପଚାରିଲା ।

"ସମସ୍ତ ନିର୍ଦ୍ଧାରଣର କୌଣସି ଆବଶ୍ୟକତା ନାହିଁ । ସମସ୍ତ ଘଟଣାବଳୀ ସ୍ୱପ୍ନ ପରି ବିତିଯାଇଛି—ବିତିଯିବ ମଧ୍ୟ"—ହରିଶଙ୍କର କହିଲା ।

"ବିତିଯିବ ନା ବିତୁଥିବ ?" ଗୌତମ ପଚାରିଲା ।

"ଏହା ତୁମ ନିଜର ସମସ୍ୟା"—ହରିଶଙ୍କର କହିଲା ।

"ମତେ ଅହିଂସା ସମ୍ପର୍କରେ କିଛି କହ"— ଗୌତମ ଜିଦ୍‌ଖୋର୍ ପିଲାଙ୍କ ପରି

Digitized by PPRACHIN, SOA

ପଚାରିଲା ।

"ତୁମେ ବ୍ରାହ୍ମଣ ହୋଇ ସୁଦ୍ଧା ଅହିଂସାର ପୂଜାରୀ ହେବାକୁ ଚାହୁଁଛ ?" ହରିଶଙ୍କର ପରିହାସ କରି କହିଲା ।

"ଆଳାର ବୁଦ୍ଧଦେବଙ୍କୁ ଦେଖି କଣ କହିଥିଲେ ତୁମର ମନେଅଛି ?"

"କଣ କହିଥିଲେ ?"

"ଆଳାର ବୁଦ୍ଧଦେବଙ୍କୁ ଦେଖି କହିଥିଲେ, 'ମିତ୍ର ! ତୁମ ପରି ବ୍ୟକ୍ତିଙ୍କର ସଙ୍ଗ ଲାଭ କରିବା ହେତୁ ମୁଁ ବିଶେଷ ଆନନ୍ଦ ଉପଲବ୍ଧି କରୁଛି । ଯେଉଁ ସିଦ୍ଧାନ୍ତ ଓ ବିଦ୍ୟା ମୁଁ ଜାଣିଛି ତାହା ତୁମକୁ ମଧ୍ୟ ଜଣାଅଛି—ଯେଉଁ ସିଦ୍ଧାନ୍ତ ତଥା ବିଦ୍ୟା ତୁମେ ଜାଣିଛ ତାହା ମତେ ମଧ୍ୟ ଜଣା ଅଛି । ଯିଏ ମୁଁ, ସେ ତୁମେ—ଯେ ତୁମେ, ସେ ମଧ୍ୟ ମୁଁ । ସେଥିଲାଗି ମୁଁ ଅନୁରୋଧ କରୁଛି ଯେ ଆସ ଆମେ ଦୁଇଜଣ ମିଶି ସଙ୍ଘର ସଂରକ୍ଷକ ଦାୟିତ୍ୱରେ ରହିବା' ।" ଏତକ କହି ଗୌତମ ମଧ୍ୟ ଚୁପ୍ ହୋଇଗଲା ।

କ୍ଷେତର ଅପରଭାଗରେ ଧୂନି ଜଳା ହୋଇଥିଲା ଏବଂ ଗାଁ ମୁଣ୍ଡ ଚୌପାଢ଼ୀରେ ସଭା ବସିଥିଲା । ଭାଟ ମହାଭାରତ ଗାଥା ଶୁଣାଉଥିଲା । ସନ୍ଧ୍ୟାର ନୀରବତାକୁ ଭେଦକରି ତାହାର କଣ୍ଠସ୍ୱର ପବନରେ ଭାସି ଆସି ଗୌତମର କୁଟୀର ପର୍ଯ୍ୟନ୍ତ ପହଞ୍ଚୁଥିଲା । ବେଳେ ବେଳେ ଜନତାର ପ୍ରଶଂସାସୂଚକ 'ବାଃ ବାଃ' ଧ୍ୱନି ମଧ୍ୟ ଶୁଣାଯାଉଥିଲା ।

"ନୀରବତା ମଧ୍ୟ ନାନା ପ୍ରକାର କଥା ଶୁଣାଏ । ଶବ୍ଦର ସମାପ୍ତି ହେଲେ ସୁଦ୍ଧା ମୋର ମୁକ୍ତି ନାହିଁ ।" ଗୌତମ ନିଜକୁ ନିଜେ କହି ହରିଶଙ୍କର ଆଡ଼କୁ ଅନାଇଲା ।

କିଏ କାହାଠାରୁ ଶ୍ରେଷ୍ଠତର, କିଏ ବା କାହା ଉପରେ ବିଜୟ ଲାଭ କଲା—ଏ କଥା କିଏ ନିର୍ଣ୍ଣୟ କରିପାରିବ ?

କୌରବମାନେ କିଏ ? ପାଣ୍ଡବମାନେ ବା କିଏ ଥିଲେ ?

"ଯଦି ମଗଧ ସହିତ ଯୁଦ୍ଧ ଲାଗିଯାଏ ତେବେ କଣ ତୁମେ ଲଢ଼ିବ ?" ସେ ହଠାତ୍ ଜୋର୍‌ରେ ପଚାରିଲା ।

"ଆମେ କେବଳ ନିଜ ନିଜ ବିଗ୍ରହରହିଁ ପରିଣାମ । ପ୍ରତ୍ୟେକ ମଣିଷର କର୍ମ ଆବଶ୍ୟକତା କିମ୍ବା ଦୁର୍ଘଟଣା ତାର ପ୍ରକୃତି ଯୋଗୁଁ ହିଁ ଘଟିଥାଏ । ସେ ନିଜେ ସ୍ୱାଧୀନ ନୁହେଁ, ତେଣୁ ତାର ଉତ୍ତର-ଦାୟୀ ହେବାର କୌଣସି ଅର୍ଥ ନାହିଁ ।"

ନଦୀରେ ହଠାତ୍ ଅସଂଖ୍ୟ ଆଲୋକମାଳା ଝଲ୍‌ମଲ୍ ହେବାର ଦେଖାଗଲା ।

Digitized by PPRACHIN, SOA

"କୌଣସି ବରଯାତ୍ରୀ ଦଳ ବୋଧହୁଏ ଯାଉଛନ୍ତି"—ଗୌତମ କହିଲା ।

"ହୁଁ ।"

"ଚମ୍ପା ରାଜକୀୟ ନୌକା ଏହି ବାଟରେ ଆସୁଥାଇପାରେ ।"

"ଚାଲ, ବାହାରକୁ ଯିବା"—ହରଶଙ୍କର ହଠାତ୍ ଉତ୍ଫୁଲ୍ଲିତ ହୋଇ କହିଲା ।

ସେ ଦୁହେଁ ଆଶ୍ରମର ଉପବନ ଅତିକ୍ରମ କରି ଗାଁ ରାସ୍ତାରେ ପହଞ୍ଚିଗଲେ ।

ଗୌତମ ଚୁପ୍‌ଚାପ୍ ଶଙ୍କର ସହିତ ଚାଲିଥାଏ । ରାସ୍ତାରେ ଅଟକି ଯାଇ ସେ ଉଦାସ ମନରେ କହିଲା, "ତୁମେ ଅହଂର ପୂଜାରୀ, ତୁମେ ଅନ୍ୟର ଚିନ୍ତା କର ନାହିଁ । ନିଜର ବୁଦ୍ଧି ଦ୍ୱାରା କାହାର ମଙ୍ଗଳ ନ କରି ନିଜେ ନିଜକୁ ପ୍ରତିଷ୍ଠିତ କରିବା ବିଶେଷ ବଡ଼ କଥା ନୁହେଁ । ଅନ୍ୟ ଲୋକ ଯେ କେତେ ଦୁଃଖ କଷ୍ଟ ପାଉଥିବ—ଏଥି ସହିତ ତୁମର କି ସମ୍ବନ୍ଧ ?"

"ଅନ୍ୟର ଦୁଃଖ କଷ୍ଟ ସମ୍ପର୍କରେ ମତେ ସବୁ କଥା ଜଣାଅଛି," ହରଶଙ୍କର ସଂକ୍ଷିପ୍ତ ଉତ୍ତର ଦେଲା, "ଆସ, ସେଠି ଯାଇ ଦେଖିବା କଣ ବ୍ୟାପାର ।"

ଗୌତମ ଚୁପ୍ ହୋଇଗଲା ।

ଆଲୋକ ମଣ୍ଡିତ ନୌକାଗୁଡ଼ିକ ଇତ୍ୟବସରରେ ନଦୀ ପାରି ହୋଇ ଏ କୂଳରେ ପହଞ୍ଚି ସାରିଥିଲା ଏବଂ ଦୂରରୁ ନଦୀ କୂଳରେ ବହୁତ ଭିଡ଼ ଓ କୋଳାହଳ ଶୁଣା ଯାଉଥିଲା । ଗୌତମ ଏକ ପଥଚାରୀକୁ ପଚାରିଲା, "କଣ, କୌଣସି ବରଯାତ୍ରୀ ଦଳ ଆସିଛନ୍ତି ?"

"ନାଁ, ଅଯୋଧାର ରାଜା ଆସିଛନ୍ତି ।" ପଥଚାରୀ ଜଣକ ଉତ୍ତର ଦେଲା ।

ଗୌତମ ଚମକି ପଡ଼ି ଶଙ୍କରକୁ ଡାକିଲା, ମାତ୍ର ଶଙ୍କର ନିଖୋଜ ହୋଇଯାଇ-ଥିଲା । ଚଉପାଢ଼ିରେ ଜମା ହୋଇଥିବା ଭିଡ଼ ମଧ୍ୟରୁ ତାକୁ ଖୋଜି ପାଇବା ଗୌତମ ପକ୍ଷରେ କଠିନ ହୋଇପଡ଼ିଥିଲା ।

ଗୌତମ ଚାଦରକୁ କାନ୍ଧରେ ପକାଇ ନଗର ଅଭିମୁଖରେ ଯାତ୍ରା କଲା ।

ନଗରର କେନ୍ଦ୍ର ସ୍ଥଳରେ ତାର ନିଜ ଗୃହର ଆଲୋକ ଦୃଷ୍ଟିଗୋଚର ହେବା ମାତ୍ରେ ସେ ଅତି ଦ୍ରୁତ ବେଗରେ ନିକଟସ୍ଥ ଗଳି ବାଟ ଦେଇ ନଗର ବାହାରେ ଅବସ୍ଥିତ ଆମ୍ର ବଗିଚା ମଧ୍ୟରେ ଥିବା ଅଟ୍ଟାଳିକା ନିକଟକୁ ଆଗେଇଗଲା ।

ଏକଶତ ବର୍ଷ ପୂର୍ବେ ଆମ୍ରକାନନ ମଧ୍ୟସ୍ଥିତ ଏଇ ଗୃହରେ ଶାକ୍ୟ ମୁନି ଆସି ରହିଥିଲେ । ଗୌତମର ଇଚ୍ଛା ହେଲା ଯେ, ସେ ଏଇ ଗୃହ ଭିତରକୁ ଯାଇ ତାର ଶୀତଳ ଚଟାଣରେ ନୀରବ ହୋଇ ବସି ଧ୍ୟାନ କରିବ ।

କିନ୍ତୁ ଏ ଗୃହ ଆଡ଼କୁ ଯିବା ପରିବର୍ତ୍ତେ ସେ ଗତି ବଦଳାଇ ଧୀରେ ଧୀରେ ନିଜ

Digitized by PPRACHIN, SOA

ଆଗ୍ରମ ଅଭିମୁଖେ ଗ୍ଲଲ୍ ।

ସ୍ୱାଧୀନତା ନାହିଁ । ଖୋଲା ବାତାବରଣରେ, ସ୍ୱର ସାଗରର ତରଙ୍ଗରେ, ବୁଦ୍ଧିର ବସ୍ତାରରେ, କୌଣସିଠାରେ ଡଲେ ବ ସ୍ୱାଧୀନତା ନାହିଁ । ମୁଁ ଏପର ଭାବରେ ବାନ୍ଧ ହୋଇ ପଡ଼ିଛୁ ଯେ, ମୋ ଦ୍ୱାରା କୌଣସି କାମ ହୋଇ ପାରୁ ନାହିଁ । ମୁଁ କିଛୁ କର ପାରୁନାହିଁ । ଏପର କି ହୁନେ ନା ହୁନେ ଇତହାସ ନାମର ନମ ଏବଂ ଦେଶ କାଳ ପାତ୍ର ମତେ ତାଙ୍କ ଗର୍ଭରେ ଲୀନ କରଦେବେ ।

ନଦୀ କୂଳରେ ପହଞ୍ଚି ସେ ଅଣ୍ଟା ଘାସରେ ଶୋଇପଡ଼ିଲା ।

ଉପନଷଦ୍‌ରେ ଅଛୁ, ଯେ କେବଳ ନଜ ଆତ୍ମାର ଆକାଂକ୍ଷା କରେ ତା ପାଇଁ ପିତା ମାତା, ଆତ୍ମୀୟସ୍ୱଜନ, ଏହି ଜଗତ, ଦେବତା, ଶ୍ୱେର, ହତ୍ୟାକାରୀ କେହି କିଛୁ ନୁହନ୍ତି । ସେ ଭଲ ମନ୍ଦ ଚନ୍ତାର ଊର୍ଦ୍ଧ୍ୱରେ । କାରଣ ତାର ମନ ସମସ୍ତ ପ୍ରକାର ସାଂସାରକ ଦୁଃଖ କ୍ଳେଶ ଉପରେ ବଜୟ ପାଇଥାଏ ।

ଶାକ୍ୟ ମୁନ କହୁଥିଲେ—"ଈଶ୍ୱରଙ୍କର ଅସ୍ତିତ୍ୱ ଥାଉ ବା ନ ଥାଉ, ଦୁଃଖର ଅସ୍ତିତ୍ୱ ଅଛୁ, ଏହାହିଁ ନରାଟ୍ ସତ୍ୟ । ଆମ୍ଭେମାନେ ସାପେକ୍ଷତାରେ ବୁଡ଼ି ରହି ମଧ ଆମର ଅସ୍ତିତ୍ୱ ଅଛୁ ବୋଲି ବୁଝୁଛୁ ।

—ପ୍ରତ୍ୟେକ ବସ୍ତୁ ଦୁଃଖର କାରଣ । 'ସର୍ବଂ ଦୁଃଖଂ ଦୁଃଖମ୍' । ଦୀପକୁ ଫୁଙ୍କି ଲିଭାଇ ଦେଲା ପର ମଣିଷ ମଧ ଶେଷ ହୋଇଯାଏ । କେବଳ ଘଟଣା ଓ ଅନୁଭୂତର ନମ ନରନ୍ତର ସ୍ଥିତ ଅଛୁ ଏବଂ ରହିବ ।"

ପାଣିର ଲହଡ଼ି କୂଳ ପର୍ଯ୍ୟନ୍ତ ଆସି ଫେର ଯାଉଥିଲା । ଗୌତମ ନଦୀକୁ ଦେଖିବାକୁ ଲଗିଲା ।

—ମୁଁ ଦୁଃଖ ସହିବାକୁ ଗ୍ରହୁଁଛୁ । ମୁଁ ଦୁର୍ବଳ ହେବାକୁ ଗ୍ରହୁଁଛୁ । ମୁଁ ନଜର ମୂର୍ଖତାକୁ ସ୍ୱୟଂ ଦର୍ଶନ କରବ । ମୁଁ ନଜେ ଦୁଃଖ ଅନୁଭବ କରବ ।

ହୃଦୟ ଏବଂ ମସ୍ତିଷ୍କର ଦୁଃଖ, କ୍ଳେଶ ଏବଂ ପରୀକ୍ଷା ! ମୁଁ ମୁକ୍ତିକାମୀ ନୁହେଁ । ହେ ଶାକ୍ୟମୁନ, କରୁଣା ବହୁତ ମହତ୍ ବଷୟ ଅଟେ । କନ୍ତୁ ବୋଧ ହୁଏ ତୁମ ପ୍ରତ ମୋର କରୁଣାର ଉଦ୍ରେକ ହେଉଛୁ । ପ୍ରଶ୍ନ ହେଉଛୁ—ହେ ପବତ୍ର ରାଜକୁମାର, କଏ କାହା ପ୍ରତ କରୁଣା କରବ ?

Digitized by PPRACHIN, SOA

ଶ୍ରାବସ୍ତୀର ଉତ୍ତରକୁ ଯେଉଁ ରାସ୍ତା ତରାଇ ଜଙ୍ଗଲ ଦେଇ ଯାଇଥିଲା—ତାହାର ଦୁଇ ପାର୍ଶ୍ୱରେ ପଳାଶ ଜାତୀୟ ଗଛ ଅଧିକ ଥିଲା । ନଦୀ ଏଇ ପଳାଶ ଫୁଲ ଫୁଟିଥିବା ଜଙ୍ଗଲ ଭିତରୁ ଅଙ୍କା ବଙ୍କା ହୋଇ ବୋହିଯାଇଥିଲା । ଏହାର ପୂର୍ବବର୍ତ୍ତୀ କୂଳରେ ଥିବା ଘାଟରେ ପୂର୍ବୋକ୍ତ ରାଜକୀୟ ନୌକା ଆସି ରହିଥିଲା ।

ଅଯୋଧ୍ୟା ଓ ଉତ୍ତର କୋଶଳର ଶାସକ ଏବଂ ତାଙ୍କ ଗହଣରେ ଆସିଥିବା ଅନ୍ୟାନ୍ୟ ପାରିଷଦବର୍ଗ ଶିକାର ଉଦ୍ଦେଶ୍ୟରେ ଉତ୍ତର ଦିଗକୁ ଯାତ୍ରାର ଉଦ୍ୟୋଗ କରୁଥିଲେ । କିନ୍ତୁ ରାସ୍ତା ଦେଖାଇବା ଲୋକେ ସମ୍ବାଦ ଦେଲେ ଯେ, ହାତୀ ରହୁଥିବା ଅଞ୍ଚଳରେ ଅତ୍ୟଧିକ ବର୍ଷା ହେବା ଫଳରେ ଶିକାରକୁ ଯିବା ବୃଥା । ଶିକାରକୁ ଯିବା ସ୍ଥଗିତ ହେବାରୁ ନିକଟରେ ରହୁଥିବା ଗୁରୁ ପୁରୁଷୋତ୍ତମଙ୍କ ଆଶ୍ରମକୁ ଯାଇ ତାଙ୍କୁ ଦର୍ଶନ କରିବା ସ୍ଥିର ହେବାରୁ ମହୁଆ ଗଛ ଥିବା ଏକ ଉପବନରେ ତମ୍ବୁ ପଡ଼ିଲା ।

କ୍ଷଣକ ଭିତରେ ଜଙ୍ଗଲର ରୂପ ବଦଳିଗଲା । ହରିଣ, ମୟୂର, ଠେକୁଆ ଯେଉଁଠି ନିର୍ଭୟରେ ଡିଆଁ ମାରୁଥିଲେ, କାଁ ଭାଁ କଦବା କ୍ୱଚିତ୍ ଜଣେ ଅଧେ ବିଦ୍ୟାର୍ଥୀ ଯେଉଁ ଏକପଦୀ ରାସ୍ତାରେ କେବେ କିପରି ଯାଉଥିବାର ଦେଖାଯାଉଥିଲା—ସେହି ସ୍ଥାନରେ ଯେପରି ମେଳା ବସିଗଲା ।

ଏହି ଦଳରେ ଥିବା ସ୍ତ୍ରୀଲୋକମାନେ ବନଯାକ ଉପବନରେ ବୁଲି ସନ୍ଧ୍ୟା ହେଲେ ନଦୀରେ ମନଇଚ୍ଛା ଅବଗାହନ କରୁଥିଲେ । କେବେ କେବେ ଧନୁରେ ଶର ଯୋଖି ହରିଣ ଶିକାର କରୁଥିଲେ ।

ଦୁଇ ତିନି ଦିନ ମଧ୍ୟରେ ଏ ପ୍ରକାର ଜୀବନ ଯାତ୍ରାରେ ଚମ୍ପକ ଅତିଷ୍ଠ ହୋଇ ପଡ଼ିଲା । ତିନିଦିନକାଳ ଜଙ୍ଗଲରେ ତମ୍ବୁ ଭିତରେ ରହି କେବଳ ବୁଲି ଓ ଶିକାର ପ୍ରତି ତାର ବିତୃଷ୍ଣା ହେଲା । ତେଣୁ ରାଜକୁମାରୀ ନିର୍ମଳାକୁ ସଙ୍ଗରେ ଧରି ଚୁପ୍‌ଚାପ୍ ଗ୍ରାମ ଅଭିମୁଖରେ ଯିବାକୁ ଲାଗିଲା ।

ସମ୍ମୁଖରେ ଥିବା ଏକ ବିଶାଳ ଆମ୍ବ ତୋଟା ଅତ୍ୟନ୍ତ ଶୀତଳ ଓ ଶାନ୍ତିଦାୟକ ମନେ ହେଉଥିଲା । ଆକାଶର ଏକ ଅଂଶ ଗୋଲାପୀ ମେଘଦ୍ୱାରା ଆଚ୍ଛନ୍ନ ହୋଇଥିଲା ଏବଂ କୌଣସି ଉଦ୍ୟାନରେ ବଳଦଦ୍ୱାରା କୂଅରୁ ପାଣିକାଢ଼ିବା ଶବ୍ଦ ଶୁଣାଯାଉଥିଲା ।

ନିର୍ମଳା କୌଣସି ସ୍ୱରକୁ କାନେଇବା ପରେ କହିଲା, ''ଚାଲ, ଯେଉଁଠାରୁ ଗୀତର ଶବ୍ଦ ଶୁଣାଯାଉଛି ସେଠାକୁ ଯିବା ।''

ଶୁଖିଲା ପତ୍ର ମାଡ଼ି ସେମାନେ ତୋଟା ଭିତର ଦେଇ ଅଗ୍ରସର ହେଲେ । ଗଛ

Digitized by PPRACHIN, SOA

ସନ୍ଧରୁ କୌଣସି ଆଶ୍ରମର କୁଟୀର ଦୃଷ୍ଟିଗୋଚର ହେଉଥିଲା ।

"ଏଇଟା କେଉଁ ଜାଗା କେଜାଣି," ଚମ୍ପକ କହିଲା । "ଏଇ ଅଗରେ ଯାଉଥିବା ପିଲ୍‌ମାନେ ବା କିଏ ?"—ନିର୍ମଳା ହଠାତ୍ ପ୍ରଶ୍ନ କଲା । ଯେକୌଣସି ଜାଗାରେ କୌଣସି ଶ୍ୱେତ ବସ୍ତ୍ରଧାରୀ ବ୍ରହ୍ମଚାରୀ ଦେଖିଲେ ତାର ନିଜ ଭାଇ କଥା ମନେପଡ଼ିଯାଏ ।

ଗୌତମ-ମିଳାମୃର ଏକାଦିକ୍ରମେ ତିନି ଦିନ ତିନି ରାତି ନଦୀ କୂଳରେ ଲୋକ ଖୋଜି ଭୁଲି ବୁଲୁଥିଲା । ରାତିରେ ସେ ଘଣ୍ଟା ଘଣ୍ଟା ଧରି ନଦୀରେ ଏକଗୋଡ଼ିଆ ହୋଇ ଠିଆ ହେଉଥିଲା, ପୁଣି ବାଲିରେ ଗିଲିକଣ୍ଠା ବିଛାଇ ଶୋଉଥିଲା । କିନ୍ତୁ ଚତୁର୍ଥ ଦିନ ସେ ଏସବୁରେ ଏତେ ବେଶୀ ବିରକ୍ତ ହୋଇଗଲା ଯେ ଶୀଘ୍ର ଫେରିଆସିବା ପାଇଁ ନିଷ୍ପତ୍ତି କରିନେଲା ।

ସନ୍ଧ୍ୟା ସମୟରେ କ୍ଳାନ୍ତ ଅବସ୍ଥାରେ ସେ ଫେରିଆସୁଥିବା ରାସ୍ତାରେ ତାକୁ ପଛରୁ କିଏ ଡାକିଲା ।

ପଛକୁ ଚାହିଁ ଦେଖିଲା—ଅଖିଳେଶ ହସି ହସି ତା ପାଖକୁ ଆସୁଛି ।

"ଭାଇ ଗୌତମ, ଗତ ତିନିଦିନ ହେବ ତୁମେ କୁଆଡ଼େ ଉଭାନ୍ ହୋଇଗଲ ? ତୁମକୁ ଖୋଜିବାପାଇଁ ଚତୁର୍ଦ୍ଦିଗରେ ହୁଲ୍‌ସ୍ଥୁଲ୍ ଅବସ୍ଥା ।"

"ମୁଁ ତ ଏଇଠାରେ ହିଁ ଥିଲି । ଏଇ ସମୟରେ ତୁମେ ଏଠାରେ କଣ କରୁଥିଲ ?"—ଗୌତମ ପଚାରିଲା ।

"ଯାହା ତୁମେ କରୁଥିଲ ତାହାହିଁ ମୁଁ କରୁଛି"—ଅଖିଳେଶ କହିଲା ।

"ମୁଁ ତ ଭଗବାନଙ୍କର ବିଚିତ୍ର ଲୀଳା ଦେଖୁଛି ।"

"ଭଗବାନଙ୍କ ଲୀଳାର ଅନ୍ୟ ଏକ ଝଲକ ତ ମୁଁ କାଲି ଦେଖିଛି । ଧନୁରେ ଶର ଯୋଖି ଏକ ହରିଣ ପଛରେ ଗୋଡ଼ାଉଥିଲି । ମତେ ଦେଖି ସେହିକ୍ଷଣି ଗଛ ଉପରକୁ ଉଠିଗଲା ।"

ଅଖିଳେଶ କଣ କହିବାକୁ ଚାହୁଁଛି ଗୌତମ ଠିକ୍ ବୁଝି ପାରିଲା ନାହିଁ । ସେ ନିର୍ବାକ୍ ହୋଇ ଅଖିଳେଶର ପ୍ରସନ୍ନ ଚେହେରା ଦେଖୁଥିଲା ।

ପବନରେ ଶୁଖିଲା ପତ୍ର ସବୁ ଉଡ଼ିଆସି ଏକପଦୀ ରାସ୍ତା ଏବଂ ତା ଚାରିପାଖରେ ବିଛାଇ ହୋଇଗଲା ।

ଦୂର ଝଙ୍କାଳିଆ ବୁଦା ଉହାଡ଼ରେ କିଏ ଭଜନ ଗାଇ ଗାଇ ଯାଉଥିଲା—'ବନଦେବୀ, ବନଦେବୀ', 'ବନଦେବୀ ତୁମେ ଦୂରରୁ ତୁମର ସୌନ୍ଦର୍ଯ୍ୟର ଝଲକ

Digitized by PPRACHIN, SOA

ଦେଖାଇ ଅଦୃଶ୍ୟ ହୋଇଯାଉଛ । ଥରେହେଲେ ଆମ ଗାଁକୁ ଆସ ଭଲ ! ତୁମେ କଣ ମଣିଷମାନଙ୍କୁ ଡରୁଛ ?'

ଗୌତମ ଓ ଅଖିଳେଶ ମନ୍ଦ ଗନ୍ଧଭରା ପବନକୁ ଉପଭୋଗ କରି ଘାସରେ ଚାଲିବାକୁ ଲାଗିଲେ । ଗୌତମ ଓ ଅଖିଳେଶ ବନଦେବୀଙ୍କ ସ୍ତୁତି ଗାଇ ଗାଇ ଆଗେଇ ଗଲେ । କିଛି ଦୂରରେ ବଂଶୀ ବଜାଉଥିବା ବାଳକମାନଙ୍କର ଏକ ଦଳ ଗାଁଆଡ଼କୁ ଯାଉଥିଲେ । ଗାଁରେ ବହୁତ କୋଳାହଳ ଶୁଣାଯାଉଥିଲା ।

ଶେଷରେ ଗୌତମ ଥକ୍କା ହୋଇ ଏକ ଗଛ ମୂଳରେ ଠିଆ ହୋଇଗଲା ।

ଏକ ଦଗରେ ବନଦେବୀ, ଅନ୍ୟ ଦଗରେ ଅପ୍ସରାଗଣ ଏବଂ ବୃକ୍ଷରେ ବାସ କରୁଥିବା ଯକ୍ଷିଣୀଗଣ । ଦିନ ଓ ରାତିର ମଝିମଝିଆ ସମୟରେ ଗଛ ମୂଳରେ ଠିଆହେବା ନିରାପଦ ନୁହେଁ । ଅଖିଳେଶ କୃତ୍ରିମ ଗାମ୍ଭୀର୍ଯ୍ୟ ସହ କହିଲା—"କାରଣ ବୃକ୍ଷରେ ଥିବା ଯକ୍ଷିଣୀ ସାଧାରଣତଃ ମଣିଷକୁ ଭୁଲାଇ ନେଇଯାଇଥାନ୍ତି । ସାବଧାନ, ଏଠାରେ ଯେପରି ଦ୍ୱିତୀୟ ପାଟଳୀପୁତ୍ରର ମୂଳଦୁଆ ପଡ଼ିବାର ପୁନରାବୃତ୍ତି ନ ହୁଏ ।"

"ଆରେ, ଏ ସାମନାରେ କିଏ ଠିଆ ହୋଇଛି ?" ହଠାତ୍ ହଡ଼ବଡ଼େଇଯାଇ ଦୃଷ୍ଟି ତଳକୁ କରି ଗୌତମ କହିଲା ।

"କିଏ ?" ଅଖିଳେଶ କହିଲା । ମହାଭାରତରେ କବି ପଚାରିଛନ୍ତି—"ଯିଏ କଦମ୍ବଡାଳକୁ ତଳକୁ ନୁଆଁଇଛି ସେ କିଏ—ଦେବତା, ନାଁ କୌଣସି ଯକ୍ଷିଣୀ, ନାଁ ଅପ୍ସରା ? ଏହି ବୃକ୍ଷର ରହସ୍ୟ ବହୁତ ଗଭୀର ଅଟେ, ଗୌତମ !"

"କିପରି ବୃକ୍ଷ ?"

"ଗୌତମ, ତୁମେ ଭୁଲିଯାଉଛ ଯେ ଆମକୁ ସ୍ତ୍ରୀମାନଙ୍କୁ ଅନାଇବାକୁ ଅନୁମତି ମିଳିନାହିଁ !!" ଅଖିଳେଶ ହଠାତ୍ ଗମ୍ଭୀରହୋଇ ଉତ୍ତର ଦେଲା ଏବଂ ଆଖି ବୁଜି ଏକ ଗଛ ଉହାଡ଼ରେ ଛପିଗଲା ।

ଗୌତମ ଚମକିପଡ଼ି ଦ୍ୱିତୀୟ ଥର ସାମନାକୁ ଦେଖିଲା । କଦମ୍ବ ବୃକ୍ଷ ତଳେ ଅଯୋଧ୍ୟା ଘାଟରେ ଦେଖିଥିବା ନାରୀ ଠିଆହୋଇଛି ।

ଚମ୍ପକ ଗୌତମକୁ ନ ଦେଖି ନିର୍ମଳା ସହିତ କଥା କହୁ କହୁ ଅନ୍ୟ ଏକ ରାସ୍ତା ଦେଇ ଚାଲିଗଲା ।

Digitized by PPRACHIN, SOA

ଅଖିଳେଶ ଏକ ପଥର ଉପରେ ବସି ଧ୍ୟାନସ୍ଥ ହୋଇଥିଲା । ଆଖି ଖୋଲି ସେ ଗୌତମକୁ କହିଲା, "ଚାଲ, ଏଥର ଆଶ୍ରମକୁ ଫେରିବା ।"

ସେମାନେ ପୁଣି ଚାଲିବାକୁ ଲାଗିଲେ । ଗାଁ ନିକଟରେ ପହଞ୍ଚି ଗୌତମ ହଠାତ୍ ଅଟକିଯାଇ କହିଲା—"ମୁଁ ଭିକ୍ଷା କରି ସାଙ୍ଗେ ସାଙ୍ଗେ ଫେରୁଛି ।"

ଅଖିଳେଶ କବଳରୁ ଖସି ଯେଉଁ ଦିଗରେ ସେହି ନାରୀମାନେ ଯାଇଥିଲେ ଗୌତମ ସେହିଆଡ଼େ ଯିବାକୁ ଲାଗିଲା । ଦ୍ରୁତ ଗତିରେ ଚାଲିବା ହେତୁ କଣ୍ଟାରେ ତା ଗୋଡ଼ ଛଡ଼ିଯାଇଥିଲା ।

ତମ୍ବୁ ପାଖାପାଖି ପହଞ୍ଚିବା ସମୟରେ ଚମକି ଅନୁଭବ କଲା ସେମାନଙ୍କୁ କିଏ ଯେପରି ଅନୁସରଣ କରୁଛି । କାରଣ ଜାଣିବା ପାଇଁ ସେ ପଛକୁ ଚାହିଁଲା ।

ସେ ହଠାତ୍ ଦେଖିଲା, ପୂର୍ବୋକ୍ତ ଶ୍ୱେତବସ୍ତ୍ରଧାରୀ ବ୍ରହ୍ମଚାରୀ, ଯିଏ କି ସେଦିନ ସରଯୂ ନଦୀରେ ପହଁରି ଯାଇଥିଲେ, ସେ ତା'ଆଗରେ ଠିଆହୋଇଛନ୍ତି ।

"ମୁଁ ଜାଣିଥିଲି ଯେ ଆପଣମାନେ ଅଯୋଧ୍ୟାରୁ ଏଠାକୁ ଆସିଛନ୍ତି । ତେଣୁ ମନେକଲି ଆଜି ଆପଣଙ୍କଠାରୁ ଭିକ୍ଷା ଗ୍ରହଣ କରିବ ।" ଗମ୍ଭୀରଭାବେ ସେ କହିଲା ।

"ଜଙ୍ଗଲରେ ତେବେ ତୁମେ ବନଦେବୀଙ୍କ ସ୍ତୁତି କରୁଥିଲ ?"

"ମୁଁ ନିଜେ କିଏ ସେ କଥା ମୁଁ କହି ପାରିବ ନାହିଁ । ଆଉ ଯିଏ ସ୍ତୁତି କରୁଥିଲା, ସେ ବା କିଏ କିପରି କହିବ ?"

"ତୁମେ କଣ ଚିତ୍ରକର ? ମୁଁ ଶୁଣିଛି ଯେ ପୁରୁଷୋତ୍ତମଙ୍କ ଛାତ୍ର ଗୌତମ ନୀଳାମ୍ବର ଜଣେ ବିଖ୍ୟାତ ଚିତ୍ରକର । ତୁମକୁ ଦେଖି ମନେହେଉଛି ତୁମେ ସେଇ ଗୌତମ ନୀଳାମ୍ବର । ନାମର ରହସ୍ୟକୁ ମୁଁ ବହୁତ ବିଶ୍ୱାସ କରେ । ତୁମେ କଣ ଏହା ବିଶ୍ୱାସ କର ନାହିଁ ?"

"ଏ ହତଭାଗା ସେଇ ଗୌତମ ନୀଳାମ୍ବର, ଯାହା ବିଷୟରେ କଦବା କ୍ୱଚିତ୍ କିଛି ଅଳ୍ପ ଲୋକେ ଆଲୋଚନା କରିଥାନ୍ତି ।"

"ତେବେ ତୁମେ କଣ ମୋର ଚିତ୍ର ଆଙ୍କିବ ? ଆଜି ସକାଳୁ ଏଠାକୁ ବହୁତ ଚିତ୍ରକର ଆସିଥିଲେ ।"

"ମୁଁ ମୂର୍ତ୍ତିକାର ଅଟେ—କେବଳ କଳ୍ପନାପ୍ରସୂତ । ମନର ସଙ୍କେତ ଓ ଆହ୍ୱାନ ହିଁ ମତେ ଚିତ୍ର ଆଙ୍କିବାକୁ ପ୍ରେରଣା ଦେଇଥାଏ । ସ୍ୱୟଂ ବିଶ୍ୱକର୍ମା ମୋର କୃତିକୁ ପ୍ରଶଂସା କରିବେ ।" ଟିକେ ଗର୍ବିତ ହୋଇ ସେ କହିଲା ।

"ତେବେ ତୁମେ ନାସ୍ତିକ ନୁହଁ ? କିନ୍ତୁ ଆଜିକାଲିର ବିଦ୍ୟାର୍ଥୀଗଣ କପିଳ ଓ ଶାକ୍ୟମୁନିଙ୍କ ଦର୍ଶନରେ ବିଶେଷରୂପେ ପ୍ରଭାବାନ୍ୱିତ ଅଟନ୍ତି ।"

Digitized by PPRACHIN, SOA

"ମତେ ଶୀଘ୍ର ଭିକ୍ଷା ଦେଇ ବିଦାୟ ଦିଅନ୍ତୁ । ବିଳମ୍ବ ହେଉଛି ।" ଟିକେ ବିରକ୍ତ ହୋଇ ସେ କହିଲା ।

ଏହି ନାରୀଙ୍କୁ ଦ୍ୱିତୀୟ ଥର ଦେଖିବା ନିମନ୍ତେ ସେ ମାସ ମାସ ଧରି କେତେ ନ ବୁଲିଛି ଅଥଚ ଏବେ ସେ ତା ଆଗରେ ଠିଆ ହୋଇଛି କିନ୍ତୁ ସେ ତାହା ସହି ପାରୁନି । କାରଣ, ହଠାତ୍ ସେ ଅନୁଭବ କରୁଚି ଯେପରି ସେ ତାର ଏକାନ୍ତ ଭାବେ ନିଜର—ତାର ନିଜ ଅସ୍ତିତ୍ୱ, ହୃଦୟ ଓ ମନର ଏକ ଅଂଶ । ଏଠାରେ ଦ୍ୱୈତ ଭାବର ପ୍ରଶ୍ନ ନାହିଁ । ଏଠି କୌଣସି ପ୍ରକାର ସଙ୍କୋଚ, ପର ଆପଣା ଭାବ ଏବଂ ଲଜ୍ଜାର ଉଠିଲେ ମାତ୍ର ପ୍ରଶ୍ନ ଉଠିନି । ସେ ଯେପରି ଅନାଦି ଅନନ୍ତ କାଳରୁ ହିଁ ତାକୁ ଜାଣିଛି ।

ଏତେବେଳକେ ଯାଇ ସେ ଦ୍ୱିତୀୟା ନାରୀ ଆଡ଼କୁ ଅନାଇଲା । ଟିକେ ନିରୀକ୍ଷଣ କରିବା ଉତ୍ତାରେ ସେ ଜାଣିଲା ଯେ ଏଇ ଜଣକ ହେଉଛି ହରଶଙ୍କରର ଭଉଣୀ ।

ଚମ୍ପକ ଶିବିର ଭିତରକୁ ଯାଇ ଭିକ୍ଷା ଆଣି ଗୌତମର ଭିକ୍ଷାପାତ୍ରରେ ଅଜାଡ଼ି-ଦେଲା ।

"ଏବେ ଯାଅ—ପୁଣି କେବେ ସୁବିଧା ଦେଖି ଆସିବ ।" ଖୁବ୍ ଧୀରେ ଚମ୍ପକ ଏତକ ତାକୁ କହିଲା ।

ଗୌତମ ସେମାନଙ୍କୁ ନମସ୍କାର ଜଣାଇ ଗୁଡ଼ଉଣୀ ବାହାରକୁ ଚାଲି ଆସିଲା । ସେ ଠିକ୍‌ରୂପେ ସେମାନଙ୍କର ପରିଚୟ ଠଉରି କରି ପାରୁ ନଥିଲା । ଅଯୋଧ୍ୟାର ରାଜାଙ୍କ ସହିତ ଏମାନଙ୍କର କି ପ୍ରକାର ସମ୍ପର୍କ ହୋଇପାରେ ? ଶିବିରରେ ଥିବା ଅନ୍ୟାନ୍ୟ ମହିଳାମାନଙ୍କଠାରୁ ଏମାନେ ସ୍ୱତନ୍ତ୍ର ଏବଂ ବିଶିଷ୍ଟା ଥିଲେ ।

"ଏ ଦୁହେଁ କିଏ ?" ଖୁବ୍ ସାହସ କରି ସେ ଗୋଟିଏ ବୃଦ୍ଧାକୁ ପଚାରିଲା । ବୃଦ୍ଧା ସ୍ୱାର ପ୍ରଶ୍ନରେ ସନ୍ଦିହାନ ହୋଇ କହିଲା, "ତତେ ଦେଖିଲେ ବ୍ରହ୍ମଚାରୀ ବୋଲି ମନେ ହେଉଛି । ତେବେ ତୁ କାହିଁକି ରାଜଗୁରୁ କନ୍ୟା ଚମ୍ପାବତୀ ଏବଂ ଅଯୋଧ୍ୟାର ରାଜକନ୍ୟା ନିର୍ମଳାଙ୍କ ବିଷୟରେ ଜାଣିବାକୁ ଏତେ ଆଗ୍ରହୀ ? ଏ ଦୁହେଁ ରାଜାଙ୍କ ସହିତ ହାତୀ ଖେଦା ଦେଖିବାକୁ ଆସିଛନ୍ତି । ଆଉ ଶୁଣ—ତୁ କେବେହେଲେ ସ୍ୱାଡ଼େ ଆଉ ଆସିବାର ଦୁଃସାହସ କରିବୁ ନାହିଁ । ଆଜିକାଲି ବ୍ରହ୍ମଚାରୀ, ସନ୍ନ୍ୟାସୀଙ୍କ ବେଶରେ ଚୋର ଡାକୁମାନେ ଚୋରି କରିବା ଉଦ୍ଦେଶ୍ୟରେ ବୁଲୁଛନ୍ତି ।"

"ବଦ୍‌ମାସ ବୁଢ଼ୀ !" ଖୁବ୍ ଆକ୍ଷେପକରି ଏ କଥା ପଦକ କହି ଗୌତମ ଆଶ୍ରମ ଅଭିମୁଖରେ ଚାଲିଲା ।

ଦ୍ୱିତୀୟ ଦିନ ଚାରିଦର ଯୋଡ଼ହୋଇ ସେ ପୁନର୍ବାର ଶିବିର ଆଡ଼କୁ ଆସିଲା ।

Digitized by PPRACHIN, SOA

ଗୃହପଟେ ବହୁତ ଖୋଜିଲା, ମାତ୍ର କାହାକୁ ଦେଖି ପାରିଲା ନାହିଁ । ରାଜପରିବାରର ଝିଅ ବୋହୂମାନେ ସାଧାରଣତଃ ବାହାରକୁ ବିଶେଷ ଆସନ୍ତି ନାହିଁ । ହୁଏତ ଜରଗୃନ୍ଦୁଆ ତଳେ ବସି ସିଏ ଶୁଆ ପଢ଼ାଉ ଥିବେ ! କାରଣ ସେ ଶୁଣିଥିଲା, ବଡ଼ଲୋକ ଘରର ଝିଅ ବୋହୂମାନଙ୍କ ମୁଖ୍ୟ ମନୋରଞ୍ଜନ ହେଲା ବସି ବସି ଶୁଆକୁ ପାଠ ପଢ଼ାଇବା । ଏ କଥା ଚିନ୍ତା କରି ମନେ ମନେ ସେ ହସିଲା । ହୁଏତ ସେମାନେ ପାଲିଙ୍କିରେ ବସି ନଗର ପରିକ୍ରମାରେ ବାହାରିଥିବେ ।

"ମୁଁ ଏଇଠି ଅଛି ।" କଦମ୍ବ ଗଛ ଉହାଡ଼ରୁ ସହସା ସେ ବାହାରି ଆସି ତାକୁ ଚମକାଇ ଦେଲା ।

"ତୁମେ ଏତେ ଉଦାସ କାହିଁକି ? ଏ ପ୍ରକାର ଉଦାସୀନତାରେ ମୋର ବିରକ୍ତି ଆସିଲାଣି । ଗତକାଲିଠାରୁ ନିର୍ମଳା ମଧ୍ୟ ବହୁତ ଦୁଃଖିତ ଅଛି !"

"ନିର୍ମଳା କାହିଁକି ଦୁଃଖିତ ଅଛି ?"

"ତାର ଭାଇ ରାଜସିଂହାସନ ତ୍ୟାଗ କରି ନିରୁଦ୍ଦିଷ୍ଟ ହୋଇଛି । କାଲି ତୁମକୁ ଦେଖିବା ପରଠାରୁ ତାକୁ ତାର ଏକମାତ୍ର ଭାଇର କଥା ମନେପଡ଼ୁଛି ।"

"ଭିକ୍ଷୁ ଆନନ୍ଦ ସିଦ୍ଧାର୍ଥଙ୍କର ପଦେ କଥାରେ ନିଜର ପ୍ରିୟତମା ସ୍ତ୍ରୀକୁ ତ୍ୟାଗ କରିଥିଲେ ବୋଲି ଶୁଣିଛି !" ସେ ନୀରବ ରହିଲା ।

"ଆଚ୍ଛା, ଏବେ ଯଦି ଆନନ୍ଦ ଫେରିଆସନ୍ତି ! ଏ ପର୍ଯ୍ୟନ୍ତ ଅବଶ୍ୟ ସେ ପୂର୍ଣ୍ଣରୂପେ ସିଦ୍ଧି ପାଇ ନାହାନ୍ତି । ତେଣୁ ତାଙ୍କୁ ବାରମ୍ବାର ଫେରିଆସିବାକୁ ପଡ଼ୁଛି ।"

"ଇଏତ ବହୁତ ଖରାପ ଖବର ଦେଲ !" ଚମ୍ପକ କହିଲା । "ମୋକ୍ଷ ଲାଭ କରିବା ସବୁଠାରୁ ବଡ଼ କଥା । ତାଙ୍କୁ ପଚାରିବ, ଶାକ୍ୟମୁନି ମହାମତିଙ୍କୁ କଣ କହିଥିଲେ, ସେ କଥା କଣ ସେ ପାସୋରିଦେଲେ ?"

"କଣ କହିଥିଲେ"—ଗୌତମ ଚଞ୍ଚଳ ଉଠି ପଚାରିଲା ।

ଶାକ୍ୟମୁନି କହିଥିଲେ—"ହେ ମହାମତି, ନାଟକରେ ନୃତ୍ୟ, ଗୀତ, ବୀଣା ବାଦନ, ଚିତ୍ରକାରୀ ପ୍ରଭୃତି ନାନା ପ୍ରକାର କଳାରେ କୁଶଳତା ଧୀରେ ଧୀରେ ପ୍ରାପ୍ତ ହୁଏ । ସେହିପରି ସିଦ୍ଧି ମଧ୍ୟ ଗୋଟିଏ ଦିନରେ ମଣିଷ ହୋଇ ପାରେ ନାହିଁ । ଆମ ମହାରାଜକୁମାର ତ ତ୍ୟାଗ ମାର୍ଗକୁ ଏକପ୍ରକାର ଗୃହକଳା ବୋଲି ଭାବିଛନ୍ତି ।"

କଥା କହୁ କହୁ ସେ ଦୁହେଁ ଶିବିର ପଛପଟେ ଥିବା ମୁଣ୍ଡିଆ ଉପରେ ବସିଥିଲେ ।

"ଚାଲ ମୁଁ ତୁମକୁ ଆଜି ମୋର ଅଙ୍କିତ ଚିତ୍ର ଦେଖାଇବି ।"

"ସେଥିରେ ମୋର କଅଣ ଲାଭ ହେବ ?" ସେ କୌତୁକ କରି କହିଲା ।

"ତୁମେ ଭାବିଛ ଯେ ଅନ୍ୟାନ୍ୟ ସବୁ ବିଦ୍ୟାର୍ଥୀଙ୍କ ପରି ମୁଁ ଏକ ଅଯଥା କଳ୍ପନା

Digitized by PPRACHIN, SOA

ବହାଘା ବେକାର ଯୁବକ ବୋଲି ! କିନ୍ତୁ ଦିନ ଆସୁଛି ଯେତେବେଳେ ତୁମେ ଶୁଣିବ ଯେ ଶ୍ରାବସ୍ତୀର ଗୌତମ ମାଳାମ୍ବର ଚନ୍ଦ୍ରକଳାର ଏକ ବିଖ୍ୟାତ ଅଗ୍ରଣୀ ହୋଇଛି ।" ପିଲମାନଙ୍କପରି ଅସହିଷ୍ଣୁତା ସହ ସେ ଏତିକି କହି ଚମ୍ପକ ଆଡ଼କୁ ଅନାଇ ଦେଖିଲା ଏ କଥାର ପ୍ରତିକ୍ରିୟା କଅଣ ହେଉଛି । ମାତ୍ର ସେ ମୁଣ୍ଡିଆ ଉପରେ ଚୁପ୍ ଚାପ୍ ବସି ଦଶ ବର୍ଷ ତଳର କଥା ମନେ କରୁଥିଲା । ଠିକ୍ ଏଇପରି ଢଙ୍ଗରେ ହରି ତାକୁ କହିଥିଲା—ତୁମେ ମୋତେ ବେକାର ତଥା କଳ୍ପନାବିହାରୀ ବୋଲି ଯାହା ଭାବୁଛ ମୁଁ ଜମା ତାହା ନୁହେଁ । ତୁମେ ନିଶ୍ଚୟ ଦିନେ ନା ଦିନେ ଶୁଣିବ ଯେ, ଅଯୋଧ୍ୟାର ମହାରାଜକୁମାର ବହୁତ ବିଖ୍ୟାତ ଗଣିତଜ୍ଞ ହୋଇଛନ୍ତି ।

ଅଭିବ୍ୟକ୍ତ ଉଦ୍ଦେଶ୍ୟ ଠାରୁ ଅଲଗା, ତୃଷିତ ମୃଗ ମରୁଭୂମିରେ ମୃଗତୃଷ୍ଣା ଦେଖିବା ପରି, ଆତ୍ମା କାମନାର ବଶବର୍ତ୍ତୀ ହୋଇ ଏ ସୃଷ୍ଟିର ସମସ୍ତ କିଛି ତାହାଙ୍କୁ ମୃଗତୃଷ୍ଣା ପରି ଦେଖାଯାଏ ବୋଲି ବେଦାନ୍ତରେ କୁହାଯାଇଛି । ସେଇ ମୃଗତୃଷ୍ଣା ମତେ, ହରିକୁ ବହୁତ କଷ୍ଟ ଦେଇଛି ।

ଉଦ୍ଦେଶ୍ୟ କଣ ? ମୂଳ ଉଦ୍ଦେଶ୍ୟ କଣ ହୋଇପାରେ ? ସେ ମୁଣ୍ଡିଆ ଉପରୁ ଉଠି ଠିଆ ହେଲା ଏବଂ କହିଲା, "ଯଦି ତୁମର ତୁମ ଆନନ୍ଦ ସହିତ କେବେ ଭେଟ ହୁଏ ତାହେଲେ ତାକୁ ତୁମେ କହିଦେବ ଯେ, ସୁନ୍ଦରୀ ମୃଗତୃଷ୍ଣାରୁ ମଧ୍ୟ ପୂର୍ଣ୍ଣରୂପେ ମୁକ୍ତି ପାଇ ଗଲଣି । ତାର ଚିନ୍ତା କରିବା ଦରକାର ହେବନି ।"

"ତୁମେ ? ତେବେ କଣ ତୁମେ ସଂଘରେ ଯୋଗ ଦେବା କଥା ସତ ?"

"ହୁଏତ ! ଛାଡ଼ କଣ ? ଏଇଟା ମଧ୍ୟ ଅନୁଭବ କରି ଦେଖିବାକୁ ହେବ ।"

"ଚମ୍ପକ, ତୁମର ବୟସ କେତେ ?"

"କେତେ ଶହ ବର୍ଷ ହେବ—ମୋର ଠିକ୍ ମନେପଡ଼ୁନି ।" ଏତିକି କହି ଚମ୍ପକ ହସି ଉଠିଲା ।

"କିଛି ଦିନ ତଳେ ଭିକ୍ଷୁ ଏବଂ ଅର୍ଜୁନଙ୍କ କଥା ବୋଲୁଥିବା ବେଳେ ମୋର କେବଳ ମନେହେଉଥିଲା ଚିତ୍ରାଙ୍ଗଦା ତଥା ଉଲୁପୀ କିପରି ହୋଇଥିବେ ?"

"ମୋତେ ଦେଖି ତୁମେ ଜାଣିଗଲ, ନା ? ତୁମେ ତ ପ୍ରକୃତରେ ମୂର୍ତ୍ତିକାର ଅଟ ।"

"ହଁ, ତୁମର କିନ୍ତୁ ଜାଣିବା ଉଚିତ ଯେ ପ୍ରତ୍ୟେକ କଳାକୃତି ନାମ ଓ ରୂପର ସଂମିଶ୍ରଣ ଅଟେ । ଗୋଟିକର କାନ ଓ ଅନ୍ୟଟିର ଚକ୍ଷୁ ସହିତ ପରିଚୟ ହୋଇଥାଏ ।"

"କିନ୍ତୁ ଯେଉଁ ବସ୍ତୁ ବିଶୁଦ୍ଧ ଗୁଣର ଅଟେ, ଯାହାକୁ ବୁଦ୍ଧି ଦ୍ୱାରା ବୁଝାଯାଏ, ତାକୁ ଅନୁଭବ କରି ହୁଏ ନାହିଁ । ନଚେତ୍ ତୁମେ ନିଜେ ସ୍ୱୟଂ ନିଜ ଦୃଷ୍ଟିକୋଣକୁ ଖଣ୍ଡନ କରୁଛ ।"

Digitized by PPRACHIN, SOA

"ବିଶୁଦ୍ଧ ରୂପ କେବଳ ଗୁଣ ଅଟେ, ସଂଯୋଜନ ନୁହେଁ ।" ଗୌତମ ଉତ୍ତର ଦେଲ । "କୌଣସି ଭୌତିକ ଲକ୍ଷଣଦ୍ୱାରା ତାକୁ ସଙ୍କେତ କରାଯାଇପାରେ, କିନ୍ତୁ ତାକୁ ଭୌତିକ ଲକ୍ଷଣ ସଦୃଶ ବୁଝାଯାଇ ପାରିବ ନାହିଁ ।"

"ଆକାଶେ ରୂପମ୍ ଲକ୍ଷଣମ୍"—ଚମ୍ପକ ହସିକରି କହିଲା ।

"ବିଶୁଦ୍ଧ ରୂପ ଅସ୍ତିତ୍ୱର ହିଁ ବ୍ୟାଖ୍ୟା କରିଥାଏ—ସ୍ୱୟଂ ତାର ଅସ୍ତିତ୍ୱ ନୁହେଁ ।" ଗୌତମ ଉତ୍ତେଜିତ ହୋଇ କହିଲା ।

"ତୁମେ କଣ ହେବାକୁ ଚାହୁଁଛ ?"

"ହନେ ନା ହନେ ତୁମକୁ ନିଶ୍ଚୟ ମୁଁ କହିବି ମୁଁ କଅଣ ହେବାକୁ ଚାହୁଁଛି !!"

ପଛରୁ ନିର୍ମଳା ଶ୍ୱେତ ଫୁଲ ଏକ ଗୁଙ୍ଗୁଡ଼ି ନେଇ ପହଞ୍ଚିଲା । ଗୌତମକୁ ଦେଖି ଗୁଙ୍ଗୁଡ଼ି ତଳେ ରଖି ସେ ଦୁଇହାତଯୋଡ଼ି ନମସ୍କାର କଲା ଏବଂ ଗୌତମ ତାକୁ ଆଶୀର୍ବାଦ କରି ଫେରିଆସିଲା ।

ଯେଉଁମାନଙ୍କର ଶାନ୍ତି ପ୍ରାପ୍ତି ହୋଇଛି ପ୍ରକୃତରେ ସେମାନେ ଧନ୍ୟ । ଚମ୍ପକ ନିଜ ମନରେ ଏ କଥା ପୁନରାବୃତ୍ତି କରୁଥିଲ । ଗୌତମ ସିଦ୍ଧାର୍ଥ ଗୟାରେ ଦେଇଥିବା ପ୍ରବଚନ ତାର ମନେପଡ଼ିଲ—

"ସମସ୍ତ ପଦାର୍ଥରେ, ହେ ପୁରୋହିତ, ନିଆଁ ଲଗିଛି । ଚକ୍ଷୁ ମଧ୍ୟ ଏ ଅଗ୍ନିରେ ଜଳୁଛି । ଏବଂ ଏଥି ସହିତ ମଣିଷର ଆକାର ପ୍ରକାର, ଦୃଷ୍ଟି, ଇନ୍ଦ୍ରିୟ ସମ୍ବନ୍ଧୀତ ବିଷୟ, କ୍ଷୁଧା, ତୃଷ୍ଣା, ଶବ୍ଦ, ଗନ୍ଧ, ବୁଦ୍ଧି, ବିବେକ, ମସ୍ତିଷ୍କ, ବିଚାରଧାରା, ଶରୀର ଆଦି ସମସ୍ତ କିଛି ଏଇ ଅଗ୍ନିରେ ଜଳୁଛି । ଘୃଣା ତଥା ଭଲପାଇବା, ଜନ୍ମ, ବୃଦ୍ଧାବସ୍ଥା ତଥା ମୃତ୍ୟୁ, ଶୋକ, ଦୁଃଖ ଏବଂ ନିରାଶା ଏ ପ୍ରକାର ଅଗ୍ନି ସୃଷ୍ଟି କରିଛି ।"

ଗୌତମ ନିଜ ଗୁରୁ ଆଶ୍ରମକୁ ଫେରିଯାଇଥିଲ । ପୂର୍ବଦିଗରୁ ପବନ ହେଉଥିଲ । କେତୋଟି ଭିକ୍ଷୁଣୀ ଭିକ୍ଷାପାତ୍ର ନେଇ ଶାନ୍ତ ସମାହିତ ଭାବରେ ନିଜ ନିଜ କୁଟୀର ଅଭିମୁଖରେ ଯାଉଥିଲେ । ସେମାନେ ପ୍ରବ୍ରଜ୍ୟା ଗ୍ରହଣ କରିଥିଲେ । ଯେଉଁ ମାର୍ଗରେ ସେମାନେ ଅଗ୍ରସର ହୋଇସାରିଥିଲେ ସେଥିରୁ ଫେରିବାର ଆଉ ବାଟ ନଥିଲ । ଚମ୍ପକ ଭାବୁଥିଲ—ମୁଁ ମଧ୍ୟ ପ୍ରବ୍ରଜ୍ୟା ଗ୍ରହଣ କଲେ କିପରି ହୁଅନ୍ତା ?

Digitized by PPRACHIN, SOA

୪

"ସ୍ତ୍ରୀମାନଙ୍କ ପ୍ରତି ଦୃଷ୍ଟିକୋଣ କିପରି ହେବା ଉଚିତ ?" ଏ ସମ୍ବନ୍ଧରେ ଶହେ ବର୍ଷ ପୂର୍ବେ ଶ୍ରାବସ୍ତୀରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ପଚରାଯାଇଥିଲା ।

ଏହାର ଉତ୍ତରରେ ବୁଦ୍ଧଦେବ ଆନନ୍ଦଙ୍କୁ କହିଥିଲେ, "ସେମାନଙ୍କ ଆଡ଼କୁ ଅନାଇବ ମଧ୍ୟ ନାହିଁ ।"

"କିନ୍ତୁ ଧରନ୍ତୁ ଯଦି ସେମାନଙ୍କ ଆଡ଼କୁ ଦୃଷ୍ଟି ଚାଲିଯିବ ?"

"ସେମାନଙ୍କ ସହିତ କଥା ଆଳାପ କରିବ ନାହିଁ ।"

"କିନ୍ତୁ ସେମାନେ ଯଦି ସ୍ୱତଃପ୍ରବୃତ୍ତ ହୋଇ ଆମ୍ଭମାନଙ୍କ ସହିତ କଥାବାର୍ତ୍ତା କରନ୍ତି, ତେବେ ?"

"ସବୁବେଳେ ଜାଗ୍ରତ ଥିବ ।"

କେତେ ଦିନ ରାତି କ୍ରମାଗତ ଅନିଦ୍ରା ରହିବା ପରେ ଗୌତମ ହଠାତ୍ ଢୁଲାଉ ଢୁଲାଉ ପୁନର୍ବାର ଚେତା ହୋଇ ନିଜ ଆଖି ଖୋଲି ରଖିଲା ।

ରାଜକୀୟ ଶିବିରଆଡ଼ୁ ଖୁବ୍ ଜୋର୍‌ରେ ଝାଞ୍ଜ ଏବଂ ଘୁଙ୍ଗୁରର ଶବ୍ଦ ଶୁଣାଯାଉ-ଥିଲା । ଚତୁର୍ଦ୍ଦଶୀର ଚନ୍ଦ୍ର କିରଣରେ ଆଶ୍ରମ ଏବଂ ଆଖପାଖ ଅଞ୍ଚଳ ଦୁଧରେ ଧୁଆ ହେଲା ପରି ଶାନ୍ତ, ନିର୍ମଳ ଦିଶୁଥିଲା । ଆଶ୍ରମର କୌଣସି କୌଣସି କୁଟୀର ମଧ୍ୟରୁ ପ୍ରଦୀପର ଆଲୋକ ଦେଖା ଯାଉଥିଲା । ଗୌତମ ବ୍ୟତୀତ ଅନ୍ୟ ସବୁ ଭିକ୍ଷୁମାନେ ପ୍ରାୟ ଗଭୀର ନିଦ୍ରାରେ ମଗ୍ନ ଥିଲେ ।

ଚୁପ୍‌ଚାପ୍ ଉଠି, କାନ୍ଧରେ ଚାଦର ପକାଇ, ସେ ଆଶ୍ରମରୁ ବାହାରି ମହୁଆ ଜଙ୍ଗଲ ଆଡ଼କୁ ଚାଲିଲା । ତା ପାଦ ଶୁଖିଲା ପତ୍ରରେ ପଡ଼ ଶବ୍ଦ ହେଉଥିଲା । କେହି ଯେପରି ତାକୁ ଚିହ୍ନି ପାରିବେ ନାହିଁ ସେଥିପ୍ରତି ହୁସିଆର ହୋଇ ଆଗେଇ ଯାଇ ମଶାଲ ଆଲୋକରେ ଆଲୋକିତ ମହୁଆ ତୋଟାରେ ପ୍ରବେଶ କଲା । ତୋଟା ମଝିରେ ମଣ୍ଡପ ଉପରେ ଗୋଟିଏ କଡ଼କୁ ଗୀତ ଗାଉଥିବା ଝିଅମାନେ ସୁରମଣ୍ଡଳ, ଝାଞ୍ଜ ଆଦି ବାଦ୍ୟ ନେଇ ବସିଥିଲେ ।

ହଠାତ୍ ଗତ କାଲିର ବୁଢ଼ୀ, ଯେ କି ତାକୁ ଗାଳି ଦେଇଥିଲା, ତା ଉପରେ ଗୌତମର ଦୃଷ୍ଟି ପଡ଼ିଲା । ଟିକିଏ ଡରିଯାଇ ତମ୍ବୁ ଆଢ଼ୁଆଳରେ ଥାଇ ସେ ଗୋଟିଏ ଝିଅର ନାଚ ଦେଖିବାକୁ ଲାଗିଲା ।

Digitized by PPRACHIN, SOA

ଏକ ନବଯୁବକ ତମ୍ବୁ ପଛପଟୁ ସହସା ବାହାର ମଣ୍ଡପ ଉପରକୁ ଆସି ଘୁଂଘୁର ବାନ୍ଧିଲା ଏବଂ ନିଜର ଶ୍ୱେତ ଚଦର ଫୋପାଡ଼ିଦେଇ ମୁକ୍ତ ଓ ଆନନ୍ଦ ଭାବରେ ତାଣ୍ଡବ ନୃତ୍ୟ କରି ଆଗକୁ ଚାଲିଆସିଲା ।

ଦର୍ଶକଗଣ ହଠାତ୍ ଚମକିଉଠିଥିଲେ, କିନ୍ତୁ ପରେ ମନ୍ତ୍ରମୁଗ୍ଧ ହୋଇ ତାର ନୃତ୍ୟ ଦେଖିଲେ । ମନେହେଉଥିଲା ଯେପରି ନଟରାଜ ସ୍ୱୟଂ ନାଚୁଛନ୍ତି । ଚମ୍ପକ ନାଚୁ ନାଚୁ ଅଟକିଗଲା । ସେ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ନର୍ତ୍ତକକୁ ଦେଖିଲା ।

ମୃଦଙ୍ଗ ଜୋର୍‌ରେ ବାଜୁଥିଲା । ହଠାତ୍ ତାଣ୍ଡବ ନୃତ୍ୟ କରୁ କରୁ ସେ ମଣ୍ଡପ ମଝିକୁ ଚାଲିଆସିଲା ।

ଦର୍ଶକଗଣଙ୍କୁ ସେ ନାଚର ଆଠଗୋଟି ରସ ପ୍ରଦର୍ଶନ କରାଇଲା । ସ୍ୱୟଂ ଶିବଙ୍କ ନାଚ, ଯେଉଁ ନୃତ୍ୟର ମୁଦ୍ରାର ବିକାଶରେ ସଂସାରର ସମସ୍ତ ବିକାଶ କିମ୍ବା ନିହିତ ରହିଛି । ତାଙ୍କର ବାଣୀ ହିଁ ସର୍ବସ୍ୱ । ତାଙ୍କର ବକ୍ଷରେ ଚନ୍ଦ୍ର ଓ ତାରା ରହିଛନ୍ତି । ଶିବ ହେଉଛନ୍ତି ସାକ୍ଷାତ୍ ତାନ, ସାକ୍ଷାତ୍ ସଙ୍ଗୀତ ତଥା ସାର୍ବଭୌମ ଲୟର ଦ୍ୟୋତକ ।

ଚମ୍ପକ ନିଜ ଜାଗାରୁ ଉଠି ନାଚି ନାଚି ତା ନିକଟକୁ ଚାଲିଆସିଲା । ସେ ଯେପରି ସ୍ୱୟଂ ଗୌରୀ ଥିଲା ଏବଂ ମନେହେଉଥିଲା ଯେପରି ଶଙ୍କରଙ୍କ ସହିତ ନୃତ୍ୟ କରୁଛି । ଚନ୍ଦ୍ରକିରଣ ଖୋଲା ପଡ଼ିଆରେ ବିଛୁଡ଼ି ହୋଇ ପଡ଼ିଥିଲା, ଧଳା ବାଦଲର ଛାଇ ନଦୀରେ ପଡ଼ିଥିଲା ଏବଂ ଦୁଗ୍ଧ ଧବଳ ସାରସ ପକ୍ଷୀ ନିଜ ଥଣ୍ଟ ଡେଣାତଳେ ଲୁଚାଇ ବାଲି ଉପରେ ଶୋଇରହିଥିଲା । କାର୍ତ୍ତିକ ମାସର ପୂର୍ଣ୍ଣଚନ୍ଦ୍ର ବଡ଼ ଶୋଭାମୟ ଥିଲା ।

କିନ୍ତୁ ସେ ରାତ୍ରି ସମାପ୍ତ ହେଲା । ଯାତ୍ରା ପର୍ବ ପାଳୁଥିବା ଲୋକଙ୍କ କୋଳାହଳ କମି ଆସିଲା । ଗୀତ ତଥା ଘୁଂଘୁର ଶବ୍ଦ ମଧ୍ୟ ଧୀମେଇଗଲା । ଭୋର ହେଲା ବେଳକୁ ରାଜକୀୟ ଶିବିର ଚୁପ୍‌ଚାପ୍ ହୋଇଯାଇଥିଲା । କେବଳ ନୃତ୍ୟ ମଣ୍ଡପରେ କିଛି ଫୁଲ, ଫୁଲମାଳ ବିଛୁଡ଼ି ହୋଇ ପଡ଼ିଥିଲା ।

ସକାଳ ହେଲା । ହିମାଳୟର ଶୃଙ୍ଗଗୁଡ଼ିକୁ କୁହୁଡ଼ି ଘେରି ରହିଥିଲା । ସରୋବରରେ ଲାଲ ପଦ୍ମଫୁଲ ଫୁଟିଥିଲା । ଗାଁ ରାସ୍ତାରେ ଗଉଡ଼ୁଣୀଙ୍କର ଦୁଧଗରା ସୂର୍ଯ୍ୟକିରଣରେ ଚକ୍‌ଚକ୍ କରୁଥିଲା । ମହୁଆ ଫୁଲରେ ବସୁଥିବା ମହୁମାଛି ବେଳେ ବେଳେ ଆସି ତା କାନ ପାଖରେ ଗୁଣୁ ଗୁଣୁ ହେଉଥିଲେ ମଧ୍ୟ ତା' ନିଦ ଭାଙ୍ଗି ନଥିଲା । କିନ୍ତୁ ଯେତେବେଳେ ସୂର୍ଯ୍ୟ କିରଣ ପ୍ରଖର ହୋଇ ତା ପାଖରେ ପଡ଼ିଲା, ସେତେବେଳେ ସେ

Digitized by PPRACHIN, SOA

ଉଠି ନିଜକୁ ପୋଖରୀର ଭଙ୍ଗା ତୁଠ ଉପରେ ଶୋଇଥିବାର ଦେଖି ବିଶେଷ ଆଶ୍ଚର୍ଯ୍ୟ ଚକିତ ହୋଇଗଲା । ଗତ ରାତ୍ରିର କଥା ମନେପକାଇ ସେ ଭାବିଲା, ତାହା ସ୍ୱପ୍ନ ଥିଲା ନା ସତ୍ୟ ! ବହୁତ ଚିନ୍ତା କରି ମଧ୍ୟ ସେ କିଛି ଅଳକୂଳ ପାଇଲା ନାହିଁ ।

ସେ ଉଠି ହାଇ ମାରି ପୁଣି ବସିପଡ଼ିଲା । ହଠାତ୍ ତାର ଦୃଷ୍ଟି ମହୁଆ ଗଛ ଉପରେ ପଡ଼ିଲା । ଗୋଟିଏ ହରିଣ ଗଛ ପଛଆଡ଼ୁ ଦୌଡ଼ି ପଳାଇଲା । ଗୁଣ୍ଡୁଚିମୂଷା ଗୋଟିଏ ବାଦାମ ଧରି ଦାନ୍ତରେ କେଲୁରୁଥିଲା । ଶୁଆପଲ ଗୋଟିଏ ଗଛରୁ ଅନ୍ୟ ଏକ ଗଛକୁ ଉଡ଼ିଗଲେ । ଜଙ୍ଗଲ ନିସ୍ତବ୍ଧ ହୋଇଗଲା । ସେ ସ୍ତମ୍ଭିତ ଓ ବ୍ୟାକୁଳ ହୋଇ ବସିରହିଥିଲା । ଆସ୍ତେ ଆସ୍ତେ ସ୍ୱପ୍ନପରି ଗତ ରାତ୍ରିର କଥା ତାର ମନେ ପଡ଼ିଲା । ଗତ ରାତ୍ରିରେ ଏଠାରେ ରାଜକୀୟ ଶିବିର ଥିଲା ଏବଂ ସେ ସେଠାରେ ଥିବା ନାଚମଣ୍ଡପରେ ଅନେକ କ୍ଷଣ ଧରି ଅନ୍ୟମାନଙ୍କ ସହିତ ନାଚିଥିଲା । ନାଚି ନାଚି ଯେତେବେଳେ ସେ ଥକିଗଲା ରାଜା ତାକୁ ଡାକି ନିଜ ପାଖ ଆସନରେ ବସାଇଥିଲେ । ସେ ରାଜାଙ୍କ ସହିତ ବସି ଖୁବ୍ ମଦ ଓ ମାଂସ ଖାଇଥିଲା । ରାଜାଙ୍କ ନିକଟରେ ବସି ମଧ୍ୟ ତାର ଦୃଷ୍ଟି ଚମ୍ପକକୁ ଖୋଜୁଥିଲା । ମାତ୍ର ସେ ନାଚ ସମାପ୍ତ ହେବା କ୍ଷଣି ରାଜକୁମାରୀଙ୍କ ଗହଣରେ ଶିବିରର ଅନ୍ତଃପୁରକୁ ଚାଲିଯାଇଥିଲା । ତାର ପ୍ରତୀକ୍ଷାରେ ସେ ରାତି ପାହିବା ପର୍ଯ୍ୟନ୍ତ ସେଠାରେ ବସି ରହିଥିଲା । ଅବଶେଷରେ ମଣ୍ଡପରୁ ବାହାରି ନିଶାଖୋରଙ୍କ ପରି ଅସ୍ଥିର ପଦ ଚାଳନା କରି ଆଶ୍ରମ ଆଡ଼କୁ ଯାଉଥିଲା-ବେଳେ ପ୍ରବଳ ନିଦ୍ରାରେ ଘାରିହୋଇ ସେ ଏଇ ପୋଖରୀ ଘାଟ ଉପରେ ଶୋଇ-ପଡ଼ିଲା । ସକାଳୁ ରାଜକୀୟ ଶିବିର ଉଠାଗଲା ଏବଂ ଯେତେବେଳେ ସମସ୍ତେ ହାତୀ ଖେଦା ଉଦ୍ଦେଶ୍ୟରେ ବାହାରିଲେ, ନିର୍ମଳା ଚମ୍ପକକୁ କହିଲା, "କିପରି ଅଦ୍ଭୁତ ବ୍ରାହ୍ମଣ ! ପରଦିନ ତୁମ ସହିତ ଚନ୍ଦ୍ର ସମ୍ବନ୍ଧରେ ଯୁକ୍ତି କରୁଥିଲା । ରାତିରେ ନଟରାଜଙ୍କ ପରି ନାଚିଲା ! ଏବଂ ବର୍ତ୍ତମାନ ଏକ ନିରୀହ ପିଲା ପରି କିପରି ଶୋଇରହିଛି ! ଯିବା ପୂର୍ବରୁ ଚାଲ ଯାକୁ ଉଠାଇ ବିଦାୟ ନେଇ ଯିବା ।"

ଚମ୍ପକ କିଛି କ୍ଷଣ ଚୁପ୍‌ଚାପ୍ ଠିଆ ରହି କହିଲା, "ନା କିଛି ଦରକାର ନାହିଁ । କାରଣ ଯିଏ ଜାଗ୍ରତ ରହେ ତାକୁ ଦିନେ ନା ଦିନେ ଶୋଇବାକୁ ହୁଏ ଏବଂ ଯିଏ ସବୁବେଳେ ଶୋଇଥାଏ ସିଏ ଦିନେ ନା ଦିନେ ଉଠି ବସେ । ଯେଉଁମାନେ ସର୍ବଦା ଜାଗ୍ରତ ଅଛନ୍ତି ତାଙ୍କ ଆଡ଼କୁ ଦେଖ !" ଏତିକି କହି ସେ ନିଜ ଶିବିକା ଆଡ଼କୁ ଚାଲିଗଲା ।

ବର୍ତ୍ତମାନ ମହୁଆ ତୋଟା ପୂର୍ଣ୍ଣରୂପେ ନିସ୍ତବ୍ଧ ହୋଇଯାଇଥିଲା । ପୋଖରୀ ଘାଟର ପାହାଚ ଉପରେ ବସି ସେ ଚିନ୍ତାମଗ୍ନ ଥିଲା । ଗୋଟିଏ ରାତ୍ରିରେ ଯେପରି

Digitized by PPRACHIN, SOA

ସେ ଅନେକ ବୟସ୍କ ହୋଇଯାଇଥିଲା । ସେ ଯେପରି ହୃଦୟ ରାଜ୍ୟରେ ଭ୍ରମଣ କରିପାରିଥିଲା ! ମାୟାର ଅଧୀନ ହୋଇ ମଧ୍ୟ ତା ମନରେ ଗ୍ଲାନି ନଥିଲା । କିନ୍ତୁ ତାକୁ ଲାଗୁଥିଲା କିପରି ବିଚିତ୍ର ତାର ଜୀବନ—ମନେହେଉଥିଲା ଯେପରି ଶିବଙ୍କ ପରି ସେ ମଧ୍ୟ ଜୀବନର ସମସ୍ତ ହଳାହଳ ପାନ କରିଛି ! ଏହା କିପରି ଏକ ଅଦ୍ଭୁତ ଅନୁଭୂତି ଥିଲା ! ଏ ପ୍ରକାର ପ୍ରତିଯୋଗିତା ତ ସେ କପିଳଙ୍କ ତତ୍ତ୍ୱ ସହିତ କରି ନଥିଲା ! ଆଉ ହରିଣଙ୍କର ସଙ୍ଗୀତ ତ ଦୂରତ୍ୱ ବହୁତ ହୋଇଯାଇଥିଲା ।

କିନ୍ତୁ ଯିବା ସମୟରେ ତ ସେ ତାକୁ ଜାଗ୍ରତ କଲନାହିଁ, କିମ୍ବା ତାଠାରୁ ବିଦାୟ ନେଇ ଗଲା ନାହିଁ ! ତାର ଏପରି ନୀରବ ଗମନରେ ଗୌତମକୁ ବିଶେଷ ଖୁସି ଲାଗିଲା । ସେ ଯେପରି ତୀବ୍ର ଭାବେ ଅନୁଭବ କଲା ଯେ, ସେ ତାଠାରୁ ଅଲଗା ନୁହେଁ ବରଂ ତାର ଅସ୍ତିତ୍ୱ ସହିତ ସେ ସ୍ୱୟଂ ସମ୍ମିଳିତ । ତେଣୁ ଏ ଅବସ୍ଥାରେ ଆଉ ଅଧିକା ବା ସେ ତା ସହିତ କଅଣ କଥା ହୋଇଥାନ୍ତା ! ମୋର ତ ମନେହେଉଛି ସେ ଯେପରି ମୋ ସହିତ ସର୍ବଦା କଥାବାର୍ତ୍ତା କରୁଛି ! କିନ୍ତୁ ମୁଁ ତ ମିଥ୍ୟା—ମୁଁ ତ ନିଜେ ନିଜକୁ ପ୍ରତାରଣା କରୁଛି ! ମୁଁ ତ ମାୟାରୂପୀ ଜାଲର ସାଂଘାତିକ ବନ୍ଧନରେ ବାନ୍ଧି ହୋଇ ପଡ଼ିଛି । ପ୍ରକୃତରେ ତ ସେ ମୋଠାରୁ ବହୁତ ଦୂରରେ—ଏକଦମ୍ ଅଲଗା । ମୁଁ କେଉଁଠି ଆଉ ସେ କେଉଁଠି !

"ଠିକ୍ ଅଛି", ସେ ପୋଖରୀ ପାହାଚରେ ଉପରକୁ ଚଢ଼ୁ ଚଢ଼ୁ କହିଲା (ଯେଉଁ ଜାଗାରେ କି ସେ ଦିନ ସେ ବସିଥିଲା) "ତୁମେ ନିଜ ଥାଟ ନେଇ ହାତୀ ଖେଦାରେ ମାତି ଚାଲିଗଲ । ଆଉ ମୋ ଜୀବନ—ସେ ବି ତୁମ ବ୍ୟତିରେକେ କଟିଯିବ !"

ଚାଲୁ ଚାଲୁ ତାର ହଠାତ୍ ଖିଆଲ ହେଲା ଯେ ଏଇଟା ତାର ଅଧ୍ୟୟନର ଅନ୍ତିମ ବର୍ଷ । ଅଳ୍ପ ଦିନ ମଧ୍ୟରେ ତାର ପିତା ତାକୁ ଘରକୁ ନେବା ପାଇଁ ଆସିବେ । ବିଦା ହେଲା ବେଳକୁ ଗୁରୁ ସେଇ ପୁରୁଣା କଥା ପୁନରାବୃତ୍ତି କରିବେ, "ସଦା ସତ୍ୟ କୁହ ଏବଂ ଧର୍ମ ଆଚରଣ କର (ଧର୍ମ ?) ! ଆଶ୍ରମର ଅନ୍ୟାନ୍ୟ ସାଥୀ ବିଦ୍ୟାର୍ଥୀ ତାକୁ ନଦୀ ଘାଟ ପର୍ଯ୍ୟନ୍ତ ଛାଡ଼ିବାକୁ ଆସିବେ । ସମାଜରେ ପ୍ରତିଷ୍ଠିତ ହେବା ପୂର୍ବରୁ ପଗଡ଼ି ବାନ୍ଧି, ଆଖିରେ ଅଞ୍ଜନ ଲଗାଇ, କାନରେ ମଣି କୁଣ୍ଡଳ ପିନ୍ଧିବ । ହଳଦିଆ ପତାକା ଉଡ଼ାଇ, କାନ୍ଧରେ ଗରମ ଚାଦର ପକାଇ, ଜୋତା ମାଡ଼ି, ମୁଣ୍ଡରେ ପାନିଆ ଖୋସି ଓ ଛତା ଟାଣି ଶ୍ରାବସ୍ତୀର ରାସ୍ତାରେ ସେ ଯିବ । ଅଯୋଧ୍ୟା ତଥା ପାଟଳୀପୁତ୍ରର ରାଜସଭାକୁ ମଧ୍ୟ ସେ ଯିବ, ପୁରୋହିତଗିରି କରିବ । ରାଜାଙ୍କ ମନ୍ତ୍ରିମଣ୍ଡଳରେ ଯୋଗ ଦେଇ ପାରେ, ଅଥଚ ଏଇ ମୂର୍ଖ ଝିଅ ମଗଧର କୌଣସି ଅନାମଧେୟ ବୌଦ୍ଧ ବିହା-ରରେ ମୁଣ୍ଡ ଲଣ୍ଡାକରି ଶାକ୍ୟମୁନିଙ୍କ ଦ୍ୱାରା ପ୍ରଦର୍ଶିତ ନିର୍ବାଣ ପ୍ରାପ୍ତିର ମନ୍ତ୍ର ଜପୁଥିବ !

Digitized by PPRACHIN, SOA

ସେ ଯଦି ନିଜ ପ୍ରତିଭା ନିମନ୍ତେ ଏତେ ଅହଙ୍କାରୀ ହୋଇପାରେ, ତେବେ ମୋ ନିଜ ଶ୍ରେଷ୍ଠତା ନିମନ୍ତେ ମୋର ଗର୍ବ ରହିବା ମଧ୍ୟ ଉଚିତ । କେବଳ ଶିଳ୍ପକଳା ତଥା ଚିତ୍ରକଳାରେ କଅଣ ହେବ ? ମୁଁ ସୂତ୍ରକାର ହୋଇ ନୂଆ ବିଧାନ ତିଆରି କରିବି । ମୋର ଲିଖିତ ନୂଆ ବିଧାନ ଏପରି ହେବ ଯେ ମନୁ, କପିଳ କିମ୍ବା ଜୈମିନି କେହି ମୋର ସମକକ୍ଷ ହୋଇ ପାରିବେ ନାହିଁ । ବଡ଼ ବଡ଼ ପ୍ରତିଭାଶାଳୀଙ୍କୁ ମୁଁ ପରାଭୂତ କରି ଛାଡ଼ିବି । ଜ୍ଞାନ ମୋର ନିଜସ୍ୱ ଏବଂ ସ୍ୱୟଂ ଗଣପତିସ୍ୱ ଲେଖନୀ ମୋ ଅକ୍ତିଆରରେ । ଯଦି ଚମ୍ପକ ମୋର ହୋଇପାରିଲାନି ତେବେ କଅଣ ବିଗିଡ଼ିବ ? ସରସ୍ୱତୀ ତ ମୋର—ସେ ମୋତେ କେବେହେଲେ ଏପରି ଛାଡ଼ି ଯିବେ ନାହିଁ; ଏବଂ ଚମ୍ପକ କଅଣ କେବଳ ଏକ ମାତ୍ର ସୁନ୍ଦରୀ ଏ ସଂସାରରେ ! ନିର୍ମଳା ତ ପୁଣି କେତେ ସୁନ୍ଦରୀ ! ତଥାପି ଚମ୍ପକ, ତୁମକୁ ଥରେ ଦେଖିଲେ ଆଉ କେହି ସୁନ୍ଦରୀ ଆଖିରେ ପଡ଼ିବେ ନାହିଁ । ବାସ୍ତବିକ୍ ତୁମ ପରି ସୁନ୍ଦରୀ ଦ୍ୱିତୀୟ ନାହାନ୍ତି ।

ତାର ରୂପ କିପରି ଥିଲା ? ଯେତେବେଳେ ରାଗ କରି ସେ ଚାଲିଯାଉଥିଲା, ତିନି ଚାରିଗୋଟି ଶ୍ରେଷ୍ଠ ପଥର ତା ଗୋଡ଼ରେ ଆଘାତ ଦେଇଥିଲେ । ମୁଁ ତ ସିଦ୍ଧାନ୍ତ କରି ସାରିଛି ଯେ ତୁମ ଛବି ଅନ୍ତତଃପକ୍ଷେ ମୁଁ ଆଙ୍କିବି ନାହିଁ । ତୁମ ରୂପ ମଧ୍ୟ ମୋ ମନରୁ କ୍ରମଶଃ ଅପସରି ଯାଉଛି । ମୋ ହୃଦୟରେ ଯେଉଁ ରୂପ ବସା ବାନ୍ଧିଛି ତାକୁ କେବଳ ବିଶ୍ୱକର୍ମା ହିଁ ଚିହ୍ନି ପାରିବେ ।

ନିଜର କୁଟିର ମଧ୍ୟକୁ ଯାଇ, ପାଞ୍ଚ ସାଙ୍ଗେ ସାଙ୍ଗେ ବାହାରି ଆସି, ସେ ଏପଟ ସେପଟ ହେବାକୁ ଲାଗିଲା । ଆଶ୍ରମର ବିଦ୍ୟାର୍ଥିଗଣ ଆଶ୍ଚର୍ଯ୍ୟ ହୋଇ ତାକୁ ଲକ୍ଷ୍ୟ କରୁଥିଲେ । କିଏ ଜଣେ ପଚାରିଲା, "କାଲି ରାତିରୁ ତୋର ଦେଖାନାହିଁ, ଥିଲୁ କେଉଁଠି ?" ସେ ଏ କଥାର କୌଣସି ଜବାବ ମଧ୍ୟ ଦେଲାନି । ଅଖିଳକୁ ସେ ମିଛରେ କହିଲା ଯେ, ସେ ନଦୀ କୂଳରେ ବସି ତପସ୍ୟା କରୁଥିଲା । ଏଇ ପ୍ରଥମଥର ପାଇଁ ସେ ମିଛ କହି ଭାରି ତୃପ୍ତି ଅନୁଭବ କଲା । ସେ ସନ୍ଧ୍ୟା, ଗାୟତ୍ରୀ କିମ୍ବା ଗୁରୁଙ୍କ ଦର୍ଶନ କଲା ନାହିଁ । ଆଶ୍ରମର ବଗିଚାରେ ସେ କେବଳ ଉଦ୍ଦେଶ୍ୟହୀନ ଭାବରେ ବୁଲିବାକୁ ଲାଗିଲା ।

ମୁଁ ତାର ଛବି କେବେହେଲେ ଆଙ୍କିବି ନାହିଁ । କଳା ଜୀବନର ସମ୍ପର୍କରୁ ମୁକ୍ତ ତଥା ଉଚ୍ଚ ହେବା ଉଚିତ । ଏହି ବିଷୟରେ ସେ ବାରମ୍ବାର ମନରେ ଚିନ୍ତା କରିବାକୁ ଲାଗିଲା । କିନ୍ତୁ ଅବଶେଷରେ ସେ ନିଜେ ନିଜର ଅକ୍ତିଆରରେ ରହି ପାରିଲା ନାହିଁ, କାରଣ ସେ କଳାକାର ଥିଲା । ଶିଳ୍ପ ସୃଷ୍ଟି ଆଗରେ ସମସ୍ତ ଯୁକ୍ତି ତାର ଧୂଳିସାତ୍ ହୋଇଗଲା । ତେଣୁ ସୃଜନର ଆବେଦନ ତାକୁ ଆହୁରି ବେଶୀ ବ୍ୟାକୁଳ କରୁଥିଲା ।

Digitized by PPRACHIN, SOA

ଦ୍ୱିତୀୟ ଦିନ ସକାଳୁ ସେ ଚିତ୍ରାଙ୍କନ ଏବଂ ମୂର୍ତ୍ତି ଗଢ଼ିବାର ସମସ୍ତ ସରଞ୍ଜାମ ନେଇ ମହୁଆ ଡୋଟା ଆଡ଼କୁ ଗଲା । ପୋଖରୀ କୂଳରେ ବସି ସେ ଗେରୁ ରଙ୍ଗ ଘୋଟି ତହିଁରୁ ଲାଲ ରଙ୍ଗ ପ୍ରସ୍ତୁତ କଲା । ନୀଳରଙ୍ଗ ବାହାର କରି ମାଟି ପାତ୍ରରେ ମିଳାଇଲା । ହଳଦୀ ଏବଂ କେଶରରୁ ହଳଦିଆ ଏବଂ ନାରଙ୍ଗୀ ରଙ୍ଗ ପ୍ରସ୍ତୁତ କଲା । ଅନ୍ୟାନ୍ୟ ରଙ୍ଗ ନିମନ୍ତେ ନାନା ପ୍ରକାର ଚେର ମୂଳ ସିଝାଇଲା ଏବଂ ଧଳା ପଥର ନିଜ ଆଗରେ ବସାଇ ଚିତ୍ର ଆଙ୍କିବାକୁ ବସିଗଲା । କିନ୍ତୁ ରୂପ ଏବଂ ଅରୂପର ସଂଘର୍ଷ ଫଳରେ ପୁନର୍ବାର ତାର ତୂଳିକା ଅଚଳ ହୋଇଗଲା ।

ମୁଁ କଅଣ ଆଙ୍କିବି ? ସ୍ୱର୍ଗର ଅର୍ଥ ବା କଣ ? ବେଦାନ୍ତୀଙ୍କ ମତରେ ଈଶ୍ୱର ନିରାକାର, ଯାହାଙ୍କର କି କୌଣସି ରୂପ ନାହିଁ । ସେ ଅଗମ୍ୟ, ଅଗୋଚର ଅଟନ୍ତି । କିନ୍ତୁ ସମସ୍ୟା ହେଉଛି ଯେ, ଈଶ୍ୱର କେବଳ ପ୍ରତୀକ ଦ୍ୱାରା ଦେଖିବା ଲୋକଙ୍କ ନିକଟରେ ପହଞ୍ଚିପାରେ । କିନ୍ତୁ ଈଶ୍ୱରଠାରୁ ଅଲଗା, ଜୀବିତ ଅସ୍ତିତ୍ୱ ହିଁ ସ୍ୱୟଂ ଜୀବନ ଅଟେ, ଲକ୍ଷଣ ନୁହେଁ । ତା ଆଡ଼କୁ ଆକର୍ଷିତ ହେବା ନିଜ ଭାବନା ଉପରେ ହିଁ ନିର୍ଭର କରେ । ପୁଣି କଳାକାର ନିଜର ଶୁଦ୍ଧ ଈଶ୍ୱରକୁ କେଉଁ ପ୍ରକାରେ ପ୍ରସ୍ତୁତ କରିବ ? ତାର ଦୃଷ୍ଟିକୋଣ ତ ନିରପେକ୍ଷ ରହି ପାରିବ ନାହିଁ ! କଳାକାରର ବାସ୍ତବିକ କଳା ଧ୍ୟାନ ତ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ପୁଣି ଶୁଦ୍ଧ ଆକୃତି ବସ୍ତୁର କଳ୍ପନା—ଯିଏ କି ସ୍ୱୟଂ ବସ୍ତୁରେ ଅଛି, ତାହା ହିଁ ବାସ୍ତବିକ୍ ଧ୍ୟେୟ ଅଟେ । ବସ୍ତୁର ବ୍ୟକ୍ତିଗତ ଦଶାକୁ କେଉଁ ପ୍ରକାରେ ପ୍ରେରିତ କରାଯାଇପାରିବ ?

ଯଥାର୍ଥ ଜୀବନରୁ ଦୃଷ୍ଟି ନିଆ ଯାଇପାରିବ ନାହିଁ । ଏହି ପ୍ରକାରେ ପୋଖରୀ କୂଳରେ ବସି ବସି ସେ ଅନେକ ଛବି ଆଙ୍କିଲା ତଥା ନଷ୍ଟ ମଧ୍ୟ କଲା । ଲାଲ ମାଟିରେ ମଧ୍ୟ ଅନେକ ମୂର୍ତ୍ତି ଗଢ଼ି ତାକୁ ଭାଙ୍ଗିଲା ।

ସେ ଆଶ୍ରମ କାନ୍ଥରେ ମାଟି, ଚୂନ ଏବଂ ଅନ୍ୟାନ୍ୟ ରଙ୍ଗର ସମ୍ମିଶ୍ରଣରେ ଗାଢ଼ ରଙ୍ଗର ଆକୃତି ସବୁ ଆଙ୍କିଲା, ଲାଲ ମାଟିରେ ମୂର୍ତ୍ତିସବୁ ଗଢ଼ିଲା । ଏ ପର୍ଯ୍ୟନ୍ତ ପଥରଚିତ୍ର ସବୁ ବ୍ରହ୍ମଜ୍ଞାନର ଲକ୍ଷଣ ଏବଂ ସଙ୍କେତ ଚିହ୍ନକୁ ଆଧାର କରି ଅଙ୍କାଯାଉଥିଲା; ଯଥା—ତ୍ରିଶୂଳ, କଳ୍ପ ବୃକ୍ଷ, ପୃଥ୍ୱୀରୂପୀ କମଳ, ସଂସାରରୂପୀ ଚକ୍ର ତଥା ପଦ୍ମାସନ ଏବଂ ଅଗ୍ନିରୂପୀ ସ୍ତମ୍ଭ ଇତ୍ୟାଦି । କିନ୍ତୁ ଗୌତମ ନୀଳାମ୍ବରର ପଥରଚିତ୍ରରେ ଗ୍ରାମର ସାଧାରଣ ଦୃଶ୍ୟ, ଯେପରିକି ପଲ୍ଲୀବଧୂ, କୃଷକ ଶିଶୁ, ଗୋରୁ ଗାଈ, ଫୁଲଗଛ ଇତ୍ୟାଦି । ଏହି ସମସ୍ତ କଳାକୃତିରେ ଶକ୍ତି ତଥା ଜୀବନର ଅରୁଣିମା ଓ ଉଷ୍ମା ଥିଲା । ଏହା ଅଲୌକିକ ଜୀବନ ନ ହୋଇ ବାସ୍ତବ, ପାର୍ଥିବ ଜୀବନ ଥିଲା—ଏ ପୃଥିବୀର ନିଜସ୍ୱ ସୃଷ୍ଟି ଏହା ଥିଲା ।

Digitized by PPRACHIN, SOA

କଦମ୍ବ ଗଛର ଡାଳ ଧରି ଗଛମୂଳେ ଠିଆହୋଇଥିବା ଅଳସକନ୍ୟା ଭଙ୍ଗୀରେ ସୁଦର୍ଶନ ଯକ୍ଷିଣୀର ମୂର୍ତ୍ତି ତିଆରି କଲା । ନଗରର ଅନ୍ୟ କଳାକାରମାନଙ୍କ ଦ୍ୱାରା ତଥା ଚିତ୍ରଶାଳା ମନ୍ଦିରରେ ଏ ପ୍ରକାର ଭଙ୍ଗୀର ମୂର୍ତ୍ତିକୁ ନାପସନ୍ଦ କରାଗଲା ।

କଳା ସମାଲୋଚକମାନେ ତାର ଶିଳ୍ପ କୃତିକୁ ଖୁବ୍ ଧ୍ୟାନ ଦେଇ ନିରୀକ୍ଷଣ କଲେ । ମାତ୍ର ଗୌତମକୁ ପ୍ରଶଂସା କରିବା ପରିବର୍ତ୍ତେ ସମସ୍ତେ କେବଳ କଳାର ଏ ପ୍ରକାର ନୂତନ ଦୃଷ୍ଟିକୋଣରେ ଚକିତ ରହିଥିଲେ ।

କଳାକାର ଏବଂ ବୁଦ୍ଧିବାଦୀଙ୍କ ମଧ୍ୟରେ ତା ସମ୍ପର୍କରେ ବାଦାନୁବାଦ ଆରମ୍ଭ ହୋଇଗଲା । ଗୌତମ ଚୁପ୍‌ଚାପ୍ ସମସ୍ତଙ୍କୁ ଶୁଣିବାକୁ ଲଗିଲା କିନ୍ତୁ ନିଜେ କିଛି କହିଲା ନାହିଁ । କେବଳ ବିଶୁଦ୍ଧ ସୌନ୍ଦର୍ଯ୍ୟବୋଧର ଅନୁଭବ ବାସ୍ତବରେ କଅଣ, କି ପ୍ରକାରେ ଏହା ପ୍ରାପ୍ତ ହୋଇଥାଏ, ଏବଂ ଅନ୍ୟମାନଙ୍କ ନିକଟରେ ଏହା କିପରି ପହଞ୍ଚାଇ ଦିଆଯାଇ ପାରେ ଏ ବିଷୟ ସେ ଦର୍ଶନତତ୍ତ୍ୱ ବ୍ୟତିରେକେ କାହାକୁ ବୁଝାଇପାରୁ ନଥିଲା । ରୂପ ଏବଂ ଅରୂପ, ଭାବ ଓ ଅଭାବର ତର୍କକୁ ସମାଧାନ କରିବା ପାଇଁ ସିଏ କିଏ ? ସେ ତ କେବଳ ଏତିକି ମାତ୍ର ବୁଝୁଁ ଥିଲା ଯେ ମନୁଷ୍ୟ ଏବଂ ତାର ରହସ୍ୟକୁ କିପରି ପାଷାଣ ମଧ୍ୟରେ ଆବଦ୍ଧ କରି ପାରିବ ? ବେଦାନ୍ତବାଦୀ ହେବା ଫଳରେ ସେ ଏତିକି ବୁଝିଥିଲା ଯେ, ବିଶୁଦ୍ଧ ସୌନ୍ଦର୍ଯ୍ୟବୋଧ ସମ୍ବନ୍ଧୀୟ ଆନନ୍ଦ ବିଲ୍‌କୁଲ୍ ଅଲଗା ପ୍ରକାର ଆନନ୍ଦ । ଏହା ବିଦ୍ୟୁତ୍ ପରି ଅଖଣ୍ଡ ଏବଂ ଅନିର୍ବଚନୀୟ ତଥା ସ୍ୱୟଂ ପ୍ରକାଶ୍ୟ ଅଟେ । ଯେଉଁ ପ୍ରକାରେ କଳାକାରର କଳ୍ପନା ବିଶ୍ୱକର୍ମାର କଳ୍ପନା ମଧ୍ୟରେ ନିହିତ ଅଛି ସେଇ ପ୍ରକାରେ ଦ୍ରଷ୍ଟା ସ୍ୱୟଂ ଆତ୍ମା ଅହଂରେ ରହିଛି ଯିଏ କି ପ୍ରତିକ୍ଷଣ ଦେଖୁଛି ଏବଂ ଯାହାଙ୍କ ସ୍ୱରୂପ ସମସ୍ତ ସଂସାରର ଦ୍ୟୋତକ ଅଟେ । ସୌନ୍ଦର୍ଯ୍ୟର ଆଦର୍ଶ ଦୃଷ୍ଟିକୋଣ ହେଉଛି, ଯିଏ ସଂସାରର ରୂପକୁ କେବଳ ଅହଂ ବୋଲି ଜାଣିଛି, ଯେଉଁ ଅହଂ ପୃଥିବୀରେ ହିଁ ସୃଷ୍ଟି ହୋଇଛି । ଏହାହିଁ ହେଉଛି ସେଇ ବିଶୁଦ୍ଧ ଅନ୍ତର୍ଦୃଷ୍ଟି, ବିଶୁଦ୍ଧ ଜ୍ଞାନ ଏବଂ ବିଶୁଦ୍ଧ ଜୀବନ । ଏଇଠି ହିଁ ହୃଦୟର ଚିରନ୍ତନ ଯେଉଁଠି କି ସମସ୍ତ ଉପମା ଏକ ହୋଇଯାଉଛି, ଯେଉଁଠି ନାନାପ୍ରକାର ରଙ୍ଗୀନ୍ କାଚ ଆଇନାରେ କେବଳ ଏକମାତ୍ର ପ୍ରକାଶ ପ୍ରତିବିମ୍ବିତ ହେଉଛି ଏବଂ ପ୍ରତ୍ୟେକ ବସ୍ତୁ, ଯାହା ଠିକ୍‌ରୂପେ ପ୍ରସ୍ତୁତ କରାହେଉଛି, ତାହାହିଁ ଏକ ପରିପୂର୍ଣ୍ଣ କଳାକୃତି ଅଟେ । ଏବଂ କଳାକାର ଓ ଦର୍ଶକ ଦୁହିଙ୍କର ରାସ୍ତା ଏକ, କେବଳ ବୁଝିବା ଭଳି ଜ୍ଞାନୀ ବ୍ୟକ୍ତି ହିଁ ଏ କଥା ବୁଝିପାରିବେ ।

ସୁଦର୍ଶନା ଯକ୍ଷିଣୀ ମୂର୍ତ୍ତି ତିଆରି ପରେ ପରେ ବାସ୍ତୁକଳାର ଏକ ନୂତନ ଶୈଳୀ ଆରମ୍ଭ ହେଲା । ଯା ପରଠାରୁ ବାସ୍ତୁକଳା ବିଶୁଦ୍ଧ ସାଂସାରିକ ରୂପେ ପ୍ରକାଶ ପାଇଲା ।

Digitized by PPRACHIN, SOA

ପରବର୍ତ୍ତୀ ମୂର୍ତ୍ତିଗୁଡ଼ିକ ବିଶୁଦ୍ଧ ଯଥାର୍ଥବାଦର ପ୍ରତୀକ ଥିଲେ । ଯକ୍ଷିଣୀ, ବନଦେବୀ ଆଦି ସ୍ୱର୍ଗରାଜ୍ୟର ଦେବବାଳାଙ୍କ ମୂର୍ତ୍ତି ବାସ୍ତବରେ ଅଯୋଧ୍ୟା, ଶ୍ରାବସ୍ତୀ ଆଦିର ଲଳନାଙ୍କର ଥିଲା, ପାଣିକଳସୀ ନେଇ ନଦୀକୁ ଯାଉଥିବା, ଶ୍ରାବଣ ମାସରେ ବର୍ଷାମଙ୍ଗଳ ଗାଉଥିବା ଏବଂ କ୍ଷେତରେ କାମ କରୁଥିବା ପଲ୍ଲୀବଧୂଙ୍କର ଛବି ଥିଲା ।

ସୁଦର୍ଶନା ଯକ୍ଷିଣୀ ଅସ୍ଥା ଭଙ୍ଗୀ ତ୍ରିଭଙ୍ଗୀରେ ଠିଆହୋଇଥିଲା । ତାର ମାଂସଳ ବାହୁ, କମଳ ପତ୍ର ସଦୃଶ ନେତ୍ର, ସୁଦୃଢ଼ ଓ ସୁଠାମ ଶରୀରାକୃତିରୁ ମନେହେଉଥିଲା ଯେପରି ଏହା ଲାସ୍ୟ ଓ ଗତିର ଅନୁଭୂତିଜାତ ଅପୂର୍ବ ସମ୍ମିଳନ । ଏଇ ଶୈଳୀରେ ଜୀବନ, ଗତି, ଶକ୍ତି, ସ୍ୱତନ୍ତ୍ରତା ତଥା ସନ୍ତୋଷର ଗଭୀର ଭାବନା ଥିଲା । ଏଠି କଳାକାରଙ୍କୁ ବନ୍ଧନର ପରାଧୀନତାରୁ ଅନ୍ତତଃ ମୁକ୍ତି ମିଳିଥିଲା, ସେ କଣ ତିଆରି କରିବ ତାହା ଜାଣିପାରିଥିଲା ।

ଦିନେ ଗୌତମ ତାର କିଛି ନୂଆ ଚିତ୍ର ନେଇ ଶ୍ରାବସ୍ତୀରେ ଥିବା ବିମଳେଶ୍ୱରର ଚିତ୍ର ନିକେତନରେ ପହଞ୍ଚିଲା । ପୂର୍ବପରି ତାର ମିତ୍ର ତଥା ନିନ୍ଦୁକମାନେ ସେଠାରେ ଜମିଥିଲେ । ସେଠାରେ ଏକତ୍ରିତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କେତେକ ଲିପିକାର ଏବଂ ଅନ୍ୟ ଲୋକେ ମଧ୍ୟ ଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । କାରଣ ଏମାନଙ୍କ ମଧ୍ୟରୁ ଅନେକେ ରାଜନୀତି ନେଇ ତର୍କ କରିବା ନିମନ୍ତେ ତା କୁଟିରରେ ପୂର୍ବରୁ ଏକତ୍ରିତ ହୋଇଥିଲେ । ଅଥଚ ଆଜି ସମସ୍ତେ ଚୁପ୍‌ଚାପ୍ ବସି କୌଣସି ଜଟିଳ ଚିନ୍ତା ନେଇ ବ୍ୟସ୍ତ ଥିଲେ । ତାକୁ ଦେଖି ମଧ୍ୟ କେହି କିଛି କହିଲେ ନାହିଁ । ସେ ମଧ୍ୟ ଚୁପ୍‌ଚାପ୍ ଯାଇ ଝରକା ପାଖରେ ବସି ରାସ୍ତା ଉପରେ ଥିବା ବଜାରର ବ୍ୟସ୍ତତା ଦେଖିବାକୁ ଲାଗିଲା ।

ବିମଳେଶ୍ୱର ଶେଷରେ କଥା ଆରମ୍ଭ କଲା, "ତୁମକୁ କଅଣ ଜଣାନାହିଁ ?"

"କଣ ?" ଗୌତମ ପଚାରିଲା ।

"ତୁମେ କେଉଁ ଦୁନିଆରେ ରହୁଚ କହିଲ ଭଲା ? ତୁମେ କଣ କିଛି ଶୁଣିନ ?"

ଏହି ସମୟରେ ବାହାର କବାଟ ବାଡ଼େଇ ଅଖିଳେଶ ଭିତରକୁ ଆସିଲା । ସେ ଖୁବ୍ ଉତ୍ତେଜିତ ଦେଖାଯାଉଥିଲା । ତାର ଗୋଡ଼ ଧୂଳିଧୂସରିତ ହୋଇଥିଲା । ମନେ ହେଉଥିଲା ଯେପରି ସେ ଅନେକ ବାଟ ଦଉଡ଼ି ଦଉଡ଼ି ଆସିଛି ।

"ଭାଇମାନେ ! ନିଜ ନିଜ ଜିନିଷପତ୍ର ଧରି ଏଠାରୁ ଶୀଘ୍ର ପଳାଅ ।" ସେ ଅତ୍ୟନ୍ତ ଧୀର ସ୍ୱରରେ କହିଲା ।

"କାହିଁକି ? କଅଣ ହେଲା ?" ଗୌତମ ପୁନର୍ବାର ପଚାରିଲା ।

ମଗଧରେ ଯୁଦ୍ଧ ଆରମ୍ଭ ହୋଇଯାଇଛି । ଚନ୍ଦ୍ରଗୁପ୍ତଙ୍କ ସେନା ବର୍ତ୍ତମାନ ସମଗ୍ର

Digitized by PPRACHIN, SOA

ଦେଶକୁ ନିଜ ଅଧୀନ କରିବା ମାନସରେ ଏଠାକୁ ମାତ୍ର ଆସୁଛନ୍ତି । ବର୍ତ୍ତମାନ ଏଠାରେ ଯୁଦ୍ଧର ତାଣ୍ଡବ ନୃତ୍ୟ ଆରମ୍ଭ ହୋଇଯିବ । ବର୍ତ୍ତମାନ ତୁମ ସମସ୍ତ ଗଲା । ସ୍ୱୟଂ ଯମରାଜ, ଯିଏ କି ରୂପ ଏବଂ ଅରୂପ, ଭାବ ଓ ତା ଅଭାବର ଅନ୍ତରକୁ ମିଶାଇ ଦିଏ, ସେଇ ଯମ ଯୁଦ୍ଧ ଦୁନ୍ଦୁଭି ବଜାଇ ତୁମ ପିଛା କଲାଣି ।" ଅଖିଳେଶ ଏତିକି କହି ଥକ୍‌କା ହୋଇ ବସିପଡ଼ି ଆଖିକୁ ବୁଜିଦେଲା । କିଛି ସମୟ ପରେ କହିଲା—"ଅଯୋଧ୍ୟାର ରଜା ହାତୀ ଦେହରୁ ଫେରୁଥିବା ସମୟରେ ବିଷ୍ଣୁଗୁପ୍ତର ସୈନ୍ୟମାନେ ଆକ୍ରମଣ କଲେ ଏବଂ ସମସ୍ତେ ଏଥିରେ ମୃତ୍ୟୁ ବରଣ କରିଛନ୍ତି ।"

"ସମସ୍ତେ ମରିଛନ୍ତି !" ଗୌତମ ପଚାରିଲା ।

"ହଁ, ତେବେ ଶୁଣୁଛି, ରଜକୁମାରଗଣ ନଦୀ ପହଁରି ପାଞ୍ଚାଳରାଜ୍ୟ ସୀମାଆଡ଼କୁ ଯାଇଛନ୍ତି, କିନ୍ତୁ ସୈନିକଗଣ ତାଙ୍କ ପିଛା କରିଛନ୍ତି ।" ଏତିକି କହି ସେ ଉଠି ଠିଆହେଲା ।

"ତୁମେ ଏବେ କୁଆଡ଼େ ଯାଉଛ ଅଖିଳେଶ ?" ଗୌତମ ହତାଶାର ସହିତ ପଚାରିଲା ।

"ମୁଁ ଯୁଦ୍ଧ କରିବାକୁ ଯାଉଛି । ତୁମେ ତ ଅହିଂସାର ପୂଜାରୀ, ତେଣୁ ତୁମେ ବୋଧହୁଏ ଲଢ଼ିବ ନାହିଁ ।" ନିଜ କୋଠାରୁ ଧୂଳି ଝାଡ଼ି ସେ ଶାନ୍ତ ଭାବରେ ବାହାରିଗଲା ।

ଗୌତମ ଧାଇଁଯାଇ ଯାଇ ଠିଆହୋଇପଡ଼ି ବିମଳେଶ୍ୱରକୁ କହିଲା, "ଏଠାରେ ଉପସ୍ଥିତ କଳାକାର ତଥା ବିଦ୍ୱାନ୍ ବ୍ୟକ୍ତିଗଣ, ମୋତେ ତୁମ୍ଭମାନଙ୍କ ଭିତରୁ କିଏ ହେଲେ ଜଣେ କହ କେଉଁ ସମୟରେ ଯୁଦ୍ଧ କରାଯିବ ଏବଂ କେଉଁ ସମୟରେ ନୁହେଁ ? କିଏ ହେଲେ ହରିଶଙ୍କରକୁ ଏକଥା ଯାଇ ପଚାରୁ ଯେ ଜୀବହତ୍ୟା କେବେ ଉଚିତ ଏବଂ କେବେ ଅନୁଚିତ ?" ଏତିକି କହି ଅସ୍ଥିର ଭାବରେ ସେ ଘରର ଏପଟୁ ସେପଟ ଟହଲିବାକୁ ଲାଗିଲା । "ଭାଇମାନେ, ରାଜା ନନ୍ଦଙ୍କ ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ବିଷ୍ଣୁଗୁପ୍ତଙ୍କୁ ଜାଣେନି କିମ୍ବା ଚନ୍ଦ୍ରଗୁପ୍ତଙ୍କ ସହିତ ମୋର ମଧ୍ୟ କିଛି ଶତ୍ରୁତା ନାହିଁ । ଏମାନେ ସମସ୍ତେ ମିଳିମିଶି ନିଜ ଲଢ଼େଇରେ ମୋତେ ଟାଣୁଛନ୍ତି କାହିଁକି ? କିନ୍ତୁ ମୋତେ ମଧ୍ୟ ଅନ୍ୟକୁ ମାରିବାକୁ ପଡ଼ିବ, ଅଥଚ ମୁଁ ତ ଅନ୍ୟର ଜୀବନକୁ ବହୁତ ଭଲପାଏ । ମୁଁ ନିଜେ ମଧ୍ୟ ବଞ୍ଚିବାକୁ ଚାହୁଁଛି । ଏପରି ଅବସ୍ଥାରେ ମୁଁ ବର୍ତ୍ତମାନ କଣ କରିବି ?" ଝରକାରେ ମୁଣ୍ଡ ଦେଇ ସେ ଆଖି ବୁଜିଲା ।

ଏତିକିରେ ଚିତ୍ର ନିକେତନରେ ଉପସ୍ଥିତ ଲୋକେ ନିଜ ନିଜ କୋଠାପିଛି ବାହାରି ଗଲେ । ସେମାନେ ଚାଲିଯିବା ଶବ୍ଦରେ ଗୌତମ ଆଖି ଖୋଲି ଦେଖିଲା ଯେ

Digitized by PPRACHIN, SOA

ଘର ଖାଲି ହୋଇଗଲଣି । ସେ ସେମାନଙ୍କ ପଛରେ ବାରଣ୍ଡା ପର୍ଯ୍ୟନ୍ତ ଯାଇ ଜୋର୍‌ରେ ପାଟିକରି କହିଲା, "ଆରେ, ତୁମେମାନେ ନିଜ ନିଜର ମୂର୍ତ୍ତିସବୁ ଏଠାରେ ଛାଡ଼ିଦେଇ ଗଲ ଯେ—ଏ ସମସ୍ତ ଭାଙ୍ଗି ଯିବ ।"

ହଠାତ୍ ବଜାରରେ ଯେପରି ପ୍ରଳୟ ହୋଇଗଲା ପରି ମନେହେଲା । ନଗରରେ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ରଥର ନିର୍ଘୋଷ ଓ ହାତୀଙ୍କ ଆକ୍ରମଣରେ ସବୁଆଡ଼ କମ୍ପିବାକୁ ଲାଗିଲା । ଅଳ୍ପ କ୍ଷଣ ପରେ ସମସ୍ତ ବଜାର ରଣଭୂମିରେ ପରିଣତ ହେଲା । ଧୂଳି, ହାତୀପାଦର ଶବ୍ଦ, ତୀରର ସନ୍‌ସନ୍ ଶବ୍ଦ, ଖଣ୍ଡା ତଲୱାରର ଝଙ୍କାର, ସ୍ତ୍ରୀ ପିଲାଙ୍କ ବିକଳ କ୍ରନ୍ଦନ ଶବ୍ଦରେ ତାର ଶବ୍ଦ କୁଆଡ଼େ ମିଳାଇଗଲା । ସେ କେବଳ ଏକ ପାଷାଣ ପ୍ରତିମା ପରି ବାରଣ୍ଡାରେ ଠିଆହୋଇ ସାମନାର ଦୃଶ୍ୟ ଦେଖିବାକୁ ଲାଗିଲା । ତାର ଚନ୍ଦ୍ରକାର ସାଥିଗଣଙ୍କ ଶବ ସବୁ ରାସ୍ତାରେ ଗଡ଼ୁଥିଲା । ଗୃସୈନ୍ୟଙ୍କ ସେନାଗଣ ଅତ୍ୟନ୍ତ କୌଶଳରେ ଲୋକଙ୍କୁ କାଟୁଥିଲେ । ଗୌତମର ଆଖି ଆଗରେ ଅନ୍ଧାର ମାଡ଼ି ଆସିଲା । ସହସା ସେ ଚନ୍ଦ୍ର ନିକେତନର ପାହାଚ ଓହ୍ଲାଇ ମୃତ ବିମଳେଶ୍ୱର ହାତରୁ ଖଣ୍ଡାଟି ନେଇ ସ୍ୱପ୍ନରେ ଚାଳିତ ହେଲା ପରି ଖଣ୍ଡା ବୁଲାଇ ରାସ୍ତା ଉପରକୁ ଚାଲିଆସିଲା ।

ଗୌତମ ସାରା ରାତି ଯୁଦ୍ଧ କରିବା ପରେ ଶେଷରେ ଆହତ ଅବସ୍ଥାରେ ବେହୋସ ହୋଇ ରାସ୍ତାରେ ପଡ଼ିଗଲା । ସମସ୍ତ ନଗର ନଗରବାସୀଙ୍କ ଶବରେ ପୂର୍ଣ୍ଣ ଥିଲା ।

ଅଳ୍ପ ଦୂରରେ ଜେତବନର ପ୍ରାସାଦ ବୃକ୍ଷରାଜିର ଆଢ଼ୁଆଳରେ ଠିଆ ହୋଇଥିଲା । ପ୍ରାସାଦ ଉପରିଭାଗର କଳସ ଅନ୍ଧାରରେ ଅଳ୍ପ ଅଳ୍ପ ଝଲ୍‌ମଲ୍ ହେଉଥିଲା, ଯେପରିକି ଏ ସମସ୍ତ ପରିଣତି ଦେଖି ସେ ଚୁପ୍‌ଚାପ୍ ହସୁଥିଲା ।

୫

ସମୟ ଦ୍ରୁତ ଗତିରେ ବଢି ଯାଉଛି । ଦେଶରେ ବର୍ତ୍ତମାନ ମୌର୍ଯ୍ୟ ସାମ୍ରାଜ୍ୟର ଭିତ୍ତି ସ୍ଥାପିତ ହୋଇଛି ଏବଂ ଏହା ହିଁ ଦେଶର ପ୍ରଥମ ଏକଚ୍ଛତ୍ର ସାମ୍ରାଜ୍ୟ । ସମ୍ରାଟମାନଙ୍କ ବଂଶାବଳୀ ଲେଖକମାନଙ୍କ ଲେଖନୀ ଏଠି ହଠାତ୍ ଅଟକି ଯାଇଛି·········ଏଇ ପ୍ରିୟଦର୍ଶୀ ନରପତି, ଯିଏ କି ପାଟଳୀପୁତ୍ର ସିଂହାସନାରୂଢ଼ ହୋଇଛନ୍ତି ସେ

Digitized by PPRACHIN, SOA

ଶୂଦ୍ର ମା'ର ପୁତ୍ର, ଗାଈ ଚରାଇବା ଲୋକଙ୍କ ଦ୍ୱାରା ପାଳିତ, ଚାଣକ୍ୟ ଦ୍ୱାରା ତକ୍ଷଶୀଳାରେ ପ୍ରଭାବିତ, ତାଙ୍କ ପାଇଁ ଏବେ ନୂଆ ଇତିହାସ ଲେଖାଯିବ । ଅନୁଗ୍ର୍ରସେନଙ୍କ ସମୟ ଶେଷ ହେଲା ଏବଂ ନନ୍ଦ ବଂଶର ଅନେକ ଶତ କୋଟି ଧନରତ୍ନର କାହାଣୀ ଏବେ ସ୍ୱପ୍ନ ହୋଇଗଲା ।

ଏକ ନୂଆ ଯୁଗ ଆରମ୍ଭ ହେଲା । ଚନ୍ଦ୍ରଗୁପ୍ତ ବିରାଟ ଶକ୍ତିଶାଳୀ ସମ୍ରାଟ ହେଲେ । ତାଙ୍କ ଶାସନ ପଦ୍ଧତି ସାରା ଦେଶର ଘରେ ଘରେ ଚର୍ଚ୍ଚା ହେଉଛି । ତାଙ୍କ ରାଜଧାନୀ ସଂସାରର ଶ୍ରେଷ୍ଠ ମହାନଗରୀରେ ପରିଗଣିତ ହେଉଛି । ତାଙ୍କ ସୈନ୍ୟ ବଳରେ ଅନ୍ୟ ସମସ୍ତ ରାଜ୍ୟ ଭୟଭୀତ ହୋଇଛନ୍ତି । କାରଣ ବିଷ୍ଣୁଗୁପ୍ତ, ଓରଫ ଚାଣକ୍ୟ, ଓରଫ କୌଟିଲ୍ୟ, ଯାହାଙ୍କ କୂଟନୀତି ଦ୍ୱାରା ମହାପଦ୍ମ ନନ୍ଦ ପରାଜିତ ହେଲେ, ତାଙ୍କର ପରାମର୍ଶ ଅନୁଯାୟୀ ଦେଶ ଶାସିତ ହେଉଛି । ଅଥଚ ଶାକ୍ୟ ମୁନି କହିଥିଲେ, ବିଜୟ ଘୃଣାର ଉଦ୍ରେକ କରିଥାଏ, କାରଣ ପରାଜିତ ବ୍ୟକ୍ତି ଦୁଃଖ ଯନ୍ତ୍ରଣାରେ ଦିନ କାଟେ । କିନ୍ତୁ ବିଜୟ ପରାଜୟର ଊର୍ଦ୍ଧ୍ୱରେ ଥିବା ବ୍ୟକ୍ତି ଶାନ୍ତି ଓ ସୁଖରେ ରହେ ।

କିନ୍ତୁ ପ୍ରତ୍ୟେକ ବିଜୟ କିମ୍ବା ପରାଜୟ ଇତିହାସର ମାର୍ଗରେ ଏକ ନୂଆ ମୋଡ଼ ନିଅନ୍ତି ଏବଂ ଦୁନିଆ ଏହି ପ୍ରକାରେ ଆଗକୁ ବଢ଼ିଯାଏ । ଏହି ବିଜୟ ପରେ ପରେ ଜନସାଧାରଣ ପ୍ରଥମ ଥର ପାଇଁ ରାଷ୍ଟ୍ରୀୟତାର ଭାବନା ସହିତ ପରିଚିତ ହେଲେ । ସେମାନେ ଅସ୍ପଷ୍ଟ ରୂପେ ଅନୁଭବ କଲେ ଯେ ସମସ୍ତ ପ୍ରକାର ବଂଶ, ଜାତି, ପରିବାରଠାରୁ ମଧ୍ୟ ଊର୍ଦ୍ଧ୍ୱରେ ଆଉ ଏକ ବସ୍ତୁ ଅଛି, ଯାହା ରାଷ୍ଟ୍ରୀୟତା । ସେମାନେ ଏପରି ଏକ ରାଷ୍ଟ୍ରର ଅଧିବାସୀ ଯାହାର ନେତୃତ୍ୱ ନେଇ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ପାରସ୍ୟ ଓ ଗ୍ରୀକ୍ ଆକ୍ରମଣକାରୀଙ୍କୁ ପରାଜିତ କରି ଦେଶରୁ ବାହାର କରିଦେଇଛନ୍ତି । ଏହା ପୂର୍ବରୁ ପାଟଳୀପୁତ୍ରର ପ୍ରାଧାନ୍ୟ ଏତେ ବେଶୀ ବଢ଼ି ନ ଥିଲା । ଏହାର ଜନସଂଖ୍ୟା ବଢ଼ିବାକୁ ଲାଗିଲା ଓ ନୂତନ ନୂତନ ପ୍ରାସାଦରେ ମଣ୍ଡିତ ହୋଇଗଲା । ଏଥି ସହିତ ଭାଷାର ମଧ୍ୟ ପରିବର୍ତ୍ତନ ହେଲା । ଶାକ୍ୟମୁନିଙ୍କ ସମୟର ମାଗଧୀ ଭାଷା ନୂଆ କରି ପ୍ରାକୃତ ଭାଷାରେ ପରିବର୍ତ୍ତିତ ହେଲା । ନାଟକ, ସଙ୍ଗୀତ, କଳା ଆଦିର ମଧ୍ୟ ବହୁତ ଉନ୍ନତି ହେଲା ।

କାଶୀର ଏକ ନାଟକମଣ୍ଡଳୀ ନୂଆ ନୂଆ ନାଟକ ଅଭିନୟ କରୁଛନ୍ତି । ଏହି ନାଟକ ଗୁଡ଼ିକର ଲେଖକ ନୂଆ ହୋଇ ପାଟଳୀପୁତ୍ର ଆସିଛି, କିନ୍ତୁ ସ୍ୱା ପୂର୍ବରୁ ତାର ଖ୍ୟାତି ଏଠାରେ ପହଞ୍ଚି ସାରିଛି । ତା ସମ୍ପର୍କରେ ଲୋକେ ନାନାପ୍ରକାର କାହାଣୀ କହୁଛନ୍ତି । ଶୁଣାଯାଏ ସେ ଜଣେ ଖୁବ୍ ବଡ଼ ଗୁଣୀ ଓ କଳାକାର । ପୂର୍ବେ ସେ ଜଣେ ଶିଳ୍ପୀ ଥିଲା ଏବଂ ବହୁତ ସୁନ୍ଦର ମୂର୍ତ୍ତି ଗଢ଼ୁଥିଲା । ନୃତ୍ୟକଳା ତଥା ଅଭିନୟରେ

Digitized by PPRACHIN, SOA

ଅତ୍ୟନ୍ତ ପାରଦର୍ଶୀ—ଯେପରି ଭରତ ମୁନିଙ୍କର ସମସ୍ତ କଳା ତା ମଧ୍ୟରେ ହିଁ ନିହିତ ଅଛି । ଅନେକ ବର୍ଷ ସେ ଅଯୋଧ୍ୟାର ଗୁଣୀ ତଥା ସଙ୍ଗୀତ ରସିକଙ୍କ ଗହଣରେ ରହିଛି । ସ୍ୱର ଉପରେ ତାର ଅଗାଧ ଅଧିକାର । ତଥାପି ଶାସ୍ତ୍ରରେ ସେ କେଉଁଠି ହେଲେ ରହି ପାରିନି—ସମସ୍ତ ଦେଶ ଦୂରି ବୁଲୁଛି । କୌଣସି ଗୋଟିଏ କଳାକୁ କେନ୍ଦ୍ରୀଭୂତ କରୁନି ।

ଏହି ନାଟକର ଖୁବ୍ ପ୍ରଚାର ହୋଇଥିଲା । ସମସ୍ତ ପାଟଳୀପୁତ୍ର ଯେପରି ନାଟକ ଗୃହ ଆଡ଼କୁ ମାଡ଼ିଆସିଥିଲା । ସ୍ତ୍ରୀମାନେ ଆସିବାର ରଥ ଏବଂ ପାଲିଙ୍କି ସବୁ ଧାଡ଼ି ଧାଡ଼ି ହୋଇ ଥୁଆ ହୋଇଥିଲା । ରାଜକୁମାରୀଗଣ, ମନ୍ତ୍ରୀ ଓ ବଣିକଗଣଙ୍କ ଝିଅ ବୋହୂ ତଥା ରାଜ୍ୟର ଉଚ୍ଚପଦାଧିକାରୀ କର୍ମଚାରୀମାନଙ୍କର ସ୍ତ୍ରୀମାନେ ନାନା ରଙ୍ଗର ଶାଢ଼ୀ ଓ ଆଭୂଷଣରେ ସଜ୍ଜିତ ହୋଇ ନାଟକ ଗୃହରେ ଆସନ ଗ୍ରହଣ କରିଥିଲେ । ଅବିବାହିତା କୁମାରୀଗଣ ଏଇ ଲେଖକ ତଥା ଅଭିନେତାକୁ ଦେଖିବାପାଇଁ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଥିଲେ । ସେମାନେ ଶୁଣିଥିଲେ ଯେ ଏହି ବ୍ୟକ୍ତି ଖୁବ୍ ରୂପବାନ୍ ମଧ୍ୟ । ସ୍ତ୍ରୀଲୋକମାନଙ୍କର ଏକ ବଡ଼ ଦୁର୍ବଳତା ଯେ, କଳାର ଭଲ ମନ୍ଦ ବିଚାରକୁ ସେମାନେ କଳାକାରର ରୂପ ଓ ସ୍ୱାସ୍ଥ୍ୟ ନେଇ ବିଭ୍ରାନ୍ତ ହୋଇପଡ଼ନ୍ତି ।

ଶ୍ୱେତ ପରଦା ଉଠିଲା । କାଠରେ ତିଆରିହୋଇଥିବା ମଞ୍ଚର ପଛପଟ ପରଦା କଳସ ତଥା ଅନ୍ୟାନ୍ୟ ଚିତ୍ରଦ୍ୱାରା ସଜ୍ଜିତ ଥିଲା । ବାଦକବୃନ୍ଦ ସାମନାରେ ବସିଥିଲେ ......ବନ୍ଦନା କରୁଥିବା ଝିଅମାନେ ମଞ୍ଚରେ ଥିବା ସ୍ତମ୍ଭ ପଛରୁ ବାହାରି ମହାଦେବଙ୍କ ସ୍ତୁତି କଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଝିଅ ଅଣ୍ଟାରେ ହାତ ରଖି ଏକ ପାର୍ଶ୍ୱରେ ଠିଆ ହୋଇଗଲା । ସେ ଏହି ନାଟକର ନାୟିକା ଥିଲା । ତାର ବେଣୀରେ ମୁକ୍ତାହାର ଶୋଭା ପାଉଥିଲା ଏବଂ ନାନା ପ୍ରକାର ସ୍ୱର୍ଣ୍ଣଭୂଷଣରେ ସେ ମଣ୍ଡିତା ଥିଲା ।

ଅବଶେଷରେ ମଞ୍ଚ ଉପରେ ନାୟକର ଆବିର୍ଭାବ ହେଲା—ଯାହାକୁ ଦେଖିବା ପାଇଁ ଏ ଯାବତ୍ ସମସ୍ତ ଦର୍ଶକ-ମଣ୍ଡଳୀ ଉଦ୍‌ଗ୍ରୀବ ହୋଇ ଅନାଇଥିଲେ । ସେ ସ୍ପର୍ଦ୍ଧିତ ଭାବେ ମୁଣ୍ଡ ଟେକି, ଶୂନ୍ୟକୁ ଚାହିଁ, ଗମ୍ଭୀର ଚାଲିରେ ମଞ୍ଚ ଉପରକୁ ଆସି କିଛି କ୍ଷଣ ସମସ୍ତଙ୍କ ଉପରେ ଦୃଷ୍ଟିପାତ କରି, ନିୟମ ଅନୁସାରେ ନାୟିକାଦ୍ୱାରା ଏହି ନାଟକର ବିଷୟବସ୍ତୁ ସମ୍ପର୍କରେ ଅଭିନୟ ଆରମ୍ଭ କରାଇଲା । ଦର୍ଶକଗଣ ମନ୍ତ୍ରମୁଗ୍ଧ ହୋଇ ତାର ମଧୁର କଣ୍ଠଧ୍ୱନି ଶୁଣିବାକୁ ଲାଗିଲେ । ସମସ୍ତେ ନିର୍ନିମେଷ ନୟନରେ ନିଜ ନିଜ ସ୍ଥାନରେ ସ୍ଥିର ଅବିଚଳିତ ଅବସ୍ଥାରେ ତାକୁ ଦେଖୁଥିଲେ ।

ଅଭିନୟ ମଝିରେ କୌଣସି କଥାରେ ଜୋର୍ ଦେବାକୁ ଗଲାବେଳେ ସେ ପ୍ରଥମେ ନିଜର ଡାହାଣ ଓ ପରେ ବାମ ହାତ ଉଠାଇଲା ।

Digitized by PPRACHIN, SOA

ଦର୍ଶକଗଣ ଚମକି ଉଠିଲେ । ସେମାନଙ୍କ ମନରେ ହଠାତ୍ ଦୁଃଖର ଏକ ଧାର ବହିଗଲା । ମହିଳାଗଣ ତୀବ୍ର ଦୁଃଖରେ ଅଭିଭୂତ ହୋଇ ନିଜ ଆଖି ବନ୍ଦ କରିଦେଲେ । ଏହି ଅତ୍ୟନ୍ତ ରୂପବାନ୍ କଳାକାରର ଦୁଇହାତର ଆଙ୍ଗୁଠି କଟିଯାଇଥିଲା ।

ଗୌତମ ନୀଳାମ୍ବର ସାମନାରେ ଅନ୍ୟ ଏକ ନଗର ଏବଂ ଦର୍ଶକବୃନ୍ଦ ଥିଲେ । ଏହି ନଗର ଏବଂ ଦର୍ଶକବୃନ୍ଦ ପୂର୍ବପର ତାହାକୁ ପରମ ଶ୍ରଦ୍ଧା ଓ ସ୍ନେହ ଦୃଷ୍ଟିରେ ଦେଖୁଥିଲେ । ସେ ସମସ୍ତଙ୍କୁ ନାଟକ ଦେଖାଉଥିଲା, ମାତ୍ର ତା ନିଜ ନାଟକ କେହି ଦେଖି ନଥିଲେ—ଯେପରି ରଙ୍ଗମଞ୍ଚ ଉହାଡ଼ରେ ପର୍ଦ୍ଦା ଅନ୍ତରାଳରେ ଆଉ ଏକ ରଙ୍ଗମଞ୍ଚ ଥାଏ, ଯାହାକି ଦର୍ଶକମାନଙ୍କ ଦୃଷ୍ଟିଗୋଚର ହୁଏ ନାହିଁ ।

ବର୍ତ୍ତମାନ ପାଟଳୀପୁତ୍ରର ସଭ୍ୟ ଓ ଗଣ୍ୟମାନ୍ୟ ତଥା ପ୍ରତିଷ୍ଠିତ ନାଗରିକଗଣ ନାଟ୍ୟଶାଳାରେ ବସି ତାର ଅଭିନୟ ଦେଖି ଚମତ୍କୃତ ହେଉଥିଲେ; କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଜାଣିନଥିଲେ ଯେ ସେ କେତେ ପ୍ରକାର ଦୁନିଆ ଭ୍ରମଣ କରିବ ବୋଲି ସ୍ଥିର କରିଛି । ଜୀବନରେ ତାର ଅଭିଜ୍ଞତା ଏତେ ବେଶୀ ଯେ ଆଉ କିଛି ଅଧିକା ଦେଖିବାର ବିଷୟ ତା ପାଇଁ ନାହିଁ । ସେ ଭାବିଥିଲା ଜୀବନଟା କେବଳ ଶୂନ୍ୟ କିମ୍ବା କେବଳ ଆଲୋକମୟ, ଅଥବା କେବଳ ଅନ୍ଧକାର ପୂର୍ଣ୍ଣ । କିନ୍ତୁ ଏଠାରେ ତ ଖାଲି 'କେବଳ'ର ଅସ୍ତିତ୍ୱ ହିଁ ନାହିଁ । ସେ ସଂସାରର ବାସ୍ତବିକତାକୁ ନିଜ ରାସ୍ତାରୁ ହଟାଇ ପାରୁ ନଥିଲା । ପ୍ରତି ପଦକ୍ଷେପରେ ଯେପରି ସଂସାର ନିଜର ନାନାପ୍ରକାର ରୂପ ବୈଭବ ଓ ପ୍ରଲୋଭନ ନେଇ ତାକୁ ଝଟେଇ ହେଉଥିଲା ।

ଯେଉଁଦିନ ଶ୍ରାବସ୍ତୀର ବଜାର ଦାଣ୍ଡରେ ସେ ଆକ୍ରମଣକାରୀ ମାନଙ୍କ ସହିତ ଲଢ଼ିଥିଲା ଏବଂ ଶେଷରେ ବର୍ଚ୍ଛାର ଆକ୍ରମଣରେ ଆହତ ହୋଇ ଅଚେତ ହୋଇଯାଇଥିଲା, ଚେତନା ଫେରିବା ପରେ ସେ ମୁଣ୍ଡ ଟେକି ଦେଖିଲା ରାତ୍ରିର ଅନ୍ଧକାର ଧୀରେ ଧୀରେ କଟିଯାଉଛି । ସେ ନିଜେ ସାରା ଶରୀରରେ ଆଘାତପ୍ରାପ୍ତ ହୋଇଛି ଏବଂ ହାତ ସାରା ଲହୁଲୁହାଣ ହୋଇଛି । ଶୋଇବା ଅବସ୍ଥାରେ ବଡ଼ କଷ୍ଟରେ ସେ ନିଜ ହାତ ପାପୁଲି ମେଲି ଧରିଲା—

ସେତେବେଳେ ତାକୁ ଏକ ନିଷ୍ଠୁର ସତ୍ୟ ଜ୍ଞାତ ହେଲା । ହାତର ଆଙ୍ଗୁଳି ସବୁ··· ଯାହାର ସୃଷ୍ଟି ସୌନ୍ଦର୍ଯ୍ୟ ସୃଷ୍ଟିପାଇଁ, ସେଗୁଡ଼ିକୁ ମଧ୍ୟ ରକ୍ତରେ ବୁଡ଼ାଇ ଦିଆଯାଇ ପାରେ ! କୌଣସି ଏକ ବୌଦ୍ଧ ବିହାରର ନିଭୃତ କକ୍ଷରେ ବସି ସେ ଏହି ସତ୍ୟଟିକୁ

Digitized by PPRACHIN, SOA

ଅପ୍ରମାଣିତ କରି ପାରୁ ନଥିଲା । କଳାକାରର ପ୍ରଧାନ ସହାୟ ତାହାର ହାତ ଓ ଆଙ୍ଗୁଠି । ହାତର ଦଶଗୋଟି ଆଙ୍ଗୁଠି ଯିଏ କି ନୃତ୍ୟର ମୁଦ୍ରାଦ୍ୱାରା ସଂସାରର ସମସ୍ତ ରହସ୍ୟ ସମସ୍ତ ଜୀବନ ପ୍ରଦର୍ଶନ କରନ୍ତି, ପ୍ରାସାଦ ନିର୍ମାଣ କରନ୍ତି, ବଗିଚାରେ ପାଣି ଦିଅନ୍ତି, ବଂଶୀ ବଜାନ୍ତି, ଥାପୁଡ଼ାଇ ଥାପୁଡ଼ାଇ ପିଲାଙ୍କୁ ଶୁଆନ୍ତି । ସତ୍ୟ ଏକ ପ୍ରକାର, ଯେପରି ସତ୍ୟ ଅନ୍ୟ ପ୍ରକାର ସତ୍ୟ ହେଉଛି । ଏଇ ଆଙ୍ଗୁଠି ଦ୍ୱାରା ବାଣ ମରାଯାଏ, ବର୍ଚ୍ଛା ପିଙ୍ଗା ଯାଏ ଏବଂ ଅନ୍ୟ ମଣିଷକୁ ନିଜ ଅକ୍ତିଆରରେ ଅଣାଯାଇ ତାର ତଣ୍ଡି ମଧ୍ୟ ଚିପାଯାଇପାରେ !

ଟିକେ ଶାନ୍ତି ଆସିବା ପରେ ସେ ଶବଗୁଡ଼ାକ ଡେଇଁ ବାହାରକୁ ଆସିଲା ଏବଂ କାନ୍ଥରେ ଭରା ଦେଇ ଦେଇ ନିଜ ଘରକୁ ଗଲା ।

କିନ୍ତୁ ତା ଘର ଶୂନଶାନ—ଶ୍ମଶାନରେ ପରିଣତ ହୋଇଥିଲା । ଏଇ ଘରକୁ ସେ କୋଡ଼ିଏ ବର୍ଷ ପରେ ଫେରିଥିଲା । ମାତ୍ର ସେ ଫେରିବାର କିଛି ଘଣ୍ଟା ପୂର୍ବରୁ ତାର ପିତା ମାତା ଯୁଦ୍ଧ ବିଭୀଷିକାର ଶିକାର ହୋଇ ପ୍ରାଣ ଦେଇଥିଲେ । କ୍ଷତ ଶୁଖିବା ପରେ ସେ ଶ୍ରାବସ୍ତୀରୁ ବାହାରି ଗୃରଆଡ଼େ ଘୂରି ବୁଲିଲା ।

କ୍ରମଶଃ ଦେଶରେ ଶାନ୍ତି ସ୍ଥାପିତ ହେଲା । ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ ସୁଦୃଢ଼ ହେଲା । ଗୌତମ ବୁଲି ବୁଲି ଶେଷରେ କାଶୀରେ ପହଞ୍ଚିଥିଲା । ସେ ଜଣେ ସୁଯୋଗ୍ୟ ସୁଶିକ୍ଷିତ ବ୍ରାହ୍ମଣ ଥିଲା—ଏଇ ଜ୍ଞାନ ଛଡ଼ା ତା ନିକଟରେ ଆଉ କିଛି ପୁଞ୍ଜି ନଥିଲା । କିନ୍ତୁ ସେଥିରେ ସେ ଜମା ଚିନ୍ତିତ ନଥିଲା । ବିଦ୍ୟାର୍ଥୀ ଓ ବ୍ରହ୍ମଚାରୀ ହୋଇଥିବା ହେତୁ ଭେକରେ ରହିବା ଏବଂ ବିପତ୍ତିର ସମ୍ମୁଖୀନ ହେବା ଅଭ୍ୟାସ ତାର ଥିଲା । ତାକୁ ଏପରି ବୁଲା ଜୀବନ ମନ୍ଦ ଲାଗିଲା ନାହିଁ । କିନ୍ତୁ ଏବେ ସେ ବିଦ୍ୱାନ ବ୍ୟକ୍ତିଙ୍କ ପାଖ ମାଡ଼ୁ ନଥିଲା ଏବଂ କୌଣସି ଯୁକ୍ତିତର୍କ ହେଲେ ସେ ବାଟ କଟାଇ ଅନ୍ୟ ରାସ୍ତା ଧରୁଥିଲା ।

କାଶୀର ଏକ ନାଟକ ଗୃହରେ ନାୟିକା ସହିତ ଦୈବାତ୍ ତାର ଭେଟ ହେଲା ଏବଂ ଗୌତମକୁ ଦେଖି ନାୟିକା ତାହା ପ୍ରତି ଆକୃଷ୍ଟ ହୋଇ ତାକୁ ନାଟକମଣ୍ଡଳୀରେ ଭର୍ତ୍ତି କରାଇ ଦେଲା ।

ନିଜର କଟିଯାଇଥିବା ଆଙ୍ଗୁଠି ଦ୍ୱାରା ଚିତ୍ର ଆଙ୍କିବା, ମୂର୍ତ୍ତି ଗଢ଼ିବା ତଥା ନୃତ୍ୟ କରିବା ଅସମ୍ଭବ ଥିଲା । ତା ଆଗରେ କେବଳ ଅଭିନୟ ଦ୍ୱାରା ହିଁ ନିଜ କଳା ପ୍ରଦର୍ଶନ କରିବାର ଏକମାତ୍ର ପଥ ଉନ୍ମୁକ୍ତ ଥିଲା । ବିଦ୍ୟାର୍ଥୀ ଜୀବନରେ ସେ

Digitized by PPRACHIN, SOA

ନାଟକ ଲେଖିଥିଲା, ତା ପରେ ସେ ଦାର୍ଶନିକ, ବିଦ୍ୱାନ, ଚିତ୍ରକାର ଓ ଅଭିନେତା ହୋଇଗଲା ।

ବହୁରୂପର ପ୍ରକୃତ ହେଉଛି ଅନ୍ୟ ଏକ ସତ୍ୟ ।

ବିୟୋଗାନ୍ତ ନାଟକ ବେଶୀ ଆଦୃତ ହେଉଥିଲା । ତେଣୁ ଗୌତମ ନିଳାମ୍ବର ମଧ୍ୟ ଏଇ ପରମ୍ପରା ବଜାୟ ରଖିଥିଲା । ବିୟୋଗାନ୍ତ ଛଡ଼ା ଆଉ କଅଣ ବା ସେ ନିଜ ନିମନ୍ତେ ବାଛି ପାରିଥାଆନ୍ତା ?

ନାଟକ ଗୃହର ଏଇ ରୂପସୀ ନାୟିକାର ନାମ ଥିଲା ଅମ୍ବିକା । ସେ ଥିଲା ସେ ସମୟର ପ୍ରସିଦ୍ଧ ଅଭିନେତ୍ରୀ । ବିତ୍ତଶାଳୀ ଯୁବକ ଓ ରସିକ ଲୋକେ ତା ନାଁକୁ ଜପାମାଳୀ କରିଥିଲେ । କିନ୍ତୁ ସେ ପୁଣି ରସିଲା କାହାକୁ, ନା ଗୌତମ ପରି ଆଙ୍କୁଳିଆନ ନିର୍ଦ୍ଧନ ବ୍ରାହ୍ମଣକୁ ।

ଏଥିରୁ ଗୌତମକୁ ଆଉରି ଏକ ସତ୍ୟ ଜଣାପଡ଼ିଲା—ତୁମେ ଯାହାକୁ ଚାହିଁ ସେ ତୁମର ଚିନ୍ତା କରୁନି, ଅଥଚ ତୁମ ନିମନ୍ତେ ଯେ ପ୍ରାଣ ଦେଉଛି ତା ନିମନ୍ତେ ତୁମର ମଧ୍ୟ କୌଣସି ଆକର୍ଷଣ ନାହିଁ । ଏହି ବି ଜୀବନର ଏକ ଅଭୂତ ଅନୁଭୂତ ଥିଲା । ଅବଶ୍ୟ ଯା ପୂର୍ବରୁ ବହୁ ଲୋକଙ୍କ ଜୀବନରେ ଏପରି ଅଭିଜ୍ଞତା ହୋଇଛି—କିନ୍ତୁ ତା' ପାଇଁ ଏହା ଏକଦମ୍ ନୂଆ ।

ସେ ଅମ୍ବିକାର ନାଟ୍ୟମଣ୍ଡଳୀ ସହିତ ସବନ୍ଧ ତୁଲିଲା । ମୌର୍ଯ୍ୟ ରାଜ୍ୟ ସମୃଦ୍ଧିଶାଳୀ ତଥା ଶ୍ରୀଯୁକ୍ତ ଥିଲା—ଲଳିତ କଳା ପ୍ରତି ଲୋକଙ୍କର ଆଗ୍ରହ ବହୁତ ବେଶୀ ହୋଇଥିଲା । ଏବେ ଗୌତମ ମଧ୍ୟ ଧନୀ ଯୁବକଙ୍କ ପରି ବିଳାସ ବ୍ୟସନରେ ରହି ଓ ମଦ ପିଇ ନିତ୍ୟ ନୂଆ ରୂପସୀଙ୍କ ସନ୍ଧାନରେ ବାହାରୁଥିଲା । ମାତ୍ର କୌଣସି ରୂପସୀର ସଙ୍ଗ ତାକୁ ଆନନ୍ଦ ଦେଇ ପାରୁ ନଥିଲା । ଅମ୍ବିକା କିନ୍ତୁ ପୂଜାରିଣୀ ପରି ଗୌତମର ଏ ପ୍ରକାର ବିଳାସ ବ୍ୟସନ ସତ୍ତ୍ୱେ ତାକୁ ପରମ ଶ୍ରଦ୍ଧା ଓ ଭକ୍ତି କରୁଥିଲା । ତାର ଏଇ ପ୍ରେମର ପ୍ରତିଦାନରେ ଗୌତମ ତା ସହିତ ଅତି ନିଷ୍ଠୁର ବ୍ୟବହାର କରୁଥିଲା ଏବଂ ତାକୁ ଆଘାତ ଦେଇ ନିଜ ମନରେ ଆନନ୍ଦ ଅନୁଭବ କରୁଥିଲା ।

ସେ ବହୁ ସ୍ଥାନରେ ଚମ୍ପକର ଅନୁସନ୍ଧାନ କରିଥିଲା । ଦୈବାତ୍ ଯଦି ସେ ଜୀବିତ ଥାଇପାରେ—ଏଇଆ ଭାବି ତାକୁ ସବୁ ଜାଗାରେ ଖୋଜୁଥିଲା, କିନ୍ତୁ ବ୍ୟର୍ଥ ହୋଇଥିଲା । ଅବଶେଷରେ ନିରାଶ ହୋଇ ଚମ୍ପକର ଆଶା ଛାଡ଼ିଦେଇଥିଲା ଏବଂ ଅମ୍ବିକାର ପ୍ରେମକୁ ସ୍ୱୀକାର କରିଥିଲା । ଅମ୍ବିକା ସହିତ ପ୍ରକୃତ ଗୃହୀ ଜୀବନ ଯାପନ କରି ସେ ଶାନ୍ତି ଓ ସୁଖ ପାଇଥିଲା ।

ଆଜି ସେ ପାଟଳୀପୁତ୍ରରେ ପ୍ରଥମ ଥର ପରି ଅମ୍ବିକା ସହିତ ଅଭିନୟ କରୁଥିଲା

Digitized by PPRACHIN, SOA

ଏବଂ ଦର୍ଶକଗଣ ତାଙ୍କୁ ଶ୍ରଦ୍ଧାର ସହିତ ଦେଖୁଥିଲେ । ଦର୍ଶକଗଣ, ଯେଉଁମାନେ କି ବହୁରୂପୀର ଅଭିନୟ ଦେଖିବା ନିମନ୍ତେ ପାଗଳ, ଅଥଚ ପ୍ରକୃତ ଗୌତମ ନୀଳାମ୍ବର କେବେହେଲେ ସେମାନଙ୍କ ଦୃଷ୍ଟିଗୋଚର ହେବ ନାହିଁ ।

୭

ମହିଳାଗଣ ଦୁଃଖରେ ଅଭିଭୂତ ହୋଇ ଆଖି ବନ୍ଦ କରିଦେଲେ । କୁମାରୀଗଣ ଆଶ୍ଚର୍ଯ୍ୟ ଓ ଦୁଃଖରେ ମ୍ରିୟମାଣ ହୋଇ ବସିରହିଲେ । ଚମ୍ପକ ଏହି ମହିଳାମାନଙ୍କ ମଧ୍ୟରେ ବସି ଅନ୍ୟ ଏକ ବନ୍ଧୁ ସହିତ ଆଳାପରେ ବ୍ୟସ୍ତ ଥିଲା ।

ହଠାତ୍ ମଞ୍ଚ ଆଡ଼କୁ ଅନାଇ ସେ କ୍ଷୁବ୍ଧ ହୋଇଗଲା—ସାମନାରେ ସେ ଗୌତମ ନୀଳାମ୍ବରକୁ ଦେଖିଲା । ଗୌତମକୁ ଦେଖି ତାର ଆଖି ଲୋତକରେ ପୂର୍ଣ୍ଣ ହୋଇଗଲା ଏବଂ ସେହି ଲୋତକପୂର୍ଣ୍ଣ ଆଖିର ଜାଲୁଜାଲୁଆ ଦୃଷ୍ଟିରେ ଗୌତମ ନୀଳାମ୍ବରର ଚେହେରା ପ୍ରଦୀପର ଶିଖା ପରି ତାକୁ ଦେଖାଗଲା ।

ଅଭିନୟ କରୁ କରୁ ଗୌତମର ଦୃଷ୍ଟି ତା ଉପରେ ମଧ୍ୟ ନିବଦ୍ଧ ହେଲା । କିଛି ସମୟ ପର୍ଯ୍ୟନ୍ତ ନିଜ ଅଭିନୟ ଭୁଲି ସେ ମୂର୍ତ୍ତିବତ୍ ଠିଆହୋଇଗଲା । ପରେ ନିଜ ଦୃଷ୍ଟି ଅନ୍ୟ ଦିଗକୁ ନେଇ ନିଜକୁ ସଂଯତ କରିନେଲା । ଚମ୍ପକର ସନ୍ଧାନ ପାଇବା ପାଇଁ ସେ ଏତେ ତୀବ୍ର ପ୍ରତୀକ୍ଷା ତଥା ଚେଷ୍ଟା କରିଥିଲା, ଅଥଚ ଯେତେବେଳେ ତାକୁ ସେ ତା ସମ୍ମୁଖରେ ବସିଥିବାର ଦେଖିଲା ସେତେବେଳେ ଚମ୍ପକର ସୀମନ୍ତରେ ସିନ୍ଦୂର ଥିଲା ଏବଂ କୋଳରେ ତାର ଶିଶୁକୁ ଧରି ଅନ୍ୟ ସାଥୀମାନଙ୍କ ସହିତ ସେ ଆଗ ଧାଡ଼ିରେ ଚକାମାଡ଼ି ବେଶ୍ ଶାନ୍ତରେ ବସିଥିଲା !

ପ୍ରଥମରୁ ତ ସେ ପବିତ୍ରତାର ପ୍ରତିମୂର୍ତ୍ତି ଥିଲା ଏବଂ ଜନନୀ ରୂପରେ ଆହୁରି ପବିତ୍ରତର ହୋଇଥିଲି । ଅବଶେଷରେ ସେ ଏଇ ସତ୍ୟରେ ଉପନୀତ ହେଲି ଯେ ସଂଯୋଗ, ଦୁର୍ଘଟଣା ଏବଂ ସମୟର ଅଭ୍ରାନ୍ତ ଗତି—ଏ ସମସ୍ତର ଯଥେଷ୍ଟ ଯଥାର୍ଥତା ରହିଛି ।

ଏହା ଭାବି ସେ ପୁନର୍ବାର ନିଜ ଅଭିନୟରେ ଲୀନ ହୋଇଗଲା ।

Digitized by PPRACHIN, SOA

ଚମ୍ପିକ ନିଜେ ନିଜେ ଚୁପ୍‌ଚୁପ୍ ନିଜ ଅଶ୍ରୁ ସମ୍ବରଣ କରିବାକୁ ଲାଗିଲା । ତା ପାଇଁ ଜଣେ ଏ ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲା କିନ୍ତୁ ତାକୁ ଭୁଲି ପାରିଲା ନାହିଁ । ସେ ବ୍ୟକ୍ତି ହେଉଛି ହରିଶଙ୍କର । ଅନ୍ୟ ଏକ ବ୍ୟକ୍ତି ତାକୁ ଭୁଲିଯିବା ନିମନ୍ତେ ତ୍ୟାଗ ମାର୍ଗରୁ ଚାଲିଆସି ସଂସାରର ଶରଣ ନେଲା, କିନ୍ତୁ ତା ସତ୍ତ୍ୱେ ବି ସନ୍ନ୍ୟାସୀ ହିଁ ରହିଲା—ସେ ହେଉଛି ଗୌତମ ମିଳାମ୍ବର । ଅଥଚ ସେ ନିଜେ ହତଭାଗୀ ସଂସାର ଛାଡ଼ି ପାରିଲା ନାହିଁ କି ସଂସାରରେ ରହି ଜୀବନର ଆନନ୍ଦ ମଧ୍ୟ ପାଇଲା ନାହିଁ । ଏ ସମସ୍ତ ହିଁ ମାୟାର ଖେଳ ।

ଏକ ନାରୀ ହୋଇଥିବାରୁ ତା ଭାଗ୍ୟରେ ଯାହା ଲେଖାଥିଲା ତାକୁ ସେଇଆ ହିଁ ହେବାକୁ ପଡ଼ିଲା । ରାଜାଙ୍କ ମୃତ୍ୟୁ ପରେ ଅନ୍ୟ ରାଜକୁମାରୀମାନଙ୍କ ସହିତ ତାକୁ ବନ୍ଦୀ କରାଯାଇ ପାଟଳୀପୁତ୍ରକୁ ଅଣାଗଲା । ଅଯୋଧ୍ୟା ରାଜପରିବାରର ସମସ୍ତ ଯୁବତୀଙ୍କୁ ବିଜେତାମାନେ ବିବାହ କଲେ । ତାର ବିବାହ ମଧ୍ୟ ଚାଣକ୍ୟଙ୍କ ଅଧୀନସ୍ଥ ଏକ ଉଚ୍ଚ ପଦାଧିକାରୀ କର୍ମଚାରୀଙ୍କ ସହିତ ହେଲା । ଏହି କର୍ମଚାରୀ ଷାଠିଏ ବର୍ଷ ବୟସ୍କ ପୃଥୁଳ ଶରୀରର ବ୍ରାହ୍ମଣ ଥିଲେ ଓ ଅର୍ଥ ବିଭାଗରେ କାମ କରୁଥିଲେ ଏବଂ ସବୁବେଳେ ଅନେଶ୍ୱତକୁ ସନ୍ଦେହ କରିବା ଫନ୍ଦରେ ଥିଲେ ।

ଚମ୍ପିକ ତାର ଏହି ଷାଠିଏ ବର୍ଷ ବୟସ୍କ ପତିଙ୍କ ସେବା ପୂଜାରେ ସମୟ କଟାଉଥିଲା । ପାଟଳୀପୁତ୍ରର ଅନ୍ୟ ସବୁ ଗୃହପତ୍ନୀଙ୍କ ପରି ସେ ଥିଲା, ତାର କିଛି ବିଶେଷତା ନଥିଲା । ତା ନିଜର ଏକ ପୁତ୍ର ହୋଇଥିଲା ଏବଂ ସେ ସାଙ୍ଗ ସାଥୀଙ୍କ ସହିତ ସାଧାରଣ କଥାବାର୍ତ୍ତାରେ ସମୟ କାଟୁଥିଲା । ଦର୍ଶନ ଶାସ୍ତ୍ର ଆଲୋଚନା କରିବାର ସମୟ ଅତୀତ ଗର୍ଭରେ ଲୀନ ହୋଇଥିଲା ।

କେତେକ ସମୟ ପରେ ନାଟକର ପ୍ରଥମ ଅଙ୍କ ସମାପ୍ତ ହେବା ପରେ ଯବନିକା ପଡ଼ିବାରୁ ସେ ନିଜ ଦାସୀ କାନରେ କିଛି କହିଲା । ଦାସୀ ଟିକେ ଏପଟ ସେପଟ ଦେଖି ସାଙ୍ଗେ ସାଙ୍ଗେ ବାହାରକୁ ବାହାରି ଗଲା ।

ପ୍ରଥମ ଅଙ୍କ ଶେଷ ହେବା ପରେ ଗୌତମ ପଛପଟେ ଥିବା ପ୍ରସାଧନ ଗୃହକୁ ଗଲା ।

ଦର୍ପଣ ସାମନାରେ ଠିଆ ହୋଇ ନିଜ ଜୁଡ଼ାରୁ ମାଳା କାଢ଼ୁ କାଢ଼ୁ ଅମ୍ବିକା କହିଲା, "ଜଣେ ଦାସୀ ତୁମକୁ ଦେଖା କରିବା ନିମନ୍ତେ ଚାହୁଁଛି ।"

"କିଏସେ ସେ" ? ଗୌତମ ଧୀରେ ପଚାରିଲା । ତା ସ୍ୱରର ସମସ୍ତ କଟୁତା

Digitized by PPRACHIN, SOA

ଏବଂ ବରବ୍ର ଲୁପ୍ତ ହୋଇ ଯାଇଥିଲା—ଅମ୍ବିକା ତାର ଏଇ ଅଚାନକ ପରିବର୍ତ୍ତନ ଦେଖି ସ୍ତମ୍ଭିତ ହୋଇଗଲା ।

"ମୁଁ ଜାଣେନା—ତୁମେ ନିଜେ ଯାଇ ଦେଖି ଆସ ।" ସେ ଏତିକି କହି ଅନ୍ୟ ନର୍ତ୍ତକୀମାନଙ୍କ ନିକଟକୁ ଚାଲିଗଲା ।

ଗୌତମ ପ୍ରସାଧନ କକ୍ଷର ପାହାଚ ଉପରକୁ ଆସିଲା—ତଳେ ଜନୈକ ଯାବନ ବର୍ଣ୍ଣର ଦାସୀ ଠିଆ ହୋଇଥିଲା—ସେ ଗୌତମଙ୍କୁ ପ୍ରଣାମକରି କହିଲା, "ମୋ ଖାଉନ୍ଦାଣୀ ତୁମକୁ ତାଙ୍କର ପ୍ରଣାମ ଜଣାଇଛନ୍ତି ଏବଂ କହିଛନ୍ତି ଯେ ଯିବା ସମୟରେ କଣ ତାଙ୍କ ସହିତ ଅଳ୍ପ ସମୟପାଇଁ ଦେଖାକରି ପାରିବେ ?"

କିଛିକ୍ଷଣ ମୌନ ରହି ସେ କହିଲା, "ନାହିଁ, ତୁମେ ତୁମ ଖାଉନ୍ଦାଣୀଙ୍କୁ କହିବ ଯେ ଯିଏ ଜାଗ୍ରତ ତାକୁ ଦିନେ ନା ଦିନେ ନିଦ୍ରା ଆସିଯାଏ ଏବଂ ଯିଏ ନିଦ୍ରିତ ସେ ମଧ୍ୟ ଦିନେ ନା ଦିନେ ଜାଗ୍ରତ ହୁଏ । ଯେଉଁମାନେ ବରାବର ଜାଗ୍ରତ ଅଛନ୍ତି ସେମାନଙ୍କ ଆଡ଼କୁ ଧ୍ୟାନଦେବା ଆବଶ୍ୟକ । ତାଙ୍କୁ କହିଦେବ ମୁଁ ଏବେ ଜାଗ୍ରତ ଅଛି ଏବଂ କୌଣସି ପ୍ରଲୋଭନ ମୋ ପଥ ଅଟକାଇ ପାରିବ ନାହିଁ । ତାଙ୍କୁ ଏକଥା ମଧ୍ୟ କହିଦେବ ଯେ ପତିବ୍ରତା ସ୍ତ୍ରୀ ଅନ୍ୟ ପୁରୁଷଙ୍କ କଥା ହୃଦୟରେ ରଖିବା ପାପ ·· ଏବେ ତୁମେ ଯାଇପାର ।"

ଦାସୀ ନାଟକଗୃହ ଭିତରକୁ ଗଲା ଏବଂ କିଛିକ୍ଷଣ ପରେ ଫେରିଆସି କହିଲା—"ମୋର ଖାଉନ୍ଦାଣୀ କହିଲେ—ତୁମର କଥା ଠିକ୍ । ଯଦି ବର୍ତ୍ତମାନ ତୁମେ ଜାଗ୍ରତ ତେବେ ବଡ଼ ଆନନ୍ଦର କଥା । ଦ୍ୱିତୀୟ କଥାର ଉତ୍ତରରେ ସେ କହିଲେ ଯେ ପତିବ୍ରତାର ଅର୍ଥ ତୁମେ କଣ ଜାଣ ? ଅବଶ୍ୟ ଏକଥା ଠିକ୍ ଯେ କୌଣସି ବିଷୟ ତୁମ ରାସ୍ତାରେ ବାଧା ସୃଷ୍ଟି ନ କରୁ । ବର୍ତ୍ତମାନ ତୁମେ ତୁମ ପଥରେ ଯାଇପାର ।"

ଏତିକି କହି ସେ ଶୀଘ୍ର ଓଢ଼ଣା ଟାଣି ଦର୍ଶକ ଗହଳରେ ହଜିଗଲା ।

ନାଟକ ସମାପ୍ତ ହେବା ପରେ ଗୌତମ ଦର୍ଶକ ମଣ୍ଡଳୀକୁ ନ ଦେଖି ନାଟ୍ୟ ଗୃହରୁ ବାହାରକୁ ଚାଲି ଆସିଲା । ପ୍ରସାଧନ କକ୍ଷରେ ନିଜର ରେଶମୀ ବସ୍ତ୍ର ଏବଂ ଆଭୂଷଣ ବାହାରକରି ଖଣ୍ଡିଏ ଶ୍ୱେତ ଉତ୍ତରୀୟ କାନ୍ଧରେ ପକାଇ ଖାଲି ପାଦରେ ଦର୍ଶକଙ୍କ ଦୃଷ୍ଟି ଅଗୋଚରରେ ନାଟକ ଗୃହ ଛାଡ଼ି ବାହାରକୁ ଆସିଲା । ତା ପରେ ଖୁବ୍ ଦ୍ରୁତଗତିରେ ନଗର ଫାଟକ ନିକଟକୁ ଗତିକଲା ଯେପରି କୌଣସି ବନ୍ଦୀ ବନ୍ଦିଶାଳାରୁ ପ୍ରହରୀର ସତର୍କ ଦୃଷ୍ଟିକୁ ଫାଙ୍କି ଚାଲି ଆସେ ।

ନଗରରେ ସବୁଆଡ଼େ କର୍ମ ବ୍ୟସ୍ତତା ଓ ଗହଳି ଲାଗି ରହିଥିଲା । ଚିକିତ୍ସାଳୟ ମାନଙ୍କରେ ମଧ୍ୟ ରୋଗୀମାନେ ସ୍ୱାସ୍ଥ୍ୟ କାମନା ମୁଖର ପ୍ରତୀକ୍ଷାରେ ଥିଲେ । ବଜାରରେ

Digitized by PPRACHIN, SOA

ସ୍ୱର୍ଣ୍ଣ, ରୌପ୍ୟ ମୁଦ୍ରାର କାରବାର ଚାଲିଥିଲା । ଆୟୁଧ ଗୃହରେ ଅସ୍ତ୍ରଶସ୍ତ୍ର ତିଆରି ଚାଲିଥିଲା । ନଦୀର ଜାହାଜ ଘାଟରେ ଜାହାଜ ତିଆରି ହେଉଥିଲା ଓ ଦୂରରୁ ରାଜଭବନର ଗମ୍ବୁଜ ଦେଖାଯାଉଥିଲା ।

ଏଇ ସମୟରେ ସମ୍ରାଟ ହୁଏ ତ ଗଣିକାମାନଙ୍କ ସହିତ ବସି ପଶାଖେଳରେ ମଉଜ ଥିବେ—ଏହା ଭାବି ଗୌତମ ମନକୁମନ ହସିଲା ।

ସହସା ଏକ ବେଶ୍ୟା ତାକୁ ନିରେଖି ଦେଖି ବାଟ କଟାଇ ଚାଲିଗଲା । ହୁଏତ ଏ ମଧ୍ୟ ଅନ୍ୟାନ୍ୟ ନିପୁଣ ବେଶ୍ୟାମାନଙ୍କ ପରି ଗୁପ୍ତଚର ବିଭାଗରେ କାମ କରୁଥିବ !

'ପ୍ରଶ୍ନ ହେଉଛି, ଯଦି କିଏ ଗଣିକାଙ୍କୁ ପଗ୍ଚାରିବ କିଏ କାହା ଉପରେ ଚରଗିରି କରିବ ?' ମନେ ମନେ ଏହା କହି ସେ ପୁଣି ହସିଲା ।

ଅନ୍ଧାର ହୋଇଯାଇଥିଲା—ଦୁର୍ଗର ଗମ୍ବୁଜ ଉପରୁ ପ୍ରହରୀଗଣଙ୍କ 'ଖବରଦାର' ଶବ୍ଦ ଶୁଣାଯାଉଥିଲା । ସେ ଗୋଟିଏ ଫାଟକ ନିକଟରେ ପହଞ୍ଚି ଠିଆହୋଇଗଲା । ଏହି ନଗରର ଚଉଷଠି ଗୋଟି ଫାଟକ ମଧ୍ୟରୁ ତାର ଗନ୍ତବ୍ୟସ୍ଥଳ ନିମନ୍ତେ କେଉଁ ଫାଟକ ଖୋଲିବ ?

ପ୍ରହରୀ ତାକୁ କୌଣସି ଉଚ୍ଚ ପ୍ରତିଷ୍ଠିତ ବ୍ରାହ୍ମଣ ମନେକରି ନିର୍ଦ୍ୱନ୍ଦ୍ୱରେ ଫାଟକ ପାରି ହେବାକୁ ଛାଡ଼ିଦେଲା । ସେ ଗଡ଼ଖାଇ ପାରହୋଇ ପ୍ରୟାଗ ଆଡ଼କୁ ଯାଇଥିବା ବିସ୍ତୃତ ରାଜପଥରେ ଚାଲିବାକୁ ଲାଗିଲା ।

ଶୋନ ନଦୀ ପାରିହୋଇ କେତେ ଦିନ ଧରି ସେ ଚାଲିବାକୁ ଲାଗିଲା । ରାସ୍ତାରେ ଘନ ଜଙ୍ଗଲ, ନଦୀ, ନାଳ ପାରିହୋଇ ଯାଉଥିଲା । ନଦୀ କୂଳରେ ବହୁ ସଂଖ୍ୟକ ସାଧକ ଘୋର ତପସ୍ୟାରେ ନିମଗ୍ନ ଥିଲେ ।

'ବାନପ୍ରସ୍ଥ ପରେ ସନ୍ନ୍ୟାସୀ ହେବାକୁ ହୁଏ । ମୋର ବୋଧହୁଏ ସେହି ଅବସ୍ଥା ଆସି ଯାଇଛି, ଯେତେବେଳେ କି ମୃତ୍ୟୁର କମ୍ପା ଜୀବନର ମଧ୍ୟ କାମନା ରହେ ନାହିଁ ।' —ଏହା ଭାବି ଭାବି ସେ ଆଗେଇଯାଉଥିଲା । ବହୁ ନଗର, ସରକାରୀ କ୍ଷେତ, ଆଶ୍ରମ, ମୟୂରପାଳକ ଲୋକଙ୍କ ଗ୍ରାମ ଅତିକ୍ରମ କରି ସେ ଚାଲୁଥିଲା । ମାତ୍ର ତାର ଯାତ୍ରାର ଶେଷ କେଉଁଠି ?

କିନ୍ତୁ ଭୟ କରିବାର କଅଣ ଅଛି ? ପୃଥିବୀ ତ ତା ସହିତ ଅଛି ! ପୃଥ୍ୱୀ ତାର ମା—ସେ ତା ସଂଗ କେବେହେଲେ ଛାଡ଼ିବ ନାହିଁ ।

ଘାସର ମିଠା ସୁଗନ୍ଧ, ପଥରର ଶୀତଳତା ଏବଂ ମାଟିର ଶକ୍ତି ସେ ଅନୁଭବ କରୁଥିଲା । ହାତ ବଢ଼ାଇ ସେ ପବନକୁ ସ୍ପର୍ଶ କରି ଧୀରେ ଧୀରେ ଋଗ୍‌ବେଦର ଏକ ସ୍ତୁତି ଆବୃତ୍ତି କରିବାକୁ ଲାଗିଲା—"ହେ ପୃଥ୍ୱୀ ମାତା ! ତୋର ପାହାଡ଼, ବରଫାବୃତ

Digitized by PPRACHIN, SOA

ପର୍ବତ, ବନ ଉପବନ ସମସ୍ତେ ସ୍ୱପ୍ନାଳୁ । ମୁଁ ତୋର ଉପରେ ଭରଦେଇ ଠିଆ ହୋଇଛି । ମୁଁ ପରାଜିତ ହୋଇନାହିଁ । ମୁଁ ପରିପୂର୍ଣ୍ଣ ହୋଇଛି । ମୋତେ କେହି ଶେଷ କରି ଦେଇ ନାହିଁ । ହେ ପୃଥ୍ୱୀ ମାତା, ତୋ ଭିତରେ କଅଣ କିଛି ଅଛି ? ମୋତେ ମଧ୍ୟ ଟିକେ ତୋ ଭିତରେ ସ୍ଥାନ ଦେ ।”

ଚାଲୁ ଚାଲୁ କେତେଦିନ ବିତିଗଲା । ବିଭିନ୍ନ ପ୍ରକାରର ଫୁଲ ଏବଂ ପତ୍ର ତା ପଥରେ ବିଛୁଡ଼ି ହୋଇ ଯେପରି ତାକୁ ସ୍ୱାଗତ କରୁଥିଲେ । ପକ୍ଷୀଗଣ ମଧୁର ସ୍ୱରରେ ଶବ୍ଦ କରୁଥିଲେ । ଶ୍ରାବଣର ବର୍ଷାଧାରା ପଦ୍ମପତ୍ର ଉପରେ ଜଳ ତରଙ୍ଗ ସୃଷ୍ଟି କରୁଥିଲା । ଆକାଶରେ ଘନ ମେଘ ଛାଇ ହୋଇଯାଇଥିଲା । କୃଷକ କନ୍ୟାର ଶାଢ଼ି ପ୍ରାନ୍ତ ପବନରେ ଉଡ଼ୁଥିଲା ।

ଏକ ମୁଣ୍ଡିଆ ଉପରେ ଠିଆହୋଇ ସେ ସମସ୍ତ ଦୃଶ୍ୟ ଦେଖିଲା । ଉପରୁ ଏକ ବର୍ଷାବିନ୍ଦୁ ଟପ୍‌କରି ତାର ଆଖିରେ ପଡ଼ିଲା, ଯେପରି କି ସ୍ୱାତୀ ବିନ୍ଦୁ ଶାମୁକାରେ ମୁକ୍ତା ହେବା ଲାଗି ପଡ଼ିଥାଏ । କଳା ମେଘ ଗର୍ଜନ କରୁଥିଲା । ସେ ପ୍ରକୃତିର ଏ ଅପୂର୍ବ ଦୃଶ୍ୟରେ ଆନନ୍ଦ ବିଭୋର ଥିଲା । ଅନ୍ତର ଭିତରେ ମଧ୍ୟ ଆନନ୍ଦର ହିଲ୍ଲୋଳ ଉଠୁଥିଲା । ମସ୍ତିଷ୍କରେ ଯେପରି ଝରଣାର ସୁମଧୁର ସଙ୍ଗୀତ ଶୁଣାଯାଉଥିଲା । ତାର ମନେହେଲା ଯେପରି ଇନ୍ଦ୍ର, ରୁଦ୍ରାଦି ଦେବତାଗଣ ସ୍ୱୟଂ ତାର ସହାୟତା ନିମନ୍ତେ ଠିଆ ହୋଇଛନ୍ତି । ଗୋଟିଏ ବୃକ୍ଷ ତଳେ ସେ ଆଖି ବୁଜି ଠିଆ ହୋଇଗଲା ଏବଂ ବର୍ଷା ବିନ୍ଦୁ ତାର ଉଦାସ, ଶାନ୍ତ ଓ ସୌମ୍ୟ ମୁଖମଣ୍ଡଳ ଉପରେ ଝରଣାପରି ବୋହି ଯାଉଥିଲା ।

ବର୍ଷା ରାତିସାରା ଅବିରାମ ଧାରାରେ ବର୍ଷି ସକାଳକୁ ଛାଡ଼ି ଯାଇଥିଲା । ଚାରିଆଡ଼ ସୂର୍ଯ୍ୟ କିରଣରେ ଝଲମଲ ହେଉଥିଲା । ନଦୀ କୂଳରେ ବ୍ରାହ୍ମଣଗଣ ଉଷା ବନ୍ଦନା କରୁଥିଲେ ।

ପବନର ପ୍ରତିକୂଳରେ ଗୌତମ ଆଗକୁ ମାଡ଼ି ଚାଲିଲା । ପଛରୁ ବ୍ରାହ୍ମଣମାନଙ୍କ ସ୍ୱର କ୍ଷୀଣରୁ କ୍ଷୀଣତର ହୋଇ ଆସିଲା—“ଦେବତାମାନଙ୍କ ଜନନୀ ! ତୁମେ ଆଲୋକିତ ହୁଅ ଏବଂ ଆମକୁ ଦେଶର ଉଚ୍ଚତମ ପଦ ପ୍ରଦାନ କର ।”

ମନ୍ଦିର ପାରିହୋଇ ସେ ପୁନର୍ବାର ଜଙ୍ଗଲ ରାସ୍ତାରେ ଚାଲିଲା ।

ଆଗରେ ଅଯୋଧ୍ୟା ନଗରୀ । ଓଦା ମାଟି ଉପରେ ବସି ସେ ଅନୁଭବ କଲା ଚତୁର୍ଦ୍ଦିଗରେ ବିରାଟ ଶୂନ୍ୟତା ଏବଂ ସେ ପୂର୍ବବତ୍ ନିଃସଙ୍ଗ ରହିଛି । ସଂସାରର ଅନାଦି ଅନନ୍ତ ମାନବ, ପରିଶ୍ରାନ୍ତ ପରାଜିତ ତଥା ପ୍ରସନ୍ନ ଚିତ୍ତ ଆଶାବାଦୀ ମାନବ ଯିଏ ଭଗବତ୍ ସତ୍ତାରେ ହିଁ ରହିଛି ଏବଂ ସ୍ୱୟଂ ଭଗବାନ ମଧ୍ୟ ଅଟେ । ଆଗରେ

Digitized by PPRACHIN, SOA

ଅଯୋଧ୍ୟାର ବର୍ଷା ଧୌତ ସୁବର୍ଣ୍ଣମୟ ନଗରୀ ଆହୁରି ଝଲସୁ ଥିଲା । ମନେହେଉଥିଲା ଯେପରି ସମସ୍ତ ନଗରୀ ସୁନାରେ ତିଆରି ଏବଂ ସେଥିରୁ ଆଲୋକ ଛଟା ବିଚ୍ଛୁରିତ ହେଉଛି ।

ପୁନର୍ବାର ତାର ମାନସିକ ବଳ ଫେରି ଆସିଲା । ତାର ସ୍ୱରରେ ପୂର୍ବପରି ଦୃଢ଼ ନିଶ୍ଚୟ ଓ ସ୍ୱାଭିମାନ ଥିଲା । ସେ ଭଗବାନଙ୍କୁ ମନେ ମନେ ଡାକି କହିଲା, "ହେ ଭଗବାନ, ତୁମେ ହିଁ ଅଗ୍ନି, ସୂର୍ଯ୍ୟ, ବାୟୁ, ଚନ୍ଦ୍ରମା ଏବଂ ତାରକା ଖଚିତ ଆକାଶ ଅଛ । ତୁମେ ହିଁ ବ୍ରହ୍ମା, ବରୁଣ, ପ୍ରଜାପତି ଅଛ । ତୁମେ ନାରୀ, ପୁରୁଷ, ଯୁବକ ତଥା ଯୁବତୀ ମଧ୍ୟ ଅଛ । ଯେଉଁ ବୃଦ୍ଧ ବାଡ଼ି ଧରି ଥରି ଥରି ଯାଉଛି ତା' ମଧ୍ୟରେ ତୁମେ ପ୍ରକଟିତ ଅଛ । ତୁମେ ସର୍ବ ଘଟରେ ବିଦ୍ୟମାନ । ଏଇ ନୀଳ ମକ୍ଷିକା, ଲାଲ୍ ଚକ୍ଷୁ ଶୁକପକ୍ଷୀ ମଧ୍ୟରେ ହିଁ ତୁମରି ପ୍ରକାଶ । ତୁମେ ସ୍ୱୟଂ ଝଞ୍ଜା, ବାତ୍ୟା, ସମସ୍ତ ଋତୁ ଓ ସାଗରରେ ମଧ୍ୟ ବିଦ୍ୟମାନ । ଦୁଇଟି ଅନ୍ତରଙ୍ଗ ମିତ୍ର ପକ୍ଷୀ ଗୋଟିଏ ବୃକ୍ଷର ଆଶ୍ରୟ ନେଇଛନ୍ତି—ଜଣେ ଫଳ ଖାଉଛି ଏବଂ ଅନ୍ୟ ଜଣେ ତାକୁ ଦେଖୁଛି । ସେଇ ବୃକ୍ଷରେ ଏକ ମଣିଷ ମଧ୍ୟ ନିଜର ଦୁର୍ବଳତା ଯୋଗୁଁ ଉଦାସୀନ ଓ ନିରୁପାୟ ହୋଇ ବସିଛି । କିନ୍ତୁ ଯିଏ ଅନ୍ୟକୁ ସନ୍ତୁଷ୍ଟ ଓ ସୁଖୀ ଦେଖି ଆନନ୍ଦ ପାଇଥାଏ ତାର ନିଜର ଦୁଃଖ ମଧ୍ୟ ଶେଷ ହୋଇଯାଏ । ଋଗ୍‌ବେଦର ଏହି ଅବିନାଶୀ ଅସ୍ତିତ୍ୱ ନ ଜାଣି ମଧ୍ୟ ଯାହା ଅନ୍ତରରେ ଭଗବତ୍ ସତ୍ତା ବିଦ୍ୟମାନ ତାପାଇଁ ଋଗ୍‌ବେଦର ଜ୍ଞାନ ନିରର୍ଥକ । ଯିଏ ତାଙ୍କୁ ଜାଣିଛି ସିଏ ତ ନିଶ୍ଚିନ୍ତ ବସିଛି ।"

"ସେଇ ଅନାଦି ଅନନ୍ତ ବିଶ୍ୱରୂପ ମଧ୍ୟ ସ୍ୱୟଂ ଶିବ ଅର୍ଥାତ୍ ମଙ୍ଗଳମୟ, ଆନନ୍ଦମୟ, ସୂକ୍ଷ୍ମାତିସୂକ୍ଷ୍ମତରରେ ବିରାଜମାନ । ତାଙ୍କୁ ଯିଏ ଜାଣିଛି......।"

"ଯେତେବେଳେ ଜ୍ୟୋତିର ପ୍ରସାର ହୋଇଥାଏ ସେତେବେଳେ ଦିନ ରାତିର ଅସ୍ତିତ୍ୱ ହିଁ ରହେନାହିଁ । ଏକମାତ୍ର ସେଇ ପରମ ପୁରୁଷ ମଙ୍ଗଳମୟ ହିଁ ଥାନ୍ତି । ସେଇ ଅନନ୍ତ ଜ୍ୟୋତି ତ ନିଜେ ସାବିତ୍ରୀ ଯାହାଙ୍କଠାରୁ ବୁଦ୍ଧିର ଜନ୍ମ ହୋଇଛି ।"

"ସେଇ ପରମତତ୍ତ୍ୱ ପରମେଶ୍ୱରଙ୍କର ସୌନ୍ଦର୍ଯ୍ୟ ଅନନ୍ତ । ତାଙ୍କ ଐଶ୍ୱର୍ଯ୍ୟ ତଥା ମାହାତ୍ମ୍ୟର ଉପମା ନାହିଁ । ସେ କେବଳ ହୃଦକମଳରେ ହିଁ ସ୍ଥିତ ।"

"ତୁମେ ତ ଅଜନ୍ମ । ତୁମରି ନିକଟକୁ ଶୋକାର୍ତ୍ତ, କ୍ଳିଷ୍ଟ ମଣିଷ ବ୍ୟାକୁଳ ଚିତ୍ତରେ ଆସି ପ୍ରାର୍ଥନା କରନ୍ତି—'ହେ ରୁଦ୍ର, ମତେ ରକ୍ଷା କର' ।"

"ସାରା ବିଶ୍ୱର ଏକମାତ୍ର ପକ୍ଷୀ ସେ । ସେ ସୂର୍ଯ୍ୟଙ୍କ ପରି ସମୁଦ୍ରରେ ମଧ୍ୟ ଅସ୍ତ ଯାଆନ୍ତି । ଯେଉଁ ମଣିଷ ତାଙ୍କୁ ଜାଣିପାରିବ ସେ ତ ମୃତ୍ୟୁଜୟୀ ହୋଇପାରିବ !"

"କାରଣ ଏହା ବ୍ୟତୀତ ମଣିଷର ଅନ୍ୟ କୌଣସି ସାଧନ ନାହିଁ ।"

Digitized by PPRACHIN, SOA

ଏ ସମସ୍ତ ମନରେ ହେଜ ହେଜ ସେ ଆଖି ଖୋଲିଲା । ତାନପୁରାର ତାରରେ କମ୍ପନ ସୃଷ୍ଟି ହେଲାପରି ତା'ର ସମସ୍ତ ଶରୀର ରୋମାଞ୍ଚିତ ହୋଇଥିଲା । ସେ ଆଖି-ଖୋଲି ଦେଖିଲା—ତାର ପାଦତଳେ ସରଯୂ ନିଃସଙ୍ଗ ଭାବରେ ବୋହିଯାଉଛି । ଖୁବ୍ ନିରେଖି ଦେଖି ମଧ୍ୟ ସେ ଆଉ କିଛି ଦେଖିପାରିଲା ନାହିଁ । ନଦୀର ଅପର କୂଳରେ କିଏ ଯେପରି ଭୂତପରି ଘୂରିବୁଲୁଥିଲେ ।

ନାରଙ୍ଗୀ ରଙ୍ଗର ଶାଢ଼ି ପିନ୍ଧି, ମୁଣ୍ଡରେ ଚମ୍ପାଫୁଲ ଖୋସି, ଘାଟ ଉପରେ ବସିଥିବା ଗୋଟିଏ ଝିଅକୁ "ନଦୀ ଆରପଟେ କିଏ ରହୁଛନ୍ତି କିଛି ଜାଣିଛ ?" ବୋଲି ସେ ପଚାରିଲା । ଝିଅଟି କହିଲା, "କେତେକ ଭିକ୍ଷୁ ବୋଧହୁଏ !" ଏତିକି କହି ସେ ଗୋଡ଼ ଧୋଇବାରେ ବ୍ୟସ୍ତ ରହିଲା ।

"ତେବେ ମୁଁ ଯାଇ ସେମାନଙ୍କୁ ଟିକେ ଭେଟିଆସେ ।"

"ବର୍ତ୍ତମାନ ତ ନଦୀ ପାରହେବା ପାଇଁ କୌଣସି ନୌକା ନାହିଁ । ତୁମେ ଏପରି ବଢ଼ିଥିବା ନଦୀ ପାରହେବ କିପରି ?"

"ଚିନ୍ତା କରିବାର କିଛି ନାହିଁ । ନଦୀ ତ ପାରହେବା ପାଇଁ ହୋଇଥାଏ !"

ପାଗ ବହୁତ ସୁନ୍ଦର ଥିଲା । ମୟୂର ନୃତ୍ୟ କରୁଥିଲେ ! ବୁଲ୍‌ବୁଲ୍ ଚଢ଼େଇ ଗାଉଥିଲେ । ଭ୍ରମର ଗୁଞ୍ଜନ ଶୁଣାଯାଉଥିଲା । ଫୁଲସବୁ ହଠାତ୍ ଝରି ତା ଗୋଡ଼ ପାଖରେ କୁଢ଼େଇ ହୋଇ ପଡ଼ିଲେ । ତଳକୁ ନଇଁ ସେ ଫୁଲସବୁ ଗୋଟାଇ ନଦୀରେ ଭସାଇ ଦେଲା ଓ ତାପରେ ପାଣିକୁ ଡେଇଁ ସେ ନଦୀ ପାର ହେବା ସକାଶେ ପହଁରିଲା ।

ହଠାତ୍ ପାଣିର ଏକ ଜୋର୍ ତୋଡ଼ ତାକୁ କୂଳ ନିକଟରେ ପହଞ୍ଚାଇଦେଲା । ମାତ୍ର ଏଠାରେ ପାଣିର ତୋଡ଼ ସହିତ ଭଉଁରି ମଧ୍ୟ ଥିଲା । ସେ ନିଜର ସମସ୍ତ ଶକ୍ତି ଦେଇ ପହଁରିବା ପାଇଁ ଆପ୍ରାଣ ଚେଷ୍ଟା କଲେ ସୁଦ୍ଧା ପାଣିର ଶକ୍ତି ତା'ଠାରୁ ଥିଲା ବହୁତ ଅଧିକ । ଏହି ଅବସ୍ଥାରେ ସେ ଜଳରେ ନିମଜ୍ଜିତ ଏକ ପଥର ଚଟାଣ ଦେଖି ତାର ଗୋଟିଏ କୋଣ ଧରିବାପାଇଁ ଆପ୍ରାଣ ଚେଷ୍ଟା କଲା । ଏହି ପଥର ଚଟାଣ ଚଣ୍ଡୀମନ୍ଦିରର ଏକ ଅଂଶ । ପାଣିରେ ଅକ୍ଳାନ୍ତ ପରିଶ୍ରମ କରି ସେ କ୍ଳାନ୍ତ ହୋଇ ପଡ଼ିବାରୁ ସେଇ ଅବସ୍ଥାରେ କିଛି କ୍ଷଣ ଆଖି ବୁଜିଲା । କାଳସ୍ରୋତ ସମାନ ନଦୀର ସ୍ରୋତ ବୋହିଯାଉଥାଏ ଓ ଚତୁର୍ଦ୍ଦିଗ କେବଳ ଜଳାର୍ଣ୍ଣବ ଦିଶୁଥାଏ । ତଥାପି ପଥରକୁ ଧରି ସେ ନିଜର ସୁରକ୍ଷା କରିପାରିବ ବୋଲି ମନେକଲା ।

ମାତ୍ର ତାର ହାତର ଆଙ୍ଗୁଠି ସବୁ କଟିଯାଇ ଥିବାରୁ ପଥରକୁ ବେଶୀ ସମୟ ଧରି ରଖିବା ତା'ପକ୍ଷରେ କଠିନ ହୋଇପଡ଼ିଲା ।

Digitized by PPRACHIN, SOA

ସରଯୂର ସ୍ରୋତ ଗୌତମ ନୀଳାମ୍ବର ଉପର ଦେଇ ବୋହିଗଲା । ଅବୁଲ ମନ୍ସୁର କମାଲୁଦ୍ଦିନ ନଦୀର ଅପର କୂଳରେ ପହଞ୍ଚି ନିଜ ଘୋଡ଼ାକୁ ବରଗଛରେ ବାନ୍ଧି ଚାରିଆଡ଼କୁ ଅନାଇଲା । ଆଗରେ ନଦୀ ବୋହିଯାଉଥାଏ । ଅଦୂରରେ କୁଡ଼ିଆ ଗୁଡ଼ିଏ ଦିଶୁଥାଏ ଏବଂ ଶିବ ମନ୍ଦିରରୁ ଘଣ୍ଟା ଶବ୍ଦ ଶୁଣାଯାଉଥାଏ । ବରଗଛ ତଳେ ଥିଲା କୌଣସି ପୀରଙ୍କ ଆସ୍ଥାନ । ପାଣିରେ ହାତ ବୁଡ଼ାଇବା ସମୟରେ ନିମଜ୍ଜିତ ପଥର ଚଟାଣ ନିକଟରେ ଥିବା ଭଉଁରି ଭିତରୁ ତାରି ନିଜ ପ୍ରତିଚ୍ଛାୟା ଉଙ୍କି ମାରିବା ଦେଖି ସେ ସ୍ତମ୍ଭିତ ହୋଇଗଲା । ଏଠାରେ ସେ କରୁଛି କଣ ?

ଏତେ ବେଳ ଯାଏ ଚମ୍ପା ଆସି ନ ଥାଏ । ପୁଣି ଥରେ ସେ ନଦୀ ଆଡ଼କୁ ଅନାଇଲା । କଦମ୍ବଗଛରୁ କିଛି ଫୁଲ ତା ମୁଣ୍ଡ ଉପରେ ଝଡ଼ି ପଡ଼ିବାରୁ ସେ ପଗଡ଼ି ଖୋଲି ଫୁଲଗୁଡ଼ିକୁ ନିଜ ହାତରେ ଅନୁଭବ କଲା । କିନ୍ତୁ ଫୁଲର ଏ ସମାରୋହରେ ତାର ଅଣ୍ଟାରେ ଝୁଲୁଥିବା ଶାଣିତ କୃପାଣ ଅଖାଡ଼ୁଆ ମନେହେବାରୁ ତାହା ସେ କାଢ଼ି ଦେଇ ତଳେ ଥୋଇଦେଲା । ଇତ୍ୟବସରରେ ଚମ୍ପା ନଦୀ ପହଁରି ଆସି କହିଲା, “ମୁଁ ତ ଭାବିଥିଲି ଏତେବେଳକୁ ତୁମେ ନିଜେ ମରିବା କିମ୍ବା କାହାକୁ ମାରିବା ନିମନ୍ତେ ଚାଲିଯାଇଥିବ ।”

“ପୁଣି ସେଇ ପୁରୁଣା କଥା ? ତୁମକୁ କେତେଥର କହିବ ଯେ ମୁଁ ସାମରିକ କର୍ମଚାରୀ ନୁହେଁ; ମାତ୍ର ସୁଲତାନଙ୍କ ମାନମନ୍ଦିରର ତତ୍ତ୍ୱାବଧାରକର ଦାୟିତ୍ୱରେ ଏଠାକୁ ଆସିଛି ।”

“ତେବେ ଏପରି ହିଂସାତ୍ମକ ଅସ୍ତ୍ର କାହିଁକି ସବଦା ପାଖରେ ରଖିଚ ?”

“ଏଇଟା ଏବଂ ପଗଡ଼ି ହେଲା ପୁରୁଷମାନଙ୍କ ଆଭୂଷଣ । ଏ ଦୁଇଟା ନ ହେଲେ ଆମର ବେଶବାସ ଅସଂପୂର୍ଣ୍ଣ ରହେ । ତୁମେ ମାଲୱା ଓ ବୁନ୍ଦେଲଖଣ୍ଡର ରାଜପୁତମାନଙ୍କୁ ବୋଧହୁଏ ଦେଖିନାହଁ । ମୋର ବନ୍ଧୁ ହେଉଛି କନୌଜର ଏକ ରାଜପୁତ । ତାର ନାମ ଉଦୟସିଂହ ରାଠୋର । ସେ ଏକ ସାହସୀ ସୈନିକ । ଏବେ ବୋଧହୁଏ ସେ ଗ୍ୱାଲିଅର ରାଜା କୀର୍ତ୍ତିସିଂହଙ୍କ ସେନା ବିଭାଗରେ ରହି ମାଲୱାରେ ହୁଏ ତ ଯୁଦ୍ଧ କରୁଥିବ ।” ଏତିକି କହି କମାଲୁଦ୍ଦିନ୍ ନିଜ ବନ୍ଧୁ ତଥା ଯୁଦ୍ଧ କ୍ଷେତ୍ରର ସ୍ମୃତିରେ ନିଜକୁ ହଜାଇଦେଲା ।

“ଦେଖ, ଯୁଦ୍ଧ ଲଢ଼େଇର କଥା ମୋ ଆଗରେ କହିବ ନାହିଁ । ତୁମକୁ ଓ ତୁମର ଏଇ କୃପାଣ ଦେଖିଲେ ମୋ ମନରେ ଭ୍ରମ ହୁଏ ।” ଏହା କହୁ କହୁ ଚମ୍ପା ନିଜର ଓଦା ବାଳ ଚୁପୁଡ଼ି ଜୁଡ଼ା ବାନ୍ଧିଲା ।

“ଭ୍ରମ—ସିଏ ପୁଣି କଣ ?”

Digitized by PPRACHIN, SOA

"ତୁମେ ସେ ସବୁ ବୁଝିବ ନାହିଁ ।" ଏତକ କହି ସେ ଘାଟ ଉପରେ ବସିଗଲା । କମାଲୁଦ୍ଦିନ ଗଛ ଗୁଡ଼ିକୁ ଗୁହୁଁ ଥିଲା ।

"ଆଚ୍ଛା ଚମ୍ପାବତୀ, ଏଥର ମୁଁ ଚାଲିଲି !" କହି ସେ ନିଜ ଘୋଡ଼ା ପାଖକୁ ଗଲା ।

ମୁସଲମାନ ଫକୀରମାନଙ୍କ ଏକ ଦଳ ଏମାନଙ୍କ ପାଖ ଦେଇ ଗଲେ । ସେମାନଙ୍କ ମଧ୍ୟରୁ ଏକ ଯୁବକ ଫକୀର ଏ ଦୁହିଁଙ୍କି ଅନାଇଲା ଓ ପରେ ସଙ୍ଗେ ସଙ୍ଗେ ନିଜ ଆଖି ତଳକୁ କରି, ମୁଣ୍ଡ ନୁଆଁଇ ନିଜ ଦଳ ସହିତ ଆଗେଇ ଗଲା । "ଏ ବହୁରୂପୀ ଦଳ କିଏ ?" କମାଲ ପଚାରିଲା । "ଯୁଆଙ୍କୁ ଥଟ୍ଟା କରିବ ନାହିଁ । ଏମାନେ ବହୁରୂପୀ ନୁହନ୍ତି, ମାତ୍ର ଖୁବ୍ ଭଲ ଲୋକ । ଦିନେ ନା ଦିନେ ଏମାନେ ହିଁ ତୁମର ରକ୍ଷା କରିବେ ।" ଚମ୍ପା ଉତ୍ତେଜିତ ହୋଇ କହିଲା ।

"ତୁମେ କାଶୀ ଯାଇ ସନ୍ତ କବୀରଙ୍କ ଶିଷ୍ୟା କାହିଁକି ନ ହେଉଛ ?"

"ମୁଁ କାଶୀ ଗଲେ ତୁମକୁ ମଧ୍ୟ ନେଇଯିବି । ତେବେ ତା ପୂର୍ବରୁ ତୁମକୁ ଏ ତଲବାର୍ ତ୍ୟାଗ କରିବାକୁ ହେବ ।"

"ଆଚ୍ଛା ବିଦାୟ !" କମାଲ୍ ଏତକ କହି ନଦୀଆଡ଼କୁ ଆଗେଇଗଲା ।

"ନଦୀ ଆରପଟେ ଉଚ୍ଚା ପଥର ଭଳିଆ ଦିଶୁଥିବା ବସ୍ତୁଟି କଣ ?"

"ସେ ତ ବହୁ ଯୁଗର ପୁରୁଣା ମନ୍ଦିରର ଭଗ୍ନାବଶେଷ ।"

"ଏବଂ ତାର ସେପଟେ ଯେଉଁସବୁ କୁଟୀର ରହିଛି ସେଥିରେ ରହୁଚନ୍ତି କିଏ ?"

"ସେଠାରେ ସୁଫୀ ସାଧୁମାନେ ରହୁଚନ୍ତି । କିନ୍ତୁ ତୁମେ ଏବେ କୁଆଡ଼େ ଯାଉଚ ?" ସେ ଧୀରେ ପଚାରିଲା ।

"ବହିରାଇଚ—ଜାଣେନା କେତେ ଦିନ ଲାଗିବ ?"

"ବର୍ଷା ଆରମ୍ଭ ହୋଇପାରେ । ନିଜ ପ୍ରତି ସାବଧାନ ଥିବ ।"

"ହଁ, ମୁଁ ନିଜ କଥା ବୁଝିବି । ଆଚ୍ଛା ବିଦାୟ !" ସେ ତାକୁ ବହୁତ ଭଲପାଇ ପାଗଳୀ ବୋଲି ଡାକୁଥିଲା । ସେ ଉଦ୍‌ଗତ ଅଶ୍ରୁକୁ ଢାଙ୍କିବାକୁ ଯାଇ ହସିଲା । ଘୋଡ଼ା ଉପରେ ଉଠି କମାଲୁଦ୍ଦିନ ସଡ଼କରେ ଅଦୃଶ୍ୟ ହୋଇଗଲା ।

Digitized by PPRACHIN, SOA

ବହରାଇଚ ଏକ ଶ୍ରେଷ୍ଠ ଜନବସତି ଥିଲା । ଏଠାର ହଳଦିଆ ରଙ୍ଗର, କଶ୍ମୀ ଘର ସବୁ ଇତସ୍ତତଃଭାବେ ରହି ଏକପ୍ରକାର ଉଦାସ ବାତାବରଣ ସୃଷ୍ଟି କରୁଥିଲା । ବଳଦଗାଡ଼ି ଗୁଡ଼ିକ ଧୂଳିପୂର୍ଣ୍ଣ ସଡ଼କରେ ଚାଲୁଥିଲା । ପୂର୍ବେ ଏହା ଶ୍ରାବସ୍ତୀ ନାମକ ଏକ ବୈଭବଶାଳୀ ନଗରୀ ଥିଲା । ଏଠାର ପ୍ରବଳ ପରାକ୍ରମଶାଳୀ ସୋମବଂଶୀ ରାଜା ସୁହେଲ ଦେବଙ୍କୁ ଜ୍ୟୋତିଷମାନେ କହିଥିଲେ, ଉତ୍ତର ଦିଗରୁ ଶକ୍ତିଶାଳୀ ଖ୍ରୀମକାୟ ତୁର୍କମାନେ ଆସି ଏ ରାଜ୍ୟକୁ ଧ୍ୱଂସ କରିଦେବେ । ଗଜନୀର ମହମୁଦଙ୍କ ମସଉଦ ଗାଜୀ ନାମକ ଜନୈକ ସେନାପତି ସୁହେଲଦେବଙ୍କୁ ପରାସ୍ତ ଓ ହତ୍ୟା କଲା । ଦିଲ୍ଲୀର ସୁଲତାନ୍ କୁତୁବୁଦ୍ଦିନ ଆଇବାକ୍ ଏବଂ ତାଙ୍କ ସେନାପତି ଅହମଦ ବକ୍ତିଆର ସମସ୍ତ ଉତ୍ତର-ଭାରତ; ଯଥା-କୋଶଳ, ମଗଧ ଏବଂ ବଙ୍ଗର ମୂର୍ତ୍ତିପୂଜକ ହିନ୍ଦୁ ରାଜାଙ୍କୁ ପରାସ୍ତ କଲେ ।

କିନ୍ତୁ ଗତ ଦୁଇ ହଜାର ବର୍ଷ ମଧ୍ୟରେ ଯେପରି ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କ ଅବତାର ବୋଲି ଗ୍ରହଣ କରାଯାଇଥିଲା ସେପରି ମୂର୍ତ୍ତି ବିଧ୍ୱଂସୀ ସେନାପତି ମସ୍‌ଉଦ ଗାଜୀ ଦୁଇଶହ ବର୍ଷ ମଧ୍ୟରେ ବାଲେମିଆଁ ନାମରେ କୋଶଳ ଦେଶବାସୀଙ୍କ ଦ୍ୱାରା ଏକ ଦେବତା ରୂପେ ପୂଜିତ ହେଉଥିଲେ ।

ଅବୁଲ୍ ମନ୍‌ସୁର କମାଲୁଦ୍ଦିନ୍ ଏହି ପ୍ରଥମ ଥର ପାଇଁ ବହରାଇଚ ଆସିଲା । ମସ୍‌ଉଦଙ୍କ ସମାଧି ନିକଟସ୍ଥ ଏକ ବୃକ୍ଷ ଗୁଳ୍ମାରେ ସେ ବସି ପୂଜା ସାମଗ୍ରୀ ନେଇ ସମାଧିରେ ପୂଜା ଦେବା ମାନସରେ ଆସୁଥିବା ବହୁ ସଂଖ୍ୟକ ହିନ୍ଦୁନାରୀଙ୍କୁ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲା ।

ନାଲନ୍ଦା, ବିକ୍ରମଶୀଳା, ଉଜ୍ଜୟିନୀ ଏବଂ ଅମରାବତୀର ପ୍ରସିଦ୍ଧ ଅନ୍ତର୍ଦ୍ଦେଶୀୟ ବିଶ୍ୱବିଦ୍ୟାଳୟ ଏବେ ଲୁପ୍ତ ହୋଇ ଯାଇଥିଲା । ଶ୍ରାବସ୍ତୀର ପ୍ରାଚୀନ ଆଶ୍ରମ ଏବେ ନିର୍ଜନ ଥିଲା ଏବଂ ପ୍ରାଚୀନ ଲିପିରେ ଲିଖିତ ସବୁ ପ୍ରାଚୀନ ପୋଥିର ପାଠୋଦ୍ଧାର କରିବା ନିମନ୍ତେ ମଧ୍ୟ କେହି ବ୍ୟକ୍ତି ନ ଥିଲେ ।

ଅଥଚ କାଶ୍ମୀର୍ ସୁଲତାନ ଜୈନ-ଉଲ୍-ଆବେଦୀନ ଏବଂ ଗୌଡ଼ ଦେଶ ସୁଲତାନ ଆଲ୍ଲାଉଦ୍ଦିନ୍ ହୁସେନ ଶାହଙ୍କ ପରି ଜୌନପୁରର ସୁଲତାନ ହୁସେନ ଶର୍କୀ ମଧ୍ୟ ମୂର୍ତ୍ତିବିଧ୍ୱଂସୀ ନ ହୋଇ ପ୍ରାଚୀନ ପୋଥିପତ୍ର ଉଦ୍ଧାର କରିବା ପାଇଁ ଉତ୍ସାହୀ ଥିଲେ ।

ସୁଲତାନ ହୁସେନ ଶର୍କୀ ଯେଉଁ ସମୟରେ ଦିଲ୍ଲୀ ସୁଲତାନ ବହଲୋଲ୍ ଲୋଦୀ ଏବଂ ଆଉ ଅନ୍ୟାନ୍ୟ ସୁଲତାନମାନଙ୍କ ସହିତ ଯୁଦ୍ଧ କରିବାରୁ ଅବକାଶ ପାଉଥିଲେ ସେ ସମୟରେ ସେ ନିଜ ତାନପୁରା ନେଇ ସ୍ୱର ଏବଂ ରାଗ ରାଗିଣୀ ଜଗତରେ ହଜି

Digitized by PPRACHIN, SOA

ଯାଉଥିଲେ, କିମ୍ବା ପ୍ରାଚୀନ ପୋଥି ଏବଂ ପାଣ୍ଡୁଲିପି ପଢ଼ିବାରେ ବୁଡ଼ିଯାଉଥିଲେ । କେତେଦିନ ପୂର୍ବରୁ କେତେକ ପଣ୍ଡିତଙ୍କ ଠାରୁ ସେ ଶୁଣିଲେ ଯେ ବହ୍‌ରାଇଚର କୌଣସି ମଠରେ ଦେଢ଼ ଦୁଇ ହଜାର ବର୍ଷ ପୁରୁଣା ସଂସ୍କୃତର କିଛି ତାମ୍ରପତ୍ର ରହିଛି । ସେଇ ଉଦ୍ଦେଶ୍ୟରେ ସେ ନିଜ ମାନମନ୍ଦିରର ତତ୍ତ୍ୱାବଧାରକ କମାଲୁଦ୍ଦିନ୍‌କୁ ସେଠାର ପଣ୍ଡିତମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଅଯୋଧ୍ୟା ପଠାଇଥିଲେ ।

କମାଲୁଦ୍ଦିନ୍ ଅଯୋଧ୍ୟାରେ ଅଳ୍ପ କେତୋଟି ଦିନ ମାତ୍ର ରହିଥିଲା । ସେଠାର ଜଣେ ପଣ୍ଡିତଙ୍କ ଭଉଣୀ ଥିଲା ଚମ୍ପାବତୀ ।

ସରଯୂକୂଳରେ ରହୁଥିବା ଏହି ପଣ୍ଡିତମାନେ ଏବେ 'ଭକ୍ତି' ମାର୍ଗର ନୂତନତ୍ୱ ନେଇ ବ୍ୟସ୍ତ ରହୁଥିଲେ । କିନ୍ତୁ କମାଲ୍‌ର ଭକ୍ତ କବୀର କିମ୍ବା ଅନ୍ୟ କୌଣସି ସନ୍ଥ ସୁଫୀଙ୍କ ପ୍ରତି ଆଗ୍ରହ ନଥିଲା । ସେ ଐତିହାସିକ ହେବାକୁ ଚାହୁଁଥିଲା । ସୁଲ୍‌ତାନ ମଧ୍ୟ ତାକୁ ଏକ ଧାରାବାହିକ ଇତିହାସ ଲେଖିବା ନିମନ୍ତେ ନିଯୁକ୍ତ କରିଥିଲେ । ଏହି କାମରେ ମଧ୍ୟ ସେ ସନ୍ତୁଷ୍ଟ ଥିଲା । ମାତ୍ର ହଠାତ୍ ସୁଲ୍‌ତାନଙ୍କ ଖିଆଲ ହେଲା ଯେ ସଂସ୍କୃତ, ପାଲି ଏବଂ ଅର୍ଦ୍ଧ ମାଗଧୀ ଭାଷାରେ ଲିଖିତ ପ୍ରାଚୀନ ପୋଥିସବୁ ଫାର୍ସୀ ଭାଷାରେ ଅନୁବାଦ ହେବା ଦରକାର ଏବଂ ଏଥି ନିମନ୍ତେ ସେ କମାଲକୁ ପଣ୍ଡିତମାନଙ୍କ ସାହାଯ୍ୟ ନେବାପାଇଁ ପରାମର୍ଶ ଦେଇଥିଲେ । ପ୍ରାଚୀନ ଗ୍ରନ୍ଥର ସନ୍ଧାନରେ ନାନା ସ୍ଥାନ ଓ ମଠ ଆଦି ସେ ବୁଲିଲା । ସାହେତ-ମାହେତ ଅଞ୍ଚଳରେ ଅବସ୍ଥିତ ଶ୍ରାବସ୍ତୀର ପ୍ରାଚୀନ ଧ୍ୱଂସାବଶେଷ ଗୁଡ଼ିକ ବୁଲି ଦେଖିଲା । ଦିନେ ସେଇ ଧ୍ୱଂସାବଶେଷ ମଧ୍ୟରୁ ପଥର ଏବଂ କାଠର ଏକ ବିରାଟ ଭଗ୍ନ ସ୍ତୂପ ଦେଖିଲା । ଏହି ଭଗ୍ନସ୍ତୂପର ଚାରିଆଡ଼େ ରାସ୍ତା, ଗଳି ସବୁ ଥିଲା । ନିଶ୍ଚୟ ଏକଦା ଏଠାରେ ଚାକଚକ୍ୟପୂର୍ଣ୍ଣ ବଜାର ଏବଂ ବିଶାଳ ଭବନ ତିଆରି ହୋଇଥିବାର ଅନୁମାନ କଲା । ସେ ସେହି ଭଗ୍ନସ୍ତୂପ ଭିତରକୁ ଗଲା । କେଜାଣି କାହାର ଘର ଥିବ !! ମଠକୁ ଯାଇ ସେ ଜଣେ ପଣ୍ଡିତଙ୍କୁ ପଚାରିଲା, "ଭଗ୍ନାବଶେଷ ମଧ୍ୟରେ ଯେଉଁ ଭଗ୍ନସ୍ତୂପ ରହିଛି ସେଇଟା କଣ ?"

ସେ କମାଲକୁ କହିଲେ, "ଏଠାରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ପ୍ରିୟଦର୍ଶୀ ଅଶୋକ, ସମୁଦ୍ର ଗୁପ୍ତ ଆଦି ବହୁ ଚକ୍ରବର୍ତ୍ତୀ ରାଜା ହୋଇଛନ୍ତି ଏବଂ ଲୋପ ପାଇଛନ୍ତି ମଧ୍ୟ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପୂର୍ବରୁ ଏହି ସ୍ଥାନରେ ବହୁ ଖ୍ୟାତନାମା ଚିତ୍ରକାର, ମୂର୍ତ୍ତିକାର ଏବଂ ଲେଖକ ରହୁଥିଲେ । କିନ୍ତୁ ସେମାନଙ୍କ ନାମ ଅଜ୍ଞାତ । ନାମ ଲୋପ ପାଏ ସିନା କିନ୍ତୁ ମଣିଷ ଜୀବିତ ରହେ ।"

"ଇସ୍, ଏପରି ଅବସ୍ଥାରେ ଏ ଦେଶର ପ୍ରାଚୀନ ଇତିହାସ ଲେଖିବା ଅସମ୍ଭବ"— ଏହା ସେ ଭାବିଲା ।

Digitized by PPRACHIN, SOA

ଉକ୍ତ ତାମ୍ରପତ୍ର, ଯାହା ଅନୁବାଦ କରିବା ପାଇଁ ସେ ଏଠାକୁ ଆସିଛି, ସେଥିରେ ମଧ୍ୟ ତାର ଲେଖକର ନାଁ ନଥିଲା । କିନ୍ତୁ ସମୟ ଏପଟ ସେପଟ ହୋଇ ସେ ପୁଣି ଥରେ ସେଇ ଭଗ୍ନାବଶେଷ ପାଖକୁ ଯାଇ ଏକ ଭଗ୍ନ ସ୍ତମ୍ଭକୁ ଆଉଜି ବସି ତାର ଭବିଷ୍ୟତ କର୍ମପନ୍ଥା ଚିନ୍ତା କରିବାକୁ ଲାଗିଲା ।

ହଠାତ୍ ବାଗଦାଦ୍ ଓ ନେଶାପୁର କଥା ମନେପକାଇ ସେ ଉଦାସ ହୋଇଗଲା ।

କମାଲ ଏ ଦେଶକୁ ନୂଆ ହୋଇ ଆସିଥିଲା । ଜୌନପୁର ସୁଲତାନଙ୍କ ଅଧୀନରେ ତାର ଚାକିରି ମଧ୍ୟ ନୂଆ । ବାଇଶ ବର୍ଷ ବୟସ ବେଳକୁ ବାଗଦାଦ୍‌ର ବିଶ୍ୱବିଦ୍ୟାଳୟରେ ସେ ଇବ୍‌ନେସୀନା, ଅଲଫାରାବି ଏବଂ ଇରାନର ଫକରୁଦ୍ଦିନ୍ ରାଜୀ ଏବଂ ସ୍ପେନର ଇବ୍‌ନେରୁଶଦ୍ ଏବଂ ଇବ୍‌ନୁଲଅରବୀ ପ୍ରଭୃତି ଗ୍ରନ୍ଥକାରଙ୍କ କୃତି ଅଧ୍ୟୟନ କରି ସାରିଥିଲା । ଇବନେ-ଖଲଦୁନଙ୍କୁ ସେ ତାର ଗୁରୁ କରିଥିଲା ଏବଂ ଆରବ ରାଷ୍ଟ୍ରର ଇତିହାସ ସଙ୍କଳନ କରିବା ହିଁ ତାର ଅଭିଳାଷ ଥିଲା । ଏହି ଉଦ୍ଦେଶ୍ୟ ନେଇ ସେ ଉତ୍ତର-ଆଫ୍ରିକାରେ ଥିବା କେତେକ ଆରବୀ ପଣ୍ଡିତଙ୍କ ସହିତ ଆଲୋଚନା କରିବା ମାନସରେ ଯିବାବେଳେ ବାଟରେ କାଫିରଠାରେ ତାର ପିତାଙ୍କ ମୃତ୍ୟୁ ଖବର ପାଇ ଫେରିଆସିବାକୁ ବାଧ୍ୟ ହେଲା । ନେଶାପୁରଠାରେ ତାର ଜଣେ ମିତ୍ରଠାରୁ ସେ ଶୁଣିଥିଲା ଯେ ହିନ୍ଦୁସ୍ଥାନରେ ତଲବାର ଚଲାଇବା ବୀରଙ୍କ ପରି କଲମ ଚଲାଇବା ପଣ୍ଡିତଙ୍କର ସଂଖ୍ୟା ମଧ୍ୟ ଅଗଣିତ । କମାଲ ନିଜ ପ୍ରିୟ ଗ୍ରନ୍ଥ ଧରି ମଧ୍ୟ-ଏସିଆ, କାଶ୍ମୀର ଓ ଲାହୋର ବାଟ ଦେଇ ତୁଗଲକାବାଦଠାରେ ପହଞ୍ଚିଲା ।

ଏ ସମୟଟା ଥିଲା ଖୁବ୍ ଗଣ୍ଡଗୋଳିଆ । ସମଗ୍ର ଦେଶରେ ଯୁଦ୍ଧ ଓ ଅଶାନ୍ତି ଲାଗିରହିଥିଲା । ମାତ୍ର ସାଧାରଣ ଲୋକେ ଦୁଃଖ ଦୁର୍ଦ୍ଦଶା ଭୋଗି ନ ଥିବା ଯୁଗ ତ ଇତିହାସରେ ନାହିଁ !! ଗତ ଶତାବ୍ଦୀରେ ତାତାରମାନଙ୍କ ଆକ୍ରମଣଦ୍ୱାରା ଦେଶ ଛାରଖାର ହୋଇଥିଲା । ବିଗତ ଛଅ ଶହ ବର୍ଷ ଧରି ଆରବ, ପାରସ୍ୟ, ସ୍ପେନ ଏବଂ ଉତ୍ତର-ଆଫ୍ରିକାର ମୁସଲମାନ ପଣ୍ଡିତମାନଙ୍କ ମିଳିତ ସାଧନାରେ ଯେଉଁ ଜ୍ଞାନାଲୋକ ପ୍ରଜ୍ଜ୍ୱଳିତ ହୋଇଥିଲା ତାହା ବର୍ତ୍ତମାନ ଗୋବୀ ମରୁଭୂମିରୁ ଉଠୁଥିବା ବାଲି ଝଡ଼ର ପ୍ରଚଣ୍ଡତାରେ ନିର୍ବାପିତ ହୋଇ ଆସୁଛି । ଏ ସମସ୍ତ ଅରାଜକତା, ହାଣକାଟ, ଯୁଦ୍ଧ ଆଦି ପଶୁତ୍ୱ ମଧ୍ୟରେ ଜ୍ଞାନାଲୋକ ମିଟ୍‌ମିଟ୍ ହୋଇ ଜଳୁଥିଲା । ସୁଫୀମାନଙ୍କ ମଠ ଓ ଆଲିମମାନଙ୍କ ବିଦ୍ୟାଳୟରେ ଗ୍ରନ୍ଥ ରଚିତ ହେଉଥିଲା ଏବଂ ଶିକ୍ଷାର ଆଦାନ ପ୍ରଦାନ ଚାଲୁ ରହିଥିଲା ।

Digitized by PPRACHIN, SOA

ମଣିଷପଣିଆର ଆଲୋକ ନିର୍ବାପିତ ହେବା ଏଡ଼େ ସହଜ ନୁହେଁ । ଏହି କମ୍ବଳଧାରୀ ଫକୀରଗଣ ଏକ ନୂଆ ରାଜ୍ୟରେ ବିଚରଣ କରୁଥିଲେ ଏବଂ ବଙ୍ଗ, ବିହାର, ଅଯୋଧ୍ୟା, ରାଜସ୍ଥାନ, ଦାକ୍ଷିଣାତ୍ୟ, ଗୁଜୁରାଟ, ସିନ୍ଧୁପ୍ରଦେଶ, ପଞ୍ଜାବରେ ସେ ସେମାନଙ୍କ ନୂଆ ମଠ ସ୍ଥାପନ କଲେ ।......ଶର୍କୀଙ୍କ ରାଜ୍ୟ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଶ୍ରେଷ୍ଠ କେନ୍ଦ୍ର ଥିଲା । ଜୌନପୁର ମଧ୍ୟ ଭାରତର ମଣିରୂପେ ଶୋଭା ପାଉଥିଲା ।

ଅବୁଲ ମନସୁର ଦିଲ୍ଲୀରେ କିଛି ଦିନ କଟାଇ ଆସି ପହଞ୍ଚିଲା ଜୌନପୁରରେ । ଏକ ନୂଆ ଓ ବିଚିତ୍ର ଦୁନିଆ ତା ଆଖି ଆଗରେ ଥିଲା । ହିନ୍ଦୁସ୍ଥାନ ଅତ୍ୟନ୍ତ ସୁନ୍ଦର ରାଜ୍ୟ ହେଲେ ମଧ୍ୟ ତାର ନିଜ ଜନ୍ମଭୂମି କଥା ତାର ବାରମ୍ବାର ମନେପଡ଼ୁଥିଲା । ଭଗ୍ନାବଶେଷ ମଧ୍ୟରେ ଥିବା ଝରକୁ ଆଉଜି ସେ ଏ ସମସ୍ତ ଚିନ୍ତା କରୁଥିଲା । ଶେଷରେ ସେ ସ୍ଥିର କଲା, ସେ ଜୌନପୁର ଫେରିଯାଇ ସୁଲତାନଙ୍କୁ କ୍ଷମା ମାଗି ନିଜ ରାଜ୍ୟ ଦାମାସ୍କସ୍‌କୁ ଚାଲିଯିବ । କିନ୍ତୁ ଏ ପ୍ରକାର ଚିନ୍ତା ମଧ୍ୟ ତାକୁ ଅଦ୍ଭୁତ ମନେହେଲା । ବାସ୍ତବିକ୍ ସେ ନିଜ ଦେଶକୁ ଫେରିବ ବା କାହିଁକି ? ବାଗଦାଦ୍ କିମ୍ବା ନେଶାପୁରରେ ତା ପାଇଁ ରହିଛି ବା କିଏ ? କିପରି ଅଦ୍ଭୁତ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ସେ ଆସିଛି !! ଆଖି ଖୋଲି ଦେଖିଲା, ଗୋଟିଏ ଚାଷୀ ମୁଣ୍ଡରେ ଗାମୁଛା ଗୁଡ଼ାଇ ବାରମାସୀ ଗୀତ ବୋଲି ବୋଲି ଗ୍ରାମ ଅଭିମୁଖରେ ଚାଲିଛି । ଯେଉଁ ପୃଷ୍ଠଭୂମିରେ ଇହୁଦୀ, ଗ୍ରୀସ, ରୋମ, ପାରସ୍ୟ ତଥା ସ୍ପେନର ସଭ୍ୟତାର ଛାୟା ପଡ଼ିଛି, ଏ ବ୍ୟକ୍ତି ସହିତ ତାର କୌଣସି ସମ୍ପର୍କ ନାହିଁ । ଏଠାରେ ଯୋଗୀମାନେ ପବନରେ ଉଡ଼ନ୍ତି, କାମରୂପର ଯୋଗିନୀମାନେ ମଣିଷକୁ ମେଣ୍ଢା କରି ଦିଅନ୍ତି, ବଙ୍ଗ ବିହାରର ତାନ୍ତ୍ରିକଙ୍କ ତନ୍ତ୍ର ବିଦ୍ୟାରେ ଶରୀର ରୋମାଞ୍ଚିତ ହୁଏ......ଇତ୍ୟାଦି । କମାଲ୍ ଚୁପ୍‌ଚାପ୍ ଭଗ୍ନସ୍ତୂପର ପାହାଚ ଉପରେ ବସି ଚାଷୀ ଗାଉଥିବା ସେଇ ଗୀତଟି ମନେମନେ ଆବୃତ୍ତି କରିବାକୁ ଲାଗିଲା । ଏଇ ବିଦେଶୀ ଏକ ଭିନ୍ନ ଦେଶର ଭଗ୍ନସ୍ତୂପର ଥଣ୍ଡା ପଥର ଚଟାଣ ଉପରେ ବସି ରାତି କଟାଇଲା ।

ପୂର୍ଣ୍ଣିମା ଚନ୍ଦ୍ରର ଆଲୋକ ଭଗ୍ନସ୍ତୂପର ଭଙ୍ଗା ଛାତ ଦେଇ ତଳ ଚଟାଣରେ ନାନାପ୍ରକାର ନକ୍ସା ତିଆରି କରୁଥିଲା । ଏହି ନକ୍ସାରେ ତ୍ରିଶୂଳ, କଳ୍ପବୃକ୍ଷ, ପୃଥ୍ୱୀ ରୂପୀ ପଦ୍ମ, ସୃଷ୍ଟିଚକ୍ର, ପଦ୍ମ ସିଂହାସନ ଏବଂ ଅଗ୍ନିସ୍ତମ୍ଭ........

ଏ ପ୍ରକାର ଆଶ୍ଚର୍ଯ୍ୟ ପ୍ରତୀକର ଅର୍ଥ କଣ କେଜାଣି ? କମାଲ୍ ଆଶ୍ଚର୍ଯ୍ୟ ହୋଇ ଏହି

Digitized by PPRACHIN, SOA

ଆକୃତକୁ ଦେଖି ଦେଖି ଚିନ୍ତା କରୁଥିଲି । ବାହାରେ ମହୁଆ ତୋଟା ଏକଦମ୍ ନିର୍ଜନ ନିସ୍ତବ୍ଧ ଥିଲା ।

ଏଇ ନିସ୍ତବ୍ଧତାରୁ ଧୀରେ ଧୀରେ ଅଦ୍ଭୁତ ଏବଂ ବିଚିତ୍ର ଶବ୍ଦମାନ ଭାସି ଆସୁଥିଲା । ମନେ ହେଉଥିଲା ଯେପରି ଅନ୍ଧକାର ଶୂନ୍ୟ ଗଳିରେ ରଥ ସବୁ ଯାତାୟାତ କରୁଛି ଏବଂ ସେଇ ରଥର ଆରୋହୀଗଣ ସୁବର୍ଣ୍ଣ ଛତ୍ର ତଳେ ବସି, କାନରେ କୁଣ୍ଡଳ ପିନ୍ଧି ଏବଂ ଗମ୍ଭୀର ଯୋଡ଼ିହୋଇ ତାଙ୍କୁ ନିରୀକ୍ଷଣ କରି କରି ଯେପରି ଯାଉଛନ୍ତି ! ଅନ୍ଧାରରେ ସେମାନଙ୍କ ଆଖି ଫସ୍‌ଫରସ୍ ପରି ଜଳୁଥାଏ । ଅତି ଅଦ୍ଭୁତ ଭାବରେ ହସି ସେମାନେ କହୁଥିଲେ, 'ଦେଖ, ଆମେ ଯେପରି ସମସ୍ତେ ଲୋପ ପାଇଗଲୁ ଯେପରି ତୁମେ ମଧ୍ୟ ଦିନେ ନିର୍ମୂଳ ହୋଇଯିବ ।' ତା' ଆଗରେ ଭଙ୍ଗା କବାଟକୁ ଧରି ଠିଆ ହୋଇଥିଲେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ—ଭାରତର ସମ୍ରାଟ । ସେ ଏଠାକୁ କେଉଁଠୁ ଆସିଲେ ? ସେ ତ ଖ୍ରୀ: ପୂ: ୩୦୦ ସାଲ ପୂର୍ବର ବ୍ୟକ୍ତି । ଅଥଚ ସେ ତ ଏଠାରେ ଏକ୍ଷଣି ଠିଆ ହୋଇ ହସୁଥିଲେ ! ତାଙ୍କ ପଛରୁ ଅନ୍ୟ ଏକ ବ୍ୟକ୍ତି ନିଜକୁ ପ୍ରକାଶିତ କରି ଧୀରେ ଧୀରେ କହିଲେ—'ଶୁଣ, ମୁଁ ହେଉଛି ମହାରାଜ ଅଶୋକ—ପ୍ରିୟଦର୍ଶୀ ଅଶୋକ । ମୁଁ ସମଗ୍ର ଭାରତର ସମ୍ରାଟ ଥିଲି ଏବଂ ଯେତେବେଳେ ମୋର ମୃତ୍ୟୁ ହେଲା ସେତେବେଳେ ମୁଁ ମାତ୍ର ଦେଢ଼ ଗୋଟି ଅଁଳା ଫଳର ଅଧିକାରୀ ଥିଲି ।' ଏହା କହି ସେ ନିଜ ମୁଠା ଖୋଲି ଅଧା ଅଁଳା ଫଳଟିଏ କମାଲ ଆଡ଼କୁ ଫୋପାଡ଼ିଦେଲେ ।

ତାପରେ ସେହି ପ୍ରାଚୀନ ଆତ୍ମାଗଣଙ୍କର ଭିଡ଼ ଆରମ୍ଭ ହୋଇଗଲା । ରଥରୁ ଓହ୍ଲାଇ ଗୃହଆଡ଼େ ଏମାନେ ବାହାରି ହୋଇଗଲେ ।

"ମୁଁ ହେଉଛି ଭରତ ମୁନି । ମୋ ଦ୍ୱାରା ନୃତ୍ୟ ଏବଂ ନାଟକର ସିଦ୍ଧାନ୍ତ ପ୍ରଣୟନ ହୋଇଥିଲା ।"

"ମୁଁ ତକ୍ଷଶୀଳାର ବିଷ୍ଣୁଗୁପ୍ତ । ଅର୍ଥଶାସ୍ତ୍ର ମୋ ଦ୍ୱାରା ରଚିତ ।"

"ମୁଁ ରାଜା ଭୋଜ ଅଟେ ।"

"ମୁଁ ହେଉଛି ଗଙ୍ଗୁଆ ତେଲି ।"

"ଅନ୍ଧାର ଆକାଶରେ ଘନ ମେଘ ଘୋଟିଯାଇଛି ! ମୁଁ କାଳିଦାସ ।"

"ମୁଁ କନୌଜର ରାଜଶେଖର ।"

"ମତେ ଲୋକେ ଭବଭୂତି କହୁଥିଲେ । 'ମାଳତୀ ମାଧବ'ର ରଚୟିତା ମୁଁ ।"

"ମୁଁ ଭର୍ତ୍ତୃହରି, ଯିଏ କି ସଂସାରକୁ ଏକ ନାଟ୍ୟ ମଞ୍ଚ ଏବଂ ପ୍ରତ୍ୟେକ ମଣିଷକୁ ଅଭିନେତା ବୋଲି କହୁଥିଲା । ତୁମେ ନଟ—ମୁଁ ମଧ୍ୟ ନଟ । ଆମେ ସଭିଏଁ ଅଭିନେତା ଅଟୁଁ ।"

Digitized by PPRACHIN, SOA

ମାଟିର ଶକଟଟିଏ ଟାଣି ଟାଣି ଶୃଦ୍ରଙ୍କ ଅଗଣାରୁ ବାହାରିଗଲେ ।

ସହସା ତଲୱାରର ଝଙ୍କାରରେ ଚତୁର୍ଦ୍ଦିଗ ଝଂକୃତ ହୋଇଗଲା ଏବଂ ଅଗଣିତ ମୁଣ୍ଡ କଟି ମାଟିରେ ଲୋଟିଗଲା ।

"ଆମେ ସମସ୍ତେ ଚନ୍ଦେଲ ରାଜପୁତ । ଆମେ ହେଉଚୁ ବଘେଲ । ଆମେ ବୀର ଧାରମାର୍ ଅଟୁଁ । ଆମେ ରାଠୋର । ଆମେ ଚୌହାନ । ଆମେ ଆଲ୍ହା—ଆମେ ଉଦୁଲ ।"

କମାଲୁଦ୍ଦିନ୍ର ମୁଣ୍ଡ ଘୂରି ଗଲା । ବ୍ୟତିବ୍ୟସ୍ତ ହୋଇ ସେ ଉଠି ପଡ଼ିଲା । ପ୍ରଭାତର ଆଲୋକରେ ଆକାଶ ଆଲୋକିତ ହୋଇଥିଲା । ମହୁଆ ତୋଟା ଦେଇ କେତେଗୁଡ଼ିଏ ଚୃଷୀ ହଳ କାନ୍ଧରେ ପକାଇ ଅଲ୍ହା ଉଦୁଲ ଗାଇ କ୍ଷେତକୁ ଯାଉଥିଲେ । ସେ ଏତେ ସ୍ତମ୍ଭୀତ ହୋଇ ଯାଇଥିଲା ଯେ ପ୍ରଥମେ ଠିକ୍ ବୁଝିପାରିଲାନି ସେ ଅଛି କେଉଁଠି ?

ପରେ ତାର ଖିଆଲ ହେଲା ସେ ବହରାଇଚର ଭଗ୍ନାବଶେଷରେ ଶୋଇ ରହିଛି । ତାର ଘୋଡ଼ା ବାହାରେ ବନ୍ଧା ହୋଇ ରବ କରୁଥିଲା । ଆକାଶରେ ଘନ ଘୋର ମେଘ ଘୋଟିଆସିଥିଲା ଏବଂ ଶୀତଳ ପବନ ବୋହୁଥିଲା ।

ସେ ପୁନର୍ବାର ଇଷ୍ଟ ନାମ ଜପିଲା ଏବଂ ନମାଜ କରିବା ଉଦ୍ଦେଶ୍ୟରେ ଧୀରେ ଧୀରେ ନଦୀ ଆଡ଼କୁ ଅଗ୍ରସର ହେଲା ।

୮

ସାରା ଦିନ ପଣ୍ଡିତମାନଙ୍କ ସାଙ୍ଗରେ ତାମ୍ର ପତ୍ରର କପି ଉଦ୍ଧାର କରିବାରେ କଟାଇ, ମଠ ଆଗରେ ଥିବା ଘାସ ପଡ଼ିଆରେ ବସି, କମାଲ୍ ଚିନ୍ତା କଲା ଏଥର ସେ ଅଯୋଧ୍ୟା ଫେରିଯିବ । ଏହି ସମୟରେ ବର୍ଷା ବନ୍ଦ୍ ବନ୍ଦ୍ ହୋଇ ଝରିବା ଦେଖି ତାର ଖିଆଲ ହେଲା ଯେ ଏବେ ଶ୍ରାବଣ ମାସ ହେଲା । ପ୍ରତ୍ୟେକ ମାସ ତଥା ଋତୁର ନିଜ ନାମ ସହିତ ତା'ର ବାତାବରଣର ଦୃଶ୍ୟ ଓ ରାଗ ରଙ୍ଗ ସହିତ ଗଭୀର ସାଦୃଶ୍ୟ ଥାଏ । ଏଇଟା ତା'ର ନିଜର ଜନ୍ମଭୂମି ନ ହେଲେ ସୁଦ୍ଧା ଋତୁ ଗୁଡ଼ିକର ଯାଦୁ ସବୁଠାରେ ଏକ ପ୍ରକାର ।

Digitized by PPRACHIN, SOA

ସହସା ଚମ୍ପୁଟାର ଶବ୍ଦରେ ତା'ର ଧ୍ୟାନ ଭାଙ୍ଗିଲା । ସେ ଦେଖିଲା ଜଣେ ସାଧୁ ବର୍ଷାରୁ ରକ୍ଷା ପାଇବାପାଇଁ ମଠରେ ଆଶ୍ରୟ ନେଇଛନ୍ତି । କମାଲ୍ କୌତୂହଳୀ ହୋଇ କେତେ ସମୟ ସାଧୁଙ୍କୁ ଦେଖିବା ପରେ ଆଳାପ ଜମାଇବା ଉଦ୍ଦେଶ୍ୟରେ ତାଙ୍କୁ କହିଲା—ଜୟ ରାମ ଜୀ କୀ !

ସାଧୁ ମଧ୍ୟ ତଦନୁସାରେ ଉତ୍ତର ଦେଲେ—'ଜୟ ରାମ ଜୀ କୀ' ଏବଂ ପଚାରିଲେ, "ସିପାହୀ, ତୁମେ ଆସିଛ କୁଆଡୁ ?"

"ତୁମେ କ'ଣ ଏଠାରେ ରୁହ ସାଧୁବାବା ?"

"ନାଁ, ମୁଁ ଜୌନପୁରରେ ରହେ ।"

"ଅରେ ବାଃ, ତେବେ ତ ତୁମେ ମୋ' ଦେଶର", ଖୁସିରେ କମାଲ୍ ଏତକ କହିପକାଇଲା । ପରେ ତା'ର ଏହି ଅଜ୍ଞାତ ହର୍ଷ ପ୍ରକାଶରେ ସେ ନିଜେ ଆଶ୍ଚର୍ଯ୍ୟ ହୋଇଗଲା । 'ତା'ର ଦେଶ—କିନ୍ତୁ ଜୌନପୁର କାହିଁକି ତାର ଦେଶ ହେବ ? ସେ'ତ ବାଗଦାଦ୍ ନିବାସୀ !'

ଇତିମଧ୍ୟରେ ସାଧୁ ନିର୍ଗୁଣ ରାମଙ୍କ ଗୁଣ କୀର୍ତ୍ତନରେ ନିମଗ୍ନ ହୋଇଗଲେ । କିଛି କ୍ଷଣ ପରେ ପୁଣି ନିଜେ ଆରମ୍ଭ କଲେ, "ଆଜି କେତେଗୁଡ଼ିଏ ମୁସଲମାନ ଦରବେଶ ବାନା ବୈରଖ ନେଇ ରାପଡ଼ିରୁ ଏଠାକୁ ଆସିଛନ୍ତି । ସେମାନେ କହୁଥିଲେ ଯେ ଆମ ସୁଲତାନ ଓ ଦିଲ୍ଲୀ ସୁଲତାନଙ୍କ ମଧ୍ୟରେ ପୁଣି ଯୁଦ୍ଧ ଆରମ୍ଭ ହୋଇଛି । ଏଥର ଆମ ସୁଲତାନ ବଞ୍ଚିବାର ଆଶା ନାହିଁ । ଲଢ଼େଇ ଖୁବ୍ ଘମାଘୋଟ ହେବ ।" 'ନିର୍ଗୁଣ ରାମ' 'ନିର୍ଗୁଣ ରାମ' କହି ସେ ପୁଣି କୀର୍ତ୍ତନ କରିବାକୁ ଲାଗିଲେ ।

ବର୍ଷା ସତ୍ତ୍ୱେ ସେ ନିଜ ଜନପଦର ବାନ୍ଧ ନିକଟବର୍ତ୍ତୀ ଚଟିଘର ଉଦ୍ଦେଶ୍ୟରେ ବାହାରିଲା । ଚଟିଘର ବାରଣ୍ଡାରେ ଅଗ୍ନିକ ଭାବରେ ଉଦୟ ସିଂହ ରାଠୋର ତା'ର ପ୍ରତୀକ୍ଷା କରୁଥିଲା ।

"ତୁମେ ? ଏଠାକୁ କିପରି ଆସିଲ ? ତୁମେ ପରା ଗ୍ୱାଲିୟରରେ ଥିଲ ?" ଆଶ୍ଚର୍ଯ୍ୟ ଚକିତ ହୋଇ କମାଲ ପଚାରିଲା ।

"ମୁଁ ଗ୍ୱାଲିୟରରୁ ସିଧା ଆସୁଛି । ସୁଲତାନ ମତେ ତୁମର ସନ୍ଧାନରେ ପଠାଇଛନ୍ତି । ବର୍ତ୍ତମାନ ତୁମେ ମୋ ସହିତ ଚାଲ ।"

"ମୋତେ ଖୋଜିବା ନିମନ୍ତେ ଏତେ ଦୂରକୁ ଆସିଛ ?"

"ସୁଲତାନ ବର୍ତ୍ତମାନ ବହରାଇଚରେ ରହୁଚନ୍ତି । ତୁମେ ଏଠାରେ ଜ୍ଞାନ ଆହରଣରେ ଲାଗିଛ, ଅଉ ସିଆଡ଼େ ପୃଥିବୀ ବଦଳିବା ଉପରେ ! ସୁଲତାନ ବହଲୋଲ ଲୋଦୀ ତୁମ ସୁଲତାନଙ୍କ ଉପରେ ରାପଡ଼ି ନିକଟରେ ଆକ୍ରମଣ କଲା । ଏଠି

Digitized by PPRACHIN, SOA

ବୟସ—ମୁଁ ତୁମକୁ ସବୁକଥା ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଦେଉଛି ।"

ଉଦୟ ସିଂହ ଏତିକି କହି, ଖଟ ଉପରେ ଆରାମରେ ବସି, ପୁନର୍ବାର ଆରମ୍ଭ କଲା, "ଯେତେବେଳେ ତୁମ ସୁଲତାନଙ୍କ ଉପରେ ରାପଡ଼ି ନିକଟରେ ଆକ୍ରମଣ ହେଲା, ସେ ସେତେବେଳେ ଯମୁନା ନଦୀ ପାରହୋଇ ଆମ ରାଜାଙ୍କ ସାହାଯ୍ୟ ଭିକ୍ଷା କଲେ ଏବଂ ଆମ ରାଜାଙ୍କ ସୈନ୍ୟ ପରିଚାଳନା ଭାର ମୁଁ ନେଇ କାଲପୀ ନିକଟରେ ପହଞ୍ଚିଲି । ଭୟଙ୍କର ଯୁଦ୍ଧ ହେଲା ।" ଉଦୟ ସିଂହ ଜଣେ ଦକ୍ଷ ସୈନିକ ଭାବରେ ଛକ କାଟି ଯୁଦ୍ଧର ବିବରଣୀ ବୁଝାଉଥାଏ । "ଦେଖ, ଏଠି ସୁଲତାନ ବହଲୋଲଙ୍କ ସେନା ଏବଂ ଏଠି ଆମ ସେନା—ମଝିରେ ଯମୁନା ନଦୀ—ଏବେ ଆମେ ନଦୀ ପାର ହୋଇ ପାରୁନୁ କି ସେମାନେ ମଧ୍ୟ । ସେତେବେଳେ ତ୍ରିଲୋକଚନ୍ଦ୍ର ସୁଲତାନ ବହଲୋଲ ଲୋଦୀଙ୍କୁ ନଦୀ ପାର କରାଇଦେଲା । ତ୍ରିଲୋକଚନ୍ଦ୍ରଙ୍କୁ ଜାଣିଛ ? ବକ୍ସରର ମୁଖିଆ । ତାପରେ ପରିଣାମ ଅନୁମେୟ । ଦିଲ୍ଲୀ ସେନା ବରାବର ଆମର ପିଛା କଲେ—ଆମେ ଜୌନପୁରଆଡ଼କୁ ମୁହାଁଇଲୁ । ସେଠାରେ ମଧ୍ୟ ଦିଲ୍ଲୀସେନାଙ୍କ ସହିତ ଆମର ଲଢ଼େଇ ହେଲା । ଭଗବାନଙ୍କ ଭରସାରେ ଜୌନପୁର ଛାଡ଼ି ଆମେ ବହରାଇଚ ପଳାଇ ଆସିଲୁ । ଏବେ ତ ଜୌନପୁର ଏପରି ଶୂନଶାନ ନିସ୍ତବ୍ଧ ହୋଇଛି ଯେ ଦିନବେଳା ସୁଦ୍ଧା ସେଠାରେ ପେଚା ବୋବାଉଛନ୍ତି । ସୁଲତାନ କହୁଥିଲେ ତୁମେ କେତେ ମାସ ଧରି ଏଠାରେ ରହୁଛ । ସକାଳୁ ତୁମକୁ ଖୋଜୁଛି । ମଠର ପଣ୍ଡିତମାନେ ତୁମ ଠିକଣା ଦେଲେ । ଏବେ ମୋ ସହିତ ଚାଲ ।"

କମାଲ ତଲୱାର ବାନ୍ଧି ଉଦୟ ସିଂହ ସହିତ ରାପ୍ତୀନଦୀ କୂଳରେ ପଡ଼ିଥିବା ସେନାଛାଉଣୀକୁ ଗଲା, ଯେଉଁଠିକି ପୂର୍ବେ ଜେତବନ ଥିଲା ।

ବହରାଇଚରୁ ସମସ୍ତେ ମିଶି କନୌଜ ଗଲେ । ମାତ୍ର ସେଠାରେ ମଧ୍ୟ ବହଲୋଲ ଲୋଦୀ ଦ୍ୱାରା ପରାସ୍ତ ହୋଇ ପରିଶ୍ରାନ୍ତ ସୁଲତାନ ବିହାରରେ ଶରଣ ନେଲେ ।

ଦିଲ୍ଲୀର ସୁଲତାନଙ୍କ ସମ୍ପର୍କୀୟ ଜଣେ ଜୌନପୁର ସିଂହାସନରେ ବସିଥିଲା । ଶର୍କୀ ବଂଶ ନିର୍ମୂଳ ହୋଇଥିଲା । ଭାରତର ମଧ୍ୟ ମଣି ଧ୍ୱଂସ ହୋଇଯାଇଥିଲା ।

କାଜୀ ଶାହାବୁଦ୍ଦିନ୍ ଜୌନପୁରୀଙ୍କ ଉତ୍ତରାଧିକାରୀ, ଇତିହାସଜ୍ଞ, ପଣ୍ଡିତ ଅବୁଲ ମନସୁର କମାଲୁଦ୍ଦିନ୍ ଏବେ ରାଜନୈତିକ ଷଡ଼ଯନ୍ତ୍ରରେ ନିପୁଣ ହୋଇଗଲା । ସଦାସର୍ବଦା ବିଜିତ ସୁଲତାନଙ୍କ ଗହଣରେ ବସି ଚିନ୍ତା କରୁଥିଲା—ଦିଲ୍ଲୀ ସୁଲତାନଙ୍କୁ କିପରି ପରାଜିତ କରାଯିବ ।

Digitized by PPRACHIN, SOA

ସୁଲତାନ ବହଲୋଲ ଲୋଦୀଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ସିକନ୍ଦର ଲୋଦୀ ହିନ୍ଦୁସ୍ଥାନର ବାଦସାହା ଥିଲେ । ସେ ହିନ୍ଦୁ ରମଣୀ ହେମାବତୀଙ୍କ ଗର୍ଭରୁ ଜାତ ଏବଂ ବାପଠାରୁ ମଧ୍ୟ ଅଧିକ ପରାକ୍ରମୀ ଥିଲେ ।

ବିହାରରେ ଥିବା ସମୟରେ ଜୌନପୁରର ପରାଜିତ ସୁଲତାନ ପୁନର୍ବାର ଲଢ଼ିବା ନିମନ୍ତେ ପ୍ରସ୍ତୁତ ହେଲେ, ମାତ୍ର ସଙ୍ଗୀତକାର, ରସିକ ସୁଲତାନ ଦ୍ୱିତୀୟଥର ପାଇଁ ପରାଜିତ ହୋଇ ବିହାର ପଳାଇ ଆସିଲେ ।

କ୍ରମାଗତ ରକ୍ତପାତ, ନିଜଦ୍ୱାରା ନିହତ ବହୁ ମନୁଷ୍ୟ ଓ ନିଃସ୍ୱ ରମଣୀମାନଙ୍କର ଅଶ୍ରୁପାତ ଦେଖିଦେଖି କମାଲ୍ ଖୁବ୍ କ୍ଷୁବ୍ଧ ହୋଇଥିଲା । ତାପରେ ଜୌନପୁର ସୁଲତାନଙ୍କ ଅମୀରମାନେ ଯେତେବେଳେ ବନ୍ଦୀ ଅବସ୍ଥାରେ ଲାଞ୍ଛିତ ହୋଇ ଦିଲ୍ଲୀ ସୁଲତାନଙ୍କ ସମ୍ମୁଖକୁ ଯାଉଥିଲେ, ତାହା ଦେଖି ମନେହେଉଥିଲା ଯେ ଏପରି ବିଦ୍ୱାନ ସଙ୍ଗୀତଜ୍ଞମାନେ କିପରି ଜଣେ ବିଦ୍ୟାପ୍ରେମୀ ଓ ସଙ୍ଗୀତଜ୍ଞ ବିଜେତାଙ୍କ ଦ୍ୱାରା ଏପରି ନିଗୃହୀତ ହେଉଥିଲେ । ସମସ୍ତ ପୋଥି, ଜ୍ଞାନ, ଦର୍ଶନ ନିରର୍ଥକ ଥିଲା । କାରଣ, ଏ ସମସ୍ତ ସତ୍ତ୍ୱେ ମଣିଷର ରକ୍ତପାତ ଚାଲିଥିଲା । ଇତିହାସରେ ସେ ଯେତେ ଆଗ୍ରହୀ ଥିଲା ଏବେ ସେ ସେତିକି ନିସ୍ପୃହ ହୋଇଥିଲା । ସୁଲତାନମାନଙ୍କ ବଂଶାବଳୀ, ରାଜତ୍ୱ, ସେମାନଙ୍କ କୃତିତ୍ୱ ଏ ସମସ୍ତ ସେ ବିସ୍ମୃତ ହେବାକୁ ଚାହିଁଥିଲା ।

ପରାଜିତ ସୁଲତାନ ବିହାରରୁ ବଙ୍ଗ ଅଭିମୁଖରେ ଯାଇ ଗୌଡ଼ର ନବାବ ହୁସେନଶାହଙ୍କ ଶରଣାଗତ ହେଲେ ।

ଗୌଡ଼ର ରାଜକୀୟ ଉଦ୍ୟାନରେ ବୁଲୁ ବୁଲୁ ସେ ମନରେ ଚିନ୍ତା କରୁଥିଲା, 'ଏବେ ମୋ ଆତ୍ମା କ'ଣ ସନ୍ଧାନ କରୁଛି ? ତାର ସମସ୍ତ ଅସ୍ତିତ୍ୱ ସେହି ଭୟାନକ ମହାଶୂନ୍ୟରେ ଯେପରି ବୁଲୁଥିଲା । ସେହି ଅବସ୍ଥାରେ ସେ ଅନୁଭବ କରୁଥିଲା, ମଣିଷ ଏବଂ ମଣିଷ ମଧ୍ୟରେ ଏଇ ଜିଘାସା ପ୍ରବୃତ୍ତି ରହିବ ନିଶ୍ଚୟ—ମଣିଷ ତ ମଣିଷ ହୋଇ ଆଉ ନାହିଁ ? ସେ ବର୍ତ୍ତମାନ ହିଂସ୍ର ପଶୁରେ ପରିଣତ ହୋଇଛି—ଅଥଚ ମଣିଷର ମନୁଷ୍ୟତ୍ୱ ବର୍ତ୍ତମାନ ଅବସ୍ଥାରେ କେତେ ବେଶୀ ଦରକାର !'

'ମୁଁ ଏଇ ଚଣ୍ଡାଚଇତନ ହୋଇ ଚୁଟି ରଖିଥିବା ଲୋକଟିକୁ ମାରିବି, କାରଣ ସେ ଗାଈକୁ ଦେବତା ରୂପେ ପୂଜା କରୁଛି । ସେ ବ୍ରାହ୍ମଣ ମଧ୍ୟ ମୋତେ ଦେଖିଲେ ମାରିବାକୁ ଗୋଡ଼ାଇବ, କାରଣ ଗୋରୁ ମୋର ଖାଦ୍ୟ ଏବଂ ମୁଁ ଚଣ୍ଡାଚଇତନେ ହୋଇ ଚୁଟି ରଖିନାହିଁ !'

'ବନାରସ—ଶୋଭାକାର ଶିବପୁରୀକୁ ମାଟିରେ ମିଶାଇ ଦେବାକୁ ହେବ—କାରଣ ମନ୍ଦିର ଏବଂ ମୂର୍ତ୍ତିରେ ଏହା ପୂର୍ଣ୍ଣ । ଅଥଚ ମୂର୍ତ୍ତି ସବୁ ମୋର କଣ କ୍ଷତି କରିଛନ୍ତି ??…'

Digitized by PPRACHIN, SOA

ଏହିସବୁ ଉଦ୍ଭଟ କଳ୍ପନାରେ ଅସ୍ତବ୍ୟସ୍ତ ହୋଇ ସେ ନୃତ୍ୟଶାଳାକୁ ମନ ପରିବର୍ତ୍ତନ କରିବା ନିମନ୍ତେ ଗଲା । କିନ୍ତୁ ସେଠାରେ ସାରଙ୍ଗୀର ଧ୍ୱନି ତାକୁ ମୃତ୍ୟୁର ଚିତ୍କାର ତଥା ସୁବେଶା ନର୍ତ୍ତକୀଗଣ ମୃତ୍ୟୁର ପରି ଜଣାଗଲେ । ନାନାପ୍ରକାର ଶବ୍ଦ, ଅଦ୍ଭୁତ ପ୍ରକାର ଗୀତର ସ୍ୱର, ମୃତ ଭାଷାର ବାକ୍ୟ, ବାରମ୍ବାର ତା ମୁଣ୍ଡରେ ହାତୁଡ଼ି ପିଟିବା ପରି ମନେହେଉଥିଲା । ନିସ୍ତବ୍ଧତା ଏତେ ବେଶୀ ମୁଖରିତ ହୋଇପାରେ ଏକଥା ତାକୁ ଜଣା ନ ଥିଲା । ବିଳବିଳ ହୋଇ ସେ ଅନ୍ୟ ଏକ ନର୍ତ୍ତକୀ ପାଖରେ ପହଞ୍ଚି ତାକୁ ମଧୁ-ମାଧବୀ କିମ୍ବା ଲଳିତ ରାଗ ଆଳାପ କରିବା ନିମନ୍ତେ ବିବାଦ କରୁଥିଲା । ମାତ୍ର ସଙ୍ଗୀତ ଆରମ୍ଭ କରିବା ପୂର୍ବରୁ ନର୍ତ୍ତକୀ ଯେତେବେଳେ ତାନପୁରା ଉଠାଉଥିଲା ସେତେବେଳେ ଅତିଷ୍ଠ ହୋଇ ସେ ସେହି ସ୍ଥାନ ଛାଡ଼ି ପଳାଉଥିଲା । ଗାୟିକାମାନଙ୍କର ସଙ୍ଗୀତ ସ୍ଥାନରେ ଯେପରି ତାକୁ ଅନ୍ୟ କୌଣସି ଶବ୍ଦ ଶୁଣାଯାଉଥିଲା । "ସାଁଇ ନକ୍‌କାରା କୁଚ କା ବାଜତ ଦିନ ରୈନ—ଦିନ ରୈନ···"ଅବଶେଷରେ ସେ କୋଳାହଳମୟ ଲକ୍ଷଣାବତୀ, ଗୌଡ଼ ଏବଂ ସୁନାର ଅଞ୍ଚଳ ଛାଡ଼ି ଶାନ୍ତ ନିର୍ଜନ ଗ୍ରାମ, ଯେଉଁଠି କି ପ୍ରକୃତ ନିଜର ସମସ୍ତ ରୂପ ପସରା ମେଲି ଦେଇଛି, କୃଷ୍ଣାହ୍ନିକ ଭାବରେ ସେଆଡ଼କୁ ଗଲା । ସେଠାରେ ସରୋବରରେ ରକ୍ତ ପଦ୍ମ ପ୍ରସ୍ଫୁଟିତ ହୋଇଥିଲା । ମନ୍ଦିରର ବୈଷ୍ଣବ-ପୂଜକ ରାଧାକୃଷ୍ଣଙ୍କ ପ୍ରେମଗୀତରେ ମୁଖରିତ ଥିଲା । କେବେ ଏଠାରେ ବଙ୍ଗପତି ଗୌଡ଼େଶ୍ୱରଙ୍କ ପରିତ୍ୟକ୍ତ ମହଲ ଥିଲା, ଯାହାକି ବର୍ତ୍ତମାନ ଘାସ ଓ ଗୁଳ୍ମରେ ପୂର୍ଣ୍ଣ । ପାଲ ଏବଂ ସେନ ସମ୍ରାଟଗଣଙ୍କ ପ୍ରାସାଦର ଭଗ୍ନାବଶେଷରେ କୌଣସି ପ୍ରାଚୀନ ସମାଧି ମନ୍ଦିର ଥିଲା ଏବଂ ଏକ ବୃଦ୍ଧ ଥରି ଥରି ସେଠାରେ ବସିଥିଲା, ନିକଟସ୍ଥ କ୍ଷେତରେ କୃଷି କରାଯାଇଥିଲା, ସମ୍ମୁଖରେ ଥିଲା ମହାନନ୍ଦାର ସ୍ରୋତ । ଏ ସବୁ ଦେଖି ଦେଖି କେତେବେଳକେ ତା'ର ମସ୍ତିଷ୍କରେ ହେଉଥିବା ଶବ୍ଦ କମିଆସିଥିଲା । ବହୁଦିନ ତଳେ ଅଯୋଧ୍ୟାରେ ଶୁଣିଥିବା ଏକ ପଂକ୍ତି ଅଚାନକ ତା'ର ମନେପଡ଼ିଲା, ଯାହାର ଭାବାର୍ଥ ଥିଲା—

"ଆଜି କାଲିର ମଧ୍ୟରେ ଜଙ୍ଗଲରେ ହେବ ବାସ—ସେଠାରେ କୃଷି ହେବ ଏବଂ ଗୋରୁମାନେ ଖାଇବେ ଘାସ ।"

କିନ୍ତୁ ଯେତେବେଳେ ତା'ର ଏଇ ଉନ୍ମାଦ ଭାବ ଏବଂ ଅଶାନ୍ତି ବହୁତ ବେଶୀ ବଢ଼ିଗଲା, ସେ ବଙ୍ଗଦେଶରୁ ପଳାଇବ ବୋଲି ମନସ୍ଥ କଲା । କିନ୍ତୁ ହୁସେନ ଶର୍କୀଙ୍କୁ ଏପରି ଏକୁଟିଆ ରଖି ପଳାଇବାରେ ସେ ନିଜେ ଲଜ୍ଜିତ ହେଉଥିଲା ।

"କିନ୍ତୁ ଭାବନା ସମସ୍ତ କ୍ଷଣିକ"—ଏପରି ଚିନ୍ତା କରି ଦିନେ ଚୁପଚାପ୍ ରାଜନବରରୁ ବାହାରି ଗଙ୍ଗାରେ ଏକ ବୋଇତରେ ବସି ଅଜଣା ପଥରେ ଗତିକଲା । ଏହି

Digitized by PPRACHIN, SOA

ବୋଇତଟି ପ୍ରୟାଗ ଯାଉଥିଲା । ଅଳ୍ପ ଉତ୍ସାହଭରା କଣ୍ଠର ଗୀତ ସହିତ ବୋଇତ ନଦୀ ବକ୍ଷରେ ନାଚ ନାଚ ଚାଲିବାକୁ ଆରମ୍ଭ କଲା । କମାଲ ଚୁପ୍‌ଚାପ୍ ଗୋଟିଏ କଣରେ ବସିରହିଲା। ଦିନ ପରେ ଦିନ କଟିଗଲା । ବୋଇତଟି ଯାତ୍ରୀ ଭିଡ଼ରେ ଗଙ୍ଗାର ସ୍ରୋତରେ ଆଗେଇ ଚାଲିଥାଏ । ଭାଗଲପୁର ନିକଟସ୍ଥ କୌଣସି ଗୋଟିଏ ଗାଁରୁ ଏକ ବରଯାତ୍ରୀଦଳ ବରକନ୍ୟାଙ୍କୁ ନେଇ ବୋଇତ ଚଢ଼ିଲେ । ବର ହଳଦିଆଲୁଗା ପିନ୍ଧିଥାଏ ଏବଂ କନ୍ୟା ଲମ୍ବା ଓଢ଼ଣା ଟାଣିଥାଏ ଓ ବାହୁନ ବାହୁନ କାନ୍ଦୁଥାଏ । ବରଯାତ୍ରୀଦଳ ଆମୋଦ ପ୍ରମୋଦରେ ମାତିଥାନ୍ତି ।

କମାଲ ବୋଇତର ମଙ୍ଗରେ ବସି ଏ ସମସ୍ତ ଦୃଶ୍ୟ ନିର୍ଲିପ୍ତଭାବେ ଦେଖି ଦେଖି ଚିନ୍ତା କରୁଥାଏ ।

"ଶୁଣ ଚମ୍ପାବତୀ, ମତେ ତୁ ବିଭା ହେବୁ ?"

"ଛିଃ ଛିଃ, କି ଅସମ୍ଭବ କଥା କହୁଛ ! ମତେ ତୁମ ମୌଲବିମାନଙ୍କ ଦାଢ଼ି ଦେଖିଲେ ବହୁତ ଭୟଲାଗେ । ଜୌନପୁରର କାଜୀ ହୋଇ ସାରିବା ପରେ ତୁମେ ମଧ୍ୟ ସେମାନଙ୍କ ପରି ଦାଢ଼ି ରଖିବ !!"

"ଏକ୍ଷଣି ମଧ୍ୟ ସମୟ ଅଛି । ନଚେତ୍ କେଉଁ ଦିନ ଏକ ଲଣ୍ଡିତ ମସ୍ତକ ପଣ୍ଡା ସହିତ ବିଭା ହୋଇ ଜୀବନସାରା ତା'ର ଦାସୀଗିରି କରିବ ଏବଂ ସେ ମଲେ ତା ଚିତାରେ ତୁମେ ବି ପୋଡ଼ିହୋଇ ମରିବ । କେବେହେଲେ ତୁମେ ତୁମର ଭବିଷ୍ୟତ କଥା ଚିନ୍ତା କରି ଦେଖିଛ ?"

"ମୁଁ ତ ତୁମ ସହିତ ମରିବା ନିମନ୍ତେ ପ୍ରସ୍ତୁତ ଅଛି, ତୁମେ ଥରେ ମରିକରି ଦେଖ ।"

ଏ କଥା ପଦକରେ ସେ ସ୍ତମ୍ଭିତ ହୋଇଗଲା । "ଏ କିପରି କଥା ? ତୁମ ସହିତ ମୋର ବିବାହ ହେଲା କେବେ ? ଅର୍ଥାତ୍ ମୁଁ......ତୁମେ ମୋ କହିବା ଅର୍ଥ ହେଉଛି ଯେ......"

"ସେଥିରେ କ'ଣ ଅଛି ? ତୁମେ ଆଉ ମୁଁ ଦିହେଁ ତ ଜନ୍ମଜନ୍ମାନ୍ତରର ସାଥୀ ।"

କ'ଣ ପାଗଳ ପରି କହୁଛ ? ପୁଣି ତୁମେ ଯାଦୁକରର କଥା ମୋ ଆଗରେ ଆରମ୍ଭ କରୁଛ ?" କମାଲ କହିଲା ।

"ଏଥିରେ ଯାଦୁ କ'ଣ ରହିଲା ? ମୁଁ ତୁମକୁ ଭଲ ପାଉଛି ଏବଂ ତୁମ ଆଗରେ ମୁଣ୍ଡ ନୁଆଁଇଛି ।" ଚମ୍ପା କହିଲା ।

"କଣ ସବୁ ଯାଉ୍ତ୍ ସିଆଉ୍ତ୍ କହୁଛ ? ମୁଁ ସାଧାରଣ ମଣିଷ, ମୁଁ ଦେବତା ନୁହେଁ ।"

"ତୁମେ ତ ମୋ ଆଖିରେ ଦେବତା । ମଣିଷ ମନ ତ ଦେବତାଙ୍କୁ ଜନ୍ମ ଦିଏ ।" ଏତିକି କହି ହସି ହସି ସେ ଚାଲିଗଲା ।

Digitized by PPRACHIN, SOA

ପାଟନା ପାଖରେ ବହୁ ଯାତ୍ରୀ ଓହ୍ଲାଇଗଲେ ଏବଂ ଚଢ଼ିଲେ ମଧ୍ୟ । ନୂଆ ଯାତ୍ରୀଙ୍କ ମଧ୍ୟରେ କେତେଜଣ ଧନୀ ଯୁବକ ଥିଲେ । ଦଳେ ଯୋଗୀ ଏବଂ ଆଉ ଜଣେ ଥିଲେ ଗେରୁଆ ବସ୍ତ୍ରଧାରୀ ଭିକ୍ଷୁ । ସେ ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଥିଲେ । କିଛି ସମୟ ପରେ ଏହି ଯୋଗୀମାନଙ୍କ ଦଳରୁ ଜଣେ କମାଲର ପାଖ ଦେଇ ଗଲା । ମନେହେଲା ଯେପରି ଯୋଗୀ ତାକୁ ଚିହ୍ନି ପାରିଛି ।

"ତୁମେ କୁଆଡ଼େ ଯାଉଛ ?" କମାଲ ତାକୁ ପଚାରିଲା ।

"କାଶୀ ।"

"ସେଠି କଣ ଅଛି ?"

"ସେଠି କଣ ନାହିଁ ? ସେ ତ ଶିବ-ପୁରୀ ! ଯେଠାରେ ମଣିଷକୁ ଆନନ୍ଦ ପ୍ରାପ୍ତ ହୋଇଥାଏ । ସେଇଠି ମୋର ଗୁରୁଦେବ ରହୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର କଥା ଯେ, ତୁମେ ୧୨ଦିନ କଟାଇଦେଲ ଅଥଚ ତାଙ୍କୁ ଚିହ୍ନିଲ ନାହିଁ !!" କିଛି କ୍ଷଣ ମୌନ ରହି ସେ କହିଲା, "ତୁମେ ଜୌନପୁରର କମାଲୁଦ୍ଦିନ ନା ?"

କମାଲ ମୂର୍ତ୍ତିବତ୍ ନିଶ୍ଚଳ ରହି ତାକୁ ନିରୀକ୍ଷଣ କଲା ।

"ମୁଁ ସୁଲତାନ୍ ସିକନ୍ଦରଙ୍କ ସେନାପତି ଥିଲି । ଚୁନାର ଯୁଦ୍ଧ କ୍ଷେତ୍ରରେ ତୁମେ ତଲଓ୍ୱାର ଦ୍ୱାରା ମୋତେ ଆହତ କରିଥିଲ ।" ଏହା କହି ସେ ତାର ଡାହାଣ ହାତ ଦେଖାଇଲା । ଏହି ହାତର ଆଙ୍ଗୁଠି ସବୁ କଟି ଯାଇଥିଲା । ସେ ତା'ର ଏକତାରା ବାମ ହାତରେ ବଜାଉଥିଲା । "ତୁମକୁ ଅନ୍ୟ ଏକ ଖବର ଦେଉଛି— ତୁମେ ଯେତେବେଳେ ଗୌଡ଼ ଦରବାରରେ ବିଳାସ ବ୍ୟସନରେ ବୁଡ଼ି ରହିଥିଲ, ସେତେବେଳେ ସେ ତୁମ ଅପେକ୍ଷାରେ ଦିନ ଗଣୁଥିଲା ଏବଂ କାନ୍ଦି କାନ୍ଦି ସମୟ କାଟୁଥିଲା । ମାତ୍ର କୌଣସି ହଂସ ଦୂତ ତା'ର ସନ୍ଦେଶ ତୁମକୁ ଦେଇ ପାରି ନଥିଲା ।"

କମାଲ ଆଶ୍ଚର୍ଯ୍ୟ ହୋଇଗଲା । କ'ଣ ଏ ଯୋଗୀ ଜ୍ୟୋତିଷ ବିଦ୍ୟା ଜାଣିଛି !

"ମୁଁ ମୋର ସେନା ନେଇ ଅଯୋଧ୍ୟା ହୋଇ ଆସୁଥିଲି । ଘୋଡ଼ଣ୍ଡ ଯୁଦ୍ଧରେ ତାର ଭାଇ ନିହତ ହୋଇଥିବାରୁ ସେ ବଣ ଜଙ୍ଗଲରେ କାନ୍ଦି କାନ୍ଦି ବୁଲୁଥିଲା । ପ୍ରତ୍ୟେକ ସିପାହୀକୁ ଦେଖି ସେ ମନେକରୁଥିଲା ଯେପରି ତୁମେ ତା ପାଖକୁ ଫେରି ଆସିଛ, କାରଣ ତୁମେ ତାକୁ ସେଇ ଅନୁରୂପ କଥା ଦେଇଥିଲ । ମତେ ସିପାହୀ ଦେଖି ମୋ ପାଖରୁ ତୁମ ସନ୍ଧାନ ପାଇବ ବୋଲି ଆସିଲା, ଅଥଚ ତୁମ ଖବର ମୁଁ ତାକୁ କିଛି ଦେଇ ପାରିଲି ନାହିଁ । ପରେ କେଜାଣି କୁଆଡ଼େ ସେ ଚାଲିଗଲା······ଏ ପୃଥିବୀ ବହୁତ ବଡ଼ ! ତୁମେ ତାକୁ ଖୋଜି ଆଉ ପାଇବନାହିଁ । ସେ ମଧ୍ୟ ତୁମକୁ ଆଉ ପାଇବ ନାହିଁ । ଜୀବନରେ ଦୁଇଜଣଙ୍କ ମିଳନ କେବଳ

Digitized by PPRACHIN, SOA

ଥରେ ମାତ୍ର ହୋଇଥାଏ, ହଜିଗଲେ ପୁଣି ଦ୍ୱିତୀୟ ଥର ମିଳିବା ଅସମ୍ଭବ । ବିଚ୍ଛେଦ ଓ ମିଳନର ମାନେ ଜାଣିଛ ?" ଏତିକି କହି ଯୋଗୀ ଜଣକ ତାର ଏକତାରା ନେଇ ନିଜ ଦଳରେ ମିଶିଗଲା ।

ଗଙ୍ଗା ବୋହି ଯାଉଥିଲା । ଏହାର ବକ୍ଷରେ ନାନା ପ୍ରକାର ବୋଇତ, ରାଜକୀୟ ଡଙ୍ଗା ଏବଂ କେଉଟମାନଙ୍କ ମାଛ ମାରିବା ଡଙ୍ଗା ସବୁ ସନ୍ଧ୍ୟାବେଳେ ପାଲ ଟାଣି ଭାସି ଭାସି ଯାଉଥିବାବେଳେ ମନେହେଉଥିଲା ଯେପରି ଅସଂଖ୍ୟ ରାଜହଂସ ମାନସରୋବର ଯିବା ଉଦ୍ଦେଶ୍ୟରେ ପର ମେଲାଇ ବସିଛନ୍ତି । ବୋଇତରୁ ଯୋଗୀଙ୍କ ସଙ୍ଗୀତ, ଫକୀରଙ୍କ କୀର୍ତ୍ତନ ତଥା ବୈଷ୍ଣବ ପୂଜକଙ୍କ ଭଜନର ଶବ୍ଦ ଭାସିଆସୁଥିଲା । ବ୍ୟବସାୟୀଗଣଙ୍କ ପୋତ ରାଜ୍ୟର ପେଣ୍ଠ ଜାଗାକୁ ଯାଉଥିଲା । ସୁଦୂର ଆରବ, ଚୀନର ବିଦ୍ୱାନ୍, ତିବ୍ବତ ଓ କାଶ୍ମୀରର ଭିକ୍ଷୁ, ଆରବର ପର୍ଯ୍ୟଟକ, ପାରସ୍ୟର ଚିତ୍ରକାର, ଯାଭା ଦ୍ୱୀପର ନର୍ତ୍ତକୀ ଆଦି ନାନାଜାତିର ଲୋକ ଏହି ପୋତରେ ଥିଲେ । ଦେଶର ଚାରିଆଡ଼େ ଶାନ୍ତି ବିରାଜୁଥିଲା । ଦିଲ୍ଲୀର ବାଦଶାହ ଥିଲେ ସିକନ୍ଦର ଲୋଦୀ । ଜୀବନ ନାନାପ୍ରକାର କୋଳାହଳରେ ପୂର୍ଣ୍ଣ ଥିଲା ।

'ଯେଉଁମାନେ ସତକୁ ସତ ଅନ୍ତରରେ ଶାନ୍ତି ପାଇଛନ୍ତି, ସେହିମାନେହିଁ ଭାଗ୍ୟବାନ୍ । ମୋର ସେହି ପ୍ରକାର ଶାନ୍ତି ଲୋଡ଼ା ।' କମାଲ ଧୀରେ ସ୍ୱଗତୋକ୍ତି କଲା ।

ଏତେ ବେଳ ପରେ ଭିକ୍ଷୁ ଜଣକ ତାକୁ ଦେଖିଲା । ଆଜି ହେଉଛି ବୈଶାଖ ପୂର୍ଣ୍ଣିମା । ଆଜିଠାରୁ ୨୦୦୦ ବର୍ଷ ପୂର୍ବେ ଭାରତର କୌଣସି ଏକ ଜନପଦରେ ଶାକ୍ୟମୁନି ଜନ୍ମଗ୍ରହଣ କରିଥିଲେ ଏବଂ ଏହି ବୈଶାଖ ପୂର୍ଣ୍ଣିମା ଦିନରେ ତାଙ୍କୁ ବୁଦ୍ଧତ୍ୱ ମଧ୍ୟ ପ୍ରାପ୍ତ ହୋଇଥିଲା । ପୂର୍ଣ୍ଣଚନ୍ଦ୍ର ନଦୀର ଲହଡ଼ିରେ ଭାସୁଥିଲା । ତାର ଆଲୋକ କମାଲ ଓ ଭିକ୍ଷୁଙ୍କ ଚେହେରାରେ ପଡ଼ୁଥିଲା ।

"ମୋର ବିଚାରଧାରାରୁ ମୁଁ ମୁକ୍ତି ପାଇବାକୁ ଚାହେଁ ।" କମାଲ କହିଲା ।

ଭିକ୍ଷୁ ତାକୁ ପୁନର୍ବାର ଚାହିଁଲା ।

"ବିଚାର ! ବିଚାର ତ ସ୍ୱୟଂ ନିଜକୁ ଜାଣେ ନାହିଁ । ବିଚାର ମଧ୍ୟ ନିଜ ମଧ୍ୟରୁ ବାହାରକୁ ଯାଇ ପାରେ ନାହିଁ । ସୃଷ୍ଟି ବାହାରେ କୌଣସି ଈଶ୍ୱର ନାହିଁ ଏବଂ ଈଶ୍ୱରଙ୍କ ବ୍ୟତିରେକେ କୌଣସି ସୃଷ୍ଟି ମଧ୍ୟ ନାହିଁ । ସତ୍ୟ ଅସତ୍ୟର ଅନ୍ତର କିଛି ନାହିଁ । କିନ୍ତୁ ସମସ୍ତଙ୍କ ଊର୍ଦ୍ଧ୍ୱରେ ପରମ ସତ୍ୟ ହେଉଛି ଶୂନ୍ୟ ।" ଗମ୍ଭୀର ହୋଇ ଭିକ୍ଷୁ ଏତିକି କହିଲା ।

"ମୋର ଭୟ ଏଇ ଶୂନ୍ୟ ତଥା ନିସ୍ତବ୍ଧତାକୁ ।" କମାଲ କହିଲା ।

"ଶୂନ୍ୟ—ନିସ୍ତବ୍ଧତା—ଶୂନ୍ୟତା, ଯାହା ଅନ୍ତିମ ସତ୍ୟ ଅଟେ; ଯାହା କି ଶୂନ୍ୟର

Digitized by PPRACHIN, SOA

ପରିକଳ୍ପନା !

"ଏହି ନସ୍ତବ୍ଧତାରେ ଏକାକୀ ମୁଁ ଯିବ କୁଆଡ଼େ ? ତୁମେ ବି ମୋ ସାଥୀ ହେଉନ !" କମାଲ ଏତକି କହି ସେହି ମହାଯାନୀ ଭିକ୍ଷୁଙ୍କୁ ଶଙ୍କାକୁଳ ଆଖିରେ ଅନାଇଲା ।

ଏଥିମଧ୍ୟରେ ବୋଇତଟି ଗୋଟିଏ ଗାଁ ପାଖ ଘାଟରେ ଭିଡ଼ିଲା । କମାଲ ଘାଟରେ ପହଞ୍ଚି କୁଆଡ଼କୁ ଯିବ ବୋଲି ଠିକ୍ କରିପାରିଲା ନାହିଁ । ସେଠାରେ ଓହ୍ଲାଇ ଥିବା ବୈଷ୍ଣବ ପୂଜକଙ୍କର ଗୋଟିଏ ଦଳ ଦେଖି ସେ ତାଙ୍କ ପଛେ ପଛେ ଗ୍ଲିଲା ।

ବହୁ ଦିନ ପର୍ଯ୍ୟନ୍ତ ସେ ଏହିପରି ଦୂର ବୁଲିଲା ଓ ବୁଲୁ ବୁଲୁ ଏକ ଜଙ୍ଗଲ ନିକଟରେ ଥିବା ତନ୍ତ୍ରୀମାନଙ୍କ ବସ୍ତିରେ ପହଞ୍ଚିଲା । ଶ୍ରାବଣ ମାସ ଆରମ୍ଭ ହେବାକୁ ଅଳ୍ପ କେତେ ଦିନ ମାତ୍ର ବାକୀ ଥାଏ । ପବନରୁ ଚନ୍ଦନର ମହକ ଭାସିଆସୁଥିଲା ।

ଗଳାରେ ତୁଳସୀ କଣ୍ଠି ପିନ୍ଧି ବୈଷ୍ଣବ ସାଧୁଗଣ ଗୋଟିଏ ପଣସଗଛ ମୂଳେ ବସି ଖୋଳ କରତାଳ ବଜାଉଥିଲେ । ନିଜର ଲାଲ ଆଖି ଦେଖାଇ ଶୁଆମାନେ ଗଛରେ ବସିଥିଲେ, ଜଙ୍ଗଲ ଭିତରୁ ଡାହୁକ ପକ୍ଷୀର ଚିତ୍କାର ଶୁଣାଯାଉଥିଲା । କମଣ୍ଡଳୁ ହାତରେ ଧରି ଓ ଏକତାରା ବଜାଇ ବଜାଇ ଯୋଗୀମାନେ ସେଇ ବାଟ ଦେଇ ତୀର୍ଥଯାତ୍ରାକୁ ଯାଉଥାଆନ୍ତି ।

ପୋଖରୀ ତୁଠରେ ବସି କମାଲ ମହୁଆ ତୋଟାଆଡ଼ୁ ଭାସି ଆସୁଥିବା ଗୀତର ସ୍ୱର ତଥା ଜଙ୍ଗଲର ମହକ ଅନୁଭବ କରୁଥିଲା ।

ସେତେବେଳେ ତା'ର ମନେହେଲା ସେ ପର୍ଯ୍ୟନ୍ତ ସେ ନିସ୍ତବ୍ଧତାରେ ବସିଥିଲା । ନିସ୍ତବ୍ଧତା କିନ୍ତୁ ଭିନ୍ନ ଭିନ୍ନ ପ୍ରକାରର । ଏ ସମୟରେ ଏହି ନିସ୍ତବ୍ଧତା ତା ନିମନ୍ତେ ପରମ ସତ୍ୟ ଥିଲା । ଭିକ୍ଷୁର କଥା ଏତେବେଳକୁ ସେ ହୃଦୟଙ୍ଗମ କଲା ।

କେତେ ସମୟ ଧରି ସେ ମନ ଧ୍ୟାନ ଦେଇ ମହୁଆ ତୋଟାଆଡ଼ୁ ଆସୁଥିବା ବୈଷ୍ଣବ ସାଧୁଙ୍କ ଗୀତର ଶବ୍ଦ ଶୁଣିବାକୁ ଲାଗିଲା । ସେ ତ କବି ଜୟଦେବ ଗୋସ୍ୱାମୀଙ୍କ ପଦାବଳୀ ଥିଲା ! ସାଧୁଗଣ ଗାଉଥିଲେ—

"ଚନ୍ଦନ ବନରୁ ଭାସିଆସୁଥିବା ମଳୟ ପବନ ସୁବାସିତ ଲାଗୁଛି । ସେଠି ଅଳେଇଚ ବୁଦାରେ ଏହା ବ୍ୟାପିଛି ଏବଂ ମଧୁମକ୍ଷୀଗଣ ସେଇ ଲୋଭରେ ସେଠାରେ ଗୁଣୁ ଗୁଣୁ ହେଉଛନ୍ତି ।"

"ଯେଉଁ କୁଞ୍ଜରେ ସେ ନୃତ୍ୟ କରୁଛି ସେହିଠାରୁ ଏହି ମଳୟ ଆସୁଛି । ବସନ୍ତ କାଳରେ ନିଃସଙ୍ଗ ଜୀବନ ବଡ଼ କଷ୍ଟଦାୟକ ! କେତକୀ ଫୁଲ ଏବଂ ଅନ୍ୟାନ୍ୟ ହଳଦିଆ ଫୁଲ କାମଦେବଙ୍କ ବାଣ ସଦୃଶ ଦେଖାଯାଉଛି । ପାଟଳୀ ଫୁଲର କଢ଼ରେ

Digitized by PPRACHIN, SOA

ଭ୍ରମରଗଣ ଶୋଇପଡ଼ିଛନ୍ତି । ମାଧବୀ ଲତା ପବନରେ ଆନ୍ଦୋଳିତ ହେଉଛି ଏବଂ ଏହି ସମୟରେ ସେ କୁଞ୍ଜରେ ନୃତ୍ୟ କରୁଛନ୍ତି । ବସନ୍ତ ଋତୁର ନିଃସଙ୍ଗ ଜୀବନ ବଡ଼ କଷ୍ଟଦାୟକ ।”

“ଉଷ୍ମ ଓଠ ଓ ଚକ୍ଷୁ ପଲ୍ଲବକୁ ଛୁଇଁବା ପରି ସୂର୍ଯ୍ୟ କିରଣ ଆମ୍ର ବଉଳ ଉପରେ ପଡ଼ୁଛି ଏବଂ ସେ ଶାନ୍ତ ଯମୁନା କୂଳରେ ନୃତ୍ୟ କରୁଛନ୍ତି । ଫୁଲର ଏ ହମ୍ମାଟରେ ସେ ତ ଏକୁଟିଆ ରହି ନାହିଁ !”

“ସେ ଗୋପୀଗଣଙ୍କ ସହିତ ନୃତ୍ୟ କରୁ କରୁ ସମସ୍ତ ଭୁଲିଯିବ ଏବଂ ରାଧା କେବଳ ତା’ର ପ୍ରତୀକ୍ଷାରେ ବସିରହିବେ ।”

ସାଧୁଗଣ ଗୀତର ଦ୍ୱିତୀୟ ପଦ ବୋଲିବାକୁ ଆରମ୍ଭ କଲେ—

“ଯେପରି ବିଦେଶୀ ଯାତ୍ରୀମାନଙ୍କର, କୋଇଲିର କୁହୁ ତାନ ଶୁଣି ନିଜ ଦେଶର ନଦୀ କୂଳର ଭ୍ରମର ଗୁଞ୍ଜନ ଧ୍ୱନି ମନେପଡ଼ିଯାଏ, ସେହିପରି ସହସା ତାର ରାଧାଙ୍କ କଥା ସ୍ମରଣ ହେଲା ଏବଂ ରାଧା ଦେଖିଲେ ଯେ, ପୀତବସନଧାରୀ କେଶରେ ବନଫୁଲ ସଜ୍ଜିତ କରି ଓ ଓଠରୁ ମଧୁ ଝରାଇ ଗୋପୀଙ୍କ ସହିତ ନୃତ୍ୟ କରୁଛି ।”

କମାଲ୍ ପୋଖରୀ ପାହାଚ ଉପରେ ବସି ଶୁଣୁଥିଲା—“କୋଇଲିର ସ୍ୱର ପଥିକଙ୍କୁ ପୀଡ଼ା ଦିଏ । ସେହି ଆନନ୍ଦମୟ ପୀଡ଼ା, ଯାହା ପ୍ରାପ୍ତ ନ ହେଲା—ସେଇ ଯାତ୍ରାର ପୀଡ଼ା, ଯାହା ନ ଯାଉଛି—ସେହି ପରିଶ୍ରମର ପୀଡ଼ା, ଯାହା ନିଷ୍ଫଳ ହେଲା ଏବଂ ଆନନ୍ଦ ରହି ମଧ, ଆନନ୍ଦରେ ସୁଦ୍ଧା ପୀଡ଼ା ରହିଛି, କାରଣ ପୀଡ଼ା ଅନନ୍ତ ଅଟେ ।”

କମାଲ୍ ଉଠି ଠିଆହେଲା । ସାଧୁଙ୍କ ସ୍ୱର ଲହରିରେ ଜୟଦେବଙ୍କ ଶବ୍ଦ କ୍ଷୀଣରୁ କ୍ଷୀଣତର ହୋଇଗଲା ।

ଜୟଦେବ କହିଥିଲେ—“ମୁଁ ପ୍ରତୀକ୍ଷା କରିଚି । ଯିଏ ବିଳମ୍ବରେ ପ୍ରେମ ଆରମ୍ଭ କଲା ସେଇ ତ ଅସଲ୍ ପ୍ରେମୀ !”

ଜଙ୍ଗଲ ରାସ୍ତାରେ ସେ ଅନେକ ବାଟ ଆସିବା ପରେ ଅଦୂରରେ ଗଙ୍ଗା ତା’ର ଦୃଷ୍ଟିଗୋଚର ହେଲା । ତା’ର ନିଜ ଅଜାଣତରେ ସେ ବନାରସରେ ପହଞ୍ଚିଥିଲା । ଆଗରେ ଅପର ପାର୍ଶ୍ୱରେ ଶିବପୁରୀର ମନ୍ଦିର ଚୂଡ଼ାର କଳସ ଝରରେ ଝଟକୁଥିଲା । ଘଣ୍ଟା ଧ୍ୱନିତ ହେଉଥିଲା ଏବଂ ପବନରେ ଅଗୁରୁ ଚନ୍ଦନର ସୁବାସ ଭାସିଆସୁଥିଲା । କାଶୀ ଅନାଦି ଅନନ୍ତ କାଳର ନଗରୀ ।

ଗଛ ଗୁଡ଼ିକରେ ସେ ସାରା ଦିନ ଘୂରିବୁଲି ଅବଶେଷରେ କ୍ଲାନ୍ତ ଓ ପରିଶ୍ରାନ୍ତହୋଇ ସାମନାରେ ଥିବା ତନ୍ତ୍ରୀବସ୍ତୀର ଚଉପାଠୀ ନିକଟକୁ ଅଗ୍ରସର ହେଲା ।

ତାକୁ ଦେଖି ଜଣେ ଶୂଦ୍ର ପ୍ରଶ୍ନ କଲା, “ମନେହେଉଛି ତୁମେ ଯେପରି ଅନେକ

Digitized by PPRACHIN, SOA

ଦୂରରୁ ଆସିଛ ! ତୁମ ପାଦ ଧୂଳିଧୂସରିତ ହୋଇଛି ।"

"ହଁ, ମୁଁ ବହୁତ ଦୂର ବୁଲି ବୁଲି ଆସୁଛି ।"

ସେ କହିଲା, "ଆସ, ବସ ! ଛତୁ ଟିକେ ଖାଅ । ଲୁଗାପଟାରୁ ମନେହେଉଛି ତୁମେ ଧନୀ । ତେବେ ବୃଥାରେ ଏପରି ଦୂର ବୁଲୁଛ କାହିଁକି ? ସୁଲତାନଙ୍କ କର୍ମଚାରୀ ବୋଧେ !" ସେ ଏତିକି କହି କମାଲ୍‌କୁ ଗୋଟିଏ ଚାଳଘରକୁ ନେଇ ବସାଇଲା ।

"ମୁଁ କୌଣସି ସୁଲତାନଙ୍କ କର୍ମଚାରୀ ନୁହେଁ" କହି ସେ ଜୋତା ଖୋଲି ଘରେ ବସି ଚାରିଆଡ଼କୁ ଦେଖିବାକୁ ଲାଗିଲା ।

'ଦେଖ ଚମ୍ପାବତୀ, ତୁମେ କହିଥିବା ସର୍ତ୍ତ ପୂରଣ କଲି । ତୁମେ କହିଥିଲ, ମୁଁ ନିଜ ତଲୱାର ଫିଙ୍ଗିଦେଲେ ତୁମେ ମୋତେ କାଶୀ ନେଇଆସିବ । ମୁଁ ନଦୀ ଗର୍ଭରେ ମୋର ତଲୱାର ସମର୍ପଣ କରି କାଶୀ ପହଞ୍ଚିଗଲି । ମାତ୍ର ତୁମେ କେଉଁଠି ?' ମନେ ମନେ ସେ କହିଲା ।

ସମ୍ମୁଖରେ ସାଧୁମାନଙ୍କର ଏକ ଦଳ ବାହାରିଗଲେ । ବହୁ ସନ୍ନ୍ୟାସୀ କାନରେ କୁଣ୍ଡଳ ପିନ୍ଧି ଓ ତ୍ରିଶୂଳ ଧରି ଘାଟଆଡ଼କୁ ମୁହାଁଇଥିଲେ । ତନ୍ତ୍ରୀ, ଶୂଦ୍ର ଏବଂ ଭିକ୍ଷୁକ-ଗଣଙ୍କର ଏକ ପଟୁଆର ଖୋଲ କରତାଳ ବଜାଇ, ସଂକୀର୍ତ୍ତନ କରି ସେମାନଙ୍କ ପଛେ ପଛେ ଚାଲିଥାନ୍ତି । ତାର ମନେ ପଡ଼ିଲା ଚମ୍ପା କହିଥିବା କଥା—'ଏମାନଙ୍କୁ ଥଟ୍ଟା କରିବ ନାହିଁ । ବହୁତ ଭଲ ଲୋକ ଏମାନେ । ଦିନେ ଏହିମାନେ ହିଁ ତୁମକୁ ସାହାଯ୍ୟ କରିବେ ।'

ଧୀରେ ଧୀରେ ସେ କୁଡ଼ିଆରୁ ବାହାରି ଜନସମୁଦ୍ରରେ ମିଶିଗଲା । ସେମାନେ ସେମାନଙ୍କ ଗୁରୁଙ୍କ ନିକଟକୁ ଯାଉଥିଲେ ।

୯

ସନ୍ଥ କବୀର ସକାଳୁ ତନ୍ତରେ ଲୁଗା ବୁଣି, ଗଣ୍ଠିଲି କରି ପିଠିରେ ପକାଇ କାଶୀର ଗଳିକନ୍ଦିରେ ବିକୁଥିଲେ । ସନ୍ଧ୍ୟାବେଳେ ତାଙ୍କ ଘର ଆଗରେ ଥିବା ବଗିଚାରେ ସାଧୁ ସନ୍ନ୍ୟାସୀ ଭକ୍ତଙ୍କ ଭିଡ଼, ତଥା ଏକତାରା, ଖୋଲ, କରତାଳ ଏବଂ ଭଜନ ଶବ୍ଦରେ ମୁଖରିତ ହେଉଥିଲା ।

ସନ୍ଥ କବୀରଙ୍କ ଚିନ୍ତାଧାରା କାଶୀର ପଣ୍ଡା ଓ ଦିଲ୍ଲୀର ମୌଲବିମାନଙ୍କର ପସନ୍ଦ

Digitized by PPRACHIN, SOA

ନଥିଲା । କିନ୍ତୁ ସେମାନଙ୍କର କରଣୀୟ କିଛି ନଥିଲା—ସମଗ୍ର ଦେଶ ଏକ ନୂତନ ଭାବ, ନୂତନ ରଙ୍ଗରେ ରଞ୍ଜିତ ହୋଇଥିଲା । ଗତ ତିନିଶହ ବର୍ଷ ଧରି ଏହି ଭକ୍ତିଧାରା ଜନଗଣର ମନକୁ ନିବିଡ଼ ଭାବରେ ବାନ୍ଧି ରଖିଥିଲା । ବାଦଶାହ, ନବାବ, ରାଜା ତଥା ମନ୍ତ୍ରୀ ଓ ସେନାପତିଙ୍କ ବିଭବଶାଳୀ ଦୁନିଆରୁ ବାହାରି କମାଲ୍ ଦେଖିଲା ଅନ୍ୟ ଏକ ଦୁନିଆରେ ମୂଲିଆ, ବାଉଳ, ମୋଚି, କୃଷୀ ଏବଂ ଗରିବ କାରିଗରମାନେ ଏକ ଅପୂର୍ବ ଆନନ୍ଦର ଉନ୍ମାଦନାରେ ପରିପୂର୍ଣ୍ଣତା ଲାଭ କରିଛନ୍ତି । ଏହି ଗଣତାନ୍ତ୍ରିକ ଭାରତରେ କେବଳ ସାଧୁ , ସନ୍ଥ ଏବଂ ସୁଫିଗଣଙ୍କରହିଁ ଥିଲା ଜୟଜୟକାର । ଇସଲାମ୍ ଧର୍ମର ସମାନତା ସିଦ୍ଧାନ୍ତ ହିନ୍ଦୁ ଭକ୍ତଗଣଙ୍କୁ ପ୍ରଭାବିତ କରିଥିଲା । ଶାନ୍ତିପ୍ରିୟ ଇସ୍‌ଲାମି ସୁଫି ଏ ସମାଜରେ ପ୍ରାଧାନ୍ୟ ଲାଭ କରିଥିଲେ । ହଜାର ହଜାର ବର୍ଷ ଧରି ନିପୀଡ଼ିତ ଅସ୍ପୃଶ୍ୟ ମାନେ ଏହି ସୁଫି ଏବଂ ସନ୍ଥଙ୍କ ଗହଣରେ ବସି ରାମଙ୍କ ସ୍ତୁତି କରୁଥିଲେ । ଏ ପୃଥିବୀ ବିଲ୍‌କୁଲ୍ ସ୍ୱତନ୍ତ୍ର ଥିଲା—ଏଠାରେ ହିନ୍ଦୁ କିଏ, ମୁସଲମାନ କିଏ, ଏ ପ୍ରକାର ପ୍ରଶ୍ନ ନ ଥିଲା । ଏଠାରେ ପ୍ରେମ ହିଁ ଥିଲା ମୁଖ୍ୟ । ମଣିଷର ସନ୍ଧାନ ନେବା ନିମନ୍ତେ ଏଠି ସେଠି ବୁଲି ବୁଲି ପରିଶେଷରେ କମାଲ୍ ଏହିଠାରେ ହିଁ ମଣିଷର ସନ୍ଧାନ ପାଇଥିଲା—ଏଠି ମଣିଷ ନ ଥିଲା ହିଂସ୍ର ପଶୁ । ଯେଉଁ ଶୂଦ୍ରଟି ହଠାତ୍ ତାକୁ ଛତୁ ଖାଇବାକୁ ଦେଲା ତାର କୌଣସି ପ୍ରକାର ରାଜ୍ୟ ଲିପ୍‌ସା ନଥିବାରୁ ସେ ହିଂସ୍ର ନ ଥିଲା । ଦୁଓଳି ବାଜରା ରୋଟି ତାକୁ ମିଳିବା ଫଳରେ ସେ ସନ୍ତୁଷ୍ଟ ରହି ଭଗବାନଙ୍କୁ କୃତଜ୍ଞତା ଜଣାଉଥିଲା । ଦେଶର ରାଜନୀତି ପ୍ରତି ସେ ଥିଲା ସମ୍ପୂର୍ଣ୍ଣ ଉଦାସୀନ । ତା ସମ୍ମୁଖରେ ବସି ଏଇ ଯେଉଁ କୃଷୀଟି ତାର ଶ୍ରେଷ୍ଠ ଝିଅଟିକୁ କୋଳରେ ଶୁଆଉଛି, ସେ କାହିଁକି ବା ଚିନ୍ତା କରିବ ଆସନ୍ତା କାଲି କିଏ ଦିଲ୍ଲୀ ଶାସନ କରିବ ? ସୁଲ୍‌ତାନ ହୁସେନ୍‌ଙ୍କ ଶାସନ କାଳରେ ବି ସେ ଏହିପରି ଚାଷ କରିବ, ଧାନ ରୋଇବ । ସୁଲତାନ ସିକନ୍ଦର ବାଦ୍‌ଶାହ ହେଲେ ସୁଦ୍ଧା ସେ ସେଇ କାମ କରିବ । ତୁର୍କି ସାମ୍ରାଜ୍ୟ ପୂର୍ବରୁ ପୃଥ୍ୱୀରାଜଙ୍କ ସମୟରେ ମଧ୍ୟ ତା ବାପ ଅଜା ଏହି ଜ୍ୟୈଷ୍ଠମାସ ଖରାରେ ସିଝି ଖେତରେ କାମ କରୁଥିଲେ, ଶ୍ରାବଣ ମାସରେ ବର୍ଷାମଙ୍ଗଳ ଗାଉଥିଲେ ଏବଂ ଦୁର୍ଭିକ୍ଷ ହେଲେ ଚୁପ୍‌ଚାପ୍ ଦୁର୍ଭିକ୍ଷର ଶିକାର ମଧ୍ୟ ହେଉଥିଲେ । ସନ୍ଧ୍ୟା ଆସନ୍ନ ଏବଂ ଲୋକେ କୀର୍ତ୍ତନ କରିବା ନିମନ୍ତେ ଠୁଳ ହେଉଥିଲେ । କମାଲ୍ ଉଠିଯାଇ ଲୋକ ଭିଡ଼ରେ ମିଶିଗଲା ।

ବାଗ୍‌ଦାଦ୍ ଏବଂ ଜୌନପୁରର ମନସୁର କମାଲୁଦ୍ଦିନ୍—ଐତିହାସିକ, ରାଜନୀତି ବିଶାରଦ, ସୈନିକ—ଯିଏ କି ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ ସହିତ କେବେ କୌଣସି ସଂପର୍କ ରଖି ନଥିଲା, ଅବଶେଷରେ ପଂଚଗଂଗା ଘାଟ ନିକଟରେ ପହଞ୍ଚି ସାରିଥିଲା ।

Digitized by PPRACHIN, SOA

କିନ୍ତୁ ବହୁତ ଜଟିଳ ପ୍ରଶ୍ନ ଚିନ୍ତା କରୁଥିବା ତାତ୍ତ୍ୱିକ ବୁଦ୍ଧିଜୀବୀ ବ୍ୟକ୍ତି ଅପେକ୍ଷାରେ ଥିଲେ । କବୀର ସେମାନଙ୍କୁ କହିଲେ, "ସାଧୁଗଣ, ହରିଙ୍କୁ ଭଜନ କର । ତୁମର ଦୁଃଖ ଆପଣା ଛୁଏଁ ସମାପ୍ତ ହେବ ।" ଦୁଃଖ ସତ୍ୟ ଅଟେ, ଦୁଃଖର ମୂଳ ସତ୍ୟ···, ଏହି କଥା ତ କମାଲ୍ ବୋଇତରେ ଯାଉଥିବା ଭିକ୍ଷୁ ଠାରୁ ଶୁଣିଥିଲା ! କିନ୍ତୁ ହରି କିଏ ସେ ? କୂଳ ମିଳିବ କେଉଁଠି ? କୂଳରେ ପହଞ୍ଚିଲେ ଲାଭ ହେବ କଣ ? ଯଥାର୍ଥ ବିଶ୍ୱାସ କି ପଦାର୍ଥ ? ଏବଂ ଈଶ୍ୱରଙ୍କ ପରିକଳ୍ପନା—ପ୍ରେମ ଓ ବୈରାଗ୍ୟରୁ କଣ ପ୍ରାପ୍ତ ହୋଇଥାଏ ? ମୋକ୍ଷ କଣ—ଅଥଚ ଜ୍ଞାନର ପରିସର ଏତେ ବିସ୍ତୃତ !

ସେ କେଉଁ ବିଚାରଧାରାର ଅଧ୍ୟୟନ ପ୍ରଥମେ ଆରମ୍ଭ କରିବ ? କର୍ମ, ଜ୍ଞାନ ଏବଂ ଭକ୍ତି—ଏହି ତିନିଗୋଟି ମାର୍ଗ ତା ଆଗରେ ଅଛି । କିନ୍ତୁ କେଉଁ ମାର୍ଗରେ ସେ ପ୍ରଥମେ ଅଗ୍ରସର ହେବ ? ମୁସଲମାନ ବିଦ୍ୟାଳୟରେ ଇସ୍‌ଲାମୀ ଦର୍ଶନର ସମସ୍ୟା-ଗୁଡ଼ିକ ଉପରେ ଖୁବ୍ ଜୋର୍‌ରେ ବାକ୍‌ବିତଣ୍ଡା ହୋଇଥିଲା । ସୁଫି ଏବଂ ଦର୍‌ବେଶ୍ ନାଚିନାଚି ମତ୍ତ ହୋଇବସି ଖୁଦାଙ୍କ (ଈଶ୍ୱରଙ୍କ) ପ୍ରେମରେ ବୁଡ଼ିଯାଉଥିଲେ, ଗଂଗା କୂଳେ କୂଳେ ଥିବା ଉପାସନା ଗୃହରେ ସସୀମରୁ ଅସୀମ ପର୍ଯ୍ୟନ୍ତ ସମସ୍ତ ଆଧ୍ୟାତ୍ମିକ ସ୍ଥିତି ସହିତ ପରିଚିତ ହୋଇଥିଲେ, ଅଥବା ଗୁରୁଙ୍କ ଧ୍ୟାନରେ ବସି ରହିଥିଲେ—ଏହିପରି ବହୁ ଭକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ । ନିର୍ବାଣ ଓ ମୋକ୍ଷ ସନ୍ଧାନରେ, ମନ୍ଦିର ଓ ସମାଧିରେ ଧ୍ୟାନମଗ୍ନ ଥିବା ବହୁ ଯୋଗୀ ଓ ସୁଫିଙ୍କୁ ସେ ଦେଖିଲା । ସୁଫିଗଣ ତାକୁ କହିଲେ—"ଅନ୍ତିମ ସତ୍ୟ ହେଉଛି ପ୍ରକାଶ । ନୂର୍ (ଆଲୋକ)—ଯିଏ ଆଲୋକ ନୁହେଁ ତାର ଅସ୍ତିତ୍ୱ ନାହିଁ ।" ଆଉ କେତେକ ଦରବେଶ ତାକୁ କହିଲେ ଯେ, "ଶିଉ ହିଁ ଅନ୍ତିମ ସତ୍ୟ ।" ଆଲ୍ଲାଙ୍କ ତେଜ, ସୌନ୍ଦର୍ଯ୍ୟ ତଥା ପୂର୍ଣ୍ଣତାର ପ୍ରଶସ୍ତି ସେ ଏଠାରେ ଶୁଣିଲା । କାରଣ ଏହି ହିନ୍ଦୁସ୍ଥାନ ଫରୀଦୁଦ୍ଦୀନ ଅତ୍ତାର, ଶେଖ ଜଲାଲୁଦ୍ଦିନ୍ ତବରେଜୀ, ବହାଉଦ୍ଦିନ୍ ଜକରିଆ, ଜଲାଲୁଦ୍ଦୀନ୍ ଶୁର୍ଖଯୋଶ, ଖ୍ୱାଜା ମୋଇଉଦ୍ଦିନ୍ ଚିସ୍ତି ଏବଂ କୁତୁବୁଦ୍ଦିନ୍ ବକ୍ତିଆର କାକୀଙ୍କ ପରି ମହାନ୍ ଆତ୍ମାଙ୍କ ଦେଶରେ କାମ୍ୟ ବସ୍ତୁ ନ ପାଇବାଠାରୁ ଦୁର୍ଭାଗ୍ୟ କଣ ହୋଇପାରେ !

ଦିନେ ରାତିରେ ମଠର କାନ୍ଥକୁ ଆଉଜିବସି ସେ ଘଣ୍ଟା ଘଣ୍ଟା ଧରି ଚିନ୍ତାକଲା । ଭିତରେ ଆଲୋକ ଜଳୁଥିଲା ଏବଂ ପଣ୍ଡିତମାନେ ଶ୍ଳୋକ ବୋଲୁଥିଲେ । ମୁସଲମାନ ଥିବାରୁ ମଠ ଭିତରକୁ ଯିବାକୁ ତା'କୁ ଅନୁମତି ମିଳି ନ ଥିଲା । ଭିତରୁ ଉଚ୍ଚାରିତ ଏଇ ଶ୍ଳୋକ ତାକୁ ବହୁତ ଅଦ୍ଭୁତ ମନେହେଲା । ଜୌନପୁରର ସମସ୍ତ ମୁସଲମାନ ପଣ୍ଡିତ

Digitized by PPRACHIN, SOA

ତଥା କାଶୀର ପଣ୍ଡା ଯେପରି ଧାଡ଼ିବାନ୍ଧି ବସିଥିବା ତାର ମନେହେଲା । ତାଙ୍କୁ କେହି ଧ୍ୟାନ ଦେଉ ନଥିଲେ । ସେ ପୂର୍ବବତ୍ କାହ୍ନୁକୁ ଆଜିକି ବସି ରହିଲା ।

"ଭଗତେ ଦୟାକର, ଭଗତେ ଦୟାକର" ଗୀତ ବୋଲି, ଏକତାରା ବଜାଇ, ପାହାଚ ଉପରେ କେତେକ ପାହାଡ଼ି ଲୋକ ବସିଥିଲେ । ଦୀର୍ଘ ନିଶ୍ୱାସ ପକାଇ ସେ ଉଠି ଠିଆ ହେଲା । ସେ ନିଜେ ନିଜକୁ କହିଲା, 'କମାଲୁଦ୍ଦିନ୍, ମନେ ହେଉଛି ଯେପରି କବୀରଙ୍କ ଭଗତେ ତୁମକୁ ଫେରିବା ନିମନ୍ତେ ଡାକ ଦେଇଛନ୍ତି । ଦୁଇଟା ମାର୍ଗ ତୁମେ ଦେଖି ସାରିଛ, କିନ୍ତୁ ଭକ୍ତିମାର୍ଗ ଦେଖିନ । ସେଇ ମାର୍ଗରେ ଗଲେ ହୁଏତ ତାଙ୍କ ନିକଟରେ ପହଞ୍ଚି ପାରିବ । ହଁ, ଏବେ ଭକ୍ତିମାର୍ଗ ହିଁ ବାକି ରହିଛି ।'

ଘାଟ ପାଖକୁ ଯାଇ ଓ ଗଂଗା ପାରି ହୋଇ ସେ କବୀରଙ୍କ କୁଞ୍ଜକୁ ଫେରି ଆସିଲା । ଦିନ ବିତିଗଲା । ଚମ୍ପାର ଚିନ୍ତା ଏବେ ନୂଆ ରୂପରେ ତା ମନରେ ସ୍ଥାନ ପାଇଥିଲା । ହଜରତ୍ ନିଜାମୁଦ୍ଦିନ ଔଲିୟା ବ୍ରହ୍ମରେ ଲୀନ ହେବା ଖବର ଶୁଣି ହଜରତ ଅମୀର ଖୁସ୍ରୋ ଲେଖିଥିବା ଦୋହା ମନେପଡ଼ିଲା, "ଗୋରୀ ଶୋଇଥିବା ଶେଯ ସୁପାତି ଓ ମୁଖେ ଚନ୍ଦ୍ରମା ଢାଙ୍କିଥିବ । ଚାଲ ଖୁସରୋ ନିଜ ଘରକୁ । ପଡ଼ିରହୁ ଏହି ଦେଶ ।"

ପ୍ରେମ ନିବାହର ଅର୍ଥ ସେ ଏଥର ବୁଝିପାରିଲା । ପ୍ରେମ ନିବାହର ବାଟ ତ ତାକୁ ଦେଖାଇଦେଇଥିଲା ଚମ୍ପା । ସେ କବୀରଙ୍କ ସହିତ ଏପରି ଘନିଷ୍ଠ ଥିଲା ଯେପରି ଯମୁନା ନଦୀ ଗଙ୍ଗା ସହିତ ରହିଥାଏ ଏବଂ ଚମ୍ପା ତା ସହିତ ଅନ୍ତଃସଲିଳା ସରସ୍ୱତୀଙ୍କ ପରି ସର୍ବଦା ଦୃଷ୍ଟିର ଅନ୍ତରାଳରେ ରହିଥିଲା ।

କିନ୍ତୁ କବୀରଙ୍କ ସହିତ ରହଣୀ ମାତ୍ର ଅଳ୍ପକାଳ ନିମିତ୍ତ ହୋଇଥିଲା । କାରଣ କାଶୀର ପଣ୍ଡିତ ଓ ମୌଲବିଗଣ ସୁଲତାନ ସିକନ୍ଦର ଲୋଦୀଙ୍କ ଆଗରେ ଫେରିଆଦୀ ହେଲେ ଯେ ଏଇ ପଥଭ୍ରଷ୍ଟ ଚନ୍ତା ଜନସାଧାରଣଙ୍କୁ ଖରାପ ବାଟରେ ଚାଳିତ କରୁଛି । ଦିଲ୍ଲୀ ସୁଲତାନ ସନ୍ତ କବୀରଙ୍କୁ କହିପଠାଇଲେ ଯେ ସେ ଯେପରି ପଣ୍ଡା ଓ ମୌଲବିଗଣଙ୍କ ଧର୍ମାନ୍ଧତାରୁ ରକ୍ଷା ପାଇବା ପାଇଁ କାଶୀ ଛାଡ଼ି କୌଣସି ଦୂର ଜାଗାକୁ ଚାଲିଯାନ୍ତି !

Digitized by PPRACHIN, SOA

ସନ୍ଥ କବୀରଙ୍କୁ ବନାରସରୁ ନିର୍ବାସିତ କରାଗଲା । କମାଲ୍ ପୁନର୍ବାର ନିଜ ଯାତ୍ରା ପଥରେ ଚାଲିବା ନିମନ୍ତେ ସିଦ୍ଧାନ୍ତ କରି ଘାଟରେ ପହଞ୍ଚି ବଙ୍ଗଦେଶକୁ ଯାଉଥିବା ଡଙ୍ଗାରେ ବସିଲା । ବଙ୍ଗ ଏଠାରୁ ଶହ ଶହ ମାଇଲ୍ ଦୂରରେ ଥିଲା, ଯେଉଁଠି କି ସେ ତାର ସୁଲ୍‌ତାନଙ୍କୁ ଏକାଟିଆ ଛାଡ଼ି କରି ଚାଲିଆସିଥିଲା ।

ନୌକା କେତେ ସପ୍ତାହ ପରେ ପାଟନାରେ ପହଞ୍ଚିଲା । ଏଠାରେ ସେ ଜାଣିଲା ଯେ ସୁଲ୍‌ତାନ ହୁସେନ ଶର୍କି ଗୌଡ଼ରୁ ଭାଗଲପୁର ଚାଲି ଆସିଥିଲେ, ଏବଂ ସେଠାରେ ଗତ କେତେ ବର୍ଷ ତଳେ ନିର୍ବାସିତ ଅବସ୍ଥାରେ ତାଙ୍କ ଦେହାନ୍ତ ହୋଇ-ଯାଇଥିଲା ।

ସୁଲ୍‌ତାନ ହୁସେନ ଶର୍କି, ଯିଏ କି ଯୁଦ୍ଧରେ ଲଢ଼ି ଜଙ୍ଗଲରେ ନିର୍ବାସିତ ଜୀବନ କଟାଇଥିଲେ, ଯିଏ ସଙ୍ଗୀତ ଦୁନିଆରେ ଏକ ନୂତନ ପରମ୍ପରା ଆରମ୍ଭ କରିଥିଲେ, ଶେଷରେ ଦିନେ ସ୍ୱୟଂ ମୃତ୍ୟୁର କରାଳ ଗ୍ରାସରେ ପଡ଼ିଲେ । କିନ୍ତୁ ସୁର ସାଗରରେ ବୁଡ଼ି ତାଙ୍କର "ହୁସେନି ପିଆ" ଜରିଆରେ ସେ ଅମର ହୋଇଗଲେ ।

ସୁର ସାଗର ଲହରିରେ ଭାସି ଭାସି କମାଲ୍ ଆଖିରେ ମଧ୍ୟ ନୂଆ ନୂଆ ସଂସାରର ରୂପ ପ୍ରକଟିତ ହେଉଥିଲା । ସଂଗୀତ, ଯାହାକି ସବୁ ପ୍ରଥମେ ଉତ୍ପନ୍ନ ହେଲା, ତାହା ହେଉଛି ପରମ ସତ୍ୟର ସଂଗୀତ—ସୁଫିମାନେ ଯାହାକୁ "ନିବାସ୍ୱେଶର୍ମିଦା" ଏବଂ କବୀର "ଅନହଦ୍ ନାଦ" ବୋଲି କହୁଥିଲେ ।

ସଂଗୀତର ଏ ସାରା ସଂସାରରେ ଏବେ କମାଲ୍ ନିର୍ଭୟରେ ବୁଲୁଥିଲା । ଜୟଦେବ, ଚଣ୍ଡିଦାସ, ବିଦ୍ୟାପତିଙ୍କ ଭଜନ, ନାଉରୀ ଓ ଚାଷୀଙ୍କ ଲୋକଗୀତ, ଏ ସବୁଥିରେ ସେ ପାରଦର୍ଶୀ ଥିଲା । ଯୁଦ୍ଧ, ଆକ୍ରମଣ, ହାଣକାଟ, ରାଜନୈତିକ ଉତ୍ଥାନ ପତନ, ନିର୍ବାସନ କିମ୍ବା ମୃତ୍ୟୁ ଭୟ ଏଠାରେ ନ ଥିଲା । ସଙ୍ଗୀତର ଅଦ୍ୱୈତ ପରମେଶ୍ୱରଙ୍କ ଅଦ୍ୱୈତ ହିଁ ଥିଲା ।

ଗଙ୍ଗାର ଏକ ଅଜଣା ଘାଟରେ ସେ ଓହ୍ଲାଇ ପଡ଼ିଲା । ଏଠି କ୍ଷେତରେ ଧାନ, ବରଜରେ ପାନ ଏବଂ ସରୋବରରେ ମାଛ କରୁଁ ଥିଲା । ବରଗଛ ତଳେ କୌଣସି ସାଧକଙ୍କ ଆରାଧନା ଗୃହ ଥିଲା । ସେହିଠାରେ ସେ ନିଜ ସଂସାର ପାତିଲା ।

କମାଲ୍‌ର ଜୀବନଧାରା ଏଥର ପରେ ସମ୍ପୂର୍ଣ୍ଣ ରୂପେ ବଦଳିଗଲା । ଯାଯାବର କବିଗଣଙ୍କ ସହିତ ସେ ରାସ୍ତାରେ ରାସ୍ତାରେ ଘୂରି ବୁଲିଲା । ନଦୀରେ ନିଜେ ନାଆ ଚଳାଇ

Digitized by PPRACHIN, SOA

ଚଣ୍ଡ ଗାଁ ପର୍ଯ୍ୟନ୍ତ ପହଞ୍ଚିଯାଉଥିଲା । ଯାତ୍ରୀମାନଙ୍କ ସହିତ ସେ ଚଣ୍ଡଗାଁ ସୀତାକୁଣ୍ଡ, ଯେଉଁଠି ସୀତା ଦେବୀଙ୍କ ମନ୍ଦିର ଥିଲା, ସେଠାକୁ ଯାଇଥିଲା । ପାହାଡ଼ର ତଳ ଦେଶରେ, ପୋଖରୀ କୂଳରେ, ଏହି ମନ୍ଦିର ତିଆରିହୋଇଥିଲା । ଦଳେ ଝିଅ ବରଗଛ ମୂଳେ ବସିଥିଲେ ।

ଏବେ ସେ ବଙ୍ଗଳା ଶିଖୁଥିଲା । ବଙ୍ଗଳା ଭାଷା ବିହାରୀ ଭାଷାଠାରୁ ଅଧିକ ତଫାତ୍ ନ ଥିଲା ଏବଂ ସଂସ୍କୃତ ସହିତ ବହୁତ ମେଳ ଖାଉଥିଲା । ଦେଶର ଅନ୍ୟାନ୍ୟ ନବୀନ ଭାଷା ପରି ଏହା ଖୁବ୍ ଶୀଘ୍ର ରୂପେ ବିକଶିତ ହେଉଥିଲା । ଏହି ଭାଷା ଥିଲା ଅତ୍ୟନ୍ତ ମଧୁର । କମାଲ ଏହାକୁ ନିଜର ମାତୃଭାଷା ଭଳି ବାକ୍ୟାଳାପ କରୁଥିଲା, ଅଥଚ ଦିନେ ସେ ଏଠାକୁ ଆସିଥିଲା ଜୌନପୁରର ଏକ ସର୍ଦ୍ଦାର ରୂପେ । କିନ୍ତୁ ଆବୁଲ ମନ୍ସୁର କମାଲଉଦ୍ଦୀନ୍ ତ କେବେଠାରୁ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛି !

ଏହି ଯେଉଁ ପ୍ରିୟ ଦର୍ଶନ ଯୁବକ, ଯାହାର କାନ ପାଖ କେଶ ପାଚି ଯାଇଛି ଏବଂ ଯିଏ ଚମ୍ପା ଗଛ ମୂଳେ ବସି କୌଣସି ଏକ ମୁସଲମାନ ଫକୀର ନିକଟରୁ କାଞ୍ଚନ-ମାଳାର କାହାଣୀ ଶୁଣୁଛି, କିମ୍ବା ଏକତାରା ବଜାଇ ବଙ୍ଗଳା ଗୀତ ଗାଉଛି, ଅଥବା କାଗଜ କଲମ ନେଇ ବଙ୍ଗଳାରେ ଲୋକଗୀତ କିମ୍ବା କାହାଣୀ ଲେଖିବାରେ ମଗ୍ନ ରହୁଛି, ସେ କିଏ ? ସେ ପାର୍ସୀ ଅକ୍ଷରରେ ବଙ୍ଗଳା ଭାଷା ଲେଖିବା ସମୟରେ କଣ ଜାଣିଥିଲା ଯେ, କେତେ ଶତାବ୍ଦୀ ପରେ ତାର ଏବଂ ତା ପରି ଶହ ଶହ ମୁସଲମାନଙ୍କ-ଦ୍ୱାରା ପାର୍ସି ଅକ୍ଷରରେ ଲିଖିତ ବଙ୍ଗଳା କବିତା ଅମୂଲ୍ୟ ପୋଥିରୂପେ ଲୋକ-ସାହିତ୍ୟ ହେବ ? ଏହିପରି ଭୁଲି ଭୁଲି ସେ କାହାଣୀ ଓ ଗୀତ ଲେଖି ଏକ ପ୍ରସିଦ୍ଧ ଗୀତ-କାରରେ ପରିଣତ ହୋଇଥିଲା—ଅଥଚ ସେ ଥିଲା ଜଣେ ଐତିହାସିକ, ରାଜନୀତିଜ୍ଞ, ସୈନିକ, ସୁଫି ତଥା କବୀରଙ୍କର ଶିଷ୍ୟ !

ଇତ୍ୟବସରରେ ସେ ସୋନାର ଗାଁରେ ପହଞ୍ଚି ସୁଜାତା ନାମରେ ଏକ ଶୂଦ୍ର ଝିଅକୁ ବିଭା ହେଲା । କାଖରେ କଳସୀ ନେଇ ପାଣି ଆଣିବା ସମୟରେ କମାଲ ତାର ଘନ କେଶ ରାଶି ଏବଂ କଳା ଆଖି ଦେଖି ମୁଗ୍ଧ ହୋଇଗଲା । ଅବଶ୍ୟ ତାର ବୟସ ତଥା ବିଚାରବୁଦ୍ଧି ପ୍ରେମ କରିବା ନିମନ୍ତେ ଖାପ ଖାଉ ନଥିଲା । ତେବେ ସୁଦ୍ଧା ଜୀବନ ତଥା 'ଆତ୍ମାର ସଂସାର'ରେ ବିଚରଣ କରିସାରିବା ପରେ ସେ ମନେ ମନେ ସ୍ଥିର କରିଥିଲା ଯେ ଜୀବନରେ ଶାନ୍ତି—ଯେଉଁଥିରେ ଜୀବନର ଝଡ଼ ଝଞ୍ଜା ଲେଶ ମାତ୍ର ନ ଥିବ—ସେହି ଶାନ୍ତି ହିଁ ହେଉଛି ଜୀବନର ଶ୍ରେଷ୍ଠ ବସ୍ତୁ । ଏହି 'ଶାନ୍ତି' ସେ ସୁଜାତା ପରି ଅଶିକ୍ଷିତା ଗ୍ରାମ୍ୟ ଝିଅକୁ ବିବାହ କରି ପାଇଥିଲା । ମନେହେଲା ଯେପରି ଏହାହିଁ ତା'ର ଗନ୍ତବ୍ୟ । ସୁଜାତା ଶୂଦ୍ର ହେବାରେ ଦୋଷ ରହିଲା ବା

Digitized by PPRACHIN, SOA

କେଉଁଠି ? ବାଉଁଶର ଏକ ସୁନ୍ଦର ଘର କରି ସେ ସୁଜାତା ଓରଫ ଅମନା ସହିତ ବାସ କଲା । ଖେତରେ ଧାନ ବୁଣି ସେ ଚଳୁଥିଲା । କୁଟୀର ସାମ୍ନାରେ ଏକ ପୋଖରୀ ଥିଲା । ଆକାଶରେ ଯେତେବେଳେ ଇନ୍ଦ୍ରଧନୁ ଉଠେ, ଯୁଇ ଫୁଲରେ ଭ୍ରମରର ଗୁଞ୍ଜନ ଶୁଣାଯାଏ, ସେତେବେଳେ ସେ ପରମାନନ୍ଦରେ ନିଜ ସାଥୀମାନଙ୍କ ସହିତ ବସି ବାଜା ବଜାଏ, ଗୀତ ବୋଲେ । ଅମନା ତା'ର ଆକର୍ଷଣୀୟ ଶରୀରକୁ ଗାଢ଼ ରଙ୍ଗର ଶାଢ଼ିରେ ଆବୃତ କରି କଳସୀ ଧରି ପୋଖରୀରୁ ପାଣି ଆଣି ଯାଏ ।

ସମୟ କଟିଯାଇଥିଲା—ବଙ୍ଗରେ ଏବେ କିଛି ଦିନ ନିମନ୍ତେ ଶାନ୍ତି ବିରାଜୁଥିଲା । ସଦାସର୍ବଦା ଯୁଦ୍ଧ ଗଣ୍ଡଗୋଳ ପରେ ଏବେ ସୈୟଦହୁସେନ ଅଲାଉଦ୍ଦୀନ୍ ଅବ୍ଦୁଲ ମୁଜଫର ହୁସେନ ଶାହ ବଂଗର ନବାବ ହୋଇଥିଲେ । ତାଙ୍କ ସମୟରେ ଦୁଧ ମଧୁରେ ଦେଶ ଭାସୁଥିଲା । ଲୁଣ୍ଠତରାଜ ଦେଶରେ ଜମା ନଥିଲା । ଏହି ନବାବଙ୍କ ଅମଳରେ ବିଦ୍ୟାପତି, ମହାପ୍ରଭୁ ଶ୍ରୀଚୈତନ୍ୟ କୃଷ୍ଣ ପ୍ରେମର ଅମର ଗୀତି ପ୍ରଚାର କରିଥିଲେ । ରାଜମହଲର ପାହାଡ଼ରୁ ପଥର ଗୌଡ଼କୁ ବୁହାହୋଇ ଆସି ଅପୂର୍ବ ସୁନ୍ଦର ଭବନସବୁ ନିର୍ମିତ ହେଉଥିଲା । ନବାବଙ୍କ ଦରବାର ସାହିତ୍ୟିକ, ଲେଖକ ଓ ସଙ୍ଗୀତଜ୍ଞଙ୍କଦ୍ୱାରା ଅଲଂକୃତ ହେଉଥିଲା ।

ଏଥି ମଧ୍ୟରେ କେତେକ ବର୍ଷ ବିତିଯାଇଛି । କମାଲର ସନ୍ତାନମାନେ ଯୁବକ ହୋଇ ଗଲେଣି । ଦୁଇ ପୁଅଙ୍କ ନାମ ଜଲାଲ ଓ ଜମାଲ ତଥା ଝିଅ ନା ସକିନା ବିବି ରଖିଛି । ପୁଅମାନେ ସ୍ଥାପତ୍ୟ ବିଦ୍ୟାରେ ପାରଙ୍ଗମ ହୋଇ ଗୌଡ଼ ତଥା ସୋନାର ଗାଁରେ ଭବନ ନିର୍ମାଣରେ ନିଯୁକ୍ତ ହୋଇଥିଲେ । କମାଲର ସ୍ତ୍ରୀର ମୃତ୍ୟୁ ହୋଇଥିଲା । ପୋଖରୀ କୂଳରେ କମାଲ ଆମନାକୁ ସମାଧି ଦେଇଥିଲା । ଏବେ ତା'ର ବାଳ ପାଚି ଯାଇଥିଲା ଏବଂ ସେ ନିଜ ଘର ବାରଣ୍ଡାରେ ବସି ଗୀତ ଲେଖି ଗାଇବାରେ ବ୍ୟସ୍ତ ରହେ । ବଙ୍ଗର ସୁଲତାନଙ୍କ ବ୍ୟକ୍ତିଗତ ଆଗ୍ରହ ଫଳରେ ବଙ୍ଗଳାଭାଷା, ଲୋକ-ଗୀତ ତଥା ଲୋକ-ସାହିତ୍ୟର ବହୁଳ ଉନ୍ନତି ହୋଇଥାଏ । ତା' ପୁଅମାନେ ଗୌଡ଼ରୁ ଘରକୁ ଫେରିଲେ ଦେଶର ରାଜନୀତି ସମ୍ପର୍କରେ ଆଲୋଚନା କରନ୍ତି । କିନ୍ତୁ ଏ ଆଲୋଚନାବେଳେ ସେ ଏକବାରେ ନିର୍ବିକାର ରହେ ।

ଦିଲ୍ଲୀରେ ଯେତେବେଳେ ଇବ୍ରାହିମ ଲୋଦୀ ପରାଜିତ ହେଲେ ଏବଂ ଜହିରୁଦ୍ଦିନ୍ ବାବର ସିଂହାସନ ଅଧିକାର କଲେ—ଏ ସବୁ ଘଟଣା ବଡ଼ପୁଅ ଜମାଲଠାରୁ ଶୁଣି ମଧ୍ୟ ବଙ୍ଗଦେଶବାସୀ ଅବ୍ଦୁଲ ମନସୁର ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି ହେଲାନାହିଁ । ତା ସାନ ପୁଅର ମୋଗଲ ସ୍ଥପତି ହିସାବରେ ଦିଲ୍ଲୀ ଯିବା ସିଦ୍ଧାନ୍ତ

Digitized by PPRACHIN, SOA

ଶୃଙ୍ଖଳି ମଧ୍ୟ ସେ ଟୁଟ୍ ଦେଇଥିଲା । ସେ ସମସ୍ତ ପୃଥିବୀରେ ନିଜ ଗନ୍ତବ୍ୟ ପଥର ସନ୍ଧାନ କରିଥିଲା···ଏବେ ବିଶାଳ ପୃଥିବୀ ତା ପୁଅଙ୍କ ସମ୍ମୁଖରେ ପଡ଼ିଛି—ସେମାନେ ମଧ୍ୟ ନିଜ ନିଜର ଗନ୍ତବ୍ୟ ଖୋଜିବେ ।

କିନ୍ତୁ ଶାନ୍ତି ବେଶୀ ଦିନ ସ୍ଥାୟୀ ହେଲା ନାହିଁ । ବଙ୍ଗର ନବାବ ପଦରେ ଆଲାଉଦ୍ଦିନଙ୍କ ପୁତ୍ର ନାସିରୁଦ୍ଦିନ ଶାହ ଅଧିଷ୍ଠିତ ଥିଲେ । ଇତି ମଧ୍ୟରେ ଦିଲ୍ଲୀର ମୋଗଲମାନଙ୍କଦ୍ୱାରା ପରାଜିତ ଆଫଗାନ ସୁଲତାନଗଣ ଗୌଡ଼ ଏବଂ ଲକ୍ଷ୍ମଣାବତୀରେ ଆଶ୍ରୟ ନେଇଥିଲେ—ଠିକ୍ ସେମାନଙ୍କଦ୍ୱାରା ପରାଜିତ ଜୌନପୁରର ପଳାତକ ସୁଲତାନଙ୍କ ପରି । ଏହି ପରାଜିତ ଏବଂ ପଳାତକ ଆଫଗାନଗଣ ପ୍ରତି ଗଳି କନ୍ଦରେ ବୁଲି ବୁଲି ନିଜର ହୃତ ଗୌରବ ଗାଥା ବ୍ୟାଖ୍ୟା କରୁଥିଲେ । ଦିନେ କମାଲ ଏକ ପର୍ତ୍ତୁଗୀଜକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଏବେ ଚଟ୍ଟଗାଁ ତଥା ଗୌଡ଼ର ଅନ୍ୟାନ୍ୟ ବନ୍ଦରଗୁଡ଼ିକରେ ପର୍ତ୍ତୁଗୀଜ ଲୋକେ ପ୍ରଭାବ ବିସ୍ତାର କରୁଥିଲେ ।

ଇତିମଧ୍ୟରେ କିଛି ଦିନ ବିତିଗଲା । ଏବେ ନାସିରୁଦ୍ଦିନଙ୍କ ଭାଇ ଗିୟାସୁଦ୍ଦିନ ଶାହ ବଙ୍ଗର ନବାବ ହୋଇଥିଲେ । ରାଜନୈତିକ ଅବସ୍ଥା ଅଧିକ ଖରାପ ହୋଇଯାଉ-ଥିଲା । ବିହାରର ଶେର୍ ଖାଁ ଗିୟାସୁଦ୍ଦିନଠାରୁ ବଙ୍ଗର ମସ୍‌ନଦ ଅଧିକାର କରି ଦିଲ୍ଲୀ ବାଦଶା ହୁମାୟୁଁଙ୍କ ସହିତ ମଧ୍ୟ ଘୋର ଯୁଦ୍ଧ କଲା । ଶସ୍ୟଶ୍ୟାମଳା ବଙ୍ଗ ଭୂମିରେ ଅଶାନ୍ତି ବୃଦ୍ଧି ପାଇଲା । ହୁମାୟୁଁ ଏବଂ ଶେର୍ ଖାଁଙ୍କ ସେନା ମଧ୍ୟରେ ଯେଉଁ ଭୟଙ୍କର ଯୁଦ୍ଧ ହେଲା ସେଥିରେ କମାଲର ପୁଅ ଜମାଲ ପ୍ରାଣ ହାରିଲା । ଦିନେ ଶେର୍ ଖାଁଙ୍କ ସିପାହୀମାନେ କମାଲ ଗାଁକୁ ଆସି ଲୁଟତରାଜ କଲେ । କମାଲ ଉପରେ ଅତ୍ୟାଚାର କରିବାର କାରଣ ହେଲା, ତା ପୁଅ ଦିଲ୍ଲୀ ଯାଇ ମୋଗଲଙ୍କ ପକ୍ଷରେ ଥିଲା । କମାଲ ଥରି ଥରି ପ୍ରଦୀପ ହାତରେ ନେଇ ଯେତେବେଳେ ଦୁଆର ଖୋଲିଲା, ସିପାହୀଗଣଙ୍କୁ ଦେଖି ସେ ଦୃଢ଼ ଭାବରେ ଦୁଆର ଚୌକାଠ ଧରି ଠିଆ ହେଲା । ତା ପାଖରେ ତଲୱାର ନଥିଲା । ସେ ବୁଝି ପାରୁ ନଥିଲା ତାର ଦୋଷ କଣ ? ଆଫଗାନ କିମ୍ବା ମୋଗଲ କାହାରି କବଳରେ ତା'ର ଥିଲେ ବି କୌତୂହଳ ନଥିଲା । କେବଳ ଶାନ୍ତିରେ ରହିବା ତା'ର ଅଭିଳାଷ ଥିଲା । ଏହି ତା'ର ଦେଶ, ତା'ର ମାତୃଭୂମି, ଯେଉଁଠି କି ତା'ର ପିଲାଏ ଜନ୍ମ ହୋଇଛନ୍ତି, ତା'ର ସ୍ତ୍ରୀର ମୃତ୍ୟୁ ହୋଇଛି ଏବଂ ତା'ର ଶ୍ୟାମଳ ଧାନକ୍ଷେତ ହସୁଛି !! ଏହି ଦେଶର ଭାଷାରେ ସେ ନିଜ ହୃଦୟର ରକ୍ତ ଦେଇ ଗୀତ ଲେଖିଛି । ତା'କୁ ଭିନ୍ନଦେଶୀ ବୋଲି କହିବାର ଅଧିକାର କାହାରି ନାହିଁ । ସେ ଏହିଠାରେ ରହିବ । ଏହା ରଣକ୍ଷେତ୍ର ନୁହେଁ, ଶାନ୍ତିକ୍ଷେତ୍ର । ହଠାତ୍ ତା'ର ମନେ-ହେଲା ଯୁଦ୍ଧକ୍ଷେତ୍ର ତଥା ଶାନ୍ତିକ୍ଷେତ୍ରରେ କିଛି ତଫାତ୍ ନାହିଁ । ଯୁଦ୍ଧ ଦୁଇଟି ଭିନ୍ନ

Digitized by PPRACHIN, SOA

ଧର୍ମବଲମ୍ବୀଙ୍କ ସହିତ ନ ହୋଇ ହୋଇଥାଏ ଦୁଇ ରାଜନୈତିକ ଶକ୍ତିଙ୍କ ମଧ୍ୟରେ !! ସାସାରାମ୍‌ର ଶେର୍ ଖାଁ ଏବଂ ଦିଲ୍ଲୀର ହୁମାୟୁଁ ଉଭୟେ ମୁସଲମାନ, କଲମା ପଢ଼ନ୍ତି, ଅଥଚ ଜଣେ ଆଉ ଜଣକୁ ଶେଷ କରି ଦେବାକୁ ଚାହେଁ । ସାସାରାମର ଅସ୍ତିତ୍ୱ ଥିଲେ ଶାନ୍ତିକ୍ଷେତ୍ର ମଧ୍ୟ ଯୁଦ୍ଧକ୍ଷେତ୍ରରେ ପରିଣତ ହେବ । କିନ୍ତୁ ଶେର୍ ଖାଁଙ୍କ ସିପାହିଗଣ ଏହା କଣ ବୁଝିବେ ? ସେମାନେ ବୃଦ୍ଧ କମାଲକୁ ଧକ୍କା ମାରି ପକାଇ ଦେଇ ସେ ସ୍ଥାନ ଛାଡ଼ି ଚାଲିଗଲେ ।

କମାଲ ରକ୍ତରେ ଲଟ୍‌ପଟ୍ ହୋଇ ଦୁଆର ମୁହଁରେ ମୁହଁମାଡ଼ି ପଡ଼ିଥିଲା । କିଛି ସମୟ ଛଟ୍‌ପଟ୍ ହୋଇ ଅବଶେଷରେ ନିର୍ଜନତାରେ ନିଜେ ମଧ୍ୟ ଶେଷହୋଇଗଲା ।

ଦିଲ୍ଲୀରେ ଏବେ ମୋଗଲ ରାଜତ୍ୱ ଦୃଢ଼ ହୋଇଛି । ଗୌଡ଼, ଲକ୍ଷଣାବତୀ ଓ ପାଟନାର ନବାବୀ ଶେଷ ହୋଇଛି ଏବଂ ତୁର୍କି ଆଫଗାନଙ୍କ ପ୍ରଭାବ ମଧ୍ୟ କମିଯାଇଛି । ଅତୀତର ଇନ୍ଦ୍ରପ୍ରସ୍ଥ, ଆଫଗାନଙ୍କ ଅମଳର ତୁଗଲକାବାଦ, ମୋଗଲଙ୍କର ବିଭବଶାଳୀ ରାଜଧାନୀ ଶାହଜାହାଁବାଦ ନାମରେ ଦିଲ୍ଲୀର ନାମକରଣ ହୋଇଛି ।

କିନ୍ତୁ ଗ୍ରାମର ସାମାଜିକ ଜୀବନ ଯେଉଁଭଳି ଥିଲା ଠିକ୍ ସେଇପରି ଅଛି । ଚାଷୀ ପୂର୍ବପରି ଧାନ ତଳି ରୋଉଛି, କିମ୍ବା ଶଗଡ଼ ଗାଡ଼ି ଚଳାଇ ମେଘନା କୂଳେ କୂଳେ ଯାଉଛି, କିମ୍ବା ଭାଗୀରଥୀରେ ଡଙ୍ଗାରେ ଆହୁଲା ମାରୁଛି; ଅବସର ସମୟରେ ସାଧୁ ସନ୍ଥଙ୍କ ନିକଟରେ ବସି ଖଞ୍ଜଣି ମାଡ଼ କରୁଛି କିମ୍ବା ଭଜନ ଗାଉଛି ।

ବଙ୍ଗର ଚାଷୀ ଅବୁଲ ମନସୁର୍ କମାଲୁଦ୍ଦିନ୍ ଜୀବିତ ଅଛି ଏବଂ ଜୀବିତ ରହିବ । ପଦ୍ମାନଦୀର ବକ୍ଷରେ ସେ ନିଜର ଶ୍ରେଷ୍ଠ ନୌକା ଖଣ୍ଡିକ ମେଲିଦେଇଛି । ଆସୁ ଝଡ଼, ଉତ୍ତାଳ ତରଙ୍ଗ, କିନ୍ତୁ ଏଇ ବୃଦ୍ଧ ଉପବାସକ୍ଳିଷ୍ଟ ନାଉରୀଟି ସେ ସମସ୍ତ କିଛି ମୁକାବିଲା କରିବ, କାରଣ ଜୀବନରେ ଝଡ଼ ଝଞ୍ଜାର ବହୁ ଅଭିଜ୍ଞତା ରହିଛି ।

କିନ୍ତୁ ଯେତେବେଳେ ତୋଫାନ ପବନରେ ଡଙ୍ଗାଟି ଉବୁଟୁବୁ ହେଲା, ସେତେବେଳେ ସିଲ୍ ଲଣ୍ଡନ ଠେଙ୍କି ବ୍ୟସ୍ତ ହୋଇ ଚାରିଆଡ଼କୁ ଅନାଇଁ କହିଲା, "ପିଟର, ଆମେ ଝଡ଼ର ଶିକାର ହେବାକୁ ଯାଉନୁ ତ ?" "ନାଁ । ନାଁ, ଏଇଟା କିଛି ସେପରି ଭୟଙ୍କର ଝଡ଼ ନୁହେଁ—ଡରିବାର କିଛି ନାହିଁ । ଏଇ ଯେଉଁ କଳା ପଶୁରୂପୀ ନାଉରୀ ଘାଗଡ଼ା ସ୍ୱରରେ ଗୀତ ଗାଉଛି ତାକୁ କୁହ ସେ ଗୀତ ଅପେକ୍ଷା ନାଆର ମଙ୍ଗକୁ ହୁସିଆର କରି ଧରିଥାଉ । ନଚେତ୍ ସକାଳ ପର୍ଯ୍ୟନ୍ତ ମଧ୍ୟ ଆମେ କୂଳରେ ପହଞ୍ଚି ପାରିବା ନାହିଁ ।"

Digitized by PPRACHIN, SOA

"ବୁଢ଼ା କୁକୁର କଣ ଶୋଇପଡ଼ିଲୁ ?" ସ୍ମିଥ୍‌ର ଏ ଧମକ ଶୁଣି କମାଲ ତାକୁ ଥରେ ସମସ୍ତ ନିରୀକ୍ଷଣ କଲା ଏବଂ ଅନ୍ତ୍ରେ ଆସ୍ତେ ଆହୁଲା ମାରିଲା ।

"ଅତ ନୀଚ ଧରଣର ଲୋକ ! ଯେତେବେଳେ ପର୍ଯ୍ୟନ୍ତ ଚାବୁକ ପିଠିରେ ନ ବସିଛି ସେ ପର୍ଯ୍ୟନ୍ତ ସବୁଥିରେ ଢିଲା ।" ସ୍ମିଥ୍ ନିଜର ରୁପା ବେଣ୍ଟ ଲଗା ବେତରେ ବୁଢ଼ା ନାଉରୀକୁ କୋଞ୍ଚିବା ଦେଖି ପିଟର ମନ୍ତବ୍ୟ ଦେଲା ।

"ଏଇରେ, ତୋ ନାଁ କଣ ?"

"ଅବ୍ଦୁଲ ମନସୁର, ହଜୁର !"

"ଅବ୍ଦୁଲ ମନସୁର, ଯଦି ତୋର ଭଲ ଦଶା ଅଛି, ଯଦି ତୋ ପିଠିର ଚମ୍ପ ପ୍ରତ ମମତା ଅଛି, ତେବେ ମୋ କଥା ଅନୁସାରେ ନାଆ ଶୀଘ୍ର ବାହି ନେ । ବୁଝିଲୁ ?" ସ୍ମିଥ୍ ଧମକେଇଲା ।

"ଜୀ, ହଜୁର !" ନୌକା ଚାଲିଲା । ଦୁଇ କୂଳର ପାଟ, କ୍ଷେତ ଏବଂ କଦଳୀ ବଣ ମଧ୍ୟରୁ ଦୁଇ ଗାଁର ଆଲୋକ ମିଟ୍ ମିଟ୍ କରୁଥାଏ । ସ୍ମିଥ୍‌ର ଦୃଷ୍ଟି ହଠାତ୍ ବୃଦ୍ଧ ଅବ୍ଦୁଲ ମନସୁର୍‌ର ବ୍ୟବହାର୍ଯ୍ୟ ଜିନିଷ ଉପରେ ଯାଇ ପଡ଼ିଲା । ମାଟିର ଗୋଟିଏ ପ୍ରଦୀପ, ଚଟେଇ ଝଣ୍ଡେ ଏବଂ କଂସା ବାସନ ଦୁଇଖଣ୍ଡ । ନଡ଼ିଆ ଦୁଇଟି ମଧ୍ୟ କାନ୍ଥରେ ଝୁଲୁଥାଇଥିଲା । ବାସ୍, ଏତିକି ମାତ୍ର ବୃଦ୍ଧ ନାଉରୀର ସଂପତ୍ତି । ସ୍ମିଥ୍‌କୁ ବହୁତ ଆଶ୍ଚର୍ଯ୍ୟ ମନେହେଲା । ସେ ନିଜେ ନିଦ୍ରିତ ନା ଜାଗ୍ରତ ଏକଥା ଠିକ୍ ବୁଝିପାରିଲା ନାହିଁ । ଏ କଥା ସତ୍ୟ ଅଟେ, ତା ନ ହେଲେ ଭାଗ୍ୟ ତାକୁ କପର କେମ୍ବ୍ରିଜ୍‌ରୁ ଆଣି ପଦ୍ମା ଉପରେ ଏହି ନୌକାରେ ବସାଇଥାନ୍ତା—ଏହି ଅଦ୍ଭୁତ ସୁନ୍ଦର ଦେଶ, ଯାହାଙ୍କୁ ବଙ୍ଗଳା କହନ୍ତି, ଆଉ କହନ୍ତି 'ଇଣ୍ଡିଆ' !!

ଲଣ୍ଠନ ଉଠାଇ ସେ ଦ୍ୱିତୀୟ ଥର ପାଇଁ ଚତୁର୍ଦ୍ଦିଗ ଦେଖିଲା । ଲଣ୍ଠନର ଆଲୋକ ପାଣି ଉପରେ ଏକ ରାସ୍ତା ପରି ବିସ୍ତୃତ ପଡ଼ିଲା । ଚନ୍ଦ୍ର ଧୀରେ ଧୀରେ ଗଛ ଉହାଡ଼ରୁ ଆଳସ୍ୟ ନେଇ ଉଦିତ ହେଉଥିଲେ ।

୧୧

କୋଡ଼ିଏ ବର୍ଷ ବୟସରେ ସ୍ମିଥ୍ ହାର୍ବର୍ଡ଼ ଏଣ୍ଡ୍ ଲେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ବି. ଏ. ପାସ୍ କରି ଲଣ୍ଡନର ମିଡ଼ଲ୍ ଟେମ୍ପଲରେ ଭର୍ତ୍ତି ହେଲା । ତାର ବାପା ଏକ

Digitized by PPRACHIN, SOA

ବୃତ୍ତି ପାଇ ଥିବାରୁ ତା'ର ପାଠପଢ଼ା ମୁଖ୍ୟତଃ ସେଠା ଜମିଦାରଙ୍କ ଅନୁଗ୍ରହ ଫଳରେ ସମ୍ଭବ ହୋଇଥିଲା । ମିଡ଼ଲ୍ ଟେମ୍ପଲ୍ ନିକଟରେ ଥିବା ଫ୍ଲିଟ ଷ୍ଟ୍ରିଟରେ ବହୁ ଲେଖକ ଏବଂ ପତ୍ରକାର ରୁଣ୍ଡ ହୋଇ ସାରା ପୃଥିବୀର ଖବରାଖବର ଆଲୋଚନା କରୁଥିଲେ । ଏହି ଆଲୋଚନା ଚକ୍ରରେ ସ୍ରୀଲ ବରାବର ତା'ର ବନ୍ଧୁମାନଙ୍କ ସହ ଯୋଗ ଦେଉଥିଲା । ଭାରତରେ ବ୍ୟବସାୟ କରୁଥିବା ପିଟର ଜ୍ୟାକସନ ସହିତ ତା'ର ଏଠାରେ ପରିଚୟ ହେଲା । ଏହି ପରିଚୟ କ୍ରମେ ବନ୍ଧୁତାରେ ପରିଣତ ହେଲା । ପିଟରଠାରୁ ସେ ଜାଣିଲା ଯେ ବଙ୍ଗଳାରେ ତା'ର ନୀଳ ଗୃହରୁ ପ୍ରତିବର୍ଷ କେତେ ହଜାର ପାଉଣ୍ଡ ଲାଭ ହୁଏ—ସେଠାର ସ୍ଥାୟୀ ବାସିନ୍ଦାମାନେ କାଫର ମୂର୍ଖ ଏବଂ ଏକ ସଂଖ୍ୟାଲଘୁ ଧନୀକ ଗୋଷ୍ଠୀ ଦ୍ୱାରା ମୁହଁ ବୁଜି ଶାସିତ ହୁଅନ୍ତି—କଲିକତା କିଭଳି ଆକର୍ଷଣୀୟ ସହରରେ ପରିଣତ ହୋଇଛି ଇତ୍ୟାଦି...... ।

ପିଟର ସ୍ରୀଲକୁ ଦିନେ ପ୍ରସ୍ତାବ ଦେଲା ଯେ ଲଣ୍ଡନରେ ବେକାର ବସିବା ଅପେକ୍ଷା ଭାରତରେ ନିଜ ଭାଗ୍ୟ ପରୀକ୍ଷା ସର୍ବଥା ବାଞ୍ଛନୀୟ । ଲଣ୍ଡନରେ କବିତା କିମ୍ବା ଡ୍ରାମା ଲେଖି, ଓକିଲାତି କରି ଦି ପଇସା କମାଇବା ନିତାନ୍ତ ବୋକାମି, କାରଣ ସ୍ରୀଲ ପରି ଚାଲାଖ ଚତୁର ବ୍ୟକ୍ତି ଭାରତ ଗଲେ ଦିନ ଚାରିଟାରେ ସୁନାର ମହଲ ତିଆରି କରିପାରିବ !! କିଛି ଦିନ ପରେ ପିଟର ଲଣ୍ଡନସ୍ଥିତ ଇଷ୍ଟଇଣ୍ଡିଆ କମ୍ପାନୀର ଜଣେ ଡାଇରେକ୍ଟର, ଯିଏ କି ତା'ର କକା ହୁଅନ୍ତି, ତାଙ୍କ ନିକଟକୁ ସ୍ରୀଲ୍‌କୁ ନେଇଗଲା ।

ସ୍ରୀଲ୍‌କୁ ସହଜରେ କଲିକତାରେ ଚାକିରି ମିଳିଗଲା । ଦିନେ ସତକୁ ସତ ସେ ଟିଲବରିରୁ ଭାରତଗାମୀ ଏକ ଜାହାଜ ଚଢ଼ି ଇଂରେଜ ଜାଗା ଛାଡ଼ିଲା । ଇଂଲଣ୍ଡର କେମ୍‌ନଦୀ କୂଳରେ ସେ ରହୁଥିଲା—ଯେଉଁଠି ଗୋଲଡସ୍ମିଥ୍, କୂପର, ଗ୍ରେ, ବର୍କ ଜନ୍ମିଥିଲେ ଏବଂ ହୋଗାର୍ଥ ଗେନ୍‌ସବରୋ, ରେନାଲଡ୍‌ଜ ପ୍ରମୁଖଙ୍କ ଚିତ୍ରକଳା ବିଖ୍ୟାତ ହୋଇଥିଲା । ଦକ୍ଷିଣ-ଆମେରିକା, ବଙ୍ଗ ଏବଂ କାନେଡ଼ାରୁ ବୋହି ଆସୁଥିବା ଧନରେ ଇଂଲଣ୍ଡ ହୋଇଥିଲା ବିଭବଶାଳୀ ଆଉ ସୌନ୍ଦର୍ଯ୍ୟପୂର୍ଣ୍ଣ ଦେଶ । ଗରିବଲୋକେ ଧନୀ ହେଉଥିଲେ ଏବଂ ଧନୀ ବିଭବର ପ୍ରାଚୁର୍ଯ୍ୟରେ ପୂରି ରହୁଥିଲେ । ବିରାଟ ବିରାଟ ଭବନ ନିର୍ମିତ ହେଉଥିଲା । ସମସ୍ତଙ୍କ ମୁହଁରେ ଥିଲା ଗୋଟିଏ କଥା—ଖାଲି 'ଧନ' 'ଧନ' । ସ୍ରୀଲ୍ ପରି ସାହିତ୍ୟ ଏବଂ କଳା ଗୁଣୀଙ୍କର ମଧ୍ୟ ଧନ-ଲିପ୍ସା ପ୍ରବଳ ହୋଇଥିଲା । ହୁଏତ ଏହି ଦରିଦ୍ର ଯୁବକ ଧନୀ ହୋଇ ଖାସ୍ ଲଣ୍ଡନର ଉପକଣ୍ଠରେ ନିଜର ଗୃହ ନିର୍ମାଣ କରିପାରିବ, କିମ୍ବା କୌଣସି ଦେଶୀୟ ସର୍ଦ୍ଦାର ସହିତ ଯୁଦ୍ଧ କରୁ କରୁ ମାନ୍ଦ୍ରାଜ କିମ୍ବା ମହୀଶୂରରେ ପ୍ରାଣ ହରାଇବ ।

Digitized by PPRACHIN, SOA

ସମୁଦ୍ରରେ ଜାହାଜର ଗତି ମନ୍ଥର ଥିଲା । ଏଥିରେ ନାନା ପ୍ରକାର ଲୋକେ ନାନା ପ୍ରକାର ଚିନ୍ତା ଏବଂ ଆକାଙ୍‌କ୍ଷା ନେଇ ଅଜଣା ପଥରେ ଯାତ୍ରା କରୁଥିଲେ । ଏମାନଙ୍କ ତୁଳନାରେ ସ୍ତ୍ରୀଲ୍ ଥିଲା ନିତାନ୍ତ ତୁଚ୍ଛ । କମ୍ପାନୀର ବ୍ୟବସାୟୀ, ମାନ୍ଦ୍ରାଜର ଚିଫ୍ ଜଷ୍ଟିସ୍, ଉଚ୍ଚକୂଳ ସମ୍ଭ୍ରାନ୍ତା ଅନୂଢ଼ା କୁମାରୀ ହୁଏତ ଭାରତରେ ଥିବା ଉଚ୍ଚପଦସ୍ଥ ଇଂରେଜଙ୍କ ସହିତ ବିବାହ ଉଦ୍ଦେଶ୍ୟ ଏବଂ ଆଶା ନେଇ ଯାଉଥିଲେ । ଡିନର୍ ଟେବୁଲରେ ବସି ଜାହାଜର କାପ୍ତାନ ସୁଲତାନ ହାଇଦର ଅଲ୍ଲୀଙ୍କ ଯୁଦ୍ଧ ଖବର ଶୁଣାଉଥିଲେ । ଢାକା ଏବଂ ପାଟନାର ମଲ ବେପାରୀ ନିଜ ନିଜ କାରବାର କଥା ନେଇ ଆଲୋଚନାରେ ବ୍ୟସ୍ତ ଥିଲେ । ଏ ସମସ୍ତ ପ୍ରତ୍ୟକ୍ଷ କରି କେମ୍ବ୍ରିଜର ଶାନ୍ତ କ୍ୱାଡ୍ରାଙ୍ଗଲରୁ ବାହାରିଥିବା ସ୍ତ୍ରୀଲ୍ ଅନୁଭବ କଲା ଏହାହିଁ ବାସ୍ତବ ଦୁନିଆ ଏବଂ ବାସ୍ତବ ଜୀବନ ।

ଜାହାଜ ମାଡ଼ାଗାସ୍କାର ଦେଇ ଅଗ୍ରସର ହେଉଥାଏ । ଏଇଠୁ ପୂର୍ବଦେଶ, କଳା ଗୋଲାମଙ୍କ ଦେଶ ଆରମ୍ଭ ହେଲା ତେବେ ! ପୂର୍ବଦେଶ ମଧ୍ୟ ସ୍ତ୍ରୀଲ୍‌ର ପ୍ରତୀକ୍ଷାରେ ଥିଲା ଯେପରି । ଚୀନ୍, ଭାରତ, ପାରସ୍ୟ, ମିଶର—ଏ ସମସ୍ତ ଦେଶର ଅଧିବାସୀଗଣ ଯେପରି ତାକୁ ଚିତ୍କାର କରି କହୁଥିଲେ—"ହେ ମହାଶୟ, ତୁମେ ବାଇବେଲ୍ ଓ ବନ୍ଧୁକ ନେଇ ଆମ ଦେଶରେ ପ୍ରବେଶ କର । ଆମେ ତୁମର ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ଅଛୁଁ । ତୁମେ ଆସି ଆମ ପିଠିରୁ ଗୁଲି କାଢ଼ି ନିଅ—ଆମେ ନୀରବରେ ତୁମ ଗୋଲାମୀ କରିବାରେ ପ୍ରସ୍ତୁତ ଅଛୁ ।"

କାନପୁର ଏବଂ ଢାକାର କେତେକ ପୁରୁଣା ବ୍ୟବସାୟୀ ତାକୁ କହିଲେ—"ଠିକେ ହୁସିଆର ହୋଇ ଚଳିଲେ ବର୍ଷ କେତେଟାରେ ଲକ୍ଷପତି ହୋଇଯିବ ।"

ଜଣେ ସ୍ତ୍ରୀଲ୍ ପିଟରକୁ ପଚାରିଲା ସିରାଜୁଦ୍ଦୌଲା କିଏ ? "ସିରାଜୁଦ୍ଦୌଲା" ପିଟର ଅବଜ୍ଞାଭରେ କହିଲା, "ମୁଁ ଆଉ ଜଣେ ତା ବିଷୟରେ ତୋତେ କହିବି, କାରଣ ତାକୁ ମୁଁ ମୋର କାଶିମ୍ ବଜାର ରହଣି ବେଳେ ଭଲଭାବରେ ଜାଣିଛି । ବହୁତ କ୍ଷଣକୋପୀ ଓ ଜିଦ୍‌ଖୋର ଏବଂ ଅତ୍ୟାଗୃହୀ ନବାବ । ତା ହେଲେ ମଧ୍ୟ ଅଯୋଧ୍ୟାର ମୌଜୁଦା ନବାବଙ୍କ ପରି ଆମର ବଡ଼ ବିଶ୍ୱାସୀ ବନ୍ଧୁ ମଧ୍ୟ ।"

ବମ୍ବେ ପହଞ୍ଚିବା ପର୍ଯ୍ୟନ୍ତ ସ୍ତ୍ରୀଲ୍‌କୁ ପିଟର ଜ୍ୟାକ୍‌ସନ ଫୈଜାବାଦ, ଲକ୍ଷନଉ ଏବଂ ମହୀଶୂର ଓ ଆର୍କଟର କଥା ସବୁ ସବିସ୍ତାରେ ବର୍ଣ୍ଣନା କଲା । ଜାହାଜରେ ଯାତ୍ରା ସମୟରେ ସ୍ତ୍ରୀଲ୍ ଗତ ଶହେ ବର୍ଷର ଘଟଣା ଏବଂ ଭାରତବର୍ଷର ଇତିହାସରେ ପୂରା ପଣ୍ଡିତ ହୋଇସାରିଥିଲା । ସେ ଜାଣିଲା ଯେ ହିନ୍ଦୁମାନେ ଲାଲ ଜିଭ ଥିବା ଏକ ପ୍ରତିମା ପୂଜା କରନ୍ତି । ସେମାନଙ୍କ ସମାଜରେ ବିଧବାମାନଙ୍କୁ ନିଆଁରେ ଜିଅନ୍ତା

Digitized by PPRACHIN, SOA

ପୋଡ଼ି ଦିଅନ୍ତି । ଏମାନେ ଖାଲି ପାଦରେ ବୁଲନ୍ତି । ଗାଈ ଏବଂ ସାପମାନଙ୍କୁ ଦେବତ ମନେକରି ପୂଜା କରନ୍ତି । ଏହା ପାଶବିକତା ଛଡ଼ା କଣ ହୋଇପାରେ ? ଏଠାରେ ମୁସଲମାନଗଣ ଅକଥ୍ୟ ଅତ୍ୟାଚାର କରନ୍ତି ଏବଂ ଏମାନଙ୍କ ସମାଜରେ ସ୍ତ୍ରୀମାନଙ୍କୁ ପର୍ଦ୍ଦାରେ ବାନ୍ଧିକରି ରଖନ୍ତି । ଜଣେ ମୁସଲମାନ ପ୍ରାୟ ପନ୍ଦର ଜଣ ସ୍ତ୍ରୀ ବିବାହ କରିଥାଏ । ବହୁତ ଆତ୍ମାଭିମାନୀ, ଲାଞ୍ଚଖୋର ଏବଂ ବଦ୍‌ରାଗୀ ଜାତି ଏମାନେ । ପିଟର ଜ୍ୟାକ୍‌ସନର ଉପରୋକ୍ତ କଥା ଶୁଣି ଶୁଣି ସ୍ମିଲ୍ ଭୟରେ ଶିହରିତ ହୋଇଯାଉଥିଲି । ସବୁ ଶୁଣି ସେ ନିଶ୍ଚିତ ଭାବରେ ଜାଣିଲି ଯେ "ନେଟିଭ"ମାନେ ପ୍ରକୃତରେ ଅତ୍ୟନ୍ତ ନୀଚ ଜାତି । ଏମାନଙ୍କର ମନୁଷ୍ୟତ୍ୱ ବୋଲି କିଛି ନ ଥିବାରୁ ବୁଦ୍ଧିରେ ମଧ୍ୟ ଏମାନେ ଖୁବ୍ ହୀନ ଥିଲେ ।

ବଙ୍ଗଳାରେ ସେତେବେଳକୁ ରୟାଲ୍ ଏସିଆଟିକ୍ ସୋସାଇଟି ସ୍ଥାପିତ ହୋଇ ନାନା ସ୍ଥାନ ଖନନ କରି ପ୍ରାଚୀନ କାଳର ବହୁ ତଥ୍ୟ ବାହାର କରୁଥିଲେ । ସଂସ୍କୃତ, ଯେଉଁ ମୃତ ଭାଷା ସବୁରେ ନାନା ପ୍ରକାର ଗୁଣିଗାରେଡ଼ି କଥା ଲେଖାଥାଏ, ଏ ସମସ୍ତ ଫାଇଲ୍‌ରୁ ବିଷୟ ଦେଖି କେତେକ ଆଡ଼ବାଯ୍ଯା ଜ୍ଞାନପିପାସୁ ଇଂରେଜ ପଣ୍ଡିତ ବିଶ୍ୱାସ କରୁଛନ୍ତି ଯେ ଭାରତୀୟ ସଭ୍ୟତା ବହୁ ପ୍ରାଚୀନ ! ଏତିକି କହି ପିଟର୍ ନିଜ କଥା ଶେଷ କଲା ।

ଅଳ୍ପ କ୍ଷଣ ପରେ ବମ୍ବେ ବନ୍ଦର ଦୃଶ୍ୟମାନ ହେଲା । ହିନ୍ଦୁସ୍ଥାନ—ଏଇ ଆସିଗଲା ଭାରତ ଭୂମି । ବମ୍ବେ ବନ୍ଦରରେ ଜାହାଜ ଲଙ୍ଗର ପକାଇ ରହିବାରୁ ଯାତ୍ରୀମାନେ ଓହ୍ଲାଇ କୂଳକୁ ଆସିଲେ । ଦେଢ଼ଶହ ବର୍ଷ ପୂର୍ବେ ସୁରାଟ ବନ୍ଦରରେ ମୋଗଲ ସମ୍ରାଟ୍ ବିଦେଶୀମାନଙ୍କ ଅବାଧ ଯିବାଆସିବା ନିୟନ୍ତ୍ରଣ କରିଥିଲେ । ମାତ୍ର ଏବେ ସାରା ଭାରତ ବିଦେଶୀଙ୍କ ଅଧୀନରେ । ସ୍ମିଲ୍ ଏବଂ ତା'ର ସାଥିଗଣ ଖୁବ୍ ଥାଟ୍‌ବାଟରେ ଜାହାଜରୁ ଓହ୍ଲାଇଲେ ଏବଂ କେତେକ କୃଷ୍ଣକାୟ ଭାରତୀୟ ସେମାନଙ୍କ ଜିନିଷପତ୍ର ଜାହାଜରୁ ଓହ୍ଲାଇ ମୁଣ୍ଡରେ ଲଦି ସେମାନଙ୍କ ପଛରେ ଆସିଲେ । ପିଟର ଏବଂ ସ୍ମିଲ୍ ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ୍‌ଙ୍କଦ୍ୱାରା ପ୍ରେରିତ ପାଲିଙ୍କିରେ ବସି ମାଲବାର ହିଲରେ ଅବସ୍ଥିତ ତା'ଙ୍କ କୋଠିକୁ ଗଲେ ।

ଅଳ୍ପ ସମୟ ହେବ ବର୍ଷା ହୋଇ ଛାଡ଼ିଯାଇଥାଏ । ଇଂରେଜ ଅଫିସରମାନଙ୍କର ଖପରଲି କୋଠି ସବୁ ରଙ୍ଗ ବେରଙ୍ଗ ଫୁଲ ଲତାରେ ଭରି ହୋଇଥାଏ । ପିଟର ଓ ସ୍ମିଲ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ମାଜିଷ୍ଟ୍ରେଟ ସ୍ୱୟଂ ଫାଟକ ପାଖକୁ ଆସି ଅପେକ୍ଷା କରିଥିଲେ । ଯଥାରୀତି ସ୍ୱାଗତ ହୋଇ ସାରିବା ପରେ ସେମାନେ ବାରଣ୍ଡାରେ ବସି ଗୃହା ପିଇଲେ ।

Digitized by PPRACHIN, SOA

ଏଠାରେ ମେଗି ନାମକ ଏକ ୟୁରେସିୟନ ଝିଅ ସହିତ ସ୍ତୀଲର ପରିଚୟ ହେଲା । ଚାହା ପିଇସାରିବା ପରେ ନିଜପାଇଁ ଉଦ୍ଦିଷ୍ଟ ଥିବା କୋଠରୀରେ ବସି ସମୁଦ୍ରର ସୌନ୍ଦର୍ଯ୍ୟ ଦେଖି ଦେଖି ସ୍ତୀଲ ବିଲକୁଲ ତନ୍ମୟ ହୋଇଯାଇଥିଲା । ଇତିମଧ୍ୟରେ ମାଡ଼ାଗାସ୍କାରରୁ ଆନୀତ ଆଫ୍ରିକୀୟ କ୍ରୀତଦାସ ବସି ତା'ର ଜୋତା ପାଲିସ କରୁଥାଏ । କିନ୍ତୁ କୋଠରି ମଧ୍ୟରେ ତା'ର ଉପସ୍ଥିତି ସ୍ତୀଲ୍ ମୋଟେ ବରଦାସ୍ତ କରି ପାରୁ ନଥାଏ ।

ଜାହାଜରେ ତା'ର ଦୁଇଜଣ ପାର୍ଶୀ ଭଦ୍ରଲୋକଙ୍କ ସହିତ ଆଲାପ ହୋଇଥିଲା । ସେମାନେ କୌଣସି ଜାହାଜ ତିଆରି କାରଖାନାର ମାଲିକ ଥିଲେ ଏବଂ ଅକ୍ଲେଶରେ ଇଂରେଜୀ କହିପାରୁଥିଲେ । ଅଦ୍ଭୁତ ଏ ଦେଶ ! କେତେ ଜାତି, କେତେ ପ୍ରକାରର ଲୋକେ ଏଠାରେ ରୁହନ୍ତି !

କେତେ ଦିନ ପରେ ପିଟର ଜ୍ୟାକ୍‌ସନ ତାକୁ ସୁରାଟର ଫ୍ୟାକ୍‌ଟରୀ ଦେଖାଇବା ଲାଗି ନେଇଗଲା । ମୋଗଲ ସମ୍ରାଟଙ୍କର ପ୍ରଧାନ ବନ୍ଦର ସୁରାଟ—ଗତ ଶହେ ବର୍ଷ ତଳେ ଯାହାର ବିଭବ ଲଣ୍ଡନ କିମ୍ବା ପ୍ୟାରିସ୍‌ଠାରୁ ଅଧିକ ଥିଲା ।

ବମ୍ବେ ଫେରି ଆସି ସ୍ତୀଲ୍ ମାନ୍ଦ୍ରାଜଗାମୀ ଜାହାଜ ପାଇଁ କିଛି ଦିନ ଅପେକ୍ଷା କଲା । ପିଟର ଜ୍ୟାକ୍‌ସନ ଏହିଠାରେ ରହିଗଲା । ସ୍ତୀଲ ଏବେ ଏକା ଯାତ୍ରା କଲା । ତେବେ ଗତ କେତେଦିନ ମଧ୍ୟରେ ସ୍ତୀଲ ଭାରତ ସହିତ ଏକ ପ୍ରକାର ଅଭ୍ୟସ୍ତ ହୋଇଯାଇଥିଲା ।

ଜାହାଜ କରମଣ୍ଡଳ ଦେଇ କୂଳେ କୂଳେ ଗତି କଲା । ପଣ୍ଡିଚେରୀରୁ କେତେକ ଫରାସୀ ଯୁବକ ଜାହାଜରେ ଉଠିଲେ । ସେମାନେ ଅନ୍ୟ ଏକ ଜାହାଜରେ ଫ୍ରାନ୍‌ସ ଯିବେ । ସେମାନଙ୍କ ମଧ୍ୟରୁ ଜଣେ ସାର୍ବୋନର ବିଦ୍ୟାର୍ଥୀ ସ୍ତୀଲ ସହିତ ଘନିଷ୍ଠ ହୋଇଗଲା । ତା'ର ବାପା ମା'ଙ୍କ ସହିତ ଦେଖା କରିବା ପାଇଁ ସେ ଭାରତ ଆସିଥିଲା—ଏବେ ଫ୍ରାନ୍‌ସ ଫେରି ଯାଉଛି । ସେ ପ୍ୟାରିସ୍ ବିଶ୍ୱବିଦ୍ୟାଳୟ ଏବଂ ଫ୍ରାନ୍‌ସକୁ ଆସିଥିବା ନୂତନ ଆଦର୍ଶ—ସ୍ୱତନ୍ତ୍ରତା, ସମତା ଏବଂ ଭ୍ରାତୃତ୍ୱ ବିଷୟରେ ଅନେକ କଥା କହିଲା । ଫ୍ରାନ୍‌ସରେ ଏଇ ଶାନ୍ତ, ମୁକ୍ତ ଓ ପ୍ରଗତିର ଜିନ୍ଦାବାଦ ଆଦି ସ୍ଲୋଗାନ ଦେଉ ଦେଉ ପିଲଙ୍କ ପରି ଜାହାଜରୁ ଡେଇଁ ଗୋଟିଏ ଡଙ୍ଗାରେ ବସି ଆଖି ଆଗରୁ ଅଦୃଶ୍ୟ ହୋଇଗଲା । ତା'ର ଗତିପଥକୁ ଲକ୍ଷ୍ୟ କରୁ କରୁ ସ୍ତୀଲ ମନେ ମନେ ଚିନ୍ତା କଲା—'ଏ ଯୁବକଟିର ନାଁ କ'ଣ ସେ ପଚାରି ନ ଥିଲା । ମୁକ୍ତିବାଣୀ ପ୍ରଚାର କରୁଥିବା ଏଇ ଯୁବକଟିର ଅବସ୍ଥା ଶେଷରେ କ'ଣ ହେବ କିଏ କହିବ ! ପୃଥିବୀର ଚାରିଆଡ଼େ ଅସ୍ଥିରତା, ଯୁଦ୍ଧ, ରକ୍ତପାତ ଚାଲିଛି । ଭାରତରେ ବଙ୍ଗଳା, ଦାକ୍ଷିଣାତ୍ୟ

Digitized by PPRACHIN, SOA

ତ ଜଳୁଛି । ପୁଣି ୟୁରୋପରେ ନେପୋଲିୟନଙ୍କ ଆବିର୍ଭାବ ସବୁରି ମନରେ ଭୀତି ସଞ୍ଚାର କରିଛି । ସମସ୍ତ ୟୁରୋପ ଜଳୁଛି । ଏବେ ଆସନ୍ତା କେତେ କାଳ ପାଇଁ ଏଇ ପରି ଦାହ ଜଳିବ । ଏ ସମୟରେ କେମ୍ବ୍ରିଜ କିମ୍ବା ହାର୍ବୋଡ ବିଶ୍ୱବିଦ୍ୟାଳୟର ଛାତ୍ରଗଣ ଝଡ଼ରେ ତୃଣ ଖଣ୍ଡ ପରି କେଉଁଆଡ଼େ ଯାଇ ପଡ଼ିବେ ତା'ର ଠିକଣା ରହିବ ନାହିଁ । ଏଇୟା ତ ହୋଇ ଆସିଛି !'

ଏହିପରି ଗଭୀର ଚିନ୍ତାରେ ମଗ୍ନ ହୋଇ ସ୍ରୀଲ ବଙ୍ଗୋପସାଗରରେ ଜାହାଜରେ ବସି ଅସ୍ଥିର ହେଉଥାଏ । ମନେହେଉଥାଏ ଯେପରି ଚତୁର୍ଦ୍ଦିଗରୁ ମୃତ୍ୟୁ ତାକୁ ଦାନ୍ତ ନିକୁଟି ଅଭ୍ୟର୍ଥନା ଜଣାଉଛି ! ଉତ୍ତର-ପଶ୍ଚିମ ଦିଗରୁ ପଠାଣ ଓ ଶିଖଙ୍କ ତରବାରିର ଝଙ୍କାର ଶୁଣାଯାଉଛି । ଦିଲ୍ଲୀ,ଫୈଜାବାଦ, ମୁର୍ଶିଦାବାଦ ପ୍ରଭୃତି ସ୍ଥାନରେ ଅସନ୍ତୋଷର ଅଗ୍ନି ଜୁହୁଳୁଛି । ଜନସାଧାରଣଙ୍କ ଏଇ ଅସନ୍ତୋଷ ପ୍ରତି ଭ୍ରୂକ୍ଷେପ ନ କରି, ଦିଲ୍ଲୀ ମସନଦର ସମ୍ରାଟ ଶାହ ଆଲମ ଦ୍ୱିତୀୟ ଚନ୍ଦାବାଈର ନୃତ୍ୟ ଦେଖିବାରେ ବିଭୋର ରହିଛନ୍ତି ।

ମାନ୍ଦ୍ରାଜରେ ପହଂଚି ସେ ଆର୍କଟ ନବାବଙ୍କ ନଅର ଦେଖିଲା । ସେଣ୍ଟ ଟମସ୍ ରୋଡ଼ରେ ଅବସ୍ଥିତ ଇଂରେଜ ବଣିକଙ୍କ ଦୋକାନ ସମ୍ଭାର ମଧ୍ୟ ଦେଖିଲା । ଦିନେ ଏହିପରି ବୁଲୁ ବୁଲୁ ସେ ମାନ୍ଦ୍ରାଜସ୍ଥିତ ୟୁରେସିଅନମାନେ ରହୁଥିବା ଅଂଚଳ ଆଡ଼କୁ ଚାଲିଗଲା ।

ସେଠାରେ ଗୋଟିଏ ଘରର ଦାଣ୍ଡ ପାହାଚ ଉପରେ ଗୋଟିଏ ଆଙ୍ଗ୍ଲୋଇଣ୍ଡିଆନ ଝିଅ ଠିଆହୋଇଥିଲା । ସ୍ରୀଲକୁ ଦେଖି ସେ ଅଳ୍ପ ହସି ଘର ଭିତରକୁ ପଶିଗଲା । ଅଳ୍ପ ସମୟ ପରେ ଗୋଟିଏ କାଳୀ ସ୍ତ୍ରୀ ଲୋକ ଛୁଆଟିଏ କାଖେଇ ବାହାରକୁ ଆସି ଡାଲି ଚାଉଳ ବଛୀ କରିବା ନିମନ୍ତେ ବସିଗଲା । ଇତିମଧ୍ୟରେ ତିନି ଚାରିଜଣ ପିଲା ସ୍ରୀଲକୁ ଘେରିଯାଇଥିଲେ । ଜଣେ ଖାଣ୍ଟି ଇଂରେଜ ସେମାନଙ୍କ ସାହିକୁ ଆସିବାରେ ସେମାନେ ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଜଣେ ସାହସ କରି ତାକୁ ପଚାରିଲା, “କଣ ଘର ଭିତରକୁ ଆସିବ ?” କିନ୍ତୁ ଅଠରଶହ ଶତାବ୍ଦୀରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଶିକ୍ଷା ପାଇଥିବା ଏବଂ ଉଦାରପନ୍ଥୀ ନୀତିରେ ବିଶ୍ୱାସ କରୁଥିବା ତରୁଣ ସ୍ରୀଲ ଭାରତ ମାଟିରେ ପାଦ ଦେଇ କଳା ଗୋରା ବର୍ଣ୍ଣ ବୈଷମ୍ୟକୁ ଦୃଢ଼ ଭାବରେ ମାନିନେଇଥିଲା । ମାନ୍ଦ୍ରାଜ ବ୍ଲାକ ଟାଉନ, ୟୁରେଶିଅନ ଟାଉନ ଏବଂ ହ୍ୱାଇଟ ଟାଉନରେ ବିଭକ୍ତ ହୋଇଥିଲା । ଭାରତରେ ବାସକରୁଥିବା ଗୋରା

Digitized by PPRACHIN, SOA

ଲୋକେ କଳା ଲୋକଙ୍କ ସଂସ୍ପର୍ଶରେ ଆସି ପତିତ ହେବା ନ୍ୟାୟରେ ନିଜ ଶ୍ରେଣୀରୁ ତଳକୁ ଖସିଆସିଥିଲେ । ଏ ସମସ୍ତ ଚିନ୍ତା କରୁ କରୁ ସେ ଆଗେଇ ଗଲା । କିନ୍ତୁ ଇତିମଧ୍ୟରେ ପୂର୍ବୋକ୍ତ ଆଙ୍ଗ୍ଲୋଇଣ୍ଡିଅନ ଝିଅଟି ବାଡ ଡେଇଁ ତା' ଆଗେ ଆଗେ ଯାଉଥିଲା ଏବଂ ସ୍ନୀଲକୁ ଅନାଇଁ ପୁଣି ଥରେ ହସିଦେଲା । ଏହି ଝିଅଟି ଥିଲା ଅପୂର୍ବ ସୁନ୍ଦରୀ । ଜଲ୍‌ଦି ଜଲ୍‌ଦି ଚାଲି ତା ପାଖକୁ ଲଗିଯାଇ ସ୍ନିଲ୍ ପଚାରିଲା—"ଟିକେ ଶୁଣ ! ତୁମେ କଣ ଏଇଠି ରୁହ ?"

"ହଁ, ଅବିକା ତ ତୁମେ ଆମ ଘର ଦେଖିଲ । ତୁମେ କଣ କଲିକତାରୁ ଆସିଲ ?"

"ନାଁ, ମୁଁ କଲିକତା ଯାଉଛି । ଲଣ୍ଡନରୁ ବମ୍ବେ ହୋଇ ଆସୁଛି ।"

"ବହୁତ ବୁଲିଲଣି ତା'ହେଲେ !"

"ହୁଁ ! ଆଉରି ମଧ୍ୟ ଏ ଯାତ୍ରା ସରିନି । ତୁମେ କେବେଠାରୁ ଏଠାରେ ରହୁଛ ?"

"ପ୍ରଥମରୁ ।"

"ପ୍ରଥମରୁ କିପରି ? ତୁମେ ତ କ୍ରିଶ୍ଚିୟାନ ଜଣା ପଡ଼ୁଛ ?"

"କଣ ଭାରତବର୍ଷରେ କେହି ଖ୍ରୀଷ୍ଟଧର୍ମାବଲମ୍ବୀ ହେବେନି ?" ଟିକେ ରହି ସେ ପୁଣି କହିଲା,"ମୋର ଜେଜେ ବାପା ଇଂରେଜ ଥିଲେ, ଏକଦମ୍ ଖାଣ୍ଟି ଇଂରେଜ— ତୁମରି ପରି । ମୋ ମା କିନ୍ତୁ ପକ୍କା ଭାରତୀୟ ।"

ସ୍ନୀଲ୍‌ର ମନ ପୁଣି ଖରାପ ହୋଇଗଲା । ପିତର ତାକୁ ବାରମ୍ବାର ନିଷେଧ କରିଥିଲା ଯେପରିକି ସେ ଭାରତରେ କୌଣସି ୟୁରେଶିୟନ ସହିତ ମିଳାମିଶା ନ କରେ । ଗତ ଶତାବ୍ଦୀରେ ଇଂରେଜମାନେ ଏତେ ଅଧିକ ସଂଖ୍ୟାରେ ଭାରତୀୟ ନାରୀମାନଙ୍କୁ ବିବାହ କରିଥିଲେ ଯେ ଫଳସ୍ୱରୂପ ଆଙ୍ଗ୍ଲୋଇଣ୍ଡିଆନ ଜାତିର ଉଦ୍ଭବ ହୋଇଥିଲା ।

"ତୁମ ବାପା କଣ ବଞ୍ଚିଛନ୍ତି ? ସେ କଣ କରନ୍ତି ?" ସ୍ନୀଲ୍ ପୁନର୍ବାର ପଚାରିଲା ।

"ସେ ତ ଘର ଆଗର ମଦଦୋକାନରେ ବସିଥିଲେ । ତୁମେ ଦେଖିନ ?"

ଆଗରେ ଗୋଟିଏ ବେଞ୍ଚ ଆଡ଼କୁ ଇଙ୍ଗିତ କରି ସ୍ନୀଲ୍ କହିଲା, "ଆସ, ଟିକେ ଏଠି ବସିବା ।"

ଯୁବତୀଟି ଟିକେ ସମୟ କଣ ଭାବିନେଇ ମୁଣ୍ଡରେ ବାନ୍ଧିଥିବା କଳା ନେଟ୍‌ଟି ସଜାଡ଼ି ନେଇ ବେଞ୍ଚ ଆଡ଼କୁ ଆଗେଇଲା । ଗୀର୍ଜା ଆଡ଼କୁ ଯାଇଥିବା ରାସ୍ତା କଡ଼ରେ ଏହି ବେଞ୍ଚଟି ପଡ଼ିଥିଲା । ଦୁହେଁ ବସିବା ପରେ ସ୍ନୀଲ୍ ତା ସହିତ କଥାବାର୍ତ୍ତା ଆରମ୍ଭ କରିଦେଲା ।

ସ୍ନୀଲ୍ ନିଜେ କଣ କହୁଛି ନଜାଣି ତାକୁ ହଠାତ୍ କହିଲା, "ତୁମେ—ତୁମେ ମତେ ଭାରି ଭଲ ଲାଗୁଛ ! ମୋ ସହିତ କଲିକତା ଯିବ ?"

Digitized by PPRACHIN, SOA

"ଏହା କଣ ସମ୍ଭବ ?"

"କାହିଁକି ନୁହେଁ ?"

"ତୁମେ ଜଣେ ଖାଣ୍ଟି ଇଂରେଜ ସନ୍ତାନ । ଆଜି ଛୁଡ଼ି କାଲି ହୁଏତ ତୁମେ ମୋ ସହିତ ବାକ୍ୟାଳାପ କରିବାକୁ ମଧ୍ୟ ଘୃଣା ବୋଧ କରିବ । ତୁମ ପରି ବହୁ ଇଂରେଜ ଯୁବକଙ୍କୁ ମୁଁ ଇତିମଧ୍ୟରେ ଦେଖିଲିଣି ।" ଏତିକି କହି ସେ ଅନ୍ୟମନସ୍କା ହୋଇ ଘାସଟିଏ ଛିଣ୍ଡାଇଲା ।

ସୁନୀଲ୍‌ର ମନେହେଲା ସେପରି ପ୍ରଥମ ଦେଖାରେ ହିଁ ସେ ଏଇ ଝିଅର ପ୍ରେମରେ ପଡ଼ିଛି । ତେଣୁ ଆବେଗଭରା କଣ୍ଠରେ ସେ ପୁଣି କହିଲା, "ଶୁଣ" !

"ମୋ ନାଁ ମାରିଆ ଟେରେସା ।"

"ମାରିଆ ଟେରେସା ! ଆଃ ।"

ତହିଁ ଉତ୍ତାରୁ ସେଦିନ ରାତିରେ ସେ ଗଭର୍ଣ୍ଣର କୋଠିର ନାଚ ଓ ପାର୍ଟିରେ ଅନୁପସ୍ଥିତ ରହି, କାହାକୁ କିଛି ନ ଜଣାଇ, ଏହି ୟୁରେଶିଆନ ଟାଉନକୁ ଚାଲି-ଆସିଲା । ତା ପରି ରାତି, ଏବଂ ତା ପର ରାତି, ମଧ୍ୟ······ ··· ।

ଚତୁର୍ଥଦିନ ଜାହାଜ କଲିକତା ଯିବା ଲାଗି ଲଙ୍ଗର ଉଠାଇଲା । ଯାତ୍ରାର ପ୍ରସ୍ତୁତ କରୁ କରୁ ସେ ମନେ ମନେ ଭାବିଲା, ସେ ଏ ପ୍ରକାର ମୂର୍ଖତା କଲା କାହିଁକି ? ସେ ଝିଅକୁ ବିବାହ କରିବା ତା ପକ୍ଷରେ ଅସମ୍ଭବ । ଏ'ପର୍ଯ୍ୟନ୍ତ ଅବଶ୍ୟ ସେ ଯେ ତାକୁ ବିବାହ କରିବ ସେପରି କିଛି କଥା ଦେଇନାହିଁ । କିନ୍ତୁ ସେଇ ବୋକା ଝିଅଟି ସାଧାରଣ ଭାରତୀୟ ନାରୀମାନଙ୍କ ପରି ସୁନୀଲ୍‌କୁ ହିଁ ନିଜ ଜୀବନର ଦେବତା ବୋଲି ମଣିଛି !! ତାଠାରୁ ବିଦାୟ ନେବା ଉଦ୍ଦେଶ୍ୟରେ ଯେତେବେଳେ ସେ ଗିର୍ଜା ଘର ନିକଟକୁ ଆସିଲା, ଦେଖିଲା ଯେ ମାରିଆ ତା ସହିତ କଲିକତା ଯିବ ବୋଲି ଗଣ୍ଠିଲିଟିଏ ଧରି ଅପେକ୍ଷା କରିଛି ।

ନିଜର ସମସ୍ତ ପ୍ରକାର ପଟୁତା, ନିପୁଣ କାବ୍ୟୋଚିତ ଶୈଳୀ ଏବଂ ଅଭିନୟ କୁଶଳତା ପ୍ରୟୋଗ କରି ସେ ମାରିଆ ମନରେ ଏତିକି ବିଶ୍ୱାସ ଦିଆଇଲା—ଯେହେତୁ ସେ ଏକ୍ଷଣି କଲିକତାରେ ଏକଦମ୍ ନୂଆ, ଏପରି ଅବସ୍ଥାରେ ମାରିଆକୁ ସଙ୍ଗରେ ନେବା ବିଜ୍ଞୋଚିତ ହେବ ନାହିଁ । କଲିକତାରେ ପହଞ୍ଚି ଅଳ୍ପ ଦିନରେ ସେ ନିଜର ସ୍ଥାୟୀ ବ୍ୟବସ୍ଥା କରି ତାକୁ ପାଖକୁ ଡାକି ନେବ । ଏତିକି ଛଳନା କରିବାକୁ ଯାଇ ସେ ନିଜକୁ ମନେ ମନେ ଏକ ନୀଚ ଶଠ ବ୍ୟକ୍ତି ବୋଲି ଧିକ୍‌କାର ଦେଲା ।

ଭାବପ୍ରବଣତା ଯୋଗୁଁ ଏତିକିମାତ୍ର ଅଘଟଣ ଘଟାଇ ନିଜ ଗନ୍ତବ୍ୟ ପଥରେ ସେ ଚାଲିଗଲା । ବଙ୍ଗୋପସାଗର ପାରିହେବା ବେଳକୁ ସେ ଝିଅର କଥା ଏକଦମ୍

Digitized by PPRACHIN, SOA

ପାସୋରଦେଇଥିଲା ।

ଜାହାଜ ଏବେ କଲିକତା ନିକଟରେ ପହଞ୍ଚି ସାଗ୍ର ଡାଇମଣ୍ଡ ହାରବର୍‌ରେ ପାଇଲଟ୍‌ଙ୍କୁ ଅପେକ୍ଷା କରିଥାଏ । ଯାତ୍ରୀଗଣ ଡେକ୍ ଉପରେ ରୁଣ୍ଡ ହୋଇ, ପରେ ନାଆରେ ବସି ଅଗଭୀର ସମୁଦ୍ର ପାରହୋଇ କୂଳରେ ପହଞ୍ଚିବାର ବ୍ୟବସ୍ଥା କରୁଥାନ୍ତି । ଉଚ୍ଚ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ନୌକାର ବ୍ୟବସ୍ଥା ହୋଇଥାଏ । ସ୍ତ୍ରୀଲ୍‌କୁ ଏସବୁ କଥା ଅଜଣା ଥିବାରୁ ସେ ହଠାତ୍ ଏକ ଡଙ୍ଗା ଉପରକୁ କୁଦିପଡ଼ି ସେଥିରେ ବସିଗଲା ଓ ଡଙ୍ଗାରେ ବସି ଚତୁର୍ଦ୍ଦିଗର ଦୃଶ୍ୟ ଉପଭୋଗ କଲା । ନିକଟବର୍ତ୍ତୀ ଜଙ୍ଗଲରୁ ବ୍ୟାଘ୍ରାଦି ଜନ୍ତୁମାନଙ୍କର ଗର୍ଜନ ଶୁଣାଯାଉଥାଏ । ଡଙ୍ଗାରେ ଅସଂଖ୍ୟ ମଶା ଗୁଞ୍ଜନ ଆରମ୍ଭ କରିଦେଇଥାଆନ୍ତି । କଲିକତା ଆଉରି କେତେ ବାଟ । କଲିକତା—ପୂର୍ବାଞ୍ଚଳର ଲଣ୍ଡନ, ସୁନା ରୁପାର ନଗରୀ, ସୌଧନଗରୀ କଲିକତା ! ଏପ୍ରକାର ବିଚିତ୍ର କଳ୍ପନା ସବୁ କରୁ କରୁ ସ୍ତ୍ରୀଲ୍ ଡଙ୍ଗା ଉପରେ ଶୋଇପଡ଼ିଲା । ନାଉରିଗଣ ନିଜ ଭାଷାରେ ଗୀତ ବୋଲି ନାଆ ବାହୁଥାନ୍ତି । ସେମାନଙ୍କର କଣ୍ଠ ସେପରି ଖୁବ୍ ମଧୁର—ସ୍ତ୍ରୀଲର ଏପରି ମନେହେଲା ।

ଇତମଧ୍ୟରେ ଡଙ୍ଗା ଗାର୍ଡ଼ନରିଚ୍‌ରେ ପହଞ୍ଚିସାରିଥାଏ । ଘାଟରେ ଓହ୍ଲାଇ ସ୍ତ୍ରୀଲ୍ ଗୋଟିଏ ପାଲିଙ୍କି ଭଡ଼ାକଲା ଏବଂ କୋଳାହଳମୟ ସହରର ରାସ୍ତା ପାରହୋଇ ବାରାକ୍‌ପୁର ଅଭିମୁଖେ ଯାତ୍ରା କଲା ।

ବାରାକ୍‌ପୁରରେ ଇଂରେଜମାନଙ୍କର ଖୁବ୍ ସୁନ୍ଦର ବଗିଚାଘର ଥାଏ । ଡଚ୍‌ମାନଙ୍କର ଶ୍ରୀରାମପୁର ଏବଂ ଫରାସୀମାନଙ୍କର ଚନ୍ଦନ ନଗରରେ ମଧ୍ୟ ଏହି ବଗିଚା ଘର ସବୁର ବିଭବ ଈର୍ଷାର କାରଣ ହୋଇଥିଲା । ଫୋର୍ଟ ଉଇଲିୟମ୍ ନିକଟରେ ସବୁ ସରକାରୀ ଘର ଏବଂ ଆଲିପୁର ଅଞ୍ଚଳରେ ଥିଲା ଗଭର୍ଣ୍ଣରଙ୍କ ବାସସ୍ଥଳୀ ବେଲଭେଡ଼ିଅର, ଯେଉଁଠି କିଛି ବର୍ଷ ପୂର୍ବେ ଲର୍ଡ଼ କର୍ଣ୍ଣୱାଲିସ୍ ରହୁଥିଲେ ।

ଛମାସ ପରେ ସ୍ତ୍ରୀଲ୍ ତାର ବାପାକୁ ଚିଠିରେ ଜଣାଇଲା ଯେ ସେ ସ୍ଥାୟୀ ହୋଇ ବସବାସ ଆରମ୍ଭ କଲାଣି ଏବଂ ଭଗବାନଙ୍କ ଅସୀମ କୃପାରୁ ରୋଜଗାର ମଧ୍ୟ ଖୁବ୍ ଭଲ କରୁଛି । ତାର ବଙ୍ଗାଳୀ ଗୁମାସ୍ତା ଆଶୁତୋଷ ଦେ ଭଲ ଇଂରାଜୀ ଜାଣିଥିଲା । ଏହାଛଡ଼ା ଗୋଟିଏ ମୁସଲମାନ ମୁନ୍‌ସିଠାରୁ ସେ ପାର୍ସୀ ଓ ବଙ୍ଗଳା ଭାଷା ଶିଖିଥିଲା । ଏ ପ୍ରକାର ଜୀବନଧାରାରେ ସ୍ତ୍ରୀଲ୍ ଅଭ୍ୟସ୍ତ ହୋଇପଡ଼ିଲା ।

କେତେ ବର୍ଷ ବିତିଗଲାଣି । ଏବେ କଲିକତାର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସ୍ତ୍ରୀଲ୍ ଅଗ୍ରଗଣ୍ୟ । ତାର ପାଲିଙ୍କିବାହକ ଲାଲ ରଙ୍ଗର ପୋଷାକ ପିନ୍ଧୁଥିଲେ ଏବଂ ପାର୍ଶ୍ୱଚର ରୁପା ବେଣ୍ଟ ଲଗା ଛଡ଼ି ଧରି ପାଲିଙ୍କି ସହିତ ଚାଲୁଥିଲେ । ରାତିରେ

Digitized by PPRACHIN, SOA

ମଶାଲ୍ ଧରି ପରିଗୃହିକମାନେ ତାର ଗାଡ଼ି ଆଗେ ଆଗେ ଯାଉଥିଲେ । ଖାନସାମା ଓ ଖିଦ୍‌ମତଗାର ତାର ବବୁର୍ଚ୍ଚିଖାନା ଓ ଡାଇନିଂ ରୁମ୍ ଦେଖାଶୁଣା କରୁଥିଲେ । ହୁକାବରଦାର ତାର ଗୁଡ଼ଗୁଡ଼ା ସଜାଡ଼ୁଥିଲା । ଅଫିସରେ ରାଲଫ୍ ଯୋସେଫ୍ ନାମକ ଜଣେ ଆଙ୍ଗ୍ଲୋଇଣ୍ଡିଅନ କିରାଣୀ ଥିଲା । ରାଲ୍‌ଫର ଉପସ୍ଥିତି ଅବଶ୍ୟ ତା ପାଇଁ ସୁଖକର ନ ଥିଲା । ଅଫିସ୍‌ରେ ବିଭିନ୍ନ କାମର ଦାୟିତ୍ୱରେ ଥିଲେ ବଙ୍ଗାଳୀ ସରକାର ଓ ଅନେକ ଚପରାସୀ ପିଆଦା । ସ୍ମିଲ୍ ଏଣ୍ଟ୍ଲେ ପରି ଗୋଟିଏ ବ୍ୟକ୍ତିର ସୁଖ ସୁବିଧା ନିମନ୍ତେ ଅନ୍ତତଃପକ୍ଷେ ତ୍ରିଶ ପଚିଶ ଜଣ ଚାକର ନିଯୁକ୍ତ ଥିଲେ । ଏମାନଙ୍କ ବ୍ୟତୀତ ମାଳି, ଘାସକାଟାଳି, ସଇସ, ଚାବୁକସବାର, ଭିସ୍ତି, ଦରୱାନ ଓ ଚଉକିଦାର ମଧ୍ୟ ଥିଲେ । ତାର ନିଜସ୍ୱ ନୌକାର ନାଉରିଗଣ ମଧ୍ୟ ତାର ଅଧୀନସ୍ଥ ଥିଲେ । ଏଇ ଗ୍ରେଟକାଟିଆ ସାମ୍ରାଜ୍ୟର ଏକମାତ୍ର ନିରଙ୍କୁଶ ଅଧିକାରୀ ଥିଲା କେବଳ ସ୍ମିଲ୍ ଏଣ୍ଟ୍ଲେ । ସେ ଚାହିଁଲେ ଏ ସମସ୍ତଙ୍କୁ ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ନିର୍ଯାତନା ଦେଇପାରୁଥିଲା । ଅଥଚ ଏହି ସ୍ମିଲ୍ କେମ୍ବ୍ରିଜ୍‌ର ଗଳି କନ୍ଦିରେ ବ୍ଲେକଙ୍କଦ୍ୱାରା ପ୍ରଭାବିତ ହୋଇ ଅର୍ଦ୍ଧାହାର ରହି କବିତା ଆବୃତ୍ତି କରୁଥିଲା ।

ସକାଳ ସାତଟାରେ ଦରୱାନ୍ ତାର କୋଠିର ହଲ୍ ଘରର କବାଟ ଖୋଲୁଥିଲା । ସରକାର ଏବଂ ଚପରାସୀ ତାକୁ ପ୍ରାତଃକାଳୀନ ଅଭିବାଦନ ଜଣାଇ କାଗଜପତ୍ର ଦେଉଥିଲେ । ବାରିକ ତାକୁ ଖିଅର କରିବା ପରେ ଉଇଗ୍ ବା ପରଚୁଳା ମୁଣ୍ଡରେ ଦେଇ ଓ ଓ୍ୱେଷ୍ଟ କୋଟ୍ ପିନ୍ଧି ଖାଇବା ଘରକୁ ଆସି ଚାହା ପାନ ପରେ ଗୁଡ଼ଗୁଡ଼ା ଟାଣି ଅଫିସ କାମ ଦେଖୁଥିଲା । ବ୍ୟବସାୟ ସମ୍ପର୍କରେ ଯେତିକି ଲୋକେ ଆସୁଥିଲେ ସେମାନେ କୁର୍ଣ୍ଣିଶ୍ କରି ଯଥାସମ୍ଭବ ଦୂରତ୍ୱ ରଖି ଠିଆହେଉଥିଲେ । ସେମାନଙ୍କୁ ଦେଖି ନ ଦେଖିଲା ପରି ସ୍ମିଲ୍ ଆଦେଶ କରୁଥିଲା । ଦଶଟା ବେଳ ସରିକି ଏ ସମସ୍ତଙ୍କ ସମଭିବ୍ୟାହାରରେ ପାଲିଙ୍କିରେ ବସି ଅଫିସ ଯାଉଥିଲା ଏବଂ ଚାରିଟାରେ ଅଫିସରୁ ଫେରି ସେକାଳର ଫେଶନ ଅନୁଯାୟୀ ସନ୍ଧ୍ୟା ସାତଟା ଆଠଟା ପର୍ଯ୍ୟନ୍ତ ଶୋଇଯାଉଥିଲା । ଏହା ପରେ ପୋଷାକ ପିନ୍ଧି, ନିଜକୁ ଯଥାସମ୍ଭବ ଆକର୍ଷଣୀୟ କରି ଲେଡ଼ିଜଙ୍କ ସହିତ ମିଶିବା ନିମନ୍ତେ ବାହାରିପଡ଼ୁଥିଲା । ରେଶ୍ କୋର୍ସ ଆଡ଼େ ଯାଉଥିଲା କିମ୍ବା ଡିନର୍ ଖାଇବା ପାଇଁ ଅନ୍ୟ ଆଡ଼େ ବାହାରିଯାଉଥିଲା । ବ୍ୟବସାୟରେ ତାର ଲାଭ ଖୁବ୍ ହେଉଥିଲା ଏବଂ ଗଭର୍ଣ୍ଣର ଜେନେରାଲଙ୍କ ସୁନଜରରେ ମଧ୍ୟ ଥିଲା । ଚିରସ୍ଥାୟୀ ବନ୍ଦୋବସ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ତାକୁ କୌଣସି ସହର କିମ୍ବା ଲକ୍ଷ୍ନୌ ରେସିଡେନ୍‌ସିକୁ ପଠାଇ ଦେବାର ଗୁଜବ୍ ଶୁଣାଯାଉଥିଲା । ବଲ୍ ରୁମ୍‌ରେ ନାଚୁ ନାଚୁ ଧନୀ ଓ ଉଚ୍ଚକୂଳ ସମ୍ଭୂତା ଇଂରେଜ କୁମାରୀଗଣ

Digitized by PPRACHIN, SOA

ଭାବୁଥିଲେ—କିଏ ସେହି ସୌଭାଗ୍ୟବତୀ ଯିଏ କି ସ୍ରୀଲ୍ ଏଣ୍ଟ୍ଲେ ପରି ଧନୀ ଓ ରୂପବାନ୍ ଗଳାରେ ବରଣମାଳା ପିନ୍ଧାଇବ।

ଅଥଚ ମିସ୍ ପେମିଲ କିମ୍ବା ମିସ୍ ସ୍ନେହଲତାଙ୍କୁ ବିଭା ନ ହୋଇ ସ୍ରୀଲ୍ ନବାବୀ ଷ୍ଟାଇଲ୍‌ର ଇଂରେଜମାନେ ଯାହା କରୁଥିଲେ ସେହି ପ୍ରକାର ଏକ ସାଧାରଣ କାର୍ଯ୍ୟ କଲା; ଅର୍ଥାତ୍ ସେ ଏକ ନେଟିଭ୍ ସ୍ତ୍ରୀକୁ ନିଜ ଘରେ ସ୍ଥାନ ଦେଇଥିଲା।

ଏହି ଇଂରେଜ ନବାବଗଣଙ୍କୁ ଇଂଲଣ୍ଡରେ ଖୁବ୍ ସମାଲୋଚନା କରାହେଉଥିଲା। ସେଠାର ବୁନିଆଦି ବଂଶ ଏମାନଙ୍କୁ ସେମାନଙ୍କ ଗୋଷ୍ଠୀର ବୋଲି ଭାବୁ ନଥିଲେ। ଅଳ୍ପଦିନ ତଳେ ସେମାନେ ଅତି ସାଧାରଣ ବେପାରୀ କିମ୍ବା ଦୋକାନୀ ହୋଇ ଲଣ୍ଡନରେ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଅଥଚ ସେହିମାନେ ଭାରତ ଆସି ରାତାରାତି ରାଜା ପାଲଟିଗଲେ।

ପାଟନା, ଢାକା, କାଶିମବଜାର, ବାଲେଶ୍ୱର ଓ ହୁଗୁଳିର ବେପାରିବୃନ୍ଦ; ମୁର୍ଶିଦାବାଦ, ଲକ୍ଷ୍ନୌ, ବନାରସ, ଗ୍ୱାଲିଅର ଏବଂ ଦିଲ୍ଲୀ ଦରବାରର କୂଟନୈତିକ ଦୂତଗଣ; ବଙ୍ଗ, ବିହାର ଓ ଓଡ଼ିଶା ଜିଲ୍ଲା ସମୂହର କଲେକ୍ଟରମାନେ ଓ ଅଯୋଧ୍ୟା ସେନା ବିଭାଗର ମୁଖ୍ୟ ସାମରିକ ଅଫିସରଗଣଙ୍କ ସହିତ ସ୍ରୀଲ୍ ଖୁବ୍ ଘନିଷ୍ଠ ଥିଲା। ସ୍ରୀଲ୍ ଏମାନଙ୍କ ନାଡ଼ି ଠିକ୍ ରୂପେ ଚିପିଥିଲା। ପଲାଶୀ ଯୁଦ୍ଧ ପରେ ଲକ୍ଷ୍ମୀ ଭାରତୀୟଙ୍କ ଉପରେ ଅଭିମାନ କରି ଫିରିଙ୍ଗୀଙ୍କୁ ସହାୟ ହେଲେ। ଇଂରେଜଙ୍କ ଉପରେ, ମନେ ହେଉଥିଲା, ଯେପରି ସୌଭାଗ୍ୟ ଅଜାଡ଼ି ହୋଇ ପଡ଼ୁଛି। ମିଲ ବ୍ୟବସାୟୀମାନେ କୋଟିପତି ହୋଇ ସାରିଥିଲେ ଏବଂ ରାଜା ଓ ନବାବଙ୍କ ପରି ଦିନ କଟାଉଥିଲେ। ହିନ୍ଦୁସ୍ଥାନର ନବାବ, ରାଜା ଏବଂ ଉଚ୍ଚବର୍ଗ ଇଂରେଜଗଣ ନିଜ ନିଜ ମଧ୍ୟରେ ବୁଝାମଣା କରି ଏକ ଅତ୍ୟଧିକ ସୁଫସ୍କୃତିର ଧାରା ଆରମ୍ଭ କରିଥିଲେ। ଇଂରେଜମାନେ ଦେଓ୍ୱାନି ଅଧିକାର ପାଇବା ପରେ ବିଲାତର ଅନେକ କମ୍ ବର୍ଷୀୟ ତରୁଣ ସିଭିଲିୟାନ କର୍ମଚାରୀ ଏଠାରେ ନିଯୁକ୍ତି ପାଇଥିଲେ। ଏମାନେ ଜିଲ୍ଲା କଲେକ୍ଟର ହେବାରୁ ସେଠାକାର ଜମିଦାରମାନଙ୍କ ଗହଣରେ ଖୁବ୍ ଫୂର୍ତ୍ତି ଓ ବିଳାସ ବ୍ୟସନରେ ସମୟ କାଟୁଥିଲେ। ପଲାଶୀ ଯୁଦ୍ଧରେ ବିଜୟ ଲାଭ କରି କମ୍ପାନୀ ଭାରତ ଭୂମିରେ ଦୃଢ଼ ଆସନ ଜମାଇଥିଲା। ଏହି କମ୍ପାନୀ ଅଫିସର୍‌ଗଣ ନବାବମାନଙ୍କ ପରି ନିଜ ନିଜ ହାରେମ୍‌ରେ ଦଶ ପନ୍ଦର ଜଣ ଲେଖାଏଁ ଦେଶୀୟ ସ୍ତ୍ରୀ ଲୋକଙ୍କୁ ରଖୁଥିଲେ।

ସ୍ରୀଲ୍ ସୁଜାତା ନାମରେ ଏକ ଯୁବତୀକୁ ନିଜ ଘରେ ରଖି ନବାବ ପଦବାଚ୍ୟ ହୋଇଥିଲା। ଢାକା ନିକଟସ୍ଥ ଗୋଟିଏ ଗ୍ରାମରେ ସୁଜାତାର ଦରିଦ୍ର ପିତା ନିଜର ସାତଗୋଟି ଝିଅଙ୍କୁ ନେଇ ଅର୍ଦ୍ଧାହାର ବା ଅନାହାରରେ ରହୁଥିଲା। ସାତ ଝିଅଙ୍କ

Digitized by PPRACHIN, SOA

ମଧ୍ୟରୁ ତିନିଜଣ ବାଲ୍ୟବିଧବା ଓ ଦୁଇଜଣ ଅବିବାହିତା ଥିଲେ । ସୁଜାତାର ଭାଇ ଶ୍ୟାମଚରଣ ସ୍ତୀଲ୍‌ର ଗୋଦାମରେ ନିଯୁକ୍ତି ପାଇ ଭଉଣୀମାନଙ୍କୁ ନିଜ ପାଖରେ ରଖିଥିଲା । ଦାରିଦ୍ର୍ୟରୁ ରକ୍ଷା ପାଇବା ନିମନ୍ତେ ଶ୍ୟାମଚରଣର ଚିନ୍ତାର ଶେଷ ନଥିଲା । ବେଳେବେଳେ ସେ ଚିନ୍ତା କରୁଥିଲା ଶ୍ରୀରାମପୁର ଯାଇ ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଯିବ । ଏହି ସମୟରେ ସୁନ୍ଦରୀ ସୁଜାତା କାଳୀଘାଟରେ ପୂଜା ଦେବାକୁ ଯିବା ବାଟରେ ଯୁବକ ସ୍ତୀଲର ନଜର ତା ଉପରେ ପଡ଼ିଲା । ଦ୍ୱିତୀୟ ଦିନ ସ୍ତୀଲ ସରକାର ଜରିଆରେ ଶ୍ୟାମଚରଣକୁ ତଲବ ଦେଲା । ଏହା ପରେ ସୁଜାତାକୁ ସ୍ତୀଲ୍‌ର କୋଠିରେ ଛାଡ଼ି ଦିଆଗଲା ଏବଂ ଶ୍ୟାମଚରଣର ପରିବାର କ୍ଷୁଧାର ତାଡ଼ନାରୁ ନିଷ୍କୃତି ପାଇଥିଲେ ।

ସ୍ତୀଲ୍ ସୁଜାତାକୁ ବିବାହ ନ କଲେ ସୁଦ୍ଧା ସୁଜାତା ସନ୍ତୁଷ୍ଟ ଥିଲା । ସେ ଖୁବ୍ ଆରାମରେ ସ୍ତୀଲ କୋଠିରେ ରହି ଚାକରବାକରଙ୍କ ଉପରେ କର୍ତ୍ତୃତ୍ୱ କରୁଥିଲା । ତାର ପରି ବହୁ ସ୍ତ୍ରୀଲୋକ ଇଂରେଜମାନଙ୍କ ଅନ୍ତଃପୁରରେ ରହୁଥିଲେ । ସେମାନଙ୍କ ସନ୍ତାନଗଣଙ୍କୁ ଶିକ୍ଷାଲାଭ ନିମନ୍ତେ ବିଲାତ ପଠାଯାଉଥିଲା ଏବଂ ଏହି ପିଲାମାନଙ୍କ ବାପ ଥିଲା ପର୍ଯ୍ୟନ୍ତ ପରିବାରରେ ସୁଖ ଶାନ୍ତି ପୂର୍ଣ୍ଣ ଥିଲା ।

କିନ୍ତୁ ସ୍ତୀଲ୍ ଜାଣିଥିଲା ଯେ ଯଦି ସେ ହଠାତ୍ ମରିଯାଏ ତେବେ ସୁଜାତା ଓ ତାର ସନ୍ତାନଗଣଙ୍କୁ କଲିକତା କିମ୍ବା ମାନ୍ଦ୍ରାଜର କୌଣସି ଅନାଥାଶ୍ରମରେ ଭର୍ତ୍ତି କରି ଦିଆଯିବ ଓ ବଡ଼ ହେବା ପରେ ଏମାନଙ୍କୁ ଉଚ୍ଚ ପଦର ଚାକିରି ମିଳିବ ନାହିଁ । ରାଲ୍ଫ ପରି ସେମାନେ କେବଳ କିରାଣିଗିରି କରିବେ, ଅଥବା କୌଣସି ରେଜିମେଣ୍ଟରେ ଭର୍ତ୍ତି ହୋଇ ବ୍ୟାଣ୍ଡ ବଜାଇ ମରହଟ୍ଟାଙ୍କ ସହିତ ଲଢ଼ିବା ପାଇଁ ଯିବେ । ତାର ଝିଅ କୌଣସି ଧନୀ ଇଂରେଜ କନ୍ୟାର ଆୟା ହେବ କିମ୍ବା କୌଣସି ସାମରିକ ଅଫିସର୍‌ର ରକ୍ଷିତା ହୋଇ ରହିବ । ୟୁରେସିୟାନ ଜାତିର ସ୍ଥିତି କି ପ୍ରକାର ଦୁର୍ଦ୍ଦାନ୍ତ ସେ ସମ୍ପର୍କରେ ତାର ଭଲଭାବେ ହୃଦ୍‌ବୋଧ ହୋଇଥିଲା । ହଠାତ୍ ତାର ମନଶ୍ଚକ୍ଷୁରେ ମାରିଆ ଟେରେସ୍‌ର ରୂପ ଭାସି ଉଠିଲା । ଏ ସମସ୍ତ ଚିନ୍ତା କରି ସେ ସ୍ଥିର କଲା ଯେ ଏଥର ସେ ମିସ୍ ସିନ୍‌ଥିଆକୁ ବିବାହ କରିବା ଉଚିତ । ଠିକ୍ ଏହି ମୁହୂର୍ତ୍ତରେ ସୁଜାତା ନିଜ କୋମଳ ସ୍ୱରରେ କାହା ଉଦ୍ଦେଶ୍ୟରେ କିଛି କହିବାରୁ ତାର ଚିନ୍ତାଧାରା ବ୍ୟାହତ ହେଲା । ସେ ଉଠି ପାଲିଙ୍କିରେ ବସି ରେସ କୋର୍ସ ଅଭିମୁଖେ ଯାତ୍ରା କଲା । ଗତ କେତେ ଦିନ ଧରି ସେ ବହୁତ ବ୍ୟସ୍ତ ଥିଲା—ସେ ଯେପରି ସମଗ୍ର ବଙ୍ଗଳା ଓ ବିହାରର ସାର୍ବଭୌମ କର୍ତ୍ତା ଥିଲା । ବଙ୍ଗ ଦେଶର ସଡ଼କ ପଥ, ନୌପଥ ତା ପାଇଁ ସର୍ବଦା ଖୋଲା । ଧାଲେଶ୍ୱରୀ, ହରିମଙ୍ଗଳ, କର୍ଣ୍ଣଫୁଲି, ମଧୁମତି ଏବଂ ଶିବବଂଶୁରୀ ପ୍ରଭୃତି ନଦୀର ଉଚ୍ଛଳ ତରଙ୍ଗ କଟାଇ ତା'ର ନୌକା ସବୁ ମାଲ୍ ଆମଦାନୀ ଓ

Digitized by PPRACHIN, SOA

ରପ୍ତାନୀ କରୁଥିଲେ । ମୋଗଲ ଅମଳରେ ଢାକାରେ ଥିବା ନୌକାଘାଟ ବର୍ତ୍ତମାନ ତା'ର ଅଧୀନରେ !

ନଜର ଚୁପାଚେଶ୍ଵ ବସା ବାଡ଼ରେ ବୁଢ଼ା ଅବୁଲ ମନ୍‌ସୁରର ଅଣ୍ଟାକୁ କେଞ୍ଚି ସେ କହିଲା, "ବୁଢ଼ା ! ଶୀଘ୍ର ଆହୁଲ ମାର ନୌକା ଚଳା, ନଚେତ୍ ଗୁରୁକ୍ ମାର ମାର ତୋର ଗୁଲ ଉଡ଼ା'ର ଦେବ ।" ବୁଢ଼ା ନଜର ସମସ୍ତ ଶକ୍ତି ଲଗାଇ ଆହୁଲ ପେଲିଲା । ସ୍ମିଲ୍ ଚୁପ୍‌ଚାପ୍ ବସି ଚିନ୍ତା କଲା—ଏ ଲୋକମାନଙ୍କର ପ୍ରାଣ କେତେ ଟାଣ ! ଏବେ ୧୭୭୦ରେ ବଙ୍ଗଳାରେ କ ଭୟାବହ ଦୁର୍ଭିକ୍ଷ ପଡ଼ିଥିଲା । ନଦୀରେ ଆସିଥିଲା ପ୍ରଳୟଙ୍କରୀ ବନ୍ୟା ଏବଂ ଲୋକଙ୍କ ମଧ୍ୟରେ ବ୍ୟାପି-ଥିଲା ମହାମାରୀ । ଅଥଚ ଏ ଲୋକେ ସେ ସବୁଥିରୁ ରକ୍ଷାପାଇ ବଞ୍ଚି ରହିଛନ୍ତି । ଆଶ୍ଚର୍ଯ୍ୟ କଥା ! ପଶ୍ଚାରେ ସେତେବେଳକୁ ରାତି ୯ଟା । ଆଜି ରାତି ସୁଦ୍ଧା ତାକୁ ଯେ କୌଣସି ପ୍ରକାରେ ରାଜା ଗିରୀଶ ଚନ୍ଦ୍ର ରାୟଙ୍କ ଜମିଦାରୀରେ ପହଞ୍ଚିବାକୁ ହିଁ ହେବ । ଇତିମଧ୍ୟରେ କଲିକତାରେ ନାନା ପ୍ରକାର ରାଜନୈତିକ ପରିବର୍ତ୍ତନ ଘଟିବାର ଥିଲା । ସାର ଜନ ଶୋର ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ କିଏ ନୂଆ ଗଭର୍ଣ୍ଣର ଜେନେରାଲ ହେବେ ? ଏଠାରୁ ଫେର ସେ ଗଭର୍ଣ୍ଣମେଣ୍ଟ ହାଉସରେ ଯାଇ ପହଞ୍ଚିବା ଦରକାର । ପିଟରକୁ ପଚାରିଲା, ଆଜି କେତେ ତାରିଖ । ପିଟର ସେତେବେଳକୁ ଘୁଙ୍ଗୁଡ଼ି ମାରୁଥାଏ । ଲଣ୍ଡନ ଉଠାଇ ଉଇଲିୟମ ହିକିଂଙ୍କ ଦ୍ଵାରା ସମ୍ପାଦିତ ବେଙ୍ଗଲ ଗେଜେଟ ଦେଖିଲା । ଗତକାଲିର ପୁରୁଣା କାଗଜ । ଜୁନ୍ ୮ ତାରିଖ, ୧୭୯୮ । ସ୍ମିଲ ଚମକିପଡ଼ିଲା । ତେବେ ତା'ର ଭାରତ ଆସିବା ପାଞ୍ଚ ବର୍ଷ ବିତିଗଲା ! ଏ ପାଞ୍ଚ ବର୍ଷ ମଧ୍ୟରେ ସେ କଣ ଥିଲା ହୋଇଛି କଣ ! ନୀଳ ବ୍ୟବସାୟରେ ଦିନରେ ଦୁଇଗୁଣ, ରାତିରେ ଚାରି ଗୁଣ ଲାଭ ହୋଇଛି । ଗୁଜରାଟର ଦେଶୀ ନୀଳ ଚାଷ ଲୋପ ପାଇବା ଉପରେ । କମ୍ପାନୀର ଇଂରେଜ ପ୍ଲାଣ୍ଟର୍ସ ଦିଲ୍ଲୀରୁ ବଙ୍ଗଳା ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଛି । ବଙ୍ଗଳାର ଚାଷୀ ଇଂରେଜ ପ୍ଲାଣ୍ଟର୍ସଙ୍କଠାରୁ ଋଣ ନେଇ ନୀଳ ଚାଷ କରୁଛି ଏବଂ ନାନା ପ୍ରକାର ପ୍ରଣାଳୀରେ ତା ଉପରେ ଅତ୍ୟାଚାର ମଧ୍ୟ କରାଯାଉଛି ।

ସାରା ଦିନ ନୀଳ କ୍ଷେତରେ କାମ କରି ପରିଶ୍ରାନ୍ତ ଅବୁଲ ମନ୍‌ସୁର ତାର ମାଲିକ ସ୍ମିଲ ସାହେବକୁ ନୌକାରେ ବସାଇ ନଦୀ ପାର କରାଉଛି । ଚନ୍ଦ୍ରକିରଣ ପଦ୍ମା

Digitized by PPRACHIN, SOA

ଜଳରେ ଅପୂର୍ବ ଛଟା ବିସ୍ତାର କରିଥିଲା ଓ ପବନ ଧୀରେ ଧୀରେ ବହୁଥିଲା । ଦୂରରୁ ବାଲୁଆ ଡାକୁ ଥିଲା—ରାତି ଘନ ହେଉଥିଲା ।

୧୨

ରାଧାଚରଣ କୂଳକୁ ଆସି ଲଣ୍ଠନ ଟେକି ଆଲୁଅ ଦେଖାଇଲା । ଦୂର ଦିଗ୍‌ବଳୟରୁ ଏକ ନୌକା କୂଳ ଆଡ଼କୁ ଆସିଲା ପରି ମନେହେଲା । ଲଣ୍ଠନ ଭୂଇଁରେ ଥୋଇ ସେ ସେଇଠି ବସି ରହିଲା । ନିକଟସ୍ଥ ଚୌପାଠୀରେ ଗ୍ରାମର ବହୁ ଲୋକ ଜମା ହୋଇଥିଲେ । ବାଉଁଶ ବୁଦା ଭିତରେ ରାଧାଚରଣର ଗ୍ରେଟିଆ ଘର ଝିଣ୍ଟିକ ଆଖିରେ ପଡ଼ୁନଥିଲା । ଗୃହଆଡ଼େ ଗଭୀର ନିସ୍ତବ୍ଧତା । କେବଳ ରାଜା ଗିରୀଶ ଚନ୍ଦ୍ର ରାୟଙ୍କ ମହଲରୁ ଭାସିଆସୁଥିବା ହର୍ଷ ଧ୍ୱନି ଏଇ ଅଖଣ୍ଡ ନିସ୍ତବ୍ଧତାକୁ ବ୍ୟାଘାତ କରୁଥିଲା । ପାଟନା, ଲକ୍ଷ୍ନୌରୁ ବାଇଜୀଙ୍କୁ ଅଣା ଯାଇଥିଲା । ରାଜା ସାହେବ ଲାଟ ସାହେବଙ୍କ ଦ୍ୱାରା ସମ୍ମାନିତ ହେବାର ଉତ୍ସବ ମନାଉଥିଲେ । ଏହି ଉତ୍ସବକୁ ଖାସ୍ କଲିକତାରୁ ଇଂରେଜ ସାହେବସୁବାମାନେ ଆସିଥିଲେ । ଚୌପାଠୀ ଏକଦମ୍ ନୀରବ ଥିଲା ।

"କିଛୁ କଥା କୁହ ଭାଇ !" ପ୍ରମୋଦ ଚଳମର ପାଉଁଶ ଝାଡ଼ି ରାଧାଚରଣକୁ କହିଲା । କିନ୍ତୁ ରାଧାଚରଣ କିଛି ନ କହି ଚୁପ୍ ଚାପ୍ ଘାଟ ଆଡ଼କୁ ଅନାଇରହିଲା । ବାଉଁଶ ପତ୍ର ନେଇ ସାଇଁ ସାଇଁ ହୋଇ ପବନର ଶବ୍ଦ ହେଉଥିଲା ।

ଏହିପରି ରାତିରେ କୁଞ୍ଚିତକେଶ ସତ୍ୟପୀର ସତ୍ୟନାରାୟଣ ✻ ଚନ୍ଦନ ଚର୍ଚ୍ଚିତ ହୋଇ, ହାତରେ ବଂଶୀ ଧରି, ଗେରୁଆ ବସ୍ତ୍ର ପିନ୍ଧି, ଅଣ୍ଟାର ଘାଗୁଡ଼ି ଶବ୍ଦ କରି ପଦ୍ମା କୂଳେ କୂଳେ ବୁଲୁଥିବାର ଅନେକେ ଦେଖିଛନ୍ତି ବୋଲି ଜନଶ୍ରୁତି ଅଛି । ରାଧାଚରଣ ଚିନ୍ତା କରୁଥିଲେ, ଯଦି ମୁଁ ସତ୍ୟନାରାୟଣଙ୍କ ଦେଖା ପାଏ ତେବେ ମୁଁ ତାଙ୍କୁ ପଚାରିବି······ତେବେ ସତରେ ମୁଁ ତାଙ୍କୁ କଣ ପଚାରିବି ?

✻ ଗୌଡ଼ ସୁଲତାନ ଆଲାଉଦ୍ଦିନ ହୁସେନସାହଙ୍କ ସୁଫିଦେବତା—ଯାହାଙ୍କୁ ବଙ୍ଗର ମୁସଲମାନମାନେ ସତ୍ୟପୀର ଏବଂ ହିନ୍ଦୁମାନେ ବିଷ୍ଣୁଙ୍କ ଅବତାର ସତ୍ୟନାରାୟଣ ବୋଲି ମାନିଥିଲେ ।

Digitized by PPRACHIN, SOA

ଅନେକଗୁଡ଼ିଏ ଘାଗୁଡ଼ିମାଳର ଶବ୍ଦରେ ସେ ସ୍ଥାନର ନିସ୍ତବ୍ଧତା ହଠାତ୍ ଭାଙ୍ଗିଗଲା । ରାଧାଚରଣ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ତାଙ୍କ ସାମ୍ନାରେ ସତ୍ୟ-ପୀର ସତ୍ୟ ନାରାୟଣ ତ ନୁହନ୍ତି କିନ୍ତୁ ତାଙ୍କର ଭକ୍ତ କେତେଜଣ ସନ୍ନ୍ୟାସୀ ଠିଆ ହୋଇଛନ୍ତି । ବାଉଁଶ ବୁଦା ଅତିକ୍ରମ କରି ସେମାନେ ରାଧାଚରଣଙ୍କ ଘର ଆଗରେ ଠିଆ ହୋଇ ଡାକିଲେ ।

ରାଧାଚରଣ ଅତ୍ୟନ୍ତ ବିବ୍ରତ ଭାବେ ସେମାନଙ୍କୁ ଦେଖୁଥିଲେ । କାରଣ ସତ୍ୟନାରାୟଣଙ୍କ ଭିକ୍ଷୁ ତାଙ୍କ ଦୁଆରେ ଠିଆ ହୋଇଛନ୍ତି—ଅଥଚ ସେମାନଙ୍କୁ ଦେବା ନିମନ୍ତେ ତାଙ୍କ ନିକଟରେ କିଛି ନାହିଁ । କେଉଁ କାଳରୁ ଏହି ଭିକ୍ଷୁକମାନେ ଗୀତ ବୋଲି, ବାଜା ବଜାଇ, ଗ୍ରାମେ ଗ୍ରାମେ ବୁଲୁଛନ୍ତି ଏବଂ ଗ୍ରାମ ଗୃହସ୍ଥର ଘରଣୀ ଏମାନଙ୍କ ଅଞ୍ଜଳିରେ ଭିକ୍ଷା ଦେଇଥାଏ ଓ ଏମାନଙ୍କଠାରୁ ଆଶୀର୍ବାଦ ପାଇ ନିଜକୁ ଧନ୍ୟ ମନେକରିଥାଏ । ଗତବର୍ଷ ସୁଜାତା ଯେତେବେଳେ ଭିକ୍ଷା ଦେବା ପାଇଁ ବାହାରି ଆସିଥିଲା, ତାକୁ ଦେଖି ଏମାନଙ୍କ ମଧ୍ୟରୁ ଜଣେ କହିଥିଲେ, 'ଏ ଝିଅଟି ପଦ୍ମିନୀ ଜାତୀୟା କନ୍ୟା ଏବଂ ସୌଭାଗ୍ୟବତୀ ଅଟେ ।'

ସେମାନଙ୍କ କଥାବାର୍ତ୍ତା ଶୁଣି ସୁଜାତାର ମା ବାହାରକୁ ଆସିଲେ । କିନ୍ତୁ ସେମାନଙ୍କୁ ଦେବା ନିମନ୍ତେ ତାଙ୍କ ଘରେ କିଛି ନଥିଲା । ଏ ସତ୍ୟପୀର, ମାଣିକ ପୀର, ଲକ୍ଷ୍ମୀ, ଚଣ୍ଡୀ ଆଦି ସମସ୍ତ ଦେବଦେବୀଙ୍କ ପ୍ରତି ତାଙ୍କର ଗଭୀର ଅଭିମାନ ହେଲା—ଏ ସମସ୍ତ ଦେବଦେବୀ କେବଳ ପ୍ରବଞ୍ଚନା କରନ୍ତି । ଲୁହ ପୋଛି ନିରୁପାୟ ହୋଇ ସେ ଫକୀର-ମାନଙ୍କୁ ଦେଖିଲେ । ଫକୀରମାନଙ୍କ ମଧ୍ୟରୁ ଜଣେ ପଚାରିଲା, "ସୁଜାତା କାହିଁ ?"

"କଲିକତାରେ । ତାର ବିଭାଘର ହୋଇଯାଇଛି ।" ସୁଜାତାର ମା ଆସ୍ତେ କରି କହିଲା । କାରଣ ଅଭାବ ଯୋଗୁଁ ଯେ ସୁଜାତା ଦାଣ୍ଡକୁ ବାହାରି ଏକ ଫିରିଙ୍ଗୀର ରକ୍ଷିତା ହୋଇଛି ଏକଥା କହିବା ସମ୍ଭବପର ନଥିଲା ।

"କୋଉଁ କଣ କରେ ?"

"କଲିକତାରେ ଗୃହକର୍ମ କରେ ।"

"ଆଚ୍ଛା ! ବହୁତ ଖୁସିର କଥା ।" ଏହା କହି ଆଶୀର୍ବାଦ କରି ସନ୍ନ୍ୟାସୀ ଦଳ ଫେରିଲେ । ଏବେ ସବୁ ଜାଗାରେ, ପ୍ରତ୍ୟେକ ଗ୍ରାମରେ ଦେବା ପାଇଁ କିଛି ଉଦ୍‌ବୃତ୍ତ ନାହିଁ ବୋଲି ଶୁଣି ଶୁଣି ସେମାନେ ଅଭ୍ୟସ୍ତ ହୋଇ ଯାଇଥିଲେ । ଇଷ୍ଟ୍ ଇଣ୍ଡିଆ କମ୍ପାନୀ କର୍ତ୍ତୃକ ଜନପଦ ଜବର ଦଖଲ ହୋଇ ଯିବା ପରେ ୧୭୭୦ ରେ ବଙ୍ଗ ଦେଶରେ ଯେଉଁ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥିଲା ତା' ହେବା ପ୍ରାୟ ୩୦ ବର୍ଷ ବିତି ଯାଇଥିଲା । ସେ ସମୟରେ ଇଂରେଜଙ୍କ ରାଜଧାନୀ କଲିକତା ନଗରୀର ରାସ୍ତା କଡ଼

Digitized by PPRACHIN, SOA

ଷ୍ଟେଭକଲ ଜନତାର ଶବରେ ଭରିଯାଇଥିଲା । ମାତ୍ର ଏବେ ଗାଁଗାଁରେ ଲୋକେ ଅନାହାରରେ ମରୁଛନ୍ତି ।

"ଟିକେ ଅପେକ୍ଷା କର । ମୁଁ ପ୍ରଫୁଲ୍ଲକୁ ହାଟକୁ ପଠାଇଛି । ସେ ବୋଧହୁଏ କିଛି ଜିନଷ ଧରି ଫେରିବ ।" ସୁଜାତାର ମା ଫକୀରମାନଙ୍କୁ ଏ କଥା କହିଲେ । ମାତ୍ର ଫକୀରମାନେ ଅପେକ୍ଷା ନକରି ପୁନର୍ବାର ଆଶୀର୍ବାଦ କରି ଆଗେଇ ଗଲେ । ସୁଜାତାର ମା ତାଙ୍କ ଭଣଜାର ପ୍ରତୀକ୍ଷା କରିବାକୁ ଲାଗିଲେ ।

ଅଥଚ ହାଟରୁ ଫେରି ସିଧା ଘରକୁ ନ ଆସି ପ୍ରଫୁଲ୍ଲ ଗ୍ରାମ ଚୌପାଢୀରେ ଯାଇ ବସିଥିଲା । ସେ ଗତ ତିନି ଦିନ ହେବ ତେଲ ଟିକେ ପାଇବାପାଇଁ ଚେଷ୍ଟା କରିଥିଲା । ତେଲ ଏବେ ସୁନା ମୂଲ୍ୟରେ ବିକ୍ରୀ ହେଉଛି । ଲୁଣ ମଧ୍ୟ ଦୁଷ୍ପ୍ରାପ୍ୟ । ଗୁଡ଼ଲ ତ ସ୍ୱପ୍ନ ! ଗୁଆ ଓ ଧୂଆଁପତ୍ର, ଗୁଡ଼ଲ ଓ ଲୁଣ ଆଦି ସବୁ ଜିନିଷର ବ୍ୟବସାୟ ବର୍ତ୍ତମାନ କମ୍ପାନୀ ବାହାଦୂରଙ୍କ ଅକ୍ତିଆରରେ । ନଦୀମାନଙ୍କରେ କମ୍ପାନୀ ନୌକା ସବୁ ପ୍ରଚୁର ଜିନିଷପତ୍ର ବୋଝାଇ ହୋଇ ଯାଉଛି, ମାତ୍ର ବଜାରରେ ଜିନିଷସବୁ ଆକାଶକୁଆଁ ଦାମ୍ ହୋଇଛି । ଚୌପାଢୀରେ ସାତ ଆଠଜଣ ବ୍ୟକ୍ତି ବସି ଧୀରେ ଧୀରେ ଆଲୋଚନା ଆରମ୍ଭ କଲେ ।

"ମହମୁଦ ଭାଇ, ତୁମେ କଣ ଢାକାରୁ ସିଧା ଆସିଲ ।" ପ୍ରମୋଦ ବସୁ ପଚାରିଲେ ।

"ହଁ, ମୁଁ, ନଜୀର ଓ ଅନ୍ୟମାନେ । ସେଠାରେ ଏବେ ଖାଇବାକୁ ସୁଦ୍ଧା ମିଳୁନି । ସମସ୍ତ ତନ୍ତଶାଳ ଭାଙ୍ଗି ଦିଆଯାଇଛି । ଏବେ ଆମେସବୁ ହଳ କରିବୁ । ତୁମର ଏଠା ରାଜାସାହେବ ଆମକୁ ଜମି ଚାଷ କରିବାକୁ ଦେବେ ତ ?" ମହମୁଦ ତନ୍ତୀ ଏତିକି କହି ତାର ହାତ ସମସ୍ତଙ୍କୁ ଦେଖାଇଲା । ତା' ହାତର ଆଙ୍ଗୁଠିସବୁ କାଟି ନିଆ ଯାଇଥିଲା ।

"କେଜାଣି କଣ ହେଉଛି ?" ଏତିକି କହି ପ୍ରମୋଦ ନିଜ ଚିନ୍ତାରେ ମଗ୍ନ ହୋଇଗଲା । ଏବେ ଗାଁମାନଙ୍କରେ ଦିନକୁ ଦିନ ଲୋକସଂଖ୍ୟା ବଢ଼ିବାରେ ଲାଗିଛି । ଗ୍ରାମର ଚାଷଜମିରେ ଲୋକେ ଘରଦ୍ୱାର ତିଆରି କରି ରହିଲେଣି । ପୃଥିବୀର ସବୁଠାରୁ ବଡ଼ ଶିଳ୍ପପ୍ରଧାନ ଦେଶ ଭାରତବର୍ଷକୁ ଏବେ ଜବରଦସ୍ତି ପୂର୍ଣ୍ଣରୂପେ କୃଷି-ପ୍ରଧାନ ଦେଶ କରିଦିଆଯାଇଛି । ତେଣୁ ଉତ୍ପାଦନ କମ୍, ଲୋକସଂଖ୍ୟା ଅଧିକ ତଥା ପ୍ରତି ବର୍ଷ ଦୁର୍ଭିକ୍ଷର ପ୍ରାଦୁର୍ଭାବ ।

ଠିକ୍ ସେହି ପ୍ରକାରରେ ରାଧାଚରଣ ମଧ୍ୟ ଚିନ୍ତା କରୁଥିଲେ । ଏଇ ଅଞ୍ଚଳ କେତେ କେତେ କଥା ଲୁଚାଇଛନ୍ତି । ମାତ୍ର କର୍ଣ୍ଣୱାଲିସ୍‌ଙ୍କଦ୍ୱାରା ପ୍ରବର୍ତ୍ତିତ ଆଇନ୍ ପୂର୍ବ ପୂର୍ବ ଗ୍ରାମର ଗୃହସ୍ଥମାନଙ୍କ ଅବସ୍ଥା ଭାଙ୍ଗିଦେଲା । ଏହି ସମୟରେ ତିନି ଚାରିଜଣ ଯୁବକ ତାଙ୍କ ପାଖରେ ବସିଗଲେ । "ଭାଇ ! ତୁମ ନବାବଙ୍କ ଅମଳରେ କଣ ଏପରି

Digitized by PPRACHIN, SOA

ସବୁ ଘଟୁଥିଲା ?" ଆଶୁତୋଷ ପଚାରିଲା । "କୋଉ କଥା ?" ରାଧାଚରଣ କହିଲେ, "ଏଇସବୁ ମହରମ, ଦୁର୍ଭିକ୍ଷ, ଦଙ୍ଗା, ଯୁଦ୍ଧ ଅନ୍ଧ ।" ବକ୍ସାର ଯୁଦ୍ଧରେ ଲଢ଼ିଥିବା ଦୁଇଜଣ ଖୁବ୍ ବୃଦ୍ଧ ଚୌପାଠୀରେ ବସି କୌତୂହଳୀ ହୋଇ ଏମାନଙ୍କ ଆଲୋଚନାକୁ ଲକ୍ଷ୍ୟ କରୁଥିଲେ । ଏବେ ଗାଁଗୁଡ଼ିକରେ ପୁରୁଣାକାଳିଆ ବୃଢ଼ାମାନେ ସଂଖ୍ୟାଧିକ ଥିଲେ ଏବଂ ଏମାନେ ନବାବଙ୍କୁ ଝୁରିହେଉଥିଲେ ।

"ଦିନ ଅସୁଛି ଯେତେବେଳେ କି ଆମ ଝିଅ ବୋହୂ ଦାଣ୍ଡକୁ ବାହାରିବେ, ଆମ ପିଲାଏ ରାସ୍ତାରେ ଗଳି କନ୍ଦରେ ଅନାହାରରେ ମରିବେ, ଆମ ବାଦଶାହଙ୍କ ସିଂହାସନ ଟଳିବ । ମହାଭାରତ କଥା କଣ ମିଛ ହେବ ?" ବୃଦ୍ଧ ଧନଗୋପାଳ ମଜୁମ୍ଦାର ଦୀର୍ଘ-ଶ୍ୱାସ ପକାଇ କହିଲେ—

"ଆରେ ରଖ ତୁମ ମହାଭାରତ ! ସବୁବେଳେ କଣ ପୁରୁଣା କଥା କହୁଛ ! କଲିକତା ଚାଲ, ଶ୍ୟାମ ଭାଇ ଯେପରି ଯାଇଛନ୍ତି । ସେଠି ଲାଟସାହେବଙ୍କ ଅଧୀନରେ ଚାକିରି କର । ସିରାଜଙ୍କ ଅମଳ ଗଲାଣି ।" ପ୍ରଫୁଲ୍ଲ ଉତ୍ତେଜିତ ହୋଇ କହିଲା । ସେ ବୁଢ଼ାମାନଙ୍କ ପୁରୁଣା କଥା, ସିରାଜଉଦ୍ଦୌଲାଙ୍କ ଗୁଣ କୀର୍ତ୍ତନ ଶୁଣି ଶୁଣି ବିରକ୍ତ ହୋଇଯାଇଥିଲା । ତାର ଆଦର୍ଶ ଥିଲା ରାଧାଚରଣର ପୁଅ ଶ୍ୟାମାଚରଣ ଯିଏ କି କଲିକତାରେ ସ୍ମିଥ୍ ସାହେବଙ୍କ ଗୋଦାମରେ ଚାକିରି କରୁଥିଲା ।

ପ୍ରଫୁଲ୍ଲର କଥା ଶୁଣି ରାଧାଚରଣ ଚକିତ ହୋଇଗଲେ । ଏ ପ୍ରକାର ମାରୱାଡ଼ି-ମାନଙ୍କ ମନୋବୃତ୍ତି ପ୍ରଫୁଲ୍ଲ କିପରି ପାଇଲା ! ଏମାନେ ମାରୱାଡ଼ିମାନଙ୍କୁ ଘୃଣା କରୁଥିଲେ । ରାଧାଚରଣ ଫାର୍ସୀ ଭାଷାରେ ଦକ୍ଷ ହୋଇ ମୋଗଲ ସରକାରରେ କାମ କରୁଥିଲେ ଏବଂ ବାକି ସମୟ ନିଜ ପୂଜା ଆହ୍ନିକରେ ବିତାଉଥିଲେ । କିନ୍ତୁ ଏବେ କଲିକତାରେ ମାରୱାଡ଼ିମାନଙ୍କ ଏକ ନୂଆ ଶ୍ରେଣୀ ବାହାରି କମ୍ପାନୀଙ୍କ ସହିତ କାରବାର କରି ସ୍ଥାନୀୟ ଜମିଦାର ଓ କମ୍ପାନୀଙ୍କ ମଧ୍ୟରେ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା ତହିଁରେ ଭାଗ ନେଇ ବେଶ୍ ପଇସା ରୋଜଗାର କରୁଥିଲେ । ସେମାନେ ଥିଲେ ବଙ୍ଗ ଦେଶର ନୂତନ ବେପାରୀ ଶ୍ରେଣୀ । ଜମିଦାର ଓ ଚାଷୀ ମଝିରେ ଏ ନୂଆ ପୁଞ୍ଜିପତି ଶ୍ରେଣୀ ଇଂରେଜଙ୍କ ବନ୍ଧୁ ଓ ଡାହାଣ ହାତ ଥିଲେ ।

"ଲାଟସାହେବଙ୍କ ଗୋଲାମୀ ହେଉଁ ! ଆମର ଦିଲ୍ଲୀ ମସନଦର ବାଦଶାହ ଚାହିଁଲେ ଦିନ ଦୁଇଟାରେ ଏ ଲାଟସାହେବଙ୍କ ଲାଟସାହେବଗିରି ଛଡ଼ାଇ ଦେବେ ।" ଧନଗୋପାଳ ତାଚ୍ଛଲ୍ୟ ସହକାରେ କହିଲା ।

"ତୁମ ବାଦଶାହଙ୍କୁ ଅନ୍ଧ କରି ଦିଆ ଯାଇଛି । ଯେମିତି ମୁଲକରୁ ଦେୱାନର ଦାୟିତ୍ୱ କ୍ଲାଇବଙ୍କୁ ଦେଇଥିଲେ ସେମିତି ଫଳ ପାଇଲେ ! ଆଉ ଲାଟସାହେବଙ୍କୁ ସାଧ କଣ

Digitized by PPRACHIN, SOA

କରିବେ ।” ପ୍ରଫୁଲ୍ଲ ଠୋ ଠୋ କରି ହସିଉଠିଲା ।

ବୃଦ୍ଧ ଦୁହେଁ ନୀରବ ହୋଇଗଲେ ।

ରାଧାଚରଣ ବିରକ୍ତ ହୋଇ ପ୍ରଫୁଲ୍ଲକୁ ଅନାଇଲେ । ମାତ୍ର ଏ ଅବସ୍ଥାରେ ପ୍ରଫୁଲ୍ଲକୁ କିଛି ବୁଝାଇବା ନିରର୍ଥକ । ବାଦଶାହ ଦେଓ୍ୱାନି ନିଜେ ନିଜେ ଅର୍ପଣ କରି ନଥିଲେ; କ୍ଲାଇବ ଜୋର୍ କରି ତାହା ଛଡ଼ାଇ ନେଇଥିଲେ । ଏ ଭେଳକିଲା ଦେଶର ତରୁଣଗଣ କିପରି ବା ଆଉ ବିଶ୍ୱାସ କରିବେ ଯେ ଏ ବଙ୍ଗଳାଦେଶ ସବୁଠାରୁ ଅଧିକ ଉତ୍ପାଦନକ୍ଷମ ପ୍ରଦେଶ ଥିଲା । ଏହି ବଙ୍ଗଦେଶକୁ ଭାରତର ସ୍ୱର୍ଗ (ଫିର ଦୌସେ-ହିନ୍ଦ) କୁହାଯାଉଥିଲା । ସେ ସମୟରେ ଏଠାରେ ବିଦେଶୀ ଇଂରେଜଙ୍କ ଆଇନ୍ କାନୁନ୍ ଲାଗୁ ହୋଇ ନଥିଲା । ସେ ସମୟରେ ଏଇ ଦେଶରେ ପ୍ରସ୍ତୁତ ସାମଗ୍ରୀ ଉପରେ କର ଲାଗୁ ନ ଥିଲା । ଏ ସମସ୍ତ ରାଧାଚରଣଙ୍କ ଦେଖାନ୍ତରେ ହୋଇଛି । କିଛି ଦିନ ପୂର୍ବେ ଯେତେବେଳେ ସ୍ଥାୟୀ ବନ୍ଦୋବସ୍ତ ଲାଗୁ କରିବା ସନ୍ଧାନରେ ଢାକାର କଲେକ୍ଟର ଏଠାକୁ ଗସ୍ତରେ ଆସିଥିଲେ ସେତେବେଳେ ରାଧାଚରଣଙ୍କୁ ତାଙ୍କ ଡେରାକୁ ଡାକି କହିଲେ ଯେ ‘ଏ ସମସ୍ତ ଲୋକଙ୍କ ମଙ୍ଗଳ ନିମନ୍ତେ ଇଂରେଜ ସରକାର କରୁଛନ୍ତି । ମୁସଲମାନ ନବାବ-ଗଣଙ୍କ ଅବ୍ୟବସ୍ଥା ଫଳରେ ତୁମେ ସାଧାରଣ ଲୋକେ ବହୁ କ୍ଷତଗ୍ରସ୍ତ ହୋଇଛ ।’

“ସାହେବ, ତୁମେ ମିଥ୍ୟାବାଦୀ ! ଆମ ନବାବ୍‌ମାନେ ଏପରି କିଛି ଅବ୍ୟବସ୍ଥା କରି ନାହାନ୍ତି, ଯେଉଁଥିରେ କି ପ୍ରଜାମାନଙ୍କର ଅମଙ୍ଗଳ ହୋଇଛି । ବଂଶ ପରମ୍ପରାକ୍ରମେ ଆମେ ମୁର୍ଶିଦାବାଦ ସରକାରଙ୍କ ତରଫରୁ ବ୍ୟବସ୍ଥା କରି ଆସିଛୁ । ଆଜି ମୁଁ ଏଇ ବୁଢ଼ୀ ଗଙ୍ଗା କୂଳରେ ଗୋଟିଏ କୁଡ଼ିଆରେ ରହୁଛି । ତା’ ବୋଲି ମୋର ସୁଖ ସୁଦିନରେ ଯେ ମୁଁ ନିଜର ଚେତନା ହରାଇଥିଲି ଏ କଥା ନୁହେଁ । ମୁଁ ବେଶ୍ ବୁଝୁଛି ଯେ ତୁମେ ଯାହା କହୁଛ ତାହା ସମ୍ପୂର୍ଣ୍ଣ ମିଥ୍ୟା । ତୁମେ……” ଏବଂ ଏତିକି କହୁ କହୁ ରାଧାଚରଣ ଯେତେବେଳେ କ୍ରୋଧରେ କମ୍ପୁଥିଲେ ତାଙ୍କୁ କଲେକ୍ଟରଙ୍କ ଚପରାଶୀ ଗଳାଧକ୍କା ଦେଇ ବାହାର କରିଦେଇଥିଲା । ସେଦିନ କଲେକ୍ଟରଙ୍କ ଗହଣରେ ଏକ ଇଂରେଜ ମିଶନାରୀ ମଧ୍ୟ ଉପସ୍ଥିତ ଥିଲେ । ସେ ଭାରତବର୍ଷ ସମ୍ପର୍କରେ ନିଜ ଆଖି ଦେଖା ବୃତ୍ତାନ୍ତ ଅତ୍ୟନ୍ତ ସନ୍ତୋଷ ଭାବରେ ଲେଖିଥିଲେ—“ବଙ୍ଗଦେଶର ହିନ୍ଦୁ ଜନତା ମୁସଲମାନ ନବାବଙ୍କୁ ଶତତଃ ଘୃଣା କରୁଥିଲେ । ମୁସଲମାନମାନେ ହିନ୍ଦୁଙ୍କୁ ହତ୍ୟା କରିବା ନିମନ୍ତେ ବ୍ୟଗ୍ର । ଏ ଦେଶରେ କୌଣସି ଏକତା ନାହିଁ । ବାସ୍ତବରେ ଏହା ଦେଶ ପଦବାଚ୍ୟ ନୁହେଁ ।”

ରାଧାଚରଣ ନଦୀକୂଳ ଘାସ ଉପରେ ଯାଇ ବସିଲେ । ଦୂରରୁ ଆସୁଥିବା ନୌକା କୂଳରେ ଲାଗିଥିଲା । ଏଥିରେ ଜଣେ ଲମ୍ବା ଓ ସବଳ ଇଂରେଜ ଯୁବକ ବସିଥିଲା । ତାର

Digitized by PPRACHIN, SOA

ଉଇଗ୍ (wig)ର ପାଉଡ଼ର ଓ ତଲବାର ଚନ୍ଦ୍ର କିରଣରେ ଚକ୍‌ଚକ୍ କରୁଥାଏ । ମନ୍‌ସୁର ଖାଇ ଧଇଁସଇଁ ହୋଇ ନୌକା ବାହୁଥାଏ ।

ରାଧାଚରଣ ଆଖି ବୁଜିଲେ । ନବାବ ଆଲ୍ଲିବର୍ଦ୍ଦୀ ମରିବା ସମୟରେ ଯୁବକ ସିରାଜଙ୍କୁ କହିଥିଲେ—"ଇଂରେଜମାନେ ବହୁତ ଧୂର୍ତ୍ତ ଓ ଶକ୍ତିଶାଳୀ । ଏମାନେ ବର୍ତ୍ତମାନ ବାଦଶାହ ଓ ତାଙ୍କ ଅଧୀନସ୍ଥ ଅନ୍ୟାନ୍ୟ ରାଜ୍ୟରେ କୂଟ ଓ ଭେଦନୀତି ପ୍ରୟୋଗ କରି ଯଥେଷ୍ଟ ଶକ୍ତି ସଞ୍ଚୟ କଲେଣି । ସେମାନଙ୍କୁ କେବେହେଲେ ନିଜ ଦୁର୍ଗ ଓ ସାମରିକ ଶକ୍ତି ଅର୍ପଣ କରିବ ନାହିଁ, ଅନ୍ୟଥା ସାରା ଦେଶ ତାଙ୍କ ଅଧୀନସ୍ଥ ହୋଇଯିବ ।" ସେ ସମୟରେ ଚବିଶ ବର୍ଷ ବୟସ୍କ ତରୁଣ ସିରାଜ ମୁର୍ଶିଦାବାଦରେ ରହୁଥିଲେ । ତାଙ୍କୁ ଅପମାନିତ କରିବା ନିମନ୍ତେ ଇଂରେଜମାନେ କାଶିମ୍‌ବଜାରର ବ୍ୟବସାୟ ସ୍ଥଳୀରେ ତାଙ୍କ ପ୍ରବେଶ ନିଷେଧ କରିଥିଲେ । ସିରାଜ ପୂର୍ବ ଚୁକ୍ତି ଅନୁସାରେ ସେମାନଙ୍କ ବାଣିଜ୍ୟ ଶୁଳ୍କ ରହିତ କରିଦେଇଥିଲେ । ମାତ୍ର ସ୍ୱୟଂ ନବାବଙ୍କ ଇଲାକାରୁ ଆସୁଥିବା ସାମଗ୍ରୀରେ ଇଂରେଜମାନେ ଜବରଦସ୍ତି ମାସୁଲ ଆଦାୟ କରୁଥିଲେ । କଲିକତାର ପତନ ପରେ ପୁଣି ସିରାଜ୍ ଇଂରେଜଙ୍କ ସହିତ ହୋଇଥିବା ଚୁକ୍ତିପତ୍ରରେ ବିଶ୍ୱାସ କରି ସେମାନଙ୍କୁ କ୍ଷମା କରିଥିଲେ । ରାଧାଚରଣଙ୍କ ପିତା ଏ ସମସ୍ତ ଯୁଦ୍ଧରେ ବରାବର ସିରାଜଙ୍କ ପକ୍ଷ ନେଇଥିଲେ । ଇଂରେଜମାନେ ହୁଗୁଳି ଜିଲ୍ଲାରେ ଅତ୍ୟାଚାର କରିବା ଖବର ପାଇ ସିରାଜ ସେମାନଙ୍କୁ ଲେଖିଲେ—"ତୁମେ ମୋର ପ୍ରଜାଗଣଙ୍କୁ ନିର୍ଯାତିତ କରୁଛ—ଅଥଚ ତୁମେ ନିଜେ ନିଜକୁ ଖ୍ରୀଷ୍ଟାନ୍ ବୋଲି କହୁଛ ? ଯଦି କେବଳ ବ୍ୟବସାୟଗତ ସ୍ୱାର୍ଥ ନେଇ ତୁମେ ସନ୍ତୁଷ୍ଟ ରହିବ, ତେବେ ତୁମେ ଅତୀତରେ କରିଥିବା ଅସଦ୍ ବ୍ୟବହାର ମୁଁ କ୍ଷମା କରିଦେବି, କାରଣ ଯୁଦ୍ଧ ଦ୍ୱାରା କେବଳ ସର୍ବନାଶ ହିଁ ହୋଇଥାଏ । ତୁମେ ମୋ ସହିତ ଶାନ୍ତି ରକ୍ଷାର ଚୁକ୍ତି କରି ମଧ୍ୟ ଗୋଳମାଳ ଆରମ୍ଭ କରିଦେଉଛ । ମରହଟ୍ଟାମାନେ ପବିତ୍ର ବାଇବେଲରେ ବିଶ୍ୱାସ କରନ୍ତି ନାହିଁ, ମାତ୍ର ସେମାନେ ନିଜ ପ୍ରତିଜ୍ଞାରେ ଅଟଳ ରୁହନ୍ତି । ଅଥଚ ତୁମ୍ଭେମାନେ ଭଗବାନ ଓ ଯିଶୁଖ୍ରୀଷ୍ଟଙ୍କ ଦୋହି ଦେଇ ପୁଣି ନିଜ ପ୍ରତିଜ୍ଞାରୁ ଚ୍ୟୁତ ହେଉଛ ।"

ଏହି ପତ୍ରର ଉତ୍ତରରେ ଆଡ଼ମିରାଲ୍ ଓ୍ୱାଟସନ୍ ଲେଖିଲେ, "ମୁଁ ତୁମ ରାଜ୍ୟରେ ଏପରି ନିଆଁ ଜାଳିଦେବି ଯେ ଗଙ୍ଗା ନଦୀର ଜଳ ମଧ୍ୟ ଏହା ଲିଭାଇ ପାରିବ ନାହିଁ । ଏପରି ନିଆଁ ଜଳିବ......"

ହଠାତ୍ ଅସଂଖ୍ୟ ମଶାଲର ଆଲୋକରେ ବୁଢ଼ୀ ଗଙ୍ଗାର ବକ୍ଷ ଆଲୋକିତ ହେଲା । ସାହେବଙ୍କ ନୌକା ଘାଟରେ ଭିଡ଼ିଥିଲା । ସ୍ୱୟଂ ରାଜା ଗିରିଶଚନ୍ଦ୍ର ନିଜ ପାରିଷଦ୍-

Digitized by PPRACHIN, SOA

ଗଣଙ୍କୁ ଧରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଘାଟରେ ଠିଆ ହୋଇଥିଲେ । ରାଧାଚରଣ ବ୍ୟତିବ୍ୟସ୍ତ ହୋଇ ଗୃହର ଦୋଡ଼ିହୋଇ ସେ ସ୍ଥାନରୁ ଉଠି ସନ୍ତର୍ପଣରେ ଘର ଆଡ଼କୁ ମୁହାଁଇଲା ।

୧୩

ପଚିଶ ବର୍ଷ ବିତିଗଲାଣି । ଶିଳ୍ପପ୍ରଧାନ ଢାକା ସହରରେ ଶ୍ମଶାନର ନୀରବତା ବିରାଜୁଛି । ସମଗ୍ର ଦେଶର ଲୁହା କଳର ଭିଟି କେଉଁ ଯୁଗରୁ ଅଣ୍ଡା ହୋଇଯାଇଛି । ହିନ୍ଦୁସ୍ଥାନର କାରିଗର ତନ୍ତୀମାନଙ୍କୁ ଯେପରି ଜୀବନ୍ତ ସମାଧି ଦିଆଯାଇଛି । ଯେଉଁ ମୁର୍ଶିଦାବାଦ ସହର ଦିନେ କ୍ଲାଇବଙ୍କୁ ଲଣ୍ଡନଠାରୁ ମଧ୍ୟ ଅଧିକ ବିଭବଶାଳୀ ଓ ଆକର୍ଷଣୀୟ ମନେ ହୋଇଥିଲା ତାହା ମଧ୍ୟ ଏକଦମ୍ ଶୂନ୍‌ଶାନ୍ । କଲିକତା ଦିନକୁ ଦିନ ବିଭବଶାଳୀ ହେଉଛି । ଏହି କଲିକତା ନଗରୀର ଆଲିପୁର ରୋଡ଼ରେ ସ୍ମିଥ୍ ସାହେବଙ୍କର ସୁରମ୍ୟ ପ୍ରାସାଦ ବିଦ୍ୟମାନ । ପଚାଶ ବର୍ଷୀୟ, ଅନୁଭବୀ, ଜୀବନରେ ସଫଳ ବ୍ୟକ୍ତି, ଜନ୍ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଓ ଅଯୋଧ୍ୟା ନବାବଙ୍କର ଅନ୍ତରଙ୍ଗ ବନ୍ଧୁ ହାଓ୍ୱାର୍ଡ଼ ଏଣ୍ଟ୍ଲେ ତାଙ୍କ ପୋଷା କୁକୁରକୁ ଗେହ୍ଲା କରି ନିଜ ଗାଡ଼ିରେ ବସି ହାଓ୍ୱା ଖାଇବାକୁ ବାହାରିଗଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେ ନିଜ ସ୍ୱାସ୍ଥ୍ୟ ପ୍ରତି ସାବଧାନ ରହୁଥିଲେ । କମ୍ ଖାଇବା ଓ କମ୍ ମଦ ପିଇବା ପାଇଁ ତାଙ୍କୁ କୁହା-ଯାଇଥିଲା । ରୋଜ୍ ସକାଳ ସନ୍ଧ୍ୟାରେ ଖୋଲା ପବନରେ ବୁଲିବା ପାଇଁ ମଧ୍ୟ ନିର୍ଦ୍ଦେଶ ଥିଲା । ଚିକିତ୍ସକଙ୍କ ଏ ପ୍ରକାର ପରାମର୍ଶ ଶୁଣି ମନେ ମନେ ସେ ହସୁଥିଲେ, କାରଣ ମଣିଷ ପଚାଶ ବର୍ଷ ଅତିକ୍ରମ କଲେ, ବିଶେଷ କରି ଧନୀ ମାନୀ ବ୍ୟକ୍ତିମାନଙ୍କୁ, ଚିକିତ୍ସକ-ମାନେ ସର୍ବଦା ଏହିପରି ସତର୍କ କରାଇଥାନ୍ତି । ନିଜର କେତେକ କର୍ମଚାରୀଙ୍କୁ ଆସୁଥିବା ଦେଖି ସେ ସ୍ୱଭାବସୁଲଭ ବଡ଼ସାହେବ ଠାଣିରେ ବସିଲା । ଗଭର୍ଣ୍ଣମେଣ୍ଟ ହାଉସ୍‌ରୁ କୌଣସି ମହତ୍ତ୍ୱପୂର୍ଣ୍ଣ ଚିଠି ନେଇ ଗୋଟିଏ ପତ୍ରବାହକ ଆସିଥିଲା । ତତ୍‌ସଂକ୍ରାନ୍ତ କିଛି ଜରୁରୀ କାଗଜପତ୍ର ନେଇ ତାର କିରାଣି ଲକ୍ଷ୍ନୌ ଯିବାକୁ ଥିଲା । ବଙ୍ଗଳାର ଖବର ସୁବିଧାଜନକ ନଥିଲା । ସ୍ଥାନୀୟ ମୁସଲମାନ ଋଷୀମାନେ ଅଯୋଧ୍ୟାର କେତେକ ନିର୍ଭୀକ ମୌଲବୀଙ୍କ ନେତୃତ୍ୱରେ ମୁଣ୍ଡ ଟେକିଥିଲେ ଏବଂ ଚୁପ୍‌ଚାପ୍ ଆଡ଼େ ଗୋଳମାଳ ଆରମ୍ଭ କରି ଦେଇଥିଲେ । ସେଥିପାଇଁ ଅଯୋଧ୍ୟା ନବାବଙ୍କ ନିକଟକୁ ଏ ସମସ୍ତ କାଗଜ

Digitized by PPRACHIN, SOA

ପନ୍ଦ କରୁଣ ପଠାଇବା ଦରକାର ଥିଲା । ଏହି ବିଦ୍ରୋହୀ ଜନତାକୁ ଦମନ କରିବା ନିମନ୍ତେ ନଦୀୟା ଜିଲ୍ଲା ଯିବା ମଧ୍ୟ ଅତ୍ୟନ୍ତ ଜରୁରୀ ଥିଲା । (ପଲାଶୀର ବିରାଟ ଆମ୍ରତୋଟା, ଯେଉଁଠାରେ କ୍ଲାଇବ ଓ ସିରାଜଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା, ତାହା ନଦୀୟା ଜିଲ୍ଲା ଅନ୍ତର୍ଗତ ଥିଲା ।) ନଦୀୟା ଗଭର୍ଣ୍ଣମେଣ୍ଟ ହାଉସ୍‌ରୁ ଆସିଥିବା ପତ୍ରରେ ଏ ନାମ ଉଲ୍ଲେଖ ଥିବା ଦେଖି ତାର ବହୁ କଥା ମନେପଡ଼ିଗଲା । ନାମ ଏବଂ ଶବ୍ଦ— ଏ କି ପ୍ରକାର ଅସୁବିଧା ରହିଛି ? ପ୍ରତ୍ୟେକ ବିଷୟର କୌଣସି କୌଣସି ଅନ୍ୟ ବିଷୟ ସହିତ ସମ୍ପର୍କ ରହିଥାଏ । ଏ ସମସ୍ତ ପୃଥିବୀ, ଏପରିକି ବିଶ୍ୱ ଯେପରି କୌଣସି କାହାଣୀ ଶୁଣାଇବା ପାଇଁ ବ୍ୟଗ୍ର ରହିଛି—ଅଥଚ ତାର ନିଜ କଥା ସେ କାହାକୁ ଶୁଣାଇବ ?

ଦସ୍ତଖତ କରି ଚିଠି ରଖି ଓ ଗଭର୍ଣ୍ଣମେଣ୍ଟ ହାଉସ୍‌ର ଲୋକକୁ ବିଦା କରି ସେ ପୁନର୍ବାର ଯିବାପାଇଁ ପ୍ରସ୍ତୁତ ହେଲା । ମେଘ ଘୋଟି ଆସିଥାଏ । ଆଗରେ କେତେକ କଳା ମଣିଷ 'ରାମ ନାମ ସତ୍ୟ ହେ' ବୋଲି ଡାକି, ଗୋଟିଏ କୋକେଇ କାନ୍ଧେଇ ଶୀଘ୍ର ଶୀଘ୍ର ପାଦ ପକାଇ ମଶାଣି ଆଡ଼େ ଚାଲିଥାନ୍ତି । ସ୍ମିଥ୍ ହଠାତ୍ ନଇଁପଡ଼ି ଜଣେ ବ୍ୟକ୍ତିକୁ ପଚାରିଲା—

"କାହାର ଶବାଧାର ନେଇ ଯାଉଛ ?"

"ଡାକ୍ତର ରାଧାଚରଣବାବୁଙ୍କର ।"

ସ୍ମିଥ୍ ଚମକି ପଡ଼ିଲା । ତାର ମନେପଡ଼ିଲା ଯେ ଏହି ରାଧାଚରଣବାବୁ ହେଉଛନ୍ତି ସୁଜାତାର ବାପା । କିନ୍ତୁ ସୁଜାତା ବା କିଏ ?

ସଂସାରରେ ଏପରି ଅସଂଖ୍ୟ ରାଧାଚରଣ ଥିବେ···ଏବଂ ସ୍ମିଥ୍ ନିଜେ କେବେ-ହେଲେ ସୁଜାତାର ବାପ ସହିତ ପରିଚିତ ହୋଇ ନଥିଲା । ଶୁଣିଥିଲା ଯେ ସେ ମଝିରେ ମଝିରେ ପୁଅ ଶ୍ୟାମାଚରଣକୁ ଦେଖିବା ନିମନ୍ତେ ଗ୍ରାମରୁ କଲିକତା ଆସୁଥିଲେ ଓ ଖୁବ୍ କଠିନ ନୀତିପରାୟଣ ବ୍ୟକ୍ତି ଥିଲେ ।

ଟୋପି କାଢ଼ି ସେ ରାସ୍ତାର ଗୋଟିଏ କଡ଼ରେ ଠିଆ ହୋଇଗଲା । ଶବବାହକ-ମାନେ ତାର ଏ ପ୍ରକାର ବ୍ୟବହାରରେ ଚକିତ ହୋଇଗଲେ । ଯେଉଁ ବ୍ୟକ୍ତି ଜୀବିତ ବଙ୍ଗାଳୀମାନଙ୍କୁ କୋଡ଼ା ଓ ଲାତ ଛଡ଼ା ଭଲରେ ପଦେ କଥା କୁହେନି, ସେ କିପରି ଓ କାହିଁକି ଏ ମୃତ ବଙ୍ଗାଳୀକୁ ଏତେ ସମ୍ମାନ ଦେଉଛି ?

ବିଚରା ରାଧାଚରଣ ବାବୁ ! କିଛି କ୍ଷଣ ପାଇଁ ବଞ୍ଚି ଉଠି ନିଜର ଏଇ ସୌଭାଗ୍ୟ ତ ଦେଖି ନିଅ ! ଶବବାହକଗଣ ଆଗେଇଗଲେ । 'ରାମ ନାମ ସତ୍ୟ ହେ' ଶବ୍ଦ କ୍ରମଶଃ ମିଳାଇଗଲା । ସଇସ ପଚାରିଲା, "ହଜୁର, କୁଆଡ଼େ ଯିବା ?" ଗାଡ଼ିରେ ବସିପଡ଼ି ସ୍ମିଥ୍ କହିଲା, "ଯୁଆଡ଼େ ହେଉ ଚାଲ୍ ।"

Digitized by PPRACHIN, SOA

ସେ ଜୀବନର ଉତ୍ଥାନ ପତନ ଦେଖିଛୁ, ମୃତ୍ୟୁର କରାଳତା ମଧ୍ୟ ଶୁଣିଛୁ, ସଂସାରର ସବୁ ପ୍ରକାର ଲୀଳା ବିଷୟରେ ତାର ଅଭିଜ୍ଞତା ହୋଇଛୁ । କିନ୍ତୁ ମଣିଷର ଜୀବନ-ମୃତ୍ୟୁ ରହସ୍ୟ ବୁଝିବାରେ ସେ ଅସମର୍ଥ ହୋଇଛୁ । କେନୈକ ଦେଶୀୟ କବିଙ୍କ ଭାଷାରେ — 'ନଦୀ ଗମ୍ଭୀର, ଅନନ୍ତ ଜଳ ରାଶି, ସ୍ରୋତ ପ୍ରବଳ । ଯେଉଁମାନେ ଏଇ ନଦୀ ପାର ହେବାକୁ ଇଚ୍ଛୁକ, ସେମାନେ ପ୍ରଥମେ ନାଉର ସହିତ ଚିହ୍ନା ପରିଚୟ ହୁଅ !' ଅଥଚ ଏ ନାଉରୀର ଦର୍ଶନ ମିଳିବ କେଉଁଠି ଏବଂ ତାକୁ ଭେଟିବା ପାଇଁ ମଣିଷର ଅବସର ବା କାହିଁ ? କିନ୍ତୁ ଅ.ହ୍ମାର ଏ ଆକୁଳତା ଯେପରି ଅନନ୍ତକାଳରୁ ଚାଲି ଆସିଛୁ, କୌଣସି ପ୍ରକାରେ ଏଥିରୁ ମୁକ୍ତି ମିଳୁନି । ଜୀବନ ସହିତ ତାର ଯେତିକି ଆଶା ଓ ଆକାଙ୍କ୍ଷା ଥିଲି ତାଠାରୁ ବହୁତ ବେଶୀ ଅନୁଗ୍ରହ ଜୀବନ ତା ପାଇଁ ଦେଖାଇଛୁ । କିନ୍ତୁ ସେ ନିଜ ତରଫରୁ ଜୀବନକୁ ଦେଇଛୁ ବା କଣ ? ଭୟଭୀତ ହୋଇ ସେ ଚାରି-ଆଡ଼କୁ ଅନାଇଲି । କଲିକତାପରି ସୁନ୍ଦର ସହର, ତାର ଐଶ୍ୱର୍ଯ୍ୟ, ତାର ଲୋକବଳ, ସମସ୍ତେ ତାର ପାଇଁ । କିନ୍ତୁ ମଣିଷପଣିଆ କାହିଁ ? ଛକ ଉପରେ ଥିବା ଏକ ପର୍ତ୍ତୁଗୀଜ୍ ମଦ ଦୋକାନରେ କେତେକ ଇଂରେଜ ଓ ୟୁରୋପୀଆନ ନାବିକ ପାର୍ଟିଭୁକ୍ତ କରୁ-ଥିଲେ । ଭିତରେ କିଏ ବାଦ୍ୟଯନ୍ତ୍ରରେ ଝଙ୍କାର ତୋଳୁଥିଲି । ଇତି ମଧ୍ୟରେ ଜଣେ ସ୍ତ୍ରୀଲୋକ ମୁଣ୍ଡରେ କଳା ନେଟର ରୁମାଲ୍ ବାନ୍ଧି ମଦ ଦୋକାନ ଦ୍ୱାର ଦେଶରେ ପ୍ରତୀକ୍ଷା କରିଥିଲି । ଗାଡ଼ି ସେହିଠାରେ ଠିଆ କରାଇ ସ୍ତ୍ରୀଲ୍ ଓହ୍ଲାଇପଡ଼ି ସେ ସ୍ତ୍ରୀ ଲୋକ ପାଖକୁ ଗଲି । ସେତେବେଳେ ସେ କଳ୍ପନା କରି ପାରିଲିନି ଯେ ତା ପରି ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଏପରି ଏକ ତୃତୀୟ ଶ୍ରେଣୀ ମଦ ଦୋକାନରେ ପଶିଲେ ଲୋକେ କଣ କହିବେ ··· ?

କାଉଣ୍ଟରରେ ବସିଥିବା ୟୁରୋପୀଆନ ମାଲିକ ସ୍ତ୍ରୀଲ୍‌କୁ ଦେଖି ବ୍ୟତିବ୍ୟସ୍ତ ହୋଇ ଧାଇଁଆସିଲି । ସ୍ତ୍ରୀଲ୍‌ର ମନେହେଲି ସାରା ସଂସାରର ମଦ ଦୋକାନ କାଉଣ୍ଟରରେ ଚୁପ୍‌ଚାପ୍ ବସିଥିବା ମାଲିକମାନେ କେତେ ରହସ୍ୟମୟ ମନେହୁଅନ୍ତି !! ନୀରବ ରହିବା ଯେପରି ଏମାନଙ୍କର ମଜ୍ଜାଗତ ଅଭ୍ୟାସ । ଲମ୍ପଟ, ଚୋର, ଡାକୁ, ବଦମାସ୍ ଓ ବେଶ୍ୟାମାନଙ୍କର ଏଇଟା ହେଲି ଏକ ବିଶିଷ୍ଟ ତଥା ନିରପେକ୍ଷ ସଂସାର ।

ଏହି ସମୟରେ ସେଇ ସ୍ତ୍ରୀ ଲୋକଟି ଖୁବ୍ ପାଟିକରି କଣ କହି କହି ଦୁମ୍ ଦୁମ୍ ହୋଇ କାଠ ସିଡ଼ିରୁ ତଳକୁ ଓହ୍ଲାଇ ଆସୁଥିଲି । ଦୁଇଜଣ ଇଂରେଜ ନାବିକଙ୍କ ସହିତ ଦୁଇଟି ଖୁବ୍ ସୁନ୍ଦରୀ ଝିଅ କଥା କହି କହି ମଦ ଦୋକାନରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଝିଅକୁ ଦେଖି ସ୍ତ୍ରୀଲ୍ ଚମକି ପଡ଼ିଲି । ପୂର୍ବୋକ୍ତ ସ୍ତ୍ରୀ ଲୋକଟି ତା ସାମ୍ନାକୁ ଚାଲିଆସି ତାକୁ କହିଲି, "କୁଆଡ଼େ ଯିବ ତୁମେ ସ୍ତ୍ରୀଲ୍ ସାହେବ ?

Digitized by PPRACHIN, SOA

ଯିବା ପୂର୍ବରୁ ଅନ୍ତତଃ ନିଜ ଝିଅ ସହିତ ପରିଚିତ ହୋଇ ଯାଅ ! ତୁମେ ପରା କଥା ଦେଇଥିଲ ମତେ କଲିକତା ଡକାଇ ନେବ ବୋଲି ? ମୁଁ ଗତ ପଚିଶ ବର୍ଷ ଧରି ତୁମର ପ୍ରତୀକ୍ଷା କରିଛି । ସେ ଯେତେବେଳେ ମାତ୍ର ଚାରି ବର୍ଷର ଥିଲା ତାକୁ କୋଳରେ ଧରି ମାନ୍ଦ୍ରାଜରୁ ଏଠାକୁ ଚାଲିଆସିଲି । ମାତ୍ର ତୁମ ଦରୱାନ୍ ଏପର୍ଯ୍ୟନ୍ତ ମଧ୍ୟ ତୁମ କୋଠିରେ ପଶିବା ପାଇଁ ମତେ ବାଟ ଛାଡ଼ିଲା ନାହିଁ । ମୁଁ ଆଉ କଣ କରନ୍ତି ! ତୁମେ ମଧ୍ୟ ମୋର କୌଣସି ଚିଠିର ଉତ୍ତର ଦେଲ ନାହିଁ । ତୁମେ ଜାଣିବାକୁ ଚାହିଁଥିଲ ଯେ ଆମ୍ଭମାନଙ୍କ ଜୀବନ କେତେ କୃପଣ । ଏବେ ନିଜ ଆଖିରେ ଦେଖିଲ ତ ? ସ୍ମିଲ୍ ସାହେବ, ବର୍ତ୍ତମାନ ତୁମେ ବଙ୍ଗଳା ସରକାରଙ୍କର ଖୁବ୍ ନାମୀ ଓ ପ୍ରଭାବଶାଳୀ କର୍ମଚାରୀ । ମୋ ପାଇଁ କିଛି ଟଙ୍କାର ବ୍ୟବସ୍ଥା କରିଦିଅ । ଶୁଣିଛି ଯେ ଦେଶୀୟ ସ୍ତ୍ରୀ ଲୋକଙ୍କ ପ୍ରତି ତୁମର ବହୁତ ବେଶୀ ଅନୁଗ୍ରହ । ମୁଁ ତ ଏକ ପ୍ରକାର ତୁମ ଜାତି ଓ ଧର୍ମର ଅନ୍ତର୍ଗତ ।"

ସ୍ମିଲ୍ ସେତେବେଳକୁ ଝାଳରେ ଗାଧୋଇ ସାରିଥାଏ । ତାର ହୃତ୍‌ପିଣ୍ଡ କିସ୍ଥା ହଠାତ୍ ବନ୍ଦ ହୋଇଗଲା ପରି ମନେହେଉଥାଏ । ଏହି ସମୟରେ ଆଗ ରାସ୍ତାରେ ଗୋଟିଏ ଘୋଡ଼ାଗାଡ଼ିରେ 'କଲିକତା କ୍ରନିକାଲ୍' ନାମକ ଏକ ସମ୍ବାଦ ପତ୍ରର କେତେକ ସାମ୍ବାଦିକ ବସି ଯାଉଥିଲେ । ସେମାନଙ୍କୁ ଦେଖି ସ୍ମିଲ୍ ଆହୁରି ଅଧିକ ବିବ୍ରତ ହୋଇପଡ଼ିଲା । ତାର ଚେହେରା ଦେଖି ତା' ବିଶ୍ୱସ୍ତ ଭୃତ୍ୟ ତା ପାଖକୁ ଆସି କହିଲା—"ହଜୁର୍, ଆପଣ ଅସୁସ୍ଥ ଜଣା ଯାଉଛନ୍ତି । ଆସନ୍ତୁ ଫେରିଯିବା ।"

ମାରିଆ ଟେରେସା ତାର ପ୍ରସ୍ଥାନୋଦ୍ୟତ ମୂର୍ତ୍ତିକୁ ପଛରୁ କିଛି ସମୟ ଚାହିଁବା ପରେ ଭିତରକୁ ଚାଲିଗଲା ।

"ହଜୁର୍, କଣ ଘରକୁ ଯିବେ ?" ସଇସ ପଚାରିଲା ।

ଘର ? ତାର ଘର କାହିଁ ? "ନାଇଁ ବଗିଚା ଘରକୁ ଚାଲ ।" ସେ ବିରକ୍ତ ହୋଇ କହିଲା ।

ବଗିଚା ଘରେ ପହଞ୍ଚି ସେ ଏସବୁ ବିଷୟ ଗମ୍ଭୀରଭାବେ ଚିନ୍ତା କରିପାରିବ ।

ଗାଡ଼ି ଆଗେଇଲା ।

"ଜଲ୍‌ଦି, ଆହୁରି ଜଲ୍‌ଦି ଚଲ ।" ସେ ସଇସ ଉପରେ ବିରକ୍ତ ହୋଇ କହିଲା । ଜୀବନର ସମସ୍ତ ଛବି ଗୋଟିକ ପରେ ଗୋଟିଏ ତା ଆଖି ଆଗରେ ଭାସି ଉଠୁଥିଲା ! ଏହି ଜୀବନ ନାନା ପ୍ରକାର ରଙ୍ଗୀନ ଫାନୁସର ଚିତ୍ର ହୋଇ ତା ଆଗରେ ନାଚୁଥିଲା । ଏବେ ଏହି ଚିତ୍ର ଦେଖି ସେ ଡରୁଛି । ଗଭର୍ଣ୍ଣମେଣ୍ଟ ହାଉସର ସହଯୋଗୀ, ସାଥୀ, ଫୋର୍ଟ ଉଇଲିୟମ୍ କଲେଜର ମୁନ୍‌ସୀ, ଗଦ୍ୟ ଲେଖକ ଏସିଆଟିକ୍ ସୋସାଇଟିର

Digitized by PPRACHIN, SOA

ବିଦ୍ୱାନ୍ ବ୍ୟକ୍ତି, ଅଯୋଧ୍ୟାର କବି ଓ କଳାକାର, ଏପରିକି ଚମ୍ପାବାଈ ମଧ୍ୟ—ଏ ସମସ୍ତେ ଯେଉଁମାନେ ତା'ର ଜୀବନ ସହିତ ଜଡ଼ିତ ସେମାନେ ମଧ୍ୟ ତାର ଆତ୍ମାର ଏ ହାହାକାରକୁ ବନ୍ଦ କରି ପାରିବେ ନାହିଁ ।

ତା ଆତ୍ମାର ଏ ହାହାକାର କଣ ନାରୀଘଟିତ ? ଆଦୌ ନୁହେଁ ! ନାରୀଘଟିତ ବ୍ୟାପାରରେ ସେ ଜମା ବ୍ୟସ୍ତ ହୋଇନାହିଁ । ସଫଳ ଓ ସୁରକ୍ଷିତ ମଣିଷଙ୍କ ଜୀବନ ପାଇଁ ଏକପ୍ରକାର ସ୍ୱତନ୍ତ୍ର ଖାଦ୍ୟ ଦରକାର ହୋଇଥାଏ ଏବଂ ସେଇ ବିଶେଷ ଖାଦ୍ୟ ହେଲା କୋମଳାଙ୍ଗୀ ନାରୀ । ସେଇମାନଙ୍କ ପ୍ରେମ, ଅନ୍ତରଙ୍ଗତା, ଗୃହସ୍ଥ ଜୀବନର ନିତିଦିନିଆଁ ହସ କାନ୍ଦ—ଏ ସମସ୍ତ ବିଷୟରେ ନାରୀ ବୋଲି ଲେବଲ୍ ବା ଚିହ୍ନ ରହିଥାଏ । ସ୍ନିଲ୍ ଏଣ୍ଡ୍ରେ, ଯିଏ କି କବିର ଦୃଷ୍ଟିକୋଣ ନେଇ ପ୍ରଥମ ଜୀବନରେ ଏ ସଂସାରକୁ ଦେଖିଥିଲି, ସେ ଏବେ କବି ପରିବର୍ତ୍ତେ ଏକ ସଫଳ ବ୍ୟବସାୟୀ ବ୍ୟକ୍ତିରେ ପରିଣତ ହୋଇଛି । ସେ କାହାକୁ ଅନ୍ତର ସହିତ ଭଲ ପାଇ ପାରି ନ ଥିଲା—ଏହାହିଁ ଥିଲା ତାର ଆତ୍ମାର ଆର୍ତ୍ତ ହାହାକାର । ଏ ଦେଶକୁ ଆସି ପର୍ଯ୍ୟାପ୍ତ ଧନ ସମ୍ପତ୍ତି ରୋଜଗାର, ଜୀବନର ବିଭିନ୍ନ ଅବସ୍ଥାରେ ବିଭିନ୍ନ ନାରୀଙ୍କ ପ୍ରେମ, ସବୁକିଛି କେବଳ ସ୍ୱାର୍ଥପର ପରି ସ୍ନିଲ ଉପଭୋଗ କରିଥିଲା, ମାତ୍ର ପ୍ରତିଦାନରେ ହୃଦଆତ୍ମା କିଛି ଦେଇ ନଥିଲା—ଏହାହିଁ ସବୁଠାରୁ ବଡ଼ ଦୁର୍ଭାଗ୍ୟ । ତା ସମୟରେ ଧର୍ମଭାବର ଜୋର୍ ଥିଲେ ଅବା ସେ ଈଶ୍ୱରଙ୍କୁ ଭରସା କରିଥାନ୍ତା । କିନ୍ତୁ ପୃଥିବୀର ଲୋକେ ଦିନକୁ ଦିନ ଈଶ୍ୱର ବିଶ୍ୱାସରୁ ଦୂରେଇ ଯାଇ ବୁଦ୍ଧିବାଦ, ବିଜ୍ଞାନ ଏବଂ ଭୌତିକତା ଆଡ଼କୁ ମାଡ଼ିଗୁଲିଥିଲେ । 'ବ୍ୟାଙ୍କ୍ ଅଫ୍ ଇଂଲଣ୍ଡ' 'ଚର୍ଚ୍ଚ ଅଫ୍ ଇଂଲଣ୍ଡ'ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା । ଅଧିକ ଧନ, ଅଧିକ ବ୍ୟବସାୟ, ଶାସନ କ୍ଷମତା ଏବଂ ଅଧିକ ଉନ୍ନତି ଓ ଅଧିକାର—ଏହାହିଁ ମୋଟ ଉପରେ ଜୀବନର ଅର୍ଥ ଥିଲା ।

ବଗିଗୃହରେ ପହଞ୍ଚି ସେ ଗତ ସପ୍ତାହର ଡାକ ଦେଖିଲା । କିଛିକ୍ଷଣ ଶୋଇ ରହିଲା । ତୁରନ୍ତ୍ ଟାଣି ଅଫିସ ଯିବା ଲାଗି ପ୍ରସ୍ତୁତ ହେଲା । ହୃଦୟରେ ନିଃସଙ୍ଗତା ରହିଥିଲେ ମଧ୍ୟ କର୍ତ୍ତବ୍ୟ, ନ୍ୟାୟ, ଆଇନ୍‌ର ବେତ୍ର ମଧ୍ୟ ପ୍ରବଳ ଭାବେ ବ୍ୟକ୍ତିଗତ ଦୁଃଖକୁ ଘୋଡ଼ାଇପକାଇଥିଲା । ନଦିଆ ଜିଲ୍ଲାକୁ ଯାଇ ବିଦ୍ରୋହୀ କୃଷୀଙ୍କୁ ଦମନ କରିବା କର୍ତ୍ତବ୍ୟ ତାର ମୁଖ୍ୟ ବିଷୟ ଥିଲା । ହୃଦୟର ନିଃସଙ୍ଗତା······ଓଃ ······ କିନ୍ତୁ ଲକ୍ଷ୍ନୌର ବାଈଜୀଙ୍କ ଗହଣରେ ସବୁ ଦୁଃଖ ପାସୋରି ଦେବାପାଇଁ ଯେପରି ଆଖିଠାର ମାରୁଥିଲା ।

କୋଟ ପିନ୍ଧି, ଗାଡ଼ିରେ ବସି ସେ ଚୌରଙ୍ଗୀସ୍ଥ ନିଜ ଅଫିସ ଅଭିମୁଖେ ଗଲା ।

Digitized by PPRACHIN, SOA

ତରୁଣ ବଙ୍ଗାଳୀ କିରାଣି ଜଣକ ମୁଣ୍ଡ ଟେକି ଅନାଇଲା । ଏ ପର୍ଯ୍ୟନ୍ତ ଫାଇଲ ଗଦାରେ ସେ ଡୁବି ରହିଥିଲା । କୁଞ୍ଚୁକୁଞ୍ଚିଆ କେଶ ତାର କପାଳ ଉପରେ ଇତସ୍ତତଃ ପଡ଼ିଥିଲା । ବାଦାମୀ କାଗଜରେ ଲେଖା ସବୁ ଟେବୁଲ ଉପରେ ସ୍ତୂପୀକୃତ ହୋଇ-ଥିଲା । ବାହାର ବାରଣ୍ଡାରେ ଓଡ଼ିଆ ପଙ୍ଖାଟଣାଳୀ ଘୂମାଉ ଘୂମାଉ ପଙ୍ଖା ଟାଣି ଦେଉଥାଏ । ସ୍ମିଥ୍‌ଙ୍କୁ ଅଫିସରେ ଦେଖି ସେ ଧଡ଼ପଡ଼ ହୋଇ ଉଠି ସିଧା ବସି ଜୋର୍‌ରେ ପଙ୍ଖା ଟାଣିଲା ।

"ଗୁଡ୍ ଆଫ୍‌ଟର୍ ନୁନ୍ ସାର୍ !" ଯୁବକ କିରାଣି ଚଉକିରୁ ଉଠି ବିନୟପୂର୍ବକ କହିଲା ।

"ଗୁଡ୍ ଅଫ୍‌ଟର୍‌ନୁନ୍—ତୁମ ନାଁ କଣ ?"

"ଗୌତମ ନୀଳାମ୍ବର ଦତ୍ତ ।"

"ମୁଁ ତ ଆଗ ପୂର୍ବରୁ ତୁମକୁ ଦେଖିନାହିଁ !"

"ମୁଁ ମାତ୍ର ଗତକାଲ ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ୍‌ଙ୍କ ଅଫିସରୁ ଏଠାକୁ ବଦଳି ହୋଇ ଆସିଛି ।"

"କେବେଠାରୁ କାମ କରୁଛ ? ବହୁତ କମ୍ ବର୍ଷ ବୟସ୍କ ପରି ଦିଶୁଛ ?" ସ୍ମିଥ୍ କୌତୂହଳୀ ହୋଇ ପଚାରିଲା । ସ୍ମିଥ୍‌ର ଦେଶୀୟ ଲୋକଙ୍କ ସହିତ ଏ ପ୍ରକାର ବନ୍ଧୁତାପୂର୍ଣ୍ଣ ବ୍ୟବହାର କର୍ଣ୍ଣୱାଲିସ୍ ନାପସନ୍ଦ କରୁଥିଲେ । ଯେବେଠାରୁ କମ୍ପାନୀକୁ ରାଜନୈତିକ ମହତ୍ତ୍ୱ ଦିଆଯାଇଥିଲା କର୍ଣ୍ଣୱାଲିସ ମଧ୍ୟ ନିଜ ନୀତି ପରିବର୍ତ୍ତନ କରିଥିଲେ । ଏବେ ଭାରତବର୍ଷରେ ଇଂରେଜମାନେ ଶାସକ ଏବଂ ଭାରତବାସୀ ଶାସିତ । ତେଣୁ କୌଣସି ପ୍ରକାରେ ଏହି ନେଟିଭମାନଙ୍କ ସହିତ ଇଂରେଜମାନେ ସମାନବ୍ଧଳ ପରି କଥାବାର୍ତ୍ତା କରିବା ସଂପୂର୍ଣ୍ଣ ନୀତିବିରୁଦ୍ଧ କଥା । ହେଷ୍ଟିଂସ୍‌ଙ୍କ ଅମଳ ଅଲଗା ପ୍ରକାର ଥିଲା । କିନ୍ତୁ ସ୍ମିଥ୍ ସ୍ୱୟଂ ଓଲ୍‌ଡ୍ୱୁଲର ନବାବଶ୍ରେଣୀଭୁକ୍ତ ଥିଲା । ଅଯୋଧ୍ୟା ରେସିଡେନ୍‌ସୀରେ ଅଧିକ କାଳ ରହିବା ଫଳରେ ତା ଉପରେ ଭାରତୀୟ ପ୍ରଭାବ ବେଶୀ ପଡ଼ିଥିଲା । ହଠାତ୍ ତାର କର୍ଣ୍ଣୱାଲିସ୍‌ଙ୍କ କଥା ମନେ ପଡ଼ିଗଲା । ବିଚରା ଗାଜିପୁରରେ ପହଞ୍ଚିବା ମାତ୍ରେ ହଇଜାର ଶିକାର ହେଲେ । ଏବେ ତ ତାଙ୍କ ଅସ୍ଥି ମଧ୍ୟ ମାଟିରେ ମିଳାଇବାକୁ ଆରମ୍ଭ କରିବଣି ! ହଠାତ୍ ମୃତ୍ୟୁ କଥା ଚିନ୍ତା କରିବାରୁ ତା'ର ମୃତ୍ୟୁ ଭୟ ଆସିଗଲା । ଟିକେ ସମୟ ଆଖି ମୁଦି ପୁନର୍ବାର ସେ ବଙ୍ଗାଳୀ କିରାଣିକୁ ପଚାରିଲା, "ତୁମେ କେଉଁଠି ପଢ଼ାପଢ଼ି କରିଛ ?"

Digitized by PPRACHIN, SOA

"ବନାରସର ସଂସ୍କୃତ କଲେଜ ଏବଂ କଲିକତାରୁ ଏଫ୍: ଏ: ପାଶ କରିଛି। ଏବେ ବି: ଏ: ପଢ଼ିବାପାଇଁ ଇଚ୍ଛା ଅଛି।"

"ବଡ଼ ଆନନ୍ଦର କଥା!" ସ୍ମିଥ ସନ୍ତୁଷ୍ଟ ହୋଇ କହିଲା। "ଅଫିସ ସମୟ ପରେ ମୋ ସହିତ ଦେଖା କରିବ।" ଏତିକି କହି ସେ ନିଜ ଖାସ୍ କାମେରାରେ ପ୍ରବେଶ କଲା।

କିଛି ଦିନ ପରେ ସ୍ମିଥ୍ ସାହେବ ନୀଳାମ୍ବର ଦତ୍ତଙ୍କୁ ନିଜ ଅଫିସ୍‌କୁ ଡକାଇ ପଠାଇଲେ। କନ୍‌ଫରେନ୍‌ସ ଟେବୁଲ ଚାରିପଟେ ସ୍ମିଥ୍ ସାହେବ ଓ ଆଉ ଚାରିଜଣ ସାହେବ ବସିଥାନ୍ତି। "ଗସ୍ତରେ ଯିବାକୁ ପସନ୍ଦ କର ?" ସ୍ମିଥ୍ ନୀଳାମ୍ବରଙ୍କୁ ପଚାରିଲେ।

"ହଁ।"

"ଅଯୋଧ୍ୟା ନବାବଙ୍କ ରାଜ୍ୟକୁ କେବେ ଯାଇଛ ?"

"ମୁଁ ବନାରସର ଆଗକୁ ଆଉ କୁଆଡ଼େ ଯାଇ ନାହିଁ।"

କେତେକ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ କାଗଜ ଲକ୍ଷ୍ନୌ ରେସିଡେନ୍‌ସୀକୁ ପଠାଇବାର ଅଛି। ତୁମ ସହିତ ସଶସ୍ତ୍ର ପ୍ରହରୀ ଯିବେ। ମୁଁ କାଲିଗୁଡ଼ିକ ଗସ୍ତରେ ବ୍ୟସ୍ତ ରହିବାରୁ ନିଜେ ଯାଇ ପାରୁନି। ତୁମେ ବର୍ତ୍ତମାନ ଘରକୁ ଯାଇ ଜିନିଷପତ୍ର ବନ୍ଧାବନ୍ଧି କର। ଅଖିଳେଶବାବୁଙ୍କୁ କହି ତୁମ ପାଇଁ ଜାହାଜରେ କେବିନ୍ ବନ୍ଦୋବସ୍ତ କରାଇ ଦିଅ।" ସ୍ମିଥ୍ ସାହେବ ଆଦେଶ କଲେ।

"ୟେସ୍ ସାର୍! ଥାଙ୍କ୍ ୟୁ ସାର୍!" ଏତିକି କହି ନୀଳାମ୍ବର ନିଜ ରୁମକୁ ଫେରିଆସିଲା।

ଅନ୍ୟ ସାହେବମାନେ କୌତୂହଳୀ ହୋଇ ସ୍ମିଥକୁ ଦେଖୁଥିଲେ। ପ୍ରୌଢ଼ ସ୍ମିଥର ଆଶ୍ଚର୍ଯ୍ୟ କ୍ଷମତା। ଦେଶୀୟ ଲୋକଙ୍କ ସହିତ ଅତ୍ୟଧିକ କଠୋର ବ୍ୟବହାର କରେ, ପୁଣି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ମଧ୍ୟ। ଏହି ବଙ୍ଗାଳୀ ତରୁଣ, ଯାହାକୁ ସେ ଏଇ ଅଳ୍ପକ୍ଷଣ ହେଲା ଆଦେଶ ଦେଇଛି, ତା ସହିତ ବଙ୍ଗଳା କବିତା ନେଇ ଆଲୋଚନା ମଧ୍ୟ କରି ପାରେ!

Digitized by PPRACHIN, SOA

କଲିକତାରୁ ବନାରସ ଯାଉଥିବା ଜାହାଜ ଏ ପର୍ଯ୍ୟନ୍ତ ନଙ୍ଗର ଉଠାଇ ନଥାଏ । ବର୍ଷା ଋତୁରେ ଗଙ୍ଗା ମୁଙ୍ଗେର ଓ ପାଟନା ପର୍ଯ୍ୟନ୍ତ ଦୁଇକୂଳ ଖାଉଥାଏ । ଗୌତମ ନୀଳାମ୍ବର ନିଜ ଜିନିଷପତ୍ର ଠିକ୍ କରି ବର୍ଷା ଛାଡ଼ିବା ଯାଏ ଅପେକ୍ଷା କରିଥାଏ। ମାଣିକତାଲରେ ଏକ ଗ୍ରେଟ ଘରେ ସେ ଏକୁଟିଆ ରହୁଥାଏ । ତାର ବାପ, ମା, ଭାଇ ସମସ୍ତେ ରାଜଶାହି ଜିଲାରେ ଗୃହବାସ କରି ରହୁଥାନ୍ତି । ସନ୍ଧ୍ୟା ହୋଇଯାଇଥାଏ । ରାସ୍ତାଘାଟ ପାଣିରେ ବୁଡ଼ିଯାଇଥାଏ ଏବଂ ପବନ ବନ୍ଦ ହୋଇଯାଇଥାଏ । ନିଜ ଘର ପିଣ୍ଡାରେ ମସିଣା ପକାଇ ଲଣ୍ଠନର ସ୍ୱଳ୍ପାଲୋକରେ ଏକ ମୋଟା ଇଂରେଜୀ ପୁସ୍ତକ ଅଭିଧାନ ସାହାଯ୍ୟରେ ପଢ଼ି ବୁଝିବାରେ ସେ ମଗ୍ନ ଥିଲା । ପାଦ ଶବ୍ଦ ଶୁଣି ମୁହଁ ଟେକି ସେ ଅନାଇ ଦେଖିଲା ତା ଆଗରେ ବୃଳଶବର୍ଷ ବୟସ୍କା ଏକ ନାରୀ ମୂର୍ତ୍ତି ଠିଆ ହୋଇଛି । ଶୀଘ୍ର ନମସ୍କାର କରି ସେ ପଚାରିଲା—"କିଆ କଣ ? ତୁମେ କାହାକୁ ଚାହୁଁଛ?"

"ତୁମକୁ—ତୁମେ ପରା ସ୍ମିଲ୍ ସାହେବଙ୍କ କିରାଣୀ ?"

"ହଁ !"

"ମୁଁ—ମୁଁ ହେଉଛୁ ସ୍ମିଲ୍ ସାହେବଙ୍କ ପତ୍ନୀ ସୁଜାତା !"

"ଓହୋ"—ନୀଳାମ୍ବରର ମନେପଡ଼ିଗଲା । ଅଫିସ୍‌ରେ ଯେପରି କିଏ ତାକୁ କହିଥିଲା ସ୍ମିଲ୍ ସାହେବଙ୍କ ଅନ୍ତଃପୁରରେ ବହୁଦିନରୁ ଏକ ହିନ୍ଦୁ ସ୍ତ୍ରୀ ବାସ କରୁଛି । ଏବେ କିଛି ଦିନ ହେବ ସେ ତାକୁ ବାହାର କରିଦେଇଛନ୍ତି ।

"ତୁମେ ତ ଲକ୍ଷ୍ନୌ ଯାଉଛ—ମୋର ଗୋଟିଏ କାମ କରିଦେଇ ପାରିବ ? ସାହେବ ତ ତୁମକୁ ବହୁତ ଭଲ ପାଆନ୍ତି !"

"ଆଚ୍ଛା !"

"ତୁମେ ଚମ୍ପାବାଈର ନାଁ ଶୁଣିଛ ?"

"ଚମ୍ପାବାଈ ? ସେ କିଏ ?"

"ଲକ୍ଷ୍ନୌର ପ୍ରସିଦ୍ଧ ବାଇଜୀ ! ······ସାହେବ ଯେବେ ଲକ୍ଷ୍ନୌ ଯାଆନ୍ତି ତା ପିଛା ହଜାର ହଜାର ଟଙ୍କା ଖର୍ଚ୍ଚ କରନ୍ତି । ମତେ ତ ଏବେ ଆଉ ପଚାରୁ ନାହାନ୍ତି । ସଂସାରରେ ମୋର ନିଜର ହୋଇ ଆଉ କେହି ନାହାନ୍ତି । ବୁଢ଼ା ବାପା ଥିଲେ—ସେ ବି ମୃତ । ଭାଉଜ ତ ସବୁବେଳେ ଖୁଣ୍ଟା ଦେଉଛି, "ଯା ତୋ ଫିରଙ୍ଗି ବର ପାଖକୁ ।" ମୋର ଗୋଟିଏ ଝିଅ ଅଛି । ଦଶବର୍ଷର ହେଲା ବେଳକୁ ସାହେବ ତାକୁ ତାଙ୍କ ଭଉଣୀଙ୍କ ପାଖକୁ ବିଲାତ ପଠାଇ ଦେଲେ । ବିଲାତରୁ ଫେରି ଆସିବା ପରେ ସେ ମତେ ଆଉ ଚିହ୍ନୁନି । ଏ ଦେଶର ଦେଶୀୟ ସ୍ତ୍ରୀ ଲୋକର କନ୍ୟା ବୋଲି ଲୋକଙ୍କୁ

Digitized by PPRACHIN, SOA

କହିବା ଲଗି ତାକୁ ଲଜ୍ଜା ଲାଗୁଛି ।” ଏକଥା କହୁ କହୁ ସୁଜାତା କାନ୍ଦିପକାଇଲା ।

ଏପରି ପରିସ୍ଥିତିରେ ଗୌତମ ମିଲ୍‌ଟନ୍‌ର କଣ କହିବ କିଛି ବୁଝି ପାରିଲା ନାହିଁ । ସ୍ମିଲ୍ ସାହେବଙ୍କର ଯେ ଗୋଟିଏ ଝିଅ ଅଛି, ସେ କଥା ମଧ୍ୟ ସେ ଜାଣି ନଥିଲା ।

“ତୁମ ଝିଅର ନାଁ କଣ ?”

“ମାର୍ଗାରେଟ୍ ଅଜାବେଲ—କିନ୍ତୁ ମୁଁ ତାକୁ ‘ବେଲ’ ବୋଲି ଡାକେ ।”

“ତୁମେ କଣ ଖ୍ରୀଷ୍ଟାନ୍ ହୋଇଯାଇଛ ?”

“ନାଁ, ତେବେ ବେଲ ଖ୍ରୀଷ୍ଟାନ ହୋଇଯାଇଛି ଏବଂ ମୋ ଧର୍ମକୁ ନିନ୍ଦା କରୁଛି । ତୁମେ ଚମ୍ପାକୁ କହିବ ଯେ ସେ ସାହେବଙ୍କୁ ତା କବଳରୁ ମୁକ୍ତି ଦେବ । ତୁମେ ଲକ୍ଷ୍ନୌରୁ ଫେରି ମୋ ସହିତ ଦେଖା କରିବ ଏବଂ ଚମ୍ପା କଣ କହିଲା ମତେ କହିବ ।”

“ମୁଁ ତୁମକୁ ସବୁ ଖବର ଆଣି ଦେବି ।” ଏତକ କହି ତାକୁ ଛାଡ଼ିବା ନିମନ୍ତେ ରାସ୍ତା ପର୍ଯ୍ୟନ୍ତ ଆସି ପଚାରିଲା, “ତୁମ ପାଲିଙ୍କି କାହିଁ ?”

“ତୁମେ ବ୍ୟସ୍ତ ହୁଅ ନାହିଁ, ମୁଁ ଚାଲିକରି ଆସିଥିଲି ।” ଏତକ କହି ଦ୍ରୁତ ପଦରେ ସେ ଗଳିରେ ଅଦୃଶ୍ୟ ହୋଇଗଲା ।

୧୫

ଲକ୍ଷ୍ନୌ ଘଣ୍ଟାଘରେ ଦିନ ଏକ ପ୍ରହରର ସୂଚନା ଦିଆଯାଇଥିଲା । ବଜାର ଓ ରାସ୍ତାରେ ଲୋକ ଚଳାଚଳ ଓ ଗହଳି ଆସ୍ତେ ଆସ୍ତେ ବଢ଼ୁଥିଲା । ଧନୀ ଓ ପ୍ରତିପତ୍ତି-ଶାଳୀ ବ୍ୟକ୍ତିଙ୍କ ପ୍ରାସାଦ ସବୁ ସଫା ହେଉଥାଏ । ରାସ୍ତା କଡ଼ରେ ପାନ ଓ ଅନ୍ୟାନ୍ୟ ଦୋକାନ ସଜା ସରିଥାଏ । ମଇଦାନରେ ସାମରିକ ବାହିନୀ ମାର୍ଚ୍ଚ-ପାଷ୍ଟ ଆରମ୍ଭ କରିଦେଇଥାନ୍ତି । ନବାବ୍ ଓ ରାଜାମାନଙ୍କ ମହଲର ସିଂହଦ୍ୱାରରେ ପ୍ରହରୀଗଣ ପହରା ଦେଉଥାନ୍ତି । ପାଖ ଜଙ୍ଗଲରୁ ପକ୍ଷୀଗଣ ନାନା ସ୍ୱରରେ ବୋବାଉଥାନ୍ତି । ଗୋମତୀ ନଦୀରେ ନୌକା ସବୁ ବନ୍ଧା ହୋଇଥାଏ । ଶ୍ରାବଣ ମାସର ସବୁଜ ଗଛ ପତ୍ରର ପ୍ରତିବିମ୍ବ ଗୋମତୀରେ ପଡ଼ି ପାଣିର ରଙ୍ଗ ମଧ୍ୟ ସବୁଜ ମନେ ହେଉଥାଏ । ହୟାତ୍ କୋଠି, ଛତ୍ରୀ କୋଠି, ଖୁରସିଦ୍ ମଞ୍ଜିଲ୍ ପ୍ରଭୃତି ସବୁ ସ୍ଥାନରେ ମେଘ ଘୋଟି ଆସିଥାଏ । ବଗିଚାର କୁଞ୍ଜମାନଙ୍କରେ ଦୋଳି ବନ୍ଧା ହୋଇଥାଏ । ଲକ୍ଷ୍ନୌ ଯେପରି ଶ୍ରାବଣ ମାସ ମନାଇବା ନିମନ୍ତେ ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇସାରିଥାଏ ।

Digitized by PPRACHIN, SOA

ଦ୍ୱିପ୍ରହରକୁ କାରଖାନା ଅଫିସରେ କାମ କରୁଥିବା କର୍ମଚାରୀଗଣ ଖାଇବା ପାଇଁ ବାହାରିଲେ । ବଡ଼ଲୋକଙ୍କ ବେଗମ୍‌ମାନେ ପଶା ଖେଳର ଆସର ଜମାଇଲେ । ପରିଚାରିକାଗଣ ପାନ ବଟୁଆ ଧରି ପାନ ସଜାଡ଼ିଲେ । ଝିଅମାନେ ନିଜ ନିଜ ଓଢ଼ଣୀ ରଙ୍ଗାଇବା ତଥା ଫୁଲ ପଜାଇବାରେ ବ୍ୟସ୍ତ ରହିଥାନ୍ତି ।

ବେଳ ବୁଡ଼ିବା ବେଳକୁ ସାମାନ୍ୟ ବର୍ଷା ଟୁପ୍ ଟାପ୍ ଆରମ୍ଭ ହୋଇଥାଏ । ସନ୍ଧ୍ୟାର ସୁବାସିତ ପବନ ମନ ମୋହି ଦେଉଥାଏ । ଲକ୍ଷ୍ନୌ ସହର ବିଭିନ୍ନ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇ ନାନା ପ୍ରକାର ସୁଗନ୍ଧରେ ଭରି ଉଠିଥାଏ । ଅଳ୍ପ ବର୍ଷା ଫଳରେ ମାଟିର ସୁଗନ୍ଧ, ବଣିକଙ୍କ ଦୋକାନର ସୁଗନ୍ଧ, କନୌଜର ମଲ୍ଲୀ ଓ କୌନପୁରୀ ଗୋଲାପର ସୁଗନ୍ଧ, ମନ୍ଦିରରୁ ଆସୁଥିବା ଧୂପ ଗନ୍ଧ ଏବଂ ରାଜାରାଜୁଡ଼ାଙ୍କ ମହଲର ଅତର ଗନ୍ଧ—ଏ ସମସ୍ତ ସୁଗନ୍ଧ ମିଶି ସାରା ବାୟୁମଣ୍ଡଳକୁ ଆମୋଦିତ କରୁଥାଏ । ବାଈଜୀଙ୍କ ଗଳିର ବନ୍ଦ ଝରକା ସବୁ ଖୋଲିଗଲା ଏବଂ ନାନାପ୍ରକାର ସୁମଧୁର ସଙ୍ଗୀତର ଝଙ୍କାର ସହିତ ବାଦ୍ୟ ଯନ୍ତ୍ରର ଶବ୍ଦ ମିଶି ଅପୂର୍ବ ସ୍ୱର ଲହରୀ ଖେଳି ଉଠିଲା । ଜଳଖିଆ ଦୋକାନରେ ବିଭିନ୍ନ ପ୍ରକାର ଜଳଖିଆ ତିଆରି ହେଉଥାଏ ।

ଯେଉଁ ଦୁଇଦିନ ଭାଗ୍ୟରେ ଅଛି ମଜା କରିନିଅ । ଯା ପରେ ତୁମ ଭାଗ୍ୟ ଲିପି କଣ ହେବ କିଏ କହିବ ? ବହୁ ଦୂରରେ ଭଗବାନ ଚୁପ୍‌ଚାପ୍ ବସି ଏ ଲୀଳା କରୁଛନ୍ତି । କୌଣସି ସମୟରେ ସେ ଏ ପ୍ରକାର ତାମସା ନ କରିବାପାଇଁ ଇଚ୍ଛା କରିପାରନ୍ତି । ହେ ମନୁଷ୍ୟ, ତୁ ବର୍ତ୍ତମାନ ଏକ ଅଦୃଶ୍ୟ ବୁଢ଼ିଆଣୀ ଜାଲରେ ଅଟକି ରହିଛୁ । ଏ ଜାଲ ଅଦୃଶ୍ୟ ଥିବାରୁ ବୁଢ଼ିଆଣୀ କିଏ ତା ମଧ୍ୟ ତୋର ଅଜ୍ଞାତ ।

ଏ ଯେଉଁ ଲୋକେ ଚାଲିଛନ୍ତି ସେମାନେ ଭାବୁଛନ୍ତି ବଞ୍ଚିବାର ସାଧନ କେବଳ ସେମାନଙ୍କୁ ହିଁ ଜଣା । ଏମାନଙ୍କର ପୂରାମାତ୍ରାରେ ଅହଙ୍କାର ରହିଛି, କାରଣ ଏମାନେ ମନେକରନ୍ତି ଯେ ଏମାନେ ଏକ ବଡ଼ ଧରଣର ସଭ୍ୟତା ଓ ସଂସ୍କୃତିର ପ୍ରତିନିଧି ଅଟନ୍ତି । ଅଷ୍ଟାଦଶ ଶତାବ୍ଦୀର ଫ୍ରାନ୍‌ସ ପରି ଏମାନେ ବଞ୍ଚିବାର କଳାକୁ ଚରମ ସୀମାରେ ନେଇ ଥୋଇଛନ୍ତି— ନାମ, ଯଶ, ରୂପର ବଡ଼ ଅହଙ୍କାର କରନ୍ତି । ସୁଜାଉଦ୍ଦୌଲା, ବହୁ ବେଗମ, ବେନୀ ବାହାଦୁର, ଟିକେନ ରାଏ ଏବଂ ଅଯୋଧ୍ୟାର ସମସ୍ତ ଅଧିବାସୀ କେବେହେଲେ ନିଜେ ଦୁଃଖ ପାଉ ନ ଥିଲେ କିମ୍ବା ଅନ୍ୟକୁ ଦୁଃଖ ଦେଉ ନଥିଲେ । ହଜାର ବର୍ଷ ପୂର୍ବରୁ ସେମାନେ ଏହା ପ୍ରକାରେ ଏଇ ଘାଘରା ଓ ଗୋମତୀ ନଦୀ କୂଳରେ ରହି ଆସିଛନ୍ତି । ରାମଚନ୍ଦ୍ରଙ୍କ ସମୟରେ ମଧ୍ୟ ଏହି ପ୍ରକାର ଲୋକ ଥିଲେ । ସୁଜାଉଦ୍ଦୌଲା ସମୟରେ ମଧ୍ୟ ସେଇଆ—ଏଇ ଋଷୀ ଏବଂ ଯୋଗୀ । ନଦୀ କୂଳରେ ଯେଉଁ ସନ୍ନ୍ୟାସୀ ଧୂନୀ ଜଳାଇ ନିଜ ଚେଲାଙ୍କୁ ଧରି ବସିଛି ସେ

Digitized by PPRACHIN, SOA

ସୁଜାଉଦ୍ଦୌଲାଙ୍କ ସମୟରେ ଏହି ଚେଲଗଣ ନେଇ ଇଂରେଜଙ୍କ ବିରୁଦ୍ଧରେ ଲଢ଼ାଇ କରିଥିଲି । ଏହି ଶାନ୍ତିପ୍ରିୟ ଗୃହୀମାନେ ମଧ୍ୟ ନିଜ ରାଜ୍ୟ ପାଇଁ ମରହଟ୍ଟାଙ୍କ ସହିତ ଜୀବନମୂର୍ଚ୍ଛା ଲଢ଼ିଛନ୍ତି । ଅଳ୍ପରେ ସନ୍ତୁଷ୍ଟ ରହିବା ଏହି ଗାଈ ଜଗାଳୀ ଗଉଡ଼ ଲୋକେ ଇଂରେଜମାନଙ୍କୁ ହଟାଇବା ନିମନ୍ତେ ଅନ୍ତିମାବାଦ ପର୍ଯ୍ୟନ୍ତ ଧାଇଁଥିଲେ ।

ଏହି ଇଂରେଜମାନେ ସୁଜାଉଦ୍ଦୌଲାଙ୍କ ହାମରଜ ଶକ୍ତିରେ ଖୀତ ହୋଇ ସନ୍ଧି କରିଥିଲେ ଏବଂ ୩୫୦୦୦ରୁ ଅଧିକ ସୈନ୍ୟ ରଖିବେ ନାହିଁ ବୋଲି ଚୁକ୍ତି କରିଥିଲେ, ଅଥଚ ପ୍ରତ୍ୟେକ ଥର ପରି ଏଥର ମଧ୍ୟ ନିଜେ କରିଥିବା ଚୁକ୍ତିକୁ ଭଙ୍ଗ କରିଥିଲେ । ଯେତେବେଳେ ଫୈଜାବାଦରେ ସୁଜାଉଦ୍ଦୌଲାଙ୍କ ମୃତ୍ୟୁ ହେଲ, ଯିଏ କି ମହାଦୋଜୀ ସିନ୍ଧିଆଙ୍କ ସମକକ୍ଷ ଥିଲେ—ତାଙ୍କ ମନରେ ଗ୍ଲାନି ରହିଗଲା ଯେ ସେ ଇଂରେଜମାନଙ୍କୁ ତାଙ୍କ ରାଜ୍ୟରୁ ତଡ଼ି ପାରିଲେ ନାହିଁ । ସୁଜାଉଦ୍ଦୌଲାଙ୍କ ନାମ ବିଖ୍ୟାତ ହେବା ପୂର୍ବରୁ ଅର୍ଦ୍ଧପ୍ରସ୍ଫୁଟିତ ଫୁଲ ବୃନ୍ତଚ୍ୟୁତ ହେବା ପରି ଲୋପ ପାଇଗଲା । କାହାଣୀ ଶୁଣାଉଥିବା କଥାକାର ଯେପରି ସ୍ୱୟଂ କାହାଣୀରେ ପରିଣତ ହୁଏ, ସୁଜାଉଦ୍ଦୌଲାଙ୍କ ମୃତ୍ୟୁରେ ଠିକ୍ ସେଇଆ ହେଲା ।

ଲକ୍ଷ୍ନୌ ପକ୍ଷୀମାନଙ୍କ ସହର ସଦୃଶ ଝଲ୍‌ମଲ୍ ହେଉଥାଏ । ଏ ଜଣାଶୁଣା ଗଳି, ରାସ୍ତା, ସାଇ, ବଜାର, ବଗିଚା, ଖେତ, ବିଲ—ସମସ୍ତ ଶ୍ରୀପୂର୍ଣ୍ଣ । ଏ ଦୁର୍ଗର ନାମ ମଚ୍ଛି ଭବନ । ଏଠାରେ ମଥାଲି ଖାଁଙ୍କର ଚଟି ଘର ଅଛି । ଆସିଫଉଦ୍ଦୌଲାଙ୍କ ସୁହୃଦ ମିତ୍ର, ରାଜା ଝାଉଲାଲଙ୍କ ଭଆରି ପୋଲ ଏଠାରେ ଅଛି । ସେଇ ଆସିଫଉଦ୍ଦୌଲା ଯାହାଙ୍କ ନାମ ପ୍ରତିଦିନ ସକାଳୁ ହିନ୍ଦୁଗଣ ମଧ୍ୟ ପରମ ଶ୍ରଦ୍ଧାରେ ସ୍ମରଣ କରିଥାନ୍ତି ।

ଏହି ଲକ୍ଷ୍ନୌ ସହର ଅଯୋଧ୍ୟା ଓ ବନାରସର ପୁରାତନ ସଙ୍ଗୀତର ସଂରକ୍ଷକ ଅଟେ । ଏଠାର ଭୈରବୀ ସମଗ୍ର ରାଜ୍ୟରେ ପ୍ରସିଦ୍ଧ । ବ୍ରଜର ରାସଧାରୀ ଏଠାରେ ରାସଉତ୍ସବ କରିଥାନ୍ତି । ବ୍ରାହ୍ମଣ ନର୍ତ୍ତକ ଘୁଙ୍ଗୁର ବାନ୍ଧି ନାଚେ—କିନ୍ତୁ ଏହି ଘୁଙ୍ଗୁର ଶବ୍ଦରୁ ମୃତ୍ୟୁର ଶବ୍ଦ ମଧ୍ୟ ଭାସି ଆସେ । ଗତ ୭୦।୮୦ ବର୍ଷ ହେଲା ଏହିପ୍ରକାର ନାଟକର ପୁନରାବୃତ୍ତି ଫୈଜାବାଦ ଓ ଲକ୍ଷ୍ନୌରେ ହୋଇଛି । ଏହି ନାଟକର ଅଭିନେତାଙ୍କୁ ବାହାରେ ବିଶେଷ କେହି ଚିହ୍ନି ପାରିବେ ନାହିଁ । ଏ ସମସ୍ତଙ୍କୁ ନେଇ ଅଯୋଧ୍ୟା ବାସୀଗଣ ଏକ ସ୍ୱତନ୍ତ୍ର ଦୁନିଆ ରଚନା କରିଥିଲେ । ଏଠାର ସମସ୍ତ ଧନୀ, ଦରିଦ୍ର, ସ୍ତ୍ରୀ, ପୁରୁଷ, ଜମିଦାର, ନବାବ, ବେଗମ୍, ଦାସଦାସୀ—ଏ ସମସ୍ତଙ୍କର ଏକପ୍ରକାର ହସ କାନ୍ଦର, ଗୀତବାଦ୍ୟର ଓ ଯୁଦ୍ଧ ବିଗ୍ରହର ଦୁନିଆ ଥିଲା । ପୌରୁଷ ଥିଲା ଏମାନଙ୍କର ଧ୍ୱଜା ଏବଂ ପ୍ରତିଜ୍ଞା ପାଳନ ନିମନ୍ତେ ଏମାନେ ପ୍ରାଣ ମଧ୍ୟ ଦେଉଥିଲେ । କୃତଜ୍ଞତା, ସଚ୍ଚୋଟପଣିଆ ଏବଂ ସରଳତା ହିଁ ଏମାନଙ୍କର ବିଶେଷ ଗୁଣ ଥିଲା । ତତ୍‌ସହିତ

Digitized by PPRACHIN, SOA

ସାମନ୍ତବାଦୀ ସମାଜର ବଦ୍‌ଗୁଣ ସବୁ ଖୁନ୍ଦି ହୋଇ ରହିଥିଲ । ଏମାନେ ଥିଲେ ଚନ୍ତାଶୀଳ, କଥକ ନୃତ୍ୟବଦ୍, ବିଭିନ୍ନ ସୂକ୍ଷ୍ମ ବାଦ୍ୟବଦ୍, ନୈଷ୍ଟିକ ବ୍ରାହ୍ମଣ, କବି, ମୌଲବି, କାୟସ୍ଥ, ସୈନକ, ରସିକ, ଭକ୍ତ, ବହୁରୂପୀ, ବିଦ୍ୱାନ୍, କଳାକାର ଆଦ ସବୁ ପ୍ରକାରର ଲୋକ । ବୀରରସ ସହିତ ଶୃଙ୍ଗାର ରସ ମଧ୍ୟ ଏକ ସାଙ୍ଗରେ ପ୍ରବାହିତ ହେଉଥାଏ । ଏହାହିଁ ଥିଲ ଅସଲ ଅଯୋଧ୍ୟାବାସୀଙ୍କ ତତ୍‌କାଳୀନ ସାମାଜିକ ଜୀବନ ।

ଲକ୍ଷ୍ନୌଠାରୁ ସତୁରି ମାଇଲ ଦୂରରେ ଅବସ୍ଥିତ ଥିଲ ଫୈଜାବାଦ—ଯାହାକି ରାମଚନ୍ଦ୍ରଙ୍କ ଅଯୋଧ୍ୟା ନଗରୀ ଥିଲ । ସୁଜାଉଦ୍ଦୌଲ୍ଲା ଏହାକୁ ଦିଲ୍ଲୀ ଭଳି ଉଆର କରାଇଥିଲେ । ଏଠାର ଗୋଲପ ବଗିଚା, ଘାଘରା ନଦୀର ଘାଟ ଏବଂ ମୋଗଲ-ଦୁର୍ଗୀୟ ମସଜିଦ୍ ପ୍ରସିଦ୍ଧ ଥିଲ । ବର୍ତ୍ତମାନ ଦିଲ୍ଲୀରେ ଦୁର୍ବଳ ମୋଗଲ ସମ୍ରାଟ ଅଛନ୍ତି । ସେମାନଙ୍କର ମୁଣ୍ଡ ଗୁଞ୍ଜିବାକୁ ସୁଦ୍ଧା ଥାନ ନାହିଁ । କି କାଳ ହେଲ ?···

ଏଠାର ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ବିଭେଦ ନଥିଲ, କାରଣ ହିନ୍ଦୁ ଜାଗିରଦାର ଓ ମୁସଲମାନ ନବାବ ପରସ୍ପର ସହିତ ସ୍ନେହ ଓ ସୌହାର୍ଦ୍ଦ୍ୟର ରଜ୍ଜୁରେ ଦୃଢ଼ ଭାବେ ବନ୍ଧା ଥିଲେ । ଏଣୁ ଏମାନଙ୍କ ହିନ୍ଦୁ ଓ ମୁସଲମାନ ପ୍ରଜାବୃନ୍ଦ ମଧ୍ୟ ଏକ ହୋଇ ରହୁଥିଲେ ।

ଧର୍ମ ନେଇ ବିଭେଦ ଯଦି ଉପୁଜୁଥିଲ ତେବେ ତାହା ସେଇ ପ୍ରଜାଙ୍କର ବ୍ୟକ୍ତିଗତ ମାମଲ ରୂପେ ଉପସ୍ଥାପିତ ହେଉଥିଲ । ମହରମ ଶୋକ ଦିବସ ରୂପେ ପାଳନ କରାଯାଉଥିଲ ଏବଂ ମସ୍‌ଜିଦ୍ ସାମନାରେ ବାଜା ବାଜିବା ନିଷେଧ ହୋଇଥିଲ । ହିନ୍ଦୁଗଣ ତାଜିଆ ଶୋଭାଯାତ୍ରାରେ ଯାଉଥିଲେ ଏବଂ ମୁସଲମାନମାନେ ସେମାନଙ୍କ ଆଗ୍ରହରେ ଦୀପାବଳି ଉତ୍ସବ ପାଳୁଥିଲେ । ନବାବ ବହୁ ବେଗମ ପ୍ରତ୍ୟେକ ବର୍ଷ ହୋଲି ଉତ୍ସବ ପାଳନ କରିବା ନିମନ୍ତେ ଫୈଜାବାଦରୁ ଲକ୍ଷ୍ନୌ ଆସୁଥିଲେ । ସାରା ରାଜ୍ୟର ଅସଂଖ୍ୟ ହିନ୍ଦୁ ରାଜା ମସଜିଦ୍ ଓ ଇମାମବାଡ଼ା ମଧ୍ୟ ତିଆରି କରିଥିଲେ, ଅଥଚ ସ୍ଲିମ୍ୟାନ୍ ଏଣ୍ଟେଙ୍କ ଧର୍ମଯାଜକ-ମିତ୍ର ବିଶପ ହେବର୍ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଉଲ୍ଲେଖ କରିଥିଲେ ଯେ ଏହି ରାଜ୍ୟରେ ହିନ୍ଦୁ ଓ ମୁସଲମାନ ପରସ୍ପରର ରକ୍ତପିପାସୁ ଅଟନ୍ତି । ଏପରି ଅବସ୍ଥାରେ ଏହି ଜଙ୍ଗଲୀ ଅର୍ଦ୍ଧଶିକ୍ଷିତ ଜାତିକୁ ନିଜର ଅଜ୍ଞାନତା ଓ ସାଂପ୍ରଦାୟିକତାରୁ ମୁକ୍ତ କରିବା ପାଇଁ ଯଥାଶୀଘ୍ର ଅଧିକରୁ ଅଧିକ ବାଇବେଲ୍ ଓ ବନ୍ଧୁକ ପଠାଇବା ଇଂରେଜ ସରକାରଙ୍କର ଅବଶ୍ୟ କର୍ତ୍ତବ୍ୟ । ବନ୍ଧୁକପୂର୍ଣ୍ଣ ଜାହାଜ କଲିକତା ଅଭିମୁଖେ ଆସୁଥିବା ଖବର ସମ୍ପର୍କରେ ଲକ୍ଷ୍ନୌର ସୁଖୀ ପ୍ରଜାଗଣ ଅଜ୍ଞାତ ଥିଲେ । ଆଗା ମୀର୍ ସେ ସମୟରେ ଅଯୋଧ୍ୟା ନବାବଙ୍କ ପ୍ରଧାନମନ୍ତ୍ରୀ ଥିଲେ । ନଗରରେ ପୂର୍ଣ୍ଣ ଶାନ୍ତି ବିରାଜୁଥିଲ । ଏଇଟା ଅବୁଲ୍ ମୁଜାଫର

Digitized by PPRACHIN, SOA

ମୋଆଜୁଦ୍ଦୀନ ଶାହଜମନ ଗାଜଉଦ୍ଦୀନ ହେଦରଙ୍କର ରାଜଧାନୀ ଥିଲା ।

ବଜାର ହାଟରେ ଲୋକଗହଳି ଫାଟି ପଡୁଥିଲା । ଦୋକାନଦାରମାନେ ନିଜ ନିଜର ଛନ୍ଦମୟୀ ଭାଷାରେ ଗରାଖଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଥିଲେ । ଦୋକାନରେ ହରେକ୍ କିସମ୍‌ର ଜିନିଷ ବିକ୍ରୀ ହେଉଥିଲା । ସଆଦତ୍ ଅଲି ଖାନ୍‌ଙ୍କ ସମୟରେ ତିଆରି ହୋଇଥିବା ଭବନସବୁ ଗହଳି ଚହଳି ଥିଲା । ଏପରି ପରିପୂର୍ଣ୍ଣ ଶାନ୍ତିର ସ୍ଥାୟିତ୍ୱ ବା କେତେ ଦିନ ?

ଯୌବନ କ୍ଷଣସ୍ଥାୟୀ, ଶାକ୍ୟମୁନି ଗୌତମ ଥରେ ବାରାଣସୀ ନିକଟସ୍ଥ ମୃଗଦାବ-ଠାରେ କହିଥିଲେ—"ସବୁ କିଛି କ୍ଷଣସ୍ଥାୟୀ ଅଟେ । ହେ ମନୁଷ୍ୟ, ଏ ପ୍ରକାର ନଶ୍ୱରତାରୁ ମୁକ୍ତି ଲଭ କର । ଦୁଃଖରୁ ମୁକ୍ତ ହୁଅ । ଛାୟା ସମାନ ଏହି ଅଳୀକ ବିଷୟ ବସ୍ତୁରୁ ମୁକ୍ତ ହୁଅ ।" ରାମଚନ୍ଦ୍ରଙ୍କ ଅଯୋଧ୍ୟାପୁରୀ, ପ୍ରସେନ୍‌ଜିତ୍‌ଙ୍କ ଶ୍ରାବସ୍ତୀ, ଚନ୍ଦ୍ରଗୁପ୍ତଙ୍କ ପାଟଳିପୁତ୍ର, ହୁସେନ ଶର୍କୀଙ୍କ ଜୌନପୁର ଏବଂ ଆଲାଉଦ୍ଦିନ ହୁସେନଙ୍କ ଗୌଡ଼ —ଏ ସବୁଠାରେ ଜୀବନ ପୂର୍ଣ୍ଣରୂପେ ଚରମ ସୀମାରେ ପହଞ୍ଚି ଯାଇଥିଲା । କିନ୍ତୁ ଏ କଥା ଭୁଲନି ଯେ, ପ୍ରତ୍ୟେକଟି ଜୀବନ ଓ ଯୌବନରେ ମୃତ୍ୟୁ ଲୁଚି ରହିଛି ।

ସଡ଼କରେ ଏକ ସୁସଜ୍ଜିତ ଶୂନ୍ୟ ପାଲିଙ୍କି ଧରି ଦାସ ଦାସୀ ଯାଉଛନ୍ତି । ପାଲିଙ୍କି ବାହକଗଣ ଲାଲ ରଙ୍ଗର ପୋଷାକ ପିନ୍ଧିଛନ୍ତି ଏବଂ ସେମାନଙ୍କ ଲାଲ ପଗଡ଼ିରେ ସୁନେଲି ମାଛ ଅଙ୍କିତ ହୋଇଛି ଓ ସେମାନେ ରୁପା ବେଣ୍ଟ ଥିବା ବାଡ଼ି ଧରିଛନ୍ତି । ରାସ୍ତାରେ ଯାଉଥିବା ବାଟୋଇ କିଛିକ୍ଷଣ ଅଟକିଯାଇ ଏ ପାଲିଙ୍କି ଆଡ଼କୁ ଗୃହୁଁଛନ୍ତି । ଏଇ ପାଲିଙ୍କିର ମାଲିକ ହେଉଛି ସହରର ପ୍ରସିଦ୍ଧ ସୁନ୍ଦରୀ ଚମ୍ପାବାଈ । ସମୟ କି ଭୟଙ୍କର ବିଷୟ ! ସମୟ, ଯୌବନ ଏବଂ ମୃତ୍ୟୁ !

ବଗିଚାରେ ମେଳା ଜମିଛି । ଇଂରେଜ ରେସିଡେଣ୍ଟ ବାଦଶାହଙ୍କ ସହିତ ପ୍ରାତଃ-କାଳୀନ ଆହାର ସମାପନ କରି ହାତୀ ଲଢ଼ାଇ ଦେଖିବାରେ ମସଗୁଲ୍ ଥିଲେ । ପ୍ରକାଶରେ କଥକନୃତ୍ୟ କରୁଥିଲେ । ଆମ୍ବତୋଟାରେ ସଙ୍ଗୀତ ପରିବେଷଣ କରାଯାଉଥିଲା । ବିଦ୍ୱାନ ଓ ବିଚାରକଗଣଙ୍କର ବୈଠକରେ ଗରମାଗରମ ଯୁକ୍ତି ତର୍କ ଚାଲିଥାଏ । ଭାଙ୍ଗୁଡ଼ିଗଣ ଭାଙ୍ଗ ବାଟିବାରେ ବ୍ୟସ୍ତ । ନାନାବିଧ ବାଦ୍ୟ ଯନ୍ତ୍ରର ଶବ୍ଦରେ କାନ ତାଳିଦା ହେବାର ଉପକ୍ରମ । ଅଦୂରବର୍ତ୍ତୀ ଶଶ୍ମାନ ଘାଟରେ ଏ ସମସ୍ତ ଜଞ୍ଜାଳରୁ ମୁକ୍ତ ମୃତ ବ୍ୟକ୍ତିର ଚିତା ଜଳୁଛି । କବର ସ୍ଥାନରେ କବର ଦିଆଯାଉଛି । ନଶ୍ୱର—ସମସ୍ତ କିଛି ନଶ୍ୱର ।

କାଳ ନଶ୍ୱରତାରେ ହିଁ ନିହିତ । କାଳକୁ ବିଭିନ୍ନ ଭାଗରେ ବିଭକ୍ତ କରି ଦିଆଯାଇ ଥିଲେ ସୁଦ୍ଧା ପ୍ରତ୍ୟେକ କ୍ଷଣରେ ଏ ବନ୍ଧନକୁ ଛିଣ୍ଡାଇ ସେ ତା ବାଟରେ ଆଗେଇ

Digitized by PPRACHIN, SOA

ଗୃଲଛୁ । ଏବେ ଘଣ୍ଟା-ଘରେ ସୂର୍ଯ୍ୟାସ୍ତର ଘଣ୍ଟା ବାଜିବ । ଦିନର ଗୃର ପ୍ରହର କଟି ଗଲାଣି । ରାତ୍ରିର ଗୃର ପ୍ରହର ମଧ୍ୟ କଟିଯିବ । ପ୍ରତିଟି ପ୍ରହର ଆଠ ଘଣ୍ଟାରେ ବିଭକ୍ତ । ପ୍ରତ୍ୟେକ ଆଠ ଘଣ୍ଟାରେ ଘଣ୍ଟା ବାଜେ । ମନୁଷ୍ୟତାର ଶୋଭାଯାତ୍ରା ଯେପରି ନିଜ ସମାଧି କ୍ଷେତ୍ରରୁ ଉଠି ଆସୁଛି ।

କାଳ—ଏଇ ମହାକାଳ ହିଁ ହେଉଛି ମୃତ୍ୟୁ ।

୧୬

ମଧ୍ୟଯୁଗୀୟ ରୁମୀ ଦରଓ୍ବାଜାର ଘଣ୍ଟା ଘରୁ ସମୟର ଶବ୍ଦ ଗୌତମ ନୀଳାମ୍ବର ସହର ଭିତରେ ପ୍ରବେଶ କରୁଥିବା ସମୟରେ ଶୁଣି ପାରିଲା । ଗେଟ୍‌ରେ ସିପାହିକୁ ସେ ତାର ନିଜର ପରିଚୟ ପତ୍ର ଦେଖାଇଲା । ସିପାହି ଜଣକ ପଗ୍ରିଲା, "କୁଆଡ଼େ ଯିବ ?"

"ରେସିଡେନ୍‌ସି !"

"ମହାଶୟଙ୍କର ତେବେ ଇଂରେଜ ସରକାରଙ୍କ ସହିତ ସମ୍ପର୍କ ?" ସିପାହି ଜଣକ ମନ୍ତବ୍ୟ କଲା ।

"ହଁ"—ଟିକେ ଲଜ୍ଜିତ ହୋଇ ନୀଳାମ୍ବର କହିଲା ।

"ଠିକ୍ ଅଛି" ଦ୍ୱିତୀୟ ସିପାହି କହିଲା, "ଭଗବାନ ଯେ କୌଣସି ପ୍ରକାରେ ପ୍ରତ୍ୟେକଙ୍କୁ ବଞ୍ଚାଇ ରଖିବାର ବ୍ୟବସ୍ଥା କରିଛନ୍ତି—ଇଂରେଜ ସରକାର ଅଧୀନରେ ହେଉପଛକେ ।"

ଏହା ପରେ ସିପାହି ଜଣକ ଗୋଟିଏ କବିତା ଆବୃତ୍ତି କଲା । ମାତ୍ର ଗୌତମ ଫାର୍ସୀ ଜାଣିଥିଲେ ମଧ୍ୟ ଏମାନେ କହୁଥିବା ଗ୍ରାମୀଣ ଉର୍ଦ୍ଦୁ ବୁଝିବା ତା ପକ୍ଷରେ କଷ୍ଟକର ହେଲା । କିନ୍ତୁ ଏତିକି ସେ ବୁଝିଲା ଯେ, ଦେଶରେ ଏପରି ରାଜ୍ୟ ଅଛି ଯେଉଁଠି କି ଦେଶୀୟ ରାଜା ରହି ରାଜ୍ୟ ଶାସନ କରୁଛନ୍ତି । ଏ ଚିନ୍ତା ତା ମନରେ ଆସିବା ମାତ୍ରେ ଏକ ଅଦ୍ଭୁତ ଧରଣର ଆତ୍ମସନ୍ତୋଷ ସେ ଲାଭ କଲା । ଏହା ପରେ ତା' ଗାଡ଼ି ଆଗେଇ ଗଲା ।

ଅସଲ୍ ଲକ୍ଷ୍ନୌ ଭିତରେ ପଶିବା ପୂର୍ବରୁ ସେ ଯେଉଁ ରାସ୍ତା ଦେଇ ଆସୁଥିଲା ସେଇ ରାସ୍ତା କଡ଼ରେ ଗୋଟିଏ ଅଶ୍ୱତ୍ଥ ଗଛ ମୂଳରେ ଜଣେ ବୃଦ୍ଧ ସନ୍ନ୍ୟାସୀ ଭବାନୀ

Digitized by PPRACHIN, SOA

ମନ୍ଦିର ସ୍ଥାପନା କରି ଧୂନି ଜାଳି ବସିଥିଲେ । ମା କାଳୀଙ୍କୁ ଏ ଦୂର ବିଦେଶରେ ଦେଖି ନୀଳାମ୍ବରଙ୍କୁ ବହୁତ ମାନସିକ ଶକ୍ତି ମିଳିଲା ।

ରେସିଡେନ୍‌ସୀରେ ପହଞ୍ଚି ସେ ଶୁଣିଲା ଯେ ସାହେବ ନବାବଙ୍କ ଉଆସକୁ ଭୋଜିରେ ଯୋଗ ଦେବାକୁ ଯାଇଛନ୍ତି । ସେ କଲିକତାରୁ ଆସିଥିବା ଖବର ଅଯୋଧ୍ୟା ସରକାରଙ୍କ ସୂଚନା ବିଭାଗକୁ ସୂଚିତ କରି ଦିଆଗଲା । ଜଣେ ଖବର ନେଇ ଗୋଲ-ଗଞ୍ଜସ୍ଥିତ ନବାବ କମାଲ ରଜା ବାହାଦୁରଙ୍କ ଉଆସକୁ ଗଲା ।

ଭୋଜି ପରେ ନବାବ ଅବୁଲମଂସୁର କମାଲୁଦ୍ଦିନ ଅଲ୍ଲୀ ରଜା ବାହାଦୁର ନୂଆବଜ୍ରଗଞ୍ଜ ରେସିଡେଣ୍ଟଙ୍କ ସହିତ ଚେସ୍ ଖେଳୁଥିଲେ । ସେ ଏହି ସହରର ଏକ ଉଚ୍ଚ ବଂଶର ଦାୟାଦ ଥିଲେ । ଦେଖିବାକୁ ଥିଲେ କନ୍ଦର୍ପକାନ୍ତି ଓ ସୁମଧୁର ସ୍ୱରର ମଧ୍ୟ ଅଧିକାରୀ । ସହରର ସମସ୍ତ ସୁନ୍ଦରୀ ସ୍ୱାଙ୍କଠାରେ ମୁଗ୍‌ଧ ଥିଲେ । ସେ ଷୋଳବର୍ଷ ବୟସରେ ବିବାହ କରିଥିଲେ ସୁଦ୍ଧା ଏ ମଧ୍ୟରେ ଅସଂଖ୍ୟ ଅସ୍ଥାୟୀ ବିବାହ କରିଛନ୍ତି । ଏବେ ଚମ୍ପାବାଈକୁ ନେଇ ଇଂରେଜ ରେସିଡେଣ୍ଟଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେଇ ଉଦ୍ଦେଶ୍ୟ ନେଇ ଚେସ୍ ଖେଳରେ କିପରି ବାଜିମାତ୍ କରିବେ ଏ କଥା ଚିନ୍ତା କରୁଥିବା ସମୟରେ ଭୃତ୍ୟ ଆସି ଖବର ଦେଲା ଯେ କଲିକତା ଗଭର୍ଣ୍ଣମେଣ୍ଟରୁ ଜରୁରୀ କାଗଜପତ୍ର ନେଇ ଜଣେ ବଙ୍ଗାଳୀ ବାବୁ ରେସିଡେନ୍‌ସୀରେ ଇଂରେଜ ସାହେବଙ୍କ ଦର୍ଶନାର୍ଥେ ଅପେକ୍ଷା କରୁଛନ୍ତି ।

ହଠାତ୍ ଯେପରି ତାଳ କଟିଗଲା । ଇଂରେଜ ରେସିଡେଣ୍ଟ ଖୁବ୍ ବିରକ୍ତ ହେଲେ । ଆଉ ଅଳ୍ପ ସମୟ ପରେ ଚମ୍ପାବାଈ ଆସିବ, ଅଥଚ ତାଙ୍କୁ ଏକ୍ଷଣି ଉଠିଯିବାକୁ ହେଉଛି !! ଲର୍ଡ଼ ଆମହର୍ଷ୍ଟ କଲିକତାର ଗଭର୍ଣ୍ଣର ଜେନେରାଲ ହୋଇ ଆସିବା ଦିନୁ ନାନାପ୍ରକାର ଅଦରକାରୀ ଅନୁଶାସନ, ନିୟମ ଆଦି ପ୍ରଣୟନ କରି ଅଧସ୍ତନ ଇଂରେଜ ଅଫିସରଙ୍କୁ ଅଯଥା ହଇରାଣ କରୁଛନ୍ତି । ପ୍ରତ୍ୟେକ ଦୁଇ ତିନି ଦିନ ଅନ୍ତରରେ ଜଣେ ନା ଜଣେ କଲିକତାରୁ ବାର୍ତ୍ତା ନେଇ ଏଠାକୁ ଆସୁଛି । ମନ ଚମ୍ପାବାଈର ଘୁଙ୍ଗୁର ଶବ୍ଦରେ ଲାଗିଥିଲେ ମଧ୍ୟ କର୍ତ୍ତବ୍ୟବୋଧ ତାଙ୍କୁ ତୁରନ୍ତ ନିଜ ଅଫିସ (ବେଲ୍‌ଗାର୍ଡ଼) ଯିବାକୁ ବାଧ୍ୟ କଲା ।

ଦ୍ୱିତୀୟ ଦିନ ଗୌତମ ନୀଳାମ୍ବର ରେସିଡେନ୍‌ସିର ଜଣେ ମୁନ୍‌ସି ହରିଶଙ୍କରଙ୍କୁ ପଚାରିଲା, "ଏଠାରେ ଚମ୍ପାବାଈର ଘର କେଉଁଠି ?" ହରିଶଙ୍କର ଏହା ଶୁଣି କୌତୁକ ଅନୁଭବ କଲା । ଏ ବଙ୍ଗାଳୀ ବାବୁ ଜଣେ ବିଦ୍ୟାର୍ଥୀପରି ଦିଶୁଥିଲେ ମଧ୍ୟ ବେଶ୍ ରସିକ ବ୍ୟକ୍ତି ତା' ହେଲେ !

"ଆପଣ କଣ ଚମ୍ପାବାଈ ପାଖକୁ ଯିବେ ?"

Digitized by PPRACHIN, SOA

'ହଁ' ଗୌତମ ବିବ୍ରତ ହୋଇ କହିଲା । ଲଜ୍ଜାରେ ସେ ଲାଲ ହୋଇଯାଇଥିଲା । ଗୌତମ ନୀଳାମ୍ବରର ଏପ୍ରକାର ସଂକୋଚ ଓ ଭୟ ଦେଖି ହରଶଙ୍କର ବିସ୍ମୟ ବୋଧ କଲା । କାରଣ ଏଠା ସମାଜରେ ବାଈଜୀର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଥିଲା ଏବଂ ତାହା ବ୍ୟତିରେକେ ସଭ୍ୟ ସମାଜ ଯେପରି ଅପୂର୍ଣ୍ଣ ରହୁଥିଲା ! ଜଣେ ବ୍ୟକ୍ତି ହାତରେ ସେ ଚମ୍ପାବାଈକୁ ଖବର ଦେଲା ଯେ ସ୍ମିଲ୍ ସାହେବଙ୍କ ମୁନ୍‌ସୀ ତା ସହିତ ଦେଖା କରିବାକୁ ଚାହୁଁଛି । ଚମ୍ପା ଏଥିରେ ସମ୍ମତି ଦେଇଥିଲା ।

ସନ୍ଧ୍ୟାରେ ବଜାର ଗଳିରେ ଆଲୋକ ଜଳିଉଠିଲା । ନାନାପ୍ରକାର ସୁଗନ୍ଧି ପଦାର୍ଥରେ ସମସ୍ତ ବାୟୁମଣ୍ଡଳ ଆମୋଦିତ ହେଉଥାଏ । ଠିକ୍ ସେତିକିବେଳେ ଗୌତମ ନୀଳାମ୍ବରର ଗାଡ଼ି ଯାଇ ଚମ୍ପାବାଈର ରଙ୍ଗମହଲ ପ୍ରାସାଦ ଆଗରେ ଅଟକିଲା । ଟିକେ ସଂକୁଚିତ ହୋଇ, ଚାଦରଟି କାନ୍ଧରେ ଠିକ୍ କରି, ଗୌତମ ଗାଡ଼ିରୁ ଓହ୍ଲାଇ ସିଡ଼ି ଚଢ଼ିଲା ।

ଆସର ଗୃହ ନାନାବିଧ ବିଳାସ ସାମଗ୍ରୀରେ ସଜ୍ଜିତ ହୋଇଥିଲା । କାନ୍ଥରେ ଟଙ୍ଗା ହୋଇଥିଲା ବିଭିନ୍ନ ଆକାରର ଦର୍ପଣ ସବୁ । ଦାମୀ କାର୍ପେଟ ଉପରେ ଗୋଲ ତକିଆ, ଅତରଦାନ ଏବଂ ଫୁଲଦାନ ଇତ୍ୟାଦିରେ ଆସର ଗୃହ ଝଲକୁଥିଲା । ଗୌତମ ଗୃହ ମଧ୍ୟରେ ପଶିବା ମାତ୍ରେ କାନ୍ଥରେ ଥିବା ଦର୍ପଣରେ ନାନାପ୍ରକାର ମଣିଷଙ୍କ ଆକୃତି ପ୍ରତିବିମ୍ବିତ ହେଉଥିବାର ଦେଖିଲା । ଏ ବ୍ୟକ୍ତିମାନେ କିଏ, ଆସିଲେ ବା କେଉଁଠୁ, ପୁଣି ଯିବେ ମଧ୍ୟ କୁଆଡ଼େ ? ଏହି ସୁଗନ୍ଧିତ ଗୃହରେ ସେମାନେ କେତେବେଳ ପର୍ଯ୍ୟନ୍ତ ରହିବେ ? ଏହି ବ୍ୟକ୍ତିମାନେ ନାନାପ୍ରକାର ସୌଖୀନ ବେଶ ପୋଷାକ ପିନ୍ଧି ତକିଆକୁ ଆଉଜି ବସିଥିଲେ । ସେମାନେ ଅତ୍ୟନ୍ତ ଭଦ୍ରଭାବେ ନିଜ ନିଜ ମଧ୍ୟରେ ଆସ୍ତେ ଆସ୍ତେ ଆଳାପ ଆଲୋଚନା କରୁଥିଲେ । ଗୋଟିଏ କୋଣରେ ରାଜା ଶିବକୁମାର ପ୍ରେମ ଓ ନିଷ୍ଠା ସଂପର୍କରେ ଲିଖିତ କବିତା ଉପରେ ଆଲୋଚନା କରୁଥିଲେ । ଅନ୍ୟ ଦିଗରେ କେତେଜଣ ଭଦ୍ରବ୍ୟକ୍ତି ସଙ୍ଗୀତର ବିଭିନ୍ନ ରାଗରାଗିଣୀ ସମ୍ପର୍କରେ ଆଲୋଚନାରେ ବ୍ୟସ୍ତ ଥିଲେ । କିଛି କ୍ଷଣ ପର୍ଯ୍ୟନ୍ତ ଏ ସମସ୍ତ ଲକ୍ଷ୍ୟକରି ଗୌତମ ନୀଳାମ୍ବର ମନକୁ ମନ ଲଜ୍ଜିତ ହେଲା । ଆଜି ଏ ଆସରରେ ଯୋଗଦେବା ନିମନ୍ତେ ସେ ନିଜର ସବୁଠାରୁ ମୂଲ୍ୟବାନ ରେଶମୀ ଚପ୍‌କନ ପିନ୍ଧି ଓ ପଗଡ଼ି ବାନ୍ଧି ଆସିଥିଲେ ମଧ୍ୟ ତା'ଚେହେରାରୁ ସ୍ପଷ୍ଟ ଜଣାଯାଉଥିଲା ଯେ ସେ ବିଦେଶୀ । କେତେଜଣ ଧନୀ ନବାବଙ୍କ ଦୃଷ୍ଟି ତା ଉପରେ ପଡ଼ିବାରୁ ସେମାନେ ତାକୁ ଡ଼ାକି ସେମାନଙ୍କ ନିକଟରେ ବସିବାକୁ ଜାଗା ଦେଇ କୁଶଳ ସମାଚାର ପଚାରିଲେ ।

"ଆମେ ମଧ୍ୟ କଲିକତା ଯିବାକୁ ଖୁସି ମନ କରୁଛୁ । ମାତ୍ର ଏତେ ଦୂର ଯାତ୍ରା

Digitized by PPRACHIN, SOA

କରିବା ପାଇଁ ଭୟ ହୁଏ !" ଗୁଡ଼ଗୁଡ଼ା ଟାଣୁ ଟାଣୁ ସେମାନଙ୍କ ମଧ୍ୟରୁ ଜଣେ କହିଲା, "ବଙ୍ଗଳାର ଜମିଦାରଗଣ ମଧ୍ୟ ବହୁତ ଧନୀ ଓ ବିଭବଶାଳୀ । ଆପଣଙ୍କ ଜମିଦାରି ବଙ୍ଗଳାର କେଉଁ ପଟେ ?"—ନବାବ କମ୍ପନ ତା' ସମ୍ମୁଖରେ ପାନ ଥାଳିଆ ରଖୁ ରଖୁ ପଚାରିଲେ ।

"ମୋର ଜମିଦାରି ନାହିଁ । ମୁଁ ଚାକିରି କରେ ।"

"ଚାକିରି ?"

"ମୁଁ କମ୍ପାନୀ ବାହାଦୁରଙ୍କ ଅଧୀନରେ ଚାକିରି କରେ ।" ଏ କଥା କହିବା ସମୟରେ ଗୌତମ ନିଜକୁ ନ୍ୟୂନ ମନେକଲା ।

"ବାଃ ! ତେବେ ତ ମହାଶୟ ଇଂରେଜୀ ଭାଷା ଜାଣିଥିବେ !"

"ହଁ, ଅଳ୍ପ କିଛି ଜାଣିଛି ।"

"କଣ ଚିଠି ପତ୍ର ପଢ଼ିପାର ?"

"ହଁ"—ଏତିକିରେ ନୀଳାମ୍ବର ମନରେ ଦମ୍ଭ ଆସିଲା । ଏମାନେ କେଡେ ସହଜ ଓ ସରଳ ଲୋକ ? ଏମାନଙ୍କୁ ଭୟ କରିବାର କିଛି କାରଣ ନାହିଁ । ଇତିମଧ୍ୟରେ ଏକ ସତର, ଅଠର ବର୍ଷିୟା ଚମ୍ପକଗୋରି, ଅପୂର୍ବ ସୁନ୍ଦରୀ ନାକରେ ହୀରା ଫୁଲ ନାଇ, ନାନା ଅଳଙ୍କାର ମଣ୍ଡି ହୋଇ, ସଲଓ୍ୱାର୍ କମିଜ୍ ପିନ୍ଧି ଧୀରେ ଧୀରେ ଆସି ଆସରର ମଧ୍ୟ ସ୍ଥଳରେ ବସି ଗୌତମ ନୀଳାମ୍ବର ଆଡ଼କୁ ଚାହିଁ ଅପୂର୍ବ ଠାଣିରେ ଅଭିନନ୍ଦନ କଲା । ତାପରେ ସେ ଆସି ଫଉଦୌଲଙ୍କ ଲିଖିତ ଏକ ଗଜଲ୍ ଗାଇଲା ।

"ବୁତୋଁ କା ଗଲି ମେ ଶବୋ-ରୋଜ 'ଆସିଫ୍'
ତମାଶା ଖୁଦାଇ କା ହମ ଦେଖତେ ହେଁ ।"

ଏଇ ଅପୂର୍ବ ସ୍ୱର ମାଧୁରୀରେ ଶ୍ରୋତାମାନେ ତନ୍ମୟ ହୋଇଗଲେ । ଗୌତମ ମଧ୍ୟ ଏହି ଦୃଶ୍ୟ ଦେଖୁ ଦେଖୁ ନିଜକୁ ପାସୋରି ଦେଲା ।

କଲିକତାର ଇଂରେଜୀ ଶିକ୍ଷିତ ବଙ୍ଗାଳୀ କିରାଣି ଲକ୍ଷ୍ନୌର ଯାଦୁରେ ବନ୍ଦୀ ହୋଇଗଲା । ଦିନ ବିତିବାକୁ ଲାଗିଲା । ବର୍ଷା ହେତୁ କଲିକତା ଯିବା ରାସ୍ତା ମଧ୍ୟ ବନ୍ଦ ଥିଲା । ଜନ୍ମାଷ୍ଟମୀ ପର୍ବରେ ବ୍ରଜର ରସିକଜନ କୃଷ୍ଣ ଲୀଳା ଆରମ୍ଭ କଲେ । ଚମ୍ପା ଏଥିରେ ରାଧାଙ୍କ ଅଭିନୟ କଲା । ଗୌତମ ଯେଉଁଆଡ଼େ ଯାଉଥାଏ ସବୁଠାରେ ଚମ୍ପା ବାଈକୁ ଦେଖୁଥାଏ । କେବେ ହିଜ୍ ମେଜେଷ୍ଟି ସାହା ଜମନ ଗାଜିଉଦ୍ଦିନ୍ ହେଦରଙ୍କ ଦରବାରରେ ତ କେବେ ମେଳାରେ, କେବେ ବା ଗୋମତୀନଦୀର ନୌକା ବିହାରରେ ।

ସୁଜାତା ଦେବୀଙ୍କ କଥା ଇତିମଧ୍ୟରେ ନୀଳାମ୍ବର ପାସୋରି ଦେଇଥାଏ । ରାତିରେ

Digitized by PPRACHIN, SOA

ସେ ପ୍ରାୟ ଶୋଉ ନ ଥିଲା । ଦିନଯାକ କାମର ଗୋଳମାଳରେ ବ୍ୟସ୍ତ ରହିବା ପରେ ରାତି ବିଭିନ୍ନ ପ୍ରଲୋଭନ ନେଇ ଆସୁଥିଲା । ରାତିରେ ତ ଚମ୍ପା ବାଈର ଆସର ସ୍ଫୂର୍ତ୍ତି ହେଉଥିଲା । ଏ ସମସ୍ତ ରାତି ଯେପରି ଗୌତମ ନୀଳାମ୍ବରର ଅନ୍ତଆରରେ ନ ଥିଲା । ତା' ଜୀବନରେ, ସେ ଯେଉଁ ପରିସ୍ଥିତିର ମଣିଷ, ସେଠି ବେଶ୍ୟା ଚମ୍ପା ବାଈଜୀର କଳ୍ପନା ମାତ୍ରକେ ଘୃଣାର ଉଦ୍ରେକ କରାଏ । ତଥାପି ସେ ଭାବୁଥିଲା, ସ୍ତ୍ରୀ ମାତ୍ରେ ହିଁ ଦେବୀ—ସେ ବେଶ୍ୟା ହୋଇ ନ ପାରେ । ଏପରି କହିବା ଘୋର ଅନ୍ୟାୟ । ତାପରେ ତାର ମନେହେଲା ସ୍ତ୍ରୀ ମାତ୍ରେ ହିଁ ଦୁଃଖ କଷ୍ଟ ସହିବା ପାଇଁ ଜନ୍ମିଛନ୍ତି । ବାଲ୍ୟବିଧବା, ଅନାଥା ବାଳିକା ଯେଉଁମାନେ ଗୋରୁଗାଈ ପରି ମୂକ, ଯିଏ କି ସତୀ ହୋଇ ଜୀଅନ୍ତା ପୋଡ଼ି ମରନ୍ତି—ଅଥଚ ଚମ୍ପାବାଈକୁ ଦେଖିଲେ ଅନ୍ୟ ପ୍ରକାର ଧାରଣା ହୁଏ । ସେ ନିଜେ ନ ଜଳି ଅନ୍ୟମାନଙ୍କୁ ଜଳେଇ ପୋଡ଼େଇ ମାରୁଛି !!

ମନୁ କହିଛନ୍ତି, 'ନ ସ୍ତ୍ରୀ ସ୍ୱତନ୍ତ୍ରଂ' । ସ୍ତ୍ରୀ ଯେ ସ୍ୱତନ୍ତ୍ର ନୁହେ ଏହା ନିରାଟ ସତ୍ୟ । ରାମାୟଣର ଷଷ୍ଠକାଣ୍ଡରେ ଲିଖିତ ଅଛି ଯେ ସଙ୍କଟ କାଳରେ, ବିବାହ ଅବସରରେ ଏବଂ ଆରାଧନା ସମୟରେ କେବଳ ସ୍ତ୍ରୀ ବାହାରକୁ ବାହାରି ପାରିବ । ଆହୁରି ମଧ୍ୟ ସ୍ତ୍ରୀମାନେ ବେଦପାଠ କରିବା ପାଇଁ ଶାସ୍ତ୍ରରେ ନିଷେଧ କରାହୋଇଛି ।

ସାମନ୍ତବାଦୀ ସମାଜରେ ସ୍ତ୍ରୀ ଯଦି ବଜାରରେ ଆସି ବସିଗଲି ତେବେ ଯାଇ ସ୍ୱତନ୍ତ୍ରତା ମିଳୁଥିଲା । ଚମ୍ପାବାଈ ଏଇ ସମାଜରେ ଲାଳିତ ପାଳିତ ହୋଇ ବଢ଼ିଥିଲା, କିନ୍ତୁ ଗୌତମ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ହୋଇ ଥିବାରୁ ଏହା ଜମା ମାନି ନେଇ ପାରୁ ନ ଥିଲା । ସମ୍ପ୍ରତି ବଙ୍ଗଳାରେ ସାମନ୍ତବାଦୀ ଚିନ୍ତାଧାରାରୁ ମୁକ୍ତ ଏକ ମଧ୍ୟବିତ୍ତ ଶ୍ରେଣୀର ଉଦ୍ଭବ ହୋଇଥିଲା । ଏହି ଶ୍ରେଣୀ ନୈତିକତା ପ୍ରତି ଅତ୍ୟନ୍ତ ରକ୍ଷଣଶୀଳ ଥିଲେ ।

ଦିନେ ନୀଳାମ୍ବର ହରଶଙ୍କର ସାଥିରେ ନୌକାରେ ବସି ଗୋମତୀ ପାରି ହୋଇ ମେଣ୍ଢା ଲଢ଼େଇ ଦେଖିବାକୁ ଯିବା ସମୟରେ ଅନ୍ୟ ଏକ ସୁନେଲି ନୌକାରୁ ଅଗ୍ରନିକ ଭାବେ ଶୁଣିଲା, "କମ୍ପାନୀ ବାହାଦୁରଙ୍କୁ ପ୍ରଣାମ !" ନୀଳାମ୍ବର ଆଶ୍ଚର୍ଯ୍ୟ ହୋଇ ଚାହିଁବାରୁ ଚମ୍ପା ଖିଲ୍ ଖିଲ୍ ହୋଇ ହସିଉଠିଲା । ଗୌତମ ଜାଗାରେ ଲକ୍ଷ୍ନୌର ଅନ୍ୟ କେହି ନବାବ ଶ୍ରେଣୀର ବ୍ୟକ୍ତି ହୋଇଥିଲେ ନିଜକୁ ଧନ୍ୟ ମନେ କରିଥାନ୍ତା । ମାତ୍ର ନୀଳାମ୍ବର ହଡ଼ବଡ଼େଇ ଗଲା । ନୌକାକୁ ଏକଦମ୍ ପାଖକୁ ଲଗାଇ ଦେଇ ଚମ୍ପା ନୀଳାମ୍ବରକୁ ତା ନୌକାରେ ବସିବା ପାଇଁ ଆମନ୍ତ୍ରଣ ଜଣାଇଲା । ଏହି ସମୟରେ ଗୋମତୀରେ ବହୁ ସଂଖ୍ୟକ ସୌଖୀନ ନୌକାରେ ଧନୀ, ମାନୀ ଓ ଇଂରେଜ

Digitized by PPRACHIN, SOA

ବ୍ୟକ୍ତିଗଣ ବାଈଜୀମାନଙ୍କୁ ନେଇ ବିହାର କରୁଥାନ୍ତି ।

ହରିଶଙ୍କର ଓ ଚମ୍ପାବାଈଙ୍କ ମଧ୍ୟରେ ହାସ ପରିହାସ ହେଉ ହେଉ ନୌକା ଆସି ଘାଟରେ ପହଞ୍ଚିଗଲା । ଇତିମଧ୍ୟରେ ଗୌତମ ମନେ ମନେ ସ୍ଥିର କରିସାରିଥିଲା ଯେ ସୁଜାତା ଦେବୀ ଯେଉଁ କାମ ତାକୁ ଦେଇଛନ୍ତି ତାହା ସେ ତୁଲାଇ ମନର ବୋଝ ହାଲ୍‌କା କରିନେବ । ଚମ୍ପା ଯେତେବେଳେ ନିଜ ପୋଷାକ ସମ୍ଭାଳି ଘାଟ ପାହାଚକୁ ଓହ୍ଲାଉଥିଲା ସେତିକବେଳେ ଗୌତମ ତାକୁ ପଚାରିଲା, "ତୁମେ ସ୍ମିଲ୍ ସାହେବଙ୍କୁ ଜାଣିଚ ?"

ଏ ପ୍ରଶ୍ନର ଉତ୍ତର ଚମ୍ପା ଦେଲା ନାହିଁ ।

"ଚମ୍ପାବାଈଜୀ, ମୁଁ ତୁମକୁ ଯାହା ପଚାରିଲି ତାର ଉତ୍ତର ଦିଅ !"

"ଠିକ୍ ଅଛି ! ମୁଁ ଜାଣେ । ସେଥିରେ ତୁମର କଣ ଗଲା ?"

"କଲିକତାରେ ତାଙ୍କର ସ୍ତ୍ରୀ ଅଛନ୍ତି ।" ଗୌତମ ଭାବିଲା ଯେ ଏ କଥା ଶୁଣି ଚମ୍ପାର ମୁହଁ ଶୁଖିଯିବ, ଗ୍ଲାନି ଓ ଅନୁଶୋଚନାରେ ସେ ବିବ୍ରତ ହୋଇ ପଡ଼ିବ । ମାତ୍ର ଏହା ଶୁଣି ସହଜ ହୋଇ ଚମ୍ପା କହିଲା, "ହୁଁ, ତା ପରେ ? ମୋ ସମ୍ପର୍କରେ ଯେତେ ଲୋକ ଆସନ୍ତି ସମସ୍ତଙ୍କର ଅନ୍ୟୂନ ଦୁଇ ଚାରିଜଣ ସ୍ତ୍ରୀ ଥାନ୍ତି !"

"କିନ୍ତୁ ସ୍ମିଲ୍ ସାହେବଙ୍କର ଗୋଟିଏ ଝିଅ ମଧ୍ୟ ଅଛି"—ଆଉରି ଗୁରୁତ୍ୱ ଦେଇ ଗୌତମ କହିଲା ।

"ସମସ୍ତଙ୍କର ଝିଅ ପୁଅ ନାତି ନାତୁଣୀ ଥାନ୍ତି । ଏସବୁ ବାଜେ କଥା ବାଦ୍‌ଦେଇ ତୁମେ ତୁମର ଅସଲ ଉଦ୍ଦେଶ୍ୟ କଣ ବ୍ୟକ୍ତ କର ।"

"ମୋଟଉପରେ ତୁମେ ସ୍ମିଲ୍ ସାହେବଙ୍କଠାରୁ ସମସ୍ତ ସମ୍ପର୍କ ଛିନ୍ନ କର । ସେ ଲକ୍ଷ୍ନୌ ଆସିଲେ ତୁମେ ତାଙ୍କ ସହିତ ଦେଖା ସାକ୍ଷାତ ବନ୍ଦ କରିଦିଅ । ଖୁବ୍ ସମ୍ଭବ ସେ ଏଠାକୁ ରେସିଡେନ୍‌ଟ ହୋଇ ଆସିପାରନ୍ତି ।"

ଚମ୍ପା ଟିକେ ଅଟକିଗଲା ଏବଂ କିଛିକ୍ଷଣ କୌତୂହଳୀ ହୋଇ ଗୌତମ ଆଡ଼କୁ ଅନାଇ କହିଲା, "ଅଦ୍ଭୁତ ଧରଣର ଲୋକ ତ ତୁମେ ? ସିଧା ସଳଖ କାହିଁକି କହୁନ ଯେ ତୁମେ ନିଜେ ମତେ ଚାହୁଁଛ ।"

ଏକଥା ଶୁଣି ନୀଳାମ୍ବରର ମୁଣ୍ଡ ବୁଲିଇଗଲା । କି ଜଘନ୍ୟ କଥା ! ତାର ଇଚ୍ଛା ହେଲା ସେଇ ମୁହୂର୍ତ୍ତରେ ସେ ସ୍ଥାନ ପରିତ୍ୟାଗ କରିବ । ମାତ୍ର ମେଣ୍ଢା ଲଢ଼ାଇ ଆରମ୍ଭ ହୋଇଯାଇଥିଲା । ବ୍ୟାଣ୍ଡ ବାଜୁଥିଲା ଏବଂ ପ୍ରତିପତ୍ତିଶାଳୀ ବ୍ୟକ୍ତିଗଣ ଆସନ ଗ୍ରହଣ କରିସାରିଥିଲେ । ତେଣୁ ବାଧ୍ୟହୋଇ ଗୋଟିଏ ପଟେ ଚୁପ୍‌ଚାପ୍ ସେ ଠିଆହୋଇଗଲା ।

ଫେରିବା ସମୟରେ ସେ ନବାବ କମ୍ପାନି ଓ ରେସିଡେଣ୍ଟଙ୍କ ପଛେ ପଛେ ଘାଟ

Digitized by PPRACHIN, SOA

ପର୍ଯ୍ୟନ୍ତ ଆସିଲା । ମାତ୍ର ନୌକାରେ ସେ ଓ ଚମ୍ପାବାଈ ବ୍ୟତୀତ ଆଉ କେହି ନଥିଲେ । ଚମ୍ପାବାଈ ମଧୁର ସ୍ୱରରେ କହିଲା, "ଶୁଣ, ମୁଁ ସ୍ମିଲ୍ ସାହେବଙ୍କ ପରି ହଜାରେ ଲୋକଙ୍କୁ ଛାଡ଼ିଦେବି । କିନ୍ତୁ ତୁମେ ମତେ ଛାଡ଼ି ଯିବନି—ଏ କଥା ଦିଅ । ମୁଁ ବାସ୍ତବରେ ତୁମକୁ ବହୁତ ପସନ୍ଦ କରୁଚି !"

ଏ କଥାର ଜବାବ ବା ସେ କଣ ଦେଇଥାନ୍ତା ?

ଚମ୍ପାବାଈ ପୁଣି ଧୀରେ ଧୀରେ କଥା ଆରମ୍ଭ କଲା, "ମୁଁ ଆଜିପର୍ଯ୍ୟନ୍ତ ଏ ପ୍ରକାର କଥା କାହାକୁ କହିନି । ତୁମେ ଅତ୍ୟନ୍ତ ଆତ୍ମାଭିମାନୀ ମନେ ହେଉଛ । ତେବେ ମନେ ରଖିବ ଯେ ନିଜକୁ ନେଇ ଏ ଅଭିମାନ ତୁମର ବେଶୀ ଦିନ ରହିବ ନାହିଁ ।" ଡଙ୍ଗା କୂଳରେ ଲାଗିଥିଲା । ଚମ୍ପା କିଛି ସମୟ ମୁଗ୍ଧ ହୋଇ ତାକୁ ଚାହିଁ କହିଲା, "ବାସ୍ତବିକ୍ ବଡ଼ ଅଦ୍ଭୁତ ବ୍ୟକ୍ତି ତୁମେ ! କଥା କହି ଜାଣନା, ଅଥଚ ତୁମ ପ୍ରେମରେ ମୁଁ ବାନ୍ଧି ହୋଇଗଲି । ଭାଗ୍ୟର ଏ ପରିହାସ ଦେଖ !" ନୀଳାମ୍ବର ଚୁପ୍‌ଚାପ୍ ନୌକାରୁ ଓହ୍ଲାଇଲା । ଚମ୍ପା ପୁନର୍ବାର ପଚାରିଲା, "ମୋ ଘରକୁ ଆସିବ ନା ?" ନୀଳାମ୍ବର ସଂକ୍ଷେପରେ "ନାଁ" କହି ଦ୍ରୁତଗତିରେ ଆସି ନିଜ ପାଲଙ୍କିରେ ବସିଲା ।

ଯାପରେ ତିନି ଦିନ ତିନି ରାତି ସେ କ୍ଷଣକ ପାଇଁ ସଦାଶେ ମଧ୍ୟ ଶାନ୍ତ ପାଇ ପାରିଲା ନାହିଁ । ଏଥିମଧ୍ୟରେ ଚମ୍ପା ପାଖରୁ ଅସଂଖ୍ୟ ବାର୍ତ୍ତା ନେଇ ଲୋକ ତା ପାଖକୁ ଆସିଲେ । ହଠାତ୍ ଏ କି ପ୍ରକାର ନାଟକ ଏ ସ୍ତ୍ରୀ ଲୋକଟି ଆରମ୍ଭ କଲା ? କିନ୍ତୁ ସ୍ତ୍ରୀ ଚରିତ୍ରକୁ ଆଜିପର୍ଯ୍ୟନ୍ତ କିଏ ଜାଣିପାରିଛି ? ଏହି ସ୍ତ୍ରୀ ଲୋକ, ଯାହା ପାଇଁ ସହରର ସମସ୍ତ ସଂଭ୍ରାନ୍ତ ବ୍ୟକ୍ତି ଆକୁଳ ହେଉଛନ୍ତି, ସେ କଣ ଦେଖି ନୀଳାମ୍ବରକୁ ଭଲ ପାଇଲା ?

ହରିଶଙ୍କର ଫାଇଲ ଉପରୁ ଆଖି ଟେକି ଗୌତମକୁ କହିଲା, "ତୁମେ ତା' ପାଖକୁ ଯାଉନ କାହିଁକି ?" ଅଥଚ ନୀଳାମ୍ବର ଅଯୋଧ୍ୟାର ଏଇ ସୁଖୀ ବ୍ୟକ୍ତିଟିକୁ କିପରି ବୁଝାଇବ ଯେ ଚମ୍ପାବାଈ ନିକଟକୁ ଯିବାରେ ତାର ବାଧା କେଉଁଠି ? ହରିଶଙ୍କର ପୁନର୍ବାର କହିଲା, "ଆମମାନଙ୍କ ମନକୁ ଆନନ୍ଦ ଦେବା ନିମନ୍ତେ ଭଗବାନ ନାରୀ ଜାତିର ସୃଷ୍ଟି କରିଛନ୍ତି ।" ଏହା ଶୁଣି ଗୌତମ କହିଲା, "ନାରୀ ତ ଅତ୍ୟନ୍ତ ପବିତ୍ର— ତୁମେ କିପରି ଚିତ୍ତବିନୋଦନର ବସ୍ତୁ ବୋଲି ବିଚାରୁଛ ?"

ଆଶ୍ୱିନମାସ ଆରମ୍ଭ ହୋଇଯାଇଥିଲା ଏବଂ ଏଲାହାବାଦରୁ କଲିକତାଗାମୀ ଜାହାଜ ଯିବା ପାଇଁ ପ୍ରସ୍ତୁତ ହେଉଥିଲା । କାଗଜ ପତ୍ର ଠିକ୍ କରି ନୀଳାମ୍ବର

Digitized by PPRACHIN, SOA

ଫେରିବା ପାଇଁ ସ୍ଥିର କଲା ।

ସହର ସୀମା ପାର ହେବା ରାସ୍ତାରେ ଯାଉ ଯାଉ ସେ କଟଓ୍ୱାନକୁ ପଚାରିଲା, "ଏ ରାସ୍ତା କୁଆଡ଼େ ଯାଇଛି ?"

"ହଜୁର—ନଖ୍ୱାସ ।"

"ତୁମେ ଏଠାରୁ ଗାଡ଼ି ବୁଲାଇ ନିଅ ।"

"ଠିକ୍ ଅଛି ହଜୁର !"

ଗାଡ଼ି ଯାଇ ଚମ୍ପାବାଈର ଦୁଆର ମୁହଁରେ ଅଟକିଲା । ସେ ଧୀରେ ଧୀରେ ପାହାଚ ଚଢ଼ି ଉପରକୁ ଆସିଲା । ଚମ୍ପା ଘରେ ଥିଲା । ମୀଳାମ୍ବରକୁ ଦେଖି ଦଉଡ଼ି ଆସି ପଚାରିଲା, "ତୁମେ ଆସିଲ !"

"ନାଁ, ମୁଁ ଏବେ ଫେରିଯାଉଛି ।"

"ଅଳ୍ପ ଟିକେ ସମୟ ପାଇଁ ହେଲେ ରହି ଯାଅ । ସର୍ବତ ଆଣେ !" ତାର ସଂକୋଚ ଦେଖି ପୁଣି କହିଲା, "ତାହେଲେ ବ୍ରାହ୍ମଣ ଦୋକାନରୁ କିଛି ମିଷ୍ଟାନ୍ନ ମଗାଇ ଦିଏ ।"

"ମୋର କିଛି ଦରକାର ନାହିଁ ।"

"ମୁଁ ସେ କଥା ଜାଣିଛି ।"

"ମୁଁ—ମୁଁ କେବଳ ତୁମ ପାଖରୁ ବିଦାୟ ନେବାକୁ ଆସିଥିଲି ।"

"ଆଚ୍ଛା, ବିଦାୟ ! ଆମ ଏଠାକାର ନିୟମ ହେଲା ଯେ ବିଦାୟ ନେବା ସମୟରେ ତୁମକୁ କୌଣସି ପ୍ରକାର ଦୁଃଖ ନ ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା । ମାତ୍ର ତୁମ ନିମନ୍ତେ ଏପ୍ରକାର ପ୍ରାର୍ଥନା କରିବା ନିଷ୍ପ୍ରୟୋଜନ । ତୁମେ ଦ୍ୱୈନଙ୍କ ଦୁଃଖ କଣ ଜାଣିନା ! ଦୁଃଖର ଅର୍ଥ କଣ ତା ମଧ୍ୟ ହୁଏତ ତୁମକୁ ଅଜଣା ।"

ମୀଳାମ୍ବର ଧୀରେ କହିଲା, "ଚମ୍ପାବାଈ ଶୁଣ, ତୁମ ଜୀବନ ଏତେ ବିଳାସମୟ ଓ ରଙ୍ଗୀନ୍ ଯେ ମୋ ପରି ବ୍ୟକ୍ତିକୁ ଭୁଲି ଯିବାକୁ ତୁମର ଜମା ସମୟ ଲାଗିବ ନାହିଁ । ତୁମେ ମୁଁ କଣ ସମାନ ? ଏପରି ଆଶା କରିବା ମଧ୍ୟ ଅସଙ୍ଗତ । ଶୁଣ, ତୁମ ପାଖକୁ ଆସୁଥିବା ବ୍ୟକ୍ତିମାନଙ୍କଠାରୁ ମୁଁ ପୃଥକ୍ ବୋଲି ମୋ ପ୍ରତି ତୁମ ମନରେ ଏପ୍ରକାର ମୋହ ଜାତ ହୋଇଛି । ସବୁପ୍ରକାର ଆଶ୍ଚର୍ଯ୍ୟ ଜିନିଷ ପ୍ରତି ମନୁଷ୍ୟର ଦୁର୍ବଳତା ଆସିଥାଏ । ଆଚ୍ଛା, ଏବେ ମୁଁ ଗଲି !"

"ହେ ପ୍ରଭୁ, କି କଡ଼ା ମିଜାଜ ! ମନେ ହେଉଛି ଯେପରି ରାଜା ଝାଉଲାଲଙ୍କ ସିଂହାସନ ତୁମରି ପାଇଁ ଶୂନ୍ୟ ପଡ଼ିଛି !" ଚମ୍ପା ହସିବାକୁ ଚେଷ୍ଟା କଲା ।

ଅନ୍ଧକାର ଘୋଟି ଆସିଥାଏ । ସହରର ଚାରିଆଡ଼େ ମଶାଲ ଜଳୁଥାଏ । ବାଣ

Digitized by PPRACHIN, SOA

ଫୁଟୁଥାଏ । ରାସ୍ତାରେ ଏକ ବରଯାତ୍ରୀ ଦଳ ଗଲାପରି ମନେହେଲା । ଶୋଭାଯାତ୍ରାର ମଧ୍ୟ ସ୍ଥଳରେ ନାଚ ହେଉଥାଏ । ଯୌତୁକ ସାମଗ୍ରୀ ବୋଝେଇ ଗାଡ଼ି ସବୁ ଗ୍ଲୁଥାଏ । ରୋଶନ ଚୌକି ବାଜୁଥାଏ । ମଶାଲ ଆଲୋକ ଆସି ଚମ୍ପାବାଈର ମୁହଁରେ ପଡ଼ିଲା । ଚମ୍ପାବାଈ ଝରକା ପାଖରେ ଠିଆ ହୋଇ ଶୋଭାଯାତ୍ରା ଦେଖୁଥାଏ । "କେଜାଣି କେଉଁ ସୌଭାଗ୍ୟବତୀର ବର ଯାଉଛି ! ସେଇ ସୌଭାଗ୍ୟ-ବତୀର ସୀମନ୍ତରେ ସିନ୍ଦୂର ଥିବ, ପାଦରେ ଅଳତା ଓ ନାକରେ ସୌଭାଗ୍ୟସୂଚକ ନୋଥ ଥିବ ।" ଏତକି କହି ସେ ନିଜ ଶୂନ୍ୟ ସୀମନ୍ତକୁ ଅଣ୍ଡାଳିଲା । ଏ ପୁଣି କିପ୍ରକାରର ନାଟକ ଆରମ୍ଭ କଲା—ମାଳାମ୍ବର ମନେ ମନେ ଚିନ୍ତା କଲା ।

"ପୁରୁଷ ଏତେ ନିଷ୍ଠୁର," ଚମ୍ପା କହିଲା ।

"ଯୁଗ ଯୁଗ ଧରି ପୁରୁଷ ସ୍ତ୍ରୀ ଉଭୟେ ଉଭୟଙ୍କୁ ଏ ପ୍ରକାର ଦୋଷାରୋପ କରିଛନ୍ତି । ଏପରି କହିବା ବାସ୍ତବିକ ବୃଥା ।"

"ତୁମେ ସକାଳ ହେବା ବେଳକୁ ଲକ୍ଷ୍ନୌରୁ ବହୁତ ଦୂର ଗ୍ଲୁଯାଇଥିବ, ନୁହେଁ ?"

"ହଁ ।" ଗୌତମ ଝରକାରେ ତଳ ରାସ୍ତାକୁ ଅନାଇଲା । ମନେହେଉଥିଲା ଏ ବଜାର, ଏ କୋଳାହଳମୟ ଜନସମୁଦ୍ର, ଏ ଗହଳି ଯେପରି ଏ ବିରାଟ ଦୁନିଆଁ ରୂପୀ ନାଟକ ଗୃହର ଅଙ୍ଗ । ଭର୍ତ୍ତୃହରି ଏହି ପୃଥିବୀକୁ ରଙ୍ଗମଞ୍ଚ ବୋଲି ବର୍ଣ୍ଣନା କରିଛନ୍ତି ।

ଏଇ ସଂସାର-ରୂପୀ ରଙ୍ଗମଞ୍ଚରେ ନିରର୍ଥକ କେତେ ପ୍ରକାରର ନାଟକ ଅଭିନୀତ ହୋଇଯାଇଛି । ଅନ୍ଧକାର ଆଉରି ଗାଢ଼ ହେଲା । ତଳେ ତାର ଗାଡ଼ି ଅପେକ୍ଷା କରୁଥିଲା । ମନେହେଲା ଯେପରି କିଏ କହୁଛି—"...କଳିକତା ପଳାଅ ଏଠୁ, କଳିକତା ସିଧା ପଳାଅ । ତୁମେ ଏଠାରେ ସ୍ଥିର ହୋଇ ରହିପାରିବ ନାହିଁ । କଳିକତା ହିଁ ତୁମର ସ୍ଥାନ......।"

ସେ ତରତରହୋଇ କାଗଜପତ୍ର ବିଡ଼ା ବାନ୍ଧି ପାହାଚ ଓହ୍ଲାଇ ତଳକୁ ଆସିଲା । ପଛକୁ ଥରେ ମଧ୍ୟ ନ ଅନାଇ ସିଧା ଗାଡ଼ିରେ ବସିଲା ।

ଗହଳି ରାସ୍ତାହୋଇ ଗାଡ଼ି ସହର ସୀମା ଅତିକ୍ରମ କଲା । ଯେଉଁ ସ୍ଥାନରେ ବିଦେଶୀମାନଙ୍କର ପରିଚୟପତ୍ର ଯାଞ୍ଚ ହୁଏ ସେହିଠାରେ ଗୋଟିଏ ଜାମୁଗଛ ମୂଳରେ କେତେ ଜଣ ସନ୍ନ୍ୟାସୀ ବସିଥିଲେ । ଅମ୍ବିକା ଭବାନୀଙ୍କ ମନ୍ଦିର ସାମ୍ନାରେ ଧୂନି ଜଳୁଥିଲା । ଗୌତମ ଗାଡ଼ିରୁ ଓହ୍ଲାଇ ଦେବୀମୂର୍ତ୍ତିଙ୍କୁ ଦର୍ଶନ କଲା । ମା'ଙ୍କୁ କାଳୀ ରୂପରେ ସେ ଜାଣିଥିଲା—ଏବେ ତାଙ୍କର ଯୋଗମାୟା ରୂପ ଦେଖି ଧନ୍ୟ ହୋଇଗଲା । "ମା, ମୁଁ ତୁମର ଏ ଲୀଳା ରୂପ ମଧ୍ୟ ଦେଖିଲି । ଏବେ ଫେରିଯାଉଛି । ନିଜ ଶକ୍ତି ଦେଇ ଏପରି ମତେ ରକ୍ଷା କରିବ ।" ଏହି ପ୍ରାର୍ଥନା ଜଣାଇବା ସମୟରେ ଜଣେ

Digitized by PPRACHIN, SOA

ସନ୍ନ୍ୟାସୀ ପଚାରିଲେ—“ବହୁତ କାଳରୁ ଫେରିନାହଁ !”

“ମନ୍ତ୍ରଣା ଜାଣି ଆଉ ପ୍ରତୀକ୍ଷା କରିବା ବୁଦ୍ଧିମନ୍ତର କାମ ନୁହେଁ ।” ଲକ୍ଷ୍ନୌର ଅଟ୍ଟାଳିକାମାଳା ଆଡ଼କୁ ସଙ୍କେତ କରି ଗୌତମ କହିଲା, “ତୁମର ଏ ସହର କେବଳ ମନ୍ତ୍ରଣା ନଗରୀ ଅଟେ ।” ଦୂରରେ ମନ୍ତୁଭବନରୁ ରାତ୍ରୀର ଚତୁର୍ଥ ପ୍ରହରର ଘଣ୍ଟା ଶୁଣାଯାଉଥିଲା ।

ସନ୍ନ୍ୟାସୀ ତାଙ୍କୁ କିଛି ସମୟ ନିରୀକ୍ଷଣ କରି କହିଲେ, “ମନ୍ତ୍ରଣା ସମ୍ପର୍କରେ ଏପରି ବାସ୍ତବ ଜ୍ଞାନ ଏତେ ସହଜରେ ଆସେନାହିଁ ।”

“ବାବା, ଯୋଗମାୟା ମତେ ତାର ଦଶଭୁଜଦ୍ୱାରା କାବୁଡ଼ି ଧରିବାକୁ ଚେଷ୍ଟା କଲା । ମାତ୍ର ଦେଖ ମୁଁ କିପରି ସୁସ୍ଥ ଅବସ୍ଥାରେ ଖସି ଆସିପାରିଲି ।” ଗୌତମ କହିଲା ।

“ଆମମାନଙ୍କ ଭିତରୁ କିଏ ସୁନ୍ଦର ନୁହେ ! ସମସ୍ତେ ସେଇ କୁମ୍ଭାରଦ୍ୱାରା ଗଠିତ ଖେଳନା ହିଁ ଅଟୁ ଏବଂ ସମୟକ୍ରମେ ଭାଙ୍ଗି ଚୁରି ଯାଉ । ନିଜ ଶକ୍ତି ନେଇ ଏତେ ଗର୍ବ କରିବା ଠିକ୍ ନୁହେଁ !” ଏତକି କହି ସନ୍ନ୍ୟାସୀ ଜଣକ ମେଞ୍ଚାଏ ମାଟି ଉଠାଇ ଶୁଙ୍ଘିଲା ଏବଂ ନୀଳାମ୍ବରକୁ କହିଲା, “ତୁମ ଦେଶରେ ଯୋଗମାୟାଙ୍କ ମନ୍ଦିର ଅଛି । ସେଠି ଏ ମାଟି ଉତ୍ସର୍ଗ କରିଦେବ ।” ଗୌତମ ସେଇ ମାଟି ଗ୍ରହଣ କରିବାକୁ ଟିକେ ପଶ୍ଚାଦ୍‌ପଦ ହୁଅନ୍ତେ ସନ୍ନ୍ୟାସୀ କହିଲା, “ନିଅ, ଏ ଲକ୍ଷ୍ନୌର ମାଟି । ଏହାକୁ ସଙ୍ଗରେ ନେଇଯାଅ, କାରଣ ଏ ସହରର ଯାଦୁ ଏପରି ଯେ ଏଠାରୁ ଅଲଗା ହୋଇଗଲେ ଏହା କଥା ବେଶୀ ମନେପଡ଼େ ।” ସନ୍ନ୍ୟାସୀଙ୍କ ଭାଷା ଅତ୍ୟନ୍ତ ମାର୍ଜିତ ଥିଲା ।

“ତୁମେ ସନ୍ନ୍ୟାସୀ ହେଲ କାହିଁକି ?” ନୀଳାମ୍ବର ହଠାତ୍ ପଚାରିଦେଲା ।

“ତୁମେ ଜଣେ ମତେ ଚିହ୍ନିପାରିଲ ?” ସନ୍ନ୍ୟାସୀ ବିବ୍ରତ ହୋଇ ପଚାରିଲା ।

“ନାଁ, ଏଠାରେ ମୁଁ କାହାକୁ ଚିହ୍ନେ ନାହିଁ ।”

“ହୁଁ, ଜାଣିବା ବହୁତ କଷ୍ଟ ଏବଂ ଜାଣିବା ବ୍ୟକ୍ତିକୁ ପୁଣି ଜାଣିବ କିଏ ?” ସନ୍ନ୍ୟାସୀ କହିଲା ।

ନୀଳାମ୍ବର ଏ କଥା ଉପନିଷଦ୍‌ରେ ପଢ଼ିଥିଲା । ଏ ସନ୍ନ୍ୟାସୀ ନିଶ୍ଚିତରୂପେ ଖୁବ୍ ବିଦ୍ୱାନ୍ ବ୍ୟକ୍ତି ।

“ବାବା, ମୁଁ ପଚାରିପାରେ କି ଆପଣ କିଏ ?”

“କାହିଁକି ? କଣ ଇଂରେଜଙ୍କ ପକ୍ଷରୁ ଗୁପ୍ତଚର ବୃତ୍ତି କରୁଛ ?”

“ମୁଁ ଇଂରେଜଙ୍କ ଗୁପ୍ତଚର ନୁହେଁ ।”

“ସତ କହୁଛ ?”

“ଏକଦମ୍ ସତ ।”

Digitized by PPRACHIN, SOA

"ଆଚ୍ଛା ତେବେ ଶୁଣ ! ମୁଁ ହେଉଛି ରାଜା ବେନବାହାଦୁରଙ୍କ ପୁଅ । ରାଜା ବେନବାହାଦୁରଙ୍କ ନାମ ଶୁଣିଛ ? ସେ ମିର୍ଜା ଜଲାଲୁଦ୍ଦିନ ହେଦର ନବାବ ସୁଜାଉଦ୍ଦୌଲାଙ୍କ ନାଏବ ଥିଲେ ଓ ଅଯୋଧାର ନବାବ ଏବଂ ବଙ୍ଗଳାର ନବାବଙ୍କ ପକ୍ଷରୁ ଇଂରେଜଙ୍କ ବିରୁଦ୍ଧରେ ପ୍ରାଣମୂର୍ଚ୍ଛା ଲଢ଼ିଥିଲେ । ଗଙ୍ଗାକୂଳର ଗୋଟିଏ ପଟେ ମୋର ବୀର ପିତା, ବନାରସର ରାଜା ବଳବନ୍ତ ସିଂହ ଏବଂ ଗୋସେଇଁ ହିମ୍ମତ ବାହାଦୁର ଏବଂ ରୋହିଲାମାନେ ଥିଲେ; ଅପର ପଟରେ ଇଂରେଜସେନା । କିନ୍ତୁ ଇଂରେଜମାନେ ଅତର୍କିତ ମୋ ବାପାଙ୍କ ସେନାଙ୍କ ଉପରେ ଆକ୍ରମଣ କରିଦେବାରୁ ଆମ ସୈନ୍ୟବଳ ଭାଙ୍ଗି ପଡ଼ିଲା । ଘୋଡ଼ା ଉପରେ ଥାଇ ମୋ ବାପା ଚିତ୍କାର କରୁଥାନ୍ତି, 'ଆରେ କାପୁରୁଷଗଣ, କୁଆଡ଼େ ପଳାଉଛ ?' ମାତ୍ର ସେତେବେଳକୁ ଆମ ସେନା ଦୁର୍ଗାବତୀ ନଦୀ ପାରି ହୋଇସାରିଥାନ୍ତି । ଅସଂଖ୍ୟ ସୈନିକ ପାଣିରେ ବୁଡ଼ି ମରିଥାନ୍ତି । ହିନ୍ଦୁସ୍ଥାନର ସୌଭାଗ୍ୟ ରବି ଅସ୍ତ ହୋଇସାରିଥିଲେ ।" ଏତିକ କହି ସନ୍ୟାସୀ ଟିକେ ଦମ୍ ନେଇ ପୁଣି କହିବାକୁ ଲାଗିଲେ—"ତୁମ ଇଂରେଜ ସରକାରଙ୍କୁ ସେତେବେଳେ ସୁବିଧା ମିଳିଗଲା । ଆଲୀଜାହ (ବଙ୍ଗଳାର ନବାବ) ଏବଂ ଜନାବ୍ଆଲୀ (ଅଯୋଧା ନବାବ) ଉଭୟଙ୍କ ମଧ୍ୟରେ ଥିବା ମତଭେଦର ପୂର୍ଣ୍ଣ ସୁଯୋଗ ଇଂରେଜମାନେ ନେଲେ । ନବାବଦ୍ୱୟ ପରସ୍ପର ବିରୁଦ୍ଧରେ ଅଭିଯୋଗମାନ ଦିଲ୍ଲୀ ସମ୍ରାଟଙ୍କୁ ଲେଖି ଜଣାଇବା ସଙ୍ଗେ ସଙ୍ଗେ ଏଆଡ଼େ କଲିକତାରେ ଥିବା ଇଂରେଜ କମ୍ପାନୀ ସହିତ ଭିତରେ ଭିତରେ ସନ୍ଧିର ପ୍ରସ୍ତାବ କରୁଥିଲେ । କେହି କାହାକୁ ବିଶ୍ୱାସ କରୁ ନ ଥିଲେ । ମୋର ବାପା ଥିଲେ ଜନାବଆଲୀଙ୍କର ସବୁଠାରୁ ବିଶ୍ୱସ୍ତ କର୍ମଚାରୀ, ଅଥଚ ଝଗୁଆଙ୍କ କଥାରେ ପଡ଼ି ଏପରି ବିଶ୍ୱାସୀ କର୍ମଚାରୀଙ୍କୁ 'ନମକ୍ ହାରାମ୍' କହି ସେ ଦଣ୍ଡ ଦେବାପାଇଁ ଚେଷ୍ଟା କଲେ ।"

"ଆରେ !" ଗୌତମ ମିଳାମ୍ବର ମୁହଁରୁ ଏତିକ ବାହାରିଗଲା ।

"ଜନାବଆଲୀ ଦିନେ ମୋ ବାପାଙ୍କ ଜମିଦାରୀକୁ ଆସି କିଛି କ୍ଷଣ ଆରାମ କରିବା ପରେ ହଠାତ୍ ପ୍ରସ୍ତାବ ଦେଲେ ଯେ ସାଥୀହୋଇ ଶିକାର କରି ଯିବେ । ଏଥିରେ ମୋ ବାପା କୁଣ୍ଠା ପ୍ରକାଶ କରିବାରୁ ତାଙ୍କୁ କହିଲେ ଯେ ଏଥର ଶିକାର ବଡ଼ ମଜାର ହେବ ଯାହାକି ଅକଳ୍ପନୀୟ । ଏହା କହି ମୋର ବାପାଙ୍କୁ ଜବରଦସ୍ତି ଶିବିକାରେ ବସାଇ ନିଜ ଛାଉଣୀ ଅଭିମୁଖେ ଯାତ୍ରା କଲେ । ବାପା ବୁଝିପାରିଲେ ଯେ ତାଙ୍କୁ ଏକପ୍ରକାର ବନ୍ଦୀ କରାଗଲା । କିନ୍ତୁ ପ୍ରତିକାର ବା କଣ କରିଥାନ୍ତେ ? ଜନାବଆଲୀ ଖାଁଙ୍କ ଆଦେଶରେ ବାପାଙ୍କ ଦୁଇ ଆଖି ଉତପ୍ତ ଲୌହଶଳାକା ଦ୍ୱାରା ନଷ୍ଟ କରି ଦିଆଗଲା ଏବଂ ତାଙ୍କର ଜମିଦାରୀ ବାଜ୍ୟାପ୍ତ କରାଗଲା । ମୋର ବାପା

Digitized by PPRACHIN, SOA

ତେରଶହ ଘୋଡ଼ା, ଅଠରଟି ହାତୀ, ଗୋଟିଏ ତୋପଖାନା ଏବଂ ବିରାଟ ଏକ ଜମିଦାରୀର ମାଲିକ ଥିଲେ, ଅଥଚ ମୁଁ କେବଳ ଏହି ମୃଗଚର୍ମଟିର ହିଁ ମାଲିକ ।” ଏହା କହି ସନ୍ନ୍ୟାସୀ ନୀରବ ହେଲେ । ନୀଳାମ୍ବର ଏକ ଚିତ୍ରପ୍ରତିମା ପରି ଏ ସମସ୍ତ କଥା ଶୁଣୁଥିଲା । ଧୂନିରେ ଆଉ ଖଣ୍ଡିଏ କାଠ ପକାଇ ସନ୍ନ୍ୟାସୀ କହିଲେ— “ମନ୍ୱନ୍ତରର ବାସ୍ତବତା ମୁଁ ସିନା ଅଙ୍ଗେ ନିଭାଇଛି—ତୁମେ କଣ ବେଶୀ ଜାଣିଛ ? ତୁମେ ଯେତିକିରେ ଅଛ ସେତିକିରେ ହିଁ ରହିବ । ମୁଁ କିନ୍ତୁ ରାଜ୍ୟର ଉତ୍‌ଥାନ ପତନ, କମ୍ପାନୀର ସୁଖ ଦୁଃଖ, ବାଦଶାହଙ୍କ କ୍ରୋଧ—କୌଣସି ବିଷୟକୁ ଗ୍ରାହ୍ୟ କରୁନି । ମୋ ବାପାଙ୍କୁ ଅନ୍ଧ କରିଦିଆଯାଇଥିଲା—ଅଥଚ ମୋର ପ୍ରଭୁ ଭଗବାନଙ୍କ ବ୍ୟତୀତ ମତେ କିଏ ଅନ୍ଧ କରିପାରିବ ? ଏଥର ତୁମେ ତୁମ ବାଟରେ ଯାଅ—ଡେରି ହୋଇଗଲାଣି । ଯୋଗମାୟାଙ୍କ ମନ୍ଦିରକୁ ଯାଇ ଦେଖ । ସେଠାରେ ଦେଖିବ ଗୃହପଟେ ବାରଣ୍ଡା ଓ ଅସଂଖ୍ୟ ଦ୍ୱାର । ଗୋଟିଏ ଦ୍ୱାର ସହିତ ଅନେକ ଦ୍ୱାର ଲାଗିଛି । ତା’ପରେ ତୃଷ୍ଣାସ୍ତ ଦ୍ୱାର—ଏହିପରି ଭୁଲ, ଭ୍ରାନ୍ତି ଏବଂ ଗୋଲମାଳ ଚତୁର୍ଦ୍ଦିଗରେ ମଣିଷକୁ ବେଢ଼ି ରହିଛି—ଏଥିରୁ ମଣିଷ ମୁକ୍ତି ପାଇପାରୁନି । ତୁମେ ଭାବୁଛ ଯେ ତୁମେ ଏଇ ଭୁଲ ଭ୍ରାନ୍ତିରୁ ମୁକୁଳି ଆସିଛ ? କିନ୍ତୁ ତୁମେ ଭୁଲ କରୁଛ— ଏଥର ଯାଅ ।”

ନୀଳାମ୍ବର ଉଠି ସନ୍ନ୍ୟାସୀଙ୍କ ଗୋଡ଼ତଳୁ ସେ ମାଟି ମେଞ୍ଚାକ ଧରି ଧୀରେ ଧୀରେ ଆସି ଗାଡ଼ିରେ ବସିଲା । କଚୱାନ୍ ସୀତାପୁର ଯାଇଥିବା ରାସ୍ତାରେ ଗାଡ଼ି ଚଳାଇଲା ।

ହଠାତ୍ ଏକ ପୋଲ୍ ନିକଟରେ ଗାଡ଼ି ଅଟକିଗଲା । ଆଗରେ ଏକ ଗୋରା ସିପାହି ନିଜ ଘୋଡ଼ାରୁ ଓହ୍ଲାଇ ଗୋଟିଏ ବାଟୋଇକୁ ଅମାନୁଷିକ ପ୍ରହାର କରୁଥିଲା ଏବଂ ଇଂରାଜୀରେ ଅକଥ୍ୟ ଗାଳିଦେଉଥିଲା ।

ନିକଟରେ ମାଣ୍ଡିଆବନ ଛାଉଣୀ—ଚତୁର୍ଦ୍ଦିଗରେ ଇଂରେଜ କର୍ମଚାରୀଙ୍କ କୋଠି ଏବଂ ସାମରିକ ମେସ, ଗିର୍ଜା ଓ ଡାକ୍ତରଖାନା ।

ଗୋରା ଜଣକ ବାଟୋଇକୁ ନିର୍ଘାତ ମାଡ଼ ଦେଇ ଘୋଡ଼ା ଚଢ଼ି ଅଦୃଶ୍ୟ ହୋଇଗଲା । “ଶଳା, ଆମରି ଖାଇ ଆମରି ଉପରେ ତୋଡ଼ ! ନବାବଙ୍କ ରାଜୁତିରେ ଥାଇ ମଧ୍ୟ ଏପ୍ରକାର ସ୍ୱେଚ୍ଛାଚାରିତା ।” ଗଙ୍ଗାଦୀନ କଚୱାନ କ୍ରୋଧରେ କହିଲା । ଗୌତମ ନୀଳାମ୍ବର ନିଜ ଚିନ୍ତାରେ ଡୁବିଯାଇଥାଏ । ରାତିରେ ସେ ରାଜା ଟିକୈତରାୟଙ୍କଦ୍ୱାରା ନିର୍ମିତ ଏକ ଧର୍ମଶାଳାରେ ରାତି କଟାଇବାକୁ ମନସ୍ଥ କଲା । ନୀଳାମ୍ବର ସହିତ ରେସିଡେନ୍‌ସିର ସିପାହି ଓ ଦୂତକୁ ଦେଖି ଧର୍ମଶାଳାରେ ଫୁସ୍‌ଫାସ ହେଲେ—“ବଙ୍ଗାଳୀବାବୁ କଲିକତା ଯାଉଛନ୍ତି । ଇଂରେଜୀ ଜାଣନ୍ତି ।

Digitized by PPRACHIN, SOA

ସ୍ତ'ଙ୍କୁ ପଚାରୁ କମ୍ପାନୀ ବାହାଦୁର ଆମ ବାଣିଜ୍ୟ ଶୁଳ୍କ କେବେ କମାଇବେ······ ଲଣ୍ଡନରେ ନୂଆ ଆଇନ୍ ପ୍ରଣୟନ ହେଉଛି । ତାହା ଏଠାରେ ମଧ୍ୟ କାର୍ଯ୍ୟକାରୀ ହେବ ବୋଲି ଶୁଣା ଯାଉଛି । ବଙ୍ଗଳା ଓ ଅଯୋଧ୍ୟାରେ ଏକପ୍ରକାର ଆଇନ୍ ପ୍ରଚଳିତ ଅଛି । ଏ ବାବୁ ସାହେବ, ଟିକସ୍ ଭଲି ଟିକେ କମ୍ କରାଇଦିଅ ! ଆମର ତ ଟିକସ୍ ଭାରରେ ଅଣ୍ଟା ଭାଙ୍ଗିଗଲାଣି ।" ଅଗଣାରେ ନୀଳାମ୍ବର ଚାରିପଟେ ଭିଡ଼ ଜମିଉଠିଲା । ଏମାନେ ସମସ୍ତେ ଆଖପାଖର ଚାଷୀ ଓ ରଇତ । ଏମାନେ ନିଜ ନିଜର ମାମଲା ମକଦ୍ଦମା ଓ ଅର୍ଜି ନେଇ ରାଜଧାନୀ ଯାଉଥିଲେ । ଜଣେ ବୃଦ୍ଧ ହିନ୍ଦୁ ଜମିଦାର ଲଠି ଧରି ନୀଳାମ୍ବର ପାଖରେ ବସିପଡ଼ି ପଚାରିଲେ, "କେଉଁଠୁ ଆସିଲ ?"

"ବଙ୍ଗଳାରୁ ।"

"ତାହେଲେ ତ ତୁମେ ଆମର ଅତିଥି ! ମୋ ସଙ୍ଗତ ଆମ ଗାଁକୁ ଚାଲ ଏବଂ ତୁମକୁ ଖାତର ଯତ୍ନ କରିବା ପାଇଁ ସୁଯୋଗ ଦିଅ । ଏଠାରୁ ମାତ୍ର କୋଶେ ବାଟରେ ମୋ ଘର ।"

ଏ କଥା ଶୁଣି ନୀଳାମ୍ବରର ଆଖି ଛଳ ଛଳ ହୋଇ ଉଠିଲା । ଏଇ ଲୋକେ କେତେ ନିରୀହ, କେତେ କୋମଳ ଓ ସରଳ । ଅଯୋଧ୍ୟା ଛାଡ଼ି ଚାଲିଯାଉଥିବାରୁ ସେ ପ୍ରକୃତରେ ଦୁଃଖ ଅନୁଭବ କଲା ।

"ଭାଇ, ତୁମ ଇଂରେଜ ସରକାରଙ୍କୁ କହିବ ଯେ ସେ ଯେପରି ଆମମାନଙ୍କ ଉପରେ ଅଧିକ ଅତ୍ୟାଚାର ନ କରନ୍ତି ।" ବୃଦ୍ଧ ଚାରିଆଡ଼କୁ ଅନାଇ କହିଲେ ।

ନୀଳାମ୍ବର ନୀରବରେ ସବୁ ଶୁଣୁଥାଏ ।

"ଲକ୍ଷ୍ନୌରୁ ଆସିଲ ତ ?"

"ହଁ ।"

"ସେଠି ଆମ ବାଦଶାହଙ୍କୁ ଦେଖିଲ !"

"ହଁ ।"

"ଆମ ବାଦଶାହଙ୍କୁ କମ୍ପାନୀ ବାହାଦୁର ଟଙ୍କା ପାଇଁ ବହୁତ ହଇରାଣ କରୁଛନ୍ତି ।"

"କେଜାଣି, ହୋଇଥାଇପାରେ ।"

"କହୁନ କାହିଁକି ବଙ୍ଗାଳୀ ଭାଇ—ତୁମେ ତ ସବୁ କଥା ଜାଣିଛ ! କମ୍ପାନୀ ବାହାଦୁର ନାନା ପ୍ରକାର ପ୍ରତିଶ୍ରୁତି ଆମ ବାଦଶାହଙ୍କୁ ଦେଇ କୌଣସି କଥା ରକ୍ଷା କଲେ ନାହିଁ । ତୁମକୁ ଜଣାଥିବ, ବକ୍ସର ଯୁଦ୍ଧରେ ପରାଜିତ ହେବା ପରେ ନବାବ-ଆଲୀଙ୍କ ଠାରୁ······ ।" ଖୁବ୍ ଉତ୍ତେଜିତ ହୋଇ ବୃଦ୍ଧ କହୁଥିଲେ ।

Digitized by PPRACHIN, SOA

ପୁଣି ସେଇ ବକ୍‌ସର, ଜନାବଆଲ୍ଲୀଙ୍କ କଥା ଆରମ୍ଭ ହୋଇଗଲା ।······ନୀଳାମ୍ବର ଚମକିଲା । ବୃଦ୍ଧ ଜଣକ କିଛିକ୍ଷଣ ନୀଳାମ୍ବର ଆଡ଼େ ଚାହିଁ କହିଲେ, "ତୁମକୁ ଏକଥା ନୀରସ ଲାଗୁଥିବ, କିନ୍ତୁ ଏ ଆଘାତ ଯେ ଆମ ହୃଦୟରେ ଲାଗିଛି । ଆମ ରାଜ୍ୟକୁ କମ୍ପାନୀ ବାହାଦୁର ଛାରଖାର କରିଦେଇଛି······ । ତୁମେତ ଜାଣିଛ, ବକ୍‌ସରରେ ପରାଜିତ ହୋଇ ଇଂରେଜମାନେ ଜନାବ ଆଲ୍ଲୀଙ୍କ ସହିତ ଲିଖିତ ଚୁକ୍ତି କରିଥିଲେ ଯେ ସେମାନେ ୩୫୦୦୦ରୁ ଅଧିକ ସୈନ୍ୟ ମୁତୟନ କରିବେ ନାହିଁ । ଏବେ ମାଣ୍ଡିଆବାନର ଛୁଉଣୀକୁ ଥରେ ଦେଖିଲ ! ଆସିଫଉଦ୍ଦୌଲ ଥରେ କଲିକତାକୁ ଜଣାଇଲେ—ଇଂରେଜ ସୈନ୍ୟ ସାରା ରାଜ୍ୟର ଆମଦାନୀ ଖାଇ ଯାଉଛନ୍ତି । ଘର ଗୃହସ୍ଥ ପାଇଁ ସୁଦ୍ଧା ଖାଦ୍ୟ ବଳକା ହେଉନି । ଖେତ ଖମାର ନିପର୍ଯ୍ୟନ୍ତ । କେତେ ଦିନ ପର୍ଯ୍ୟନ୍ତ ମୋ ତଣ୍ଟିରେ ଏ ଛୁରି ଚଳାଉଥିବ ।" ଫଳସ୍ୱରୂପ ହେଲା କଣ ? ଆମେ ଗରିବରୁ ଆହୁରି ଗରିବ ହୋଇଗଲୁ । ଭାଇ ! ଆମେ ସବୁ ବଡ଼ ଦୁଃଖୀ ଲୋକ । ଯେତେବେଳେ ମୁନ୍‌ରୋ ଆକ୍ରମଣ କଲା—ଆମ ସିପାହିଗଣ "ହାୟ୍ ହୁସେନ, ହାୟ୍ ହୁସେନ" କହି କାନ୍ଦୁଥିଲେ ଏବଂ ଲଢ଼ୁଥିଲେ । ଏଇ ଅବସ୍ଥାରେ ଆମେ ଇଂରେଜଙ୍କ ସହିତ ଲଢ଼ିଛୁ । ମାତ୍ର ଲାଭ କିଛି ହେଲାନି । ଏବେ ଆମ ପାଖରେ କମ୍ପାନୀକୁ ଖଜଣା ଦେବା ନିମନ୍ତେ କିଛି ନାହିଁ ।" ଏତିକି କହି ବୃଦ୍ଧ ଚୁପ୍ ହୋଇଗଲେ ।

ପ୍ରଦୀପର ଶିଖା ପବନରେ କମ୍ପିଉଠୁଥିଲା । ନୀଳାମ୍ବର କାନ୍ଥକୁ ଆଉଜି ବସିଗଲା ।

୧୨

ନୀଳାମ୍ବର କଲିକତା ଫେରି ନିଜର ଜଣାଶୁଣା ଓ ପରିଚିତ ଦୁନିଆ ଭିତରେ ନିଜକୁ ହଜାଇ ଦେଲା—ଅଫିସ, ବନ୍ଧୁ, ଇଂରାଜୀ ଓ ବଙ୍ଗଳା ସମ୍ବାଦ ପତ୍ର ତଥା ଭାଷଣ ।······କିଛି ଦିନ ପରେ ସେ ଧର୍ମଶାଳାରେ ସୁଜାତା ଦେବୀଙ୍କୁ ଭେଟିବାକୁ ଯାଇ ଶୁଣିଲା ଯେ ବର୍ଷାଦିନେ କାଳୀଘାଟକୁ ପୂଜା କରିବା ପାଇଁ ଯିବାବେଳେ ସାପ କାମୁଡ଼ିବା ଫଳରେ ତାଙ୍କର ମୃତ୍ୟୁ ହୋଇଛି ।···ସ୍ତ୍ରୀଲ୍ ସାହେବ୍ ମଫସଲ ଗସ୍ତରେ ଯାଇଥିଲେ ।

ନୀଳାମ୍ବର ପୂର୍ବବତ୍ ନିଜ ବାରଣ୍ଡାରେ ମସିଣା ଉପରେ ବସି ଲଣ୍ଠନ ଆଲୁଅରେ ବିରାଟ ଡିକ୍‌ସନାରୀ ସାହାଯ୍ୟରେ ଦୁର୍ବୋଧ ଇଂରାଜୀ ବହିର ମାନେ ବୁଝିବାରେ ତନ୍ମୟ

Digitized by PPRACHIN, SOA

ହୋଇଗଲା, କିନ୍ତୁ ସ୍ୱୀକାର କରିବା ପାଇଁ ତାର ଆଉ ଟିକେ ବି ଆଗ୍ରହ କିମ୍ବା ଇଚ୍ଛା ନଥିଲା । ମାଣିକତଲ୍ଲାରେ ତାର ଘର ନିକଟରେ ଗୋଟିଏ ବଗିଚା ଘରେ ବହୁ ନବ ଯୁବକ ସମ୍ମିଳିତ ହେଉଥିଲେ । ଏହି ଘରେ ରାଜା ରାମମୋହନ ରାୟ ରହୁଥିଲେ ।

ଦିନେ ନିଜର ବନ୍ଧୁ ସହିତ ସେ ରାମମୋହନ ରାୟଙ୍କ ଭାଷଣ ଶୁଣି ଆସିଲା ପରେ ଧର୍ମ ସମ୍ବନ୍ଧରେ ତାର ମନରେ ଯେଉଁ ସନ୍ଦେହ ରହିଥିଲା ତାହା ଆହୁରି ବେଶୀ ବଢ଼ିଗଲା । ଏବେ ଆଉ ସେ କାଳୀଘାଟ ନଯାଇ ଚୁପ୍‌ଚାପ୍ ନିଜ ଘରେ ବସି ଚିନ୍ତା କରୁଥାଏ । ଏଇ ଯେ ଶ୍ରୀରାମପୁରରେ ଖ୍ରୀଷ୍ଟାନ ମିଶନାରୀମାନେ ଅଛନ୍ତି ସେମାନେ କଣ ଠିକ୍ କଥା କହୁଛନ୍ତି ? ରାମମୋହନ ବାବୁ କଣ ଠିକ୍ ରାସ୍ତାରେ ଅଛନ୍ତି ? କିଏ କହିପାରିବ ଯେ କେଉଁ ବ୍ୟକ୍ତି ଠିକ୍ ରାସ୍ତାରେ ଯାଉଛି ଏବଂ ଅନ୍ୟ ଜଣଙ୍କ ଭୁଲ ! ଏ ସମସ୍ତ ପ୍ରଶ୍ନରେ ବିବ୍ରତ ବ୍ୟସ୍ତ ହୋଇ ସେ ଶେଷରେ ସ୍ଥିର କଲା ଯେ ପର୍ଯ୍ୟନ୍ତ ଗଭୀର ଅଧ୍ୟୟନ ନ କରିଛି ସେ ପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତରେ ସେ ପହଞ୍ଚିବ ନାହିଁ । କମ୍ପାନୀ ବାହାଦୁରଙ୍କ ଚାକିରିରୁ ଇସ୍ତଫା ଦେଇ ସେ ହିନ୍ଦୁ କଲେଜ୍‌ରେ ଭର୍ତ୍ତି ହୋଇଗଲା । ଏହି କଲେଜରେ ରାଜା ଦ୍ୱାରକାନାଥ ଟାଗୋରଙ୍କ ପୁତ୍ର ଦେବେନ୍ଦ୍ରନାଥ ତାର ସହପାଠୀ ଥିଲେ । କ୍ଲାସ୍ ଶେଷ ହେବା ପରେ ଏ ଦୁହେଁ ଏକାଠି ବସି ପାଶ୍ଚାତ୍ୟ ଦର୍ଶନ ଉପରେ ଆଲୋଚନା କରୁଥିଲେ । ଦେବେନ୍ଦ୍ରନାଥ ସଂସ୍କାର ମନୋଭାବସମ୍ପନ୍ନ ଥିଲେ ଏବଂ ଏହି ଗୁଣ ଯୋଗୁଁ ନୀଳାମ୍ବର ତାଙ୍କ ପ୍ରତି ଏତେ ବେଶୀ ଆକୃଷ୍ଟ ହୋଇଥିଲା । ସେମାନେ ସଂଧ୍ୟାବେଳେ ରାମମୋହନଙ୍କ ଘରେ ଆଲୋଚନାଚକ୍ରରେ ସମ୍ମିଳିତ ହୋଇ ପ୍ରସିଦ୍ଧ ବିଦ୍ୱାନ୍ ଓ ଦାର୍ଶନିକମାନଙ୍କ ଭାଷଣ ଶୁଣୁଥିଲେ । ଏକେଶ୍ୱରବାଦ ସଂପର୍କରେ ଭଜନ ଗାଉଥିଲେ । କେବେ କେବେ ନୀଳାମ୍ବର ଦେବେନ୍ଦ୍ରନାଥଙ୍କଠାରୁ ହାଫିଜଙ୍କର ଫାର୍ସୀ ଗଜଲ୍ ଶୁଣୁଥିଲା ।

ବି. ଏ. ପାସ୍ କରୁ କରୁ ନୀଳାମ୍ବର ରାମମୋହନ ରାୟଙ୍କ ବ୍ରାହ୍ମ ସମାଜର ଜଣେ ବିଶିଷ୍ଟ କର୍ମକର୍ତ୍ତା ହୋଇଗଲା । ଏହି ସମୟରେ ସେ ଦିନେ ଖବରକାଗଜରୁ ପଢ଼ି ଜାଣିଲା ଯେ ସାର୍ ସ୍ରୀଲ୍ ହାବର୍ଡ଼ ଏଣ୍ଟ୍ଲେଙ୍କର ପକ୍ଷାଘାତ ରୋଗରେ ଦେହାନ୍ତ ହୋଇଯାଇଛି ଓ ତାଙ୍କର ମୃତ୍ୟୁବେଳକୁ ତାଙ୍କ ପରିଣିତା ସ୍ତ୍ରୀ ଲେଡି ଏଣ୍ଟ୍ଲେ, ଯାହାଙ୍କୁ ମାତ୍ର ତିନି ବର୍ଷ ପୂର୍ବେ ସେ ବିବାହ କରିଥିଲେ, ସେ ତାଙ୍କର ଦୁଇ ବର୍ଷର ଶିଶୁ ପୁତ୍ରକୁ ନେଇ ଦାର୍ଜିଲିଂ ଯାଇଥିଲେ ।

Digitized by PPRACHIN, SOA

ସ୍ତ୍ରୀଲ୍‌ର ମୃତ୍ୟୁ ବିହାରସ୍ଥିତ ଏକ ଅଜଣା ଡାକବଙ୍ଗଳାରେ ହୋଇଥିଲା । ସେ ଗସ୍ତରୁ ଫେରି, କୋଟ କାଢ଼ି ଆରାମଚେୟାରରେ ବସିଥିବା ବେଳେ ଭୃତ୍ୟ ଅହଙ୍କାରୀ, କୁରୂପା ଏବଂ କ୍ରୋଧୀ ଲେଡି ଏଣ୍ଟ୍ଲିର ପତ୍ର ଆଣି ଦେଲା । ସ୍ତ୍ରୀଲ୍ ସାହେବ ଦାର୍ଜିଲିଂର ନୂଆ ସୋସାଇଟି ଖବରକାଗଜ ପଢ଼ିବା ପାଇଁ ହାତ ବଢ଼ାଇବା ମାତ୍ରେ ତାର ମନେହେଲା ଯେପରି ସେ କଥା କହିପାରୁନି ଓ ନିଶ୍ୱାସ ନେଇପାରୁନି । ପରମୁହୂର୍ତ୍ତରେ ଭୃତ୍ୟକୁ ଡାକିବା ପାଇଁ ଅସଫଳ ଚେଷ୍ଟା କରୁ କରୁ ତାର ମୃତ୍ୟୁ ହେଲା । କଲିକତାର ଖବର-କାଗଜରେ ତା ସମ୍ବନ୍ଧରେ ଲେଖାଯାଇଥିଲା ଓ ଏସିଆଟିକ ସୋସାଇଟିରେ ଏକ ବିଶେଷ ଶୋକପ୍ରସ୍ତାବ ଗ୍ରହଣ କରାଯାଇଥିଲା । କଲେଜମାନଙ୍କରେ ମଧ୍ୟ ଶୋକସଭା ହେଲା । ଦିନ ପନ୍ଦରଟା ପରେ ଲୋକ ତାକୁ ଭୁଲିଗଲେ ଅଥଚ ତାର ଜୀବନର ଚାଳିଶ ବର୍ଷ ସେ ବଙ୍ଗଳାରେ ହିଁ କଟାଇଥିଲା ।

ଲେଡ଼ି ଏଣ୍ଟ୍ଲି ଥିଲେ ମାନ୍ଦ୍ରାଜର ଚିଫ୍ ଜଷ୍ଟିସ୍‌ଙ୍କ ଭଉଣୀ ଓ ମଦ ପ୍ରତି ଅତ୍ୟନ୍ତ ଅନୁରାଗିଣୀ । ଏହି ମହିଳା ସ୍ତ୍ରୀଲ୍‌ଙ୍କ ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ହସ୍ତଗତ କରି ଶିଶୁ ପୁତ୍ରକୁ ଧରି ଇଂଲଣ୍ଡ ଚାଲିଗଲେ । ମୃତ୍ୟୁ ସମୟକୁ ସ୍ତ୍ରୀଲ୍ କୋଟିପତି ହୋଇ ପାରିଥିଲେ ।

ସାବାଳକ ହୋଇ ସ୍ତ୍ରୀଲ ଏଣ୍ଟ୍ଲିଙ୍କ ପୁତ୍ର ସ୍ତ୍ରୀଲ ଏଡ଼ୱିନ୍ ଡେରିକ୍ ଏଣ୍ଟ୍ଲି ନିଜ ପିତାଙ୍କର ସମସ୍ତ ପୁଞ୍ଜି ଖଟାଇ ଇଂରେଜ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବ୍ୟବସାୟ ଧନ୍ଦା ଆରମ୍ଭ କଲେ । ବର୍ମାରେ ଟିଣଖଣି, ମାଳୟରେ ରବର ତଥା ଚୀନରେ ଅଫିମ କାରବାର ଏହାଙ୍କର ଏକଚାଟିଆ ଅଧିକାର ଥିଲା ।

୧୮୫୭ ପରେ ବିଧିପୂର୍ବକ ଭାରତର ସାମ୍ରାଜ୍ଞୀ ହୋଇଥିଲେ ଭିକ୍ଟୋରିଆ । କମ୍ପାନୀର କର୍ତ୍ତୃତ୍ୱ ଉଠିଯାଇଥିଲା । ଏହି ଅବସରରେ ସାରା ପ୍ରାଚ୍ୟର ବ୍ୟବସାୟର କର୍ତ୍ତୃତ୍ୱ ଥିଲା ଲର୍ଡ଼ ସ୍ତ୍ରୀଲ୍ ଡେରିକ ଏଡ଼ୱିନ୍ ଏଣ୍ଟ୍ଲିଙ୍କ ହସ୍ତରେ ।

୧୮

ଦିନେ ପ୍ରଫେସର୍ ଗୌତମ ନୀଳାମ୍ବର ଦତ୍ତ ଘୋଡ଼ାଗାଡ଼ିରୁ ଓହ୍ଲାଇ ନିଜ ଗୃହର ପୋର୍ଟିକୋରେ ପ୍ରବେଶ କରନ୍ତେ ମାଳୀ ଆସି ଖବର ଦେଲା ଯେ ମାଟିଆ-ବୁରୁଜର ନବାବ ସାହେବ କିଛିକ୍ଷଣ ପୂର୍ବେ ତାଙ୍କ ସହିତ ସାକ୍ଷାତ୍ ନିମିତ୍ତ ଆସି

Digitized by PPRACHIN, SOA

ଅପେକ୍ଷା କରି ଫେରିଯାଇଛନ୍ତି ।······ମାଲାମ୍ବର ଦତ୍ତ ସଙ୍ଗେ ସଙ୍ଗେ ରାସ୍ତାକୁ ବାହାରି ଆସି ଗୃହଆଡ଼କୁ ଅନାଇ ଦେଖିଲେ କିଛି ଦୂରରେ ଜଣେ ବୃଦ୍ଧ ସେହି ସମୟର ନବାବୀ ପୋଷାକ ପିନ୍ଧି ଓ ବାଡ଼ିଧରି ରାସ୍ତା କଡ଼ରେ ଧୀରେ ଧୀରେ ଚାଲୁଛନ୍ତି । ମାଲାମ୍ବର ଶୀଘ୍ର ଶୀଘ୍ର ଯାଇ ତାଙ୍କୁ ଅଭିନନ୍ଦନ ଜଣାଇଲେ ।

"ଆରେ ମାଲାମ୍ବର ମହାଶୟ ! ମୋର ତ ମନେହେଲା ତୁମ ସହିତ ଆଉ ଦେଖା ହେବନି ।" ଉତ୍ଫୁଲ୍ଲହୋଇ ବୃଦ୍ଧ ଜଣକ କହିଲେ । ମାଲାମ୍ବର କହିଲା, "ଆପଣଙ୍କର ସବୁ କୁଶଳ ତ ? ବର୍ଷ ପରେ ବର୍ଷ ବିତିଯାଉଛି, ଅଥଚ ଆପଣଙ୍କ ସହିତ ଦେଖାସାକ୍ଷାତ ହୋଇପାରୁନି । ଆସନ୍ତୁ, ଘରକୁ ଆସନ୍ତୁ । ମୋ ନାତୁଣୀ ତା ସ୍କୁଲ୍ ହଷ୍ଟେଲରୁ ଘରକୁ ଆସିଛି । ଆପଣ ବୋଧହୁଏ ତାକୁ ଦେଖି ନାହାନ୍ତି !" ନବାବଙ୍କ ହାତ ଧରି ଗୌତମ ମାଲାମ୍ବର ତାଙ୍କୁ ଘର ଭିତରକୁ ନେଇଗଲେ । "ଅଚ୍ଛା ମହାଶୟ, ତୁମକୁ ଦେଖିଲି । ତୁମ ପିଲାପିଲିଙ୍କୁ ଦେଖି ନେଇଥାଏ । ଜାଣେନା ବଞ୍ଚିକରି ଫେରିବି କି ନାହିଁ ।" ସୋଫାରେ ବସିପଡ଼ି ନବାବ୍ କହିଲେ । "କାହିଁକି ? କଣ କୁଆଡ଼େ ଯିବାକୁ ଇଚ୍ଛା କରିଛନ୍ତି ? ଲକ୍ଷ୍ନୌ ଫେରି ଯିବେ ?"—ମାଲାମ୍ବର ପଚାରିଲା ।

"ନିଜ ଦେଶକୁ ଯିବି ବୋଲି ମନସ୍ଥ କରିଛି । ସେଠିକାର ମାଟି ମୁଠାଏ ମିଳିବାକୁ ଭଗବାନ୍ ଅନୁଗ୍ରହ କରନ୍ତୁ ! ଏଠି ଆଉ କେତେ କାଳ ଅଛି ?" ଏତିକି କହୁ କହୁ ତାଙ୍କ ଆଖି ଛଳ ଛଳ ହୋଇଗଲା । ନିଜର ଦାମିକା ରୁମାଲରେ ସେ ଲୁହ ପୋଛିଲେ । ମାଲାମ୍ବର ଦତ୍ତ ତାଙ୍କୁ ସମବେଦନା ଓ ଶ୍ରଦ୍ଧାର ସହିତ ଦେଖିଲେ । ଭୃତ୍ୟ ଚାହା ନେଇ ଆସିଲା । ଡ୍ରଇଂ ରୁମ୍‌ର ସାଜସଜ୍ଜା ଭିକ୍‌ଟୋରିଆନ୍ ଅମଳ ପରି ଥିଲା ! କାନ୍ଥରେ ଝୁଲୁଥିଲା ନାନା ଧରଣର ପ୍ରାକୃତିକ ଚିତ୍ର ଓ ଫଟୋଗ୍ରାଫ୍ । ପର୍ଦାରେ ମୋଟ ସବୁ ଲାଗିଥିଲା ଓ ପାଖ କାମେରାରୁ ପିଆନୋ ଶବ୍ଦ ଶୁଣାଯାଉଥାଏ ।

ପିଆନୋ ଶବ୍ଦରେ ହଠାତ୍ ମାଲାମ୍ବର ଦତ୍ତ ଅଧୈର୍ଯ୍ୟହୋଇ ଡାକ ଛାଡ଼ିଲେ, "ମାଲମା, ମା, ପିଆନୋ ବନ୍ଦକରି ଏଠାକୁ ଆ । ଦେଖ୍ କିଏ ଆସିଛନ୍ତି ।" ପନ୍ଦରବର୍ଷିଆ ଝିଅଟିଏ ଭିତରକୁ ପଶିଆସିଲା । "ଏଇ ମୋ ନାତୁଣୀ । ଆପଣ ଏହାକୁ ଦେଖି-ନାହାନ୍ତି, କାରଣ ପିଲାଦିନୁ ସ୍କୁଲ୍ ହଷ୍ଟେଲରେ ରହି ପଢ଼ାପଢ଼ି କରୁଛି ।" ନବାବ ଆଶ୍ଚର୍ଯ୍ୟ ହୋଇ ତାକୁ ଦେଖୁଥିଲେ ଏବଂ ଚିନ୍ତା କରୁଥିଲେ "ପନ୍ଦର ବର୍ଷର ଝିଅ ଛୁଆର ମା ହବା ବଦଳରେ ସ୍କୁଲରେ ଇଂରାଜୀ ପଢ଼ୁଛି ଏବଂ ଅର୍ଗାନ୍ ବଜାଇ ପାରୁଛି । କି ଯୁଗ ହେଲା !"

ନବାବ କମ୍ପନ ସୋଫା ଉପରେ ବସି ଝରକା ଦେଇ ରାତିର କଲିକତା ନଗରୀକୁ ଦେଖୁଥିଲେ । ମାଲାମ୍ବର ଦତ୍ତ ତାଙ୍କ ସହିତ ନାନାଆଡ଼ର କଥାବାର୍ତ୍ତା କରୁଥିଲେ ।

Digitized by PPRACHIN, SOA

ଅତୀତର ପୁରୁଣା କଥା ଛଡ଼ା ଅନ୍ୟ କୌଣସି ବିଷୟରେ ଦୁହିଁଙ୍କର ରୁଚି ସମାନ ନଥିଲା । ବେଶୀ ସମୟ ପର୍ଯ୍ୟନ୍ତ ପୁରୁଣା କଥା କହି ସମୟ କାଟିବା ମଧ୍ୟ ନୀଳାମ୍ବର ଦତ୍ତ ପକ୍ଷେ ସମ୍ଭବପର ନଥିଲା । ସେ ଥିଲେ ଭବିଷ୍ୟତ୍‌କୁ ଅଧିକ ମହତ୍ତ୍ୱ ଦେଖା ବ୍ୟକ୍ତି, ଅଥଚ ନବାବ କମ୍ମନ ଅତୀତ ଛଡ଼ା ଅନ୍ୟ କିଛି ବୁଝୁ ନଥିଲେ । ଶିଷ୍ଟାଚାର ରକ୍ଷା ନିମନ୍ତେ ଯାହା ମଝିରେ ମଝିରେ ଉଭୟେ ଉଭୟଙ୍କ ସହିତ ଦେଖା ସାକ୍ଷାତ କରୁଥିଲେ । ଲକ୍ଷ୍ନୌର ପତନ ପରେ ନବାବ ଶ୍ରେଣୀର ଲୋକେ କଲିକତା ନିକଟସ୍ଥ ମାଟିଆ ବୁରୁଜରେ ବସବାସ ଆରମ୍ଭ କରିଦେଲେ । ନବାବ କମ୍ମନ କଲିକତା ଆସି ନୀଳାମ୍ବର ଦତ୍ତଙ୍କୁ ଡକାଇପଠାଇଲେ । ଇତିମଧ୍ୟରେ ନୀଳାମ୍ବର ଦତ୍ତ କଲିକତାର ଏକ ଜଣାଶୁଣା ଖବରକାଗଜର ସଂପାଦକ । ବର୍ଷକୁ ଥରେ ଦୁଇଥର ଉଭୟେ ଉଭୟଙ୍କୁ ନିଷ୍ଠିତ ରୂପେ ଭେଟୁଥିଲେ । ସେତେବେଳେ ରାଜା ସୁରେନ୍ଦ୍ର ମୋହନ ଠାକୁରଙ୍କ ଗୃହରେ ନୂତନ ସଂଗୀତ ପ୍ରଣାଳୀର ଧାରା ଆରମ୍ଭ ହେଲା ଏବଂ ଦେଶ-ଦେଶାନ୍ତରର ପ୍ରସିଦ୍ଧ ସଂଗୀତଜ୍ଞଗଣ କଲିକତାରେ ଏକତ୍ରିତ ହେଉଥିଲେ । ସେଇ ଅବସରରେ ମଧ୍ୟ ନୀଳାମ୍ବର ଦତ୍ତ ନବାବ କମ୍ମନଙ୍କୁ ସଂଗୀତ ଗୋଷ୍ଠୀ ମଧ୍ୟକୁ ସାଦର ଆମନ୍ତ୍ରଣ ଜଣାଉଥିଲେ ।

ଘରେ ଲ୍ୟାମ୍ପ ଜଳାଇ ଦିଆଯାଇଥିଲା । ଉପର ମହଲରେ ନୀଳାମ୍ବର ଦତ୍ତଙ୍କ ପୁତ୍ର ମନୋରଞ୍ଜନ ଦତ୍ତ ତାଙ୍କ ବନ୍ଧୁଗଣ ଓ ଆର୍ଟସ୍କୁଲର କେତେକ ଯୁବକଙ୍କୁ ନେଇ ଗୋଟିଏ ଇଂରେଜୀ ନାଟକ ରିହରସାଲ୍ କରୁଥିଲେ । ମନୋରଞ୍ଜନଙ୍କ ବନ୍ଧୁ ମାଇକେଲ ମଧୁସୂଦନ ଗୋଟିଏ ନାଟକ ଲେଖିଥିଲେ । ଏମାନଙ୍କ ମଧ୍ୟରୁ କେତେକ ପାର୍ଟ ମୁଖସ୍ଥ କରୁଥିଲେ ଏବଂ ଆଉ କେତେଜଣ ଥଟ୍ଟା ତାମସାରେ ବ୍ୟସ୍ତ ଥିଲେ । କେମ୍ପବେଲ୍ ମେଡ଼ିକାଲ ସ୍କୁଲର ଜଣେ ଛାତ୍ର ଝରକା ନିକଟରେ ବସି ହାରମୋନିୟମ ବଜାଉଥାଏ ।

ମନୋରଞ୍ଜନ ତରୁଲତାଙ୍କ ଲିଖିତ ଗୋଟିଏ ନୂତନ ଇଂରାଜୀ କବିତା ପଢ଼ୁଥାଏ । ଏ ସମସ୍ତ କୋଳାହଳର ଶବ୍ଦ ତଳେ ଡ୍ରଇଂରୁମ ପର୍ଯ୍ୟନ୍ତ ଶୁଣାଯାଉଥାଏ ।

ନବାବ୍ ସାହେବ ନିଜ ବାଡ଼ି ଉପରେ ଆଙ୍ଗୁଠି ଚାଳନା କରି ଚିନ୍ତାରେ ବୁଡ଼ି ରହିଥିଲେ । ଯେମିତି ଏକଦମ୍ ଅନ୍ୟ ଏକ ଜଗତ, ଅନ୍ୟ ଏକ ଯୁଗ—ଏଇଟା ୧୮୭୧ ସାଲ୍ । ନବାବ୍ କମାଲଙ୍କ ଜଗତ କେଉଁ କାଳୁ ବୁଢ଼ା ପୁରୁଣା ହୋଇଯାଇଛି । ନୀଳାମ୍ବର ଦତ୍ତ ତାଙ୍କ ସମବୟସ୍କ ହେଲେ ସୁଦ୍ଧା ମନେହେଉଥିଲା ଯେପରି ନୀଳାମ୍ବରଙ୍କ ଜଗତ ନବଯୌବନ ଲାଭ କରିଛି । ସହସା ନବାବ କମ୍ମନ୍ ଅନୁଭବ କଲେ ଯେ ଏବେ ଏ ନୂତନ ଜଗତ କିମ୍ବା ଯୁଗରେ ସେ ଏକଦମ୍ ଅଚଳ । କଲିକତା ନଗରୀର ଏକ

Digitized by PPRACHIN, SOA

ଆଧୁନିକ ଡ୍ରଇଁ ରୁମ୍‌ରେ ବସି ତାଙ୍କ ନିଜକୁ କିପରି ଅତ୍ୟନ୍ତ ଉପହାସାସ୍ପଦ ମନେ-କଲେ । ଗୌତମ ମାଳାମ୍ବର ଦତ୍ତଙ୍କ କଥାରେ ତାଙ୍କ ଚିନ୍ତାରେ ପୂର୍ଣ୍ଣଚ୍ଛେଦ ପଡ଼ିଲା—"ନବାବ୍ ସାହେବ, ମନୋରଞ୍ଜନ ଲକ୍ଷ୍ନୌ କ୍ୟାନିଂ କଲେଜର ଆଇନ୍ ବିଭାଗର ଅଧ୍ୟାପକ ହୋଇ ଯାଉଛୁ ।" ସେ ଚମକି ପଡ଼ିଲେ—"ଯାଉଛୁ—ଖୁବ୍ ଆନନ୍ଦର କଥା ।"ତାପରେ ବାଡ଼ିଟି ଧରି ଗୌତମ ମାଳାମ୍ବରଙ୍କଠାରୁ ବିଦାୟ ନେଇ ଧୀରେ ଧୀରେ ମାଟିଆବୁରୁଜ ଫେରିଗଲେ ।

ରାତି ଗମ୍ଭୀର ହେଉଥିଲା । ନବାବ୍ କମ୍ପାନ ଯିବା ପରେ ମାଳାମ୍ବର ଦତ୍ତ କିଛି ସମୟ ଧରି ଡ୍ରଇଁ ରୁମରେ ଝହଲିଲେ । ପୁଣି କଣ ଭାବି ର୍ୟାକ୍‌ରୁ ଖଣ୍ଡିଏ ବହି କାଢ଼ି ପୃଷ୍ଠା ଓଲଟାଇଲେ । କିନ୍ତୁ ସେଥିରେ ତାଙ୍କର ମନ ଲାଗିଲା ନାହିଁ । ଘରଆଡ଼ର ନିସ୍ତବ୍ଧତାକୁ ଲକ୍ଷ୍ୟ କଲେ । ର୍ୟାକ୍‌ରେ ନାନା ପ୍ରକାରର ଜିନିଷ ଥିଲା—ଖବରକାଗଜର ଫାଇଲ୍, ଆଇନ୍ ସମ୍ବନ୍ଧୀୟ ପତ୍ରପତ୍ରିକା, ବିଭିନ୍ନ କମିଟିର ରିପୋର୍ଟ ଏବଂ ପ୍ରସ୍ତାବ । ସର୍ବତ୍ର ସମସ୍ୟା; କିନ୍ତୁ ସମସ୍ୟାର ସମାଧାନ ମଧ୍ୟ ସେ କରିପାରୁ ଥିଲେ । ସମସ୍ୟାର ସମାଧାନ !···ହଠାତ୍ ତାଙ୍କର ମନେହେଲା ଯେପରି ନିଶ୍ୱାସ ବନ୍ଦ ହୋଇ ଯାଉଛୁ ! ରାତିରେ ପବନ ବନ୍ଦ ହୋଇ ଗୁଳୁଗୁଳି ହେଲା ପରି ମନେହେଉଥିଲା । ରାସ୍ତାରେ ଲ୍ୟାମ୍ପ୍‌ର ଆଲୋକ ପର୍ଯ୍ୟନ୍ତ ନଥିଲା । ବିବ୍ରତ ହୋଇ ସେ ବାରଣ୍ଡାକୁ ବାହାରି ଆସିଲେ । ନଗରୀଙ୍କ ରାଣୀ କଲିକତା ନଗରୀ ହଠାତ୍ ତାଙ୍କୁ ଅତ୍ୟନ୍ତ ଭୟାବହ ମନେ-ହେଲା । ଏପରି ରାତିରେ ମୃତବ୍ୟକ୍ତିଙ୍କ ଆତ୍ମାଗଣ ଅଦୃଶ୍ୟରେ ଯିବା ଆସିବା କରିବାର ଏକ ଭୀତିପ୍ରଦ ଶବ୍ଦ ଶୁଣାଯାଇଥାଏ । ଅଗଣାରେ କଦଳୀ ଓ ପାମ୍‌ଗଛ ନିସ୍ତବ୍ଧ ହୋଇ ଠିଆହୋଇଥାନ୍ତି । ସିମେଣ୍ଟ କୁଣ୍ଡ ନିକଟରେ ଗୋଟିଏ କୁକୁର କୁଣ୍ଡଳି ପକାଇ ଶୋଇରହିଥାଏ । ଯଦି ମାଳାମ୍ବର ଦତ୍ତ ଜନ୍ମାନ୍ତରରେ ବିଶ୍ୱାସ କରୁଥାନ୍ତେ ତେବେ ନିଶ୍ଚୟ ଏହି କୁକୁରଟିକୁ କାହାର ଦୁଃଖୀ ଆତ୍ମା ବୋଲି ମନେକରିଥାନ୍ତେ । ସେ ବାରଣ୍ଡାରୁ ଓହ୍ଲାଇ ଫୁଲବଗିଚା ମଝିରେ ଝହଲିଲେ । ମଧ୍ୟରାତ୍ରିର ଚନ୍ଦ୍ର ମନେହେଉଥିଲା ଯେପରି ଭାସି ଭାସି ଆସି 'ଦତ୍ତ ହାଉସ୍'ର ଠିକ୍ ସାମ୍ନାରେ ରହିଛୁ । ତା' କିରଣରେ କୁଣ୍ଡପାଣି ଚକ୍‌ମକ୍ କରୁଥିଲା । ସେଦିନ ପୂର୍ଣ୍ଣମୀଜହ୍ନ ବୋଧହୁଏ ତାଙ୍କୁ ଅନେକ କଥା କହିଲା !

ସେଇଦିନ ରାତ୍ରିରେ ମାଣିକତଲାରୁ ଫେରି ନବାବ ଅବୁଲ୍ ମଂସୁର କମାଲୁଦ୍ଦିନ ନିଜର ମାଟିଆବୁରୁଜସ୍ଥିତ କୋଠିରେ ପହଞ୍ଚି ପଲଙ୍କ ଉପରେ ଶୋଇ ଶୋଇ ଚିନ୍ତା କରୁଥିଲେ—କି ଅଦ୍ଭୁତ କଥା ଯେ, ମଣିଷ ଥରକ ପାଇଁ କେବଳ ଏ ସଂସାରକୁ ଆସିଥାଏ ଏବଂ ତାପରେ ଶେଷ ହୋଇଯାଏ । ମଣିଷ ମୃତ୍ୟୁ ପରେ ଆଉ ଏ

Digitized by PPRACHIN, SOA

ଦୁନିଆକୁ ଦେଖିପାରେ ନାହିଁ । ଲକ୍ଷ୍ନୌର ଗାଜୀ ଉଦ୍ଦୀନ୍ ହୈଦର, ନାସିରୁଦ୍ଦିନ ହୈଦର, ମହମ୍ମଦ ଅଲ୍ଲୀ ଶାହ ଏବଂ ଆମଜଦ୍ ଅଲ୍ଲୀ ଶାହ—ଏମାନଙ୍କ ମୃତ୍ୟୁ ନବାବ କମ୍ବନଙ୍କ ଆଖି ଆଗରେ ହୋଇଥିଲା । ଏମାନେ ସମସ୍ତେ ଅଯୋଧ୍ୟାର ନବାବ ଥିଲେ, ଅଥଚ ମୃତ୍ୟୁବେଳକୁ ପଟ୍‌କିନା ମରିଗଲେ । ଆଉ ବିଚାରୀ ସୁଲତାନ ୱାଜିଦ୍ ଅଲ୍ଲୀ ଶାହ, ଯିଏ କି ନିଜହସ୍ତେ 'ରାଧା ନବାସ'ରେ 'ଇନ୍ଦ୍ର ସଭା'ର ଆୟୋଜନ କରି ନିଜକୁ ଭରସା ଦେଉଛନ୍ତି ଯେ ଏବେ ସୁଦ୍ଧା କୈସରବାଗର ସେ ଅଧିକାରୀ, ସେ ମଧ୍ୟ ଦିନେ ଏମିତ ଠୁକ୍‌କରି ଶେଷ ହୋଇଯିବେ । ବାଦଶାହଙ୍କ ଅମୂଲ୍ୟ ରତ୍ନପଲଙ୍କ ହେଉ କି ମାଟି ଶଯ୍ୟା ହେଉ, ଅପାର ଆନନ୍ଦ ଥାଉ କି ଅସହ୍ୟ ଦୁଃଖ ଯନ୍ତ୍ରଣା, ମୃତ୍ୟୁ ଆସି ସମସ୍ତ କଷ୍ଟର ପରିସମାପ୍ତି ଘଟାଏ । ମରିବା ପରେ ଆଉ କଣ ଥାଏ କେଜାଣି ? ଅସହ୍ୟ ଶୂଳଶୂଳରେ ନିଶ୍ୱାସ ଯେପରି ବନ୍ଦ ହୋଇଯାଉଛି । ସେ ପଲଙ୍କ ଉପରୁ ଉଠିବାକୁ ଚେଷ୍ଟା କଲେ—ମାତ୍ର ଉଠିପାରିଲେ ନାହିଁ ।

ଦେଶକୁ ବାହୁଡ଼ିବା ପରିବର୍ତ୍ତେ ନବାବ ଅବୁଲ ମନସୁର କମାଲୁଦ୍ଦୀନ ଅଲ୍ଲୀ ରଜାବାହାଦୁର ଜୀବନର ଅନ୍ତିମ ଯାତ୍ରା ପଥରେ ଯାତ୍ରା କରିସାରିଥିଲେ ।

୧୯

ନବାବ ସଫଦର୍‌ଜଙ୍ଗଙ୍କଠାରୁ ସୁଲତାନ ଆଲମଙ୍କ ପର୍ଯ୍ୟନ୍ତ ନଅଜଣ ନବାବ ଅଯୋଧ୍ୟାରେ ଶାସନ କରିଥିଲେ । ସଫ୍‌ଦରଜଙ୍ଗ ନିଜ ପରାକ୍ରମରେ ଏଇ ରାଜ୍ୟର ଭିତ୍ତି ସ୍ଥାପନ କରିଥିଲେ । ଦିଲ୍ଲୀର ପତନ ହେବା ପରେ ଭାରତର ସବୁଠାରୁ ବିଭବଶାଳୀ ରାଜ୍ୟ ଅଯୋଧ୍ୟାର ନବାବଗଣ ଫ୍ରାନ୍‌ସର ଚତୁର୍ଦ୍ଦଶ ଲୁଇଙ୍କଠାରୁ କୌଣସି ଅଂଶରେ କମ୍ ନ ଥିଲେ । ସୁଲତାନ ଆଲମଙ୍କ ସମୟରେ ସଲୀମାନ (ସ୍ଲିମାନ୍) ସାହେବ ଆସିଲେ ଏବଂ ସେ ଏତେ ବେଶୀ ଶକ୍ତିଶାଳୀ ଥିଲେ ଯେ କ୍ଷଣକରେ ଏ ସମସ୍ତ ବିଭବ ଓ ପ୍ରତିପତ୍ତିର ଦୀପମାଳା ଲିଭାଇଦେଲେ । ସୁଲତାନ ଆଲମ ପରାଜିତ ହେଲେ—ହେଉଲେକ ଜିଣିଲେ । ଇନ୍ଦ୍ରଙ୍କ ଅଳକାପୁରୀ ସମାନ ଲକ୍ଷ୍ନୌ ନଗରୀ ଉଜୁଡ଼ିଗଲା । କୈଶରବାଗରେ ନାଚ, ଏଶବାଗରେ ମେଳା, ମହରମ ଓ ରାମଲୀଳାର ଧୂମ୍ ଏବେ ଆଉ ନାହିଁ । ଦିଲକୁଶା ମହଲ ଶୂନ୍ୟ ପଡ଼ିଛି । ବେଲିଗାର୍ଡକୁ କମାଣ ଦ୍ୱାରା ଧୂଳିରେ ମିଶାଇ ଦିଆଯାଇଛି । ହଜରତଗଂଜରେ ଏବେ ବସିଛି

Digitized by PPRACHIN, SOA

କଲେଜ ଓ ସ୍କୁଲ । ଦୈନିକ ସମ୍ବାଦପତ୍ର ଛପା ହେଉଛି, ଟେଲିଗ୍ରାଫ୍ ଖୁଣ୍ଟି ପୋତା ଯାଉଛି । ଅଯୋଧ୍ୟା ରାଜ୍ୟର ପୁରୁଣା ଐତିହାସିକତା ଲୋପ ପାଇଛି । ମନେହେଉଛି ସବୁ ଯେପରି ଗତ ରାତିର ସ୍ୱପ୍ନ ଥିଲା—ରାତି ପାହିବା ପରେ ଆଉ ନାହିଁ । ଆଖାଡ଼ ଯାହାର ଇନ୍ଦ୍ର, ଏବଂ ତାଙ୍କ ଦେବସଭା ପରି ସବୁ ଉଭେଇଯାଇଛି ।

ପ୍ରଫେସର ମିଳାମ୍ବର ଦତ୍ତ ଲକ୍ଷ୍ନୌରୁ ନିଜ ପୁଅ ପାଖକୁ କଲିକତାରୁ ଆସୁଥିଲେ । ଷ୍ଟେସନରୁ ଓହ୍ଲାଇ ଘୋଡ଼ାଗାଡ଼ିରେ ବସିବା ପରେ ସେ ଦେଖିଲେ ଯେ ବାସ୍ତବିକ୍ ଏବର ଲକ୍ଷ୍ନୌ ବିଲ୍‌କୁଲ୍ ବଦଳିଯାଇଛି । ସେ ଅଠଚାଳିଶ ବର୍ଷ ପୂର୍ବେ, ଅର୍ଥାତ୍ ୧୮୨୩ ସାଲ୍‌ରେ, ଏଠାକୁ ଆସିଥିଲେ । ସେତେବେଳେ ନବାବମାନେ ଲକ୍ଷ୍ନୌର ଶାସକ ଥିଲେ । ଏବେ ଇଂରେଜଙ୍କ ଦଖଲରେ ଲକ୍ଷ୍ନୌ । ଏଠାରେ ପୂର୍ବର କୋତୱାଲଙ୍କ ବଦଳରେ ଇଂରେଜ ଡେପୁଟି କମିଶନର ସଆଦତ ଆଲ୍ଲୀଖାନଙ୍କ 'ନୂରବକ୍‌ସ୍' କୋଠିରେ ରହି ଶାସନ କରୁଛନ୍ତି । ସେଇ ସଆଦତ ଅଲ୍ଲୀଙ୍କ ଅନ୍ୟ ଏକ ମହଲ ହୟାତବକ୍ଷଶ୍ ଏବେ ହୋଇଛି ବ୍ୟାଙ୍କ ହାଉସ୍ । କୈଶରବାଗରେ ହୋଇଛି କ୍ୟାନିଙ୍ଗ୍ କଲେଜ ଏବଂ ମିଳାମ୍ବର ଦତ୍ତଙ୍କ ପୁଅ ମନୋରଞ୍ଜନ ଦତ୍ତ ଏଠାରେ ଆଇନ ଅଧ୍ୟାପକ ଅଛନ୍ତି । ସହରର ଗଳିକନ୍ଦି ଯେପରି ଥିଲା ଠିକ୍ ସେଇପରି ଥିଲେ ସୁଦ୍ଧା ଯୁଗ ବଦଳିଯାଇଛି । ଏଇ ଅନ୍ଧାରୁଆ ଗଳି କନ୍ଦିର ଭଗ୍ନ ପ୍ରାସାଦରେ ଯୁଗ ପରିବର୍ତ୍ତନରେ ଆଘାତ ପାଇଥିବା ବ୍ୟକ୍ତିମାନେ ମୁଣ୍ଡ ପୋତି ରହିଛନ୍ତି । ଧନୀମାନେ ହୋଇଛନ୍ତି ଗରିବ ଏବଂ ଗରିବ ଲୋକେ ଧନୀ ହୋଇଛନ୍ତି । ବିଦ୍ରୋହୀଗଣଙ୍କୁ ଫାଶୀ ଖୁଣ୍ଟରେ ଲଟକା ହୋଇଛି, ତଥା ରାଜଭକ୍ତଗଣ ଜମି ଓ ଜମିଦାରୀ ପାଇଛନ୍ତି । ବାଜିଦ୍ ଅଲ୍ଲୀ ଶାହଙ୍କୁ ଦ୍ୱୀପାନ୍ତର ଆଦେଶ ହେବା ପରେ ତାଙ୍କ ପାଇଁ କାନ୍ଦି କାନ୍ଦି ଲୁହ ମଧ୍ୟ ଶୁଖିଗଲାଣି । ସେଇ ଅଯୋଧ୍ୟା ରହିଛି । ରାମଚନ୍ଦ୍ର ମଧ୍ୟ ଏଇପରି ବନବାସ ଯାଇଥିଲେ ।

ଫିଟିନ୍ ଗାଡ଼ି ଷ୍ଟେସନରୁ ସହର ଅଭିମୁଖେ ଚାଲିଥାଏ । କଚୱାନ ମୁଣ୍ଡରେ ଗାମୁଛା ଭିଡ଼ି ମିଳାମ୍ବର ଦତ୍ତଙ୍କୁ ଅନାଇ କହିଲା, "ବାବୁ, ପଛରେ ସଇସ ବସିଛି, ତାକୁ ଉପରକୁ ଡାକିଆଣିବି ? ବୁଢ଼ା ଲୋକ—କାଳେ ଖସିପଡ଼ିବ ।"

"ହଉ ଡାକି ଆଣ ।" ସେ ଉତ୍ତର ଦେଲେ । ଜଣେ ବୁଢ଼ା ପଛରୁ ଆସି ଡେଇଁ କରି କୋଚ ବାକ୍ସ ଉପରେ ବସିଗଲା । ଫିଟିନ୍ ପୁଣି ଚାଲିବାକୁ ଆରମ୍ଭ କଲା । "ବାବୁ କଣ କଲିକତାରୁ ଆସିଲେ ? ମୁଁ ବି ଭାବୁଛି କଲିକତା ଚାଲିଯିବି । ଏଠାରେ ଆଉ ଭଲ ଲାଗୁନି ?" ଯୁବକ କଚୱାନ କହିଲା । "କିଏ କି ?" ବୁଢ଼ା ସଇସ ଯୁବକ ପାଖକୁ ମୁହଁ ଲଗାଇ ପଚାରିଲା ।

Digitized by PPRACHIN, SOA

"କଲିକତା ବାବୁ !" ଯୁବକ ବଡ଼ ପାଟିରେ କହିଲା । ଏହାର ନାମ ଥିଲା ଶମ୍ଭୁ ।

"କଲିକତା !"...ବୁଢ଼ା, ଯାହାର ନାଁ ଥିଲା ଗଙ୍ଗାଦୀନ ଏବଂ ଅତ୍ୟଧିକ ବୟସ ହେତୁ କମ୍ ଶୁଣୁଥିଲା, ଅବିଶ୍ୱାସ କରି କହିଲା ଏବଂ ବଙ୍ଗାଳୀ ବୃଦ୍ଧଙ୍କୁ ନିରୀକ୍ଷଣ କଲା ।

"ହଁ......ହଁ—କଣ ବୁଝିପାରିଲନା ?" ଶମ୍ଭୁ କହିଲା । "ବାବୁ, ଭଗବାନ ତୁମର ମଙ୍ଗଳ କରିବେ, ତୁମେ ଆମକୁ କଲିକତା ପଠାଇଦିଅ । ସେଠି ଆମର ବାଦଶାହ ରହୁଛନ୍ତି ।" ଗଙ୍ଗାଦୀନ କରୁଣ ସ୍ୱରରେ କହିଲା ।

ଯୁବକ ଜଣକ ହସିଉଠି କହିଲା, "ହଜୁର ବାପାଙ୍କ କଥା ଶୁଣନ୍ତୁନା । ତାଙ୍କର ଅଭ୍ୟାସ ଏହିପରି । ଯିଏ କେହି ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇଲେ ତ ସେ ତାଙ୍କୁ କହିଲେ, 'ତୁମେ କଲିକତାରୁ ଆସୁଛ, ମୋତେ ସେଠାକୁ ପଠାଇଦିଅ ।' ପଚାରି ଆମ ବାଦଶାହ ସେଠାରେ କେତେ କଷ୍ଟରେ ରହିଛନ୍ତି । ସେ ସେଠାକୁ ଯାଇ କଣ କରିପକାଇବେ ଯେ ?"

ନୀଳାମ୍ବର ଦତ୍ତ ଚୁପ୍ ହୋଇ ବସିରହିଲେ । ଫିଟିନ୍ ଅମିନାବାଦ ହୋଇ ଯାଉଥାଏ ।

"ହଜୁର, ଆଗରୁ କେବେ ଲକ୍ଷ୍ନୌ ଆସିଛନ୍ତି ?" ଯୁବକ ଜଣକ ପଚାରିଲା ।

"ହଁ," ନୀଳାମ୍ବର ଦତ୍ତ ଚମକି ପଡ଼ି କହିଲେ ।

"କେବେ ?"

"ବହୁତ ଦିନ ତଳେ । ତୁମେ ବୋଧେ ସେତେବେଳକୁ ଜନ୍ମ ହୋଇ ନଥିଲ । ଗାଜିଉଦ୍ଦିନ ହାଇଦରଙ୍କ ସମୟରେ ।"

"ବାପା"—କଚୱାନ୍ ପୁଣି ଥରେ ଜୋର୍‌ରେ ବୁଢ଼ା ସଇସ୍‌ଙ୍କ କାନରେ କହିଲା, "ବାବୁ ତୁମ ଗାଜିଉଦ୍ଦୀନ ହାଇଦରଙ୍କ ସମୟରେ ଏଠାକୁ ଆସିଥିଲେ ।" ପୁଣିଥରେ ନୀଳାମ୍ବର ଦତ୍ତଙ୍କୁ ଅନାଇ କହିଲା, "ବାପା କହନ୍ତି ଯେ ସେ ଗାଜିଉଦ୍ଦୀନ ହାଇଦରଙ୍କ ଖାସ୍ କଚୱାନ୍ ଥିଲେ । ପୂର୍ବରୁ ଭଡ଼ା ଗାଡ଼ି ଚଳାଉ ଥିଲେ । ସୁଲତାନ ଆଲମ ସାହାଙ୍କୁ ମଧ୍ୟ ବହୁତ ପସନ୍ଦ କରୁଥିଲେ ।" "ହଜୁର, ଆପଣ ସୁଲତାନ ଆଲମଙ୍କୁ ଦେଖିଛନ୍ତି ? କୁଶଳରେ ଅଛନ୍ତି ତ ?" ଗଙ୍ଗାଦୀନ ଏତକି କହୁ କହୁ ପିଲାଙ୍କ ପରି କାନ୍ଦିବାକୁ ଆରମ୍ଭ କରିଦେଲା । ନୀଳାମ୍ବର ଦତ୍ତ ଅତ୍ୟନ୍ତ ବିସ୍ମିତ ହେଲେ । ସେ ବିଶ୍ୱାସ କରିପାରିଲେନି ଯେ ଲୋକେ ଏତେ ଭାବପ୍ରବଣ ହୋଇପାରନ୍ତି । ସେ ବହୁଦିନ ପର୍ଯ୍ୟନ୍ତ ବୌଦ୍ଧ ଧର୍ମର ପୂଜକ ହୋଇ ରହିଥିଲେ, ଏବେ ହୃଦୟର ମହାନତାକୁ ନେଇ ବଞ୍ଚିରହିଛନ୍ତି । ଫିଟିନ ଏତେବେଳକୁ ଅମିନାବାଦ ଛକ ନିକଟରେ ପହଞ୍ଚି-ସାରିଥାଏ ।

ହଠାତ୍ କଚୱାନ ପାଟିକରି ଉଠିଲା—"ଆରେ ଆଗରୁ ଉଠ୍ । କଣ ନିଜ ଜୀବନ

ଯିବା ଲାଗିଲଣି କି ?" ଏହା କହି ଲଗାମ୍ ଟାଣି ଗାଡ଼ି ଅଟକାଇଦେଲା । ଜଣେ ବୁଢ଼ୀ ଘୋଡ଼େଇ ହୋଇ ଗାଡ଼ି ଆଗକୁ ଗୁଳୁଆସିଥିଲା ଏବଂ ହାତ ବଢ଼ାଇ ଚଳ୍‌ତଚଳିତ ଢଙ୍ଗରେ ଭିକ ମାଗିବାକୁ ଲାଗିଲା, "ହଜୁର, ଭଗବାନ୍ ତୁମର ମଙ୍ଗଳ କରନ୍ତୁ ।"

ନୀଳାମ୍ବର ଦତ୍ତ ଗାଡ଼ି ଭିତରେ ତକିଆକୁ ଆଉଜି ବସି ଚିନ୍ତା କରୁଥିଲେ—ଲକ୍ଷ୍ନୌ କଣ କେବଳ ବୁଢ଼ାଙ୍କ ସହର ହୋଇଗଲା ? ଏଠାର ଯୁବକମାନେ କୁଆଡ଼େ ପଳାଇଲେ ?

ଭିକାରୁଣୀଟି ଠିକ୍ ପୂର୍ବ ଢଙ୍ଗରେ ଭିକ୍ଷା ମାଗୁଥାଏ—ବାବୁ ଗୋଟିଏ ପଇସା ଦିଅ......

ନୀଳାମ୍ବର ଦତ୍ତ ଚମକି ପଡ଼ିଲେ । ଏ ସ୍ୱର ତାଙ୍କର ଯେ ପରିଚିତ ! ଏଇ ସ୍ୱର ଦିନେ ବହୁତ ସୁନ୍ଦର କଥା ଶୁଣାଇଥିଲା—ଅନେକ ପରିହାସ ମଧ୍ୟ କରିଥିଲା ।

ବ୍ୟସ୍ତ ହୋଇଉଠି ସେ ନିଜ ଚଷମା ଠିକ୍ କରି ଗାଡ଼ି ଭିତରୁ ବାହାରକୁ ଅନାଇଲେ । ରାସ୍ତାରେ ସେଇ ଭିକାରୁଣୀଟି ମାଟିଆ ରଙ୍ଗର ଛିଣ୍ଡାଛିନ୍ନ ଶାଢ଼ୀ ଘୋଡ଼େଇ ହୋଇ ଠିଆହୋଇଥିଲା ।

"ବାବୁ, ଏ ବୁଢ଼ୀକୁ କିଛି ଦେବେନି । ଯାହାର ସମସ୍ତ ପଇସା ନିଶାରେ ହିଁ ଯାଏ ।" —ଶମ୍ଭୁ କୋଚ ବାକ୍ସ ଉପରୁ ନଇଁପଡ଼ି ଧୀରେ କହିଲା ।

ନୀଳାମ୍ବର କମ୍ପିତ ହସ୍ତରେ ଗୋଟିଏ ଟଙ୍କା କାଢ଼ି ଭିକାରୁଣୀ ହାତରେ ଦେଇ ଦେଲେ ।

ଭିକାରୁଣୀଟି ମଧ୍ୟ ଚକିତ ହୋଇ ଗାଡ଼ି ଭିତରେ ବସିଥିବା ବୃଦ୍ଧ ବଙ୍ଗାଳୀ ବାବୁଙ୍କୁ ଅନାଇଲା । ଲମ୍ବା ଧଳା ଦାଢ଼ୀ ଓ ଧଳା ସଉକିନ୍ ଧୋତି ପିନ୍ଧି, ଦାମୀ ଶାଲ ଘୋଡ଼ି-ହୋଇ ଓ ଗୋଡ଼ ଉପରେ ଗୋଡ଼ ପକାଇ ବସିଥିବା ବଙ୍ଗାଳୀବାବୁଙ୍କ ବ୍ୟକ୍ତିତ୍ୱପୂର୍ଣ୍ଣ ଚେହେରା ବେଶ୍ ପ୍ରଭାବଶାଳୀ ଥିଲା । ଗୌତମ ନୀଳାମ୍ବର ବୁଢ଼ୀକୁ କିନ୍ତୁ ଚିହ୍ନି ପାରିଲେ —ସେ ଯେ ଚମ୍ପାବାଈ ! ଟଙ୍କାଟି ହାତ ମୁଠାରେ ମୁଠେଇ ସେ ଭାବୁଥିଲା—ଏ ଧର୍ମୀ ବ୍ୟକ୍ତି କେତେ ଦୟାଳୁ—ଯିଏ କି ପଇସାଏ ଜାଗାରେ ଟଙ୍କାଏ ତାକୁ ଭିକ୍ଷା ଦେଇଛନ୍ତି । ସେ ପୁଣି ଥରେ ନିଜ ଢଙ୍ଗରେ ଘୋଷି ହେଲା—"ହଜୁର, ଆପଣ ନାତି ଅଣନାତିଙ୍କ ସୁଖ ସମୃଦ୍ଧି ଦେଖନ୍ତୁ—ଏତିକି ମାତ୍ର ଏ ଗରିବ ଦୁଃଖୀ ଭଗବାନଙ୍କୁ ମାଗୁଛି । ଗତ ଗୋଳମାଳ ମୋର ସର୍ବନାଶ କରିଛି । ଅଯୋଧ୍ୟାର ନବାବଙ୍କ ସମୟରେ ମୋ ଦୁଆରେ ହାତୀ ବନ୍ଧାହେଉଥିଲେ, ଅଥଚ ଏବେ ଶୁଖିଲା ରୁଟି ଖଣ୍ଡିଏ ଦେବାକୁ ମଧ୍ୟ କେହି ନାହାନ୍ତି । ଆଲ୍ଲା ଆପଣଙ୍କ...।" ଶମ୍ଭୁ ଘୋଡ଼ାକୁ ଚାବୁକ୍ ମାରିଲା—ଗାଡ଼ି ଆଗେଇ ଗଲା । କିଛି ସମୟ ପରେ ଶମ୍ଭୁ ହସିଉଠି କହିଲା—"ବୁଢ଼ୀର ଯାହା କଥା ! ସତେ

Digitized by PPRACHIN, SOA

ଯେପରି ତା ଦୁଆରେ ହାତୀ ବନ୍ଧାଥିଲେ । ହାହାଠୁଁ ଶୁଣି ସେ ଏହା କହୁଛନ୍ତି—ଗୋଳ-ମାଳ ପୂର୍ବରୁ ସେ ଏତେ ଧନୀ ଥିଲି ! ଏଇ ମୋ ବାପାଙ୍କୁ ଦେଖୁନାହାନ୍ତି,ଗୋଳମାଳ ପୂର୍ବରୁ ସେ କୁଆଡ଼େ ନବାବଙ୍କ ଖାସ୍ ଦରଓ୍ୱାନ୍ ଥିଲି—ଏବେ ସଇସ ହୋଇଛି ।”

ଚମ୍ପାବାଈ ଟଙ୍କାଟି ଭଲକରି ପରୀକ୍ଷାକରି ଧୀରେ ଧୀରେ ଗୋଟିଏ ଅନ୍ଧାରୁଆ ଗଳିରେ ପଶିଗଲି ଓ ମଦ, ଭାଙ୍ଗ, କୋକେନ ବିକ୍ରୀ ହେଉଥିବା ଦୋକାନ ଆଡ଼କୁ ଆଗେଇଗଲି ।

ଫିଟିନ ଅମିନାବାଦ ଛକ ପାରିହେବା ପୂର୍ବରୁ ନୀଳାମ୍ବର ଦତ୍ତ ପଛକୁ ଅନାଇ ଚମ୍ପାକୁ ଦେଖିଲେ । ଚମ୍ପା ଛିଣ୍ଡା ମଳିନ ବସ୍ତ୍ର ଘୋଡ଼ିହୋଇ ସେ ଦେଇଥିବା ଟଙ୍କାଟି ଏପଟ ସେପଟ ଓଲଟ ପାଲଟ କରି ରାସ୍ତା ଆଲୁଅରେ ଦେଖୁଥିଲି । ବୋଧହୁଏ ତାର ବିଶ୍ୱାସ ହେଉନଥାଏ । ତାର କେଶ ସମ୍ପୂର୍ଣ୍ଣ ଧଳା ହୋଇଯାଇଥାଏ ଏବଂ ମୁହଁରେ ବାର୍ଦ୍ଧକ୍ୟର ଚିହ୍ନ ସ୍ପଷ୍ଟ ଦେଖାଉଥାଏ । ସେ ଫିଟିନ୍‌ର ଗଦିରେ ଆଉଜି ଆଖି ବନ୍ଦ କରିଦେଲେ । ଗୌତମ ନୀଳାମ୍ବର ହୁଏତ ବୈଶାଳୀର ଅମ୍ରପାଲୀକୁ ଦେଖିନେଲେ ।

ଗୋମତୀ ନଦୀର ଅପର କୂଳରେ ଥିବା ସିଂଘାଡ଼େବାଲୀ କୋଠାରେ ବାବୁ ମନୋରଞ୍ଜନ ଦତ୍ତ ଭଡ଼ା ନେଇ ରହୁଥିଲେ ।

ସେଦିନ ରାତିରେ ସମସ୍ତେ ଆଲୁଅ ଲିଭାଇ ଶୋଇଯିବା ପରେ ନୀଳାମ୍ବର ଦତ୍ତ ବାରଣ୍ଡାକୁ ଆସି ଓ ସିଡ଼ିଦେଇ ଓହ୍ଲାଇ ସିଧା ନଦୀର ଏକଦମ୍ କୂଳକୁ ଚାଲିଆସି ଅନେକ କ୍ଷଣଧରି ନଦୀର ବହମାନ ସ୍ରୋତକୁ ଅନାଇ ରହିଲେ । ରାତ୍ରି ଗଭୀର ହେଲେ ବି ସେ ଶୋଇବାକୁ ନଯାଇ ଗୋମତୀ କୂଳେ କୂଳେ ରାସ୍ତାରେ ଚାଲିବାକୁ ଲାଗିଲେ । ଚତୁର୍ଦ୍ଦିଗରେ ପୂର୍ଣ୍ଣ ନିସ୍ତବ୍ଧତା ବିରାଜୁଥିଲା । ତାଙ୍କ ପଛେ ପଛେ ଯେପରି ଭୂତ ପ୍ରେତଙ୍କର ଏକ ବଡ଼ ଶୋଭାଯାତ୍ରା ଚାଲିଥାଏ । ଆଗରେ ପଛରେ ଯେପରି ପକ୍ଷୀମାନେ ନାଚୁଥାନ୍ତି । ସାମ୍ନାରେ ଥିବା ପୋଲ ତଳେ ଡଙ୍ଗାଗୁଡ଼ିଏ ବନ୍ଧା ହୋଇଥିବାର ଦେଖା-ଯାଉଥାଏ, ଏବଂ ଅଦୂରରେ ଚଣ୍ଡୀମନ୍ଦିର ମଧ୍ୟ ଦୃଶ୍ୟମାନ ଥିଲା । ଗଛରେ ମାଙ୍କଡ଼ ମାନେ ଶୋଇରହିଥାନ୍ତି । ଏଇ ଯେଉଁ ଭୂତ ପ୍ରେତ ତାଙ୍କ ପଛରେ ଚାଲିଥିଲେ ସେମାନେ ସମସ୍ତେ ନୀଳାମ୍ବରଙ୍କ ପରିଚିତ ଥିଲେ ।

ଅଯୋଧ୍ୟାର ସମସ୍ତ ନବାବ···ସଆଦତ ଆଲିଖାନ ଏବଂ ଜାନବୈଲୀ, ନାସିରୁଦ୍ଦିନ

Digitized by PPRACHIN, SOA

ଏବଂ ତାଙ୍କର ୟୁରୋପୀଆନ ନାପିତ, କୁଦ୍‌ସିଆ ମହଲ ଏବଂ ବୃଦ୍ଧ ମହମ୍ମଦ ଅଲ୍ଲାଶାହ, ସ୍ତ୍ରିଲ୍ ହାଭର୍ଡ ଏଣ୍ଟ୍ନେ ଏବଂ ସୁଜାତା, ଲର୍ଡ ମେକାଲେ, ବିଶପ ହେବର—ଏସବୁ ଇଂରେଜ ପ୍ରେତଗଣ ମଧ୍ୟ ଜୀବିତାବସ୍ଥାରେ ତାଙ୍କର ବେଶ୍ ପରିଚିତ ଥିଲେ । ମୃତ୍ୟୁ ପରେ ଏବେ କେଉଁ ନର୍କରେ ରହିଛନ୍ତି କେଜାଣି, କିନ୍ତୁ ଇଂରେଜ ଭୂତଗଣ ପୂର୍ବବତ୍ ମୁଣ୍ଡଉପରେ ଚଢ଼ି ବସିଛନ୍ତି । ଏ ସଂସାରର ସମସ୍ତ ପ୍ରକାର ଭଲମନ୍ଦ ଓ ଉତ୍ଥାନ ପତନ ସମସ୍ତ କିଛି ସେ ଦେଖିସାରିଥିଲେ, ଏବେ ଆଉ କେଉଁ ତାମସା ଦେଖିବାକୁ ବାକି ଅଛି । ନଦୀ ବୋହିଚାଲିଛି । କୂଳରେ ଘରମାନ ନିର୍ମିତ ହୋଇଛି । ଏଇ ଘର ଗୁଡ଼ିକର ନାମ ମଧ୍ୟ ଅଛି । ଏଇ ସେ ଘର ଭିତରେ ମଣିଷମାନେ ଶୋଇଛନ୍ତି । ସେ ମଣିଷମାନଙ୍କର ମଧ୍ୟ ନାମ ଅଛି । ଘର ପଥରରେ ନିର୍ମିତ । ନଦୀ କୂଳରେ ବହୁତ ପଥର ଗଦା ହୋଇ ଥାଏ । ସମସ୍ତେ ଗଡ଼ି ଚାଲିଛି । ସମସ୍ତେ ଏଇ ପଥରରେ ଯାଇ ଜମାହୋଇ ରହୁଛି । ଶ୍ମଶାନରେ ଚିତା ଜଳୁଥାଏ । ଆଜି ରାତିରେ କେଜାଣି କିଏ କିଏ ମରିଥିବେ !

ନୀଳାମ୍ବର ଦତ୍ତ ଆଗେଇଗଲେ ।

ଆଗରେ ମଶାଣି । ମଶାଣିରେ ମଶାଣି କାଳୀ ନୃତ୍ୟ କରୁଥିଲେ—କାଳୀ, ଯିଏ କି ସୃଷ୍ଟିର ଅନ୍ତ ପରେ ତାହାକୁ ନିଜ ଗର୍ଭରେ ଲୀନ କରି ଦିଅନ୍ତି । ଯିଏ ନିଜର ସମସ୍ତ କାମନାର ଊର୍ଦ୍ଧ୍ୱକୁ ଯାଇ କେବଳ ତାଙ୍କରି ସତ୍ତାରେ ଲୀନ ହୋଇପାରିବ । ସେହି କେବଳ ଭୟଶୂନ୍ୟ ହୋଇ ତାଙ୍କରି ଆରାଧନା କରିପାରିବ ।

ମଶାଣି—ଏହିଠାରେ ହିଁ ମଣିଷର ସମସ୍ତ କାମନା ଜଳି ଭସ୍ମୀଭୂତ ହୋଇଥାଏ । କାଳୀ—ଯିଏ ବୁଦ୍ଧି ଏବଂ ବାକ୍‌ଚେତନା ବ୍ୟତୀତ ସମସ୍ତ ପ୍ରାଣୀଜଗତକୁ ବିନାଶଶୀଳ ରୂପ ଦେଇଥାନ୍ତି—ଯିଏ ଶୂନ୍ୟକୁ ପୂର୍ଣ୍ଣ କରିଥାନ୍ତି ଏବଂ ସେଇ ପୂର୍ଣ୍ଣରେ ନିହିତ ଥାଏ ଆଲୋକ ଓ ଶାନ୍ତି ।

କାଳୀ—ଯାହାଙ୍କ ପରିଧାନ ହେଉଛି ସମାଧି—ଏହା ଅସୀମ ହେତୁ ଅନନ୍ତ-ବିସ୍ତାରିତ । ଏହାହିଁ ହେଉଛି ମହାନ୍ ଶକ୍ତି । ଏହା ମାୟାର ଊର୍ଦ୍ଧ୍ୱରେ । କାରଣ ଏହାଙ୍କୁ ହିଁ ମାୟା ରୂପରେ ସଂସାର ସୃଷ୍ଟି କରିବାକୁ ହୁଏ ।

ମଶାଣିରେ କାଳୀ ଶିବଙ୍କର ଶୁଭ୍ର ଶରୀର ଉପରେ ଠିଆହୋଇଛନ୍ତି । ଚିତାଗ୍ନିର ଆଲୋକରେ କାଳୀ ନୃତ୍ୟ କରୁଛନ୍ତି—ସେ ହେଉଛନ୍ତି କାଳୀ ତାରା—ଧୂମାବତୀ । ତାଙ୍କର ଶାନ୍ତ ରସର ନୃତ୍ୟରେ ସମସ୍ତ ସୃଷ୍ଟି ଜୟଜୟକାର କରୁଛି ।

ଗୌତମ ନୀଳାମ୍ବର କାଳୀଙ୍କୁ ସତୀ, ଗୌରୀ ଏବଂ ଯୋଗମାୟା ରୂପରେ ଦେଖିଥିଲେ । ମଶାଣିରେ ଏକାଗ୍ରଚିତ୍ତ ହୋଇ ଏବେ ସେ ଦେଖିଲେ ଏବଂ ତାଙ୍କୁ ଠିକ୍ ଚିହ୍ନିଲେ ।

Digitized by PPRACHIN, SOA

ପୋଲ ଉପରେ ଠିଆହୋଇ କିଛି କ୍ଷଣ ସେ ଚତାଗ୍ନି ଆଡ଼କୁ ଅନାଇ ରହିଲେ ଏବଂ ପରେ ଧୀରେ ଧୀରେ ସିଂଘାଡ଼େବାଲ କୋଠାକୁ ଫେରିଆସିଲେ ।

ଭୋର ସାଢ଼େ ପାଞ୍ଚଟା ବେଳକୁ ଘରର ମାଲିକାଣୀ ଉଠି ଗ୍ରେଷେୟାକୁ ଉଠାଇଲେ— "ଗୁହାଳ ତଆର କର, ଛୁଟିକର ସ୍କୁଲ ଆଜି ୭ଟାରୁ ଆରମ୍ଭ ।" ଗ୍ରେଷେୟା ଆଖି ମଳି ମଳି ଉଠି ପାଣିକଳ ପାଖକୁ ଗଲା । ଏବେ ସେ ଚୁଲିରେ ପାଣି ଗରମ କରିବ । ବାବୁ ଓ ଛୋଟବାବୁଙ୍କ ଖିଅର ପାଇଁ ଗରମ ପାଣି ଦେଇ ତା ପରେ ଗୁହାଳ କରିବ । ମାଲିକାଣୀ ପୂଜା କରିବା ପାଇଁ ଠାକୁର ଘରକୁ ଗଲେ । ଠାକୁର ଘର ଦୋତାଲାର ପୂର୍ବପଟକୁ ଥିଲା ।

ଘରେ ଧୂମ୍ ଧାମ୍ ଏବଂ ଧୂଳିଗୁଣ୍ଡା । ଘର ଭିତରେ ଗୋପୀନାଥଙ୍କ ମୂର୍ତ୍ତି ପୀତ ବସନ ପିନ୍ଧି ତ୍ରିଭଙ୍ଗ ଠାଣିରେ ବଂଶୀ ଧରି ମୟୂର ଚୂଳ ଲଗିଥିବା ମୁକୁଟ ଓ ବାସି ମାଳ ପିନ୍ଧି ଗୋଟିଏ ଛୋଟ ପିତ୍ତଳର ସିଂହାସନ ଉପରେ ଠିଆହୋଇଥିଲେ । ତାଙ୍କର ହସ କପଟ ଭୟାନକ ଜଣାଯାଉଥିଲା । ଘର ଭିତରେ ମଶା ଭଣ ଭଣ ହେଉଥିଲେ । ଏ ଘର ସାମନା ବାରଣ୍ଡାରେ ଦୁଇଜଣ ଝିଅ ଶୋଇଥିଲେ ଏବଂ କିଛି ଦୂରରେ ସେମାନଙ୍କ ଭାଇ ଶୋଇଥିଲା । ମୁଣ୍ଡ ଉପରେ ଟେବୁଲ ଫ୍ୟାନ୍ ଚାଲୁଥିଲା । ଘରର ଆଠ-ଗୋଟି କବାଟ ଝରକା ଖୋଲା ଥିବାରୁ ଥଣ୍ଡା ପବନ ଅବିରାମ ଭାବେ ଘର ଭିତରକୁ ଆସୁଥିଲା । ଆଲମାରିରେ ଫାର୍ସୀ, ଇଂରାଜୀ, ଉର୍ଦ୍ଦୁର ବହି ସବୁ ରହିଥିଲା ଏବଂ ପାଖ ଟେବୁଲ ଉପରେ ଉର୍ଦ୍ଦୁର ନୂତନ ପ୍ରଗତିଶୀଳ ସାପ୍ତାହିକ ତଥା ମାସିକ ପତ୍ର ଥିଲା । କାନ୍ଥରେ ଝୁଲୁଥିଲା ଅବନୀନ୍ଦ୍ରନାଥ, ନନ୍ଦଲାଲ ବୋଷ, ଝେସ୍ଗୀର, ଏମ୍. ଏଲ୍. ରାୟଙ୍କ ଅଙ୍କିତ ଚିତ୍ରସବୁ । ମୁଣ୍ଡ ଉପର କାନ୍ଥରେ ଜବାହରଲାଲ ନେହେରୁ ଏବଂ ୟୁନିଭର-ସିଟିର ଗ୍ରୁପଫଟ ମଧ୍ୟ ଝୁଲୁଥିଲା । ଏସବୁ ଗ୍ରୁପ ଫଟ ୧୯୩୭, ୧୯୩୮ ଓ ୧୯୩୯ରେ କିଢ଼ଥିବା ଟ୍ରଫି ସହିତ ଉଠିଥିଲା । ବହୁତ ପୁରୁଣା ହୋଇ ହଳଦିଆ ପଡ଼ିଯାଇ ଥିବା ୧୮୯୭ସାଲର ଆଉ ଗୋଟିଏ ଗ୍ରୁପ ଫଟ ଏହା ଉପରେ ଥିଲା । ଏ ଫଟରେ ଉପରୋକ୍ତ ଯୁବକର ପିତା କଳା ଗୋଲ ଟୋପି ଓ ବନ୍ଦଗଳାର କୋଟ ପିନ୍ଧି ଫକଲ୍ଟି ଅଫ୍ ଆର୍ଟସ୍ ଅର୍ଥାତ୍ କ୍ୟାନିଂ କଲେଜର କଳା ବିଭାଗର ଅଧ୍ୟକ୍ଷ ସ୍ୱର୍ଗୀୟ ଡ. ମନୋରଞ୍ଜନ ଦତ୍ତଙ୍କ ପଛରେ ଠିଆହୋଇଥିଲେ । ଡ. ମନୋରଞ୍ଜନ ଦତ୍ତଙ୍କର ଟାଗୋରଙ୍କ ପରି ଲମ୍ବା ଦାଢ଼ି ଥିଲା (ଅନ୍ୟ ଭାଷାରେ ପ୍ରତ୍ୟେକ ଦାଢ଼ିବାଲା ବଙ୍ଗାଳୀ ଭଦ୍ର ବ୍ୟକ୍ତି ଟାଗୋରଙ୍କ ପରି ଦେଖା ଯାଉଥିଲେ) ଏବଂ ଚଉକି ହାତରେ ହାତ ରଖି କାମେରାକୁ ମୁହାଁଇ ବସିଥିଲେ । ଡ. ମନୋରଞ୍ଜନ ଦତ୍ତ ଏହି କୋଠରିରେ ସତୁରି ବର୍ଷ ପୂର୍ବେ ଭଡ଼ାଟିଆ ଥିଲେ ।

Digitized by PPRACHIN, SOA

ତଳମହଲରେ ଡ୍ରଇଁ ରୁମ୍ । କାନ୍ଥରେ ନବାବୀ ପୋଷାକ ପିନ୍ଧି ଚଉକିରେ ବସିଥିବା ଜଣେ ବୃଦ୍ଧଙ୍କର ତୈଳଚିତ୍ର ଟଙ୍ଗା ହୋଇଥାଏ । ଏହି ତୈଳଚିତ୍ରଟି ସେହି ସମୟର ଜଣେ ଇଂରେଜ ଚିତ୍ରକର ପ୍ରସ୍ତୁତ କରିଥିଲେ । ଉର୍ଦ୍ଦୁରେ ଏଥିରେ ଲେଖା ହୋଇଥିଲା 'ରାୟକାଦା ବକ୍‌ସି ମେହତାବଚାନ୍ଦ' । ଘରଟି ତିନମହଲ ବିଶିଷ୍ଟ ଏବଂ ତୃତୀୟ ମହଲର ଚଟାଣ କାଠରେ ତିଆରି ହୋଇଥିଲା । ଏଠି ନାନା ପ୍ରକାର ବାଦ୍ୟଯନ୍ତ୍ର ରହିଥିଲା ଏବଂ ଘରର ଝିଅମାନେ ସବୁଦିନ ସନ୍ଧ୍ୟାରେ ଓସ୍ତାଦଙ୍କ ନିକଟରୁ ନାଚଗୀତ ଶିଖୁଥିଲେ ।

ଏହି ଘର ହିଁ ଏଠାକାର ନିବାସୀମାନଙ୍କ ନିମନ୍ତେ ସତେ ଯେପରି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଥିଲା (ଅବଶ୍ୟ ପ୍ରତ୍ୟେକ ଘର ଏହାର ନିବାସୀଙ୍କ ପାଇଁ ବିଶ୍ୱବ୍ରହ୍ମାଣ୍ଡ ହୋଇଥାଏ) ।

ନିଜ ପ୍ରିୟଜନଙ୍କ ଶବ ଯିବା, ନବବଧୂର ପାଲିଙ୍କି ଆସିବା, ବରଯାତ୍ରୀଦଳ ବା ଝିଅ ବିଦା ହେବା ତଥା ନାନା ପ୍ରକାର ପର୍ବପର୍ବାଣୀ ପାଳନ ଏହିଠାରେ ହିଁ ହୋଇଛି । ଏଠାରେ ଛୁଆ ଜନ୍ମ ହୋଇଛନ୍ତି, ପରସ୍ପର ମଧ୍ୟରେ ବିବାଦ ଓ କଜିଆ ହୋଇଛି, ଏଇଠି ଲୋକେ ହସିଛନ୍ତି ଓ କାନ୍ଦିଛନ୍ତି ମଧ୍ୟ ।

ପ୍ରତ୍ୟେକ ଗୃହରେ ଏ ସମସ୍ତ ହୋଇଥାଏ କିନ୍ତୁ ତାହାର ଆତ୍ମକାହାଣୀ କେହି ଶୁଣି ପାରନ୍ତି ନାହିଁ । ସମୟ ସହିତ ତାର ସବୁବେଳେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି···"ଦେଖିବି, କେତେ ଦିନ ତୁ ମୋ ସହିତ ତାଳଦେଇ ରହିବୁ ! ତୋ ଦେହରେ ମୋର ଚିହ୍ନ କେତେ ଦିନ ଧରି ରହିପାରିବ !"—ସମୟ ଯେପରି କହେ । ଶୁଣି ମଧ୍ୟ ଗୃହ ମୌନ ରହେ । ବର୍ଷ ପରେ ବର୍ଷ ବିତିଯାଏ । ଗୋଟିଏ ଶତାବ୍ଦୀ ଯାଇ ଆଉ ଏକ ଶତାବ୍ଦୀ ଆସେ । ଋତୁର ମଧ୍ୟ ପୁନରାବୃତ୍ତି ହୁଏ । ସମୟରୂପୀ ମହାସମୁଦ୍ରରେ ଗୋଟିଏ ଶ୍ରେଷ୍ଠ ପୋତ ଲଙ୍ଗର ପକାଇ ରହିବା ପରି ଘର ଠିଆହୋଇଥାଏ । କେବେ କେବେ ସମୟ ସ୍ରୋତର ତାଡ଼ନାରେ ଏହା ନିଶ୍ଚିହ୍ନ ହୋଇଯାଏ ।

ନବାବ୍ ସଆଦତଅଲ୍ଲୀ ଖାଁଙ୍କ ସମୟରେ ତାଙ୍କର ଅର୍ଥମନ୍ତ୍ରୀ ରାୟକାଦା ବକ୍‌ସି ମେହତାବଚାନ୍ଦ ଏହି ଗୃହ ନିର୍ମାଣ କରିଥିଲେ । ଏବେ ତାଙ୍କ ପଣନାତି ଏ ଗୃହର ମାଲିକ । ସେ ବାରିଷ୍ଟର ଥିଲେ । ଦୁଇ ଝିଅ ଓ ଗୋଟିଏ ପୁଅ—ତିନିହେଁ ସେତେବେଳେ ପଢ଼ୁଥାନ୍ତି ।

ବାରିଷ୍ଟର ସାହେବଙ୍କ ସମସ୍ତ ସମୟ କଂଗ୍ରେସ କାମ କିମ୍ବା 'ଜମାନା' ଓ 'ନିଗାର' ପତ୍ରିକାରେ ଉର୍ଦ୍ଦୁ କବିତା ଲେଖିବାରେ କଟିଯାଏ । ତେଣୁ ବାରିଷ୍ଟରୀ କରିବାପାଇଁ ସମୟ ଆଦୌ ବଳେନାହିଁ । କେବଳ ପୂର୍ବପୁରୁଷଙ୍କ ଅମଳର ଜମିଦାରୀ ଆୟରେ ଅନ୍ନଚିନ୍ତା ନଥାଏ । ଦୁଇ ଝିଅଙ୍କ ପାଇଁ ଯୌତୁକ ମହଜୁଦ୍ ରହିଛି । ସେ ନିଜେ ପଢ଼ିଥିବା

Digitized by PPRACHIN, SOA

କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟକୁ ପୁଅକୁ ପଠାଇବା ନିମନ୍ତେ ମନସ୍ଥ କରିଥାନ୍ତି । ଝୋଲି ଖଟରେ ମଶାରି ବାନ୍ଧି ଶୋଇଥିବା ସମୟରେ ସ୍ତ୍ରୀଙ୍କ ଖୁଡ଼ଖାଡ଼୍ ଶବ୍ଦରେ ତାଙ୍କର ନିଦ ଭାଙ୍ଗିଗଲା । ଏଇ ସକାଳୁ ଏତେ ବେଶୀ ଖୁଡ଼ଖାଡ଼ ଶବ୍ଦ କରି ଘରର ସମସ୍ତଙ୍କ ନିଦ ଭାଙ୍ଗିବା ତାଙ୍କ ସ୍ତ୍ରୀଙ୍କର ଏକ ବଦ୍ ଅଭ୍ୟାସ ହୋଇ ଯାଇଥିଲା । କେତେବେଳେ ଭଣ୍ଡାର ଘର କବାଟ ଧଡ଼୍ କରି ଖୋଲିବେ ତ କେତେବେଳେ ଆଲମାରି କବାଟ ଶବ୍ଦ କରି ବନ୍ଦ କରିବେ । ଆଉ କେତେବେଳେ ଏ ଘରକୁ ଆସିବେ ତ ଶବ୍ଦକରି ଅନ୍ୟ ଘରକୁ ଯିବେ । ଯା ପରେ ପୂଜାରେ ବସି ପାଟିକରି ରାମାୟଣ ପଢ଼ିବେ ।

ସକାଳୁ ପବନ ଖୁବ୍ ଆରାମଦାୟକ ମନେହେଉଥାଏ । ସାମ୍ନା ନଦୀରେ ତରଙ୍ଗ ବିସ୍ତାରିତ ହେଉଥାଏ । ମୋତିମହଲ ବ୍ରିଜ ଏଇନେ ଖୁବ୍ ନିର୍ଜନ ।

"ଉଠ ବାବା, ଚଞ୍ଚଳ ଉଠ, ଆଜିଠୁ ପରା ତୁମ ସ୍କୁଲ ସକାଳୁଆ ହେବ" ରୋଷେୟା ଆସି ସାନଝିଅକୁ ଉଠାଇଲା । ସେ ଧଡ଼ପଡ଼ ହୋଇ ଉଠିପଡ଼ି ସିଧା ଗାଧୁଆ ଘରକୁ ଗଲା । ଆଜି ତାର ସ୍କୁଲ ଖୋଲିବ । ବଡ଼ଝିଅ ଅଳସ ଆଖିରେ ନଦୀ ଆଡ଼କୁ ଅନାଇଲା । ସତର-ଅଠର ବର୍ଷର ଝିଅଟି କଲେଜରେ ପଢ଼ୁଥାଏ ଏବଂ ତାର କଲେଜ ଚଉଦ ଜୁଲାଇରେ ଖୋଲିବା କଥା; କିନ୍ତୁ ଶୀଘ୍ର ବାହାଘର ହେବାର ଥିବାରୁ କଲେଜ ପାଇଁ ସେ ସେତେ ଆଗ୍ରହୀ ନଥିଲା । ନିଶ୍ଚିନ୍ତ ଭାବେ ଶୋଇ ଶୋଇ ସେ ନଦୀ ଆଡ଼କୁ ଚାହିଁ ରହିଲା ।

ଅନ୍ୟ ଏକ ଘରୁ ତାର ଭାଇ ନିଦୁଆ ଆଖିରେ ଚପଲ ଘୋଷାରି ଘୋଷାରି ଆସି ବାରଣ୍ଡାରେ ଗୋଟିଏ ଖମ୍ବକୁ ଆଉଜି ନଦୀର ପୋଲ ଆଡ଼କୁ ଚାହିଁ ଠିଆହେଲା । କିଛି କ୍ଷଣ ପରେ ଖୁବ୍ ଜୋର୍‌ରେ ଏକ ଦୀର୍ଘନିଶ୍ୱାସ ନେଇ ଓ ତୌଲିଆ କାନ୍ଧରେ ପକାଇ ବେସୁରା ସ୍ୱରରେ ଗୀତ ଗାଉ ଗାଉ ଗାଧୁଆଘରେ ପଶିଲା ।

ମାଆ ଠାକୁର ଘରୁ ବାହାରି ଆସି ସାନ ଝିଅକୁ ତାଗିଦ୍ କରି କହିଲେ, "ସ୍କୁଲରେ ନାଜିର ସାଙ୍ଗମାନଙ୍କୁ କହିବୁ ସନ୍ଧ୍ୟାବେଳକୁ ସେମାନେ ଏଆଡ଼େ ଆସି ବୁଲି ଯିବେ ।" ସେ ଶୀଘ୍ର ଚାହା ପିଇ ଓ ବହି ଧରି ଚଞ୍ଚଳ ଶିଡ଼ିରୁ ଓହ୍ଲାଇ ତଳେ ତା' ଅପେକ୍ଷାରେ ଥିବା ତା' ସ୍କୁଲ ବସରେ ବସିଗଲା ।

ବାରିଷ୍ଟର ସାହେବ ଗୃହିଣୀଙ୍କୁ ଯେତେ ପ୍ରକାର ଆଧୁନିକ ଶିକ୍ଷା ଦେବା ସଙ୍ଗେ ସଙ୍ଗେ କଲିକତା, ବମ୍ବେ, କାଶ୍ମୀର ଆଦି ସ୍ଥାନ ବୁଲାଇ ଆଣିଲେ ବି ତାଙ୍କର ମଫସଲି ଢଙ୍ଗ ରହିଯାଇଥିଲା । ତେଣୁ ସେ ନିଜ କନ୍ୟା ଦୁହିଁଙ୍କୁ ବଡ଼କୀ ଓ ଛୋଟକୀ ବୋଲି ଡାକୁଥିଲେ ।

ବଡ଼ ଝିଅ ଏତେବେଳକୁ ବାରଣ୍ଡାର ତଳକୁ ଅନାଇଲା । ତଳେ ବଗିଚାର ରାସ୍ତା ।

Digitized by PPRACHIN, SOA

ରାସ୍ତା ଉପରେ ସ୍କୁଲ୍ ବସ୍ ଠିଆହୋଇଥିଲା, ଯେଉଁଥିରେ କି ଦୁଇ ଚାରି ଜଣ ହିନ୍ଦୁସ୍ଥାନୀ ଝିଅଙ୍କ ବ୍ୟତୀତ ବାକୀ ସମସ୍ତେ ଇଂରେଜ ଝିଅ ବସିଥିଲେ । ହିନ୍ଦୁସ୍ଥାନୀ ଝିଅମାନଙ୍କ ମଧ୍ୟରୁ ଜଣେ ଝରକାରେ ମୁହଁ ବାହାର କରି ଓ ହାତ ହଲାଇ କହିଲା, "ଆମେସବୁ ମୋରିସ୍ କଲେଜରୁ ଫେରି ସନ୍ଧ୍ୟା ବେଳକୁ ଆସିବୁ ।" "ହଉ…" ବଡ଼ ଝିଅ ସଂକ୍ଷିପ୍ତ ଉତ୍ତର ଦେଉଁ ନ ଦେଉଁଣୁ ବସ୍ ଫାଟକ ବାହାରକୁ ଚାଲିଗଲା ।

ଏହା ପରେ ଭାଇ ଜଣକ ସିଟି ବଜାଇ ବଜାଇ ତଳକୁ ଓହ୍ଲାଇଲା । ପୋର୍ଟିକୋ ତଳୁ ତା ସାଇକେଲ ନେଇ ଓ ବେଶ୍ କାଇଦା କରି ନିଜ ନୋଟ୍ ବହି ହାଣ୍ଡଲ୍‌ରେ ଲଟକେଇ କରି ରାସ୍ତାରେ ୟୁନିଭରସିଟି ଆଡ଼କୁ ଗଲା ।

ଦିନ ବଢ଼ି ଆସିଲା । ସହର ବଜାରରେ ଲୋକ ଗହଳି ଆରମ୍ଭ ହୋଇଗଲା । କ୍ରମେ ସନ୍ଧ୍ୟା ହେଲା ଓ ଆଲୋକସବୁ ଜଳି ଉଠିଲା । ନଦୀ କୂଳର ପୂର୍ବୋକ୍ତ କୋଠିରେ ଝିଅ-ମାନଙ୍କର ହାସ ପରିହାସ ଶୁଣାଯାଉଥିଲା । ଚାରି ପାଞ୍ଚ ଜଣ ସମବୟସ୍କା ଝିଅ ବାରଣ୍ଡାରେ ବସି ଏପରି ଖୁସୀ ଗପରେ ବିଭୋର ଥିଲେ ଯେ ମନେହେଉଥିଲା ଯେପରି ଦୁଃଖ କଣ ସେମାନେ ଆଦୌ ଜାଣି ନାହାନ୍ତି…ପ୍ରକୃତରେ ଦୁଃଖ ସହିତ ସେମାନେ ଅପରିଚିତ ଥିଲେ ।

ଛତର ମଞ୍ଜିଲ୍ ପଛ ପଟେ ସୂର୍ଯ୍ୟ ଅସ୍ତଗଲା । ନଦୀ କୂଳେ କୂଳେ ଆଲୋକ ଜଳି ଉଠିଲା । ନଦୀର ପ୍ରବାହ କିନ୍ତୁ ଠିକ୍ ଚାଲିଥିଲା ।

୨୦

ସୂର୍ଯ୍ୟ ଅସ୍ତ ଯିବା ବେଳକୁ ଫିଟିନ୍ ଗାଡ଼ି ମରିସ୍ କଲେଜରୁ ବାହାରି ଧୀରେ ଧୀରେ ନଦୀ ପୋଲ୍ ନିକଟରେ ପହଞ୍ଚିଯାଏ । ପୋଲ୍ ଦେଇ ଏକ ପକ୍କା ପରିଷ୍କାର ରାସ୍ତା ୟୁନିଭରସିଟି ପର୍ଯ୍ୟନ୍ତ ସିଧା ଲମ୍ବିଯାଇଛି । ଏଠାରୁ ଚାନ୍ଦବାଗ ପର୍ଯ୍ୟନ୍ତ ଘରମାନ ରହିଛି । ସେଠି ଇସାବେଲା ଆବର୍ଣ୍ଣ କଲେଜ ଏକ ଶାନ୍ତ ନିସ୍ତବ୍ଧ ପରିବେଶରେ ଅବସ୍ଥିତ । କଦବା କ୍ୱଚିତ୍ ଏବାଟେ ଦେଇ ମଟରଗାଡ଼ି କିମ୍ବା ସାଇକେଲରେ ଛାତ୍ରଛାତ୍ରୀ ଯା'ଆସ କରିଥାନ୍ତି । ସହରତଳି ଡାଲିଗଞ୍ଜ ଅଞ୍ଚଳକୁ ଯାଉଥିବା ଗାଡ଼ି ଫୈଜାବାଦ ରୋଡ଼ ଦେଇ ଯାଇଥାଏ । ଆଉ ଟିକେ ଆଗକୁ ହରଡ଼ ଓ ଆଖୁକ୍ଷେତ, ରେଳଲାଇନ୍ ଓ କାଗଜକଳ । ସେପଟକୁ ଏକ କାଠ ପୋଲ ମଧ୍ୟ ଅଛି । ସେଠାରୁ ଚରେସ୍ୱା ହ୍ରଦ ଓ

Digitized by PPRACHIN, SOA

ଭେ ସା-କୁଣ୍ଡ ସିବାକୁ ରାସ୍ତା ଏବଂ ଆଗରେ ଥିଲ ସିକନ୍ଦରାବାଗ ଓ ବନାରସିବାଗ । ତା ଆଗକୁ ଥିବା ସମସ୍ତ ଅଞ୍ଚଳ ସରକାରୀ ଘର ଗୁଡ଼ିକରେ ପୂର୍ଣ୍ଣ ଥିଲ । ତା ପରରେ ଗାର୍ଡ଼ନ୍ ରୋଡ୍ ପରେ କେନାଲ ଓ ହଜରତଗଂଜ ଲ ମେଟିନେୟର କଲେଜ ଏବଂ ଲମେଟିନେୟର ରୋଡ୍ ଓ ସୁନ୍ଦର ପାର୍କ ଦେଇ ଯାଇଛି ଦିଲକୁଷା ପାଲେସ୍ ପର୍ଯ୍ୟନ୍ତ । ଆଗକୁ ଅଛି ହଗନ୍ତୁବହାର ସବୁଜ କ୍ଷେତ ।

ମୋତିମହଲ ବ୍ରିଜ ଆଗକୁ ଥିଲ ମରିସ୍ କଲେଜ ଏବଂ କୈସରବାଗ । ତା ଆଗକୁ ଅମୀନାବାଦ ପାର୍କ ଓ ଅମୀନୁଦ୍ଦୌଲା । ତାପରେ ରାସ୍ତା ସବୁ ଯାଇଛି ଥାନାଆଡ଼କୁ । ସେଆଡ଼େ ଥିଲ ମେଡିକାଲ କଲେଜ ଏବଂ ଦରିଆ ଇମାମବାଡ଼ା ହୁସେନାବାଦ । ସେଠାରେ ଥିଲ ଆଜଦର୍ଶ ଓ ଗୋଲ୍ ଦରଜା । ଏ ଅଞ୍ଚଳ ଥିଲ ପୁରୁଣା ଲକ୍ଷ୍ନୌ ସହର । ନୂଆ ଲକ୍ଷ୍ନୌଠାରୁ ଏହା ଯଥେଷ୍ଟ ଦୂରରେ ଥିଲେ ବି ନୂଆ ଲକ୍ଷ୍ନୌରେ ପୁରୁଣା ସହର ସବୁ ଜାଗାରେ ବିଦ୍ୟମାନ ଥିଲ । ନବାବ ଅମଳର କୋଠି ବଦଳରେ ନିର୍ମିତ ହୋଇଥିଲ ଗଭର୍ଣ୍ଣମେଣ୍ଟ ହାଉସ୍ । ନଦୀ କୂଳସ୍ଥିତ ମୋତିମହଲ ହୋଇଥିଲ ଇମ୍ପିରିଆଲ୍ ବ୍ୟାଙ୍କ । ହଜରତଗଞ୍ଜର ଠିକ୍ ମଝିରେ ଥିଲ ବେଗମ କୋଠି । ଛତରମଞ୍ଜିଲରେ କ୍ଲବ ହାଉସ ହୋଇଥିଲ । ଏ ସହରର ଆଭିଜାତ୍ୟ ଭିନ୍ନ ପ୍ରକାରର ଥିଲ । ଏଠାରେ ନୂଆ ଜିନିଷ ମଧ୍ୟ ପୁରାତନ ଜଣାପଡେ । ଝାସ୍ କରି ସମୟ (ମହାକାଳ) ଏହି ସହରରେ ଧୀରେ ସୁସ୍ଥେ ଗମ୍ଭୀର ହୋଇଯାଉଥିଲ ।

ଏଇ ପରିବେଶରେ ପୂର୍ବୋକ୍ତ ଫିଟନ୍ ଗାଡ଼ି ଝଣ୍ଟିଳ ସନ୍ଧ୍ୟାର ମ୍ଳାନ ଆଲୋକରେ ଧୀରେ ଧୀରେ ଯାଇ ମୋତିମହଲ ବ୍ରିଜ ନିକଟରେ ପହଞ୍ଚେ । ପୋଲ ପାରି ହୋଇ ସିଧା ୟୁନିଭରସିଟି ରୋଡ୍‌ରେ ନ ଯାଇ ପ୍ରାୟ ବାଁ କଡ଼କୁ ଥିବା କଚ୍ଚା ରାସ୍ତା ଉପରକୁ ଓହ୍ଲାଇ ଆସି ଯେଉଁଠି ମାତ୍ର କେତେ ଗୋଟି ପୁରୁଣା ଦିନର କୋଠି ରହିଛି ସେଠି ଆସି ଠିଆହୁଏ ।

କୋଚ୍ ବକ୍ସ ଉପରେ ବସିଥିବା କୋଚଓ୍ବାନ ଗଡ଼ାଦୀନ ତଳକୁ ନଇଁପଡ଼ି ପଗ୍ଗରେ, "ହଦା, ସିଂଘାଡ଼େବାଲୀ କୋଠି ସିଏ ତ ?"

"ଏବେ ମୁଁ କାହାଣୀ ଶୁଣାଉଛି । (ତଲ୍ଅତ ନହଲା) ପୁରୁଣା କଥା କହି-ବାରେ କେତେ ପ୍ରକାର ଢଙ୍ଗ ଅଛି, କିନ୍ତୁ ମୁଁ ଗୋଟିଏ ହେଲେ ବୁଝି ପାରିନ । କେଉଁ ପାତ୍ର ମୁଖ୍ୟ—କାହାଣୀ ଆରମ୍ଭ ହେଲ କେଉଁଠି—କ୍ଲାଇମାକ୍ସ ରହିଲ କେଉଁଠି—ହିରୋଇନ୍ କିଏ—ଏବଂ ଏହି କାହାଣୀର ଅନ୍ତ କି ପ୍ରକାର ହେବା ଦରକାର —ହିରୋ କିଏ—ଏ କାହାଣୀ ଶୁଣିବାର ଶ୍ରୋତା କିଏ—ତଥା କାହାଣୀକାର ବା କିଏ ? ମୋର ବଡ଼ଭାଇ ଜମାଲ୍ କହିଲେ ସେ ଦିନେ ବସି ଏ ସବୁ କଥା ଠିକ୍

Digitized by PPRACHIN, SOA

କରିବେ । କମାଲ ଏ ପର୍ଯ୍ୟନ୍ତ କିଛି ସ୍ଥିର କରି ପାରିଲା ନାହିଁ । ଚମ୍ପାବାଇଙ୍କ ମଧ୍ୟ କିଏ ବା ପଚାରିବାକୁ ଯିବ !" ଏତିକି କହି ମୁଁ ଗଙ୍ଗାଦୀନକୁ କହିଲି, ହଉ ଯିବା ଚାଲ ! ଫିଟିନ୍ ଧୀରେ ଧୀରେ କଙ୍ଗ୍ ରାସ୍ତାରେ ଗଡ଼ି ଚାଲେ । ଏଠି କିପରି ଅଖଣ୍ଡ ନୀରବତା । ଏଇ ରାସ୍ତାରେ ଆହୁରି ଆଗେଇ ଗଲେ ଯାଇ ଶ୍ମଶାନ ପଡ଼େ । ନଦୀ କୂଳରେ ମୋତି-ମହଲ, ଛତରମଞ୍ଜିଲର ସୁନେଲି ଗମ୍ବୁଜ ଏବଂ ନବାବ ଅସଫ-ଉଦ୍ଦୌଲାଙ୍କ ଇମାମବାଡ଼ାର ଛାଇ ପ୍ରତିବିମ୍ବିତ ହେଉଥାଏ । ଏଇ ବଡ଼ ବଡ଼ ବଡ଼ ପ୍ରାସାଦର ପାହାଚ ତଳେ ନଦୀ ଶାନ୍ତ ହୋଇ ବହିଯାଉଥାଏ । ସିଂଘାଡ଼େବାଲି କୋଠିର ପାହାଚ ମଧ୍ୟ ନଦୀକୁ ଲାଗିଛି । ଏହା ବି ମହଲ ପ୍ରାସାଦ ହୋଇଥିଲେ ସୁଦ୍ଧା ଆଠ କୋଣ ବିଶିଷ୍ଟ ଉଦନୋଟି ବୁରୁଜ ଥିବାରୁ ଏହାର ନାମକରଣ ଏହିପରି ହୋଇଥିଲା । ଦୀର୍ଘଦିନର ଶିଉଳି ଯୋଗୁଁ ଏହାର ରଙ୍ଗ ହୋଇଥିଲା ଗାଢ଼ ସବୁଜ । ଶୀତଦିନେ ସୂର୍ଯ୍ୟ ଖୁବ୍ ଶୀଘ୍ର ବୁଡ଼ିଯାନ୍ତି । 'ହଦୀ, ଆଜି କଣ ନିର୍ମଳା ଦେବୀଙ୍କ ଘରକୁ ଯିବନି ?' ଗଙ୍ଗାଦୀନ କୋଚବକ୍ସ ଉପରୁ ପୁଣି ପଚାରେ ।

ତାପରେ ଫିଟିନ୍ ରାସ୍ତାର ଗଡ଼ାଣିରେ ଗଡ଼ି ସିଧା ସିଂଘାଡ଼େବାଲି କୋଠିରେ ପହଁଚେ ।

"ତୁମ ଆସିବା ଖବର ଭାଇ ଦେଇ ଯାଇଛନ୍ତି ।" ଲିଜ୍ ପୋର୍ଟିକୋ ଛାତ ଉପରୁ କୁହେ ।

ଭାଇ, ଅର୍ଥାତ୍ ହରିଶଙ୍କର ଶ୍ରୀବାସ୍ତବ, ୟୁନିଭରସିଟିରେ ପଢ଼ୁଥିଲେ, ତଥା ବି: ଏ: ରେ ଫାର୍ସୀ ନେଇଥିଲେ ।

ନିର୍ମଳାର ବଡ଼ଭଉଣୀ ଲିଜ୍, ଚକାମାଡ଼ି ନଦୀ ଆଡ଼କୁ ମୁହଁ କରି ବସି ପଚାରୁ-ଥିଲା, "ଏବେ କୁହ, ଜ୍ଞାନ କୁସୁମକୁ କଣ ଉତ୍ତର ଦେଲ ?"

ମୋରିସ କଲେଜର ପଲିଟିକ୍ସ ଆରମ୍ଭ ହୋଇଯାଏ । ଏଠାରେ ଲିଜ୍ ପଞ୍ଚମ ବାର୍ଷିକ ପର୍ଯ୍ୟନ୍ତ ପଢ଼ିଛି । ଏବେ ନିକଟରେ ତାର ବିବାହ ହୋଇଯିବ ।

"ରାଜକୁମାରୀ ଲାହୋର ଚାଲିଯାଉଛି"—ମୁଁ କହିଲି ।

"'ଲାହୋର ! ଆରେ ବାବାରେ—'

"ପ୍ରକୃତରେ ଆମପାଇଁ ଲାହୋର ଥିଲା ବହୁତ ଦୂର । ବିଲ୍‌କୁଲ୍ ଅନ୍ୟ ଏକ ପୃଥିବୀ । ସିଙ୍ଗାପୁର ଯେପରି ଲାହୋର ମଧ୍ୟ ସେପରି ଜଣାପଡ଼ୁଥିଲା ।

"'ଓଃ ! ଗୋଡ଼ରେ ଘୁଂଗୁର ବାନ୍ଧି ବାନ୍ଧି ନିର୍ମଳା ନିଜ ମତାମତ ପ୍ରକାଶ କରୁଥିଲା—ପ୍ରଥମେ ସେ ମୋରିସ୍ କଲେଜରେ ମୋର ସହପାଠିନୀ ଥିଲା, କିନ୍ତୁ ଗତବର୍ଷ ଯେତେ-ବେଳେ ବେମାର ପଡ଼ିଲା ଡାକ୍ତରମାନେ ତାକୁ ଏତେ ପରିଶ୍ରମ କରିବାକୁ ମନା

Digitized by PPRACHIN, SOA

କଲେ । ଏବେ ମୋ ସାଙ୍ଗ ମାଳତୀର ବଡ଼ଭାଇ ତାଙ୍କ ଘରେ କିଛି ସମୟ ପାଇଁ ରଖାଇ କରାଇଦେଉଛନ୍ତି । ତାଛଡ଼ା ଶମ୍ଭୁ ମହାରାଜାଙ୍କ ସମ୍ପର୍କୀୟର ଏକ ନୃତ୍ୟ ଶିକ୍ଷୀଙ୍କ ଠାରୁ କଥକ ନୃତ୍ୟ ମଧ୍ୟ ଶିଖୁଛୁ । ଲମାର୍ଟିବେୟୁରରେ ନିର୍ମଳା ଓ ମୁଁ ସହପାଠିନୀ ଥିଲୁ—ଦୁଇ ବର୍ଷ ପରେ ଆମେ ସିନିୟର କେମ୍ବ୍ରିଜ ପାଶ୍ କରିବୁ ।

ହଠାତ୍ ନିର୍ମଳା କହିଉଠିଲା, "ମୋର ଇଚ୍ଛା ହୁଏ ନୂଆ ନୂଆ ଜାଗା ସବୁ ଦେଖିବା ପାଇଁ ।"

ଅସ୍ତ ଯାଉଥିବା ସୂର୍ଯ୍ୟଙ୍କ କିରଣ ନଦୀରେ ପଡ଼ି ଝଲମଲ କରୁଥାଏ । ଜୀବନ ସମ୍ପର୍କରେ ଯେଉଁ ସ୍ଥୂଳ ବିଶ୍ୱାସ ଅସ୍ପଷ୍ଟ ଆକାରରେ ଆମ ମନରେ ରହିଥିଲା, ଯେପରି ଏ ସମସ୍ତ ସଂସାରର ସୃଷ୍ଟି, ସେ ସବୁ ଯେପରି ଏଇ ନଦୀର ଛୋଟ ଛୋଟ ଲହଡ଼ିରେ ନାଚୁଥିଲା । ନବାବ ଅମଳର ପ୍ରାସାଦ, ବୋଟ-କ୍ଲବର ଡଙ୍ଗା ତଥା ସିଙ୍ଘାଡ଼େବାଲି କୋଠିର ଶିଉଳିଲଗା ପାହାଚ ଏ ସମସ୍ତ କିପରି ଗୋଳମାଳିଆ ହୋଇ ମନରେ ଚିନ୍ତା ପୂରାଇଥିଲା—ଯା ପରେ କଣ ? ଏବଂ କଣ ସବୁ ଘଟିବାକୁ ଯାଉଛି ?

'ଅପ୍ପୀ ବାହା ହେବା ପରେ କୁଆଡ଼େ ଯିବେ ?' ନିର୍ମଳା କିଛି କ୍ଷଣ ପରେ ଚିନ୍ତା କରୁ କରୁ ପଚାରେ ।

'ଯେଉଁଠିକି ଭାଇ ନେଇଯିବେ ସେଠିକି ଯିବେ—ଆଉ ଯିବେ କୁଆଡ଼େ'—ମୁଁ ବିରକ୍ତି ପ୍ରକାଶ କରେ ।

'ଭାଇ କୁଆଡ଼େ ଯିବେ' ?

'କେଜାଣି କିଏ ଜାଣିଛି ?'—ମୁଁ ବିବ୍ରତ ବୋଧ କରେ ।

ଯା ପରେ କମାଲ ନିଜ ଜାଗାରୁ ଉଠିଆସି ଟେବୁଲକୁ ଆଉଜି ଠିଆ ହେଲା, ଯେପରି ସେ ତଲ୍ ଅତର କଥା ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲା ଏବଂ ତା ପରେ ନିଜ କଥା ଆରମ୍ଭ କଲା—

"ଭାଇ ସାହେବ, ମୋର କକା ପୁଅ ଭାଇ ଥିଲେ । ମୋର ଭଉଣୋଇ ମଧ୍ୟ ହୋଇପାରିଥାନ୍ତେ । ପିଲାଦିନୁ ଏ କଥା ଆମେ ଶୁଣି ଆସିଛୁ—ଭାଇ ଯେତେବେଳେ ପଢ଼ାପଢ଼ି ସାରି ଯୁବକ ହୋଇଯିବେ ସେ ଅପପୀକୁ ବାହାହେବେ । ମୋର ନିଜର କୌଣସି ଭାଇ ନ ଥିବାରୁ ସେହି ମୋର ଆଦର୍ଶ ଥିଲେ । ଆମରି ଘରେ ସେ ରହୁଥିଲେ । ପିଲାଦିନେ ଭାଇ ସ୍ୱିଜରଲ୍ୟାଣ୍ଡସ୍ଥ ଲୁଦାନର ଏକ ପବ୍ଲିକ୍ ସ୍କୁଲରେ ପଢ଼ୁଥିଲେ । ତାଙ୍କୁ ଦେଖିବାକୁ ଯାଇଥିବାବେଳେ ଆକସ୍ମିକ ଭାବେ ସେଠାରେ କକାଙ୍କର ମୃତ୍ୟୁ ହେଲା । ତା ପରେ ବାପା ଭାଇଙ୍କୁ ଦେଶକୁ ନେଇ ଆସିଲେ । ସେ ବମ୍ବେରୁ ସିଧା ଆମ ଘରେ ଆଲେମାଡ଼ାରେ ଆସି ରହିଲେ । ପୋର୍ଟିକୋ ତଳେ ତାଙ୍କ ସ୍ୱିସ୍ ସ୍କୁଲର

Digitized by PPRACHIN, SOA

ଡ୍ରେସ୍ ପିନ୍ଧି ଓ କାନ୍ଦି କାନ୍ଦି ଆଖି ଫୁଲାଇ ଅଦ୍ଭୁତ ଦିଶୁଥିଲେ । ମୋତେ ଓ ଅପ୍ପୀକୁ କୁଣ୍ଢାଇ ଧରି ଖୁବ୍ ଜୋର୍‌ରେ କାନ୍ଦିଉଠିଲେ । ଡଲ୍‌ଅତି ସେତେବେଳେ ବହୁତ ସାନ ।

"ଯ୍ୱା ପରଠାରୁ ଭାଇ ଆମରି ପାଖରେ ହିଁ ରହିଲେ । ବାପା ମା'ଙ୍କର ସେ ଥିଲେ ନୟନମଣି । ତାଙ୍କର ନିଜ ମା'ଙ୍କର ମୃତ୍ୟୁ ବହୁତ ଆଗରୁ ହୋଇଥିଲା । କକାଙ୍କର ଏକୋଇରବଳା ଥିଲେ ଭାଇ ।

"ଗ୍ରୀଷ୍ମକାଳ ଛୁଟି ପରେ ଭାଇଙ୍କୁ ଲାମାର୍ଟିନେୟାର କଲେଜରେ ନାଁ ଲେଖାଇ ଦିଆଯାଇଥିଲା । ଏହି କଲେଜ ଆଜକୁ ଦେଢ଼ଶହ ବର୍ଷ ପୂର୍ବେ ନବାବ ଆସିଫଉଦ୍ଦୌଲାଙ୍କ ଅନ୍ତରଙ୍ଗ ବନ୍ଧୁ ଜେନେରାଲ କ୍ଲାଡ଼ ମାର୍ଟିନ ଫ୍ରାନ୍ସିସ୍‌ଙ୍କ ଧନରେ କେବଳ ୟୁରୋପୀୟାନ ପିଲାଙ୍କ ନିମନ୍ତେ ତିଆରି ହୋଇଥିଲା । ଏଠି ଏ ପ୍ରଶ୍ନ ଉଠିପାରେ ଯେ କିଏ ଏ କାହାଣୀର ହିରୋ ହୋଇ ମୁଁ ଯେତେବେଳେ କାହାଣୀ ଶୁଣାଇବା ପାଇଁ ବସିଛି ସେତେବେଳେ ପାତ୍ରମାନଙ୍କ ସମ୍ବନ୍ଧରେ ମଧ୍ୟ ସ୍ଥିର କରିସିବ ! ଭାବୁଛି ଯେ ଭାଇଙ୍କ ନିକଟରେ ହିରୋ ହେବାର ସବୁ ପ୍ରକାର ଗୁଣ ରହିଛି । ଏ ପର୍ଯ୍ୟନ୍ତ ମୁଁ ତୁମକୁ ଯାହାସବୁ କହିଛି, ମୋର ବିଶ୍ୱାସ, ତୁମେ ଅନ୍ଦାଜ କରି ନେଇ ପାରିଥିବ ଯେ ଏପରି ରୋମୀୟ ବ୍ୟାକ୍‌ଗ୍ରାଉଣ୍ଡ୍ କେବଳ ହିରୋ ଛଡ଼ା ଆଉ କାହାର ଥାଇପାରେ ? ଯଦି ତୁମେ ପୁରୁଣା ଢଙ୍ଗର ପାଠକ ନ ହୋଇ ଥାଅ ତେବେ ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ ଯେ ଭାଇ ଦେଖିବାକୁ ବହୁତ ସୁନ୍ଦର ମଧ୍ୟ ଥିଲେ । ଫ୍ରାନ୍ସ୍ ଓ ସ୍ୱିଜରଲ୍ୟାଣ୍ଡର ସ୍କୁଲରେ ପଢ଼ିବା ଫଳରେ ତାଙ୍କ ଆଚରଣ ବିଲକୁଲ୍ ଫରାସୀଙ୍କ ଭଳି ଥିଲା । ଯେତେବେଳେ ସେ 'ତ' ଓ 'ଜ' ସହିତ ଧୀରେ ଧୀରେ ଇଂରାଜୀ କହୁଥିଲେ ସେତେବେଳେ ଇସାବେଲା ଥାବର୍ଣ୍ଣ କଲେଜର ଛାତ୍ର ଓ ଛାତ୍ରୀମାନେ ଦୀର୍ଘଶ୍ୱାସ ପକାଇ ଅନାଇ ରହୁଥିଲେ ।

"ଅପ୍ପୀ ଏବଂ ଭାଇ କେହି କାହାରି ବ୍ୟକ୍ତିଗତ ବିଷୟ ନେଇ ମୁଣ୍ଡ ଖେଳାଉ ନ ଥିଲେ । ଉଭୟଙ୍କର ବନ୍ଧୁମାନେ ଅଲଗା ପ୍ରକାରର ଥିଲେ । ଭାଇଙ୍କ ବନ୍ଧୁମାନଙ୍କୁ ଅପ୍ପୀ ପ୍ରାୟ ବ୍ୟଙ୍ଗ ବିଦ୍ରୂପ କରୁଥିଲା । ମୋର ଅନ୍ତରଙ୍ଗ ବନ୍ଧୁ ହରିଶଙ୍କର ଶ୍ରୀବାସ୍ତବଙ୍କ ଭଉଣୀ ଲଜବନ୍ତୀ ଶ୍ରୀବାସ୍ତବ ମଧ୍ୟ ଥିଲେ ଅପ୍ପୀଙ୍କ ନିକଟତମ ବନ୍ଧୁ; କିନ୍ତୁ କେଜାଣି କାହିଁକି ଚମ୍ପାବାଜୀଙ୍କ ସମ୍ପର୍କରେ କଥା ଉଠିଲେ ଲଜବନ୍ତୀ ବିଲକୁଲ୍ ଚୁପ୍ ହୋଇ ଯାଉଥିଲେ । ଅପ୍ପୀ ହସିଉଠୁଥିଲେ ଏବଂ ବୋକାଙ୍କ ପରି ହରିଶଙ୍କର ସିଗାରେଟ୍ ଟାଣିବା ଆରମ୍ଭ କରିଦେଉଥିଲେ । ଚମ୍ପାବାଜୀ ଆମ୍ଭମାନଙ୍କର କାହାରି ବନ୍ଧୁମହଲରେ ନ ଥିଲେ । ସମସ୍ତଙ୍କଠାରୁ ଅଲଗା ରହି ସେ ଆମ୍ଭମାନଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିଥିଲେ । ଆମେ ସମସ୍ତେ ପରସ୍ପରକୁ ଜନ୍ମରୁ ଜାଣିଥିଲୁ, ଆମର ବ୍ୟାକ୍‌ଗ୍ରାଉଣ୍ଡ ଓ ଶ୍ରେଣୀ ମଧ୍ୟ

Digitized by PPRACHIN, SOA

ଏକ ଥିଲା ! ଚମ୍ପାବାଈଙ୍କ ବ୍ୟାକ୍‌ଗ୍ରାଉଣ୍ଡ୍ କଣ ଥିଲା ଯେ ବିଷୟରେ ଆମେ ଅଜ୍ଞାତ ଥିଲୁ । ମୋର ଦୃଢ଼ ବିଶ୍ୱାସ ଥିଲା ଯେ ସେ ନିଶ୍ଚୟ ନିମ୍ନମଧ୍ୟବିତ୍ତ ଶ୍ରେଣୀର ।

"ଭାଇ ଯେତେବେଳେ ଲ' ପଢ଼ୁଥିଲେ ସେହି ସମୟରେ ଚମ୍ପାବାଈ ବନାରସରୁ ଆସି ଇସାବେଲା ଥୋବର୍ଣ୍ଣ କଲେଜରେ ଭର୍ତ୍ତି ହେଲେ ।

"ଏହା ୧୯୪୧ ସାଲର କଥା ।

"ଅପ୍‌ପୀ ସେତେବେଳକୁ ଲମାର୍ଟିନେୟର ସ୍କୁଲ ଶେଷକରି ଇସାବେଲା ଥୋବର୍ଣ୍ଣ କଲେଜରେ ପଢ଼ୁଥିଲେ । ଯେଉଁ ବର୍ଷ ଅପ୍‌ପୀ ପଢ଼ା ସାରିଲେ ଠିକ୍ ସେଇବର୍ଷ ଭାଇଙ୍କ ସହିତ ତାଙ୍କ ବାହାଘରର ପ୍ରସ୍ତାବ ଭାଙ୍ଗିଗଲା । ଏବେ କେବଳ ଗୋଟିଏ କଥା ମୁଁ ଭାବୁଛି ଯେ ମୁଁ ବୋଧହୁଏ ସେ ସମୟର ସମସ୍ତ କାହାଣୀ ଠିକ୍ ଭାବରେ କହିବାରେ ସଫଳ ହେବି । ବହୁତକଥା ବାଦ୍ ପଡ଼ି ଯାଇପାରେ । ବାଦ୍‌ଶାହବାଗର ନବାବ ଅମଳର ଫାଟକ ଫୁଲର ସମାରୋହ ସଡ଼କ ଦେଇ ଯାଉଥିବା ମୂଲ୍‌ଅଣୀ ଏବଂ ଲାଲ୍ ଲହଙ୍ଗା ପିନ୍ଧି ଦ୍ୱିପହରର ନିର୍ଜନ ରାସ୍ତାରେ ତେନ୍ତୁଳି ଗୋଡାଉଥିବା ବୃଦ୍ଧ ସିଏକି ଧନେ ଟ୍ରେନ ତଳେ କଟିଗଲା ।—ଏଭଳି ଅନେକ ଛୋଟ ଛୋଟ ଘଟଣା ।

"ଏ ସମସ୍ତ ମୋ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା । ତୁମେ ଅବଶ୍ୟ ଏସବୁ ଜାଣିଥିବ । ତେବେ ମୁଁ ଚାହେଁ ଯେ ଏପରି ଉପାୟରେ ସେ ସମୟର ସମସ୍ତ ପ୍ରଭାବ ଘଟଣା, ସ୍ୱପ୍ନ ପରି ଆଉଥରେ ଫେରିଆସୁ······ଏଇଟା ଠିକ୍ ଜଣେ କୁହାଯିବ ମୁଁ ବୁଝି ପାରୁନି······ହୁଏତ ଯାକୁ କମ୍ୟୁନିକେଶନ୍ କହନ୍ତି । ମୁଁ ଆର୍ଟିଷ୍ଟ ନୁହେଁ, ତେବେ ବୋଧହୁଏ ଠିକ୍ ଭାବେ କମ୍ୟୁନିକେଟ କରିପାରୁନାହିଁ । ମୁଁ ଯାହା ବିବରଣୀ ଦେଉଛି ତାହା ଠିକ୍ ହେବ ବୋଲି ଆଶା କରୁଛି ।

"ସିନେଟହଲର ଏକ ଉଚ୍ଚ ଜାଗାରେ ବସି କନଭୋକେସନର ରେଡ଼ିଓ କମେଣ୍ଟ୍ରି ଶୁଣାଉଛି । ତଳେ ବିରାଟ ଜାଗାରେ କଳାଟୋପି ଓ ଗାଉନ ପିନ୍ଧି ସ୍ନାତକଗଣ ଏପଟ ସେପଟ ହେଉଛନ୍ତି । ସମସ୍ତ ଶୀଘ୍ର ଶୀଘ୍ର ଉଡ଼ିଗଲା ପରି ମନେ ହେଉଛି । ତଳେ ଘାସ ପଡ଼ିଆରେ ବହୁ ଲୋକଙ୍କର ସମାବେଶ ହୋଇଛି ଏବଂ ଧାଡ଼ି ବାନ୍ଧି ମଟରଗାଡ଼ି ରହିଛି । ଭାଇ, ଚମ୍ପାବାଈଙ୍କ ସହିତ ଲାଲସୁରକୀ ରାସ୍ତାରେ ଧୀରେ ଧୀରେ ଏପଟରୁ ସେପଟ ଘାସ ପଡ଼ିଆ ଆଡ଼କୁ ଆଗେଇ ଯାଉଛନ୍ତି । ହଠାତ୍ ଲାଉଡ଼ସ୍ପିକରରେ ପାହାଡ଼ି ସାନ୍ୟାଲଙ୍କ କଣ୍ଠ ଭାସି ଆସିଲା, 'ଯହ କୁଚ୍ କେ ବଜତ୍ କୈସି ଆବାଜ'—ହେଇଟି ଆଗରେ ଅନେକ ପ୍ରଫେସରଙ୍କ ଗହଣରେ କୁଳପତି ଆସୁଛନ୍ତି, ଅଥଚ ଏପରି ଏକ ସମୟ ଆସି ପହଞ୍ଚିବ ଯେତେବେଳେ କି ଏମାନଙ୍କ ମଧ୍ୟରୁ କେହି ବଞ୍ଚି ନଥିବେ ।

Digitized by PPRACHIN, SOA

"ବର୍ତ୍ତମାନ ମୁଁ ମୋର ମାଇକ୍ ବନ୍ଧୁ ହରଶଙ୍କରଙ୍କୁ ଦେଉଛି... "ହାଲୋ... ମୋ କଥା ଶୁଣିପାରୁଛନ୍ତି—ହାଲୋ !"

"ହଁ, ହାଲୋ..." ପଛପଟେ ଯେପରି ଷ୍ଟେଜରୁ ଶବ୍ଦ ବାହାରକୁ ଆସୁଛି; ସେ ନିଜେ କିନ୍ତୁ ଅନ୍ତରାଳରେ ଅଛି । ସେହିପରି କାଇଦାରେ ହରଶଙ୍କର କହିବାକୁ ଆରମ୍ଭ କଲି— "ହାଲୋ, ହାଲୋ, ମୁଁ ହରଶଙ୍କର, ଆପଣଙ୍କ ସହିତ କଥା କହୁଛି । ମୁଁ ହେଉଛି ହରଶଙ୍କର ଶ୍ରୀବାସ୍ତବ, କମାଲର ଅନ୍ତରଙ୍ଗ ବନ୍ଧୁ—ଲଜ୍ ଓ ନିର୍ମଳାଙ୍କର ଏକମାତ୍ର ବଡ଼ଭାଇ, ଚମ୍ପାବାଈର ବନ୍ଧୁ । ମୋର ପାର୍ଟ ମଧ୍ୟ ବହୁତ ମହତ୍ତ୍ୱପୂର୍ଣ୍ଣ । ମୋ ପାର୍ଟରେ ବହୁତ ସମସ୍ୟା ରହିଛି । ମୁଁ ଏହି କାହାଣୀରେ ଏତେ ଭିନ୍ନ ଭିନ୍ନ ପ୍ରକାରର ରୋଲ୍‌ରେ ରହିଛି ଯେ ମୁଁ ନିଜେ ଠିକ୍ କରି ପାରୁନି, କେଉଁଠାରୁ ଆରମ୍ଭ କରିବି, ତଥା ଷ୍ଟେଜ୍‌ରେ ବାହାରିବି ମଧ୍ୟ କିପରି ?"

(ପୁଣି ତଳଅତ୍ କହିବାକୁ ଆରମ୍ଭ କଲି)—"ଫିଟିନ୍ ଗାଡ଼ି ସଡ଼କରୁ ସିଧା ଗଡ଼ି ଆସି ସିଙ୍ଘାଡ଼େବାଲି କୋଠିରେ ଆସି ପହଞ୍ଚିଲା । ଯେଉଁ ବର୍ଷ ଅପ୍ପୀର ବିବାହ ସମ୍ବନ୍ଧ ଭାଙ୍ଗିଗଲା, ସେହି ବର୍ଷର କଥା ।

"ଲଜ୍ ଚମ୍ପାରଙ୍ଗର ଶାଢ଼ି ପିନ୍ଧି, ପାଉଁଜି ଲଗାଇ ଘର ଭିତରୁ ବାହାରି ଆସିଲା । ଅପ୍ପୀ ମଧ୍ୟ ତା ସହିତ ପୋର୍ଟିକୋ ତଳକୁ ଚାଲିଆସିଲେ । ଅପ୍ପୀ କିନ୍ତୁ ପାଉଁଜି ପିନ୍ଧି ନ ଥିଲେ ।

"ମୁଁ ଗାଡ଼ିରୁ ଓହ୍ଲାଇ ସିଧା ଭିତରକୁ ଚାଲିଗଲି ।

"'ଅପ୍ପୀ, ତୁମେ କେତେବେଳୁ ଏଠାରେ ଅଛ ? ଷ୍ଟେସନରୁ ଆସି କମାଲ୍‌ଭାଇ ତୁମକୁ ଖୋଜୁଥିଲେ । ଏକ୍ଷଣି ମୁଁ ଆସିଲାବେଳେ ସେ ଦୁହିଁଙ୍କୁ ଚମ୍ପାବାଈଙ୍କ ଘରେ ବସିଥିବା ଦେଖିଲି ।'

"'କେଉଁ ଦୁଇଜଣଙ୍କୁ ?'

"'ଭାଇ ଓ କମ୍ପନ ଭାଇ...ଚମ୍ପାବାଈଙ୍କ ମାମୁଙ୍କ ଘର ଲନ୍‌ରେ ସେ ଦୁହେଁ ବସିଛନ୍ତି । ଆମ ଗାଡ଼ି ସେ ବାଟ ଦେଇ ଆସୁଥିବା ବେଳେ ମତେ ଦେଖି ଚମ୍ପାବାଈ ହାତ ହଲେଇ ହସିଦେଲେ । ଭାରି ସୁନ୍ଦର ଦେଖାଯାଉଥିଲେ ।' ଏକ ନିଶ୍ୱାସରେ ମୁଁ ସବୁ କଥା କହିଗଲି ।

"'ଅପ୍ପୀ ଓ ଲଜ୍ ମୋ କଥା ଶୁଣି ନ ଶୁଣିଲା ପରି ଚୁପ୍‌ଚାପ୍ ଲାଲ୍ ସୁର୍‌କି ରାସ୍ତାରେ ଆଗେଇ ଗଲେ । ମୁଁ ମଧ୍ୟ ଜୁଇଗଛ ପାରି ହୋଇ ନିର୍ମଳା ପାଖକୁ ଗଲି । ଗୀତ ନାଚ ଶିଖାହେଉଥିବା ଘରେ ସେ ଓ ମାଳତୀ ଦୁହେଁ ବସିଥିଲେ ।

"'ଭାଇ ମିର୍ଜାପୁର ଓ ଦିଲ୍ଲୀ ଯାଇଥିଲେ ପରା ?' ମାଳତୀ ପଚାରିଲା ।

Digitized by PPRACHIN, SOA

"'ହୁଁ, ସକାଳୁ ଫେରିଲେଣି । କିନ୍ତୁ ଆସିବା ମାତ୍ରେ ସିଧା ଯାଇ ଚମ୍ପାବାଜୀଙ୍କ ଘରେ ହାଜର । ବର୍ତ୍ତମାନ ବୋଧହୁଏ ସେଇଠି ଆଡ୍ଡା ଗୃଲିଛି ।' ନିର୍ମଳା କହିଲି ।

"ମୋର ହଠାତ୍ କାଦିର ଡ୍ରାଇଭର କଥା ମନେପଡ଼ିଗଲା । କଲେଜରୁ ଫେରି ଯେତେବେଳେ ଗୃ ପିଉଥିଲି ସେ ଖୁବ୍ ରହସ୍ୟପୂର୍ଣ୍ଣ ଭାବରେ କହିଲି, 'ବଡ଼ ଦିଦୀ ବାହା ହେବାକୁ ମନା କରିଦେଲେ ।'

"'ଅପ୍ପୀଙ୍କ ବାହାଘରକୁ ମୁଁ ବହୁତ ବଢ଼ିଆ ଫୁଲ ପକାଇ ଶାଢ଼ି ତିଆରି କରିବି'—ନିର୍ମଳା କହୁଥିଲି ।"

ସହସା ତଲଅତ ମୌନ ହୋଇଗଲା । ସେ କମାଲକୁ କହିଲା, "ବେଶ୍, ମୁଁ ଆଜି ଏ କଥା ଅନୁଭବ କଲି ଯେ ମୋ ଜୀବନରେ ଯାହା କିଛି ଘଟି ଯାଇଛି, ତାହା କେବଳ ମୋ ପାଇଁ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ । ଅନ୍ୟ ପାଇଁ, ଦୁନିଆ ଲୋକଙ୍କ ପାଇଁ ଏହାର କୌଣସି ଅର୍ଥ ଥାଇ ନ ପାରେ—ସେମାନଙ୍କର ମଧ୍ୟ ସେଥିରେ କୌଣସି ଆଗ୍ରହ ରହି ନ ପାରେ ।"

"ମୋର ଅତୀତ କେବଳ ମୋର ପାଇଁ ଘଟିଛି ।" କମାଲ୍ ତଲଅତର ବାକ୍ୟ ପୁନରାବୃତ୍ତି କଲା ।

"ଏବଂ ଦୁନିଆ କେବଳ ବର୍ତ୍ତମାନରେ ହିଁ ଆଗ୍ରହୀ"—ହରିଶଙ୍କର କହିଲା ।

"କିନ୍ତୁ ଗତକାଲ୍ ମଧ୍ୟ ଆଜି ହୋଇଥାଏ । ଅତୀତରେ ଯେପରି ବର୍ତ୍ତମାନ ରହିଛି ଭବିଷ୍ୟତରେ ମଧ୍ୟ ସେହିପରି ରହିଛି—ସମୟର ଏହି ଗୋଲକଧନ୍ଦାରେ ପଡ଼ି ମୁଁ ବଡ଼ ହଇରାଣ ହେଉଛି ।" ତଲଅତ୍ ଉଦାସ ହୋଇ କହିଲା । "ମୁଁ ମହାକାଳର ଏ ପ୍ରକାର ଅବସ୍ଥା ଦେଖି ହଇରାଣ ହୋଇଗଲିଣି । ତୁମମାନଙ୍କ ମଧ୍ୟରୁ କେହି ଜଣ ମତେ ଗୋଲକଧନ୍ଦାରୁ ମୁକୁଳିବାରେ ସାହାଯ୍ୟ କରିବନି ?"

"ସ୍ୱୟଂ ଆଇନଷ୍ଟାଇନ୍ ଆସିଲେ ମଧ୍ୟ ତୁମକୁ ସାହାଯ୍ୟ କରି ପାରିବେ ନାହିଁ, ତଲଅତ ବେଗମ୍ !" ହରିଶଙ୍କର କହିଲା ।

"ସମୟ ସବୁବେଳେ ରହିଛି ଏବଂ ଅନନ୍ତ କାଳ ପାଇଁ ରହିବ ମଧ୍ୟ···" ତଲଅତ କହିଲା ।

ଡିସେମ୍ବର ୧୫ ତାରିଖ ୧୯୫୪ ସାଲରେ ଲଣ୍ଡନର ସେଣ୍ଟଜାଜଉଡ଼ରେ ସନ୍ଧ୍ୟାରେ ବସି ଏ ପ୍ରକାର କଥାବାର୍ତ୍ତା ଏମାନେ କରୁଥିଲେ । ସମୟର ବିଷାଦ ଅନ୍ଧକାର ଏବଂ ସୁଦୃଢ଼ ପାଚେରି ମଧ୍ୟରେ ଅନ୍ୟାନ୍ୟ କୋଳାହଳ ଏ ତିନିଜଣଙ୍କୁ ଘେରି ରଖିଥିଲା !

ସମୟର ଏହି ଅନ୍ଧକାରରେ ତଲଅତ ୧୯୪୦ ଜୁଲାଇ ମାସରେ ସିଂଘାଡ଼େବାଲୀ କୋଠିର ବାରଣ୍ଡାରେ ବସି ନିର୍ମଳା ଓ ମାଲତୀଙ୍କ ସହିତ କଥାବାର୍ତ୍ତା କରୁଥିଲା । ଏଇ

Digitized by PPRACHIN, SOA

ତଲ୍‌ଅନ୍ତ୍ ଓ ପୂର୍ବୋକ୍ତ ତଲ୍‌ଅନ୍ତଙ୍କ ମଧ୍ୟରେ କିଛି ତଫାତ୍ ନଥିଲା । କିନ୍ତୁ ବୁଦ୍ଧି ବିଗ୍ରହରେ ଦେଖିବାକୁ ଗଲେ ଦୁହିଁଙ୍କର ଆକାଶ ପାତାଳ ପ୍ରଭେଦ ଥିଲା । ମହାତ୍ମା ବୁଦ୍ଧଦେବ କହିଥିଲେ ଯେ ମଣିଷ ପ୍ରତିକ୍ଷଣରେ ବଦଳେ । ମଣିଷ ଶିଶୁ ଅବସ୍ଥାରେ ଯେପରି ଥାଏ ଯୌବନ ଅବସ୍ଥାରେ ଅଲଗା ହୁଏ ଏବଂ ବୃଦ୍ଧାବସ୍ଥାରେ ଅନ୍ୟ ପ୍ରକାର ହୋଇଥାଏ । ତୁମେ ବର୍ତ୍ତମାନ ଯାହା ଅଛ ସ୍ୱା ପୂର୍ବରୁ ଠିକ୍ ସେସ୍ଥା ନ ଥିଲ, ଶରନ୍ତତା ହିଁ ଅବଶିଷ୍ଟ ରହେ । ଦୂର ପାହାଡ଼ରୁ ତୁଷାର ସ୍ରୋତ ଛୁଟି ଛୁଟି ବୋହି ଯାଉଥିଲା—ପବନ, ଅନ୍ଧକାର ଓ ସମୟର ତରଳତା ପୁଣି ବରଫପରି ଜମାଟ ବାନ୍ଧିଯାଏ ।

"ଆମେ ଆମ କଥା ପୁନରାବୃତ୍ତି କରୁଛୁ କାରଣ ଆମକୁ ଡର ଲାଗୁଛି"—ହରଶଙ୍କର କହିଲା ।

"ଆମେ ସମୟ ଓ ଅନ୍ଧକାରକୁ ଭସ୍ମକରୁଛୁ । କାରଣ ସମୟ ହିଁ ଆମର ମୃତ୍ୟୁ ଘଟାଇବ ଓ ଅନ୍ଧକାରରେ ହିଁ ଆମେ ବୁଡ଼ିଯିବୁ ।" ତଲ୍‌ଅନ୍ତ୍ କହିଲା ।

"ତା ଛଡ଼ା ଗୌତମ ନୀଳାମ୍ବର କେଡ଼େ କାପୁରୁଷତା ପ୍ରକାଶ କଲେ !" କମାଲ କହିଲା ।

"ଗୌତମ ନୀଳାମ୍ବର କଥା ଏକ୍ଷଣି ଆରମ୍ଭ କଲେ ଅସଲ କଥାରୁ ଦୂରେଇ ଯିବ । ଆମକୁ ସ୍ଥିର କରିବାକୁ ହେବ ଯେ ଜୀବନର ଅସଲ ଉଦ୍ଦେଶ୍ୟ କଣ । ମୁଁ ଚଉଦ ବର୍ଷ ଆଗରୁ ହରଶଙ୍କର ଥିଲି ଏବଂ ଚଉଦ ବର୍ଷ ପରେ ମଧ୍ୟ ଯଦି ବଞ୍ଚିରହେ ତେବେ ସେଇଆ ରହିବ । ଏବଂ ଯେତେବେଳେ ସମୟ ସମ୍ବନ୍ଧରେ ସମସ୍ତ ଜ୍ଞାନ ଆମେ ଆହରଣ କରିନେବା ସେତେବେଳକୁ ଆମେ ମଧ୍ୟ ଶେଷ ହୋଇଯିବା ତଥା ଯେଉଁମାନଙ୍କୁ ନେଇ ଏ କାହାଣୀର ଅବତାରଣା ସେମାନେ ମଧ୍ୟ ଶେଷ ହୋଇଯିବେ । କାରଣ ସମୟର ପ୍ରୟୋଗଶାଳାରେ ଆମେମାନେ କ୍ଷୁଦ୍ର କ୍ଷୁଦ୍ର ଗିନିପିଗ୍ ସଦୃଶ ରହିଛୁ ।

ସମୟର ଗତିରେ ତଲ୍‌ଅନ୍ତ ଆଜି ସେଠି ଅଛି । ପୁଣି ସେଇ ସମୟର ଗତିରେ ସେ ଆଉ ଏକ ସ୍ଥାନରେ ମଧ୍ୟ ଉପସ୍ଥିତ ଅଛି । ଏଇ ଦୁଇ ବିନ୍ଦୁ ମଧ୍ୟରେ ବହୁ-ବର୍ଷର ବ୍ୟବଧାନ ରହିଛି । ଏବଂ ଏହି ଅନ୍ତର ପରେ ମଧ୍ୟ ମଣିଷ ଆଉରି ଆଗକୁ ଆଗେଇ ଚାଲିଛି । ପଛକୁ ଯିବା ଅସମ୍ଭବ । କାରଣ ଭଙ୍ଗାଦର୍ପଣର କାଚ ଖଣ୍ଡରେ ଗୋଟିଏ ଲୋକର ପୃଥକ୍ ପୃଥକ୍ ଅନେକ ଚେହେରା ଦେଖାଗଲା ପରି କେତେ ହଜାର ତଲ୍‌ଅନ୍ତ ଅଗଣିତ ଖଣ୍ଡରେ ପରିଣତ ହୋଇ ଅଗଣିତ ସ୍ଥାନରେ ଉପସ୍ଥିତ ରହିଥିବେ ।

Digitized by PPRACHIN, SOA

୧୯୪୦ ସାଲ—ସ୍ଥାନ ଲକ୍ଷ୍ନୌ ସହର ।

ସବୁଆଡ଼େ ଆଲୁଅ ଲଗାଯାଇଛି । ନଦୀର କୂଳେ କୂଳେ ଆଲୋକମାଳା ଶୋଭି ପାଉଛି । ନଦୀର ସ୍ରୋତ ମଧ୍ୟ ବହି ଯାଉଛି । ବାରଣ୍ଡାରେ ଲ୍ୟାମ୍ପ ରଖା ହୋଇଛି । କେତୋଟି ପତଙ୍ଗ ତା ନିକଟରେ ଉଡ଼ି ବୁଲୁଛନ୍ତି ।

ସିଏମାନେ ବାରଣ୍ଡାରେ ବସିଛନ୍ତି ।

ବେଶୀ ରାତି ହେବାର ଦେଖି ବଗିଚ୍ଚ କୁଣ୍ଡ ନିକଟରେ ବସିଥିବା କୋଚଓ୍ୱାନ ଗଙ୍ଗାଦୀନ ପାଟିକରି ଡାକଲା, "ହଦୀ, ବେଳ ହୋଇଗଲଣି, ଏଥର ଯିବା ।" ତଲଅତ୍ ନିଜ ବନ୍ଧୁମାନଙ୍କୁ ଶୁଭରାତ୍ରି ଜଣାଇ ତଳକୁ ଓହ୍ଲାଇ ଗାଡ଼ିରେ ବସିଲା । ଗାଡ଼ି ଏଥର ରାସ୍ତବହାଖି ଲାଲ ରୋଡ଼ରେ ଚାଲିବାକୁ ଲାଗିଲା । କିଛି ଦୂର ଯିବାପରେ ଗାଡ଼ି ଏକ ବଡ଼ ସିମେଣ୍ଟ ରଙ୍ଗ କୋଠା ଫାଟକ ଭିତରକୁ ଗଲା, ଘରର ସମସ୍ତେ ପଛପଟ ଚ଼ିଦ୍ଦଣାରେ ବସିଥିଲେ ।

ଚଉକି ସବୁ ପଡ଼ିଛି । ପଲଙ୍କ ନିକଟରେ ଟେବୁଲ ଫ୍ୟାନ୍ ଲଗା ଯାଇଛି । ପାଣି ସୁରେଇରେ ମଲ୍ଲୀମାଳ ଗୁଡ଼ିଆ ହୋଇଛି । ବାରଣ୍ଡାରେ ନମାଜ କରିବାର ବ୍ୟବସ୍ଥା ମଧ୍ୟ ରହିଛି । ଏ ଘରର ନାଁ ଗୁଲଫିଶାଁ । ଗୁଲଫିଶାଁ ପରି ମଧ୍ୟ ଅନେକ ଘର ଥିଲା । ଏବଂ ଏହାର ଅଧିବାସୀମାନେ ମଧ୍ୟ ଏକ ଶ୍ରେଣୀର । ଏମାନଙ୍କ ଘରେ ଥିଲା ମଟର ଗାଡ଼ି । ଏ ସମାଜ ଥିଲା ଖୁବ୍ ଦୃଢ଼ ଓ ମଜଭୂତ । ଏମାନେ ଥିଲେ ସମସ୍ତେ ଭଦ୍ରଲୋକ । ପ୍ରତିଷ୍ଠିତ ଓ ବିତ୍ତଶାଳୀ ବ୍ୟକ୍ତିଙ୍କର ଏ ସମାଜ ଥିଲା । ଏ ସମସ୍ତଙ୍କ ଆଚାର ପ୍ରକୃତି, ହାସ ପରିହାସଭରା । ଆନନ୍ଦ ସମସ୍ୟା ସବୁ ଏକପ୍ରକାର ଥିଲା । ଏମାନଙ୍କ ଫର୍ନିଚର, ବଗିଚାର ଗଛପତ୍ର, ବହି, ପରିଧାନ ଆଦି ସମସ୍ତ ବିଷୟ ଥିଲା ଏକପ୍ରକାରର । ଏମାନଙ୍କ ଭୃତ୍ୟ, ଏମାନଙ୍କ କାମ, ରୁଚି ଓ କୌତୂହଳ ସବୁ ଏକପ୍ରକାରର ।

ତଲଅତଙ୍କ ଘରର ଖାନସାମାର ନାଁ ଥିଲା ହୁସେନି । ଯେପରି ସମସ୍ତଙ୍କ ଘରର ଖାନସାମାମାନେ ସାଧାରଣତଃ ହୁସେନୀ, ହୁସେନୀବକ୍ସ କିମ୍ବା ମଜାରବକ୍ସ ନାମରେ ପରିଚିତ ଥିଲେ । ସବୁ ଧୋବାଙ୍କ ନାଁ ଥିଲା ନଭ୍ଥୁ । କୋଚଓ୍ୱାନ ହେଉଛନ୍ତି ଗଙ୍ଗାଦୀନ । ସମସ୍ତ ଚାକରାଣୀଙ୍କ ନା ହେଉଛି ବୁଲାକନ୍, ରସୁଲଆ, ହମିନନ୍ କିମ୍ବା ମଣ୍ଡୁରୁ ନିସ୍ସା । ପ୍ରତ୍ୟେକ ବେହେରା 'ଅବଦୁଲ୍' ନାମରେ ନାମିତ । ଏପରିକି ହୋଟେଲର ଭାଓଲିନ୍ ବଜାଇବା ବାଲାଙ୍କ ନାମ ହୋଇଥାଏ ଟନି (Tony) । ସମସ୍ତଙ୍କର ବାପାମାନେ ଖାନ୍ ବାହାଦୁର, ରଜା ବାହାଦୁର ହିସାବରେ ପରିଚିତ ।

Digitized by PPRACHIN, SOA

ଉପନ୍ୟାସରେ ଥିବା ବାପାଙ୍କ ନାମ ଓ ପ୍ରକୃତରେ ବାପାଙ୍କ ନାମ ଏକ ପ୍ରକାର ହୋଇଥାଏ । ସେଥିପାଇଁ ତ ଉପନ୍ୟାସରେ ପ୍ରକୃତ ଜୀବନ୍ତ ଚିତ୍ରଣ ମିଳିଥାଏ ।

'ଗୁଲ୍‌ଫିର୍ଶା'ର ଡ୍ରାଇଭର ନାଁ ଥିଲା 'କବୀର', ତା ଘର ଥିଲା ମିର୍ଜାପୁରରେ, ତା ସ୍ତ୍ରୀ ନାଁ ଥିଲା କମରୁନ୍ନିସା ।

ଗ୍ରୀଷ୍ମକାଳର ଦ୍ୱିପ୍ରହରେ ଯେତେବେଳେ ସମସ୍ତେ ଶୋଇ ପଡ଼ନ୍ତି ସେତେବେଳେ କବୀରର ଘରୁ ତାର ଗୀତର ସ୍ୱର ଶୁଣାଯାଉଥାଏ । ହଠାତ୍ ଯାଇ ପହଞ୍ଚିଲେ ଦେଖିବ ଯେ କବୀର ମିୟାଁ ବସି ଖାଲି ପେଟ୍ରୋଲ ଟିଣରେ ବାଜା ବଜାଉଛି । କମରୁନ୍ ଟିକେ ତଫାତରେ ବସି କୁରୁସ୍‌ରେ ଜାଲି ବୁଣୁଛି । ତୁମକୁ ଦେଖି ପିତ୍ତଳର ପାନ ବଟା କାଢ଼ି ପାନ ଭାଙ୍ଗି ବସିବ । ପୂର୍ବଦେଶର ଅଧିକାଂଶ ଶ୍ୟାମଳବର୍ଣ୍ଣା ସୁନ୍ଦରୀଙ୍କ ସଦୃଶ କମରୁନ୍ ଥିଲା ରୂପବତୀ ।

କମରୁନ୍ ଓ କବୀର ଦୁହେଁ ଚାଷୀ ଘରର ପିଲା । ଡ୍ରାଇଭର ହେବା ପୂର୍ବରୁ କବୀର ନିଜ ଗ୍ରାମର କୃଷକ ସଙ୍ଘରେ ଜଣେ ମେମ୍ବର ଥିଲା ଏବଂ ଚରଖା ପ୍ରଚାର କରୁଥିଲା । ସେ ସମୟରେ ମୋତିଲାଲ ନେହୁରୁଙ୍କ ବିଲାତ ଫେରନ୍ତା ପୁଅ ଅଯୋଧ୍ୟା କୃଷକଙ୍କ ନେତା ହୋଇ ଜମିଦାରୀ ପ୍ରଥା ବିରୁଦ୍ଧରେ ଗାଁ ଗାଁ ବୁଲି କହୁଥିଲେ । ଏ ବିଷୟ କବୀର ଖୁବ୍ ଭଲକରି ଜାଣି ନଥିଲା । ସେଥିପାଇଁ ଗୁଲଫିର୍ଶାର ଲନ୍‌ରେ କମାଲର ବନ୍ଧୁଗଣ ସମାଜବାଦ ସମ୍ପର୍କରେ ଯେତେବେଳେ ଯୁକ୍ତିତର୍କ କରୁଥିଲେ ସେତେବେଳେ କବୀର କୌଣସି ବାହାନାରେ ସେଠି ଠିଆହୋଇ ସେମାନଙ୍କ କଥା ଶୁଣି ବୁଝିବା ପାଇଁ ଚେଷ୍ଟା କରୁଥିଲା । ତାର ବାପ ବର୍ଷେ ଖଜଣା ଦେଇ ନ ପାରିବାରୁ ତା ଗ୍ରାମର ଜମିଦାର ଠାକୁର ଫୁଲ ସିଂହଙ୍କ ଚୌକିଦାର ଏପରି ନିର୍ମମ ମାଡ଼ ଦେଲା ଯେ କବୀର ବାପ ସେଠି ମରିଗଲା । ତାପରେ କବୀର କଲିକତା ପଳାଇ ସେଠାରେ କ୍ଲିନର ହୋଇ ରୋଜଗାରର ଫିକର କଲା । କିନ୍ତୁ ଏବେ ଲକ୍ଷ୍ନୌରେ ଯେଉଁ ଗଣ ଜାଗରଣ ହେଉଥିଲା କବୀର ତାକୁ ଠିକ୍ ବୁଝି ପାରୁ ନଥିଲା । ଅବୈଜ୍ଞାନିକ ଦୁର୍ଗତି ତଥା ଜମିଦାର ଓ ରଇତଙ୍କ ମଧ୍ୟରେ ସଂଘର୍ଷ ଚାରିଆଡ଼େ ଅସନ୍ତୋଷ ଓ ଅଶାନ୍ତିର ନିଆଁ ଜଳାଇଥିଲା । ଏଇ ଅସନ୍ତୋଷ ମୂଳରେ ସାଂପ୍ରଦାୟିକତା ହିଁ ମୁଖ୍ୟତଃ ଦାୟୀ ବୋଲି ବ୍ରିଟିଶ୍ ସରକାର ରଙ୍ଗ ଦେଇ ଜନସାଧାରଣଙ୍କ ଧ୍ୟାନ ଅନେକ ଦିଗକୁ ନେବାକୁ ଚେଷ୍ଟା କରୁଥିଲେ । ଡ୍ରାଇଭରର ପତ୍ନୀ ହିସାବରେ କମରୁନ୍ ସର୍ବଦା ନିଜକୁ ଅନ୍ୟ ପରିଚାରକମାନଙ୍କଠାରୁ ଉଚ୍ଚରେ ବୋଲି ଦୂରତ୍ୱ ରଖି ଚଳୁଥିଲା ଏବଂ ଏଥି ସକାଶେ ଅନ୍ୟ ଚାକରବାକରମାନେ ତାଙ୍କୁ ଈର୍ଷା କରୁଥିଲେ । ଦିପହର ଖିଆ ପିଆ ସରିଲେ କମରୁନ୍ ନିଜ ପୁଅକୁ କାଖେଇ ସିଧା ମାଲିକାଣୀଙ୍କ ବେଡ଼୍‌ରୁମ୍‌କୁ

Digitized by PPRACHIN, SOA

ଗୃହଆସେ । ସେଠି ଆମ୍ମା ବେଗମ୍ ଖଟ ଉପରେ ଗୋଡ଼ ରଖି ମାସିକ 'ନୈରଙ୍ଗ-ଏ-ଖୟାଲ୍' କିମ୍ବା 'ଇସମତ୍' ପତ୍ରିକା ପଢ଼ୁଥାନ୍ତି, ବୁଢ଼ୀବେଗମ୍ ନମାଜ କରିବା ଚଉକିରେ ଘୁମାଉଥାନ୍ତି ଏବଂ ଯଦି କୌଣସି ଅତିଥି ଆସିଯାଇଥାନ୍ତି ପାନବଟା ଖୋଲି ଯାଇ ଶତମତ ସରଗରମ ଆଲୋଚନା କେନ୍ଦ୍ର ଆରମ୍ଭ ହୋଇଯାଇଥାଏ ।

କମରୁନ୍‌କୁ ଦେଖି ତାକୁ ମଧ୍ୟ ଆଲୋଚନା ଚକ୍ରରେ ସ୍ୱାଗତ କରାଯାଏ । କମରୁନ୍ ସମସ୍ତଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରି ସତରଞ୍ଜର ଗୋଟିଏ କଡ଼ରେ ପୁଅକୁ ଶୁଆଇଦେଇ ବସିଯାଏ । ବୁଢ଼ୀମା ପଚାରନ୍ତି, "କୁନ୍ଦ୍ ଝିଅ ଆଜି ରାନ୍ଧିଲୁ କଣ ?"

"ହରଡ଼ ଡାଲି, ଭାତ ଆଉ ତରକାରି । ଏହା ବାଦ ବିଭିନ୍ନ ପ୍ରକାର ଖାଦ୍ୟଦ୍ରବ୍ୟ ଉପରେ ଟୀକା ଟିପ୍ପଣୀ ଚାଲେ । ପରିବା ଭାଜି ତଥା ଘିଅ ଦର ସମ୍ପର୍କରେ କିଛି ସମୟ ଆଲୋଚନା ହେବା ପରେ, ପରିଶେଷରେ ଅସଲ ବିଷୟବସ୍ତୁ ଆସି ଉଠେ—ବିଭାଗର ଘଟଣା, ଜ୍ଞାତିକୁଟୁମ୍ବଙ୍କ ମନୋମାଳିନ୍ୟ ଇତ୍ୟାଦି । ଏ ସମସ୍ତ କଥାବାର୍ତ୍ତାରେ କମରୁନ୍ ପୂର୍ଣ୍ଣରୂପେ ଭାଗନିଏ । ଭାଇଙ୍କର ଖାସ ଅର୍ଦ୍ଦାଳି ଥିଲା । ସେ ମୂଳରୁ ତାଙ୍କ ବାପାଙ୍କ ଗୃହର ଗଙ୍ଗାଦୀନ ସଇସ ଥିବାରୁ ତାଙ୍କ ପ୍ରତି ତାର ମମତା ଅସୀମ ଥିଲା । ପ୍ରାୟ ସେ ତାର ପୂର୍ବତନ ମୁନିବଙ୍କୁ ମନେପକାଇ କାନ୍ଦେ । ଯଦିଓ ଅପ୍ପୀ ଓ ଭାଇଙ୍କ ବାହାଘର ବିଷୟରେ ସମସ୍ତେ ମତାମତ ପ୍ରକାଶ କରିଥିଲେ ମଧ୍ୟ ଗଙ୍ଗାଦୀନ ଏ ସମ୍ପର୍କରେ ବିଲକୁଲ ଚୁପ୍‌ଚାପ ରହୁଥିଲା, କାରଣ ଭାଇ ମଧ୍ୟ ଏ ବିଷୟରେ ନିଜର କିଛି ମତ ଏ ପର୍ଯ୍ୟନ୍ତ ଦେଇ ନ ଥିଲେ ।

୨୨

୧୯୪୦ ଡିସେମ୍ବରରେ ଡଲିଅତ୍ରର ଜୁନିୟର କେମ୍ବ୍ରିଜ୍ ପରୀକ୍ଷା ଦେବାର କଥା ଥିଲା । ମାତ୍ର ସେପ୍‌ଟେମ୍ବର ମାସରେ ତାକୁ ଧରିଲା ନିମୋନିଆ । ଗୋଟିଏ ବର୍ଷ ନଷ୍ଟ ହୋଇଗଲା ବୋଲି କାନ୍ଦି କାନ୍ଦି ବିଚରୀ ସମସ୍ତଙ୍କ ଅବସ୍ଥା ନାକେଦମ କରିଦେଲା । ଅଥଚ ଡିସେମ୍ବର ପରୀକ୍ଷା କିମ୍ବା ତାର ପରୀକ୍ଷା ନେଇ ସମସ୍ତେ ନିରୁପାୟ ।

ଦିନେ ସକାଳୁ ହରଶଙ୍କର ଆସି କହିଲା, "ଡଲିଅତ୍ର, ତୋର ଭଲ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ତୁ ସ୍ଥାନୀୟ ଟେଟ୍‌ରବାଲ ସ୍କୁଲରେ ଭର୍ତ୍ତି ହୋଇ

Digitized by PPRACHIN, SOA

ଅପ୍ରେଲ ମାସରେ ହାଇସ୍କୁଲ ପରୀକ୍ଷା ଦେଇ କଲେଜରେ ଭର୍ତ୍ତି ହୋଇଯିବୁ ।

"ରଘୁବୀର ମାମୁଙ୍କ ସ୍କୁଲରେ ?" ରୁଦ୍ଧଶ୍ୱାସ ହୋଇ ତଳଅତ୍ର ପଗ୍ଚରିଲା ।

"ହଁ" ଏତକି କହି ନାଟକୀୟ ଢଙ୍ଗରେ ହରଶଙ୍କର ଅନ୍ୟ ଏକ ଦ୍ୱାର ବାଟେ ଅଦୃଶ୍ୟ ହୋଇଗଲା ।

ନିର୍ମଳା ଏ ଖବର ଜାଣି ହାଇସ୍କୁଲ ପରୀକ୍ଷା ଦେବା ନିମନ୍ତେ କ୍ରାଇଷ୍ଟ କନ୍ଭେଣ୍ଟ ଲାମାର୍ଟି-ନେୟରରୁ ଆସି ତଳଅତ ସହିତ ନୂଆ ସ୍କୁଲରେ ଭର୍ତ୍ତି ହୋଇଗଲା ।

ଟଣ୍ଢେରବାଲା ସ୍କୁଲର ଏକ ନିଜସ୍ୱ ଐତିହ୍ୟ ଥିଲା । ଏକ ପୁରାତନ କୋଠାରେ ବାଉଁଶ ତାଟି ଘେରି ରହି ସ୍କୁଲ ହୋଇଥିଲା । ବନାରସ ୟୁନିଭରସିଟି ସହିତ ଏହାର ସମ୍ପର୍କ ଥିଲା—ଏବଂ ଏଥିରେ ଛାତ୍ର ଗଣତା ଅଳ୍ପ କେତୋଟି ଝିଅ ପଢ଼ୁଥିଲେ, ଏକଦମ୍ ଘରୋଇ ପରିବେଶ ଥିଲା । ପାଖ ରୁମରେ ରଘୁବୀର ମାମୁ ନିଜ ପରିବାରବର୍ଗ ସହିତ ରହୁଥିଲେ । ରଘୁବୀର ମାମୁ ଥିଲେ ପୁରୁଣା ପନ୍ଥୀ କାୟସ୍ଥ ଓ ସାଧୁ ସ୍ୱଭାବର ବ୍ୟକ୍ତି । ସହରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଝିଅମାନେ ଗାଡ଼ି ଚଢ଼ି ଆସି ଏଠାରେ ଶିକ୍ଷା ପାଉଥିଲେ ।

ଟଣ୍ଢେରବାଲା ସ୍କୁଲ ଲାମାର୍ଟିନେୟରର ଶୁଦ୍ଧ ଇଂରେଜୀ ବାତାବରଣଠାରୁ ସମ୍ପୂର୍ଣ୍ଣରୂପେ ପୃଥକ୍ ଥିଲା । ତଳଅତ ଓ ନିର୍ମଳା ଯେଉଁ ସାମାଜିକ ଶ୍ରେଣୀ ଅନ୍ତର୍ଭୁକ୍ତ ଥିଲେ ସେଥିରେ ଇଂରେଜୀ ସଭ୍ୟତାର ପ୍ରଭାବ ବହୁତ ବେଶୀ ଥିଲା । ଘରେ ଇଂରେଜୀ ଗଭର୍ଣ୍ଣେସ ଦ୍ୱାରା ଶିକ୍ଷା ଦୀକ୍ଷା, ଆୟା ଦ୍ୱାରା ଲାଳନ ପାଳନ ଏବଂ କନଭେଣ୍ଟ ସ୍କୁଲରେ ଅଧ୍ୟୟନ, ଅଥଚ ବାହାଘର ହୋଇଗଲେ ପୁରୁଣା କାଳିଆ ଢଙ୍ଗରେ ମିଠାଇ ବଣ୍ଟା ହେଉଥିଲା । ଝିଅ ମଧ୍ୟ ଇଂରେଜୀ ଶିକ୍ଷାଦୀକ୍ଷା ପାଇ ମଫସଲ ଢଙ୍ଗରେ ଓଢ଼ଣା ଦେଇ ଲାଜ କରୁଥିଲା । ଅନେକ କ୍ଷେତ୍ରରେ ମଧ୍ୟ ଏହି ଝିଅମାନଙ୍କ ଇଚ୍ଛା ବିରୁଦ୍ଧରେ ସେମାନଙ୍କର ବାହାଘର ହୋଇଯାଉଥିଲା । ଏହି ଶ୍ରେଣୀର ଲୋକେ ଆଧୁନିକ ହେଲେ ସୁଦ୍ଧା ଅତ୍ୟାଧୁନିକ ଅଲଟ୍ରାମଡର୍ଣ୍ଣ ନଥିଲେ । ବାହ୍ୟତଃ ପାଶ୍ଚାତ୍ୟ ସଭ୍ୟତାକୁ ସ୍ୱୀକାର କରି ନେଇଥିଲେ ବି ଆନ୍ତରିକ ଭାବରେ ସେମାନେ ଥିଲେ ରକ୍ଷଣଶୀଳ ହିନ୍ଦୁସ୍ଥାନୀ । ଦୁଇଟି ରାସ୍ତାର ମୋଡ଼ ଉପରେ ଏକ ନୂତନ ଆବହାଓ୍ୱା ନେଇ ଏଇ ସମାଜ, ଜମିଦାରୀ ସମାଜର ସହଯୋଗ ଦ୍ୱାରା କିଛୁ ମଜାଦସାହୋଇ ହିନ୍ଦୁସ୍ଥାନର ପୁରାତନ ଭିତ୍ତିଆଦି ଉପରେ ଠିଆ ହୋଇଥିଲା । ଊନବିଂଶ ଶତାବ୍ଦୀରେ ଯେଉଁ ରାଜନୈତିକ ଚେତନା ଜାଗ୍ରତ ହୋଇଥିଲା ତା ଫଳରେ ପ୍ରାଚୀନ ଭାରତ ସଂସ୍କୃତିକୁ ନବୀକରଣର ଆନ୍ଦୋଳନ ସୂତ୍ରପାତ ହୋଇଥିଲା । ଅଧୁନା ଭାରତୀୟ ସଙ୍ଗୀତ, ଭାରତୀୟ କଳା ଏବଂ ଭାରତୀୟ ଚାଲିଚଳନ ଉପରେ ଅଧିକ ଜୋର ଦିଆଯାଉଥିଲା, ଏବଂ ପାଶ୍ଚାତ୍ୟ ସଭ୍ୟତାରେ

Digitized by PPRACHIN, SOA

ଦୀକ୍ଷିତ 'କଳା ସାହେବ'ମାନେ ପରିହାସର ବସ୍ତୁ ଥିଲେ । କଂଗ୍ରେସ ଆନ୍ଦୋଳନ ଫଳରେ ଏଇ ନବୀକରଣ ଧାରା ଆହୁରି ଶକ୍ତିଶାଳୀ ହୋଇଥିଲା, କିନ୍ତୁ ସାମ୍ପ୍ରଦାୟିକ ମନୋଭାବାପନ୍ନ ଲୋକେ ପ୍ରାଚୀନ ହିନ୍ଦୁ ସଂସ୍କୃତି ଏବଂ ଇସ୍‌ଲାମୀ ସ୍ୱର୍ଣ୍ଣଯୁଗ କଥା ମନେ କରୁଥିଲେ । ଏକ ସଂଯୁକ୍ତ ରାଷ୍ଟ୍ରୀୟତା ତଥା ବିଶୁଦ୍ଧ ଭାରତୀୟ ସଭ୍ୟତାର ଆଦର୍ଶର ମୂଳରେ କୁଠାରାଘାତ କରାଯାଇଥିଲା । ବର୍ତ୍ତମାନ ଭାରତୀୟତା କି ପଦାର୍ଥ ବାସ୍ତବରେ ଏହି ପ୍ରଶ୍ନ—ଏହି ସମସ୍ୟା ଦେଖା ଦେଇଥିଲା । କୌଣସି ଏକ ରାଜନୈତିକ ଦଳ ଉଲ୍ଲେଖ କରି ପାରିଥିଲା ଯେ ବାସ୍ତବରେ ଏହା ହିନ୍ଦୁମାନଙ୍କ ଦ୍ୱାରା ରଚିତ ଏକ ରାଜନୈତିକ ଗୁଳି । ଅନ୍ୟ ଏକ ରାଜନୈତିକ ଦଳ ପ୍ରଚାର କରୁଥିଲେ ଯେ ଅସଲରେ ଭାରତ ହେଉଛି ହିନ୍ଦୁମାନଙ୍କ ଦେଶ, ମୁସଲମାନମାନେ ଏଠାରେ ବିଦେଶୀ । ଏ ସମ୍ପର୍କରେ 'ଖୁଲଫିଶାଁ'ର ସର୍ବଶ୍ରେଷ୍ଠ କ୍ୱାଟର୍ସର ଅଧିବାସୀ କମରୁନ୍ନିସା ଓ ମାଳୀର ସ୍ତ୍ରୀ ରମଦେୟୀ ପରସ୍ପରକୁ କହୁଥିଲେ ଯେ ତୁମେ ଯେତେବେଳେ ଏ ଦେଶର ଅସଲ ନାଗରିକ, ତୁମର ଏ ସମ୍ପର୍କରେ ମତାମତ କଣ ?

ତଲଅତ ଏବଂ ନିର୍ମଳା ହାଇ ସୋସାଇଟିରେ ଲାଳିତ ପାଳିତ ହୋଇ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାରେ ପ୍ରଭାବିତ ହୋଇଥିଲେ । ତେଣୁ ଲାମାର୍ଟିନେୟରର ୟୁରୋପିଆନ ବାତାବରଣରେ ଯେପରି ସହଜ ଭାବରେ ଗ୍ରହଣ କରିଥିଲେ ସେପରି ରଘୁ ମାମୁଙ୍କ ଦ୍ୱାରା ସ୍ଥାପିତ ସ୍କୁଲର ଭାରତୀୟ ବାତାବରଣକୁ ଆପଣାର କରିନେଲେ ।

ଯୁଦ୍ଧ ଆରମ୍ଭ ହେବା ବର୍ଷେ ବିତିଗଲାଣି, କଂଗ୍ରେସ ମନ୍ତ୍ରିମଣ୍ଡଳ ତ୍ୟାଗପତ୍ର ଦେଇ ସାରିଛନ୍ତି । ରାଜନୈତିକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଥାଏ ।

ମାର୍ଚ୍ଚ ମାସ ବେଳକୁ ଝିଅମାନେ ପରୀକ୍ଷା ଦେବା ନିମନ୍ତେ ବନାରସ ଯିବାକୁ ବାହାରିଲେ । କମାଲ ଓ ହରିଶଙ୍କର ନିର୍ମଳା ଓ ତଲଅତଙ୍କୁ ଷ୍ଟେସନରେ ଛାଡ଼ିବାକୁ ଗଲେ, "ତୁମେ ଯାଅ ଆମ ପରୀକ୍ଷା ସରିବା ମାତ୍ରେ ଆମେ ଯାଇ ହାଜର ହେବୁ । କିଛି ଦିନୁ ରାମ ନଗର ଆମ୍ଭ ଖିଆ ହୋଇନି ।" କମାଲ କହିଲା । ଏପରି କହିବା ଏ ଦୁହିଁଙ୍କର ପୁରୁଣା କୌଶଳ ଥିଲା । ସାରାଦେଶ ଘୂରି ବୁଲୁଥିଲେ । ଆଜି ଷ୍ଟୁଡେଣ୍ଟ ଫେଡେରେସନର ଅଧିବେଶନ ପାଇଁ ଦିଲ୍ଲୀ ଗଲେଣି, ଇନ୍ଦିରା ନେହରୁ ମିଟିଂ ଡାକି-ଛନ୍ତି, ଏହ୍ଲାବାଦ ଯିବାର ଅଛି ଇତ୍ୟାଦି······

"ବନାରସରୁ କୁଆଡ଼େ ଯିବ ?" ନିର୍ମଳା ପଚାରିଲା । ଆମେ ସନ୍ନ୍ୟାସୀ ଲୋକ, ଆମକୁ ପଚାରୁଛ କଣ ? ଯେଉଁଆଡ଼େ ଆଖି ପାଇଲା ଗୁଲିଗଲୁ ।" କମାଲ କହିଲା । ଝିଅମାନେ ସବୁ ନିଜ ସୁଟ୍‌କେଶ ବେଡ୍ଡିଙ୍ଗ ନିକଟରେ ଠିଆ ହୋଇ କଥାବାର୍ତ୍ତା କରୁଥିଲେ । ରଘୁ ମାମୁ ଯାତ୍ରାର ଅନ୍ୟାନ୍ୟ ବ୍ୟବସ୍ଥା କରୁଥାନ୍ତି ।

Digitized by PPRACHIN, SOA

"ଯେମିତି ଭାଇ ବଡ଼ ସନ୍ନ୍ୟାସୀ—ବିରାଡ଼ି ବୈଷ୍ଣବ ସବୁ"—ନିର୍ମଳା ହସି ହସି କହିଲା ।

ଟ୍ରେନ ଆସିଗଲା ଏବଂ ସମସ୍ତେ ଯଥା ସ୍ଥାନରେ ବସି ବନାରସ ଅଭିମୁଖେ ଯାତ୍ରାକଲେ ।

୨୩

ବସେଣ୍ଟ କଲେଜର କ୍ଲାସ ରୁମର ଝରକା ଦେଇ ଚମ୍ପା ତଳକୁ ଅନାଇଲା । ଦୂରରେ ବଗପକ୍ଷୀ ଉଡ଼ି ଯାଉଥିଲେ । ଲୁ' ବହୁ ଥିଲା, ତଳେ କଲେଜର ବିସ୍ତୀର୍ଣ୍ଣ ପଡ଼ିଆ ଦ୍ୱିପ୍ରହରର ପ୍ରବଳ ଉତ୍ତାପରେ ତାତି ଯାଇଥିଲା । କେବେ ବର୍ଷା ହେବ କେଜାଣି ? ଘଣ୍ଟା ବାଜିଲା ଏବଂ ପାଖ ରୁମରୁ ଝିଅମାନେ ବାହାରକୁ ଆସିଲେ । ନୀଳା ଭାର୍ଗବ ଓ ଚମ୍ପା ପାହାଚ ଦେଇ ଓହ୍ଲାଇ ତଳକୁ ଆସି ଟାଙ୍ଗାରେ ବସି ୟୁନିଭରସିଟି ଆଡ଼କୁ ଗଲେ ।

ଚମ୍ପାର ଦୈନନ୍ଦିନ ଜୀବନ ଯାତ୍ରା ଏହିପରି ଥିଲା । ବସେଣ୍ଟ କଲେଜ, ୟୁନିଭରସିଟି ଓ ଘର । ଶୀତ, ବର୍ଷା, ଗ୍ରୀଷ୍ମ ସବୁ ଋତୁରେ ଏକାପରି ବନାରସ ସହର । ନିଜ ଘର ଓ ନିଜ ଆତ୍ମୀୟଗଣଙ୍କୁ ସେଇ ନେଇ ତାର ବିଶ୍ୱସଂସାର । ଅଠର ବର୍ଷ ବୟସ୍କା ହେଲେ ସୁଦ୍ଧା କବିର ଭାବନା ଶକ୍ତି, ପରିଣତ ବୟସ୍କାଙ୍କର ଚିନ୍ତା ଶକ୍ତି ତଥା ଶିଶୁର ସାରଲ୍ୟ ହିଁ ଥିଲା ତାର ବିଶେଷତ୍ୱ । ମଧ୍ୟବିତ୍ତଶ୍ରେଣୀର ଏକ ଭଦ୍ର ପରିବାରର ସେ ଝିଅ ଥିଲା । ବାପା ତାର ବନାରସରେ ଓକିଲାତି କରୁଥିଲେ ଯଦିଓ ତାଙ୍କ ଘର ଥିଲା ମୋରଦାବାଦରେ । ତାଙ୍କ ଘରେ ଟେଲିଫୋନ, ମଟରଗାଡ଼ି କିମ୍ବା ରେଫ୍ରିଜେରେଟର ନଥିଲା । ଘର ମଧ୍ୟ ବିରାଟ ଅଟ୍ଟାଳିକା ନଥିଲା । ଚମ୍ପା ଥିଲା ଏକମାତ୍ର ଝିଅ । ତାର ବିଭାଘର ପାଇଁ ଯୌତୁକ ପ୍ରସ୍ତୁତ ଥିଲା । ନାନାଆଡ଼ୁ ବହୁତ ସମ୍ବନ୍ଧ ଆସୁଥିଲେ ସୁଦ୍ଧା ତାର ବାପ ମା ସ୍ଥିର କରି ସାରିଥିଲେ ଯେ ଚମ୍ପା ବି. ଏ. ପାଶ କରିସାରିଲେ ତାର ବିବାହ ଦେବେ । କୌଣସି କନଭେଣ୍ଟରେ ଚମ୍ପା ଅଧ୍ୟୟନ କରିନଥିଲା କିମ୍ବା ଗ୍ରୀଷ୍ମ ଛୁଟିରେ କୌଣସି ଶୈଳ ନିବାସକୁ ଯାଇ ସ୍କେଟିଙ୍ଗ୍ କରିବା କଥା ତାକୁ ଆଦୌ ଜଣା ନଥିଲା । ଚମ୍ପାର ବାପା ରାଜନୀତିରେ ବେଶ୍ ଆଗ୍ରହୀ ଥିଲେ । ଜଣେ କକା ମୋରଦାବାଦଠାରେ ସ୍ଥାନୀୟ ମୁସଲିମ୍ ଲିଗର ଅଧ୍ୟକ୍ଷ ଥିଲେ । ଚମ୍ପାର ମାମୁଁ

Digitized by PPRACHIN, SOA

କିନ୍ତୁ ଖୁବ୍ ବିତ୍ତଶାଳୀ ଥିଲେ । ଲକ୍ଷ୍ନୌରେ ବଜାର ହାମ୍ନନ ରୋଡ଼ରେ ତାଙ୍କର ପ୍ରକାଣ୍ଡ ପ୍ରାସାଦ ଥିଲା ।

କଲେଜରୁ ଫେରି ସେ ସାଧାରଣତଃ ନିଜର ଶ୍ରେଷ୍ଠ ରୁମ୍‌ର ଝରକା ନିକଟରେ ବସି ଶିବ ମନ୍ଦିରର ଚୂଡ଼ାକୁ ଅନାଇ ରହେ କିମ୍ବା ଇଂରେଜୀ ଉପନ୍ୟାସ ପଢ଼ି ସମୟ କଟାଏ । ଜନ ଅଷ୍ଟିନ୍, କିଟ୍‌ସ୍ ଓ ମଧ୍ୟଯୁଗୀୟ ଇଂରେଜ କବି ଉପେଟିଙ୍କ ଲେଖା । ତାର ସବୁଠାରୁ ପ୍ରିୟ ଥିଲା । ୟୁନିଭରସିଟି ଲାଇବ୍ରେରିରେ ଅବନୀନ୍ଦ୍ର ନାଥ, ନନ୍ଦଲାଲ ବୋଷଙ୍କ ଦ୍ୱାରା ଅଙ୍କିତ ଚିତ୍ର ତାକୁ ଖୁବ୍ ଭଲ ଲାଗୁଥିଲା । ମୁଖ୍ୟତଃ ଚମ୍ପା ଅଦ୍ଭୁତ ରୋମାଣ୍ଟିକ୍ ପ୍ରକୃତିର ଥିଲା ।

ଚମ୍ପା, ମାଲା ଭାର୍ଗବକୁ ନେଇ ୟୁନିଭରସିଟିରେ ପହଞ୍ଚିଲା । ୟୁନିଭରସିଟିରେ ପରୀକ୍ଷା ବାତାବରଣ ପୂରେ ରହିଥାଏ । ପରୀକ୍ଷାର୍ଥୀମାନଙ୍କ ଉଦ୍‌ବେଗ, ଉତ୍କଣ୍ଠା ଏକତ୍ରିତ ହୋଇଯାଇଥାଏ । ଏହା ମଧ୍ୟରେ ଚମ୍ପା ନିଜକୁ ନିର୍ଭୟ ମନେ କରେ । ପରିବେଶଟା ଯେପରି ତାର ଏକାକୀତ୍ୱକୁ ରକ୍ଷା କରିବ ଏ ବିଶ୍ୱାସ ତାର ଥାଏ । ମନେହୁଏ ଏହି ଛାତ୍ରୀମାନେ, ଲେକ୍‌ଚରର, ମାନ୍ଦ୍ରାଜୀ ଓ ବଙ୍ଗାଳୀ ବୃଦ୍ଧ ପ୍ରଫେସର ସମସ୍ତେ ଯେପରି ତାର ଅତି ଆପଣାର ଲୋକ । ବିଶ୍ୱବିଦ୍ୟାଳୟ ଜ୍ଞାନର ଝରଣି । ମାତ୍ର ଏହି ଜ୍ଞାନର ଝରଣି ଭିତରକୁ ସାମ୍ପ୍ରଦାୟିକତାରୂପୀ ହଳାହଳ କିପରି ଚାଲିଆସେ ଏ କଥା ତାର କ୍ଷୁଦ୍ର ବୁଦ୍ଧିରେ ବୁଝି ହୁଏନି । ସାମ୍ପ୍ରଦାୟିକତା, ଘୃଣା, ସଂକୀର୍ଣ୍ଣତା, ବିଦ୍ୱେଷ, ଧର୍ମାନ୍ଧତା—ଆଦି ଭୂତପ୍ରେତଗଣ ସହିତ ସେ ପରିଚିତ ନଥିଲା—ଏତିକି କେବଳ ଜାଣିଥିଲା ଯେ କୌଣସି ବିଷୟକୁ ନେଇ ଚାରିଆଡ଼େ ଖୁବ୍ ହଲ୍‌ଚଲ୍ ଚାଲିଛି ଏବଂ ଏହି ହଲ୍‌ଚଲ୍ ଦ୍ୱାରା ତାର ନିଜସ୍ୱ ଶାନ୍ତି ଭଙ୍ଗ ହୋଇଛି—ଯାହା ଫଳରେ ତାକୁ ବହୁତ କଷ୍ଟ ହେଉଛି ।

ଆଗରେ ଶାମିୟାନା ତଳେ ହାଇସ୍କୁଲର ସଙ୍ଗୀତ ପରୀକ୍ଷା ହେଉଥାଏ । ଚତୁର୍ଦ୍ଦିଗରୁ ଝିଅମାନଙ୍କ ଗୁଣୁଗୁଣୁ ସ୍ୱର ଶୁଣା ଯାଉଥାଏ । ଏହିଠାରେ ଲକ୍ଷ୍ନୌର ଝିଅ ଦଳେ ମଧ୍ୟ ଥିଲେ । ଘଣ୍ଟା ବାଜିବାରୁ ଝିଅମାନେ ପରୀକ୍ଷା ହଲରୁ ବାହାରିଲେ । ଏମାନଙ୍କ ମଧ୍ୟରୁ ଦୁଇଟି ଝିଅ ତେଣିକି ତେଣିକି ଶିଡ଼ି ଓହ୍ଲାଇ ଅପେକ୍ଷା କରିଥିବା ଏମାନଙ୍କ ଘରେ ଦୁହିଁଙ୍କ ନିକଟରେ ପହଞ୍ଚିଲେ । ତାପରେ ରାମ ନଗର ଷ୍ଟେଟ୍‌ର ଗାଡ଼ି (କାର)ରେ ବସି ଘରକୁ ଚାଲିଗଲେ ।

Digitized by PPRACHIN, SOA

ବନାରସରେ ତଳଅତ, ନର୍ମଳା ଓ ଅନ୍ୟ ଝିଅମାନେ ଯେଉଁ ସ୍ଥାନରେ ରହୁଥିଲେ ତାହା ଏକ ଅଦ୍ଭୁତ ଜାଗା ଥିଲା ।

ବିରାଟ ବଗିଚା ମଧ୍ୟରେ ପୁରୁଣାକାଳିଆ ବିଶିଷ୍ଟ ପ୍ରକାଣ୍ଡ କୋଠାର ମାଲିକ ଥିଲେ ଜଣେ ବିଧବା ବ୍ରାହ୍ମଣୀ, ଯିଏ କି ପ୍ରାୟ ତୀର୍ଥଯାତ୍ରାରେ ବାହାରେ ହିଁ ରହୁଥିଲେ ।

ସାରାଦିନ ସେଇ ବିରାଟ ଘରେ ଏପରି କୋଳାହଳ ଜମି ଉଠୁଥିଲା ଯେ ମନେ ହେଉଥିଲା ଯେପରି ବହୁ ସଂଖ୍ୟକ ବରଯାତ୍ରୀ ଦଳ ଆସି ରହିଛନ୍ତି ।

ସଙ୍ଗୀତ ପରୀକ୍ଷାର ଅନ୍ତିମ ଦିନ ହଠାତ୍ କମାଲ୍ ଓ ହରିଶଙ୍କର ଆସି ବନାରସରେ ପହଞ୍ଚିଲେ । ପରୀକ୍ଷା ପରେ ତଳଅତ ଓ ନର୍ମଳା ପରୀକ୍ଷା ହଲରୁ ବାହାରିବା କ୍ଷଣି ସେମାନଙ୍କ ଉପରେ ଦୃଷ୍ଟି ପଡ଼ିବା ମାତ୍ରେ କମାଲ୍ ଓ ହରିଶଙ୍କର ଆସି ସେମାନଙ୍କ ଆଗରେ ଠିଆ ହୋଇଗଲେ । ଏ ଦୁହେଁ ରାମ ନଗର ଷ୍ଟେଟର ଦେବାନ୍‌ଙ୍କ ଘରେ ଉଠିଥିଲେ, କାରଣ କମାଲ୍ ଓ ତଳଅତଙ୍କ ଆତ୍ମୀୟତା ଥିଲା ଦେବାନ୍‌ଙ୍କ ସହିତ । ନଦୀ ପାରହୋଇ ଏ ଚାରିଜଣ ଯାଇ ପହଞ୍ଚିଲେ ରାମନଗରରେ ।

ସହସା ତଳଅତ କହିଲା, "ମତେ ତ କମରୁନ୍ ପାଇଁ ଶାଢ଼ି, ଚୂଡ଼ି କିଣିବାକୁ ହେବ ।" "ଏ ପର୍ଯ୍ୟନ୍ତ ତା ହେଲେ ତୁମର କିଣାବିକା ଆରମ୍ଭ ହୋଇନାହିଁ ?" କମାଲ୍ ପଚାରିଲା । "ନାଁ ତୁମ ଅପେକ୍ଷାରେ ଥିଲୁ ।" ଏ କଥା ଶୁଣି ଭାଇ ଦୁହେଁ ଭଉଣୀ ଦୁହିଁଙ୍କି କପଟ କ୍ରୋଧରେ ଅନାଇଲେ ।—"ତୁମେ ସବୁ ଭାବିଛ ଆମେ ଧନୀ ମହାଜନ ବ୍ୟକ୍ତି ସବୁ, ଆମର ବହୁତ ପଇସା ପତ୍ର ଅଛି, ନା ?" କମାଲ୍ ରାଗିକରି କହିଲା । "ଆମେ ତ ବିଚରା ଦରିଦ୍ର ବ୍ରହ୍ମଚାରୀ, ମାଗିଯାଚି ଆମର ଗୁଜୁରାଣ ମେଣ୍ଟୁଛି ।" ହରିଶଙ୍କର କହିଲା । "କିନ୍ତୁ ମନ ଆମର ବାଦଶାହଙ୍କ ଠାରୁ ବି ଉଚ୍ଚରେ ।" କମାଲ୍ ଟିପ୍ପଣୀ କଲା । "ଠିକ୍ କହୁଛ ।" ହରିଶଙ୍କର ଅନୁମୋଦନ କଲା । "ସରସ୍ୱତୀ ମନ୍ଦିର ଗୁମ୍ଫାଇରେ ଠିଆ ହୋଇଥିବା ଅପୂର୍ବ ସୁନ୍ଦରୀର ପରିଚୟ ଯଦି ଆଣି-ଦେଇ ପାରିବ ତେବେ ଯାଇ ବନାରସର ଯେତେକ ଚୂଡ଼ି ସବୁ ତୁମକୁ ଏଠାରେ କିଣି ଦେବୁ ।" କମାଲ୍ କହିଲା । "କେଉଁ ରୂପବତୀ ?" ତଳଅତ ନର୍ମଳାକୁ ଅନାଇଲା । " ତୁମେ ଯଦି ତାର ଠିକଣା ଆଣିଦେଇପାରିବ—" ହରିଶଙ୍କର କହିଲା । "ଭାଇ, ତୁମ ସକାଶେ ଝିଅମାନଙ୍କ ଠିକଣା ଯୋଗାଡ଼ କରି ଅଣନିଶ୍ୱାସୀ ହୋଇ ଗଲୁଣି—ଫେର—"ନର୍ମଳା ଚିଡ଼ି କରି କହିଲା ।

ଏହିପରି ତର୍କ କରୁ କରୁ ସେମାନେ ରାମନଗର ପହଞ୍ଚିଗଲେ । ଖୋସ୍‌ଖୋସ୍‌ର ଥଣ୍ଡା ବାତାବରଣରେ ମନଇଚ୍ଛା ଆମ୍ବ ଖାଇ ଆତ୍ମୀୟ ସ୍ୱଜନଙ୍କ ଗପ ଗୁଜବ କରି ଦେବାନ୍ ସାହେବଙ୍କ ବେଗମ୍ ସାହେବା ନିକଟକୁ ଆସୁଥିବା ବନାରସର ଧନୀମାନୀ ଲୋକ,

Digitized by PPRACHIN, SOA

ଝିଅ ବୋହୂଙ୍କ ସହିତ ପରିଚିତ ହୋଇ ମହା ଆନନ୍ଦରେ ସମୟ କାଟିଲେ ।

ବୈଶାଖ ମାସ ଶେଷ ହେଲା । ଆଷାଢ଼ ମାସରେ ପରୀକ୍ଷା ଫଳ ବାହାରିଲା ଏବଂ ଚମ୍ପା କୃତିତ୍ୱର ସହିତ ପାସ କଲା । ଏବେ ଉଚ୍ଚ ଶିକ୍ଷା ନିମନ୍ତେ ଲକ୍ଷ୍ନୌ ଯିବା ପାଇଁ ପ୍ରସ୍ତୁତ ହେଲା । ଲକ୍ଷ୍ନୌରେ ତାର ମାମୁଙ୍କୁ ଚିଠି ଗଲା ଯେ ସେ ଜୁଲାଇ ମାସରେ ଲକ୍ଷ୍ନୌ ଆସିବ ।

ଲୀଲାକୁ ତା ଘରେ ଛାଡ଼ି ସନ୍ଧ୍ୟାବେଳେ ଫେରିଲା ପରେ ଆଜି ମଧ୍ୟ ସେ ନିଜ ଘର ଆଡ଼କୁ ବଢ଼ିଲା । ପରିତ୍ୟକ୍ତା ଫାଟକ ଖୋଲିବାରେ ସେ ଘର ଭିତରକୁ ଗଲା । ଗୃହଆଡ଼ ନିସ୍ତବ୍ଧ ଥିଲା । ନିକଟସ୍ଥ ତିନି ଗୃହ ଗୋଟି ଘରୁ ରେଡ଼ିଓରୁ ଏକ ସମୟରେ ଲକ୍ଷ୍ନୌ କେନ୍ଦ୍ରର ଖବର ଶୁଣା ଯାଉଥିଲା । ଚମ୍ପାର ବାପା ଦାଣ୍ଡ ଘରେ କୌଣସି ମହାଜନ ସହିତ କଥାବାର୍ତ୍ତାରେ ବ୍ୟସ୍ତ ଥିଲେ ।

"ଆଜି ଡାକରେ ତୋ ନାମରେ ଏ ଚିଠି ଆସିଛି ।" ତା ମା ତାକୁ ଏକ ନୀଳ ରଙ୍ଗର ଖାମ୍ ଦେଇ ଫେରିଯାଇ ଘରକୁ ଗଲେ ।

ସନ୍ଧ୍ୟାର ଅନ୍ଧକାରରେ ସେ ଲଫାପା ଖୋଲିଲା ଏବଂ ବାରଣ୍ଡାର ଆଲୁଅ ଜଳାଇ ପଢ଼ିଲା । ଅଚହ୍ନା ହସ୍ତାକ୍ଷରରେ କୌଣସି ଅଜଣା ଲେଖିକାର ପତ୍ର ଥିଲା । ଚିଠି ଆସିଥିଲା ମସୁରୀରୁ । ଇଂରେଜୀ ଭାଷାରେ ଲେଖାଯାଇଥିବା ପତ୍ରରେ ତାକୁ 'ମାଇଁ ଡିଅର ଚମ୍ପା' ବୋଲି ସମ୍ବୋଧନ କରାଯାଇଥିଲା । ତାପରେ ଲେଖା ହୋଇଥିଲା ଯେ, ତୁମେ ଆମ କଲେଜକୁ ଆସୁଛ ବୋଲି ଜାଣି ବିଶେଷ ଆନନ୍ଦିତ ହେଲି । ଏହା ପରେ ସେ କଲେଜ ସମ୍ବନ୍ଧରେ ନାନା ପ୍ରକାର ବିବରଣୀ ଦିଆ ଯାଇଥିଲା । ହଷ୍ଟେଲ ଏବଂ ଫାକଲ୍‌ଟି ସମ୍ବନ୍ଧରେ ମଧ୍ୟ ନାନା ପ୍ରକାର ସୂଚନା ଦିଆ ଯାଇଥିଲା । ଶେଷରେ ଲେଖାଥିଲା ଯେ ଯେହେତୁ ଚମ୍ପା ନୂଆ ହୋଇ ଏଠାକୁ ଆସୁଛି, ତେଣୁ ପତ୍ର ଲେଖିକାଙ୍କୁ ତାର ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏବଂ ସେଇ କାରଣରୁ ସେ ତାର ଅଫିସିଆଲ ଆଡ଼ଭାଇଜର ଅଟେ । ତେଣୁ ଆସନ୍ତା ୧୬ ତାରିଖ ଦିନ ଯେତେବେଳେ ସେ କଲେଜ ଆସିବ ସେତେବେଳେ କଲେଜର ଗିର୍ଜାରେ ତା ସହିତ ସାକ୍ଷାତ ହେଲେ ତାର ସମସ୍ତ ସମସ୍ୟା ଲେଖିକା ସମାଧାନ କରିଦେବ ।

ତଳେ ଲେଖା ଯାଇଥିଲା—ତହମୀନା ରଜା, ଗ୍ରେଜମାଉଣ୍ଟ, ମସୁରୀ । ଚମ୍ପା ଚୁପ-ଚାପ ଚିନ୍ତା କରିବାକୁ ଲାଗିଲା—"ଏ—'ତହମୀନା ରଜା' ବା କିଏ, ଏବଂ ସେ ମୋର ଠିକଣା ଜାଣିଲା କିପରି ।" ଏ ପତ୍ର ତାକୁ ବହୁତ ରହସ୍ୟପୂର୍ଣ୍ଣ ମନେ ହେଲା ।

Digitized by PPRACHIN, SOA

ଏ ଧରଣର କଥା ତାକୁ ସାଧାରଣତଃ ଉପନ୍ୟାସରେ ହିଁ ମିଳେ । ତାର ଧାରଣା ହେଲା ଯେ ସେ ଯେପରି ଏକ ଅଜଣା ଅଦ୍ଭୁତ ଦୁନିଆଁକୁ ଯିବାଲାଗି ପ୍ରସ୍ତୁତ ହେଉଛି ।

ତାର ଏ ପ୍ରକାର ଧାରଣା ନିର୍ଭୁଲ ଥିଲା ।

୨୪

କଥାନୁସାରେ ତହମୀନା ରଜା ଚମ୍ପା ଅହମଦକୁ କଲେଜର ନିର୍ଦ୍ଦିଷ୍ଟ ଗିର୍ଜା ପାଖରେ ସାକ୍ଷାତ କଲା । ଚମ୍ପା ସାମାନ୍ୟ ବିବ୍ରତ ହୋଇ ସ୍ୟାଡ୍‌କୁ ସିଆଡ଼କୁ ଅନାଇବା-ବେଳେ ତାରି ବୟସର ଜଣେ ଝିଅ ଆସି ପଚାରିଲା—

"ତୁମେ ଚମ୍ପା ଅହମ୍ମଦ ତ ?"

"ହଁ ।"

"ମୋ ସହିତ ଆସ ।"

ଏବଂ କିଛି କ୍ଷଣ ପରେ ଚମ୍ପା ଗୃହବାଗର ଦୁନିଆଁରେ ନିଜକୁ ସମର୍ପି ଦେଲା । ସେ ଦିନ କଲେଜର ନୂତନ ଛାତ୍ରୀମାନଙ୍କୁ କଲେଜ ପରମ୍ପରା ସମ୍ବନ୍ଧରେ ଲେକ୍‌ଚର ଦିଆଗଲା । ସେଠି ତା ଜୀବନର ବିଭିନ୍ନ ସମସ୍ୟା ସହିତ ପରିଚିତ କରାଗଲା । ଇତିମଧ୍ୟରେ ସେ ଜାଣିଲା ଯେ ଏଠା ନିୟମ ଅନୁସାରେ ପ୍ରତ୍ୟେକ ବର୍ଷ କଲେଜ ଅଫିସରୁ ନୂଆ ଛାତ୍ର ଛାତ୍ରୀଙ୍କ ଠିକଣା ସିନିୟର ଛାତ୍ରୀମାନଙ୍କ ପାଖକୁ ପଠାଯାଇଥାଏ ଏବଂ ସେମାନଙ୍କୁ ପରାମର୍ଶଦାତ୍ରୀ ହିସାବରେ ଦାୟିତ୍ୱ ଦିଆଯାଇଥାଏ ।

ତହମୀନାର ଭଉଣୀ ତଲଅତ ଆଉ ଯିଏ କି ପ୍ରଥମ ବାର୍ଷିକ ଶ୍ରେଣୀରେ ପଢ଼ୁଥାଏ, ହଠାତ୍ କହିଲା, "ଆରେ ଚମ୍ପା ଦିଦୀ, ତୁମକୁ ଆମେ ଆଗରୁ ବନାରସରେ ଦେଖିଛୁ ।" ଚମ୍ପା ଅନ୍ୟାନ୍ୟ ଝିଅମାନଙ୍କ ସହିତ 'ଗୁଲଫିଶାଁ' ମଧ୍ୟ ଗଲା । ଏଠାରେ ସମସ୍ତେ ତାର ଘନିଷ୍ଠ ଆତ୍ମୀୟ ସ୍ୱଜନଙ୍କ ପରି ବ୍ୟବହାର କଲେ । 'ସିଧେଶ୍ୱାବାଲା' କୋଠିରେ ମଧ୍ୟ ଅନୁରୂପ ସ୍ୱାଗତ ସମ୍ବର୍ଦ୍ଧନା ମିଳିଲା । ତା'ପାଇଁ ଶଙ୍କର ଶ୍ରୀବାସ୍ତବ ନିଜେ ଗୃ ଚୈତ୍ର ଧରି ଆସିଲା ।

ଦିନେ ରବିବାରଆ ଦ୍ୱିପ୍ରହର ବେଳେ ସେ ଗୁଲଫିଶାଁରେ ଯାଇ ପହଁଞ୍ଚିଲା । ତଲଅତ

Digitized by PPRACHIN, SOA

ଓ ତହମୀନା ଦୁହେଁ ପଛ ବାରଣ୍ଡା କୋଣରେ ଥିବା ଝରକା ନିକଟରେ ଖଟ ଉପରେ ବସିଥିଲେ । ତଳେ ଆଳୁ ପିଆଜର ଝୁଡ଼ିରୁ ନିର୍ମଳା ବସି ଆଳୁ ଚୋପା ଛଡ଼ାଉ ଥାଏ । ସମ୍ଭବତଃ ସନ୍ଧ୍ୟାରେ କୌଣସି ଭୋଜର ଆୟୋଜନ ହୋଇଥିଲା ।

ଚମ୍ପା ମଧ୍ୟ ଖଟ କଡ଼କୁ ବସି ଆଳୁ ଛଡ଼ାଇବାରେ ଲାଗିଲା । ଠିକ୍ ସେଇ ସମୟରେ ଭାଇ ସାହେବ ସେ ଘର ଭିତରକୁ ପଶି ଆସିଲେ । ଟେନିସ୍ ର୍ୟାକେଟ୍ ହାତରେ ଧରି ସେ ଖୁବ୍ ସୁନ୍ଦର ଦିଶୁଥିଲେ । ଯେତେବେଳେ ତହମୀନାର କୌଣସି ବାନ୍ଧବୀ ଆସିଥାନ୍ତି ସେତେବେଳେ ଭାଇ ସାହେବ କୌଣସି ନା କୌଣସି ବାହାନାରେ ଏ ଘର ଭିତରକୁ ଆସନ୍ତି । କିନ୍ତୁ ତହମୀନାର ପ୍ରକୃତ ବନ୍ଧୁ ଥିଲେ କମାଲ ଓ ହରଶଙ୍କର ।

ଅଥଚ ଭାଇ ସାହେବ ତ ପ୍ରକୃତରେ ଭାଇ ସାହେବ ହିଁ ଥିଲେ । ଚମ୍ପା ବସି ଆଳୁ ଛଡ଼ାଉ ଥିଲା । ମାତ୍ର ସେ ନିଜ ଆଙ୍ଗୁଠି କାଟିଲା ନାହିଁ । ❊

ଭାଇ ସାହେବ ସନ୍ଧ୍ୟାରେ ହେଉଥିବା ଭୋଜୀ ସମ୍ପର୍କରେ ତହମିନାକୁ କିଛି ପଚାରିବା ନିମନ୍ତେ ଆସିଥିଲେ, ତା ସହିତ କଥାବାର୍ତ୍ତା କରି ଫେରିଗଲେ । କିନ୍ତୁ ନିଜ ରୁମକୁ ଯାଇ ଗଙ୍ଗାଦୀନକୁ ଡାକି ପଚାରିଲେ, "ଭିତରେ ବସିଥିବା ନୂଆ ଝିଅଟି କିଏ ?" "ମୁଁ ଜାଣେ ନାହିଁ ହଜୁର ।" ଗଙ୍ଗାଦୀନ ହଡ଼ବଡ଼େଇ ଗଲା । ଭାଇ ସାହେବ ଝିଅମାନଙ୍କ ସମ୍ପର୍କରେ ଆଜିପର୍ଯ୍ୟନ୍ତ ତା ସହିତ କୌଣସି ପ୍ରକାର କଥାବାର୍ତ୍ତା କରି ନଥିଲେ । ବଡ଼ ଦାଦୀଙ୍କ ସହିତ ତାଙ୍କର ବିବାହ ସ୍ଥିର ହୋଇ ସାରିଥିଲା । ବଡ଼ ଦାଦୀଙ୍କ ପାଖକୁ ବହୁତ ଝିଅ ଆସନ୍ତି ।

"ଆଚ୍ଛା ଯାଅ"—

କମାଲ୍ ଆସିଲା । ତାକୁ କିଣ ପଚାରିବେ ! ତାକୁ ପଚାରିଲେ ଆଉ ରକ୍ଷା ନାହିଁ । ଗୁରିଆଡ଼େ ଡେଙ୍ଗୁରା ପିଟିଦେବ । କି ମୁସ୍କିଲ୍ ଯେ ସେ ତହମୀନା ସହିତ ବିଭା ହେବେ ବୋଲି ସ୍ୱୀକୃତ, ସେହେତୁ କୌଣସି ଝିଅକୁ ମଧ୍ୟ ଆଖିପୂରାଇ ଦେଖି ପାରିବେ ନାହିଁ । ଏ କି ଅଦ୍ଭୁତ ପ୍ରକାର ବନ୍ଦୀ ଅବସ୍ଥା ? ପ୍ରକୃତରେ ସେ ଅତ୍ୟନ୍ତ ଏକାକୀ ଥିଲେ ।

ଭାଇ ସାହେବ ବ୍ୟକ୍ତିତ୍ୱର ରୋମାନ୍ସରେ ଆବଦ୍ଧ ଥିଲେ ।

ଅମଲ ଚମ୍ପାକୁ କହିଲା, "ୟେ ମହାଶୟ ହେଉଛନ୍ତି ତହମୀନାର ଫିଆଁସେ । କିନ୍ତୁ ତହମିନା ୟାଙ୍କୁ ଜମା ଖାତିର କରୁନି ।" ଓଃ—କି ଅଦ୍ଭୁତ ପରିସ୍ଥିତି—ଗୁଲଫିସାଁ

❊ ହଜରତ ୟୁସୁଫ ବହୁତ ସୁନ୍ଦର ଥିଲେ । ମିଶରର ରାଜପରିବାରର ନବ ଯୁବତୀଗଣ ତାଙ୍କୁ ଦେଖି ଏତେ ତନ୍ମୟ ହୋଇ ଯାଇଥିଲେ ଯେ ଜଣେ ଯୁବତୀ ଲେମ୍ବୁ କାଟିବା ପରିବର୍ତ୍ତେ ନିଜ ଆଙ୍ଗୁଠି କାଟି ଦେଇଥିଲେ ।

Digitized by PPRACHIN, SOA

ପର ନାମକରଣ ହୋଇଥିବା ଯେତେ କୋଠି ସମ୍ପର୍କରେ କାହାଣୀ ସେ ପଢ଼ିଛି ସେଥିରେ ରହୁଥିବା ପାତ୍ରପାତ୍ରୀ ଠିକ୍ ଏହିପରି ।

କିନ୍ତୁ ଏ କାହାଣୀ ପାଖରୁ ଦେଖିଲେ ଏଥିରେ କିଛି ନ ଥିଲା ପରି ଜଣାଯିବ । ଯିଏ ଅନ୍ୟର ଜୀବନକୁ କାହାଣୀ ବୋଲି ଜାଣୁଛି ସେ ତ ପ୍ରକୃତରେ ନିଜେ ହିଁ ଏକ କାହାଣୀ ଏବଂ ତାକୁ ଅନ୍ୟ ଲୋକେ ପଢ଼ନ୍ତି । ଏକଥା ଚମ୍ପାକୁ ସେତେବେଳେ ଜଣା ନଥିଲା ।

ବର୍ଷାଦିନ ବିତିଗଲା । କାର୍ତ୍ତିକ ପୂର୍ଣ୍ଣିମା ଆସିଲା । ପୁଣି ପୁଷମାସର କନକନିଆଁ ଥଣ୍ଡା ପବନ ଚାଲିଲା । ଘରେ ଘରେ ନିଆଁ ଜଳି ସେକ ହେଲେ । ବଗିଚାରେ କୁହୁଡ଼ି ଛାଇ ହୋଇଗଲା । ରାତିରେ ଫୁଲ ଉପରେ କାକର ବିନ୍ଦୁ ପଡ଼ିଲା । ବୃନ୍ଦାବାଗରେ ବଡ଼ଦିନର ପ୍ରସ୍ତୁତି ଚାଲିଲା । ଧନୀମାନେ ଏ ବର୍ଷ ଚାଲୁ ହୋଇଥିବା ଫେସନ ଅନୁସାରେ ଓଭର କୋଟ ତିଆରି କଲେ । ଦରିଦ୍ରଗଣ ଖାଲି ଦେହରେ ଥରି ଥରି ଶେଷରେ ମଲେ । ଧନୀଗଣ ଶିକାର ନିମନ୍ତେ ତରାଇ ଓ କାଲିମ୍ପି ଜଙ୍ଗଲକୁ ଗଲେ । ଶୀତ କଟିଗଲା, ବସନ୍ତ ଆସିଲା । ସୋରିଷ ଫୁଲ ଚାରିଆଡ଼େ ଫୁଟିଥାଏ । ଗ୍ରୀଷ୍ମ ଆସିଲା । ପାନଶାଳାରେ ଲୋକଭିଡ଼ ଜମିଲା । ଝେସ୍ ଝେସ୍ ତାଟି ଝଙ୍ଗା ହେଲା । ସରକାରୀ ବଗିଚାମାନଙ୍କରେ ଚାମେଲି ଫୁଲର ସୁବାସ ଚାରିଆଡ଼େ ଭରିଗଲା । ଲିଚୁ ପାଚିଲା । ଗରମ ପବନ ମଧ୍ୟ ଚାଲିଲା । ଗୋମତୀର ବାଲିରେ ତରଭୁଜ ପାଚିଲା । ଆଷାଢ଼ ଆସିଲା । ଚାରିଆଡ଼େ ଦୋଳି ବନ୍ଧା ହେଲା । ଏଇ ଦେଖୁ ଦେଖୁ ଏକ ବର୍ଷ ହୋଇଗଲା । ଅମୂଲ୍ୟ ଜୀବନର ଏକ ବର୍ଷ ଶେଷ ହୋଇଗଲା । ଏବେ ଦିବାଳୀ ଉତ୍ସବ ଅଳ୍ପଦିନ ରହିଲା ।

ତଳଅଡ଼ୁ ଗୁଲ୍‌ଫିଶାଁର ପଛ ବାରଣ୍ଡାର ସବୁଠାରୁ ତଳ ପାହାଚ ଉପରେ ଲେଟିଗଲା । ଏଇଠୁ ବଗିଚାର ଦୃଶ୍ୟ ଖୁବ୍ ସୁନ୍ଦର ଦିଶୁଥାଏ । ଆକାଶର ଶାନ୍ତ ସୁନୀଳତାରେ ଆଖି ଝଲସି ଉଠିଲା । ଏଇ ସୁନୀଳତା, ଯାହା ଖୁବ୍ ଦୂରରେ ବନାନୀର ସବୁଜିମା ଭିତରେ ହଜିଯାଇଥିଲା ଏବଂ ନୀରବତା ଚତୁର୍ଦ୍ଦିଗରେ ବିସ୍ତୃତ ହୋଇ ରହିଥିଲା । ଭିତରେ ସମ୍ଭବତଃ ଭାଇ ଭାଓଲିନ୍ ବଜାଉଥିଲେ । ମାଟି ଉପରେ ସେ କାନ ଡେରିଲା, ତାଙ୍କ ପରି ମୁଁ ମାଟି ଉପରେ କାନ ଡେରି ଶୋଇଛି । ଶେଷରେ ହାତ ବଢ଼ାଇ ସେ ଝିଟାମିଠା ନିପଣି ଘାସ ଛିଡ଼ାଇଲା ଏବଂ ତାକୁ ଆରାମରେ ଚୋବାଇବାକୁ ଲାଗିଲା ।

ଗୋଟିଏ ବର୍ଷ ବିତିଯାଇଛି । ଭାଇ ସାହେବ ଇଉନିଭରସିଟି ଛାଡ଼ି ସାରିଥିଲେ ଏବଂ ବର୍ତ୍ତମାନ କମ୍ପିଟେଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିଲେ । କମାଲ୍ ଓ ହରିଶଙ୍କର

Digitized by PPRACHIN, SOA

ଏମ୍.ଏ.ଫାଇନାଲ୍‌କୁ ଆସିଯାଇଥିଲେ । ଅପର୍ଣ୍ଣା ବି.ଏ. ପାସ କରିଥିଲା । ଡଲିଅକ୍ତ୍ ଏବଂ ନିର୍ମଳା ନକେ ବର୍ତ୍ତମାନ ସେକେଣ୍ଡ଼ଇଅର୍‌ରେ ପଢ଼ୁଥିଲେ । ଭାଇ ସାହେବ କିଛୁ ଅପ୍ରସ୍ତୁତ ହୋଇ ଯାଇଥିଲେ କି ? ଇଏ ଚମ୍ପାବାଳାଙ୍କୁ ପ୍ରେମ କରୁଥିଲେ ଏବଂ ସେ ମଧ୍ୟ ସ୍ୱାଙ୍କୁ ପସନ୍ଦ କରୁଥିଲା । ଚମ୍ପାବାଳା ପାଇଁ ତ ସାରା ଦୁନିଆ ପାଗଳ । କମଲ୍ ଓ ହରିଶଙ୍କର ତାର ପ୍ରଶଂସା ଗାଇ ଗାଇ କେବେ ଥକି ଯାଉ ନାହାନ୍ତି । ସେମାନେ ଡଲିଅକ୍ତ୍‌କୁ କହନ୍ତି—ଯେତେବେଳେ ତୁ ବଡ଼ ହୋଇଯିବୁ ସେତେବେଳେ ଯାଇ ଜାଣିବୁ ଚମ୍ପାଟା କେମିତିକା ଗୋଟାଏ ଖାସା ହସ୍ତିନୀ । "ଅଚ୍ଛା ଭାଇ, ହୋଇଥିବ ।" ଡଲିଅକ୍ତ୍ ଜବାବ ଦିଏ ।

ଅପର୍ଣ୍ଣୀର ତା ସହିତ ବର୍ତ୍ତମାନ ମଧ୍ୟ ସେହିପରି ମୈତ୍ରୀ ଥିଲା । ଅପର୍ଣ୍ଣୀଟା ଖୁବ୍ ସରଳ ସ୍ୱଭାବର ମଣିଷଟାଏ । ଖୋଲାକର ବଡ଼ ନିର୍ମଳ ହୃଦୟ ନେଇ ମିଶେ । ବିରାଟ ହୃଦୟ ତାର । ସବୁଠୁଁ କ୍ଷୁଦ୍ର ଓ ବିଶାଳକାୟ ହସ୍ତୀ କିଏ ଥିଲା—ଅପର୍ଣ୍ଣୀ ନା ଚମ୍ପାବାଳା ? କିନ୍ତୁ ଏ କଥା କିଏ ସେମାନଙ୍କୁ ଜଣାଇବାକୁ ଯିବ ? ମୁଁ ଏ କଥା ହିସାବ କରୁଛୁ । ଡଲିଅକ୍ତ୍ ଭାବିଲା—"ମଣିଷ କେବଳ ସୁନ୍ଦର ଚେହେରାକୁ ପସନ୍ଦ କରେ । ଚମ୍ପାବାଳା ଖୁବ୍ ସୁନ୍ଦର, ଅପର୍ଣ୍ଣୀ ସୁନ୍ଦର ନୁହେଁ । ଏଇଆ ହେଲା ମୋଟାମୋଟି ଅସଲ୍ କଥା—"ଏଇ କଥା ଭାବି ସେ ବିଶେଷ ଦୁଃଖିତ ହେଲା । ଜାଣିକରି ସୌନ୍ଦର୍ଯ୍ୟକୁ ହିଁ ଲୋକେ ଏତେ ଉଚ୍ଚ ମୂଲ୍ୟ ଦିଅନ୍ତି । ଦୁଃଖର ସହିତ ସେ ଆହୁରି ଝଟାମିଠା ଘାସ ଛିଣ୍ଡାଇ ଗୋରୁଦେଇବାକୁ ଲାଗିଲା ।

କମାଲ ଡେରାଡ଼ୁନ୍‌ର ଗୋଟିଏ ସଡ଼କ ଉପରେ ମୁହଁ ତଳକୁ କରି ଆଗେଇଲା । ସେ ସବୁଥର ପରି ଦୀପାବଳୀ ଛୁଟିରେ ଭ୍ରମଣ ଉଦ୍ଦେଶ୍ୟ ନେଇ ବାହାରି ଥିଲା । ତାର ପୁରୁଣା ଲାମାରଟିନେୟୁଅର କଲେଜର ଜଣେ ଯୁବକ ଇଂଲିସ ପ୍ରଫେସର କିଛି ବର୍ଷ ପୂର୍ବରୁ ଅକ୍‌ସ୍‌ଫୋର୍ଡ଼ରୁ ଆସି ଏବଂ ସାଧୁ ହୋଇ ଘର ଛାଡ଼ି ପଳାଇ ଯାଇଥିଲେ । ତାଙ୍କୁ ଆଜି ଖୋଜି ଆଣିବା ପାଇଁ କମାଲ୍‌କୁ ପଠାଯାଇଥିଲା । କାରଣ କମାଲ୍ ତାଙ୍କର ଅତି ପ୍ରିୟ ଛାତ୍ର । ସେ ହରିଶଙ୍କର ସହିତ ହରିଦ୍ୱାର, ଚକ୍ରତା ଏବଂ ଅନ୍ୟାନ୍ୟ ଜାଗାରେ ବହୁତ ଖୋଜି ଦିନେ ଯୋଗମାୟା ମନ୍ଦିର ପାଖରେ ପ୍ରଫେସର ସାହେବଙ୍କ ସହ ଭେଟ ହେଲେ ଏବଂ ସେ ହାତ ଯୋଡ଼ି ତାଙ୍କୁ ପ୍ରାର୍ଥନା କଲେ —"ଭାଇ, ବର୍ତ୍ତମାନ ମୁଁ ଜଞ୍ଜାଳରୁ ମୁକ୍ତ ହୋଇ ଯାଇଛି, ମୋତେ ପୁଣି ଥରେ ତା ଭିତରକୁ ଫେରେଇ ନିଅ ନାହିଁ । ମୁଁ ଖୁବ୍ ଆନନ୍ଦରେ ରହିଛି"—ଏବଂ କମାଲ

Digitized by PPRACHIN, SOA

କହିଲା, "ଲକ୍ଷ୍ନୌରେ ଗୁଜବ୍ ଉଠିଛି ଯେ ଏହି ପବ୍ଲିସିଟି ହାସଲ କରିବା ପାଇଁ ଗୋଟାଏ ର୍ୟାକେଟ ଚଳାଇଛନ୍ତି ଆପଣ ।"

"ଭାଇ !" ସେ ହାତଯୋଡ଼ି ବିନୀତ ଭାବରେ କହିଲେ—"ଭଗବାନଙ୍କ ପାଇଁ ଚାଲିଯାଅ ଭାଇ !" ଏବଂ ତାପରେ ନିଜର ଗୈରିକ ବସ୍ତ୍ରସହ ସେ ଗୋଟିଏ ନାଳ ପାରହୋଇ ଜଙ୍ଗଲ ମଧ୍ୟରେ ଅଦୃଶ୍ୟ ହୋଇଗଲେ । ବର୍ତ୍ତମାନ କମାଲ ମୁହଁପୋଡ଼ ତେଲାଙ୍ଗୁନର ମୋହିନୀ ରୋଡ଼ରେ ଚାଲୁଥିଲା । ହରିଶଙ୍କର ସବୁଥର ପରି ତା ସାଙ୍ଗରେ ଥିଲା । ସମ୍ମୁଖରୁ ସୁଗନ୍ଧଯୁକ୍ତ ମଳୟ ପ୍ରବାହିତ ହେଉଥିଲା ।

"ବନ୍ଧୁ, ହରିଶଙ୍କର—" କମାଲ କହିଲା ।

"ହଁରେ ଭାଇ !"

"ଭାଇ, ଏଇ ପ୍ରଫେସର ହେମିଲ୍‌ଟନ ଠିକ୍ ତ କହୁଥିଲେ । ସତରେ ଆମେ କେତେ ଜଞ୍ଜାଳରେ ପଡ଼ିଛେ !"

ସେଦିନ ତ୍ୟାଗ ସମ୍ବନ୍ଧରେ ଗମ୍ଭୀର ଆଲୋଚନା କଲେ ଏବଂ ଏହି ଗମ୍ଭୀର ଦାର୍ଶନିକ ଚିନ୍ତାଧାରା ସେମାନଙ୍କୁ ଗ୍ରାସିଯାଇଥିଲା ।

"ଆସ କୋଠାଗୁଡ଼ିକର ନାମ ପଢ଼ିବା । ନାମର ନିର୍ବାଚନରୁ ଘରମାଲିକଙ୍କ ସାଇକୋଲୋଜିର ସୂଚନା ମିଳେ ।" ଚାଲୁ ଚାଲୁ ହଠାତ୍ ଗୋଟିଏ ଫାଟକ ନିକଟରେ ରହିଯାଇ ହରିଶଙ୍କର କହିଲା ।

"ଆମେ କଦାପି ଘର ତିଆରି କରି ରହିବା ନାହିଁ ।" କମାଲ କହିଲା ।

"ଠିକ୍ କହୁଛୁ, ଦେଖ ବୁଝି ଆଜି କି ଅସମ୍ଭବ ରକମର ଅସହାୟ ସେଣ୍ଟିମେଣ୍ଟାଲ୍ ! ଟିକିଏ ଏଇ ନାଁଟା ପଢ଼ିଲୁ ।"

ଖ୍ୱାବସ୍ଥାନ; ଲହୌଲ ଭିଲାଖୁଅତ୍ ।

"କିନ୍ତୁ ତୁମେ ନିଜେ ବି 'ଗୁଲଫିଶାଁ' ଆଉ 'ଖୟାବାଁ'ରେ ରହୁଛ ।"

"ଜାଣେ ।"

"ବନ୍ଧୁ, କମାଲ—"

"ହଁ ବନ୍ଧୁ ।"

"ଟିକିଏ ଚିନ୍ତା କର । ଲୋକେ ପ୍ରାସାଦ ନିର୍ମାଣ କରିଛନ୍ତି ଏଇଠୁ ସେପର୍ଯ୍ୟନ୍ତ । ଏକରୁ ଆରେକ ବଳି ସୁନ୍ଦର । ସାରା ଦୁନିଆଁରେ ଘର ତିଆରି ହୋଇଛି ।"

"ହଁରେ ଭାଇ, ବଡ଼ ଅଜବ କଥା ।"

ସେ ଦୁହେଁ ଗୋଟିଏ ଫାଟକ ନିକଟ ବେଞ୍ଚ ଉପରେ ବସିଗଲେ ଏବଂ ପୁଣି ଏଇ ସମସ୍ୟା ଉପରେ ଆଲୋଚନା କରିବାକୁ ଲାଗିଲେ । ପ୍ରକୃତରେ ସେମାନଙ୍କୁ ପ୍ରଫେସର୍‌ଙ୍କ

Digitized by PPRACHIN, SOA

କାର୍ଯ୍ୟକଳାପ ବିଶେଷ ଆନ୍ଦୋଳିତ କରୁଥିଲା । ଗୋଟିଏ ସୁସ୍ଥ ମସ୍ତିଷ୍କବିଶିଷ୍ଟ ମଣିଷ, ବୈଜ୍ଞାନିକ; ଆଉ ଚାଲିଗଲେ ଜଙ୍ଗଲକୁ ! ଆଶ୍ଚର୍ଯ୍ୟ !

“ଏହାର ଉଦ୍ଦେଶ୍ୟ କିଛି ନା କିଛି ନିଶ୍ଚୟ ଥିବ ।”

ଅନ୍ଧକାର ଆସିବା ପର୍ଯ୍ୟନ୍ତ ସେମାନେ ଡାଲନଓ୍ୱାଲର ଶାନ୍ତ ସୁଗନ୍ଧିତ ସଡ଼କ ଉପରେ ଘରମାନଙ୍କ ନାଁ ପଢ଼ି ପଢ଼ି ବୁଲିଲେ—‘ନସ୍ତରନ’, ‘ଦୌଲତଖାନା’, ‘ଶୈମରାଁକ’, ‘ଅାଶିୟାନା’, ‘ରାଜମହଲ’ । କମାଲର ପିତାଙ୍କ ପ୍ରାସାଦ ‘ଖୟାବାଁ’ ମଧ୍ୟ ସମ୍ମୁଖରେ ଦଣ୍ଡାୟମାନ ଥିଲା ।

ଏହି ପ୍ରସାଦଗୁଡ଼ିକର ଉଦ୍ୟାନମାନଙ୍କରେ ଲଗିଥିବା ପାହାଡ଼ି ଫଳଗଛର ମହକ ଚଉଆଡ଼ ମହକାଇ ଦେଉଥିଲା । ଆଉ ଦୁନିଆଟା ଲାଗୁଥିଲା ଖୁବ୍ ସୌମ୍ୟ, ସୁନ୍ଦର ।

ସେ ଦୁହେଁ ମୁହଁ ନୁଆଇଁ ପୁଣି ଗୋଟିଏ ଫାଟକର ବେଞ୍ଚ ଉପରେ ବସିଗଲେ ଏବଂ ଝରଣାର ଜଳକୁ ଲକ୍ଷ୍ୟ କରିବାକୁ ଲାଗିଲେ । ଝରଣା ସଡ଼କର ଧାରେ ଧାରେ ବହିଯାଉଥିଲା । ପାଣିରେ ଗୋଟିଏ ଛିଣ୍ଡା ପୁରୁଣା ଯୋତା ସ୍ରୋତରେ ଡେଇଁ ନାଚ ଭାସି-ଯାଉଥିଲା ।

୨୫

ଆଉ ଦୁଇ ବର୍ଷ ବିତିଯାଇଛି । ୧୯୪୨ ମସିହା ଅଗଷ୍ଟ ମାସର ଆନ୍ଦୋଳନ ମଧ୍ୟ ପୁରୁଣା କଥା ହୋଇଯାଇଛି । ପଣ୍ଡିତଜୀ ଓ ମୌଲାନା ଏବଂ ଅନ୍ୟ ସମସ୍ତ ନେତା ଅହମଦନଗରର କିଲ୍ଲାରେ ବନ୍ଦୀ ଥାଆନ୍ତି । ଦୁନିଆଁର ରଙ୍ଗ ଦ୍ରୁତଗତିରେ ବଦଳୁଥାଏ । ସୋସାଇଟିର ପ୍ରତି ଦିଗରେ ସୈନିକ ଦୃଷ୍ଟିଗୋଚର ହେଉଥାଆନ୍ତି ।

‘ଗୁଲଫିଶାଁ’ର ସୈୟଦ ଅମୀର ରଜା ମଧ୍ୟ ଇମ୍ପେରିଆଲ ସର୍ଭିସ ପ୍ରତିଯୋଗିତାରେ ବିଫଳ ହେବା ପରେ ନେଭିରେ କମିଶନ ପାଇଲେ । ତହମୀନା ଏମ୍. ଏ. ଫାଇନାଲକୁ ଆସିସାରିଥାଏ । ଚମ୍ପା ଏମ୍. ଏ. ଫିପ୍ଥ ଇୟରରେ ଥିଲା ଏବଂ କୈଳାସ ହଷ୍ଟେଲରେ ରହୁଥିଲା । ତଲଅତ୍ ଓ ନିର୍ମଳା ବଡ଼ ଧୂମ୍‌ଧାମ୍‌ରେ ଅଣ୍ଡରଗ୍ରାଜୁଏଟ ଛାତ୍ରୀ ଥାଆନ୍ତି । ଚମ୍ପା ମଧ୍ୟ ଦୀର୍ଘ ସମୟରୁ ସେହି ଗ୍ରୁପ୍‌ରେ ଥିଲା; ଯାହାକୁ ସହରର “ଫ୍ୟାସନ-ବଲ୍ ସ୍ମାର୍ଟ ଇଣ୍ଟେଲେକଚୁଆଲ ସେଟ୍” ବୋଲି କୁହାଯାଉଥିଲା । ଏତେ ବହୁତ ନାଁ ।—

Digitized by PPRACHIN, SOA

ଏତେ ବହୁତ ଚେହେରା ଏହିସବୁ ଲୋକମାନଙ୍କର ।

ସେମାନଙ୍କ ମଧ୍ୟରେ ସେମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ମଧ୍ୟ ସେ ଏକାକୀ ଦଣ୍ଡାୟମାନ ହୋଇଥିଲି । କାରଣ ଅନ୍ତିମ ମୂଲ୍ୟାଙ୍କନରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ମଣିଷ ସମ୍ପୂର୍ଣ୍ଣଭାବେ ଏକାକୀ ! ଏହା ବ୍ୟତୀତ ଆମେ ଆମ ଚତୁର୍ଦ୍ଦିଗର ମଣିଷମାନଙ୍କଠାରୁ ବିଭିନ୍ନ ଇକ୍ୟୁଏସନ୍ ସ୍ଥାପିତ କରିବାର ପ୍ରଯତ୍ନରେ ଲାଗିରହୁ ।

ଯେତେବେଳେ ଏଇ ଇକ୍ୟୁଏସନ୍ ଭ୍ରମ ବୋଲି ସିଦ୍ଧ ହୁଏ ସେତେବେଳେ ଯାଇ ଆମେ ବୁଝୁ, ଯେ କେତେ ନିତାନ୍ତ ସାଧାରଣ ଆମେ !

ଏଇ କଥା ଚମ୍ପା ହଠାତ୍ ସୈୟଦ୍ ଅମୀର ରଜାଙ୍କୁ କହିଲି, ଯିଏ କି ଭାଇସାହେବ ନାମରେ ପରିଚିତ ।

ସେଇ ଦିନ ଭାଇସାହେବଙ୍କର ମାଡ୍ରାସ ଅଭିମୁଖେ ଯାତ୍ରା କରିବାର ଥିଲା । ସେ ତା' ସହିତ ଦେଖାକରିବା ପାଇଁ କୈଳାସ ଆସିଲେ । ସେହି ସମୟରେ ସେ ଲାଇବ୍ରେରୀକୁ ଯାଉଥିଲି । ସାଇକେଲ ହାତରେ ଧରି ତାଙ୍କ ସାଥେ ସାଥେ ସଡ଼କ ଉପରକୁ ବାହାରି ଆସିଲି । ଭାଇସାହେବ ତାକୁ କହିଲେ, "ମୁଁ ଏଠାରୁ ପଳାଇଯିବାକୁ ଚାହୁଁଛି । ଆଉ ମୋର ସୌଭାଗ୍ୟ ଯେ ପଳାୟନ ପାଇଁ ସୁଯୋଗ ମିଳିଛି । ତୁମେ···ତୁମେ···ମତେ ବିବାହ କରି ମୋ ସହିତ ଯିବାପାଇଁ ପ୍ରସ୍ତୁତ ଅଛ କି ?"

ଏକେ ତ ଭାଇସାହେବ ଦେଖିବାକୁ ସୁନ୍ଦର ଥିଲେ, ନେଭିରେ ପ୍ରବେଶ କରିବା ପରେ 'ସୁବର୍ଣ୍ଣ ଉପରେ ସୁହାଗ'ର କାର୍ଯ୍ୟ କଲା, ଗୋଟିଏ ଗୃଲ୍ସ ଓୟ୍ୟାରଙ୍କୁ ୟୁନିଫର୍ମ ପିନ୍ଧାଇ ଦିଆଗଲା ।

ଚମ୍ପାର ମୁଖମଣ୍ଡଳ କୌଣସି ଅଜ୍ଞାତ ଭାବନାର କାରଣରୁ ଲାଲ ପଡ଼ିଗଲା । ଏଇଟା ଗୋଟାଏ ବହୁତ ଜରୁରୀ କଥା; ଯାହା ସେ ଶୁଣିଲା । ଜଣେ ପୁରୁଷ ତାକୁ ନିଜ ଜୀବନରେ ସମ୍ମିଳିତ ହେବାପାଇଁ ନିମନ୍ତ୍ରଣ କରୁଛି; ଆଉ ସେ ସେହି ପୁରୁଷକୁ ବହୁତ ପସନ୍ଦ କରେ । କିନ୍ତୁ ସେ କହିଲା, "ଆରେ ବାଃ ! ଏ କଥା କହିବା ପାଇଁ ଆପଣଙ୍କୁ କିଛି ଲାଜ ଲାଗିଲନାହିଁ !"

"ତେବେ ତୁମେ ମତେ କାହିଁକି ଉଦ୍ୟାନର ରାସ୍ତାରେ ଚଲାଉଥିଲ ?"

ସେ ରାଗରେ କହିଲା—"ମୁଁ ଆପଣଙ୍କୁ କୌଣସି ଉଦ୍ୟାନର ରାସ୍ତାରେ ଚଲାଇନାହିଁ ।"

"ତମେ ସଚ୍ଚୋଟଭାବେ କହିପାରିବ ଯେ ତମେ ମତେ ନେଇ ବିଶେଷ ଆଗ୍ରହ ଦେଖାଇନ; ଏ କଥା ଜାଣି ମଧ୍ୟ ଯେ ତୁମର ସାଥୀ ତହମୀନା ସହିତ ମୋର ବିବାହ ହେବାକୁ ଯାଉଛି !"

Digitized by PPRACHIN, SOA

ସେ ମୌନ ହୋଇଗଲା । ଏଇଟା ହେବା ଅନିବାର୍ଯ୍ୟ ଥିଲା । ବର୍ତ୍ତମାନ ସେ ପ୍ରଥମ ଥର ପାଇଁ ଅନୁଭବ କଲା ଯେ ତା'ଭିତରେ ଏକ ବିରାଟ ଅଭାବ ରହିଛି । ସିଦ୍ଧାନ୍ତ, ଉଚ୍ଚ ବିଚାର ଓ ଦର୍ଶନ ଅଲଗା କଥା ଏବଂ ସାଧାରଣ ବାସ୍ତବିକ ଜୀବନରେ ସ୍ୱୀୟ ବିଚାରଠାରୁ ଆମେ ସମ୍ପୂର୍ଣ୍ଣ ଭିନ୍ନ । ବିଶୁଦ୍ଧ ଦର୍ଶନ ଓ ନୈତିକତାରୁ ସିଦ୍ଧାନ୍ତଗୁଡ଼ିକର ଭାବନା ଓ ଇମ୍ପଲ୍‌ସ୍ ସହିତ କୌଣସି ସମ୍ବନ୍ଧ ନାହିଁ । ଆମେ ବାସ୍ତବରେ ଅସମ୍ଭବ ରକମର ଦୁର୍ବଳ ।

ଭାଇସାହେବ ଯେପରି କି ତାର ଭାବନାଗୁଡ଼ିକୁ ପଢ଼ିନେଲେ, "ତୁମେ ମଧ୍ୟ ଖୁବ୍ ମାମୁଲି ସାବ୍ୟସ୍ତ ହେଲ ।" ସେ କହିଲେ ।

"ମୁଁ ଜଣେ ମାମୁଲି ଝିଅ ନୁହେଁ ବୋଲି କେବେ କେଉଁ ଦିନ କହିଥିଲି ?" ବର୍ତ୍ତମାନ ସେମାନେ ବାଦଶାହିବାଗର ଫାଟକ ପାଖରେ ପହଞ୍ଚି ସାରିଥିଲେ । "ରହିଯାନ୍ତୁ, ଆପଣ ମୋ ସାଥେ ସାଥେ କାହିଁକି ଚାଲିଆସୁଛନ୍ତି ? ମୋତେ ମୋ କାମରେ ଯିବାକୁ ପଡ଼ିବ । ଆପଣ ଦୟାକରି ଘରକୁ ଫେରିଯାନ୍ତୁ ।"

"ମୋର କୌଣସି ଘର ନାହିଁ ।"

"ଘର ତ ଆମମାନଙ୍କ ମଧ୍ୟରୁ କାହାର ମଧ୍ୟ କେଉଁଠି ନାହିଁ ।" ଚମ୍ପା ବିରକ୍ତି ପ୍ରକାଶ କରି କହିଲା—"ବର୍ତ୍ତମାନ ମୁଁ ଏଇ ସମୟରେ ଆପଣଙ୍କ ସହିତ ଯୁକ୍ତିତର୍କ କରିବାକୁ ଚାହୁଁ ନାହିଁ । ଆପଣଙ୍କ ଘର ଅଛି; ଯେଉଁଟାକୁ 'ଗୁଲଫିଶାଁ' କୁହାଯାଉଛି । ଲକ୍ଷ୍ନୌର ଭିଲ୍...କି ପ୍ରକାର କଦର୍ଯ୍ୟ ନାଁ—ଆଉ ସେଇଠି ତହମୀନା ଅଛି । ଫେରିଯାଆନ୍ତୁ ।"

"ତମେ ନିହାତି ମାମୁଲି ଏବଂ ସାଧାରଣ ସ୍ତ୍ରୀଲୋକଙ୍କ ପରି ମୋ ସହିତ କଳି କରୁଛ । ତୁମର ସମସ୍ତ ରିଆକ୍‌ସନ ବହୁତ ମାମୁଲି । ତମେ ମଧ୍ୟ ଠିକ୍ ସମୟରେ ଫେରି-ଗଲ । ତୁମପରି ହଜାର ହଜାର ତରୁଣୀ ଦୁନିଆଁରେ ଅଛନ୍ତି । ତୁମେହିଁ ମୋତେ ପ୍ରଥମେ ଫ୍ଲର୍ଟ କଲ ଏବଂ ଏବେ ଆଗକୁ ସାଥୀ ହେବା ପାଇଁ ସାହସ ନାହିଁ ।"

"ସାଧାରଣ ପୁରୁଷପରି ଆପଣ ମଧ୍ୟ ମୋ ସହିତ କଳି କରୁଛନ୍ତି ।" ସେ ହସି ହସି କହିଲା—"ଏହା ପ୍ରମାଣିତ ହୋଇଗଲା ଯେ ଆମ ଭିତରୁ କେହି ମଧ୍ୟ ଦେବୀ ଦେବତା-ଙ୍କର ସ୍ତର ରକ୍ଷାକରେ ନାହିଁ—ବିଦାୟ—।" ସେ ସାଇକେଲରେ ବସି ତୀବ୍ରଗତିରେ ଟାଗୋର୍-ଲାଇବ୍ରେରୀ ଆଡ଼କୁ ଚାଲିଗଲା ।

'ଗୁଲଫିଶାଁ'ରେ ପହଞ୍ଚି ଭାଇସାହେବ ତନ୍ମୟତାସହ ଜିନିଷ ବନ୍ଧାବନ୍ଧିରେ ବ୍ୟସ୍ତ ରହିଲେ । ସେହି ଦିନ ତହମୀନା ଏମ୍. ଏ. ଶେଷ ପ୍ରଶ୍ନର ଉତ୍ତର କରି ୟୁନିଭରସିଟିରୁ ଫେରିଥିଲା । ସାରାଦିନ ଘରେ ଭୋଜଭାତ ହେଲା । ବଡ଼ଝିଅ ପଢ଼ା ଶେଷ କରିଛି । ଭାଇ-ସାହେବ ନେଭିରେ ଅଫିସର ହୋଇଛନ୍ତି । ଏବେ ଶୁଭପରିଣୟରେ ବିଳମ୍ବ ନାହିଁ ।

Digitized by PPRACHIN, SOA

ଗତରେ ଖାଇସାହେବ ଗମ୍ଭୀରଭାବେ ମୋଟରରେ ବସି ଷ୍ଟେସନ ଚାଲିଗଲେ । ସାରା ଘରେ ଚଡ଼ଚଡ଼ା ସ୍ୱଭାବର ରୋଗ ବ୍ୟାପିଯାଇଛି ।

କମାଲ ଓ ହରଶଙ୍କର ତହମୀନା ସମ୍ମୁଖକୁ ଆସିବା ପାଇଁ ସଙ୍କୋଚ ବୋଧ କରୁଥିଲେ । ଗ୍ରୀଷ୍ମ ଛୁଟି ଆରମ୍ଭ ହୋଇଯାଇଛି । ଚମ୍ପା ବନାରସ ଫେରିଗଲା । ବର୍ତ୍ତମାନ ସବୁଥର ପରି ଗ୍ରୀଷ୍ମ ନିବାସକୁ ଯିବାପାଇଁ ପ୍ରୋଗ୍ରାମ ହେଲା । ଘରର ସମସ୍ତେ ନୈନିତାଲ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ । କମାଲ ତାର ଖୁଡ଼ୀଙ୍କ ନିମନ୍ତ୍ରଣ ରକ୍ଷାକରି ମସୌରୀ ଚାଲିଗଲା ।

ଜୁଲାଇରେ ପୁଣି ସମସ୍ତେ ପାହାଡ଼ରୁ ପ୍ରତ୍ୟାବର୍ତ୍ତନ କଲେ । 'ଗୁଲଫିଶାଁ'ର କବାଟ ଖୋଲିଗଲା । ପୂର୍ବେଇ ପବନରେ ବଗିଚାର ଗଛଗୁଡ଼ିକ ମର୍ମର ଧ୍ୱନି ଆରମ୍ଭ କରିଦେଇଛନ୍ତି । ଦିନେ ଅଚାନକ ଖାଇସାହେବ ଆସି ପହଞ୍ଚିଗଲେ । ତିନି ଦିନ ସେ 'ଗୁଲଫିଶାଁ'ରେ ରହିଲେ ଓ ତିନିଦିନଯାକ ସେ ନିଜ କୋଠିରେ ବସିରହିଲେ । ପ୍ରତ୍ୟାବର୍ତ୍ତନର ଗୋଟିଏ ଦିନ ପୂର୍ବରୁ ସେ ଆମ୍ମା ବେଗମଙ୍କ କୋଠରିକୁ ଗଲେ ।

"ଅଭିନନ୍ଦନ ଗ୍ରହଣ କରନ୍ତୁ ! ଆପଣଙ୍କ ଝିଅ ଏମ୍. ଏ. ପାସ କଲା ।" ସେ ପଲଙ୍କ ବାଡ଼ରେ ବସି ବଡ଼ ଶାନ୍ତ ସ୍ୱରରେ କହିଲେ, "ମୋର ବିଚାରରେ ଆପଣ ତାକୁ ବାହା କରେଇ ଦେବା ଉଚିତ ।"

"କାହା ସହିତ ?" ଆମ୍ମା ବେଗମ୍ ଟିକିଏ ତୀବ୍ର ସ୍ୱରରେ ପଚାରିଲେ ।

"ମୋ ସହିତ, ଆଉ ପୁଣି କାହା ସହିତ ହେବ ?" ସେ ମଧ୍ୟ ତୀବ୍ର କଣ୍ଠରେ ଉତ୍ତର ଦେଲେ ।

"ତୁମକୁ କଣ ବାରୁ ଏଇ କଥା କହିବାକୁ ଟିକିଏ ଲାଜ ଲାଗୁନି ? ଚାରି ଝିଅକୁ ଛାଡ଼ି ଅନ୍ୟ ଝିଅ ପାଲରେ ପଡ଼ିଗଲ ? ଆମେ ଯେଉଁଆଡ଼େ ଯାଉଛୁ ସମସ୍ତେ ଥଟ୍ଟା ପରିହାସ କରୁଛନ୍ତି !"

"ଆପଣ ଏକଥା କିପରି ସ୍ଥିର କରିନେଲେ ଯେ ମୁଁ ମୋ ପ୍ରତିଶ୍ରୁତି ଭଙ୍ଗ କରିଛି ! ମୁଁ ପାଳପୋଷିକରି ଏଇଥିପାଇଁ ଏଇ ଘରେ ମଣିଷ ହୋଇଛି ଯେ ତହମୀନା ବେଗମ୍‌ର ସ୍ୱାମୀ ବୋଲି ପରିଚିତ ହେବି । ବର୍ତ୍ତମାନ ମୁଁ ଏତେ କୃତଘ୍ନ ନୁହେଁ ଯେ ଆପଣଙ୍କ କନ୍ୟାକୁ ଠକି ଦେଇ ଚାଲିଯିବି ।" ଏତିକି କହି ସେ ବାହାରକୁ ଚାଲିଗଲେ ।

ସୋସନ ଯାଇ ତହମୀନାକୁ କହିଲା—"ନ୍ନିଅ, ଆମେ ତ ଇମାନବାଦୀକୁ ଡାକିବାକୁ ଯାଉଛୁ ଗୀତଗାଇବାପାଇଁ । କିଛି କଣ ଶୁଣିନାହିଁ ତୁମେ, ତୁମର ବିବାହ ହେଉଛି ।"

"ସୋସନ, ତମେ ଯାଇ ସମସ୍ତଙ୍କୁ କହିଦିଅ ଯେ ସମଗ୍ର ସୃଷ୍ଟି ପ୍ରଳୟ ହୋଇଯାଉ ପଛେ, କଦାପି ମୁଁ ଖାଇସାହେବଙ୍କୁ ବିବାହ କରିବି ନାହିଁ ।"

Digitized by PPRACHIN, SOA

ଏତକ କହି ତହମୀନା କାନ୍ଦିବାକୁ ଲାଗିଲା । ଯୋସନ କିଂକର୍ତ୍ତବ୍ୟବିମୂଢ଼ ହୋଇ ଛିଡ଼ା ହୋଇଗଲା ।

ପୁଣି ସାରା ଘରେ 'ଇମରଜେନ୍‌ସି' ଘୋଷଣା କରିଦିଆହେଲା । ଚତୁର୍ଦ୍ଦିଗକୁ ଫୋନ୍ ଓ ଟ୍ରଙ୍କ୍‌କଲ ହେଲା । କମାଲକୁ ମଟ୍ଟେଇଗ୍ରି ତାର କରିଦିଆଗଲା ଯେ, ସେ ଭଉଣୀକୁ ଆସି ବୁଝାଉ । ପ୍ରତ୍ୟେକେ ନିଜ ନିଜ ପ୍ରାଣପଣେ ତହମୀନାକୁ ବୁଝାଇବାକୁ ଲାଗିଲେ ।

କିନ୍ତୁ ତହମୀନାର ସେଇ ଗୋଟିଏ 'ନାଁ' ପରେ ତାହା ଆଉ 'ହଁ' ହୋଇ ପାରିଲା ନାହିଁ ।

କମାଲ ମଟ୍ଟେଇଗ୍ରିରୁ ଫେରି ଘରର ଏଇ କାଣ୍ଡ ଦେଖିଲା । ତାପରେ ସେ ଚମ୍ପା ସହିତ ଦେଖା କରିବା ପାଇଁ କୈଳାସ ଗଲା । ସେଇଠି ଜାଣିଲା ଯେ ଚମ୍ପା ବର୍ତ୍ତମାନ ତାର ମାମୁଁଙ୍କ ଘରେ ରହୁଛି; ଆସନ୍ତା ସପ୍ତାହରେ ହଷ୍ଟେଲକୁ ଆସିବ । ଚମ୍ପା ପାଖକୁ ଆସି ପହଁଞ୍ଚିବାବେଳେ ଖାଇସାହେବଙ୍କ ଭେଟ ହୋଇଗଲା ! ଜଣାନାହିଁ, ଚମ୍ପାକୁ ସେ କଣ କହିବାକୁ ଯାଇଥିଲେ । ସେ ସଙ୍ଗେ ସଙ୍ଗେ ଉଠି ଚାଲିଗଲେ । ସେହି ଦିନ ସେ ମାଡ୍ରାସ ଅଭିମୁଖେ ବାହାରିଗଲେ ।

ଧୀରେ ଧୀରେ ସ୍ଥିତି ପୁଣି ନର୍ମାଲକୁ ଆସିଗଲା । ଚମ୍ପା ପୂର୍ବପରି ତାର ବନ୍ଧୁମେଳରେ ମିଳିମିଶି ରହିଲା । ଏହି ଝିଅ ଦୁଇଜଣ ପରସ୍ପର ମଧ୍ୟରେ ଭଲ ସଂପର୍କ ରଖି ନିଜର ବନ୍ଧୁତ୍ୱକୁ ଦୃଢ଼ ରଖିଲେ । ଭୁଲରେ ମଧ୍ୟ କଦାପି ଖାଇସାହେବଙ୍କ କଥା ଏମାନଙ୍କ ଭିତରେ ପ୍ରତିବନ୍ଧକ ହେଲା ନାହିଁ । ଉଭୟେ ନିଜ ନିଜ ସ୍ଥିତିରେ ବୁଝିଥିଲେ ଯେ ଆମେ ବହୁତ ଗମ୍ଭୀର ଓ କୌଶଳୀ ତରୁଣୀ । କଣ କେଉଁ କାଳର ଝିଅ ହୋଇଛୁ ଯେ ଭାବୁକତାର ସ୍ରୋତରେ ପଡ଼ି ଭାସିଯିବୁ !

୨୬

ଦୁର୍ଭିକ୍ଷ ସହାୟତା କାର୍ଯ୍ୟ ଉପଲକ୍ଷେ କମାଲ କଲିକତା ଯିବାକୁ ବାହାରିବାବେଳେ ଭଉଣୋଇଙ୍କର ପତ୍ର ମିଳିଲା । ଲାଜ ବିବାହର ଏକବର୍ଷ ହୋଇ ସାରିଛି । ସେ ତାର ସ୍ୱାମୀସହ ନୂଆଦିଲ୍ଲୀରେ ଥିଲା । ସେଇଠି ଭଉଣୋଇ ସରକାରଙ୍କ କୌଣସି ବିଭାଗର ଅଣ୍ଡର ସେକ୍ରେଟାରୀ ଥିଲେ । ବର୍ତ୍ତମାନ ନିର୍ମଳାର ବିବାହ କଥା ଚଳନ୍ତା କରା-ଯାଉଥିଲା । ଭଉଣୋଇ ଲେଖିଥିଲେ—ତୁମେ କଲିକତା ଯାଉଛ । ସାର୍ ଧାପନାରାୟଣଙ୍କ

Digitized by PPRACHIN, SOA

ପୁଅ ଗୌତମ ମଧ୍ୟ ଆଜକାଲ୍ ସେଠି ରହୁଛି । ମୁଁ ଭାବୁଛି ତା ସହିତ ନିର୍ମଳାର ବିବାହ ପ୍ରସ୍ତାବ ପକାଇବା ପାଇଁ । ସେ ବି ତୁମ ବଙ୍ଗଳା ରିଲିଫ୍ କାର୍ଯ୍ୟରେ ସେଠାକୁ ଯାଇଛି କିମ୍ବା ବିଶ୍ୱଭାରତୀରେ କିଛି କରୁଛି । ଯାହା ବି ହେଉ ତୁମେ ତା ସହିତ ଟିକିଏ ସାକ୍ଷାତ କରିବ ଓ ଦେଖିବ କେଉଁ ଢଙ୍ଗରଙ୍ଗର ପିଲା । ତା'ଠାରେ କିଛି ଗମ୍ଭୀରତା ଅଛି ନାଁ ତମମାନଙ୍କପରି 'ବୋହେମିୟାନ୍' ?

କମାଲ ଚିଠିଟାକୁ ପକେଟରେ ରଖିନେଲା—ଅଜବ ମଣିଷ ଗୋଟିଏ 'ଜାଜାଙ୍ଗ' (ଭଣୋଇ) । ଦେଶରେ ମଣିଷ ପୋକମାଛିପରି ମରୁଛନ୍ତି, ଦେଶ ଧ୍ୱଂସ ଆଡ଼କୁ ଯାଉଛି; ଇଏ ବିବାହ ଶୁଭପରିଣୟ ଧନ୍ଦାନେଇ ବସିଛନ୍ତି । (ସେ ଥିଲା ଜଣେ ହିନ୍ଦିସ୍ତ ଷ୍ଟୁଡ଼େଣ୍ଟ ଓ୍ୱାର୍କର୍ ଓ ତହମୀନା ଆଉ ଭାଇସାହେବଙ୍କ ବିବାହ ସମସ୍ୟା ନେଇ ସେ ଅସମ୍ଭବଭାବେ ବୋର୍ ହୋଇସାରିଥିଲା)—ମୁଁ କଲିକତାରେ ଦୁର୍ଭିକ୍ଷ-ପୀଡ଼ିତ ମନୁଷ୍ୟମାନଙ୍କ ଶବ ଉଠେଇବି ନା ନିର୍ମଳ ସାହେବାଣୀ ପାଇଁ ବର ଖୋଜାଖୋଜି କରିବି—ସେ ବ୍ୟସ୍ତତା ପ୍ରକାଶକରି ଭଲ୍‌ଅଉକୁ କହିଲା । ତଥାପି କର୍ତ୍ତବ୍ୟ ସ୍ୱରୂପ ସେଇ ବାବୁଙ୍କ ଠିକଣା ନୋଟ୍ କରିନେଲା । ଠିକଣା ଜାଜାଙ୍ଗ ଚିଠିରେ ଲେଖିଥିଲେ । ପରେ କମାଲ୍ ଗସ୍ତରେ ବାହାରିଗଲା । ତା ସହିତ ୟୁନିଭରସିଟିର ବହୁତ ଛାତ୍ରଛାତ୍ରୀ ଥିଲେ । ରାସ୍ତାସାରା ଏମାନେ ଇକବ୍‌ୱାଲ୍, ଜୋଶ୍, ଟାଗୋର ଓ ନଜରୁଲ୍ ଇସଲାମ୍‌ଙ୍କ ଉନ୍ମାଦନାଭରା ସଙ୍ଗୀତ ଗାଇ ଗାଇ ଗଲେ । ଟ୍ରେନର ଝରକା ଦେଇ ଦେଖୁଥିଲା ମାତୃଭୂମିର ସୁନେଲି ଶସ୍ୟଭରା କ୍ଷେତ । ଆଉ ଭାବୁଥିଲା—ଏଇ ମୋର ଦେଶ—ଏଇ ମୋର ଦେଶ । ଦେଶଭକ୍ତି, କ୍ରାନ୍ତି, ରାଷ୍ଟ୍ରୀୟ ଭାବନା ଓ ବିଦେଶୀ ସରକାର ବିରୁଦ୍ଧରେ କ୍ରୋଧ ଓ କ୍ଷୋଭପୂର୍ଣ୍ଣ ଭାବନା ତାର ହୃଦୟରେ ଏକ ଆଶ୍ଚର୍ଯ୍ୟଜନକ ସ୍ଥିତି ସୃଷ୍ଟି କଲା ।

ଗଙ୍ଗାକୂଳରେ ଗୋଟିଏ ଖୁବ୍ ସୁନ୍ଦର ଜଙ୍କର ଷ୍ଟେସନରେ ଟ୍ରେନ୍ ଅଟକିଲା । ଛାତ୍ରମାନେ ଝରକାଦେଇ ବାହାରକୁ ଦେଖିବାକୁଲାଗିଲେ । ଚତୁର୍ଦ୍ଦିଗରେ ପୁଷ୍କରିଣୀ ଓ ଶସ୍ୟଶ୍ୟାମଳା କ୍ଷେତ ଓ ବାଉଁଶ ଗଛ ବୁଦା । ଅଦୂରରେ ସୂର୍ଯ୍ୟ ଗଙ୍ଗାର ଲହରି ମଧ୍ୟରେ ଅସ୍ତ ହୋଇଆସୁଥିଲେ । ଷ୍ଟେସନ ପାଖେ ଦୁଇଟି ପାଲିଙ୍କି ଛିଡ଼ା ହୋଇଥିଲା, ପ୍ଲାଟଫର୍ମରେ ଗାଉଁଲି ଲୋକ ଦଳବଦ୍ଧଭାବେ ଠିଆହୋଇଥିଲେ । ସେମାନେ ଶୃଙ୍ଖଳ ସନ୍ଧାନରେ କଲିକତା ଯିବାପାଇଁ ଟ୍ରେନ ଭିତରକୁ ଠେଲପେଲ ହୋଇ ଚଢ଼ିଲେ । ପ୍ଲାଟଫର୍ମର ଅନ୍ୟ ଦିଗରେ ସାମନାକୁ ସୈନିକମାନଙ୍କ ଟ୍ରେନ ଛିଡ଼ା ହୋଇଥିଲା ।

"ଯେ ପର୍ଯ୍ୟନ୍ତ ମିଲିଟାରୀ ଟ୍ରେନ ଚାଲି ନଯାଇଛି ସେ ପର୍ଯ୍ୟନ୍ତ ଆପଣଙ୍କ ଟ୍ରେନ ଛାଡ଼ିବ ନାହିଁ",—ଜଣେ ଗାର୍ଡ଼ କମାଲକୁ କହିଲେ ।

"ମାନେ ?"

Digitized by PPRACHIN, SOA

"ବୋଧେ ଗୁର ପାଞ୍ଚଘଣ୍ଟା ଲେଟ୍ ହେବ ଏଇ ଟ୍ରେନ୍, ବର୍ତ୍ତମାନ ଓ୍ୱାର୍ ଟାଇମ ମହାଶୟ ।"

ତରୁଣତରୁଣୀମାନେ ପ୍ଲାଟଫର୍ମ ଉପରକୁ ଓହ୍ଲେଇ ଆସିଲେ । କମାଲ୍ ଓ ତାହାର ସାଥୀ ବର୍ତ୍ତମାନ ଗାଇ ଗାଇ ଥକିଲେଣି; କିନ୍ତୁ ଟ୍ରେନ ଛାଡ଼ିବାର ନାଁଗନ୍ଧ ନାହିଁ ।

ହଠାତ୍ ରେଖା ଚିତ୍କାର କରି ଗୋଟାଏ ଦିଗକୁ ଦୌଡ଼ିଲା ! ତା ପଛେ ପଛେ ସାଥୀମାନେ ମଧ୍ୟ ଦୌଡ଼ିଲେ । ପ୍ଲାଟଫର୍ମର ଗୋଟିଏ ମୁଣ୍ଡରେ ଗୃହୀମାନଙ୍କର ଗୋଟିଏ ଗ୍ରେଟିଆ ଦଳ ଦୁଃଖରେ ମ୍ରିୟମାଣ ହୋଇ ବସି ରହିଥିଲେ । ଅଳ୍ପ ଉଚ୍ଚ, କଳା ଦାଢ଼ିବାଲ୍ ଜଣେ ଯୁବକ ମରିକରି ପଡ଼ିଥିଲା । ତାହାର ପତ୍ନୀ—ଶ୍ୟାମଳବର୍ଣ୍ଣା, କ୍ଷୀଣାଙ୍ଗୀ ତରୁଣୀ, ମୁଣ୍ଡରେ ହାତ ପିଟି ପିଟି କାନ୍ଦୁଥାଏ । ତା ସହିତ ଗ୍ରେଟ ପିଲା ଦୁଇଟି ମଧ୍ୟ ବିକଳ ହୋଇ ଚିତ୍କାର କରୁଥାନ୍ତି ।

"କମାଲ !" ନରେନ୍ଦ୍ର ଡାକିଲା—"ଆମର ଶବ ଉଠାଇବା କାର୍ଯ୍ୟ ଏଇଠାରୁ ଆରମ୍ଭ ହୋଇଗଲା ।"

କୋହ ମଧ୍ୟଦେଇ ତରୁଣୀଟି ବଙ୍ଗଳାରେ କହିଲା ଯେ ସେ ଓ ତାହାର ପତି ଅବଦୁଲ ମୋନସୁର ଅନ୍ନ ସନ୍ଧାନରେ କଲିକତା ଯାଉଥିଲେ । ଗୋଟିଏ ସପ୍ତାହ ହେଲା ସେମାନେ କିଛୁ ଖାଇନଥିଲେ । ସୈନିକ ଟ୍ରେନରୁ ଫିଙ୍ଗାଯାଇଥିବା ଦୁଇଟି ବିସ୍କୁଟ ଓ କେତେଖଣ୍ଡ ପାଉଁରୁଟି ସେମାନେ ଜମା କରିଥିଲେ ଏବଂ ତାହା ନିଜ ପିଲାମାନଙ୍କୁ ଖୁଆଇ ସାରିଥିଲେ । ଏତିକି କହି ସେ ବି ପ୍ଲାଟଫର୍ମ ଉପରେ ଶୋଇଗଲା ଏବଂ ସମସ୍ତଙ୍କ ସାମନାରେ ତାର ପ୍ରାଣ ଚାଲିଗଲା ।

ଏଙ୍ଗ୍ଲୋ ଇଣ୍ଡିଆନ୍ ଷ୍ଟେସନ ମାଷ୍ଟର ତାହାର ନିକଟକୁ ଆସିଲା—"ଆପଣମାନେ ଏଠାରେ କାହିଁକି ଜମା ହୋଇଛନ୍ତି ? ଆଜିକାଲି ପ୍ରତ୍ୟେକ ଦିନ ଶହେ ପଚାଶ ମଣିଷ ଏଇ ପ୍ଲାଟଫର୍ମ ଉପରେ ମରୁଛନ୍ତି । ଆମେ କାହା କଥା ଚିନ୍ତା କରିବୁ ? ଏଇଟା ରେଲୱେ ଷ୍ଟେସନ; ହସପିଟାଲ ନୁହେଁ । ଏଇ ବଙ୍ଗାଳୀ ସବୁବେଳେ ଭେକିଲ—ଭେକିଲ ବଙ୍ଗାଳୀ । ଆପଣ କାହିଁକି ଚିନ୍ତା କରୁଛନ୍ତି ?"

"ଏଠାକାର କବରଖାନାଟା କେଉଁଠାରେ ?" କମାଲ ରାଗରେ ଓଠଚୁପି ପଚାରିଲା ।

"ମତେ ଜଣାନାହିଁ । କାହିଁକି ଆପଣ କଣ ଏଇ ଲୋକମାନଙ୍କ ପାଇଁ କବର ଖୋଳିବେ ?—ଦ୍ୟାଟ ଇଜ ଭେରି ଫନି(That is very funny)।" ତରୁଣମାନେ କବରଖାନା ଓ କୌଣସି ମୌଲବୀଙ୍କର ସନ୍ଧାନରେ ଲୋକବସତିଆଡ଼େ ଆଗେଇଲେ । କମାଲ ଶବ ନିକଟରେ ବସିରହିଲା । ପ୍ଲାଟଫର୍ମର ସେଇ ଅଂଶ ଅନ୍ଧକାରାଚ୍ଛନ୍ନ ଥିଲା ।

Digitized by PPRACHIN, SOA

ପବନ ବାଉଁଶ ବୁଦାରେ ସାଇଁ ସାଇଁ କଲା । କମାଲ୍ ନିଜେ ନେଇଥିବା କିନ୍‌ଭାସର ବ୍ୟାଗରୁ ଗୋଟିଏ ଚଦର ବାହାରି କରି ଏଇ ଶବ ଦୁଇଟି ଉପରେ ବିଛାଇ ଦେଲା । ଲାଲ ଶାଢ଼ୀପରିହିତା ଆମିନା ବିବି ଓ ଅବଦୁଲ୍ ମୋନସୁର ଦୁହେଁ ସେଇ ଗୋଟିଏ ଚଦର ତଳେ ଲୁଚିଗଲେ । କେତେ ପାଦ ଦୂରରେ ଗଙ୍ଗା ପ୍ରବାହିତ ହେଉଥିଲା । ତାହାର ଲହରି ଉପରେ ଗୋଟିଏ ଏକୁଟିଆ ନୌକା ଚାଲୁଥିଲା । ନୌକା ଉପରେ ପ୍ରଦୀପ ଜଳୁଥିଲା, ଆଉ କିଏ ଜଣେ ଖୁବ୍ ଦରଦଭରା କଣ୍ଠରେ ଖୁବ୍ ହୃଦୟସ୍ପର୍ଶୀ ଭାଟିଆଲୀ ଗୀତ ଗାଇ ଚାଲିଥିଲା । ଗୀତର ଅର୍ଥ କମାଲ୍ ଭଲଭାବରେ ବୁଝି ପାରିଲା ନାହିଁ । ଗଛଗୁଡ଼ିକ ନିକଟରେ ଲର୍ଡ଼ କର୍ଣ୍ଣୱାଲିସ୍‌ଙ୍କ ଅମଳରେ ନିର୍ମିତ ଉଚ୍ଚ ହଳଦିଆ ପାହାଚ ଓ ଜାଲିଦାର ବାରଣ୍ଡାଯୁକ୍ତ ଜିଲା କଲେକ୍‌ଟରଙ୍କ ସୁଦୃଶ୍ୟ ପ୍ରାସାଦ ଥିଲା । ତାଠାରୁ ସାମାନ୍ୟ ଦୂରରେ ଜିଲ୍ଲାର ସବୁଠାରୁ ବଡ଼ ଜମିଦାର ରାଜା ଗିରୀଶଚନ୍ଦ୍ର ରାୟଙ୍କ ପ୍ରାସାଦ ରହିଥିଲା । ସେଠାରେ ରେଡ଼ିଓ ବାଜୁଥିଲା । ପାଣିର ନିରବତା ଭେଦକରି ଭାସିଆସୁଥିବା ବି. ବି. ସି. ଲାଇଟ୍ ପ୍ରୋଗ୍ରାମର ଧ୍ୱନି ଏପର୍ଯ୍ୟନ୍ତ ସ୍ପଷ୍ଟରୂପେ ଶୁଭୁଥିଲା । କମାଲର ହୃଦୟ ବ୍ୟଥିତ ହେଲା । ଆଖି ବନ୍ଦ କଲା ସେ । ଏହା ଥିଲା ରବୀନ୍ଦ୍ରନାଥ, ସରୋଜିନୀ ଦେବୀ ଓ ଶରତଚନ୍ଦ୍ରଙ୍କର ପ୍ରିୟ ଦେଶ; ଉପନ୍ୟାସକାର ଓ କବିଗଣଙ୍କର ପ୍ରିୟ ବିଷୟ !

ଆମେସବୁ ବିଭିନ୍ନ ପ୍ରକାର ପୁସ୍ତକର ବିଷୟବସ୍ତୁ । ଇତିହାସର ପ୍ରକରଣ, ଶବ୍ଦ, ତଥ୍ୟ, ରିପୋର୍ଟ, କଂଗ୍ରେସ ଓ ମୁସ୍‌ଲିମ୍ ଲିଗର ଭାଷଣ, କମ୍ୟୁନିଷ୍ଟ ପାର୍ଟିର ମ୍ୟାନିଫେଷ୍ଟୋ । ଗତ ସପ୍ତାହରେ ଡକ୍‌ଟର ଅସରଫ୍ କହୁଥିଲେ ଯେ ଦେଶର ସ୍ୱାଧୀନତା ଦାବୀ ଠିକ୍ ଲେନିନଙ୍କ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ । ପାକିସ୍ଥାନ—ତେବେ କଣ ? ଯିଏ ମୁସଲମାନ ସିଏ ଅଟୋମେଟିକ ଭାବେ ପାକିସ୍ଥାନୀ ହୋଇଯିବ ? ନା ଆଉ କଣ ହେବ ? ଲେନିନ୍, ଷ୍ଟାଲିନ୍, ଗର୍କୀ, ଡକ୍‌ଟର ଅସରଫ୍, ସଜ୍ଜାଦ ଜହୀର, ଜିନ୍ନା ସାହେବ, ମହାତ୍ମା ଗାନ୍ଧି, ପଣ୍ଡିତଜୀ······

କମାଲର ମୁଣ୍ଡରେ ଘଟଣା, ନାମ ଓ ବ୍ୟକ୍ତିତ୍ୱର ଶୋଭାଯାତ୍ରା ଚକ୍କର କାଟିଲା । ସାରା ଦୁନିଆର କେନ୍ଦ୍ରବିନ୍ଦୁ ଏହି ସମୟରେ ଥିଲା ଶବ ଦୁଇଟି । ସମସ୍ତ ଘଟଣା ଓ ସିଦ୍ଧାନ୍ତର ଖିଅ ଆସି ଛନ୍ଦିହୋଇଯାଏ ଏଇ କେନ୍ଦ୍ରବିନ୍ଦୁରେ—ଆମିନା ବିବି ଓ ଅବଦୁଲ୍-ମୋନସୁର—ଦୁଇଟି ଶବ ।

ପରଦିନ ପ୍ରଭାତରୁ ସେମାନେ ସମସ୍ତେ ପୁଣି ଯାତ୍ରା ଆରମ୍ଭ କରିଦେଲେ । ସନ୍ଧ୍ୟାରେ ଟ୍ରେନ ହାବଡ଼ାରେ ପହଞ୍ଚିଲା । ଯୁବକଯୁବତୀଗଣ ନିଜ ନିଜ ରହିବା ସ୍ଥାନ ଅଭିମୁଖେ ଚାଲିଗଲେ । ପ୍ରମୋଦ କୁମାରଙ୍କ ଘରେ ସମସ୍ତଙ୍କର ଏକତ୍ରିତ ହେବାର ସ୍ଥାନ ଥିଲା । ସେହି ସ୍ଥାନରେ ପରବର୍ତ୍ତୀ ଦିନରେ ସମସ୍ତେ ଏକତ୍ରିତ ହେବାପାଇଁ ସ୍ଥିର ହୋଇଥିଲା । କମାଲ

Digitized by PPRACHIN, SOA

ମାଣିକତାଲ୍ଆଡ଼େ ଅଗେଇଲା, ଯେଉଁଠି ତାର ମାମୁଁ 'ମାଟିଆ ବୁରୁଜୁବାଲ ନବାବ' ରହୁଥିଲେ ।

ମାଣିକତାଲର ଏକ ଜୀର୍ଣ୍ଣ ପ୍ରାସାଦର ଫାଟକ ପାଖରେ ଗୋଟିଏ ଘୋଡ଼ାଗାଡ଼ି ଆସି ଅଟକିଲା । ଏହି ପ୍ରାସାଦର ସ୍ଥାପତ୍ୟ ଓ ଶୈଳୀ ଥିଲା କମ୍ପାନୀଯୁଗୀୟ । ଏପ୍ରକାର ପ୍ରାସାଦ କଲିକତାର ସ୍ଥାନେ ସ୍ଥାନେ ଦେଖାଯାଏ । ବଡ଼ ବଡ଼ ହଳଦିଆ ରଙ୍ଗର ପାହାଚ, ଓସାରିଆ ବାରଣ୍ଡା ଓ କବାଟ ଉପରେ ଭେନେସିଆନ୍ ଜାଲି । ଭିତରେ କୋଠରୀ ମଧ୍ୟରେ ସୁନେଲି ଫ୍ରେମର ଇଂରେଜୀ ଦୃଶ୍ୟର ଚିତ୍ର ଲଗିଥିଲା । କାଶ୍ମୀରୀ କାରୁକାର୍ଯ୍ୟର ପର୍ଦ୍ଦା । ଭିତରେ ଚୀନା ପାତ୍ର ସଜା ହୋଇଥିଲା । ବାହାର ଉଦ୍ୟାନରୁ ଫୁଲର ମହକ ଆସୁଥାଏ ।

ଉପର ମହଲରୁ ଝିଅମାନେ ପାଟିକରି ଉଠିଲେ, "ଆରେ କମ୍ପନ୍ ଭାଇ ଆସିଗଲେ ଲକ୍ଷ୍ନୌରୁ ।" ସାରାଘରେ ପାଟିତୁଣ୍ଡ ଖେଳିଗଲା । ଚାକର ଚାକରାଣୀ ବାହାରକୁ ଦୌଡ଼ିଲେ । ନବାବ ସାହେବ ଭଣଜାଙ୍କୁ ସ୍ୱାଗତ ଜଣାଇବାପାଇଁ ଆରାମ ଚଉକିରୁ ଉଠି ଆସିଲେ ।

ଏଇ ପ୍ରାସାଦ ପଚିଶ-ପଞ୍ଚାବନ ବର୍ଷତଳେ ଦତ୍ତ ପରିବାରଠାରୁ ମାଟିଆବୁରୁଜୁବାଲ ନବାବ କମାଲ୍ ରଜା ବାହାଦୁରଙ୍କ ଶ୍ରେଷ୍ଠ ଭିଣୋଇ କିଣିନେଇଥିଲେ । ଦିନେ ଏଇଠି ବଡ଼ ଧୁମ୍‌ଧାମ୍‌ରେ ବ୍ରାହ୍ମ ସମାଜର ଉତ୍ସବ ପାଳିତ ହେଉଥିଲା । ଉପର ମହଲର ଗୋଟିଏ କୋଠରୀରେ ଏପର୍ଯ୍ୟନ୍ତ ଦତ୍ତ ପରିବାର ଲୋକଙ୍କର ପୁରୁଣା ଫିକା ଚିତ୍ର ଲଗିଥିଲା । ଗ୍ରୁପ ଫଟୋଗ୍ରାଫ୍; ସେଥିରେ ମହର୍ଷୀ ଦେବେନ୍ଦ୍ର ନାଥ ଠାକୁର ମଝିରେ ବସିଥିଲେ । ସେହି କୋଠରୀର ଗୋଟିଏ ପାର୍ଶ୍ୱରେ ଶଙ୍ଖ-ମର୍ମରର ବେଦୀଟିଏ ଥିଲା । ଶୁଣାଯାଏ ଏଇଠି ବସି ହାରମୋନିୟମରେ ଗୀତ ଗାଉଥିଲେ ଗୃହସ୍ୱାମୀ । ଲକ୍ଷ୍ନୌର କ୍ୟାନିଙ୍ଗ କଲେଜର ପ୍ରଫେସର ମନୋରଞ୍ଜନ ଦତ୍ତଙ୍କ ଦେହାନ୍ତ ପରେ ତାଙ୍କ ସନ୍ତାନମାନେ ଏହି ପ୍ରାସାଦ ବିକ୍ରୟ କରି ବାଲିଗଞ୍ଜରେ ଏକ ବିରାଟ ପ୍ରାସାଦ ନିର୍ମାଣ କରିଥିଲେ । ତାଙ୍କ ସନ୍ତାନମାନଙ୍କ ମଧ୍ୟରୁ ଏବେ କିଏ ଆଇ. ସି. ଏସ୍. ଅଫିସର ଥିଲେ ଓ କିଏ କମ୍ୟୁନିଷ୍ଟ ଲିଡ଼ର୍ । ତାଙ୍କ ଝିଅମାନେ ବିଶେଷଭାବେ ୟୁରୋପରେ ଶିକ୍ଷାଲାଭ କରୁଥିଲେ । ବାବୁ ମନୋରଞ୍ଜନ ଦତ୍ତଙ୍କର ଏକ କନ୍ୟାର ବିବାହ ଚଟ୍ଟଗ୍ରାମର ପାହାଡ଼ୀ ରାଜ୍ୟର ଜଣେ ରାଜାଙ୍କ ସହିତ ସମ୍ପାଦିତ ହୋଇଥିଲା ।

Digitized by PPRACHIN, SOA

ବର୍ତ୍ତମାନ ପ୍ରାସାଦର ମାଲିକ ଥିଲେ ଲକ୍ଷ୍ନୌର ବଗଡ ନବାବ । ଭଡ଼ା ପାଉଥିଲେ ଓ କଲିକତାରେ ରହୁଥିଲେ । ସେ ଲୋକମାନଙ୍କର ବଞ୍ଚିରହିବା କେବଳ ଏକମାତ୍ର ଧନ୍ଦା ଥିଲା ।

ନବାବ କମାଲ ରଜା ବାହାଦୁର୍ ସୁଲତାନେ ଆଲମ ଓ୍ୟାଜିଦ୍ ଅଲି ଶାହଙ୍କ ସହ ମାଟିଆବ୍ରୁଜ ଅସିଥିଲେ । ନବାବ ଅଲ୍ଲୀ ରଜା ବାହାଦୁର ତାଙ୍କର ସବୁଠାରୁ ଶ୍ରେଷ୍ଠ ଉଭଣୀଙ୍କର ପତି ଓ ଦାଦାପୁଅ ଭାଇ ଥିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ କଲିକତା ସମ୍ପୂର୍ଣ୍ଣ ମନ୍ତ୍ରମୁଗ୍ଧ ସହର ଥିଲା । ସେଠାରେ ଥିଲା ଅଗଣିତ କଲେଜ, ପ୍ରେସ ଓ ସମ୍ବାଦପତ୍ର । ନୂତନ ବଙ୍ଗଳା ଉପନ୍ୟାସଗୁଡ଼ିକରେ ହିନ୍ଦୁ ସଂସ୍କୃତିର ନବୋତ୍ଥାନ୍ ପାଇଁ ପ୍ରଚାର କରାଯାଉଥିଲା । ଦେଶର ଚାରିଆଡ଼େ ରାଜନୈତିକ ଓ ସାଂସ୍କୃତିକ ଆନ୍ଦୋଳନର ଚର୍ଚ୍ଚା ହେଉଥିଲା; କିନ୍ତୁ ନବାବ ଅଲ୍ଲୀ ରଜା ବାହାଦୁରଙ୍କୁ ଏଇ ସବୁ ଧନ୍ଦା ପସନ୍ଦ ନଥିଲା । ଆଲୀଗଡ଼ରେ ଏମ. ଏ. ଓ. କଲେଜ ଖୋଲିଯାଇଥିଲା; କିନ୍ତୁ ନବାବ ସାହେବ ଇଂରେଜୀ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିନଥିଲେ । ତାଙ୍କର ସମସ୍ତ ସମୟ ଲକ୍ଷ୍ନୌ, ଦିଲ୍ଲୀ ଓ ଅଜିମାବାଦର ସାହିତ୍ୟିକ ଓ କାବ୍ୟିକ ପରିବେଶ ମଧ୍ୟରେ ବ୍ୟୟିତ ହେଉଥିଲା । ରାଜକୀୟ ଭଡ଼ା ଆମଦାନୀ ଯୋଗୁଁ ସମସ୍ତ ନିଶ୍ଚିନ୍ତତାରେ ଅତିବାହିତ ହେଉଥିଲା । ମଥା ଉପରେ ବ୍ରିଟେନ୍‌ର ଛତ୍ରଛାୟା ଥିଲା ।

ସେତିକିବେଳେ ତାଙ୍କ ଖାନଦାନରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ନବାବ ଅଲ୍ଲୀ ରଜାଙ୍କ ଯୋଡ଼ି କୋଠି ଲକ୍ଷ୍ନୌରେ ରହୁଥିଲେ, ସିଏ ତାଙ୍କର ବଡ଼ପୁଅକୁ ଆଲିଗଡ଼କୁ ପଠେଇଦେଲେ ।

ନବାବ ଅଲ୍ଲୀ ରଜାଙ୍କର ଦ୍ୱିତୀୟ ଜାମାତା ପାଟନାରେ ରହୁଥିଲେ । ସେ ମଧ୍ୟ ଜଣେ ସ୍ୱାଧୀନଚେତା ପ୍ରଗତିଶୀଳ ବ୍ୟକ୍ତିରୂପେ ପରିଗଣିତ ହେଲେ । ପାଟନାରେ ଆଇନର ଚର୍ଚ୍ଚା ଅତ୍ୟଧିକ ହେଉଥାଏ ।

ନବାବ ଅଲ୍ଲୀ ରଜାଙ୍କର ଲକ୍ଷ୍ନୌସ୍ଥିତ ଜାମାତା ଇଂରାଜୀ ତାଲିମ ଲାଭ କରିଥିଲେ । ବର୍ତ୍ତମାନ ସେ ରାଜନୀତିରେ ମଧ୍ୟ ବିଶେଷ ଭାଗ ନେଲେ ଏବଂ କଂଗ୍ରେସରେ ଯୋଗ-ଦେଲେ । ବର୍ତ୍ତମାନ ତାଙ୍କର ଲକ୍ଷ୍ନୌସ୍ଥିତ ଗୋଲଗଂଜ ପ୍ରାସାଦ ଲାଲ ଭାଇମାନଙ୍କର ଆସରସ୍ଥଳୀରେ ପରିଣତ ହେଲା । ଏ ସମସ୍ତେ ସରକାରଙ୍କ ବିଶ୍ୱସ୍ତ ଲୋକ ଥିଲେ ଓ କେବଳ ରାଜନୈତିକ ସୁଯୋଗ ସୁବିଧା ଓ ସୋସିଆଲ ରିଫର୍ମ ଚାହୁଁଥିଲେ । ଅଗଣିତ ମୁସଲମାନ ଏହି ଆନ୍ଦୋଳନରେ ସମ୍ପୃକ୍ତ ହୋଇଥିଲେ ।

ହିନ୍ଦୁସ୍ଥାନରେ ମୁସଲମାନମାନଙ୍କ ରାଜନୈତିକ ସମସ୍ୟା ବିଶେଷ ଜଟିଳ ଆକାର ଧାରଣ କରୁଥିଲା । ହିନ୍ଦୁମାନେ ପ୍ରାୟ ଶହେ ବର୍ଷ ପାଖାପାଖି ଇଂରେଜୀ ଶିକ୍ଷାକୁ ଗ୍ରହଣ

Digitized by PPRACHIN, SOA

କରି ନେଇଥିଲେ । ମୁସଲମାନମାନଙ୍କ ଶାସନ କାଳରେ ସେମାନେ ଫାର୍ସୀ ପଢ଼ି ଶାସନ ପରିଚାଳନାରେ ଭାଗ ନେଇଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ଆସିଲେ; ସେତେବେଳେ ମଧ୍ୟ ହିନ୍ଦୁମାନେ ତୁରନ୍ତ ପରିସ୍ଥିତିସହ ନିଜକୁ ସଜାଡ଼ି ନେଲେ ଏବଂ ମୋଗଲମାନଙ୍କ କର୍ମଚାରୀ ପଲକମାତ୍ରେ ଇଷ୍ଟ ଇଣ୍ଡିଆ କମ୍ପାନୀର କ୍ଲର୍କରେ ପରିଣତ ହେଲେ । ବିଗତ ଶହେ ବର୍ଷରୁ ହିନ୍ଦୁମାନେ ପାଶ୍ଚାତ୍ୟ ଦର୍ଶନ ସ୍ୱୀକାର କରୁଥିଲେ । ମୁସଲମାନମାନଙ୍କୁ ଇଂରେଜମାନେ ସନ ୫୭ ଖ୍ରୀଷ୍ଟାବ୍ଦ ପରେ ସବୁପ୍ରକାରେ ଦମନ କରିଥିଲେ । ହିନ୍ଦୁମାନଙ୍କ ମଧ୍ୟରେ ଗୋଟିଏ ବୁର୍ଜୁଆ ଗୋଷ୍ଠୀ ଏଠାରେ ସୃଷ୍ଟି ହୋଇଥିଲେ ଓ ଲିଡରସିପ୍ ଏବଂ ଲିବରାଲ ରାଜନୀତି ପାଇଁ ଏମାନେ ପ୍ରସ୍ତୁତ ଥିଲେ । ମୁସଲମାନମାନେ କିନ୍ତୁ ସେତେବେଳେ ଫ୍ୟୁଡାଲ ଷ୍ଟେଜରୁ ଆଗକୁ ଆଗେଇ ନଥିଲେ ।

ଜମିଦାରବର୍ଗ ଓ ଇଂରେଜମାନଙ୍କର ସାମ୍ମୁଖ୍ୟ ଖୁବ୍ ସଫଳ ହୋଇଥିଲା । ବଙ୍ଗଳାରେ ମୁସଲମାନମାନଙ୍କ ଶାସନକାଳରେ ନିଷ୍କର ଜମି ଆୟରୁ ସ୍କୁଲଗୁଡ଼ିକ ଚାଲୁଥିଲା । ଇଷ୍ଟ ଇଣ୍ଡିଆ କମ୍ପାନୀ ଏହି ଜମିଗୁଡ଼ିକ ଉପରେ ଅଧିକାର ସାବ୍ୟସ୍ତ କରିନେଲେ । ସ୍କୁଲଗୁଡ଼ିକ ବନ୍ଦ ହୋଇଗଲା ଓ ମୁସଲମାନମାନେ ଆହୁରି ଅନୁନ୍ନତ ହୋଇପଡ଼ିଲେ । ସେତିକବେଳେ ହିନ୍ଦୁମାନେ ଇଂରାଜୀ ପଢ଼ୁଥିଲେ । ମୁସଲମାନ ଜାଗୀରଦାରୀ ଶେଷ ହୋଇଥିଲା । ମୁସଲମାନ କାରିଗରମାନଙ୍କୁ ନଷ୍ଟ କରି ଦିଆଯାଇଥିଲା । ସେମାନଙ୍କ ସ୍ଥାନ ଲର୍ଡ଼ କର୍ଣ୍ଣଓ୍ୱାଲିସ୍‌ଙ୍କ ସ୍ଥାୟୀ ବନ୍ଦୋବସ୍ତରେ ନୂତନ ହିନ୍ଦୁ ଜମିଦାର ଓ ହିନ୍ଦୁ ମଧ୍ୟବିତ୍ତ ଶ୍ରେଣୀ ପୂରଣ କରିଥିଲେ । ବର୍ତ୍ତମାନ ବଙ୍ଗଳାରେ କୃଷକ ମୁସଲମାନ ଓ ଜମିଦାର ହିନ୍ଦୁ ଥିଲେ । ଶ୍ରେଣୀ ପରିବର୍ତ୍ତନର ଏହି ପୃଷ୍ଠଭୂମି ସହିତ ବଙ୍ଗଳାରେ ସର୍ବପ୍ରଥମେ ଜାଗରଣ ଆସିଲା । ନୂତନ ହିନ୍ଦୁ ବୁର୍ଜୁଆ ନେତୃତ୍ୱ ସମ୍ଭାଳିବା ପାଇଁ ପ୍ରସ୍ତୁତ ଥିଲେ ।

ବଙ୍ଗଳାରେ ହିଁ ହିନ୍ଦୁ-ପୁନର୍ଜାଗରଣ ଆରମ୍ଭ ହେଲା, ଯାହାର ଗୋଟିଏ ଉଦାହରଣ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ସନ ୧୭୭୦ର ଦୁର୍ଭିକ୍ଷ ଓ ସନ୍ନ୍ୟାସୀ-ଆନ୍ଦୋଳନ ଉପରେ ଆଧାରିତ ପ୍ରସିଦ୍ଧ ଉପନ୍ୟାସ 'ଆନନ୍ଦ ମଠ' । ଏହି ଉପନ୍ୟାସ ମୁସଲମାନମାନଙ୍କ ବିରୁଦ୍ଧରେ ଯାଇଥିଲା । ଏହି ଉପନ୍ୟାସରେ କୁହାଯାଇଥିଲା ଯେ ସେମାନେ ମୁସଲମାନମାନଙ୍କୁ ପୂର୍ଣ୍ଣରୂପେ ନଷ୍ଟ କରିଦେବାକୁ ଚାହୁଁଛନ୍ତି । ତେବେ ହିନ୍ଦୁସ୍ଥାନର କେତେକ ନୂତନ ବିଶ୍ୱସ୍ତ ବୁର୍ଜୁଆଙ୍କ ପ୍ରତିନିଧି ବଙ୍କିମଚନ୍ଦ୍ର ଏହି ଉପନ୍ୟାସରେ ଇଂରେଜମାନଙ୍କ ନ୍ୟାୟର ପ୍ରଶଂସା କଲେ । ଅଥଚ ୧୭୭୦ ସନର ଏହି ଦୁର୍ଭିକ୍ଷ ଇଷ୍ଟ ଇଣ୍ଡିଆ କମ୍ପାନୀର ଦାରୁଣ ଲୁଟତରାଜ କାରଣରୁ ହୋଇଥିଲା । 'ଆନନ୍ଦ ମଠ'ରେ ସନ୍ନ୍ୟାସୀମାନେ ମୁସଲମାନଙ୍କ ସହ ଲଢ଼ିବା ଛଡ଼ା ଇଂରେଜମାନଙ୍କ ସହ ମଧ୍ୟ ଲଢ଼ୁଥିଲେ । ଏ ସମ୍ବନ୍ଧରେ ବଙ୍କିମଚନ୍ଦ୍ର ଲେଖିଲେ ଯେ ଇଂରେଜମାନେ ଭାରତର ଉଦ୍ଧାର ପାଇଁ ଆସିଛନ୍ତି; କିନ୍ତୁ ସନ୍ନ୍ୟାସୀ-

Digitized by PPRACHIN, SOA

ଆନ୍ଦୋଳନକାରୀ ଏହି କଥା ବୁଝିପାରି ନାହାନ୍ତି ।

ବଙ୍କିମଚନ୍ଦ୍ରଙ୍କ ବିଶ୍ୱାସ ଥିଲା ଇଂରେଜରାଜ ଓ ଇଂରେଜୀ ଶିକ୍ଷା ଫଳରେ ହିନ୍ଦୁମାନଙ୍କର ଉଦ୍ଧାର ହେବ । (ସେହିପରି ମୁସଲିମ୍ ପୁର୍ନଜାଗରଣର ନେତାମାନେ ଇଂରେଜୀ ଶିକ୍ଷା ଓ ଇଂରେଜ ଶାସନର ଲାଭ କଥା ବର୍ଣ୍ଣନା କରୁଥିଲେ ।) ଗୋଟିଏ ମୁଖ୍ୟ କଥା ଥିଲା ଯେ ମୁସଲମାନମାନଙ୍କ ବିରୁଦ୍ଧରେ ଘୃଣା ଓ ବିଦ୍ୱେଷ ବିସ୍ତାର କରୁଥିବା ଉପନ୍ୟାସ 'ଆନନ୍ଦ ମଠ'ର ଗୀତ 'ବନ୍ଦେ ମାତରମ୍'କୁ ହିଁ ରାଷ୍ଟ୍ରୀୟ ସଙ୍ଗୀତରେ ପରିଣତ କରାଗଲା ଏବଂ ଏହିପରି ମୁସଲମାନ ରାଷ୍ଟ୍ରୀୟ ଏକତାରେ ଅଧିକ ସନ୍ଦେହୀ ହେଲେ । ଏହିରୂପେ ପ୍ରତି ପଦକ୍ଷେପରେ ରାଷ୍ଟ୍ରୀୟ ସଙ୍ଗଠନ ବାଧାପ୍ରାପ୍ତ ହେଲା ।

ଚାକିରି ପ୍ରତିଯୋଗିତାରେ ମଧ୍ୟ ହିନ୍ଦୁମାନେ ମୁସଲମାନମାନଙ୍କଠାରୁ ଆଗେଇ ଯାଇଥିଲେ । ମୁସଲମାନମାନଙ୍କ ମଧ୍ୟରେ ଭୟ ଓ ଆଶଙ୍କାର ମନୋବୃତ୍ତି ଉତ୍ପନ୍ନ ହେବା ଆରମ୍ଭ ହୋଇଗଲା ଏବଂ ଏହି ଆଶଙ୍କାକୁ ଇଂରେଜମାନେ ଠିକଣା ମୁହୂର୍ତ୍ତରେ ଦବେଇ ଦେଲେ ।

ଇଂରେଜମାନଙ୍କର ବିଶ୍ୱସ୍ତ ମୁସଲମାନମାନଙ୍କର ଏକ ମଧ୍ୟମ-ବର୍ଗ ସୃଷ୍ଟି ହେବାକୁ ଆରମ୍ଭ କଲା । ଦେଶର କଠିନ ପରିଶ୍ରମୀ ମୁସଲମାନ ତନ୍ତୀ ଓ କୃଷକଶ୍ରେଣୀଙ୍କ କଥା ମୁସଲିମ୍ ଲିଗର ନେତାମାନେ ଭୁଲିଗଲେ । ସେମାନଙ୍କର ଚିନ୍ତା ଥିଲା କିପରି ନିଜପାଇଁ ଅଧିକରୁ ଅଧିକ ଆର୍ଥିକ ସୁରକ୍ଷା ଓ କର୍ମ-ସଂସ୍ଥାନର ସୁବିଧା ଲାଭ କରାଯାଇପାରିବ ।

ତପରେ ପ୍ରଥମ ମହାଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ଡକ୍ଟର ଆନ୍‌ସାରୀ ଆସିଲେ; ଅଲି ବନ୍ଧୁ ମଧ୍ୟ ଆସିଲେ । ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଚାଲିଲା ଏବଂ କଂଗ୍ରେସ ଖୋଲାଖୋଲି ସ୍ୱରାଜ୍ୟ ଦାବୀ କଲା । ବର୍ତ୍ତମାନ ଅବସ୍ଥା ତୀବ୍ରଗତିରେ ବଦଳିବାକୁ ଆରମ୍ଭ କଲା । ଏକ ଆଶ୍ଚର୍ଯ୍ୟଜନକ ଉତ୍ସାହ ସାରା ଦେଶରେ ଖେଳିଗଲା ।

ନବାବ ଅଲ୍ଲୀ ରଜା ବାହାଦୁରଙ୍କର ଜାମାତା ତାଲୁକଦାର ନକୀ ରଜା ବାହାଦୁର ପ୍ରକାଶ୍ୟ ଭାବରେ ରାଷ୍ଟ୍ରୀୟ ଆନ୍ଦୋଳନରେ ଅଂଶ ଗ୍ରହଣ କରି ପାରିଲେ ନାହିଁ । ଅବଧର ତାଲୁକଦାରମାନେ ୧୮୫୭ ଖ୍ରୀଷ୍ଟାବ୍ଦରେ ଅବଧକୁ ରକ୍ଷା କରିବା ନିମିତ୍ତ ଦୃଢ଼ଭାବରେ ଇଂରେଜମାନଙ୍କ ସହିତ ଲଢ଼େଇ କରିଥିଲେ; କିନ୍ତୁ ଅବଶେଷରେ ଏହି ତାଲୁକଦାରମାନେ ଇଂରେଜମାନଙ୍କ ଭକ୍ତରେ ପରିଣତ ହେଲେ । କାରଣ ସେମାନଙ୍କର ଓ ଇଂରେଜମାନଙ୍କର ମିଳିତ ସାମ୍ମୁଖ୍ୟଦ୍ୱାରା କୃଷକମାନଙ୍କ ଉପରେ ସେମାନଙ୍କର ଆଧିପତ୍ୟ ବଜାୟ ରହିପାରୁଥିଲା । ସେତେବେଳେ ଲକ୍ଷ୍ନୌରେ 'ନବାବ' ସାର୍ ହାରକୋର୍ଟ ବଟଲରଙ୍କ ରାଜତ୍ୱ—ସେ ତାଲୁକଦାରମାନଙ୍କର ବ୍ୟବହାରକୁ ପସନ୍ଦ କରିଥିଲେ । ଏହା ଲକ୍ଷ୍ନୌର ତାଲୁକଦାରମାନଙ୍କର 'ସୁବର୍ଣ୍ଣ ଯୁଗ' ଥିଲା । ଏକ ଦିଗରେ

Digitized by PPRACHIN, SOA

ସ୍ୱାଧୀନତାର ବାତ୍ୟା ପ୍ରବାହିତ ହେଉଥିଲା; ଅପର ଦିଗରେ ଜାନେଆଲମ୍ ଯୁଗର ନବୀକରଣ ହେଉଥିଲା । ଏହା ଥିଲା ମହାରାଜ ମହମୁଦାବାଦ ଓ ଠାକୁର ନବାବ ଅଲ୍ଲୀ ଏବଂ ରାଯ୍ ରାଜେଶ୍ୱରବଲୀଙ୍କର ଲକ୍ଷ୍ନୌ ।

ଏହି ସମୟରେ ନବାବ ନକୀ ରଜା ବାହାଦୁରଙ୍କ ଆଲିଗଡ଼ସ୍ଥିତ ସୁଶିକ୍ଷିତ ପୁତ୍ର ନବାବ ଅବଦୁଲ ମକାରମ୍ ତକୀ ରଜା ବାହାଦୁରଙ୍କର ବଡ଼ ଆଲିହ ଅମୀନଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ଏହାର ନାମ ନିଜ ଜେଜେମାଙ୍କ ମାଟିଆ-ବୁରୁଜସ୍ଥିତ ମାମୁଁ ନବାବ କମାଲୁଦ୍ଦିନ୍ ଅଲ୍ଲୀ ରଜା ବାହାଦୁରଙ୍କ ନାମାନୁସାରେ 'କମାଲ୍' ରଖାଗଲା ।

ପୂର୍ବରୁ ତାଙ୍କର ଦୁଇ ବର୍ଷର ଗୋଟିଏ ଝିଅ ଥିଲା, ଯାହାର ନାମ ତହମୀନା ବେଗମ୍ । କମାଲକୁ ପରିବାରର ଅନ୍ୟ ପିଲାମାନଙ୍କ ପରି ପ୍ରଥମେ ଡେରାଡ଼ୁନକୁ ପଠାଗଲା । ତା ପରେ ସେ ଲମାର୍ଟିନେୟରର କଲେଜରେ ପଢ଼ିଲା । ଏହି କଲେଜ ଥିଲା ବ୍ରିଟିଶ୍ ଓ ଫିଉଡ଼ାଲ୍ ପରମ୍ପରାର ଏକ ସୁଦୃଢ଼ ଦୁର୍ଗ ।

କମାଲର ନିଜ ବାଲ୍ୟକାଳର କଥା ସ୍ପଷ୍ଟରୂପେ ମନେଥିଲା । ସେହି ସମୟରେ ସେ ଘରର ବଡ଼ମାନଙ୍କଠାରୁ ରାଜନୈତିକ କଥା ଶୁଣୁଥିଲା । ନବାବ ଅବଦୁଲ ମକାରମ୍ ତକୀ ରଜା ବାହାଦୁରଙ୍କ ଚଳଣୀ ବର୍ତ୍ତମାନ ପୂର୍ବପରି ନଥିଲା । ଏବେ ଏହି ପରିବାରର ଲୋକମାନେ ସରକାରୀ ଚାକିରି ମଧ୍ୟ କରୁଥିଲେ । କମାଲର ଦାଦା ଅର୍ଥାତ୍ ଭାଇସାହେବଙ୍କର ବାପା ବାରିଷ୍ଟର ଓ କଂଗ୍ରେସର ନେତା ଥିଲେ; କିନ୍ତୁ ତାଙ୍କର ଯୌବନାବସ୍ଥାରେ ମୃତ୍ୟୁ ଘଟିଥିଲା । ପାଟନାସ୍ଥିତ ମାମୁଁ ମଧ୍ୟ କଂଗ୍ରେସୀ ଥିଲେ ଏବଂ ସେତେବେଳେ ଜେଲ ଯାଇଥିଲେ । କମାଲର ଅସହଯୋଗ ଆନ୍ଦୋଳନର କଥା ସ୍ମରଣ ଥିଲା । ଯେତେବେଳେ ପାଟନାସ୍ଥିତ ମାମୁଁ ତାକୁ ସଙ୍ଗରେ ନେଇ ଯାଉଥିଲେ, ସେ ବଡ଼ ଉତ୍ସାହରେ ସଭା-ମାନଙ୍କରେ ଷ୍ଟେଜ୍ ଉପରେ ଛିଡ଼ାହୋଇ ନିଜର ଦରୋଟି କଣ୍ଠରେ ଉର୍ଦ୍ଦୁ ରାଷ୍ଟ୍ରୀୟ କବିତା ଗାଉଥିଲା ଏବଂ ପୋଲିସ ଆସି ଲାଠିଚାର୍ଜଦ୍ୱାରା ସଭାକୁ ଛିନ୍ନଛିନ୍ନ କରୁଥିଲା । ରାଜନୀତି ଏବେ କେବଳ ସମ୍ବାଦପତ୍ରମାନଙ୍କରେ ସୀମିତ ନରହି ଦୈନନ୍ଦିନ ଜୀବନ ମଧ୍ୟକୁ ପ୍ରବେଶ କରିଥିଲା ।

କମାଲ ଟିକିଏ ବଡ଼ ହେଲା ପରେ ନିଜେ ଭାରତୀୟ ହୋଇଥିବାରୁ ଗର୍ବ ଅନୁଭବ କଲା । ଏହି ଗର୍ବର ଅଧିକାଂଶ ଭାଗ ଥିଲା ନିଜ ଅତୀତକୁ ନେଇ—ଆମେ ଏପରି ଥିଲୁ, ସେପରି ଥିଲୁ ଇତ୍ୟାଦି । ଏହି ଧରଣର ଭାଷଣ ନେତାମାନେ ଦେଉଥିଲେ । ସେଲର୍କ ସୁଟ ବଦଳରେ ପାଟନାର ଦରଜୀ ତାଙ୍କ ପାଇଁ ଖଦଡ଼ ସେରଓ୍ୱାନୀ ତିଆରି କଲା, ତାହାର କଜିନ୍ ଜାମିୟାମିଲିୟାରେ ପଢ଼ୁଥିଲେ । ସେ ମଧ୍ୟ ଜିଦ୍ କଲା ତାକୁ ଦିଲ୍ଲୀ ପଠାଇ

Digitized by PPRACHIN, SOA

ଦିଆଯାଉ; କିନ୍ତୁ ତାର କଥା କେହି ଶୁଣିଲେନି । ଶେଷରେ 'କର୍ଣ୍ଣେଲ ବ୍ରାଉନ୍‌ଙ୍କ ସ୍କୁଲ୍' ଓ ଲେମାର୍ଟିନେୟରର କଲେଜର ଇଂରେଜ ବାଳକମାନଙ୍କ ମଧ୍ୟରେ ସେ ଭାରତୀୟ ଥିଲା ଏବଂ ଭାରତ ଥିଲା ତାର ପ୍ରିୟ ଜନ୍ମଭୂମି ।

ଏହି ହିନ୍ଦୁସ୍ଥାନ ଥିଲା କଣ, ଏହା ସଚେତନ ରୂପେ ସେ ବ୍ୟାଖ୍ୟା କରି ନଥିଲା । ବାଲ୍ୟକାଳରୁ ସେ ଏହାକୁ ପ୍ରେମ କରି ଆସୁଥିଲା; ଯେଉଁଠାରେ ତାର ପୂର୍ବପୁରୁଷ ସାତ ଅଠରହି ବର୍ଷ ତଳେ ଜନ୍ମଗ୍ରହଣ କରିଥିଲେ । ଏହି ଭାରତରେ ଯୋଶିଷ କ୍ଷେତ ଥିଲା, ଆଉ ଥିଲା ଶାରଳାଦେବୀଙ୍କ ମନ୍ଦିର । ହିନ୍ଦୁସ୍ଥାନ ବସ୍ତି ଜିଲ୍ଲାରେ ସେହି ମଠ ଥିଲା ଯେଉଁ ଘର ବାରଣ୍ଡା ପଲଙ୍କ ଉପରେ ବି. ଏ. ପାସ୍ କରିଥିବା ଜଣେ ମୋଟା ମହନ୍ତ ବସିଥିଲେ; ଯାହାଙ୍କୁ ମାଆ ଦଶଟଙ୍କା ନୋଟ ଭେଟି ଦେଇଥିଲା ଏବଂ ସିଏ ଆଶୀର୍ବାଦ ଦେଇଥିଲେ । ହିନ୍ଦୁସ୍ଥାନ କବୀର ଡ୍ରାଇଭରର ବୁଢ଼ୀମା ଥିଲା ସିଏ ହଳଦିଆ ରଙ୍ଗର ଲୁଗା ପିନ୍ଧି ମିର୍ଜାପୁର ଷ୍ଟେସନକୁ କମାଲ୍ ପାଇଁ ମାଟିର ଖେଳନା ନେଇ ଆସିଥିଲା । ହିନ୍ଦୁସ୍ଥାନ ସିଭିଲ୍ ଲାଇନସର ସେଇ ସଡ଼କଗୁଡ଼ିକ ଥିଲା; ଯେଉଁ ରାସ୍ତାରେ ସାହେବମାନେ କୁକୁରମାନଙ୍କୁ ସାନ୍ଧ୍ୟଭ୍ରମଣ ପାଇଁ ନେଇଯାଉଥିଲେ ।

ଏହା ବ୍ୟତୀତ କମାଲର ମା ଓ ଘରର ଅନ୍ୟ ସ୍ତ୍ରୀଲୋକମାନେ ମଧ୍ୟ ଭାରତୀୟ ଥିଲେ । ସେମାନେ ପରସ୍ପର ଭିତରେ ଉର୍ଦ୍ଦୁ କଥାବାର୍ତ୍ତା, ଚଗଚ୍ଛମାଳୀ, ଗୀତ ଓ ପୁରୁଣା କାହାଣୀ ସମ୍ବନ୍ଧରେ ଶୁଣୁଥିଲେ । "ଅଯୋଧ୍ୟାର ରାଜା ଦଶରଥଙ୍କର ଦୁଇଟି ରାଣୀ ଥିଲେ; ଜଣଙ୍କର ନାମ ଥିଲା କୈକେୟୀ ଏବଂ ଅନ୍ୟ ଜଣଙ୍କର ନାମ କୌଶଲ୍ୟା ।" ହିନ୍ଦୁଙ୍କ ପୁରାଣ ଓ ଦେବଗଣଙ୍କ କାହାଣୀ, ମୁସଲମାନ ଔଲିଆ କାହାଣୀ, ମୋଗଲ ବାଦଶାହଙ୍କ ଗପ—ଏସବୁ ଥିଲା କମାଲର ମାନସିକ ପ୍ରସ୍ତୁତିର ପୃଷ୍ଠଭୂମି । ଗୋଟିଏ ହେଲା ନିଜ ଅତୀତ ଉପରେ ଗର୍ବ, ଅନ୍ୟ ଏକ ହେଲା ନିଜର ବର୍ତ୍ତମାନପାଇଁ ପଶ୍ଚାତ୍ତାପ ଏବଂ ଅନ୍ୟ ଏକ ଆଶା ନିଜ ଭବିଷ୍ୟତକୁ ନେଇ—ଏଇ ତିନୋଟି ତତ୍ତ୍ୱକୁ ନେଇ ତାର ମାନସିକ ପ୍ରସ୍ତୁତି ଘଟିଥିଲା । ଯେଉଁ ଗାନ୍ଧୀ ଲେଙ୍ଗୁଟି ମାରି ବୁଲୁଥିଲେ ଓ ଦେଶର ସନ୍ଥ କବିର, ତୁଳସୀଦାସ ଓ ତୁକାରାମଙ୍କ ପରମ୍ପରା ନେଇ ଅବତୀର୍ଣ୍ଣ ହେଲେ, ସେ ଥିଲେ କୃଷକଗଣଙ୍କର ସାକାର ଅବତାର; ଯେଉଁ କୃଷକଗଣ ସ୍ୱୟଂ ଲେଙ୍ଗୁଟି ମାରି ବୁଲୁଥିଲେ । ପଣ୍ଡିତ ନେହରୁ ଏହି ହିନ୍ଦୁସ୍ଥାନର ନୂତନ ଯୁଗର ପ୍ରତୀକ ଥିଲେ; ଯାହାଙ୍କ ହୃଦୟରେ ଏହି ସମଗ୍ର ସାଗର ଆନ୍ଦୋଳିତ ହେଉଥିଲା ।

ଏହି ହିନ୍ଦୁସ୍ଥାନ ଥିଲା ଅଗଣିତ ରହସ୍ୟର ଆଧାର—ଧର୍ମ, ଦର୍ଶନ, କଳା, ରହସ୍ୟ ତତ୍ତ୍ୱ, ସାହିତ୍ୟ, ସଙ୍ଗୀତ—କଣ ନଥିଲା ଏହିଠାରେ ! ଏକ ଦିଗରେ ଏଇ ମହାନ୍ ଶକ୍ତିଶାଳୀ ପରମ୍ପରା ଏବଂ ଅପର ଦିଗରେ ଥିଲା ଇଂରେଜ ସଭ୍ୟତା, ସାହେବମାନଙ୍କର

Digitized by PPRACHIN, SOA

ରାଜତ୍ୱ ଓ ଆସେମ୍ବ୍ଲିର ଆଇନ୍ । ଗଭର୍ଣ୍ଣରଙ୍କ ଦରବାର ଥିଲା । ଇଂରେଜ ଅଫିସର; ଯେଉଁମାନେ 'ଗୁଲଫିଶାଁ'ଙ୍କୁ ଡିନର ଖାଇବାକୁ ଆସୁଥିଲେ ଓ ତାଙ୍କର ଗୋଲଗଣ୍ଡୁଜ କୋଠାଘରେ ବସି ମହରମର ଶୋଭାଯାତ୍ରା ଦେଖୁଥିଲେ । ଏଇ ଇଂରେଜମାନେ ଦେହ୍ଳୀବନ୍ଧୀର ଅଫିସରମାନଙ୍କ ଉତ୍ତରାଧିକାରୀ; ଯେଉଁମାନଙ୍କୁ ଶିକ୍ଷାଦିଆଯାଇଥିଲା ଯେ ଯେତେବେଳେ ହିନ୍ଦୁସ୍ଥାନବାସୀ ତୁମ କୋଠି ନିକଟରେ ସଲାମ ଦେବାକୁ ଆସିବେ ସେତେବେଳେ ସେମାନଙ୍କୁ ବାରଣ୍ଡାରେ ବସାଇବ; ସାଥେ ସାଥେ ଏ କଥା ମଧ୍ୟ କୁହାଯାଇଥିଲା ଯେ ଏମାନଙ୍କ ମଧ୍ୟରୁ କେତେକଙ୍କୁ ଡ୍ରଇଙ୍ଗ ରୁମ ଭିତରକୁ ପ୍ରବେଶର ସମ୍ମାନ ପ୍ରଦାନ କର । ଯାହାକୁ ଉପହାର ନେଇ ଠିଆ ଠିଆ ଫେରାଇଦିଅ । ଯାହା ଘରକୁ ନିମନ୍ତ୍ରଣ ପାଇଲେ ନିଜେ ମଧ୍ୟ ଚାଲିଯାଅ । କମାଲ ସେଇ ସୌଭାଗ୍ୟଶାଳୀ ବର୍ଗରେ ଜନ୍ମଗ୍ରହଣ କରିଥିଲା, ଯେଉଁମାନେ ଇଂରେଜମାନଙ୍କସହ ବାରମ୍ବାର ମିଶିବାର ସୌଭାଗ୍ୟ ଲାଭ କରି ପାରୁଥିଲେ—ହିନ୍ଦୁସ୍ଥାନର ଫ୍ୟୁଡାଲବର୍ଗ ।

ସନ' ୩୪ରେ ପଣ୍ଡିତ ନେହେରୁ ଏଇ ମଧୁର ଆଶା ବ୍ୟକ୍ତ କରି କହିଥିଲେ ଯେ ମୁସଲିମ୍ ରାଜନୀତି ଉପରେ ଫ୍ୟୁଡାଲ ତତ୍ତ୍ୱ ଘୋଡ଼ାଇ ହୋଇ ରହିଥିବାବେଳେ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ଶିଳ୍ପକ୍ଷେତ୍ରରେ ଅନଗ୍ରସର; କିନ୍ତୁ ଏମାନଙ୍କ ମଧ୍ୟରେ ସାମାଜିକ ଚେତନା ଅଧିକ ଦୃଢ଼ ଥିବାରୁ ଏମାନେ ହିନ୍ଦୁ ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ତୁଳନାରେ ସମାଜବାଦ ରାସ୍ତାରେ ଅଧିକ ବେଗରେ ଆଗେଇଯାଇ ପାରିବେ । ପଣ୍ଡିତ ନେହରୁ ଏ କଥା ମଧ୍ୟ କହୁଥିଲେ ଯେ ଆମର ପୁଞ୍ଜିପତି, ଉଦ୍ୟୋଗପତି ଓ ମିଲ୍‌ଓନରସ୍‌ମାନେ ପରମ ପ୍ରତିଗାମୀ । ସେମାନେ ଏପର୍ଯ୍ୟନ୍ତ ନୂତନ ଯୁଗର ପୁଂଜିପତି ହୋଇପାରିନାହାନ୍ତି । କଂଗ୍ରେସ ଉପରେ ହିନ୍ଦୁ ମତାଧିକ୍ୟ ଘୋଡ଼ାଇ ହୋଇ ରହିଛି ଓ ହିନ୍ଦୁ ମତାଧିକ୍ୟ ସାମ୍ପ୍ରଦାୟିକ ମନୋବୃତ୍ତିର ଶିକାର ହୋଇଛି । ଏ ପରିସ୍ଥିତିକୁ ଇଂରେଜ ସରକାର ନିଜ ହିତ ପାଇଁ ସୁନ୍ଦର ଭାବେ ଉପଯୋଗ କରି ପାରୁଛନ୍ତି । ଦେଶର ଫ୍ୟୁଡ଼ାଲ ତତ୍ତ୍ୱ ଏ କଥା ମଧ୍ୟ ଗ୍ରହ୍ୟ ନଥିଲା ଯେ, ଜନସାଧାରଣ ଆର୍ଥିକ ସ୍ୱାଧୀନତା ଲାଭ କରନ୍ତୁ । ଫଳତଃ ସେମାନେ ବିଦେଶୀ ସରକାର ସହିତ ସନ୍ଧି କରିନେଲେ । ମିଡଲ୍ କ୍ଲାସ ଇଣ୍ଟେଲିଜେନସିଆ ମଧ୍ୟରେ ଫ୍ୟାସିଜମ୍ ଆଦର୍ଶ ଅବତୀର୍ଣ୍ଣ ହୋଇଛି । ତେଣୁ ଏହି ସବୁ ବିପଦ ସହିତ ସଂଘର୍ଷ ପାଇଁ ଆମେ ସମସ୍ତ ଶକ୍ତି ବିନିଯୋଗ କରିବା ଆବଶ୍ୟକ । ପଣ୍ଡିତ ନେହରୁ ଜଣେ ସଚ୍ଚା ସୋସାଲିଷ୍ଟ ଥିଲେ । କମାଲ ଓ ତାଙ୍କ ବନ୍ଧୁ ଗୋଷ୍ଠୀର ପୂର୍ଣ୍ଣ ପ୍ରତିନିଧିତ୍ୱ କରୁଥିଲେ ପଣ୍ଡିତ ନେହରୁ ।

ଜାଗୀରଦାରଗଣ, ମଧ୍ୟ-ବର୍ଗୀୟ ନେତାଗଣ, ବୁଦ୍ଧିଜୀବୀ ଓ ୟୁନିଭରସିଟିର କୃତୀ ଛାତ୍ରଗଣଙ୍କର ଦୁନିଆଁଠାରୁ ପୃଥକ୍ ଅନ୍ୟ ଏକ ଦୁନିଆଁ ଥିଲା, ଯାହା ହେଲା ଅସଲି

Digitized by PPRACHIN, SOA

ହିନ୍ଦୁସ୍ଥାନ । ଆସାମ ଓ ଦକ୍ଷିଣ ଭାରତର ଚା ବଗିଚାରେ; କାନପୁର, ବମ୍ବେ, କଲିକତା, ଅହମଦାବାଦ ଓ ଟାଟାନଗରର କାରଖାନାମାନଙ୍କରେ କାମ କରୁଥିବା ଶ୍ରମିକ ଏବଂ ସମଗ୍ର ଦେଶରେ ଗ୍ରାମମାନଙ୍କରେ ରହୁଥିବା କୃଷକ ଓ କାରିଗରମାନଙ୍କର ଏଇ ଦୁନିଆଁ ଥିଲା । କୃଷକମାନଙ୍କ ସମ୍ବନ୍ଧରେ ବିଦେଶୀ ସରକାର ବିଭିନ୍ନ ରାଜ୍ୟରେ ବିଭିନ୍ନ ପ୍ରକାର ନୀତି ଅବଲମ୍ବନ କରୁଥିଲେ । ବଙ୍ଗଳାରେ ମୁସଲମାନମାନଙ୍କ ସତ୍ତ୍ୱ ଛିନ୍ନକରି ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଦେଇ ତା ବଦଳରେ ହିନ୍ଦୁମାନଙ୍କୁ ଶକ୍ତିଶାଳୀ କରାଇଲେ । ଯେଉଁ ରାଜ୍ୟଗୁଡ଼ିକ ଇଂରେଜମାନଙ୍କ ହାତରେ ଅଧିକ ଦିନ ଧରି ରହିଲା ସେଗୁଡ଼ିକ ହେଲା ସବୁଠାରୁ ଅନଗ୍ରସର—ବଙ୍ଗଳା, ବିହାର, ଓଡ଼ିଶା, ମାଡ୍ରାସରେ ବାରମ୍ବାର ଦୁର୍ଭିକ୍ଷ ପଡ଼ୁଥିଲା । ପଞ୍ଜାବ ଇଂରେଜମାନଙ୍କ ହାତକୁ ସବୁଠାରୁ ଶେଷରେ ଆସିଲା; ତେଣୁ ସେଇ ରାଜ୍ୟର ଅବସ୍ଥା ଥିଲା ଅଧିକ ଉନ୍ନତ । ୟୁ: ପି: ର କୃଷକମାନେ ଅଧିକ ଦାରିଦ୍ର୍ୟ-ପ୍ରପୀଡ଼ିତ ଥିଲେ । କୃଷକ, ଯେଉଁମାନେ କଂଗ୍ରେସ ଆନ୍ଦୋଳନ ଆଗକୁ ଆଗେଇ ଆସୁଥିଲେ ସେମାନେ ବୁଝୁଥିଲେ 'ସ୍ୱରାଜ୍ୟ' ଅର୍ଥ କୃଷିସମ୍ବନ୍ଧୀୟ ସଂସ୍କାର; ଯଦ୍ଦ୍ୱାରା ସେମାନଙ୍କୁ ଜନ୍ମଜନ୍ମାନ୍ତରର ଅତ୍ୟାଚାର ଓ ଋଣବୋଝରୁ ମୁକ୍ତି ମିଳିବ ।

କମ୍ୟୁନିଷ୍ଟ—ଏହା ଏକ ନୂତନ ତତ୍ତ୍ୱ ବର୍ତ୍ତମାନ ରାଜନୈତିକ ରଙ୍ଗମଞ୍ଚ ଉପରକୁ ଆସିଲା । ଏମାନେ ଅଧିକ ଭାବେ ୟୁରୋପରେ ଶିକ୍ଷା ଲାଭ କରୁଥିବା ଇଣ୍ଟେଲେକଚୁଆଲ୍ ଥିଲେ ।

ପୁଣି ସନ ୧୯୩୭ ଖ୍ରୀ:ଅ: ରେ ଯେତେବେଳେ କମାଲ୍ ଲାମାର୍ଟିନେୟର୍ କଲେଜରେ ଥାଏ, ସେତେବେଳେ ଦୁଇଟି ବଡ଼ ଘଟଣା ଘଟିଲା—ମୁସ୍‌ଲିମ୍ ଲିଗ୍‌ର ନିଖିଳ ଭାରତ ଅଧିବେଶନ ଓ କଂଗ୍ରେସ ମନ୍ତ୍ରିମଣ୍ଡଳ ସ୍ଥାପନା । ଅଗଷ୍ଟ, ଖ୍ରୀ: ୧୯୪୨ରେ କୁଇଟ୍ ଇଣ୍ଡିଆ ରିକୋଲିଉସନ ପାସ୍ ହେଲା । ଦେଶରେ ବିଦ୍ରୋହ ଆରମ୍ଭ ହୋଇଗଲା । ବିଶ୍ୱବିଦ୍ୟାଳୟର ଛାତ୍ରଗଣ ଏହାର ପୁରୋଭାଗରେ ରହିଥିଲେ । ଦଶହଜାର ଭାରତୀୟ ପୁଲିସ୍ ଗୁଳିରେ ପ୍ରାଣ ହରାଇଲେ ।

ବର୍ତ୍ତମାନ ବଙ୍ଗଳା ପ୍ରଳୟର ସମ୍ମୁଖୀନ, ୩୦ ଲକ୍ଷ ଲୋକ ଖାଇବାକୁ ନପାଇ ମରି ସାରିଥିଲେ ।

ଚଉତିରିଶ ଲକ୍ଷ ମଣିଷ—

ଚଉତିରିଶ ଲକ୍ଷ ଅମନା ଓ ଅବଦୁଲ୍ ମନସୁର୍ ।

କମାଲ୍ ପରଦିନ ସକାଳୁ ଶୀଘ୍ର ଶୀଘ୍ର ଜଳଖିଆ କରି ଦତ୍ତ-ହାଉସରୁ ବାହାରି ପଡ଼ିଲା ପ୍ରମୋଦିଦାଙ୍କ ଗୃହ ଅଭିମୁଖେ ।

Digitized by PPRACHIN, SOA

ପାର୍କ-ସର୍କସରେ ଥିବା ପ୍ରମୋଦ'ଦାଙ୍କ ଗୃହରେ ଅନେକ ଯୁଅଟିଅ ଜୁଣ୍ଟ ହୋଇଥାନ୍ତି-କଲିକତା ବିଶ୍ୱବିଦ୍ୟାଳୟର ଛାତ୍ର, 'ଇପ୍ଟା'ର କାର୍ଯ୍ୟକର୍ତ୍ତା, ପାର୍ଟିଲୋକେ ଓ ଲକ୍ଷ୍ନୌବାଲା ସମସ୍ତେ ପହଁଚି ସାରିଥିଲେ ।

ପ୍ରମୋଦ'ଦା ଥିଲେ କଲିକତା ଛାତ୍ରମାନଙ୍କର ନେତା । ସେ ସମୟରେ ତାଙ୍କ ଘରର ବଡ଼ ହଲଟାରେ ଖୁବ୍ ଗହଳି ହେଉଥିଲା । ରିଲିଫ୍ କାମପାଇଁ ଟଙ୍କା ଯୋଗାଡ଼ କରିବାକୁ "ସାହାଯ୍ୟ ରଜନୀ"ର ରିହର୍ସାଲ ହେଉଥାଏ । ଗୋଟିଏ କୋଣରେ ହାରମୋନିୟମ ବଜାଇ ଝିଅ ଦୁ'ଜଣ ରବୀନ୍ଦ୍ରନାଥଙ୍କ ଚିତ୍ରାଙ୍ଗଦା ନାଟିକାର ଗୀତ ଅଭ୍ୟାସ କରୁଥାନ୍ତି । ହଲକୁ ଲାଗି ପ୍ରମୋଦ'ଦାଙ୍କ ଭଉଣୀର ଗୋଟିଏ ଷ୍ଟୁଡ଼ିଓ । ସେ ଶାନ୍ତିନିକେତନର ଜଣେ ଛାତ୍ରୀ । ଷ୍ଟୁଡ଼ିଓରେ କେହି ଜଣେ ବଡ଼ ତୈଳଚିତ୍ରଟାରେ ଅନ୍ତିମ ଟଚ୍ ଦେଉଥାଏ । ଡ୍ରାମା ପରେ ଏ ଚିତ୍ରଟା ବି ନିଲାମ ହେବାକୁ ଥାଏ ।

ସମସ୍ତେ ନିଜ ନିଜ କାମରେ ଲାଗିଥାନ୍ତି ।

ଷ୍ଟୁଡ଼ିଓ ଭିତର କାମ ସାରି ସେ ଆର୍ଟିଷ୍ଟ ଜଣକ ହଲ୍‌ର ଦରଜା ପାଖରେ ଠିଆ-ହୋଇ ଭିତରୁ ଲକ୍ଷ୍ୟ କଲା । ଅନ୍ୟମାନେ ଯେ ଯାହା କାମରେ ବ୍ୟସ୍ତ ।

ସେ ଆର୍ଟିଷ୍ଟ ଜଣକ ୟୁ: ପି:ର ଏକ ସଂଭ୍ରାନ୍ତ ପରିବାରର । ଏଇ କେତେଦିନ ହେଲା ବିଶ୍ୱଭାରତୀ ଆସିଥାଏ । ଆହ୍ଲାବାଦରେ ଏମ୍. ଏ. ପାସ୍ କରିସାରିଥିଲା । ଏହାପରେ ସେ କ'ଣ କରିବ ଠିକ୍‌କରି ପାରୁ ନଥିଲା । ଅନେକ କିଛି କରିବାର ପ୍ରୋଗ୍ରାମ୍ ଥିଲା ତା ଆଗରେ—ସାମ୍ବାଦିକତା, ରାଜନୀତି ଅଥବା ବଡ଼ ବଡ଼ ବହି ଲେଖି ପ୍ରତିଷ୍ଠା ଅର୍ଜନ କରିବା, ଏମିତି ଅନେକ କିଛିରେ ପ୍ରତିଷ୍ଠିତ ହେବାର କାମନା ଥିଲା ତା ମନରେ । ରାଜନୈତିକ ଦୃଷ୍ଟିରୁ ସେ ଥିଲା କଠୋର ସାମ୍ୟବାଦୀ । ଘରେ ବାପାଙ୍କର ଉପଦେଶ ଥିଲା ଆଇ: ସି: ଏସ୍: କରିବାକୁ । ଏମ୍. ଏ. ପାସ୍ କଲାପରେ ବିଶ୍ୱଭାରତୀ ଆସିବାକୁ ଜିଦ୍ ଧରି ବସିବାରୁ ବାପା ଗୋଟିଏ ମାତ୍ର ସନ୍ତାନର ଇଚ୍ଛା ଭାଙ୍ଗି ନପାରି ରାଜି ହେଲେ । ଦୁଇବର୍ଷ ହେଲା ସେ ଆସି ବୋଲପୁରରେ ରହୁଥିଲା, ରିଲିଫ୍ କାମପାଇଁ ଅନ୍ୟ ପିଲା-ମାନଙ୍କ ସାଙ୍ଗରେ କଲିକତା ଆସିଛି ।

କିଏ ଜଣେ ପାଖ ଦେଇ ଚାଲି ଗଲାବେଳେ ପଚାରିଲା—"ଲକ୍ଷ୍ନୌରୁ ଏଠାକୁ ଯେଉଁମାନେ ଆସିଛନ୍ତି ଦେଖାକଲଣି ସେମାନଙ୍କୁ ?"

Digitized by PPRACHIN, SOA

ଦରଜା ପାଖରେ ଠିଆହୋଇ ହଲକୁ ଚାହିଁଥିବା ବିଶ୍ୱାସରଥର ସେ ଯୁବକ ଜଣକ ଭିତରକୁ ଯାଇ ରିହର୍ସାଲ କରୁଥିବା ପିଲାଙ୍କ ପାଖରେ ଠିଆହେଲା । ସେମାନଙ୍କ ଭିତରେ କମାଲ୍ ଥାଏ । ସେ ମୁଣ୍ଡଟେକି ଯୁବକ ଜଣଙ୍କୁ ଲକ୍ଷ୍ୟ କରି ବଙ୍ଗଳା ଭାଷାରେ କହିଲା—

"ନୋମସ୍କାର ।"

"ଆଦାବ ଅର୍ଜ !" ଉତ୍ତର ଦେଲା ଯୁବକ ଜଣକ । କମାଲ୍ ଆଶା କରି ନଥିଲା ତା'ର ଭାଷାରେ ଉତ୍ତର ପାଇବ ବୋଲି । ସେତେବେଳକୁ ବଙ୍ଗଳା ଭାଷା କହି କହି ସେ ବିରକ୍ତ ବୋଧ କଲାଣି ।

"ମୋ ନାଁ ଗୌତମ ନୀଳାମ୍ବର"—ଯୁବକ ଜଣକ ନିଜର ପରିଚୟ ଦେଲା ।

"ମୋ ନାଁ କମାଲ୍ ରଜା ।" ତାପରେ ସେ ଦୁହେଁ ହାତ ମିଳାଇଲେ ।

ଦୁହିଁଙ୍କର ପରିଚୟରେ ଅନେକଟା ସାମଞ୍ଜସ୍ୟ ଥିଲା ।

"ଏ ବଙ୍ଗାଳୀ ପିଲାଙ୍କ ସାଙ୍ଗରେ ବଙ୍ଗଳା ଭାଷା କହି କହି ଖୁବ୍ ଚଟା ଲାଗିଲାଣି । ଚାଲ ଚୌରଙ୍ଗୀ ଆଡ଼େ ବୁଲିଯିବା ।" କମାଲ୍ ଡାକିଲା ।

"ଆସ, ଆଗ ତମକୁ ମୋ ଚିତ୍ରଗୁଡ଼ିକ ଦେଖାଏଁ ।" ଗୌତମ ଅରୁଣା ଦିଦିର ଚିତ୍ରାଳୟରେ ପ୍ରବେଶ କରୁ କରୁ କହିଲା ।

"ତମେ ହରିଶଙ୍କର ସାଙ୍ଗରେ ଦେଖା କରି ନା ?" କମାଲ୍ ପଚାରିଲା ।

"ହରିଶଙ୍କର ? ସେ କିଏ ?"

"ହରିଶଙ୍କର—ମୋର ଅତି ଘନିଷ୍ଠ ବନ୍ଧୁ, ଖୁବ୍ ମେଳାପି ଲୋକ"—

"ସେ କେଉଁଠି ? ଡାକ ତାଙ୍କୁ"—ଗୌତମ ନବାବୀ ଢଙ୍ଗରେ କହିଲା ।

"ସେ ଏଠି ନାହିଁ । ଲକ୍ଷ୍ନୌରେ ବେମାର ପଡ଼ିଛି ବିଚରା !"

"ତୁମେ ସବୁ ଲକ୍ଷ୍ନୌରେ ରହୁଛ କିଆଁ ?" ଚିତ୍ରରେ ତୁଳିକା ଚଳାଉ ଚଳାଉ ଗୌତମ ପଚାରିଲା ।

"ଆଉ ତା'ହେଲେ କେଉଁଠି ରହିବୁ ?"

"ହଁ, ଏ ବି ଗୋଟିଏ ପ୍ରଶ୍ନ ।"

"ତୁମେ ଏ ଚିତ୍ରଟାର ନାକ ଭୁଲ ଅଙ୍କନ କରିଛ ।"

ତାପରେ ଅନେକ ଅନ୍ତରଙ୍ଗ କଥା; ଆତ୍ମ-ପରିଚୟ ।

"ଚାଲ ଏବେ ଗ୍ରାଣ୍ଡ ହୋଟେଲ ଯାଇ ଖାନା ଖାଇନେବା ।" ଗୌତମ ଚିତ୍ରଟା ଉପରେ କନା ଘୋଡ଼ାଇ ଦେଉଁ ଦେଉଁ କହିଲା ।

"ଗ୍ରାଣ୍ଡ ହୋଟେଲ ! ତମେ ଖୁବ୍ ବୁର୍ଜୋୟା ଜଣାପଡ଼ୁଛ ।"

"ବାଜେ କଥା କୁହ ନା କହୁଛି—"

Digitized by PPRACHIN, SOA

"ଆଚ୍ଛା ଗୋଟାଏ କଥା କହିବ ? ମୁଁ ସବୁ କଥାର ଖୋଲଖୋଲି ବିଗ୍ଧର ସପକ୍ଷରେ ।" କମାଲ କହିଲା ।

"ତାପରେ ?"

"କ୍ଲାସ ବିଷୟରେ ତମର ଧାରଣା କଣ ? ଆଗାମୀ ଯୁଗ ଯେ ପ୍ରୋଲିଟେରିଆଟର ଏ କଥା ତମେ ମାନୁଛ ?"

"ହଁ ।"

"ତା ହେଲେ ହାତ ମିଳାଅ"—କମାଲ ହାତ ବଢ଼ାଇଲା ।

"ତମେ କ'ଣ ଭାବୁଛ ଫ୍ୟୁଡ଼ାଲ୍ ସୋସାଇଟି ଆପେ ଆପେ ନିଃଶେଷ ହୋଇଯିବ ?"

"ହଁ ।"

ତାପରେ ପୁଣି ଥରେ ହାତ ମିଳାଇଲା କମାଲ୍ ।

"ଫ୍ୟୁଡ଼ଲ ସମାଜ ପ୍ରତି ତମର ପ୍ରକୃତରେ ଅନାସକ୍ତି ଅଛି ତ ? ତମେ ଆନ୍ତରିକତାର ସହିତ ଏହା ବିରୋଧରେ ସ୍ୱର ଉଠାଇ ପାରିବ ?"

"ମୋର ତ ବିଶ୍ୱାସ ହେଉଛି । ମାତ୍ର ତମେ ନିଜେ ତ ଫ୍ୟୁଡ଼ାଲ ସୋସାଇଟି ସହ ଜଡ଼ିତ ।"

"ତମେ କିପରି ଜାଣିଲ ?" କମାଲ ବିବ୍ରତ ହୋଇ ପଚାରିଲା । ସତେ ଯେପରି ସେ ଚୋରି କରୁ କରୁ ଧରାପଡ଼ିଗଲା ।

"ମୁଁ ଏଇନେ ହଲ୍ ଭିତରେ ଶୁଣିଲି, ଏଠାକାର ବଡ଼ ବଡ଼ ପ୍ରତିଷ୍ଠିତ ପରିବାର ଓ ଦଉହାଉସର ନବାବ ସାହେବଙ୍କ ସାଙ୍ଗରେ ତମର ସମ୍ପର୍କ ଅତି ଘନିଷ୍ଠ ।"

"ହଁ ତା' ଠିକ୍ । ମାତ୍ର ମୁଁ ନିଜକୁ ସେଥିରୁ ଅସଂପୃକ୍ତ କରି ରଖିବ ।"

"ତମର ହରିଶଙ୍କର କ'ଣ ଫ୍ୟୁଡ଼ାଲ ?"

"ହଁ ! ମାତ୍ର ସେ କ'ଣ କରିବ ଭଲା ?"

"ମୁଁ କିନ୍ତୁ ମିଡ଼ଲ୍ କ୍ଲାସର—।"

ଦୁହେଁ ବନ୍ଧୁତ୍ୱପୂର୍ଣ୍ଣ କଥା ହୋଇ ହୋଇ ବାହାରକୁ ଆସିଲେ ।

ଲକ୍ଷ୍ନୌ ଫେରିଆସି କମାଲ ଜିଜାଜୀଙ୍କ (ଲିଜିର ସ୍ୱାମୀ) ନିକଟକୁ ଚିଠି ଲେଖି ଗୌତମର ଖୁବ୍ ପ୍ରଶଂସା କରିଥିଲା ।

Digitized by PPRACHIN, SOA

ସେ ବର୍ଷ ଖରାଛୁଟିରେ ଗୌତମ ଲକ୍ଷ୍ନୌ ଆସିଲା । ସେ ଡା'ର ବସାରୁ ଗୁଲଫର୍ଶାଙ୍କୁ ଫୋନ୍ କରି ବୁଝିଲା ଯେ ସମସ୍ତେ ରେଡ଼ିଓ ଷ୍ଟେସନ ଯାଇଛନ୍ତି । ରେଡ଼ିଓ ଷ୍ଟେସନରୁ ସୂଚନା ମିଳିଲା ଯେ ସେଠାରୁ ସେମାନେ 'ସିଂଘାଡ଼େବାଲି' କୋଠିକୁ ଚାଲି ଗଲେଣି ।

'ସିଂଘାଡ଼େବାଲି କୋଠି !' କି ବିଚିତ୍ର ନାଁଟା ସତେ !...ମନେ ମନେ ହସିଲା ଗୌତମ । ସମ୍ଭବତଃ ସେଠାରେ ରହୁଥିବା ଲୋକମାନେ ଖୁବ୍ ସିଙ୍ଗଡ଼ା ଖା'ନ୍ତି !

ସେ ପୁଣି 'ସିଂଘାଡ଼େବାଲି' କୋଠିକି ଫୋନ୍ କଲା ।

'ହାଲୋ' ! ଚମ୍ପା ରିସିଭର ଉଠାଇ କହିଲା ।

"ହାଲୋ ! ଆଦାବ ଅର୍ଜ । ଦେଖନ୍ତୁ ମୋ ନାଁ ଗୌତମ—ଗୌତମ ମିଶ୍ର । ଆପଣମାନେ ଯଦି ଦୟାକରି ସେଠାରେ ଅପେକ୍ଷା କରିବେ; ମୁଁ ଆପଣଙ୍କୁ ସେଠାରେ ଦେଖାକରି ପାରିବି ।"

"ଦୟାକରି ନିଶ୍ଚୟ ଆସନ୍ତୁ"—ଚମ୍ପା ଉତ୍ତର ଦେଲା ।

ଗୌତମ ସିଂଘାଡ଼େବାଲି କୋଠିରେ ପହଞ୍ଚିଲାପରେ ସେମାନେ, ସମସ୍ତେ ନଈ-କୂଳଆଡ଼କୁ ଥିବା ବାରଣ୍ଡାରେ ବସିଲେ ।

"ଆପଣମାନେ ମୁସଲିମ୍ ଲିଗ୍ ର ଲୋକ ?" ଗୌତମ ପଚାରିଲା ।

"କମାଲ ଭାଇ କହୁଥିଲେ ଆପଣ ଏକପ୍ରକାର ଗୁରୁଦେବ ହେବାକୁ ଯାଉଛନ୍ତି ।"

"ଆପଣ ଚେଲା କରୁଛନ୍ତି କି ?"—ନିର୍ମଳା ପଚାରିଲା ।

"ପ୍ରାୟ ନୁହେଁ । କିନ୍ତୁ କେବେ କେବେ ଚେଲା କରିବାକୁ ପଡ଼ିଥାଏ—"

"ଭାଇସାହେବ ତ ଏପର୍ଯ୍ୟନ୍ତ ଆସିଲେନି । ସେ ଏଠାରେ ଚା ଖାଇବାକୁ ଫୋନ୍‌ରେ କହିଥିଲେ ।" ତଲଅତ୍ ଘଡ଼ି ଉପରେ ଦୃଷ୍ଟି ପକାଇ କହିଲା— ।

"ଭାଇ ସାହେବ ରାଇଡ଼ିଂ କରିବାକୁ ଯାଇଥିଲେ । ଏବେ ସୁଇମିଂ କରି ଆସିବେ ।"

"ଆରେ ବାବା ! ସେ କେଉଁ ସାହେବ ? ଫିଲ୍ମଷ୍ଟାର—ଅଶୋକକୁମାର ନାଁ ଆଉ କିଏ ?" ଗୌତମ ପଚାରିଲା ।

"ଭାଇସାହେବ—ମୁଁ ତମକୁ କହି ନଥିଲି ତାଙ୍କ ସାଙ୍ଗରେ ନିଶ୍ଚୟ ଦେଖା କରିବା ପାଇଁ !" କମାଲ କହିଲା ।

"ରାଜାରାଜୁଡ଼ାଙ୍କ କାରବାର ମୋତେ ଖୁବ୍ କମ୍ ଜଣା । ଆପଣମାନେ କ'ଣ ଏଠି ରାଇଡ଼ିଂ, ସୁଇମିଂ କରନ୍ତି ? ମୁଁ ବାବା ମିଡ଼ିଲ୍ କ୍ଲାସର ଲୋକ । ବାପାଙ୍କ ସାଙ୍ଗରେ ଥରେ ଲଣ୍ଡନ ଯାଇଥିଲି ଯେ ସେଠି ଲର୍ଡମାନଙ୍କୁ ଦେଖିବାକୁ ମୁଁ ଖୁବ୍ ଆଗ୍ରହ ପ୍ରକାଶ କରୁଥାଏଁ—ମାତ୍ର ସେଠି ସାମାନ୍ୟ ଜଣେ 'ଅଣ୍ଡରଟେକର' ବି ଲର୍ଡ଼ ଭଳି ଡ୍ରେସ୍ ପିନ୍ଧେ ।"

Digitized by PPRACHIN, SOA

"ଆମେ ସବୁ ବି ସେଇଭଳି ଅଣ୍ଡର୍‌ଷ୍ଟେକରସ୍"—କମାଲ କହିଲା ।

"ଏବଂ ବିଗତ ଯୁଗର ସମାଧି-ପୂଜକ ବୋଲି ମଧ୍ୟ କହି ପାରନ୍ତି"—ହରଶଙ୍କର କହିଲା ।

"କିନ୍ତୁ ତମେ ଆମକୁ ନିଶ୍ଚୟ ପସନ୍ଦ କରିବ । ଆମେ ଆମ ମନର ସାଂଭ୍ରାନ୍ତ୍ୟ ବଳରେ କେବଳ ବଞ୍ଚିରହିଛୁ"—କମାଲ କହିଲା ।

"ମୁଁ ତମକୁ ନିଶ୍ଚୟ ପସନ୍ଦ କରିବି—ମୋ: ମନଟା ବେଶ୍ ପ୍ରଶସ୍ତ"—ଗୌତମ ଖୁବ୍ ଦୃଢ଼ତାର ସହ କହିଲା ।

୨୮

ଚମ୍ପା ଏବେ ସେ ଗ୍ରୁପ୍‌ରେ ମିଶିଥିଲା ଓ ଗ୍ରୁପ୍‌ର ନିୟମ ମୁତାବକ କାମ କରିବାକୁ ନିଷ୍ପତ୍ତି କରିଥିଲା । ସେ ଥିଲା ନିତାନ୍ତ ଏକାକୀ । ଗ୍ରୁପ୍ ଭିତରେ ସହାନୁଭୂତିର ସମ୍ଭାବନା ପ୍ରତି ଚମ୍ପାର ପ୍ରତ୍ୟୟ ଥିଲା ବହୁତ ବେଶୀ । ମାନବୀୟ ସମ୍ପର୍କର ବୈଚିତ୍ର୍ୟ କେବଳ ସାଙ୍ଗମେଳରୁ ଉପଲବ୍ଧି କରିହୁଏ । ସେଦିନ କମାଲ ଚମ୍ପାକୁ କହିଥିଲା—"ଆମେ ଆପଣଙ୍କୁ କେବେ ଏକାକୀ ହେବାକୁ ଦେବୁନି । ଆପଣ ମନକୁ କିଛିଟା ସ୍ଥିର କରନ୍ତୁ । ଏଇଟା ନିତାନ୍ତ ଜରୁରୀ । କିନ୍ତୁ ଦୁଃଖର କଥା ଯେ ଆପଣ ରୋମାନ୍‌ଟିକ୍ ହୋଇପଡ଼ୁଛନ୍ତି ।"

ମାତ୍ର ଜୀବନରେ ଏଇ ଡିସିପ୍ଲିନ୍—ଶୃଙ୍ଖଳା ପାଇଁ ସୋରିଷ ପ୍ରମାଣେ ସ୍ଥାନ ନାହିଁ । ଗୃହଆଡ଼ ଇତସ୍ତତଃ—ବିକ୍ଷିପ୍ତ···

"ଆପଣ ଯଦି ଆର୍ଟିଷ୍ଟ ହୋଇଥାନ୍ତେ ତାହେଲେ ଏ ପ୍ରକାର ମାନସିକ ଶୃଙ୍ଖଲ୍ୟକୁ ଅକ୍ଷର ସାହାଯ୍ୟରେ ରୂପ ଦେଇ ପାରନ୍ତେ । ମାତ୍ର ଆପଣ ନିଜେ ତ ଲେଖୁନାହାନ୍ତି କିମ୍ବା ଅନ୍ୟ କାହାକୁ ଆପଣଙ୍କ ଅନ୍ତର କଥା ଖୋଲି କହୁନାହାନ୍ତି—ସୁତରାଂ ଡିସିପ୍ଲିନ୍ ଆପଣଙ୍କର ଖୁବ୍ ଜରୁରୀ ।" କମାଲ କହିଲା ।

"ଏ ଲେଖକମାନଙ୍କର ଆତ୍ମଗ୍ଲାନି ଖୁବ୍ ବେଶୀ"— ଚମ୍ପା କହିଲା ।

"କଳା ସୃଷ୍ଟି ପାଇଁ ଆତ୍ମ-ଦହନ ହୁଏତ ଜରୁରୀ । ଆପଣ ବରଂ ଚିତ୍ର ତିଆରିରେ ମନୋନିବେଶ କରିପାରନ୍ତି—"

Digitized by PPRACHIN, SOA

"ତୁମେ ମୋତେ ଭକ୍‌ଟୋରଆନ୍ୟୁଗୀୟ ରୋମାନସ୍‌ର ପୂଜାରଣୀ ଭାବୁଛ, ନୁହେଁ ? ଠିକ୍ ଅଛୁ । ମୁଁ ବେଶ୍ ଭଲରେ ଅଛୁ । ମୁଁ ତମ ସଭିଙ୍କ ସାଙ୍ଗରେ ରହିବ । ତହମୀନା ସାଙ୍ଗରେ ବି ରହିବ ।"

"ସୁତରାଂ ମନ ଓ ବୁଦ୍ଧି—ଏ ଦୁଇଟିର ଯଥାଯଥ ସମୀକରଣ ହେବା ଦରକାର । ଏତକ ଠିକ୍ କରନେଲେ ବେଶ୍ ସବୁ ଠିକ୍ ହୋଇଯିବ ।"

ତାପରେ ଚମ୍ପା, ତହମୀନା, ନିର୍ମଳା ଓ ତଲ୍‌ଅତ୍ ଅନେକ ସମୟରେ ଏକାଠି ରହନ୍ତି । ଦିନେ ତହମୀନା ଚମ୍ପାକୁ କହିଲା—"କଥାଟାକୁ ଖୁବ୍ ଗୁରୁତ୍ୱ ଦେଇ ବିଚାର କର । ଭାଇସାହେବ ଡିସେମ୍ବର ମାସରେ ମାଡ୍ରାସରୁ ଆସୁଛନ୍ତି । ଏଇ ବର୍ଷ ତୁମେ ଏମ୍. ଏ. ପାସ କରିଯିବ । ବେଶ୍ ଗୋଟାଏ ଆଭିଜାତ୍ୟପୂର୍ଣ୍ଣ ଜୀବନ ନିର୍ବାହ ପାଇଁ ତାଙ୍କୁ ବାହା ହେଇପଡ଼ ।"

"ବାକେ କଥା କୁହନ ତହମୀନା—"

"ଏଥିରେ ଆଉ ବାକେ କଥା ରହିଲା କେଉଁଠି ?"

"ତମେ ନିଜେ ବାହା ହେଇପଡ଼ୁନ ?"

"ମୁଁ ତମର ଭାଇ ହେଇ ରହିବାକୁ ଚାହେଁନା ।"

"ନିହାତ ବାକେ କଥା ।"

"ଏହା ଛଡ଼ା ଭାଇସାହେବଙ୍କ ଜୀବନର ଲକ୍ଷ୍ୟ ହେବାର କିଛି ମାନେ ନାହିଁ । ପୁରୁଷ ଲୋକକୁ ଏତେ ଉଚ୍ଚରେ ରଖି ବିଚାର କରିବା ନିରର୍ଥକ ।" ତହମୀନା କହିଲା ।

"ଠିକ୍ କହୁଛ ।"

"ଜୀବନର ଆଦର୍ଶ କେବଳ କମ୍ୟୁନିଷ୍ଟ ପାର୍ଟି—ଏଥିରେ ତମେ ଏକମତ ହେବ ।"

"ହଁ"—ଚମ୍ପା ଉତ୍ତର ଦେଲା ।

ତଲ୍‌ଅତ୍ ଅନ୍ୟ ରୁମ୍‌ରେ ବସିଥିଲା । ଏ କଥା ଶୁଣି ସେ ଖୁସି ହୋଇ ଉଠିଲା । "ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ—ଯା'ହେଉ ଏ ଦୁଇଜଣଙ୍କ ଭିତରେ ବୁଝାମଣା ହୋଇଗଲା ।"

ସେ ନିର୍ମଳାକୁ ବି ଫୋନ୍‌ରେ କହିଲା । ଏ କଥା ଶୁଣି ନିର୍ମଳା କିଛିଟା ଆଶ୍ୱସ୍ତ ହେଲା ।

ଭାଇସାହେବ ଡିସେମ୍ବର ମାସରେ ଲକ୍ଷ୍ନୌରେ ପହଁଚିବା ପରେ ଚମ୍ପାର ନୂଆ ଦୃଷ୍ଟିଭଙ୍ଗୀ ପୁଣି କୁଆଡ଼େ ଉଭେଇଗଲା । ସେ ପୁଣି ଖୁସି ଆନନ୍ଦରେ ଫାଟିପଡ଼ିଲା ।

ଇତିମଧ୍ୟରେ ଗୌତମ ନୀଳାମ୍ବର ବି ଆସି ପହଁଚି ଯାଇଥାଏ । ତାକୁ ଏକ

Digitized by PPRACHIN, SOA

ଇଂରାଜୀ ଦୈନିକପତ୍ରରେ ଗୁଞ୍ଜର ମିଳିଯାଇଥିଲା ।

ସେ ସମୟଟା ଏ ସଭିଙ୍କ ଜୀବନର ସର୍ବଶ୍ରେଷ୍ଠ ସମୟ—ଯାହା ଥରେ ଅତିକ୍ରାନ୍ତ ହୋଇଗଲେ ଆଉ ଫେରିବାର ସମ୍ଭାବନା ନଥିଲା ।

୨୯

"ଶାନ୍ତା ! ଏ ଜାଗାଟା ବେଶ୍ ଶାନ୍ତିପୂର୍ଣ୍ଣ । ଗଛଗହଳରେ କୋଇଲି ଡାକୁଛି । ଏଠାରେ ରିଟାୟର୍ଡ଼ କଲେକ୍ଟର, ବାରିଷ୍ଟର ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ନାଗରିକ-ମାନଙ୍କର କୋଠି ରହିଛି । ଗୁମ୍ଫା-ସ୍ନିଗ୍ଧ ପାର୍ଶ୍ଵ ରାସ୍ତାମାନଙ୍କରେ ହଳଦିଆ ରଙ୍ଗର ଫୁଲ ବିଛୁଇ ହୋଇପଡ଼ିଛି । ରବିବାର ଦିନ ସକାଳୁ ଝିଅମାନେ ପରସ୍ପର ଘରକୁ ଯା'ନ୍ତି । ଏଠାକାର ଲୋକମାନେ ବେଶ୍ ବୌଦ୍ଧିକ ବାର୍ତ୍ତାଳାପରେ ସମୟ କାଟନ୍ତି । ଆଭିଜାତ୍ୟ ଜୀବନର ଐଶ୍ୱର୍ଯ୍ୟ ଏଠାରେ ଯେମିତି ସାକାର ହୋଇଉଠିଛି । ଘରଗୁଡ଼ାକ ବେଶ୍ ସୁନ୍ଦର । ଏଠାକାର ଘର ନିର୍ମାଣ ପ୍ରଣାଳୀରେ ବି ଆଭିଜାତ୍ୟର ଗୌରବବୋଧ ବେଶ୍ ସୁସ୍ପଷ୍ଟ । ଏଠାକାର ଝିଅମାନଙ୍କ ବିଷୟରେ କିଛି କହେଁ—

"ନାଁ ବି ବଡ଼ ବିଚିତ୍ର ! ଉଦାହରଣସ୍ୱରୂପ 'ଚମ୍ପା ବେଗମ'—ବେଶ୍ ସୁନ୍ଦର ନାଁଟି ! ନୁହେଁ ଶାନ୍ତା ? ତୁମେ ଅନେକ ଦୂରରେ ଅଛ । ଏସବୁ ନ ଦେଖିଲେ ତମେ ଆଦୌ ଉପଲବ୍ଧି କରି ପାରିବନି ! ଶାନ୍ତା ! ତୁମେ ମୋତେ ଅନେକ ଦିନ ହେଲା କୌଣସି ବିଷୟରେ ବାରଣ କରନି । ତମ ଭିତରେ ଯେଉଁ ମାତୃତ୍ୱ ଛପିରହିଛି ମୁଁ କ'ଣ ତାକୁ ଏପିଲ୍ କରୁନି ? ଆହାଃ ତମେ ଏଠି ଏମାନଙ୍କ ସାଙ୍ଗରେ ସାକ୍ଷାତ କରନ୍ତ କି !

"ଖୁବ୍ ଗୋଟାଏ ଇଂଟରେଷ୍ଟିଂ କଥା ହେଲା ଯେ, ମୁଁ ଏଠି ଅନ୍‌ଅଫିସିଆଲ୍‌ଭାବେ ବର-ଦେଖା ପାଇଁ ଡକାଯାଇଥିଲି । ଠିକ୍ ମଫସଲୀ ଝିଅଟି ଭଳି ଲଜ୍ଜାଶୀଳା 'ନିର୍ମଳା ରାଣୀ'—ତା'ର ଲଜ୍ଜାର କାରଣ ମୋ ସାଙ୍ଗରେ ତା ବାପା ମା ପକାଇଥିବା ପ୍ରସ୍ତାବ ପାଇଁ ନୁହେଁ । ସତକଥା କହିବାକୁ ଗଲେ ସେ ମୋ ପ୍ରତି ବିଶେଷ ଅନୁରକ୍ତ ନୁହେଁ ବୋଲି ମୋର ଅନୁମାନ । ତା'ର ବହୁତ ଜବରଦସ୍ତ ପ୍ରୋଗ୍ରାମ ସବୁ ଅଛି । କେମ୍ବ୍ରିଜ ଯିବ, ଡକ୍‌ଟରେଟ କରିବ ଇତ୍ୟାଦି ଅନେକ ପ୍ରକାର ସ୍ୱପ୍ନରେ ସେ ମଶଗୁଲ୍ । 'ନିର୍ମଳା' ଓ 'ଡଲିଅତ୍' ଦୁହେଁ ବେଶ୍ ହସିଆରୁ ଝିଅ । ଭଗବାନ ସେମାନଙ୍କର ମଙ୍ଗଳ କରନ୍ତୁ…"

"କ'ଣ ଖିଷଣ ଲେଖିସାରିଲ ?"

Digitized by PPRACHIN, SOA

ନିର୍ମଳା ବାରନ୍ଦା ଡକୁ ପଗ୍ଭରିଲା ।

"ଲେଖୁଛୁ"

"ଦେଟେଇଲ—!"

"ଓଃ...ଅସଲ କଥା ହେଲା ମୁଁ ଭିଷଣ ଲେଖୁନ୍; ଲେଖୁର ଏକ ଜରୁଗ୍ଭି ଛଟି—"

"ମୁଁ ପଗ୍ଭରୁଚ ଏ'ଟା କ'ଣ ଛଟି ଲେଖିବା ବେଳ ?"

ଘର ଭିତରେ ସଭିଏଁ ମିଳି କବାଲି ଗାଇବା ଆରମ୍ଭ କରିଦେଇଥିଲେ ।

"ଗ୍ଭଲ ସେମାନଙ୍କ ସଙ୍ଗେ ମିଶି କବାଲି ଗାଇବା"—ନିର୍ମଳା କହିଲା ।

'ସିଙ୍ଘାଡ଼େବାଲି' କୋଠି କି ଆସି କବାଲି ଗାଇବା ଗୋଟାଏ ଜରୁଗ୍ଭି କଥା ନା ! ଗୌତମ ନିର୍ମଳାକୁ ଉଦାସ ଦୃଷ୍ଟିରେ ଗ୍ଭହିଁ ଖୁବିଲ । ସେତିକବେଳେ ସେମାନେ ଦେଖିଲେ ଭାଇସାହେବ ପାହାଚରେ ଠିଆହୋଇ ହସୁଛନ୍ତି । ତାଙ୍କୁ ସ୍ୱାଗତ କରିବାକୁ ସମସ୍ତେ ବାରନ୍ଦା ଉପରକୁ ଆସିଲେ ।

"ବଡ଼ ନର୍ଭସ ଟାଇପ୍‌ର ଲୋକ ଜଣାପଡ଼ୁଛନ୍ତି"—ଗୌତମ କହିଲା ।

"ହିଁ ଅମାନଙ୍କୁ ଦେଖି ସେ ହଡ଼ବଡ଼େଇ ଯା'ନ୍ତି । ବଚରା ଖୁବ୍ ଭଦ୍ରଲୋକ—" ନିର୍ମଳା କହିଲା ।

"ସେ ଭଦ୍ରଲୋକ; ଆଉ ଆମେ ସବୁ କ'ଣ ଅଭଦ୍ର ? ବାଃ..." ହରିଶଙ୍କର ବିରୋଧ କଲା ।

"ତାଙ୍କ ଅବଚେତନ ମନରେ କିଛି ଗୋଟାଏ ଦୁର୍ବଳତା ରହିଛି ।" ଗୌତମ ଘୋଷଣା କଲା ।

ଚମ୍ପା ଚେୟାର ଉପରୁ ଉଠିପଡ଼ି ଭାଇ ସାହେବଙ୍କ ପାଇଁ ଗ୍ଭ ତିଆରି କଲା ।

"ଭାଇ ସାହେବ ଖୁବ୍ ଭଲ ନାଚନ୍ତି"— ନିର୍ମଳା କହିଲା । ସେ ତିନି ଜଣ ଅନ୍ୟ ଏକ ବାରନ୍ଦାରେ ଯାଇ ବସିଲେ ।

"ଲୋକ-ନୃତ୍ୟ ନା କ୍ଲାସିକାଲ ?" ଗୌତମ କୌତୁକରେ ପଗ୍ଭରିଲା ।

"ରକ୍ ଏଣ୍ଡ ରୋଲରେ ସେ ଓସ୍ତାଦ୍ ।" ନିର୍ମଳା ଖରକଣ୍ଠରେ କହିଲା ।

ତାପରେ ସେମାନେ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ଭିତରେ କଥାର ମୋଡ଼ ବୁଲାଇଲେ ।

"ଚମ୍ପା ବେଗମ୍, ଭାଇ ସାହେବ, ଅପ୍ସରୀ !" ଗୌତମ ଖୁବ୍ ଶିଷ୍ଟତାର ସହିତ ସେମାନଙ୍କୁ ସମ୍ବୋଧନ କରି କହିଲା, "ଆସ, ଆମେ ସବୁ ଯାଇ ଭୂତକୁ ଖୋଜିବା—" ସେମାନେ ଚୁପ୍‌ଚାପ୍ ମୋଟରରେ ଆସି ବସିଲେ ।

Digitized by PPRACHIN, SOA

"ରାସ୍ତାର ଏପରି ଏକ ମୋଡ଼ ଆସି ପହଞ୍ଚେ; ଯେଉଁଠୁ ମଣିଷ ଆଉ କେବେ ଫେରିଆସିପାରେନା—।" ଅମୀର ରଜା ସ୍ୱଗତୋକ୍ତି କଲେ ।

କମାଲ୍ ମୋଟରରେ ବ୍ରେକ ଦେଇ କହିଲା, "ଆସ ନଈକୂଳରେ ବସି ଲହରୀ ସବୁ ଗଣିବା ।"

ନଈରେ ରଙ୍ଗ-ବେରଙ୍ଗର ଭେଳା ସବୁ ଭାସୁଥାଏ, ତା ଉପରେ ବସିଥିବା ଲୋକମାନେ ବିଚିତ୍ର ପୋଷାକ ପିନ୍ଧିଥାନ୍ତି ।

ସେମାନେ ହାତଠାରି ଏମାନଙ୍କୁ ଡାକିବାକୁ ଲାଗିଲେ । ସେମାନଙ୍କର ଭାଷା ଏମାନେ ବୁଝିପାରିଲେନି । ନଈକୂଳରେ କୁକୁର ଓ ଶିଆଳଙ୍କର ଚିତ୍କାର ଶୁଭୁଥାଏ । ପାଖ ଶ୍ମଶାନରେ ଜୁଇ ଜଳୁଥାଏ ।

"ଏଠୁ ଚାଲ । ଚାଲ, ଆଗକୁ ପଳାଇବା"—ଚମ୍ପା କହିଲା । ତା ସ୍ୱର ଯେପରି ଗଭୀର ପାଣିରୁ ଶୁଭୁଥିଲା ।

"ଏହି ଶବ୍ଦକୁ ଡରି କୁଆଡ଼େ ପଳାଇବ ?" ଏ ତ ଅନ୍ତିମ ଶବ୍ଦ ।" ଗୌତମ କହିଲା ।

"ମୋର ମୁଣ୍ଡ ବୁଲାଇଦେଉଚ୍ଛି । ମୋତେ ଏ ଭୂତ କବଳରୁ ବଞ୍ଚାଅ"—ଅମୀର ରଜା କହିଲେ । ଚମ୍ପା ତାଙ୍କ ପାଖରେ ଠିଆ ହୋଇଥିଲା ।

"କି ସୁନ୍ଦର ମଣିଷ ! ଆହାଃ ମୁଁ ତମ ମନକୁ ଭଲ ଜାଣିପାରନ୍ତି ।"

"ତୁମେ ଜାଣିପାରିବନି । ମୋତେ କେହି ଜାଣିପାରିବେନି"—ଅମୀର ରଜା ଉତ୍ତର ଦେଲେ ।

ପୁଣି ମୋଟର ଷ୍ଟାର୍ଟ ହେବାମାତ୍ରେ କମାଲ୍ ଗୀତ ବୋଲିବାକୁ ଆରମ୍ଭ କଲା । ଜ୍ୟୋତ୍ସ୍ନାଲୋକ ବେଶ୍ ଉଜ୍ଜ୍ୱଳ ଦିଶୁଥାଏ । ଆଲୁଅରେ ସମସ୍ତଙ୍କ ମୁହଁ ବେଶ୍ ଉଜ୍ଜ୍ୱଳ ଦିଶୁଥିଲା ।

"ସେତୁ ! ଚାରିଆଡ଼େ ଖାଲି ସେତୁ ତିଆରି ହୋଇଚ୍ଛି—" ଗୌତମ ଚଡ଼ଚଡ଼ି ହେଲା ।

ସେମାନେ ସିକନ୍ଦରବାଗ ରାସ୍ତାରେ ଆସି ପହଞ୍ଚିଲେ । ପାଖରେ ଗୋଟାଏ ହାତୀ ଝୁଲି ଝୁଲି ଚାଲିଗଲା । ସେଥିରେ ଶାହେଅବଧ ଗାଜିଉଦ୍ଦୀନ ହୈଦର୍ ବସିଥିଲେ ।

"ତାଙ୍କୁ ଅତି କମ୍‌ରେ 'ହାଉ ଡୁ ୟୁ ଡୁ' କର !"

"ସେ ତ ଖୁବ୍ ପ୍ରସିଦ୍ଧ ଇଂରେଜ ! ଦେଖ କି ବଳିତ ବାଦଶାହ ଯୋଡ଼ ପିନ୍ଧିଚ !" କମାଲ୍ କହିଲା ।

'ଶାହେଜମନ' ହାଉଦା ଉପରେ ମୁଣ୍ଡ ନୁଆଁଇ ବସିଥିଲେ । ମୋଟରଟା ତାଙ୍କୁ ଅତିକ୍ରମ କରି ଚାଲିଗଲା ।

Digitized by PPRACHIN, SOA

"ଏମାନେ କ'ଣ ଭାବୁଛନ୍ତି ମୋତେ ଯଦି କିଏ ନିଭୁଲ ଲିଭିବେ କହିଦେବ ମୁଁ ତାକୁ ପୁରସ୍କାର ଦେବି"—ଗୌତମ କହିଲା । ଚମ୍ପା ମନେ ମନେ ଭାବୁଥିଲା—"ଏମାନଙ୍କର ସାହଚର୍ଯ୍ୟ ନିରର୍ଥକ; ବରଂ ଏକାନ୍ତ ହେବା ସବୁଠୁଁ ଭଲ !"

କମାଲ ଲାମାର୍ଟିନେୟର୍ କଲେଜ ସାମନାରେ ହଠାତ୍ ଗାଡ଼ିରେ ବ୍ରେକ୍ ଦେଲା ।

ଏମାନେ ସବୁ ଗାଡ଼ିରୁ ଓହ୍ଲାଇ କଲେଜ କୋଠି ପାଖକୁ ଯାଇ ଝରକା ଦେଇ ଭିତରକୁ ଚାହିଁଲେ । ଘର ଭିତର ଅନ୍ଧାର ଓ ଶୂନଶାନ୍ । ଏଠାରେ ସକାଳେ ପାଠ ପଢ଼ା ହୁଏ । କାନ୍ଥରେ ଜେନେରାଲ ମାର୍ଟିନ୍‌ଙ୍କ ହିନ୍ଦୁ ସ୍ତ୍ରୀ ପତ୍ନୀର ଫଟୋ ଝୁଲୁଛି ।

ତାପରେ ସେମାନେ ସେଠାରୁ ଝରଣା ପାଖକୁ ଚାଲିଲେ । ତଲଅତ୍ କେବଳ ସେଠି ଝରକା କାଚକୁ ମୁହଁ ଲଗାଇ ଠିଆ ହୋଇଥିଲା । ଜେନେରାଲ ମାର୍ଟିନ୍‌ଙ୍କ ହିନ୍ଦୁ ସ୍ତ୍ରୀ ପତ୍ନୀ ଠିଆହୋଇ ତଲଅତ୍‌କୁ ଡାକୁଥିଲେ "ଆସ, ମୋ ସାଙ୍ଗରେ କିଛି କଥା ହୁଅ । ଧନସାରା ଏଠି ଖାଲି ପଢ଼ାହୁଏ—ଲେକ୍‌ଚର ହୁଏ । ମୋ ଆଡ଼କୁ କିଏ ଟିକିଏ ଚାହେଁନି ।"

ତାପରେ ସେ ସୁସୁ କରି କାନ୍ଦିବାକୁ ଲାଗିଲା । ତଲଅତ୍ ଖୁବ୍ ଡରିଯାଇଥିଲା । 'ଶୁଣ !' ତଲଅତ୍ ବୁଝାଇବାକୁ ଲାଗିଲା, "ତୁମେ ଅନନ୍ତ ବିନ୍ଦୁ ଉପରେ ନଜର ଧ୍ୟାନ କେନ୍ଦ୍ରୀଭୂତ କର ।"

"ପ୍ରମିଜ୍ କର କେବେ ପଢ଼ିବନି ?" କମାଲ ଉଚ୍ଚ କଣ୍ଠରେ କହୁଥିଲା । "ଏଠାରୁ ଆମର ଜଣେ ଇଂରେଜ ପ୍ରଫେସର ବହୁପଣ୍ଡ ଗୁଡ଼ି ହିମାଳୟ ଚାଲିଯାଇଥିଲେ । କି'ଏ ଜାଣେ ସେ ଏବେ ବଞ୍ଚିଛନ୍ତି କି ନା ?"

'ଓମ୍...ଓମ୍...' ଓଁକାର ଶବ୍ଦର ଗୁଞ୍ଜନ ଶୁଭିଲା । ବାତାବରଣ ତାପରେ 'ହରି ହରି' ଶବ୍ଦରେ କମ୍ପି ଉଠିଲା । ସେମାନେ ଝରଣାକୁ ପଛରେ ପକାଇ ଲାଲ ବଜାରବାଲେ ରାସ୍ତାରେ ଚାଲିବାକୁ ଲାଗିଲେ । ଚମ୍ପା ହାତ ବଢ଼ାଇ ଫୁଲର ଏକ ଡାଳକୁ ଛୁଇଁଲା ମାତ୍ରେ ପତ୍ରଟିଏ ଗଛରୁ ଖସିପଡ଼ି ତଳେ ପଡ଼ିଲା ।

"ବିଷ୍ଣୁ, ଏଇ ପତ୍ର ପଡ଼ିବା ଭିତରେ ଛପିଛନ୍ତି । ହରି...ହରି..." ଚମ୍ପା କହିଲା । ତାପରେ ସେମାନେ 'ଦିଲଖୁସା' କୋଠି ଭିତରକୁ ଗଲେ । ଚାରିଆଡ଼ ପୂର୍ଣ୍ଣିମା ରାତିର ଜ୍ୟୋତ୍ସ୍ନାଲୋକରେ ଭରା । ଗାଜିଉଦ୍ଦୀନ ହୈଦରଙ୍କ କୋଠିରେ ବାସନ୍ତୀ ଉତ୍ସବର କୋଲାହଳ ।

ହଳଦିଆ ରଙ୍ଗର ଏକ କୋଠି ପଛରେ ଇଂରେଜ ସିପାହିମାନଙ୍କର କବର ଥିଲା । କିନ୍ତୁ ସତାବନ ମସିହା ପରଠାରୁ ସେଠି ଶସ୍ୟକ୍ଷେତ୍ର ଥିଲା । ଜଙ୍ଗଲିଆ ଅରମା ଭିତରେ ପଶି ସେଠାରେ ଥିବା ଶିଳା-ଲେଖ ସେମାନେ ପାଠ କଲେ ।

"ଲେଫଟେଲାଣ୍ଟ ପାର୍ଲି, ଫୋର୍ଥ ପଞ୍ଜାବ ରାଇଫଲସ୍ ।"

Digitized by PPRACHIN, SOA

"କେପଟେନ୍ ମେକଡ୍ୱାନଲଡ୍, ୯୭ ହାଇଲେଣ୍ଡର୍ସ ।"

"ଲେଫଟେଲଣ୍ଟ ଗୁର୍କି ଡେଣବୁଡ୍ ।"

"ହାଲୋ ! ହାଉ ଡୁ ୟୁ ଡୁ ?" ସେ ତିନିଜଣ ଆଗକୁ ଆସି ଆଗ୍ରହ ସହକାରେ କରମର୍ଦ୍ଦନ କରିବାକୁ ହାତ ବଢ଼ାଇଲେ ।

"ହାଲୋ ଗୁର୍କି ! ନିଅ ତମାଖୁ ଟାଣ"—ଗୌତମ ତମାଖୁ ବଢ଼ାଇଲା ।

ପୁଣି ନବାବ କୁଦସିୟା ମହଲ ଗୃମେଲି ଲତା ଆଢ଼ୁଆଳରୁ ବାହାରି କହିଲେ, "ମୋତେ ଯଦି କେହି ମୋର ମାନସିକ ସ୍ଥିରତା ଦେବ, ମୁଁ ତାକୁ ପୁରସ୍କାର ଦେଇ ଖୁସିକରି ଦେବି ।"

"ମୁଁ ସବୁବେଳେ ଭାବୁଛି ତୁମେ ବିଷପାନ କାହିଁକି କଲ ?" ଚମ୍ପା ନବାବ କୁଦସିୟା ମହଲଙ୍କୁ ଲକ୍ଷ୍ୟ କରି ସହପାଠିନୀକୁ ଝିଆଲରେ ପଚାରିଲାଭଳି ପଚାରି ବସିଲା । ଝିଅମାନେ ପ୍ରତ୍ୟେକେ ପରସ୍ପରକୁ ଜାଣନ୍ତି । ଚବିଶବର୍ଷୀୟା ସୁଶ୍ରୀ ମାଲିକା-ଏ-ଅବଧ ନିଜର ପାଉଁଜି ସଜାଡ଼ି ଏକ ପଥର ଉପରେ ବସିଗଲା । ଅନ୍ୟ ସମସ୍ତେ ପଦଚାରଣା କରି ଢାଲକୁଶା-ମହଲର ଭଗ୍ନାବଶେଷ ଆଡ଼କୁ ଚାଲିଗଲେ ।

"ଦିନେ ଜଣେ ଫ୍ରାନ୍ସୀୟ ନିଜର ବାଷ୍ପୀୟପୋତ ଉଡ଼ାଇବାକୁ ଆଣିଥିଲେ । ଖୁବ୍ ଗୋଟାଏ ମନୋରମ ପରିବେଶ ସେଦିନ ଜମିଥିଲା । ମୋ ଶ୍ୱଶୁର ଶାହେଜମନ ବି ମେଳା ଦେଖି ଆସିଥାନ୍ତି । ସେଇ ଫରାସୀ ଲୋକଟିର 'ପୋତ'ରେ ବସି ଏ ସହରଠାରୁ ୧୨ ମାଇଲ ଦୂରସ୍ଥ ପାରାମାନଙ୍କର ବାସସ୍ଥଳୀରେ ଯାଇ ଓହ୍ଲାଇବା କି ମଜା ସତେ ! ତୁମେ କେବେ ବାଷ୍ପୀୟପୋତରେ ବସି ଉଡ଼ିଛ ?" ମଲିକା ଚମ୍ପାକୁ ପଚାରିଲା ।

"ନା । କିନ୍ତୁ ତୁମେ ବିଷପାନ କାହିଁକି କଲ ?" ଚମ୍ପା ସେଇ ପୁରୁଣା ପ୍ରଶ୍ନଟି ପଚାରିବାକୁ ଲାଗିଲା । ମଲିକା କିନ୍ତୁ ଏ କଥାକୁ ଆଡ଼େଇ ଦେବାକୁ ଚାହୁଁଥାଏ ।

ଚମ୍ପା ପୁଣି ପଚାରି ବସିଲା, "ତୁମେ ତ ବେଶ୍ ଜଣାଶୁଣା ଥିଲ । ଲକ୍ଷ୍ନୌ ରାଜସିଂହାସନ ଉପରେ ବସିବାର ଗୌରବ ତୁମଠାରୁ ବେଶୀ କେହି ପାଇନାହିଁ । ଲକ୍ଷ ଲକ୍ଷ ଟଙ୍କା ତୁମେ ଦରିଦ୍ରମାନଙ୍କୁ ବିତରଣ କରିଛ । ତୁମେ କୁହ, ଏ ସମସ୍ତ ତ୍ୟାଗ ବିନିମୟରେ ସମାଜ ତୁମକୁ ଦେଲା କ'ଣ ?"

"ଯେଉଁଆଡ଼େ ଦେଖୁଛ ସେଇଆଡ଼େ କେବଳ ତୁମେ"—ମଲିକା ଅନ୍ୟମନସ୍କଭାବେ ଗୁଣୁ ଗୁଣୁ ହେଲା । "ଏ ମୋର ବାଦଶାହଙ୍କ ପ୍ରିୟ ସଙ୍ଗୀତରୁ ପଦେ"— ସେ ଚମ୍ପାକୁ ଲକ୍ଷ୍ୟକରି କହିଲା ।

ବଗିଚା ବାସନ୍ତର ସମସ୍ତ ଫୁଲର ମହକରେ ମହକିତ ହେଉଥାଏ । ସତେ ଯେପରି ହଜାର ହଜାର ଅତର ଶିଶି କିଏ ଢାଳିଦେଇଛି ।

Digitized by PPRACHIN, SOA

"ବର୍ଷାଋତୁ ଥାଏ । ତୁମେ ଦିଲଖୁସା ମହଲକୁ ଆମୋଦ କରିବାକୁ ଆସିଲ କାରଣ ବାଦଶାହ ତୁମ ଉପରେ ଅସନ୍ତୁଷ୍ଟ ଥିଲେ । ତୁମେ ସୁରା ପାନ କରିଥିଲ । କହିଲ ଭଲ, ଏହାର ଅର୍ଥ କ'ଣ ? ପୁରୁଷପୁଅ କ'ଣ ଏପରି ଯୋଗ୍ୟ ଯେ ତାପାଇଁ ନାରୀର ଜୀବନକୁ ନେଇ ଖେଳାଯାଇପାରେ ? ତାକୁ ତ ଏତେଟିକେ ଖାତିର କରିବା କଥା ନୁହେଁ । ଟିକିଏ ବି ନୁହେଁ ।" ଚମ୍ପା ଦୃଢ଼ତାର ସହିତ କହିଲା ।

କୁଦସିଆ ମହଲ ଚୁପ୍‌ଥାଏ ।

"ହେଇ ଦେଖ ରାଜା ଗାଲିବଜଙ୍ଗ ଆସିଛନ୍ତି । ଆଜି ପୂର୍ଣ୍ଣିମା କି ନା ବାଦଶାହ ବୋଧହୁଏ ମଜିଜ ମଜଲସ୍ ପାଇଁ ଆସିଛନ୍ତି । ମୋତେ ଦେଖିବେ ତ ପୁଣି ଖପା ହୋଇଯିବେ । ମୁଁ ଏବେ ଯାଏଁ—"

"କୁଆଡ଼େ ଯାଉଛ ?" ଚମ୍ପା ବିଚଳିତ ହୋଇ ପଚାରି ବସିଲା ।

"କୁଆଡ଼କୁ ନୁହେ—ଆମେ ସବୁ ଏଇଠି ଅଛୁ । ଆମ ତମ ଭିତରେ ବ୍ୟବଧାନ ଆଉ କାହିଁ ? ଏବେ ତୁମେ ବି ଚାଲିଯାଅ । ବର୍ତ୍ତମାନ ସମୟର ସାଥୀ ତୁମକୁ ଡାକୁଛନ୍ତି ।"

"ଚମ୍ପାବାଜି ! ଚମ୍ପାବାଜି !"—ରାତ୍ରୀର ନିର୍ଜନତାକୁ ମୁଖର କରି କମାଲର ସ୍ୱର ଶୁଭିଲା । ବସିଥିବା ପଥର ଉପରୁ ସେ ଉଠି ଦିଲଖୁସା ମହଲ ଅଭିମୁଖେ ଆଗେଇଲା । ଭଗ୍ନାବଶେଷର ସବୁଠାରୁ ଉଚ୍ଚ ପାହାଚ ଉପରେ ସଭିଏଁ ବସିଥାନ୍ତି । ଭିତର ଭଗ୍ନ କକ୍ଷରେ 'ବାଦଶାହ-ଏ-ଅବଧ ନସିରୁଦ୍ଦୀନ ହାୟଦରଙ୍କ ଇଂରେଜ ପତ୍ନୀ ବଡ଼ ବଡ଼ ଝାଲରଲଗା ସାୟା ପିନ୍ଧି ଗିଟାର ଶୁଣିବାରେ ମୁଗ୍‌ଧ । ସେ ପୁଣି ବେଗମ୍‌ମାନଙ୍କ ସାଙ୍ଗରେ ମିଶି ପୋଲକା ନାଚ ଆରମ୍ଭ କରିଦେଲେ । କମାଲ ବନ୍ଧୁମାନଙ୍କ ସହ ଶିଡ଼ିରୁ ଓହ୍ଲାଇ ବଗିଚା ଆଡ଼କୁ ଚାଲିଲା ।

ଚମ୍ପା ପୁଣି ଏକୁଟିଆ ରହିଗଲା ।

"ମାଦମୋଜେଲ୍, ବୁଜେଉ୍ ତର୍ଶୋରମା ! ମାଦମୋଜେଲ୍ !!"

ଚମ୍ପା ମୁହଁ ବୁଲାଇ ଦେଖିଲା ବାଦଶାହ ନସିରୁଦ୍ଦିନ ହାୟଦରଙ୍କ ଫରାସୀ ନାପିତ ସାମନାରେ ଠିଆହୋଇ ହସୁଛି । ରଙ୍ଗୀନ ରୁମାଲ ଖଣ୍ଡେ ପଥର ଉପରେ ବିଛାଇ ସେ ବସିପଡ଼ି କହିଲା "କ୍ଷମା କରିବେ !"

ଚମ୍ପା ଅପଲକ ଦୃଷ୍ଟିରେ କେବଳ ଚାହିଁରହିଥିଲା ।

"ମାଡ଼ାମ, ଆପଣ ଦେହର ଯତ୍ନ ନିଅନ୍ତୁ । ମନଭରି ଖୁସି ରହନ୍ତୁ । ଦୁଃଖ କରିବା ଅନାବଶ୍ୟକ । ମୁଁ ଆପଣଙ୍କୁ ମୃତନାରୀମାନଙ୍କର ଗୀତ ଶୁଣାଏଁ ।" ଏକ ଝଙ୍କାର ତୋଳି ଗିଟାର ବଜାଇବା ଆରମ୍ଭ କରିଦେଲା । "ମୃତନାରୀର ସଙ୍ଗୀତ—

"ମୋତେ କୁହ ଲେଡି ଫ୍ଲୋରା ଓ ରୂପବତୀ ହାଇପେଶ୍ୟା ଓ ଥାଇବା କେଉଁଠି

Digitized by PPRACHIN, SOA

ଛପିଗଲେ ? କୋ଼ନ୍ କୁଆଡ଼େ ଗଲ ଯାହାକୁ ଇଂରେଜମାନେ ଜଳାଇ ଦେଇଥିଲେ । କଣ ହେଲ ସେମାନଙ୍କର ? କାଲୁ ଗତ ଦୁନିଆର କଥା କଏ ଦେଖିଛୁ !

"ମାଡ଼ାମ ! ମନେରଖନ୍ତୁ ସୁନ୍ଦରୀ ନାରୀ ଦୁଇଥର ମରିଯାଏ । ଆପଣା ଦେହର ଯତ୍ନ ନିଅନ୍ତୁ । ଧନ, ଯୌବନ ଓ ଇଜ୍ଜତ ଉପରେ ଗର୍ବ କରନ୍ତୁ । ସମୟ ଖୁବ୍ ଅଳ୍ପ । ଖୁବ୍ ଶୀଘ୍ର ଏସବୁ ଐଶ୍ୱର୍ଯ୍ୟ ଆପଣଙ୍କ ପାଖରୁ ଅନ୍ତର୍ହିତ ହୋଇଯିବ । ମୋ କଥା ମାନନ୍ତୁ । ମୁଁ ପ୍ୟାରିସ୍‌ର କେଶ-ଶିଳ୍ପୀ । ମୁଁ ବାଦଶାହଙ୍କ ମନମୁତାବକ କ୍ଷୌରକର୍ମ ଚବିଶଲକ୍ଷ ଟଙ୍କାରେ ମୋର ଘର ଭରିଦେଇଥିଲ । ସମଗ୍ର ଲକ୍ଷ୍ନୌ ସହରରେ ମୋର ପ୍ରଭାବ ଥିଲ । ବାଦଶାହ ମୋ ଇଙ୍ଗିତରେ ପରିଚାଳିତ ହେଉଥିଲେ । ମୁଁ ଥିଲ ରାଜ୍ୟର ସର୍ବେସର୍ବା । ଆଜି କାହାକୁ ମୋ ନାଁ ସ୍ମରଣ ନାହିଁ !" ସେ ନିଜ ପାଦର ଜୋତାକୁ ଉଦାସ ହୋଇ ଚାହିଁଲ ।

ଚମ୍ପା ପାହାଚ ତଳକୁ ଓହ୍ଲାଇବାକୁ ଲଗିଲ । "ମୁଁ ଏବେ ଯାଇ ଆଉ କୁଆଡ଼େ ବୁଲିବ, ଅନୁମତି ଦିଅନ୍ତୁ ମାଡ଼ାମ୍ ।" ନାଟକୀୟ ଭଙ୍ଗୀରେ କହିଲ ଫରାସୀ ନାପିତ ଜଣକ ।

ଚମ୍ପା ମୋଟର ଆଡ଼କୁ ଆଗେଇଲ । "ଆସ ଛତର ମଞ୍ଜିଲକୁ ଯାଇ ନାଚିବା" —କମାଲ୍ ପ୍ରସ୍ତାବ କଲ ।

ସେମାନେ ଫାଟକ ଦେଇ କାସଲଜ୍ ରୋଡ଼କୁ ଆସିଲେ । ଗାଜିଉଦ୍ଦୀନ୍ ହୈଦର ରାଜ ଉଆସ ଦେଇ ସେମାନେ ଆସି ହଜରତ୍‌ଗଞ୍ଜରେ ପହଞ୍ଚିଲେ । ପୁଣି ସେଠାରୁ କୈଶରବାଗ୍ ଆଡ଼କୁ ଗଲେ । ସାମନା କୋଠିଟା ଆଲୁଅରେ ଝକମକ୍ ଦିଶୁଥାଏ ।

"ଆଜି ତ ଏଠାରେ ବସନ୍ତ ଉତ୍ସବ"—ତଲଅତ୍ ଆନନ୍ଦରେ କହିଉଠିଲ ।

"ଆଜି ବୋଧହୁଏ ସୁଲତାନ୍ ଆଲମ୍ ଏଠାରେ ଅପେରାର ଆୟୋଜନ କରିଛନ୍ତି"—ନିର୍ମଳା ଭିତରକୁ ଯିବାକୁ ପ୍ରସ୍ତାବ କରି କହିଲ ।

"କିପରି ଯିବା ? ଆମକୁ ତ ନିମନ୍ତ୍ରଣ ମିଳିନାହିଁ ।"—ଦ୍ୱିଧାର ସହିତ କମାଲ୍ କହିଲ ।

"ଚାଲ ଦ୍ୱାରପାଳର ପଛରେ ଚୁପ୍‌ଚାପ୍ ଠିଆହୋଇ ଦେଖିବା"—ଶଙ୍କର ପ୍ରସ୍ତାବ ଦେଲ ।

ସେମାନେ ଖୁବ୍ ସନ୍ତର୍ପଣରେ କୋଠି ଭିତରେ ପହଞ୍ଚିଲେ । ଷ୍ଟେଜଟା ଠିକ୍ ଦେବରାଜ ଇନ୍ଦ୍ରଙ୍କ ଦରବାର ଭଳି ଚାନ୍ଦୀରେ ଝଲମଲ ଦିଶୁଥାଏ । ସେମାନେ ନିଶବ୍ଦ ଗତିରେ ଷ୍ଟେଜ୍‌ର ନିକଟବର୍ତ୍ତୀ ହେଲେ । ଠିକ୍ ସେତିକିବେଳେ 'ପୁଖରାଜ ପରୀ' ଗଜଲ୍ ଆରମ୍ଭ କରୁଥାଏ । ହଲ୍ ଭିତରୁ ଦର୍ଶକ ମହଲର ସପ୍ରଶଂସ 'ବାହା ବାହା' ଧ୍ୱନି

Digitized by PPRACHIN, SOA

ଶୁଭୁଥାଏ । ସେମାନେ ଚୁପଚାପ୍ ଅନ୍ୟ ଏକ ଦରଜାବାଟେ ଭିତରକୁ ଆସିଲେ । ପ୍ଲଃଟ୍ରଜ ପକ୍ଷୀ ସେମିତି ଗାଉଥାଏ ।

'ଇନ୍ଦ୍ର-ସଭା' ଅପେରା ଚାଲିଥାଏ । ଏମାନେ ସଭିଏଁ ଭିଡ଼ ଭିତରେ ଚାରିଆଡ଼କୁ ଚାହୁଁ ଥାଆନ୍ତି । ଏମାନଙ୍କ ହାବଭାବ ଦେଖି ଗ୍ରୀନ୍ ରୁମରୁ ଷ୍ଟେଜକୁ ଯିବାକୁ ପ୍ରସ୍ତୁତ ହେଉଥିବା 'ସବୁଜ-ପକ୍ଷୀ' ବିଚଳିତ ଭଙ୍ଗୀରେ 'କାଲେଦେବ'ଙ୍କୁ ଗୋପନରେ କହିଲା—"ହେଇ ଦେଖ ! ଆଗାମୀ କାଲର ଭୂତ ଆମକୁ ଲକ୍ଷ୍ୟ କରୁଛି ।"

'କାଲେଦେବ' ଜୋରରେ ହସିଲା—"କି ପ୍ରକାର ଭୂତ ?"

କମାଲ୍ ଦ୍ୱାରପାଳକୁ ପଚାରିଲା, "ଏଠି ସବୁଜ ପକ୍ଷୀ କିଏ ?"

"ଆରେ ବାବା ତୁମେ ସବୁଜ ପକ୍ଷୀକୁ ଚିହ୍ନ ନାହଁ ?"—ଚମ୍ପାବାଈ—ଗାଜିଉଦ୍ଦୀନ୍ ହୈଦରଙ୍କ କାଳରୁ ତାର ରାଜୁତି ! ଅସି ଚାଳିଶ ଟପିବାକୁ ବସିଲାଣି, ହେଲେ ଛଇ-ଛଟକରେ କମ୍ ନୁହେଁ । ସତରେ ! ଆଲ୍ଲା ତାକୁ କି ରୂପ ଦେଇଛନ୍ତି ! ତା ଛଡ଼ା ସବୁଜ ପକ୍ଷୀର ସୁଆଙ୍ଗ କରିବାକୁ ଆଉ କିଏ ଅଛି ? ତା କଣ୍ଠସ୍ୱର ଯେମିତି, ସେମିତି ତାର ରୂପର ଝଲକ ! ତମେ ସବୁ କଅଣ ଲକ୍ଷ୍ନୌରେ ରୁହନାହିଁ କି ?"

କମାଲ ତୁରନ୍ତ ସେଠାରୁ ବାହାରିଆସିଲା ।

ଠିକ୍ ସେତିକିବେଳେ 'କାଲେଦେବ' ଉଚ୍ଚ କଣ୍ଠରେ ଗାଇ ଉଠିଲା :

ହିନ୍ଦୁସ୍ଥାନ ଯାଇ ମୁଁ ଆଣିଛି ରାଜକୁମାର
ଚିହ୍ନିନେ ସବୁଜ-ପକ୍ଷୀ ତୋ ମଣିଷ ମନର ।

ସେତେବେଳେ ସାହଜାଦା ଗୁଲ୍‌ଫାମ୍ ଷ୍ଟେଜ ଉପରକୁ ଉଠିଆସି ଗାଇବାକୁ ଲାଗିଲା—

ଉଆସରେ ରହେ ମୁଁ, ବିଳାସ ଏଇ ମୋର କାମ
ରାଜକୁମାର ମୁଁ ହିନ୍ଦ୍‌ର, ନାମ ମୋର 'ଗୁଲ୍‌ଫାମ୍' ।

ସେ ପୁଣି ମନମତାଣିଆ ଲହରୀ ଦେଇ ବୋଲିବାକୁ ଲାଗିଲା ।……

ଏମାନେ ସବୁ ବାହାରକୁ ଆସିଲେ । ଭିତରୁ ସାହାଜାଦାର ସ୍ୱର ଶୁଭୁଥାଏ ! ବାହାରେ ଚାରିଆଡ଼ ଆଲୁଅରେ ଝଲମଲ ଦିଶୁଥାଏ । କୁଞ୍ଜରେ ଶ୍ରୀକୃଷ୍ଣଙ୍କ ରାସ ଚାଲିଛି : ଜାନେ ଆଲମ୍ ଏକ ଗେରୁଆ ଲୁଗା ପିନ୍ଧି ଧୁନି ଜଳାଇ ଏକ ଗଛତଳେ ବସିଥାନ୍ତି । ମେଳାକୁ ଆସିଥିବା ସମସ୍ତ ସହରବାସୀ ବି ଗେରୁଆ ବସ୍ତ୍ର ପିନ୍ଧିଥାନ୍ତି । ଦୁର୍ଗାପ୍ରସାଦ ନାଚି ନାଚି କୃଷ୍ଣରାସର ଭାବ ବୁଝାଉଥାଏ । ସୁଗନ୍ଧିତ ଜଳର ପିଚକାରୀ ଝରିପଡ଼ୁଥାଏ । ଚାରିଆଡ଼ ଖାଲି ଫୁଲରେ ଭରା ! ମଞ୍ଚ ଉପରୁ ସନ୍ନ୍ୟାସିନୀର ଭୈରବୀ ରାଗରେ ବସନ୍ତ-ରାସର ମନୋଜ୍ଞ ସଙ୍ଗୀତ ଶୁଭୁଥାଏ ।

ସନ୍ନ୍ୟାସିନୀର କଣ୍ଠସ୍ୱର କ୍ରମେ ନିମୀଳିତ ହୋଇଆସିଲା । ଏମାନେ ବସନ୍ତମେଳାର

Digitized by PPRACHIN, SOA

ଯାତ୍ରୀଭିଡ଼ ଭିତରୁ ବାହାର ରସ୍ତାକୁ ଉଠିଲେ ।

ଯେତେବେଳକୁ ସେମାନଙ୍କ ଗନ୍ତବ୍ୟ ସ୍ଥଳ ସଡ଼କର ଅପର ପାର୍ଶ୍ୱର ଅନ୍ଧାରରେ 'ଛତର ମଞ୍ଜିଲ୍' ଠିଆହୋଇଥାଏ । କୋଠା ସାମନାରେ ଅନେକଗୁଡ଼ିଏ ମଟରଗାଡ଼ିର ଭିଡ଼ ! ସେମାନେ ଫାଟକ ଭିତରକୁ ଯାଇ ଗାଡ଼ି ରଖିଲେ । ଭିତରୁ ବାଲଡ଼ଜ୍-ନାଚର ଶବ୍ଦ ଶୁଭୁଥାଏ । କୋଠାଟିର ପାଦଦେଶରେ ଗୋମତୀ ନଦୀର ଅଚଞ୍ଚଳ ସ୍ରୋତ ! ଗୁରୁଆଡ଼ ଶୂନଶାନ୍ । ଶିଡ଼ିରୁ ଓହ୍ଲାଇ ନାସିରୁଦ୍ଦୀନ୍ ହେଁଦର୍ ଖାଲି ପାଦରେ କୋଠି ସଂଲଗ୍ନ ନଈଘାଟରେ ବସିଥାନ୍ତି । ଗୋଡ଼ରୁ ପଟେ ଜୋତା କାଢ଼ି ନଈ ଡେଉଁକୁ ଫିଙ୍ଗିଦେଇ ହାତତାଳିରେ ଗୁକର ଆସି ଜୋତା ବାହାର କରିବାପାଇଁ ଇଙ୍ଗିତ ଦେଲେ । କିନ୍ତୁ ଯେତେବେଳେ କୌଣସି ଗୁକର ନଆସିଲେ ଓ କେବଳ ନୃତ୍ୟଶାଳାରୁ ନୃତ୍ୟ ସଙ୍ଗୀତର ଝଙ୍କାର ନାସିରୁଦ୍ଦିନଙ୍କର କର୍ଣ୍ଣଗୋଚର ହେଲା, ଶେଷରେ ସେ ନିଜେ ଉଠିଯାଇ ପାଣିରୁ ଜୋତାପଟକ ଉଠାଇ ଆଣିଲେ । ପୁଣି କିଛିକ୍ଷଣ ପରେ ଆଉ ପଟକ ପାଣି ଭିତରକୁ ଫିଙ୍ଗିଦେଲେ । ଏମିତି ନିଜ ମନୋରଞ୍ଜନରେ ନାସିରୁଦ୍ଦୀନ୍ ହେଁଦର୍ ଲିପ୍ତ ଥାନ୍ତି । ଅନେକ ସମୟ ପର୍ଯ୍ୟନ୍ତ ଏହି ଖେଳ ଗୁଲିଥାଏ । ଗୌତମ ଆଗେଇ ଯାଇ ତାଙ୍କୁ ସିଗାରେଟ୍ ଖଣ୍ଡେ ବଢ଼ାଇଲା ।

"ନା—ମୁଁ ତମାଖୁ ପିଏ—ଆରେ କିଏ ଅଛ ?"

"କ୍ଷମା କରିବେ—ଆମେ ଅଛୁ ଆଜ୍ଞା"—ବିଚଳିତ ହୋଇ ଗୌତମ ଉତ୍ତର ଦେଲା ।

"ତୁମେ ସବୁ କିଏ ?" ଅନ୍ୟମନସ୍କଭାବେ ହେଁଦର ପ୍ରଶ୍ନ କରିବସିଲେ ।

"ଏଇ—ଆମେ ସବୁ ।"

ନସିରୁଦ୍ଦୀନ ନୀରବ ।

"ତାଙ୍କୁ ଏଇଠି ରହିବାକୁ ଦିଅ—ଆମେ ବା ତାଙ୍କ ପାଇଁ କଅଣ କରିବା ? ବରଂ ଏଠୁ ଗୁଲିଯିବା ଭଲ"— କମାଲ୍ ଗୌତମକୁ ଚୁପ୍‌ଚୁପ୍ କହିଲା ।

"ଆସ ପ୍ରଫେସର ବାନାର୍ଜୀଙ୍କ ପାଖକୁ ଯିବା ।" ସେ ପୁଣି ପ୍ରସ୍ତାବ କଲା ।

ସେମାନେ ବାଦଶାହବାଗ୍‌ର ପ୍ରଧାନ ପ୍ରବେଶ ଦ୍ୱାରରେ ଆସି ଠିଆହେଲେ । ବଗିଗୁରୁ ସୁଗନ୍ଧିତ ମୃଦୁ ପବନ ଭାସିଆସୁଥାଏ । ଝରଣା ଉପରେ ନିର୍ମିତ ଲାଲ ହାଓ୍ୱାଦାର କୋଠା ଜ୍ୟୋତ୍ସ୍ନାରେ ଯେପରି ଗାଧୋଇ ଠିଆ ହେଉଥାଏ । ଟ୍ୟାଗୋର ଲାଇବ୍ରେରୀର ସୌଧ ଶାନ୍ତ ଗମ୍ଭୀର ମୁଦ୍ରାରେ ଠିଆ ହୋଇଥାଏ; ମନେ ଯେପରି ସେ ଲାଇବ୍ରେରୀ ଘରଟା କହୁଛି—"ମୋ ଭିତରକୁ ଆସ ମୁଁ ତୁମର ଦୁଃଖ ଲାଘବ କରିଦେବି ।"

"ଶବ୍ଦ କେବେ ଦୁଃଖ ଲାଘବ କରେ ନାହିଁ ବରଂ ତାହାକୁ ବଢ଼ାଇ ଥାଏ ।"—ଗୌତମ ଉତ୍ତର ଦେଲା ।

Digitized by PPRACHIN, SOA

ମୌନତା ସବୁଠାରୁ ଭଲ ଗୁଣ । ଏଇଥିପାଇଁ ଲୋକମାନେ ମୁନିଋଷି ହୋଇଥାନ୍ତି; ମୌନ ରହିବାକୁ ପସନ୍ଦ କରନ୍ତି—” ହରିଶଙ୍କର ମନ୍ତବ୍ୟ ଦେଲା ।

“ମୌନଭାବର ଯେ ଏକପ୍ରକାର ଯନ୍ତ୍ରଣା ଥାଏ ତା’ କଅଣ ତୁମେ ଜାଣିଛ ? ନୀରବତା ଅତିଷ୍ଠ କରିଦିଏ ।” କମାଲ ହରିଶଙ୍କରକୁ ଲକ୍ଷ୍ୟକରି କହିଲା ।

ଏହା ଥିଲା ନାସିରୁଦ୍ଦୀନ ହୈଦରଙ୍କ ବାଦ୍‌ଶାହବାଗ—ବଗିଚା ନାସିରୁଦ୍ଦୀନ୍ ହୈଦର !

ସେମାନେ ପୁଣି ପ୍ରଫେସର ବାନାର୍ଜିଙ୍କ ଘର ଅଭିମୁଖରେ ଚାଲିବାକୁ ଲାଗିଲେ । ଗଛ ଆଢୁଆଳରେ କୋଠି ସାମନା ଲନ୍ ଉପରେ ପ୍ରଫେସର ଚୁପ୍ ଚୁପ୍ ପଦଚାଳନା କରୁଥାନ୍ତି ।

“ଏ ଲୋକ ଦୁନିଆଯାକର ସମସ୍ୟା ସମାଧାନ ବିଷୟ କପରି ଚିନ୍ତା କରିପାରନ୍ତି !” —କମାଲ ସ୍ୱଗତୋକ୍ତି ଛଳରେ କହିଲା ।

ବିଶ୍ୱବିଦ୍ୟାଳୟର ନିକଟବର୍ତ୍ତୀ ହୋଇ ସେମାନେ ମୋତି-ମହଲ ଆଡ଼କୁ ଯିବା ରାସ୍ତା ପର୍ଯ୍ୟନ୍ତ ଆସି ସେଠାରୁ ସିଂଘାଡ଼େବାଲି କୋଠି ପର୍ଯ୍ୟନ୍ତ ଯାଇଥିବା କଚ୍ଚା ରାସ୍ତାରେ ପହଞ୍ଚିଲେ ।

ଅର୍ଦ୍ଧରାତ୍ରିର ସଙ୍କେତ ଧ୍ୱନି ଶୁଭିଲା । ଗୌତମ ବହିଯାଉଥିବା ନଦୀଜଳକୁ ଚାହିଁଲା । ସେତେବେଳେ ସେ ସିଂଘାଡ଼େବାଲି କୋଠିର ପାହାଚକୁ ଆଉଜି ବସିଥାଏ । ଚମ୍ପା, ତଲଅତ୍, ନିର୍ମଳା ଓ ତହମୀନା ଅନ୍ୟ ପାଖ ପାହାଚରେ ବସିଥାନ୍ତି । କମାଲ, ହରିଶଙ୍କର ଓ ଅମୀର ରଜା ପାଣିରେ ଗୋଡ଼ ବୁଡ଼ାଇ ବସିଥାନ୍ତି । ନଦୀ ବହିଯାଉଥାଏ । ଆଉ ପାଖରେ ନଜଫ୍, ଅସରଫ୍, ମୋତିମହଲ ଓ ଛତରମଞ୍ଜିଲ ମୌନମୁଦ୍ରାରେ ଠିଆ ହୋଇଥିଲେ ।

ସମସ୍ତଙ୍କର ଯାଦୁଖେଳ ଭାଙ୍ଗି ଯାଇଥିଲା ।

“ସକାଳ ଆସେ ମୋର ଅଭିମାନ ଭିତରେ···” ଗୁଣୁ ଗୁଣୁ ସ୍ୱରରେ ଗୀତ ଆବୃତ୍ତି କଲା ଗୌତମ ।

“ଆଃ ! ଗୌତମ ଭାଇ ! ତୁମେ ତ ଠିକ୍ ଇନ୍ଦ୍ରସଭାର ଗୀତ ଗାଉଛ ! ଏ ମର୍ତ୍ତ୍ୟକୁ କପରି ଓହ୍ଲାଇ ଆସିଲ ?” ତଲଅତ୍ କହୁଥିଲା ।

ଗୌତମ ଉଠି ଠିଆହେଲା । ଗୋଟାଏ ବିଚିତ୍ର ସ୍ୱପ୍ନର ଅବସାନ ଘଟିଲା ।

“ଚାଲ ବନ୍ଧୁ, ଏବେ ମହଫିଲ ଭାଙ୍ଗୁ । ସାରା ରାତି ଏଇଠି ବସି ବିତିଗଲା ।” କମାଲର ସ୍ୱର ଶୁଭିଲା ।

ସେ ଯୁଆଡ଼େ ଉଠି ନିଜ ନିଜ ବିଛଣା ଧରିବାକୁ ଚାଲିଗଲେ ।

ମୁଁ ଶାନ୍ତାର ଚିଠି ଖଣ୍ଡିକ ମଧ୍ୟ ପୂରା କରିପାରିଲି ନାହିଁ—ଗୌତମ ନିଜ ବସାକୁ ଯାଉ ଯାଉ ଉଦାସ ମନରେ ଭାବୁଥିଲା ।

Digitized by PPRACHIN, SOA

ପ୍ରଫେସର ବାନାର୍ଜୀ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅର୍ଥଶାସ୍ତ୍ରବିତ୍ । ପ୍ରତି ରବିବାର ଦିନ ତିନିଟା ବେଳକୁ କଲେଜର ଅନେକ ପ୍ରଫେସର ତାଙ୍କ ଘରେ ରୁଣ୍ଡ ହୁଅନ୍ତି । ପ୍ରଫେସର୍ ସେମାନଙ୍କସହ ଶିମିଳିଗଛ ତଳେ ଚେୟାର ପକାଇ ବସିଥିବାର ଦେଖାଯାନ୍ତି କିମ୍ବା ଘରେ ଟି' ଆସର ଭିତରେ ବସିଥାନ୍ତି । ସେତେବେଳେ ସେ ତାଙ୍କ ଛାତ୍ରଛାତ୍ରୀଙ୍କ ସହ ଖୁବ୍ ଉଦାସକଣ୍ଠରେ ଆଲୋଚନା କରନ୍ତି । ପ୍ରଫେସର୍‌ଙ୍କ ଘରେ ଗୌତମ ନୀଳାମ୍ବରର ବିଶେଷ ମହତ୍ତ୍ୱ ଥିଲା ।

"ମନ ଓ ଭାବନାର ସଂଘର୍ଷରୁ ମୁକ୍ତି କିପରି ମିଳେ ?"—ଚମ୍ପା ପ୍ରଫେସର୍‌ଙ୍କୁ ଲକ୍ଷ୍ୟକରି ଦିନେ ପଚାରିବସିଲା । "ଗୃହଆଡ଼େ ଏଇ ସଂଘର୍ଷର କଳା ଛାଇ । ଯେପରି ଜଙ୍ଗଲରେ ତୋଫାନ ହେଲେ ଗଛଗୁଡ଼ାକର ପରସ୍ପର ଗୁନ୍ଥି ହେଲାଭଳି ଦିଶେ ସେହିପରି ଏପ୍ରକାର ସଂଘର୍ଷ ସର୍ବତ୍ର ବିଦ୍ୟମାନ । ରାଜ୍ୟ, ରାଷ୍ଟ୍ର, ଶାସନ ଓ ସଂପ୍ରଦାୟ—ସର୍ବତ୍ର ପରସ୍ପର ପ୍ରତି ସଂଘର୍ଷଶୀଳ ମନୋଭାବ । ମୋର ଚତୁଃପାର୍ଶ୍ୱରେ ଘୃଣା, ଭୟ, ଦାୟିତ୍ୱବୋଧ ଓ ଆକର୍ଷଣର ଟଣାଓଟରା ! ମୋତେ ମୋର ମନ ଓ ବିଚାରବୁଦ୍ଧି ମଧ୍ୟରେ ଗମ୍ଭୀର ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ୁଛି ।

"ମୁଁ ଯେତେବେଳେ ବନାରସରେ ପଢ଼ୁଥିଲି, 'ଦୁଇଟି ଜାତି'ର ଦୃଷ୍ଟିଭଙ୍ଗୀ ସମ୍ପର୍କରେ କେବେହେଲେ ଚିନ୍ତା କରିନାହିଁ । କାଶୀର ଗଳି-ଉପଗଳି, ଶିବମନ୍ଦିର, ଘାଟ ମୋର ସେତିକି ଆପଣାର ଥିଲା, ଯେତିକି ମୋ ବାନ୍ଧବୀ ଲୀଳା ଭାର୍ଗବର ଏହା ପ୍ରିୟ ଥିଲା । ପୁଣି ଏ କ'ଣ ହେଲା ? ମୁଁ ବଡ଼ ହେଲାରୁ ମୋତେ ଜଣାଗଲା ଯେ ଏ ଶିବମନ୍ଦିର ଉପରେ ମୋର କିଛି ଅଧିକାର ନାହିଁ ! କାରଣ ମୁଁ ମୋ ମଥାରେ ସିନ୍ଦୂର-ବିନ୍ଦୁ ଦେଉନାହିଁ ଓ ମୋର ମାଆ ତପଲେଶ୍ୱରଙ୍କ ମନ୍ଦିରରେ ଆରତି କରିବା ଛାଡ଼ି ନମାଜ ପଢ଼ୁଛନ୍ତି ! ଏଇଥିପାଇଁ ମୋର ସହଜାତ ଅଭ୍ୟାସ କିଅଣ ବଦଳିଗଲା ? ଅଥବା ମୋର ଦାୟିତ୍ୱବୋଧ ଭିନ୍ନ ହୋଇଗଲା ? ମୁଁ କଲେଜରେ ତ୍ରିରଙ୍ଗ ପତାକା-ତଳେ ଠିଆହୋଇ 'ଜନଗଣମନ' ଗାନ କରିଛି । ମାତ୍ର ସର୍ବଥା ମୋର ମନେ ହୋଇଛି, ସତେ ଯେପରି ଏ ପତାକାର ଛାଇତଳେ ମୁଁ କେହି ଜଣେ ଅପରିଚିତା ! ଜଣେ ପରଦେଶୀ !! ମୁଁ ତ ଏ ଦେଶର ବାସିନ୍ଦା ! ମୋପାଇଁ ଆଉ ଏକ ଦେଶ କେଉଁଠି

Digitized by PPRACHIN, SOA

ଗଢ଼ିବ ? ଏ ଦେଶ ଛାଡ଼ିଯିବାର ଭାବ ମୋ ଭିତରେ କେବେହେଲେ ଉଦୟ ହୋଇନାହିଁ । ୟୁରୋପୀୟ ଯୁଦ୍ଧ ଫଳରେ ଏକ ନୂଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ଆକ୍ରମଣକାରୀ ଜାତି ଏକ ଦେଶର ଲୋକଙ୍କୁ ବାହାର କରିଦିଅନ୍ତି ଏବଂ ସେମାନେ ହୋଇଯାଆନ୍ତି ରାଜନୈତିକ ଶରଣାର୍ଥୀ । ତା'ପରେ ସାରା ଦୁନିଆରେ ସେମାନେ ଅସହାୟ ହୋଇ ଘୂରିବୁଲନ୍ତି । ସେମାନଙ୍କ ମଧ୍ୟରେ ଦୁଇ ପ୍ରକାର ଶରଣାର୍ଥୀ ଥାଆନ୍ତି । ଦଳେ ନିଜ ଇଚ୍ଛାରେ ଦେଶ ତ୍ୟାଗ କରିଥାଆନ୍ତି । ଆଉ କେତେକଙ୍କୁ ଦେଶ ଛାଡ଼ିବାକୁ ବାଧ୍ୟ କରାଯାଇଥାଏ । ସେତେବେଳେ ମୁସଲମାନ ରାଜନୀତିରେ ଏକ ନୂଆ ସ୍ୱର ଶୁଣିବାକୁ ମିଳୁଥିଲା । ମୁଁ ଦେଖିଲି, ମୋ ପଡ଼ୋଶୀ ମୁସଲମାନମାନେ ଖୁସିରେ ଆପଣା ଦେଶ ଛାଡ଼ି ଏକ ନୂଆ ରାଜ୍ୟ ବସାଇବାକୁ ମନସ୍ଥ କରୁଅଛନ୍ତି । ମୋତେ ଏପ୍ରକାର ମନୋବୃତ୍ତି ଖୁବ୍ ଭଲ ଲାଗିଲା; କାରଣ 'ଆଇଡ଼ିଆଲିଜିମ୍' ମଣିଷର ରକ୍ତଗତ । ଏପରି ଯଦି ନ ହୁଅନ୍ତା ତେବେ ଏ ପୃଥିବୀରେ ନୂତନ ଦୃଷ୍ଟିଭଙ୍ଗୀ ଅଥବା ନୂତନ ସ୍ୱପ୍ନ ଦେଖିବାର ଅବକାଶ ନଥାନ୍ତା । ମାତ୍ର ଏ ନୂଆ ସ୍ୱପ୍ନ ସାଙ୍ଗରେ ଅନ୍ୟ ଏକ ସ୍ୱପ୍ନର ସଂଘର୍ଷ ଆରମ୍ଭ ହୋଇଗଲା । ମୋତେ ପୁଣି ଏହି ସଂଘର୍ଷର ସାମନା କରିବାକୁ ପଡ଼ିଲା ।

"ଯୁଦ୍ଧ ଓ ଶାନ୍ତିର ସମସ୍ୟା ଖୁବ୍ କଠିନ । ଶାନ୍ତିର ଅର୍ଥ କଅଣ ହୋଇପାରେ ? ଦାୟିତ୍ୱବୋଧର ଅର୍ଥ ସ୍ଥିର କରିବାକୁ କିଏ ଅଛି ? ମୁଁ ଜାଣେ ଯେ ସାଂପ୍ରଦାୟିକତା ଅତି ମାରାତ୍ମକ । ଥରେ ଆମ ଭିତରେ ବ୍ୟବଧାନ ସୃଷ୍ଟି ହେଲେ ଆଉ କେବେ ମିଶିବାର ସମ୍ଭାବନା ନାହିଁ ।"

"ତୁମେ କେବେ ଚିନ୍ତା କରି ଦେଖିଛ"—ମୃଦୁ କଣ୍ଠରେ ପ୍ରଫେସର୍ କହିବାକୁ ଆରମ୍ଭ କଲେ—"ଇଂରେଜମାନଙ୍କ ପୂର୍ବରୁ ଏ ଦେଶରେ ହିନ୍ଦୁ ମୁସଲମାନ ଦଙ୍ଗା ହେଉନଥିଲା—କେବଳ ଯୁଦ୍ଧ ହେଉଥିଲା ? ଏହି ଯୁଦ୍ଧ କେବଳ ରାଜନୈତିକ ଘଟଣା ମଧ୍ୟରେ ସୀମିତ ଥିଲା । ହିନ୍ଦୁ ରାଜାଙ୍କର ସୈନ୍ୟବାହିନୀରେ ମଧ୍ୟ ମୁସଲମାନ ଜେନେରାଲ୍ ଓ ସିପାହୀ ଥିଲେ । ମୁସଲମାନମାନଙ୍କ ପକ୍ଷରୁ ମଧ୍ୟ ହିନ୍ଦୁ ଲଢୁଥିବାର ଦୃଷ୍ଟାନ୍ତ ରହିଛି । ପୁଣି ଇଂରେଜମାନଙ୍କଦ୍ୱାରା ଲିଖିତ ଇତିହାସଦ୍ୱାରା ଘୃଣାର ବୀଜ ବପନ କରାଗଲା । କିନ୍ତୁ ଆମର ଆଜିର ଜାତିଗତ, ଧର୍ମଗତ ପାଗଳାମି ହିଁ......"

"ଆପଣଙ୍କ ଦୃଷ୍ଟିରେ କ'ଣ ଧର୍ମର ଅର୍ଥ କିଛି ନାହିଁ—ଆପଣ ତ ଜଣେ ନୈଷ୍ଠିକ ବୈଷ୍ଣବ ।"

"ବୈଷ୍ଣବଧର୍ମ ଭକ୍ତିର ଧର୍ମ । ଏହାର ପରମେଶ୍ୱର ବିଶୁଦ୍ଧ ପ୍ରେମ ଉପରେ ଆଧାରିତ ।"

Digitized by PPRACHIN, SOA

"କିନ୍ତୁ ସାର୍, ସବୁ ଧର୍ମର ମୂଳତତ୍ତ୍ୱ ହେଉଛି ବିଶ୍ୱ ପ୍ରେମ । ଏ ତ କିଛି ନୂଆ କଥା ନୁହେଁ ।"

"ତୁମର କଥା ଖୁବ୍ ନିଷ୍ଠୁର ଶୁଣାଯାଉଛି ଚମ୍ପା !"

"କିନ୍ତୁ ସାର୍ ! ମୋ ଗୃହପାଖ ନିଷ୍ଠୁରତାରେ ଭରା । ମୁଁ କଅଣ କରିବି ? ଏଠାରେ ଆମେ ସମୟର ଗୋଲକଧନ୍ଦାରେ ପଡ଼ି ଅତୀତକୁ ନେଇ ଗୌରବ ଅନୁଭବ କରୁଛେ । ମୁଁ ରାତ୍ରର ବହୁ ସମୟ ବିନିଦ୍ର ରହି ସେହି ଗୋଟିଏ କଥା ଚିନ୍ତା କରି ଦେଖିଛି—ଇତିହାସ ଓ ଆମ ମଧ୍ୟରେ ଥିବା ସମ୍ପର୍କ ବିଷୟ ଚିନ୍ତା କରି ରାତି ପୁହାଇଛି । ଅତୀତର ଅପକର୍ମ ପାଇଁ ଆଜି ଆମକୁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ୁଛି । ଯାହା କିଛି ଆଜିପର୍ଯ୍ୟନ୍ତ ଘଟିଗଲା ତାର ପ୍ରଭାବ ମୋ ଉପରେ ପଡ଼ୁଛି—ପୁଣି ମୁଁ ଆଜି ଏ ପରିସ୍ଥିତିରେ ଯାହା କିଛି ଚିନ୍ତା କରୁଛି ଏବଂ ମୋ କାର୍ଯ୍ୟକଳାପର ଭଲମନ୍ଦ ମୋର ଉତ୍ତର ପୁରୁଷ ଭୋଗ କରିବେ । ମୋର କ୍ରିୟାକଳାପ ଫଳରେ ଏ ସଂସାର ବରବାଦ ହେବ କି ସୁଖୀ ହେବ ତାହା ସଂଶୟାଚ୍ଛନ୍ନ ହୋଇରହିଛି । ଇତିହାସରେ ଘୃଣା ଓ ଧାର୍ମିକ ମତାନ୍ଧତା ସମସ୍ୟା ସଂପର୍କରେ ମୁଁ ଯେତିକି ଚିନ୍ତା କରୁଛି, ମୋତେ ସେତିକି ଡର ଲାଗୁଛି । କୌଣସି ହିନ୍ଦୁପ୍ରତି ଜାତିବଭେଦ ନେଇ ମୋର ଅନାଦର ଭାବ ନାହିଁ; ମାତ୍ର କମ୍ୟୁନିଟିର ଷ୍ଟିରିଓଟାଇପ ହିଁ ମୋତେ ଏ ପ୍ରକାର ଘୃଣାଭାବ ପୋଷଣ କରିବାକୁ ବାଧ୍ୟ କରେ ।"

କମାଲ କହିଲା, "ଏହା ତୁମର ଆଧ୍ୟାତ୍ମିକ ଭାରତବର୍ଷ । ଏଠାରେ ରାଜନୈତିକ ଓ ଆର୍ଥିକ ଅସନ୍ତୋଷ ସର୍ବଦା ଧାର୍ମିକ ଝଗଡ଼ାର ରୂପ ଧାରଣ କରିଥାଏ । ବଙ୍ଗଳାରେ ଅଷ୍ଟାଦଶ ଶତାବ୍ଦୀର ସନ୍ନ୍ୟାସୀ-ଆନ୍ଦୋଳନ, ପୁଣି ଅବଧ ଓ ବଙ୍ଗଳାର ବିଦ୍ରୋହୀ ଜେହାଦ୍—ଏ ସମସ୍ତ ଧର୍ମ-ଦର୍ଶନର ବଡ଼ପଣ୍ଡାମାନେ ପରସ୍ପର ଗଳାକାଟିବାରେ ବ୍ୟସ୍ତ—"

"କିନ୍ତୁ କମାଲ୍ ! ତୁମେ ନିଶ୍ଚୟ ସ୍ୱୀକାର କରିବ ଯେ ଲଘୁ ସମ୍ପ୍ରଦାୟର ସମସ୍ୟା ହିନ୍ଦୁସ୍ତାନରେ ନିର୍ଣ୍ଣିତ ଭାବେ ରହିଛି"—କିଛି ସମୟ ଚୁପ୍ ରହିବା ପରେ ଚମ୍ପା କହିଲା ।

କମାଲ ଉତ୍ତର ଦେଲା—"ମୁଁ ମାନୁଛି । କିନ୍ତୁ ଏଠାରେ ଋଷିଆ ଭଳି 'ମଲ୍ଟିନ୍ୟାସନାଲ ଷ୍ଟେଟ୍' ତ ଗଢ଼ାଯାଇ ପାରିବ ! ଦେଖନ୍ତୁ ଚମ୍ପାବାଜୀ ! ଧର୍ମରେ ମୋର ଆଦୌ ରୁଚି ନାହିଁ । ଏଇନେ ମୋ ଆଗରେ ଅନ୍ୟ ଏକ ସମସ୍ୟା ରହିଛି । ମଣିଷକୁ ଶାନ୍ତି ଓ ରୁଟି ଦରକାର । ଏତିକି ପାଇଲା ପରେ ସେ ନିଶ୍ଚୟ ଧର୍ମ-ଦର୍ଶନର ଦ୍ୱାରସ୍ଥ ହେବ ।" କଥାପ୍ରସଙ୍ଗରେ କମାଲ ପାର୍ଟି ପଲିଟିକ୍ସ୍ ଭିତରକୁ ଗଳିଆସିଲା ।

କମାଲ ନୂତନଯୁଗର ପ୍ରତିନିଧି । ବୌଦ୍ଧିକ ତାଡ଼ନାରେ ଅଭିପ୍ରେରିତ, କଳ୍ପନାଶୀଳ

Digitized by PPRACHIN, SOA

ଓ ଜଣେ ଯଥାର୍ଥବାଦୀ ତରୁଣ—ଚମ୍ପା ତାର ବ୍ୟକ୍ତିତ୍ୱକୁ ଗମ୍ଭୀରଭାବେ ଅନୁଶୀଳନ କରୁଥିଲା ।

ପୁଣି କମାଲ୍ ଆରମ୍ଭ କଲା, "ଆଉ ଗୋଟିଏ କଥା--ତମ ପାଖରେ କେବଳ ସହର ଜୀବନର ରାଜନୀତି ବିଶେଷ ପ୍ରାଧାନ୍ୟ ଲାଭ କରିଛି । ମଫସଲ ସହିତ ତୁମର ପରିଚୟ ନାହିଁ । ସହର-ସମାଜର ସମାଜପତିମାନେ ନିଜର ପ୍ରଭୁତ୍ୱ ଜାହିର କରିବାକୁ ଦଙ୍ଗା ହାଙ୍ଗାମା ରାଜନୀତିରେ ଲମ୍ଫ ଦେଇଥାଆନ୍ତି ।"

"ମୋର ବାବା ଖାଁ ବାହାଦୁର ନବାବ ତକୀ ରଜା କଲ୍ୟାଣପୁର ମୁସଲିମ୍ ଲିଗ୍‌ରେ ମିଶିଗଲେ । ତାଙ୍କର ଧାରଣା ଥିଲା ଯେ କଂଗ୍ରେସ ତାଲୁକଦାରମାନଙ୍କୁ ନିଃଶେଷ କରିଦେବା ଉପରେ । ଫିଉଡ଼ାଲ୍-ଆଦର୍ଶର ଏ ଥିଲା ଅବଶିଷ୍ଟ ଅହଙ୍କାର । ମୋର ତାଙ୍କ ପ୍ରତି ଗମ୍ଭୀର ସହାନୁଭୂତି ଥାଏ । ମୁଁ ତାଙ୍କ ଚିନ୍ତାଧାରାକୁ ଭଲଭାବେ ବୁଝିଥିଲି । ମୁଁ ଘରକୁ ଗଲେ ତାଙ୍କ ସାଙ୍ଗରେ ଏ ସମ୍ପର୍କରେ ଯେ କିଛି ଯୁକ୍ତି କରିବି ତାହା ନୁହେଁ ।"

"କିନ୍ତୁ କମାଲ୍ ! ସେମାନେ ଯଦି ଭାବନ୍ତି ଯେ ପାକିସ୍ତାନରେ ହିଁ ମୁସଲମାନମାନେ ରହିବା ଉଚିତ ହେବ, ତମର ଏଥିରେ ଅରାଜି ହେବାର କ'ଣ କିଛି କାରଣ ଅଛି ? ସମସ୍ତଙ୍କର ବିଚାର ସ୍ୱାତନ୍ତ୍ର୍ୟ ପ୍ରତି ତମର କଅଣ ସମର୍ଥନ ନାହିଁ ?" ଚମ୍ପା ପଚାରି-ବସିଲା ।

ଡଲ୍‌ଅତ୍ ଚମ୍ପାକୁ ଲକ୍ଷ୍ୟ କରୁଥିଲା ।

"ଚମ୍ପାବାଈ ! ଆସନ୍ତୁ, ପ୍ରଫେସର ଚା' ଖାଇବାକୁ ଡାକୁଛନ୍ତି"—ଡଲ୍‌ଅତ୍ ଡାକିଲା । ପ୍ରଫେସରଙ୍କ ପାଖକୁ ଲାଗି ଗୌତମ ବସିଥାଏ । ସେ ଉଠିପଡ଼ି ଚମ୍ପାକୁ ନମସ୍କାର ଜଣାଇଲା ।

"ଚମ୍ପାବାଈ ମୁସଲିମ୍ ଲିଗ୍‌ର ଖୁବ୍ ଜଣେ ଅନୁରକ୍ତା ସଦସ୍ୟା ହୋଇଗଲେଣି । ଆଜି ଖବରକାଗଜରେ ଜିନ୍ନା ସାହେବଙ୍କ ବିବୃତି ପ୍ରକାଶ ପାଇଛି ଯେ—ହିନ୍ଦୁମାନଙ୍କୁ ସାମାଜିକ ବର୍ଜନ କରାଯାଉ । କାଲି ହୁଏତ ଚମ୍ପାବାଈ ଆମମାନଙ୍କ ବନ୍ଧୁତ୍ୱ ବର୍ଜନ କରି ପାରନ୍ତି"—କମାଲ୍ ତିକ୍ତ ସ୍ୱରରେ କହିଲା ।

ସନ୍ଧ୍ୟାର ନୀଳ ଆଲୋକରେ ଗଛତଳେ ସେମାନେ ସମସ୍ତେ ବସିଥାଆନ୍ତି । ପରିବେଶଟା କ୍ରମେ ଗମ୍ଭୀର ଉଦାସମୟ ହୋଇଉଠୁଥିଲା ।

Digitized by PPRACHIN, SOA

୩୧

କୈଳାସ ହଷ୍ଟେଲରେ ବାର୍ଷିକ ଡ୍ରାମା 'ଅନାରକଲି' ହେଉଥାଏ । ଡ୍ରାମା ସରିବା ପରେ ଅଡ଼ିଟୋରିୟମରୁ ଦର୍ଶକମାନେ ବାହାରକୁ ଆସିଲେ ।

କମାଲ କହିଲା, "ଚମ୍ପାବାଜୀ, ଖୁବ୍ ସୁଆଙ୍ଗ କରୁଛନ୍ତି ଆପଣ । 'ଅନାରକଲି' ଛଡ଼ା ଆଉ କିଛି ଭୂମିକା ଆପଣଙ୍କୁ ମିଳିଲା ନାହିଁ ? ଢୋମାନସର ବି ଏକ ସୀମା ରହିବା ଉଚିତ ।" ତା ପରେ ସେ ଭିଡ଼ ଭିତରେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ।

ଗୌତମ ପାଖକୁ ଆସି ପଚାରିଲା "ଚମ୍ପାବାଜୀ ! କ'ଣ କମାଲ ଉପରେ ରାଗିଗଲେକି ? ସେଦିନ ବି ପ୍ରଫେସରଙ୍କ ଘରେ ସେ ଖୁବ୍ କଡ଼ା କଡ଼ା କଥା କହିଥିଲା । ମୁଁ ତା ପକ୍ଷରୁ କ୍ଷମା ମାଗୁଛି ।"

"ନାଁ ଗୌତମ, ମୁଁ କେବେ କମାଲ ଉପରେ ରାଗିନାହିଁ । ମୋର କାହା ଉପରେ ରାଗିବାର ଅଧିକାର ନାହିଁ ।"

"ଆପଣ ସବୁ ନିର୍ବିକାରଭାବେ ସହନଶୀଳତାର ସର୍ବୋଚ୍ଚ ସୀମା ସ୍ପର୍ଶ କରୁଛନ୍ତି । ଏଭଳି ନିସ୍ପୃହ ଭାବର ଅର୍ଥ କଅଣ ହୋଇପାରେ ?"

"ତୁମେ—ତୁମେ ସବୁ ଅଭଦ୍ର !" କଣ୍ଠସ୍ୱରରେ ଚମ୍ପା ଉତ୍ତର ଦେଲା ।

"ଆମେ ସବୁ ହୃଦୟଖୋଲି କଥା କହିପାରୁଁ । ଏ ପ୍ରକାର ଉଦାର ହୃଦୟବତ୍ତାର ଆଉ ଏକ ଦୃଷ୍ଟାନ୍ତ ମଧ୍ୟ ରହିଛି ଏବଂ ସେ ହେଉଛନ୍ତି ଭାଇସାହେବ ।"

"ତୁମେ—ତୁମେ ଏପରି କାହିଁକି ସବୁ କହୁଛ ? ମୋର ମନେ ହେଉଛି ମୁଁ ଯେପରି ଗୋଟାଏ ବଡ଼ ଦର୍ଶକ ଗ୍ୟାଲେରୀରେ ଠିଆହୋଇଛି । ସାମନାରେ ମୋର ମଞ୍ଚ ଉପରେ ଗୋଟାକପରେ ଗୋଟାଏ ପରଦା ଉଠୁଛି । ଶେଷରେ ଗୋଟାଏ କେବଳ କଳା-ପରଦା ବାକି ଅଛି ।"

"ଚମ୍ପାବାଜୀ ! ଆପଣଙ୍କ ପ୍ରବ୍ଲେମ୍—କେବଳ ଆପଣଙ୍କ ନଜର । ଆପଣ ଭାଇ-ସାହେବଙ୍କ ପ୍ରେମରେ ପଡ଼ି ଯାଇଛନ୍ତି । ଏହାହିଁ ସବୁ କିଛି । ବାକି ଅନ୍ୟ ସବୁକଥା ଅର୍ଥହୀନ ।" ଗୌତମ ମୃଦୁ ଢଙ୍ଗରେ କହିଲା ।

"ତଲ୍‌ଅତ୍ତ ଠିକ୍ କହେ, ତୁମେ ବି ଅଭିନୟ କରୁଛ । ତମ ସାଙ୍ଗରେ କଥା ହେଲାବେଳେ ମନେହୁଏ ସତେ ଯେପରି ଝିଲିଲ ଜିବ୍ରାନ୍‌ର ଅଲମୁସ୍ତାଫାଙ୍କ ସହ କଥା

Digitized by PPRACHIN, SOA

ହେଉଛ ।"

"ଚମ୍ପାବାଳା !" ଗୌତମ ବିଚଳିତ ହୋଇଉଠିଲା—"ଏଥିରେ ରାଗ ଅଭିମାନର କିଛି କାରଣ ନାହିଁ । ଚାଲନ୍ତୁ ଆପଣଙ୍କ ଘରେ ବସି କଫି ଖାଇବା ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଅଧିକ ଆଲୋଚନା କରିବା । ଉଦାସ ହେବାରେ କିଛି ମାନେ ହୁଏନା । ମଣିଷ କେବଳ ଥରେ ମାତ୍ର ଜନ୍ମନିଏ‥ ‥ଆସନ୍ତୁ ।"

ଚମ୍ପା ବୃନ୍ଦାବାଗ୍‌ର ଜଣେ ଅଧାପିକା ସୀତା ଦୀକ୍ଷିତ ସହ କଲେଜ ପଛରେ ଏକ ଗ୍ରେଟ ଘରେ ରହୁଥାଏ । ସେଠାରେ ପହଞ୍ଚି ଦୁହେଁ ବାରଣ୍ଡାରେ ଆସି ବସିଲେ । ସାମନା ପିଜୁଳି ବଗିଚାରେ ମାଳିର ବାଦୁଡ଼ି ହୁରୁଡେଇବା ଶବ୍ଦ ଶୁଭୁଥାଏ । ଗୌତମ ବେତ ଚେୟାର ଉପରେ ବସି ବଗିଚା ଆଡ଼କୁ ଚାହିଁଥାଏ । ଚମ୍ପା କଫି ତିଆରି କରି ଆଣି ଗୌତମ ସାମନାରେ ପଡ଼ିଥିବା ସୋଫା ଉପରେ ବସିଲା ।

"ସତରେ ଚମ୍ପାବାଳା ଆପଣ ଖୁବ୍ ମହାନ୍ ।"

"ସତେ ?"

"ଚମ୍ପାବାଳା ! ଗୋଟିଏ କଥା ପଚାରିବ ?"

"ପଚାର ।"

"ଆପଣ ଭାଇସାହେବଙ୍କୁ କେତେ ଦିନ ହେଲା ଜାଣିଛନ୍ତି ?"

"ଏଇ ଗତ କେତେ ବର୍ଷ ହେଲା ।"

"ଏତେଦିନ ହେଲା ଆପଣ କ'ଣ କରୁଥିଲେ ?"

"ପଢ଼ୁଥିଲି, ଆଉ କରିଥାନ୍ତି କ'ଣ ?"

"ତାପରେ ?"

"ମୁଁ ତ କେବଳ ହିଁ ପଢ଼ିଆସୁଛି—ଚମ୍ପା ବିବ୍ରତ ହୋଇ ଉତ୍ତର ଦେଲା ।"

"ଏତେଦିନ ଧରି ଭାଇସାହେବଙ୍କୁ ବରଦାସ୍ତ କରି ଆସୁଛନ୍ତି ? ଆପଣ ଯେବେଠୁ ତାଙ୍କ ସମ୍ପର୍କରେ ପ୍ରଥମେ ଆସିଥିବେ, ସେତେବେଳେ ନିଶ୍ଚୟ ୧୭।୧୮ ବର୍ଷ ହୋଇଥିବ ଆପଣଙ୍କୁ । ଆପଣଙ୍କ ସମ୍ପର୍କରେ ତାଙ୍କର ଧାରଣା ଆଭିଜାତ୍ୟପୂର୍ଣ୍ଣ ଅଭ୍ୟାସ ସହ ମିଶି ଯାଇଛି; ଅଥଚ ଆପଣ ନିଜେ ରାଜୁଡ଼ା ପରିଜନ ନୁହଁନ୍ତି । ମୁଁ ଆପଣଙ୍କୁ ଗୋଟିଏ କଥା କହିବି, ଆପଣ ଟିକିଏ ଚିନ୍ତା କରି ଦେଖନ୍ତୁ ଆପଣଙ୍କର ତାଙ୍କ ସହିତ ପ୍ରେମ‥‥‥।"

"ଅଶିଷ୍ଟ କଥା କୁହନାହିଁ ଗୌତମ !"

"ଅଶିଷ୍ଟ କଥା ? ହେ ଭଗବାନ ! ଆପଣ ଖୁବ୍ କଳାହାଣ୍ଡୀ ଦେଖୁଛି । ପ୍ରେମ କରିବା କଅଣ କିଛି ଖରାପ କଥା ? ମୁଁ ପ୍ରାୟ ଏଇ ପ୍ରେମରେ ପଡ଼ିଯିବାକୁ ଭଲପାଏ; କିନ୍ତୁ ମଧ୍ୟବିତ୍ତ ଝିଅମାନେ ଏପ୍ରକାର କଥାକୁ ବହୁତ ଖରାପ ଭାବନ୍ତି‥‥ସରି‥‥ଚମ୍ପାବାଳା !

Digitized by PPRACHIN, SOA

ଆଜି ଏ ଯେଉଁ ମଧୁର ସନ୍ଧ୍ୟା ! ମୋର ଉଚିତ ଥିଲା ଆପଣଙ୍କଠାରୁ ସିତାରରେ କିଛି ଗୋଟାଏ ମନୋଜ୍ଞ ସ୍ୱର ଶୁଣିବା; ଅଥଚ ମୁଁ ଅ.ସି ଆପଣଙ୍କ ପ୍ରୋବ୍ଲେମକୁ ଉଖାରି ବସିଲି ।"

"ଅନ୍ୟର ପ୍ରୋବ୍ଲେମସ୍ ଖୋଳତାଡ଼ ଦେଖିବା ବି ଏକ ଜବରଦସ୍ତ ର୍ୟାକେଟ୍ । ଆଉ ତମେ ଭୁଲିଯାଉଛ ଯେ ତମ ଭଳି ଗ୍ରୁପମାନଙ୍କୁ ମୁଁ ପ୍ରତିଦିନ ପଢ଼ାଏ ।"

"ମୁଁ ଜାଣେ, ଆପଣ ଏଇଆ କହିବେ । ଆମର ସାରା ଜୀବନ ଏଇଭଳି କଟୁବାକ୍ୟ ବନ୍ଦନାମୟରେହିଁ କଟିଯିବ ।" ମୁହଁ ଓହ୍ଲାଇ ଗୌତମ ବାହାରକୁ ଚାହିଁଲା । "ମୁଁ ଏହା ଜାଣେ ରୋମାଣ୍ଟିକ୍ ହୋଇ ରହିବାକୁ ଭାଇସାହେବ କି ପ୍ରକାର ମେନେରିଜମ ବ୍ୟବହାର କରନ୍ତି; କି ପ୍ରକାର ବାକ୍ୟ ଆବୃତ୍ତି କରନ୍ତି । ଶୁଣିଛି ସେ ଫ୍ରେଞ୍ଚ୍ ଖୁବ୍ ସୁନ୍ଦର କହିପାରନ୍ତି ।"

"କିନ୍ତୁ ତୁମେ ଭାଇସାହେବଙ୍କ ପ୍ରତି ଏତେ ବିରକ୍ତି ପ୍ରକାଶ କର କାହିଁକି ?" ଚମ୍ପା ପଚାରି ବସିଲା ।

"ମୋତେ ଚିଡ଼ିବାକୁ ଦିଅନ୍ତୁ—ଏଥିରେ ଆପଣଙ୍କର କ'ଣ ଅଛି ?" ଗୌତମ ତୁରନ୍ତ ଲାଜେଇଗଲା; ଏପରି କି ମୁହଁ ତାର ଶୁଖିଲା ଦିଶିଲା । ଏତେ ମୁହଁଖୋର ଲୋକର ଏପ୍ରକାର ଦୟନୀୟ ଆକୃତି ଚମ୍ପାକୁ ଆଶ୍ଚର୍ଯ୍ୟ କଲା ।

"ଉଦ୍ଦେଶ୍ୟ ହେଉଛି ଯେ ଆମ ଗ୍ରୁପର ସମସ୍ତେ ଭାଇସାହେବଙ୍କୁ ବଡ଼ଭାଇ ଜ୍ଞାନ କରି ଶ୍ରଦ୍ଧା କରନ୍ତୁ···ତୁମେ ବି ଏଥିପ୍ରତି ସଚେତନ ହେବା ଦରକାର । ଏଠାକୁ ଆସିଛ ତ ଟିକିଏ ଭଦ୍ରତା ଶିଖିବାକୁ ଚେଷ୍ଟା କର । ସବୁ ସମୟରେ ଗଣ୍ଡଗୋଳ, ଫୌଜଦାରୀ—ଏସବୁ ଶୋଭନୀୟ ନୁହେଁ ; କିନ୍ତୁ—"

"ଆଉ ଗୋଟିଏ କଥା, ଚମ୍ପାବାଈ ! ଆପଣ ଯଦି ତାଙ୍କୁ ବିବାହ କରିବେ ତେବେ ତାହା ଏକ ରଙ୍ଗ-ରସର କଥା ହେବ । ଅପ୍ସିର କଥା ଅନ୍ୟ ପ୍ରକାରର । ସେ ଏଇଥିପାଇଁ ହିଁ ଜନ୍ମ ହୋଇଛି । କିନ୍ତୁ ଆପଣ······।"

ଚମ୍ପା ଲଜ୍ଜିତା ହୋଇ କହିଉଠିଲା, "ମୁଁ ତମଠାରୁ ପରାମର୍ଶ ନେବାକୁ ଚାହେଁ ନାହିଁ ।"

"ମୁଁ କଅଣ ପରାମର୍ଶ ଦେଉଛି ? ମୋଠାରୁ ପରାମର୍ଶ ନେବାର ସଦ୍‌ବୁଦ୍ଧି ଯଦି ଥାଆନ୍ତା ତେବେ ଏଭଳି ଅପ୍ରୀତିକର ପରିସ୍ଥିତି ଉପୁଜି ନଥାନ୍ତା ।"

"କିନ୍ତୁ ଆପଣ···ଏ ଝିଅଟିକୁ ଦେଖ···" ନାଟକୀୟ ଭଙ୍ଗୀରେ କହିବାକୁ ଲାଗିଲା ଗୌତମ ।

"ଏ ଅର୍ଥନୀତିରେ କୁଶଳୀ ଡାଇଲେକ୍ଟିକ୍‌ସ୍ ଭିତରେ ଯାହାର ସମସ୍ତ ବୁଦ୍ଧି ବୃତ୍ତି···

Digitized by PPRACHIN, SOA

ସେମାନଙ୍କର ଶିକାର ହୋଇ ବର୍ଷ ବର୍ଷ ଧରି କି ଦାହଗ୍ରସ୍ତ ହେଉଛନ୍ତି ବିଚାରୀ ନିର୍ବୋଧ ଝିଅଟା !” ଗୌତମ ଚିତ୍କାର କରି କହିଲା ।

“ଗୌତମ, ବାସ୍ତବିକ ତୁମେ ପାଗଳ ହୋଇଯାଇଛ ।” ଚମ୍ପା ହସି ହସି କହିଲା ।

“ଭଗବାନଙ୍କର ବିଚିତ୍ର ବିଚାର ! ଯିଏ କ୍ଲବ ଯାଇ ବଲ୍‌ଡ୍ୟାନସ୍ କରେ, ପାର୍ଟି-ପିକ୍‌ନିକ୍‌ରେ କଲେଜ ଝିଅଙ୍କ ପଛରେ ଗୋଡ଼ାଏ, ସେମାନଙ୍କ ସାଙ୍ଗରେ ହେଁ ହେଁ ଫେଁ ଫେଁ ହୁଏ, ପୁଣି ସେମାନଙ୍କ ଧରି ରୂପଗପରେ ଫାଟିପଡ଼େ, ଆପଣ ତାଙ୍କୁ ପସନ୍ଦ କରୁଛନ୍ତି ? ଆପଣଙ୍କର ପ୍ରେମ କରିବାର ଇଚ୍ଛା ତ, ମୋତେ ଭଲ ପାଆନ୍ତୁ ! ଅଥବା କମାଲ କିମ୍ବା ହରିଶଙ୍କରଙ୍କୁ ! ଏମାନଙ୍କଛଡ଼ା ଆହୁରି ଅନେକ ଅଛନ୍ତି । ମାତ୍ର ମୋର ସେମାନଙ୍କଠାରୁ ସ୍ୱାତନ୍ତ୍ର୍ୟ ରହିଛି ।” କିଛିସମୟ ନୀରବ ରହି ପୁଣି ଆରମ୍ଭ କଲା, “ଚମ୍ପାବାଈ, ଏଟା ବୋଧହୁଏ ଠିକ୍ ଯେ ଆପଣ ଆଭିଜାତ୍ୟ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଆପଣଙ୍କ ଅଭିଜାତ୍ୟ, ଭାଇସାହେବଙ୍କ ରୂପଗୌରବ, ‘ଗୁଲଫିଶାଁ’ ଓ ‘ଶିଙ୍ଗାଡ଼େବାଲି’ କୋଠିର ପରମ୍ପରା—ଏସବୁର ଲୋଭନୀୟ ଆକର୍ଷଣର ଅର୍ଥ କଣ ? କିଛି ନୂତନ ସୃଷ୍ଟିର ସନ୍ଦେଶ ଏଥିରେ ଅଛି ?”

ଚମ୍ପା ନିଜ ଭିତରେ ଆହତ ହେଲାଭଳି ଅନୁଭବ କଲା । ତା ଉପରେ ଅପ୍ରତ୍ୟାଶିତ ଅତ୍ୟାଚାରରେ ନିଜକୁ ନିଃସହାୟ ମନେକଲା । ବର୍ଷ ବର୍ଷ ଧରି ତାର ଭାବନା ଓ ଅନୁଭୂତି ଯାହାକୁ ସେ ନିଜସ୍ୱ ବୋଲି ବିଚାରୁଥିଲା ତାହା କ୍ଷଣକେ ଦୟନୀୟ ମନେହେଲା ।

“ସମସ୍ତେ ତ ଆଉ କଳାକାର ହୋଇପାରିବେ ନାହିଁ ।” ଉଚ୍ଚସ୍ୱରରେ ଚମ୍ପା କହିଲା ।

“କଳାକାର ହେବାକୁ କିଏ କହୁଛି ? ଆଜିକାଲି ତ କଳାକାରମାନଙ୍କ ସଂଖ୍ୟା କମ୍ ନୁହେଁ ! କିଛି ଗୋଟାଏ ଭଲ କାମ କରନ୍ତୁ । ଅନେକ କିଛି କରିବାକୁ ଅଛି । ଆପଣଙ୍କ ଦୃଷ୍ଟିରେ କଅଣ କିଛି ପଡ଼ୁନି ?”

“ଅବଶ୍ୟ ମୋ ଦୃଷ୍ଟିକୁ ସେସବୁ ଆସୁଛି । ହେଲେ ବଞ୍ଚିବାକୁ ପଡ଼ିବ ତ ! ଚାକିରି କରୁଛି ତ, ମିଳୁଛି ତିନିଶହ ଟଙ୍କା । ବାପା ମୋର ଏକ ଶ୍ରେଷ୍ଠକୋର୍ଟ୍‌ର ଓକିଲ । ମୁଁ ତୁମ ସଂଭ୍ରାନ୍ତଶୀଳ ଧନୀମାନଙ୍କ ଭଳି ଦାରିଦ୍ର୍ୟର ଥିଓରୀ କେବଳ ବୁଝେନାହିଁ । ଦାରିଦ୍ର୍ୟର ଦାରୁଣ ନିର୍ଯାତନା ମତେ ଠିକ୍ ଜଣାଅଛି ।”

“ଏବଂ ଭାଇସାହେବଙ୍କ ସାଙ୍ଗରେ ବାହାଘର ହୋଇଗଲେ ଆପଣ ବି କଣ କ୍ଲବ ଯାଇ ବଲଡ୍ୟାନ୍‌ସ କରିବେ ଓ ରାଇଡିଂ ପାଇଁ ଯିବେ ?”—ଗୌତମ ଅକପଟ ସ୍ୱରରେ କହିଲା ।

“ତାହେଲେ ମୁଁ ଲାଲଝଣ୍ଡା ନେଇ ରାସ୍ତାଉପରେ ଦୌଡ଼ିବି—ଏଇଆ କ'ଣ ତୁମେ ଚାହଁ ?”

Digitized by PPRACHIN, SOA

"ତାହେଲେ ବାହାଘର ଆପଣଙ୍କର ଅନେକଟା ଅର୍ଥନୀତି ସମ୍ପର୍କିତ । କିନ୍ତୁ ଚମ୍ପା ବେଗମ୍ ! ମୁଁ ଆପଣଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ବୋଲି ବିଶ୍ୱାସ କରିଥିଲି । କୁହ ତ, ଆପଣଙ୍କୁ ଏ ସାହେବୀ ଅଭ୍ୟାସ ଏତେ କାହିଁକି ପସନ୍ଦ ହେଉଛି ?"

"ମୁଁ ଜାଣେନା କାହିଁକି ମୋର ପସନ୍ଦ ହେଉଛି !" ଲଜ୍ଜିତା କିଶୋରୀଟିଏ ଭଳି ଚମ୍ପା ଉତ୍ତର ଦେବାରେ କଷ୍ଟ ଅନୁଭବ କଲା ।

"ଆଚ୍ଛା, ଆପଣ ସୁନ୍ଦର ମୁହଁଟିଏ ପସନ୍ଦ କରନ୍ତି ତ ?" ହେଟ୍-ରେକ ଦର୍ପଣ ସାମନାକୁ ଯାଇ ନିଜକୁ ଥରେ ପରଖି କରି ନାଟକୀୟ ଭଙ୍ଗୀରେ ଗୌତମ ପୁଣି କହିଲା, "ମୋତେ ମଧ୍ୟ କେଉଁ ଝିଅ ଏତେ ବେଶି ପ୍ରେମ କରିପାରେ ? ଭଲକରି ଦେଖିଲେ ତ ମୁଁ ଅସୁନ୍ଦର ବିବେଚିତ ହେବିନି ।"

"ଶାନ୍ତା କଣ ତୁମକୁ ଖୁବ୍ ପ୍ରେମ କରେ ନାହିଁ ?"

ଏବେ ଗୌତମ ଠିଆହୋଇଥିବା ସ୍ଥାନରେ ପ୍ରସ୍ତରୀଭୂତ ହୋଇ ରହିଗଲା । ଗୌତମକୁ ଆଘାତ ଦେବାଭଳି କିଛି କହିଥିବାରୁ ଚମ୍ପା ମନେ ମନେ ଖୁସି ହେଲା ।

"ଗୌତମ ବାହାଦୁର ! ତୁମେ ବି କାଚଘର ଭିତରେ ରହିଛ । ଅନ୍ୟକୁ ପଥର ଫିଙ୍ଗିବା ଆଗରୁ ତୁମ ଘରର ନିରାପତ୍ତା ବିଷୟ ଚିନ୍ତା କରି ଦେଖ ।"

"ତୁମେ ଶାନ୍ତା ବିଷୟରେ କ'ଣ କିଛି ଜାଣ ?"

"ତୁମେ ତାକୁ ଚିହ୍ନନାହିଁ ? ଯାହା ହେଲେ ବି ସେ ତୁମ କଲେଜର ଛାତ୍ରୀ ଓ ତୁମଠାରୁ ପାଞ୍ଚ ବର୍ଷ ବଡ଼ । ତୁମେ ଏବେ ସେଇ ଶାନ୍ତା ମିଳାମ୍ବରଙ୍କୁ ଭୁଲିଯିବାକୁ ବସିଛ । ଅନେକ ଦିନ ହେଲା ତୁମେ ତାଙ୍କୁ ଚିଠି ଲେଖି ଏଠାକାର ଖବର ଦେଇନାହଁ । ସେ ତୁମର ଇଣ୍ଟେଲେକ୍‌ଚୁଆଲ ବାନ୍ଧବୀ । ତୁମେ ତାକୁ ବିବାହ କରିନପାର । ତୁମେ କାହାକୁ ବି ବିବାହ କରି ପାରିବନି; ନିର୍ମଳାକୁ ବି ନୁହେଁ । ଗୌତମ ସାହେବ, ଏହା ଖୁବ୍ ଗମ୍ଭୀର କଥା । ଏଠାରେ ତୁମର ସିଦ୍ଧାନ୍ତ ଚଳିବ ନାହିଁ । ମୁଁ ଖାଇସାହେବଙ୍କୁ ପସନ୍ଦ କରେ । ତାଙ୍କ ସାଙ୍ଗରେ ମୋର କୌଣସି ପ୍ରକାର ବୌଦ୍ଧିକ ସଙ୍ଗତି ନାହିଁ । କିନ୍ତୁ ଗୌତମ ! ମୁଁ ତୁମକୁ ବି ପସନ୍ଦ କରେ । କିନ୍ତୁ କୁହ, ଏ ପରିସ୍ଥିତିରେ କଅଣ କରାଯାଇପାରେ ? ମଣିଷ-ମଣିଷର ସମ୍ପର୍କଟା ବଡ଼ ଅଦ୍ଭୁତ; କିନ୍ତୁ ମୋତେ କମେ ତୁମେ ବେଶ୍ ଭଲ ଲାଗୁଛ । ମୁଁ କଅଣ ଏହାଦ୍ୱାରା ଭୁଲ କରୁଛି ? ମୋଟେ ନୁହେଁ । ମଣିଷକୁ ପସନ୍ଦ କରିବା ମୋର ସହଜାତ ଗୁଣ । ମୁଁ ଏତେ ବଡ଼ ଗୋଟାଏ ସ୍ୱୀକାରୋକ୍ତି କଲି କେବଳ ଏଇଥିପାଇଁ ଯେ ସେ କାଚଘର ଭାଙ୍ଗିଯାଇଛି । ଏହା କେବଳ ତୁମେଇ ଭାଙ୍ଗିଛ । ଆହା, ଆଉ କିଛିଦିନ ଭଲ ବଞ୍ଚିବାକୁ ଦେଇଥାଆନ୍ତି ।" ଉଦାସ ହୋଇ ଚମ୍ପା ତା'ର ବକ୍ତବ୍ୟ ଶେଷ କଲା ।

Digitized by PPRACHIN, SOA

ଗୌତମ ଖୁବ୍ ନିଃସହାୟ ବୋଧକଲା । ଚୁପ୍‌ଚାପ୍ ସେମିତ ଛିଡ଼ା ହୋଇଥାଏ । ଚମ୍ପାର ତା ପ୍ରତି ଦୟା ଆସିଲା—ଆହା କେଡେ ଭଲ ପିଲା ! ହରଶଙ୍କର ଓ କମଳା ସାଙ୍ଗରେ କି ସୁନ୍ଦର ଭାବରେ ମିଶିଯାଏ !

"ତୁମେ ଶାନ୍ତା ବିଷୟରେ କଅଣ ଜାଣିଛ ?" ଗୌତମ ପୁଣି ପଚାରିବସିଲା । ଗୌତମ ନିଜର ବିରକ୍ତି, ଝଗଡ଼ା-ମନୋବୃତ୍ତି ଏସବୁ ଭିତରେ ସେ ଯେପରି ଚମ୍ପାର ନିକଟବର୍ତ୍ତୀ ହେବାକୁ ଲାଗିଛି । ନିଜର କରିବାର ଏ ଅନୁଭୂତି ଚମ୍ପାକୁ ଆହୁରି ଉଦାସ କରିଦେଲା ।

"ଗୌତମ ! ମୋର ଏ କଟୁ ବକ୍ତବ୍ୟ ପାଇଁ ମୋତେ କ୍ଷମା କରିବ; କିନ୍ତୁ ଏ କଥା ସତ ଯେ ଆମେ ସବୁ ଉନ୍ମୁକ୍ତ ପୁସ୍ତକଭଳି । ଆମ ଭିତରେ କିଛି ମିଷ୍ଟ୍ରି (Mystery) ନାହିଁ । ତୁମେ ମୋଠାରୁ କମ୍ ଜାଣିଲା-ଶୁଣିଲା ନୁହଁ । ମଣିଷ ମାନେଇ ଧରାପଡ଼ିଯାଏ । ଚାରିଆଡ଼େ ଉନ୍ମୁକ୍ତ ଆଲୋକର ଧାରା । କେଉଁଠି ଟିକେ ଅନ୍ଧାର ନାହିଁ, ଯେଉଁଠାକୁ ଯାଇ ତୁମେ ଆତ୍ମଗୋପନ କରିପାରିବ ? ତୁମକୁ ମୁଁ ଦେଖିଲାବେଳେ ମୋର ମନେହୁଏ ମୁଁ ଯେପରି ଆଲୁଅ ସାମନାରେ ଠିଆହୋଇଛି ଓ ତୁମେ ମୋର ଭିତର ବାହାର ସବୁ ଦେଖିପାରୁଛ । କିନ୍ତୁ, ମୁଁ ତମକୁ ବି ସେମିତ ଦେଖିପାରୁଛି । ଏଇଥିପାଇଁ ମୋର ମନେ ହୁଏ ତୁମେ ମୋତେ……"

"ସର୍ବତୋଭାବେ ଦେଖିପାରୁଛି—ଚମ୍ପା ! ତମର କହିବା କଥାକୁ ଅସମାପ୍ତ ରଖନା । ସବୁ କହି କହି ଶେଷ କରିଦିଅ । ନଚେତ୍ ସେ କଟୁ ଶବ୍ଦ ଆମକୁ ଶେଷ କରିଦେବ ।"

"କଥାଟା ତୁଣ୍ଡରୁ ବାହାରି ନିଃଶେଷ ହୋଇଯାଏ ସତ; କିନ୍ତୁ ତାର ଅର୍ଥ ଶେଷ ହୁଏନା । ତା ଦାରୁଣ ଧ୍ୱନି ନିଷ୍ଠୁରଭାବେ ଉପସ୍ଥିତ ରହେ । ଆମର ଏଥିରେ ଚାରା ନାହିଁ ।" ଚମ୍ପା ଅବସାଦଭରା କଣ୍ଠରେ କହିଲା ।

୩୨

"ଆରେ ଶୁଣିଲଣି; ଆମର ଭାଇସାହେବଙ୍କର ଗୌତମ ଉପରେ ଖୁବ୍ ଈର୍ଷା ।" ସିଂଘାଡ଼େବାଲା କୋଠିରେ ଜଣେ ତଲଅର୍ଣ୍ଣ ନିର୍ମଳାକୁ ଖବର ଦେଇ କହିଲା ।

"ଗୌତମ ଉପରେ ? ଆରେ ଏ ତ ବଡ଼ ରହସ୍ୟର କଥା ! ଏମିତ ସାଦାସିଧା

Digitized by PPRACHIN, SOA

ଲୋକଟା ଉପରେ କିଏ ଭଲ ଲାଗିପାରେ ? ସେ ତ ନିହାତି ଡିଫେନ୍‌ସଲେସ୍‌ ।"

"ହଁ ହଁ କଥାଟା ମିଛ ନୁହେଁ...ବଡ଼ ଗହନର କଥା—"

"କଣ ଚମ୍ପାବାଈଙ୍କୁ ନେଇ କହୁଛ...?" ନିର୍ମଳା ଚିନ୍ତା କରି ପଚାରିଲା ।

"ଇସ୍‌ ଏ ପିଲାଳିଆମି କଥା କହନା !"

"ଏଥିରେ ପିଲାଳିଆମି କଥା କଣ ରହିଲା ? ଅସଲ କଥା ତ ମୁଁ କହୁଛି ।" ମୁରବି ଢଙ୍ଗରେ ନିର୍ମଳା ପ୍ରତିବାଦ କଲା ।

"ଭୁଲ୍‌"—ତଲଅତ୍ତ ବିରୋଧ କଲା । "ଚମ୍ପାବାଈ ତ ପିଲାଟିଏ ନୁହେଁ । ଆଚ୍ଛା, ତୁମେ ଗୌତମକୁ ପ୍ରେମ କରିପାର ?" ଗମ୍ଭୀର କଣ୍ଠରେ ତଲଅତ୍ତ ପ୍ରଶ୍ନ କଲା ।

"ଆରେ ବାବା ! ଏତେ ପରିଚିତ, ଏତେ ଘନିଷ୍ଠତା ଭିତରେ ତ ଯୋଗଷଟିଏ ରଖିବାକୁ ସ୍ଥାନ ନାହିଁ । ପ୍ରେମ କରିବାକୁ ତ କିଛି ଗୋଟାଏ ଆସର ଦରକାର ।" ନିର୍ମଳା କହିଲା ।

"ଏଇ ରହସ୍ୟ ଓ ଅସ୍ପଷ୍ଟ ଧାରଣାକୁ ନେଇ ଆମେ ପରସ୍ପର ଯୁବଲିପ୍ତ ରହିଛୁ ।" ତଲଅତ୍ତ କହିଲା ।

"ଯା ଛଡ଼ା ଆଉ କ'ଣ ହୋଇପାରେ ?"—ନିର୍ମଳା ସମର୍ଥନ କଲା ।

"ପ୍ରକୃତରେ ଚମ୍ପାବାଈର ପ୍ରେମ ଆମ ସମସ୍ତଙ୍କ ସାଇକଲଜି ଖରାପ କରିଦେଇଛି । ଯେଉଁଦିନ ଆମେ ଏଠାକୁ ଆସିଲୁ...ମନେ ଅଛି ? ଆମର ସେତେବେଳେ ଫାଷ୍ଟ ଇୟର୍‌ ସେହିଦିନୁ ଆମ ପରସ୍ପର ମଧ୍ୟରେ ସମ୍ପର୍କର ଗୋପନୀୟ ଗୁଞ୍ଜନ ଚାଲିଆସିଛି । କେତେ ଥାର୍ଡ଼୍‌କ୍ଲାସ କଥା ସତେ !"

"ଥାର୍ଡ଼୍‌କ୍ଲାସ ନୁହେଁ ତ ଆଉ କ'ଣ ?" ନିର୍ମଳା ଅନୁମୋଦନ କଲା ।

"ମୁଁ ବୁଝିପାରୁନି; ଖାଇସାହେବ ଯେତେବେଳେ ଏତେଟା ଜୋର ଦେଇଛନ୍ତି, ସେ କିଆଁ ବାହାହୋଇ ପଡ଼ୁନାହାନ୍ତି ?"

ଏତିକିବେଳେ ଗୌତମ ଆସି ପହଞ୍ଚିଲା ।

"ଏହି ଖବର ଦେବାକୁ ଆସିଛି ଯେ ମୋର ଆଡ୍‌ଡ଼ା ଏଥର ଏଠୁ ଉଠିଗଲା ।"

"ଏବେ ଆଉ କୁଆଡ଼େ ଯାଉଛ ?" ତଲଅତ୍ତ ପଚାରିଲା ।

"ଏଇ ବିଲତ ପର୍ଯ୍ୟନ୍ତ—।"

"ଆହାଃ—ଏଇ ବିଲତ ପର୍ଯ୍ୟନ୍ତ—ସତେ ଯେପରି ଆମେ କେବେ ବିଲତ ଯାଇ ପାରିବୁନି ! ଚାଲ, ଆମେ ବି ପଛେ ପଛେ ଯାଉଛୁ—"

ହରିଶଙ୍କର କହିଲା, "ତୁମେ ଚାଲିଯାଉଛ—ଖୁବ୍‌ ଦୁଃଖ ଲାଗୁଛି କିନ୍ତୁ ।"

"ହଁ ଦୁଃଖ ହେବାର କଥା; କାରଣଟା ତୁମର ଆମୋଦ ପାଇଁ ।"

Digitized by PPRACHIN, SOA

"ମୁଁ ଥିଲି ଜଣେ ବିଦୁଷକ ନା ?"—ଗୌତମ ହରିଶଙ୍କରଙ୍କୁ ଲକ୍ଷ୍ୟ କରି କହିଲି ।

ହରିଶଙ୍କର ଓ ଗୌତମର କଥା ମଝିରେ ତଲଅନ୍ତି ଘର ଭିତରକୁ ନିର୍ମଳା ନିକଟକୁ ଉଠିଗଲି ।

"ଗୁରୁ ଚାଲିଯାଉଛନ୍ତି ।"—ତଲଅନ୍ତି କହିଲି ନିର୍ମଳାକୁ । "ମୁଁ ତ ଏଇନେ ଶୁଣିଲି"—ନିର୍ମଳା କାନ୍ଦୁଥିଲି । ତଲଅନ୍ତି ବ୍ୟସ୍ତ ହୋଇ ଉଠିଲି ।

"ଆରେ କିଭଳିଆ ବୋକା ଝିଅ । କାନ୍ଦିବାରେ କଅଣ ଅଛୁ ? ବାହାହୋଇ ତୁ ବି ଚାଲି ଯା—ତୋ ପାଇଁ ତ ତାଙ୍କ ସହିତ କେବେଠୁଁ କଥା ପଡ଼ିଛୁ ।

"ସେ କ'ଣ ମୋତେ ବିବାହ କରିବେ ? ଚମ୍ପାବାଜୀର ଚମକ ପାଖରେ ମୋର ସ୍ଥାନ କାହିଁ ? ଚମ୍ପାବାଜୀ ଛୁଇ ପରି ମୁଁ କ'ଣ ବଞ୍ଚିବି ?"—କାନ୍ଦି କାନ୍ଦି ଏତକ କହିଲି ନିର୍ମଳା ।

"ଚମ୍ପାବାଜୀ—ଚମ୍ପାବାଜୀ ! ତମଠୁଁ ଅତି ଖରାପ ଆଉ କିଏ ହୋଇପାରେ ? କେତେ ଜୀବନ ତୁମେ ଆଉ ନଷ୍ଟ କରିବ ?"—ତଲଅନ୍ତି ଦୁଆରମୁହଁରେ ଥକ୍କା ମାରି ବସିଗଲି । "ବୋକୀ ! ତୁ ଆଉ କାନ୍ଦନା ।" ରୁଦ୍ଧ ଆବେଗରେ ଏତକ କହିଲି ତଲଅନ୍ତି । ବାରଣ୍ଡାରେ ଗୌତମ ଓ ହରିଶଙ୍କରଙ୍କ କଥା ଶୁଭୁଥିଲି ।

ତଲଅନ୍ତିର ଚମ୍ପା ପ୍ରତି ଏତେଟା ବିରକ୍ତି ଆଉ କେବେ ପ୍ରକାଶ ପାଇ ନଥିଲି ।

ଚମ୍ପା ଗବାକ୍ଷ ପାଖକୁ ଯାଇ ସାନ୍ଧ୍ୟ ଆକାଶକୁ ଚାହିଁଲି । ପାଖ ଘରୁ କେଉଁ ଝିଅଟିର କଣ୍ଠରୁ ଶୁଭୁଥିଲି ପୁରୁଣା ଖେୟାଲ୍ "ବନତ ବନାଉଁ ବନ ନହିଁ ଆୟେ ହରିକେ ବିନା—ହରିକେ ବିନା—"

ସହସା ଖେୟାଲର ଭାବାର୍ଥ ତା' ଆଗରେ ସ୍ପଷ୍ଟ ହୋଇ ଉଠିଲି । ବାସ୍ତବରେ ବିରହରେ ହିଁ ପ୍ରକୃତ ପ୍ରେମ ନିହିତ ଥାଏ ।

ଲନ୍ ଉପରେ ଝିଅମାନେ ପଦଚାଲନା କରୁଥାଆନ୍ତି । ସୋସିଆଲ ରୁମ୍‌ରୁ ପିଆନୋର ବାଜଣା ଶୁଭୁଥାଏ । ଚାରିଆଡ଼େ ବିରହବିଧୁରା ରାଧାର ଛବି ।

ସେ ତଳକୁ ଓହ୍ଲାଇ ଆସିଲି ଓ ବାଦଶାହବାଗ୍ ଆଡ଼କୁ ଚାଲିଲି । ପ୍ରଫେସରଙ୍କ ଘରେ ଖୁବ୍ ଗହଳି ।

"ଡାଇରେକ୍ଟ ଆକ୍‌ସନ—କଲିକତା, କଲିକତା—ଦି ହଜାର ଲୋକଙ୍କ ମୃତ୍ୟୁ ।" ଚମ୍ପା ଯେପରି ଚମକି ଉଠିଲି । ପ୍ରଫେସରଙ୍କ ଘରେ ଗହଳି ମଧ୍ୟରେ ସମସ୍ତଙ୍କ ତୁଣ୍ଡରେ

Digitized by PPRACHIN, SOA

ସେଇ ଗୋଟିଏ କଥା । ଗୌତମ କାଗଜ ଉପରେ ନଇଁପଡ଼ି କଅଣ ଲେଖୁଛି । ବିଚଳିତ ହୋଇ ଚମ୍ପା ଘଟଣା କ'ଣ ଜାଣିବାକୁ ଚାହିଁଲା । "ଆପଣଙ୍କ ନେତାଙ୍କୁ ଯାଇ ପଚାରନ୍ତୁ, ଚମ୍ପା ବେଗମ୍ !" ଭିଡ଼ ଭିତରୁ କେହି ଜଣେ ପାଖକୁ ଆସି କହିଲା । ଏଥର ଚମ୍ପା ଗୌତମ ଆଡ଼କୁ ଚାହିଁଲା । ଗୌତମ ମୁହଁ ଫେରାଇନେଲା । ସମସ୍ତେ ଚମ୍ପା ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କଲେ । କେହି ଜଣେ ହରଶଙ୍କରକୁ ଲକ୍ଷ୍ୟ କରି କହିଲା—

"ଏ ତମର କମ୍ୟୁନିଷ୍ଟ ପାର୍ଟିର କଣ ହୋଇଛି କି ? କହୁଛି କଣ ନା ପାକିସ୍ଥାନ ଦାବୀ ହେଉଛି ଜନତାର ଦାବୀ ।

"ଆମେ ଚାହୁଁ ଶାନ୍ତି"—ଗୌତମ ପୁଣି କହିଲା ।

"ଶାନ୍ତି ! ହୁଁ ! ଅହିଂସା ଗାନ୍ଧିବାଦୀ ! ଏହାଠାରୁ ବଳି 'ଫ୍ରଡ୍' କେଉଁଠି ଦେଖି-ନାହିଁ ।" କେହି ଜଣେ ମନ୍ତବ୍ୟ ଦେଲା ।

ଚମ୍ପା ପୁଣି ସେଠାରୁ ଫେରିଆସିଲା । କୈଳାସ ହଷ୍ଟେଲରେ ୟୁନିଅନର ସଙ୍କଟ-କାଳୀନ ଅଧିବେଶନ ହେଉଥାଏ । ସେ ହଷ୍ଟେଲ ପାଖଦେଇ ଆଗକୁ ଚାଲିଲା । ଚାନ୍ଦବାଗ୍‌ରୁ ଅର୍ଗାନର ସ୍ୱର ଶୁଭୁଥାଏ । ରାୟ ବିହାରିଲାଲ ରୋଡ଼ରେ ଚାଲିଲାବେଳେ ଉଭୟ ପାର୍ଶ୍ୱସ୍ଥ ଘରଗୁଡ଼ାକ ଉପରେ ଦୃଷ୍ଟି ପକାଉଥାଏ ସେ । ତାକୁ ସ୍ୱାଗତ କରିବାକୁ କୌଣସି ଦ୍ୱାର ଉନ୍ମୁକ୍ତ ନଥିଲା ।

ପରଦିନ ସକାଳୁ ସେ ଜାଣିଲା ଯେ, ସେ ଦଳଟା ବେଡ଼ିଂ ବିସ୍ତର ବାନ୍ଧି କଲିକତା ଚାଲିଗଲେଣି । ନିର୍ମଳା, ତଲଅତ୍, ତହମୀନା ସଭିଏଁ ଚାଲିଯାଇଛନ୍ତି । ସେ କେବଳ ଏକଲା ରହିଯାଇଛି । ଯ୍ୟା ଭିତରେ ମାସ ଗୋଟିଏ ବିତିଗଲା । 'ଗ୍ରୁପ୍' ବଙ୍ଗଳା ଓ ବିହାରର ବିଭିନ୍ନ ପ୍ରାନ୍ତରେ 'ଶାନ୍ତି' 'ଶାନ୍ତି' କହି ବୁଲୁଥାନ୍ତି । ରାତିରେ ଗାନ୍ଧିଜୀଙ୍କ ସହ ବସି "ରଘୁପତି ରାଘବ ରାଜା ରାମ୍" ବୋଲନ୍ତି । ଦିନରେ ଆହତମାନଙ୍କ ସେବା ଶୁଶ୍ରୂଷା କରନ୍ତି ।

ଝିଅସବୁ ସେ ଦଳରୁ ଫେରିଆସିଥାନ୍ତି । ଲକ୍ଷ୍ନୌର ସ୍ୱାଭାବିକ ଜୀବନଯାତ୍ରା ସେମିତି ଚାଲିଥାଏ । ଦିନେ ଚମ୍ପା ଖବରକାଗଜରୁ ପଢ଼ିଲା ଯେ ବିହାରରେ ଏଇ ଶାନ୍ତିସେନା ଉପରେ କେତେଜଣ ଅତ୍ୟାଚାର କରିବା ଫଳରେ କମାଲ୍, ଶଙ୍କର ଓ ଗୌତମ ପ୍ରଭୃତି ଆହତ ହୋଇଛନ୍ତି । ଚମ୍ପା ବିଚଳିତ ହୋଇ ଗୁଲଫିଶାଁ ମହଲ ଆଡ଼କୁ ସାଇକେଲ ଛୁଟାଇଦେଲା । ଫାଟକଠାରେ ଦେଖିଲା ଯେ ଷ୍ଟେସନୱାଗନରେ ଜିନିଷପତ୍ର ଲଦା ହେଉଛି; ତଲଅତ୍, ତହମୀନା ଓ ନିର୍ମଳା ଯାତ୍ରା ପାଇଁ ପ୍ରସ୍ତୁତ ହେଉଛନ୍ତି । ତହମୀନା ଖବର ଦେଲା ଯେ ଭାଗ୍ୟକୁ ଶଙ୍କରର ଦାଦା ସେଠାରେ ଥିଲେ ଏବଂ ତାଙ୍କ ସହାୟତାରେ ଗୌତମ ପ୍ରଭୃତି ସୁବିଧାରେ ଗୋରଖପୁରରେ ପହଞ୍ଚି ସେଠାରେ ଅଛନ୍ତି । ଆମେ

Digitized by PPRACHIN, SOA

ଏଇନେ ଗୋରଖପୁର ଯାଉଛୁ ।

"ଚମ୍ପା ତୁମେ ବ ଆମ ସାଙ୍ଗରେ ଚାଲ"—ତହମୀନା ପ୍ରସ୍ତାବ ଦେଲା । ଗତ କେତେଦିନ ହେଲା ଏତେଟା ଅଲଗା ହୋଇ ରହୁଛ, ଯଦ୍ୱାରା ଆମେ ଭାବିଲୁ କାମରୁ ତମକୁ ଫୁରୁସତ୍ ମିଳୁନାହିଁ । ତମ କଲେଜ ତ ଛୁଟି; ଆସ ଆମ ସାଙ୍ଗରେ । ଆମେ ସେଠାରୁ ଫେରିଲାବେଳେ ତମକୁ ବନାରସରେ ଛାଡ଼ିଦେଇ ଆସିବୁ ।

ଚମ୍ପା ପୁଣି ସେ ଦଳ ସାଙ୍ଗରେ ମିଶିଗଲା ।

ଯୁବକ ତନ୍‌ଜଣ ସିଭିଲ୍ ସର୍ଜନଙ୍କ ବଙ୍ଗଳାର ପଛବାରଣ୍ଡାରେ ବସି ଉଚ୍ଚ କଣ୍ଠରେ ଗୀତ ଗାଉଥାନ୍ତି । ତନିଜଣଯାକ ଖୁବ୍ ଆଘାତ ପାଇଥାନ୍ତି । ଦିନସାରା ପଡ଼ି ପଡ଼ି ଦୁନିଆଯାକର ଗୀତ ଗାଉଥାନ୍ତି । ଗୌତମ ପ୍ରତିଦିନର ଘଟଣାପ୍ରବାହ ସାଙ୍ଗରେ ନିଜର ଭବିଷ୍ୟତ କାର୍ଯ୍ୟସୂଚୀ ନିର୍ମାଣ କରୁଥିଲା । ତା ବାମହାତର ଆଙ୍ଗୁଳି ତିନୋଟିରେ ପ୍ଲାଷ୍ଟର ହୋଇଥାଏ ।

"ମୁଁ ଜାଣେନା ଏ ଆଙ୍ଗୁଳି ତିନିଟା ଆଉ କାମରେ ଆସିବ କି ନା !" ସିଏ ଖୁବ୍ ବଡ଼ ପାଟିରେ ଚମ୍ପାକୁ ଲକ୍ଷ୍ୟକରି ପଚାରିଲା, "ମୁଁ କ'ଣ ଆଉ ପିଆନୋ ବଜାଇ ପାରିବିନି ?"

"କାହିଁକି ବଜାଇ ପାରିବନି ?" କମାଲ୍ କହିଲା । ତା'ର ଗୋଡ଼ଗଣ୍ଠି ହାଡ଼ରେ ଆଘାତ ଲାଗିଥାଏ । ସେ ତିନିଜଣ ଚାଲିବୁଲି କଲାପରେ ଫେରିଆସିବାର ବ୍ୟବସ୍ଥା ହେଲା ।

"ଚାଲ୍ ଚାରିଆଡ଼େ ଟିକିଏ ବୁଲି ଆସିବା । ପୁଣି ହୁଏତ କେବେ ଯାଇ ଏଆଡ଼େ ଆମର ଆଗମନ ହେବ କିଏ' ଜାଣେ ? ଏଠାରେ ଆମେ ମଫସଲ ଅଞ୍ଚଳର ଅବସ୍ଥା ଦେଖିଯିବା ଠିକ୍ ହେବ । ମିର୍ଜାପୁର ବି ଯିବା । ଆମ କମରୁନ୍‌ର ଘର ବି ସେଇଠି ।"

ସେଠାରେ କେବଳ ହାତୀ ଉପରେ ଯାତାୟାତ କରିବା ସୁବିଧାଜନକ । ସେମାନେ ହାତୀରେ ବସି କପିଳବସ୍ତୁ ପହଞ୍ଚିଲେ । ଗାଁଲୋକେ ସେମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତହୋଇ ଦେଖୁଥାନ୍ତି ।

'ଏବେ ଏଠାରେ ସେହି ପଦ୍ମପୋଖରୀ, ମନୋଜ୍ଞ ହରିଣପନ୍ତି, ଗଛଲତାର କୁଞ୍ଜ ଓ ଚମେଲିଫୁଲରେ ମଣ୍ଡିତ ସ୍ତମ୍ଭମାନ କେଉଁଠି ଅଛି ?' ଚମ୍ପା ନିଜେ ନିଜକୁ ପ୍ରଶ୍ନ କଲା ।

"ଖୁବ୍ ନିର୍ଜନ ଏ ଜାଗାଟା କିନ୍ତୁ"—କମାଲ୍ ସହସା କହିଲା ।

"ହଁ ନିବଡ଼ ନିର୍ଜନତା । ଚାଲ ଏବେ ଫେରିଯିବା ।"—ହରିଶଙ୍କର କହିଲା ।

Digitized by PPRACHIN, SOA

କମାଲ୍ ମୁହଁ ଓହ୍ଲାଇ ପଥର ଉପରେ ବସିଥାଏ । ସେ ଶଙ୍କରକୁ ଲକ୍ଷ୍ୟକରି କହିଲା, "ଇତିହାସ ଏକ ମସ୍ତବଡ଼ 'ଫ୍ରଡ୍' ବନ୍ଧୁ ! ଆମର ଇତିହାସ ଆମକୁ ବରାବର ଧୋକା ଦେଇ ଆସିଛି ।"

ଶଙ୍କର କମାଲର ମନ୍ତବ୍ୟକୁ ସମର୍ଥନ କଲା । ସେମାନେ ସମସ୍ତେ ଧୀରେ ଧୀରେ ହାତୀମାନଙ୍କ ପାଖକୁ ଫେରି ଆସିଲେ । ସେମାନଙ୍କର ଗ୍ରୁଇ ବଡ଼ ବିଚିତ୍ର ଲାଗୁଥିଲା ।

ତୀନ

ଫେରିଲାବେଳେ ଚମ୍ପା ବନାରସଠାରେ ଓହ୍ଲାଇ ଗଲା । କାଣ୍ଟନମେଣ୍ଟର ଷ୍ଟେସନ ପାଖରେ ପହଞ୍ଚି ସାଥିମାନଙ୍କଠାରୁ ବିଦାୟନେଇ ଘୋଡ଼ାଗାଡ଼ିରେ ଘରଆଡ଼କୁ ମୁହାଁଇଲା । ଦୂରରୁ ରାମଲୀଲାର ଗହଳଚହଳ ଶୁଭୁଥିଲା । ଶୀତରାତି । ତାଙ୍କ ଘରର ଆଲୁଅଟା ଦୂରରୁ ଦିଶୁଥିଲା ଠିକ୍ ଯେମିତି ଅନ୍ଧାର ସମୁଦ୍ର ମଝିରେ ଜାହାଜର ଆଲୁଅ ଚେନାଏ । ସେ ଘର ଭିତରକୁ ପଶିଗଲା । ଘରେ ଦୂରସମ୍ପର୍କୀୟ ଭଉଣୀଙ୍କର ବାହାଘର କୋଳାହଳ । ଗୃହଆଡ଼େ ପାଟିଗୁଣ୍ଡ ଶୁଭୁଥାଏ । ବାରଣ୍ଡାରେ ପର୍ଦ୍ଦା ଝୁଲୁଛି । ଭିତରେ ଖଟ ଉପରେ କେଇଜଣ ଗୀତବାଲୀ ବସିଥାନ୍ତି । ଅନ୍ଧାର ଭିତରେ ସେ ଯାଇ ଦଉଡ଼ିଆ ଖଟ ଉପରେ ଶୋଇ ପଡ଼ିଲା । ଗୋଡ଼ ପାଖରେ କେଉଁ ଝିଆରୀର ଶିଶୁ ପୁଅଟି ଘୋଡ଼ାଇ ହୋଇ ନିଘୋଡ଼ ନିଦରେ ଶୋଇଛି । ଅଗଣାରୁ ବୁଆ ହୁସେନ ବାଁଙ୍କ ସଙ୍ଗୀତ ଲହରୀ ଭାସି ଆସୁଥାଏ । ଗୀତବାଲୀମାନେ ବି ବିବାହ ସଙ୍ଗୀତ ବୋଲୁଥାଆନ୍ତି । ଚମ୍ପା କେବଳ ଆଖି ବୁଜି ସବୁ ଶୁଣୁଥାଏ । ରୋଷେଇ ଘରେ ତିଆରି ଚାଲିଛି । ଗୃହଆଡ଼େ ଧୂଆଁର କୁଣ୍ଡଳୀ ଓ ଫୁଟଣର ବାସ୍ନା !

ଘର !...ଘର !!...ନିଜର ଘର !!!

ପୁଣି ରାତିର ନୀରବତା ଗ୍ରୁଇଗଲା । ଝରକାର ତଳେ ବଳଦ ଗାଡ଼ି ଯିବାର କେଁକଟର ଶବ୍ଦ । ବିଚିତ୍ର କର୍କଶ ଧ୍ୱନି । ଚମ୍ପାର ମନେପଡ଼ିଲା ରହିଲୁନ ମହରି ଦିନେ କହିଥିଲା ଗାଡ଼ିରୁ କେଁକଟର ଶବ୍ଦ ବାହାରିବା ଏକ କୁଲକ୍ଷଣ । ଖୁବ୍ ଅଶୁଭ ସଙ୍କେତ ।

ସହସା ତାର ମନ ଅଜଣା ଭୟରେ ଥରି ଉଠିଲା । କ'ଣ ଯେପରି ଘଟିଯିବ । ତାର ମନ ଭିତରୁ କିଏ ଯେପରି ଯୁକ୍ତି କଲା—ନାଁ କିଛି ହେବନି ସବୁ ଠିକ୍ ହୋଇଯିବ । କମାଲର ସତର୍କ ବାଣୀ ତାର ମନେପଡ଼ିଲା—ଆଃ, ସେ କମ୍ୟୁନିଷ୍ଟର କଥାରେ କିଛି

Digitized by PPRACHIN, SOA

ମାନେ ଥାଏନା ।

ଭାବନାର ପରିସର ଭିତରକୁ ଗୌତମ ନୀଳାମ୍ବର ଓ କମଳର ବିଚଳିତ ଭାବ, ତଳିଅନ୍ତର ବାସ୍ତବତା, ତହମୀନାର ଗମ୍ଭୀର ବ୍ୟକ୍ତିତ୍ଵ ଗୋଟିଗୋଟିକରି ସବୁ ଆସିଲେ । ନିଜ ବିଷୟରେ ବି ଚମ୍ପା ଅନେକ କିଛି ଭାବି ବସିଲା । ସେ ନିଜେ କିଏ ? ଲୋକେ ତାକୁ କ'ଣ ଭାବନ୍ତି, ଗୌତମ ତାକୁ କ'ଣ ଭାବେ ? ଏମିତି ଅନେକ କିଛି—

ସକାଳେ ବହୁତ ସମୟ ପର୍ଯ୍ୟନ୍ତ ସେ ଶୋଇ ରହିଲା ।

ଦିନ ବିତିବାକୁ ଲାଗିଲା । ରାମଲୀଳାରେ ସୂର୍ପଣଖାର ନାକ କାନ କଟାହୁଏ । ରାବଣ ମରଣ, ଭରତ-ମିଳନ, ଦୁର୍ବଳ ପତଳା ଟୋକାମାନେ ମୁହଁରେ ପାଉଡ଼ର ମାରି ମୁଣ୍ଡରେ ଜରି ମୁକୁଟ ଲଗାଇ ରାମ ଲକ୍ଷ୍ମଣ ଭୂମିକାରେ ବାହାରନ୍ତି··· । ରାମ ରାଜାହୁଏ··· ଲୋକେ ତାଙ୍କର ଭିତରେ ଭଗବାନଙ୍କର ଦର୍ଶନ ପାଆନ୍ତି । ଛୁଟି ସରିବାମାନେ ଚମ୍ପା ପୁଣି ଲକ୍ଷ୍ନୌ ଫେରିଆସିଲା । କାର୍ତ୍ତିକ ମାସରେ ଅମାବାସ୍ୟାର ଦୀପମାଳା ଚାରିଆଡ଼ ଆଲୋକ ଉଜ୍ଜ୍ୱଳ କରିଦେଲା । ଘରେ ଘରେ ଲକ୍ଷ୍ମୀ ପୂଜା । 'ଗୁଲଫିଶାଁ' ମହଲର ବାରଣ୍ଡାରେ ବସି ଅନ୍ଧ ବୁଢ଼ୀ ପିଲଙ୍କୁ ଉଆଁସ ରାତିରେ ବାହାରେ ନବୁଲିବାକୁ ତାଗିଦକରେ । "ଜାଣିଛ ପିଲାଏ ଆଜି ରାତିରେ ଲକ୍ଷ୍ମୀ ଠାକୁରାଣୀ ତାଙ୍କ ବାହାନ ପେଚା ଉପରେ ବସି ଦୁନିଆ ସାରା ଉଡ଼ି ବୁଲନ୍ତି । ତାଙ୍କର ଯାହା ଘରକୁ ଇଚ୍ଛା ଯାଇ ପାରନ୍ତି !" ଝାଲବେଗମ୍ ପିଲାଙ୍କୁ ଡରାଇଦେଇ ପୁଣି ତାଗିଦା କରନ୍ତି— "ବର୍ଷାରତୁ ସାପ ବିବାଳୀର ଦୀପ ଗୃହି ବିଲକୁ ଯାଏ ।"

ସ୍ଥାନେ ସ୍ଥାନେ ଗଳି ଉପଗଳିରେ ଜୁଆଖେଳ ଚାଲେ । ଆଜିଭଳି ଦିନରେ ଜୁଆ ନ ଖେଳିଲେ ପରଜନ୍ମରେ ଚୁଚୁନ୍ଦ୍ରା ହୁଅନ୍ତି ବୋଲି ଲୋକମାନଙ୍କର ଧାରଣା ।

ଏହା ପରେ ପରେ ପୁଣି ଖ୍ରୀଷ୍ଟ ଜନ୍ମୋତ୍ସବ ଉତ୍ସବ ଆସେ । ଚାରିଆଡ଼େ ଗୀତର ଗୁଞ୍ଜନ ଭରିଯାଏ । ପୁଷମାସରେ ଧଳା ଶାଢ଼ୀ ପିନ୍ଧି ଖ୍ରୀଷ୍ଟିଆନ୍ ମହିଳା ଯୀଶୁଙ୍କର ସ୍ତୁତି ଗାନ କରନ୍ତି । ପୁଣି ମାଘମେଳା ଉପଲକ୍ଷେ ଲୋକେ ତ୍ରିବେଣୀ-ସ୍ନାନ ପାଇଁ ପ୍ରସ୍ତୁତ ହୁଅନ୍ତି । ବସନ୍ତ ପଞ୍ଚମୀରେ ଘରେ ଘରେ ସରସ୍ୱତୀଙ୍କର ଆରାଧନା ହୁଏ । ମଣିଷ ତାର କଳ୍ପନାରେ ଶ୍ୱେତ ବସ୍ତ୍ର ପରିଧାନ କରି ଶ୍ୱେତହଂସାରୂଢ଼ା ବିଦ୍ୟାଦେବୀ ଜଳକ୍ରୀଡ଼ା କରୁଥିବାର ଦେଖେ । କୁମ୍ଭାର ହାତରେ ମାଟିରେ ତିଆରି ମୂର୍ତ୍ତି ଭିତରେ ମଣିଷ ଦେବତାର ଦେବତ୍ୱ ସନ୍ଧାନ କରିବସେ । ପୁଣି ଫାଲ୍‌ଗୁନ ମାସରେ ଅସେ ଶିବ ଉପାସନାର ପ୍ରସ୍ତୁତି ।

ମହରମର କୋଳାହଳ ଶୁଭେ । ଘରେ ଘରେ କାଗଜ ଜରିର ତାଜିଆ ବାହାରେ । ମଣିଷର କଳାତ୍ମକ ଅଭିବ୍ୟକ୍ତିର ଅନୁପମ ପ୍ରକାଶ ହୁଏ । ଏହି କାଗଜ ପନ୍ନ ଓ ଶବାଧାରର

Digitized by PPRACHIN, SOA

ପ୍ରତୀକ ଭିତରେ ସେ ଈଶ୍ୱରଙ୍କ ସତ୍ତା ଲକ୍ଷ୍ୟକରେ । ଗଳି ଉପଗଳିରେ ଶୋକ ଗୀତର ଲହର ଶୁଭେ । ମାର୍ଚ୍ଚ ମାସରେ ସମସ୍ତ ବାତାବରଣ ରଙ୍ଗୀନ ଓ ଲାଲ ବର୍ଣ୍ଣ ଧାରଣ କରି ଉଠେ । ରାସ୍ତା ରାସ୍ତାରେ ହରି ପ୍ରେମର ସଂକୀର୍ତ୍ତନ ଶୁଭେ । ଏସବୁ ବୁଦ୍ଧିର ଭ୍ରମ ମାତ୍ର । ଐଶ୍ୱରିକ ସତ୍ତା ଅନୁଭବ ପାଇଁ ନିର୍ବୋଧ ବ୍ୟାକୁଳତା ଭିତରେ ମଣିଷ କେବଳ ନିଜକୁ ଠକିବାକୁ ଚେଷ୍ଟାକରେ । କେବଳ ବ୍ୟକ୍ତିଗତ ଆନନ୍ଦଲାଭହିଁ ମୂଳବସ୍ତୁ ଥାଏ । ଯାହା ଯେଉଁଠି ଯେତେଦୂର ସମ୍ଭବ ସୃଷ୍ଟିର ଆନନ୍ଦ ଲାଭକର । ତୁମର ନିଷ୍ଠିତ୍ତି, ତୁମର ଜେଲ ଯାତ୍ରା, ତୁମ କଂଗ୍ରେସ୍, ତୁମ ମୁସ୍‌ଲିମ୍ ଲିଗ୍ ସବୁ ଏ ସୃଷ୍ଟିର ଐଶ୍ୱର୍ଯ୍ୟ ନିକଟରେ ତୁଚ୍ଛ । ତୁମେ ମାନବିକତାର ମୂଲ୍ୟାଙ୍କନ କରିବାକୁ ଯାଉଛ ଅଥଚ ଏଇଥିପାଇଁ ମଣିଷରକ୍ତର ନଈ ବୁହାଇବାକୁ କୁଣ୍ଠିତ ହେଉନାହଁ । ମୋର କେତେକ ବ୍ୟକ୍ତିଗତ ଆନନ୍ଦ ଲୋଡ଼ା । କେବଳ ନିଜର ସୁଖ, ଘର, ଶାନ୍ତି ଓ ପତ୍ନୀ ପୁତ୍ରର ପ୍ରେମ !

ଚମ୍ପାର ମନଟା ଯେପରି ତାକୁ ତୁହାଇ ତୁହାଇ ପଶ୍ଚାତ୍ତାପ ପାଇଁ ଆତୁର ଅନୁଶୋଚନାରେ ଆହତ କରୁଥିଲା । ଚମ୍ପା ଦେଖିଲା ତାର ପରିବେଶଟା ଯେପରି ଆସନ୍ନ ଝଡ଼ରେ ଅସ୍ତବ୍ୟସ୍ତ ହେବାକୁ ବସିଛି । ପ୍ରଫେସର ବାନାର୍ଜିଙ୍କ ଘରକୁ ଗଲା ଚମ୍ପା । ସେଠାରେ ଆଜି ଭିଡ଼ ଜମିଛି । ସେ ରାସ୍ତାକୁ ଉଠିଲା । ପ୍ରଫେସରଙ୍କ ଘରେ ସମସ୍ତେ ଏକାଠି ହୋଇ କିଛି ଗୋଟାଏ ମହତ୍ତ୍ୱପୂର୍ଣ୍ଣ ଘଟଣା ବିଷୟରେ ଚିନ୍ତା କରୁଛନ୍ତି (ଏ ଲୋକେ ମୋ ବିଷୟରେ କାହିଁକି କିଛି ଚିନ୍ତା କରୁନାହାନ୍ତି—? ମୁଁ ଚମ୍ପା ଅହମ୍ମଦ । ଏକାକୀ ଏଠି ଛିଡ଼ା ହୋଇଛି ।) ଡ୍ରଇଁ ରୁମର ପରଦା ପଛରେ ସମସ୍ତେ ଠୁଳ ହୋଇଛନ୍ତି । ସେ ଚୁପ୍‌ଚାପ୍ ଓଦା ଗୁଲ୍‌ମେଲ୍ ବୁଦା ଆଢ଼ୁଆଳରେ ଠିଆ ହୋଇ ଝରକାଦେଇ ଭିତରକୁ ଚାହିଁଲା । ପ୍ରଫେସର ଧଳା କୁର୍ତ୍ତା ଓ ଧୋତି ପିନ୍ଧି ଚୁପ୍‌ଚାପ୍ ବସିଛନ୍ତି । ଗୌତମ ଓ କମାଲ ଦୁହେଁ ସେଠାରେ ଉପସ୍ଥିତ ଥାଆନ୍ତି । ଗୌତମ ନୂଆ ଭାରତୀୟ ଦୂତାବାସ ସହିତ ମସ୍କୋ ଯିବାର ଥାଏ ।

ଦିଲ୍ଲୀ, ସିମଲା, ଦଶ ନମ୍ବର ଆଉରଙ୍ଗଜେବ ରୋଡ଼୍, ଭାଇସିରଗଲ୍ ଲଜ, କୁଷ୍ଠରୋଗୀ କଲୋନି—ଏସବୁ ଶବ୍ଦ ଭିତରୁ ଶୁଭୁଥିଲା । ସେ ଖିଡ଼କି ନିକଟରୁ ପୁଣି ରାସ୍ତା ଉପରକୁ ଉଠିଲା ।

ଏବେ ତା ଆଗରେ ଦୁଇଟି ସଂସାର । ଏକପାଖରେ ଏ ଦଳଟିର ବନ୍ଧୁଗଣ, ଏମାନଙ୍କ ସଂଘର୍ଷ, ନିଜସ୍ୱ ଆଦର୍ଶ ଓ ମାନସିକ ଅବସ୍ଥା—ଏଠାରେ କିନ୍ତୁ ଭବିଷ୍ୟତ ଅନିଶ୍ଚିତ । ଅନ୍ୟ ପାଖରେ ଶାନ୍ତି, ନିରାପତ୍ତା ଓ ନିଜପାଇଁ ଅପାର ଆନନ୍ଦ । ଅମୀର ରଜା ପାକିସ୍ଥାନ ଯାଉଛନ୍ତି । ନଯିବେ ବା କାହିଁକି ? ସେ ତ କମାଲ ଭଳି ନୁହନ୍ତି । ଏଠାରେ କେବଳ ଅନିଶ୍ଚିତ ଭବିଷ୍ୟତକୁ ନେଇ ରାଜନୀତିର ଖେଳ ଖେଳିବେ !

Digitized by PPRACHIN, SOA

ନୂଆ ଦେଶରେ ଉନ୍ନତର ମାର୍ଗ ପ୍ରଶସ୍ତ । ନିଜ ଆନନ୍ଦ, ନିଜ ଉଦ୍ଦେଶ୍ୟ, ନିଜପାଇଁ ଅନେକ କିଛି । ଅନ୍ୟ ପାଇଁ ମୁଁ କିଆଁ ଶୋଚନା କରିବି ? ଅନ୍ୟମାନେ ମୋ ପାଇଁ କଣ କରିଛନ୍ତି ? କ'ଣ ଦେଇଛନ୍ତି ମୋତେ ? ନିଜେ ନିଜକୁ ପ୍ରଶ୍ନ କଲି ଚମ୍ପା । ବହୁତ ଚିନ୍ତା କରି ଶେଷରେ ସ୍ଥିର କଲି ଯେ ଅମୀର ରଜାଙ୍କୁ ବିବାହ କରି ପାକିସ୍ଥାନ ଚାଲିଯିବା ଠିକ୍ ହେବ—କଥାଟି କେଡ଼େ ସହଜ ! ସହସା ମନେହେଲା ଯେପରି ଅନ୍ୟ ସବୁ ବିକ୍ଷିପ୍ତ ଭାବନାର ଅବସାନ ଘଟିଲା । ପରିକଳ୍ପନା କଲା ନିଜର ପ୍ରସ୍ତାବିତ ସାମାଜିକ ସ୍ଥିତି ବିଷୟରେ—ବେଗମ ଅମୀର ରଜା—କରାଚୀ ! ଆଃ କି ଚମତ୍କାର ! କିନ୍ତୁ ଏ ଦଳର ଲୋକ ଖୁବ୍ ମନେ ପଡ଼ିବେ । ମାତ୍ର ମଣିଷକୁ ଏ ଦୁନିଆରେ ସବୁ ଜିନିଷ ତ ମିଳେନାହିଁ । ସେ ତାର ସ୍ୱପ୍ନିଳ ଭାବନା ଭିତରେ କେତେବେଳେ ପ୍ରଧାନ ଦ୍ୱାର ପାଖରେ ପହଞ୍ଚିଲାଣି ତାକୁ ଜଣାନାହିଁ । ତା ପଛେ ପଛେ ଗୌତମ ଆସୁଥିଲା ।

"ଚମ୍ପାବାଇ ଖୁଦା ହାଫିଜ !"—ଗୌତମ କହିଲା ।

"ମସ୍କୋ ଯାଉଛ ?"

"ହଁ ! କମାଲ୍ ଜୁଲାଇ ମାସରେ ଯିବ । ଡାଲିଅତ୍ ଓ ନିର୍ମଳା ବି ଯିବେ । ଏ ସମସ୍ତଙ୍କୁ କେମ୍ବ୍ରିଜରେ ଏଣ୍ଟ୍ରାନ୍ସ ମିଳିଯାଇଛି ।"

ସେ ବାଦଶାହ ବାଗର ପୁରୁଣା ଫାଟକକୁ ଆଉଜି ଠିଆ ହୋଇଗଲା ।

"ତୁମେ କିଆଁ କହୁନ ମୋର କ'ଣ କରିବା ଉଚିତ ହେବ ?"

"ଆପଣ କେଉଁ ବିଷୟରେ ମୋର ପରାମର୍ଶ ଚାହୁଁଛନ୍ତି ? ଆପଣ ତ ଦିନେ କହିଥିଲେ କିଏ କାହାକୁ ଉପଦେଶ ଦେବା ଠିକ୍ ନୁହେଁ ବୋଲି । ମୁଁ ଅବାନ୍ତର କଥା କୁହେନା । ମୁଁ ଜଣେ ଯଥାର୍ଥବାଦୀ ବୋଲି ମୋର ବିଶ୍ୱାସ ।"

"ତମ ପାଖରେ ମୋ ପାଇଁ କ'ଣ ଖାଲି ଏଇ କଟୁ ଶବ୍ଦ ଗଚ୍ଛିତ ଅଛି ?"

ଆପଣ ତ ଶବ୍ଦ ଭିତର ଅର୍ଥ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି । ଏଇଥିପାଇଁ ମୁଁ ଯାହାକି କହିବି, ତାହା ଅର୍ଥହୀନ ହେବ । ଆଚ୍ଛା, ଖୁଦା ହାଫିଜ୍ । ଯଦି ଗୁଲଫିଶାଁ ମହଲକୁ ଯାଆନ୍ତି ତେବେ ଅପ୍ସରୀକୁ କହିଦେବେ ମୁଁ ସକାଳୁ ସକାଳୁ ଦିଲ୍ଲୀ ଚାଲିଯାଉଛି ।" ଗୌତମ ଚାଲିଗଲା ।

ତା ପରେ ପରେ କମାଲ୍ ସେଇ ରାସ୍ତାରେ ଆସି କହିଲା "ଚମ୍ପାବାଇ, ଅଭିନନ୍ଦନ ନିଅ । ତମର ପାକିସ୍ଥାନ ତ ଏବେ ତିଆରି ହୋଇଗଲା ।" ସ୍ୱର ତାର ବିରକ୍ତ ଓ ନୈରାଶ୍ୟମିଶା । ସେ ବିରକ୍ତ ନୈରାଶ୍ୟର ସୂଚନା ପାଇ ଚମ୍ପା ଶିହରି ଉଠିଲା । ଚମ୍ପା ଭାବିଥିଲା କମାଲ୍ ହୁଏତ ଅନେକ କିଛି ଭଲମନ୍ଦ କହିବ । କିନ୍ତୁ ସେ ନିର୍ବାକ୍ ଥିଲା । ଏକବେ ଆଉ କିଛି କହିବା, ଶୁଣିବା, ଯୁକ୍ତି କରିବାର ମାନେ କିଛି ନଥିଲା । କଥାବାର୍ତ୍ତା

Digitized by PPRACHIN, SOA

ସରିଲା । ନିଷ୍ଠୁର ବାସ୍ତବ ଦୁନିଆ କେବଳ ଚମ୍ପା ଆଗରେ ଥିଲା । ଏବେ ନିଜର ନିଷ୍ପତ୍ତିକୁ କାମରେ ପରିଣତ କରିବା କେବଳ ବାକି ଅଛି । କମାଲ କିଛିକ୍ଷଣ ଠିଆହେବା ପରେ ଚାଲିଗଲା ।

ଚମ୍ପା ଏକଲା ଠିଆ ହୋଇଥିଲା । ସେମାନେ ସବୁ ତାର ସାହଚର୍ଯ୍ୟ ଛାଡ଼ି ନିଜ ନିଜ ବାଟରେ ଚାଲିଗଲେ ।

ସେ ପୁଣି ରାସ୍ତା ଉପରକୁ ଉଠିଲା । ଚାରିଆଡ଼ ନିସ୍ତବ୍ଧତାରେ ଭରା । 'ଗୁଲ୍‌ଫିଶାଁ ମହଲ' ଗଛ ଆଡ଼ୁଆଳରେ ଠିଆ ହୋଇଛି ସେମିତି ନିର୍ବିକାର ଭଙ୍ଗୀରେ । 'ଗୁଲଫିଶାଁ' ତା ପାଇଁ ଅପରିଚିତ, ମୃତ; ମାତ୍ର ତା ଭିତରେ ତା ମନରେ ମଣିଷ ଅଛି । ସେ ତାକୁ ଆପଣାର କରି ତା'ର ହାତ ଧରିବ । ତାରି ରାସ୍ତାରେ ଚାଲିବାକୁ ଶିଖିବ । ସେ ପରୀକ୍ଷା କରି ଦେଖିବ ଜୀବନରେ ପ୍ରେମ ପ୍ରଣୟର କଳା କିମିତି ହସେ ! ଏବେ ସବୁ ସମସ୍ୟାର ସମାଧାନ ହୋଇଛି । ଚାରିଆଡ଼େ ପ୍ରଶାନ୍ତ । ଏ କେବଳ ଅଧ୍ୟସ ବିଳାସର ଅମୃତ ମୁହୂର୍ତ୍ତ । ସେମାନେ ସବୁ ସଂଘର୍ଷ ଓ ଯନ୍ତ୍ରଣା ଭିତରେ ତୁଚ୍ଛାଟାରେ ହଟହଟା ହେବାକୁ ଯାଆନ୍ତି । ସେଥିରେ ଚମ୍ପାର କିଛି ଯାଏ ଆସେନା । ଏପରି ଏକ ସମୟ ଆସିବ ଯେତେବେଳେ ସେମାନେ ପୁଣି ଥକିପଡ଼ିବେ । ଉଦାସ ହୋଇ ଶାନ୍ତିର ନିଶ୍ୱାସ ମାରିବାକୁ ସ୍ଥାନ ଉଣ୍ଡି ବସିବେ । 'ଗୁଲ୍‌ଫିଶାଁ' ଆଡ଼କୁ ମୁହଁକରି ଚମ୍ପା ମନେ ମନେ ଗୁଣୁ ଗୁଣୁ ହେଉଥିଲା । ନିର୍ମଳ ପ୍ରଣୟ କ'ଣ ମୋତେ ଜଣାନାହିଁ—ତୁମେ କେବଳ ସେ ନିର୍ମଳ ପ୍ରେମର ପ୍ରତୀକ । ମୁଁ ଏବେ ନିଶ୍ଚିନ୍ତରେ ତମରି କୋଳରେ ଆଶ୍ରୟ ନେବି ।

'ଗୁଲଫିଶାଁ'ର ଫାଟକ ନିକଟରେ ସେ ମାଳି ରାମଔତାରକୁ ଭେଟିଲା ।

"ଖାଇ ସାହେବ ଅଛନ୍ତି ?" ନିଜ ପ୍ରଶ୍ନରେ ନିଜେ କମ୍ପି ଉଠିଲା ଚମ୍ପା । କିପରି ଏକ ଭୟଜଡ଼ିତ ଭାବରେ ସେ ଯେପରି ଆଚ୍ଛନ୍ନ ହୋଇପଡ଼ିଛି । ତା'ର ମନେହେଲା ସେ ଏଠାକୁ ଗୋଇନ୍ଦାଗିରି କରିବାକୁ ଆସିଛି ଯେପରି ।

"ଖାଇ ସାହେବ ତ ଏଇନେ ଚାଲିଗଲେ ।"

"କେଉଁଠିକି ?"

ବଗିଚାର ଅନ୍ଧାର ଭିତରୁ ଗଙ୍ଗାଧର ବି ଆଗକୁ ଆସିଗଲା ।

"ଖାଇ ସାହେବ ଗଲେ କୁଆଡ଼େ ?" ଚମ୍ପା ପୁଣି ପଚାରି ବସିଲା ।

"ସେଇ ମୁସଲମାନ ରାଜ୍ୟ—ପାକିସ୍ଥାନକୁ । ଏବେ ଆପଣ ବି ଚାଲିଯିବେ । ସମସ୍ତେ

Digitized by PPRACHIN, SOA

ଚାଲିଯିବେ । ଆମେ ଏଠାରେ ଏକଲା କେବଳ ରହିଯିବୁ ।" ରାମଔତାର ଉତ୍ତରରେ ଉତ୍ତର ଦେଲା । ରାମଔତାର ପୁଣି କହିଲା, "ଭାଇ ସାହେବ ଏଠାରୁ ବମ୍ବେ ଗଲେ । ସେଠାରୁ ପାକିସ୍ଥାନ ଭାଗରେ ପଡ଼ିଥିବା ଜାହାଜରେ ପାକିସ୍ଥାନ ଯିବେ ।"

ଗଙ୍ଗାଧନ ଓ ରାମଔତାର ଉଭୟଙ୍କୁ ଛାଡ଼ି ଚମ୍ପା ସେଠାରୁ ଚାଲିଆସିଲା ।

ନିଜର ଭାବନା ଭିତରେ ସେ ବୁଡ଼ି ରହିଥିଲା । ଭାଇ ସାହେବ ଚାଲିଗଲେ । ଗାଡ଼ି, ଘୋଡ଼ା ତରୁଣୀମାନଙ୍କ ଛଡ଼ା ତାଙ୍କ ଜୀବନରେ ଦେଖାଦେଇଛି ଏକ ନୂତନ ଆଗ୍ରହ—ନୂଆ ଦେଶ, ନୂଆ ପଦୋନ୍ନତି, ନୂତନ ସମସ୍ୟା—ପୁରୁଷର ଦୁନିଆ ସମ୍ପୂର୍ଣ୍ଣ ଅଲଗା ଅଟେ ।

"ଏଇ ଲୋକଟା ପାଇଁ ମୁଁ ଏତେ ସମୟ ବରବାଦ କଲି ?" ନିଜେ ନିଜକୁ ପଚାରିଲା ଚମ୍ପା । ପୁଣି ସେ ଅନୁଭବ କଲା—ଅସଲ କଥାହେଲା ଭାଇ ସାହେବ ଖୁବ୍ ରୂପବାନ ଥିଲେ ଓ ତାଙ୍କ ସାଙ୍ଗରେ କଟାଇଥିବା ମୁହୂର୍ତ୍ତିଗୁଡ଼ିକର ମଧୁର ସ୍ମୃତି କେବଳ ସଞ୍ଚିତହୋଇ ରହିବ । କିନ୍ତୁ ତାଙ୍କ ପ୍ରତି ମୋର ପ୍ରେମ ନ ଥିଲା । ଠିକ୍‌ଏ ବି ନୁହେଁ । ଗୁଲଫର୍ଶା କୋଠି, ତାର ଲନ୍, ଭାଇ ସାହେବଙ୍କର ପରିବାର ପରିଜନ, ତାଙ୍କର ଆଭିଜାତ୍ୟ—ଏସବୁ ମିଶି ତାଙ୍କୁ ଗର୍ବଗୌରବର ଅଧିକାରୀ କରିଥିଲା । କିନ୍ତୁ ମଣିଷ ଅହଙ୍କାରୀ ହୁଏ କେଉଁଥିପାଇଁ ? ନିଜର ବ୍ୟକ୍ତିତ୍ୱ ପାଇଁ ? ଚମ୍ପା ନିଜକୁ ନିଜେ ପଚାରିଲା । ଗୌତମ ନିଳାମ୍ବର ମନରେ ତାର ବୌଦ୍ଧିକତା ପାଇଁ ଅହଙ୍କାର । କମଲର ନିଜ ଆଦର୍ଶ ଉପରେ ଅଟଳ ରହିବାର ଅଭିମାନ । ତହମୀନା ନିଜ ଥଣ୍ଡା ସ୍ୱଭାବପାଇଁ ନିଜକୁ ବଡ଼ ବୋଲି ଭାବେ । ଲୋକ ଅଭିମାନୀ କାହିଁକି ହୁଏ ? ଚମ୍ପା ବାଟ ଚାଲୁଚାଲୁ ଆକାଶକୁ ଚାହିଁଲା । ବର୍ଷା ଆସୁଛି । ପବନର ଉଚ୍ଛୃଙ୍ଖଳ ସ୍ୱଭାବ । ପତ୍ରଗୁଡ଼ାକର ମର୍ମର ଭିତରେ ଅଦ୍ଭୁତ ପ୍ରକାରର ପ୍ରଶାନ୍ତି ଛପି ରହିଛି । ମୁଁ କେବଳ ପ୍ରକୃତିର ଏ ସ୍ୱାଧୀନତାକୁ ଅନୁଭବ କରୁଛି ନା ଅନ୍ୟ କେହି ? ଏଇ ସେମାନେ ଅର୍ଥାତ୍ ତହମୀନା······ଗୌତମ ······ଏମାନେ କ'ଣ ପ୍ରକୃତିର ଏ ଅପୂର୍ବ ସ୍ୱାଧୀନଭାବକୁ ସେମାନଙ୍କର ହୃଦୟର ସହିତ ଅନୁଭବ କରୁଛନ୍ତି ? ସେଇ ଗୌତମ, ଯେ କି ନିଜର ଜଣେ ଆତ୍ମୀୟ ଭାଇର ସ୍ତ୍ରୀକୁ ପ୍ରେମ କରୁଛି । ହା···ହା···ହା···ହାଓ ଫନି (How funny) ? ସେ ପୁଣି ଦ୍ରୁତଗତିରେ ଚାଲିବାକୁ ଲାଗିଲା । ଚାରିଆଡ଼େ ଆର୍ଦ୍ର ମାଟିର ମହକ । ଆମ୍ବଗଛ ଉପରେ କଳାବଉଦ ନଇଁ ପଡ଼ିଲାଣି । ଗୁଲଫର୍ଶା ହତା ଚାରିପାଖରେ ବୁଲି ପଛପଟ ରାସ୍ତାରେ ଆସି ପହଞ୍ଚିଲା । ସେଆଡ଼େ ପିଲ୍‌ଟାଏ 'ସିଂଘାଡ଼େବାଲୀ' କୋଠା ଓ ନଈ ଆଡ଼କୁ ଚାଲିଛି । ପାଖ ଚାଳଘରୁ 'କମରୁନ୍' ଦୃଷ୍ଟିଗୋଚର ହେଲା ।

"କଣ କଲେ ଝିଅ ?" ଆଗକୁ ଆସି ପଚାରି ବସିଲା କମରୁନ୍ ।

"ନାଁ କିଛି ନୁହେଁ ।"

Digitized by PPRACHIN, SOA

କମରୁନ୍ ଚୁପ୍‌ହୋଇ ଠିଆ ଠିଆ ତାକୁ ଦେଖୁଥାଏ ।

"ମୁଁ ଏଠାରେ ଟିକେ ବସୁଛି କମରୁନ୍ ।"

"ଆ ଝିଅ ଘର ଭିତରକୁ ଆ । ମେଘ ଆସୁଛି ।"

ଚମ୍ପା ସର୍ଭେଣ୍ଟ କ୍ୱାର୍ଟର ବାରଣ୍ଡାକୁ ଆସି ବସିଲା । କମରୁନ୍ ସାଙ୍ଗରେ ନାନାପ୍ରକାର କଥାହେଲା ଚମ୍ପା ।

କଥାପ୍ରସଙ୍ଗରେ କମରୁନ୍ ତହମୀନା କଥା ପକାଇଲା । ଭାଇ ସାହେବ କିପରି ତାକୁ ପଦଟିଏ କଥା ନ କହି ପାକିସ୍ଥାନ ଚାଲିଗଲେ—

ଏମିତି ଅନେକ କଥା ।

"ଭାଇ ସାହେବ ହୁଅନ୍ତୁ ଆଉ ଯେ କେହି ହୁଅନ୍ତୁ—ଏ ସବୁ ମନ ମିଳିବାର କଥା ।" ଚମ୍ପା ନିଜ ଭିତରେ ଅସ୍ଥିର ହୋଇ କହିଲା ।

"ସବୁ ମନ କ'ଣ ଗୋଟିଏ ରକମର ?—ପାନ ଖାଇବୁ ଝିଅ ?"

"ନାଁ କମରୁନ୍, ମୁଁ ଏଇନେ ଚାଲିଯିବି ।" ଚମ୍ପା ଉଠି ଠିଆ ହେଲା ।

ଧୀରେ ଧୀରେ ସେ ଗଛ ଆଢୁଆଳରେ ଅଦୃଶ୍ୟ ହୋଇଗଲା । କମ୍‌ରୁନ୍ ବାହାରକୁ ଚାହିଁ ଉଦାସ କଣ୍ଠରେ ପଡ଼ୋଶୀ 'ଖାନଷୋଡାର'ର ସ୍ତ୍ରୀକୁ ଲକ୍ଷ୍ୟକରି କହିଲା, "ଏ ଝିଅଟାର କଥା କିଛି ବୁଝି ହୁଏନା ଲୋ । ଝିଅଟାର ମନରେ ଜୋର୍ ନାହିଁ । ଖାଲି ଡର ଡର ଭାବ ।" ଖାନଷୋଡାର ସ୍ତ୍ରୀ ବି କମରୁନ୍‌କୁ ସମର୍ଥନ କରି କହିଲା, "ହଁ ଝିଅଟାର ଟିକିଏ ହେଲେ ସାହସ ନାହିଁ ।"

୩୪

ଜଲ୍‌ଅଲ୍ ଜାନପୁରୀ ଧରି ବାରଣ୍ଡାରେ ଆସି ବସିଲା । ସେ ଏକ ସଙ୍ଗୀତ ଆଳାପ କରିବାକୁ ଚାହିଁଲା, ମାତ୍ର କଣ୍ଠତଟରେ ସ୍ୱର ତାର ରୁଦ୍ଧ ହୋଇଗଲା । ତହମୀନା ଘର ଭିତରେ ବସି ବ୍ଲାଉଜ ସିଲାଇ କରୁଥିଲା । ବର୍ଷା ବନ୍ଦ ହୋଇଯିବା ମାତ୍ରେ ଥଣ୍ଡା କମିଗଲା । ଜଲ୍‌ଅଲ୍ ଘର ଭିତରକୁ ଉଠି ଆସିଲା ।

ତହମୀନା ମୁଣ୍ଡ ଉଠାଇ ବଡ଼ ରହସ୍ୟମୟ ଭଙ୍ଗୀରେ ଚାହିଁଲା । ପଙ୍ଖା ଘୁଁ ଘୁଁ କରି ବୁଲୁଥାଏ । ବାହାରେ ଗଛ ଉପରେ ବସି କୋଇଲିଟା କୁ କୁ ଡାକୁଥାଏ । ବହୁତ ଦୂରରୁ ଖାନଷୋଡାର ପାଟି ଶୁଭୁଥିଲା । ଜଲ୍‌ଅଲ୍ ହଠାତ୍ ଫେରିପାଇଲା ଆତ୍ମବିଶ୍ୱାସ ।

Digitized by PPRACHIN, SOA

"ଅପ୍‌ପୀ, ଏସବୁ ଅନୁଭବର କଥା । ମନ ମିଷ୍ଟାସ ସାଙ୍ଗରେ ସହାନୁଭୂତିର ସମୀକରଣ ।" ସେ ଖୁବ୍ ବସ୍ତୁନିଷ୍ଠ ଭଙ୍ଗୀରେ କହିବାକୁ ଲାଗିଲା । ଏତେବର୍ଷ ଧରି ଗୌତମ ଇତ୍ୟାଦିଙ୍କ ମେଳରେ ରହିବାଇ ଏଭଳି ବୌଦ୍ଧିକ ଶବ୍ଦର ବ୍ୟବହାର ତା'ର ଅଭ୍ୟାସଗତ ହୋଇଯାଇଥିଲା ।

"ଏବେ ତୁ ମଧ୍ୟ ଏହି ଗୃଢ଼ଶବ୍ଦ ଶିଖିବାକୁ ଆରମ୍ଭ କଲୁଣି ?"—ତହମୀନା ବିରକ୍ତି ପ୍ରକାଶ କରି କହିଲା ।

"ଗୃଢ଼ଶବ୍ଦ ?" ଡଲ୍‌ଅଭ୍ର ଡରି ଡରି କହିଲା । "ଅପ୍‌ପୀ ଏ କଥା ସତ । ପ୍ରବ୍ଲେମ ତ୍ରିକୋଣାକାର ହୋଇଯାଇଛି । ତମ ସମସ୍ୟା, ଭାଇ ସାହେବ ବା ଚମ୍ପାବାଜୀର ସମସ୍ୟା ଓ ଏ ସବୁର ଭିତର ପ୍ରତିକ୍ରିୟା...ମାନେ... ।"

ତହମୀନା ଡଲ୍‌ଅଭ୍ରକୁ ନିବିଷ୍ଟ ଦୃଷ୍ଟିରେ ଚାହିଁଥିଲା ।

"ତୁ କେମିତି ଯାଉଛୁନା ?"

ଡଲ୍‌ଅଭ୍ର ମନେ ମନେ ଭାବିଲା ଅପ୍‌ପୀ ତାକୁ ବୋକା ବୋଲି ମନେକରୁଛି ।

"ତୁମେ ଭାବୁଛ ମୁଁ ଜଣେ ନିର୍ବୋଧ ନା ?"

"ନା, ତୁ ବେଶ୍ ବୁଦ୍ଧିମତୀ । ହେଲେ ଜଣେ ସ୍ତ୍ରୀଲୋକ ।"

"ଅପ୍‌ପୀ ! ତୁମେ ଏତେ ଗୁର୍ଜ୍ୟୁଆ ହୋଇଗଲ ? ପଢ଼ାଲେଖା କରିବା ସତ୍ତ୍ୱେ ?...ହାୟ ଅପ୍‌ପୀ !! ତୁମେ ତ ମୁଭମେଣ୍ଟରେ ଭାଗ ନେଇଥିଲ । ଚମ୍ପାବାଜୀ ଭଳି ପ୍ରତିକ୍ରିୟାବାଦୀ ଯୁବତୀକୁ ଏଜୁକେଟ୍ କରିବାକୁ ଚେଷ୍ଟାକଲ—ଆଉ ଏବେ ନିଜ ଦେହରେ ମାଇପି ଲୋକର ଛାପମାରି ସନ୍ତୁଷ୍ଟ ହେଉଛ । ଆସ, ପୁଣି ସଂଗ୍ରାମରେ ଝାସ ଦିଅ । ଭାଇ ସାହେବ ଗୁଲିଗଲେ ତ କ'ଣ ହେଲା ? ଯେଉଁଠି କୁକୁଡ଼ା ବୋବାଉ ନାହିଁ, ସେଠି କ'ଣ ସକାଳ ପାହୁନାହିଁ ? ମୁଁ ବୁଝିପାରୁନି ତାଙ୍କୁ ବାହାହେବାକୁ ମନା କରିଦେଇ ଏଠି ବସି କାନ୍ଦିବାର ଅର୍ଥ କ'ଣ ହୋଇପାରେ ? ଗାତକୁ ଯାଉ ସେ ଭାଇ ସାହେବ । ତା ମୁଣ୍ଡକୁ ତୁମେ ହିଁ ବିଗାଡ଼ି ଦେଇଛ । ନିର୍ମଳା ଠିକ୍ କହେ । ପୁରୁଷ ପୁଅକୁ ଏତେଟା ମୁହଁଦେଲେ ସେ ଖରାପ ହେବା ସ୍ୱାଭାବିକ । ଛଅବର୍ଷ ଧରି ତମର ଆଖି ଆଗରେ ଚମ୍ପାବାଜୀ ସାଙ୍ଗରେ ସେ ଯଥେଷ୍ଟ ଘନିଷ୍ଠତା କରିଗଲେ । ଏବେ ସେ ଗୁଲିଯିବାରୁ ନାକ ସୁଁ ସୁଁ କରି କାନ୍ଦିବାର ଅର୍ଥ କ'ଣ ? ଭାଇ ସାହେବ ଗାଲରେ ଚପଲ ମାଡ଼ିଦେବା ଦରକାର ।"

"ଡଲ୍‌ଅଭ୍ର ! ସେ ତମର ବଡ଼ ଭାଇ । ଏଭଳି କୁହନା"—

"ଆହାଃ, ତାଙ୍କ ପକ୍ଷ ନେଇ ତୁମେ ବି କହିବାକୁ ବାହାରି ପଡ଼ୁଛ ?"—କହୁଁ କହୁଁ ଡଲ୍‌ଅଭ୍ର କାନ୍ଦୁଣିମାନ୍ଦୁଣି ହୋଇଉଠିଲା ।

ଭାଇ ସାହେବଙ୍କୁ ଛାଡ଼ି ତହମୀନା ଉପରେ ତା' ରାଗ ଜମାଟ ବାନ୍ଧିଲା ।

Digitized by PPRACHIN, SOA

"ବୟସରେ ଟିକେ ବଡ଼ ହୋଇଥିଲେ ବୁର୍ଜୋୟା ରୋମାନ୍‌ଟିକ୍ ଢଙ୍ଗ ଛଡ଼ାଇ ଦିଅନ୍ତୁ ।" ମନେ ମନେ କହିଲା ତଲ୍‌ଅତ୍ ।

· ସେଠାରୁ ସେ ସାଇକେଲରେ ନିର୍ମଳା ଘରକୁ ଯାଇ ସେଠାରେ ନିର୍ମଳା, ମାଳତୀ ଓ ହରିଶଙ୍କର ସାଙ୍ଗରେ ବସି ତାସ୍ ଖେଳିଲା ।

ତଲ୍‌ଅତ୍ ଚାଲିଗଲା ପରେ ତହମୀନା ମେସିନ୍ ପାଖରୁ ଉଠିଯାଇ ଝିଙ୍କି ପାଖରେ ଠିଆ ହେଲା । ମନେ ମନେ ସେ ଭାବୁଥିଲା—ପ୍ରଥମ ଅଙ୍କର ସମାପ୍ତ ହେଲା । ତୋଫାନ ପବନରେ 'ଗୁଲଫିଶାଁ'ର ଅଭିଜାତ୍ୟ ଦୋହଲି ଯାଉଚି । ଆମେ ସବୁ ନିଜ ନିଜ ପାଇଁ ତୋଫାନ ସୃଷ୍ଟି । ଯଦି ଡ୍ରାମା ଲେଖାଯାଏ ତେବେ ମୋ ଚରିତ୍ରର ସମୀକ୍ଷା ନିମ୍ନ ପ୍ରକାରର ହେବ—

"ନବାବ୍‌ଜାଦୀ ତହମୀନା ବେଗମ୍, ବୟସ ୨୫ ବର୍ଷ । ଫାଷ୍ଟକ୍ଲାସ ଏମ୍. ଏ. । ଶ୍ୟାମଳୀ, କ୍ଷୀଣକାୟା, ଭାବପ୍ରବଣା ଝିଅ । ଭିତରେ ଭିତରେ ଦୁଃଖ ସବୁକୁ ହଜମ କରେ । ଖୁବ୍ ମିଳାମିଶା କରିପାରେ । ନମ୍ର ଅଥଚ ଗର୍ବୀ, ଇତ୍ୟାଦି ଇତ୍ୟାଦି ।" ସେ ପୁଣି ବାରଣ୍ଡାକୁ ଆସିଲା । ସେତେବେଳକୁ ବର୍ଷା ବନ୍ଦ ହୋଇ ଯାଇଥିଲା । ଅଗଣାରେ ସମର୍କାନ୍ତ ପିଲ୍‌ମାନେ ଖେଳୁଥାଆନ୍ତି । କମାଲ ସେପାଖରୁ ନଇଁପଡ଼ି ଚାହିଁଲା । ତହମୀନା ତାକୁ ଝର୍କା ଦେଇ ଦେଖିନେଲା । ମନେ ମନେ ଭାବିଲା—କମାଲ ବି ସେ ନାଟକର ଗୋଟିଏ ଚରିତ୍ର—ବାହାରକୁ ଆସିଲା ତହମୀନା ।

କମାଲ ପିଲ୍‌ମାନଙ୍କୁ ଖେଳ ଶିଖାଉଥିଲା । ତହମୀନା ବାରଣ୍ଡା ଖୁଣ୍ଟକୁ ଆଉଜି ତାକୁ ଲକ୍ଷ୍ୟ କରିଥିଲା ।

"ଅପସ୍ରୀ, ଚମ୍ପାବାଗ ଲେ···ଚୁ ।" ପିଲ୍‌ଙ୍କୁ ଖେଳାଉ ଖେଳାଉ କମାଲ୍ କହିଲା ।

ଚମକିପଡ଼ିଲା ତହମୀନା—"କଣ ହେଲା ? ସେ ଗଲା କୁଆଡ଼େ ?"

"ଫ୍ରାନ୍‌ସ ।"

"କିପରି ?"

"ୟୁନିଭରସିଟି ସ୍କଲରସିପ୍ ମିଳିଗଲା ।" ପିଲ୍‌ମାନେ ଖୁବ୍ ଜୋରରେ ଚକା ଭଉଁରୀ ଖେଳିବାକୁ ଲାଗିଲେ । ସେ ଧୀରେ ଧୀରେ ସିଂଘାଡ଼େୱାଲି କୋଠି ଆଡ଼କୁ ଚାଲିଲା ।

ଅଗଷ୍ଟ ମାସରେ ଭୀଷଣ ବର୍ଷା ହେଲା ଯେ ଚାରିଆଡ଼ ଜଳମୟ ହୋଇଗଲା । ସେମାନେ ସବୁ ସିଂଘାଡ଼େୱାଲି କୋଠିର ବାରଣ୍ଡାରେ ବସି ଆକାଶର ମେଘମାଳା ଉପରେ ଦୃଷ୍ଟି ସଞ୍ଚାରଣ କରୁଥିଲେ । ତଲ୍‌ଅତ୍ ତାନପୁରାରେ ମେଘମଲ୍ଲାର ସୁର ତୋଳି

Digitized by PPRACHIN, SOA

ବସିଲି । ମାତ୍ର ସମସ୍ତ ସ୍ୱର ଯେପରି ନିଃଶେଷ ହୋଇ ଯାଉଛି ! ବର୍ଷା ପାଣି ସ୍ୱଚ୍ଛ ସୁନ୍ଦର । ଶ୍ରାବଣର ସେ ଅଲୌକିକ ଜଳଧାର ପୃଥିବୀପୃଷ୍ଠରେ ପଡ଼ିବା ମାତ୍ରେ ଯେପରି ଦୂଷିତ ହୋଇଯାଏ ! ତାହା ରକ୍ତ ମିଶ୍ରିତ । ଗିରିଆଡ଼ ଯେପରି ରକ୍ତର ସମୁଦ୍ର । ରକ୍ତର ଏ ବିପୁଳ ସ୍ରୋତରାଶିପ୍ରତି ତଳ୍ ଅନ୍ତର ବିରକ୍ତି ଘନୀଭୂତ ହେଉଥିଲି । ଗୋମତୀ ବି ଏକ ରକ୍ତ ପ୍ରବାହୀ ନଦୀ । ଫୁଲର ପାଖୁଡ଼ାରେ ବି ରକ୍ତର ସମ୍ଭାବନା । ମଣିଷର ଆଖିରେ ବି ରକ୍ତର ପ୍ଲାବନ ! ସେ ସଂଯତ ହୋଇ ନିର୍ମଳା ଓ ହରିଶଙ୍କରଙ୍କୁ ଗୁହାରିରହିଲି ।

୩୫

ଯେତେବେଳେ ଦୁଇଭାଇମାନଙ୍କ ଭିତରେ ଗୃହଯୁଦ୍ଧ ଆରମ୍ଭ ହୋଇଗଲା, ରଣକ୍ଷେତ୍ରରେ ଅର୍ଜ୍ଜୁନ ନିଜର ଧନୁ ଉଠାଇ କହିଲେ ହେ ଶ୍ରୀକୃଷ୍ଣ ଦୁଇ ସେନାମାନଙ୍କ ମଧ୍ୟରେ ମୋ ରଥ ନେଇ ରଖ । ମୁଁ ଦେଖିବି କେଉଁ ପକ୍ଷ ମୋର ଆପଣାର । ଶ୍ରୀକୃଷ୍ଣ ଯଥାସ୍ଥାନରେ ରଥ ରଖିଲେ । ଅର୍ଜ୍ଜୁନ ଦେଖିଲେ ଯେ ଉଭୟ ପାର୍ଶ୍ୱରେ ଆପଣାର ପ୍ରିୟ ପରିଜନଗଣ ପରସ୍ପର ବିରୁଦ୍ଧରେ ଯୁଦ୍ଧର ପ୍ରସ୍ତୁତି କରୁଛନ୍ତି ।

ଏ ଦୃଶ୍ୟ ଦେଖି ଅର୍ଜ୍ଜୁନ କହିଲେ, "ହେ ଶ୍ରୀକୃଷ୍ଣ, ମୋର ହସ୍ତପଦ ଶିଥିଳ ହୋଇ ଯାଉଛି । କଣ୍ଠ ଶୁଖି ଯାଉଛି । ମୋ ଦେହ କମ୍ପି ଉଠୁଛି । ଧନୁଶର ମୋ ହାତରୁ ଖସି ଖସି ପଡ଼ୁଛି । ହେ କେଶବ ! ମୁଁ ଆଉ ଠିଆହୋଇ ପାରୁନାହିଁ । ହେ ମାଧବ ! ମୁଁ ନିଜର ଗୁରୁଜନ, ନିଜ ପରିବାରପରିଜନଙ୍କୁ ମାରିବି କିପରି ?

"କୁଟୁମ୍ବ ନିଃଶେଷ ହୋଇଗଲେ ପ୍ରାଚୀନ ପରମ୍ପରା ନଷ୍ଟ ହୋଇଯାଏ । ସ୍ତ୍ରୀମାନେ ଦୁଷ୍ଟଚରିତା ହୁଅନ୍ତି । ପୂର୍ବପୁରୁଷର ପ୍ରତିଷ୍ଠା ଧୂଳିସାତ୍ ହୋଇଯାଏ ।

"ହେ ମଧୁସୂଦନ ! ମୁଁ ଜାଣେନା ଏ ଦୁଇ ପକ୍ଷ ମଧ୍ୟରୁ କିଏ ବଡ଼ କିଏ ସାନ ! ମୁଁ ନା ମୋର ଶତ୍ରୁ ! ସେ ଆମକୁ ନା ଆମେ ତାଙ୍କୁ ପରାଜିତ କରିବା ଦରକାର । ହେ ଗୋବିନ୍ଦ, ତୁମେହିଁ କୁହ ପ୍ରଭୁ !!

୩୬

ଭାରତବର୍ଷ—୧୯୪୭ ମସିହା ।

Digitized by PPRACHIN, SOA

ସ୍ରିଲ୍ ଡେରିକ୍ ଏଡ଼ୱାଇନ୍ ହର୍ଓ୍ୱାର୍ଡ ଏସ୍ପେ ପୁଣିଥରେ ନିଜ ଘଡ଼ିକୁ ଦେଖିଲେ ଏବଂ ପିକାଡ଼ିଲିର ଟିଉବ୍‌ଷ୍ଟେସନ୍‌ସ୍ଥିତ ସାରା ଦୁନିଆର ସମୟ ଜଣାଉଥିବା ଘଡ଼ି ତଳେ ଚହଲିବାକୁ ଲାଗିଲେ । ଏହି ପ୍ରକାର ସାକ୍ଷାତ କରିବାକୁ ସେ ସର୍ବଦା ବିରକ୍ତି ପ୍ରକାଶ କରିଆଆନ୍ତି । କିନ୍ତୁ ଚମ୍ପା ଅହମ୍ମଦ ସାଙ୍ଗରେ ଥିଏଟର ଯିବାକୁ କଥା ଦେଇଥିବାରୁ ସେ କଥା ରଖିବାକୁ ନିହାତି ବାଧ୍ୟ । ସମୟ କଟାଇବା ପାଇଁ ସେ 'ନ୍ୟୁ ଷ୍ଟେଟସ୍‌ମାନ ଏଣ୍ଡ ନେସନ୍'କୁ ପୁଣି ଥରେ ପଢ଼ିବାକୁ ଆରମ୍ଭ କଲେ । ସେଥିରେ ଗୌତମ-ନିଳାମ୍ବର ନାମକ ଜଣେ ଭାରତୀୟର ହିନ୍ଦୁସ୍ଥାନ ବିଭାଜନ, ଯୁଦ୍ଧ ଓ ଶାନ୍ତି ସମ୍ପର୍କରେ ଏକ ବିବୃତି ଛପା ହୋଇଥିଲା ।

ସ୍ରିଲ୍ ସୁରେଖା ଆହୁଜା ଘରକୁ ଯାଇ ଏ ବିଷୟରେ ବନ୍ଧୁମାନଙ୍କ ସହିତ ଆଲୋଚନା କରିବାକୁ ବ୍ୟଗ୍ରତା ପ୍ରକାଶ କରୁଥାନ୍ତି ।

'ସ୍ରିଲ' ଦ୍ୱିତୀୟ ଲର୍ଡ ବାର୍ନଫିଲଡ୍‌ଙ୍କ ସାନ ପୁଅ । ତାଙ୍କର ପିତାମହ ଜଣେ ଅଭିଜାତ ଇଂରେଜ ପରିବାରର ଲୋକଥିଲେ । ତାଙ୍କର ପ୍ରପିତାମହ ଇଷ୍ଟ୍ ଇଣ୍ଡିଆ କମ୍ପାନୀରେ ସାମାନ୍ୟ କିରାଣୀ ଚାକିରିରୁ ବଡ଼ ହୋଇ ବଂଶର ଗୌରବ ବୃଦ୍ଧି କରି ଯାଇଛନ୍ତି । ମୃତ୍ୟୁ ପୂର୍ବରୁ ସେ କୌଣସି ଏକ ସୁବାର ସର୍ବେସର୍ବା ହୋଇପାରିଥିଲେ । ତାଙ୍କର ଏକମାତ୍ର ସନ୍ତାନ ରବର ବ୍ୟବସାୟ କରି ଖୁବ୍ ଧନ ସମ୍ପତ୍ତି ଠୁଳକରି ଶେଷରେ ଇଂଲଣ୍ଡର ଜଣେ ମାନ୍ୟଗଣ୍ୟ ବ୍ୟକ୍ତିରୂପେ ପରିଚିତ ହୋଇଥିଲେ । ତାଙ୍କର ପୁଅ ଦ୍ୱିତୀୟ ଲର୍ଡ ବାର୍ନଫିଲ୍ଡ ମଧ୍ୟ ଜଣେ ନାମଜାଦା ବ୍ୟକ୍ତିରୂପେ ବ୍ରିଟେନର ବୈଦେଶିକ ଦପ୍ତରରେ ପ୍ରତିଷ୍ଠିତ ହୋଇଥିଲେ । ସେ ଭାରତର ସ୍ୱରାଜ୍ୟ ଆନ୍ଦୋଳନ ବିରୋଧରେ ବ୍ରିଟିଶ୍ ପାର୍ଲାମେଣ୍ଟରେ ଆଇନ୍ ତିଆରି କରିଥିଲେ । ତାଙ୍କର ତୀବ୍ର ବର୍ଣ୍ଣବିଦ୍ୱେଷ ନୀତି ଫଳରେ ଅର୍ଦ୍ଧ ସଭ୍ୟ ଭାରତୀୟମାନଙ୍କ ପ୍ରତି ତାଙ୍କର ଐକାନ୍ତିକ ଘୃଣା ଥିଲା । ଐଶ୍ୱର୍ଯ୍ୟ, ସାମାଜିକ ମର୍ଯ୍ୟାଦା ଏବଂ ସାମ୍ରାଜ୍ୟର ଏକ ସଫଳ ନିଦର୍ଶନରୂପେ ବାର୍ନଫିଲ୍ଡ ବ୍ରିଟେନରେ ପ୍ରତିଷ୍ଠିତ ଥିଲେ ।

ହେଲେ ସ୍ରିଲ୍ କିନ୍ତୁ ଏ ଭୌତିକ ସ୍ୱାଚ୍ଛନ୍ଦ୍ୟ ଲାଗି ସଂଘର୍ଷର ସୀମା ଛୁଇଁବାପାଇଁ ପ୍ରସ୍ତୁତ ନଥିଲେ । ବାବାଙ୍କର କନିଷ୍ଠ ପୁତ୍ର ସ୍ରିଲ୍ ନିଜର ଗୁଜୁରାଣ ନିଜେହିଁ ତୁଲାଉଥିଲେ । କେମ୍ବ୍ରିଜରେ ସେ ଥିଲେ ଦର୍ଶନବିଦ୍ୟାର ଛାତ୍ର । ଅସୁବିଧା ଭିତରେ ଏତିକି ଯେ ତାଙ୍କ

Digitized by PPRACHIN, SOA

ପରିବାରପରିଜନଙ୍କ ଅନିଚ୍ଛା ସତ୍ତ୍ୱେ ସେ 'ରୋଜମାରୀ'ଙ୍କୁ ବିବାହ କରିଥିଲେ । ବଡ଼ଭାଇ 'ଲର୍ଡ ବାର୍ନ୍‌ଫିଲ୍‌ଡ଼ ଡେରିକ୍' ଏଡୱିନ୍‌ଙ୍କଠାରୁ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ । ତାଙ୍କର ଇଚ୍ଛା ଥିଲା ଧନୀ ଦୁଲାଲୀ 'ଲେଡ଼ି ସିଂଧା' ସାଙ୍ଗରେ ଡେରିକ୍‌ର ବିବାହ । ରୋଜମାରୀ ଭଳି ମଧ୍ୟବିତ୍ତ ପରିବାରର ଝିଅଟିକୁ ବିବାହ କରି ଭାଇଙ୍କର ସମସ୍ତ ସମ୍ଭ୍ରାନ୍ତ ଯୋଜନାକୁ ପଣ୍ଡ କରିଦେଇଥିଲେ ସ୍ରିଲ୍ ଡେରିକ୍ । ଭାଇଙ୍କର ଧାରଣା ହେଲା ଯେ ପିଲାଟା କମ୍ୟୁନିଷ୍ଟ ହୋଇଗଲା; ମାତ୍ର ତାଙ୍କର ଧାରଣା ଠିକ୍ ନଥିଲା । ସ୍ରିଲ୍ ଏଡ୍‌ୱିନ୍‌ଙ୍କର ରାଜନୀତିରେ ଆଦୌ ରୁଚି ନଥିଲା ।

ରୋଜମାରୀ ସାଙ୍ଗରେ ସ୍ରିଲ୍‌ଙ୍କର ସାକ୍ଷାତ ଏକ ଶିଳ୍ପୀ ପରିଷଦରେ ହୋଇଥିଲା । ଝିଅଟା ସୁନ୍ଦର ନଥିଲା ଅଥବା ସୁନ୍ଦର ମୂର୍ତ୍ତି ବି ଗଢ଼ିପାରୁ ନଥିଲା । ଅଥଚ ସ୍ରିଲ୍ ତାର ସରଳତାରେ ମୁଗ୍ଧ ହୋଇଥିଲେ । ତାଙ୍କୁ ବିବାହ କରି ଫୋନ୍‌ଦ୍ୱାରା ବଡ଼ଭାଇ ଓ ଭାଉଜଙ୍କୁ ଜଣାଇଦେଲେ । ଏକେ ତ ରୋଜମାରୀ ଥିଲା ପ୍ରତିଷ୍ଠାହୀନ ପରିବାରର ଯୁବତୀ, ଦ୍ୱିତୀୟରେ ସେ ରୋମାନ୍ କ୍ୟାଥଲିକ୍ ସମ୍ପ୍ରଦାୟର । ଲର୍ଡ ବାର୍ନ୍‌ଫିଲ୍‌ଡ, ସ୍ରିଲ୍‌ର ବଡ଼ ଭାଇ ରାଗରେ ଅଗ୍ନିଶର୍ମା ହୋଇଯାଆନ୍ତି । ହେଲେ ସ୍ରିଲ୍ ସେଥିପ୍ରତି ଧ୍ୟାନ ନଦେଇ ନିଜର ଦର୍ଶନଶାସ୍ତ୍ରରେ ମନୋନିବେଶ କଲେ ।

ସ୍ରିଲ୍ କେମ୍ବ୍ରିଜରେ ପଢ଼େ ଓ ତାର ପତ୍ନୀ ଷ୍ଟେଫର୍ଡଶାୟାରର ଏକ କାରଖାନାରେ କାମ କରେ । ସ୍ରିଲ୍ ସମୟେ ସମୟେ ନିଜ ଆଙ୍ଗୁଠିରେ ବିବାହ ମୁଦ୍ରିକା ଦେଖି ଅନ୍ୟମନସ୍କଭାବେ ବିସ୍ମିତ ହୋଇଉଠେ । ପରେ ତାର ମନେପଡ଼େ ଯେ ସେ ବିବାହିତ । ତାର ଗୋଟିଏ ଆଦରଣୀୟା ପତ୍ନୀ ଅଛି । ମାସରେ ଥରେ ଅଧେ ରୋଜମାରୀ ସାଙ୍ଗରେ ତା'ର ସାକ୍ଷାତ ହୁଏ । ଦିନେ ଖୁସିରେ ସେ ନିଜ ଗାଁ ଘରେ ଅଗ୍ନନକ ପହଁଚିଗଲା । ସେତେବେଳେ ଭାଇ ଭାଉଜ ଦକ୍ଷିଣ ଫ୍ରାନ୍ସ ଯାଇଥାଆନ୍ତି । ଘରେ ଥିବା ଅନ୍ୟଲୋକେ ସ୍ରିଲ୍‌କୁ ଚିହ୍ନି ପାରନ୍ତି ନାହିଁ । ସ୍ରିଲ୍ ଘରେ ସବୁସ୍ଥାନରେ ବୁଲେ । ଏଇଠି ଯେ ସେ ଜନ୍ମ ହୋଇଥିଲା, ଏକଥା ମନେପଡ଼ିବା ମାତ୍ରେ ତାକୁ ବିଚିତ୍ର ବୋଧହୁଏ । ସ୍ରିଲ୍‌ର ଘର ଗାଁର ଶେଷ ମୁଣ୍ଡରେ । ଗୃହ ପାଞ୍ଚଶହ ବର୍ଷତଳେ ସେ ଘରର ନିର୍ମାଣ ହୋଇଥିଲା । ବଗିଚାରେ ସୁଇମିଂ ପୁଲ୍, ଇଟାଲୀୟ ଶିଳ୍ପମୂର୍ତ୍ତି ଓ ନାନାଦି ବିଳାସ ଆୟାସର ବସ୍ତୁ ଭରି ରହିଥିଲା । ଏକଦା ସେ ଏଇ ବଗିଚାରେ ବୁଲି ବୁଲି ଘରର ପଶ୍ଚିମ ପଟକୁ ଚାଲି-ଯାଉଥିଲା । ସେଠାରେ ଦ୍ୱାଦଶ ଶତାବ୍ଦୀର ଦୁଇଟି ସନ୍ନ୍ୟାସିନୀଙ୍କ କବର ଥିଲା । ସମାଧି ସ୍ଥାନରେ ଖାଲ ହୋଇଯାଇଥିଲା । ସେଠି ବର୍ଷାଦିନେ ପାଣି ଜମେ । ଏଇ ସମାଧି ପାଖରେ ବସି ଶିଶୁ ସୁଲଭ ଭାବରେ ସେ ଜୀବନ ମୃତ୍ୟୁର ଗୋଲୋକ ଧନ୍ଦା ବିଷୟରେ ଭାବୁଥିଲା ।

Digitized by PPRACHIN, SOA

ଘରେ ଯାବତୀୟ ଐଶ୍ୱର୍ଯ୍ୟ ଥିବା ସତ୍ତ୍ୱେ ସ୍ମିଲ୍ ତାର ବିଶେଷତ୍ୱ ଆଦୌ ଅନୁଭବ କରୁ ନଥିଲା । ତାର ପ୍ରପିତା 'ନବାବ ହ୍ୱାବର୍ଡ ଏସ୍ମେଲ'ଙ୍କ ବ୍ୟକ୍ତିଗତ ଜୀବନରୁ ସେ କୌଣସି ରୋମାନ୍ସ୍‌ର ସୂଚନା ପାଉ ନଥିଲା । କେତେ ଦରିଦ୍ର ଭାରତବାସୀଙ୍କ ରକ୍ତ ଶୋଷଣ କରି ଏ ଐଶ୍ୱର୍ଯ୍ୟ, ଏ ପ୍ରାସାଦ ନିର୍ମାଣ ହୋଇଛି ସେଇ କଥାହିଁ ସ୍ମିଲ୍ ଏଡ଼୍‌ଉଇନ୍ ଭାବେ । ଏଭଳି ଧାରଣା ଯେ କମ୍ୟୁନିଜମ୍‌ର ପ୍ରଭାବରୁ ସ୍ମିଲଙ୍କ ମନରେ ଉଙ୍କି ମାରେ ତା ନୁହେଁ । ବରଂ ସେ କିଛିଟା ସୁଫି ପ୍ରକୃତିର ଲୋକ ବୋଲି କହିଲେ ଠିକ୍ ହେବ । ଏଇମିତି ସେ ଯେବେ ଅପରିଚିତ ଦର୍ଶକ ଭଳି ନିଜ ଘର ମଧ୍ୟକୁ ପ୍ରବେଶ କଲା, ମନରେ ତାର ଅଫୁରନ୍ତ ପ୍ରଶାନ୍ତି ଖେଳିଗଲା । ଆଧୁନିକ ବୁଦ୍ଧିଜୀବୀମାନଙ୍କ ଭଳି ରୋମାନ୍ କ୍ୟାଥଲିକ୍ ହେବାକୁ ସ୍ମିଲ୍ ଖୁବ୍ ଭୟ କରେ । କୌଣସି ଏକ ଆଦର୍ଶର ବନ୍ଧନରେ ରହିବା ଅପେକ୍ଷା ସେ ମୁକ୍ତ ଜୀବନ-ଧାରାକୁ ବେଶୀ ପସନ୍ଦ କରୁଥିଲା । ସ୍ଥିତିବାଦର ଉପାସକମାନଙ୍କର ସ୍ୱାଧୀନତାର ଅନ୍ୟ ଅର୍ଥକୁ ଗଭୀରଭାବେ ବିଶ୍ଳେଷଣ କରାଯାଇପାରେ ବୋଲି ସେ ଭାବୁଥିଲା । ଏହା ହେଲେ ଉପନିଷଦ୍‌ର ଅର୍ଥ ମଧ୍ୟ ବୃଦ୍ଧି ହୋଇଯାଏ ।

ସ୍ମିଲ ଏସ୍ମେ ପ୍ରକୃତ ଅର୍ଥରେ ଆଧୁନିକ ମଣିଷ ଥିଲା । ଏ ଯୁଗର ମାନସିକ ଉତ୍ପୀଡ଼ନ, ଆଧ୍ୟାତ୍ମିକ ଅତୃପ୍ତି ଓ ଭାବନାତ୍ମକ ଅସନ୍ତୋଷ ଓ ସନ୍ଦେହର ଶିକାର ଏଇ ଆଧୁନିକ ମଣିଷ ଥିଲା ।

କିଶୋର କାଳ ଆଧୁନିକ ଯୁଗର ପ୍ରଚଣ୍ଡତା ଭିତରେ ତା'ର ବିତିଛି । ଲଣ୍ଡନସ୍ଥିତ ତାଙ୍କ ଘରେ ପ୍ରାୟ ଶିଳ୍ପୀ ଓ କଳାକାରମାନଙ୍କର ଆସର ଜମେ । କଳାକାର-ମାନେ ତାର ସାବତ ମାଆ 'ଲେଡ଼ି ଏଲେନ୍' ସାଙ୍ଗରେ ସାକ୍ଷାତ ପାଇଁ ଆସନ୍ତି । ମାଆ ପୁରାତନ ରୁଚିର ପରିବାରର ବାହୁ ହେଲେ ବି ଆଧୁନିକତାର ପକ୍ଷପାତୀ ଥିଲେ । ଆଧୁନିକତା ପ୍ରଚଣ୍ଡଭାବେ ସେତେବେଳେ କଳା, ସାହିତ୍ୟ, ନାଟକ ଓ ଇଣ୍ଟିରିଅର ଡେକୋରେସନ ମାଧ୍ୟମରେ ପ୍ରକାଶ ପାଉଥିଲା ।

ଯୁଦ୍ଧୋତ୍ତର ପୃଥିବୀ । କାଲିର ଶତ୍ରୁ ଆଜି ମିତ୍ର । କାଲିର ମିତ୍ର ଆଜି ଭୟାନକ ଶତ୍ରୁ । ଏସିଆ ମହାଦେଶର ମାନଚିତ୍ର ଦ୍ରୁତଗତିରେ ବଦଳିଯାଉଥାଏ । ଚାରିଆଡ଼େ 'ଶାନ୍ତି', 'ଶାନ୍ତି'ର କୁହାଟ । ପୁଣି ଦ୍ୱିତୀୟ ମହାଯୁଦ୍ଧ ପାଇଁ ପ୍ରସ୍ତୁତି । କାଲିର ପ୍ରଗତିଶୀଳ ଆଜି ପ୍ରତିକ୍ରିୟାଶୀଳରେ ପରିବର୍ତ୍ତିତ ହେବାକୁ ଲାଗିଥାଏ । 'କେମ୍' ନଦୀର କୂଳେ କୂଳେ ପଦ ଚାରଣା କଲାବେଳେ ସ୍ମିଲ୍ ଭାବୁଥାଏ ଏ ଭୟାନକ ଯୁଦ୍ଧର ପରିଣତି କଥା । ମଣିଷକୁ ଏ ଯୁଦ୍ଧ ପାଷାଣ୍ଡ କରି ତୋଳେ । ଯୁଦ୍ଧ ବିଷୟ ଭାବିବାମାତ୍ରେ ସ୍ମିଲ୍‌ର ମନ ତିକ୍ତତାରେ ଭରିଉଠେ । 'ମାଇକେଲ୍' ଓ 'ଡେନିସ୍' ସ୍ମିଲ୍‌ର ଦୁଇଜଣ ଅନ୍ତରଙ୍ଗ ବନ୍ଧୁ । ଏମାନଙ୍କ ଛଡ଼ା ଆଉ କେତେ ଜଣ ପୁଅ ଝିଅ ବି ସ୍ମିଲ୍‌ର ବନ୍ଧୁତା ପରିସର

Digitized by PPRACHIN, SOA

ଭିତରେ ଥିଲେ । ସିଲ୍ ନିଜ ଦେଶର ଝିଅମାନଙ୍କ ପ୍ରତି ବିଶେଷ ଆକର୍ଷିତ ନଥିଲା । କାରଣ ସେ ସବୁଠୁଁ ଏକା ପ୍ରକୃତିର । ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ଦୁନିଆରେ ଆନ୍ତର୍ଜାତିକ ମୈତ୍ରୀ, ସାଂସ୍କୃତିକ ବୁଝାମଣା ବିଶେଷ ପ୍ରାଧାନ୍ୟ ଲାଭ କରୁଥାଏ । ପୃଥିବୀର ବିଭିନ୍ନ ରାଜ୍ୟରୁ ଝିଅମାନେ ଇଂଲଣ୍ଡକୁ ଶିକ୍ଷାଲାଭ ପାଇଁ ଆସୁଥାନ୍ତି । କାଳି, ଶ୍ୟାମଳୀ, ଦୂର ପ୍ରାଚ୍ୟର ଇଷତ୍ ହଳଦିଆରଙ୍ଗର ଝିଅ ସବୁ । ନିଜ ରାଷ୍ଟ୍ରର ଝିଅମାନଙ୍କ ମଧ୍ୟରେ ରୋଜମାରି ଜଣେ । ତଥାପି ସିଲ୍ ତାକୁ ବିବାହ କରିଥିଲା । ସେତେବେଳେ ଏସିଆ ରାଷ୍ଟ୍ରର ଛାତ୍ରଛାତ୍ରୀମାନେ ନିଜ ରାଜ୍ୟର ସାଂସ୍କୃତିକ ଐତିହ୍ୟ ପ୍ରତି ଗୋରା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ତତ୍ପର ଥାଆନ୍ତି । ଓରିଏଣ୍ଟାଲ ଡାନ୍ସ, କବିତା ପାଠୋତ୍ସବ ପ୍ରଭୃତି କାର୍ଯ୍ୟକ୍ରମ ହେଉଥାଏ । ଦିନେ ଏକ ସାଂସ୍କୃତିକ ଦଳ କେମ୍ବ୍ରିଜ ଆସିଥାଏ । ଦଳର ସମସ୍ତେ ହିନ୍ଦୁସ୍ତାନୀ । ସେମାନେ ଲକ୍ଷ୍ନୌରୁ ଆସିଥାଆନ୍ତି ।

ଦିନେ ସାଥୀମାନଙ୍କ ସହିତ ଏକ ସାଂସ୍କୃତିକ ସନ୍ଧ୍ୟାରେ ସେ ଏହି ଭାରତୀୟ ଦଳର କାର୍ଯ୍ୟକ୍ରମ ଦେଖିଲା । ସମ୍ଭବତଃ ରବୀନ୍ଦ୍ର ଜୟନ୍ତୀ ପାଳନ ଉପଲକ୍ଷେ ଲଣ୍ଡନସ୍ଥିତ ଭାରତୀୟମାନେ ଏହାର ଆୟୋଜନ କରିଥାଆନ୍ତି । ବଡ଼ ଶିକ୍ଷାଗୃହର ଭିତରେ ଆୟୋଜିତ ଏହି ସାଂସ୍କୃତିକ ସମାରୋହ ପ୍ରତି ସିଲ୍ ଓ ତାର ବନ୍ଧୁମାନେ ଆଗ୍ରହ ପ୍ରକାଶ କରିଥିଲେ ।

ଏହି ସମୟରେ ପତଳା ଝିଅଟିଏ ରଙ୍ଗମଞ୍ଚ ଉପରକୁ ଆସି ଘୋଷଣାକଲା । ସିଲ୍‌କୁ କିଛି ଶୁଭିଲାନାହିଁ । କାରଣ ସେତେବେଳେ ଖୁବ୍ ଜୋରରେ ଅନ୍ୟମାନେ ତାଳି ମାରୁଥିଲେ ।

ପରେ ପରେ ଜଣେ କଳାଶାଢ଼ି ପିନ୍ଧିଥିବା ମୋଟି ମହିଳା ମଞ୍ଚ ଉପରକୁ ଆସି ସୁନ୍ଦର କଣ୍ଠରେ ରବୀନ୍ଦ୍ର ସଂଗୀତ ଗାନକଲେ ।

"ଜାଣ ସେ କିଏ ?" ଡେନିସ୍ ସିଲ୍‌କୁ ପଚାରିଲା ।

"ଯଦି କହେ ମୁଁ ଜାଣିନି, କ୍ଷତି କ'ଣ ? ମୋଟାମୋଟି ସେ ଭାରତୀୟ ସଂସ୍କୃତିର ପ୍ରତିନିଧି । ସେ ହୁଏତ ଏଇନେ କହିବସିବ ଯେ ଆଟମିକ୍ ଥିଓରି ସର୍ବପ୍ରଥମେ ଶଙ୍କରାଚାର୍ଯ୍ୟ ହିଁ ଉଦ୍‌ଭାବନ କରିଥିଲେ ।"—ସିଲ୍ ବିରକ୍ତିଭରା ସ୍ୱରରେ କହିଲା ।

"ସେ ହେଉଛନ୍ତି ମିସେସ୍ ସୁଜାତା ମୁଖାର୍ଜି"—ଡେନିସ୍ ଖୁବ ରହସ୍ୟମୟ ଭଙ୍ଗିରେ କହିଥିଲା । "ସେ ଏଠାକାର ସାମ୍ବାଦିକମାନଙ୍କ ଭିତରେ ବେଶ୍ ଜଣାଶୁଣା । ତୁମେ ଯଦି 'ଅବଜରଭର୍' ପତ୍ରିକାର ପ୍ରତିନିଧିରୂପେ ଭାରତ ଯିବାକୁ ଚାହୁଁ ତେବେ ତାଙ୍କୁ ଧରାଧରି କର ।"

ସିଲ୍ ଆଗରେ ଯେଉଁ କେତୋଟି ସମସ୍ୟା ଥିଲା ତା ଭିତରୁ ନିଜର ଜୀବିକାର୍ଜନ

Digitized by PPRACHIN, SOA

ସମସ୍ୟା ଗୋଟିଏ । ଶିକ୍ଷା ସମାପ୍ତି ପରେ ସେ କଅଣ କରିବ ? ବି. ବି. ସି. ରେ କାମ କରିବ ? ଏହା ପୂର୍ବରୁ ଏଥିରେ ଯଥେଷ୍ଟ ସଂଖ୍ୟକ ଇଂରେଜ ବୁଦ୍ଧିଜୀବୀ ପୂର୍ଣ୍ଣ ଅଛନ୍ତି । କିମ୍ବା ଗୋଟିଏ ଫିଲ୍ମ୍ କମ୍ପାନୀରେ ସ୍କ୍ରିପ୍ଟ୍ ରାଇଟିଂ ? ସେଥିରେ ବି ତାଲ ପ୍ରମାଣେ ଜାଗା ନାହିଁ । କାହିଁକି ନା ପ୍ରଡ୍ୟୁସରମାନେ ଆମେରିକାର ସହଯୋଗରେ ଫିଲ୍ମ୍ ନିର୍ମାଣ କରିଥାଆନ୍ତି । ସି଼୍ରଲ୍ ସବୁ ବିଶୁଦ୍ଧ ଇଂରେଜମାନଙ୍କ ଭଳି ଆମେରିକୀୟମାନଙ୍କ ପ୍ରତି ଅସନ୍ତୁଷ୍ଟ ଥିଲା । ଶିକ୍ଷା ବିଭାଗ ? ସେ କଲେଜ ଟୋକାଙ୍କୁ ନ ପଢ଼ାଇବାକୁ ଠିକ୍ କରିଥାଏ । ଔପନିବେଶିକ ଗୃହକର ? ନା—କେବେ ନୁହେଁ । କେବଳ ପତ୍ରକାରିତା ପ୍ରତି ସି଼୍ରଲ୍‌ର ଆଗ୍ରହ ଥିଲା ବେଶୀ । ହେଲେ ପତ୍ରକାରିତା କ୍ଷେତ୍ରରେ ମଧ୍ୟ କମ୍ ପ୍ରତିଯୋଗିତା ହେଉନାହିଁ ।

ପ୍ରୋଗ୍ରାମ୍ ଶେଷହେବା ମାତ୍ରେ ଡେନସ୍ ସୁଜାତା ଦେବୀଙ୍କ ପାଖକୁ ଯାଇ 'ଅବ୍‌ଜର୍ଭର' ବିଷୟରେ କଥା ହେଲା ।

"ମିସେସ୍ ମୁଖାର୍ଜି ଆମକୁ ଆପଣଙ୍କ ଘରେ କଫି ଖୁଆଇବେ ନାହିଁ ?"

"ନିଶ୍ଚୟ ଚାଲ୍, ସମସ୍ତେ ଯିବା ।"

ଫଳତଃ ଗୋଟିଏ ଦଳ ମିସେସ୍ ମୁଖାର୍ଜିଙ୍କ ସାଙ୍ଗରେ ତାଙ୍କ ଘରକୁ ବାହାରିଲେ । ସେମାନେ ସମସ୍ତେ କାଜି ନଜରୁଲ୍ ଇସଲାମ୍ ଜୟନ୍ତୀ ବିଷୟରେ କଥା ହେଉଥିଲେ । ସି଼୍ରଲ୍‌କୁ ଏସବୁ ଖୁବ୍ ଭଲ ଲାଗୁଥିଲା । ଏ ସମସ୍ତେ ନିଜ ରାଜ୍ୟର ବୈଶିଷ୍ଟ୍ୟ ବିଷୟରେ ହିଁ ଚିନ୍ତା କରୁଛନ୍ତି !

ସମସ୍ତେ ବସ୍‌ରେ ଆସି ବସିଲେ । ଲମ୍ବା ଚଉଡ଼ା ଗୋଟିଏ ବିଲ୍‌ଡିଂରେ ଶ୍ରୀମତୀ ମୁଖାର୍ଜିଙ୍କ ଫ୍ଲାଟ୍ । ଆଲୋଚନାମୁଖର ଏକ ସଂକ୍ଷିପ୍ତ ବସ୍ ଯାତ୍ରାପରେ ସେମାନେ ସବୁ ଯାଇ ଫ୍ଲାଟରେ ପହଞ୍ଚିଲେ । ଝିଅମାନେ ସି଼୍ରଲ୍ ସାଙ୍ଗରେ ଇତିମଧ୍ୟରେ ଖୁବ୍ ସହଜରେ କଥା ଆରମ୍ଭ କରିଦେଲେଣି । ସେମାନଙ୍କର ମଧ୍ୟରୁ ଜଣକ ନାଆଁ ଜଲ୍‌ଅତ୍, ଆଉ ଜଣକ ନାଆଁ ନିର୍ମଳା । ପୁଅମାନଙ୍କ ନାଆଁ ସି଼୍ରଲ୍‌ର ମନେ ନାହିଁ । ମନେହେଲା ଏ ଝିଅମାନେ ଏବର୍ଷ କେମ୍ବ୍ରିଜରେ ଭର୍ତ୍ତି ହୋଇଛନ୍ତି ।

ଶ୍ରୀମତୀ ମୁଖାର୍ଜି ଫରିଦ୍‌ପୁରର ପୂର୍ବ ବଙ୍ଗଳାର ବାସୀନ୍ଦା । ବିବାହପରେ ସ୍ୱାମୀ ସାଙ୍ଗରେ, ମିସେସ୍ ମୁଖାର୍ଜିଙ୍କର ଭଲ ପଡ଼ୁନଥାଏ । ଅନେକ ଦିନ ହେଲା ସେ ଲଣ୍ଡନରେ ରହୁଥାନ୍ତି । ପୁଅ ତାଙ୍କର ପାରିସ୍‌ରେ ଜଣେ ଆର୍ଟିଷ୍ଟ ।

ସି଼୍ରଲ୍ ଆଉଥରେ ଯେବେ ଲଣ୍ଡନ ଗଲା, ମୁଖାର୍ଜିଙ୍କ ଫ୍ଲାଟର ପୋର୍ଟର ତାଙ୍କୁ ଖବର ଦେଲା ଯେ ସେ 'ଜେନେଭା' ଯାଇଛନ୍ତି । ଫେରିଆସିବାବେଳେ, ଜଣେ ଝିଅ ଶିଡ଼ିରେ ପରିଚିତ ସ୍ୱରରେ 'ହଲୋ' ସମ୍ବୋଧନ କରି ଡାକିଲା । ସି଼୍ରଲ୍‌ର ମନେପଡ଼ିଲା ଏଇ

Digitized by PPRACHIN, SOA

ତନୁପାତଳୀ ଝିଅଟି ସେଦିନ ରବୀନ୍ଦ୍ର ଜୟନ୍ତୀରେ ଆନାଉନ୍ସ କରୁଥିଲା ।

ଚମ୍ପା ମଧ୍ୟ ମନେ ପକାଇଲା । ଡେନିସ୍ ସେଦିନ ଇଂଟ୍ରଡ୍ୟୁସ୍ କରିଦେଇଥିଲା । ଏ କୌଣସି ଲର୍ଡ଼ର ପୁଅ ।

"ମୁଁ ବି ମିସେସ୍ ମୁଖାର୍ଜୀଙ୍କ ସାଙ୍ଗରେ ସାକ୍ଷାତ ପାଇଁ ଆସିଥିଲି । ସେ କିନ୍ତୁ ଜେନେଭା ଯାଇଛନ୍ତି ।" ଚମ୍ପା କହିଲା ।

"ଆପଣ ଏଇଠି ପଢ଼ନ୍ତି ?"

"ନା ଆଜ୍ଞା, ମୁଁ ପାରିସ୍‌ରେ ଥାଏ । ଆପଣ ନିର୍ମଳା ଶ୍ରୀବାସ୍ତବକୁ ଜାଣନ୍ତି ।"

"ହଁ ମୁଁ ମିସ୍ ଶ୍ରୀବାସ୍ତବ ସାଙ୍ଗରେ ଏଇଠି ପରିଚିତ ହୋଇଥିଲି ।"

"ଆଉ କମାଲ ରଜାଙ୍କୁ ଜାଣନ୍ତି ଆପଣ ?"

"ସୁରେଖା ଦେବୀଙ୍କଠାରୁ ମୁଁ ତାଙ୍କ ବିଷୟରେ ଜାଣେ କିନ୍ତୁ ତାଙ୍କ ସାଙ୍ଗରେ ମୋର ସାକ୍ଷାତ ହୋଇନାହିଁ ।"

ଚମ୍ପା ଓ ସିରିଲ୍‌ର ଏହି ସାକ୍ଷାତର ପ୍ରଥମ ୧୫ ମିନିଟ୍ କେବଳ ଯାକୁ ତାକୁ ଜାଣିବା ନ ଜାଣିବା ପ୍ରଶ୍ନୋତ୍ତରରେ କଟିଗଲା ।

"ଆପଣ ନର୍ଗିସ୍ କାଓସାଜିଙ୍କୁ ଜାଣନ୍ତି ?"

"ଅଜ୍ଞା ନା । ମୁଁ କାହାକୁ ଜାଣିନି । ମୋର ବନ୍ଧୁତାର ପରିସର ଡେନିସ୍‌ଭଳି ବ୍ୟାପକ ନୁହେଁ ।"

ଚମ୍ପା ଖୁବ୍ ଜୋରରେ ହସି ଉଠିଲା । "ମୁଁ ଭାବୁଛି ଆପଣ ଆଶୁତୋଷକୁ ଜାଣିଥିବେ ।"

"ନା" ସଂକ୍ଷିପ୍ତ ଉତ୍ତର ଦେଲା ସିରିଲ୍ । ସେମାନେ କଥା ଲହରରେ ଅନେକ ବାଟ ଆସିସାରିଥିଲେ । ମିସେସ୍ ମୁଖାର୍ଜୀଙ୍କ ଫ୍ଲାଟ୍ ମଧ୍ୟ ବହୁତ ପଛରେ ରହିସାରିଥିଲା ।

"ଆପଣ କେବେ କେମ୍ବ୍ରିଜ୍ ଆସିଲେ ଦେଖାହେବ, ସିରିଲ୍ ଦ୍ରୁତଗତିରେ ବିଦାୟ ମାଗି ଚାଲିଆସିଲା ।

ଆଜି ଅଧଘଣ୍ଟା ହେଲା ସିରିଲ୍ ଚମ୍ପାକୁ ଅପେକ୍ଷା କରିଛି ପିକାଡ଼ିଲି ଅଣ୍ଡର ଗ୍ରାଉଣ୍ଡ ପାଂଟରେ । ଗତ ଦ୍ୱିବର୍ଷ ଭିତରେ ଅନେକ ଥର ତା'ର ଚମ୍ପା ସାଙ୍ଗରେ ସାକ୍ଷାତ ହୋଇଛି । ଆଜି ଚମ୍ପା ସୂଚନା ଦେଇଛି ଯେ ସେ ପାରିସ୍‌ରୁ ଲଣ୍ଡନ ଆସିବ । ସୁରେଖା ଘରେ ସମସ୍ତେ ଭୋଜନ କରିବେ । ସୁରେଖା ଘରେ ପହଁଚି ଚମ୍ପାର ଆସିବା ବିଷୟରେ ବୁଝିବାକୁ ସିରିଲ୍ ବ୍ୟସ୍ତହୋଇ ପଡ଼ୁଥାଏ ।

ହିନ୍ଦୁସ୍ତାନ ବିଭାଜନ ବିଷୟରେ ଗୌତମ ନୀଳାମ୍ବର ସମସ୍ତ ଦୋଷ ଇଂରେଜମାନଙ୍କ ଉପରେ ଲଦି ଦେଇଥାଏ । ସୁରେଖାଠାରୁ ସିରିଲ୍ ଶୁଣିଥିଲା ଯେ ଏଇ ଗୌତମ ନୀଳାମ୍ବର

Digitized by PPRACHIN, SOA

ଲୋକଟା ବଡ଼ କଷ୍ଟ ପ୍ରକୃତିର । ଜଳଟରେ ମସ୍କୋରୁ ଏଠାକୁ ବଦଳି ହୋଇ ଆସିଛୁ ।
ସି ଲ୍ ଲଣ୍ଡନର ସେହି ବର୍ଷିକାୟ ଘଣ୍ଟାତଳେ ପଦଗୁରଣ କରୁଥିଲ ।

୩୮

କେମ୍ବ୍ରିଜରେ ଦୋକାନରୁ ବାହାରି ନିର୍ମଳା ଫିଟିଜ-ଉଇଲ୍‌ସ୍ୟମ୍ ଲାଇବ୍ରେରି ଆଡ଼କୁ ଯାଉଥିଲବେଳେ ଗୌତମ ସହିତ ଦେଖାହେଲ ।

"ଆରେ ନିର୍ମଳା ! ମୁଁ ତ ତମକୁ ଗୃରିଆଡ଼େ ଖୋଜି ଖୋଜି ବୁଲୁଛି ।" ନିର୍ମଳା ନିକଟକୁ ଆଗେଇ ଆସି ଗୌତମ କହିଲ । "କମାଲ କହିଲ ଯେ, ଏତେବେଳେ ତୁମେ ଲାଇବ୍ରେରିରେ ହିଁ ମିଳିବ । କଅଣ ସବୁ ଭଲ ତ ?"

ନିର୍ମଳା ନିଜ ଆଖିକୁ ବିଶ୍ୱାସ କରିପାରୁ ନଥିଲ । କେମ୍ବ୍ରିଜରେ ଗୌତମର ଉପସ୍ଥିତି ନିର୍ମଳା ପାଇଁ ଆଶ୍ଚର୍ଯ୍ୟଜନକ ଥିଲ ।

"ତୁମେ ଏଠାକୁ କିମିତି ଗୃଲି ଆସିଲ ?"

"ଏଇ ଲଣ୍ଡନରୁ ତ ଆସୁଛି, ତମରିମାନଙ୍କ ସାଙ୍ଗରେ ଟିକିଏ ସାକ୍ଷାତ କରିବାକୁ ।"

"ଶୁଣିଲି ଏବେ ତୁମେ ଫରେନ୍ ସର୍ଭିସରେ ସ୍ଥାୟୀଭାବେ ନିଯୁକ୍ତି ପାଇଛ ।"

"ଠିକ୍ ଶୁଣିଛ ।"

"ଭଲ ଅଛ ତ ?"

"ହଁ"—ସଂକ୍ଷିପ୍ତ ଉତ୍ତର ଦେଲ ଗୌତମ । କଥାବାର୍ତ୍ତା ସରିଲ । ଗୌତମ ଦେଖିଲ ଯେ ନିର୍ମଳା ଯିବା ଭିତରେ ଖୁବ୍ ଗମ୍ଭୀର ଓ ଚିନ୍ତାଗ୍ରସ୍ତ ଜଣାପଡ଼ୁଛି ।

"ଲାଇବ୍ରେରି କାମ ଆଜି ଏତିକି ଥାଉ । ଆସ, କମାଲ ଓ ଡଲ୍‌ଅତ୍ ଆଜି 'କୋହିନୂର'ରେ ଥିବେ ।"

ନିର୍ମଳା ଚୁପ୍‌ଚାପ୍ ଗୌତମ ସାଙ୍ଗରେ ଗୃଲିବାକୁ ଆରମ୍ଭ କଲ । ପାଖରେ କଳା ଗାଉନ୍ ପିନ୍ଧିଥିବା ବିଦ୍ୟାର୍ଥୀମାନେ ଗୃଲିଥାଆନ୍ତି । ନିର୍ମଳା ସେଇ ଛାତ୍ରମାନଙ୍କ ଭିତରୁ ଗୌତମକୁ ସ୍ମିଲ୍‌କୁ ଦେଖାଇ ଦେଇ କହିଲ ଯେ ଏ ବି ବର୍ତ୍ତମାନ ଯୁଗର ଗୋଟିଏ ଉଦାର ଚରିତ୍ର । ଆଜିକାଲି ଚମ୍ପାବାଗର ଭକ୍ତ ହୋଇଗଲେଣି ।"

"ଆଚ୍ଛା—ଚମ୍ପା ସାଙ୍ଗରେ ତମର ସବୁ ଭେଟ ହୁଏ ?"

"ପ୍ରାୟ ହୁଏ ।"

Digitized by PPRACHIN, SOA

"ସେ ଖୁସିରେ ଅଛି ତ ?"

"କିଏ ଜାଣେ ? ଖୁସିରେ ରହିବା ତ ଏକ ଆପେକ୍ଷିକ କଥା ।"

ଗୌତମ ନୀରବ ରହିଲା । ସେମାନେ 'କଙ୍ଗ୍ରେସ କଲେଜ' ସାମନାରେ ଚାଲୁଥାଆନ୍ତି ।

"ମୋର ମନେ ହେଉଛି ଅଳ୍ପଦିନପରେ ଚମ୍ପାବାଈ ଠିକ୍ ସୁଜାତା ମୁଖାର୍ଜିଙ୍କ ପରି ହୋଇଯିବେ । ତୁମେ ମିସେସ ମୁଖାର୍ଜିଙ୍କୁ ଜାଣ ?" ନିର୍ମଳା ଗମ୍ଭୀର ହୋଇ କହିଲା ।

"ହଁ"—

"ସମସ୍ତ ଆଘାତ ଦେଇ ତା' ବାଟରେ ନୀରବରେ ଚାଲିଯାଏ । ସତରେ କି ଦୁଃଖର କଥା !"—ନିର୍ମଳା ସହାନୁଭୂତିସୂଚକ ସ୍ୱରରେ କହିଲା । ଗୌତମ ଚୁପ୍‌ଚାପ୍ ଚାଲୁଥାଏ ।

"ସୁଜାତା ଦେବୀ ୧୫।୨୦ ବର୍ଷତଳେ କ'ଣ ନ ଥିବେ ! ଲୋକେ ତାଙ୍କ ସାଙ୍ଗରେ ଦୁଇପଦ କଥାବାର୍ତ୍ତା ହୋଇ ନିଜକୁ ଧନ୍ୟ ମଣୁଥିଲେ । ଆଜି ବୟସ୍କା ନିଜ ପୁଅ ବୟସର ପିଲାଙ୍କୁ ସାଦର ଅଭ୍ୟର୍ଥନା କରି କଫି ଦ୍ୱାରା ଆପ୍ୟାୟିତ କରିବାପାଇଁ ଘରକୁ ଡାକି ନେଉଛି । ବହି ଲେଖୁଛି । ଫ୍ଲିଟ୍‌ଷ୍ଟ୍ରିଟ୍‌ରେ ତାର ବେଶ ନାଆଁ ଅଛି; କିନ୍ତୁ ତାର ବହି ଲେଖିବା ଓ ନାଁ ଅର୍ଜନ କରିବା ପ୍ରତିବଦଳରେ ସେ କଣ ନିଜର ଆନ୍ତରିକ ସୁଖ ପାଇପାରୁଛି ? ଚମ୍ପାବାଈ ବି ଦିନେ ଏମିତି ହୋଇଯିବ । ଭୁଲ୍ ଅବଶ୍ୟ ତାର ନୁହେଁ । ସମସ୍ତେ ହିଁ ତାକୁ ଆହତ କରିଛି । ସେ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରିଥିଲା ।"

ଗୌତମ ଚମକିପଡ଼ି ନିର୍ମଳାକୁ ଭଲଭାବରେ ଚାହିଁଲା ।

ନିର୍ମଳା ଆଖିରେ ବର୍ଷାର ଏକ ବିନ୍ଦୁ ଆସି ପଡ଼ିଲା । ନିଜର ମୁହଁ ରୁମାଲରେ ପୋଛୁ ପୋଛୁ ସେ ପୁଣି କହିବାକୁ ଲାଗିଲା···

"ବର୍ତ୍ତମାନ ସ୍ତ୍ରୀଲର ପାଳି । କାରଣ ସେ ଲର୍ଡ଼ ଏଣ୍ଡ୍ଲେଙ୍କ ପୁଅ—ଠିକ୍ ଯେପରି ତୁମେ ସର୍ ଧାପନାରାୟଣଙ୍କ ଏବଂ ଭାଇସାହେବ ସର୍ ଜକ ରଜାବାହାଦୂରଙ୍କ ପୁଅ···"

"ନିର୍ମଳା ! ତୁମେ ଚମ୍ପା ପ୍ରତି ଅସହିଷ୍ଣୁ ହୋଇ ଉଠିଛ ।" ଗୌତମ ନିମ୍ନସ୍ୱରରେ କହିଲା ।

"ନା ଗୌତମ, ମୋଟେ ନୁହେଁ । ତଲଅତ୍ର ଭାଷାରେ କହିଲେ ଠିକ୍ ହେବ ଯେ ଆମେସବୁ ଏବେ ତା'ର ଊର୍ଦ୍ଧ୍ୱରେ ଅଥଚ ସେ ଯେମିତି ଥିଲା ସେମିତି ଅଛି ।"

ଉଦାସ ଦୃଷ୍ଟିରେ ଗୌତମ କେବଳ ନିର୍ମଳାକୁ ଚାହିଁଥାଏ । ନିର୍ମଳା କହିବାରେ ଲାଗିଛି—

"ଚମ୍ପା ପାରିସରେ ଥିଲା । ଅଧା କାମ ବାକି ଅଛି, ଇଂଲଣ୍ଡ ଚାଲିଆସିଛି । ଶୁଣାଯାଏ ଲଣ୍ଡନରେ କେଉଁଠି ଚାକିରି ମିଳିଛି ତାକୁ । ଆଉ ଏବେ ସେ କେମ୍ବ୍ରିଜରେ ପ୍ରବେଶ କରିବବୋଲି କହୁଛି । ନିଜ ବିଷୟରେ କିଛି ନିଷ୍ପତ୍ତି କରିପାରୁ ନି—କୌଣସି ନା

Digitized by PPRACHIN, SOA

କୌଣସି ଭାବପ୍ରବଣ ବ୍ୟକ୍ତିର ଅନୁସନ୍ଧାନରେ ସେ ଖାଲି ଭ୍ରମି ହେଉଛି ।

ଜିଜସ୍ ଲେନ୍‌ରୁ ଟ୍ରମ୍ପେଟର ସ୍ୱର ଶୁଭୁଥିଲା । ଗୌତମ ଚମକି ଉଠିଲା ।

"ଭାଇ ସାହେବ ବି ଏଇ ଲଣ୍ଡନର ପାକିସ୍ତାନ ହାଉସ୍‌ର ଡିପ୍ଲୋମାଟ୍; କିନ୍ତୁ ସେ ଆମ ସାଙ୍ଗରେ ସାକ୍ଷାତ କରନ୍ତି ନାହିଁ ।" ନିର୍ମଳା କହିଲା ।

କଥା ହେଉ ହେଉ ସେମାନେ କୋହିନୂର ପର୍ଯ୍ୟନ୍ତ ଆସିଯାଇଥିଲେ ।

"ଗୌତମ !" ନିର୍ମଳା କିଛି ଚିନ୍ତାକରି ପଚାରିଲା । "ଲୋକେ ଏତେ ଫଂଟିଚର କାହିଁକି ହୁଅନ୍ତି ?" ଗୌତମ କିଛି ଉତ୍ତର ଦେଲା ନାହିଁ ।

କିଛି ସମୟ ଏମିତି ବିତିଗଲା । ରହିଯାଇ ଗୌତମ ଡାକିଲା "ନିର୍ମଳା ?"

"କ'ଣ କୁହ ।"

"ତୁମେ ମୋତେ ବାହା ହେବ ?"

"କେବେ ନୁହେଁ ।"

"କାହିଁକି ନିର୍ମଳା ?" ପ୍ରଶ୍ନଟା ତା' ତଣ୍ଟିରେ ଯେପରି ଅଟକି ଗଲା । "ଏଇଥିପାଇଁ ଯେ ତୁମେ ବି ଜଣେ 'ଫଂଟିଚର'—ଆସ ଭିତରକୁ ଆସ । ବର୍ଷା ହେଲଣି ।" ଦୁହେଁ ଭୋଜନାଳୟ ଭିତରେ ପ୍ରବେଶ କରିଥିଲେ ।

୩୯

ସକାଳ ୬ଟା ବାଜିବାମାତ୍ରେ ଚମ୍ପା ଉଠିଲା । ଗତ ରାତି ୨'ଟା ପର୍ଯ୍ୟନ୍ତ ସୁରେଖା ଘରେ ଗପ କରୁଥିଲା । ହେଲେ ଲୋକ ଏତେ ଗପ କରେ କାହିଁକି ? ବାଥ୍ ରୁମରୁ 'ଜୋନ୍ କାର୍ଟର' କହିଲା "ଆଜି ତୁମ ଚାକିରିର ପ୍ରଥମ ଦିନ । ଶୀଘ୍ର ବାହାରି ପଡ଼ ।" ଜଳଖିଆ ଖାଇ ଚମ୍ପା ବସ୍‌ରେ ସେଣ୍ଟ୍ କାଞ୍ଜିବୁଡ଼ରେ ପହଞ୍ଚିଲା । ବିଲ୍ ଫ୍ରେଗର ଫ୍ଲାଟକୁ ଯାଇ କଲିଂ ବେଲ୍ ବଜାଇଲା ।

"କମ୍ ଇନ୍" କିଏ ଜଣେ ଭିତରୁ କହିଲା ।

ଚମ୍ପା ସାହସ କରି ଭିତରକୁ ଗଲା । ଘରଭିତରେ ଆଲସେସିଆନ୍ କୁକୁର ନିଆଁ ପାଖରେ ବସିଥିଲା । ବିଲ୍ ଶୋଫା ଉପରେ ଶୋଇରହି କଅଣ ପଢ଼ୁଥିଲା ।

"ହଲୋ ମାଇଁ ଡିଅର, କଣ ପିଇବ ?"

"କିଛି ନାହିଁ, ଧନ୍ୟବାଦ ।" ଚମ୍ପା କହିଲା ।

Digitized by PPRACHIN, SOA

"ତୁମେ ପ୍ରୁଫ ପଢ଼ି ଜାଣ ?"—ଉତ୍ତର ପାଇଁ ଅପେକ୍ଷା ନକରି ବିଲ୍ ଚମ୍ପା ସାମନାରେ କାଗଜ ବିଡ଼ାଏ ରଖି ଝଟ୍ପଟ୍ ଘରକୁ ଚାଲିଗଲା ।

"ଶାନ୍ତା କେଉଗ୍ କାଶ୍ମୀର ରେଶମ ଶାଢ଼ୀ ଓ କଳା କାର୍ଡିଗନ୍ ପିନ୍ଧି ରୁମ୍ ଭିତରକୁ ପଶିଆସି ଟାଇପ୍ ରାଇଟର ପାଖରେ ବସିଲା । ସ୍ୱାମୀକୁ ତ୍ୟାଗପତ୍ର ଦେବା ପରେ ଶାନ୍ତା ଗୌତମକୁ ବିବାହ ନ କରି ବିଲ୍‌କୁ କାହିଁକି ବିବାହ କଲା ବୁଝିହୁଏନା ! ଆଶ୍ଚର୍ଯ୍ୟ ରକମର ଦ୍ୱନ୍ଦ୍ୱପୂର୍ଣ୍ଣ ଏ ଜୀବନ ! ଚମ୍ପା ଏହି ଚିନ୍ତାରେ ମଗ୍ନ ହୋଇଯାଇଥିଲା । "ଗୁଡ୍ ମର୍ଣ୍ଣି ମିସେସ୍ କେଉଗ୍"—ସେ ଖୁବ୍ ଶିଷ୍ଟତା ରକ୍ଷା କରି କହିଲା ।

"ଗୌତମଠାରୁ ତୁମ ବିଷୟରେ ବହୁତ କିଛି ଶୁଣିଥିଲି । ଏ ଦୁନିଆଟା ଖୁବ୍ ଛୋଟ, ମିସ୍ ଅହଲ୍ୟା ।" ଟାଇପ୍ କରୁ କରୁ ଶାନ୍ତା କହିଲା ।

ବିଲ୍ କଫି ଟ୍ରେରେ କଫି ନେଇ ଆସିଲା । ଚମ୍ପା ଅନୁମାନ କଲା ଶାନ୍ତା ବେଶ୍ ମନ ମୋହିଆଣୀ । ବିଲ୍ କିନ୍ତୁ ବେଶ୍ ଉଦାର ପ୍ରକୃତିର ଲୋକ ।

"ଫ୍ରେଙ୍କ୍ ରସ୍ ବି ତୁମକୁ ବେଶ୍ ପସନ୍ଦ କରନ୍ତି ।" ଚମ୍ପାକୁ ଲକ୍ଷ୍ୟକରି କହିଲା ବିଲ୍ ।

"ଫ୍ରେଙ୍କ୍ ରସ୍ ?"—ଚମ୍ପା ପଚାରିଲା ।

"ହଁ" ବିଲ୍ ଆଗ୍ରହରେ ଆଲସିସିଆନ୍ ଆଡ଼କୁ ଚାହିଁ ଉତ୍ତର ଦେଲା । ତା ପରେ ସେ କାଗଜ ବିଡ଼ାଟାକୁ ଉଠାଇ ପ୍ରେସ୍‌କୁ ଯିବାପାଇଁ ପ୍ରସ୍ତୁତ ହେଲା । ବିଲ୍‌ର ପବ୍ଲିଶିଂ ହାଉସରେ ପ୍ରୁଫ ରିଡ଼ର୍ ରୂପେ ଚମ୍ପା ଯୋଗ ଦେବାର ତାହାହିଁ ଥିଲା ପ୍ରଥମ ଦିନ ।

"ଜୀବନ ସମ୍ପର୍କରେ ତୁମର ଯୋଜନା କ'ଣ ?" ଲଞ୍ଚ ଅବକାଶରେ ବିଲ୍ ଚମ୍ପାକୁ ପଚାରି ବସିଲା । ସେ ମଣିଷର ପ୍ରୁଫ ପଢ଼ିବାରେ ବି ବେଶ୍ କୁଶଳୀ ।

"ଏ ତ ଖୁବ୍ କଠିନ ପ୍ରଶ୍ନ ।"

"ତୁମେ କ'ଣ ବହୁତ ବେଶୀ କନଫ୍ୟୁଜଡ଼ ?"

"ହଁ ।"

"ତୁମେ ବି କିଛି ଗୋଟାଏ ପ୍ରହେଳିକା ଭିତରେ ଛନ୍ଦି ହେଇଛ ?"

"ହଁ ।"

ବିଲ୍ ଚୁପ୍ ହେଇଗଲା । ସମସ୍ତେ କିଛିନାକିଛି ଗୋଟାଏ ଜାଲରେ ଛନ୍ଦି ହେଉଛନ୍ତି ।

ସେ ଜଣେ ଓ ତା ପତ୍ନୀ, ଯିଏ ପ୍ରଥମେ ଶାନ୍ତା ମାଲାମ୍ବିର ରୂପେ ପରିଚିତ ଥିଲା ଓ

Digitized by PPRACHIN, SOA

ଇଂରାଜୀ, ମରାଠୀ ଭାଷାରେ ଉପନ୍ୟାସ ଲେଖୁଥିଲା । ତା ଛଡ଼ା ସିଲ୍ ଏବଂ ସମସ୍ତ ବୁଦ୍ଧିଜୀବୀ । ପାଶ୍ଚାତ୍ୟ ସଭ୍ୟ-ଜନ ଏବଂ ନୂଆ ଏସିଆର ଅଧିବାସୀ—ଏ ସମସ୍ତେ ଗୋଟିଏ ଗୋଟିଏ ଜାଲରେ ଛନ୍ଦ ହୋଇଛନ୍ତି । ଖ୍ରୀଷ୍ଟିଆନ୍, ମୁସଲମାନ, ହିନ୍ଦୁ ଓ ବୌଦ୍ଧ—ଏ ସଭିଙ୍କ ବିଷୟରେ ଝପ୍ସନବୀ ଦଶଦଶଟା ବହି ଲେଖି ମଧ୍ୟ ସଂତୋଷଜନକ ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି ।

ଏବଂ ନୂଆ ହିନ୍ଦୁସ୍ତାନ ନିଜର ଆଧ୍ୟାତ୍ମିକ ବୈଶିଷ୍ଟ୍ୟ, ସାଂସ୍କୃତିକ ପ୍ରାଧାନ୍ୟକୁ ନେଇ ଗର୍ବ କରେ, ଏ ପ୍ରଚାର-ସର୍ବସ୍ୱ ଦୁନିଆ । ପତ୍ରପତ୍ରିକା, ସାଂସ୍କୃତିକ ପ୍ରଚାର ପତ୍ର ଓ ଅସଂଖ୍ୟ ପୁସ୍ତକରେ ଛପା ହେଉଥିବା କୋଟି କୋଟି ଶବ୍ଦର ଏହି ଦୁନିଆ । ବିଲ୍ ଏହି ଶବ୍ଦର ବ୍ୟବସାୟୀ । ସୁତରାଂ ଶବ୍ଦର ଶକ୍ତି ଓ ଏହାର ଫାଙ୍କାପଣ ଉପରେ ତାର ଥିଲା ଅଗାଧ ବିଶ୍ୱାସ । ସେ ବି ଏକପ୍ରକାର ଜାଲରେ ଛନ୍ଦ ହୋଇଛି କହିଲେ ଠିକ୍ ହେବ ।

ଗୋଟିଏ ରାସ୍ତା ଅଛି; ମାତ୍ର ତାହା ଖୁବ୍ ଭୟାନକ । ବିଲ୍ ଚମ୍ପାକୁ ପଚାରିଲା । "ତୁମେ କେବେ କମ୍ୟୁନିଷ୍ଟ ହୋଇଛ ? ତୁମେ କାହାଣୀ ଲେଖ । ମୁଁ ତମକୁ ସମସ୍ତ ପ୍ରକାର ସାହାଯ୍ୟ କରିବି । ହିନ୍ଦୁସ୍ଥାନରେ ଉପନ୍ୟାସ ଲେଖିବାର ବହୁତ ସୁଯୋଗ ରହିଛି । ଆର. କେ. ନାରାୟଣ ଓ ମୁଲକରାଜ ଆନନ୍ଦଙ୍କ ଅନୁକରଣ କର । ତୁମେ ଖାଲି ଲେଖିଯାଅ ।" ବିଲ୍ ଖୁବ୍ ଗମ୍ଭୀର ହୋଇ କହିଲା ।

"ମତେ ଲେଖାଲେଖି ମୋଟେ ଆସେନାହିଁ ।"

"ଆଚ୍ଛା···ଏ କିପରି ସମ୍ଭବ ? ତମ ଗ୍ରୁପ୍‌ରେ ସମସ୍ତେ ତ ଭଲ ଲେଖକ !"

"ମୋ ଗ୍ରୁପ୍ ଭଲ ଯେ ମୁଁ ଏହା ଭାବ ନାହିଁ ।"

"ଆଚ୍ଛା ଆପଣଙ୍କର ଏ ବି ଗୋଟିଏ ଫ୍ୟାଡ୍ (fad)—ଆପଣ ହେଉଛନ୍ତି ଜଣେ ଇଣ୍ଡିଭିଜୁଆଲିଷ୍ଟ୍ । ଠିକ୍ ଅଛି, ଏ ଫ୍ୟାଡ୍ ବି ଭଲ", ବିଲ୍ ଉତ୍ତର ଦେଲା ।

'ଚୁକେ ସରାୟ'ରେ ପରସ୍ପରକୁ ଜାଣିଥିବା ବହୁତ ଲୋକ ଖାଇବାପାଇଁ ଏକାଠି ହେଉଥିଲେ ।

ସ୍ଥାନଟି ଥିଲା ଗୋଟିଏ ପବ୍ଲିକ୍ ରେଷ୍ଟୁରେଣ୍ଟ । ପାଖରେ ବି. ବି. ସି. ର ଷ୍ଟୁଡିଓ । କେତେଜଣ ହିନ୍ଦୁସ୍ତାନୀ ଝିଅ ଭିତରକୁ ପଶିଆସି କାଉଣ୍ଟର୍ ଆଡ଼କୁ ଗଲେ । ସେମାନଙ୍କ ଭିତରୁ ଝିଅଟିଏ କାଉଣ୍ଟର ପାଖରେ ଠିଆହୋଇ ଅନ୍ୟ ଗୋଟିଏ ଝିଅକୁ ଉର୍ଦ୍ଦୁରେ କହିଲା—"ଏ ଚମ୍ପା ଅହମ୍ମଦ । ଅନ୍ୟର ପ୍ରେମିକକୁ ନିଜର କରିବା ହେଉଛି ତାର କ୍ୟାରିଅର୍ । ତମେ ଯଦି ଭାବୁଥାଅ ମୁଁ ତା ନାଁରେ ଦୁର୍ନାମ କରିବାକୁ ବସିଛି ତେବେ ନିର୍ମଳା ଶ୍ରୀବାସ୍ତବଙ୍କୁ ପଚାରିପାର— ନିର୍ମଳା ଶ୍ରୀବାସ୍ତବ, ସେଇ ଯେଉଁ ଝିଅଟାକୁ ଟି. ବି. ହୋଇଛି"—

Digitized by PPRACHIN, SOA

"ନିର୍ମଳାକୁ ଟି. ବି. ହୋଇଛି ?"—ଅନ୍ୟ ଝିଅଜଣକ ଆଶ୍ଚର୍ଯ୍ୟହୋଇ ପଚାରିଲା ।

"ହଁ ସେ ଏବେ ଲିଡହର୍ଷ୍ଟ ସାନାଟୋରିଅମ୍ ଯିବାକୁ ବାହାରିଛି । ପ୍ରଥମା ଜଣକ କହିଲା । ଦୁହେଁ କଥା ହେଉ ହେଉ ଭୋଜନାଳୟର ଅନ୍ୟ କୋଣକୁ ଚାଲିଗଲେ ।

"ଏବେ ଚମ୍ପାର ମନେହେଲା ସେ ଦୌଡ଼ିଯାଇ ସେ ଝିଅଟିକୁ ନିର୍ମଳାର ବିଷୟରେ କିଛି ପଚାରିବ । ତାକୁ ଟି. ବି. କିପରି ହେଲା ଇତ୍ୟାଦି ଇତ୍ୟାଦି··· । ମାତ୍ର ସେ ଅବିଚଳିତଭାବେ ବସି ରହିଲା । ଝରକା ବାହାରେ ପ୍ରଧାନ ରାସ୍ତା ଉପରେ ଅସଂଖ୍ୟ ଲୋକଙ୍କର ଅବାରିତ ଯାତ୍ରା । ଅନେକ ଚହ୍ଳା ପରିଚିତ ଲୋକ ସେମାନଙ୍କ ମଧ୍ୟରୁ ଚମ୍ପାର ଦୃଷ୍ଟିଗୋଚର ହେଉଥାଏ । ସେମାନଙ୍କ ଭିତରେ 'ଜରିନା ହୁସେନ୍', 'ସୁରେଖା ଆହୁଜା', 'ଅମଲ ରାୟ', ଫିରୋଜ ଜବିନ'···ଏମିତି କେତେ କେଜାଣି । ପୁଣି ଅମିର ରଜା ଆସି ପହଞ୍ଚିଗଲେ । ଅମିର ରାଜାଙ୍କୁ ଚମ୍ପା ଅନେକ ବର୍ଷପରେ ଦେଖୁଛି । ଆଗ ଅପେକ୍ଷା ଦାମୀସୁଟ୍ ପିନ୍ଧିବା ଛଡ଼ା ଆଉ କିଛି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ହୋଇନି ତାଙ୍କର । ଅନେକ ଆତ୍ମବିଶ୍ୱାସ ତାଙ୍କର ବ୍ୟକ୍ତିତ୍ୱରେ ପ୍ରତିଫଳିତ ହୋଇଛି । ସେ ଚମ୍ପାକୁ ଦେଖିଲେ । ଭଦ୍ରତାର ସହିତ ସାମାନ୍ୟ ବାକ୍ୟାଳାପ କରି ଅନ୍ୟ ଏକ ଟେବୁଲ ପାଖରେ ଯାଇ ବସିଲେ ।

ଚମ୍ପା ଘଣ୍ଟା ଦେଖିଲା ଏବଂ ବଲ୍ ହେଡ୍ ସାଙ୍ଗରେ ଅଫିସ୍ ଆଡ଼କୁ ଚାଲିଗଲା ।

୪୦

ଡଲିଅଡ୍ କେମ୍ବ୍ରିଜରେ ପଢ଼ାସାରି ଏବେ ଫ୍ଲୀଟଷ୍ଟ୍ରିଟ୍ର ଏକ ସମ୍ବାଦପତ୍ର ଅଫିସରେ କାମ କରୁଛି । ସେଦିନ ସନ୍ଧ୍ୟାବେଳେ ସମ୍ବାଦପତ୍ର ପାଇଁ ବିଷୟବସ୍ତୁ ତଳକୁ ପଠାଇଦେଇ 'ଭିକ୍ଟୋରିଆ' ଅଭିମୁଖେ ବାହାରିଲା । ସେ ପ୍ରାୟ ପ୍ରତ୍ୟହ ସେଠାକୁ ଯାଇ ଏକ ପୁରୁଣା ଆର୍ଟ ସ୍କୁଲରେ ଭାସ୍କର୍ଯ୍ୟ ଶିଳ୍ପ ଶିକ୍ଷା କରୁଥିଲା । କ୍ଲାସରେ ଏକ ନିଗ୍ରୋ ଝିଅକୁ ବସାଇ ଶିକ୍ଷାର୍ଥୀମାନେ ରେଖାଙ୍କନ କରୁଥିଲେ । ଟୁଲ୍ ଉପରେ ବୁଢ଼ାଭିଖାରୀଟାଏ ହାତରେ ବିଅର୍ ମଗ୍ଟାଏ ଧରି ବସିଛି । ଦକ୍ଷିଣ ଆଫ୍ରିକାର ଲାଲ ଦାଢ଼ିବାଲା ଜଣେ ଆର୍ଟିଷ୍ଟ ମେଡ଼୍ଲିନ୍ ତାର ଉପରେ ହସ୍ତଚାଳନା କରୁଥାଏ । ସେ ଡଲିଅଡ୍କୁ ଘୃଣା କରେ । ତେବେ ସେ ରାଗ ଜରଜର ହୋଇ ଡଲିଅଡ୍କୁ ଅଭିବାଦନ କଲା । ଲୋକଟା ପ୍ରତି

Digitized by PPRACHIN, SOA

ଚଳଅତ୍ ସ୍ପଷ୍ଟଭାବେ ବିରକ୍ତି ପ୍ରକାଶ କରେ । ଉତ୍ତରରେ ସାମାନ୍ୟ ହସି ଚଳଅତ୍ ବାହାରକୁ ବାହାରି ଆସିଲା । ଏ ବି ଏକ ପ୍ରକାର ଦୁନିଆ । ଭିକ୍ଟୋରିଆର ପୁରୁଣା ଆର୍ଟ ସ୍କୁଲ୍ । ତା ପରେ ସେ ଓ୍ୱେଷ୍ଟଏଣ୍ଡରେ ପହଞ୍ଚିଲା । ସେ ମାର୍କେଟର ପାହାଚ ଚଢ଼ି "ରାଇଟର୍ସ ଆଣ୍ଡ ଆର୍ଟିଷ୍ଟ କ୍ଲବ" ଭିତରକୁ ଚାହିଁଲା । ସେଠାରେ ବିଲ୍ ହେଗ ଚଳଅତ୍‌ର ଦୃଷ୍ଟିପଥାରୂଢ଼ ହେଲେ । ମି: ହେଗ୍ ଆପଣାର ଦୁଃଖ ଆତ୍ମଗ୍ଲାନି ସବୁକୁ ବିଅର ଗ୍ଲାସ୍‌ରେ ବୁଡ଼ାଇ ଖୁବ୍ ଉଦାସଭାବେ ଏକ ଫରାସୀ ଉପନ୍ୟାସ ଲେଖିକା ସାଙ୍ଗରେ ଆଳାପ କରୁଥାଏ । ସହାନୁଭୂତି, ମାନସିକ ବନ୍ଧୁତ୍ୱ ଓ ବୁଝାମଣାର ଭାବ ସେ ମହିଳାର ମୁହଁରେ ଫୁଟି ଉଠୁଥାଏ । ବିଚରା ଶାନ୍ତା ନିଜର ସ୍ୱାମୀକୁ ବୁଝିବାରେ ଅସମର୍ଥ ନିଶ୍ଚୟ । ଏ ବି ଆଉ ଏକ ସଂସାର—ହେ-ମାର୍କେଟ୍‌ର ରାଇଟର୍ସ ଆଣ୍ଡ ଆର୍ଟିଷ୍ଟସ୍ କ୍ଲବ । ଚଳଅତ୍ ପୁଣି ଖୁବ୍ ଶୀଘ୍ର ତଳକୁ ଓହ୍ଲାଇ ରାସ୍ତା ଉପରକୁ ଚାଲିଆସିଲା ।

ଚଳଅତ୍ ଓ କମାଲ ଦୁହେଁ ସେଣ୍ଟ୍ ଜନ୍‌ସଉଡ୍‌ରେ ରହୁଥାଆନ୍ତି । କମାଲ୍ ଏବେ ଏକ ଲାବୋରେଟରୀରେ କାମ କରୁଥାଏ । ଏ ଅଞ୍ଚଳରେ ଆର୍ଟିଷ୍ଟ, ଅଭିନେତା ଓ ନାନା ଶ୍ରେଣୀର ବୁଦ୍ଧିଜୀବୀ ଦେଖାଯାଆନ୍ତି । ବୃକ୍ଷାଚ୍ଛନ୍ନ ରାସ୍ତା କଡ଼ରେ କେତୋଟି ପୁରୁଣା ଗିର୍ଜା-ଘର । ପାଖରେ ଏକ ଇଟାଲୀୟ ରେସ୍ତୋରାଁରେ ପୋଲାଣ୍ଡୀୟ ଇହୁଦୀ ଆର୍ଟିଷ୍ଟ ବସିଥିବା ଦେଖାଯାଉଥିଲା । ସେଠାରେ ଲଞ୍ଚ ବା ଡିନର୍ ଖାଉଥିବା ଲୋକଙ୍କର ସୁନ୍ଦର ସ୍କେଚ୍ ସେ ତିଆରି କରେ ଓ କାଲେ କେହି ତା'ର ସ୍କେଚ ଖରିଦି କରିବେ ଏହି ଆଶାରେ ଥାଏ । କିନ୍ତୁ କେହିହେଲେ ତାହା ଖରିଦ୍ କରନ୍ତି ନାହିଁ । ସେଣ୍ଟ ଜନସଉଡ୍‌ର ଏହି ସୁନ୍ଦର ଘର ଗୁଡ଼ିକରେ ବାସକରୁଥିବା ପାଶ୍ଚାତ୍ୟ ଅଧିବାସିଗଣଙ୍କ ସାମାଜିକ ଜୀବନ ଅତ୍ୟନ୍ତ ପରିବର୍ତ୍ତନଶୀଳ ଥିଲା । ପ୍ରେମ, ବିବାହ, ବିଚ୍ଛେଦ, ମାନସିକ ବିକୃତି ଓ କଳାକୃତି—ଏଇ ହେଲା ସେମାନଙ୍କର ଜୀବନଯାତ୍ରାର ପାଥେୟ । ସେଠାକାର ଝିଅମାନେ ବାପା ମାଆଙ୍କ ପ୍ରତି ଘୃଣା ଭାବ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଯଥେଚ୍ଛା ସ୍ୱାଧୀନଭାବେ ଚଳୁଥିଲେ । ସତର, ଅଠର ବର୍ଷ ବୟସ୍କ ଯୁବକ ଯୁବତୀଗଣ ଯୌନ ଚର୍ଚ୍ଚା କରି ସେହି ବିଷୟରେ ଉପନ୍ୟାସ ଲେଖିବାପାଇଁ ଏକଜୁଟ ହେଉଥିଲେ । ଅନେକ ସୁନାମଧନ୍ୟ ବୁଦ୍ଧିଜୀବୀ ପ୍ରାଚୀନ ଏସିଆ ଓ ବୈଜାନ୍ତିୟମର ଧର୍ମ, ଦର୍ଶନ, ବେଦାନ୍ତ, ଜୈନ ଓ ବୌଦ୍ଧ ଦର୍ଶନରେ ବିଚାର ଆଲୋଚନାରେ ବହୁ ସମୟ କଟାଉଥିଲେ । ପ୍ରାୟ ସଭିଏଁ କଠୋର ତର୍କ ଓ ନିଜ ବିବେକଦ୍ୱାରା ପୀଡ଼ିତ ହେବାରେ ଅଭ୍ୟସ୍ତ ଥିଲେ ।

Digitized by PPRACHIN, SOA

ସୁରେଖା ସଡ଼କର ଅପର ପାର୍ଶ୍ୱରେ ରହେ । ତାହାର ସ୍ୱାମୀ ଗୁଲଶନ୍ ଆହୁଜା ଲଣ୍ଡନ ସ୍କୁଲ୍ ଅଫ ଏକନମିକ୍ସ୍‌ର ଅଧ୍ୟାପକ । ସୁରେଖା ଭାରତ ନାଟ୍ୟମରେ ବେଶ୍ କୃତତ୍ୱ ଅର୍ଜନ କରିପାରିଛି । ଗ୍ରେପଡ଼ା ପରିବାର ତାଙ୍କ ପଡ଼ୋଶୀ ଥିଲେ । ଆଶା ଗ୍ରେପଡ଼ା ମୂର୍ତ୍ତି ତିଆରି କରେ । ସନ୍ତୋଷ ବି. ବି. ସି.ର ହିନ୍ଦି ବିଭାଗରେ କାର୍ଯ୍ୟ କରେ । ଶାନ୍ତା ଓ ଉଇଲ୍ୟମ୍ ହେଗ୍ ଏଠାରୁ ଅଳ୍ପଦୂରରେ ରହନ୍ତି ।

'ଅମଳା ଗ୍ରସ୍ତ' ଓ ନର୍ଗୀସ୍ କାଉସଜୀ ଚେଲ୍‌ସିରେ ଏକ ଆଧୁନିକ ଓ ଦାମୀ ବ୍ଲକରେ ରହୁଥିଲେ । ଅମଳା ଗ୍ରସ୍ତ ଡଲିଅନ୍ତ୍ର ଓ ନର୍ମଳାର ବାଲ୍ୟବନ୍ଧୁ । ଲକ୍ଷ୍ନୌର ଗୁଲ୍‌ଫିଶାଁ ଓ ସିଂଘାଡ଼େବାଲ୍ କୋଠି ନିକଟରେ ତାଂଙ୍କର ଘର । ସେ ଏବେ ଭାରତୀୟ ବୈଦେଶିକ ଦପ୍ତରରେ ଥିଲି । ଫିରୋଜ ସ୍ୱିକ୍ କଟେଜରେ ରହେ ଓ ଉର୍ଦ୍ଦୁରେ ପି. ଏଚ୍. ଡ଼ି. କରୁଛି । କରିନା ୟୁନିଭରସିଟିରେ ରୁଷ ଭାଷା, ଫାର୍ଶୀ ଓ ଉର୍ଦ୍ଦୁରେ ବି. ଏ. ଅନର୍ସ ପଢ଼ୁଥାଏ ।

ଏ ସମସ୍ତଙ୍କର ଖୁବ୍ ବ୍ୟସ୍ତ ବିବ୍ରତ ଜୀବନ କନଫରେନ୍ସ, ଡ୍ରାମା, ରାଜନୈତିକ ଶୋଭାଯାତ୍ରା ଏମିତି ଅନେକ କିଛିର ବୋଝ ମୁଣ୍ଡାଇ ସେମାନେ ଚାଲନ୍ତି ।

ଏ ବି ଏକ ଦୁନିଆ—ଏହା ଇଣ୍ଡୋ-ପାକିସ୍ତାନୀ ଲଣ୍ଡନ—ଏହି ପ୍ରାଚୀନ ଲଣ୍ଡନ ଭିତରେ ନାନା ପ୍ରକାର କାର୍ଯ୍ୟ ପରିସର ଭିତରେ ପରସ୍ପର ଅଜ୍ଞାତରେ ବିଦ୍ୟମାନ ।

୪୧

ନିର୍ଗୀସ୍‌ର ରୁମ ଭିତରକୁ ଆସି ଚମ୍ପା ଚାରିଆଡ଼କୁ ଦୃଷ୍ଟି ପକାଇଲି । "ମୋ ପାଇଁ ଗୋଟାଏ ଶାଢ଼ି ବାହାର କରି ଦିଅନ୍ତ—ସ୍ନାନାଗାର ଭିତରେ ଥାଇ ନର୍ଗୀସ କହିଲା । ଅନ୍ୟ ଏକ କୋଠରିରେ ଶାନ୍ତା ଗୋଟିଏ ରେକର୍ଡକୁ ବାରମ୍ବାର ବଜାଉଥାଏ । ସେଦିନ ତାର ଗୋଟାଏ ନୂଆ ବହି ଛପା ହୋଇ ଆସିଥାଏ । ବିଲ୍ ତଳେ କୋର୍ଟୟାର୍ଡ଼ରେ 'ଗୁଲ୍‌ଶନ୍' ସାଙ୍ଗରେ ଟହଲୁଥାଏ । ଚମ୍ପା ଆଲମାରି ଖୋଲିଲି । ଇଭିନିଂ ଗାଉନ୍, ଶାଢ଼ି, ଜୋତା ଓ ବ୍ୟାଗ । ଗୋଟିଏ କୋଣରେ ହାତୀ ଦାନ୍ତରେ ଗ୍ରେଟିଆ ମନ୍ଦିରଟିଏ ଥାଏ—ତା ଭିତରେ ଏକ ଗ୍ରେଷ୍ଟ ମୂର୍ତ୍ତି । ଗୋଟିଏ ପାରସୀ ଲୋକ କାହାର ମୂର୍ତ୍ତି ପୂଜା କରନ୍ତି ? ଚମ୍ପା ମନେ ପକାଇବାକୁ ଲାଗିଲି । ସମ୍ଭବତଃ ଜରଥୁସ୍ତ୍ର କି ଅନ୍ୟ କିଛି ।

Digitized by PPRACHIN, SOA

ଆମ ସମସ୍ତଙ୍କ ଚନ୍ଦ୍ରାଘରେ ଗୋଟିଏ ଶ୍ରେଷ୍ଠ 'ଶ୍ରାଇନ୍' ଅଛି—ଯେଉଁଠାରେ କି ଏକ ଅଜଣା ମୂର୍ତ୍ତି ଅଛି । ଏହି ମୂର୍ତ୍ତିର ନାମ ମୋତେ ଜଣାନାହିଁ—ଖ୍ରୀଷ୍ଟ, କୃଷ୍ଣ ଅବା ଜରଥ୍ରୁସ୍ତ । ଏ ମୂର୍ତ୍ତି ଶେଷ ସମୟ ପର୍ଯ୍ୟନ୍ତ ଆମ ଅଜ୍ଞାତରେ ରହିଯିବ । ମଣିଷର ଅନ୍ତିମ ସମୟରେ ଯେତେବେଳେ ତାର ଆଖି ଚିରଦିନ ପାଇଁ ମୁଦ୍ରିତ ହେବାକୁ ଆରମ୍ଭ କରେ ସେତେବେଳେ ତାକୁ କ'ଣ ଦେଖାଯାଏ ତାହା ଖୁବ୍ ଗହନର କଥା । ଏ ଅଜ୍ଞାତ ମୂର୍ତ୍ତି କି ରୂପ ଧାରଣ କରେ କିଏ ଜାଣେ ?

ଶାନ୍ତା ଭିତରକୁ ଆସି ନର୍ଗିସ୍ ପାଇଁ ଝଣ୍ଟେ ଲାଲ ଶାଢ଼ି ବାହାର କଲା । "ଆଲମାରି ବନ୍ଦ କରିଦିଅ । ଆଲମାରି ବନ୍ଦ କରିଦିଅ ।" ଚମ୍ପା ଖୁବ୍ ଜୋରରେ ପାଟିକରି ଉଠିଲା ।

ଶାନ୍ତା ଭିତରକୁ ଆସି ପଚାରିଲା "କାହାକୁ କହୁଛ ?"

"କିଛି ନାହିଁ । ମୁଁ ଭାବୁଥିଲି ଦିନରେ କେତେଥର ନର୍ଗିସ୍ ଏ ଆଲମାରି ଖୋଲେ ?

ଶାନ୍ତା ବିଲକୁଲ୍ କିଛି ବୁଝିପାରିଲାନି ।

"ଏବଂ ତା' ଭିତରୁ ରଙ୍ଗ ବେରଙ୍ଗର ଲୁଗା ବାହାରେ ।"

"ହିଁ କ'ଣ ହେଲା ସେଥିରୁ ?"

"ଆଉ ଅତର ଓ ପ୍ୟାରିସର ସୌଖୀନ୍ ଦ୍ରବ୍ୟ" ଚମ୍ପା କହି ଚାଲିଥାଏ । "ଏ ମୂର୍ତ୍ତି ମନ୍ଦିର ଭିତରେ ଏଇ କୋଣରେ ଅଛି । ଏ ନିଜେ ଆଲମାରି ଗଢ଼ି ତା ଭିତରେ ଲୁଚି ରହିଛି । ତମ ଆଲମାରୀ ଭିତରେ କିଛି ମୂର୍ତ୍ତି ଅଛି ?"

ଶାନ୍ତା ଧ୍ୟାନର ସହିତ ଚମ୍ପାକୁ ଦେଖିବାରେ ଲାଗିଲା । "ତୁମେ କିଛିଟା ପାଗଳୀ ହେଲଭଳି ଲାଗୁଛ ।"

"ହିଁ । ତୁମେ କ'ଣ ପାଗଳୀ ନୁହଁ ?"

"ତୁମ କଥାସବୁ କ୍ରମେ ଶୁଦ୍ଧଜ୍ଞାନର ନିକଟବର୍ତ୍ତୀ ହୋଇ ଉଠୁଛି । ଏଭଳି ଆଗକୁ ଟିକେ ଗଲେ ଖୁବ୍ ଦୁଃଖର କଥା ହେବ କିନ୍ତୁ"—ଶାନ୍ତା ଉତ୍ତର ଦେଲା ।

ସୁରେଖା ଧଳା ଶାଢ଼ି ପିନ୍ଧି, ବାଳକୁ ତଉଲିଆରେ ଗୁଡ଼ାଇ ବାହାରେ ଠିଆ ହୋଇ ବଗିଚା ଆଡ଼କୁ ଚାହିଁଲା ।

"ଅପୂର୍ବ ! ଜୀବନର ଏ ଏକ ଅଫୁରନ୍ତ ପ୍ରକାଶ !" ଉପରକୁ ହାତ ଟେକି ବିହ୍ୱଳ ହୋଇ ସୁରେଖା କହି ଉଠିଲା ।

"ସୁରେଖା ମୋ ପାଇଁ ଖୁସି ଓ ଆନନ୍ଦର ପ୍ରତୀକ । ଏଇ ପ୍ରତୀକ ଭିତରେ ରହସ୍ୟ ଲୁକ୍କାୟିତ ଅଛି ତୁମେ ମାନୁଛ ତ ?" ଚମ୍ପା ଶାନ୍ତାକୁ ପଚାରିଲା ।

"ଜୀବନ ମୋ ଆଗରେ ସଙ୍କୁଚିତ ହୋଇ ଠିଆ ହୋଇଛି । ଧଳା ଶାଢ଼ି ପିନ୍ଧି ସେ ହସୁଛି । ଗୁଣୁ ଗୁଣୁ ହୋଇ ଗୀତ ବୋଲୁଛି, ସେ ପୁଣି ଡରୁଛି, ଅଥଚ ନିଜେ ସେ

Digitized by PPRACHIN, SOA

ସାହସୀ ଅଥଚ ଭୟାର୍ତ୍ତ। ପ୍ରତିଟି ଶବ୍ଦ ଦୁଇ ଦୁଇଟି ଅର୍ଥ ସୃଷ୍ଟିକରୁଅଛି ଏବଂ ପରସ୍ପର ବିପରୀତ ଅର୍ଥବୋଧକ ମଧ୍ୟ।

ମୁଁ ଥରେ ଗୌତମକୁ କହିଥିଲି, "ଆମେ ଦୁହେଁ ସର୍ବଦା ଭିନ୍ନ ରହିବା।"

"ଗୌତମ ଏବେ ବି ସର୍କୁଲେଶନରେ ଅଛି ?" ଶାନ୍ତା ଉଚ୍ଚସ୍ୱରରେ ପଚାରିଲା।

"କିଣ କହିଲ ?" ଚମକି ପଡ଼ିଲା ଚମ୍ପା।

"ମୋର କହିବା ଉଦ୍ଦେଶ୍ୟ" ଶାନ୍ତା ସିଗାରେଟ୍ ଜଳାଇ ଚମ୍ପାକୁ ଚାହିଁଲା ଯେମିତି ଚମ୍ପା ଏକ ଖୋଲା ପୁସ୍ତକ ଭଳି ସାମନାରେ ଅଛି ଯାହାକୁ ଏଇ ଅଳକ୍ଷଣ ପୂର୍ବରୁ ଶାନ୍ତା ଅଧ୍ୟୟନ କରିସାରିଛି। "ମାନେ...ସେ ଏବେବି ସର୍କୁଲେସନ ପରିସର ଭିତରେ ଅଛି ନା ତାକୁ ପଢ଼ିସାରି ଲାଇବ୍ରେରି ସେଲଫ୍ ଭିତରେ ରଖିଦିଆହୋଇଛି ?"

"ଜାଣେନା।"

"ତମର ସଭ୍ୟପଦର (ଲାଇବ୍ରେରିରେ) କାର୍ଯ୍ୟକାଳ କଅଣ ଶେଷ ହୋଇଗଲାଣି ?"

ଶାନ୍ତା କେବଳ କେବଳ ଗର୍ବୀ ନୁହେଁ, ନୀଚ ପ୍ରକୃତିବିଶିଷ୍ଟା ମଧ୍ୟ।

"ଏ ପ୍ରଶ୍ନ ମୁଁ ତମକୁ ବି ପଚାରିପାରେ"—ଚମ୍ପା କହିଲା।

ଶାନ୍ତା ଏକ ଉଦାସ ହସ ହସିଲା। ତା'ର ଗର୍ବଭରା ମୁରୁକିହସ, ଚଲାଚଲି, ବେଶଭୂଷା ଏକଦା ଚମ୍ପା ଅନୁକରଣ କରିବାରେ ଲାଗିଥିଲା। ଖୁବ୍ ସୁନ୍ଦର ଜୀବନ, ବେଶ୍ ଲୋକପ୍ରିୟା। ସେ କାହିଁକି ଶାନ୍ତା ମାଳାମ୍ବର ଭଳି ହୋଇ ପାରିବନି ? ଶାନ୍ତା ସ୍ଥିର ଦୃଷ୍ଟିରେ ଚମ୍ପାକୁ ଦେଖିଲା। "ମୁଁ ଏହାର ସ୍ୱପ୍ନ ଭାଙ୍ଗିବାକୁ ଚାହୁଁ ନଥିଲି। ଅସୁବିଧା ଏଇ ଯେ, ସେ ଥିଲା ଜଣେ ସ୍ୱପ୍ନଦ୍ରଷ୍ଟା କବି।"

"ଆଚ୍ଛା ଏ କଥା ତ ମୋତେ ଜଣା ନଥିଲା।" ଚମ୍ପା ବ୍ୟଙ୍ଗ ସ୍ୱରରେ କହିଲା !

"ତୁମେ ଏ କଥା ଜାଣିପାରି ନଥାନ୍ତ। ସ୍ୱାର୍ଥପର ଭାବେ ତୁମେ ନିଜ ସ୍ୱପ୍ନର ସଂସାର ଭିତରେ ଆବଶ୍ୟକତାଠାରୁ ଅଧିକ ବୁଡ଼ି ରହିବାକୁ ବେଶୀ ପସନ୍ଦ କର। ମଣିଷ କେତେଟା ତ୍ୟାଗ ଆଶା କରେ। ଆପଣାକୁ ବଳି ଦେବା ବିନା, ତୁମେ ତାକୁ ପାଇବା ସମ୍ଭବ ନୁହେଁ। ନିଜର ଶିକ୍ଷା ସମାପ୍ତି ପୂର୍ବରୁ ତୁମେ ପ୍ୟାରିସରୁ କାହିଁକି ଏଠାକୁ ଚାଲି ଆସିଲ ? ଏଇଥିପାଇଁ ଯେ ଗୌତମ ଏଠାରେ ଅଛି ?"

"ବାଜେ କଥା ବନ୍ଦ କର—ଏକଥା ତମକୁ କିଏ କହିଲା ?" ଚମ୍ପା ଭୟଙ୍କରଭାବେ ରାଗିଗଲା। ବର୍ତ୍ତମାନ ସେ ନିଜକୁ ଅଧିକ ଅପମାନିତ କରିବାକୁ ଚାହୁଁ ନଥିଲା।

"ଏ ତ ଠିକ୍ ଜଙ୍ଗଲି ବିଡ଼ାଳର ପଛରେ ଦୌଡ଼ିଲା ସଙ୍ଗେ ସମାନ"—ଶାନ୍ତା ଲଳିତ କଣ୍ଠରେ କହିଲା।

"ତୁମେ କାହାଣୀ ଲେଖୁଛ ନା ? ସେଇଥିପାଇଁ ତୁମେ ନିଜର କଳ୍ପନାକୁ ମୋତେ

Digitized by PPRACHIN, SOA

କେନ୍ଦ୍ର କରି ଲଗାମଛାଡ଼ କରି ଲମ୍ବାଇ ଦେଇଛ ।" ଚମ୍ପା କହିଲା ।

"ଆଉ ଏବେ ବିଲ୍ଡ଼ ତମକୁ ବିଲ୍ଡ଼ ଅପ୍ (build up) କରିବାକୁ ଚାହେଁ—" ଶାନ୍ତା ଲଳିତ କଣ୍ଠରେ ତା'ର କଥା ସମାପ୍ତ କଲା ଓ କାନ୍ଥରେ ଲଟକାଯାଇଥିବା ଚିତ୍ର-ଗୁଡ଼ିକୁ ଦେଖିବାକୁ ଲାଗିଲା—ଚିତ୍ରମୀନା ରଜା, ନିର୍ମଳା ଶ୍ରୀବାସ୍ତବ ଓ ଶାନ୍ତା ନେଗି ।

"ଆଚ୍ଛା, ଏଇ କଥା ନା ! ଚମ୍ପା ନିଜର କୋଟ୍ ଓ ବ୍ୟାଗ ଉଠାଇଲା । ମୋତେ ଅପମାନିତା କରିବାକୁ ତମେ ସବୁ ଚାହୁଁଛ ? ଆଚ୍ଛା—ମୁଁ ଯାଉଛି । ନରଗିସ୍, ସୁରେଖା, ଶାନ୍ତା—ମୁଁ ସମ୍ଭବତଃ କାଲି ଅଫିସ ଆସିବିନି—କେବଳ କାଲି କାହିଁକି—ମୁଁ ଆଉ ତମ ଅଫିସକୁ କେବେ ଆସିବିନି—ଗୁଡ଼୍ ନାଇଟ !"

ବାହାରକୁ ଆସି ଦେଖିଲା ଘରଗୁଡ଼ିକର ଝର୍କା ସବୁ ବର୍ଷାଚ୍ଛନ୍ନ ଦିଶୁଛି । ନୁକ୍କଡ଼ ଫୁଲ ବିକାଳୀ ବୁଢ଼ୀ ବର୍ଷାରୁ ରକ୍ଷା ପାଇବାକୁ ବ୍ୟସ୍ତ । ଚମ୍ପା ନିଜ ଫ୍ଲାଟରେ ପହଞ୍ଚିଲା । ଘରେ ସ୍ତ୍ରିଲ୍ ଦେଇଥିବା ଚିଠିଟି ପାଇଲା । ସ୍ତ୍ରିଲ୍ ଲେଖିଥିଲା—'ନ୍ୟୁ ହୋମ୍'ରେ ତମର ଆଡ଼ମିଶନ୍ ହୋଇ ଯାଇଛି । ସେପ୍ଟେମ୍ବର ବେଳକୁ ତୁମେ ଆସି ଏଠାରେ ରହିପାର । ଏହି ଗ୍ରୀଷ୍ମ କେତେ ମାସ ଇଟାଲି ବା ସ୍ପେନର କୌଣସି ସୌଖୀନ ସହରରେ ବିତାଇ ଆସ । ମୁଁ ଉତ୍ତରକୁ ଯାଉଛି । ରୋଜମାରୀ ଅସୁସ୍ଥ ।"

ରୋଜମାରୀ ? ଚମ୍ପା ପ୍ରଶ୍ନଭରା ଦୃଷ୍ଟିରେ ଚିଠିର ଶେଷ ଧାଡ଼ିଟିକୁ ବାରମ୍ବାର ଦେଖୁଥିଲା ।

୪୨

'କୋହିନୂର'ର ଏକ ଝିଡ଼କି ପାଖରେ ଗୌତମ ନିର୍ମଳା ସାମନାରେ ବସି ବାହାରେ ହେଉଥିବା ବର୍ଷାକୁ ଚାହିଁଥିଲା । କମାଲ୍ ଜଣେ ବନ୍ଧୁ ସଙ୍ଗେ ଆଳାପ କରିବାପାଇଁ ଆଉ ଏକ ଟେବୁଲ ପାଖକୁ ଚାଲିଯାଇଥିଲା ।

"ତୁମେ ଚମ୍ପା ବିଷୟରେ ଯେଉଁକଥା କହିଲ ତା' ଶୁଣି ବାସ୍ତବିକ୍ ମୁଁ ଦୁଃଖିତ ।" ଗୌତମ କହିଲା । ସେ ଏ ପର୍ଯ୍ୟନ୍ତ ଚମ୍ପା ବିଷୟରେ ଭାବୁଥିଲା । ନିର୍ମଳା ନିଜର ଅଶ୍ରୁ ଲୁଚାଇବାକୁ ଚେଷ୍ଟା କରୁଥିଲା । ଏଇ ଗୌତମ କିଛି ସମୟ ତଳେ ନିର୍ମଳା ସାଙ୍ଗରେ ବିବାହ ପ୍ରସ୍ତାବ କରିଥିଲା । ସେ ଚୁପ୍ ହୋଇ ବସିରହିଲା ।

"ଆମେ ତୁମେ ସମସ୍ତେ ମିଶି ଚମ୍ପା ପ୍ରତି ନ୍ୟାୟ ବିଚାର କରିନାହୁଁ । ଆମେ ତାକୁ

Digitized by PPRACHIN, SOA

ସବୁବେଳେ ଭୁଲ ବୁଝି ଆସିଛେ ।" ଗୌତମ ନିର୍ମଳାକୁ ବୁଝାଇବାକୁ ଯତ୍ନ କରୁଥିଲା । ସେ କେବେ ଭାଇ ସାହେବ ଓ ଅପର୍ଣ୍ଣା ମଧ୍ୟରେ ଠିଆ ହେବାକୁ ଚାହିଁ ନଥିଲା ।

"ଯା' କିଛି ହେଉ, ମୋ ମତରେ ଆଉ ଚମ୍ପାବାଜା ସମ୍ପର୍କରେ ଆଲୋଚନା କରିବା ନିରର୍ଥକ ।" ବ୍ୟାଗ ଭିତରୁ କିଛି ଖୋଜିବାର ଛଳନାକରି ନିର୍ମଳା କହିଲା । "ତମ ଦୃଷ୍ଟିରେ ଚମ୍ପାବାଜା ପରଫେକ୍ଟ (Perfect) । ମାତ୍ର ତୁମେ ଭୁଲିଯାଉଛ ଯେ ଆମେ ଚମ୍ପାବାଜାକୁ ପିଲିଟି ଦିନୁ ଜାଣୁ ।"

"କ'ଣ ପିଲାଦିନୁ ଜାଣିବାଟା ବଡ଼କଥା ? ତମେ ସବୁ ପିଲା ଦିନର କଥା ଉପରେ ଖୁବ୍ ଗୁରୁତ୍ୱ କାହିଁକି ଦିଅ ମୁଁ ବୁଝି ପାରେନା । ଯେଉଁମାନେ ଚମ୍ପାକୁ ବା ତମ ସଭିଙ୍କୁ ପିଲାଦିନୁ ନ ଜାଣିଛନ୍ତି ସେମାନେ ସମସ୍ତେ କ'ଣ ଗଧ ?"

ଗୌତମ ମାନବିକ ଚରିତ୍ରର ଜଣେ କଠୋର ସମାଲୋଚକ, ଚମ୍ପାଭଳି ଝିଅଟାକୁ ବି ପରଫେକ୍ଟ କହିପାରେ । ଭଗବାନ ଜାଣନ୍ତି—ନିର୍ମଳା ଭାବୁଥିଲା ।

"ନିର୍ମଳା ! ମୁଁ ତମର ଭୁଲଧାରଣା ଦୂର କରିବାକୁ ଚାହେଁ । ମୋର ଚମ୍ପା ସାଙ୍ଗରେ କ'ଣ ଅଛି ? ମୁଁ ଖୁବ୍ ଫଟିଚର, ତୁମେ ଠିକ୍ କହୁଛ । ମାତ୍ର ମୁଁ ତମକୁ ବିବାହ କରିବାକୁ ଚାହେଁ ।

"ବଦଳରେ ? ନା, ମୁଁ ଦୁଃଖିତ ଗୌତମ"—

"ନିର୍ମଳା ମୋତେ ବୁଝିବାକୁ ଚେଷ୍ଟାକର ।" ଖୁବ୍ ଦୟନୀୟ କଣ୍ଠରେ ଗୌତମ କହୁଥିଲା । କିଏ କହେ ପୁରୁଷ ପୁଅ ବେଶ୍ ହୁସିଆର ବୋଲି ? ତା'ଠୁ ବେଶୀ ମୂର୍ଖ ଆଉ କିଏ ହୋଇପାରେ ? ମେଜ ଉପରେ ବସି ନିର୍ମଳା ଭାବୁଥିଲା, ସେ ଯେମିତି କ୍ରମେ ଉପରକୁ ଉପରକୁ ଉଠିଯାଉଛି । ସେ ଗୌରବବୋଧରେ ବିହ୍ୱଳିତା । ମନେହେଲା ଏ କୃତ୍ରିମ ଆଲୋକ ଲିଭାଇଦେଇ ଅନ୍ଧାରରେ ଚାଲିଯିବ କୁଆଡ଼େ, ଉପରକୁ ଉପରକୁ । ସେଇଠୁ ବସି ସେ ବାହାରକୁ ଚାହିଁବ । ଏବେ ସେ 'ସୁଲେମାନୀ ଟୋପି' ପିନ୍ଧିବ । ଏଇ ସୁଲେମାନୀ ଟୋପି ପିନ୍ଧିବାର ରୋମାଞ୍ଚକର କଥା ଗୁଲ୍‌ଫେଶାଁ ମହଲର ସର୍ବେଣ୍ଟ କ୍ୱାଟରର କାଦର ଡ୍ରାଇଭର ବୁଢ଼ାଠୁ ଶୁଣିଥିଲା ।

ଏ ସୁଲେମାନୀ ଟୋପି ଖୁବ୍ କମ୍ ଲୋକଙ୍କର ଭାଗ୍ୟରେ ମିଳେ । ମୁଁ ତମ ପ୍ରତି କୃତଜ୍ଞ ଶ୍ରୀ ନୀଳାମ୍ବର । ମୁଁ ବଡ଼ ହେବାରେ ତୁମେ ସାହାଯ୍ୟ କରିଛ ଓ ସୁଲେମାନୀ ଟୋପି ପିନ୍ଧିବାର ବାଟ ସଫା କରିଛ । ଆହାଃ ! ମୁଁ ତୁମକୁ ବାହା ହୁଅନ୍ତି କି ! ମାତ୍ର ମୋର ବେଶ୍ ବୁଦ୍ଧିଶୁଦ୍ଧି ହୋଇଛି । ଚମ୍ପା ଅହମ୍ମଦକୁ ଉପାସନା କରିଚାଲ ଗୌତମ ! ସଂଭବତଃ ତମକୁ ମୁକ୍ତିର ମାର୍ଗ ମିଳିଯିବ ।

ସେଇଦିନ ଏକ୍ସରେ ରିପୋର୍ଟରୁ ଜଣାଗଲା ଯେ ନିର୍ମଳା କ୍ଷୟ ରୋଗ ସନ୍ଦେହମିଶ୍ରିତ ।

Digitized by PPRACHIN, SOA

୪୩

ଯେଉଁ ବର୍ଷ ଚମ୍ପା କେମ୍ବ୍ରିଜ୍‌ରେ ପଢ଼ୁଥିଲା, ସେଇବର୍ଷ ଡଲ୍‌ଅଭ୍ ଓ ନିର୍ମଳା ସେଠୁ ଚାଲିଯାଇଥାନ୍ତି । ସେ ଏବେ ବଡ଼ ବଡ଼ ଇଂରାଜୀ ଝିଅଙ୍କ ଭଳି କଥା କହୁଛି । କେମ୍ବ୍ରିଜର ବେପରବାୟ ପରିବେଶ ବି ତାକୁ ବେଶ୍ ସୁହାଇଛି । ଅଇନା ସାମନାରେ ଠିଆହୋଇ ସେ ଭାବେ—ଚମ୍ପା ଆହମ୍ମଦ କେଉଁଠି ଯାଇ ରହିଲା ? ଚମ୍ପା ଆହମ୍ମଦ ତ ଏକ ଦେବମାଳା, ହିତୋପଦେଶର ଏକ ଦୃଷ୍ଟାନ୍ତ ହୋଇପାରିଛି । ସେ ବସନ୍ତ-କଲେଜ ବନାରସବାଲୀ ଚମ୍ପା କେଉଁଠି ? କିମ୍ବା ସେଇ ଝିଅ ଯାହାକୁ ଅମୀର ରଜା 'ଗୁଲଫିଶାର କୋଠରିରେ ତରକାରି ରାନ୍ଧୁଥିବାର ଦେଖିଥିଲେ । ଅମୀର ରଜାର କଥା ଆଜି ତାକୁ ହାସ୍ୟାସ୍ପଦ ଲାଗୁଛି । ସେ ଫିଲ୍ମ୍‌ଷ୍ଟାରଙ୍କ ଖବର ରଖୁଥିବା ଜଣେ ଡିପ୍ଲୋମାଟ୍, ଯାହାର ସବୁଠାରୁ ବଡ଼ କାମ ହେଲା କେଉଁଦିନ କେଉଁ ଝିଅକୁ ନେଇ ସିନେମା ଦେଖିଯିବା ଠିକ୍ ହେବ ।

ଏକ ଛୁଟି ଦିନରେ ଥରେ ଚମ୍ପା କେତେକ ପୁଅଝିଅଙ୍କ ମେଳରେ ବସି ମଫସଲ ଅଞ୍ଚଳର ଏକ ଚା' ଦୋକାନକୁ ଲାଗିଥିବା ବଗିଚାରେ ବସିଥାଏ । ଜଣେ ଇଟାଲୀୟ ଯୁବକ 'ଏଞ୍ଜେଲ୍' ତଳେ ବସି ଗିଟାର୍ ବଜାଉଥାଏ । ପାଖରେ 'ମାଇକେଲ' ଆରାମ ଚେୟାର ଉପରେ ବସି ଫୁଲଟିଏ ଶୁଂଘୁଥାଏ । ସେଦିନ ସେ ଲଣ୍ଡନ ଛାଡ଼ି ଇସରାଏଲ୍ ଯାଉଥିବା କଥା ଘୋଷଣା କରିଥାଏ । ସେ ଏଇ କେତେ ଘଣ୍ଟା ଧରି ଜାତୀୟତା ସମସ୍ୟା ବିଷୟରେ ଯୁକ୍ତିକଲାପରେ ଥକା ପଡ଼ି ଚା'ର ପ୍ରତୀକ୍ଷା କରୁଥାଏ—"ମୁଁ ଏଇ ସୁନ୍ଦର ସବୁଜ ଇଂଲଣ୍ଡ ଛାଡ଼ି ଇସରାଏଲ୍‌ର ମରୁଭୂମିରେ ପଥରଭାଙ୍ଗି ସଡ଼କ ନିର୍ମାଣ କରିବି"—ମାଇକେଲ୍ କହିଲା ।

ସିରିଲ୍ ତାକୁ ଲକ୍ଷ୍ୟ କରି କହିଲା, "ହଁ ମାଇକେଲ, ତୁମେ ନିଶ୍ଚୟ ସେଇଆ କରିବ—ମୁଁ ଜାଣେ ।" ୟୁନିଭରସିଟିର କେତେକ ଯୁହୁଦି ପ୍ରଫେସର, ବୈଜ୍ଞାନିକ, ସଙ୍ଗୀତକାର ସେଇ ସମୟରେ ଇସ୍ରାଏଲ୍‌ରେ ପଥର ଫଟାଇ ରାସ୍ତା ନିର୍ମାଣ କରୁଥାନ୍ତି ।

Digitized by PPRACHIN, SOA

ଗୃ' ଦୋକାନର ସାମନା ଫାଟକ ପାଖରେ କାର୍‌ଟାଏ ଆସି ରହିଲା । ସେଥିରୁ ଗୌତମ ନୀଳାମ୍ବର, କମାଲ ଓ ଅନ୍ୟାନ୍ୟ କେତେଜଣ ଓହ୍ଲାଇ ଦୋକାନଆଡ଼କୁ ଚାଲିଲେ । ସେମାନେ ବଗିଚାରେ ବସିଥିବା ଏ କେତେଜଣଙ୍କୁ ଦେଖିନଥିଲେ ।

"ନୂଆ ବର୍ବର ଧାରା ମଧ୍ୟରେ ଯୋନଜମ୍ ସବୁଠାରୁ ବେଶୀ ଭୟାନକ ।" ସ୍ନିଲ୍ ମାଇକେଲକୁ କହିଲା । ତୁମର ଜୈନଜମ୍ ପାକିସ୍ତାନୀମାନଙ୍କ ଇସଲାମ୍—ଏବଂ ପ୍ରାଚୀନ ଭାରତୀୟ ସଂସ୍କୃତିର ପୁନରୁତ୍ଥାନ କରିବାକୁ ବସିଥିବା ଗୋଷ୍ଠୀର ସାମ୍ପ୍ରଦାୟିକତା···"

"ଆର୍ଥିକ ସମସ୍ୟାରେ ଧର୍ମର ସମ୍ପର୍କ କ'ଣ ଏକଥା ପାକିସ୍ତାନୀମାନେ ବୁଝି ପାରନ୍ତି ନାହିଁ ।" ଗୁଲଶନ୍ କହିଲା ।

"ବିରକ୍ତାନୁଭୂତିର ମନସ୍ତତ୍ତ୍ୱ"—ଡେନିସ୍ କହିବାକୁ ଆରମ୍ଭ କଲା, "ଆଜିର ଦୁନିଆ ଅସହିଷ୍ଣୁବୋଧ ଉପରେ ତିଷ୍ଠି ରହିଛି । ଏ ପୃଥିବୀ ପ୍ରେମ ଉପରେ ପ୍ରତିଷ୍ଠିତ ବୋଲି କହି ଯିଶୁ ଭୁଲ କରିଛନ୍ତି । ଆମେ ଠିକ୍ ଜଙ୍ଗଲୀ ପଶୁ ଭଳି ପରସ୍ପରକୁ ଖାଇଯିବାକୁ ତିଆର ।"

"ଯଦି ଦିନକ ପାଇଁ ଏ ସାରା ପୃଥିବୀରେ ପ୍ରଚାରକ ମିଶନାରୀମାନେ ବନ୍ଦ ହୋଇଯାନ୍ତେ ତେବେ କେତେ ଶାନ୍ତି ନ ମିଳନ୍ତା ସତେ"—ଚମ୍ପା ଆସ୍ତେ କହିଲା ।

"ଏହା କିପରି ସମ୍ଭବ ! ଆମେ ଦୁଇଓଳି 'ଗୋଏବେଲସ୍'ଙ୍କ ଫଟୋ ଉପରେ ଫୁଲ ଚଢ଼ାଇବା ଉଚିତ । ତୁମେ କ'ଣ ମହାତ୍ମାଗାନ୍ଧିଙ୍କ କଥା କହୁଛ ? ଆମ ଯୁଗର ସବୁଠାରୁ ବଡ଼ ଭବିଷ୍ୟତ ଦ୍ରଷ୍ଟା ହେଉଛନ୍ତି ଗୋଏବେଲସ୍ । ଡକ୍‌ଟର ଗୋଏବେଲସ ଜିନ୍ଦାବାଦ"—ଗୁଲଶନ୍ କହିଲା ।

ଡେନିସ୍ ପୁଣି ନୀରବତା ଭାଙ୍ଗିଲା । ପ୍ରକୃତରେ ଆମ ଅବଚେତନ ମନରେ ଆମେ ସବୁ ଫାସିଷ୍ଟ୍ । ଆମେ ସବୁ ନୃଶଂସ ଓ ମୃତ୍ୟୁ କାମନା କରୁ । ମୁଁ ସେମାନଙ୍କର "ମୃତ୍ୟୁର ଆକାଂକ୍ଷା" ଅର୍ଥ ଖୁବ୍ ଭଲଭାବେ ବୁଝେ ।

"ମୁଁ ତ ଚାହେଁନି ଯେ ଏ ବଗିଚାଟିକୁ ଧ୍ୱଂସ କରାଯାଉ"—ଚମ୍ପା ବିଚଳିତ ହୋଇ କହି ଉଠିଲା । ଆମେ ସବୁ ଅଦୃଶ୍ୟ ଫାସିଷ୍ଟ । ଆମ ସଭିଙ୍କ ହାତରେ ଅଦୃଶ୍ୟ ମେସିନଗନ ରହିଛି ଏବଂ ଆମେ ଏଗୁଡ଼ିକର ମୁହଁ ସବଦା ଅନ୍ୟ ପାଇଁ ଉଦ୍ଦିଷ୍ଟ ରଖିଛୁ—ଏ ହେଉଛି ବର୍ବର ବିବେଚନାର ମେସିନଗନ୍ । କେବଳ ବୃଦ୍ଧା ମହିଳାଗଣ ଶାନ୍ତିକାମନା କରିଥାନ୍ତି । ଏ ପୃଥିବୀ କିନ୍ତୁ ଯୁବକମାନଙ୍କର । ବୃଦ୍ଧା ମହିଳା ଏ ପୃଥିବୀର ଅନାବଶ୍ୟକ । ଡେନିସ୍ ଚମ୍ପାକୁ ଚାହିଁଲା । ବିଚାରୀ ଗୋଟିଏ ବୁଢ଼ୀ ଓ ଦୁଃଖି ମାଆ ଭଳି ଦେଖାଯାଉଥିଲା ।

"ମୋତେ ସବଦା ନଷ୍ଟ କରି ଦିଆଯାଉଛି ।" ମାଇକେଲ ମୁଣ୍ଡ ଉଠାଇ କହିଲା ।

Digitized by PPRACHIN, SOA

"ମୁଁ କିନ୍ତୁ ବନ୍ଧୁମାନଙ୍କର ଶବ ଉପରେ ବସି ତମମାନଙ୍କ ପାଇଁ କବିତା ଲେଖିଲି । ବିଚାରର ଦୀପ ଜଳାଇଲି । ମୁଁ କଣ ଜଙ୍ଗଲୀ ପଶୁ ? ମୁଁ କେବଳ…"

"ପଥର ଫଟାଇବାକୁ ଚାହଁ"—ଡେନିସ୍ କଥା ଛଡ଼ାଇ ନେଇ କହିଲା । "ଆମେ ତମକୁ ଏଥିପାଇଁ ଅନୁମତି ଦେଇଛୁ ମାଇକେଲ୍ । ତୁମେ ତୁମର ରାସ୍ତାରେ ଆଗେଇ ଚାଲ ।"

"ଅନ୍ୟର ଇଚ୍ଛା ଉପରେ ଅଧିକାର ସାବ୍ୟସ୍ତ କରି ତାକୁ ବରବାଦ କରିବା ହେଉଛି ସବୁଠାରୁ ବଡ଼ ଅପରାଧ । ମୁସାଙ୍କ ଦଶ ଆଦେଶ ଭିତରେ ଏହି ଅପରାଧର ଚର୍ଚ୍ଚା କେଉଁଠି ହୋଇନାହିଁ । ସେଇଥିପାଇଁ ମୁଁ ତୁମକୁ ଅନୁମତି ଦେଉଛୁ ।" ସିଲ୍ କହିଲା । ଏଞ୍ଜେଲ ଗିଟାରକୁ ଗୋଟିଏ ପାଖରେ ରଖିଦେଇ କହିଲା, "ମାଇକେଲ ତୁମେ ଇହୁଦୀ, ତାଛଡ଼ା ତୁମେ ଜଣେ ଇଂରେଜ ମଧ୍ୟ । ତୁମେ ମୋର ଏ ସୁନ୍ଦର ସହର ଉପରେ ଧ୍ୱଂସର ଜାହାଜରେ ଉଡ଼ି ବରବାଦ କରିଛ । ତଥାପି ତୁମକୁ ମୁଁ କ୍ଷମା କରୁଛୁ ।"

ସୁରେଖା କହିଲା, "ମାଇକେଲ, ତୁମେ ଇହୁଦୀ ଅଟ, ତା' ଛଡ଼ା ଇଂରେଜ ମଧ୍ୟ ଅଟ । ଏଇଥିପାଇଁ ତୁମେ ନିଜକୁ ଆମଠାରୁ ବଡ଼ ମନେକରୁଛ, ଏବେ ତୁମେ ଖୁବ୍ ଉତ୍ସାହରେ ଏସୀୟ ଅଧିବାସୀ ହେବାକୁ ଯାଉଛ । ତଥାପି ଆମେ ତମକୁ କ୍ଷମା କରି-ଦେଉଛୁ ।"

ତାପରେ ଉଦାସ ଓ ନୀରବତା ଘେରିଗଲା । ଗଛ ଗହଳରେ ପ୍ରଜାପତି ଉଡ଼ୁଥାନ୍ତି । ସାମନା ନଦୀ ଉପରେ ଡଙ୍ଗାଟାଏ ଚାଲିଗଲା । ଏନ୍‌ଜେଲ୍ ପୁଣି ଗିଟାର ବଜାଇବା ଆରମ୍ଭ କରିଦେଲା ।

ଗୌତମ ଓ ତାର ଅନ୍ୟ ସାଥିମାନେ କାରରୁ ଓହ୍ଲାଇ ଚା' ଦୋକାନ ଭିତରକୁ ଗଲେ । ସେମାନେ ସମସ୍ତେ ଚା' ମଗାଇଲେ । ଗୌତମ କିଛି ଚିଠି ପୋଷ୍ଟ କରିବାକୁ ଓ୍ୱେଟର୍ ହାତରେ ଦେଲା । ସେ ଲଣ୍ଡନରୁ ଆସିଥିଲା ଏବଂ 'ଲଡ଼୍‌ହର୍ଷ୍ଟ' ଯିବାକୁ ପ୍ରସ୍ତୁତ ହେଉଥାଏ । ସାଙ୍ଗରେ ତାର ବିଲ୍ ଆଉ ଶାନ୍ତା; ତଲ୍‌ଅତ ଓ ନର୍ଗିସ୍ ମଧ୍ୟ, ସେମାନେ କୌଣସି ଆନ୍ତର୍ଜାତିକ ସମସ୍ୟା ଉପରେ ଆଲୋଚନା କରୁଥାନ୍ତି । କମାଲ୍ ଝର୍କା ଦେଇ ବଗିଚାକୁ ଚାହିଁଲା (ନିକଟରେ ନଦୀ ବହି ଯାଉଛି) ।

"ବାହାରେ ଚମ୍ପାବାଜୀ ଓ ସିଲ୍ ପ୍ରଭୃତି ବସିଛନ୍ତି"—ତଲ୍‌ଅତ୍ ଝର୍କା ପାଖକୁ ଆସି କହିଲା ।

Digitized by PPRACHIN, SOA

ଏମାନେ ସମସ୍ତେ ନିର୍ମଳାକୁ ଦେଖିବାକୁ ଯାଉଥାନ୍ତି । ସାନଟୋରିଅମ୍‌ରେ ନିର୍ମଳା ରହିବାର ତୃତୀୟବର୍ଷ ଚାଲିଥାଏ । ତା'ର ସେତେବେଳକୁ ଅପରେସନ୍ ସରିଥାଏ । ସେ ଅଳ୍ପ କିଛି ଦିନ ଭିତରେ ସମ୍ପୂର୍ଣ୍ଣ ଭଲ ହୋଇଯିବ ବୋଲି ଡାକ୍ତର ସାର୍ ରେନାଲଡ଼୍‌ ଗ୍ରେ କହୁଥାନ୍ତି । ଶନିବାର ଦିନ ତା'ର ବନ୍ଧୁମାନେ ଲଣ୍ଡନରୁ ତାକୁ ଦେଖିବାକୁ ଆସନ୍ତି । ଗୌତମକୁ ଯେତେବେଳେ ସମୟ ମିଳେ ସେ ଡଲ୍‌ଅତି ଓ କମାଲ ସାଙ୍ଗରେ ପ୍ରାୟ ଯାଏ । ଅପରେସନ୍ ବେଳକୁ ହରିଶଙ୍କର ମଧ୍ୟ ଓ୍ୱାଶିଂଟନରୁ ଆସିଥିଲି । ଗୌତମ ନିର୍ମଳାର ସ୍ୱାସ୍ଥ୍ୟ ବିଷୟରେ ବିଶେଷ ଖବର ରଖୁଥିଲା । ସେ ଦୁହେଁ ଚମ୍ପା ବିଷୟରେ କେବେ କଥା ହୁଅନ୍ତିନି । ଜୀବନ ଏତେ ଜଞ୍ଜାଳମୟ, ଏତେ ବ୍ୟସ୍ତ, ଏତେ ବିଙ୍କାଟଙ୍କା ଆଉ ଏତେ ଅର୍ଥହୀନ ଯେ ମନୁଷ୍ୟ ତାର ସମସ୍ତ ପରିଚିତଙ୍କ ସହିତ ପୂର୍ଣ୍ଣ ସମ୍ପର୍କ ରଖିପାରେ ନାହିଁ । ଏତେ ସମୟ ମଧ୍ୟ ନଥିଲି ।

ଗୌତମ ବର୍ତ୍ତିମାନ ଖୁବ୍ ପ୍ରସିଦ୍ଧ ହୋଇ ସାରିଥିଲି । ସେ ହିନ୍ଦୁସ୍ତାନର ବୈଦେଶିକ ନୀତି ଓ ଆର୍ଥିକ ସମସ୍ୟା ବିଷୟ ନେଇ ଦୁଇଟି ବହି ଲେଖିଥିଲି ଏବଂ ଏହା ଖୁବ୍ ଆଦୃତ ହୋଇଥିଲା ।

ନିର୍ମଳାର ଅସୁସ୍ଥତା ଗୌତମ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଦେଲାବୋଲି କହିବାକୁ ହେବ । ଗୌତମ ଗଭୀର ଅନ୍ତର୍ଦୃଷ୍ଟିରେ ନିଜକୁ ବିଗ୍ଭର କରିବାକୁ ଯଥେଷ୍ଟ ଅବସର ପାଇଲା । ତା ନିଜ ମନରେ କାହାପ୍ରତି ଅନୁରକ୍ତ ଅଛି ତାହା ତା' ପକ୍ଷରେ ଜାଣିବା ସମ୍ଭବ ନୁହେଁ । ଯଦିବା ଜଣାଥିଲା—ଅନ୍ୟ ପାଖରେ ତାହା ଥିଲା ରହସ୍ୟମୟ ।

ଜୀବନ ସାଙ୍ଗରେ ଥଟ୍ଟା ଖେଳା ଯାଇ ନପାରେ । ହୃଦୟ ଭଳି ମହାନ୍ ବସ୍ତୁ—ତା ସାଙ୍ଗରେ ଥଟ୍ଟା କରିଯାଇ ପାରେନା ।

ଗୋଟିଏ ଗୋପୀର ହୃଦୟ ସାରା ପୃଥିବୀର କେନ୍ଦ୍ର ।

"ଚମ୍ପାବାଳା ବଗିଚ୍ଛରେ ବସିଛି," ଝର୍କା ପାଖକୁ ଯାଇ ଡଲ୍‌ଅତି ପୁଣି ଥରେ କହିଲା । "ଚାଲ୍ ତା' ସାଙ୍ଗରେ ସାକ୍ଷାତ କରି ଆସିବା ।"

ଗୌତମ ଘଣ୍ଟା ଦେଖି କହିଲା, "ନା, ସିଧା ଲର୍ଡ଼୍‌ହାଷ୍ଟ ଚାଲ, ନଚେତ୍ ଫେରିବାକୁ ଡେରି ହେବ ।"

ତାପରେ ସେମାନେ ସମସ୍ତେ ଚା' ଦୋକାନରୁ ବାହାରି କାର୍‌ରେ ବସିଲେ । କାର୍‌ଟା ଛୁଟି ଚାଲିଲା ଲର୍ଡ଼୍‌ହାଷ୍ଟ ଅଭିମୁଖରେ ।

Digitized by PPRACHIN, SOA

ଚମ୍ପା ଦେଖିଲା ଯେ କାରଟା ଗ୍ରୁ’ ଦୋକାନ ଫାଟକ ସାମନା ଦେଇ ଚାଲିଗଲା । ଏନ୍‌ଜେଲ ଗଛତଳେ ବସି ଗିଟାର ବଜାଉଥାଏ । ମାଇକେଲ୍, ଡେନିସ୍, ସୁରେଖା, ଗୁଲଶନ୍ ପଦଚାରଣ କରି ନଦୀକୂଳକୁ ଚାଲିଗଲେଣି । ଚମ୍ପା ଆରାମ ଚେୟାରରୁ ନଇଁପଡ଼ି ଘାସ ଛିଣ୍ଡାଇଲା ।

"କଣ ଭାବୁଛ ?"—ସିରିଲ୍ ପଚାରିଲା । ସେ ଖରାତେଜରୁ ରକ୍ଷା ପାଇବାକୁ ମୁହଁ ଉପରେ ପତ୍ରିକା ଖଣ୍ଡେ ଧରି ଆରାମ ଚେୟାରରେ ବସିଥିଲା ।

"ନା—କିଛି ଭାବୁନି—"

"କାରରେ ଯେଉଁମାନେ ଗଲେ ସେମାନେ ତୁମର ବନ୍ଧୁ ବୋଧହୁଏ ।"

"ହଁ ।"

"ମୁଁ ଦେଖୁଛି ତୁମେ ଲୋକ ଗହଳି ଭିତରେ ନିଜେ ପଶିବାକୁ ଚାହୁଁ ନାହିଁ ଅଥଚ ଲୋକଗହଳି ତୁମର ଖୁବ୍ ବେଶୀ ଦରକାର—ଯେହେତୁ ତୁମର ଓ ସେମାନଙ୍କର ଅତୀତ ଏକ ଅଟେ । ତୁମେ ବିଚିତ୍ର ବିରୋଧୀ କଥାର ଏକ ସଂଗ୍ରହ । ମୁଁ ତୁମକୁ ଦେଖିଲେ ଖୁବ୍ ଉଦାସ ହୋଇଯାଏ—" ସିରିଲ୍ ଭାରି ସ୍ୱରରେ କହିଲା ।

"ଇତାଲୀୟମାନଙ୍କ ଭଳି କଥା କୁହନ୍ତ ।"—ଚମ୍ପା କହିଲା ।

"ଏ ବି ତମର ଆଉ ଏକ ଅସୁବିଧା । ତମ ଅନ୍ତର କଥା ଅନୁଶୀଳନୀ କରିବାକୁ ବସିଲେ ତମେ ବାଧା ଦିଅ । ଭୀରୁ ! ତମର ଭୀରୁତା ବିଷୟରେ ତମେ ନିଜେ ଅନଭିଜ୍ଞ ।" ଚେୟାର ଉପରୁ ଉଠିଯାଇ ସିରିଲ୍ ଗଛକୁ ଆଉଜି ଠିଆହୋଇ ପୁଣି କହିବାକୁ ଲାଗିଲା, "ତମେ ସବୁବେଳେ ମିଛ କହୁଛ । ଈର୍ଷା ବି କରୁଛ । ଅନ୍ୟର ଆନନ୍ଦରେ ତମେ ଜଳୁଛ । ଅନ୍ୟକୁ ପ୍ରଭାବିତ କରିବାରେ ସବୁବେଳେ ଲାଗିଛ, ଅନ୍ୟକୁ ନିଜଠାରୁ ବଡ଼ କରି ଦେଖିବାକୁ ଚାହୁଁନାହିଁ । ଚମ୍ପା ! ସମୟର ଦୁଷ୍ଟାମୀ ଏହି ଯେ ଆମେ କୌଣସି ବସ୍ତୁ ପାଇଁ ପ୍ରସ୍ତୁତ ହେବା ଆଗରୁ ତାହା ଆମକୁ ଅତିକ୍ରମ କରିଯାଏ । ଭଗବାନ କରନ୍ତୁ ତୁମେ ସୁଜାତା ମୁଖର୍ଜୀ ଭଳି ନ ହୁଅ । ମୁଁ ତମର ଏ ପତନ ବରଦାସ୍ତ କରି ପାରିବିନି । ଚମ୍ପା ଅହମଦ ଅଳିକୁ ଦଶବର୍ଷ ପରେ ଗୋଟିଏ ଷ୍ଟୁଡ଼ିଓ ଫ୍ଲାଟରେ ଶିଳ୍ପୀ ଓ ବୁଦ୍ଧିଜୀବୀମାନଙ୍କର ଆଦର୍ଶ ଓ ଗୁରୁ ହେବେ । ହେ ଭଗବାନ ! ଖୁବ୍ ଭୟ ଲାଗୁଛି ଏ କଥା ଚିନ୍ତା କରିଲେ ।"

"ମୁଁ କଣ ଏତେ କରୁଣା ପାଇବାର ଯୋଗ୍ୟା ?

"ନା ଆମେ ସଭିଏଁ କରୁଣା ପାଇବା ପାଇଁ ଯୋଗ୍ୟ । ଏସବୁ ସତ୍ତ୍ୱେ ତୁମେ ଖୁବ୍ ସୁନ୍ଦର । ତୁମ ହୃଦୟ ନିର୍ମଳ । ଏହା ସବୁଠାରୁ ବଡ଼ କଥା । ସମ୍ଭବତଃ ଅନ୍ୟକୁ କ୍ଷମା କରିବାର ଯୋଗ୍ୟତା ବି ତମର ଅଛି, କଣ ଠିକ୍ ତ ?"

Digitized by PPRACHIN, SOA

"ହଁ ସମ୍ଭବତଃ ।"

ସେ ଚୁପ୍ ହୋଇଗଲା । ଝିପି ଝିପି ବର୍ଷା ପଡ଼ିବାକୁ ଆରମ୍ଭ କରିବାରୁ ସେମାନେ ଗ୍ରି' ଦୋକାନ ଭିତରକୁ ଆସିଲେ, ଭିତରେ ଏକ ସୋଫା ଉପରେ କିଛି କାଗଜ ପଡ଼ିଥିଲା । ସେଗୁଡ଼ିକ ଗୌତମର, ଗଲାବେଳେ ତାହା ନେବାକୁ ସେ ଭୁଲିଯାଇଥିଲା । ଅନ୍ୟମନସ୍କ ଭାବରେ ପ୍ରିଲ୍ ଗୌତମର ନାମ ଲେଖାଥିବା ଖାଲି ଲଫାପାଟିକୁ ମୋଡ଼ିମାଡ଼ି ଆଙ୍ଗୁଠିରେ ଫିଙ୍ଗି ଦେଲା ।

"ତୁମେ ଗୌତମକୁ ଖୁବ୍ ବେଶୀ ଆପଣାର କରି ପାଇବାକୁ ଚାହଁ ନା ?"

ଥରେ ଗୌତମ ଚମ୍ପାକୁ ଅମୀର ରଜା ବିଷୟରେ ଠିକ୍ ଏଇ ପ୍ରଶ୍ନ କରିଥିଲା ।

"ଅଥଚ ସେ ତୁମ ସାଙ୍ଗରେ ସାକ୍ଷାତ କାହିଁକି କଲା ନାହିଁ ?" ପ୍ରିଲ୍ ପୁଣି ପଚାରିଲା ।

"ମୁଁ ଜାଣେନା, ତା ଛଡ଼ା ମୋତେ ତାଙ୍କ ସାଙ୍ଗରେ ସାକ୍ଷାତ କରିବାକୁ ବେଳ ବା କାହିଁ ?"

"ତୁମେ ପୁଣି ମିଛ କହୁଛ !"

ପ୍ରିଲ୍ ଯେପରି ଉଚ୍ଚ ଶୃଙ୍ଗ ଉପରେ ଠିଆ ହୋଇ ଦୁନିଆର ସବୁକଥା ଟିକିନିଖି ଦେଖି ପାରୁଛି ।

"ମୁଁ ନିଜକୁ ଏଭଳି ଦୁର୍ବଳ କରି ତୋଳିଲି କିଆଁ ? ଏବେ ଲେଡ଼ିଗୁଡ଼ କହୁଣୀକୁ ବୋହିଗଲାଣି ।" ଚମ୍ପା ଭାବୁଥିଲା ।

ବର୍ଷାରେ ଗୋଟାଏ ମୋଟର ଗାଡ଼ି ଆସି ଦୋକାନ ଆଗରେ ରହିଲା । ଗ୍ରିଜଣ ପ୍ରସିଦ୍ଧ ସେକ୍ସପିଅରିୟାନ୍ ଅଭିନେତା ଗାଡ଼ିରୁ ଓହ୍ଲାଇ ଦୋକାନ ଭିତରକୁ ପଶିଲେ । ପ୍ରିଲ୍ ସେମାନଙ୍କ ମଧ୍ୟରୁ ଜଣକୁ ଜାଣିଥିଲା । ସେମାନେ ସବୁ ଏକାଠି ବସି କଥାବାର୍ତ୍ତା ଆରମ୍ଭ କଲେ ।

ଲିଡ଼ହର୍ଷ୍ଟର ସାନାଟୋରିୟମ୍, ଶହ ଶହ ଏକର ଭୂମି ଉପରେ ବିସ୍ତୀର୍ଣ୍ଣ ସୁଗନ୍ଧିତ ବନ ମଧ୍ୟରେ ବର୍ଷାସ୍ନାତ ହୋଇ ଠିଆ ହୋଇଛି ଠିକ୍ ଧ୍ୟାନମଗ୍ନ ତପସ୍ୱୀଭଳି । ଏଇ ରମଣୀୟ ସ୍ୱର୍ଗତୁଲ୍ୟ ସ୍ଥାନରେ ରୋଗୀ ରୋଗିଣୀ ଟେଲିଭିଜନ ଦେଖି ଦେଖି ମୃତ୍ୟୁକୁ ଅଥବା ନୂତନ ଜୀବନ ଲାଭକୁ ଅପେକ୍ଷା କରନ୍ତି । ଏଇ ବିଶାଳ କୋଠିର ଏକ ପାର୍ଶ୍ୱର କୋଣରେ ନିର୍ମଳାର କକ୍ଷ । ନିର୍ମଳା ତକିଆ ଉପରେ ଆଉଜି ଆନନ୍ଦରେ ସମସ୍ତଙ୍କୁ

Digitized by PPRACHIN, SOA

ଦେଖୁଥିଲି ।

ଶାନ୍ତା, କମାଲ ଓ ବଲ୍ ନିର୍ମଳାର ଶଯ୍ୟା ଆଉ ପାଖରେ ବସିଥାନ୍ତି । ଗୌତମ ବି ନିକଟରେ ବସିଥାଏ ।

"ଗୌତମ ବାବୁ ! ଏବେ ତାଜାଖବର କ'ଣ କୁହ"—ନିର୍ମଳା ଗୌତମକୁ ଲକ୍ଷ୍ୟ କରି କହିବା ସଙ୍ଗେ ସଙ୍ଗେ ତା ଆଗରେ ଝର୍କା ପାଖକୁ ଲାଗି ବସିଲି ।

"ମୀନାବଜାର ପ୍ରସ୍ତୁତ ଚାଲିଛି ତ ?" ନିର୍ମଳା ତଲ୍‌ଅତ୍‌କୁ ଲକ୍ଷ୍ୟ କରି ପଚାରିଲା ।

"ହଁ, ଖୁବ୍ ଜୋରରେ ପ୍ରସ୍ତୁତ ଚାଲିଛି ।" ତାପରେ ସମସ୍ତେ କିଛିକ୍ଷଣ ପାଇଁ ଚୁପ୍ ରହିଲେ । ପ୍ରତିବର୍ଷ ବାର୍ଷିକ 'ମୀନାବଜାର' ପ୍ରସ୍ତୁତିରେ ନିର୍ମଳା ଆଗୁଆ ଥାଏ । ମେଳାରେ ତା ଅନୁପସ୍ଥିତିର ଏଥିଲି ତୃତୀୟ ବର୍ଷ ।

"କେବଳ ଏଇ ବର୍ଷ ଅଗଷ୍ଟମାସରେ ତମେ ଆମ ସାଙ୍ଗରେ ମେଳାରେ ରହି ପାରିବନି, ଆସନ୍ତା ବର୍ଷ ଭଗବାନଙ୍କ ଦୟାରୁ ତମେ ପୁଣି ନେତୃତ୍ୱ ନେବ"—କମାଲ୍ କହିଲି ।

"ଭଗବାନଙ୍କ ଦୟା ହେଲେ !" ନିର୍ମଳା ହସିଲି ।

"କାଲି ଭାଇ ସାହେବ ଦେଖା ହୋଇଥିଲେ । ସେ କହୁଥିଲେ ବୋଧହୁଏ ତମକୁ ଦେଖିବାକୁ ଆଜି ଆସିବେ ।" ଗୌତମ କହିଲି ।

"ସେ ତ ମୋତେ କେଇଥର ଦେଖିବାକୁ ଆସିଲେଣି ! ତାଙ୍କର ଝିଅମାନଙ୍କ ସାଙ୍ଗରେ ମିଳାମିଶା କପରି ଚାଲିଛି ?"

"ଠିକ୍ ପୂର୍ବ ଭଳି"—ତଲ୍‌ଅତ୍ କହିଲି ।

"ପୁଣି ସ୍କେଣ୍ଡଲ ଆରମ୍ଭ ହେଇଗଲାଣି ।" କମାଲ ଜୋରଦେଇ କହିଲି ।

"ମୁଁ ତ ଏହାପରେ ବର୍ତ୍ତମାନ ପ୍ରଫେସର ଟମ୍ସନ୍‌ଙ୍କ କଥା କହିବାକୁ ଠିକ୍ କରିଥିଲି ।" ତଲ୍‌ଅତ୍ ସଙ୍କୁଚିତ ସ୍ୱରରେ କହିଲି ।

"ତୁମେ ଏଥର ତାଙ୍କୁ ମେଳାକୁ ଡାକୁଛ ?" ଗୌତମ ପଚାରିଲି ।

"ହଁ, ଆମେ ପୁଣି 'ଷ୍ଟିଫିନ୍ ସ୍ପେଣ୍ଡର'ଙ୍କୁ ବି ଡାକୁଛୁ"—ତଲ୍‌ଅତ୍ ମୁହଁ ତଳକୁ ଓହଳାଇ କହିଲି ।

"ଏ ତ ବୁଦ୍ଧିଜୀବୀମାନଙ୍କୁ କିଣାବିକାର ଯୁଗ । ଏ ଯୁଗରେ କଳାକାରମାନଙ୍କର ଚାହିଦା ଖୁବ୍ ବେଶୀ । ଦେଖୁନା, ଏସୀୟ କଳାକାରମାନେ ନାନାପ୍ରକାର ସ୍କଲରସିପ୍ ପାଇ ଆମେରିକା ଚାଲି ଯାଉଛନ୍ତି ।" ଗୌତମ ମନ୍ତବ୍ୟ ଦେଲା ।

"ଏସିୟାର କଳାକାର ସୋଭିଏଟ୍ ୟୁନିଅନ ଓ ଚୀନକୁ ବି ଚାଲିଯାଉଛନ୍ତି ।" ବଲ୍ ନିରପେକ୍ଷ ଦୃଷ୍ଟିରେ କହିଲା । ବାହାରେ ଦେବଦାରୁ ଗଛ ଉହାଡ଼ରେ ସୂର୍ଯ୍ୟାସ୍ତର ଲାଲିମା

Digitized by PPRACHIN, SOA

ଦେଖାଗଲା ।

"ଏବେ ଉଠ, ଲଣ୍ଡନରେ ପହଞ୍ଚିଲା ବେଳକୁ ଅନେକ ରାତି ହୋଇଯିବ ।" ଗୌତମ ସମସ୍ତଙ୍କୁ ଚେତାଇ ଦେଇ କହିଲା ।

"ତୁମେ ସବୁ ଚାଲିଯାଉଛ । ମୁଁ ପୁଣି ଏକଲା ରହିଯିବି ।" ବିଚଳିତ ସ୍ୱରରେ ନିର୍ମଳା କହିଲା ।

"ତୁମେ ଏକଲା ନୁହଁ ନିର୍ମଳା । ଆମେମାନେ ସବୁ ସମୟରେ ତମରି ସାଙ୍ଗେ ଅଛୁଁ ।" ନିର୍ମଳାର ପଲଙ୍କ ଉପରେ ନଇଁପଡ଼ି କମାଲ୍ କହିଲା ।

"ନିର୍ମଳା ! ସମ୍ଭବତଃ ମୁଁ ଆସନ୍ତା ସପ୍ତାହରେ ଆସିପାରିବି ନାହିଁ । ଦିଲ୍ଲୀରୁ 'ପଣ୍ଡିତଜୀ' ଏକ କନ୍‌ଫରେନସ୍‌ରେ ଯୋଗ ଦେବାକୁ ଆସୁଛନ୍ତି ।" ଗୌତମ ନରମ କଣ୍ଠରେ କହିଲା ।

"ହଁ ଗୌତମ, ତମେ ମୋପାଇଁ ନିଜ କାମରେ କ୍ଷତି କରିବନି ।" ନିର୍ମଳା ଖୁବ୍ ମୃଦୁ ସ୍ୱରରେ କହିଲା ।

ସେମାନେ ସମସ୍ତେ ଗ୍ୟାଲେରୀ ପାରହୋଇ ବାହାରକୁ ଆସିଲେ । ଦୂର ଦେବଦାରୁ ଆଢ଼ୁଆଳରେ ସେମାନେ ଅଦୃଶ୍ୟ ହୋଇଯିବା ପର୍ଯ୍ୟନ୍ତ ନିର୍ମଳା ଝୁଙ୍କିଦେଇ ଚାହିଁଥିଲା ।

୪୪

ବର୍ଷା ବନ୍ଦ ହେବାପରେ ଚମ୍ପା ଓ ସିରିଲ୍ ମଫସଲ ଟି' ଦୋକାନରୁ ବାହାରକୁ ଆସିଲେ । ଲଞ୍ଚରେ ବସି ସେମାନେ କେମ୍ବ୍ରିଜକୁ ଫେରିଆସିଲେ । ରାସ୍ତାରେ ନଈଭିତରକୁ ଉଭୟ ପାଖର ସବୁଜ ଗଛଶାଖା ଓହଳି ଆସିଥାଏ । କାଲିଠାରୁ ଛୁଟି ଆରମ୍ଭ ହେଉଛି ? —ଚମ୍ପା ସିରିଲ୍ ଆଡ଼କୁ ଚାହିଁଲା । ସବୁ ବିଷୟ କୁହାସରିଛି । ଏବେ ଆଉ କ'ଣ କହିବାକୁ ବାକି ଅଛି ? ଯୁକ୍ତିତର୍କ ଭିତରେ ସିରିଲ୍ ଚମ୍ପାର ବ୍ୟକ୍ତିତ୍ୱ ବେଶ୍ ଅନୁଶୀଳନ କରିଛି । ଏବେ ଆଉ ନିଜକୁ ଛପାଇବାକୁ ଏତେ ଟିକେ ବି ସ୍ଥାନ ନାହିଁ ।

"ଏବେ ବନ ଉପବନେ, ଚଞ୍ଚଳ ମୟୂର ମନେ, କୁଞ୍ଜେ କୁଞ୍ଜେ ଘୁରିବୁଲେ ଶ୍ୟାମ"— ରେଲିଂ ଧରି ଚମ୍ପା ଏଇ ପୁରୁଣା ଗୀତଟି ଗୁଣୁ ଗୁଣୁ କରି ଆବୃତ୍ତି କଲା ।

ପରଦିନ 'କେମ୍' ନଈକୂଳର ହାଉସବୋଟ ପାଖରେ ସେମାନେ ଆସି ବସିଲେ । ସିରିଲ୍‌ର କହରାକେଶ ପବନରେ ଉଡ଼ୁଥାଏ । ସେ ଚମ୍ପାକୁ ଏତେଟା ସହଜ ପରିଚିତ

Digitized by PPRACHIN, SOA

ଜଣାଗଲା—ସତେ ଅବା ସ୍ମିଲ୍ ତାର ସ୍ୱାମୀ । ପୁଣି ଚମ୍ପା ଭାବନା ରାଜ୍ୟରୁ ବାସ୍ତବ ରାଜ୍ୟକୁ ଫେରିଆସିଲା । ସ୍ମିଲ୍ ତାର ସ୍ୱାମୀ ନୁହେଁ । ସେ ଅନ୍ୟ କାହାର । ସେ ଝିଅଟାକୁ ଚମ୍ପା ଏପର୍ଯ୍ୟନ୍ତ ଦେଖିନି ।

ନଈ ପାର୍ଶ୍ୱବର୍ତ୍ତୀ ପ୍ରାକୃତିକ ଦୃଶ୍ୟାବଳୀ ଉପରେ ଅନ୍ଧକାର ଘୋଟି ଆସୁଛି । ଡଙ୍ଗା-ଗୁଡ଼ିକ କୂଳରେ ବନ୍ଧା ହୋଇଛି ।

ସ୍ମିଲ୍ ଏକ ଓଲଟା ଡଙ୍ଗା ଉପରେ ବସିଯାଇ ଚମ୍ପାକୁ ଲକ୍ଷ୍ୟକରି କହିଲା, "ମୋତେ ତୁମ ନିଜର ବେକ୍‌ଗ୍ରାଉଣ୍ଡ ବିଷୟରେ କିଛି କୁହ"—ସ୍ମିଲ୍‌କୁ ଜଣାଗଲା ଦୂରଦେଶରୁ ଆସିଥିବା ଏଇ ଯୁବତୀଟି ତା'ର ସହାୟତାରେ ଆସି ଏଠାରେ ବସିଛି । ବିଚାରୀ ବହୁତ ନିଃସହାୟ । ନିଜ ଅତୀତରେ ବୋଧହୁଏ ସେ ସୁରକ୍ଷିତ ରହିପାରିବ । କିନ୍ତୁ କିଏ ଜାଣେ ଏହାର ଅତୀତ ଜୀବନ କିପରି ଥିଲା ! ଏ ଦୁନିଆ ବରାବର ବଦଳୁଛି । ଏହି ଝିଅଟି ତା'ର ଖୁବ୍ ପରିଚିତ ମନେହେଲା । ଗୋଳମାଳିଆ ଏକଦା ତା'ପାଇଁ ଅପରିଚିତା ଥିଲା । ସେ ହଠାତ୍ ଖୁବ୍ ବିଚଳିତ ହୋଇଉଠିଲା । ତାର ମନେହେଲା ସେ ଯେପରି ଏହି ଝିଅ ଚମ୍ପା ଅହମ୍ମଦ ସାଙ୍ଗରେ ଏକ ଅଦୃଶ୍ୟ ବନ୍ଧନରେ ବାନ୍ଧିହୋଇ ଯାଇଛି । ତାର ନିଜ ପ୍ରତି ଓ ଏହି ଝିଅଟି ପ୍ରତି ଖୁବ୍ ଦୟା ଆସିଲା ।

"କଣ ତୁମେ ମଧ୍ୟ ମୋ ବିଷୟରେ ଉପନ୍ୟାସ ଲେଖିବ କି ?"

"ନାଁ ତ । ଆଉ କିଏ କ'ଣ ତୁମ ବିଷୟରେ ଉପନ୍ୟାସ ଲେଖିବାବାଲା ଅଛି କି ?"

"ବିଲ୍—ଉଇଲିୟମ୍ ଫ୍ରେଡ୍ ।"

"ନାଁ । ମୁଁ କିନ୍ତୁ ଉପନ୍ୟାସ ଲେଖିବାକୁ ଚାହୁଁନି ।"

"ମୁଁ କ'ଣ ତୁମକୁ ଖୁବ୍ ବିଚିତ୍ର ମନେହେଉଛି ?"

"ତୁମେ ବିଚିତ୍ର ନୁହଁ । ତମ ଭଳି ଅସଂଖ୍ୟ ଝିଅ ଅଛନ୍ତି । ଖୁବ୍ ହୁସିଆର, ଉଦାର ଆଉ ଆକର୍ଷଣୀୟ ମଧ୍ୟ ।"

ଚମ୍ପା ମନେ ମନେ ଭାବିଲା, "ବାଃ, ଏଇ ତିନୋଟି ବିଶେଷଣଦ୍ୱାରା ମୋର ସମ୍ପୂର୍ଣ୍ଣ ପରିଚୟ ମିଳିଯାଉଛି ?" ଆଖି ବନ୍ଦକରି ସେ ନିଜର ଅତୀତକୁ ମନେପକାଇଲା —ବନାରସର ଏକ ଉପଗଳିରେ ତାର ଘର । ଅଗଣାରେ ଏକ ଦଉଡ଼ିଆ ଖଟ ପଡ଼ିଛି । ବାବା ବସି ଚା' ପିଇବା ସଙ୍ଗେ ସଙ୍ଗେ ମୋକଦ୍ଦମାର ବିବରଣୀ ଦେଖି ଚାଲିଛନ୍ତି । ସ୍ମିଲ୍‌କୁ ଏ ଦୃଶ୍ୟ ଦେଖାଇବାକୁ ସେ ମୋଟେ ଇଚ୍ଛା କଲାନି । ତାପରେ ହଠାତ୍ ଆଗକୁ ଚାଲିଗଲା । ଲକ୍ଷ୍ନୌ, ଆଇ. ଟି. କଲେଜ । କୈଳାସ ହଷ୍ଟେଲ । ଗୁଲଫିଶାଁ (ଅବଶ୍ୟ ହୋଇପାରିଥାନ୍ତା); କିନ୍ତୁ ଗୁଲଫିଶାଁ ତାର ଘର ନ ଥିଲା ।

"ଏଇ ଦେଖ କିଏ ତମ ଅତୀତ ଭିତରୁ ଆସୁଛି"—ସ୍ମିଲ୍ କହିଲା ।

Digitized by PPRACHIN, SOA

"ଚମ୍ପା ଦୃଷ୍ଟି ଉଠାଇ ଚାହିଁଲା । ଛୁଟି କଟାଇବାକୁ ଆସିଥିବା ଏକ ଛାତ୍ରଦଳ ଭିତରୁ କମାଲ ହାଉସବୋଟ୍ ଆଡ଼କୁ ଆଗେଇ ଆସୁଛି ।

"ହାଲୋ ଚମ୍ପାବାଜୀ, ହାଲୋ ସିଲ୍!!" ପାଖକୁ ଆସି କମାଲ ସମ୍ବୋଧନ କରି ଡାକିଲା ।

"ହାଲୋ!"

"କାଲି ସକାଳେ ଆମେ ତୁମକୁ ଏକ ଷ୍ଟେଡ୍-ହାଉସ୍‌ରେ ଦେଖିଥିଲୁ !"

"ହଁ ।"

"ଆମେ କିନ୍ତୁ ଖୁବ୍ ବ୍ୟସ୍ତ ଥିଲୁଁ ।"

"ଠିକ୍ ଅଛି । ଆସ, ଏଇଠି ବସ ।"

ସେ ବି ଅନ୍ୟ ଏକ ଓଲଟା ଡଙ୍ଗା ଉପରେ ବସିଗଲା ।

"ମୁଁ ସିଲ୍‌କୁ ଲକ୍ଷ୍ନୌ ବିଷୟରେ କହୁଥିଲି ।" ଚମ୍ପା କହିଲା ।

"ଆଚ୍ଛା......" କମାଲ ଶିଷ୍ଟାଚାରବଶତଃ ଆଗ୍ରହପ୍ରକାଶ କରିବା ଭଙ୍ଗୀରେ କହିଲା । ଚମ୍ପା ସେମିତି ପଛକୁ ଫେରୁଛି । ଅଥଚ ଦୁନିଆ କୁଆଡ଼ୁ ଯାଇ କୁଆଡ଼େ ହେଲାଣି, ତାକୁ ଜଣା ନାହିଁ—ଖୁବ୍ ଦୁଃଖିତ ହୋଇ ଭାବିଲା କମାଲ ।

ଚମ୍ପା କମାଲର ମନୋଭାବକୁ ଯେପରି ଠଉରାଇ ପାରିଲା । "ତୁମେ ମୋତେ କେବେ ବୁଝି ପାରିବନି କମାଲ"—ସେ କହିଲା । "ତୁମେ ମୋ ଉପରେ କେବଳ ବସ୍ତୁବାଦୀର ଦୋଷ ଦେଲ । ମୋର ସମ୍ଭବତଃ ଯଥେଷ୍ଟ ବୁଦ୍ଧି ନାହିଁ, କିନ୍ତୁ ମୁଁ ଅତୀତର ସମସ୍ତ ଜିନିଷକୁ ଅନୁଭବ କରିବାକୁ ଓ ନଜର କରି ରଖିବାକୁ ଚାହେଁ । ମୁଁ ଯଦି ଯଥେଷ୍ଟ ବୁଦ୍ଧିମତୀ ହୋଇଥାନ୍ତି ଓ ତୁମ ଦର୍ଶନ ବୁଝିପାରୁଥାନ୍ତି ତେବେ......"

"ସିଲ୍, ତୁମେ ବର୍ଷାପରେ 'ଚାନ୍ଦବାଗ'ର କୁଞ୍ଜ ଉପରେ ବଳୁଡ଼ି ପଡ଼ିଥିବା ରଙ୍ଗ ଦେଖିଥାନ୍ତ ଭଲ ! ଅଥବା ରାମନଗରର ଧୂଳିଭରା ରାସ୍ତା ମୁଣ୍ଡରେ ଲମ୍ବା ଚୁଟି ରଖିଥିବା ଏକ ହିନ୍ଦୁ ବାଳକ 'ସବେସ୍ତେ'ରୁ ପଦେ ମନେ ପକାଉଥିବାର ଭଲ ଦେଖିଥାନ୍ତ ! ନା ସିଲ୍, ମୁଁ ତୁମକୁ ମୋର ବ୍ୟାକଗ୍ରାଉଣ୍ଡ୍ କେବେ କହିପାରିବନି । ଏହା ତୁମପାଇଁ ଅସୁବିଧାଜନକ ଓ ତୁମେ ଆଦୌ ବୁଝିପାରିବନି ।

"ମୁଁ ତୁମକୁ ସବୁ କହିବି ସିଲ୍ ।"—କମାଲ କହିବାକୁ ଆରମ୍ଭ କଲା । ସେ ଦୂର ଅତୀତକୁ ଚାଲିଗଲା ଭଳି ନିଜକୁ ମନେକଲା । ଅତୀତର ସେ ଦୃଶ୍ୟାବଳୀକୁ ତାଛଡ଼ା ଆଉ କିଏ ଅଧିକ ଜାଣେ ! ସେ ଥିଲା ତାର ପ୍ରିୟ ହିନ୍ଦୁସ୍ଥାନ ।

"ହେଇ ଶୁଣ ! ଜ୍ଞାନବତୀ କାନ୍ଧ ଉପରେ ମୁକ୍ତ କେଶରାଶି ଫିଟାଇ ଦେଇ ଏମନ୍ ରାଗରେ ଗାନ କରୁଛି । ହେ ସର୍ବଶକ୍ତିମାନ୍, ତୁମର ସନ୍ତାନ ଆମ୍ଭେ ଆମେ ବନ୍ଦନା

Digitized by PPRACHIN, SOA

କରୁଛୁ । କେନ୍ଦ୍ରର ସନ୍ତାନଗଣ ହସନ୍ ଓ ହୁସେନ ।' ମୁଁ ଏହାର ତର୍ଜମା କପରି କରିବି କୁହତ ! ବିବାହ ଆସରରେ କଲ୍ୟାଣପୁର ମଞ୍ଚର ପଟ୍ଟପତନ ହୋଇଥାଏ ଓ ଖଟ ଉପରେ ବସି ଗୃହବଧୂମାନେ ସଙ୍ଗୀତ ଆଳାପ କରୁଥାନ୍ତି···

'ଏ ଶିଶୁ ପ୍ରତି ଅଲ୍ଲାଙ୍କ ଆଶୀର୍ବାଦ ରହିଥାଉ । ମୋର ଶ୍ୟାମସୁନ୍ଦର ହେଉ !' କେଉଁ ପାଶ୍ଚାତ୍ୟ ସୋସିଓଲଜିଷ୍ଟ ଏଥିରେ ନିହିତ ମର୍ମକୁ ବୁଝିପାରିବ ?"

"ଆଉ ଆମର ଗୃହବଧୂମାନେ ଗାଆନ୍ତି—'ମଙ୍ଗଳ ଗୀତ ଗାଅ । ମଣ୍ଡପ ସଜାଅ, ସେବତି ମାଳ ଗୁନ୍ଥି ଆଣ'—ସେବତି ଫୁଲର ମାଳା ତମେ ଦେଖିଛ ସି୍ରଲ୍ ? ଆଉ 'ଘାଘର୍' ନଦୀ କୂଳରେ ମୋ ଗାଁର କୃଷକ କ୍ଷେତମୁଣ୍ଡରେ ବସି ଜ୍ୟୋତ୍ସ୍ନା ରାତିରେ ଯେଉଁ ଗୀତର ଲହର ଛୁଡ଼ୁଥାଏ ଆଉ କବରର ଭଣଜା ମୁହଁରେ ପାଉଡ଼ର ମାଖି ଯେଉଁ ଗୀତ ଗାଏ—"

"ଚମ୍ପାବାଜୀ ! ତମର ମନେପଡ଼େ ଏସବୁ ! ଯେତେବେଳେ ବଡ଼ଦିନ ଛୁଟିରେ ତୁମେ ଆମ ଗାଁକୁ ଯାଇଥିଲ—ରାତିସାରା କମ୍ବଳ ଘୋଡ଼େଇ ହୋଇ ଆମେ 'ଲୈଲା ମଜନୁ' ଦେଖିଥିଲେ—"

ସେମାନେ କଲ୍ୟାଣପୁର ନାଟକ ମଣ୍ଡପତଳେ କମ୍ବଳ ଓ ଶାଲ୍ ଘୋଡ଼େଇ ହୋଇ ବସିଥିବା ମନେ ପକାଇଲେ । ନିଷ୍ପ୍ରଭ ଗ୍ୟାସବତି ଜଳୁଥିଲା । କବୀରର ଭଣଜା ମାଷ୍ଟର ଫରିଦ୍ ଖୁବ୍ ଦୃଢ଼ରେ ଲୈଲା ସାମନାରେ ଠିଆ ହୋଇଥିଲା । ଗାଁର ଅର୍କେଷ୍ଟ୍ରାଦଳ ଖୁବ୍ ଜୋରରେ ତବଲା ଓ ହାରମୋନିୟମ୍ ବଜାଉଥାନ୍ତି । ଗୌତମ ନୀଳାମ୍ବର ବ ଦର୍ଶକମାନଙ୍କ ଭିତରେ ସେମାନଙ୍କ ପାଖକୁ ଲାଗି ବସିଥାଏ । ତାପାଖକୁ ଲାଗି ହରଶଙ୍କର ଓ ଅନ୍ୟ ଝିଅମାନେ ବସିଥିଲେ । ଗୌତମ ଆଗକୁ ନଇଁପଡ଼ି ଗମ୍ଭୀରଭାବେ ଚମ୍ପା ଆଗରେ ଲୋକ ସଂସ୍କୃତିର ସମସ୍ୟା ଉପରେ ଆଲୋକପାତ କରୁଥାଏ । ସକାଳ ଚାରିଟା ପର୍ଯ୍ୟନ୍ତ ସେମାନେ ନାଟକ ମଣ୍ଡପ ନିକଟରେ ବସି ରହିଥିଲେ । ମାଟି କପ୍‌ରେ ଆଖୁ ରସର ଅଦାହିଆ ଚା' ପାନ କରିଥିଲେ । କମାଲର ବାବା ନବାବ ତକ୍ମା ରଜା ବାହାଦୁରଙ୍କ ମୌରୁସୀ ସେ ଗାଁଟା ! ଷ୍ଟେଜ୍ ଉପରେ ମାଷ୍ଟର ମୁରାରିଲାଲ୍, ଯିଏ କଲିକତା ପର୍ଯ୍ୟନ୍ତ ଥିଏଟର କମ୍ପାନୀରେ କାମ କରି ନାମ ଅର୍ଜ୍ଜନ କରିଥିଲା ସେ ମଧ୍ୟ ଗାଇଥିଲା ।

ସେମାନେ ଜ୍ୟୋତ୍ସ୍ନା ଉପରେ ବସି ନାଟକ ଉପଭୋଗ କରୁଥାନ୍ତି । ବାହାରେ ଆମ୍ବଗଛର ଗହଳ ଭିତରେ ପୁଷ୍ପମାସିଆ ପବନ ସାଇଁ ସାଇଁ କରୁଥାଏ ।

"ଆମ ଗାଁର ସୁଆଙ୍ଗ ଭିତରେ 'ନଳଦମୟନ୍ତୀ' ଓ 'ଇନ୍ଦ୍ରସଭା' ଖୁବ୍ ସୁନ୍ଦର ଜମୁଥିଲା ।" କମାଲ୍ ଉଦାସ କଣ୍ଠରେ କହିଲା ।

Digitized by PPRACHIN, SOA

"ଆଉ ତୁମର ଯୁଥିକାରାୟ କଥା ମନେଅଛି, କମାଲ ? ଆଉ ତା'ର ସେ ଗୀତ 'ସନ୍ନ୍ୟାସିନୀ ଖୋଜି ବାହାରିଛି…' ।" ଚମ୍ପା ଧୀରେ ଧୀରେ ପଚାରିଲା ।

"ହଁ, ବେଶ୍ ମନେଅଛି । ଆଜି ଶୀତଦାନ୍ତିଆ ଖରାରେ ବସି ହରିଶଙ୍କର ସେ ଗୀତରୁ ପଦେ ଅଧେ ସୁନ୍ଦରଭାବେ ଆବୃତ୍ତି କରେ ।" କମାଲ କହିଲା । "ଆଉ ତମକୁ କ'ଣ ଜଣାଅଛି ସି୍ଲ୍ ପଙ୍କଜ ମଲ୍ଲିକ କଏ, ପାହାଡ଼ୀ ସାନ୍ନ୍ୟାଲ, ଆରଜ୍ ଲଖନଓ୍ଵି, ନାରାୟଣ ରାଓ ବ୍ୟାସ ଓ କାନନ ଦେବୀ—ଏମାନଙ୍କର ଆମ ଜୀବନରେ ସ୍ଥାନ କ'ଣ ?"

ଚମ୍ପା କମାଲର କ୍ରୋଧ ସଙ୍ଗରେ 'କ୍ଷ୍ୟ' ଲଗାଇ ସି୍ଲ୍ କୁ ଲକ୍ଷ୍ୟ କରି କହିଲା—"ତୁମେ ଯେ ମୋର ଇତିହାସ ଜାଣିବାକୁ ଚାହୁଁଛ,……ପ୍ୟାରୁ କଙ୍କାଲ, ଫୈୟାଜ ଖାଁ ଓ ଧାପାଳୀ ତାଲୁକଦାରଙ୍କୁ କଣ ଜାଣିଛ ?"

"ଆଉ ତମକୁ କ'ଣ ଜଣାଅଛି ଲକ୍ଷ୍ନୌ ଓ ଆଲିଗଡ଼ର ମୁଶାୟରା କପରି ? ଆଉ ଜିଗର ସାହେବ, ଫିରାକ୍ ସାହେବ, ଆନନ୍ଦ ନାରାୟଣ ମୁଲ୍ଲା କପରି ଆମର ଗର୍ବ ।" କମାଲ କହି ଉଠିଲା ।

"କାଳିଦାସଙ୍କ ରଚିତ ଶବ୍ଦଗୁଡ଼ିକର ଅର୍ଥ ତୁମେ କଣ ଜାଣିଛ ସି୍ଲ୍ ?" ଚମ୍ପା କ୍ରୋଧ ପରିହାର କରି କହିଲା ।

"ଆଉ ତୁମେ କହିପାରିବ କି ହାଲଦାର ଅଙ୍କିତ 'ଅଶୋକ ବଣରେ ସୀତା' ଚିତ୍ରଟି ଆମକୁ କାହିଁକି ଏତେ ସୁନ୍ଦର ଜଣାପଡ଼ୁଛି ।" କମାଲ କହିଲା, "ନା ସି୍ଲ୍, ଏସବୁ ତମକୁ ବୁଝାଇବା ଖୁବ୍ କଠିନ ।" ତାପରେ କମାଲ ଅତୀତରୁ ବର୍ତ୍ତମାନକୁ ଫେରି ଆସିବାକୁ ବସିଲା । ଅଥଚ ସମୟର ଅନ୍ତଃକରଣ ଭଳି ଚମ୍ପା ତା ଆଗରେ ବସି ରହିଛି ।

ସହସା କମାଲର ମନେହେଲା ଯେପରି ସମୟର ତୋଫାନ ଲହରରେ ଚମ୍ପା ଏକ ପତ୍ର ଭଳି ଏପଟ ସେପଟ ଦୋଳାୟମାନ ହେଉଛି । ଉଡ଼ିଯାଉଛି, ତାକୁ ନିଜ ଅଞ୍ଜୁଳିର ଭିତରେ ରଖି ହେଉନି । ବିଚଳିତ ହୋଇ କମାଲ ଉଠି ଠିଆ ହେଲା ।

"କମାଲ୍ !" ସି୍ଲ୍ ବିମୋହିତ ହୋଇ କହିଲା । "ମୋତେ ଆଉ କିଛି କୁହ ।"

"ଆଉ କ'ଣ କହିବି ?" କମାଲ ଆବେଗମୟ କଣ୍ଠରେ ପଚାରି କେମ୍ନଦୀ ବକ୍ଷକୁ ଚାହିଁଲା । କେମ୍ନଦୀ ସତେ ଯେପରି ଗୋମତୀ ନଦୀରେ ପରିବର୍ତ୍ତିତ ହୋଇଯାଇଛି ।

"କମାଲ ଶୁଣ ।" ଚମ୍ପା କିଛି ମନେ ପକାଇଲା ଭଙ୍ଗୀରେ କହିବାକୁ ଆରମ୍ଭ କଲା, "ଅନ୍ଧକାର ରାତି । କୁକୁରଗୁଡ଼ା ଭୋ ଭୋ ହୋଇ ଭୁକୁଛନ୍ତି । ଚାରିଆଡ଼େ ନିର୍ଜନତା ଛାଇ ହୋଇଛି । ଚୌକିଦାର କ୍ଷେତରେ ରହି ପାଟି କରୁଛି ।"

"ଆଉ ଆମେ ସବୁ ହରିଶଙ୍କରଙ୍କ ଘରେ ରୁଣ୍ଡ ହୋଇଥାଉଁ ।" ଚମ୍ପାଠୁ କଥା ଛଡ଼ାଇ ଆସ୍ତେ ଆସ୍ତେ କହିବାକୁ ଆରମ୍ଭ କଲା କମାଲ । "ଘର ପାଖରେ ନଈ ବହି

Digitized by PPRACHIN, SOA

ଯାଉଥାଏ । ସେଇ ଘର ଭିତରେ ବସି ଦୁନିଆର କେତେ ସମସ୍ୟା ବିଷୟରେ ଆମେ ଆଲୋଚନା କରୁଥାଉ । ଜୀବନର ମାନଚିତ୍ର ସେତେବେଳେ ଖୁବ୍ ସ୍ପଷ୍ଟ ହୋଇନଥିଲା । ଅନେକ ପଥ ପରିବର୍ତ୍ତିତ ହେଉଥାଏ, କେତେବେଳେ ତୀବ୍ର ଆଲୋକ ତ କେତେବେଳେ ପାତଳ ଅନ୍ଧକାର । ଏଇ ମାନସିକ ଗ୍ଧୁଇ ଆଲୁଅ ଭିତରେ ସମୟ କଟିଯାଉଥିଲା । ଆମର ସବୁ ମନେହେଲା ଯେପରି ସମଗ୍ର ମାନବତାର ରକ୍ତରେ ଆମର ହାତ ରକ୍ତରଞ୍ଜିତ ହୋଇଛୁ । ଆମେ ସେ ରକ୍ତକୁ ହାତରୁ ଧୋଇ ସଫାକରିବାକୁ ଚେଷ୍ଟା କରୁଛୁ । ଆଉ ଦେଖ କ'ଣ ହେଲା ?" ସେ ଆଗକୁ ହାତ ବଢ଼ାଇଲା । "ଦିନେ ସକାଳୁ ଉଠି ଆମେ ଦେଖି ଯେ ଆମର ହାତ ରକ୍ତରଞ୍ଜିତ । ଆଉ ହିନ୍ଦୁସ୍ଥାନର ପ୍ରାଚୀନ ସଂସ୍କୃତିର ଗୀତ ଗାନ କରୁଥିବା କଳାକାରଗଣ ରକ୍ତ ଜୁଡ଼ୁବୁଡ଼ୁ । କିନ୍ତୁ ଆମ ଭିତରେ ଅନେକ ଥିଲେ ଯେଉଁମାନେ କି ଏ ପାପର ପ୍ରାୟଶ୍ଚିତ କରିବାକୁ ପ୍ରସ୍ତୁତ ନଥିଲେ । ସେମାନେ କେବଳ ମାନବିକତାର ମୂଲ୍ୟବୋଧ ଓ ଧର୍ମର ମହାନତା ଉପରେ ଆଲୋଚନା କରି ଏଣେତେଣେ ଦଉଡ଼ି ଗ୍ଲଲଗଲେ ।"

"ଏମାନଙ୍କ ଛଡ଼ା ଆହୁରି ଅନେକ ଲୋକ ବି ଅଛନ୍ତି—ସେମାନେ ସତ୍ୟର ପୂଜାରୀ; ଖାଣ୍ଟି ମଣିଷ"—ଏତିକ କହି ସେ ଚମ୍ପାକୁ ଗ୍ଧହିଁଲା ।

"କବୀର ଓ କମରୁନ ?" ଚମ୍ପା କହିଲା ।

କମାଲ୍ ଠାରୁ ସେ ତା'ର ସମର୍ଥନ ପାଇଁ ଅପେକ୍ଷା କରୁଥିଲା । ସେ ଦୁହେଁ ଚମ୍ପାକୁ ଖୁବ୍ ପବିତ୍ର ମନେ ହେଉଥିଲେ ।

"ହଁ କବୀର ଓ କମରୁନ୍, ରାମ ଔତାର ଓ ରମଦୟା; ଆମ ଗାଁର କୃଷକମାନେ— ଏ ସମସ୍ତେ ଆମର ବ୍ୟାକ୍ ଗ୍ରାଉଣ୍ଡ । ତୁମେ ସେମାନଙ୍କୁ କଦାପି ଜାଣି ପାରିବନି ସିଲ୍ ।" କମାଲ୍ ନିଜର ବକ୍ତବ୍ୟ ଶେଷ କଲା ।

ଚମ୍ପା କିନ୍ତୁ ଅତୀତରୁ ଫେରି ନଥିଲା, ସେ କହିଲା "—ହଁ । ଆମର ନଦୀ ସବୁ ମଧ୍ୟ । ନଦୀ ବି ସର୍ବଦା ଗୋଟିଏ ଗୋଟିଏ ଚରିତ୍ର ହୋଇ ରହିଆସିଛନ୍ତି । ସେଗୁଡ଼ିକର ନାଁ ଶୁଣ—'ସରଜୁ', 'ଶାରଦା', 'ମନ୍ଦାକିନୀ', 'ମଧୁମତୀ', 'ଗୋମତୀ' ।"

ହଠାତ୍ ଚମ୍ପାର କଥାରେ କମାଲ୍ ଆଗ୍ରହ ପ୍ରକାଶ ନକଲାଭଳି ମନେହେଲା । ସେ ଅନୁଭବ କଲା ଝିଅମାନଙ୍କର ଏଇଟା ଗୋଟାଏ ବଦଗୁଣ ଯେ ସେମାନେ ନିଜେ ଲଗାମ-ଛଡ଼ା ହୋଇ ଖାଲି ଗପୁଥିବେ ।

କମାଲ୍ ମନେକଲା ଚମ୍ପାବାଜୀ ନଦୀଗୁଡ଼ିକ ବିଷୟରେ କହୁଛି । ସେ ନିଜେ ବି କ'ଣ ଗୋଟିଏ ଚରିତ୍ର ନୁହେଁ ?

"ବଗିଗ୍ଧର ସେ ବନବାହାଡ଼ା ଗଛ ଆଉ ଏଇ ବେଲଗଛ ମଧ୍ୟ, କମାଲ୍ ! ଗୌତମଙ୍କୁ

Digitized by PPRACHIN, SOA

ପତ୍ୟରବ ସେ ବେଶ୍ ମନେ ପକାଇବ ଏସବୁ ।" ଅନ୍ୟମନସ୍କଭାବେ ଚମ୍ପା ପ୍ରଥମ ଥର ପାଇଁ ଗୌତମର ନାଁ ଉଚ୍ଚାରଣ କରିଥିଲା ।

କମାଲ୍ କେବଳ ଭାବିବାରେ ଲାଗିଥିଲା । ସେ ଏବେ କପରି ଚମ୍ପାକୁ ବୁଝାଇବ ଯେ ଗୌତମ ତାକୁ ଭୁଲି ଯାଇଛି ବୋଲି, ଭୁଲିଯିବା ଅର୍ଥ—ନିଶ୍ଚୟ ମନେରହିବ ଯେପରି ଚମ୍ପା ମନେରଖିଛି ନଦୀମାନଙ୍କର ନାମ, ସିଂଘାଡ଼େବାଲୀ କୋଠି ଆଉ ବନବାଦାଡ଼ା ଗଛ । କମାଲ୍ ବିବ୍ରତ ହୋଇ ଚମ୍ପାକୁ ଚାହିଁଲା । ସେ କେବଳ ଭାବିବାକୁ ଲାଗିଲା—ବିଚିତ୍ର ଏଇ ନାରୀଜାତି । ଏମାନେ ଏତେ ପଛରେ କାହିଁକି ପଡ଼ିଛନ୍ତି—ପ୍ରକୃତ କଥା ହେଉଛି ଏମାନଙ୍କୁ ହଜାର ହଜାର ବର୍ଷ ଧରି ଏହି ପ୍ରକାର କମ୍ପ୍ଲେକ୍ସରେ ଜାଣିଶୁଣି ପେଲି ଦିଆଯାଇଛି । ଏମାନେ ସତୀ ଥିଲେ, ଯେପରି କି ସୀତା ! ପୁଣି ଗୋପୀମାନଙ୍କର ପ୍ରେମ ଚାଲିଲା । ଏମାନଙ୍କୁ ଦୁନିଆରେ ଆଉ କିଛି କାମ ନାହିଁ । କେବଳ କୌଣସି ଭଲ ଲୋକଟିଏକୁ ହାତକରି ନେଇ ଉପାସନା କରିବା ବେଶ୍ ଜାଣନ୍ତି ।

"କାଲି ଆମେ ସବୁ ୟୁଥ ଫେଷ୍ଟିଭାଲ୍ ପାଇଁ ଜର୍ମାନୀ ଯାଉଛୁ । ରାତାରାତି ଲଣ୍ଡନ ପହଞ୍ଚିଗଲେ ତଲଅତ୍ ମୋର ଜିନିଷପତ୍ର ସବୁ ସଜାଡ଼ି ଦେବ ।" କମାଲ୍ କହିଲା ।

"ଚାଲ—ଆମେ ବି ତୁମ ସଙ୍ଗରେ ଯାଉଛୁ"—ସିରିଲ୍ ଉଠୁଉଠୁ କହିଲା ।

ଚମ୍ପା କେମ୍ବ୍ରିଜ ଫେରିଆସି ନିଜ ରୁମ୍‌ର ଝର୍କା ଖୋଲିଲା । ତଳେ ଶୂନଶାନ୍ ସଡ଼କରେ ବତିଖୁଣ୍ଟର ନୀଳ ଆଲୋକ ବିଚ୍ଛୁରିତ ହୋଇପଡ଼ୁଛି । ସେଣ୍ଟଜନ୍‌ର ଘଡ଼ିରେ ବାରଟା ବାଜିଲା । ଦୂର କ୍ଲେସର୍ ଲେନରୁ କିଏ ଉହାଇ ଉହାଇ ଗୋଟିଏ ଦୁଃଖଭରା ସଙ୍ଗୀତ ଗାନ କରୁଥିଲା—

ବେଳ ନାହିଁ । ଖୁବ୍ ଶୀଘ୍ର ଶୀଘ୍ର କର । ଦେଖ ଲୋକମାନଙ୍କ ମୁହଁ ଘୃଣାରେ କପରି ବିକୃତ ଦିଶୁଛି । ଏବେ ମୁଁ କୁଆଡ଼େ ଯିବି ? ମୋ ବନ୍ଧୁ, ମୋର ଶତ୍ରୁ ମୋତେ ଏ ଅଜଣା ରାସ୍ତାରେ କେଉଁଠି ଆଣି ଛାଡ଼ିଗଲେ ? ସେମାନେ ସବୁ କୁଆଡ଼େ ରହିଗଲେ । ଏ 'ମୁଁ' ଆଉ ଏ 'ତୁମେ' ବାକି ଆଉ ସବୁ ମୋର 'ପ୍ରୋଜେକ୍‌ସନ୍' । ସାମନାରେ ଲାଲ ଗୁମ୍ବଜବିଶିଷ୍ଟ ଚ୍ୟାପେଲ୍ । ସେଥିରେ ଘଣ୍ଟିମାନ ବାଜୁଛି । ଜଙ୍ଗଲ ବାଟରେ ଯାଉଥିବା 'ଏନଜଲସ୍'ର ଶବ୍ଦ ମୁଁ ଶୁଣିଲି । ସେ ଶବ୍ଦ କୁହୁଡ଼ି ଭିତରେ ପହଁରି ପହଁରି ମୋ ଆଡ଼କୁ ଆସୁଥିଲା । ଥଣ୍ଡା ଜଳଧାରରେ ସଂତରଣ କରି ମୁଁ ତମକୁ ମନେ ପକାଇଲି ।

ସାମନାରେ ଲାଲ ଗୁମ୍ବଜବିଶିଷ୍ଟ ଚ୍ୟାପେଲ । ବସନ୍ତ ଆସିଗଲା । ଚାଲିବାଟସବୁ ଛୋଟ ଛୋଟ ତାରକାର ଫୁଲମାନଙ୍କରେ ଲୁଚିଗଲାଣି । ସେ ଦୁଇଜଣ ଏବେ ବି ପହଞ୍ଚିନାହାନ୍ତି—ସେହି ଦୁଇଜଣ, ଯେଉଁମାନଙ୍କର ଆଜି ଏହି ଲାଲଗୁମ୍ବଜବାଲା ଚ୍ୟାପେଲ୍‌ରେ ବିବାହ

Digitized by PPRACHIN, SOA

ହେବ । ଝରଣା ଉପରେ ବର୍ଷା ହେଉଛି । ମୁଁ ସଦାବେଳେ ତମର ସାଙ୍ଗରେ ରହିବ ।

I loved my love with a platform ticket
A jazz song
A handbag, a pair of stockings of Paris Sand···
I loved her long.
I loved her between, the lines and against the clock.
Not until death
But life did us part.
I loved her with peacock's eyes.
And the wares of Carthage,
With blasphemy, camaraderie,
and bravado and lots of other stuff.
I loved her with my office hours,
with flowers and Sirens.
With my budget, my latchkey
and my daily bread,
And so to London and down the
ever-moving Stairs.

—Louis Mac Neice.

୪୫

ସେ ଦିନ ସକାଳୁ ଚମ୍ପା ହଷ୍ଟେଲରୁ ବାହାରକୁ ବାହାରି ଆସିଲା । ତୃତୀୟ ପ୍ରହରର ନିସ୍ତବ୍ଧତା ଘୁଞ୍ଚି ଯାଇଥିଲା । କାଲି କଲେଜ ବନ୍ଦ ହୋଇଯିବ । ମୁଁ ଏବେ ଯିବି କୁଆଡ଼େ ? କ'ଣ କରିବ ? ଚମ୍ପା ନିଜକୁ ନିଜେ ମନେ ମନେ ଏହି ପ୍ରଶ୍ନ କରୁଥିଲା । ଦୃଷ୍ଟି ଉଠାଇ ଦୂରକୁ ବିସ୍ତୃତ ବଗିଚାକୁ ଚାହିଁଲା । କେମ୍ବ୍ରିଜର ହରିତ ପରିବେଶକୁ ନୀଳମେଘ ଆଚ୍ଛନ୍ନ କରିଛି । ସେ ଫିଟସ୍ ଉଇଲିୟମ୍ ଲାଇବ୍ରେରି ଆଡ଼କୁ ଯିବା ରାସ୍ତାରେ ଆସି

Digitized by PPRACHIN, SOA

ପଚାରିଲା । ଏକ ଇହୁଦୀ ଯୁବକ ଅନ୍ୟ ଏକ ଯୁବକକୁ ଔପଚାରିକ ସମ୍ବୋଧନ କରି ସାଇକେଲରେ ଚାଲିଗଲା ବେଳେ କହିଲା, "ଶୋଲମ୍ ଅଲେଖୁମ୍, ଭଗବାନ ତୁମକୁ କୁଶଳରେ ରଖନ୍ତୁ ।"

"ତୁମ ସମସ୍ତଙ୍କୁ ଈଶ୍ୱର କୁଶଳ କରନ୍ତୁ ।" ଚମ୍ପା ମନେ ମନେ କହିଲା ।

ଜୀବନ ତ ସ୍ୱୟଂ କଠୋରପୂର୍ଣ୍ଣ । ଏହାପାଇଁ ଦାର୍ଶନିକ ତତ୍ତ୍ୱର ଆବଶ୍ୟକତା କ'ଣ ? ଆଉ ସୁଖ ଖୋଜିବାକୁ ଯାଇ କେଉଁଭଳି ଏମାନେ ଅମାନୁଷିକ ହୋଇଯାନ୍ତି ? ପୋଲ ଉପରେ ବସି ଚିତ୍ର ଆଙ୍କୁଥିବା ଇହୁଦୀ ଛାତ୍ର ଚମ୍ପାକୁ ଦେଖି ଖୁସୀ ହୋଇ ଉଠିଲା । "ଟିକିଏ ବସିଯାଆନ୍ତୁ, ମୁଁ ଆପଣଙ୍କର ସ୍କେଚ୍ ତିଆରି କରିବି ।" ଛାତ୍ରଟି ଅନୁରୋଧ କଲା । ପିଲାଟାର ମନ ରଖିବାକୁ ଚମ୍ପା ବସିଗଲା ।

"ଆଜି ଏଠାରେ ଆମର ଶେଷଦିନ । କାଲି ତୁମେ କୁଆଡ଼େ ଚାଲିଯିବ ତା'ର ଠିକଣା ନାହିଁ । ହେଲେ ତମର ସ୍କେଚ୍ ମୁଁ ପାଖରେ ରଖିଥିବି ।" ଦ୍ରୁତ ହାତରେ ପେନ୍‌ସିଲ ଚଳାଉ ଚଳାଉ ପିଲାଟି କହିଲା ।

ଚମ୍ପା ଦେଖିଲା ସ୍କେଚ୍‌ଟି ଖୁବ୍ ଖରାପ ହେଉଛି; ତଥାପି ଧୈର୍ଯ୍ୟର ସହିତ ବସି ରହିଲା । "ମୁଁ ତୁମକୁ ଆନନ୍ଦିତ ହେବାର ଦେଖିବାକୁ ଚାହେଁ, କି ଭଳି ତମକୁ ଖୁସିକରି ପାରିବି ?" ଛାତ୍ରଟି ସରଳ ହୃଦୟ ଜଣାଗଲା ।

"ତୁମେ ମୋତେ ଆଦୌ ଖୁସି କରି ପାରିବନି ।" ଚମ୍ପା କର୍କଶ ସ୍ୱରରେ କହିଲା ।

"ସେ କିଏ ? ସେ କିଏ ଯେ ତମକୁ ଖୁସିକରି ପାରିବ ?" ଛାତ୍ରଟି ଖୁବ୍ କ୍ଷୁଣ୍ଣ ଭାବରେ ପଚାରିଲା ।

"ଏ ବଡ଼ ଅବାନ୍ତର ପ୍ରଶ୍ନ ?

"କ୍ଷମା କରିବେ"—ପିଲାଟି ଉଦାସ କଣ୍ଠରେ କହିଲା ।

"ଆଚ୍ଛା, ଖୁଦା ହାଫିଜ, ଶୋଲେମ୍ ଆଲେଖୁମ ।" ଚମ୍ପା ଅଳ୍ପ ହସି କହିଲା ।

'ଶୋଲେମ ଅଲେଖୁମ'—ପିଲାଟି ଚମ୍ପାକୁ ଉତ୍ତର ଦେଲା ।

ଚମ୍ପା ନଈ ଆଡ଼କୁ ଯାଉଥିଲା । କୂଳରେ ମାଇକେଲ ଓ ଡେନିସ୍ ଦୁହେଁ ଠିଆ ହୋଇଥାନ୍ତି ।

"ସିରିଲ୍ ସହିତ ତମର ଦେଖା ହେଇନି ?—ଡେନିସ ବ୍ୟସ୍ତତାର ସହିତ ପଚାରିଲା ।

"ନା"

"ସିରିଲ୍ ଆଉ କୁଆଡ଼େ ଉଭେଇଗଲା ?" ବିରକ୍ତିର ସହିତ ଦୁହେଁ ଚମ୍ପାକୁ ଚାହିଁ ପଚାରିଲେ ।

"ମୁଁ ସିରିଲ୍‌ର ତତ୍ତ୍ୱାବଧାରିକା ନୁହେଁ ଡେନିସ୍ !" ଚମ୍ପା ଧୀର ସ୍ୱରରେ କହିଲା ।

Digitized by PPRACHIN, SOA

"କ୍ଷମା କରିବ ଚମ୍ପା"—ମାଇକେଲ୍ ବିନୀତ ସ୍ୱରରେ କହିଲା ।

"ଚାଲ, ଆଜି ଶେଷ ଦିନରେ କୋହିନୂରରେ ଖାଇନେବା ।"

"ଆଜି ଶେଷ......" ସମସ୍ତେ ଏଇ ଗୋଟିଏ କଥା କହୁଛନ୍ତି । ଏଇ ନିଷ୍ଠୁର ଭାବୁକତାରୁ ଚମ୍ପା ମୁକ୍ତି ଖୋଜୁଥିଲା, କିନ୍ତୁ ଏହା ସତ୍ୟ ଥିଲା, ଆଜି ଦିନଟି କେମ୍ବ୍ରିଜରେ ବିଦ୍ୟାର୍ଥୀ ଜୀବନର ଅନ୍ତିମ ଦିନ ଥିଲା ।

ରେସ୍ତୋରାଁରେ ବସି ସେମାନେ ସ୍ରିଲ୍ ବିଷୟରେ କିଛି କଥା ହେଲେନି । ଲୋକେ ଏତେ ଦୟାଳୁ କାହିଁକି ହୁଅନ୍ତି ? ପରସ୍ପର ପ୍ରତି ଏତେଟା ସହାନୁଭୂତି ପ୍ରକାଶ କରନ୍ତି କିଆଁ ? ସେମାନେ ମୋ ପ୍ରତି ବି ଖୁବ୍ ସହାନୁଭୂତିଶୀଳ, ଅଥଚ ମୁଁ ସେମାନଙ୍କ ପ୍ରତି ଏତେ ବିରକ୍ତି ପ୍ରକାଶ କରେ କାହିଁକି ?

ଏଇ କିଛି ଦିନ ତଳେ ଚମ୍ପା କଥାବାର୍ତ୍ତା ମଝିରେ ଏମିତି ରୋଜମାରୀର କୁଶଳ ପ୍ରଶ୍ନ କରିଥିଲା ।

"ସେ ଭଲରେ ଅଛି । ବିଚାରୀ ରୋଗିଣୀ ହୋଇ ବି ଚାକିରି କରୁଛି, କେବଳ କେମ୍ବ୍ରିଜରେ ମୋର ପାଠପଢ଼ା ପାଇଁ ।"

"ଆଉ ତୁମେ ଏଠାରେ ଅନ୍ୟ ଯୁବତୀ ସାଙ୍ଗରେ ବେଶ୍ ପ୍ରେମାଳାପ କରିପାରୁଛ ।" ଚମ୍ପା ଅନ୍ୟମନସ୍କଭାବେ କହିଥିଲା । ଏତିକି ଶୁଣି ରାଗରେ ଲାଲ ପଡ଼ିଯାଇଥିଲା ସ୍ରିଲ୍ । ତାପରେ ଝଙ୍କାଦେଇ ବାହାରକୁ ଡେଇଁପଡ଼ି ଚାଲିଯାଇଥିଲା । ସେଇଦିନୁ ତା'ର ଦେଖା ନାହିଁ ।

ବାହାରେ ବର୍ଷାରେ ତିନ୍ତି ତିନ୍ତି ସ୍ରିଲ୍ ଆସୁଥିବାର ଦେଖାଗଲା । ଡେନିସ୍ ତା ଆଡ଼କୁ ଦୌଡ଼ିଗଲା; କିନ୍ତୁ ସେ ଭିତରକୁ ଆସିବାକୁ ନାରାଜ ।

"ଭିତରକୁ ଚାଲ, ଏ ପିଲାଳିଆମି କାହିଁକି ?" ଚମ୍ପା ବାହାରକୁ ଯାଇ ଶାସନ କରିବା ଭଙ୍ଗିରେ କହିଲା ।

"ମୋ ପାଖରେ ପଇସା ନାହିଁ, ଭିତରକୁ ଯିବି କିପରି ?" ସ୍ରିଲ୍ ଖୁବ୍ ଧୀରେ ଡେନିସ୍‌କୁ ଲକ୍ଷ୍ୟକରି କହିଲା ।

ଚମ୍ପାର କଣ୍ଠ ଯେପରି ଶୁଖିଯାଉଛି । ସପ୍ତାହକ ତଳେ ଏହି ସ୍ଥାନରେ ସ୍ରିଲ୍‌କୁ ରୋଜମାରୀ ବିଷୟରେ ପଚାରି ଅପମାନିତ କରିଥିଲା ।

ସ୍ରିଲ୍ ଚମ୍ପା ଆଡ଼କୁ ଚାହିଁ କହିଲା ତୁମେ ଶୁଣି ଖୁସି ହେବ ଯେ ଏ ସପ୍ତାହରେ

Digitized by PPRACHIN, SOA

ବ୍ରେକମାଷ୍ଟି ମୋ ନିକଟକୁ ଚେକ୍ ପଠାଇ ନାହିଁ । କାରଣ ମୁଁ ତାକୁ ଗ୍ରୁଡ଼ପନ୍ଦ ଦେବାର ସମ୍ବାଦ ଶୁଣାଇଦେଇଛି ।

"ତୁମ ମୁଣ୍ଡ କ'ଣ ଠିକ୍ ନାହିଁ ?" ଚମ୍ପା ବିବ୍ରତ ହୋଇ କହିଲା । ସେତେବେଳେ ସେ ଅନୁଭବ କଲା ଯେ, ମାଇକେଲ ଓ ଡେନସ୍ ତାକୁ ଏକ ଘୃଣାର ଦୃଷ୍ଟିରେ ଚାହିଁଛନ୍ତି । ଏକଦା ଠିକ୍ ଏମିତ ଡହମିନା, ନିର୍ମଳା ଓ ଶାନ୍ତା କେଗ୍ ତାକୁ ଏହି ଦୃଷ୍ଟିରେ ଚାହିଁଥିଲେ । ସ୍ମିଲ୍ ବର୍ଷାତି ପକେଟରୁ ସିଗାରେଟ୍ ଖୋଜିଲା । ଡେ଼ନସ୍ ଓ ମାଇକେଲ ଚୁପ୍‌ଚାପ୍ ରେସ୍ତୋରାଁ ଭିତରକୁ ଚାଲିଗଲେ । ଚମ୍ପା ଓ ସ୍ମିଲ୍ ଦୁହେଁ ବର୍ଷାରେ ଭିଜୁଥାନ୍ତି ।

"ଚାଲ, ଏଠାରୁ ଯିବା ଚାଲ, ବର୍ଷାରେ ଭିଜିବା ସହିତ ଏହାର କି ମେଳ ଅଛି ?

"ଏହିପରି କେଉଁ କଥା ସହିତ କେଉଁ କଥାର ମେଳ ତ ଅଛି !" ସ୍ମିଲ୍ କହିଲା ।

"ତମ ମୁଣ୍ଡ ଠିକ୍ ଅଛି ତ ସ୍ମିଲ୍ ?"

"ପ୍ରତ୍ୟେକ ଘଟଣାର ନିଜସ୍ୱ ଏକ ସ୍ଥାନ ଅଛି । ଏହା ଆବୃତ୍ତି କରି ହୁଏନା । ତୁମେ ଏହା ଭାବନା ଯେ ସମୟର ଆବୃତ୍ତି ହୁଏ ବୋଲି । ତୁମର ଜୀବନ···ମୁଁ···ଏସବୁ ଜିନିଷ । ସମୟର ଟ୍ରାଜେଡ଼ି ପ୍ରତି ତୁମେ ଅଣ୍ଡା କରିବା ଠିକ୍ ନୁହେଁ ।"

"ଚାଲ ତମ ସାଙ୍ଗରେ ଯାଉଛି" ମୃଦୁସ୍ୱରରେ କହିଲା ସ୍ମିଲ୍ ।

ଫୁଟ୍‌ପାଥ୍‌ରେ ସେମାନେ ଧୀରେ ଧୀରେ ଚାଲିବାକୁ ଲାଗିଲେ । ସତେ ଯେପରି ସେମାନେ ଶ୍ମଶାନକୁ ଯାଉଛନ୍ତି । ବାଟରେ ଭେଟ ହେଉଥିବା ଚିହ୍ନା ପିଲାଙ୍କୁ କେବଳ ଉଦାସ କଣ୍ଠରେ ସ୍ମିଲ୍ 'ହଲୋ' ବୋଲି କହୁଥାଏ ।

"ତୁମେ କ'ଣ କେବଳ ଖାଲି ମୋରି ପାଇଁ"—ଏ ଭୟାନକ କଥା ଚମ୍ପା ତୁଣ୍ଡରୁ ବାହାରିଲା ନାହିଁ । ସେ ରୁଦ୍ଧ କଣ୍ଠରେ କହିବାକୁ ଚାହୁଁଥିଲା—"ତୁମେ ଶେଷରେ ଏପରି ଗୋଟିଏ ନିଷ୍ପତ୍ତି କାହିଁକି କଲ ?" ଏଭଳି ନିଷ୍ପତ୍ତି ନେବା ପଛରେ କ'ଣ ଥାଇପାରେ ଚମ୍ପା ଆଦୌ ବୁଝିପାରି ନଥିଲା ।

"ନା—ନା—ମତେ କେବଳ ତୁମର ଚିନ୍ତାର ପାଗଳା କୁକୁର କାମୁଡ଼ି ଥିଲା ।" ସ୍ମିଲ୍ ଦୃଢଭାବରେ କହିଲା । "ମୁଁ ସାମୟିକଭାବେ ଏପରି ଅସୁସ୍ଥ ହୋଇପଡ଼େ । ମୁଣ୍ଡ ଘୂରିଯାଏ । ତା ଫଳରେ ନାନାପ୍ରକାର ଅସ୍ୱାଭାବିକ ଆଚରଣ କରିଥାଏ ।"

ଚଉମୁହାଣି ଛକ ଉପରେ ଚମ୍ପା ହଠାତ୍ ହଷ୍ଟେଲ ଆଡ଼କୁ ମୁହାଁଇଲା ।

"ତୁମେ ତୁମରି ସୁନେଲି କଳ୍ପନାର ଜାଲରେ ମତେ ପ୍ରଭାବିତ କରିବ ବୋଲି ମୋ ହଷ୍ଟେଲକୁ ଆସୁଥିଲ ?"

"ମୁଁ ତୁମ ସାଙ୍ଗରେ କଥା ହେବାକୁ ଚାହେଁନା, ସ୍ମିଲ୍ । ମୁଁ ତୁମକୁ କୌଣସି ପ୍ରକାର

Digitized by PPRACHIN, SOA

ସାହାଯ୍ୟ କରିପାରିବ ନାହିଁ ।"

"ଏଇଟା କ'ଣ ତୁମର ଶେଷ କଥା ?"—ସି୍ରଲ୍‌ର ମୁହଁ ଶେତାପଡ଼ି ଆସୁଥିଲା ।

"ନିଶ୍ଚୟ, ଏଥିରେ ସନ୍ଦେହର ତିଳେ ଅବକାଶ ନାହିଁ ।"

"ତୁମେ ଗୌତମ ମିଳାମ୍ବରି ପିଣ୍ଡ ଆଉ କେତେଦିନ ଧରିବ ?"

"ମୋତେ ଅପମାନିତ କରନା କହୁଛି ।" ଚମ୍ପାର ଦେହ ଯେପରି ଜଳି ଯାଉଥିଲା ।

"ଅଚ୍ଛା ଅଚ୍ଛା" ସି୍ରଲ୍ ଚୁଲିକଣ୍ଠରେ କହିଲା । "ସଡ଼କ୍ଟାଁ ଉପରେ ଦୟାକରି ପାଟି କରନା ଚମ୍ପା, ମୁଁ କ୍ଷମା ଗୃହୁଁଛି । ଖୁଦା ହାଫିଜ୍ ।" ବର୍ଷା ପ୍ରବାହରେ ଘରଗୁଡ଼ିକର ପରଦା ଦୋହଲି ଗଲା । ଗୃହିଆଡ଼େ ଆଦ୍ରି ଗୋଲପରି ମନ୍ଦକ ।

ସନ୍ଧ୍ୟାବେଳକୁ କେତେକ କାଗଜପତ୍ର ପାଇଁ ସି୍ରଲ୍ କଲେଜ ଗଲା । ସେଦିନ ବ୍ରିଷ୍ଟି ଗାଡ଼ିରେ ତାର ଅନେକ ସାଥୀ ନିଜ ନିଜ ଦେଶକୁ ଫେରୁଥାଆନ୍ତି । ପୁଅ ଝିଅମାନେ ବର୍ଷାରୁ ରକ୍ଷା ପାଇବାକୁ ଫାଟକ ଭିତରେ ଠିଆ ହୋଇଥାଆନ୍ତି । ୧୬୦୦ ଶତାବ୍ଦୀର କାଠକବାଟ ଆଜି ଶେଷଥର ପାଇଁ ଉନ୍ମୁକ୍ତ ହୋଇ ବନ୍ଦ ହେବ । ଏହାପରେ ସେ ଯେବେ ଏଠାକୁ ଆସିବ ସେତେବେଳକୁ ପ୍ରାୟ ସବୁ ବଦଳିଯାଇଥିବ । ବର୍ଷା ଖୁବ୍ ଜୋରରେ ପକାଇଲା । ସେ ମାଳି ପାଖକୁ ଯାଇ କଥାବାର୍ତ୍ତା ହେଲା । ଜଣେ ଖାନ୍‌ସମା ଖୁବ୍ ଜୋରରେ ଖାଇବା ହଲ୍ ଆଡ଼େ ଦଉଡ଼ୁଥିଲା, ସତେ ଅବା ଯେପରି ସେ ଯୁଦ୍ଧକୁ ଯାଉଛି ଏବଂ ପୃଥିବୀ ପ୍ରଳୟର ନିକଟବର୍ତ୍ତୀ ହେଉଛି ।

ସମଗ୍ର କଲେଜ ନିସ୍ତବ୍ଧତାରେ ଆଚ୍ଛନ୍ନ । କେବଳ ବର୍ଷାପାତ ଫଳରେ ପତ୍ରର ମର୍ମର ଶବ୍ଦ ଶୁଭୁଥାଏ । ସି୍ରଲ୍ କମନ୍‌ରୁମର ଝରକାପାଖ ସୋଫାରେ ବସି ଏକ ବର୍ଗ ପ୍ରଶ୍ନ ଦେଖୁଥିଲା । ଚମ୍ପା ଭିତରକୁ ଆସି ଏକ ଚେୟାର ଉପରେ ବସିଲା । ସି୍ରଲ୍ ଚମ୍ପାକୁ ଲକ୍ଷ୍ୟକରି ବର୍ଗ ପ୍ରଶ୍ନର ସଠିକତା ସମ୍ପର୍କରେ ପଚାରିଲା ।

"ଠିକ୍ ଅଛି, ସମ୍ଭବତଃ ଠିକ୍ ଅଛି ।" ଚମ୍ପା ବିଶୁଦ୍ଧ ଇଂରେଜୀ କାଇଦାରେ କହିଲା ।

ଚମ୍ପା ନିଜ କଥାରେ ନିଜେ ଚମକିପଡ଼ି ଗୃହିଁଲା । ସାମ୍ନାରେ ତାର ସୋଫା ଉପରେ ଏକ ଇଂରେଜ ଲର୍ଡ ପରିବାରର ପୁଅ ବସିଛି—କହିବି କେଶ, ଆଭିଜାତ୍ୟର ଅତୁଟ ଅଭିମାନ ତା ମୁହଁରେ ଫୁଟି ଉଠିଛି । ବେଶ୍ ଗମ୍ଭୀର ଏଇ ଯୁବକଟି । ଏହି ଯୁବକ ସାଙ୍ଗରେ ସେ କିଛିବର୍ଷ ୟୁନିଭରସିଟିରେ କଟାଇଛି । ସହପାଠୀ ହୋଇଥିବା ଦୃଷ୍ଟିରୁ ବିଦାୟବେଳେ ତାକୁ 'ଖୁଦା ହାଫିଜ୍' କହିବ ବୋଲି ଆସିଛି । ଘଣ୍ଟା ଘଣ୍ଟା ଧରି କେମ୍‌ନଦୀ କୂଳରେ, ଅଥବା ନୌକାବିହାର କଲାବେଳେ ସାଙ୍ଗରେ ଥିବା ସି୍ରଲ୍ ଏ ନୁହେଁ । ଯାହା ସାଙ୍ଗରେ ସବୁଜ କ୍ଷେତରେ ଉତ୍‌ଫୁଲ୍ଲ ହୋଇ ଚମ୍ପା ଅନେକ ସମୟରେ ବୁଲିଛି ।

Digitized by PPRACHIN, SOA

ଚମ୍ପାର ମନ ଓ ଆତ୍ମାର ବିକ୍ଷୁବ୍ଧ ଭଉଁରି ଭିତରକୁ ଡେଇଁ ପଡ଼ିବାକୁ ଓ ଆଜି ସକାଳେ ବର୍ଷାରେ ଭିଜି ଭିଜି ଚମ୍ପାକୁ ବିବାହ କରିବାକୁ ପ୍ରାର୍ଥନା କରୁଥିବା ସ୍ତିଲ୍ ଏ ନୁହେଁ ! ଏ ସ୍ତିଲ୍ ଲର୍ଡ଼ ବାର୍ନଫିଲଡ଼୍‌ଙ୍କର କନିଷ୍ଠ ପୁତ୍ର ସ୍ତିଲ୍ ଡେରିକ୍ ଏଡ଼ଉଇନ୍ ଯିଏ ଧନ୍ଦାର ଉତ୍ତର ଠିକ୍ କରୁ କରୁ ଚମ୍ପାକୁ ପଚାରିଥିଲା, "ତୁମେ ଏ ପର୍ଯ୍ୟନ୍ତ ଯାଇନ ? କେଉଁ ଟ୍ରେନ୍‌ରେ ଯାଉଛ ?"

"ସାଢ଼େ ଛଟାବେଳ ଗାଡ଼ିରେ—" ଚମ୍ପା ଘଡ଼ି ଦେଖି କହିଲା । "ତୁମେ କେବେ ଲଣ୍ଡନ ଆସୁଛ ?"

"ଯେତେବେଳେ ବି ଯାଏ—ତେବେ ତୁମ ସହିତ ଆଉ ମୋର ଦେଖା ହେବ ନାହିଁ । ଜୀବନସାରା ମୁଁ ତୁମକୁ ଦେଖିବାକୁ ଚାହେଁନାହିଁ ।" ସ୍ତିଲ ଉତ୍ତର ଦେଲା ।

ସେ ଚୁପ୍ ରହିଲା । ପବନରୁ ଝଲକାଏ ଘର ଭିତରକୁ ପଶି ଆସିଲା ।

ସହସା ଚମ୍ପା ଆବେଗରେ କହିଲା, "ମୁଁ ଏବେ 'ଆଇନ' ପଢ଼ିବି ।"

"ଅଭିନନ୍ଦନ ଗ୍ରହଣ କରନ୍ତୁ । ତାପରେ କଣ କରିବ ?"

"ଜ୍ୟୋତିଷବିଦ୍ୟା ତ ମତେ ଆସେ ନାହିଁ ନଚେତ୍ ମୋର ଭବିଷ୍ୟତ ସମ୍ପର୍କରେ କହିଥାନ୍ତି ।" ଚମ୍ପା ଯଥାସମ୍ଭବ ନିଜ ସ୍ୱରକୁ ପ୍ରଫୁଲ୍ଲିତ କରି କହିଲା ।

"ତା'ତ ଠିକ୍ କଥା"—ସ୍ତିଲ୍ ପୁଣି ପତ୍ରିକାରେ ମନୋନିବେଶ କଲା ।

"ତୁମେ ନିଶ୍ଚୟ ଡକ୍ଟରେଟ୍ ପାଇବା ପରେ ମୋଟା ମୋଟା ସମାଲୋଚନା ପୁସ୍ତକ ସବୁ ଲେଖିବ ।"

"ହେଇପାରେ ।"

"ଅଥବା ଡକ୍ଟରେଟ୍ କରିବାରେ ବୋର୍ ହୋଇ ତୁମେ ବ୍ୟାଙ୍କ ଅଫ୍ ଇଂଲଣ୍ଡରେ ଚାକିରି କରିବ ।"

"ତା ମଧ୍ୟ ସମ୍ଭବପର ।"

"ଆଚ୍ଛା, ଏବେ ଯିବା ଦରକାର ।" ଚମ୍ପା ଘଡ଼ି ଦେଖି କହିଲା ।

"ମୁଁ ଯଦି ତୁମ ଜାଗାରେ ଥାନ୍ତି ଏତେଟା ଡେରି କରନ୍ତି ନାହିଁ । ଟ୍ରେନ ଆସିବା ସମୟ ପାଖେଇ ଆସୁଛି ।" ସ୍ତିଲ୍ ଏତିକି କହି ଠିଆ ହେଲା ।

ସ୍ତୀଲ୍ ଦୁଆର ପାଖକୁ ଗଲା । ବର୍ଷ ବର୍ଷ ଧରି ଅଗଣିତ ବିଦ୍ୟାର୍ଥୀ ଏ ଭଳି ଏଇ ଦୁଆର ପାଟିରେ 'ଖୁଦାହାଫିଜ୍' କହି ବାହାର ଦୁନିଆଁରେ ମିଶି ଯାଇଛନ୍ତି । ସ୍ତିଲ୍ ସଙ୍କୁଚିତ ହୋଇ ଚମ୍ପାକୁ ବାହାରକୁ ଯିବାର ରାସ୍ତା ଛାଡ଼ି ଦେଉଁ ଦେଉଁ କହିଲା, "ଏତେ ବର୍ଷ ଧରି ତୁମକୁ ଜାଣିବା ଭିତରେ ମୁଁ ଖୁବ୍ ଖୁସି । ଖୁଦା ହାଫିଜ ।" ସେ ମଧ୍ୟ ବାହାରକୁ ଆସିଲା ।

Digitized by PPRACHIN, SOA

"ତୁମେ ମତେ ଫାଟକ ପର୍ଯ୍ୟନ୍ତ ବଳେଇ ଦେବାକୁ ଆସିବନି ?" ଚମ୍ପା ହଠାତ୍ ନିଜର ଅଖଣ୍ଡ ଏକାକୀତ୍ୱ ଅନୁଭବ କରି ଭୟ ଜଡ଼ିତ କଣ୍ଠରେ କହିଲା ।

"ନାଁ—ମତେ ଧନ୍ଦାର ମୀମାଂସା କରିବାକୁ ପଡ଼ିବ ।"

ଶୀଲ୍ ପୁଣି ଭିତରକୁ ଚାଲିଗଲା ।

ଶୀଲ୍ ଠିକ୍ କହିଥିଲା । ସେଇଦିନଠାରୁ ଚମ୍ପା ଅହମ୍ମଦ ସହିତ ଆଉ କେବେହେଲେ ତା'ର ଭେଟ ହୋଇନି ।

୪୭

ବସ୍ ଲିଓସ୍‌ହିର୍ଷ୍ଟ ଯାଉଥିବା ରାସ୍ତାରେ ଚାଲୁଥିଲା । ହେକ୍ସିଲମେୟରର ଜଙ୍ଗଲ ଉପରେ ଅନ୍ଧକାର ନଇଁ ଆସିଲାଣି । ଲମ୍ବ ଲମ୍ବ ଗଛ ସବୁ ମଣିଷର ଭାଗ୍ୟକୁ ପରଖି କରି ସବୁ ଦେଖି ପାରୁଥିବା ଭଳି ଠିଆହୋଇଥିଲେ ।

କେତେ ଘଣ୍ଟା ଏପରି ଚାଲିବା ପରେ ବସ୍ ଲିବସ୍କିଟ୍‌ର ନିକଟବର୍ତ୍ତୀ ହେଲା । ସାନାଟୋରିଅମ୍‌ର ଆଲୋକ ଦୂରରୁ ପାହାଡ଼ ଉପରେ ବିପଦ ସଙ୍କେତ ପରି ଜଣାପଡ଼ୁଥାଏ । ଅନ୍ଧାର ମଧ୍ୟରୁ ଆଲୋକର ଏ ଝିଲମିଲ୍ ଦୃଶ୍ୟକୁ ଜୀବନ ସହିତ ତୁଳନା କରାଯାଇପାରେ । ଜୀବନ ଆଲୋକମୟ ହୁଏ ପୁଣି ଲିଭି ଯାଏ ଓ ତାପରେ ପୁଣି ଆଲୋକମୟ ହୋଇଥାଏ ।

ଗୌତମ ନୀଳାମ୍ବର ବସ୍‌ରୁ ଓହ୍ଲାଇ ଆଲୋକୋଜ୍ଜ୍ୱଳ ସାନଟୋରିୟମ୍‌ର ବିରାଟ କୋଠାର ପାହାଚ ନିକଟରେ ପହଞ୍ଚିଲା । କେତେଗୁଡ଼ିଏ ଗ୍ୟାଲେରୀ ଅତିକ୍ରମ କରି ନିର୍ମଳାର ରୁମ୍‌ରେ ପହଞ୍ଚିଲା । ନିର୍ମଳା ତାକୁ ଦେଖି ଆନନ୍ଦରେ ବିହ୍ୱଳ ହୋଇ ଉଠିଲା । ଗୌତମ ଆସିବା ପୂର୍ବରୁ କବାଟ ଆଡ଼କୁ ମୁହଁକରି ନିର୍ମଳା କଣ ସବୁ ଭାବୁଥିଲା ।

'ଦିଦି'—ଗୌତମର କଣ୍ଠରେ ନିଜର ସ୍ୱର ହଠାତ୍ ଯେପରି ରୁଦ୍ଧ ହୋଇଗଲା । ବାହାର କୋଳାହଳ ଓ ଜଞ୍ଜାଳମୟ ଦୁନିଆଁରୁ ନିଜକୁ ଏକାନ୍ତଭାବରେ ଅଲଗା କରି ନିର୍ମଳା କାହା ଅପେକ୍ଷାରେ ରହିପାରେ ?

ଗୌତମକୁ ଦେଖିବାମାତ୍ରେ ନିର୍ମଳା ତୁରନ୍ତ ଉଠିପଡ଼ି ଆଙ୍ଗୁଳିରେ ବିପର୍ଯ୍ୟସ୍ତ କେଶ-ରାଶିକୁ ସଜାଡ଼ି ନେଲା । ଅଇନାଟା ପାଖରେ ନାହିଁ, ନଚେତ୍ ସେ ତା'ର ମୁହଁ

Digitized by PPRACHIN, SOA

ଦେଖିପାରିଥାନ୍ତା ।

"ଆରେ ତୁମେ ତ କ'ଣ ବେଶ୍ ସୁସ୍ଥ ଦେଖାଯାଉଛ !"

"କାହିଁକି ମନଭୁଲା କଥା କହୁଛ ? ମୋ ଟେମ୍ପରେଚର ଗ୍ରାଫ୍ ଦେଖ ତ ! ଆଜି ୧୦୧° ଜର ଥିଲା । ମାସେ ହେଲା ଏହିପରି ଜର ଦେହରେ ରହୁଛି ।" ନିର୍ମଳା ଯେପରି ଗର୍ବିତ ହୋଇ କହିଲା ।

ଗୌତମ ବିମର୍ଷ ଚିତ୍ତରେ ନିର୍ମଳା ନିକଟରେ ବସିପଡ଼ିଲା । ସେ ଖୁବ୍ ପ୍ରଫୁଲ୍ଲ ଥିବାର ଦେଖାଇବାକୁ ଚେଷ୍ଟା କଲା ।

ନିର୍ମଳା...ମୋ ଅଜଣାରେ ତୁ ମୋର ଅତି ଆପଣାର ହୋଇ ଯାଇଛୁ ।

କିନ୍ତୁ ଦୁଇଟି ଝିଅଙ୍କୁ ଏକ ସମୟରେ କିପରି ଭଲ ପାଇହେବ ଗୌତମ ବୁଝିପାରୁ ନଥିଲା । ଚମ୍ପା ଓ ନିର୍ମଳା...ନିର୍ମଳା ଭିତରେ ଚମ୍ପା ଭଳି କୌଣସି ବିପଜ୍ଜନକ ବୈଶିଷ୍ଟ୍ୟ ନାହିଁ । ବେଶ୍ ସାଦାସିଧା, ପ୍ରସନ୍ନଚିତ୍ତ ଓ ନିଷ୍କଳଙ୍କ ଝିଅଟିଏ ସେ ।

ଚମ୍ପା ଏବେ "ଉମେନ୍ ଅଫ୍ ଦ ଓ୍ୱାରଲ୍ଡ଼" ହୋଇ ସାରିଛି । ସର୍ବଦା ପୁରୁଷମାନଙ୍କ ନଜର ବିପଜ୍ଜନକ ଆକର୍ଷଣରେ ଆହତ କରୁଛି । ତଥାପି ଗୌତମ ତା ବିନା ବିବଶ ହୁଏ । ତାର ଦୟାର ପାତ୍ର ହେବାକୁ ଅପେକ୍ଷା କରିବସେ ।

ନିର୍ମଳା କିନ୍ତୁ ମୃତ୍ୟୁଶଯ୍ୟାରେ । ଘରୋଇ, ଅନୁଭବହୀନ ଅଥଚ ଗୌତମ ଆଜି ବି ତାକୁ ଅପେକ୍ଷା ରଖେ । ସେ ଚମ୍ପାକୁ ବିଲକୁଲ୍ ଭୁଲିଯିବ । କେତେ ଚେଷ୍ଟାକରି ଗତ ପାଞ୍ଚବର୍ଷ ହେଲା ସେ ଚମ୍ପାକୁ ନିଜ ମନରୁ ଠେଲି ଦେଇଥିଲା । ଗୋଟିଏ ରାଜ୍ୟ, ଗୋଟିଏ ବନ୍ଧୁତ୍ୱର ପରିବେଶ ଭିତରେ ରହି ମଧ୍ୟ ସେ ଚମ୍ପା ସାଙ୍ଗରେ ସାକ୍ଷାତ ନକରି ଦୂରେଇ ରହୁଥିଲା । ଆଜି କିନ୍ତୁ ଚମ୍ପାର ଡାକକୁ ଏଡ଼ିଦେଇ ସେ ରହି ପାରୁନି । ଏ ଡାକ ମେଡ୍ରିଡ, ରୋମ୍ ଓ ଭିଏନାରେ ବାଜୁଥିବା ଆର୍କେଷ୍ଟାରେ ଶୁଭେ । ବର୍ଷାର ଲହରି ଭିତରେ, ହାଟ ବଜାର ଓ ହୋଟେଲ ଭିତରେ, ଆଟଲାଣ୍ଟିକ ଲହରି, ନ୍ୟୁୟର୍କର କୋଳାହଳ ଭିତରେ—ପ୍ରତ୍ୟେକ ସ୍ଥାନରେ ଚମ୍ପାର ଏ ଆହ୍ୱାନ ତାକୁ ଅନୁସରଣ କରି ବୁଲୁଛି । ଡାକବାର ଏ ଶବ୍ଦରେ ଗୌତମ ଅତିଷ୍ଠ ହୋଇ ଉଠିଲାଣି । ଚମ୍ପା ଥିଲା ଶବ୍ଦମୟୀ ! ନିର୍ମଳା ନିର୍ଜନତାର ମୂର୍ତ୍ତିମୟୀ ଯୁବତୀ !! ଚମ୍ପା ନାନା ପ୍ରକାର କଥା କହୁଛି । ସେ କଥା ସବୁ ତାର ମନେ ଅଛି । ସମସ୍ତ ସନ୍ଧ୍ୟା, ଦ୍ୱିପ୍ରହର—ଏସବୁ ସମସ୍ତ ସଙ୍ଗୀତ ସ୍ୱରରେ ପରିପୂର୍ଣ୍ଣ ଥିଲା । ଗୀତ ସରିଗଲେ ବି ସ୍ୱରର ଥିଲା ଶେଷହୀନ ବିସ୍ତୃତି । ଅଥଚ ନିର୍ମଳା ଥିଲା ମୌନ । ଗୋମତୀ ବି ଥିଲା ମୌନ । ବର୍ଷାଦିନ ଦ୍ୱିପ୍ରହରର ଶାନ୍ତି ! ବର୍ଷାପରେ କୁହୁଡ଼ିରେ ଆଚ୍ଛନ୍ନ ସୋରିଷ କ୍ଷେତର ନିର୍ଜନତା ! ନିର୍ମଳା ତାକୁ କେବେ ତା'ର ବ୍ୟକ୍ତିଗତ କଥା କହିନି । ଚମ୍ପା ତା'ର ପ୍ରତ୍ୟେକ କଥା ପଦରେ ଓ ଗୁଲିଚଳନ

Digitized by PPRACHIN, SOA

ଦ୍ୱାରା ଅନ୍ୟ ବ୍ୟକ୍ତି ସାଙ୍ଗରେ ଏକ ରହସ୍ୟମୟ ସମ୍ପର୍କ ସ୍ଥାପନ କରିହବ ।

"ଏବେ ମୋତେ କିଛୁଟା ଶାନ୍ତି ଦେଇପାରିବ ଏଇ ନିର୍ମଳା ।"—ମନେ ମନେ କହି ସେ ତାର ମଥା ଉପରେ ହାତ ରଖିଲା ।

"ଗୌତମ ।"

"ହଁ ବିବି ?"

"ସୁରେଖାର ନୂଆ ଫ୍ଲାଟ୍ କିପରି ହୋଇଛି ?"

ଗୌତମ ସୁରେଖାର ଫ୍ଲାଟ ବିଷୟରେ ଟିକିନିଖି ଖବର ଦେଲା । "ଏବେ ଭଲ ହେଇ ଯାଅ ନିଜେ ଯାଇ ଦେଖିବ ।"

"ହଁ ହଁ ନିଶ୍ଚୟ ଯିବି" ନିର୍ମଳା ଉତ୍ସାହିତ ହୋଇ କହିଲା ।

"ଆଜିକାଲି ଜଣେ ନୂଆ ଭଦ୍ରଲୋକ ଆସିଛନ୍ତି—'ଉଗିଆ' 'ଖଗଲପୁରୀ' ।

"ଆହାଃ ! କି ମଜା ନାଁଟା । ସେ କ'ଣ ଟେକ୍ ?"

"ଖୁବ୍ ହାଲୁକା"

"ଏବେ ଚନ୍ଦ୍ରା ଏଠାରେ ଅଛି ତ ?"

"ହଁ ।"

"ଏବେ ରାତି ଖୁବ୍ ବେଶୀ ହେଲାଣି ଗୌତମ ମାଷ୍ଟର ।" ନିର୍ମଳା ଠିକ୍ ହରଶଙ୍କର ଓ କମାଲ୍‌ଙ୍କ ଭଳି ଗୌତମକୁ ସତର୍କ କଲା ।

"ହଁ"—ଗୌତମ ଚେୟାରରୁ ଉଠି ଠିଆହେଲା ।

"ଆରେ—ଗୋଟିଏ କଥା ଶୁଣିଯାଅ"—ନିର୍ମଳା ସହସା କହି ଉଠିଲା । "ଗୋଟିଏ ସୁନ୍ଦର ଖବର ପଚାରିବାକୁ ମୁଁ ଭୁଲି ଯାଇଛି ।"

ଗୌତମ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଲା ।

"କାଲି ଡଲ୍‌ଅର୍ କହୁଥିଲେ ଚମ୍ପାବାଇ ଫାଇନାଲ୍ ପରୀକ୍ଷା ଦେଇ କେମ୍ବ୍ରିଜରୁ ଲଣ୍ଡନ ଚାଲି ଆସିଛି—ତୁମେ ଜାଣିନା ?"

"ନାଁ—।"

"ଆଚ୍ଛା—ମୋର ଧାରଣା ଥିଲା ଡଲ୍‌ଅର୍ ତମକୁ ନିଶ୍ଚୟ କହିଥିବ । ତୁମେ ତା' ସାଙ୍ଗରେ ଦେଖା କରିବନି ? ବିଚାରୀ···।"

"ମୋତେ ଆଜିକାଲି ବେଳ କେଉଁଠି ଯେ ମୁଁ ଲୋକମାନଙ୍କୁ ସାମାଜିକ ସାକ୍ଷାତ କରିବି ?"

"ଅଚ୍ଛା ବିବି, ଖୁଦା ହାଫିଜ୍"—ଗୌତମ ତୁରନ୍ତ ଘରୁ ବାହାରି ଆସିଲା ।

ନିର୍ମଳା ଠିକ୍ ଧରିପାରିଥିଲା ଯେ ଗୌତମ ତାକୁ ଭୁଲି କହୁଛି । ସେ ଭଲଭାବେ

Digitized by PPRACHIN, SOA

ଜାଣେ ଯେ ଚମ୍ପାବାଜୀ ଏଠାକୁ ଆସିଚ୍ଛ । ସେ ଯେ ଚମ୍ପାକୁ ସାକ୍ଷାତ କରିବ ଏକଥା ମଧ୍ୟ ନିର୍ମଳା ଭଲଭାବେ ଜାଣିଥିଲା । ସେ ଖୁବ ଧୀରେ ବେଡ୍ ସୁଇଚ୍ ବନ୍ଦକରି ଶୋଇଗଲା ।

ପ୍ରକୃତରେ ଗୌତମ ନିର୍ମଳାକୁ ମିଛ କହିଥିଲା । ସେଦିନ ଲିଭର୍ହାଷ୍ଟ ଆସିବାପୂର୍ବରୁ ଚମ୍ପା ସଙ୍ଗରେ ଫୋନ୍‌ରେ କଥା ହୋଇଥିଲା ।

ଗୌତମର ଫୋନ୍ ରିଂ କରିବା ମାତ୍ରେ ସେ ରିସିଭର ଧରିଥିଲା—

"ହଲୋ ! ଗୌତମ..."

ଗୌତମ ନୀରବ ରହିଥିଲା ।

"ଗୌତମ ନୀଳାମ୍ବର ! ମୋ କଥା କ'ଣ ତମକୁ ଶୁଭୁନି ?" ଅନ୍ୟ ପାଖରୁ ଚମ୍ପା ଖୁବ୍ ଜୋରରେ କହିଥିଲା ।

"ଶୁଣୁଚ୍ଛି—"

"ତମକୁ ଟିକେ ଲାଜ ଲାଗୁନି । ମୁଁ ଏତେ ବର୍ଷହେଲା ଏଠି ରହିଲି, ଅଥଚ ତମେ ଦିନେ ବି ମୋତେ ସାକ୍ଷାତ କଲନି ! ମୁଁ କ'ଣ ତମକୁ ଖାଇଯାଉଚ୍ଛି ?" ଚମ୍ପା ହସିଲା ।

ଗୌତମ ନୀରବ ରହିଲା ।

ଏତେ ବଡ଼ ଜଣେ ଡିପ୍ଲୋମାଟ, ଅଥଚ ତାକୁ କିଛି ଉତ୍ତର ଦେବାପାଇଁ ତୁଣ୍ଡରେ ତା'ର ଭାଷାର ଅଭାବ ।

"ମୁଁ କେମ୍ବ୍ରିଜ୍‌ରୁ ଆସି ଜନ୍ କ୍ୱାର୍ଟରରେ ରହୁଚ୍ଛି । କେଉଁଦିନ ଏଆଡ଼େ ଆସ !"

"ହଁ ଚମ୍ପା ମୁଁ ନିଶ୍ଚୟ ଯିବି ।" ବିଚଳିତ ହୋଇ କହିଲା ଗୌତମ ।

ସେ ଜାଣି ନଥିଲା ଯେ ଅନ୍ୟପାଖରୁ ଚମ୍ପା ତା' କଥା ଶୁଣି ଏତେ ଖୁସି ହୋଇଯିବ ! ସତେ ଯେପରି ସାରା ସଂସାରର ସମ୍ପତ୍ତି ଚମ୍ପାକୁ ମିଳିଗଲା !

ସେ ଦିନ ନିର୍ମଳାଠାରୁ ବିଦାହୋଇ ରାତି ବାରଟାରେ ଆସି ଗୌତମ ଘରେ ପହଞ୍ଚିଲା । କମ୍ପିତ ହାତରେ ଫୋନ୍ ଉଠାଇ ଜନ୍ କ୍ୱାର୍ଟରର ଫୋନ୍ ନମ୍ବର ଡାଏଲ୍ କଲା ।

"ହାଲୋ ! କିଏ ?"

"ମିସ୍ ଅହମ୍ମଦ ଅଛନ୍ତି ?"

"ଆପଣ କିଏ କହୁଛନ୍ତି ?"

"ମୁଁ ନୀଳାମ୍ବର ।"

Digitized by PPRACHIN, SOA

"ହାଲୋ ମି: ମାଳାମ୍ବର ! ମିସ୍ ଅହଲ୍ୱାଦ ଏଇନେ କୁଆଡ଼େ ଯାଇଛନ୍ତି ।"

"ଆଚ୍ଛା !"

"କିଛି ଜରୁରୀ କଥା ଅଛି କି ?" ଗୌତମ କଣ୍ଠର ବ୍ୟଗ୍ରତା ଅନୁଭବ କରି ଫୋନ ଧରିଥିବା ଲୋକଟି ପୁଣି କହିଲା, "ଫିରୋଜ, ସୁରେଖା, ଜରିନା, ଅମଲ, ଡଲଅଲ୍ଭ— ଏଇ ସମସ୍ତଙ୍କ ଘରକୁ ଫୋନ୍ କରି ବୁଝନ୍ତୁ । ସମ୍ଭବତଃ ସେ ସେଠାରେ ମିଳିପାରନ୍ତି ।"

"ନାହିଁ କିଛି ଜରୁରୀ କଥା ନାହିଁ । ଗୁଡ଼ ନାଇଟ୍ ।" ଗୌତମ ନିଜର ବୋକାମୀ ଅନୁଭବ କରୁଥିଲା । ସିଗାରେଟ୍ ଖଣ୍ଡେ ଜଳାଇ ଝର୍କା ପାଖରେ ଯାଇ ଠିଆ ହେଲା ସେ ।

୪୨

"ମୁଁ ଗୋଟିଏ ବହି ଲେଖିବାର ଅଛି । ଏହାର ନାଁ ହେବ 'ପୋଟ୍ରେଟ ଅଫ୍ ଦି ଆର୍ଟିଷ୍ଟ ଆଜ୍ ଏ ୱାନଜୁଆନ୍' ।"—କମାଲ କହିଲା ।

ସେମାନେ ସବୁ ସୁରେଖାର ବିଶାଳ ଡ୍ରଇଂ ରୁମରେ ବସିଥିଲେ । ବଗିଚୁଆଡ଼କୁ ଥିବା ଘରଟାର ଦୁଆର ମେଲା ଥିଲା । ବସନ୍ତର ମଧ୍ୟାହ୍ନ । ସୁରେଖା ଦୁଆର ପାଖରେ ବସି ମେସିନରେ ସିଲେଇ କରୁଥାଏ । ଡଲଅଲ୍ଭ ଓ ଫିରୋଜ ରୋଷେଇଶାଳାରେ ରୋଷେଇ କରୁଥାନ୍ତି । ହରିଶଙ୍କର ସେଦିନ ଓ୍ୱାସିଂଟନରୁ ଆସି କାଇରୋ ଯିବାକୁ ପ୍ରସ୍ତୁତ ହେଉଥିଲା । "ଏ ହରିଶଙ୍କର ଓ ଗୌତମ ଦୁହେଁ ଖୁବ୍ ମଜାରେ ଅଛନ୍ତି । ଆଜିକାଲି ସେମାନେ ଠିକ୍ 'ଇବନ-ବତୁତା' ଭଳି ହୋଇଛନ୍ତି । ସକାଳୁ ସକାଳୁ ଗୌତମର ଫୋନ୍ ଆସିଛି । ସେ ମସ୍କୋ ବାହାରିଲାଣି"—ଗୁଲଶନ୍ କହିଲା ।

"ଗୌତମ ତ ହୁଏନସାଂ ମଧ୍ୟ; ଏଇ ଯେମିତି ଚୀନରୁ ଆସିଛି ।" କମାଲ ମନ୍ତବ୍ୟ ଦେଲା ।

ବଗିଚାରେ ବସି ଚନ୍ଦ୍ରା ମାଥୁର୍ ଗୀତ ଗାଇବାକୁ ଆରମ୍ଭ କରି ଦେଇଥାଏ । ଚନ୍ଦ୍ରା ଏମାନଙ୍କର ପୁରୁଣା ବାନ୍ଧବୀ । ସେ ନ୍ୟୁୟର୍କରୁ ଦିଲ୍ଲୀ ଯିବା ବାଟରେ ଲଣ୍ଡନରେ ଓହ୍ଲାଇ ଜରିନା ଘରେ ଅତିଥି ହୋଇଛି । ଡ୍ରଇଂ ରୁମର ଅନ୍ୟ ପାଖରେ 'ରୁଗିଆନ୍' ସାହେବ ଜରିନାର ସ୍ୱାମୀ ଗୁଲଶନ୍ ଆହୁଜା ସାଙ୍ଗରେ କଥା ହେଉଥାନ୍ତି ।

ସେ ରବିବାରଟି ଖୁବ୍ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଥିଲା । ସକାଳୁ ସକାଳୁ ଚମ୍ପା

Digitized by PPRACHIN, SOA

ଯେତେବେଳେ ଜନ କ୍ୱାଟରରୁ ବାହାର ସୁରେଖା ଘରକୁ ଆସିବାକୁ ବସ୍ ଧରିଲା, ବସ୍‌ର ବୁଢ଼ା କଣ୍ଡକ୍ଟର ତାକୁ ଦେଖି ମୁରୁକି ହସି କହିଥିଲା—"ମାଈ ଡିଅର, ସତରେ ତୁମେ ଆଜି ଖୁବ୍ ସୁନ୍ଦର ଦେଖାଯାଉଛ । ତମର ବୟଫ୍ରେଣ୍ଡ ତମକୁ ଦେଖି ଖୁବ୍ ଖୁସି ହେବେ ।"

ପ୍ରକୃତରେ ଚମ୍ପା ଖୁବ୍ ଖୁସି ଥିଲା । କାଲି ଯେ ଗୌତମ ସାଙ୍ଗରେ ଫୋନ୍‌ରେ କଥା ହୋଇଛୁ । ଅନେକ ବର୍ଷର ବ୍ୟବଧାନ ପରେ ଗୌତମର ସ୍ୱର ତାକୁ ଖୁବ୍ ଭଲ ଲାଗିଥିଲା ।

ସେ ସୁରେଖା ଘରେ ପହଞ୍ଚିଲା । ସେଠାରେ ସବୁ ବନ୍ଧୁ ଜମାହୋଇଥିଲେ । ସେ ସମସ୍ତଙ୍କ ସହିତ ଖୁବ୍ ଖୁସି ମନରେ ଗପସପ କଲା ।

ଡଲଅତ୍ ରେଷ୍ଟୋରଘରୁ ହରଶଙ୍କରକୁ ଡାକିଲା । ବଗିଚାରୁ ହରଶଙ୍କର ରେଷ୍ଟୋର ଘରକୁ ଗଲା ।

ହରଶଙ୍କର ବଗିଚାର ଦୁଆର ପାଖରେ ଠିଆ ହୋଇ ଡାକିଲା, "ଏଇ ନିଅ, ଏ ଗରମ ଗରମ ପୁରି । ଚମ୍ପାବାଈ କେଉଁଠି ? ଏ ପ୍ଲେଟ ତାଙ୍କୁ ଦେଇ ଆସ ।"

ହରଶଙ୍କର ହାତରେ ପ୍ଲେଟ ଧରି ଡ୍ରଇଁ ରୁମର ଚାରିଆଡ଼କୁ ଚାହିଁଲା । ଚମ୍ପା ଅପର ପାର୍ଶ୍ୱର ଝର୍କା ପାଖରେ ବସିଛି । ତାକୁ ଦେଖି ମନେହେଲା ସତେ ଯେପରି ସେ ପ୍ୟାରିସର ବୁଡ଼ନ୍ତ ସୂର୍ଯ୍ୟ ! ଏକ ସଂଭ୍ରାନ୍ତ ଜୀବନ !! ସେଥିରୁ ଫିଲସଫି ଅଧ୍ୟୟନ କରି ହୁଏ, ନୂଆ ଫ୍ରାନସୀୟ ସାହିତ୍ୟ ମଧ୍ୟ । ଚମ୍ପାବାଈ ! ତୁମେ ତ ଆଉ ଏକ ପ୍ରାନ୍ତରେ ଆସି ପହଞ୍ଚିଗଲଣି ! ଆମେ ଜାଣୁନା ତୁମେ ଏବେ ଉନ୍ମୁକ୍ତ ଭାବେ ହସିପାରିବ କି ନା !! ଏବେ ସୁରେଖା, ଡଲଅତ୍, ଫିରୋଜ—ଏ ଝିଅମାନଙ୍କୁ ଦେଖ—ଏମାନେ କେତେ ହସିଆରି ଅଟନ୍ତି । ଝିଅମାନଙ୍କର ମାମଲା ପ୍ରକୃତରେ ବଡ଼ ଅସୁନ୍ଦର ଅଟେ । ଥରକେ କୂଳରେ ଲାଗିଗଲେ ତ ଲାଗିଗଲେ ନଚେତ ତୁଠପଥର ହୋଇଯାନ୍ତି; ଆମେ କେବଳ ଏଇଆ ଜାଣୁ । "ଚମ୍ପାବାଈ ! —ପୁରି ନିଅ ପୁରି !" ହରଶଙ୍କର ଭାବାବେଗରୁ ମୁକ୍ତ ହୋଇ ଚମ୍ପାକୁ ଡାକିଲା ।

ଚମ୍ପା ପାଖକୁ ଯାଇ ସେ ଅଣ୍ଟୁ ମାଡ଼ି ବସିପଡ଼ିଲା ।

"ଏମାନଙ୍କୁ କ'ଣ ହେଇଗଲା ? ସମସ୍ତେ ହଠାତ୍ ଚୁପ୍ ହେଇଗଲେ ଯେ—" 'ତୁଗିସ୍ତାନ୍' ସାହେବ ଗୁଲଶନ୍‌ଙ୍କୁ ଆସ୍ତେ ପଚାରିଲେ ।

"ଏମାନେ ସବୁ କଳ୍ପନାରେ ମଜ୍ଜି ଯାଇଛନ୍ତି ।" ଗୁଲଶନ୍ ବେପରୁଆ ଭାବେ କହି ଉଠିଲା ।

"ଏହା ଖୁବ୍ ଆନନ୍ଦପୂର୍ଣ୍ଣ ସମୟ" ତୁଗିସ୍ତାନ ସାହେବ କହିଲେ । "ସୁରେଖା ଦେଖ

Digitized by PPRACHIN, SOA

ସିଲ୍‌ଇ କରିବା ବି ଜାଣନ୍ତି ! ! ଏହା ମୁଁ ଜାଣି ନ ଥିଲି ! କମାଲଜୀ ପୁରି ଖାଉଛନ୍ତି । ଚନ୍ଦ୍ରାଦେବୀ ବଗିଚାରେ ମୁର୍ଗୀ ଚରାଉଛନ୍ତି । ତଲ୍‌ଅତ୍ ରୋଷେଇଶାଳରେ । ଏ ତ ଗୁରୁଦେବ ରବିଠାକୁରଙ୍କ ଉପନ୍ୟାସର କୌଣସି ଏକ ଶାନ୍ତ ମଧୁର ପରିବାର ।” ଊଗିସ୍ଥାନ ସାହେବ ପରିବେଶକୁ ଲକ୍ଷ୍ୟକରି କହିଲେ ।

“ମହାଶୟ ହଠାତ ଯେପରି ଗୁରୁଦେବଙ୍କ ନଭେଲ୍ କେବେ ଦେଖିଛନ୍ତି !” ଗୁଲ୍‌ଶାନ ଚଢ଼ିଯାଇ କହିଲା । “ତଲ୍‌ଅତ୍ ଶୀଘ୍ର ସମସ୍ତ ପୁରି ଗୁଣି, ଚା ଦେଇଯାଅ ।”

‘ଊଗିସ୍ଥାନ୍’ସାହେବ ପୁଣି ଧ୍ୟାନମଗ୍ନ ହେଲେ ।

“ହାଲୋ ହରିଶଙ୍କର ! କଥା କ’ଣ ?” ଖବରକାଗଜରୁ ମୁହଁ ଉଠାଇ ଚମ୍ପା ପଚାରି ବସିଲା ।

“ଅହୋ···ଏତେବେଳକେ ପଚାରୁଛ କ’ଣ ହେଲା ବୋଲି ! କିଛି ନହେଲେ ବି ଚା’ ଟିକେ ପିଇବନି ?”

“ଆଚ୍ଛା, ଅର୍ଡର କର ।”

ଚା କପ୍ ଉଠାଇ ନେଉଁ ନେଉଁ ଚାମଚ ତଳେ ପଡ଼ିଗଲା ।

ଆମେ ପରସ୍ପରର ଜୀବନ ଭିତରେ ପ୍ରବେଶ କରି ବସିଥାଉ ଓ ପରସ୍ପରକୁ ପ୍ରତି ମୁହୂର୍ତ୍ତରେ ଆଘାତ ଦେଇଥାଉଁ ।

“ଚମ୍ପାବାଈ !” ହରିଶଙ୍କର କହିଲା, “ଆମ ଭିତରେ ତମେ ଖୁବ୍ ମହାନ୍ । କାରଣ ତମ ଭିତରେ ସ୍ନେହ ମମତା ପାଇଁ ସ୍ଥାନ ଅଛି ।” ପୁଣି ଖୁବ୍ ଧୀର ସ୍ୱରରେ କହିଲା, “ଶୁଣ, ୟୁ. ଏନ୍‌ରେ ଖୁବ୍ ଭଲ ପୋଷ୍ଟ ଗୋଟିଏ ଖାଲି ପଡ଼ିଚି, ତମପାଇଁ ଧରାଧରି କରି ଦେଖିବି କି ?”

“ତମର ଇଚ୍ଛା କ’ଣ ? ମୁଁ କ’ଣ ଜୀବନସାରା ଏମିତି ଏଠି ସେଠି ହନ୍ତସନ୍ତ ହେଉଥିବି ?”

“ତା’ଛଡ଼ା ତମର ଆଉ କ’ଣ କରିବାକୁ ଅଛି ଯେ ?”—ଏତିକି କହି ହରିଶଙ୍କର ତୃପ୍ତି କଲା ଭଳି ଅନୁଭବ କଲା । ମାତ୍ର ସେ ତ ଖୁବ୍ ଖୋଲା ମିଜାଜର ଦୁଃସାହସୀ ଯୁବକ ! “ମୋର କହିବା କଥା କ’ଣ କି—” ହରିଶଙ୍କର କଥାଟାକୁ ବୁଲାଇ କହିବାକୁ ଚେଷ୍ଟାକଲା, “ତୁମ ଭଳି ଶିକ୍ଷିତା, ପ୍ରତିଭାବାନ୍ ମହିଳା ଯଦି ହାଣ୍ଡି ଚୁଲି ଧରି ସଂସାର କରି ବସିବେ ତାହେଲେ କ’ଣ ଠିକ୍ ହେବ ?” ହରିଶଙ୍କର ରେଷ୍ଟୋରାଁ ଘରେ ପଶୁଥିବା ଝିଅମାନଙ୍କୁ ଲକ୍ଷ୍ୟକରି କହିଲା, “ମୁଁ ଭାବୁଚି ତମେ ଏଭରେଷ୍ଟ ଶୃଙ୍ଗକୁ ଖୁସିରେ ଚଢ଼ିଯାଇ ପାରିବ । ତମେ ବାସ୍ତବିକ୍ ଖୁବ୍ ଗ୍ରେଟ୍ ଚମ୍ପାବାଈ !” ହରିଶଙ୍କରର କଣ୍ଠ ଯେପରି ରୁଦ୍ଧ ହୋଇଆସୁଛି । ସେ ଦସ୍ତାର୍ଦ୍ର ସ୍ୱରରେ ଏତିକି କହିଲା ।

Digitized by PPRACHIN, SOA

ଚମ୍ପା ଚୁପ୍‌ଚୁପ୍ ବସି ବଗିଚାଆଡ଼କୁ ଅନାଇଥିଲା ।

ରୁମ୍‌ର ଅନ୍ୟଭାଗରୁ ଉଚ୍ଚ କଣ୍ଠରେ ଅନ୍ୟମାନେ ଆଳାପରତ ଥା'ନ୍ତି ।

ଘର ଭିତରଟାରେ କୋଳାହଳ; ଚମ୍ପାକୁ ଏହା ଖୁବ୍ ବିରକ୍ତ ବୋଧ ହେଉଥିଲା । "ମୁଁ ପାଗଳ ହୋଇଯିବି"—ଅତିଷ୍ଠ ହୋଇ ଚମ୍ପା ନିଜେ ଖୁବ୍ ଧୀରେ ସ୍ୱଗତୋକ୍ତି କଲା । ଆଖି ତାର ଛଳଛଳ ହୋଇ ଆସୁଥାଏ ।

ହରଶଙ୍କର ଚମ୍ପା ଆଖିରେ ଆଗରୁ କେବେ ଅଶ୍ରୁ ଦେଖି ନ ଥିଲା ।

"ଚମ୍ପାବାଈ ! ପ୍ରେମକୁ ତମର ଭାବପ୍ରବଣତାରେ ବଦଳାଅ ନାହିଁ ।

"କଣ ତମେ ଯେ କହୁଚ !"—ଚମ୍ପାକୁ ହସ ଲାଗିଲା ।

"ମୁଁ ପ୍ରେମ କରିବାରେ ଲାଗିଛି ନା କିଛି ଗୋଟାଏ ରାଜମହଲର ନକ୍‌ସା ତିଆରି କରୁଛି ?"

"ଚମ୍ପାବାଈ" ହରଶଙ୍କର ବିରୋଧ କଲାଭଳି କହିଲା, "ତୁମ ଚିନ୍ତାଧାରା ହେଲା 'ପୃଥକ୍' । ତୁମ ଭାବନାରେ ଅଛି ଓ୍ୱାଗନରଙ୍କ ବୋଝ । ପୂର୍ବେ ବି ଥିଲା । କିନ୍ତୁ ବର୍ତ୍ତମାନ ଅଧିକ ହୋଇଗଲା । ମୋର କହିବାର କଥା ଯେ ତୁମେ ତୁମ ଆତ୍ମାର ପବିତ୍ରତାକୁ ନଷ୍ଟ କରିବାରେ ଲାଗିଛ । ଦଶବର୍ଷ ବିତିଗଲା, କିନ୍ତୁ ତୁମେ ବଦଳିଲ ନାହିଁ !"

"ହରିଶଙ୍କର ! ମୋ ପ୍ରତି ତମର ସହାନୁଭୂତି ସେତିକି ଥାଉ । ମୁଁ କେବେ ପରାଜୟର ଗ୍ଲାନି ଅନୁଭବ କରିନି । ପରାଜୟ କପର ଆସେ ମୁଁ ତାହା ଜାଣିବାକୁ ଚାହେଁ ।"

ଡାଇନିଂ ଟେବୁଲ୍ ପାଖରେ ଗୁଲ୍‌ଶନ୍ ଓ ତୁଗିସ୍ଥାନ୍ ସାହେବଙ୍କ ପାଟି ଶୁଭୁଥାଏ ।

ତୁଗିସ୍ଥାନଙ୍କୁ ଜଣେ ଜବରଦସ୍ତ ସୋସାଲିଷ୍ଟ କହିଲେ ଭୁଲ ହେବନି । ସୁଫିଜିମ୍ ତାଙ୍କର ସାଇଡ୍ ଲାଇନ୍ ଥିଲା । ସେ ହିନ୍ଦୀ ଭାଷାରେ ଅନେକଗୁଡ଼ିଏ ଉପନ୍ୟାସ ଲେଖିସାରିଥିଲେ । ତାଙ୍କର ପୂରା ନାଁ ରାୟ ହରବଂଶ ରାୟ 'ତୁଗିସ୍ଥାନ' ଭାଗଲପୁରୀ । ସେ ଏବେ ଇଂରେଜୀରେ ଉପନ୍ୟାସ ଲେଖିବାକୁ ଆରମ୍ଭ କରିଛନ୍ତି ।

"ଏହାଙ୍କର ଜଣେ ମୁସଲମାନ ଗୁରୁ ଶ୍ରୀନଗରରେ ରହୁଛନ୍ତି ।" ହରଶଙ୍କର ଚମ୍ପାକୁ ଖୁବ୍ ଧୀରେ କହିଲା ।

ଇତିମଧ୍ୟରେ ଚନ୍ଦ୍ରା ବଗିଚାରୁ ଘର ଭିତରକୁ ପଶିଆସିଲା । ତୁଗିସ୍ଥାନ୍ ସାହେବ ବିସ୍ମିତ ହୋଇ ତାକୁ ଚାହିଁ ରହିଲେ ।

"ଏ ମହିଳା ଜଣକ କିଏ ସୁରେଖା ଦେବୀ ?"

"ଏ ମହିଳା ଜଣକ ଖୁବ୍ ଜଣେ ପ୍ରୋଗ୍ରେସିଭ । କିନ୍ତୁ ଡଲର ରୋଜଗାର ପାଇଁ ନ୍ୟୁୟର୍କର ଆକାଶବାଣୀରୁ ହିନ୍ଦୀରେ ସମାଚାର ଶୁଣାଇବାକୁ ନିଯୁକ୍ତି ପାଇଛନ୍ତି ।"

Digitized by PPRACHIN, SOA

କମାଲ୍ କହିଲା ।

ଠିକ୍ ଏତିକିବେଳେ ତଲ୍‌ଅତ୍ର ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାକୁ କହିଲା, "ମୁଁ ଗୋଟିଏ ଖବର ଶୁଣାଇବି—ଶୁଣନ୍ତୁ କୁଆଡ଼େ ଶାନ୍ତା ଓ ବିଲ୍ କ୍ରେଗ ମଧ୍ୟରେ ଝଗଡ଼ା ଲାଗିଛି । ବିଲ୍ ନିକଟରେ ତାକୁ ଛାଡ଼ପତ୍ର ଦେବ । ଆଜିକାଲି ଅଧିକାଂଶ ଇଣ୍ଟେଲେକ-ଚୁଆଲ୍ ଲୋକ ନିଜ ସ୍ତ୍ରୀମାନଙ୍କୁ ଛାଡ଼ି ଦେଉଛନ୍ତି ।"

"ଆଜିକାଲି ଏ ସବୁ କ'ଣ ଯେ ହେଉଛି"—ସୁରେଖା ଖୁବ୍ ଆସ୍ତେ କହିଲା ।

"ଏ ସ୍ପ୍ରିଲ୍ ଏଣ୍ଟ୍ରେ ବି । କାଲି ମୁଁ ତାକୁ ସୁଜାତା ମୁଖାର୍ଜିଙ୍କ ଘରେ ଦେଖିଲି । ସେ କ'ଣ ସେଠାରେ ମାନସିକ ଶାନ୍ତି ଖୋଜିବାପାଇଁ……?" ତଲ୍‌ଅତ୍ର ପଚାରି ବସିଲା ।

"ପ୍ରଶ୍ନ ହେଉଛି—" ଫିରୋଜ ଚଟାଣ ଉପରେ ବସିପଡ଼ି କହିବାକୁ ଲାଗିଲା, "ମଧ୍ୟବିତ୍ତ ପରିବାରର ଝିଅଗୁଡ଼ା ଏତେଟା ରୋମାନ୍ଟିକ କାହିଁକି ହେଉଥିଲେ ?"

"ହେଉଥିଲେ କଣ, ବର୍ତ୍ତମାନ ବି ହେଉଛନ୍ତି । ତୁମେ ତ ଏଭଳି କଥା କହୁଛ, ଯେପରିକି ଏହା ଏକ ପୋଷ୍ଟରିଭଲ୍ୟୁସନର ପିରିଅଡ୍ ଏବଂ ପୂର୍ବଯୁଗ ସଂପର୍କରେ ବିଶୁଦ୍ଧ ଐତିହାସିକ ଆଲୋଚନା ଆମେ କରୁଛେ ।"

"ମୁଁ ଏଇଆ ଭାବୁଥିଲି ।" ସେ ପାଖରୁ ହରିଶଙ୍କର କମାଲକୁ ଲକ୍ଷ୍ୟକରି ଆରମ୍ଭ କଲା । "ଝିଅଗୁଡ଼ାଙ୍କର ମାମଲା ବଡ଼ ବିଚିତ୍ର । ଏମାନଙ୍କୁ କେତେ ଦୁଃଖ ସହିବାକୁ ନପଡ଼େ ସତେ ! ପିଲାଛୁଆ ଜଞ୍ଜାଳ, ଘର ସଂସାର । ବିଚାରୀ ! ନିଜକୁ ପରଠାରେ ସମର୍ପଣ କରିବାର କି ନିରୀହ ପରିଣତି ଏମାନଙ୍କର ! ତା ଛଡ଼ା ଏମାନଙ୍କ ମନ ରଖିବା ଆଉ ଏକ ବଡ଼ ସମସ୍ୟା । କେଡ଼େ ଛୋଟିଆ ଛୋଟିଆ ଜିନିଷରେ ଏମାନେ କେତେ ଖୁସି ନହୁଅନ୍ତି ! ସେମାନଙ୍କୁ ଦେଖାରୂପେ ବିଚାର କରିବା ଦରକାର । ତାଙ୍କ ମନକୁ କଷ୍ଟ ଦେବା ସବୁଠାରୁ ବଡ଼ ଅପରାଧ ।"

ତଲ୍‌ଅତ୍ର ହରିଶଙ୍କର ଆଡ଼କୁ ଆସିଲା ।

ନାରୀମାନଙ୍କ ସମ୍ପର୍କରେ ହରିଶଙ୍କର ଅତିଶୟୋକ୍ତି କରି ଚାଲିଥାଏ । ଏଇ ଅତିଶୟୋକ୍ତିର ଦୃଷ୍ଟାନ୍ତ ତଲ୍‌ଅତ୍ର ନିଜର ଚାରିପାଖରେ ଦେଖିବାକୁ ପାଉଛି ଯେପରି । ଗୌତମ ନୀଳାମ୍ବର, ଚମ୍ପା, ନିର୍ମଳା—ଏମାନଙ୍କ ଚରିତ୍ରରେ । ଏମାନେ ମଣିଷର ଗୋଟିଏ ଲେଖା ଏନ୍‌ଲାର୍ଜଡ଼ ଛବି !

"କ'ଣ ସବୁ ଯେ ଅଲଣା କଥା କହୁଛ—ଦେବୀ କିଏ ନା ଦେବତା କିଏ ? ଏ ଭାବାବେଗ ତମ ପାଖରେ ରଖ । ଆର୍ଥିକ ସ୍ୱାଧୀନତା ବଡ଼ କଥା ।

"ଏ କଥା ତୁମେ ମୋଟେ ବୁଝିପାରୁନ । ଆର୍ଥିକ ସ୍ୱାତନ୍ତ୍ର୍ୟ ଯଦି ଅସଲ କଥା

Digitized by PPRACHIN, SOA

ହେଉଥାନ୍ତା । ତେବେ ଏତେବେଳେ ଚମ୍ପା ବେଗମ୍ ବଗିଚାରେ ଅଦୃଷ୍ଟ ହୋଇ ବୁଲୁନଥାନ୍ତା ।" ହରଶଙ୍କର ଉତ୍ତର ଦେଲା ।

"ଉହୁଁ, ତା କଥା ଛାଡ଼ । ତା' ମୁଣ୍ଡଟା ତ ବିଗିଡ଼ି ଯାଇଛି ।"—ଡଲ୍‌ଅତ୍ କହିଲା ।

"ଆହା···ଏତେବଡ଼ ଯୋଗ୍ୟ ଝିଅ, କେମ୍ବ୍ରିଜ୍‌ରେ ସମସ୍ତଙ୍କୁ ବେଶ୍ ଗୋଟାଏ ବୁଦ୍ଧି ଶିଖେଇ ଏଠିକି ଆସିଚି—ଯାହା ସାଙ୍ଗରେ କଥା ହେଉଛି ସେ ଫ୍ଲାଟ୍ ହୋଇ ଯାଉଛି ?—ତମେ କହୁଚ କ'ଣ ନା ତା ମୁଣ୍ଡ ଖରାପ ! ବାଃ··· ।"

"କ'ଣ ଭାଇ ! କମ୍ୟୁନିଷ୍ଟମାନେ କ'ଣ ପ୍ରେମ କରନ୍ତି ନି ?" ରୁଗିସ୍ଥାନ୍ ସାହେବ ଗୁଲଶନ୍‌ଙ୍କୁ ପଚାରିଲେ ।

"ହେ ଭଗବାନ !" ଡଲ୍‌ଅତ୍ ରାଗ ତମତମ ହୋଇ ଭିତରକୁ ଚାଲିଗଲା ।

"ବବ !" ହରଶଙ୍କର ଆଦରସହକାରେ ଡାକିଲା ।

"ତମେ ଏବେ ଆହୁରି ପଢ଼ । ପି. ଏଚ୍. ଡି. କର । କିଏ କହୁଚି ଆର୍ଥିକ ସ୍ୱଚ୍ଛଳତା ନିହାତି ଜରୁରୀ ନୁହେଁ ବୋଲି ! ଆପଣା ମନକୁ ନ୍ୟୂନ କରନା ।"

"ପି. ଏଚ୍. ଡି. କଲେ ବଡ଼ ଗୋଟାଏ ଲଡ଼ୁ ମିଳିବ, ଲଡ଼ୁ ! ତିନି ଶବ୍ଦ ଟଙ୍କାର ଚାକର—କେବଳ ତିନିଶବ୍ଦ !!" ହରଶଙ୍କର ହାତର ତିନୋଟି ଆଙ୍ଗୁଳି ଆଗକୁ ଦେଖାଇ କହିଲା ।

"ଆରେ ଟଙ୍କାପଇସା କ'ଣ ବଡ଼ କଥା ? ଆମର ନୂଆ ହିନ୍ଦୁସ୍ଥାନ । ଆମ ସମସ୍ତଙ୍କୁ ତା' ପାଇଁ କାମ କରିବାକୁ ହେବ ।"

ଚମ୍ପା ପଦଚାରଣା କରି ରୁମ୍ ପାଖକୁ ଆସି ଭିତରକୁ ଚାହିଁଲା । ଅନ୍ୟ ସମସ୍ତେ କଥାବାର୍ତ୍ତାରେ ମଗ୍ନ । ତାପରେ ସେ ବଗିଚାରୁ ବାହାରି ରାସ୍ତା ଉପରକୁ ଚାଲି ଆସିଲା ।

୪୮

ବରଫ ଖୁବ୍ ଜୋରରେ ପଡ଼ୁଥିଲା । ସୁଜାତା ଦେବୀ ଝରକା ସବୁ ବନ୍ଦ କରି ଦେଲେ ।

ସ୍ୱାମୀ ଦେବୀକାନନ୍ଦ ଗୀତାର ପୃଷ୍ଠା ଖୋଲାଇବାକୁ ଆରମ୍ଭ କଲେ । ସେ ଥିଲେ

Digitized by PPRACHIN, SOA

କମାଲ୍ ଓ ହରଶଙ୍କରଙ୍କର ଇଂରାଜୀ ପ୍ରଫେସର୍ । ଅଗ୍ରନକ ସେ ଦିନେ ଅନ୍ତ ଧାନ ହେବା ପରେ କମାଲ ଓ ହରଶଙ୍କର ଦୁହେଁ ତାଙ୍କୁ ହରଦ୍ୱାର ପର୍ଯ୍ୟନ୍ତ ଖୋଜିବାକୁ ଆସିଥିଲେ । ଏବେ ସେ ଗେରୁଆ ଲୁଗା ପିନ୍ଧି, ଦାଢ଼ୀ ରଖି, ଇଉରୋପର ବିଭିନ୍ନ ରାଷ୍ଟ୍ରରେ ବୁଲିବୁଲି ଭାଷଣ ଦେଉଛନ୍ତି । ଗୌତମ ଝରକା ଦେଇ ସୁଜାତା ମୁଖାର୍ଜୀଙ୍କ ଫ୍ଲାଟ ଭିତର କକ୍ଷକୁ ଚାହିଁଲା । ସ୍ୱାମୀଜୀ ଇଂରେଜ ଝିଅମାନଙ୍କ ଗହଣରେ ବସିଛନ୍ତି । ସମ୍ଭବ ଏଁ କୀର୍ତ୍ତନ କରିବାରେ ମଶ୍‌ଗୁଲ୍ । ସୁଜାତା ମୁଖାର୍ଜୀ ସେମାନଙ୍କୁ ଚା' ପରିବେଷଣରେ ବେଶ୍ ତତ୍ପର ।

ଗୌତମ କେତେ ସପ୍ତାହ ପରେ ସେ ଦିନ ସକାଳୁ ସକାଳୁ ମର୍ଫୋର୍ ଫେରିଥାଏ । ଚାକିରପାଇଁ କମାଲ୍ କେତେକ ଦରଖାସ୍ତ ଭାରତକୁ ପଠାଇଥିଲା । ଇଣ୍ଡିଆ ହାଉସରେ ଗୌତମର ଟେବୁଲ ଉପରେ ଏହି ଦରଖାସ୍ତଗୁଡ଼ିକର ଉତ୍ତର ଆସି ପଡ଼ିଥାଏ । ସେ ସେଗୁଡ଼ିକ ଖୋଲିବା ପୂର୍ବରୁ ଆଗ କମାଲକୁ ଖୋଜି ବାହାରିଲା । ସୁରେଖା ଘରୁ ଶୁଣିଲା ଯେ କମାଲ ଓ ହରଶଙ୍କର ତାଙ୍କ ପୁରୁଣା ପ୍ରଫେସରଙ୍କ ସାକ୍ଷାତପାଇଁ ସୁଜାତା ମୁଖାର୍ଜୀ ଘରକୁ ଯାଇଥିବେ — । ମାତ୍ର ସେମାନେ ଏଠି କାହାନ୍ତି ? ଗୌତମ ଭିତରକୁ ଆସି ଘରର ଏକ କୋଣରେ ମାଇକେଲ ପାଖରେ ବସିଲା ।

"ଆରେ ଭାଇ ! ଏ ତମ ସ୍ୱାମୀଜୀ ତ ବିଲକୁଲ୍ ଫ୍ରଡ଼୍ ଭଳି ଜଣାପଡ଼ୁଛନ୍ତି !" ମାଇକେଲ ଗୌତମକୁ ପଚାରି ବସିଲା, "ମୁଁ ଶୁଣିଲି, ଆମେରିକା ସରକାର ସ୍ୱାମୀଜୀଙ୍କୁ ଧର୍ମପ୍ରଚାର ପାଇଁ ଟଙ୍କା ଦେଉଛି ଆଉ ଏ କଂଗ୍ରେସ ଅଫ୍ କଲଚରାଲ୍ ଫ୍ରିଡ଼ମ୍ ପାଇଁ ଲାଗିଛନ୍ତି !"

"ତୁମେ ଏପର୍ଯ୍ୟନ୍ତ ଇଜରାଏଲ ଯାଇନ ?"

"ଏଇ ତ ଯିବାକୁ ବାହାରିଛି ।"

"ସମସ୍ତେ ଯାଉଛନ୍ତି"—ସୁଜାତା ଦେବୀ ମାଇକେଲର କଥା ଶୁଣି ସେମାନଙ୍କ ପାଖକୁ ଆସିଲେ ।

"ନୋମୋସ୍କାର ମିଃ ମାଲାମ୍ବର !"

"ନମସ୍କାର ସୁଜାତା ଦିଦି !"

ଇତିମଧ୍ୟରେ ଗୁଡ଼ାଏ ଫୁଲ ହାତରେ ଧରି ନର୍ଗୀଶ୍ ରୁମ ଭିତରକୁ ପଶିଆସିଲା । "ଆଲୁଅରେ ଆସି ଦେଖିଲାବେଳକୁ ଏ ଫୁଲଗୁଡ଼ାକ ସବୁ ଲାଲ ରଙ୍ଗର । ମୁଁ ଭାବୁଥିଲି ଏ ଗୁଡ଼ା ହଳଦିଆ ଫୁଲବୋଲି ।" ସ୍ୱାମୀଜୀଙ୍କ ପାଦତଳେ ଅଜାଡ଼ି ଦେଉଁ ଦେଉ କହିଲା ନରଗୀଶ୍ ।

"ନର୍ଗୀଶ୍ ! ଏ କ'ଣ ପ୍ରହସନ ସବୁ କରୁଚ ?"—ଗୌତମ କ୍ଷମ୍ନ ସ୍ୱରରେ

Digitized by PPRACHIN, SOA

ନର୍ଗୀଶକୁ ଲକ୍ଷ୍ୟକରି ପଚାରିଲା ।

"କେବଳ କଲଚର୍ ପାଇଁ ଏସବୁ ଏମିତ ହୁଏ—"

"କମାଲ୍ କେଉଁଠି ?"

"ସମ୍ଭବତଃ ସେ ଲର୍ଡ଼ସହର୍ଷ୍ଟରୁ ଫେରିନ ।"

ଲର୍ଡ଼ସହର୍ଷ୍ଟ...ଗୌତମ ମନ ଉପରେ ଯେପରି ଲର୍ଡ଼ସହର୍ଷ୍ଟ ଶବ୍ଦଟା ମୁଗୁରଭଳି ପିଟିହେଲା "ହେଲେ, ଆଜି ତ ରବିବାର ନୁହେଁ"—

"ହଁ । ଆଜି ନର୍ମଳାର ଦ୍ୱିତୀୟ ଫୁସ୍‌ଫୁସ୍ ଅପରେସନ ହେଲା । ତମେ କ'ଣ ଜାଣିନ ? ଆରେ ହଁ, ଆଜି ତ ମସ୍କୋରୁ ଆସୁଛ—"

"ସମସ୍ତେ ଯାଉଛନ୍ତି—ସମସ୍ତେ ନିଜନିଜ ଇଜରାଏଲକୁ ଯାଉଛନ୍ତି ।" ସୁଜାତା ଦେବୀ ଅର୍ଦ୍ଧମୁଦ୍ରିତ ଆଖିରେ ଗୌତମକୁ ଚାହିଁ କହିଲେ, "ତୁମେ ସମସ୍ତେ ଭାରତକୁ ଫେରି ଯାଉଛ । ନରଗୀଶ୍ ଆଜି କହୁଥିଲା । ମାଇକେଲ ବି ଯାଉଛି—"

"ଏଇ ତ ଦୁନିଆର ନୀତି, ସୁଜାତା ଦେବୀ ! ଲୋକ ଆସେ ଆଉ ଯାଏ । " ଗୌତମ ସାମାନ୍ୟ ବିରକ୍ତି ପ୍ରକାଶ କରି କହିଲା ।

"ମୁଁ ତ ଜାଣେ—ଏ ହେଉଛି ଯିବା-ଆସିବାର ଦୁନିଆ । ହେଲେ ଚାଲିଗଲାପରେ କେହି କେବେ ଆସେ କି ?" ସୁଜାତା ଦେବୀ ରବିଠାକୁରଙ୍କ ଜୀବନ-ମୃତ୍ୟୁର ଦର୍ଶନ ଆଲୋଚନା କରି ବସିଲେ ।

ଗୌତମ ଶୀଘ୍ର ନର୍ଗୀଶକୁ ଚାହିଁ ପଚାରିଲା—"କମାଲକୁ ମୁଁ ଖୁବ୍ ଖୋଜୁଛି ନର୍ଗୀଶ୍ ! ତା ଠିକଣାରେ କେତେଥର ଜରୁରୀ ତାର ଆସିଛି ।"

"ବି· ବି· ସି. କାଣ୍ଟିନ୍‌ରେ ଦେଖିନଅ କିମ୍ବା ଚୁକେ-ସରାଇ ଦେଖ । ସେ ହୁଏତ ସେଇଠି ଥିବ । ଗଲା ପୂର୍ବରୁ ସ୍ୱାମୀଜୀଙ୍କୁ ଦେଖା କରିବନି ?"

ଗୌତମ ତୁରନ୍ତ ବାହାରକୁ ଚାଲିଆସିଲା ।

'ଚୁକେ-ସରାଇ' ସେତେବେଳେ ଶୂନଶାନ୍ ଲାଗୁଥିଆ । କେବଳ ଝିଅଟିଏ ଦୁଆର ଆଡ଼କୁ ପିଠିକରି ଉଚ୍ଚ ଷ୍ଟୁଲ ଉପରେ ବସି ଚା' ପିଉଛି । ଗୌତମ ଓ୍ୱେଟ୍ରେସ୍‌କୁ ପଚାରିବାକୁ କାଉଣ୍ଟର ଆଡ଼କୁ ଗଲା । ଷ୍ଟୁଲ ଉପରେ ବସିଥିବା ଝିଅଟା ମୁହଁ ବୁଲାଇ ଗୌତମକୁ ଚାହିଁଲା । "ଆରେ ଏ ତ ଚଂପା !"

Digitized by PPRACHIN, SOA

"ହଲୋ ଚଂପା ! ତମେ ଏଠାରେ ?" ଗୌତମ କହିଲା ।

ଚଂପା ବସିଥିବା ଜାଗାରୁ ଓହ୍ଲାଇ ଆସି ପାଖରେ ଏକ ଷ୍ଟୁଲରେ ବସିଲା ।

"ତୁମେ କହୁଥିଲନା, ଏ ପୃଥିବୀଟା ବହୁତ ସାନ । ଆମେ ପୁଣି କେଉଁଠିନା କେଉଁଠି ପରସ୍ପରକୁ ଭେଟିବା ।"

"ଏବେ କିନ୍ତୁ ଏତେଟା ଶ୍ରେଷ୍ଠ ହେଉ ଆଉ ନାହିଁ । ସବୁ କଥାକୁ ଏମିତି ଭାବବୋଧ ଉପରେ ବିଗ୍ରହ କରିବାରେ କିଛି ମାନେ ହୁଏ ନା ।"

"ତୁମେ ତ ସବୁ କଥାକୁ ଲିଟରଲ୍ ମନେ କରୁଛ ।"

"ଏ କେମିତି ?" ତା ପରେ ଗୌତମ ଚାରିଆଡ଼କୁ ଅନାଇ କମାଲକୁ ମନେ ମନେ ଖୋଜିବାକୁ ଲାଗିଲା ।

"ମୁଁ ତମକୁ ଦିନେ କହୁଥିଲିନା, ତମେ ମୋତେ ଖୁବ୍ ଭଲ ଲାଗ ବୋଲି ? ବଡ଼ ଆବଷ୍ଟ୍ରାକ୍ଟ କଥା; କିନ୍ତୁ ତୁମେ ତାକୁ ବସ୍ତୁବାଦୀ ଦୃଷ୍ଟିଭଂଗୀ ନେଇ ବିଗ୍ରହ କରିବସିଲ । ଏସବୁ ତମରି ତ୍ରୁଟି ।" ଚଂପା ଆଙ୍ଗୁଳି ନିର୍ଦ୍ଦେଶ କରି କହିଲା ।

"ଆବଷ୍ଟ୍ରେକ୍ଟର ଦୁଆ ଧରି ନାହିଁ । ମୁଁ ଏବେ ସୁଜାତା ଦେବୀଙ୍କ ଘରେ ସ୍ୱାମୀ ଦେବୀକାନନ୍ଦଙ୍କୁ ଦେଖି ଆସିଲି । ତୁମେ କମାଲକୁ ଦେଖିଛ ?"

"ନା—" ଚଂପା ରୁକ୍ଷସ୍ୱରରେ ମନା କଲା । "ଏ ଲୋକଟା ଘଡ଼ିକେ ଘଡ଼ି କିପରି ରଙ୍ଗ ବଦଳାଏ ସତେ !"

"ତମେ ମୋତେ ସେଦିନ କୋନ୍‌କ୍ୱାର୍ଟର ନମ୍ବରରେ ଫୋନ୍ କରିଥିଲ—"

"ହଁ କରିଥିଲି । ଯେହେତୁ ତୁମେ କେମ୍ବ୍ରିଜରୁ ଫେରି ମୋତେ ରିଂ କରିଥିଲ ।" —ଗୌତମ ଏମିତି ଧରାପଡ଼ିଯିବ ବୋଲି ଆଶା କରିନଥିଲା ।

"ଗୌତମ, ତୁମେ କଥାକଥାରେ ଏମିତି ଆଘାତ ଦେବାକୁ ଭଲପାଅ କିପରି ? ପ୍ରାୟ ସାତବର୍ଷ ପରେ ତମ ସାଙ୍ଗରେ ମୋର ଆଜି ଭେଟ ହେଉଛି । ଅନ୍ତତଃ ଟିକେ ସୌଜନ୍ୟ ତମଠୁଁ ଆଶା କରାଯାଏନା ?"

"ଚମ୍ପା ! ମୁଁ ଏଇନେ ଖୁବ୍ ବ୍ୟସ୍ତ । କମାଲର କେତେଟା ଜରୁରୀ ଚିଠି ଆସିଛି । ଏଇ ଦିନେ ଦି'ଦିନ ଭିତରେ ଇଣ୍ଟରଭ୍ୟୁ ଦେବାକୁ ଦିଲ୍ଲୀ ଯିବାକୁ ପଡ଼ିବ । ନିର୍ମଳାର ପୁଣି ଥରେ ଅପରେସନ୍ ହେଉଛି । ତୁମେ ରାତି ଦିନ ଚବିଶ ଘଣ୍ଟା ସପନରେ ବୁଡ଼ି ରହୁଛ—ତମେ କ'ଣ ଭାବୁଛ ଯେ ଆଉ ଅନ୍ୟମାନେ ତମ ସାଙ୍ଗରେ ସେଇ ତମର ସପନରେ ମଶଗୁଲ ରହିବେ ?"

"ଆରେ ! ମୋତେ ଏସବୁ ଜଣାନଥିଲା । ଚାଲ୍ କମାଲକୁ ଖୋଜିବା ।" ଚଂପା ଉଠି ଠିଆହେଲା । ଗୌତମ ତାକୁ ଚାହିଁଲା, 'ସତେ କି ବଚନ ମାଧୁରୀ ନାରୀ !'

Digitized by PPRACHIN, SOA

ସେ ସବୁଇ ବାହାରକୁ ଆସି ସୁରେଖା ଘରକୁ ଫୋନ କଲା । ଗୁଲ୍‌ଶନ ଅନ୍ୟ ପ୍ରାନ୍ତରୁ କହିଲା, "କମାଲର ପତ୍ତା ନାହିଁ—ସମ୍ଭବତଃ ସାର୍ ଶେଖରଙ୍କ ଘରକୁ ନର୍ମିଳାର ରିପୋର୍ଟ ନେଇ ଯାଇଛୁ । ସୁରେଖା ଏପର୍ଯ୍ୟନ୍ତ ଫେରିନ । କମାଲ୍ କହୁଥିଲା ଶେଖରଙ୍କ ଘରୁ ଫେରି ଆମ ଘରକୁ ଆସିବ । ତୁମେ ସବୁ ଆସ । ମୁଁ କଲେଜ ଯାଉଛୁ । ପଡ଼ିଶା ଘରେ ଗୃହକାଠି ଦେଇଯାଉଛୁ—"

"ଆଚ୍ଛା, କେହି ଲଡ଼ସହସ୍ଟ ଯାଇଛନ୍ତି କି ?" ଗୌତମ ପଚାରିଲା ।

"ତଲ୍‌ଅତ୍ ଓ ହରିଶଙ୍କର ଲଡ଼ସହସ୍ଟ ଯାଇଛନ୍ତି । ଯଦି ତୁମେ ଯିବ ତ ମୋଠାରୁ ଗୋଟାଏ ପାର୍ଶଲ୍ ନେଇଯିବ । ନର୍ମିଳା ନାକଟକୁ ପଠାଇବାକୁ ସୁରେଖା ଡ୍ରାଇନ୍‌ ଟେବୁଲ ଉପରେ ରଖିଦେଇଯାଇଛୁ । ତଲ୍‌ଅତ୍ ସେ ପାର୍ଶଲ୍‌ଟା ନ ନେଇ ଗ୍ଲୁଡ଼-ଯାଇଛୁ ।"

"ଆଚ୍ଛା—ମୁଁ ଏଇଲେ ଯାଉଛୁ—"

ସେ ଦୁହେଁ ସେଣ୍ଟ ଜନ୍‌ଉଡ଼ ଅଭିମୁଖରେ ବାହାରିଗଲେ । 'ଆଶା' ଘରୁ ଗୃହକାଠି ନେଇ ସୁରେଖାର ଡ୍ରଇଁରୁମକୁ ଗଲେ । ବଗିଚ୍ଚ ଆଡ଼କୁ ଥିବା କବାଟ ଖୋଲି ଦେଖିଲେ—ମୃଦୁ ବରଫପାତ ଆରମ୍ଭ ହୋଇଗଲାଣି ।

"କେଡ଼େ ଆରାମପ୍ରଦ ସୁରେଖା ଓ ଗୁଲ୍‌ଶନ୍‌ର ଏ ଘରଟା ସତେ !" ଗୌତମ ସୋଫା ଉପରେ ଆଉଜି ପଡ଼ି କହିଲା । ବଗିଚ୍ଚ ଆଡ଼କୁ ମୁହଁ କରିଥିବା କବାଟ ଆର ପାଖରୁ ସଙ୍ଗୀତ ଲହର ଭାସି ଆସୁଥାଏ ।

ରୁମ୍‌ର ଗୋଟିଏ କଡ଼ରେ ବହି ଆଲମିରାଟିଏ ଥିଲା । ବଖରାଟିର ମଡ଼ର୍ଣ୍ଣ ଇଣ୍ଟିରିଅର୍ ଡେକୋରେସନ ଖୁବ୍ ସୁନ୍ଦର ହୋଇଥାଏ । ଏହା ଗୋଟିଏ କଳାକାର ଓ ନର୍ତ୍ତକୀର ପ୍ରକୋଷ୍ଠ ବୋଲି ସ୍ପଷ୍ଟରୂପେ ବାରି ହେଇ ପଡ଼ୁଥାଏ । ଗୋଟିଏ କୋଣରେ ସିଲାଇ ମେସିନ ଓ ପରିବା ଟୋକେଇ ଥୁଆ ହୋଇଥାଏ । ଗୌତମ ହସିଲା । ଏହା ଗୋଟିଏ କଳାକାରର ରୁମ୍; ଅଥଚ ଏଠି ଆରାମ କରିବାର ପ୍ରଚୁର ସମ୍ଭାବନା ମଧ୍ୟ ଅଛୁ । ଏପରି ନିରାଡ଼ମ୍ବର ଓ ସୁନ୍ଦର ଜୀବନ ସେ ସବୁ ସ୍ଥାନରେ ଖୋଜୁଥାଏ ।

"ମୁଁ ଏଠାରେ ବିତାଇଥିବା ମୁହୂର୍ତ୍ତିଗୁଡ଼ିକ ଖୁବ୍ ସୁନ୍ଦର"—ସେ କହିଲା ।

ଏଠି ରହୁଥିବା ଲୋକଙ୍କର ବ୍ୟକ୍ତିତ୍ୱ ଏହାର ପ୍ରତିଟି କୋଣ ଅନୁକୋଣରେ ଝଲକି ଉଠୁଚି ! ଟିକେ ଭାବି ଦେଖ ତ !" ଗୌତମ ଉଠି ବସିଲା । ଆଷ୍ଟରଲାରେ ଜଗନ୍ନାର ଘର ବି ଗୋଟିଏ କଳାକାରର ଘର । ସେଣ୍ଟ୍ ଜନଉଡ଼ରେ ତଲ୍‌ଅତ୍ ଓ କମାଲର ଫ୍ଲାଟ ଗୁଲ୍‌ଫିଶାଁର ଏକ ଅଂଶ ଭଳି ବୋଧହୁଏ । ପୁଣି ସୁଜାତା ଦେବୀଙ୍କ ଡ୍ରଇଂ ରୁମ୍ । ସବୁ ଜିନିଷର ମୂଳରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ପୋଜ୍ ଅଛୁ ସେଠାରେ ।"

Digitized by PPRACHIN, SOA

"ତୁମେ ଏଇ ପୋଜ୍ ଓ ପୋଜ୍ ନଥିବା ଜୀବନଷ ଭିତରେ ଥିବା ତଫାତ୍‌କୁ କିପରି ଜାଣିପାର ?" ଚମ୍ପା ଗୌତମର କଥା ଛଡ଼ାଇ ତାକୁ ଓଲଟି ପ୍ରଶ୍ନ କଲା ।

"ନା ଚମ୍ପା, ତମେ ନିଜେ କେବେ ନିଜର ବ୍ୟାକ୍‌ଗ୍ରାଉଣ୍ଡର ସଭ୍ୟତାରୁ ନିଜକୁ ଅଲଗା କରିପାରିବନି । କିନ୍ତୁ କି ବିଚିତ୍ର ସତେ ! ମୁଁ ତମର ପ୍ରକୃତ ବ୍ୟାକ୍‌ଗ୍ରାଉଣ୍ଡ ଏପର୍ଯ୍ୟନ୍ତ ଜାଣିପାରିଲିନି ! 'ତୁଳେ-ସର୍ଇ' ଘରେ ବସିଥିଲାବେଳେ ତୁମେ ଯେ ବନାରସରୁ ଆସିଛ ଭଳି ଆଦୌ ଜଣାଯାଉ ନଥିଲା । ଆମେ ଆମର ବ୍ୟାକ୍‌ଗ୍ରାଉଣ୍ଡ, ଆମର ପରମ୍ପରା ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ଅଥଚ ତୁମେ ତା' କରୁନାହଁ ।"

"ତୁମେ ଭୁଲ କହୁଛ—ତମେସବୁ ଯିଏ ଯୁଆଡ଼େ ଅଲଗା ହୋଇ ଚାଲିଗଲ । ମୁଁ ଏକଲା ଠିଆହୋଇଚି; ଅଥଚ ତମେ କହୁଛ ମୁଁ ଏଥିପ୍ରତି ଦାୟିତ୍ୱଶୀଳ ନୁହେଁ ?" ଚମ୍ପା ରାଗରେ ଲାଲ ପଡ଼ିଯାଉଥିଲା ।

"ତୁମେ ତ ଜାଣିଛ, ଗତ ବର୍ଷ ମୁଁ ଆମେରିକାରୁ ତମ ନିକଟକୁ ଚିଠି ଲେଖିଥିଲି । ଗୋଟାଏ ଦେବଦାରୁ ଜଙ୍ଗଲ ଭିତରେ ବସି ସେ ଚିଠିଟି ଲେଖିଥିଲି । ମୁଁ ସେଦିନ କାହିଁକି ଯେ ବହୁତ ଖୁସିଥିଲି ତା' ଜାଣେନା । କେବେ କେମିତି ଏତେ ଖୁସି ହେବାର କାରଣ କ'ଣ ମୋତେ ଜଣା ପଡ଼େନା । ସେ ଚିଠିଟା ହୁଏତ ତମେ ପାଇନାହଁ ।"

"ମୋତେ ଆଜିପର୍ଯ୍ୟନ୍ତ କୌଣସି ଚିଠି ମିଳିନି ।"

"ଏବେ ତୁମେ ପୁଣି ଖୁବ୍ ରୋମାନଟିକ୍ ହେଉଛ ।"

ପାଖ ଫ୍ଳାଟ୍‌ରୁ କିଏ ଏତିକିବେଳେ ଉଚ୍ଚ କଣ୍ଠରେ ଗୀତ ଗାଇବା ଆରମ୍ଭ କରିଦେଲା ।

"ଗୌତମ ! ତମେ ଏତେଟା ରୁକ୍ଷ ହୁଅନି— !"

ଚମ୍ପାର ଆଖି ଲୁହରେ ଛଳଛଳ ହେଲା ।

"ଆରେ, କାନ୍ଦୁଛ କାହିଁ ? ଜୀବନରେ ଲୁହ ଢାଳିବାକୁ କଣ କମ୍ ଅଛି ଯେ ତୁମେ ଏଠି ବସି ବସି ତାହା ଢାଳିବାକୁ ଆରମ୍ଭ କରୁଛ ! ଖୁବ୍ ହସ । ଭାଇସାହେବଙ୍କ ପରାମର୍ଶ ନିଅ । ମୁଁ ଆଜି ତାଙ୍କୁ ସସ୍ତ୍ରୀକ ଦେଖିଥିଲି । ନିଜ ସ୍ତ୍ରୀଙ୍କ ସହିତ ସେ ଏତେ ଖୁସିଥିଲେ ଯେ କଥାରେ କହି ହେବ ନାହିଁ । ଖାଇବା ପାଇଁ ଯାଉଥିଲେ ସେମାନେ । ମାନସିକ ସୁସ୍ଥ ବ୍ୟକ୍ତି ଏପରି ହୁଅନ୍ତି, ଯେପରି ଭାଇସାହେବ ।"

"ତମେ ଏସବୁ ଅଯଥା କଥା କୁହନି, କହୁଛି"—ଚମ୍ପା କହିଲା ।

ସଙ୍ଗୀତର ସ୍ୱରଲହରି ନିକଟ ହୋଇ ଆସୁଥିଲା ।

"ଝିଙ୍କା ବନ୍ଦକରି ଦିଅ ତ"—ଗୌତମ ହଠାତ୍ କହିଲା ।

"ହଁ । ଏ କୋଳାହଳ ତ ରାତି ପାହିବା ପର୍ଯ୍ୟନ୍ତ ଲାଗିଥିବ । ଲଣ୍ଡନ

Digitized by PPRACHIN, SOA

ମଜଲିସବାଲାଙ୍କ ପାଇଁ ଏମିତି ପାଣିକିଆ ଗୀତ ଗାଇବା ଛଡ଼ା ଆଉ କଣ କରିବାକୁ ଅଛି ?"

ଗୌତମ ବାହାରକୁ ଯାଇ ବଗିଚା ଦେଖିବାରେ ଲାଗିଲା । ତାପରେ ସେ ପୁଣି ଘରକୁ ଫେରିଆସିଲା ।

"ଗୌତମ ମାଷ୍ଟର ।"

"ହଁ ।"

"ମୁଁ କ'ଣ ବହୁତ ବୋକା ?"

"ନାହିଁ ତ, ତେବେ ଏମିତି ଖୁବ୍ ବେଶୀ ଚାଲାକ୍ ବି ନୁହେଁ ।"

"ମୁଁ ଏଇତକ ଜାଣିବାକୁ ଚାହୁଁଥିଲି । ଯା' ହେଉ ତୁମେ କହିଦେଲ । ମୋର ଏବେ ବିଶ୍ୱାସ ରହିବ ।" କିଛି ସମୟ ପରେ ଗୌତମ ଚା' ତିଆରି କରିବାକୁ ପ୍ରସ୍ତାବ ଦେଲା ।

ଚମ୍ପା ଚୁପ୍‌ଚାପ୍ ଉଠି ରୋଷେଇ ଘରକୁ ଚାଲିଗଲା ।

"ଚମ୍ପାରାଣୀ !—ବେଶ୍ ଖୁବ୍ ଧୀରସ୍ଥିର ହୋଇ ବସିଯାଇଛ ତ !" ଗୌତମ କିଛି ସମୟ ପରେ ରୋଷେଇଘର ଦୁଆରମୁହଁକୁ ଆସି କହିଲା ।

"ଆଉ କ'ଣ ନାଚିବି ?"

"ଏ ତ ଗୋଟାଏ କିଛି ଉତ୍ତର ହେଲା ନାହିଁ । ଏକଦା ତୁମେ ଖୁବ୍ ମୁଙ୍ଗରା ଥିଲ । ଏଇ ଦେଖୁନ ଏଆଡ଼େ ସବୁ ପୋଡ଼ିଗଲା ।"

"ମୁଁ ଖୁବ୍ ଦୁଃଖିତ ଯେ ଏଠି ତଲ୍‌ଅତ୍ତ ନାହିଁ । ସେ ଥିଲେ ତମକୁ ବେଶ୍ ମନଜାଣି ଖାଇବାକୁ ଦେଇପାରିଥାନ୍ତା ।"

"ଏମିତି କଥା କୁହନା ଚମ୍ପା ।"

"ଗୌତମ !" ଚମ୍ପା କେତେଟା ଉଠାଉ ଉଠାଉ କହିଲା, "ତମେ ଯଦି ଚାହଁ ଏଇନେ ମୁଁ ଏଠୁ ଚାଲିଯିବି । ଭବିଷ୍ୟତରେ ତମ ସାଙ୍ଗରେ ଆଉ କେବେ ଦେଖା କରିବିନି । ଭୁଲ ମୋର—ଏତେବର୍ଷପରେ ତମ ସାଙ୍ଗରେ ସାକ୍ଷାତ କରିବାକୁ ଇଚ୍ଛା ପୋଷଣ କରି ମୁଁ ଭୁଲ କରିଛି ।"

"ଚମ୍ପାରାଣୀ !" ଗୌତମ ରୋଷେଇ ଘର ଭିତରକୁ ଆସି ଗୋଟିଏ ଷ୍ଟୁଲ ଉପରେ ବସିଗଲା । ଅସଲ କଥା ଜାଣିବାକୁ ଚାହୁଁଛ ? କଥା ହେଉଛି, ମୁଁ ନିଜେ ନିଜକୁ ଡରୁଛି । ମୁଁ କିଛି ଠିକ୍ କରିପାରୁନି ଯେ ତମ ସାଙ୍ଗରେ କି କଥା ହେବ । ତମେ ମୋତେ ବା କେଉଁ ବିଷୟରେ କହିବ ! ଏ ଦୀର୍ଘ ବ୍ୟବଧାନ ପରେ ଆମ ଦୁହିଙ୍କ ପାଖରେ ଏଭଳି କିଛି ଆକର୍ଷଣୀୟ ବିଷୟ ନାହିଁ, ଯାହାକୁ ନେଇ ଖୁବ୍ କଥା ହେଇପାରିବା ।"

Digitized by PPRACHIN, SOA

ଚମ୍ପା ଗ୍ଲ' ଡଆର କରି ତିଇଂ ରୁମ୍‌କୁ ନେଇ ଆସିଲା ।

"ଭିଆଡ଼କୁ ଅସନ୍ତୁ" କଠୋର ସ୍ୱରରେ ଚମ୍ପା ଡାକିଲା । ଗୌତମ ଭିତରକୁ ଯାଇ 'ଫାୟାରପ୍ଲେସ' ପାଖରେ ବସିଲା ।

ମାରବତା ଭାଙ୍ଗିବା ପାଇଁ ଗୌତମ ଟେବୁଲ ଉପରେ ରଖାଯାଇଥିବା ଚମ୍ପାର ବ୍ୟାଗ୍‌କୁ ଧରି କହିଲା—"ଖୁବ୍ ସୁନ୍ଦର, ଏଥିରେ ମୋର ଏଇ କାଗଜ କେଇଖଣ୍ଡ ରଖିଦେବି ।"

"ରଖିଦିଅ ।"

ସେ ଖୁବ୍ ସାବଧାନତା ସହକାରେ ବ୍ୟାଗରେ ଲଫାଫାଗୁଡ଼ିକ ରଖିଦେଲା ।

ଏବେ ପୁଣି କଥାବାର୍ତ୍ତା ସରିଗଲା ।

"ବ୍ୟାଗ ଭିତରେ ତମର ସବୁ ଜିନିଷପତ୍ର ଅଛି ନା ? ଗଲାବେଳେ କାଗଜଗୁଡ଼ିକ ବାହାର କରିଦେବ; ନଚେତ୍ ସବୁ ଗଡ଼ବଡ଼ ହୋଇଯିବ ।"

"ସେ ବ୍ୟାଗ୍‌ଟା ମୋର ନୁହେଁ; ସୁରେଖାର ।" ଭଙ୍ଗ ସ୍ୱରରେ ଚମ୍ପା କହି ଉଠିଲା, "ତୁମେ ତୁମର ଜିନିଷ ତା' ଭିତରେ ରଖିପାର । ତାକୁ ତୁମେ ଘରକୁ ନେଇଯାଇପାର । ମୋର ତମର କୌଣସି ଜିନିଷ ଏକାଠି ରହିପାରିବନି । ଏ ବ୍ୟାଗ, ଏ କାଗଜପତ୍ର, ଏ ଘର—ଏପରିକି କିଛି ଗୋଟାଏ ସ୍ମୃତି ମଧ୍ୟ ଯହିଁରେ ମୁଁ ତମ ସାଙ୍ଗରେ ଭାଗିଦାର ହୋଇପାରିବି । ଏପରିକି ତମର ଦୁଃଖକୁ ବି ତୁମେ ଏକାନ୍ତ ନିଜର କରି ରଖୁଛ ।"

ଗୌତମ ମୌନ ରହିଲା ।

"ତୁମେ ତ ଜାଣ ଗୌତମ, ଗତ ସାତ ବର୍ଷ ଧରି ମୁଁ ତମକୁ ଦେଖିନି । ଅଥଚ ମୁଁ ଜାଣେ ଯେ ତମେ ପ୍ରତି ମୁହୂର୍ତ୍ତରେ ନିଜ ପ୍ରକୃତିର ସାକ୍ଷ୍ୟ ଦେଉଛ ।"

"ଠିକ୍ ଅଛି । ମୁଁ ଯାହା ସାଙ୍ଗରେ କଥା ହେଉଛି ମୋର ବିଶ୍ୱାସ ମୋ କଥା ଶୁଣିବା ଲୋକ ହେଉଛି ମୋର କନ୍‌ଫେସର । ମୋର ସାରା ଅସ୍ତିତ୍ୱ ହେଉଛି ମୋର କନ୍‌ଫେସନ୍ । ମୁଁ କେତେ ଖୁନ୍ କରିଛି । ମୁଁ ତମକୁ ହତ୍ୟା କରିଛି । ନିଜେ ନିଜକୁ ବି । ମୋ ଅପରାଧ ତୁମ ଅପରାଧଠାରୁ ଭିନ୍ନ । ତମ ଭିତରେ ସରଳତାର ଗୋଟିଏ ମୂର୍ତ୍ତି ବିଦ୍ୟମାନ ଅଛି । ଗୋଟିଏ କଥା ପଚାରିବି ତମକୁ—ତମ ଦୃଷ୍ଟିରେ ପାପ କାହାକୁ କହନ୍ତି କହିବ ?"

"ଅନ୍ୟ କାହାର ମନରେ କଷ୍ଟ ଦେବା ।"—ଚମ୍ପା ଉତ୍ତର ଦେଲା ।

"ଆଉ ?"

"ଛଳନା ।"

"ଆଉ ?"

Digitized by PPRACHIN, SOA

"ଆଉ······ଆଉ ମୀଚତା ।"

"ମୁଁ ତମ ମନକୁ ଦୁଃଖ ଦେଇଛୁ—ଏଇଟା ସବୁଠାରୁ ବଡ଼ ପାପ ନା ?"

"ହଁ, ବହୁତ ବଡ଼—"

"କିନ୍ତୁ ଚମ୍ପାରାଣୀ ! ତୁମେ ଖୁବ୍ ଶୀଘ୍ର ଜାଣିପାରିବ ଯେ ବାଟ ଚାଲିଲାବେଳେ ଏମିତ ଗୋଟିଏ ଗୋଟିଏ ମୋଡ଼ ଆଗରେ ପଡ଼େ, ଯଦ୍ଦ୍ୱାରା ଅନ୍ୟର ମନରେ ଆଘାତ ଦେବା ଅପରିହାର୍ଯ୍ୟ ହୋଇପଡ଼େ ।"

"ନରହନ୍ତା ଯେତେବେଳେ ଖୁନ୍ କରିବାକୁ ବସେ, ସେ ମଧ ଭାବେ ଯେ ଖୁନ୍ କରିବାଟା ନହାତ ଜରୁରୀ । ତା'ଛଡ଼ା ଅନ୍ୟ ପନ୍ଥା ନାହିଁ; ନଚେତ୍ ସେ ଖୁନ୍ କରନ୍ତା ବା କାହିଁକି ?"

ଗୌତମ ପୁଣି ଚୁପ୍ ରହିଲା ।

ଚମ୍ପା ପିୟାନୋ ପାଖକୁ ଯାଇ ରିଡ୍ ଉପରେ ଆଙ୍ଗୁଳି ଚାଳନା କଲା ।

"ଗୋଟାଏ ସ୍ୱର ଏଥିରେ ମିଳୁନାହିଁ ।" ଚମ୍ପା କହିଲା ।

"ମୁଁ ଜାଣେ । ପିୟାନୋ ଭିତରେ ଅନେକ ସମୟରେ ମୂଷା ପଶି ନଷ୍ଟ କରି ଦେଇଥାଏ"—ଗୌତମ କହିଲା ।

ଘର ଭିତରେ ପ୍ରତ୍ୟେକଟି ଜିନଷ ଉଜ୍ଜ୍ୱଳ ଦିଶୁଥାଏ । ବାହାରେ ବଗିଚାରେ ବରଫପାତ ଆରମ୍ଭ ହେଇଗଲାଣି ।

"ଚମ୍ପା ! ତୁମେ ଏତେ ଦିନଧରି ମୋତେ ଅକାରଣ ଅପେକ୍ଷା କଲ ସିନା ! ମୁଁ ବିଲ୍‌କୁଲ୍ ଗୋଟାଏ ବୋଗସ୍ !" ଗୌତମ ଫାୟାରପ୍ଲେସ ନିକଟରେ ନବୋଧଙ୍କ ଭଳି ବସି ଚମ୍ପାକୁ ଦେଖୁଥିଲା । ବେକୁବ୍ ଝିଅଟା ! ନହାତ ସରଳ କିନ୍ତୁ । ବୁର୍ଜୋୟା ଫିଲୋସଫର ବଗିଚା !! ଯଦି ତା' ମନକୁ ଉଖୁରିଯାଏ ତେବେ କେବଳ ଜୁଚ୍ଛା ମାଟି କିଛି ମିଳିବ ସିନା ! ହଜାର ବର୍ଷ ତଳର ମାଟି । "ତଳଅତ୍ ଏତେ ସବୁ ବିଖ୍ୟାତ ଲୋକମାନଙ୍କର ମୁଣ୍ଡବାଳ ସଜାଇଛୁ; ତମେ ତା ପାଖରେ ଥରେ କେବେ ହେୟାର ଡ୍ରେସିଂ କରୁ ନ କାହିଁକି ? ଏବେ ବି ସମୟ ଅଛି । ତମେ ଯ୍ୱା' ଭିତରେ କ'ଣ ବାହାରକୁ ଯାଉଛ ?"

"ଏବେ ନୁହେଁ । ଆମେ ସମସ୍ତେ ଗୋଟିଏ ଦୁଆର ଦେଇ ପ୍ରବେଶ କରିଛେ, ମାତ୍ର ବାହାରକୁ ଯିବାକୁ ସବୁ କବାଟ ବନ୍ଦ ।"

"ତମର ଏତେଟା ସରଳତା ବି ଏକ ଭୁଲ; ନହାତ ଅଦରକାରୀ । ତୁମେ ସବୁବେଳେ ଧରାପଡ଼ିଯିବାର ସମ୍ଭାବନା ଭିତରେ ଚାଲିଛ । ତୁମର ଧାରଣା ଯେ ତୁମେ ନିଷ୍କୃତି କରି ସାରିଛ । ସେଇଥିପାଇଁ ବର୍ତ୍ତମାନ ସବୁ କଥା ଖୁବ୍ ସହଜ; କିନ୍ତୁ ପ୍ରକୃତରେ

Digitized by PPRACHIN, SOA

ଏତେ ସହଜ ନୁହେଁ । ବର୍ତ୍ତମାନ ତୁମେ ଆହୁରି ଦୁଃଖର ସମ୍ମୁଖୀନ ହେବ ।"

ସେ ତା'ପରେ ଝର୍କା ପାଖରେ ଯାଇ ଠିଆହେଲା । ବରଫ ଉପରେ ଚକ୍ ଚକ୍ କରୁଥିବା ଆଲୁଅ ଛୁଟିକା ଘର ଭିତରେ ପଡ଼ୁଛି ।

"ବର୍ତ୍ତମାନ ସମସ୍ତ ଅସ୍ତିତ୍ୱକୁ ଗୋଟିଏ ବହି ସାଙ୍ଗରେ ତୁଳନା କରାଯାଇପାରେ । ଯାହାକୁ ମୁଁ ପଢ଼ିସାରଲିଣି ଓ ଅନ୍ତିମ ସମୟ ପର୍ଯ୍ୟନ୍ତ ଆଉ କେତେ ଥର ପଢ଼ିବ ।" ଚମ୍ପା ନିଜେ ନିଜକୁ କହିଲା ।

"ଦୁଇଟି ଦୁନିଆ ସବୁବେଳେ ମୋ ସାଙ୍ଗେ ସାଙ୍ଗେ ରହିଛନ୍ତି । ଗୋଟିଏ ଦୁନିଆରେ ଏମାନେ (ସେମାନଙ୍କର ବନ୍ଧୁ ବାନ୍ଧବୀ-ଇତ୍ୟାଦି) ଆଉ ଗୋଟିଏ ଦୁନିଆରେ କେବଳ ତୁମେ ଓ ମୁଁ—ଆମେ ଦୁଇ ଜଣ । ଆମ ଦୁହିଙ୍କ ମଝିରେ ଗୋଟାଏ ସେତୁ ରହିଛି । ଯେଉଁ ଦିନ ସେ ସେତୁଟା ଭାଙ୍ଗିଯିବ—କ'ଣ ହେବ ସେଦିନ ? ତୁମେ ସେ ସେତୁ ନିଜେ ଭାଙ୍ଗିବ ।"

"ନା ମୁଁ ନୁହେଁ । ଅନ୍ୟମାନେ ଚାରିଆଡ଼େ ମେସିନ୍‌ଗନ ଧରି ଠିଆ ହୋଇଛନ୍ତି । ଲୁଚେଇ ଲୁଚେଇ ତୋପ ସଜାଡ଼ି ବସିଛନ୍ତି । ଉପରେ ବାଦଲ ଗର୍ଜୁଛି । ମୋତେ ଜଣାପଡ଼ୁଛି ଦିନେ ହଠାତ୍ ପ୍ରଳୟ ହେବ ।"

"ତୁମେ ସ୍ପଟ୍-ଲାଇଟ୍ ନେଇ ଗୁପ୍ତକୋଣରେ ଲୁଚି ବସିଛ । ଯିଏ ଷ୍ଟେଜ୍ ଉପରକୁ ଆସୁଛି, ତୁମେ ବେଇମାନୀ କରି ହଠାତ୍ ତା ଉପରେ ସେଇଟି ପକାଇଦେଉଛ । ସେ ଆଲୁଅରେ ସମ୍ପୂର୍ଣ୍ଣ ଧରାପଡ଼ିଯାଉଛି ।

"ମୁଁ ନିଜେ ତ ବରାବର ସେଇ ଆଲୁଅରେ ଅଛି ।"

"ନା—ତୁମେ ପର୍ଦ୍ଦା ପଛରେ ଲୁଚିରହିଛ । କିନ୍ତୁ କେଉଁ ଦିନ ତମ ଉପରେ ଯଦି ଟର୍ଚ୍ଚ ଲାଇଟ ପଡ଼ିଯିବ, ତେବେ କଣ ହେବ ? ସେତେବେଳେ ତୁମେ ଆତ୍ମନିର୍ବାସନ କରିବାକୁ ଦଉଡ଼ିବ ସିନା !"

ଦୁହେଁ କିଛି ସମୟ ଚୁପ୍ ରହିଲେ ।

ଗୌତମ କାନ୍ଥରେ ଟଙ୍ଗା ହୋଇଥିବା ଚନ୍ଦ୍ରଗୁଡ଼ାକୁ ଦେଖୁ ଦେଖୁ ଝରକା ପାଖକୁ ଗଲା ।

"ଆଜି ଖୁବ୍ ବରଫ ପଡ଼ିଲା ।" ଝରକା ପାଖରେ ଠିଆହୋଇ ଗୌତମ ମନ୍ତବ୍ୟ ଦେଲା ।

"ଏହାପରେ ବରଫ ପଡ଼ିବା ଆହୁରି ବ ବାକି ଅଛି । ଅନନ୍ତକାଳ ପାଇଁ ଏମିତି ବରଫ ପଡ଼ୁଥିବ ।" ଚମ୍ପା ନିଜେ ନିଜକୁ କହିଲା ।

"ସୁରେଖାର ବଗିଚ୍ଚ କି ସୁନ୍ଦର ସତେ !" ବାହାରକୁ ଚାହିଁ କହିଲା ଗୌତମ ।

Digitized by PPRACHIN, SOA

"ମୋର ଭାଗ୍ୟ ବୋଲି କିଛି ନାହିଁ—ଲୋକେ ଭାଗ୍ୟଶାଳୀ ହେବାର ଶୁଣିଛି ।"
—ଚମ୍ପା ସ୍ୱଗତୋକ୍ତି କରୁଥିଲା ।

ସହସା ଗୌତମ ଚମକି ପଡ଼ିଲା । ମୁହଁ ତା'ର ଧଳା ଲୁଗାଭଳି ଶେତା ପଡ଼ିଗଲାଣି । ଗୋଟାଏ ଘନ ଛାୟା' ଭିତରେ ବଢିଗଲାଣି । ସୂର୍ଯ୍ୟ ଅସ୍ତ ହେଇଗଲେଣି । 'ମୁଁ ଏଇନେ ଏଇଠି ଅଛି । କ'ଣ ଏଠାରେ କରୁଛି ମୁଁ ? କେତେ ଅମୂଲ୍ୟ ସମୟ ମୁଁ ଏଠାରେ ବରବାଦ୍ କଲି ସତେ !!' ବିବ୍ରତ ହୋଇ ସେ ଡ୍ରଇଂ ରୁମ୍‌କୁ ଯାଇ ପାର୍ଶଲଟା ଧରିଲା ।

ଚମ୍ପାପ୍ରତି ଧ୍ୟାନ ନ ଦେଇ ତୁରନ୍ତ ସେ ଫ୍ଲାଟରୁ ରାସ୍ତାକୁ ଉଠିଆସି ଲଉହାଷ୍ଟ୍ ଅଭିମୁଖରେ ଯାଉଥିବା ଗାଡ଼ିରେ ବସିଗଲା ।

ସେ ଚାଲିଗଲା ପରେ କମାଲ ନାଁରେ ଆସିଥିବା ଲମ୍ବା ଲମ୍ବା ଚିଠିଗୁଡ଼ାକ ଚମ୍ପା ବସି ଖୋଲିବାରେ ଲାଗିଲା । ସେଗୁଡ଼ିକୁ ଗୌତମ ଭୁଲିରେ ଛାଡ଼ିଯାଇଛି ।

ସବୁ ଟାଇପ୍ ହୋଇଥିବା ଚିଠିରେ ଚାକିରି ପାଇଁ କମାଲର ପ୍ରାର୍ଥନାକୁ ଅସ୍ୱୀକାର କରାଯାଇଛି ।

୪୯

"ଡଲିଅଡ୍ ! ଚା ନିଅ···" ମେଜ ଉପରେ ବସିପଡ଼ି ଚନ୍ଦ୍ରା ଡଲିଅଡ୍‌କୁ ଡାକିଲା ।

ଡଲିଅଡ୍ ଚା ପିଇବାରେ ମନଦେଲା ।

ସୁରେଖା ଖୁବ୍ ନିବିଷ୍ଟ ଚିତ୍ତରେ ରେଡ଼ିଓ ଟିଉନ୍ ଶୁଣୁଥାଏ । ଜଗନ୍ନା ବଗିଚାଆଡ଼କୁ ଖୋଲିଥିବା କବାଟ ପାଖରେ ବସି ଗୋଟିଏ ଚିତ୍ର ଆଙ୍କିବାରେ ଲାଗିଛି ।

ଖୁବ୍ ଶାନ୍ତିରେ ଦୁନିଆର ସବୁ କାମ ଚାଲିଛି । ବରଂ ନିର୍ମଳା ମଲା ଦିନଠୁଁ ଦୁନିଆର ସବୁକାମ ଅଧିକ ଶାନ୍ତିପୂର୍ଣ୍ଣ ଭାବରେ ହେଉଛି—ସମସ୍ତେ ଅବା ନିର୍ଜଞ୍ଜାଳ ହୋଇଛନ୍ତି ! ପ୍ରତ୍ୟେକେ ନିଜ ନିଜ ଧନ୍ଦାରେ ବ୍ୟସ୍ତ । ଘୋର ବ୍ୟସ୍ତତା ଭିତରେ କେହି କାହାକୁ କଥା ବି କହୁନାହାନ୍ତି; ସତେ ଯେପରି ଏହା ଆଗରୁ ସେମାନଙ୍କର କର୍ତ୍ତବ୍ୟ କଣ ସେମାନେ ଜାଣିନଥିଲେ । ଡଲିଅଡ୍ ଖବରକାଗଜ ପାଇଁ ରିପୋର୍ଟ ଲେଖେ । ଫିରୋଜ ବହି ଧରି ପ୍ରତିଦିନ ଇଉନିଭରସିଟିକୁ ଯାଏ । କମାଲ ସୁରେଖା ଘରେ ଫାୟାରପ୍ଲେସ୍ ପାଖରେ ବସି ଲେଖୁଥାଏ । ହରିଶଙ୍କର ଗୋଟିଏ ନୂଆ କାମ ଆରମ୍ଭ କରିଦେଇଥାଏ—ସେ ଚଢ଼େଇମାନଙ୍କର ପର ସଂଗ୍ରହ କରେ ।

Digitized by PPRACHIN, SOA

ନିର୍ମଳା ମରିବାର ଆଜିକି ଦଶଦିନ ହେଲା । କିନ୍ତୁ ମନେ ହେଉଛି ସତେ ଯେପରି ସେ ଗତ କେତେ ବର୍ଷ ହେଲା ଏମାନଙ୍କଠାରୁ ବିଦାୟ ନେଇଗଲଣି । ସମସ୍ତ ଝଣ୍ଟେ ରବର ଭଳି ସଂପ୍ରସାରିତ ହୋଇଯାଉଛି ।

ଯେଉଁ ଦିନ ଏ ପ୍ରସାରିତ ରବର ଛିଣ୍ଡି ଯିବ, ସେଦିନ କ'ଣ ହେବ ?

"ବର୍ତ୍ତମାନ ଆମେ ନିର୍ମଳାର ଝୟେ'ଦଶ ଦିନର କିମ୍ବା ବିଷୟ ଚିନ୍ତା କରିବା କଥା ନା ?" ଶଙ୍କର ପକ୍ଷୀପରଗୁଡ଼ିକ ଉପରେ ଆଙ୍ଗୁଠି ଚଳାଉ ଚଳାଉ କମାଲକୁ ଏପରି କହିଲି; ସତେ ଯେପରି ସେ ପଗ୍ଚରୁଥିଲି, "ବର୍ତ୍ତମାନ ଆମେ ନିର୍ମଳାର ବିବାହ ବିଷୟ ଚିନ୍ତା କରିବା କଥା ନା ?"

"ହିଁ, ବୋଧହୁଏ ।" କମାଲ୍ ଆସ୍ତେ ଉତ୍ତର ଦେଲା ।

"ଏଠି ଜଣେହେଲେ କେହି ପୁରୋହିତ ନାହାନ୍ତି । ଯାହାଙ୍କୁ ଆଜି କରାଯାଇଥାନ୍ତା, ପଗ୍ଚରି ପାରିଥାନ୍ତେ ।" ତଳଅଉ୍ ହରିଶଙ୍କରକୁ ଲକ୍ଷ୍ୟ କରି କହିଲି । ସୁଖ-ଦୁଃଖପୂର୍ଣ୍ଣ ଜୀବନ ନିର୍ବାହ ସାଙ୍ଗକରି ନିର୍ମଳା ତ ଗ୍ଚଲିଗଲା; କିନ୍ତୁ ତା'ର ମୃତ୍ୟୁପରର କାମଦାମ ବର୍ତ୍ତମାନ ସୁଦ୍ଧା ବାକୀ ଅଛି ।"

ଏହି ସମୟରେ ଫୋନର ଘଣ୍ଟି ବାଜିଲା । ସୁଜାତା ଦେବୀ ଅନ୍ୟ ପ୍ରାନ୍ତରୁ କହୁଥିଲେ—"ତୁମେ ଯଦି ଅନ୍ତ୍ୟେଷ୍ଟି କ୍ରିୟାର କିଛି ଆୟୋଜନ ନ କରିଛ ତାହେଲେ ସେଥିପାଇଁ କିଛି ଚିନ୍ତା କରିବନି । ସ୍ୱାମୀ ଦେବୀକାନନ୍ଦଜୀ କହୁଥିଲେ ତାଙ୍କ ଆଶ୍ରମରେ··· ।"

"ହିଁ···ହିଁ···ଖୁବ୍ ଭଲ ହେବ । ଆଚ୍ଛା ଧନ୍ୟବାଦ ।" କମାଲ୍ ରିସିଭର ରଖିଦେଲା ।

ତାପରେ ସେମାନେ ସମସ୍ତେ ନିଜ ନିଜ ଧନ୍ଦାରେ ଲାଗିଗଲେ । ତଳଅଚ୍ ଟାଇପ୍ କରି ବସିଲା । ସୁରେଖା ଗ୍ୟାଲେରି ଭିତରକୁ ଯାଇ ନାଚ ଶିଖିବା ଆରମ୍ଭ କରିଦେଲା । ହରିଶଙ୍କର ଏଲବମ୍‌ରେ ସାଇତା ପରଗୁଡ଼ିକୁ ଦେଖିଲା ।

ନିର୍ଜନତା ତୋପ ଭଳି ଗର୍ଜନ କରୁଥିଲା । ଘଡ଼ିରେ ତିନି ବାଜିଲା ।

"ସାର୍ ରେଜିଷ୍ଟ୍ରାରଙ୍କଠାରୁ ଡେଥ୍ ସାର୍ଟିଫିକେଟ ଆଣିବାକୁ ପଡ଼ିବ"—କମାଲ ହରିଶଙ୍କରକୁ କହିଲା ।

"ନେଇଆସ ।"

"ସେଠାରୁ ନିର୍ମଳାର ଜନ୍ମପତ୍ର ବି ଆଣିବାକୁ ପଡ଼ିବ ।"

"କିନ୍ତୁ ଆମେ ଲଡ଼ହସ୍ଟ ଯିବା କିପରି ?"

"ଆମେ ଖୁବ୍ ସାହସୀ । ଆମେ ଯିବା ନିଶ୍ଚୟ । ଗ୍ଚଲ ଉଠ । ଲେଫଟ୍ ରାଇଟ୍ ମାର୍ଚ୍ଚ କରି ଗ୍ଚଲ । ଗ୍ଚଲ, ଆମେ ନିର୍ମଳାର ଜନ୍ମପତ୍ର ସବୁ ନେଇଆସିବା । ଯଦିଓ

Digitized by PPRACHIN, SOA

ସେଗୁଡ଼ିକର ଏବେ କିଛି ମୂଲ୍ୟ ନାହିଁ ।”

ପ୍ରତ୍ୟେକେ ନିର୍ମଳାର ମୃତ୍ୟୁରେ ଯେପରି ମନୋବଳ ହରାଇ ବସିଛନ୍ତି । ସେମାନଙ୍କର କଥାରେ ଭଗ୍ନାଶ୍ରି ଭାବ !

ତାପରେ ସେମାନେ ସବୁ ବାହାରକୁ ଆସିଲେ । ମୋଟରରେ ବସି ଲିଡ଼ହର୍ଷ୍ଟ ଅଭିମୁଖେ ବାହାରିଗଲେ ।

ଫେରିଲାବେଳକୁ ରାତି ହୋଇଯାଇଥିଲା । ସେଣ୍ଟ ଜନ୍‌ଉଡ଼ରେ ନିଜ ଘର ଗେଷ୍ଟ୍ ରୁମ୍‌ରେ କମାଲ୍ ସବୁ ଜିନିଷ ରଖିଦେଲା । ହରିଶଙ୍କର ସେଇ ଘରେ ସେତେବେଳେ ରହୁଥାଏ । ଡଲ୍‌ଅଡ୍ ସମସ୍ତଙ୍କ ଅଲକ୍ଷ୍ୟରେ ସେଇ ଗେଷ୍ଟ ରୁମ୍‌ରେ ଠିଆ-ହୋଇ ରହିଲା ।

ଘରର ଅନ୍ୟାନ୍ୟ ଆସବାବପତ୍ର ଭିତରେ ନିର୍ମଳାର ଜିନିଷପତ୍ର ସବୁ କିଭଳି ଏକ ଅସହାୟ ଓ ଅଦରକାରୀ ଜଣାପଡ଼ୁଛି ଯେପରି ! ଏସବୁ ଜିନିଷକୁ ବିକିକଲେ କ’ଣ ମିଳିବ ? ମୃତ୍ୟୁ କେବଳ ତାର ମୂଲ୍ୟ ।

ମୃତ୍ୟୁ !

ସହସା ଯେପରି ଏକ ତୋପ ତା’ କାନ ପାଖରେ ଫୁଟିଲା । ଘରର ଗୋଟିଏ କୋଣରେ କୁମାରୀ ନିର୍ମଳା ଶ୍ରୀବାସ୍ତବର ଚିତାଭସ୍ମ ପାତ୍ର ଥୁଆ ହୋଇଛି । ଦେଶକୁ ବାହୁଡ଼ିଗଲାବେଳେ ଏ ଚିତ୍ରାଭସ୍ମକୁ ଗଙ୍ଗା ନଦୀରେ ଭସାଇବା ପାଇଁ ନେଇଯିବାକୁ ହେବ । ଡଲ୍‌ଅଡ୍ ଏଇ କିଛି ସମୟ ପୂର୍ବରୁ ମୃତ୍ୟୁର ଅବଶିଷ୍ଟ କାମ, ଯଥା ଅନ୍ତ୍ୟେଷ୍ଟିକ୍ରିୟା, ଡେଥ୍ ସାର୍ଟିଫିକେଟ, ଗୀତାପାଠ, ଉଡ଼ାଜାହାଜର ଟିକେଟ ଯୋଗାଡ଼ ପ୍ରଭୃତି ପାଇଁ ବ୍ୟବସ୍ଥା କରିବାକୁ କମାଲ୍ ସାଙ୍ଗରେ ବାହାରକୁ ଯାଇଥିଲା ।

କେଉଁ ବୋକା କହେ ଯେ ମୃତ୍ୟୁର ଆଉ ଏକ ରାଜ୍ୟ ଅଛି ବୋଲି ?

“ମୃତ୍ୟୁ ଭଳି ଫଟିଚର୍, ସେକେଣ୍ଡ ରେଟ କଥା ଆଉ କ’ଣ ହୋଇପାରେ !”

ଦେଖ ତ, ଅନ୍ୟଜଣକ ମୃତ୍ୟୁରେ ଆମେ ମୁଣ୍ଡ କଚାଡ଼ି କାନ୍ଦୁଥାଉଁ; ଅଥଚ ଆମେ ଯେ ନିଜେ ଏମିତି ମରିବା—ଆମର ଯେ ସମଦଶା ହେବ—ଏଭଳି ଏକ ନିଷ୍ଠୁର ସମ୍ଭାବନା ପ୍ରତି ଆମେ କ’ଣ ସଚେତନ ଥାଉଁ ?

କାନ୍ଦିବାରେ ଦରକାର କ’ଣ ଅଛି । ଇଣ୍ଡିପେଣ୍ଡେଣ୍ଟ ଝିଅଟା ଏଠି ଥିଲା । ଏବେ ମନେ କରିଯାଉ ସେ ଚାଲିଯାଇଛି ! ଜୀବନସାରା କଠୋର ପରିଶ୍ରମ ଓ ଯୋଜନା ସବୁ ପାଣିରେ ମିଶିଲା । First Division ପାଇଁ ରାତି ଉଜାଗର ରହି ପଢ଼ିଲା । ଦେଶ-ଦଶର ଚିନ୍ତା । ଯୁକ୍ତି ଆଲୋଚନା । ପୁଣି ପ୍ରଥମ ଶ୍ରେଣୀ ମିଳିଗଲା ତ କେମ୍ବ୍ରିଜ ଆସିବାକୁ ଜିଦ୍ । ବାପା ବହୁ କଷ୍ଟରେ ଟଙ୍କା ଯୋଗାଡ଼ କରି କେମ୍ବ୍ରିଜ ପଠାଇଲେ । ତା’ପରେ ପୁଣି

Digitized by PPRACHIN, SOA

ପରିଶ୍ରମ । ପାଠ ପଢ଼ି ଭଲ ଗୃହିଣୀଟିଏ ପାଇବାର ନିଶା । କେତେ ସ୍ୱପ୍ନ ! ଜୀବନପାଇଁ କେତେ ଆଶା !! ନିଜର ଘର ତୋଳିବ ! ସୁନ୍ଦର ଘର···ଏମିତି କେତେ କ'ଣ !

ପୁଣି କ'ଣ ହେଲା ? କେମିତି କରେ ତାକୁ ହଠାତ୍ ଜ୍ୱର ହୁଏ । ତା'ପରେ ତାକୁ ହସପିଟାଲରେ ଆଡ୍‌ମିଶନ କରିଦିଆଯାଏ । ହଠାତ୍ ଦିନେ ସେଠାରୁ ତା'ର ଆତ୍ମା ମର ଶରୀର ଛାଡ଼ି ପରମାତ୍ମାରେ ଲୀନ ହୋଇଯାଏ—

ଲଲିତ୍ ସେ ଗେଷ୍ଟ ରୁମ୍‌ରେ ପଦଚାରଣା କରିବାକୁ ଲାଗିଲା । ବଗିଚା ମଧ୍ୟଦେଇ ରୋଷେଇ ଘରର ଆଲୁଅ ପଡ଼ୁଛି । ଝରକାରେ 'ଚନ୍ଦ୍ରା' ଓ 'ସୁରେଖା'ର ଛାଇ ଦିଶୁଛି । ସେ ନିର୍ମଳାର ଜିନିଷପତ୍ର ଖେଳାଇବାରେ ଲାଗିଲା । ବହି ବାକ୍‌ସରେ ଗୀତା । ତାକୁ ବାହାର କରି ସେ ପୁଣି ଡ୍ରଇଁ ରୁମ୍‌କୁ ଫେରିଆସିଲା ।

ଲ୍ୟାମ୍ପ ଲଗାଇ ନିବିଷ୍ଟଚିତ୍ତରେ ସେ ପଢ଼ିବାକୁ ଲାଗିଲା—

"ଶରୀର ନଶ୍ୱର; କିନ୍ତୁ ଏ ଶରୀର ଭିତରେ ରହିଥିବା ଆତ୍ମା ଅମର । ସୁତରାଂ ଯୁଦ୍ଧ କର । ହେ ଅର୍ଜୁନ ! ଆତ୍ମା କେବେ ହତ୍ୟାଦୋଷରେ ଦୋଷୀ ନୁହେଁ ଅଥବା ନିଜେ ଏହା ହତ ହୁଏ ନାହିଁ । କୌଣସି ଅସ୍ତ୍ର ଏହାକୁ ଆହତ କରିପାରିବନି । ଅଗ୍ନି ଏହାକୁ ଧ୍ୱଂସ କରି ପାରିବନି । ଜଳରେ ଏହା ଆର୍ଦ୍ର ହୁଏନି । ଯେ ଜନ୍ମଲାଭ କରିଛି ମୃତ୍ୟୁ ତା'ର ଅବଶ୍ୟ ହେବ । ଯେ ମରୁଛି, ସେ ପୁନଃ ଜନ୍ମଲାଭ କରିବ । ଏଥିରେ ଦୁଃଖ କରିବାର କିଛି ନାହିଁ ।

ଦୁଃଖ ସୁଖ, ଲାଭ କ୍ଷତି, ଜୟ ପରାଜୟ—ଏ ସବୁକୁ ଏକ ବୋଲି ଭାବି ତୁ ଯୁଦ୍ଧ କର ।

"ଏ ଅର୍ଜୁନ ନାମଧାରୀ ବ୍ୟକ୍ତି ଜଣେ ଇଡ଼ିଏଟ୍ !"

ସେ ବହିଟା ଜୋରରେ ବନ୍ଦ କରି ଉଠିବସିଲା । ପୁଣି ଥରେ ସେ ଗେଷ୍ଟ ରୁମ୍‌କୁ ଗଲା । ଚଟାଣ ଉପରେ ବସିପଡ଼ି ନିର୍ମଳାର ଜିନିଷପତ୍ର ସଜାଡ଼ିବାରେ ଲାଗିଲା । ଶାଢ଼ୀ, ଜୋତା, ଚୁଡ଼ି, ପ୍ରସାଧନ ସାମଗ୍ରୀ, ବସ୍ ଟିକେଟ୍, ଲଣ୍ଡ୍ରିବିଲ୍···ଏମିତି ଅନେକ କିଛି; ଏସବୁ ଜିନିଷ ଚାରିବର୍ଷ ତଳର । ତା'ପରେ ସେ ନିର୍ମଳାର ବହି ବାକ୍‌ସ ସଜାଡ଼ିବାରେ ଲାଗିଲା । ଖଣ୍ଡେ ବହିରୁ ଫଟୋଟିଏ ତଳେ ପଡ଼ିଗଲା । ଲଲିତ୍ ନଇଁ-ପଡ଼ି ଉଠାଇନେଲା ତାକୁ ।

ତାହା ଥିଲା ଗୌତମ ନୀଳାମ୍ବରର ଫଟୋ, ଯାହାକ ଆଜିକି ଦଶ ବର୍ଷତଳେ ବର-ପାତ୍ର ପସନ୍ଦ ପାଇଁ ବହାରଇଚରୁ ସିଂଘାଡ଼େବାଲା କୋଠିକୁ ପଠାଯାଇଥିଲା । ଲଲିତ୍ ଦଣ୍ଡେ ସେ ଫଟୋକୁ ଦେଖିଲା । ତା'ପରେ ଯଥା ସ୍ଥାନରେ ରଖିଦେଇ ବହି ବନ୍ଦ କଲା ।

ଡ୍ରଇଁ ରୁମରେ ପଦଚାରଣାର ଶବ୍ଦ ଶୁଭୁଛି । ଯୁବକମାନେ ଫେରି ଆସିଥିଲେ ।

Digitized by PPRACHIN, SOA

ସେଦିନ ରାତିରେ ଯେତେବେଳେ ହରଶଙ୍କର ଶୋଇଗଲା ଉଲ୍‌ଅତ୍ ଗେଷ୍ଟ ରୁମ୍‌ରେ ପଶି ଗୌତମର ସେ ଫଟୋକୁ ଆଣି ତା ଉପରେ ଜୋତା ପାହାର ଦେଲାପରେ ସେ କିଛିଟା ଶାନ୍ତ ଅନୁଭବ କଲା । ତା'ପରେ ସେ ବସି ବସି କାନ୍ଦିବାକୁ ଲାଗିଲା ।

୫୦

ସମଗ୍ର ପୃଥିବୀ ଧଳା ବରଫର କବରଦ୍ୱାରା ଯେପରି ଆବୃତ ହୋଇଛି । ରାସ୍ତାକଡ଼ର ପଂକ୍ତିବଦ୍ଧ ଗଛଗୁଡ଼ାକ ଯେପରି ଶିଳ୍ପୀର କାନଭାସ୍ ଉପରେ ଅଙ୍କିତ ଏକ ଦୃଶ୍ୟଭଳି ! ସେଇ ଶ୍ରେଣୀବଦ୍ଧ ବୃକ୍ଷରାଜି ପଛରେ ଘରଗୁଡ଼ାକ ଭିତରୁ ଉଦାସ ଆଲୋକର ଧାରା ବିଚ୍ଛୁରିତ ହୋଇ ପଡ଼ୁଥାଏ । ଖୁବ୍ ଭୀଷଣ ଶୀତ । ଏଇ ବିଶାଳ ପ୍ରାକୃତିକ କାନ୍‌ଭାସ୍‌ର ଏକ କୋଣରେ ଦ୍ୱିତଳ ଘରଟିଏ । ଖୁବ୍ ସୁନ୍ଦର । ସାମନାରେ ବାରଣ୍ଡା । ପଛପଟରେ ଲନ୍ ।

ଶୀତଦିନେ ମୁଣ୍ଡରେ ସ୍କାର୍ଫ ଗୁଡ଼ାଇ ଜସ୍ମିନା ଗ୍ରେଟ ଗ୍ରେଟ କାଠ ଗୋଟେଇ ଡ୍ରଇଁ ରୁମ୍‌ରେ ନିଆଁ ଜାଳେ । ସେତେବେଳେ ଏ ସଂସାର ତାକୁ ବହୁତ ବେଶୀ ସୁରକ୍ଷିତ ଜଣାଯାଏ ।

ଜସ୍ମିନା ହୁସେନ ଏଠାରେ ତା'ର ମା ଓ ଗ୍ରେଟ ଭାଇମାନଙ୍କ ସାଙ୍ଗରେ ରହେ । ଜସ୍ମିନାର ମା' ଜଣେ ଇଂରେଜ ମହିଳା । ହେଲେ ଲକ୍ଷ୍ନୌର ରାଜୁଡ଼ା ଆଭିଜାତ୍ୟରେ ଗରିମାମୟୀ ତା'ର କଥାବାର୍ତ୍ତା । ଖୁବ୍ ସ୍ନେହମୟୀ । ଜସ୍ମିନା ଘରେ ଅନେକ ସମୟରେ ଅତିଥିମାନଙ୍କର ଭିଡ଼ ଜମିଥାଏ । ସେମାନେ ଜସ୍ମିନାକୁ ବଡ଼ ଭଉଣୀ ଦୃଷ୍ଟିରେ ଦେଖନ୍ତି । ଜସ୍ମିନାର ବାବା ଲକ୍ଷ୍ନୌରେ ବାରିଷ୍ଟର । ତାଙ୍କର ଇଂରେଜ ପତ୍ନୀ ପିଲାମାନଙ୍କ ପଢ଼ାପଢ଼ି ପାଇଁ ଲଣ୍ଡନରେ ରହୁଥାନ୍ତି ।

ଜସ୍ମିନା ମେଜ ଉପରେ ବସି ରୁଷୀୟ ପତ୍ରିକା ଗୋଟିଏ ପଢ଼ୁଥାଏ ।

କଲିଂ ବେଲ୍ ବାଜିବାମାତ୍ରେ ଜସ୍ମିନା ଝରକା ପାଖକୁ ଉଠିଯାଇ ଦେଖିଲା, ବାହାରେ ଗୌତମ ବରଫରେ ଜୋତାକୁ ଲସରପସର କରି ଓଭର କୋଟ ପିନ୍ଧି ତଳେ ଠିଆ-ହୋଇଛି । ଜସ୍ମିନା ତାକୁ କେବଳ ଚାହିଁଥାଏ ।

ହାତରେ ତା'ର ଆଟାଚି କେସ୍ । ସେ ବାରନ୍ଦା ଉପରକୁ ଉଠିଲା ।

"ଏ ପଞ୍ଚମ ସହର । ଏଠି ବି ଆଲୁଅ ଜଳୁଛି । ମୋର ଧାରଣା ଥିଲା ଏ ସହର ଅନ୍ୟ

Digitized by PPRACHIN, SOA

ସହର ଭଳି ହୋଇ ନଥିବ ।"

"ତମର ଧାରଣା କିନ୍ତୁ ଭୁଲ । ଭିତରକୁ ଆସ"—ଭିତରେ ଥାଇ କଲ୍ପନା କହିଲା ।

"ମୋ ସାଙ୍ଗରେ ବାହାରେ ଅନେକ ଲୋକ ଠିଆ ହୋଇଛନ୍ତି ।"

"ଡାକ ସେମାନଙ୍କୁ—"

"ଡାକିବି କିପରି ? ଏତେ ଆଲୁଅରେ ସେମାନଙ୍କ ଚେହେରା ତୁମେ ଦେଖି ପାରିବନି ।

"ଏ ଲୋକମାନେ କିଏ ?"

"ସେମାନେ ଭୂତ । ପରଲୋକଗତ ମଣିଷର ଏକ ଛାଇମୂର୍ତ୍ତି । ସେମାନେ ସବୁ ମୋର ବନ୍ଧୁ । ବାହାରେ, ଅନ୍ଧାର ଭିତରେ ଧାଡ଼ି ବାନ୍ଧି ସେମାନେ ଠିଆ ହୋଇଛନ୍ତି । ସେମାନଙ୍କର ଶୋଭାଯାତ୍ରା ମୋ ସାଙ୍ଗରେ ବୁଲୁଥାଏ ।"

"ମୁଁ ସେମାନଙ୍କୁ କିନ୍ତୁ ଡରିବିନି ।"

"ସେମାନଙ୍କୁ ତମର ଡରିବାର କିଛି ନାହିଁ । ଆମେ ବି ଅନେକ ସମୟରେ ସେ ଶବମାନଙ୍କର ବାହକ ଅଥବା ସେଇ ଶବମାନଙ୍କର ଅବତାର ପରିଗ୍ରହ କରିଥାଉ; କିନ୍ତୁ··· । ମୋର ଧାରଣା ଥିଲା ଏ ଜାଗାଟା ଅନ୍ୟ ସବୁ ଜାଗାଭଳି ହୋଇ ନଥିବ । ଏଠାରେ ଅନ୍ଧାର ଥିବ । ମାତ୍ର ତୁମେ ବି ଏଠାରେ ଦିବାଳୀ ଉତ୍ସବ ପାଳନ କରୁଛ । ଆଲୁଅରେ ତୁମେ କ'ଣ ସବୁ ଦେଖିବାକୁ ଚେଷ୍ଟା କରୁଛ, ମୁଁ ଆଦୌ ବୁଝିପାରୁନି ।" ବିରକ୍ତି ପ୍ରକାଶ କରି ସେ ନିଜ ଆଟାଚିକେସ ଉପରେ ବସିଗଲା । କଳ୍ପନା ଗ୍ୟାଲେରୀ କବାଟ ମେଲି କଲା ।

"ଓ୍ୱେଲ୍‌କମ୍ ଗୌତମ ! ଓ୍ୱେଲ୍‌କମ୍ ହୋମ୍ !—ଯାହା ହେଲେ ବି ପ୍ରତ୍ୟେକ ଯାତ୍ରା ଶେଷରେ ପହଞ୍ଚିବା ସ୍ଥାନକୁ ଘର କୁହାଯାଇପାରେ ।"

"ଠିକ୍ ଅଛି । ମୁଁ ତମର ସ୍ୱାଗତ ଗ୍ରହଣ କରୁଛି । ଏ ତ ଗୋଟିଏ ଆର୍ଟିଷ୍ଟର ଘର !" ଗୌତମ ଚାରିଆଡ଼େ ଆଖି ବୁଲାଇ କହିଲା ।

"ହଁ, ଠିକ୍ ସେଇ ଘର ।"

"ଆଚ୍ଛା ।" ସେ ଅବିଶ୍ୱାସ ଢଙ୍ଗରେ କହିଲା, "ତୁମେ କହୁଚ ଯେତେବେଳେ, ତାହାହିଁ ହେବ । କଳ୍ପନା ମୁଁ କଣ ପାଗଳ ପରି ହୋଇଯାଇଛି ?"

"ନାଁ ତ, ତୁମେ ଖୁବ୍ ଥକିଗଲାଭଳି ମନେ ହେଉଛ ।"

"ସବୁବେଳେ ପଳାୟନ କରୁଥିବା ଲୋକ ଥକିଯାଏ ।"

"କେତେ କୋଟି, କେତେ ଲକ୍ଷ ମାଇଲ ମୁଁ ଅତିକ୍ରମ କରିଛି ଜାଣେନା ।"

"ତୁମେ ଥିଲ କେଉଁଠି ?"

Digitized by PPRACHIN, SOA

"ମୁଁ କେଉଁଠି ଥିଲି ସେ କଥା କାହିଁକି କହିବି ?" ପିଲିଙ୍କ ଭଳି ଉତ୍ତର ଦେଲି ଗୌତମ, "କେତେ ରାତି ଧରି ମୁଁ କ୍ଷେତ ଭିତରେ କାଟାଇଛି, ନଡ଼ାଗଦା ଉପରେ ଶୋଇଛି । ନଦୀରେ ଭାସୁଥିବା ଡଙ୍ଗା ଭିତରେ ରହିଛି । ଷ୍ଟେସନ ଜ୍ୱେଟିଂ ରୁମ୍‌ରେ ଲୁଚି ବୁଲିଛି । ପୁଲିସ ଦୃଷ୍ଟିରୁ ନିଜକୁ ଲୁଚାଇ ଘୂରିବୁଲିଛି ଏଇ ସମସ୍ତ ଭିତରେ । ଅଜି ଭାବିଲି ଜଣେ ଭଦ୍ରଲୋକ ଭଳି ଉହାଡ଼ରୁ ଆସି ଖୋଲାଖୋଲି ମୋର ଉପସ୍ଥିତି ବିଷୟରେ ସୂଚନା ଦେବି ।"

"ପୁଲିସ୍ ?"

"ହଁ, ତମେ କ'ଣ ଜାଣିନ ?"

"ନା ତ, ମୁଁ କିଛି ଜାଣେନା ।"

"ମୁଁ ମୁଁ···ଦୁଇ ଦୁଇଟି ହତ୍ୟାକାଣ୍ଡ କରିଛି ।" ଗୋଡ଼ ଉପରେ ଗୋଡ଼ ରଖି ଖୁବ୍ ଦମ୍ଭର ସହିତ କହିଲି ଗୌତମ ।

"ସେଇଦିନୁ ମୁଁ ଲୁଚି ଛପି ଘୂରିବୁଲୁଛି । ନିଜକୁ ଛପାଇବାକୁ ଜାଗା ଖୋଜୁଛି । ଫେରିଆସି ସବୁ ବନ୍ଧୁଙ୍କର ଦୁଆରେ ମୁଁ ଠକ୍ ଠକ୍ କଲି । ମାତ୍ର ସବୁ କବାଟ ବନ୍ଦ । ସବୁ ଘର ଭିତରେ ଉଜ୍ଜ୍ୱଳ ଆଲୁଅ ! ଏ ବାଟେ ଯାଉଁ ଯାଉଁ ଭାବିଲି ତମ ଘରେ—"

"ଭିତରକୁ ଆସ ଗୌତମ ! ବାହାରେ ଖୁବ୍ ପବନ ପିଟୁଛି ।"

"ତୁମେ ପୁଲିସ୍‌କୁ ଖବର ଦେବନି ତ ?"

"ନା, କେବେ ନୁହେଁ ।"

"ନା, ମୁଁ ଏଇଠି ବସିବି । ଘରର ଭିତରେ ମୋ ପାଇଁ କିଛି ନାହିଁ ।"

ଗୁରୁଆଡ଼େ ବଜ୍ରପାତ । ଜଗିନା ମୁଣ୍ଡର ସ୍କାର୍ଫ ସଜାଡ଼ି ଠିଆହେଲା ।

"ମୁଁ ସ୍ୱୀକାର କରିବାକୁ ଚାହେଁ ଯେ ମୁଁ ଦି' ଦିଟା ହତ୍ୟାକାଣ୍ଡ କରିଛି । ମାତ୍ର ସବୁଠୁଁ ମଜାର କଥା ଏଇ ଯେ ସେ ଦି'ଜଣ ମୋର ଏ ଅପରାଧର ତଳେ ସୂଚନା ପାଇ ପାରିବେନି ।" ତା'ପରେ ତା'ର କଣ୍ଠସ୍ୱର ନର୍ମାଲ ହୋଇଆସିଲା ।

"ସେ ଦିନ ଯେତେବେଳେ ମୁଁ ସୁରେଖା ଘରୁ ପାର୍ଶଲ ନେଇ ଡାକ୍ତରଖାନାରେ ପହଞ୍ଚିଲି, ନିର୍ମଳା ମୋତେ ଆଉ ଚିହ୍ନିବାକୁ ନଥିଲା । ସେ ଦିନ ରାତିରେ ସେଠାରୁ ଫେରି ଏ ସହରର ଗଳିକନ୍ଦି ଘୂରି ବୁଲିଲାବେଳେ ଚମ୍ପା ଅହମ୍ମଦକୁ ଭେଟିଲି । ସେ ବି ମୋତେ ଚିହ୍ନି ପାରିଲା ନାହିଁ । କାରଣ ସେ ସେତେବେଳେ ମଦନିଶାରେ ବିହ୍ୱଳ ହୋଇ ପଡ଼ିଥିଲା ।"

ବରଫର ଝଡ଼ କ୍ରମେ ବଢ଼ି ଉଠୁଥିଲା । ସେହି ସମୟରେ ଏକ ମୋଟର ଗାଡ଼ି ଆସି ଠିଆହେଲା । ସେଥିରୁ କମାଲ ଓ ହରିଶଙ୍କର ଓହ୍ଲାଇଲେ ।

Digitized by PPRACHIN, SOA

"ଜସ୍ମିନା ! ଗୌତମ ଏଠାରେ ଅଛୁ କି ?" ସେମାନେ ଉଚ୍ଚକଣ୍ଠରେ ବାହାରୁ ଡାକିଲେ ।

ସେମାନେ ପାହାଚ ଉପରେ ଆସି ଠିଆହେଲେ ।

"ସ୍ୱାମୀଜିଙ୍କଠାରୁ ଖବର ମିଳିଲା ଯେ ଗୌତମ ଏଇଠି କେଉଁଠି ଥିବ ।"—କମଲ କହୁଥିଲା ।

କିଛି ସମୟ ପରେ ସେମାନେ ବେହୋସ ହୋଇଯାଇଥିବା ଗୌତମ ମିଳାମ୍ବରକୁ ମୋଟରରେ ପକାଇ ସେମାନଙ୍କ ଫ୍ଲାଟକୁ ନେଇଗଲେ ।

୪୧

"କେହି ଅସିଲେନି । ନିର୍ମଳା ଘରଲୋକେ ପୂର୍ବପରି ନାସ୍ତିକ । ସ୍ୱାମୀଜି ସମସ୍ତ ବ୍ୟବସ୍ଥା କରିଥାନ୍ତି । ଫୁଲ ଯୋଗାଡ଼ କରିଥାନ୍ତି । କୀର୍ତ୍ତିନମଣ୍ଡଳୀ ବି ସ୍ୱାମୀଜିଙ୍କ ଆଶ୍ରମକୁ ଆସିଥାଏ । ମାତ୍ର ଏ ଲୋକ ଶାନ୍ତିର ମାର୍ଗ ପାଇବାକୁ ଚାହାନ୍ତି ନାହିଁ ।" ସୁଜାତା ଦେବୀ ଦୁଆରମୁହଁକୁ ଆସି ଗୁଣୁଗୁଣୁ ହୋଇ କହୁଥିଲେ ।

"ଆରେ ଜାଣିଛ ? ଏ ଲୋକଗୁଡ଼ା କ'ଣ କରନ୍ତି ? ସେଇ ଇଣ୍ଡିଆନ୍ ଡାକ୍ତର ସୁରେଖା ଫ୍ଲାଟରେ ରୁଣ୍ଡ ହୋଇ ସକାଳ ହେଲେ ତାସ୍ ଖେଳନ୍ତି । ବଡ଼ ବିଚିତ୍ର !!" ପଡ଼ୋଶୀ ଇଂରେଜ ମହିଳା ଝରକା ପାଖରେ ଠିଆହୋଇ ସୁଜାତା ଦେବୀଙ୍କ ସାଙ୍ଗରେ କଥା ହେଲା ।

ଚମ୍ପା ପାହାଚରେ କ୍ଷଣେ ସ୍ଥିର ହୋଇ ଠିଆହେଲା । ପରେ ତଳକୁ ଓହ୍ଲାଇବାର ଉପକ୍ରମ କରୁଛି, ଏଇ ସମୟରେ ସେ ଇଂରେଜ ମହିଳାଜଣକ ତାକୁ ଦେଖିଦେଲେ । "ଆରେ ସେ ତ ଏଇଠି । ତମକୁ, ମୋତେ ଅମ ସମସ୍ତଙ୍କୁ ସେ ଡାକୁଛି—ସେ ହେଉଛି......ଏଇ......" ମହିଳାଜଣକ କୃଷ୍ଣଙ୍କ ଏକ ବଡ଼ ଚିତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା, "ଯାକୁ ଦେଖିବାକୁ ତୃତୀୟ ନୟନ ଦରକାର । କିନ୍ତୁ ଦୁଃଖର କଥା ଯେ ତୁମ ଭାରତୀୟମାନେ ଏହା ହରାଇଛନ୍ତି ।"

ଚମ୍ପା ବିଚଳିତ ହୋଇ ତଳକୁ ଧାଇଁ ଧାଇଁ ଓହ୍ଲାଇଗଲା । ସେ ତା'ର ମଥା ଉପରେ ହାତ ମାରିଲା । ତା'ର ମନେ ହେଲା, ଏ ରାସ୍ତାରେ ଚାଲୁଥିବା ଅନ୍ୟ ସମସ୍ତଙ୍କର ତୃତୀୟ ନୟନ ଅଛି । ସେଇ ତୃତୀୟ ନୟନରେ ସେମାନେ ତାକୁ ଦେଖୁଛନ୍ତି

Digitized by PPRACHIN, SOA

ଯେପରି !

ସେ ଦୌଡ଼ି ଦୌଡ଼ି ଗୋଟାଏ ବସ୍‌ରେ ଉଠିଲା ।

ଆଶ୍ରମରେ ସ୍ୱାମୀ ଦେବୀଜାନନ୍ଦଜୀ ଉପଦେଶମୂଳକ ବକ୍ତୃତା ଦେବା ଆରମ୍ଭ କରି ଦେଇଥାନ୍ତି । ଯୋଗ ଉପରେ ତାଙ୍କର ଲେକ୍‌ଚର ଶୁଣିଲାପରେ ତାଙ୍କର ଶ୍ରୋତାମାନେ ଓ ଆଧ୍ୟାତ୍ମିକବାଦୀ ବୃଦ୍ଧା ମହିଳାମାନେ ସେମାନଙ୍କ ଘରକୁ ଫେରିଯାଇ ସକାଳର ଅଇଁଠାବାସନ ମାଜିବେ, ଟଏଲୁଗା ସିଝିବେ, ଜାଳେଣି କାଠ କିମ୍ବା ଗ୍ୟାସର ଚିନ୍ତା କରିବେ । ସେତେବେଳେ ଲର୍ଡ଼ କୃଷ୍ଣ ସେମାନଙ୍କର କ କାମରେ ଆସିବେ ?

ଚମ୍ପା ବସ୍‌ରୁ ଓହ୍ଲାଇ ଭାରତୀୟ ଗୁଜ୍ର ଶିବିରକୁ ଗଲା ।

"ମୁଁ ଚମ୍ପା ଅହମ୍ମଦ"—ଦୁଆର ମୁହଁରେ ଠିଆହୋଇ ସେ ନିଜର ପରିଚୟ ଦେଲା ।

"କଣ କାମ ଥିଲା ?"

ଜଣେ ମାଡ଼୍ରାସୀ ଗୁଜ୍ର ଆଗେଇ ଆସି ପଚାରିଲା । ଚମ୍ପାର ମନ କ୍ଷୁଣ୍ଣ ହୋଇଗଲା । ତାହାର ନାମ କେତେ ମହତ୍ତ୍ୱହୀନ । ତାକୁ କେହି ଜାଣନ୍ତି ନାହିଁ । ତାହାର ଆବଶ୍ୟକତା କିଏ ହେଲେ ଉପଲବ୍ଧି କରୁନାହାନ୍ତି ।

"ଏମିତି ଆପଣମାନଙ୍କର କେନ୍ଦ୍ର ଦେଖିବାକୁ ଚାଲି ଆସିଥିଲି ।"

ପିଲା କେତେଜଣ ତାକୁ ସନ୍ଦେହଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ତା'ପରେ ସେ ପୁଣି ସଡ଼କ ଆଡ଼କୁ ମୁହଁ ଫେରାଇଲା ।

ସେଠୁ ଫେରିଆସି ସେ 'ଇଣ୍ଡିଆ ହାଉସ'ରେ ପହଞ୍ଚିଲା । ଏଠାରେ କାଣ୍ଟିନ ଭିତରେ ସବୁ ଦିନଭଳି ପାଟିତୁଣ୍ଡ ଶୁଭୁଥିଲା ।

ସେ ଏବେ 'ଚ୍ୟୁଜେ-ସରାଇ'ରେ ପହଞ୍ଚିଲା । ସେଠାରେ କମାଲ୍ ସହିତ ସାକ୍ଷାତ ହେଲା । ସେ କାଉଣ୍ଟର ପାଖରେ ଠିଆ ହୋଇ କାହାକୁ ଫୋନ କରୁଛି । ତା ସାଙ୍ଗରେ ଦୁଇପଦ କଥା ହୋଇ ସେ ପୁଣି ବାହାରକୁ ଆସି ରାସ୍ତାକୁ ଉଠିଲା । ସେଠାରୁ ବି.ବି.ସି.ର କେଣ୍ଟିନରେ ପହଞ୍ଚିଲା । କେଣ୍ଟିନ୍ ଦୁଆରେ ଠିଆହୋଇ କହିଲା, "ମୁଁ ଚମ୍ପା ଅହମ୍ମଦ"—ସେ ଯେପରି ଅନ୍ୟମାନଙ୍କ ପାଖରେ ନିଜକୁ ଉପସ୍ଥାପିତ କରିବାକୁ ବ୍ୟାକୁଳ; କିନ୍ତୁ ପୁଣି ସେଠାରୁ ଫେରି ଆସିଲା । ସାମନାରେ ଅଣ୍ଡର ଗ୍ରାଉଣ୍ଡ ଥିଲା । ପାହାଚ ଅତିକ୍ରମ କରି ସେ ଉଦ୍ଦେଶ୍ୟହୀନ ଭାବରେ 'ମେଡ଼ାବେଲ' ଯିବାକୁ ଟିକେଟ କଲା । କିଛି ସମୟ ପରେ ସେ ମେଡ଼ାବେଲରେ ଆସି ପହଞ୍ଚିଲା । ମେଡ଼ାବେଲ୍‌ର ରାସ୍ତାରେ ଏଣେତେଣେ ବୁଲି ଗୋଟାଏ ଗଛତଳେ ଠିଆହୋଇ ଚାରିଆଡ଼କୁ ଚାହିଁଲା । ସାମାନ୍ୟ କିଛି ଦୂରରେ ସୁରେଖା ଓ ଆଶାର ଘର । ଟିକିଏ ଆଗକୁ ଡଲ୍‌ଅଜ୍ ଓ କମାଲ୍‌ର ଫ୍ଲାଟ୍ । ଷ୍ଟେସନ ସାମନା ଏକ ଆଧୁନିକ ବଙ୍ଗଳାରେ ଶାନ୍ତା ଓ ଉଇଲିଅମ୍

Digitized by PPRACHIN, SOA

ହେଉ ରହିଥାନ୍ତି ।

ଠିକ୍ ସେତିକିବେଳେ ସୁରେଖା ହାତରେ ପରିବା ବ୍ୟାଗ ଧରି ଦୋକାନ ବାହାରକୁ ଆସୁଥିଲି । "ହାଲୋ ଚମ୍ପା ! ସେଠି କାହିଁକି ଠିଆହୋଇଛ ? ଆସ, ଆସ ।"

ଚମ୍ପା ଚୁପ୍ ଚାପ୍ ସୁରେଖା ସାଙ୍ଗରେ ଚାଲିଲା ।

କିଛି ବାଟ ଚାଲିଲା ପରେ ସେମାନେ ସୁରେଖାର ଘରେ ପହଞ୍ଚିଲେ ।

"କିଏ ଜାଣେ, ଲୋକେ ପ୍ରକୃତରେ ଚାହାନ୍ତି କଣ ?"

"ଏଇ ସୋଫା ଉପରେ ଆରାମରେ ବସ !" ସୁରେଖା ପରିବାପତ୍ର ସଜାଡ଼ି ରଖୁ ରଖୁ କହିଲା ।

"ଏଇ ସୋଫା ଉପରେ ବସିଲେ ଏହି ବଟବୃକ୍ଷ ସେଦିନ ଯେପରି ଆନନ୍ଦ ଦେଉଥିଲା, ଆଉ କଣ ଦେବ ?" ଚମ୍ପା ନିଜକୁ ନିଜେ କହୁଥିଲା ।

"ସେ ଦିନ···କେଉଁ ଦିନ ?···କିପରି ଥିଲା ?" ସୁରେଖା ପଚାରିଲା ।

"କେଜାଣି ।"

"କାଲି ଅନେକେ ଆମ ଭିତରୁ ଘରକୁ ଫେରିଯାଉଛନ୍ତି"—ସୁରେଖା ଖବର ଦେଲା ।

"ଘର ?"

"ହଁ, ହିନ୍ଦୁସ୍ଥାନ"—

"କେଉଁମାନେ ଯାଉଛନ୍ତି ?" ଚମ୍ପା ତଟସ୍ଥ ହୋଇ କହିଲା । ଏବେ ଆଉ କାହା ସାଙ୍ଗରେ ତା'ର କି ସମ୍ପର୍କ ?

ସୁରେଖା ପରିବା କାଟିବାରେ ଲାଗିଯାଇଥିଲା ।

"ପ୍ରାୟ ସମସ୍ତେ । ହରିଶଙ୍କର ପ୍ଲେନରେ ଯାଉଛି । କମାଲ୍ ଜଳ-ଜାହାଜରେ । ଗୌତମ ଆଜି ସକାଳୁ ପୁଣି ନ୍ୟୁୟର୍କ ଚାଲିଯାଇଛି ।"

ବାହାରେ ସୂର୍ଯ୍ୟ ସଂପୂର୍ଣ୍ଣ ଅସ୍ତ ହୋଇଗଲେଣି । ଶୀତ ରାତିର ଅନ୍ଧକାର ସମଗ୍ର ପୃଥିବୀ ଉପରେ ନିବିଡ଼ଭାବେ ଘେରିଆସୁଚି । ଚମ୍ପା ସୁରେଖାକୁ ସାହାଯ୍ୟ କରିବାକୁ ରୋଷେଇ ଘର ଭିତରକୁ ଗଲା । ସେ ଆହୁ ଅରେ ସେ ବଖରାକୁ ଗଲା; ମାତ୍ର ସେଠାରେ କିଛି ନଥିଲା । ସମସ୍ତ ତା ରାସ୍ତାରେ ଚାଲିଯାଇଛି । ତାହାର କିଛିଟା ଅବଶେଷ ସେ ପଛରେ ଛାଡ଼ି ଯାଇନଥିଲା ।

ସେଠାରୁ ଚମ୍ପା ବାହାରକୁ ଆସି କମାଲ ଘରକୁ ଚାହିଁଲା । ତା' ଘରର ଆଲୁଅ ଦିଶୁଥିଲା ।

"ମୋତେ ଛାଡ଼ି ଯାଅନାହିଁ – ମୋତେ···"ସେ ପାଟି କରି କହିବାକୁ ଚାହିଁଲା । ମାତ୍ର ପାରିଲାନି । ଚୁପ୍‌ଚାପ୍ ଚଞ୍ଚଳ ଗତିରେ ଷ୍ଟେସନ ଆଡ଼କୁ ମୁହାଁଇଲା ।

Digitized by PPRACHIN, SOA

ସେ ନିଜର ଘର କୋନ୍ କ୍ୱାର୍ଟରରେ ପହଞ୍ଚି ବତି ଜଳାଇବାକୁ ହାତ ବଢ଼ାଇଲି । ଅନ୍ଧାର ଯେମିତି ତାକୁ ସ୍ୱାଗତ କରୁଛି । ଏପର୍ଯ୍ୟନ୍ତ ରାତ୍ରିଟା ମୋର ବିରୋଧୀ ଥିଲା; ଏବେ ହୁଏତ ଏ ଅନ୍ଧକାର, ଏ ରାତ୍ରି ମୋର ସାଥୀ ହୋଇ ରହିବ । ପବନରେ ପତ୍ରର ମର୍ମର । ମାଟି ଉପରେ ରାତ୍ରିର ତରଳ ଅନ୍ଧକାର ଜମିଆସୁଛି ।

ରାତ୍ରି ମୋ ହାତରେ ଓ ମୁଁ ରାତ୍ରିର ହାତରେ ବନ୍ଦିନୀ । ରାତ୍ରିର ରଜ୍ଜୁକୁ କଠୋରଭାବେ ଆକର୍ଷଣ କରି ମୁଁ ଦିନର ଆଲୋକରେ ପହଞ୍ଚିବ !

ରାତ୍ରିର ଅନ୍ଧକାର ବଢ଼ୁଛି । ଶୀତ ବି ବେଶୀ ହେଉଛି । ସମସ୍ତ ଯେପରି ମୌନ-ମୁଖର ହୋଇ କହୁଛି "ମୋତେ ଚିହ୍ନ । ମୁଁ ତମର ପିଛା କେବେ ଛାଡ଼ିବିନି । ତମର ଇଚ୍ଛା ଥିଲା ମୁଁ ସ୍ଥିର ହୋଇ ରହିବି । ମାତ୍ର ତମର ଏ ଧାରଣା ଭୁଲ୍ । ମୋତେ ଦେଖ । ଚିହ୍ନ ମୋତେ । ମୁଁ ଚାଲିଛି । ଅବାରିତ ମୋର ଗତି । ପର୍ଦ୍ଦା ପଛରେ ଅନ୍ଧାର ଭିତରେ ଲୁଚି ଛପି ମୁଁ ଚାଲିଛି । ମୁଁ ହେଉଛି ଅନ୍ତିମ ସୀମା । ତା ଆଗକୁ ତୁମେ କେବେ ଯାଇପାରିବନି । ତୁମେ ଆସି ଗୋଟିଏ ସୀମାରେ ଉପସ୍ଥିତ ହେଲଣି । ସାମନାରେ ଫାଟକ ରହିଛି । ସେଠୁ ଆଉ ଏକ ରାଜ୍ୟର ସୀମା ଆରମ୍ଭ । ସେ ରାଜ୍ୟକୁ ଯିବାପାଇଁ ନୂଆ ପ୍ରମାଣ-ପତ୍ର, ଭିସା ଇତ୍ୟାଦି ଦରକାର ।

ମୋତେ ଚିହ୍ନ । ମୁଁ ସଦାବେଳେ ତମ ସାଙ୍ଗରେ ଚାଲିଛି । ତୁମେ ମୋଠାରୁ କେଉଁଠାକୁ ପଳାୟନ କରି ପାରିବନି । ମୁଁ ତମକୁ କେବେ ଯିବାକୁ ଦେବିନି । ମୁଁ ସବୁ ସମସ୍ୟାର ସମାଧାନ କରିପାରେ । ଏବେ ତମ ଉପରେ ବିପଦର ଘନଘଟା ଘୋଟିଆସିବ । ମୁଁ କିନ୍ତୁ ସେ ବିପଦର ସମ୍ମୁଖୀନ ହେବାକୁ ତୁମକୁ ସାହାଯ୍ୟ କରିବି । ପବନର ଏକ ଲହରରେ କବାଟ ଝଡ଼ଝଡ଼ ଶୁଭିଲା ।

ଚଂପା ଝର୍କା ବନ୍ଦ କରି ନିଜ ରୁମକୁ ଫେରିଆସିଲା ।

୫୨

"ଅପ୍ସୀର ବାହାଘରେ ପିନ୍ଧିବାପାଇଁ ମୁଁ ଖୁବ୍ ସୁନ୍ଦର ଶାଢ଼ି ତିଆରି କରିବି ।" ନିର୍ମଳା କହୁଥିଲା ।

ମୁଁ ଚୁପ୍ ରହିଲି ।

"ମୋତେ ଏ ନୂଆ ପ୍ରକାରର ଧଡ଼ି ଥିବା ଶାଢ଼ି ଭଲ ଲାଗେନି ।" ମାଳତୀ କହିଲା ।

Digitized by PPRACHIN, SOA

ମାଳତୀ ଷୋଳ ବର୍ଷର ଝିଅ । ନିର୍ମଳା ତା'ଠୁ ଗୋଟିଏ ବର୍ଷ ସାନ । ପରଶୁଧାନ ବିଷୟରେ ସେତେବେଳେ ସେ ଦୁହେଁ ଖୁବ୍ ବଡ଼ ବଡ଼ କଥା ମୋ ଆଗରେ କହୁଥିଲେ ।

ପୁଣି ହଠାତ୍ ତଲଅତ୍ ଚୁପ୍ ହୋଇଗଲା । "ଦେଖ ! ମୋର ଅତୀତରେ ମୋପାଇଁ କିଛିଟା ବୈଶିଷ୍ଟ୍ୟ ସଞ୍ଚିତ ହୋଇ ରହିଛି । ଅନ୍ୟ କାହାପାଇଁ ସେଥିରେ କିଛି ରୁଚି ନାହିଁ ।"

"ମୋର ଅତୀତ ! ମୋର ଏକାନ୍ତ ନିଜର ।" କମାଲ୍ ତଲ୍ ଅତ୍ର କଥାର ପୁନରାବୃତ୍ତି କଲା ।

"ଏବଂ ଏହି ଦୁନିଆକୁ କେବଳ 'ଆଜି' ପାଇଁ ଆଗ୍ରହ ଅଛି ।" ହରିଶଙ୍କର ମତାମତ ଦେଲା ।

"କିନ୍ତୁ, ବିତିଯାଇଥିବା ଦିନଗୁଡ଼ିକ ବି ଏକଦା ଦିନେ 'ଆଜି'ର ଗୌରବରେ ଅନୁରଞ୍ଜିତ ଥିଲା । କାଳର ହାତରେ ପଡ଼ି ମୁଁ ଖୁବ୍ ବିରକ୍ତ ହୋଇଗଲିଣି । ତମ ଭିତରୁ କେହି ମୋତେ ସାହାଯ୍ୟ କରୁନ କାହିଁକି ?"—ତଲଅତ୍ କହିଲା,

"ତଲଅତ୍ ବେଗମ୍ । ତମକୁ ସଂଭବତଃ ଆଇନଷ୍ଟାଇନ୍ ବି ସାହାଯ୍ୟ କରିପାରିବେନି ।" ହରିଶଙ୍କର କହିଲା ।

" ସମୟ ସବୁବେଳେ ଉପସ୍ଥିତ, ଜାଗ୍ରତ ରହିଚି । ସମୟର ଏଇ ନିରବଚ୍ଛିନ୍ନ ସ୍ରୋତ ଭିତରୁ ଆଜିର ସୃଷ୍ଟି ହୋଇଛି ।" ତଲଅତ୍ କହିଲା ।

ଏମାନେ ୧୯୫୪ ମସିହା ଡିସେମ୍ବର ୧୫ ତାରିଖରେ ଲଣ୍ଡନ ସହରର ସେଣ୍ଟ୍ ଜନ୍‌ଉଡ଼ରେ ବସି ଗପସପ କରୁଥିଲେ । ସେମାନଙ୍କର ଗୁଇସବୁ ଝର୍କା କାଚରେ ବିଚିତ୍ର ରୂପ ନେଉଥିଲା । ବାହାରେ ଖୁବ୍ ଜୋରରେ ପବନ ପିଟୁଛି । ରାସ୍ତା ଉପରେ ମୋଟର ଯିବାର ଶବ୍ଦ, ରେଡିଓରେ କନସର୍ଟ ଶୁଭୁଛି ।

ତଲଅତ୍ ସମୟର ବିସ୍ତୃତ ଭିତରେ ଅନେକ ପଛକୁ ଫେରିଯାଇ ୧୯୪୦ ମସିହା ଜୁଲାଇରେ ସିଂଘାଡ଼େବାଲି କୋଠିର ବାରନ୍ଦାରେ ବସି ନିର୍ମଳା ଓ ମାଳତୀ ସାଙ୍ଗରେ ଯେପରି କଥା ହେଉଛି । ସେଦିନର ତଲଅତ୍ ଓ ଆଜିର ତଲଅତ୍ ଭିତରେ ତଫାତ୍ କିଛି ନାହିଁ । ମହାତ୍ମା ବୁଦ୍ଧ କହିଛନ୍ତି, ମଣିଷ ପ୍ରତି ମୁହୂର୍ତ୍ତରେ ବଦଳୁଥାଏ—ପିଲାଦିନେ ଗୋଟିଏ ପ୍ରକାରର ଓ ବଡ଼ ହେଲେ ଆଉ ଅନ୍ୟ ପ୍ରକାରର । ଦୂର ପାହାଡ଼ରେ ଗ୍ଲେସିୟର ଭାଙ୍ଗି ପଡ଼ି ବହିଯାଉଥିଲା । ଏ ପବନରେ, ଅନ୍ଧାର ଉପରେ ବରଫଉପରେ ସମୟ ଜମିଉଠୁଛି ।

"ଗ୍ରଲ ନିଜ ନିଜ କଥା କହିବା । ନୀରବ ରହିଲେ ଅନ୍ଧାର ଭିତରେ ଡର ଲାଗୁଚି ।"

"ଆମେ ସମୟ ଓ ଅନ୍ଧାରକୁ ଡରିବା ସ୍ୱାଭାବିକ । କାରଣ ସମୟ ଆମକୁ ଦିନେ ଶେଷ

Digitized by PPRACHIN, SOA

କରିବ ଓ ତା ପରେ ଆମେ ଅନ୍ଧାର ଭିତରେହିଁ ବୁଡ଼ି ରହିବା ।" ଡଲ୍‌ଅଭ୍ କହିଲା ।

"ଆଜି ଗୌତମ ନୀଳାମ୍ବର ବି କେତେ ଡରୁଆ ବୋଲି ନିଜକୁ ପ୍ରମାଣିତ କଲା !"

"ଗୌତମ ନୀଳାମ୍ବରର କଥା ଏଇନେ କିଛି କୁହନି । ତୁମେ ଅସଲ କଥାରୁ ଅନେକ ଦୂରକୁ ଚାଲିଯିବ । ଜୀବନରେ ଅସଲ କଥା କଣ, ତାହା ବିଚାର କରିବା ଦରକାର ।" ହରିଶଙ୍କର କହିଲା, "ମୁଁ ଚଉଦ ବର୍ଷ ପୂର୍ବରୁ ମଧ୍ୟ ବଂଚିଥିଲି । ସେତେବେଳେ ମୁଁ ଯେଉଁ ହରିଶଙ୍କର ଚଉଦ ବର୍ଷ ଆଜି ବଂଚିବାପରେ ବି ସେଇ ହରିଶଙ୍କର ବୋଲି ଲୋକେ ମୋର ପରିଚୟ ପାଇବେ । କାଳର କରାଳ ଗତିରେ କେବଳ ଆମର ପରିଚୟ ସାବ୍ୟସ୍ତ ହେବ ।"

ମାଇକେଲ, ବିଲ୍ ହେଗ୍, ଜରୀନା—ଏମାନେ ସମସ୍ତେ ଗୌତମକୁ ଏୟାର ପୋର୍ଟରେ ବିଦାୟ ଦେଇ ଫେରିଥିଲେ ।

ଗୌତମ ଜରୀନା ଘରୁ ଆସି କମାଲ ଫ୍ଲାଟ୍‌ରେ ପନ୍ଦର ଦିନ ଧରି ଅସୁସ୍ଥ ହୋଇ ପଡ଼ିରହିଥିଲା । ସଂପୂର୍ଣ୍ଣ ଭଲ ହେବା ଆଗରୁ କାଶ୍ମୀର ଘଟଣାରେ ତାପର ଦିନ ସେ ନ୍ୟୁୟର୍କ ଯାଉଥାଏ । ମାଇକେଲ ମଧ୍ୟ ସାଙ୍ଗରେ ଯାଉଥାଏ ।

ଡଲ୍‌ଅଭ୍ ପୁଣି ଥରେ କ୍ୟାଲେଣ୍ଡରର ଉପରେ ଦୃଷ୍ଟି ପକାଇଲା—୧୫ ଡିସେମ୍ବର ୧୯୫୪ । "ମାଇକେଲ ! କବାଟ ବନ୍ଦ କରିଦିଅ ।" ଡଲ୍‌ଅଭ୍ ଆଦେଶସୂଚକ ଭଙ୍ଗୀରେ କହିଲା ।

ମାଇକେଲ ଉଠିଆସି କବାଟ ବନ୍ଦ କରିଦେଲା । ଲୋକମାନେ ଡଲ୍‌ଅଭ୍‌କୁ ଖେଳନା ପରି ମନେହେଲେ । ସିପାହୀ, ଯାହାର ହାତରେ ବନ୍ଧୁକ ଥିଲା (ମାଇକେଲ୍); ମୁଣ୍ଡ ହଲଉଥିବା ଓ ଝଲା ଦାଢ଼ୀ ରଖିଥିବା ଚୀନା ଦାର୍ଶନିକ (ହରିଶଙ୍କର), ମହାରାଜା ଚନ୍ଦ୍ରଗୁପ୍ତଙ୍କ ଦରବାରର ନର୍ତ୍ତକୀ (ସୁରେଖା); ନିଜର ତକିଆ ସହ ଖାଲିପାଦରେ ଲଇଁ ଲଇଁ ଚାଲୁଥିବା ନବାବ କମ୍ବନ ସାହେବ (କମାଲ) ଦୀପାବଳୀରେ ସଜାହେବା ଖେଳନାଭଳି ତା ଆଗରେ ସଜା ହୋଇ ବସିଥିଲେ । ଏହି ମୂର୍ତ୍ତିଗୁଡ଼ିକ ଲକ୍ଷ୍ନୌର କୁମ୍ଭାର ଗଢ଼ିଥିଲା । ଏହି ମୂର୍ତ୍ତିଭିତରୁ ଗୋଟିଏ ଗଢ଼ା ଭାଙ୍ଗି ଯାଇଥିଲା—ନିର୍ମଳା ।

"ମୁଁ ବିଲ୍‌କୁଲ୍ ଠିକ୍ ଥିଲି; ମାତ୍ର ଏଇ କେତୋଟା ଦିନରେ ମୁଁ ଡରିବା ଆରମ୍ଭ କରି ଦେଇଛି ।"

କମାଲ କହିଲା, "ନୂଆ କଥା ଗୋଟାଏ ଜଣାଗଲା ଯେ ଦୁନିଆ ଖୁବ୍ ଗଣ୍ଡଗୋଳପୂର୍ଣ୍ଣ ।"

"କିନ୍ତୁ ମୁଁ ସ୍ପଷ୍ଟଭାବେ ଅନୁଭବ କରୁଛି ଯେ ଅସଂଖ୍ୟ ପୁସ୍ତକର ରାଶି ରାଶି ଶବ୍ଦ-ଗୁଡ଼ାକ ବିପଜ୍ଜନକ ବିଚାରଧାରା ମଧ୍ୟଦେଇ ପ୍ରକାଶିତ ହେଉଛି ।"

Digitized by PPRACHIN, SOA

"ଶବ୍ଦ କ'ଣ ସର୍ବଥା ଠିକ୍ ରାସ୍ତାରେ ବିଚାରଧାରାକୁ ନିୟନ୍ତ୍ରଣ କରନ୍ତି ? ଶବ୍ଦଗୁଡ଼ାକ ନିରର୍ଥକ । ନିର୍ଭୁଲ ବିଚାରଧାରା ସାଙ୍ଗରେ ଶବ୍ଦମାନଙ୍କର କିଛି ସମ୍ବନ୍ଧ ନାହିଁ ! ମୁଁ ଶୁଣେ, ବୃହସ୍ପତି ରାକ୍ଷସମାନଙ୍କୁ ଶିକ୍ଷାଦାନ କରନ୍ତି ! କେବେ କେବେ ମୁଁ ନିଜକୁ ଗୋଟାଏ ରାକ୍ଷସୁଣୀ ମନେ କରେ ଅଥବା ପକ୍ଷୀରାଇଜ କଥାର ଗୋଟାଏ ଖଳନାୟିକା— ବୁଢ଼ୀ ଅସୁରୁଣୀ ! ସିଏ ନିଜର ମନ୍ତ୍ରଜ୍ଞାନବଳରେ ଝାଡ଼ୁ ଉପରେ ବସି ଶୂନ୍ୟ ଆକାଶରେ ବିଚରଣ କରେ ।"

"ଅନ୍ଧାର ଭିତରେ ଅନେକଗୁଡ଼ାଏ ଝାଡ଼ୁ ଯେପରି ଏଇ ପାର୍କରେ ଶୂନ୍ୟରେ ଉଡ଼ୁଛନ୍ତି । ସେଥିରେ ବସିଛନ୍ତି ତହମୀନା, ନିର୍ମଳା, ଚମ୍ପା, କଳ୍ପନା ଓ ଆହୁରି ହଜାର ହଜାର ଝିଅ । ଏ ଝାଡ଼ୁସବୁ ଏତେ ଉଚ୍ଚକୁ ଉଠିଗଲାଣି ଯେ ତଳକୁ ଖସିବାର ସମ୍ଭାବନା ବହୁତ କମ୍ । ସାରା ସଂସାର ଏଇ ଝାଡ଼ୁସବୁରେ ଭରିଗଲାଣି ।"

"ତୁମେ ଯଦି ଝାଡ଼ୁ ଉପରେ ବସି ଉଡ଼ିବ ତ ନିଶ୍ଚୟ ବାଟ ହୁଡ଼ିଯିବ । ତମର ଝାଡ଼ୁ ଧକ୍କା ଖାଇ ତଳେ ଖସିପଡ଼ିବ ।"

"ଏସବୁ କଥାରେ ଚମ୍ପାର କ୍ରିୟାକଳାପ ବିଶେଷଭାବେ ଉଲ୍ଲେଖ କରାଯାଇପାରେ । ସେ କେବଳ ସ୍ୱପ୍ନ ଦେଖିବାରେ ମଶଗୁଲ ରହି ଭୁଲ କରିଛି ।"

"ସେ ସ୍ୱପ୍ନ-ବିହ୍ୱଳା ହୋଇ ମଧ୍ୟଯୁଗୀୟ ଭକ୍ତମାନଙ୍କ ଭଳି ଘୂରିବୁଲୁଛି । ସେ ଗିର୍ଜା ଯାଇ ସନ୍ନ୍ୟାସିନୀମାନଙ୍କର ଐଶ୍ୱର୍ଯ୍ୟ ଦେଖିଛି । ନିଜ ଜୀବନକୁ ସଜୀବ ଈଶ୍ୱରଙ୍କ ପ୍ରତୀକ କରି ସେ ଆତ୍ମସନ୍ତୋଷ ଲାଭ କରିଛି । ଏ ସୁଖକୁ ତୁମେ କଳନା କରି ପାରିବନି । ଗୌତମ ନୀଳାମ୍ବର ଭଳି ପ୍ରତ୍ୟେକ କଥା, ପ୍ରତ୍ୟେକ କଥା ଓ ବସ୍ତୁରେ କିଛି ଗୋଟାଏ ରହସ୍ୟ ଛପି ରହିଥିବାର ସେ ଅନୁଭବ କରେ ।"

ସେମାନେ ଘରୁ ବାହାରି ରାସ୍ତାକୁ ଆସିଲେ । "ଅନୁଭବ କରିପାରୁଛି ଯେ ସମସ୍ତ ଘଟଣା ପଛରେ ଗୋଟିଏ ଅଦୃଶ୍ୟ କାରଣ ରହୁଛି ।"

"ମୁଁ ଏଇଥିପାଇଁ ବହୁତ ଦୁଃଖର ସମ୍ମୁଖୀନ ହେଲିଣି ।" ମାଇକେଲ ହସ୍ତ ପ୍ରସାର କରି କହିଲା ।

ତଳଅନ୍ତ୍ 'ହଁ' ଭଣିଲା ।

ସେମାନେ ପାହାଡ଼ ଉପରେ ଚଢ଼ି ଚନ୍ଦ୍ରକରମାନଙ୍କ ଚନ୍ଦ ଦେଖିବାକୁ ଲାଗିଲେ, କିନ୍ତୁ ବେଶୀ ବୋର୍ ହେଲେ ।

ପାହାଡ଼ ତଳେ ମେଳା ବସିଥାଏ । ଜିପ୍ସି ମହିଳାମାନେ ହାତ ଦେଖି ଭାଗ୍ୟଗଣନା କରୁଥାନ୍ତି । ପିଲାଏ ଚନାବାଦାମ ଓ ଆଇସକ୍ରିମ ଖାଉଥାନ୍ତି ।

"ସବୁଠାରୁ ବେଶୀ ନିର୍ବୋଧତା ହେଉଛି, ପ୍ରତ୍ୟେକେ ନିଜ ନିଜର ସ୍ୱପ୍ନ ଭିତରକୁ

Digitized by PPRACHIN, SOA

ଅନ୍ୟକୁ ଟାଣିବାକୁ ଚେଷ୍ଟା କରିଥାନ୍ତି ।" କହିଲା ମାଇକେଲ ।

"ହଁ ! ମୋର ଅତୀତ, ମୋର ସମସ୍ୟା, ମୋର ସ୍ୱପ୍ନ ସବୁ କେବଳ ଏକାନ୍ତ ଭାବେ ମୋ ନିଜର । ତାହା ଅନ୍ୟ କାହାର ହୋଇ ପାରେନା । କିନ୍ତୁ ମନେରଖିବା ଦରକାର, ମୁଁ ମୋର ଗୋଟାଏ ବ୍ୟକ୍ତିଗତ ଅନୁଭବର କଥା କହୁଛି । ଭବିଷ୍ୟତ ଆମ ସଭିଙ୍କର ସମାନ ।"

"ତମେ କଥାପ୍ରସଙ୍ଗରେ ପାର୍ଟିର ଆଦର୍ଶ ପ୍ରଚାର କରନା କହୁଛି । ଆଗାମୀ ଯୁଗ ସମସ୍ତଙ୍କ ପାଇଁ ସମାନ ହୋଇ ପାରେନା ।" ମାଇକେଲ ରାଗିଗଲା ଯେପରି ।

"ବନ୍ଧୁ ମାଇକେଲ"—ତଲଅତ୍ ଶିଶୁ ସୁଲଭ କଣ୍ଠରେ କହିଲା—"ମୋତେ ଖୁବ୍ ଡର ଲାଗୁଛି ।"

"ହଁ ।"

"ମୁଁ ଭୟଭୀତ ହୋଇ ସେହି କାଗଜ ଉପରେ ଦସ୍ତଖତ କରନ୍ତି, ଯାହାକି ମୋର ଜୀବନର ସର୍ବସ୍ୱ ଓ ଭାବି ବିଭବଶାଳୀ ଜୀବନର ଗବାକ୍ଷ । ଏ ସବୁ କଣ ? ଏହାଦ୍ୱାରା ମୋର ଲାଭ କଣ ? ମୁଁ ରାଜବଂଶରେ ଜନ୍ମଗ୍ରହଣ କରି ଏ ଅନିଶ୍ଚିତତାର ଅଧିକାରୀ ହେବାକୁ ତ କହି ନଥିଲି ! ଟଙ୍କା, ଟଙ୍କା, ଟଙ୍କା—ଏହା କେବଳ କିଛି କାଗଜଖଣ୍ଡ । ହଠାତ୍ ଟଙ୍କା ପାଇଁ ଲାଳାୟିତ ହେବାର ଆକାଂକ୍ଷା ମୋ ମନରୁ ପୂରାପୂରି ଦୂର ହୋଇଗଲା । ଲୋକେ କହିଲେ ରାଜବଂଶୀୟ ଲୋକେ ଏପରି ବେପରୁଆ । ମୋତେ ଏହା ଶୁଣି ଖୁବ୍ ହସ ଲାଗିଥିଲା ।"

"ମୋତେ ଡରାଇବାକୁ କ'ଣ ଆଉ କିଛି ଜିନିଷ ନାହିଁ ? ଖୁବ୍ ସୁନ୍ଦର ଦୃଶ୍ୟ, ଆରାମପ୍ରଦ ଘର । ବ୍ୟାଙ୍କ ବାଲାନ୍ସ । ନାନାଦି କାଗଜ ପତ୍ର । ଜଏଣ୍ଟ ଷ୍ଟକ୍ କମ୍ପାନୀର ରିପୋର୍ଟ । ସେଥିରେ ଥିବା କେତେଗୁଡ଼ିଏ ନାମ, ଯଥା ଲର୍ଡ଼ ସିହ୍ନା, ସାର୍ ବୀରେନ ମୁଖାର୍ଜି, ଶ୍ରୀ ଆପର୍ । ଏଇସବୁ ନାଁ ପଛରେ ଆହୁରି ଗୋଟାଏ ବଡ଼ ଦୁନିଆ ଥିଲା । ବହୁତଳବିଶିଷ୍ଟ ପ୍ରାସାଦ, ଟଙ୍କା, ଆର୍ଥିକ ଐଶ୍ୱର୍ଯ୍ୟ । ହରତାଳ, କ୍ଷୁଧା, ବେକାରି, ମଜଦୁର ବସ୍ତି । ସିଟି ଅଫ୍ ଲଣ୍ଡନ, କ୍ଲାଇଭ ରୋଡ଼, କଲିକତା । ଫ୍ରେଙ୍ଗୀ, ଟାଟା ନଗର......"

ସେମାନେ ସବୁ ଗୋଟାଏ ପଥର ଉପରେ ବସିଗଲେ । ତଳେ ଝରଣା ଜଳ ଅସ୍ତଗାମୀ ସୂର୍ଯ୍ୟ କିରଣରେ ଝଲ୍‌ମଲ୍ ହେଉଥାଏ । ମୁକ୍ତିସେନା ବ୍ୟାଣ୍ଡ ବାଜା ବଜାଇ ଆଗଦେଇ ଚାଲିଗଲେ ।

କମାଲ ଝରଣା କୂଳରେ ଏକାକୀ ଠିଆ ହୋଇଥିଲା ଓ ଏତେ ଉଚ୍ଚରୁ ଖୁବ୍ ଗ୍ଲେଟ ଦେଖା ଯାଉଥିଲା । ସହସା ତଲଅତ୍ ଖୁବ୍ ଜୋରରେ ହସି ଉଠିଲା ।

Digitized by PPRACHIN, SOA

ମୁଁ ଦିନେ ନିର୍ମଳାକୁ ପଚାରିଥିଲି, "ରାଣୀ ବିବି, ତମର କ'ଣପାଇଁ ଏତେ ଭୟ ?" ସେ କହିଲା "ମୁଁ ମୋର ସ୍ୱପ୍ନକୁ ତାଙ୍କଠାରୁ ଦୂରେଇ ରଖିବାକୁ ଚାହେଁ । କେତେ ବିଚିତ୍ର କଥା ହେଲେ ! ଏବେ ସବୁଦିନ ପାଇଁ ତା ମନଗହନର ସପନ ସବୁ ତା ପାଖରେ ସୁରକ୍ଷିତ ରହିଗଲା । ଗୌତମ ଶେଷପର୍ଯ୍ୟନ୍ତ ବି ତାହା ଜାଣି ପାରିଲେନି ।"

"ଆମେ ଅଜ୍ଞାନ ଭିତରେ ଜନ୍ମହୋଇ ତାରି ଭିତରେ ବଞ୍ଚୁ ଓ ଶେଷରେ ସେଇ ଅଜ୍ଞାନରେ ହିଁ ଦୁନିଆରୁ ବିଦା ହେଉ—ଏଇ ହେଉଛି ଅସଲ ସିଦ୍ଧାନ୍ତ ।"

କମାଲ୍ ସେମାନଙ୍କ ଆଡ଼କୁ ଆଗେଇ ଆସୁଥିବାର ଦେଖାଗଲା । ମାଇକେଲ୍ ନଇଁପଡ଼ି ପତ୍ର ତୋଳିବାକୁ ଲାଗିଲା । ମେଳାରେ ବାଜୁଥିବା ବାଦ୍ୟ-ସଙ୍ଗୀତର ବିରତ ହୋଇଥିଲା । ଅନ୍ଧାର ଘନୀଭୂତ ହେଉଥାଏ ।

"ଅଜ୍ଞାନର ଯେଉଁ ଅସତ୍ୟ ସହର ଆମେ ନିର୍ମାଣ କରିଛେ ତା'ର କାନ୍ଥ, ପ୍ରାଚୀର ଦର୍ଶନର ଇଟାରେ ଠିଆ ହୋଇଛି ଏବଂ ଏ ସହର ଭିତରକୁ ମୃତ୍ୟୁ ଦିନେ ପଶି ଆସିବ ।" ଡଲ୍‌ଅଭ୍ କହିଲା । ଡଲ୍‌ଅଭ୍ ଏକ ବାୟୁଯାନର ଦୁର୍ଘଟଣା ବିଷୟରେ କହିବାକୁ ଲାଗିଥାଏ । "ଫରେନବରାର 'ଏୟାର ଫିଷ୍ଟିଭାଲ' ଅବକାଶରେ ଆକାଶରେ ଉଡ଼ୁଥିବା ବିଚିତ୍ର 'କାନ୍‌ଡ଼େର୍‌'ର ଜାହାଜ ଖଣ୍ଡ ଖଣ୍ଡ ହୋଇ ମେଳାରେ ଜମିଥିବା ଲୋକମାନଙ୍କ ଉପରେ ଖସିପଡ଼ିଲା । ପ୍ରାୟ କୋଡ଼ିଏ ଜଣ ଲୋକ ଦୁର୍ଘଟଣାରେ ମରିଗଲେ । ଜାହାଜରେ ଲାଗିଥିବା ନିଆଁ ଯେତେବେଳେ ମୋ ଆଡ଼କୁ ମାଡ଼ିଆସିଲା, ମୋର ମନେହେଲା ମୁଁ ଯେପରି ପୋଡ଼ିହୋଇଯିବି । ସେତେବେଳେ ମୁଁ ନିଜର ନିରାପତ୍ତାକୁ ଖାତିର ନକରି 'ଚନ୍ଦ୍ରା' ଓ 'ଜରିନା'ଙ୍କୁ ଚିତ୍କାର କରି ଖୋଜି ବୁଲିଲି । ମୋ ଜୀବନକୁ ପାଣି ଛଡ଼ାଇ ସେ ଦୁହିଙ୍କ ନିରାପତ୍ତା ପାଇଁ ବ୍ୟାକୁଳ ହୋଇ ଉଠିଥିଲି ।"

"ଏଇଭଳି ଏକ ପରିସ୍ଥିତିରେ ନିର୍ମଳା ମୃତ୍ୟୁର ସମ୍ମୁଖୀନ ହେଲା···ମନେହୁଏ ଏଥିପାଇଁ ସେ ଭୟଭୀତ ହୋଇ ନଥିବ ।"

"ମଣିଷର ଅସ୍ତିତ୍ୱକୁ ବେଦାନ୍ତରେ ଚାରିଭାଗରେ ବିଭକ୍ତ କରାଯାଇଛି, ଯଥା ମଣିଷର ଜାଗ୍ରତ ଅବସ୍ଥା, ସ୍ୱପ୍ନ, ସ୍ୱପ୍ନ ବିହୀନ ନିଦ୍ରା ଓ ମୃତ୍ୟୁ ।"

ଘାଟୀର ନିମ୍ନଦେଶରୁ କମାଲ ଗୀତ ଗାଉଥିବାର ଶୁଣାଯାଉଥିଲା । ଚନ୍ଦ୍ର ଗଛ ଉପରେ ଉଇଁ ଆସୁଥିଲେ ।

"ବିଶ୍ୱରଧାରା ଓ ଆତ୍ମାର ଗତି ଏକ ଅଟେ ।" ଶଙ୍କର କହିଲା ।

"ମୃତ୍ୟୁ ମୋତେ ଶେଷ କରିଦେବ । ମୃତ୍ୟୁକୁ ଶେଷ କରିପାରିବ କିଏ ? ପବନ ମୋର ଶ୍ୱାସ ପ୍ରଶ୍ୱାସକୁ ଚୋରି କରିନେବ । ସୂର୍ଯ୍ୟ ମୋ ଆଖିରୁ ଜ୍ୟୋତି ହରଣ କରିନେବ । ଚନ୍ଦ୍ର ମୋ ମନକୁ ନିଷ୍ପନ୍ଦ କରିଦେବ । ଆତ୍ମା ପବନରେ ମିଶିଯିବ ।" ଡଲ୍‌ଅଭ୍ ଉଠିପଡ଼ି

Digitized by PPRACHIN, SOA

କହିଲା ।

"ଗମ୍ଭୀର ନଦୀ ! ଗମ୍ଭୀର ଜଳ ! ନିବିଡ଼ ସ୍ୱପ୍ନ ! ସଂସାରର ତତ୍ତ୍ୱ ! ଇନ୍ଦ୍ରିୟ ସବୁ ନିଷ୍କ୍ରିୟ ହେଲେଣି । କେବଳ ମୃତ୍ୟୁ ହିଁ ବାକି ଅଛି ।" ଶଙ୍କର କହିଲା ।

"ଏ ଦେହ—ବିଚାର କରେ, ଅନୁଭବ କରେ । ତାହା ଶେଷ ହେଲେ ସବୁକିଛିର ଶେଷ ହେଲାବୋଲି କହିବାକୁ ହେବ । ଜ୍ୱଳନ୍ତ ଅଗ୍ନି, ଶୀତଳ ଜଳ, ପବନ—ଏଇଥିରୁ ମଣିଷର ସୃଷ୍ଟି ।" ଗୌତମ ଦିନେ ଚମ୍ପାକୁ କହିଥିଲା—

"ତମ ଦେହ ଯୌବନ ଯଦି ତମ ଜ୍ଞାନଠାରୁ ଏକ ଅଲଗା ବସ୍ତୁ ତେବେ ତାହା ଅଲଗା କରିଦେଇ ତୁମେ ମୋ ପାଖକୁ ଆସ । କେବଳ ତୁମେ । ମାତ୍ର ତୁମେ ଏହା କରି ପାରିବନି ।" ବସ୍ତୁବାଦୀ ଗୁଲଶନ କହିଲା ଏତିକି ।

"ଏବେ ବହୁ ଲୋକ ମରିବାକୁ ଅଛନ୍ତି । ମୁଁ ସେମାନଙ୍କ ଆଗରୁ ଯିବି । ଅନେକ ମରୁଛନ୍ତି । ମୁଁ ସେମାନଙ୍କ ସାଥିରେ ଯିବି । ପଛକୁ ଫେରିଚାହିଁ ଦେଖୁଛି, ଯେଉଁମାନେ ମରିଯାଇଛନ୍ତି, ସେମାନଙ୍କ ପ୍ରତି କଣ ବିଚାର କରାଯାଇଛି ? ଆଗକୁ ଚାହିଁ ଦେଖୁଛି ଭବିଷ୍ୟତରେ ଯେଉଁମାନେ ମରିବେ ସେମାନଙ୍କ ପ୍ରତି କି ବିଚାର ହେବ ?" ହରିଶଙ୍କର ପ୍ରଶ୍ନସୂଚକ ସ୍ୱରରେ କହିଲା ।

ଘାଟି ଉପରୁ କମାଲ କଣ୍ଠର ଗୀତ ଶୁଭିଲା ।

"ମୋର ମୂଲ୍ୟ କ'ଣ ? ମୁଁ ଏ ପର୍ଯ୍ୟନ୍ତ କ'ଣ କରିଛି ?" ସୁରେଖା କହିଲା ।

"ଆମର ଅନ୍ତିମ ଖୁବ୍ ଦୁଃସହ ହେବ ।" ମାଇକେଲ କିଛି ଚିନ୍ତା କଲାଭଳି ଭଙ୍ଗୀରେ କହିଲା ।

"କ'ଣ କରିବା—କଣ କରିବା ? କ'ଣ କରିବା ??" ଭୟଙ୍କର କୋରସ୍ ଭଳି ସେମାନଙ୍କର ସ୍ୱର ପାହାଡ଼ରେ ପ୍ରତିଧ୍ୱନିତ ହେଲା ।

"ଆଗରେ ଆମର ଆଗାମୀ କାଳର ପ୍ରାଚୀର ପଡ଼ିଛି । ମୁଁ ସେଇ ପ୍ରାଚୀର ସାମନାରେ ଠିଆହୋଇ ମାଇକେଲ ଭଳି ଚିତ୍କାର କରୁଛି । ଅସୁବିଧା ସବୁକୁ ସହିଯିବା କଣ ଅପରାଧର ପ୍ରମାଣ ?" ତଲଅତ୍ କହିଲା ।

"କେଉଁ ଏକ ଆମେରିକାନ୍ ନିଗ୍ରୋକୁ ଡାକ୍, କେଉଁ ଜର୍ମାନ ଇହୁଦୀ, ଆରବ ଶରଣାର୍ଥୀ, ପାକିସ୍ତାନୀ ମହାଜିର ଓ ହିନ୍ଦୁ ଶରଣାର୍ଥୀକୁ ଡାକ—ସେମାନେ କି ଅପରାଧ କରିଥିଲେ ଯାହା ଫଳରେ ଏ ଦଣ୍ଡ ମିଳିଲା ? କି ଉତ୍ତର ଦେବେ ସେମାନେ ?" ଗୁଲଶନ କହିଲା ।

"ମୁଁ ତମ ଆଗରେ ଠିଆ ହୋଇଛି । କୁହ ମୋତେ କି ଦଣ୍ଡ ଦିଆଯିବ ?" ମାଇକେଲ ପଚାରିଲା ।

Digitized by PPRACHIN, SOA

"ହେ ଇଜରାଏଲ୍‌ର ନୂତନ ଗାୟକ ! ଆମେ ତମଠୁ କେବଳ ସଙ୍ଗୀତ ଶୁଣିବାକୁ ଚାହୁଁ । ଅଥଚ ହାତରେ ତମର ବନ୍ଧୁକ !" ତଲ୍‌ଅତ୍ ସ୍ମିତ ହସି କହିଲା ।

"ଆମେ ହଜାର ହଜାର ବର୍ଷ ଧରି କାନ୍ଦି ଆସିଛୁ । ମରୁଭୂମିର କ୍ଷୁଧା, ଅଶ୍ୱଗ୍ରନ୍ଥିର ଜୀବନନିର୍ବାହ । ମୁଁ ବି ତଲ୍‌ଅତ୍ର ପ୍ରଶ୍ନକୁ ପୃଥିବୀରେ ପଚାରୁଛୁ ।"

"କେଉଁ ପ୍ରକାର ନିର୍ଯାତନାକୁ ପାପର ପ୍ରାୟଶ୍ଚିତ୍ତ ବୋଲି କୁହାଯିବ ?"

"ଆତ୍ମାର ନିଃସଙ୍ଗତା ସେ ନିଜର ସ୍ୱରରେ ଭରି ଦେଇଛୁ । ପ୍ରାଚୁର୍ଯ୍ୟର ନିଃସଂହତା, ଦୁଃଖ, ସନ୍ଦେହ ଓ ପାପର ନିଃସଂଗତା ! ଯେକୌଣସି ଆକର୍ଷଣରେ ଟାଣିହେଇ ମଣିଷ କପରି ନିଃସଙ୍ଗ ହୋଇପଡ଼େ ।" ମାଇକେଲ୍ କହିଲା ।

"ଜଙ୍ଗଲରେ ହଜାରେ ଯୋଗୀ ବସି ଭଜନ କରୁଥିଲେ, ମୁଁ ସେମାନଙ୍କର ସ୍ୱର ଶୁଣିଲି ।" ହରିଶଙ୍କର କହିଲା ।

"ଫଲସ୍ତିନ୍‌ର ଶସ୍ୟଭରା କ୍ଷେତରେ ମୁଁ ଗାଇ ବୁଲୁଥିଲି ।" ମାଇକେଲ୍ କହିଲା ।

"ମୁଁ ତୁମର ସ୍ୱର ମଧ୍ୟ ଶୁଣିଥିଲି ।" ତଲ୍‌ଅତ୍ କହିଲା ।

"ଇତିହାସର ଜୀବନ୍ତ ଅନୁଭୂତ ମୋ ମୁଣ୍ଡ ଉପରେ ଧାରୁଆ ଝଣ୍ଡାଭଳି ଝୁଲୁଛି ।" ମାଇକେଲ୍ କହିଲା ।

"କଣ କରିବା ? କଣ କରିବା ? କଣ କରିବା ?" କୋରସ୍ କହିଲା । ଚାରିଆଡ଼େ ସବୁଜ ରଙ୍ଗର କୁହୁଡ଼ି ପଡ଼ି ଆସିଲାଣି । ଏଇ କୁହୁଡ଼ି ଭିତରେ ସମସ୍ତେ ଚାଲିବାରେ ଲାଗିଥାନ୍ତି ।

"ମୁଁ ଅନ୍ଧାର ନଈର କୂଳେ କୂଳେ ଆଲୋକ ଓ ଭସ୍ମର ସଙ୍ଗମ ସ୍ଥଳରେ ପାଦଦେଇ ସୁନାରଙ୍ଗର ଭଗବାନ ବ୍ରହ୍ମାଙ୍କ ଭଳି ସର୍ଜନା କରୁଛୁ ।" ତଲ୍‌ଅତ୍ କହିଲା ।

"ଦେଖ ମାଇକେଲ୍ !" ଚଟାଣ ଉପରେ ଠିଆହେଇ ସେ ତଳକୁ ହାତ ବଢ଼ାଇ କହିଲା—"ଏ ତୁମର ଜେରୁଜେଲମ୍ । ଆମ ସମସ୍ତଙ୍କର ଏ ହେଉଛି ଜେରୁଜେଲମ୍ ।"

"ଜେରୁଜେଲମ୍ ତାହେଲେ ଭାଗ ଭାଗ ହେଇଗଲା ।" ହରିଶଙ୍କର ମନେପକାଇ ଦେଲା ଭଳି କହିଲା । ଆଉ ପାହାଡ଼ ଉପରେ 'ହଜରତ ଦାଉଦ'ଙ୍କ ସଙ୍ଗୀତ ଲହର ଘୂରି ବୁଲୁଛି । ଏଠାରେ ଖ୍ରୀଷ୍ଟଙ୍କ ସାଙ୍ଗରେ ଆମ ସଭିଙ୍କୁ ଶୂଳୀ ଦିଆଯାଇଛି । ଇସାଙ୍କୁ ଛାଡ଼ି ଆମେ ଶୂଳୀରେ ବସିଛେ ଯେହେତୁ ଆମେ ସବୁ ଚୋର । ଭଗବାନଙ୍କ ସୃଷ୍ଟିର ଆନନ୍ଦ, ଐଶ୍ୱର୍ଯ୍ୟ ସବୁ ଆମେ ଅପହରଣ କରିବା ଅପରାଧରେ ଦୋଷୀ ସାବ୍ୟସ୍ତ ହେଇଛେ ।" ତଲ୍‌ଅତ୍ କହିଲା ।

କୁହୁଡ଼ି କ୍ରମେ ଘନୀଭୂତ ହୋଇଥିଲା ।

"ରୂପ ଓ ନାମ"—ହରିଶଙ୍କର କହିଲା ।

Digitized by PPRACHIN, SOA

"ବିଦ୍ୟା ଓ ଅବିଦ୍ୟା"—ଡଲ୍‌ଅତ୍ କହିଲା ।

"ଏବେ ସବୁ ଜଣାପଡ଼ିଲା" ସମସ୍ତେ ଏକସ୍ୱରରେ କହିଉଠିଲେ ।

ଭାବନା ଓ ବିଶ୍ବର ଶୀର୍ଷ ସ୍ଥଳରେ ଠିଆହେଲେ ମଣିଷ ଅତି ନିଃସଙ୍ଗ ହୋଇ ଉଠେ । ଏଇ ପ୍ରକାର ନିଃସଙ୍ଗତାରେ ପୀଡ଼ିତ ହୋଇଥିଲା ଗୌତମ । କେବଳ ଗୌତମ ନୁହେଁ ମାଇକେଲ, ସିଲ୍, ହରିଶଙ୍କର, କମାଲ ରଜା—ସେମାନଙ୍କ ନିଃସଙ୍ଗତାର ଶେଷ ନାହିଁ ।

ଶୀତଳ ପବନର ଲହରରେ ତା'ର ସ୍ୱର ମିଶିଯାଉଥିଲା । ସବୁଜ କୁହୁଡ଼ି ଘେରି ଆସୁଥିଲା ।

୪୩

ଜାହାଜର ଡକ୍ ଉପରେ ଅର୍କେଷ୍ଟ୍ରାରେ ବିଦାୟ ସଙ୍ଗୀତର ସ୍ୱର ଶୁଭୁଥିଲା । କମାଲ ପ୍ରଫୁଲ୍ଲ ଚିତ୍ତରେ ରେଲିଂ ଧରି ତଳକୁ ଚାହିଁଥିଲା । ଲଣ୍ଡନରେ ବୋଟ ଟ୍ରେନରେ ତାକୁ ପହଞ୍ଚାଇବାକୁ କୋଡ଼ିଏ ଜଣ ଆସିଥିଲେ, ମାତ୍ର ପୋର୍ଟରେ ସେ ଏକାକୀ ଠିଆ ହୋଇଥିଲା । ଅପରିଚିତ ବନ୍ଦର; ଅପରିଚିତ ଯାତ୍ରୀ । ଦୁନିଆର ପରିଚୟହୀନତା ତାପାଇଁ ଆରମ୍ଭ ହୋଇଗଲାଣି । ଖୁବ୍ କଷ୍ଟରେ ସେ ତା'ର ଉଦ୍‌ଗତ ଅଶ୍ରୁ ଚାପିଲା । ପାଖରେ ଦୁଇଜଣ ବୃଦ୍ଧ ଲୋକ ଠିଆହୋଇଥିଲେ । ଜଣେ ବାତ୍ସଲ୍ୟ ମମତାରେ ଅଭିଭୂତ ହୋଇ ତା' ହାତରେ ହାତ ରଖିଲା । କମାଲ ବିଗଳିତ ହୃଦୟରେ ତାକୁ ଦେଖୁଥିଲା । ଜାହାଜ ଲଙ୍ଗର ଉଠାଇବା ପରେ ସେ ନିଜ କ୍ୟାବିନ୍‌କୁ ଫେରିଆସିଲା ।

ପରଦିନ ସେ ସାରା ଜାହାଜ ଭିତର ପରିକ୍ରମା କଲା । ହିନ୍ଦୁସ୍ତାନୀ ଓ ପାକିସ୍ତାନୀ ଫରେନ୍ ସର୍ଭିସର କେତେ ଜଣ ପଦସ୍ଥ ଅଫିସର ଓ ସେମାନଙ୍କର ପରିବାର ପରିଜନ ! ସାମରିକ ଅଫିସର ଇଂରେଜ ଓ ଆମେରିକାନ ଗ୍ରୁପ୍ । ଟୁରିଷ୍ଟମାନଙ୍କ ଭିତରେ ଗରିବ ଗ୍ରୁପ୍, ନାଇରୋବିର ଶିଖ୍ ବ୍ୟବସାୟୀ, ମିସନାରି । କାଥଲିକ୍ ସମ୍ପ୍ରଦାୟର ସନ୍ନ୍ୟାସୀ । ଜଣେ ଫରାସୀ ଭିକ୍ଷୁ । ଲଣ୍ଡନ ଓରିଏଣ୍ଟାଲ୍ ସ୍କୁଲରେ ପଢ଼ାଉଥିବା ପଣ୍ଡିତଜୀ—କମାଲ ତାଙ୍କୁ ପୂର୍ବରୁ ଜାଣିଥିଲା; ସେ ଛୁଟିରେ ଘରକୁ ଯାଉଥିଲେ । ସେ ଖୁବ୍ ନମ୍ର; ଉଦାର । ବ୍ରଜର ଲୋକଗୀତ ଉପରେ ସେ ଗବେଷଣାରତ ।

ମାଇକେଲ୍ ଟୁରିଷ୍ଟ କ୍ଲାସରେ ଥିଲା । ସେ ଜିବ୍ରାଲଟରର ପର୍ଯ୍ୟନ୍ତ ଯାଉଥାଏ ।

Digitized by PPRACHIN, SOA

ଏବେ କମାଲ ବାରନ୍ଦାରେ ଆରାମଚେୟାର ଉପରେ ବସି ସମୁଦ୍ରର ଲହଡ଼ି ଗଣୁଥାଏ । ପଛରୁ କିଏ ଡାକିଲା, "ମୁଁ ଏଠି ବସିପାରେ କି ?"

"ନିଶ୍ଚୟ" କମାଲ ମୁଣ୍ଡ ଟେକି ଦେଖିଲା । ସେଇ ବୃଦ୍ଧ ଜଣକ ତାକୁ ଚାହିଁ ହସୁଛନ୍ତି । ସେ ତୁରନ୍ତ ଉଠିପଡ଼ି ଆଉ ଗୋଟାଏ ଆରାମ ଚେୟାର ଟାଣିଆଣିଲା ।

"ଫ୍ରେଡ୍, ପାର୍ଲ ! ତୁମ୍ଭେମାନେ ବି ଏଠିକି ଆସ ।"

କିଛିକ୍ଷଣ ଭିତରେ ଦୁଇଜଣ ଆମେରିକାନ ଆସି କମାଲ୍ ପାଖରେ ବସିଲେ ।

"ମୋ ନାଁ ଡାକ୍ତର ହେଁସ କ୍ରେମର୍ । ମୁଁ ଅଷ୍ଟ୍ରିୟାନ୍, ମୁଁ ଓ ମୋର ଆଉ ଦୁଇଜଣ ବନ୍ଧୁ ଇତିହାସର ଅଧ୍ୟାପକ । ଆମେ ଭାରତକୁ ଯାଉଛୁ । ତୁମେ କଣ ଭାରତୀୟ ?"

"ହଁ" କମାଲ୍ ସମ୍ମତିରେ ମୁଣ୍ଡ ନୋଇଁଲା ।

"ଏଇଥିପାଇଁ ମୁଁ ଆଗରୁ ପଚାରିଦେବା ଠିକ୍ ମନେକଲି । କାଲି ଜଣେ ଝିଅକୁ ମୁଁ ଭାରତୀୟ ମନେକରି ପଚାରିବାରୁ ସେ ମୋ ଉପରେ ବିଗିଡ଼ିଗଲା । ଝିଅଟା ପାକିସ୍ତାନୀ ।" ତିନିଜଣଯାକ ହସି ଉଠିଲେ ।

କମାଲ ମୌନ ଥାଏ ।

"ତୁମେ ଭାରତରେ ରହୁଛ ?"

"ହଁ, ଆଜ୍ଞା !"

"ମୁଁ 'ବୁଡ଼ା-ଜୟନ୍ତି' ଉପଲକ୍ଷେ ଭାରତ ଯାଉଛି ।"

"ଓ···ବୁଦ୍ଧ ଜୟନ୍ତୀ ?"

"ବୁଡ଼ା (ବୁଦ୍ଧ) ଇତିହାସର ଜଣେ ଶ୍ରେଷ୍ଠ ପୁରୁଷ । ତୁମେ କ'ଣ ହିନ୍ଦୁ ?" ପାର୍ଲ ପଚାରିଲେ ।

"ନା ଆଜ୍ଞା !"

"କ୍ଷମା କରିବେ । ମୋର ପୁଣି ଭୁଲ ହେଲା । ତା'ହେଲେ କ'ଣ ମୁସଲିମ ?"

"ହଁ !"

"ତାହେଲେ ଭାରତରେ କେମିତି ରହୁଛ ?"

"ହାଇ ଡାକ···ହାଇ !" କମାଲକୁ ଲକ୍ଷ୍ୟକରି ଏଇ ସମୟରେ ଜଣେ ଆମେରିକାନ କମାଲକୁ ହାଇଡ଼ାକ୍ କହି ସମ୍ବୋଧନ କଲା ।

"ହାଇ···" କମାଲ ସମ୍ବୋଧନାର ଉତ୍ତରରେ କହିଲା ।

"ମୋ ନାଁ ଟେମସ୍ ଜେରେଲଡ଼ ଏଟକିନ୍ସ । ମୋତେ ଟାମ୍ ବୋଲି ଡାକିପାର ।"

"ଅନ୍ୟ ଜର୍ନାଲିଷ୍ଟମାନେ କେଉଁଠି ?" ଫ୍ରେଡ୍ ପଚାରିଲେ ।

ସେମାନେ ବି ଆସିଗଲେଣି । ସେମାନଙ୍କ ଭିତରେ ଜଣେ ଫ୍ରାନସୀସ୍ ଭିକ୍ଷୁ ଥିଲେ ।

Digitized by PPRACHIN, SOA

ସେ ଇଣ୍ଡୋଗ୍ରଇନା ଯାଉଥାନ୍ତି । ଆଉ ଜଣେ ପ୍ରସିଦ୍ଧ ଇଂରେଜ କବି ବି: ବି: ସି: ର ପ୍ରତିନିଧିରୂପେ ଗୁନ୍ଧଜୟନ୍ତୀ ନିମନ୍ତେ ଭାରତ ଯାଉଥାନ୍ତି ।

ସନ୍ଧ୍ୟାବେଳେ କମାଲ୍ ମାଇକେଲକୁ ଏଇସବୁ ଯାତ୍ରୀମାନଙ୍କ ସାଙ୍ଗରେ ପରିଚୟ କରାଇଦେଲା । ପଣ୍ଡିତଜୀ ମଧ ଏଇ ଗ୍ରୁପ୍‌ରେ ଆସି ମିଶିଲେ । ଏମାନଙ୍କର ବସାଉଠା ଏକତ୍ର ହେଉଥାଏ । ଯାତ୍ରାଟା ବେଶ୍ ଦ୍ରୁତ ମନେ ହେଉଥାଏ ।

ଅସନ୍ତାକାଲି ଜାହାଜ ଜିବ୍ରାଲଟରରେ ପହଁଞ୍ଚିବାର ଥାଏ । କମାଲ୍ ଏହି ଜଳଯାତ୍ରା ଭିତରେ ବିରକ୍ତ ବୋଧ କଲଣି । ସେ ପୁଣି ଥରେ ଜାହାଜର ସବନ୍ଧ ବୁଲିଆସି ଡେକ୍ ଉପରେ ଠିଆହେଲା । ପଛରେ କାହାର କଥା ଶୁଭିଲା ।

କମାଲ ମୁହଁ ବୁଲାଇ ଗୃହିଁଲା ଦୂରରେ ଡଙ୍ଗା ପାଖରେ ଡାକ୍ତର ହେମର୍ ନିଜ ସାଥୀ ମାନଙ୍କ ସାଙ୍ଗରେ ବସି ଆଳାପ କରୁଛନ୍ତି । ମାଇକେଲ୍ ରେଲିଂ ଧରି ଠିଆହୋଇ ସେମାନଙ୍କୁ ସମ୍ବୋଧନ କରୁଛି । ଆମେରିକାନ ପ୍ରଫେସର ତଳେ କାର୍ପେଟ ପକାଇ କଡ଼େଇ ହୋଇ ଶୋଇଥିଲେ । କେହି ଜଣେ ଗିଟାର୍ ବଜାଇବାକୁ ଆରମ୍ଭ କରିଥାଏ ।

"ଲେଖ" ମାଇକେଲ କହିଲା ।

"କ'ଣ ?" ଟାମ୍ ପଗ୍ଚରିଲା ।

"ମୁଁ ଯାହା କହୁଛି ତା'ର ଭୁଲ ରିପୋର୍ଟ କର । ତମେ ତ ଭୁଲ କଥା ସବୁ କହି ନିଜର ଜୀବିକା ନିର୍ବାହ କରିଥାଅ ।"

କମାଲ ଭାବିଲା, ମାଇକେଲ ଓ ଟାମ୍ ପୁଣି ଝଗଡ଼ା ଆରମ୍ଭ କଲେଣି ।

"ହେଇ ଦେଖ, କମାଲ ମିଆଁ ଆସୁଛନ୍ତି । ତାଙ୍କ କଥା ଧ୍ୟାନ ଦେଇ ଶୁଣ । ଆଉ ଫେରିଯାଇ ଯେଉଁ ବହି ଲେଖିବ, ସେଥିରେ ଉଲ୍ଲେଖ କରିବ "ଜାହାଜରେ ଏକ ଭାରତୀୟକୁ ମୁଁ ଭେଟିଲି । ସେ ପାକିସ୍ତାନର ଘୋର ବିରୋଧୀ; କିନ୍ତୁ ଏହା ସତ୍ତ୍ୱେ ସନ୍ ୧୯୫୫ ର ଭାରତରେ ତା' କଥା କେହି ବୁଝିପାରୁ ନଥିଲେ ।"

"ଏଆଡ଼େ ଆସନ୍ତୁ କମାଲଜୀ ! ମାଇକେଲ ଆଉ ଏକ ଭାଷଣ ଦେବାକୁ ଯାଉଛି ।" ପଣ୍ଡିତଜୀ ଡାକିଲେ ।

"ମାଇକେଲର କୌଣସି ମନ୍ତବ୍ୟର ପ୍ରତିଷେଧକ ମୋ ପାଖରେ ନାହିଁ ।" କମାଲ ସହାସ୍ୟ କଣ୍ଠରେ ଶୁଦ୍ଧ ହିନ୍ଦୀଭାଷାରେ କହିଲା ।

ଇଂରେଜ କବି ଦୁହିଁଙ୍କୁ ଭଲଭାବେ ଦେଖୁଥିଲେ । ଟାମ୍ କମାଲକୁ ଲକ୍ଷ୍ୟକରି କହିଲା, "ଯେଉଁ ବିଦେଶୀ ତୁମ ଦେଶ ବିଷୟରେ କିଛି ଲେଖନ୍ତି, ତୁମେ ତାଙ୍କୁ ଇ. ଏମ୍. ଫଷ୍ଟରଙ୍କ ରଚନା ସାଙ୍ଗରେ ତୁଳନା କରି ଦେଖ । ସେ ବିଚରା ଜଣେ ଆଦର୍ଶବାଦୀ ।

"ଫଷ୍ଟର୍ ତାଙ୍କ ନଭେଲ୍ ୧୯୨୪ ରେ ଲେଖିଥିଲେ । ସେତେବେଳେ ସେ ଉତ୍କଟର

Digitized by PPRACHIN, SOA

ଅଜକଙ୍କୁ ଭାରତର ପ୍ରତିନିଧି ନାୟକରୂପେ ବିଗ୍ରହ କରିଥିଲେ ।” ଇଂରେଜ କବି ଜଣକ କହିଲେ ।

ଆଜି ଯଦି ଅନ୍ୟ ଏକ “ପେସେଜ ଟୁ ଇଣ୍ଡିଆ” ଲେଖିବାକୁ ଯାନ୍ତି ତେବେ ସେ ନିଶ୍ଚୟ ଅନ୍ୟ ଗୋଟିଏ ନାୟକ ବାଛିବେ । ଏବେ ଆଉ ଡକ୍ଟର ଅଜିଜ୍ ହିନ୍ଦୁସ୍ଥାନର ପ୍ରତିନିଧି ହୋଇନାହାନ୍ତି । ଏବେ ପ୍ରତିଟି ମୁସଲମାନଙ୍କୁ ପାକିସ୍ତାନୀ ବୋଲି ମନେ କରାଯିବ । ଏବେ କେବଳ ହିନ୍ଦୁହିଁ ହିନ୍ଦୁସ୍ଥାନର ସଚ୍ଚୋଟ ପ୍ରତିନିଧିରୂପେ ଗଣ୍ୟ ହେଉଛି ।”

“ହୁଁ” କମାଲ ଉତ୍ତର ଦେଲା ।

“କମାଲ ତୁମେ ଖୁବ୍ ଦୁଃଖ ସହୁଛ ।” କବି ଜଣକ ପଚାରିଲେ ।

“ମୁଁ ଏପ୍ରକାର ଦୁଃଖ ସାଙ୍ଗରେ ବେଶ୍ ପରିଚିତ । ହିନ୍ଦୁସ୍ଥାନର ଆତ୍ମା ସର୍ବଦା ଦୁଃଖ ସହିବାରେ ଅଭ୍ୟସ୍ତ । ଏ ଯନ୍ତ୍ରଣା, ଏ ପ୍ରେମ, ଦୁଃଖ ସହିବାର ଅଭ୍ୟାସ ତୁମେ ଆଦୌ ବୁଝିପାରିବନି ।”

“ସେଣ୍ଟ ଅଗଷ୍ଟାଇନ ତ ବନାରସରେ ଜନ୍ମହୋଇ ନଥିଲେ ।” ମାରିସ୍ କହିଲା ।

“କ୍ୟାଥଲିକ୍ ଜୀବନ-ଦର୍ଶନ କେବଳ ଏକ କଳଙ୍କ ।” କମାଲ୍ ଚିଡ଼ି ଉଠି କହିଲା ।

“ଅବଜରଭର’ ଓ ‘କମେଣ୍ଟେଟ’ ଭିତରେ ତଫାତ୍ କ’ଣ ?” ମାରିସ୍ ପଚାରିଲା ।

“ଏକଥା ତୁମେ ନିଜକୁ ପଚାର । ଅନ୍ୟମାନେ ଯୁଦ୍ଧ କଲାବେଳେ ତୁମେ ଅବଜର୍ଭ କର ଏଥିରେ କ’ଣ ଅପରାଧ-ବୋଧ କମ୍ ?” କମାଲ ପଚାରିଲା ।

“ତୁମେ ତ ମୋତେ ଶାନ୍ତିବାଦୀ ଭଳି ଜଣାପଡ଼ୁଛ” ଟାମ୍ କହିଲା ।

ଡେକ୍‌ରେ ବସି ନୀଳା ଭାସ୍କର ଗୀତ ବୋଲିବା ଆରମ୍ଭ କରିଦେଲା । କମାଲ୍ ଟାମର କଥା ଉପେକ୍ଷା କରି ଗୀତ ଶୁଣିବାରେ ଧ୍ୟାନ ଦେଲା । ପଣ୍ଡିତଜୀ ନୀଳା କଣ୍ଠର କୃଷ୍ଣଲୀଳା ଗୀତ ଲହର ସାଙ୍ଗରେ ତାଳ ଦେବାକୁ ଲାଗିଲେ । କିଛିକ୍ଷଣ ପରେ କମାଲ ଓ ପଣ୍ଡିତଜୀ ନୀଳା ଭାସ୍କର ପାଖକୁ ଗଲେ ।

“ପ୍ରତ୍ୟେକ ସଂସ୍କୃତିର ନିଜସ୍ୱ ଗୋଟିଏ ଗୋପନ ଭାଷା ଅଛି । ଯାହାକୁ କେବଳ ସେହି ସଂସ୍କୃତି ବୁଝିପାରେ ।” ଇଂରେଜ କବି ଜଣକ ମନ୍ତବ୍ୟ ଦେଲେ ।

“ପୁଣି ସ୍ପେଙ୍ଗଲର ?” ଟାମ୍ କହିଲା । “ପଣ୍ଡିତ ଓ କମାଲଙ୍କ ସଂସ୍କୃତି ସମାନ କେଉଁଠି ?”

“ତୁମେତ ପୁଣି ମାଇକେଲର ଗୁପ୍ତଭାଷା ବୁଝି ପାରିବନି ।” ଇଂରେଜ କବି ହସି ହସି କହିଲେ ।

ମାଇକେଲ ଉପରେ ଜ୍ୟାକମାରିଟିନଙ୍କ ପ୍ରଭାବ ଖୁବ୍ ବେଶୀ । ସେ ଗୋଟାଏ କୋଣରେ

Digitized by PPRACHIN, SOA

ଚୁପ୍ ହୋଇ ବସିଥିଲା । ନିଜ ନାଁ ଶୁଣି ସେ ଚମକି ଉଠିଲା । ସେ ପୂର୍ବରୁ ତା' କହିବା ଯେଉଁଠୁ ଛାଡ଼ିଥିଲା ସେଇଠୁ ଆରମ୍ଭ କଲା ।

"ଲେଖ ! ପୃଥିବୀରେ ଇତିହାସ ଲେଖିବାର ଅଭିପ୍ରାୟ ହେଉଛି ବିଜୟ ଓ ରାଜ୍ୟ ସଂପ୍ରସାରଣ ବର୍ଣ୍ଣନା । ମୋ ପାଇଁ ଇତିହାସ ଶୋଷଣ ଅନ୍ୟାୟ ଓ ଅସୁବିଧାର ଏକ ବିବରଣୀ । ୧୮ଶ ଶତାବ୍ଦୀରେ ମୋତେ ବ୍ରିଟିଶ ସାମ୍ରାଜ୍ୟରୁ ବହିଷ୍କାର କରାଗଲା । ୧୯ଶ ଶତାବ୍ଦୀରେ ଫ୍ରାନସରୁ । କିନ୍ତୁ ମୁଁ ଦୁନିଆର କୋଣ ଅନୁକୋଣ ବୁଲି ଅଶ୍ରୁର ଦୀପ ଜାଳି ଜ୍ଞାନର ଆଲୋକ ବିଚ୍ଛୁରିତ କରିଛି ।"

ମିଳା ଭିଷ୍ଟର ସେମିତି ଗାଉଥିଲା । କମାଲ ତଳ ଡେକ୍ ଉପରକୁ ଓହ୍ଲାଇ ଆସିଲା ।

ଶିଡ଼ିରୁ ଓହ୍ଲାଇ ମାଇକେଲ୍‌ର କେବିନ୍ ଆଗରେ ଯାଉଁ ଯାଉଁ ତା'ର ମନେ ପଡ଼ିଲା ଯେ କାଲି ସକାଳୁ ସକାଳୁ ଜିବ୍ରାଲଟରଠାରେ ସେ ଓହ୍ଲାଇ ଯିବ । ତା'ପରେ ହୁଏତ ଜୀବନ କାଳ ଭିତରେ ତା ସାଙ୍ଗରେ ଆଉ ଦେଖା ହେବନି । କି ଅଜବ କଥା ସତେ ! ସେ ମାଇକେଲର କେବିନ୍‌ର ରେଲିଂ ଧରି ଠିଆହେଲା । ସାମନାରେ ପୂର୍ଣ୍ଣିମା ଚନ୍ଦ୍ରର ଉଦୟ ଉତ୍ସବ । ସମୁଦ୍ର ଖୁବ୍ ଶାନ୍ତ । ଜାହାଜ ଲହରୀ କାଟି କାଟି ଆଗକୁ ବଢ଼ି ଚାଲିଛି । ଡେକ୍‌ର ଏଇ ଅଂଶଟା ଖୁବ୍ ନିର୍ଜନ । କେବଳ ଫ୍ରାନସୀସ୍ ଭିକ୍ଷୁ ଜଣକ କମାଲ୍ ଆଡ଼କୁ ପିଠି କରି ବସିଥିଲେ ।

କମାଲର ମନରେ ଚମକ ଲାଗୁଥାଏ । ନିର୍ଜନତାର ଚିତ୍କାରରେ ତା'ର କାନ ଫାଟି ପଡ଼ୁଛି ଅବା ! ଟାମ୍ ଓ ଇଂରେଜ କବିଙ୍କ କଥା ତା'ର ମନେପଡ଼ିଲା । ସେ ସେମିତି ରେଲିଂ ଧରି ଠିଆ ହୋଇଥିଲା ।

"ମୁଁ ଷ୍ଟେଟଲେସ !" ନିଜକୁ ନିଜେ ସେ କହିଲା । ସମୁଦ୍ରର ଲହରୀ ଚନ୍ଦ୍ରର ରଜତ କିରଣରେ ଚମକୁଛି ! ଦୂର ଦିଗନ୍ତକୁ ବିସ୍ତୃତ ନୀଳ ଜ୍ୟୋତ୍ସ୍ନାର ବିସ୍ତୃତ ଉପରେ ଜାହାଜ ଯାତ୍ରୀମାନଙ୍କୁ ଧରି ଆଗକୁ ଚାଲିଛି । ଦୂର ଦୂରାନ୍ତର ଯାତ୍ରୀ ସ୍ୱା' ଭିତରେ ବସିଛନ୍ତି । 'ୟୁରୋପ୍'ର ବୁଦ୍ଧିଜୀବୀ । 'ଇଟାଲି'ର ପାଦ୍ରୀ । ଆମେରିକାନ୍ ପର୍ଯ୍ୟଟକ । 'ମେକସିକୋ'ର ଚିତ୍ରକାର । 'ହିନ୍ଦୁସ୍ତାନ'ର ନର୍ତ୍ତକୀ । ଦୁନିଆରେ ଏବେ ଶାନ୍ତି ବିରାଜିତ । ଦିଲ୍ଲୀରେ ପଣ୍ଡିତ ନେହେରୁଙ୍କ ଶାସନ ।

"ମନର ସ୍ଥିରତା ଯେଉଁମାନେ ହାସଲ କରିଛନ୍ତି, ସେମାନେ ଖୁବ୍ ଭାଗ୍ୟବାନ୍ ।" କମାଲ୍ ଧୀରେ ଧୀରେ କହିଲା ।

ଫ୍ରାନସୀସ୍ ଭିକ୍ଷୁ ମୁଣ୍ଡ ଟେକି କମାଲକୁ ଚାହିଁଲେ । ତା' ମୁହଁରେ ଶାଶ୍ୱତ ପ୍ରସନ୍ନତା ଚଳଚଳ ହେଉଛି । ଆଜିଠୁ ଅଢ଼େଇ ହଜାର ବର୍ଷତଳେ ଏ ଦେଶଆର ଆରପାଖ ଏକ ଦେଶରେ ଶାକ୍ୟମୁନି ଜନ୍ମଗ୍ରହଣ କରିଥିଲେ । ଚତୁର୍ଦ୍ଦଶୀ ଚାନ୍ଦ ସମୁଦ୍ର ଲହରି ସହିତ

Digitized by PPRACHIN, SOA

ଖେଳୁଛି । ତା'ର ଶୀତଳ କିରଣ ଭିକ୍ଷୁ ଓ କମାଲ୍ ମୁହଁରେ ପଡ଼ୁଛି ।

"ମୋତେ ମୋର ବିଗ୍ରହଧାରୀରୁ ମୁକ୍ତିଦିଅ ।" କମାଲ୍ କହିଲା ।

ଭିକ୍ଷୁ ତାଙ୍କ ରହସ୍ୟପୂର୍ଣ୍ଣ ନୀଳ ଆଖିରେ କମାଲ୍‌କୁ ଦେଖୁଥିଲେ । "ବିଗ୍ରହ···ବିଗ୍ରହ ନିଜେ ନିଜକୁ ବୁଝି ପାରେନା । ବିଗ୍ରହ ଆପେ ଆପେ ଅଲଗା ହୋଇ ପାରେନା । ସୃଷ୍ଟିର ବାହାରେ କେଉଁଠି ଈଶ୍ୱର ନାହାନ୍ତି କିମ୍ବା ଈଶ୍ୱର ବିନା ସୃଷ୍ଟି ନାହିଁ । ସତ୍ୟ ଆଉ ଅସତ୍ୟ ଭିତରେ ତଫାତ୍ କିଛି ନାହିଁ । ମାତ୍ର ଏସବୁ ଉପରେ ଏକ ପରମ ସତ୍ତା ବିଦ୍ୟମାନ—ତାହା ହେଉଛି ଶୂନ୍ୟ ।" ସେ ଫ୍ରେନ୍‌ଚ୍ ଭାଷାରେ କହିଲେ ।

"ମୋତେ ଏଇ ଶୂନ୍ୟ, ଏଇ ନିର୍ଜନତା ଭୟଙ୍କର ଲାଗୁଛି ।"

"ଶୂନ୍ୟ···ନିର୍ଜନତା··ନିରାକାର···ଏ ହେଉଛି ଅନ୍ତିମ ସତ୍ତା । ଏହା ଶୂନ୍ୟର ପରିକଳ୍ପନା ମାତ୍ର ।"

"ମୋତେ ଏଇ ପରିକଳ୍ପନା ବି ଭୟଙ୍କର ବୋଧ ହେଉଛି । ଏ ନିର୍ଜନତା ଭିତରେ ମୁଁ ନିଃସହାୟ ହୋଇ ପଡ଼ିଚି । ନିହାତି ଏକାକୀ । ତୁମେ ମୋର ସାଥୀ ହୋଇ ପାରିବ ?" କମାଲ୍ ମହାଜ୍ଞାନୀ ଫରାସୀ ଭିକ୍ଷୁଙ୍କୁ ଭୀତତ୍ରସ୍ତ ଦୃଷ୍ଟିରେ ଚାହିଁରହିଲା ।

"ମୁଁ ଷ୍ଟେଟ୍‌ଲେସ୍ ।" ମନେ ମନେ ଗୁଣୁ ଗୁଣୁ ହୋଇ କମାଲ୍ ନିଜ ଡେକ୍ ଉପରକୁ ଫେରିଆସିଲା । ଜାହାଜ ସେମିତି ଅବାରିତ ଗତିରେ ଚାଲିଥାଏ— ।

୫୪

ହିନ୍ଦୁସ୍ଥାନର ସମୁଦ୍ର ତଟ !

ବମ୍ବେ ! ଘର !! ନିଜ ଘରର ମାୟା !!!

କମାଲ୍ ଲକ୍ଷ୍ନୌରେ ପହଞ୍ଚିଲା । ଗୁଲ୍‌ଫିଶାଁ'ର ଫାଟକ ପାଖରେ ପହଞ୍ଚିଲା । ଦୁନିଆ ବଦଳିଗଲା ଭଳି ତା'ର ମନେହେଲା । ବଗିଚାର ଗଛ ଲତା ସବୁ ଶୁଖିଯାଇଛି । ଅନାବନା ଘାସରେ ଭର୍ତ୍ତି । ଗ୍ୟାରେଜ୍ ଓ ଅସ୍ତାବଲ୍ ଗୋଦାମରେ ପରିଣତ ହୋଇଛି । ସର୍ଭେଣ୍ଟ କ୍ୱାଟର ଶୂନ୍‌ଶାନ୍ ପଡ଼ିଛି । ସେ ଗଙ୍ଗାଦିନକୁ ଖୋଜିଲା । କଦୀର ଓ କମରୁନ୍‌କୁ ବି ଖୋଜିଲା । ହୁସେନର ବିବି, ରାମଔତାର ଓ ଛଟେକୀକୁ ମଧ୍ୟ ଡାକିଲା ।

ଶେଷରେ ନିଜ ରୁମକୁ ଯାଇ ପଲଙ୍କ ଉପରେ ଲେଟିପଡ଼ି ଚୁପ୍‌ଚାପ୍ କାନ୍ଦିବାକୁ ଲାଗିଲା । ଦୁନିଆ ଅପରିବର୍ତ୍ତିତ—ଗୁଲ୍‌ଫିଶାଁ, ଲକ୍ଷ୍ନୌ, ବନ୍ଧୁ ବାନ୍ଧବ—ସମସ୍ତେ ଠିକ୍

Digitized by PPRACHIN, SOA

ପୃଥଭଳ ଅଛନ୍ତି । ତେବେ ସେ ନିଜେ କ'ଣ ବଦଳି ଯାଇଛି ? ସେ କ'ଣ ବାବାଙ୍କର ଦାରିଦ୍ର୍ୟ ଦେଖି ଏମିତ ଦୟନୀୟ ଅନୁଭବ କରୁଛି ? ବାବା ତା'ର ଜୀବନ ସାରା ଜମିଦାରୀ ଆଭିଜାତ୍ୟ ଅଭିମାନକୁ ସମ୍ବଳ କରି ବଞ୍ଚିଥିଲେ ।

"ବଡ଼ ବଡ଼ ଜମିଦାରୀ ହାତରୁ ଚାଲି ଯାଇଛି । ଆମେ ଏବେ ଆଉ କେଉଁଥିରେ ଗଣାହେବା ?" ସନ୍ଧ୍ୟାବେଳେ ଅପ୍‌ପୀ କହିଲା । ସେ ଏମାନଙ୍କୁ ସାକ୍ଷାତ୍ କରିବାପାଇଁ ଲକ୍ଷ୍ନୌ ଆସିଥିଲା । ନାନପାରା କୋଠରୀ ବିକି ହେଉଥାଏ । ଅମ୍ମୀ ତାର ଅଧେ ଗହଣା ବିକି କରିସାରିଲେଣି ।

"ଏବେ ଆଉ କ'ଣ କରିବାକୁ ହେବ ? 'କବଲ୍ ହିଜରତ' କରିବେ ନା ପାକିସ୍ତାନ ଚାଲିଯିବା ?" କମାଲ୍ ତାର ବାପାଙ୍କୁ ପଚାରିଲା ।

"ଏଇଠି ରହିବା । ଆମକୁ କିଏ କ'ଣ ଘଉଡ଼ାଇ ଦେଉଛି ?" ସେ ଉତ୍ତର ଦେଲେ ।

କମାଲ୍ ଅବାକ୍ ହୋଇ ରହିଗଲା । "କିନ୍ତୁ ବାବା ! ଆପଣ ତ ଖୁବ୍ ଜୋରରେ ମୁସଲିମ ଲିଗରେ ମାତିଥିଲେ ।"

"ହଁ ତା' ଠିକ୍ । ଏବେ ପାକିସ୍ତାନ ହେଲା । ବେଶ୍ ହୋଇଚି । ତେବେ ଯା'ର ଅର୍ଥ ନୁହେଁ ଯେ ଆମେସବୁ ସେଠାକୁ ଯିବା— ।"

"ଆପଣ ପାକିସ୍ତାନକୁ ସ୍ୱୀକାର କଲାପରେ 'ହିଜରତ' କରିବାକୁ ଚାହୁଁ ନାହାନ୍ତି ? ବୁଢ଼ା ବୟସରେ ଦେଶ ବଦଳ କରି ବୁଲିବାକୁ ଆପଣ ଚାହାନ୍ତିନି ନା ହିନ୍ଦୁସ୍ଥାନକୁ ନିଜର ପ୍ରିୟ ଜନ୍ମଭୂମି ମନେକରି ତାକୁ ଛାଡ଼ିପାରୁ ନାହାନ୍ତି ?"

"ଏବେ ତୋ ସାଙ୍ଗରେ ଯୁକ୍ତି କିଏ କରିପାରିବ ? ତୋର ମିଷ୍ଟ୍ରାସ୍ ଠିକ୍ ଓଲଟା କାମ କରେ ।" ନବାବ ସାହେବ ଉତ୍ତର ଦେଲେ ।

କିଛିଦିନ ପରେ କମାଲ୍ ଚାକିରି ଖୋଜିବାରେ ଲାଗିପଡ଼ିଲା । ତା' ପାଖରେ ଥିଲା ଅଗଣିତ ଡିଗ୍ରୀ । ଟ୍ରିନିଟି କଲେଜ, କେମ୍ବ୍ରିଜ୍, ଆଉ କେଇବର୍ଷ ଧରି ବିଲାତରେ ଏକ ପ୍ରସିଦ୍ଧ ଲାବୋରେଟୋରୀରେ ଚାକିରୀ ବି କରିଥିଲା । ବ୍ରିଟେନରେ ଚାକିରି ଛାଡ଼ି ସେ ଦେଶ ସେବାକୁ ଆଖି ଆଗରେ ରଖି ସ୍ୱଦେଶ ବାହୁଡ଼ି ଆସିଛି ।

ଏମିତି ଛ' ମାସ ବିତିଗଲା । ଦିଲ୍ଲୀରେ ବୁଲିବୁଲି ସେ ପାଗଳ ପ୍ରାୟ ହୋଇଗଲା ।

"କୌଣସି ମିନିଷ୍ଟରଙ୍କ ସୁପାରିଶ କରାଇନେ ।" ନବାବ ସାହେବ ପରାମର୍ଶ ଦିଅନ୍ତି ।

"ଶେଷ ପର୍ଯ୍ୟନ୍ତ ମୁଁ ସୁପାରିଶ କରାଇବିନି । ମୋ ନିଜ ଯୋଗ୍ୟତା ଉପରେ ମୋର ବିଶ୍ୱାସ ଅଛି "—କମାଲ କହେ ।

ହିନସାରୀ ଗୁଲଫିଶାଁରେ ଚୁପ୍‌ଚାପ୍ ପଢ଼ିରହେ ଅଥବା ତଲ୍‌ଅତ୍‌କୁ ଚିଠି ଲେଖେ—

Digitized by PPRACHIN, SOA

"ହିନ୍ଦୁସ୍ତାନ ଆଦୌ ଆସିବୁ ନାହିଁ ! ଯେତେଦୂର ସମ୍ଭବ ହେଉ ରହିଯିବାକୁ ଚେଷ୍ଟାକର । ଏଠିକି ଆସିଲେ ମୋ'ର ଦଶା ଭୋଗିବୁ ।"

"ତୁମକୁ କ'ଣ ହୋଇଯାଇଛି ? ସଂଘର୍ଷ କରିବାର ସାହସ ହରେଇ ବସିଲ ? ଏଇ ତ ସମସ୍ତର କର୍ମଭୂମି ! ଧୈର୍ଯ୍ୟ ଧର । ମୂଲ୍ୟ କାମ କର । ହଳ ଚଳାଅ । ଏହାକୁ ହିଁ ତ ବିପ୍ଳବର ସମ୍ମୁଖୀନ ହେବା କୁହାଯାଏ ! ମାତ୍ର ତୁମେ ଯଦି ଅଯୁସ-ବିଳାସର ସ୍ୱପ୍ନ ଦେଖୁଥାଅ ତା ହେଲେ ତୁମେ ହିନ୍ଦୁସ୍ଥାନରେ ରହିବାର ଯୋଗ୍ୟ ନୁହଁ"— ତଲ୍‌ଅତ୍ ଉତ୍ତରରେ ଲେଖେ ।

କମାଲ୍ ଭାବି ବସେ—'ହିଁଅମାନଙ୍କର କ'ଣ ବେଶୀ ସାହସ ? ଅଥବା ସେମାନେ ନିଜକୁ ଆଦର୍ଶବାଦୀ ବୋଲି ଏମିତି ଦେଖାଇ ହୁଅନ୍ତି ?'

ଯାହା ହେଲେ ବି ତଲ୍‌ଅତ୍ର ଚିଠିରୁ ତାକୁ ସାହସ ମିଳେ ।

ଗୌତମ ମଧ୍ୟ ନ୍ୟୁୟର୍କରୁ ତା ନିକଟକୁ ଚିଠି ଲେଖେ; କମାଲ କିନ୍ତୁ ଉତ୍ତର ଦିଏନା । ଗୌତମ ଲେଖିଥାଏ ଯେ ହରିଶଙ୍କର ଆମେରିକାରୁ ଫେରି ବାଙ୍ଗାଲୋରରେ ନିଯୁକ୍ତି ପାଇଛି । କିନ୍ତୁ କମାଲର ଏଥିରେ ଲାଭ କଣ ? କମାଲ୍ ଗୌତମର କୌଣସି ଚିଠିର ଉତ୍ତର ଦେଇନଥିଲା ।

ଭାଇସାହେବ କରାଚୀରୁ ଚିଠି ଲେଖନ୍ତି—'ତୁରନ୍ତ ଏଠିକି ଚାଲିଆସ । ଏଠି ଯଥେଷ୍ଟ ସୁଯୋଗ ରହିଛି । କେବଳ ତୁମେ ଆସିବାରେ ଯାହା ବିଳମ୍ବ ହେଉଛି । ଜିଦ୍ ଛାଡ଼ିଦିଅ ।'

କମାଲ୍ ବିରକ୍ତିରେ ଭାଇସାହେବଙ୍କଠୁ ଆସିଥିବା ଚିଠି ନପଢ଼ି ରଖିଦିଏ । ଏପରିକି ଚିଠି ଖୋଲେନା । କିଛି ଦିନପରେ ତାକୁ 'ବାରବାଙ୍କୀ' କଲେଜରେ ଚାକିରି ମିଳିଗଲା । କିନ୍ତୁ ଭାଇସାହେବ ଗୁଲଫିଶାଁର ଏକ ଅଂଶୀଦାର ଥିବାରୁ ସେ ଏବଂ ପାକିସ୍ତାନୀ ହେଇଯାଇଥିବା ଯୋଗୁଁ ପୈତୃକ ସମ୍ପତ୍ତି ଅଧିକାର ନେଇ ସମସ୍ୟା ସୃଷ୍ଟି ହେଲା । କଷ୍ଟୋଡ଼ିଆନ୍ ନେଇ ମୋକଦ୍ଦମା ଚାଲିଲା । ଏଇ ଘଟଣାରେ କମାଲ୍‌କୁ ବ୍ୟସ୍ତ ରହିବାକୁ ପଡ଼ିଲା । ତାର ମୁହଁରୁ ସମସ୍ତ ସରସତା ଲୋପ ପାଇଆସିଲା ।

କମାଲ୍‌କୁ କଫି-ହାଉସରେ ତାର କମ୍ରେଡ଼ମାନେ ଥଟ୍ଟା କରୁଥିଲେ—'ବୁର୍ଜୁଆ-ମାନଙ୍କ ବିରୁଦ୍ଧରେ ବିପ୍ଳବ କରୁଥିଲ, ଏବେ ଅସଲ୍‌ସ୍ୱରୂପ ପଦାରେ ପଡ଼ିଗଲା ।'

ହୁସେନ୍ ସସ୍ତ୍ରୀକ ଭାଇସାହେବଙ୍କ ସ୍ତ୍ରୀଙ୍କ ସାଙ୍ଗରେ କରାଚୀ ଚାଲିଯାଇଥାଏ । ମୋଟର ବିକି ହୋଇଯିବା ପରେ କଦର୍, କମରୁନ୍ ମିର୍ଜାପୁର ଚାଲିଯାଇଥାନ୍ତି ।

Digitized by PPRACHIN, SOA

ହଠାତ୍ ଦିଲ୍ଲୀର ଲଜ୍ ଘର ପାଖ 'ବେଲ ରୋଡ୍'ରେ ବୁଲୁ ବୁଲୁ 'ଟାମ୍ ଏଟକିନ୍ସ' ସାଙ୍ଗରେ ଦେଖା ହୋଇଗଲା । ଟାମ୍ ତା'ର ଜାହାଜରେ ସହଯାତ୍ରୀ ଥିଲା ।

"ହାଲୋ, ତୁମେ ଏଠି କିପରି ?" କମାଲ୍ ପଚାରିଲା ।

"ମୁଁ ଏ ଦେଶସାରା ବୁଲିବାରେ ଲାଗିଛି । ଦକ୍ଷିଣ ଭାରତ, ବଙ୍ଗଳା, ଓଡ଼ିଶା, ଆସାମ—ଏବେ ରାଜସ୍ଥାନ ଯିବାକୁ ବସିଛି ।"

"ତମେ ଦିଲ୍ଲୀ ବୁଲିସାରିଛ ?"

"ବର୍ତ୍ତମାନ ପର୍ଯ୍ୟନ୍ତ ଦେଖିନାହିଁ ।"

"ତୁମେ ଆମ ରାଷ୍ଟ୍ରପତି ଭବନ ଦେଖିଲଣି ? ନୂଆଦିଲ୍ଲୀର ନୂଆ ପ୍ରାସାଦସବୁ ? ଯାହା ନବଭାରତର ପ୍ରତୀକ, ଏବଂ ରାଜଘାଟ ?" ସେ ହଠାତ୍ ପୁରାତନ କମାଲ୍ ହୋଇଗଲା— ଜୀବନର ଦୁଃଶ୍ଚିନ୍ତାରୁ ମୁକ୍ତ । ହିନ୍ଦୁସ୍ଥାନର ସୁଯୋଗ୍ୟ ସନ୍ତାନ ! ସେ ଦିଲ୍ଲୀର ପ୍ରତ୍ୟେକଟି ଜିନଷ ଟାମ୍‌କୁ ଦେଖାଇବାରେ ଲାଗିଗଲା ।

"ଆଜିକାଲି ତୁମେ କ'ଣ କରୁଛ ?" ଆଲ୍‌ଫସ ରେସ୍ତୋରାଁରେ ବସି 'କହ୍ୱା' ପିଇଲାବେଳେ ଟାମ୍ ପଚାରିଲା ।

"କିଛି କରୁନ । ଏଇ ଚାକିରି ଖୋଜୁଛି ।" କମାଲ ନିର୍ଲିପ୍ତଭାବେ ଉତ୍ତର ଦେଲା ।

"ବେକାର ସମସ୍ୟା ଏଠାରେ ଖୁବ୍ ବେଶୀ"—ଟାମ୍ କହିଲା ।

"ସଭିଙ୍କ ପାଇଁ ଏ ସମସ୍ୟା । କେବଳ ମୋ ପାଇଁ ନୁହେଁ, ଯେତେବେଳେ ସୁଦିନ ଆସିବ, ସମଗ୍ର ରାଜ୍ୟ ପାଇଁ ଆସିବ । ସେ ତ ଆଉ ହିନ୍ଦୁ ମୁସଲମାନ ବାରଣ କରି ଆସିବନି ! ଆମେ ସବୁ ଏକ ସାଙ୍ଗେ ବୁଡ଼ିବୁ, ପୁଣି ଉଠିବୁ ଏକ ସଙ୍ଗେ ।"

"କିନ୍ତୁ ତୁମେ ରାଜୁତା ଘରର ପିଲା । ପରିଶ୍ରମ କରିପାରିବନି । ତୁମେ ନିଜକୁ ନିମ୍ନଶ୍ରେଣୀଭୁକ୍ତ କରି ପାରିବ ନାହିଁ ।"

"ଏଇଟା ତମର ଭୁଲ ଧାରଣା ।"

"ଆଚ୍ଛା······! ମୋ ସାଙ୍ଗରେ ଆସି ଟ୍ରାକ୍ଟର ଚଲାଇ ପାରିବ ?"

"ମୁଁ ଯଦି ଟ୍ରାକ୍ଟର ଚଲାଇବାର ଟ୍ରେନିଂ ନେଇଥାନ୍ତି, ତା'ହେଲେ ନିଶ୍ଚୟ ଚଳେଇଥାନ୍ତି । ମାତ୍ର ଦୁଃଖର କଥା ମୁଁ ଆଠବର୍ଷ ଧରି ନ୍ୟୁକ୍ଲିୟାର ଫିଜିକସ୍‌ରେ ସମୟ ନଷ୍ଟ କରିଛି ।"

ସେତେବେଳକୁ ଗୁଲଶନ୍ ସେମାନଙ୍କ ପାଖରେ ଆସି ମିଶିଲାଣି ।

"ଶୁଣୁଛି ପାକିସ୍ଥାନରେ ବୈଜ୍ଞାନିକମାନଙ୍କର ଚାହିଦା ବହୁତ ଅଛି । ସେଠିକି ଯାଅ । ଏଠି କାହିଁ ବୁଲୁଛ ?" ଗୁଲ୍‌ଶନ୍ କହିଲା ।

"ତୁମେ ବି ଏଇଆ କହୁଚ ?" କମାଲ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

Digitized by PPRACHIN, SOA

"ନିଷ୍ଟୟ"—ଗୁଲ୍‌ଶନ ଶାନ୍ତ କଣ୍ଠରେ କହିଲା ।

ସେଷରେ ସେହିଦିନ ଅ.ସି ପହଞ୍ଚିଥିଲା, ଯେଉଁଦିନ କମାଲ୍ ଦିଲ୍ଲୀ ଯାଇ 'ଭିସା' ପାଇଁ ଦରଖାସ୍ତ କରିଥିଲା । ଏଇ ନିଷ୍ପତ୍ତିରେ ପହଁଚିବା ପୂର୍ବରୁ ରାତି-ରାତି ଧରି ସେ ଚିନ୍ତା କରିଛି । ଅନ୍ୟମାନଙ୍କଠାରୁ ନିଜକୁ ଗୋପନ ରଖି ବୁଲିଛି । 'ଗୁଲଫିଶାଁ' ଖାଲି ଖାଁ ଖାଁ ଲାଗୁଚି; କେବଳ ଗୁଇଗୁଡ଼ାକର ଚଳପ୍ରଚଳ । ଖୁବ୍ ଦୟନୀୟ । ଭିତରେ ଶୋଇବାଘରୁ ନବାବ ସାହେବଙ୍କ କାଶିବା ଶବ୍ଦ ଶୁଭେ । ନିଜେ ମନକୁ ମନ ସେ କହିବାକୁ ଲାଗିଲା, "ତୁମେ ଭୟାଳୁ ! ଅମଣିଷ !! ତମର ସେ ନେସନାଲିଷ୍ଟ ଟ୍ରେନିଂ କୁଆଡ଼େ ଗଲା ? ଡଲ୍ ଅତି ଠିକ୍ ଲେଖିଥିଲା—ଘାସ କାଟ, ହଳ ଚଳାଅ । ଅବସରବାଦୀ, ବେଇମାନ !" ଏବେ କେବଳ ଅଲିଗଡ଼ କଲେଜ ତା'ର ଶେଷ ଆଶାଭରସାର ସ୍ଥଳ । କିନ୍ତୁ ତାପାଇଁ ସେଠି ସ୍ଥାନ କାହିଁ ? ସେ ପ୍ରତିଜ୍ଞା କରିଥିଲା—ଭୋକିଲା ମରିବ ପଛକେ ଦେଶ ଛାଡ଼ି ଯିବନି !

ଦିନେ ଅଦାଲତ ରାୟ ବାହାରିଲା—ଗୁଲଫିଶାଁ ସାର୍ ଜକି ରଜା ନାମରେ ରେଜିଷ୍ଟ୍ରିକୃତ । ଅମୀର ରଜା ତାଙ୍କର ଏକମାତ୍ର ଉତ୍ତରାଧିକାରୀ । ସେ ଏବେ ପାକିସ୍ତାନରେ । ଗୁଲଫିଶାଁ ଅମୀର ରଜାଙ୍କର ଅଧିକାରଭୁକ୍ତ ବୋଲି ସାବ୍ୟସ୍ତ କରାଗଲା । ପରଦିନ ସକାଳେ କମାଲ୍ ନିଦରୁ ଉଠି ନିଜକୁ ଗୋଟିଏ ନିଃସହାୟ ରିଫ୍ୟୁଜି ବୋଲି ମନେକଲା । ପୋଲିସ ଆସି ଗୁଲଫିଶାଁରେ ତାଲା ପକାଇଗଲେ । ଏ ଘଟଣାର ଗ୍ତରିଦିନପରେ କମାଲ୍ ବୃଦ୍ଧ ପିତାମାତାଙ୍କୁ ସାଙ୍ଗରେ ଧରି, ଭିସା ଯୋଗାଡ଼ କରି କରାଚୀରେ ପହଞ୍ଚିଲା ।

୫୫

୧୯୫୭ ମସିହାର କରାଚୀ; ଆଜି ଦୁନିଆରେ ସବୁଠୁ ବଡ଼ ଇସ୍‌ଲାମୀ ରାଷ୍ଟ୍ରର ରାଜଧାନୀ । ଏଠାରେ ନୂତନ ମଧ୍ୟବିତ୍ତ ଶ୍ରେଣୀର ପ୍ରାଧାନ୍ୟ ବେଶୀ । ଏହା ଏକ ଅତ୍ୟାଧୁନିକ ସହର ମଧ୍ୟ । ଏଠାରେ ପ୍ରତି ରାତିରେ ହୋଟେଲ, କ୍ଲବଗୁଡ଼ିକରେ ନୂଆ ନୂଆ ପ୍ରକାରର ଆଡ଼ମ୍ବରର ସ୍ୱରୂପ ଦେଖିବାକୁ ମିଳେ । ଏଠି ନୂଆ ସାମାଜିକ ଜୀବନର ସାମ୍ରାଜ୍ୟ କେବଳ ପଇସା ଭିତରେ ସୀମିତ । ତୀବ୍ର ନୈରାଶ୍ୟବାଦ ଏଠାର ଅନ୍ୟ ଏକ ଅନୁଭୂତି । କଳାବଜାରୀ ଅଧିକ କଳାବଜାର ନକରି ପାରିଲେ ନୈରାଶ୍ୟରେ ପୀଡ଼ିତ

Digitized by PPRACHIN, SOA

ହୁଏ । ବାମପନ୍ଥୀ ବୁଦ୍ଧିଜୀବୀମାନେ ବିପ୍ଳବର ଆଶା କ୍ଷୀଣ ଦେଖି 'ଫ୍ରଷ୍ଟ୍ରେଡ଼' ହୁଅନ୍ତି । ପର୍ଦ୍ଦାବିହୀନ ମୁସଲମାନ ମହିଳାମାନଙ୍କର ବଲ୍‌ଡାନସ୍ ଦେଖି ମୁସଲମାନ ସମାଜପତି-ମାନେ ଚିତ୍କାର କରନ୍ତି । ମଧ୍ୟବିତ୍ତଶ୍ରେଣୀର ଲୋକେ ମଧ୍ୟ ନିଜ ନିଜର ଅସଂଖ୍ୟ ଚିନ୍ତାରେ ବିବ୍ରତ ।

ଏହାଛଡ଼ା ବଙ୍ଗାଳୀ ଓ ପଞ୍ଜାବୀ ଶରଣାର୍ଥୀମାନଙ୍କର ସ୍ଥାନୀୟ ଲୋକମାନଙ୍କ ସହିତ ଗଣ୍ଡଗୋଳ ମଧ୍ୟ ଚାଲିଥାଏ । ଦେଶ ବିଭାଜନ ଏକ ତ୍ରୁଟି ଏବଂ ଭାରତବର୍ଷ ଗୋଟିଏ ଦେଶ ବୋଲି ଭାରତ ସର୍ବଦା ପ୍ରମାଣିତ କରିବାକୁ ଚେଷ୍ଟିତ ଥାଏ । ବିଭାଜନର ଯଥାର୍ଥତା ଉପରେ ପାକିସ୍ତାନ ଯୁକ୍ତି କରି ଏଠାକାର କଲଚର ଅଲଗା ବୋଲି କହୁଥାଏ । ରାଷ୍ଟ୍ରୀୟତାର ଆଧାର ଉପରେ ଏ ରାଜ୍ୟ ଗଢ଼ା ହୋଇଛି ବୋଲି ମଧ୍ୟ ଯୁକ୍ତି ଦର୍ଶାଉ ଥାଏ ।

ପୁଣି ଏଆଡ଼େ ଭାରତର ଯୁକ୍ତି ଏହି ଯେ ସମଗ୍ର ପ୍ରାଚ୍ୟ-ସଂସ୍କୃତିର ମୂଳାଧାର ହେଉଛି ଭାରତବର୍ଷ । ଗୁପ୍ତ ପିରିୟଡ଼—ସୁବର୍ଣ୍ଣ ଯୁଗର ସ୍ତୁତି ଗାନ ବେଳେ ଏଆଡ଼େ 'ଖିଲ୍‌ଫତେ ରାଶିଦା' ଓ 'ମୋଗଲ ସମାଜ'ର ରାଗ ଆଳାପ ହେଉଥିଲା । ଏହିପରି ଭାବରେ ଉଭୟ ଦେଶ ନିଜ ନିଜ ଯୁକ୍ତି ସପକ୍ଷରେ ପ୍ରଚାର ଚାଲୁରଖିଥାନ୍ତି ।

ସାରା ବିଶ୍ୱ ପକ୍ଷରୁ ଇସ୍‌ଲାମ୍ ଧର୍ମର ଦାୟିତ୍ୱ ଯେପରି କେବଳ ପାକିସ୍ତାନ ମୁଣ୍ଡ ଉପରେ ଲଦା ହୋଇଛି ! ବର୍ଦ୍ଧନଶୀଳା ନଦୀ ଭଳି ଅଗଣିତ ସହାୟକ ନଦୀ ଓ ଉପନଦୀଗୁଡ଼ିକୁ ନିଜ ଭିତରକୁ ଟାଣି ଆଣି ଗୋଟାଏ ବଡ଼ ଜଳପ୍ରପାତ ସଦୃଶ ବହୁଥିବା ଇସଲାମ୍ ଖୁବ୍ କୃଶକାୟ ହୋଇ ସଙ୍କୁଚିତ ଗତିଥିବା ଏକ କ୍ଷୁଦ୍ର ନଦୀରେ ପରିଣତ ହୋଇଗଲା ।

ସବୁଠୁ ମଜାର କଥା ହେଲା ଏଇ ଧର୍ମକୁ ନେଇ ଚିତ୍କାର କରୁଥିବା ଲୋକଙ୍କର ଧର୍ମ ସମ୍ପର୍କରେ ଛିଟେମାତ୍ର ଧାରଣା ନଥିବା । ସେମାନେ କେବଳ ଏତିକି ଜାଣନ୍ତି ଯେ ମୁସଲମାନମାନେ ଆଠଶହ ବର୍ଷ ଧରି ଖ୍ରୀଷ୍ଟାନ ସ୍ପେନ ଉପରେ, ଏକ ହଜାର ବର୍ଷ ଧରି ହିନ୍ଦୁ ଭାରତ ଉପରେ ଓ ଚାରିଶ ବର୍ଷ ଧରି ପୂର୍ବ ୟୁରୋପ ଉପରେ ଶାସନ ଅଧିକାର କରିଛନ୍ତି । ଏହାଛଡ଼ା ଇସ୍‌ଲାମ୍‌ର ଯେଉଁ ମହାନ ମାନବ ପ୍ରେମର ପରମ୍ପରା ରହିଛି ତା ସାଙ୍ଗରେ ସେମାନଙ୍କର ପରିଚୟ ନାହିଁ । ଇସଲାମ୍‌କୁ ଏକ 'ଏଗ୍ରେସିଭ୍' ଧର୍ମ ଓ ଜୀବନ ଦର୍ଶନ ରୂପେ ଉପସ୍ଥାପିତ କରାଯାଉଛି ।

ଅନେକ ଖୁସିର କଥା ବି ଅଛି । ଏ ରାଷ୍ଟ୍ରରେ ଦ୍ରୁତ ଶିଳ୍ପ ବିକାଶ ହେଉଥାଏ । ଅଗଣିତ ଝିଅ ଡାକ୍ତର, ନର୍ସ ଓ ଲେକଚରର ହେଉଛନ୍ତି । ପାକିସ୍ତାନୀ ମହିଳାଙ୍କ ଉଲ୍ଲେଖଯୋଗ୍ୟ ଅଗ୍ରଗତି—ଗୋଟାଏ ଶୁଭ ଲକ୍ଷଣ !

ରାତି ବଢ଼ି ଚାଲିଛି । ମୋ ମନକୁ ଯାହା ଆସୁଛି ଲେଖି ଚାଲିଛି ମୁଁ । ଏଇଥିପାଇଁ ଏ

Digitized by PPRACHIN, SOA

ଚିଠିଟା ତମକୁ ଅଡ଼ୁଆ ଅଡ଼ୁଆ ଲାଗିବ । ମୁଁ ତୁମକୁ ଏତେ କଥା ଲେଖିଲି । କିନ୍ତୁ ତୁମେ ନିଜେ ଆସି ମୋର ଏଇ ନୂଆ ରାଜ୍ୟକୁ ଦେଖି ଯାଅ । ମୋତେ ସାହସ ଦିଅ, ଯଦ୍ୱାରା ଏ ଦେଶ ପାଇଁ ମୁଁ କିଛି କରିବି ।

କଥା ହେଉଛି ହିନ୍ଦୁସ୍ଥାନରେ ମଧ୍ୟବିତ୍ତ ଶ୍ରେଣୀର ଭାରତୀୟ ମୁସଲମାନମାନେ ସାଂସ୍କୃତିକ ତଥା ଆର୍ଥିକ ସୁରକ୍ଷା ନିମନ୍ତେ ପାକିସ୍ଥାନ ଚାଲି ଆସନ୍ତି । ଯେବେ ମୁସଲମାନ ଯୁବକ ଭାରତୀୟ ୟୁନିଭରସିଟିରୁ ଶିକ୍ଷା ସମାପ୍ତ କରି ବାହାରେ ସେ କହେ ଯେ ତା' ଦାୟିତ୍ୱବୋଧ ପ୍ରତି ସନ୍ଦେହ ପ୍ରକାଶ କରି ଭାରତୀୟ ଫୌଜରେ ତାକୁ ଗ୍ରହଣ କରା-ଯାଏନା । ସାରା ପରିବାର ବିଭକ୍ତ ହୋଇ ଯାଇଥାଏ । ଜଣେ ଭାଇ ପାକିସ୍ଥାନୀ ଆର୍ମିରେ ତ ଅନ୍ୟ ଭାଇ ପାକିସ୍ଥାନୀ ନେଭିରେ । ତୃତୀୟ ଜଣକ ଆଜାଦ କାଶ୍ମୀର ରେଡ଼ିଓରେ କର୍ମଚାରୀ । ସେମାନଙ୍କ ଚତୁର୍ଥ ଭାଇ ଯିଏ ପାଟନାରେ ବି. ଏସ୍-ସି. ପଢୁଛି, ସେ ଭାରତୀୟ ଆକାଶ ବାହିନୀ ପାଇଁ ଦରଖାସ୍ତ ପକାଇବା ବିଷୟ ଚିନ୍ତା ପର୍ଯ୍ୟନ୍ତ କରି ପାରୁନି । ବିଚରା ଏଠାକୁ ଚାଲି ଆସିଲେ ଜେଟ୍ ପାଇଲଟ ହୋଇଯାନ୍ତା । ପାଟନାରେ ସମ୍ଭବତଃ କ୍ଲର୍କଟିଏ ହୋଇ ପାରିବନି । ଦ୍ୱିତୀୟ କଥା, ସେ ଭାବୁଛି ଯେ ପ୍ରତିଯୋଗୀତା ପରୀକ୍ଷାରେ ବସି ଚାକିରୀ ପାଇଁ ଜିତିଗଲେ ବି ସାମ୍ପ୍ରଦାୟିକତା ଆଳରେ ତାକୁ ସିଲେକ୍ଟ କରାଯିବ ନାହିଁ ।

ଊନବିଂଶ ଶତାବ୍ଦୀରେ ଦେଶରେ ଆର୍ଥିକ ଦୁଃସ୍ଥିତି ଯୋଗୁ ପରସ୍ପର ଟଣା ଓଟରା ଆରମ୍ଭ ହେଲା । ଲଘୁ ସଂପ୍ରଦାୟ ମାଡ଼ ଖାଇବାର ଭୟ୍ରାନ୍ତି ମନଃସ୍ତତ୍ତ୍ୱର ପ୍ରଶ୍ନ ଉପରେ ପଣ୍ଡିତ ନେହେରୁ ଓ ସରଦାର ପାନିକର ଆଲୋଚନା କଲେ । ଏହି ପ୍ରଶ୍ନ ଇତିହାସରେ ଏକ ବଡ଼ 'କିନ୍ତୁ' ହୋଇ ରହିଗଲା । ଯଦି କୌଣସି ପ୍ରକାରେ ଏ ପ୍ରକାର ଭୟ ଭାବକୁ ଦୂର କରାଯାଇପାରିଥାନ୍ତା ତେବେ ଆଜିର ଅବସ୍ଥା କିପରି ହୋଇଥାନ୍ତା ! ଏ କାମ କଂଗ୍ରେସ କରିପାରିଥାନ୍ତା !

ହିନ୍ଦୁସ୍ଥାନରୁ ମୁସଲମାନମାନେ ଚାଲି ଆସିବାର ଆଉ ଏକ କାରଣ ହେଲା ଭାଷା ସମସ୍ୟା । ଆଜି ହିନ୍ଦୁସ୍ଥାନରେ ଉର୍ଦ୍ଦୁକୁ କେବଳ ମୁସଲମାନମାନଙ୍କ ଭାଷା ବୋଲି କୁହାଯାଉଛି; କିନ୍ତୁ ଏହା ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କର ଅନେକ ସ୍ଥଳରେ ଲୋକ ଭାଷା ରୂପେ ପ୍ରତିଷ୍ଠିତ ।

ଏବେ ମୁଁ ପୁଣି ଏଠାକାର ପରିସ୍ଥିତି ବିଷୟରେ ଲେଖୁଛି । ଆଜି 'ଜୁମା'ର ରାତ୍ରୀ । ମୁଁ ବୁଦ୍ଧିଜୀବୀମାନଙ୍କ ଏକ ବୈଠକରୁ ଫେରିଛି । ସେଠାରେ ପାଶ୍ଚାତ୍ୟ ସାହିତ୍ୟ ଓ ବିଶ୍ୱ ରାଜନୀତି ସମ୍ପର୍କରେ ଦଳବାନ୍ଧି ଠିକିନିଖି ଆଲୋଚନା କରୁଥିବା ଯୁବକ ଯୁବତୀଙ୍କୁ ଦେଖି ମୋର ମନେ ହେଲା—ଆହା ! ତୁମେ ଏମାନଙ୍କ ଇଣ୍ଟେରେଷ୍ଟିଙ୍ଗ୍ କଥା ଶୁଣି

Digitized by PPRACHIN, SOA

ଥାନ୍ତି କି !

ଆଜି ସନ୍ଧ୍ୟାବେଳେ ସେଠାରେ ଏକ ପାଖେ କ୍ୟାଥଲିକ୍ ଧର୍ମବିଶ୍ୱାସ ଉପରେ ଆଲୋଚନା ହେଲାବେଳେ ଅନ୍ୟପାଖରେ ପାଶ୍ଚାତ୍ୟର ପ୍ରତିକ୍ରିୟାବାଦୀ ସାହିତ୍ୟିକମାନଙ୍କୁ ଗାଳି ଦିଆ ଯାଉଥାଏ । ଜଣେ ଫରାସୀ ଉପରେ ଆଲଜେରିଆ ଘଟଣା ନେଇ ଗାଳିବର୍ଷଣ ହେଉଥାଏ । ମୁଁ ଅନ୍ୟ ଆଡ଼କୁ ଚାଲିଗଲି । ଗୋଟିଏ ଗ୍ରୁପ୍ ଜଣେ ଫରାସୀ ବୁଦ୍ଧିଜୀବୀଙ୍କ ସାଙ୍ଗରେ ଫ୍ରାନ୍ସ ଓ ପାଶ୍ଚାତ୍ୟ ସଂସ୍କୃତି ବିଷୟରେ ଆଲୋଚନା, ଯୁକ୍ତିତର୍କରେ ରତ ଥାନ୍ତି । ସେମାନଙ୍କର ଯୁକ୍ତି ହେଲା ପାଶ୍ଚାତ୍ୟ ସଂସ୍କୃତିର ନିମ୍ନଗତି ହେଉଛି ।

ମୁଁ ତାପରେ ଯାଇ ଆମେରିକାନମାନଙ୍କ ପାଖରେ ବସିଗଲି । ଅନ୍ୟ ଏକ ଗ୍ରୁପ୍‌ରେ ଜଣେ ବିଶିଷ୍ଟ ମାର୍କିନ୍ ଐତିହାସିକ ମଧ୍ୟ ଥା'ନ୍ତି ।

"ଆମେରିକାର ଗୃହ ଯୁଦ୍ଧ ପରେ ଏହା ଯଦି ଦ୍ୱି'ଭାଗ ହୋଇଥାନ୍ତା, କିଏ ଜାଣେ ଆଜି ଆମର ଅବସ୍ଥା କ'ଣ ହୋଇଥାନ୍ତା !" ଐତିହାସିକ ଜଣକ କହିଲେ । ଆର୍ଥିକ କାରଣଯୋଗୁଁ ଦେଶ ବିଭାଜନ ହେଲା ବୋଲି ତୁମେ ଯେଉଁ ଥିଓରୀ ବିଷୟରେ କହୁଚ ତାହା ଠିକ୍ ନୁହେଁ ।" ସେ ମାର୍କିନ ହିଷ୍ଟୋରିଆନ୍ ଜଣକ ମୋତେ ଲକ୍ଷ୍ୟ କରି କହିଲେ ।

"ଏହା ଛଡ଼ା ଆଉ କି କାରଣ ଥିଲା ?"

"ମୁଁ ଜାଣିବାକୁ ଚାହେଁ ପ୍ରାଚ୍ୟର ଅଧୋଗତିର କାରଣ କ'ଣ ?" ହମିଦା ତାଙ୍କୁ ପଚାରି ପୁଣି କହିବାକୁ ଲାଗିଲା—"ମୁଁ ଏକଥା ଟୟନବୀଙ୍କୁ ମଧ୍ୟ ପଚାରିଥିଲି । ସେ କିଛି କହିପାରିଲେନ । ୧୮ଶ ଶତାବ୍ଦୀରେ ହିନ୍ଦୁସ୍ଥାନର ପତନର କାରଣ କ'ଣ ଆଉ ହୋଇପାରେ ?"

"ଏ ସମସ୍ୟା ହେଲା କେବଳ ଏକୋନମିକାଲ୍ ।" ଜଣେ ମାର୍କିନ୍ ଇଣ୍ଟେଲେକ୍‌ଚୁଆଲ୍ କହିଲେ ।

ରାତି ଗୋଟାଏ ପରେ ଆମେ ସବୁ ସେଠାରୁ ଆସିଲୁ । ଫେରିଲା ବେଳକୁ ମୁଁ ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିଲି ।

ତଲଅତ୍ ! ଆଜି ଗୋଟାଏ ବଡ଼ ଖବର ଲେଖୁଛି । ମୁଁ—କମାଲରଜା ! ଲକ୍ଷ୍ନୌର ବିପ୍ଳବୀ ! କଂଗ୍ରେସର ଉତ୍ସାହୀ କର୍ମୀ ! ସଂଯୁକ୍ତ ଭାରତର ସ୍ୱତନ୍ତ୍ରକାମୀ—ବାରଶହ ଟଙ୍କାର ଏକ ପଦରେ ନିଯୁକ୍ତ ପାଇଛି । ଗୋଟିଏ ନୂଆ ଲାବୋରେଟୋରୀ ପ୍ରତିଷ୍ଠା ଦାୟିତ୍ୱ ମୋତେ ଦିଆ ଯାଇଛି । ଏଥିପାଇଁ ଜିନିଷ ପତ୍ର କିଣିବାକୁ ମୋତେ ହୁଏତ ଆମେରିକା ଯିବାକୁ ପଡ଼ିବ । ଏହି ସନ୍ଧାନରେ ଆସନ୍ତା ସପ୍ତାହରେ ମୁଁ ପୂର୍ବପାକିସ୍ତାନ ଯିବି । ପରବର୍ତ୍ତୀ ଚିଠିଟି ତୁମକୁ ଢାକାରୁ ଲେଖିବି ।

Digitized by PPRACHIN, SOA

ଏଇନେ ସକାଳ ହେବାକୁ ଡେରିନାହିଁ । ରାତିସାରା ତମକୁ ଏତି ଲେଖି ଲେଖି ବିତାଇ ଦେଇଛି । ଏବେ ମୁଁ ଝର୍କା ଖୋଲି ବାହାରକୁ ଦେଖୁଛି । କରାଚୀ ଚେଇଁ ଉଠିଲଣି । କରାଚୀ ନିଜର କାମକୁ ଯିବାକୁ ପ୍ରସ୍ତୁତ ହେଉଛି । ହଜାର ହଜାର ଲୋକ କାରଖାନା ଓ ଅଫିସ ଅଭିମୁଖରେ ଚାଲିଛନ୍ତି । ଏମାନଙ୍କୁ ଜନତା କୁହାଯାଏ । ତଲଅତ୍ ! ଏମାନେ ତ କିଛି ଭୁଲ କରି ନାହାନ୍ତି ! ଏମାନଙ୍କୁ ଶିକ୍ଷା ଦିଆଯାଇନାହିଁ, ଏମାନଙ୍କୁ କ୍ଷୁଧିତ ରଖାଯାଇଛି । ଏମାନେ ଶାନ୍ତିରେ ବଞ୍ଚିବାକୁ, ପେଟପୁରା ଖାଇବାକୁ ଓ ଆରାମରେ ଶୋଇବାକୁ ହକ୍‌ଦାର ।

ଏ ଲୋକମାନେ ଖୁବ୍ ସରଳ, ନିରପରାଧ । କାଲି ରାତିରେ ଯେପରି ସେ ବୈଠକରେ ଇତିହାସର ବିଗ୍ରହଧାରୀଙ୍କୁ ନେଇ ପାଟିତୁଣ୍ଡ ହେଲା—ସେ ପାଟିତୁଣ୍ଡ, ଯୁକ୍ତିତର୍କରେ ଏମାନଙ୍କର କିଛି ସମ୍ପର୍କ ନାହିଁ । ବୌଦ୍ଧିକ ଛଳନାରୁ ଏମାନେ ଅନେକ ଦୂରରେ । ଇତିହାସକୁ ନେଇ ଜୀରରୁ ଶୀର କାଢ଼ିବାରେ ଏମାନଙ୍କର ରୁଚି ନାହିଁ । ସକାଳୁ କାରଖାନାର ଫାଟକ ଫିଟିଲେ ଏମାନେ ମେସିନ୍ ଚଳାଇବାକୁ ବାହାରି ପଡ଼ନ୍ତି । ଆଜି ସେମାନେ ଯେଉଁ ରାଜ୍ୟରେ ରହୁଛନ୍ତି ତା' ନାଁ ପାକିସ୍ତାନ । ଏବେ ଅତୀତର ତ୍ରୁଟିକୁ ନେଇ ଅନୁତାପ କରିବା ଆଉ ଏକ ତ୍ରୁଟି । ଦି'ଦେଶ ପୁଣି ଯେ ଏକ ହେବ ତା' ଭାବିବା ମଧ୍ୟ ଭୁଲ । ପ୍ରତି ମହାଯୁଦ୍ଧ ପରେ ପୃଥିବୀର ମାନଚିତ୍ର ବଦଳିଯାଏ । ସନ ୧୯୪୫ ପରେ ଏହିପରି ବଦଳିଥିଲା । ମୁଁ ଯେତେବେଳେ ବିଭାଜନ ବିଷୟରେ ଭାବୁଛି, ମୋ ହୃଦୟ ବିଦୀର୍ଣ୍ଣ ହେଇଯାଉଛି । କିନ୍ତୁ ଆଉ କେତେଦିନ ? ଜୀବନ ଅଧାଅଧି ବିତି ଗଲଣି । ଅବଶିଷ୍ଟ ଜୀବନକୁ କୌଣସି ପ୍ରକାରେ ସଦୁପଯୋଗ କରିବାରେ ଆମର ଧ୍ୟାନ ଦେବା କଥା ।

ଏ ଦେଶ ମୋର ଯତ୍ନ ନେଇଛି । ମୋତେ ଆଶ୍ରୟ ଦେଇଛି । ଏହାକୁ ଗଢ଼ିବା ଭାଙ୍ଗିବା ମୋ ହାତର କଥା । ଜୀବନ ସାରା ମୁଁ ଯେତେବେଳେ ସୃଜନଶୀଳତାର ସ୍ୱପ୍ନ ଦେଖି ଆସିଛି, ଆଜି କିଣ ତାହା ଭୁଲିଯିବ ? ନା ତଲଅତ୍, କେବେ ନୁହେଁ ।

ମୁଁ ନିର୍ମାଣ କରିବି ।

ଏଇ ନିର୍ମାଣକରିବା କଥାରୁ ଭାଇସାହେବଙ୍କ କୋଠା ନିର୍ମାଣ କଥା ମନେପଡ଼ିଲା । ସେଇ ସୁନ୍ଦର କୋଠାର ବାସିନ୍ଦା ମୁଁ । ଜଣେ ଇଟାଲିୟନ ଆର୍ଟିଷ୍ଟ ଏହାକୁ ନିର୍ମାଣ କରିଛି ।

ଭାଉଜ କରାଚୀର ଉଚ୍ଚ ପରିବାରର ମହିଳାମାନଙ୍କ ଭିତରୁ ଜଣେ । ଏଠାରେ ମୋର ପ୍ରତିଷ୍ଠା ପାଇଁ ଭାଉଜ ବେଶ ଯତ୍ନଶୀଳା । ସେ ମୋ ପାଇଁ ଏଠାରେ ଏକହଜାର ଗଜ ଜମିର ବନ୍ଦୋବସ୍ତ କରି ଦେଇଛନ୍ତି । କାଲି ଯେତେବେଳେ ସେଇ ଜମିରେ ଘର ତୋଳିବାକୁ 'ଇଟାଲିଅନ୍ ଆର୍ଟିଷ୍ଟ' ନକ୍ସା ନେଇ ମୋ ନିକଟକୁ ଆସିଲେ, ଉଚ୍ଚ

Digitized by PPRACHIN, SOA

ସ୍ୱରରେ କାନ୍ଦିବାକୁ ଏକ ବିକଳ ଇଚ୍ଛା ମୋ ଭିତରେ ବଳବତୀ ହୋଇ ଉଠିଲା । ମୁଁ ପୁଣି ଭାବପ୍ରବଣ ହୋଇ ଉଠୁଚ, ନୁହେଁ ? ଆଜି ଏତିକି ।

ତୁମର 'ଜମ୍ମନ୍'

୫୭

ମଧ୍ୟଯୁଗୀୟ ଭାରତବର୍ଷ । ପୁରୁଣା ଦିଲ୍ଲୀ; 'ବଙ୍ଗଳା' ଓ 'ମାଳବ'; ଅହମ୍ମଦାବାଦ, 'ଜୌନପୁର', 'ବାହମନୀ'ର ବାଦଶାହମାନଙ୍କର ପ୍ରାସାଦ; 'ବିଦର' ଆଉ 'ଗୁଲବର୍ଗା' !

ଉତ୍ତର ପ୍ରଦେଶର 'ଲଳିତପୁର' ଓ 'କାଲ୍ପି', 'ଶିକୋହାବାଦ', 'ବଦାୟୁଁ' ଓ 'ଜୌନପୁର'—ମୋଗଲମାନଙ୍କର ପୂର୍ବବର୍ତ୍ତୀ ହିନ୍ଦୁସ୍ତାନ ।

ଓଡ଼ିଶା, ମାନ୍ଦ୍ରାଜ, କର୍ଣ୍ଣାଟକ, ଅଜନ୍ତା, ଏଲୋର୍‌—ସିରିଲ୍ ଗ୍ରିଅଡ଼ ବୁଲି ପୁଣି ମଧ୍ୟଯୁଗୀୟ ପ୍ରାସାଦ ପାଖରେ ପହଞ୍ଚେ । ଅଗଣିତ ନାମ । ଅଗଣିତ ଯୁଗର ଇତିବୃତ୍ତ । ଇଉରୋପର ପ୍ରାଚୀନ କାଥେଡ୍ରାଲ ସେଣ୍ଟରଗୁଡିକରେ ବୁଲିଲା ଭଳି ରାଜା-ରାଜୁଡାଙ୍କ ପର୍ଯ୍ୟଟନ ଭାବ ନେଇ ସେ ଭାରତ ପରିକ୍ରମା କରୁଥିଲା । ପଥରରେ ତିଆରି ନାନାଦି କାରୁକାର୍ଯ୍ୟ—କେଉଁଠି ଫୁଟନ୍ତ କମଳ ଫୁଲ, ହାତୀ, ଗନ୍ଧର୍ବ, ମୀନାର ଅଥବା କେଉଁଠି ମଫସଲୀ ବାଳକାର ମେଷ ପାଳନ ଦୃଶ୍ୟ ଅଥବା କେଉଁଠି ପିପ୍‌ଳ ଗଛ ଡାଳରେ ପୁଅପିଲାର ଖେଳ କୁଦ, କେଉଁଠି ଅନ୍ଧ ବୁଢ଼ାଟିର ଅଣ୍ଟାଳି ଅଣ୍ଟାଳି ବାଟ ଚାଲୁ ଚାଲୁ ଥକାପଡ଼ ଚଲମ ଟାଣିବାର ଦୃଶ୍ୟ ! ଅର୍ଦ୍ଧଭଗ୍ନ ଗମ୍ବୁଜ ଉପରେ ନଇଁ ଆସିଲାଭଳି ଦେଖା ଯାଉଥିବା ନୀଳ ଆକାଶ ସାଇଁ ସାଇଁ କରେ । ବାଦଲ ପଶ୍ଚିମ ଘାଟରେ ବାଡ଼େଇ ହୋଇ ବର୍ଷିବାକୁ ଲାଗେ । ମଧ୍ୟଯୁଗର ଉଦାସ; ମୌନ, ନଷ୍ଟ-ଐଶ୍ୱର୍ଯ୍ୟ ହିନ୍ଦୁସ୍ତାନ୍ ବର୍ଷା-ସ୍ନାତ ହୁଏ ।

ଏ ପଥର ଅତୀତ ଓ ବର୍ତ୍ତମାନର ସମନ୍ୱୟ । ସିରିଲ୍‌ର ଚେତନାକୁ ଏଇ ମିଶ୍ରଣ ଆଘାତ ଦିଏ । ସିରିଲ୍ ତା'ପରେ କେବଳ ବର୍ତ୍ତମାନର ଶରଣାର୍ଥୀ ହୁଏ ।

ସାରା ହିନ୍ଦୁସ୍ତାନ ଘୂରି ବୁଲିବାପରେ ସେ ପୁଣି କଲିକତାରେ ପହଞ୍ଚେ । ତା'ପରେ ଉଡ଼ାଜାହାଜ ଚଢ଼ି ପୂର୍ବ ପାକିସ୍ତାନର ସୁନ୍ଦର ଧରଣୀ ଉପରେ ଓହ୍ଲାଏ । ଢାକା କ୍ଲବରେ ବସି ବିୟର୍ ପିଇଲା ପରେ 'ସିଲହଟ' ଯାଉଥିବା ଟ୍ରେନରେ ଉଠି ଗନ୍ତବ୍ୟ

Digitized by PPRACHIN, SOA

ସ୍ଥଳକୁ ବାହାରିଯାଏ ।

ଆଉ ସେ ଗନ୍ତବ୍ୟ ସ୍ଥଳ ଏହାଥିଲା—

ଟ୍ରେନ୍ ଏକ ଷ୍ଟେସନରେ ଗାଡ଼ି ରହିଲା । ପ୍ଲାଟଫର୍ମ ଲୋକାରଣ୍ୟ ଓ କୋଳାହଳପୂର୍ଣ୍ଣ । ସେ ବାହାରକୁ ଚାହିଁଲା । ବାହାର ବାତାବରଣ ଫୁଲର ମହକରେ ଭରା । ସେ ମହକ ବିସ୍ତୃତ ସବୁଜ କ୍ଷେତରୁ ପବନର ଲହରରେ ଭାସି ଆସି ପରିବେଶଟାକୁ ଆମୋଦିତ କରୁଥାଏ ।

କିଛି ସମୟ ରହିବାପରେ ଟ୍ରେନ ପୁଣି ଚାଲିବାକୁ ଲାଗିଲା । ପ୍ଲାଟଫର୍ମର ବଙ୍ଗାଳି ଭାଷା ଅନ୍ଧକାର ଭିତରେ ହଜିଗଲା ।

ଟ୍ରେନ୍ ଗୋଟାଏ ପୋଖରୀ ପାଖଦେଇ ଚାଲିଗଲା । ପୋଖରୀରେ ଅନେକ ଫୁଟନ୍ତ ପଦ୍ମଫୁଲ । ଫୁଲକୁଞ୍ଜର ଅନ୍ଧାର ଅଂଚଳରୁ, ଦୂଆର ମୁହଁରେ ଠିଆ ହୋଇଥିବା କୌଣସି ମହିଳାଟିଏ ପ୍ରିଲ୍‌ର ଦୃଷ୍ଟିପଥାରୂଢ଼ ହେଲା । କେତେଜଣ ସ୍ତ୍ରୀ ଲୋକ ମୁଣ୍ଡରୁ ଓଢ଼ଣା ଖସାଇ ବାଉଁଶବୁଦା ତଳେ ତଳେ ଚାଲୁଥିଲେ । ସେମାନଙ୍କର ନାଁ କ'ଣ ହୋଇପାରେ ? ଅମନା, ସକିନା, ରେବାନା, ରାଧା ? ସେମାନଙ୍କ ଜୀବନର କାହାଣୀ କ'ଣ ହୋଇପାରେ, ଏମାନେ ଜନ୍ମାବଧି ଦାରିଦ୍ର୍ୟ, ଯାତନା, ବନ୍ୟା, ମରୁଡ଼ି ସହ ସଂଘର୍ଷ କରି ଆସିଛନ୍ତି । ସଂଘର୍ଷ କରିବେ ମଲା ପର୍ଯ୍ୟନ୍ତ ।

ପ୍ରିଲ୍ ଉପ୍ରରେ ଆଖି ବୁଜି ଦେଲା ।

ଏଇ କିଏ ଯେମିତି ସେମାନଙ୍କ ଭିତରୁ ଚିତ୍କାର କରୁଛି—"ହେ ଆଲ୍ଲା, ବସୁଧାଅ, ଜଳଦାଅ, ଭାତ ଦାଅ······ଭାତଦାଅ···।"

ଇଉରୋପରେ ଥିଲାବେଳେ ବଙ୍ଗଳା ବିଷୟରେ ପ୍ରିଲ୍‌କ ରୋମାନ୍‌ଟିକ୍ ଧାରଣା ନ କରିଥିଲା ସତେ ! ସୁଜାତା ଦେବୀ ଟ୍ୟାଗୋରଙ୍କ ଉପରେ କି କି ଭାଷଣ ସବୁ ଶୁଣାଇଥିଲେ । ଜମ୍ପୁହନ, ମୀଳାରାସ୍ତ—ଲୋକଗୀତ ଆସର; ସାହିତ୍ୟିକ ସମ୍ମିଳନୀ ! କଲିକତାର ମଞ୍ଚ ଶିଳ୍ପ ଓ ସାଂସ୍କୃତିକ କାର୍ଯ୍ୟକଳାପ······ !

ଟ୍ରେନ ଆଉ ଏକ ଷ୍ଟେସନରେ ରହିଲା ।

"ସାହେବ ଭିନର ?"

"ହଁ"

ସେ ନିଜର କମ୍ବଳ ଗୋଡ଼ ଉପରେ ପକାଇ ଆରାମରେ ଶୋଇଗଲା ।

Digitized by PPRACHIN, SOA

ସିଲ୍‌ହଟ୍‌ର ଚା' ବଗିଚାରେ ହଜାର ହଜାର ଶ୍ରମିକ କାମ କରନ୍ତି । 'ରାମଦେଈ', 'ରାମ ଔତାର', 'ଲଛମନ', 'ସୀତା', 'ଚମ୍ପେଲିଆ' ଏମିତି କେତେ କେଜାଣି । ଏଠାରେ ଏ ଦୁଇଟି ନାଁ ଖୁବ୍ ଲୋକପ୍ରିୟ—ରାମ ଆଉ ସୀତା ! ଭାରତର ଅତୀତ ସ୍ୱର୍ଣ୍ଣଯୁଗ—'ପାଟଳିପୁତ୍ର' 'ଇନ୍ଦ୍ରପ୍ରସ୍ଥ', 'ଅଯୋଧ୍ୟା', 'ଲକ୍ଷ୍ମଣାବତୀ', 'ଶ୍ରାବସ୍ତି', ଦିଗ୍‌ବିଜୟୀ ରାମଚନ୍ଦ୍ର ଓ ମିଥିଳାର ଜନକକୁମାରୀ ସୀତା ! ଆଃ ଚମତ୍କାର !

"ଡିନର ସାହେବ—କଫି ଆଣିବ ?" ବେହେରା ଆଗରେ ଟ୍ରେ ରଖି ପଚାରିଲା । ବେହେରାର ସମ୍ବୋଧନ ଏତେ ହୃଦୟସ୍ପର୍ଶୀ ଥିଲା ଯେ ସତେ ଯେପରି ସେ କୌଣସି ଦେବତାଙ୍କୁ ସମ୍ବୋଧନ କରୁଛି ।

ସେ ପୁଣି ତା'ର ଭାବନା ରାଜ୍ୟକୁ ଫେରିଗଲା । ତା'ର ମନେପଡ଼ିଲା ଏଇନେ ଟ୍ରେନ ଶ୍ରୀମଙ୍ଗଳ ପହଞ୍ଚିବ । ତାକୁ ଅନେକ ଅର୍ଥ ଉପାର୍ଜନ କରିବାକୁ ପଡ଼ିବ ।

ପରଦିନ ଟ୍ରେନ୍ ସିଲ୍‌ହଟ୍‌ରେ ପହଞ୍ଚିଲା । ଷ୍ଟେସନରେ ତା'ର ମେନେଜର ସବୁଥର ଭଳି ଗାଡ଼ିନେଇ ତାକୁ ସ୍ୱାଗତ କରିବାକୁ ଉପସ୍ଥିତ ଥିଲା । ସେ ସହରରୁ ବାହାରି ଶ୍ରୀମଙ୍ଗଳ ଅଭିମୁଖରେ ଚାଲିଗଲା ।

ସୁର୍ମା ନଈକୂଳରେ ପହଞ୍ଚି ସେ କାର୍ ଠିଆ କଲା । ସନ୍ଧ୍ୟାର ଅନ୍ଧକାର ମାଡ଼ି ଆସିଲାଣି । ଲଣ୍ଠନ ଧରି କେତେଜଣ ସ୍ତ୍ରୀ ପୁରୁଷ ଡଙ୍ଗାରେ ବସିଥିଲେ । ମୋଟର ବୋଟ ଘଡ଼ ଘଡ଼ ଶବ୍ଦକରି ଆରପାଖରୁ ଲେଉଟି ଆସୁଥାଏ । ଅନ୍ଧ ଫକୀର ଜଣେ କୋରାନ ଆବୃତ୍ତିକରି ଭିଖ ମାଗୁଥାଏ । ମୋଟର ବୋଟ୍ ସାହାଯ୍ୟରେ ଡଙ୍ଗାରେ କାର ଚଢ଼ାଇଲା ସ୍ରିଲ୍ ।

ହଠାତ୍ ଭୀଷଣଭାବରେ ପବନ ବୋହିବାକୁ ଲାଗିଲା ଓ ଡଙ୍ଗା ଇତସ୍ତତଃ ହୋଇ ଦୋହଲିବାକୁ ଆରମ୍ଭକଲା ।

ବୁଢ଼ା ନାଉରୀମାନେ ପୂରା ଶକ୍ତି ଲଗାଇ ଡଙ୍ଗାକୁ ଅଗ୍ରସର କରିବାକୁ ଲାଗିଲେ ଓ ଗୀତଗାଇ ତନ୍ମୟ ହୋଇ ପଡ଼ିଲେ ।

ସ୍ରିଲ୍ ଦେଖିଲା, ଏହି ଉପବାସପ୍ରପୀଡ଼ିତ ବୁଢ଼ା ନାଉରୀମାନେ ସେହି ଅନ୍ଧକାର ତୋଫାନ ଭିତରେ ଡଙ୍ଗା ଚଳାଇ ବିପଦକୁ ହସି ହସି ମୁକାବିଲା କରୁଛନ୍ତି । ଏହାର କାରଣ ହେଉଛି ପଞ୍ଚତନ୍ତର ନିର୍ମମତା, ମୃତ୍ୟୁ ଓ ବିପଦ ସହିତ ଏମାନଙ୍କର ପୁରାତନ ବନ୍ଧୁତ୍ୱ ଥିଲା ।

କ୍ରମେ ଝଡ଼ ଥମି ଆସିଲା ।

ସ୍ରିଲ୍ ନୌକା ଭିତରକୁ ଚାହିଁ ଦେଖିଲା ମାଟିର ଗୋଟିଏ ଦୀପ, ଦି' ପଟ କଂସା ବାସନ, ଖଣ୍ଡେ ଚଟାଇ ପଡ଼ିଥିଲା । ଏତିକି ମାତ୍ର ସମ୍ପତ୍ତି ଥିଲା ସେ ଧଳା ଦାଢ଼ୀବାଲା

Digitized by PPRACHIN, SOA

ଚୂଡ଼ା ମନ୍ଦିର ।

ସ୍ମିଲ୍‌କୁ ବଚନ ବୋଧ ହେଲା । ସେ ଆଖି ମଳି ଚାହିଁଲା । କାହିଁ ଲଣ୍ଡନର କେମ୍ବ୍ରିଜ ଆଉ କାହିଁ ବାତ୍ୟା ବିଧ୍ୱସ୍ତ ପୂର୍ବ ବଙ୍ଗଳାର ସୁର୍ମା ନଦୀ !! ବଚନ ଆଉ ଖୁବ୍ ମନୋଜ୍ଞ ଏଇ ପୂର୍ବବଙ୍ଗଳା ବା ପୂର୍ବ ପାକିସ୍ତାନର ଧରିତ୍ରୀ !

ଲଣ୍ଠନ ଟେକି ସେ ଆଉଥରେ ଚାରିଆଡ଼କୁ ଚାହିଁଲା । ଆଲୁଅରେ ରାସ୍ତା ବାରି ହେଉଛି । ପାଖରେ ବଡ଼ ଶମ୍ପାନ୍ ଗୋଟାଏ ଚାଲିଗଲା । ଚାନ୍ଦ, ଗଛ ଆଢ଼ୁଆଳରୁ ଧୀରେ ଧୀରେ ଉଦୟ ହେଉଥିଲା ।

୫୨

ଅତୀତ ଯେପରି ହ୍ୱିସ୍କିର ଗ୍ଲାସରେ ବୁନ୍ଦ ବୁନ୍ଦ ଭଳି ପଡ଼ି ଝରିଗଲା । ଆହୁରି ଅଧଘଣ୍ଟା ବିତିଗଲା । ସ୍ମିଲ୍ ଚୁପ୍ ଚାପ୍ ବସି ନୀଳ ପର୍ବତ ଆଡ଼କୁ ଚାହିଁଥିଲା । ପର୍ବତ ଶ୍ରେଣୀର ଆର ପାଖରେ ବର୍ମା ରାଜ୍ୟ ।

"କ'ଣ ଭାବୁଛ ?" କମାଲ ଉଦାସ୍ କଣ୍ଠରେ ପଚାରିଲା ।

"କିଛି ନୁହେଁ । ଭାବୁଥିଲି ବର୍ମାକୁ ଯଦି ପାଦରେ ଚାଲିଯିବାକୁ ପଡ଼େ, କେତେ ଦୂର ହେବ ?"

"ଏଇଆ ଖାଲି ଭାବୁଥିଲ ?"

ବୁଲା କୁକୁରଟାଏ ଡେଇଁପଡ଼ି ବାରନ୍ଦା ଉପରକୁ ଆସିଲା ।

"ଦେଖ, ଏ ବି ବର୍ମାରୁ ଆସୁଛି ।"

"ଅଥବା ଏ ବର୍ମାକୁ ଯିବାକୁ ଚାହୁଁଛି ?" କମାଲ ମୂର୍ଖତାବଶତଃ ପଚାରି ବସିଲା ।

କୁକୁର ଲାଞ୍ଜ ହଲାଇବାରେ ଲାଗିଲା ।

"ହେଲୋ ! ହେଲୋ !! ନିଅ, ବିସ୍କୁଟ ଖାଅ ।" ସ୍ମିଲ୍ କୁକୁରକୁ ସମ୍ମାନ କଲା ।

"ଆରେ ଏ ତ ରେଡ୍ ଚାଇନାରୁ ପଳେଇ ଆସିଛି ଆଣ୍ଟି-କମ୍ୟୁନିଷ୍ଟ କୁକୁର ଏଟା । ସ୍ୱାଧୀନତାକୁ ଖୋଜି ଖୋଜି ଏଠାକୁ ଆସିଛି ।" କମାଲ ଗମ୍ଭୀର ହୋଇ କହିଲା ।

"ତୁମେ ଏବେ ବି କଲେଜ ପିଲାଙ୍କ ଭଳି କଥା କହୁଛ ।" ସ୍ମିଲ୍ କମାଲକୁ ଚାହିଁ କହିଲା ।

ଟେବୁଲ ଉପରେ ଚା' ସରଞ୍ଜାମ ଥୁଆ ହୋଇଥାଏ । କମାଲ ଖଣ୍ଡେ ସେଣ୍ଡୱିଚ୍

Digitized by PPRACHIN, SOA

କୁକୁର ଆଡ଼କୁ ପକାଇ ଦେଲା ।

"ନା, ସ୍ମିଲ୍! ମୁଁ ଏବେ ଇସଲାମ ପରିସର ଭିତରକୁ ଆସିଗଲିଣି । ଏଇ ଦେଖ ମୋର ପାସପୋର୍ଟ ।" ସେ ପକେଟରୁ ପାସପୋର୍ଟ କାଢ଼ି ଦେଖାଇଲା ।

'ମୁଁ ତ ତମକୁ ସ୍ୱା' ଠାରୁ ଭଲ ଗୃହକର ଦେଇ ପାରିଥାନ୍ତି !" ସ୍ମିଲ୍ କହିଲା ।

"ତୁମେ କ'ଣ କର୍ଣ୍ଣଫୁଲି ମିଲ୍‌ର ପ୍ଲାନ୍‌ କରିବାକୁ ଆସିଛ ? ଏଠାକୁ ପ୍ରାୟ ଏଇଥି-ପାଇଁ ଅନେକ ଆସିଥାନ୍ତି ।"

"ତମର ସେଥିରେ କ'ଣ ଅଛି ? ତମେ ଯେମିତି ବଙ୍ଗାଳୀ ମଜଦୁରମାନଙ୍କ ରକ୍ତ ଶୋଷଣ କରିବାକୁ ଆସିଛ—" କମାଲ୍ ବିରକ୍ତ ହୋଇଗଲା ।

ସ୍ମିଲ୍ ନଈନାଳ, ପାହାଡ଼ ଜଙ୍ଗଲ ଅତିକ୍ରମକରି ଗତକାଲି ସକାଳେ ଶ୍ରୀମଙ୍ଗଳରେ ପହଁଚି ଚଟ୍ଟଗ୍ରାମକୁ ଆଜି ଆସିଛି ।

ବ୍ରେଜମାଷ୍ଟିକୁ ଛାଡ଼ପତ୍ର ଦେଲାପରେ ସ୍ମିଲ୍ ତା'ର ବଡ଼ଭାଇ ଲର୍ଡ ବାର୍ଣ୍ଣଫିଲ୍‌ଡ ସାଙ୍ଗରେ ପତ୍ରାଳାପ କଲାଣି । ଭାଇ ମୁଣ୍ଡରୁ ଯେପରି ଗୋଟାଏ ବଡ଼ ବୋଝ ଓହ୍ଲାଇ ଯାଇଛି । ସ୍ମିଲ୍ ସିଲ୍‌ହଟ୍‌ର ପ୍ରାକୃତିକ ଦୃଶ୍ୟାବଳୀ ବର୍ଣ୍ଣନା କରି ଭାଇ ନିକଟକୁ ଚିଠି ଲେଖିଥାଏ । ଆଗାମୀ ଖ୍ରୀଷ୍ଟମାସ ଏଠାରେ ପାଳନ କରିବାକୁ ସେ ଚିଠିରେ ଆଶା ପ୍ରକାଶ କରିଥାଏ । ଲର୍ଡ଼ ସାହେବ ପୂର୍ବ ପାକିସ୍ତାନରେ ବ୍ୟବସାୟ ସୂତ୍ରରେ ପ୍ରଚୁର ଅର୍ଥ ବିନିଯୋଗ କରିଥାନ୍ତି । ଏଠାରେ ତାଙ୍କର ଗ୍ଟ' ବଗିଚ୍ଟ ବି ଅଛି । ସ୍ମିଲ୍ କେମ୍ବ୍ରିଜରୁ ଫେରି ଲଣ୍ଡନ ରାସ୍ତାରେ ବେକାର ଭାବେ ଘୁରି ବୁଲିଲା ବେଳେ ବଡ଼ଭାଇ ଲର୍ଡ଼ ସାହେବ ତାକୁ ଡାକି କହିଲେ "ମୁଁ ଏବେ ତୋତେ ପାକିସ୍ତାନ ପଠାଇବି ।"

"ଖୁବ୍ ଭଲ ।" ସ୍ମିଲ୍ ରାଜି ହୋଇ ଯାଇଥିଲା । ଜୀବନରେ ଆଉ ଝଗଡ଼ା କରିବା ସପକ୍ଷରେ ସେ ନଥିଲା । ଗତ ଛ' ମାସ ଧରି ସେ ପୂର୍ବ ପାକିସ୍ତାନରେ ରହୁଛି । ଗୌତମ ନୀଳାମ୍ବର, କମାଲ, ହରିଶଙ୍କର, ମାଇକେଲ, ସୁରେଖା—ଏମାନେ ସମସ୍ତେ ଆଗରୁ ଲଣ୍ଡନ ଛାଡ଼ିଥାନ୍ତି ।

ସେ ଏବେ ଶ୍ରୀମଙ୍ଗଳଠାରେ ଏକ ସୁନ୍ଦର ବଙ୍ଗଳାରେ ରହୁଥାଏ । କାମରୁ ଅବସର ପାଇଲେ ବାହାରେ କେଉଁଠି ବୁଲି ଆସେ ।

କାଲି ଯେତେବେଳେ ଏକ ବଗିଚ୍ଟରେ ବହୁ ସମୟ ଧରି ବସିବା ପରେ ସର୍କିଟ ହାଉସରେ ପହଁଚିଲା । ଏକ ନବ ଯୁବକ ସାଙ୍ଗରେ ସେଠାରେ ତା'ର ଭେଟ ହେଲା । ଯୁବକ ଜଣକ ହେଉଛନ୍ତି ପୂର୍ବ ପରିଚିତ କମାଲ୍ ରଜା ।

କମାଲ୍ ତା'ର କାରବାର ବିଷୟରେ ସୂଚନା ଦେଲା ।

ଆଉ ଆଜି ସକାଳ ପ୍ରହରରୁ ବାରନ୍ଦାରେ ବସି ଜୀବନର ଦୁଃଖ ସବୁକୁ ଟୁକୁରା ଟୁକୁରା

Digitized by PPRACHIN, SOA

କରି ଆଲୋଚନା କରୁଥିଲେ ।

ସଂଧ୍ୟାର ଅନ୍ଧାର ଘେରି ଆସିଲା । ଗୁର୍କର ସର୍କିଟ ହାଉସର ବତୀ ଜଳାଇ ଦେଇ ଗଲା । ରାତିରେ ପଶ୍ଚିମ ପାକିସ୍ତାନରୁ ଦଳେ ଯୁବ-ଅଫିସର ଆସି ପହଁଚିଲେ । କମାଲ ସାଙ୍ଗରେ ସେମାନେ ପୂର୍ବ ପାକିସ୍ତାନର ସମସ୍ୟା ବିଷୟରେ ଆଲୋଚନା କଲେ ।

ଖାଇସାରିଲା ପରେ ଯେ' ଯୁଆଡ଼େ ନିଜ ନିଜ ଶୋଇବା ଘରକୁ ଚାଲିଗଲେ । ସ୍ମିଲ୍ ଓ କମାଲ୍ ଦୁହେଁ ପଛ ପାଖ ବାରନ୍ଦାରେ ଆସି ବସିଲେ । ଚାରିଆଡ଼ ନିସ୍ତବ୍ଧ୍ । ନଈର ମୋଡ଼ ନିକଟରେ ପାହାଡ଼ ଉପରେ ପାଓ୍ୱାର ହାଉସ୍ ଥିଲା । ରାତିର ନିର୍ଜନତା ଭିତରେ ପାଓ୍ୱାର ହାଉସର ଶବ୍ଦ ବେଶ୍ ସ୍ପଷ୍ଟ ଶୁଭେ । ପାଖକୁ ଲଗି ଛଣ ଛପର ଗୋଟାଏ ସିନେମା ହଲ । ସେ ଦିନ 'ବୈଜୁବାଓ୍ୱାରି'ର ଗୀତ ଲହରି ଶୁଭୁଥାଏ । ଲତାମଙ୍ଗେସକର କଣ୍ଠର ସଙ୍ଗୀତ ନଈ ସ୍ରୋତରେ ପହଁରି ସର୍କିଟ ହାଉସ ପର୍ଯ୍ୟନ୍ତ ଆସୁଥିଲା । 'ଲତାର ସଙ୍ଗୀତ ଏତେ ଶକ୍ତିଶାଳୀ ଯେ ତାହା ଦୁଇଟି ଶତ୍ରୁ ଦେଶ ମଧ୍ୟରେ ସେତୁ ରୂପେ ରହି ପାରୁଛି ।' ମନେ ମନେ ଭାବିଲା କମାଲ ।

"ତୁମେ ଲତା ମଙ୍ଗେସକରର ଗୀତ ଶୁଣିଛ ?" କମାଲ୍ ସ୍ମିଲ୍କୁ ଉଚ୍ଚ କଣ୍ଠରେ ପଚାରିଲା ।

"ସେ କିଏ ?" ଚମକିପଡ଼ି ସ୍ମିଲ୍ ପଚାରି ବସିଲା ।

କମାଲ୍ ସ୍ମିଲ୍ର ଏ ପ୍ରଶ୍ନରେ ବିରକ୍ତି ଅନୁଭବ କଲା ।

ଏତିକିବେଳେ ଖାନସାମା କଫି ଟ୍ରେ ନେଇ ଆସିଲା ।

ସ୍ୱା' ଭିତରେ ଖାନସାମା କମାଲର ବନ୍ଧୁ ହୋଇଗଲାଣି । ଦୁହିଁଙ୍କ ମଧ୍ୟରେ ନାନା ବିଷୟରେ ଖୁବ ବିନିମୟ ହୁଏ ।

"ଆଚ୍ଛା ପୂର୍ବେ ଏ ଜାଗାଟାରେ ବୋଧହୁଏ ଖୁବ ଗହଳ ଚହଳ ହେଉଥିଲା, ନୁହେଁ ?" କମାଲ୍ ଖାନସାମାକୁ ପୁଚ୍ଛିଲା ।

ହଁ ହଜୁର । ସେତେବେଳେ ଆପଣଙ୍କର ଏଠାକୁ ଆସିବାର ଥିଲା । ଦୂରଦୁରାନ୍ତରରୁ ସାହେବମାନେ ଏଠିକି ଆସୁଥିଲେ । ଆନନ୍ଦର କଥା ଯେ ଇଂରେଜ ଲାଟସାହେବ ପରିବର୍ତ୍ତେ ବର୍ତ୍ତମାନ ମୁସଲମାନ ସାହେବ ଆସନ୍ତି । କିନ୍ତୁ ଆଡ଼ମ୍ବରରେ ସେ କୌଣସି ଗୋରା ଲାଟଙ୍କ ଠାରୁ କମ୍ ନୁହନ୍ତି । ସେଇଥିପାଇଁ ଅନ୍ୟ ଲୋକେ ଈର୍ଷା କରୁଛନ୍ତି ।

ଇତିମଧ୍ୟରେ ସ୍ମିଲ୍ ତା ବଖରାକୁ ଆସି ଲୁଗାପଟା ବଦଳାଇ ପୁଣି ଯାଇ କମାଲ ପାଖରେ ବସିଲା । ଦୁହେଁ ଅନେକ ସମୟ ଧରି ଲଘୁ ଆଳାପ, ବ୍ୟଙ୍ଗ ବିନୋଦରେ ଲିପ୍ତ ରହିଲେ ।

ତା' ପରେ ପରିବେଶ ନିସ୍ତବ୍ଧ୍ ହୋଇ ଉଠିଲା । ନଈରେ ଡଙ୍ଗା ଯିବାର ଶବ୍ଦ ।

Digitized by PPRACHIN, SOA

ଗୃହଆଡ଼ ଘନ ଅନ୍ଧକାରରେ ଭରା ।

କମାଲ୍ ଓ ସ୍ମିଲ୍ ଦୁହେଁ ସେଠାରେ ଛ' ଦିନ ଧରି ରହିଲେ ।

ସର୍କିଟ୍ ହାଉସ ତଳକୁ କର୍ଣ୍ଣାଫୁଲୀ । କିଛି ଦୂରରେ ଡିଷ୍ଟ୍ରିକ୍ଟ କମିଶନରଙ୍କ ବଙ୍ଗଳା । ଏଠାକାର ଜନ-ଜୀବନରେ କେବଳ କଠୋର ପରିଶ୍ରମ ଯେପରି ପ୍ରାଧାନ୍ୟ ଲାଭ କରିଛି ।

କର୍ଣ୍ଣାଫୁଲୀ ପାଖକୁ ଲାଗି 'ଚକମା' ରାଜାଙ୍କ ପ୍ରାସାଦ । ଏଠାର ଦେଶୀୟ ରାଜାଙ୍କର ଅନ୍ତିମ ବିଳାସବହୁଳ ଜୀବନ ସାଙ୍ଗରେ କମାଲ୍ ପରିଚିତ ହୋଇଥିଲା । ରାଜବାଟୀର ବଗିଚାରେ ଶ୍ରେଷ୍ଠ ଶ୍ରେଷ୍ଠ ତୋପମାନ ରହିଛି । ପାଖରେ ଗୋଟିଏ ଦେବ ମନ୍ଦିର । ଆମ୍ବ ଗଛରେ ସନ୍ଧ୍ୟାବେଳେ କୋଇଲିଟାଏ କୁହୁ କୁହୁ ଡାକୁଥାଏ । ସାମନା ରାଜପ୍ରାସାଦ ଭିତରେ ମୃଦୁ ଆଲୋକର ପ୍ଲାବନ ।

ରାଜବାଟୀ ହଲରେ ଗତାୟୁ ରାଜାମାନଙ୍କର ତୈଳଚିତ୍ର ଝୁଲୁଥାଏ ।

କମାଲ୍ ଓ ସ୍ମିଲ୍ ସେମାନଙ୍କ ରହଣୀକାଳ ଭିତରେ ରାଜବାଟୀ ବୁଲିଯାଇଥିଲେ ।

ଇଂଲଣ୍ଡରେ ଶିକ୍ଷାପ୍ରାପ୍ତ ନବ ଯୁବକ ରାଜା ଓ ତାଙ୍କର ମା'ଏ ଦୁହିଙ୍କୁ ସ୍ୱାଗତ କରି ଅଭ୍ୟର୍ଥନା କରିଥିଲେ ।

ଡ୍ରଇଂ ରୁମ୍‌ର ପିଆନୋ ଉପରେ ଜଣେ ପ୍ରଖ୍ୟାତ ଭାରତୀୟ ନର୍ତ୍ତକୀ ତଥା ଫିଲ୍ମ-ଷ୍ଟାରଙ୍କ ଚିତ୍ର ଥିଲା । ସେ ନର୍ତ୍ତକୀ ଜଣକ ରାଜମାତାଙ୍କର ଭଉଣୀ । କେଶବଚନ୍ଦ୍ର ସେନ ଓ ଅନ୍ୟତମ ବ୍ରାହ୍ମ-ସମାଜ ନେତା ଜି. ଏନ. ଦତ୍ତଙ୍କ ଚିତ୍ର ମଧ୍ୟ ଡ୍ରଇଂ ରୁମରେ ଥିଲା । ରାଜମାତା ଥିଲେ ଜି. ଏନ. ଦତ୍ତଙ୍କ ପରବର୍ତ୍ତୀ ବଂଶଧର ଜଣେ ମହିଳା ।

"ଆପଣ ପାକିସ୍ତାନରୁ ଆସିଛନ୍ତି ?" ରାଜମାତା ପ୍ରଶ୍ନ କଲେ । କମାଲ୍ କ୍ଷଣକ ପାଇଁ ବିଚଳିତ ହୋଇଉଠିଲା । ରାଜବାଟୀଟା ତେବେ କ'ଣ ପାକିସ୍ତାନ ଭିତରେ ନୁହେଁ କି ?

ରାଜା ବେଶ୍ ରୂପବାନ୍ ପୁରୁଷ । ତାଙ୍କ ସାଙ୍ଗରେ କର୍ଣ୍ଣାଫୁଲୀର ଉଦ୍ୟୋଗୀକରଣ ବିଷୟରେ ଦୁହେଁ କିଛି ସମୟ ଆଲୋଚନା କଲେ ।

ତା'ପରେ ଦୁହେଁ ବାହାରକୁ ଆସିଲେ । ରାଜବାଟୀ ଆଲୁଅରେ ବେଶ୍ ଉଜ୍ଜ୍ୱଳ ଦିଶୁଛି । ପରଦିନ 'ରାଙ୍ଗାମାଟି'ରୁ ବିଦାୟ ନେଇ 'ସୀତାକୁଣ୍ଡ' ଅଭିମୁଖରେ ଟ୍ରେନ୍ ଚଢ଼ିଲେ ସେ ଦୁହେଁ ।

Digitized by PPRACHIN, SOA

କମାଲ୍ ଓ ସ୍ମିଲ୍ ଷ୍ଟେସନରେ ଓହ୍ଲାଇଲାବେଳକୁ ସନ୍ଧ୍ୟା ହୋଇଯାଇଥିଲା ।

"ଆମେ ସୀତା ମନ୍ଦିରକୁ ଯିବାକୁ ଚାହୁଁ"—କମାଲ୍ ଜଣେ ଲୋକକୁ ପଚାରି ବସିଲା ।

"ଏବେ, ଏତେବେଳେ ସେଠାକୁ ଯିବା ଠିକ୍ ନୁହେଁ । ପାହାଡ଼ ଶିଖର ଉପରେ ସେ ମନ୍ଦିର । ଏତେ ଉଚ୍ଚକୁ ସନ୍ଧ୍ୟାପରେ ଉଠିବା ବିପଜ୍ଜନକ ।" ଷ୍ଟେସନ ମାଷ୍ଟର ଆଗେଇ ଆସି କହିଲେ ।

ଅନ୍ୟ କେତେଜଣ ଏ ଦୁହିଙ୍କୁ ଦେଖି ବିସ୍ମୟ୍ରେ ନିର୍ବାକ୍ ହୋଇ ଚାହିଁଥାନ୍ତି । ତୁରନ୍ତ ବସ୍ତିରେ ଖବର ପହଞ୍ଚିଗଲା । ଦୁଇଜଣ ଯାତ୍ରୀ ଆସିଛନ୍ତି । ଜଣେ ଇଂରେଜ । ଗୋଟିଏ ପାଲିଙ୍କି ଆସି ପ୍ଲାଟଫର୍ମରେ ରହିଲା । ପାଲିଙ୍କିର ପରଦା ଆଢ଼ୁଆଳରୁ ଝିଅଟିଏ ଏ ଦୁହିଙ୍କୁ ବିସ୍ମିତ ହୋଇ ଚାହିଁଛି । ସ୍ମିଲ୍ ପାଲିଙ୍କିଟାକୁ ଚାହିଁଥିଲା ।

"ଏ ଆମର ମୌଲଭୀ ସାହେବଙ୍କ ଝିଅ । ଶାଶୁଘରକୁ ଯାଉଛି"—ଜଣେ ଲୋକ ସୂଚନା ଦେଲା ।

କନେଷ୍ଟବଲ୍ ଜଣେ ଆଗେଇ ଆସି କହିଲା, "ଆସନ୍ତୁ, ଆପଣଙ୍କୁ ଗାଁରେ ପହଁଚାଇ ଦେବି ।"

ପିଲାଟିଏ ବି ଏମାନଙ୍କ ସାଙ୍ଗ ହେଲା । ତା ନା 'ପ୍ରଫୁଲ୍ଲ' । ସେ ତା'ର ସ୍ଥାନୀୟ ଭାଷାରେ କନେଷ୍ଟବଲକୁ କହିଲା, "ବାବୁଙ୍କୁ ମୁଁ ସୀତାକୁଣ୍ଡ ଦେଖାଇବାକୁ ନେବି ।" କନେଷ୍ଟବଲ୍ ଏକଥା ସେ ଦୁହିଙ୍କୁ ଜଣାଇଦେଲା ।

"ହେଲୋ ପ୍ରଫୁଲ୍ଲ !" ସ୍ମିଲ୍ ପିଲାଟି ସାଙ୍ଗରେ ହ୍ୟାଣ୍ଡ୍‌ସେକ୍ କଲା ।

"ସ୍କୁଲରେ ପଢ଼ୁଛ ?"

"ଆଜ୍ଞା ନା । ଚାଷବାସ କରୁଛୁ ।"

"ବେଶ୍ ଭଲରେ ଅଛ ତ ?"

"ଭଲରେ ରହିବାନ କାହିଁକି ?" ପ୍ରଫୁଲ୍ଲ ବିସ୍ମିତ ହୋଇ ପଚାରିଲା ।

ସେମାନେ ଯାଇ ବଜାରରେ ପହଞ୍ଚିଲେ । କମାଲ୍ ଗୋଟିଏ ଚା ଦୋକାନ ଆଗରେ ଠିଆହେଲା । ବେଶ୍ ପରିଷ୍କାର-ପରିଚ୍ଛନ୍ନ । ଚାରିଜଣ ଲୋକ ଚାଦର ଘୋଡ଼ାଇ ହୋଇ ବେଞ୍ଚ ଉପରେ ବସି ବଙ୍ଗଳା ଖବରକାଗଜ ପଢ଼ୁଥାନ୍ତି । ଗୋଟିଏ କଣରେ ଗ୍ରାମଫୋନ ବାଜୁଥାଏ । କାନ୍ଥରେ କଲିକତା ତିଆରି ଏକ ବଙ୍ଗଳା-ଫିଲ୍ମର ବିଜ୍ଞାପନ ଝୁଲୁଛି । ସେଠାରେ ଥିବା ଲୋକମାନେ ଘରୁ କଦଳୀ ଓ ଅନ୍ୟାନ୍ୟ ଫଳମୂଳ ଆଣି ଏମାନଙ୍କୁ ଭେଟି ଦେଲେ ।

"ଆପଣମାନେ ଯାତ୍ରୀ । ଆମର ଅତିଥି ! ଆପଣମାନଙ୍କର ସେବା ଆମର କର୍ତ୍ତବ୍ୟ ।" ଜଣେ ଦାଢ଼ୀବାଲା ମୁସଲମାନ କହିଲା ।

Digitized by PPRACHIN, SOA

କମାଲ୍ ଅବାକ୍ ହୋଇ ଏସବୁ ଦେଖୁଥିଲା ।

"ଏଇ ଲୋକମାନେ କ'ଣ ନୂଆଖାଲି ଅବା ବିହାର ରାଜ୍ୟରେ ପରସ୍ପରକୁ ବଳି ଦେଉଥିଲେ ?"

ପ୍ରଫୁଲ୍ଲର ନେତୃତ୍ୱରେ ସେମାନେ ପାହାଡ଼ ଉପରକୁ ଚଢ଼ିବାକୁ ଲାଗିଲେ । ସ୍ଥାନେ ସ୍ଥାନେ ସରସ୍ୱତୀପୂଜାର ଆୟୋଜନ ହେଉଥାଏ । ଘର ଆଗରେ ସରସ୍ୱତୀ ମୂର୍ତ୍ତିମାନ ସଜା ହୋଇଥାନ୍ତି । କମାଲ୍ ଗୋଟିଏ ମୂର୍ତ୍ତି ପାଖରେ ବସିଗଲା । ସ୍ମିଲ୍ ମଧ୍ୟ ସେଇଠି ବସିପଡ଼ି କହିଲା, "ତମ ଗାଆଁର କୁମ୍ଭାରମାନେ କେଡ଼େ କୁଶଳୀ କଳାକାର ସତେ !" ମୂର୍ତ୍ତି ଉପରେ ଧ୍ୟାନ ଦେଇ କହିଲା ସ୍ମିଲ୍ ।

"ହଁ !" କମାଲ୍ ଗର୍ବୀତ ସ୍ୱରରେ କହିଲା ।

ତା ପରେ ସେମାନେ ଆଗକୁ ପାହାଡ଼ ଉପର ରାସ୍ତାକୁ ଉଠିଲେ । ସେମାନେ ପାହାଡ଼ ଉପରକୁ ଉଠିବାର ପାହାଚରେ ପହଞ୍ଚିଗଲେ । ଦୁଇ ପାଖରେ ଘନ ଟ୍ରପିକାଲ୍ ଜଙ୍ଗଲ । ଅନ୍ଧାରିଆ ଗୁମ୍ଫା । ଚାରିଆଡ଼ ନିବିଡ଼ ନିସ୍ତବ୍ଧତାରେ ଭରା । ପ୍ରାୟ ହଜାରେ ଭଙ୍ଗା-ଦଦରା ପାହାଚମାନ ପାହାଡ଼ ଶୀର୍ଷକୁ ଲାଗିଛି । ଶୀର୍ଷରେ ଗନ୍ଧକ କୁଣ୍ଡରେ ନିଆଁ ଜଳୁଛି ।

"ସୀତା ମହାରାଣୀଙ୍କୁ ରାବଣ ଲଙ୍କାରୁ ଆଣି ଏଠି ରଖୁଥିଲା"—ପ୍ରଫୁଲ୍ଲ ସୂଚନା ଦେଲା ।

ସାଧୁ କେତେଜଣ ଯାଉଥିବାର ଦେଖାଗଲେ । ସ୍ମିଲ୍ ଉପରେ ପହଞ୍ଚି ଏକ ଗଛକୁ ଆଉଜି ଠିଆହେଲା । ଅନ୍ଧକାର ଗମ୍ଭୀର ହେଉଥିଲା । ଭଙ୍ଗାଦଦରା ପାହାଚଗୁଡ଼ିକ-ତଳେ ଝରଣା ବହିଯାଉଛି । ସନ୍ଧ୍ୟାର ଗମ୍ଭୀର ନିର୍ଜନତା ଭିତରେ ପକ୍ଷୀମାନଙ୍କର ଶବ୍ଦ, ପତ୍ରର ମର୍ମରଧ୍ୱନି, ଜଳର କଳକଳ ନାଦ, ପୂଜାରୀମାନଙ୍କର ମୃଦୁ ମନ୍ତ୍ରୋଚ୍ଚାରଣ ସବୁ ମିଶିଯାଉଥିଲା ।

"ଏବେ ଚାଲ ଫେରିଯିବା । ଆମକୁ ଦଶଟା ଟ୍ରେନ୍ ଧରିବାକୁ ପଡ଼ିବ ।" କମାଲ୍ ସ୍ମିଲ୍‌କୁ ସ୍ମରଣ କରାଇଦେଲା ।

ତା'ପରେ ସେମାନେ ଓହ୍ଲାଇବାକୁ ଲାଗିଲେ । ଗାଁର ଚା' ଦୋକାନରେ ସେମାନଙ୍କ ଅଭ୍ୟର୍ଥନା ପାଇଁ ଗାଁଲୋକେ ବ୍ୟବସ୍ଥା କରିଥାନ୍ତି । ସେଠାରୁ ସେମାନେ ଚା' ବିସ୍କୁଟ ଖାଇ ଷ୍ଟେସନ ଆଡ଼କୁ ମୁହାଁଇଲେ । ଗାଁରୁ କେତେକ ଲୋକ ସେମାନଙ୍କୁ ବଳେଇ ଦେବାପାଇଁ ଷ୍ଟେସନ ପର୍ଯ୍ୟନ୍ତ ଆସିଲେ । ଗାଁର ପିଲାମାନେ ଏମାନଙ୍କଠାରୁ ବକ୍‌ସିସ୍ ନେବାକୁ ଚାହିଁଲେ ନାହିଁ । 'ପ୍ରଫୁଲ୍ଲ' ବି କିଛି ନେବାକୁ ମନା କଲା ।

ଷ୍ଟେସନ୍‌ରେ ପହଞ୍ଚି ଚଟ୍ଟଗ୍ରାମକୁ ଫେରିଆସିବାକୁ ଟ୍ରେନ୍ ଚଢ଼ିଲେ । ଆଲୋକଉଜ୍ଜ୍ୱଳ

Digitized by PPRACHIN, SOA

ଚଟ୍ଟଗ୍ରାମର ପିଟର ଜେକ୍‌ସନ୍-ବାର ରୁମ୍ ସେମାନଙ୍କୁ ଯେପରି ପ୍ରତୀକ୍ଷା କରି ରହିଛି !

ପରଦିନ ସିଲହଟ୍‌ରୁ କମାଲ ଓ ସ୍ମିଥ୍ ଶ୍ରୀମଙ୍ଗଲ ଗଲେ । ବହୁ ସମୟବ୍ୟାପୀ ଯାତ୍ରା କରିବାକୁ ପଡ଼ିଲା । ନଦୀ, ଘଞ୍ଚ ଅରଣ୍ୟ ଭେଦ କରି ସେମାନେ ସ୍ମିଥ୍‌ର ବଙ୍ଗଳାଘର ପାଖରେ ପହଞ୍ଚିଲେ ।

ସହସା କମାଲ୍ ଅନୁଭବ କଲା ତା'ର ଅତି ଜଣାଶୁଣା ଏଇ ସ୍ମିଥ୍ କ୍ରମେ 'ବଡ଼ ସାହେବ' ରୂପରେ ପରିବର୍ତ୍ତିତ ହେଉଛି । ସ୍ମିଥ୍ ଗାଡ଼ି ବନ୍ଦ କରି ବଙ୍ଗଳା ଆଡ଼କୁ ଆଗେଇଗଲା । ତା'ର ଚାକରମାନେ ସ୍ୱାଗତ କରିବାକୁ ଆଗେଇ ଆସୁଛନ୍ତି । ବାରନ୍ଦା ଉପରେ ଠିଆହୋଇଥିବା ଶ୍ରମିକ କେତେଜଣ ଆନୁଗତ୍ୟ ପ୍ରକାଶ କରି ହାତ ଯୋଡ଼ୁଛନ୍ତି । ସ୍ମିଥ୍ କମାଲକୁ ସାଙ୍ଗରେ ଧରି ଗେଷ୍ଟ ରୁମ୍‌କୁ ଗଲା ।

"ଏଇ ତମର ରୁମ ।"

ଏଠି କମାଲ୍‌ର 'ଗୁଲ୍‌ଫିଶାଁ' ମନେ ପଡ଼ିଲା ।

ସ୍ମିଥ୍ ଡ୍ରାଇଭରକୁ ଡାକିଲାବେଳେ କମାଲ୍‌ର ମନେ ହେଲା ସମ୍ଭବତଃ କଦୀର ମିଆଁ ଏଇନେ ଧାଇଁଆସିବ ।

ବଙ୍ଗାଳୀ କିରାଣୀବାବୁ ଶ୍ରମିକମାନଙ୍କର ହିସାବକିତାବ ନେଇ ବାରନ୍ଦାରେ ଠିଆ-ହୋଇଛନ୍ତି । ଟ୍ରେଡ଼୍ ଇଉନିୟନର କର୍ମକର୍ତ୍ତା ସ୍ମିଥ୍‌ର ପ୍ରତୀକ୍ଷା କରିଛନ୍ତି । ସେଠାରେ ସ୍ମିଥ୍ ଓ ତାର ଅନେକ କର୍ମଚାରୀ, ଚାକର-ଚାକରାଣୀ ଅଛନ୍ତି । ଶ୍ରୀମଙ୍ଗଲର ବିସ୍ତୃତ ଅଞ୍ଚଳର ସ୍ମିଥ୍ ହେଉଛି ଏକଚ୍ଛତ୍ର ଅଧିକାରୀ !

ଏଇ ସ୍ମିଥ୍ କିଛି ଦିନତଳେ କେମ୍ବ୍ରିଜରେ ଖ୍ରେବଲେୟାର ଓ ଇଲ୍‌ୟଟ୍‌ଙ୍କ ବହି ଧରି ବୁଲୁଥିଲା । 'କୋହିନୂର' ହୋଟେଲକୁ ଯାଇ ମାଇକେଲ ସାଙ୍ଗରେ ଶସ୍ତା ଖାନା ଖାଉଥିଲା । ସେଇ ସ୍ମିଥ୍ ଆଜି ଶ୍ରୀମଙ୍ଗଲର ମାଲିକ !

ଦ୍ୱିପ୍ରହରକୁ ଲଞ୍ଚ ଖାଇ ସେମାନେ କ୍ଲବ ଗଲେ । କ୍ଲବରେ ଖାଇବା ପୂର୍ବରୁ କମାଲ୍ କେଉଁଆଡ଼େ ଅନ୍ତର୍ଧାନ ହୋଇଗଲା !

"ମି: ରଜା କୁଆଡ଼େ ଗଲେ ?" ସ୍ମିଥ୍ ବାରନ୍ଦାକୁ ଆସି ପିଟର୍‌କୁ ପଚାରିଲା ।

"ମୁଁ ଏଇନେ ତାଙ୍କୁ ନରୁଲ ଇସଲାମ ଚୌଧୁରୀଙ୍କ ସାଙ୍ଗରେ ବଗିଚା ଆଡ଼କୁ ଯାଉଥିବାର ଦେଖିଲି ।"

"ନରୁଲ ଇସଲାମ ଚୌଧୁରୀ ?"—ସ୍ମିଥ୍ ସ୍ତମ୍ଭୀଭୂତ ହୋଇ ଭାବିଲା ଦଣ୍ଡେ । ନରୁଲ ଇସଲାମ ଶ୍ରମିକମାନଙ୍କର ପ୍ରତିନିଧି । ରାତିରେ ସ୍ମିଥ୍ ସାଙ୍ଗରେ ସାକ୍ଷାତ କରିବାକୁ ଆସିଥିଲା; ମାତ୍ର ତାକୁ ସାକ୍ଷାତ କରିବାକୁ ମନା କରି ସକାଳେ ଆସିବାକୁ ସ୍ମିଥ୍ କହିଥିଲା । ସ୍ମିଥ୍ କମାଲ୍‌କୁ ଖୋଜିବାକୁ ବାହାରିଲା । ଶୂନଶାନ ସଡ଼କ ଉପରେ ବୁଲି

Digitized by PPRACHIN, SOA

କମାଲକୁ ଖୋଜିଲା ସେ; ମାତ୍ର କମାଲକୁ କେଉଁଠି ପାଇଲାନି । ବିରକ୍ତ ହୋଇ ଶେଷରେ ଚା' ବଗିଚା ଆଡ଼କୁ ଗଲା । ଚୁଡ଼ିର ଟୁଣଟାଣ ଶବ୍ଦ ଶୁଣି ଆଗକୁ ଚାହିଁଲା ।

ଝିଅଟିଏ ଖୁବ୍ ସାବଧାନରେ ଚା' ପତ୍ରଗୁଡ଼ିକ ତୋଳୁଛି ! ବଡ଼ସାହେବଙ୍କୁ ଦେଖି ସେ ଓଢ଼ଣା ଟାଣିଦେଲା । ହସିଲା ସ୍ମିଲ୍ । କିଛି ଭାବି ଭାବି ହଠାତ୍ ପଚାରି ବସିଲା —

"ତୋ'ର ନା କ'ଣ ?"

"ମୋ ନାଁ ? —ଚମ୍ପା ।"

"ଚମ୍ପା ?" ସ୍ମିଲ ଏପରି ଆବୃତ୍ତି କଲା, ସତେ ଯେପରି ପ୍ରଥମ କରି ଏ ନାଁଟା ଶୁଣୁଛି !

"ବେଶ୍ ଚମତ୍କାର ନାଁଟି"—ଏତିକି କହି ସେ ତରତର ହୋଇ କାର୍ ନିକଟକୁ ଫେରିଆସିଲା ।

ଝିଅଟା ଗଛ ଆଢୁଆଳରେ ସ୍ମିଲ୍ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ତାକୁ ଚାହିଁଥିଲା ।

ସେ ଏମିତି କେତେ ଅଶିଷ୍ଟ, ମଦମତ୍ତ ଇଂରେଜମାନଙ୍କୁ ଦେଖିଛି !

କ୍ଲବ୍ ଫେରିଆସି ସ୍ମିଲ ଆରାମ ଚେୟାର ଉପରେ ଧଡ଼ାସ୍ କରି ଶୋଇଗଲା ।

ମନେ ମନେ ସେ ନିଜର ସଂଭ୍ରାନ୍ତ ପରିବାରର ଦୃଶ୍ୟ ସାଉଁଟିବସିଲା । ତାପରେ ସେ କମାଲର ଅନୁପସ୍ଥିତି ନେଇ ଗମ୍ଭୀର ଚିନ୍ତାମଗ୍ନ ରହିଲା ।

ସନ୍ଧ୍ୟା ସମୟରେ ସ୍ମିଲ କମାଲର ଅଭ୍ୟର୍ଥନା ଉପଲକ୍ଷେ ଏକ ବିଶେଷ ଡିନର୍ ର ବ୍ୟବସ୍ଥା କରିଥିଲା । ତା'ର ଅନୁପସ୍ଥିତିରେ ଅତିଥିମାନଙ୍କର ପରିଚର୍ଯ୍ୟା କରି ବ୍ରିଜ ଖେଳିବାକୁ ବସିଗଲା । ଅନେକ ରାତିରେ କମାଲ୍ ସ୍ମିଲ୍ ର ବଙ୍ଗଳାକୁ ଫେରିଲା । ସ୍ମିଲ୍ ତା'ରି ଅପେକ୍ଷାରେ ଡ୍ରଇଁ ରୁମରେ ବସି ବହି ପଢୁଥାଏ ।

"ଏତେବେଳଯାଏ କେଉଁଠି ଥିଲ ?"

"ଏଇ ଏମିତି ବୁଲୁଥିଲି ।"

"ଶ୍ରମିକ ବସ୍ତିରେ ?"

"ହଁ ।"

"ମୁଁ ଠିକ୍ ସେଇଆ ଅନୁମାନ କରୁଥିଲି ।"

"ତୁମେ କ'ଣ ଏଥିରେ ଅସନ୍ତୁଷ୍ଟ ?"

"ନା ତ ।"

"ଏଠି ଶ୍ରମିକମାନଙ୍କୁ ଦୈନିକ କେବଳ ପାଞ୍ଚସିକିଆ ମିଳୁଛି ?"

"ହଁ !"

Digitized by PPRACHIN, SOA

"କୌଣସି ଟ୍ରେଡ ୟୁନିୟନ ଏଠି ନାହିଁ ?"

"ନା, ନାହିଁ ।"

"କିଛି କମ୍ୟୁନିଷ୍ଟ ଏଲିମେଣ୍ଟ ?"

"ମୁଁ ଜାଣେ ନା ।"

"ଫାଜିଲ ବନ୍ଦକର । ତୁମକୁ ସବୁ ଜଣାଅଛି ।"

"କମାଲ ! ଦୁନିଆର ଦାୟିତ୍ୱ ମୁଁ ଅନେକ ଦିନ ହେଲା ନିର୍ବାହ କରିଆସୁଛି । ତୁମେ ବି ଏ ବୋଝରୁ ମୁକ୍ତ ପାଇଲଣି । ପୁଣି ଏପ୍ରକାର ଜିଦ୍‌ରେ ଲାଭ କ'ଣ ? ତୁମେ କ'ଣ ନିଜକୁ ସାନ୍ତ୍ୱନା ଦେବାକୁ ଚାହିଁ ଯେ ତୁମେ ଅପରାଧୀ ନୁହଁ । ତୁମେ ମୋଠାରୁ ତେର୍ ବେଶୀ ଅପରାଧ କରିଛ ।"

"କମାଲ ନୀରବ ରହିଲା । ସ୍ମିଲ୍ ତା' ପାଇଁ ଗ୍ଲାସରେ ହୁଇସ୍କି ଢାଳିଲା ।

"ମୁଁ ଯାହା ଡମଭଳି ଗୋଟାଏ ଅମଣିଷ ସାଙ୍ଗରେ ମିଶିଲି ! ପୁଣି ତମର ସାଥୀ ପ୍ଲାଣ୍ଟର ନୀହାରରଞ୍ଜନ ଦାସଗୁପ୍ତା !" କମାଲ କହିଉଠିଲା ।

"ଦାସଗୁପ୍ତା ? ତା ସାଙ୍ଗରେ ତମର କେଉଁଠି ଦେଖାହେଲା । ତୁମେ କ'ଣ ବସ୍ତିରୁ ଫେରି କ୍ଲବ୍ ଯାଇଥିଲ ?"

"ନା—ମୁଁ ଚାଲି ଚାଲି ଆସୁଥିଲି । ମୋର ସାହେବୀ ପୋଷାକ ଦେଖି ସେ ମୋତେ ଲିଫ୍ଟ୍ ଦେଇ ଏଠ ଛାଡ଼ିଦେଲା ।"

ସ୍ମିଲ ଦ' ଗ୍ଲାସ ହୁଇସ୍କି ଢାଳିଲା ।

କମାଲ କହିଚାଲିଥାଏ—"ମୁଁ ଦାସଗୁପ୍ତାକୁ ଦେଶ ଛାଡ଼ିବା କଥା ପଚାରିଲି—ସେ ହସିଲା । ଭାରତ ସରକାର ଯେତେବେଳେ ସବୁ କିଛିର ରାଷ୍ଟ୍ରୀୟକରଣ କରିବାକୁ ତତ୍ପର, ସେତେବେଳେ ପାକିସ୍ତାନ ଛାଡ଼ି ସେଠାକୁ ଗଲେ କ'ଣ କିଛି ବ୍ୟବସାୟ କରିହେବ ? ସେଠି ସମାଜବାଦର ଇଗଲ୍ ଡେଣା ପିଟିବାକୁ ଡେରି ନାହିଁ ।"

ସ୍ମିଲ୍ କିଛିକ୍ଷଣ ମୌନ ରହି କହିଲା—"ମୁଁ ତମକୁ ପୁଣି ସେଇ ପରାମର୍ଶ ଦେଉଛି—ଦୁନିଆଯାକର ଘଟଣାରେ ମୁଣ୍ଡପୂରାଇବା ତମର ଯେଉଁ ଅଭ୍ୟାସ, ଏବେ ତାକୁ ଛାଡ଼ିଦିଅ, ନଚେତ୍ ଅସୁବିଧା ହେବ ।"

କମାଲ ଉଦ୍‌ଗତ ହୁଇସ୍କି-ଗ୍ଲାସକୁ ଦେଖୁଥାଏ । ପରଦିନ ସେମାନେ ରାଜସାହି ଅଭିମୁଖରେ ବାହାରି ସାନ୍ତାଳ ବସ୍ତିରେ ପହଞ୍ଚିଲେ । ଖ୍ୟାତନାମା ଶିଳ୍ପୀ 'କେମ୍ବୁଲ୍-ଆବେଜିନ'ଙ୍କ ଓ୍ୱାଟର-କଲର ସେମାନଙ୍କୁ ଦେଖି ଏ ଛବିପରି ବିଚରାମାନଙ୍କ ପ୍ରତି ମନରେ ଖୁବ୍ ରୋମାଣ୍ଟିକ କଳ୍ପନା ଜମାଟ ବାନ୍ଧିଥିଲା ।

"ମାତ୍ର ବାସ୍ତବରେ ସେମାନେ ଅତି ଗରିବ । ସେଇଥିପାଇଁ ଗଛର ଚେରମୂଳ

Digitized by PPRACHIN, SOA

ଖାଇ ବଞ୍ଚୁଛନ୍ତି ।”

ସ୍ମିଲ୍ କପ୍ ଚଳାଉ ଚଳାଉ କହିଲା—“ମୋର ବି ପ୍ରଥମେ ଏମାନଙ୍କୁ ଦେଖି ଏଇଭଳି ମନ ଭାଙ୍ଗି ଯାଇଥିଲା ।”

ସାନ୍ତାଳମାନଙ୍କ ସାଙ୍ଗରେ ଏଇ ଅବସରରେ ଏ ଦୁହିଙ୍କର ଘନିଷ୍ଠତା ବଢ଼ିଯାଇଥିଲା । ଯେଉଁ ଦିନ ଏମାନେ ଫେରୁଥିଲେ ଏକ ଗାଁର ସମସ୍ତ ସାନ୍ତାଳ ତାଙ୍କର ଫେରିବା ବାଟରେ ଭିଡ଼ବାନ୍ଧି ଠିଆହୋଇଗଲେ । ରାସ୍ତା ବହୁତ ଖରାପ । ସାନ୍ତାଳ ବସ୍ତିରେ ବୁଲି ଲୋକ-ଜୀବନ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଅର୍ଜନ କଲେ ।

ରାତିରେ ବ୍ରଜସାହ୍ମି ସର୍କିଟ ହାଉସରେ ରହିଲେ । ପାଖରେ ଗଙ୍ଗା ନଦୀ ବହିଯାଉଛି । ଆରପାଖରେ ମୁର୍ଶିଦାବାଦ । ମୁର୍ଶିଦାବାଦ ? ସିରାଜୁଦ୍ଦୌଲା ? କର୍ଣ୍ଣେଲ କ୍ଲାଇବ ? କି ବେକାର କଥା ! ସେ ଦୁହେଁ ଅନ୍ଧାରରେ ଗଙ୍ଗାକୂଳରେ ବୁଲନ୍ତି । ଟିକିଏ ଦୂରକୁ ଜିଲ୍ଲା ଅଧିକାରୀମାନଙ୍କ କୋଠି । ତା’ ଆଗକୁ ବଜାର । କେତେ ଗଳି, ଉପଗଳି । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଉଦାସ ଘରସବୁ !

“ଘରଗୁଡ଼ାକ କି କାହାଣୀ ଶୁଣାଉଛନ୍ତି ?” ସ୍ମିଲ୍ ମନକୁ ମନ କହିଲା ।

“ଗଛ ଗୁଳ୍ମଇତଳେ ବଡ଼ ବଡ଼ ହିନ୍ଦୁ ଜମିଦାରମାନଙ୍କ କୋଠି ଲୁଚିରହିଛି । ଘର-ଗୁଡ଼ାକ ଶୂନ୍‌ସାନ୍ ।

ସେଠାରୁ ସେମାନେ ଢାକା ଫେରିଆସି ନିଜ ନିଜ ଧନ୍ଦାରେ ମନ ଦେଲେ । ପ୍ରତି ଦିନ ସଂଧ୍ୟାରେ କ୍ଲବରେ ତାଙ୍କର ସାକ୍ଷାତ ହୁଏ । କାମ ସରିବା ପରେ ସ୍ମିଲ୍ ଢାକାରେ ଅଣଓସାରିଆ ଗଳିକନ୍ଦିରେ ଘୂରିବୁଲି ଘୋଡ଼ାଗାଡ଼ି ସବୁ ଦେଖେ । ଗଳିର ଦୃଶ୍ୟ ଦେଖି ସେ ‘ରବିଠାକୁର’ ଓ ‘ସୀତା ଦେବୀ’ଙ୍କ ଉପନ୍ୟାସ ମନେପକାଏ ।

ପର ଦିନ କମାଲ୍ ଢାକା ଛାଡ଼ି ଉଡ଼ାଜାହାଜରେ କଲିକତାରେ ପହଞ୍ଚିଲା । ସେଠାରୁ ଟ୍ରେନ୍‌ରେ ଲକ୍ଷ୍ନୌ ଚାଲିଗଲା । ହାଓଡ଼ା ଷ୍ଟେସନରେ ଗାଡ଼ି ଚଢ଼ିଲାବେଳେ ଦେଖିଲା, ଜଣେ ପୁଲିସ୍ ଅଫିସର ତାକୁ ଅନୁସରଣ କରୁଛି । ସେ ଭିସା ପରିଚୟପତ୍ରଗୁଡ଼ିକ ଉପରେ ହାତ ବୁଲାଇ ଦେଖିନେଲା । ନାଃ । ସବୁ ଠିକ୍ ଅଛି । ସେ ବେଆଇନ୍‌ଭାବେ ତ ଭାରତ ଆସିନି । ଟ୍ରେନ୍ ଚାଲିଥାଏ । ତାକୁ ଲାଗିଲା, ସମସ୍ତଙ୍କ ଆଖି କମାଲ୍ ଉପରେ ! ସେମାନେ ଯେପରି ସନ୍ଦେହଭରା ଦୃଷ୍ଟିରେ ତାକୁ ଚାହୁଁଛନ୍ତି । ସେମାନଙ୍କ ଆଖିର ଭାଷା ଯେପରି ମୁଖର ହୋଇଉଠୁଛି—‘ଊ ପାକିସ୍ତାନୀ ଗୁପ୍ତଚର···ମୁସଲମାନ ଜାସୁସ୍ । ଥାନାକୁ ଚାଲ······ ।’ ମନ ତାର କ୍ଷଣକ୍ଷଣକେ ଶିହରି ଉଠୁଥାଏ ।

‘ଚାରବାଗ୍’···ଲକ୍ଷ୍ନୌ । ଗାଡ଼ି ଆସି ଚାରବାଗରେ ପହଞ୍ଚିଲା । ସେ ନିଜ ସମ୍ପର୍କୀୟଙ୍କ ଘରେ ଦୁ’ଦିନ ରହିଲା ଭିତରେ ଶୁଣିଲା ଯେ ଚମ୍ପା ଭାରତ ଫେରିଆସି ତାର ଚାଚାଙ୍କ

Digitized by PPRACHIN, SOA

ପାଖରେ ମୁରାଦାବାଦରେ ରହୁଛ । ସେ ଭସାରେ ମୁରାଦାବାଦ ନାଁଟା ଯୋଡ଼ି ଦେଇ ସେଠାକୁ ଗଲା । ଷ୍ଟେସନଠାରୁ ଚମ୍ପାର ଗୁରୁଙ୍କ ଠିକଣା ଖୋଜି ଖୋଜି ଇପ୍‌ସିତ ଘର-ଠାରେ ପହଞ୍ଚିବାକୁ ଅନେକ ସମୟ ଲଗିଲା ।

ଚମ୍ପା ଅଗଣାରେ ଖଟ ଉପରେ ବସିଥିଲା । କମାଲକୁ ଦେଖିବାମାତ୍ରେ ବହୁଳିତ କଣ୍ଠରେ ସମ୍ବୋଧନ କରି ଉଠିଲା—

"ହଲେ ! କମାଲ !"

"ଚମ୍ପାବାଈ !"

ଚମ୍ପା କହିଉଠିଲା—"ଚାଲ, ଗୁରୁଙ୍କ ନୂଆ ଘରକୁ ଯିବା । ସେମାନେ ସବୁ କେହି ନାହାନ୍ତି । ସେଇଠି ବସି କଥା ହେବା ।"

ଚମ୍ପା ଅଲଗୁଣୀରୁ 'ଦୁଲଈ' କାଢ଼ି ବୁର୍ଖାରେ ଆଚ୍ଛାଦିତ ହେଲାଭଳି ନିଜକୁ ଲୁଚାଇ ବାହାରୁ ବାହାରୁ କହିଲା, "ଆମର ଏଠାରେ ବୁର୍ଖା କାମଟା ଲୁଗା ଚାଦରରେ ଚଳିଯାଏ ।"

ସେମାନେ ପ୍ରାଚୀନ ମସଜିଦ୍ ନିକଟରେ ପହଞ୍ଚି ଅନ୍ୟ ଏକ ଗଳିରେ ପଶିଲେ । ପାଖରେ ଶ୍ମଶାନ ।

"ଏଇଟା··· ?" କମାଲ୍ ଶ୍ମଶାନ ଆଡ଼କୁ ହାତ ବଢ଼ାଇଲା ।

"ଆମେ ବି ଦିନେ ଏଇଠିକି ଆସିବା ।" ଚମ୍ପା ବିଶ୍ୱାସର ସହିତ ଉତ୍ତର ଦେଲା ।

କିଛି ବାଟ ଚାଲିଲାପରେ ସେମାନେ ଆସି ଚମ୍ପାର ଗୁରୁ ମିଆଁଙ୍କ ଘରେ ପହଞ୍ଚିଲେ । ସେଠାରେ କେହି ନଥାନ୍ତି । ଚାରିଆଡ଼ ଶୂନ୍‌ସାନ୍ ।

"ଏଠି କ'ଣ କେହି ରହୁନାହାନ୍ତି ?" କମାଲ୍ ଭୟଭୀତ ହୋଇ ପଚାରିଲା ।

"ନା । ଅସଲ ଘରଟା କିନ୍ତୁ ଭିତରେ ଅଛି । ଭିତରକୁ ଚାଲ; ତମକୁ କେହି ଏଠାରେ ଲକ୍ଷ କରିବେନି ।" ଚମ୍ପା କହିଲା ।

ସେମାନେ ଭିତରକୁ ଗଲେ ।

"ଗୁରୁ ଅବା ! ଏ କମାଲ ।" ଚମ୍ପା ପାଛିକରି କମାଲର ପରିଚୟ ଦେଲା ।

ଗୁରୁ ଅବା ପଲଙ୍କରୁ ଉଠି କମାଲକୁ ସ୍ୱାଗତ କଲେ ।

ଲଣ୍ଠନଟିଏ ଧରି ଝିଅଟିଏ ବେପେଇ ଘରକୁ ଚାଲିଗଲା । ଆଉ ଗୋଟିଏ ଝିଅ ଅଗଣାରେ, ମେଜ ଉପରେ ବସି ପଢ଼ୁଥାଏ । ମଧ୍ୟବିତ୍ତ ପରିବାରର ଦୟନୀୟ ଅବସ୍ଥା ଘରର ପ୍ରତି କୋଣ ଅନୁକୋଣରେ ବିଦ୍ୟମାନ । ପାଦଶବ୍ଦ ଶୁଣି ଅଗଣାରେ ପଢ଼ୁଥିବା ଝିଅଟିଏ ମୁଣ୍ଡଟେକି ଚାହିଁଲା । କମାଲ୍ ଅନ୍ୟ ଦିଗକୁ ମୁହଁ କରି ଦେଖିବାକୁ ଲାଗିଲା । ସେ ମଧ୍ୟବିତ୍ତ ପରିବାରର ଝିଅମାନଙ୍କ ରୋମାନସ୍ ବିଷୟରେ ଶୁଣିଥିଲା । ଏଇ ଝିଅ-

Digitized by PPRACHIN, SOA

ମାନଙ୍କ ମଧ୍ୟରୁ କେହି ସେମିତ ରୋମାନସ୍ ଆରମ୍ଭ କରିଦେଲେ କଥା ସରିଲା । ତା'ପରେ ଲମ୍ବା ଲମ୍ବା ପ୍ରେମପତ୍ର ! କମାଲ୍ ଏହା ଆଦୌ ଚାହୁଁ ନ ଥିଲା । କ୍ରମେ ସେ ଅତିଷ୍ଠ ହୋଇଉଠୁଥିଲା ।

ଏମାନେ ମୋର କଜିନ୍ । ଏହା' ନାଁ 'ଜେବୁନ୍ନିସା', ଦିଲ୍ଲୀରୁ ଏମ୍. ଏ. ପାସ କରିଛି । ଆଉ ଏ ପିଲାଟି ନାଁ 'ମେହେରୁମ୍ କମାଲ'—ଏରି କଲେଜରରେ ଏମ୍. ଏସ୍-ସି. କରୁଛି ।" ଚମ୍ପା ଝିଅମାନଙ୍କର ପରିଚୟ ଦେଲା ।

କମାଲ୍ ନୀରବ ରହିଲା ।

ଚାଚା ମିଆଁ ଅସ୍ତେ ଆସ୍ତେ କଥା ଆରମ୍ଭ କଲେ । ସେଇ ପୁରୁଣା କଥା—ପାକିସ୍ତାନ, ହିନ୍ଦୁସ୍ତାନ । ଏ ବିଷୟରେ ଅନେକ କଥା ସେ ଆରମ୍ଭ କରିଦେଲେ ।

"ଏଠୁ ସମସ୍ତେ ଚାଲିଗଲେ । 'ରୁହିଲଖଣ୍ଡ' ଖାଲି ହୋଇଗଲା; ଆମେ କେବଳ କେତେ ଜଣ ବୁଢ଼ା ଏଠି ରହିଗଲୁ···ଆମ ପରେ ଏ ଅଞ୍ଚଳ ଆହୁରି ଶୂନ୍‌ଶାନ ଲାଗିବ ।"

କମାଲ୍ ପଦଚାରଣା କରିବାକୁ ଲାଗିଲା । ମାରିୟମ୍ ଚା' ତିଆରି କରି ଆଣୁଥାଏ ।

"ପାକିସ୍ତାନର ଖବର କ'ଣ ?" ଚାଚା ପଚାରି ବସିଲେ । "ପାକିସ୍ତାନରେ ପଞ୍ଜାବୀମାନେ ୟୁ. ପି. ଲୋକଙ୍କ ଉପରେ ଯେପରି କୁଦୃଷ୍ଟି ପକାଇଛନ୍ତି, ସେକଥା ମୋ ଭଣଜା ଚିଠିରେ ଲେଖେ, 'ଆରେ ବାବୁ ଆମେ ତ ଫସିଗଲେ'···ତାପରେ ଏଠାକାର କଥା । ସୁଖଦୁଃଖ, ସୁବିଧା ଅସୁବିଧା ଏଇମିତି ଅନେକ କିଛି ।"

କମାଲ୍ ଆଜି ଚମ୍ପାକୁ ଜୀବନଦର୍ଶନର ଗୋଟିଏ ପାହାଚରୁ ଆର ପାହାଚରେ ଠିଆ ହୋଇଥିବାର ଦେଖୁଛି । କ୍ଷଣକ ପାଇଁ ସେ ଆଖିବୁଜି ଭାବିବାକୁ ଲାଗିଲା । ଲକ୍ଷ୍ନୌ, ପ୍ୟାରିସ୍, କେମ୍ବ୍ରିଜ୍, ଲଣ୍ଡନବାଲୀ ଚମ୍ପା !! ମୁରାଦାବାଦର ଅନ୍ଧାରିଆ ବସ୍ତିର ଚମ୍ପା ! ମିଡ଼ିଲ୍ କ୍ଲାସର ଚମ୍ପା ! ଚମ୍ପା ବାହାଦୂର !! ଖୁବ୍ ବଢିଆ !!!

କମାଲ୍ ମୁରାଦାବାଦରେ ଦୁଇଦିନ ରହିଲା । ଏହାଭିତରେ ସେ ମଧ୍ୟବିତ୍ତ ପରିବାରର ଅବସ୍ଥା, ଝିଅମାନଙ୍କର ସାଇକଲୋଜି ବିଷୟରେ ଚମ୍ପା ସାଙ୍ଗରେ ଆଲୋଚନା କରି ତା'ର ହୃଦ୍‌ବୋଧ ହୋଇଛି ଯେ ମଧ୍ୟବିତ୍ତ ପରିବାରର ଅନୂଢ଼ା ଝିଅ ରୋମାନ୍‌ସର ସଦୁପଯୋଗ କରିବାରେ ବେଶ୍ ସଂଯତ ।

ଜେବୁନ ଓ ମାରିୟମ୍—ଗରିବ ଘର ଝିଅ ହେଲେ ବି ବେଶ୍ ଆତ୍ମବିଶ୍ୱାସୀ, ପ୍ରତ୍ୟୟଶୀଳ ।

"ମୁଁ ୧୯୪୧ ମସିହାରେ ଏ ଦୁଇଜଣଙ୍କ ପରି ହୋଇଥାନ୍ତି କି ?"—ଚମ୍ପା କମାଲର ମନକଥା ପଢ଼ିପାରିଲା ଭଳି କହିଲା ।

"ଆମମାନଙ୍କ ହାତରେ ପ୍ରକୃତରେ କିଛି ହେଉନାହିଁ ।" କମାଲ୍ କହିଲା । ସେ

Digitized by PPRACHIN, SOA

ଯେମିତ ବୁଡ଼ା ହେଲଭଳି ଅନୁଭବ କରୁଥାଏ । ସାମନାରେ ବସିଥିବା ଚମ୍ପା ତାକୁ ଜଣେ ବୃଦ୍ଧା ନାରୀଭଳି ମନେ ହେଉଥାଏ ।

ଏ ଅପରିଚିତ ସହରରେ ତା'ର ଯେପରି ଶ୍ୱାସରୁଦ୍ଧ ହୋଇଯାଉଛି ! ତିକ୍ତ ଆତ୍ମଗ୍ଲାନିରେ କମାଲ୍ ଅତିଷ୍ଠ ହୋଇଉଠିଲା ।

ଚମ୍ପା କମାଲ୍‌କୁ ହରଶଙ୍କର ବିଷୟରେ ପଚାରିଲା ।

"ହରଶଙ୍କର ଏବେ ମୋର ବନ୍ଧୁ ହୋଇ ନାହିଁ ।" ସେ କେଉଁଠି ଅଛି ମୁଁ କପରି କହିପାରିବ ?"—ବିରକ୍ତି ପ୍ରକାଶ କରି କମାଲ୍ ଉତ୍ତର ଦେଲା ।

"ତୁମେ ତାକୁ କାହିଁକି ଚିଠି ଲେଖୁନା ଏବେ ?"

"ତୁମେ କଣ ବୁଝି ପାରୁନ, ମୁଁ କୌଣସି ବନ୍ଧୁ ନିକଟକୁ ଏବେ ଆଉ ଚିଠି ଲେଖୁନି । ହରଶଙ୍କର ଶ୍ରୀବାସ୍ତବକୁ କାହିଁକି ବା ଲେଖିବ ?"

"ତୁମେ ଏବେ ବି ସେମିତି ଭାବପ୍ରବଣ ହୋଇ ରହିଛ ।"

"ନା ! ଭାରତ-ପାକିସ୍ତାନ ସଂପର୍କ ନେଇ ମୁଁ ଖୁବ୍ ବ୍ୟସ୍ତ ହୋଇପଡ଼ୁଚି । ହରଶଙ୍କର ବୋଧହୁଏ ଏବେ ବାଙ୍ଗାଲୋରରେ ରହୁଚି । ତୁମେ କ'ଣ ଭାବୁଛ, ମୁଁ ନାଟକୀୟଭାବେ ତାକୁ ଯାଇ ଆଲିଙ୍ଗନ କରି ବସିବ ?"

ଚମ୍ପା ଧୀରେ ଧୀରେ କହିଲା, "ତୁମେ ବର୍ତ୍ତମାନ ପର୍ଯ୍ୟନ୍ତ ଧୈର୍ଯ୍ୟଶାଳୀ ହୋଇନାହଁ । କିଏ ଜାଣେ, ତୁମେ ହୁଏତ ହରଶଙ୍କର ସାଙ୍ଗରେ ସାକ୍ଷାତ କରିବାକୁ ଭୟ କରୁଛ । ଦେଖାହେଲେ ହୁଏତ ଦୁର୍ବଳତାର ସମସ୍ତ ବୋଝ ଅଜାଡ଼ି ତାକୁ ଜାବୁଡ଼ି ଧରି କାନ୍ଦି ବସିବ ।"

"ପୁରୁଣା ବନ୍ଧୁମାନଙ୍କ ସହ କେବେବେଳେ ହେଲେ ଦେଖା-ସାକ୍ଷାତ୍ ହେବ ।" ଉପଯୁକ୍ତ ଉତ୍ତର ନ ପାଇ କମାଲ୍ ଏହା କହିଲା ।

ଟପ୍ ଟପ୍ ହୋଇ ବର୍ଷା ପଡ଼ିବାକୁ ଲାଗିଲା । ବର୍ଷାରେ ଆର୍ଦ୍ର ମାଟିର ଗନ୍ଧ ପବନରେ ଭାସି କମାଲ୍ ପର୍ଯ୍ୟନ୍ତ ଆସିଲା । ଚମ୍ପା ଦୁଆରମୁହଁରେ ଠିଆ ହୋଇ ବାହାରକୁ ଚାହିଁଥାଏ ।

"ଚମ୍ପାବାଜୀ ! ତୁମେ ଏବେ କ'ଣ କରିବ ?"

ବଡ଼ ବିଚିତ୍ର ପ୍ରଶ୍ନ । ଭବିଷ୍ୟତ ବିଷୟରେ କାହାକୁ କିଛି ପଚାରିବା ବିଚିତ୍ର ନୁହେଁ ତ ଆଉ କ'ଣ ?

"ମୁଁ ? ମୁଁ ବନାରସ ଫେରିଯାଉଛି । ଜାଣିଛ, ମୋର ସେଇ ପୁରୁଣା ସହରର ନାଁ କ'ଣ ?"

"ଶିବ ପୁରୀ ।"

Digitized by PPRACHIN, SOA

"ହଁ – 'ଆନନ୍ଦନଗର'—ନିଶ୍ଚୟ ସେ ଦିନେ ନା ଦିନେ ଗୋଟିଏ ଆନନ୍ଦ-ନଗରରେ ପରିଣତ ହେବ । ଏ ଦେଶରେ ଦୁଃଖର ଖାଲଖମା ବା ସୁଖର ଘର ତୋଳିବା ମୋ ହାତର କଥା । ଅନ୍ୟ ସାଙ୍ଗରେ ମୋର କି ସମ୍ବନ୍ଧ ?" ଚମ୍ପା ନିଜ ହାତ କାଢ଼ି ଦେଖାଇଲା, "କେଉଁ କଳାକାର ବା ଜ୍ଞାନୀର ହାତରେ ଦେଶ ନିର୍ମାଣ ହେବନି । ଏଇ ଗୋଟିଏ ସାଧାରଣ ସ୍ତରର ମୋ ଭଳି ଗୋଟିଏ ଝିଅ—ଯିଏ କାମ କରିବାକୁ ବାହାରିଛି ତା'ରି ହାତରେ କେବଳ ପୁନଃ ନିର୍ମାଣ ସମ୍ଭବ ହେବ ।"

କିଛି ସମୟ ନୀରବ ରହିଲା ପରେ ଚମ୍ପା ପୁଣି ଆରମ୍ଭ କଲା, "କମାଲ୍ ! ତୁମେ କୁଆଁ ଚାଲିଗଲ ? ମୁଁ ପାକିସ୍ତାନ ଚାଲିଗଲେ କ'ଣ ପ୍ରତିଷ୍ଠିତ ହୋଇପାରିବିନି ? ମୁଁ ଯେ କେମ୍ବ୍ରିଜରୁ ଅନେକ ଡିଗ୍ରୀ ନେଇ ଆସିଛି ।"

ହଳଦିଆ ରଙ୍ଗର ଶାଢ଼ୀ ପିନ୍ଧି ଚମ୍ପାର ସମ୍ପର୍କୀୟ ଝିଅମାନେ ଅଗଣାରେ ବସି ହୋହୋଇ କରୁଥାନ୍ତି । ଚମ୍ପା ସେମାନଙ୍କୁ ଲକ୍ଷ୍ୟକରି କହିଲା, "ଆରେ, ଏ ଆଡ଼କୁ କିଏ କିଛି ପଠାଇବନି ?"

"ହଁ ଦେଇ—ଯାଉଛି ।" ଝିଅଟିଏ କହିଲା ।

କମାଲ୍ ଖଟ ଉପରେ ଆଉଜି ବସିଲା ।

ଜେବୁନ ପ୍ଲେଟରେ ପୁରି ନେଇ ଆସିଲା । ଖୁବ୍ ସହଜଭାବେ ପୁରିତକ ରଖିଦେଇ ଗୁଣୁ ଗୁଣୁ ଗୀତ ଗାଇ ତଳକୁ ଓହ୍ଲାଇଗଲା ।

"ତୁମେ କିଛି ଭାବୁଛ ?" ଚମ୍ପା କମାଲକୁ ଚିନ୍ତିତ ଦେଖି ପଚାରିଲା, "କିନ୍ତୁ କମାଲ୍ ! ଯେତେଦୂର ସମ୍ଭବ ବ୍ୟକ୍ତିଗତ ପ୍ରଶ୍ନ କରିତ ! ମୁଁ ତମଠାରୁ ବେଶୀ ଭାଗ୍ୟବତୀ । ମୁଁ ରାସ୍ତା ପାଇଯାଇଛି ।"

"ତୁମେ ଠିକ୍ କହୁଛ ଚମ୍ପାବାଈ !"

ମୁଁ ଗୋଟିଏ ଅତି ସାଧାରଣ ସ୍ତରର ଝିଅ । ମୁଁ ଯଦି ଭଗବାନଙ୍କ ଆଶୀର୍ବାଦ ପାଆନ୍ତି ତା ହେଲେ ମୋ ଦେହରେ 'ମିରାବାଈ', 'ମୁକ୍ତାବାଈ' 'ସେଣ୍ଟ ସୋଫିୟା' ଇତ୍ୟାଦିଙ୍କ ଲକ୍ଷଣ ପ୍ରକାଶ ପା'ନ୍ତା । କିନ୍ତୁ ମୁଁ ସାମାନ୍ୟ ଚମ୍ପା ଅହମ୍ମଦ । ମୁଁ ଆହତ; ଅଥଚ ମୋ ଦେହର କ୍ଷତ କାହାକୁ ଦିଶୁନି ।"

ପବନ ଜୋରରେ ବହିବାକୁ ଲାଗିଲା । ପାଖ ପିଜୁଳିଗଛରୁ ପିଜୁଳି ଖସି ସିଡ଼ିରେ ପଡ଼ିଲା । ଚମ୍ପା ନିଜ ବାଳ ଭିତରୁ ଗୋଟିଏ ହଳଦିଆ ପତ୍ର ବାହାର କରିଦେଲା ।

"କମାଲ୍ ! ମୁଁ ବିଭିନ୍ନ ପ୍ରକାରର ପ୍ରଭାବଶାଳୀ ଲୋକଙ୍କ ସମ୍ପର୍କରେ ଆସିଛି । ସେମାନଙ୍କ ଭିତରୁ ପ୍ରତ୍ୟେକେ କେତେବେଳେ ସୁଖୀ କେତେବେଳେ ଦୁଃଖୀ ହୋଇଥାନ୍ତି । ମୁଁ ପ୍ରତ୍ୟେକଙ୍କୁ ପଚାରିଛି । ସୁଖର କାରଣ ଜିଜ୍ଞାସା କରିଛି । କିନ୍ତୁ

Digitized by PPRACHIN, SOA

ଅନେକେ ଏପରି ଅଛନ୍ତି ଯେଉଁମାନେ କି ଦୁନିଆର ଦୁଃଖ ସାଙ୍ଗରେ ନିଜର ଦୁଃଖ ମିଶାଇ ଦିଅନ୍ତି । କେତେ ସହଜ କଥା ସତେ ! ପାହାଡ଼ର ପାଦ ଦେଶରେ ପହଞ୍ଚି ଆମେ ଜାଣୁ ଯେ ଆମେ ନିଜେ ଓ ଆମର ଦୁଃଖ କେତେ ନଗଣ୍ୟ ।''

''ଆଠବର୍ଷ ପରେ ମୁଁ ବି ତମରି ଭଳି ଆପଣା ଦେଶକୁ ଫେରିଆସି ଏଠାକାର ଅବସ୍ଥା ଦେଖିଲି । କେତେକ ଜିନିଷ ଦେଖି ଆତ୍ମବିଭୋର ହେଲି, ଆଉ କେତେକ ଦେଖି ମୋର ମଥା ଲାଜରେ ତଳକୁ ହୋଇଗଲା । ମୋ ଆଗରେ ସମସ୍ୟାର ଉଚ୍ଚପାହାଡ଼ ଠିଆ ହୋଇଥିଲା । ସେତେବେଳେ ଜାଣିଛ କଣ ହେଲା— କିଏ କଣ କଲା ? ସେ କାନରେ ହାତ ଦେଇ ପାହାଡ଼ ଚଢ଼ିବା ଆରମ୍ଭକରିଦେଲା ।''

''ଏବେ ବି କଣ ଜାଣି ପାରୁ ନାହିଁ ଯେ ମୁଁ କ'ଣ କରିବାକୁ ଯାଉଛି—?''

ପରଦିନ କମାଲ ସେଠାରୁ ବିଦାୟ ନେଇ ଷ୍ଟେସନକୁ ଗାଡି ଧରିବାକୁ ଆସିଲା । ଚମ୍ପା ଦରଭଙ୍ଗା ଘରର ଦୁଆରେ ଠିଆ ହୋଇଥାଏ । ଏଇଭଳି ଅକ୍ସଫୋର୍ଡ ଷ୍ଟ୍ରିଟର 'ଚକ୍ରେ-ସରାଇ' କାଚ କବାଟ ପାଖରେ ଠିଆ ହେଲାବେଳେ ସେ ତାକୁ ଛାଡି ଆସିଥିଲା । ପୁଣି ଗୁଲଫିଶାଁ ପ୍ରାସାଦ ଛାଡ଼ି ଖାଇସାହେବ ଚାଲିଗଲା ପରେ ଫାଟକ ପାଖରେ ଅନ୍ଧାର-ଭିତରେ ଏମିତି ଏକୁଟିଆ ଠିଆହୋଇଥିଲା ଚମ୍ପା ।

ମାତ୍ର ଏବେ ଚମ୍ପା ଆଉ ଏକୁଟିଆ ନୁହେଁ । ସେ ସାମୂହିକ ଜୀବନର ଏକ ଅଂଶ । ସେ ଏବେ ଶୋଭାଯାତ୍ରାରେ ସାମିଲ ହୋଇଛି । ସାଙ୍ଗରେ ତା'ର ଗଳିକନ୍ଦି, ମସଜିଦ୍, ମୀନାର, କେବୁନ୍ , ମେରିଅମ୍ , ସଡ଼କ ଉପରେ ବାଟି ଖେଳୁଥିବା ପିଲାଏ, ଠେଲାବାଲା, ଗରିବ ବୁର୍ଖାବାଲୀ ସ୍ତ୍ରୀ ଓ ସମସ୍ତ ଜନତା ! ଚମ୍ପାବାଜୀ ଏ ସଭିଙ୍କର ସାଥୀ ହୋଇ-ଯାଇଛି । ଏମାନେ ସବୁ ଆଗକୁ ବଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି । ଦିନେ ନା ଦିନେ ଏମାନେ ଉପରକୁ ଉଠିବେ ।

''କଣ କରିବ ପାର୍ଟନର'' ଟ୍ରେନ୍‌ରେ ଯାଉଥିବାବେଳେ କମାଲ୍ ନିଜ ହୃଦୟକୁ ସମ୍ବୋଧନ କରି କହିଲା, ''ମୋର ଅନ୍ତିମ ଖୁବ୍ ଦୁଃଖପୂର୍ଣ୍ଣ ହେଲା ।''

ଡେରାଡୁନ ଷ୍ଟେସନରେ ଗାଡ଼ିରୁ ଓହ୍ଲାଇ କମାଲ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଫିସରେ ପହଞ୍ଚିଲା । ସେଠାରୁ ଫେରି ଆସି ସେ ଡେରାଡ଼ୁନ ସହରର ସୁନ୍ଦର ରାସ୍ତାରେ ବୁଲିବାକୁ ଲାଗିଲା । ପାଖରେ ନଈଟିଏ ବହିଯାଉଛି । ମାଜିଷ୍ଟ୍ରେଟଙ୍କଠାରୁ କମାଲର ପୂର୍ବପୁରୁଷଙ୍କ ଅଧିକାରରେ ଥିବା 'ଖାସ୍ବାଁ' କୋଠିର ଅସ୍ଥାବର ସମ୍ପତ୍ତି ନେବାକୁ ଅନୁମତିପତ୍ର ପାଇଁ ସେ ଏଠାକୁ ଆସିଛି । ୧୯୪୨ ମସିହାରେ ସେ ଏଠି ହରିଶଙ୍କର ସାଙ୍ଗରେ କଟାଇ-ଥିବା ବନ୍ଧୁତ୍ୱପୂର୍ଣ୍ଣ ସମୟଗୁଡ଼ିକୁ ମନେ ପକାଇଲା । ଅବଚେତନ ମାନସିକ ଅବସ୍ଥାରେ ସେ ଯେମିତି ହରିଶଙ୍କର ସାଙ୍ଗରେ ବୁଲୁଛି । ଆଳାପ କରୁଛି । ନିଜ ନିଜ

Digitized by PPRACHIN, SOA

ଜୀବନଦର୍ଶନକୁ ନେଇ ଯୁକ୍ତି କଲଭଳି ତାକୁ ମନେ ହେଉଥାଏ ।

ହଠାତ୍ ଗୋଟାଏ ଲମ୍ବା କାର ଆସି ପାଖରେ ରହିଗଲା । ସ୍ୱପ୍ନରାଜ୍ୟରୁ ଫେରିଆସି କମାଲ୍ 'ଖାସୁଁ ବା' କୋଠି ଆଗରେ ଠିଆହୋଇଥିବାର ନିଜକୁ ଆବିଷ୍କାର କଲା ।

କାର୍‌ରୁ ଜଣେ ସରଦାରଜୀ ଓହ୍ଲାଇପଡ଼ି ପଚାରିଲେ, "କାହାକୁ ଖୋଜୁଛ ?"

"ମୁଁ···ମୁଁ···" କମାଲ୍ ହଡ଼ବଡ଼େଇ ଗଲା ।

ସରଦାରଜୀ ସମ୍ଭବତଃ କମାଲ୍‌କୁ ଚୋର ବୋଲି ମନେ କରୁଛନ୍ତି । କମାଲ୍ ଫାଟକରେ ଲଗାହୋଇଥିବା ସାଇନବୋର୍ଡ଼ ଉପରେ ଆଖି ବୁଲାଇ ଆଣିଲା ।

"ନବାବ ତକି ରଜା ବାହାଦୂର ଅଫ୍ କଲ୍ୟାଣପୁର" କମାଲ୍ ପକେଟରୁ କାଗଜ-ପତ୍ର କାଢ଼ି ଦେଖାଇଲା ।

"ଓ···ଆପଣ···ମୁଭେବୁଲ ସମ୍ପତ୍ତି ସଂକ୍ରାନ୍ତରେ ଆସିଛନ୍ତି ନା ? ଭିତରକୁ ଆସନ୍ତୁ ।"

କମାଲ୍ ସରଦାର ସାଙ୍ଗରେ ବଗିଚା ରାସ୍ତାରେ ଚାଲିବାକୁ ଲାଗିଲା ।

"ଆପଣଙ୍କ ଷ୍ଟୋର ରୁମ୍ ଭଲଭାବେ ବନ୍ଦ ଅଛି । ଚାବି ଆଣିଛନ୍ତି ?"

"ହଁ···ଆଣିଛି ।"

ତଳ ରୁମ୍‌କୁ ଯାଇ ସରଦାରଜୀ କମାଲ୍‌କୁ ଚାବି ଦେଲେ ।

"ଷ୍ଟୋର ରୁମ ଖୋଲିବାକୁ ମୁଁ କାଲି ଆସିପାରେ କି ?" କମାଲ୍ ପଚାରିଲା ।

"ନିଶ୍ଚୟ ।" ସରଦାରଜୀ କମାଲ୍‌କୁ ତାଙ୍କ ଗାଡ଼ିରେ ହୋଟେଲରେ ଛାଡ଼ିଦେଇ ଆସିଲେ ।

କମାଲ୍ ପର ଦିନ ସକାଳୁ ପୁଣି 'ଖାସୁବାଁ'ରେ ପହଁଚିଲା । ବଗିଚାରେ ଯୁବତୀ କେତେଜଣ ବ୍ୟାଡ଼ମିଣ୍ଟନ ଖେଳୁଛନ୍ତି । ଭିତରେ ରେଡ଼ିଓ ବାଜୁଥାଏ । ବେଶ୍ ଶାନ୍ତି-ପୂର୍ଣ୍ଣ ବାତାବରଣ ! ସେ ଷ୍ଟୋର ରୁମ୍ ପାଖରେ ପହଁଚିଗଲା । ରୁମ୍ ଖୋଲିବା ଆଗରୁ ବାରନ୍ଦାରେ ବସିଗଲା ।

ବଂଶ ଶତାବ୍ଦୀ···ହିନ୍ଦୁସ୍ତାନର କେଉଁ ଗତାୟୁ ଯୁଗର ଲୋକଟିଏ ଭଳି ନିଜକୁ ଭାବୁଥିଲା ସେ । ତାର ପରିବାର ପରିଜନଙ୍କର କାର୍ଯ୍ୟରତ ଜୀବନଧାରା ଦିନେ ଏଠି ମୁଖରିତ ହେଉଥିଲା । ଅତୀତର ଐଶ୍ୱର୍ଯ୍ୟମୟ ଦିନ ଗୁଡ଼ାକର ଛବି ଚଳଚିତ୍ର ଭଳି ଆଖି ଆଗରେ ତା'ର ନାଚଉଠୁଥିଲା । ଶୀତଦିନରେ ସେ ପ୍ରାୟ ଲକ୍ଷ୍ନୌର 'ଗୁଲଫଶାଁ' ଛାଡ଼ି ଏଠାକୁ ଆସୁଥିଲା । ଅତୀତର ରଂଗୀନ ଅଭିଜାତ ଜୀବନର ଦୃଶ୍ୟ ଗୋଟିକ ପରେ ଗୋଟିଏ ଆଜି କମାଲ୍ ଆଖିଆଗରେ ଭାସିଉଠୁଚି ।

ସରଦାରଜୀଙ୍କ ପତ୍ନୀ ଗୋଟିଏ ରୁମ୍‌ରୁ ଅନ୍ୟ ରୁମ୍‌କୁ ଯିବା ଆସିବା ଓ ଦୁଆର ବନ୍ଦ

Digitized by PPRACHIN, SOA

କରିବାର ଶବ୍ଦରେ କମାଲର ଧ୍ୟାନ ଭଗ୍ନ ହେଲା । ସେ ପୁଣି ଅତୀତର ସାଂଭ୍ରାନ୍ତ୍ୟ ଭିତରୁ ବର୍ତ୍ତମାନକୁ ଲେଉଟି ଆସିଲା ।

ପକେଟରୁ ଚାବି ବାହାର କରି ଷ୍ଟୋର ରୁମ୍ ଖୋଲିଲା । ଭିତରକୁ ଯାଇ ଅନ୍ୟମନସ୍କ ଭାବେ ଆଲମାରି ଖୋଲି ପୁଣି ବନ୍ଦ କରୁଥାଏ । ସେ ସୁରକ୍ଷିତ ଜିନିଷଗୁଡ଼ାକ ଉପରେ ଦୃଷ୍ଟି ପକାଇଲା । ଏଇ ସବୁ ଜିନିଷକୁ ନେଇ ମଣିଷ ଆପଣାର କହି ଖୁସି ହୁଏ । ଏଇଭଳି ଅନେକ ଅସ୍ଥାବର ସମ୍ପତ୍ତି ଗୁଲ୍‌ଫର୍ଶା ଓ କଲ୍ୟାଣପୁର କୋଠିରେ ପଡ଼ିଥିବ । ଏଇ ସବୁ ପାଇଁ ଦୁନିଆରେ ଏତେ ହଟ୍ଟଗୋଳ !

କ୍ରମେ ମନରେ ତା'ର ବୈରାଗ୍ୟ ଭାବ ଉଦୟ ହେଉଥିଲା । ତା' ପରେ ସେ କାଗଜ-ପତ୍ର ଥିବା ସିନ୍ଦୁକ ଖୋଲିଲା । କେତେ ଚିଠି, କେତେ ଡକୁମେଣ୍ଟ । କମାଲର ରାଜୁଡ଼ା ପରିବାର ସଙ୍ଗେ ଭାରତୀୟ ଇତିହାସର ଅନ୍ତରଙ୍ଗ ପରିଚୟ ସେ ଚିଠିପତ୍ରରେ ଅଛି । ଇତିହାସ ଯେପରି ସଜୀବ ହୋଇ ବନ୍ଦ ସିନ୍ଦୁକ ଭିତରେ ମୁଖର ହୋଇଉଠୁଛି । ରୁମ୍‌ରୁ ବାହାରି ଆସିଲାବେଳେ କୋଡ଼ିଏ ବର୍ଷର ଗୋଟାଏ ଫଟୋ କମାଲ୍ ଆଖିରେ ପଡ଼ିଲା । ଫଟୋରେ ସ୍ୱର୍ଗୀୟ ବଡ଼ ଅବ୍‌ବା ହାଫିଜ ପିଲ୍ଲା ମଝିରେ ବସିଛନ୍ତି । ସେ କେଉଁଠାରୁ ବିଦାୟ ନେଇ ଆସିବା ଅବକାଶରେ ଏହା ଉଠିଛି । ପାଖରେ ଜିଲ୍ଲା କଲେକ୍‌ଟର ଓ ଅନ୍ୟାନ୍ୟ ପଦସ୍ଥ ଅଫିସରମାନେ ବସିଛନ୍ତି ।

କେତେ ଶାନ୍ତିମୟ ଜୀବନ ଥିଲା ଏମାନଙ୍କର ! କେତେ ଶାନ୍ତ ଥିଲା ଏମାନଙ୍କର ସମାଜ ! ! ମୁଁ ତାଙ୍କର ଉତ୍ତର ପୁରୁଷ, ଅଥଚ ଏକ ଲଜ୍ଜାକର ପରିସ୍ଥିତିରେ ପଡ଼ିଛି !

ବିଚରା ବୁଢ଼ା ଲୋକ ! ମୁଁ ତୁମଠୁ ନିଜକୁ ଲୁଚାଇ ପଳାୟନ କରୁଛି !

କମାଲ୍ ଖୁବ୍ ଧୀରେ ଫଟୋଟାକୁ ସେଠାରେ ରଖି ତାଲା ଦେଇ ଚାଲିଆସିଲା । ଦିଲ୍ଲୀ ଷ୍ଟେସନରେ ଭଣେଇ ସାହେବ କମାଲକୁ ଅପେକ୍ଷା କରି ରହିଥିଲେ । ତାଙ୍କ ସାଙ୍ଗରେ ସେ ବେଲି ରୋଡ଼କୁ ଆସିଲା । ଲିଜ୍ ବାରଣ୍ଡାରେ ଠିଆହୋଇ ଅପେକ୍ଷା କରୁଥିଲା । ତାକୁ କୁଣ୍ଢାଇ ଧରି ଲିଜ୍ କାନ୍ଦିଉଠିଲା । "କମ୍ମନ ! ତୁମେ ଆଉ ଯାଅନା । ନିର୍ମଳା ମରିଗଲା । ଶଙ୍କର ସବୁବେଳେ ବାହାରେ—ତୁମେ ପାକିସ୍ଥାନ ଚାଲିଗଲ···" କାନ୍ଦି କାନ୍ଦି ଲିଜବତୀର କଣ୍ଠ ରୁଦ୍ଧ ହୋଇ ଆସିଲା ।

କମାଲ୍ ଚୁପ୍‌ଚାପ୍ ବସି ବୁଝାଉଥାଏ ।

ସେ ତୁରନ୍ତ ସେଠାରୁ ଚାଲିଯିବାକୁ ଚାହୁଁଥାଏ । ଖାଇସାରିବା ପରେ ଭଣେଇଙ୍କ ସାଙ୍ଗରେ ସେ ନୂଆ ଦିଲ୍ଲୀ ବାହାରିଲା ।

"ଗୌତମକୁ ଫୋନ୍ କରିଦିଅ । ସେ ଚଣ୍ଡିଗଡ଼ ଯାଇଥିଲା; ସମ୍ଭବତଃ ଫେରି

Digitized by PPRACHIN, SOA

ଆସିଥିବ ।" ଭଣେଇ କହିଲେ ।

କମାଲ୍ ଅନିଚ୍ଛାସତ୍ତ୍ୱେ ଟେଲିଫୋନ୍ ଡାଇରେକ୍ଟରୀ ଉଠାଇ ପୃଷ୍ଠା ଓଲଟାଇ ନମ୍ବର ଡାଏଲ୍ କଲା ।

"ହାଲୋ ଗୌତମ । ତୁମେ ଏଇଠି ?" ଖୁବ୍ ଚେଷ୍ଟା କରି ଖୁସିଭରା କଣ୍ଠରେ କମାଲ କଥା ଆରମ୍ଭ କଲା । "ହଁ ମୁଁ ଢାକାରୁ ଏ ଆଡ଼େ ଆସିଛୁ । ହଁ, ମୋତେ ଛାଡ଼ି ଅନ୍ୟମାନେ ବେଶ୍ ମଜାରେ ଅଛନ୍ତି ।" ଏମିତି କେତେ ଭଲମନ୍ଦ ଦୁନିଆଯାକର କଥା । "ତମ କନଫରେନସ ସରିବା ପରେ ମୋତେ 'ଆଲ୍ପସ୍' ହୋଟେଲରେ ଅପେକ୍ଷା କରିବ । ମୁଁ ଯିବାକୁ ଚେଷ୍ଟା କରିବ ।"

କମାଲ୍ ଟେଲିଫୋନ ବନ୍ଦ କଲା । ଲିଜବଥ ଦୁଆରମୁହଁରେ ଠିଆହୋଇଥାଏ ।

"ଆଚ୍ଛା...ମୁଁ ଏବେ ଚଲିଲି..."

"ଖୁବ୍ ଶୀଘ୍ର ଆସିବ ।"

"ହଁ ହଁ..."

"ତମ ଜଳଖିଆ ପାଇଁ କ'ଣ ତିଆରି କରିବ ?"

"ଏଇସବୁ, ଯାହା ସବୁ ଥର କର ।"

ତା ପରେ ସେ ଯମୁନା ରୋଡ଼ ଆଡକୁ ବାହାରିଗଲା ।

ଭାଦ୍ର ମାସର ଖରା ଖୁବ୍ ଟାଣ ଲାଗୁଥିଲା । କମାଲ ଖୁବ୍ କ୍ଲାନ୍ତ ବୋଧ କରୁଥିଲା, ମନ ହେଉଥିଲା ଯେପରି ଚଢ଼େଇଟିଏ ଭଳି କରାଚୀକୁ ଉଡ଼ିଯିବ । ଆଉ କେବେ ହିନ୍ଦୁସ୍ଥାନକୁ ନଆସିବାକୁ ସେ ମନେ ମନେ ଠିକ୍ କଲା ।

"ଆରେ ! ଡଃ କ୍ରୋମର ଏଆଡ଼େ ଆସୁଛନ୍ତି ।" କମାଲ୍ କହିଉଠିଲା ।

ଦିଲ୍ଲୀର ଅବସାଦଗ୍ରସ୍ତ ଦ୍ୱିପ୍ରହର ତାଙ୍କ ସାହଚର୍ଯ୍ୟରେ ସୁଖପ୍ରଦ ହେବ ଭାବି କମାଲ୍ ଆଶ୍ୱସ୍ତି ଅନୁଭବ କଲା ।

"ହଲୋ ମାଇ ଡିଅର ବୟ !" ଡଃ କ୍ରୋମର ହାଣ୍ଡସେକ କରିବାକୁ ହାତ ବଢ଼ାଇଲେ ।

ସାଙ୍ଗରେ ତାଙ୍କର ସୁଚନା ବଲ୍ଗର ଝିଅଟିଏ ଥିଲା । ଗମ୍ଭୀର ହୋଇ ସେ କମାଲକୁ ପ୍ରତିନମସ୍କାର କଲା ।

"ମୁଁ ଡଃ କ୍ରୋମରଙ୍କୁ ମିଉଜିଅମ ବୁଲାଇ ଦେଖାଇବାକୁ ନେଉଛି । ଆପଣଙ୍କର ଯଦି କିଛି କାମ ନାହିଁ ଆମ ସାଥୀରେ ଆସନ୍ତୁ"—ଝିଅଟି କମାଲକୁ ଲକ୍ଷ୍ୟ କରି କହିଲା । ତା' ନାଁ ଅରୁଣା ବାଜପେୟୀ । କମାଲ ଆଖିବୁଜି ଦଣ୍ଡେ ନିର୍ମଳା କଥା ଭାବିଲା । ବସୁଧା ବଂଚ-ଥିଲେ ଏମିତି କିଛି ଗୋଟାଏ କାମରେ ବ୍ୟସ୍ତ ଥା'ନ୍ତା ।

Digitized by PPRACHIN, SOA

"ହଁ...ମୁଁ ଯାଇପାରେ ।"

ବ୍ରଡକାଷ୍ଟିଂ ହାଉସରୁ ଆଉ ଦୁ'ଜଣ ମାର୍କିନ ବୁଦ୍ଧିଜୀବୀ ଏମାନଙ୍କର ସାଙ୍ଗ ହେଲେ । ଡଃ ହୋମର୍ ଓ ତାଙ୍କ ସାଥୀ ଏକଦା ଏଇ କମାଲର ଦୃଷ୍ଟିଭଙ୍ଗୀ ନେଇ ଦୁନିଆକୁ ଦେଖୁଥିଲେ । ଏମାନେ ବସ୍ତୁର ରହସ୍ୟ ଉଦ୍‌ଘାଟନ କରିବାକୁ ସମର୍ଥ ହେଉଥିଲେ । ଜ୍ଞାନ ବ୍ୟତୀତ ବିବେକ ଏମାନଙ୍କ ନିକଟରେ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ବୁଦ୍ଧଜୟନ୍ତୀ ଉପଲକ୍ଷେ ଭାରତ ଆସି ଶ୍ରୀନଗରର ଏକ ହାଉସବୋଟରେ ସେମାନେ ରହୁଥାନ୍ତି ଓ ଭାରତୀୟ ମୂର୍ତ୍ତିକଳା ଉପରେ ଏକ ପୁସ୍ତକ ରଚନାରେ ମନୋନିବେଶ କରିଥାନ୍ତି ।

ରାଷ୍ଟ୍ରପତି ଭବନ ନିକଟରେ ପହଞ୍ଚି ହୋମର୍ ସିଂହାକୃତି ରେପ୍ଲିକା ତଳେ ଲେଖାଥିବା 'ସତ୍ୟମେବ ଜୟତେ' ସଂସ୍କୃତ ବାକ୍ୟଟିକୁ ଉଚ୍ଚ କଣ୍ଠରେ ପାଠ କଲେ । "ସତ୍ୟର ସର୍ବଦା ଜୟହୁଏ"—କମାଲ ଉଦ୍ଦେଶ୍ୟରେ ସେ ଅନୁବାଦ କରି କହିବା ସଙ୍ଗେ ସଙ୍ଗେ ବିମୋହିତ ଭଙ୍ଗୀରେ କ୍ଷଣକ ପାଇଁ ଆଖି ବୁଜିଦେଲେ । ଭୂତପୂର୍ବ ଭାଇସରାୟଙ୍କ ଲାଅର ସୁନ୍ଦର ହଲଟା ଖୁବ୍ ଶାନ୍ତିପ୍ରଦ ଲାଗୁଥିଲା । ପ୍ରାଚୀନ ଓ ମଧ୍ୟଯୁଗୀୟ ମୂର୍ତ୍ତିଗୁଡ଼ାକ କମାଲକୁ ସେମାନଙ୍କର ନିର୍ଜୀବ ଆଖିରେ ଯେପରି ଚାହୁଁଛନ୍ତି । ଉକ୍ତର ଏକ ମୂର୍ତ୍ତି ଆଗରେ ଠିଆହୋଇ ଫରାସୀ ବା ଜର୍ମାନୀ ଭାଷାରେ କ'ଣ କହୁଥାନ୍ତି । ଗୋଟିଏ କୋଣରେ ମହାତ୍ମା ବୁଦ୍ଧଙ୍କର ବୃହଦାକାର ପ୍ରାଚୀନ ମୂର୍ତ୍ତି ଥିଲା । ମୂର୍ତ୍ତି ପଛରେ ରଙ୍ଗୀନ ପର୍ଦ୍ଦା ଝୁଲୁଥାଏ । କମାଲ ଏକ ସ୍ଥାନରେ ବସିଗଲା ।

ଏହା ଅସ୍ଥାୟୀ ମ୍ୟୁଜିୟମ୍ । ଅରୁଣା କମାଲ ପାଖକୁ ଆସି କ୍ଷମାମାଗିବା ସ୍ୱରରେ କହିଲା, "ଆମର ରାଷ୍ଟ୍ରୀୟ ସଂଗ୍ରହାଳୟ ଆମ ପ୍ରାଚୀନ ପରମ୍ପରା ଭିତ୍ତିରେ ନିର୍ମାଣ ହେଉଛି ।"

"ତା'ତ ହେବା ଉଚିତ ।" କମାଲ ଉତ୍ତର ଦେଲା । ବର୍ଷକ ତଳେ ସେ ଟାମ୍‌କୁ ଏଇ ମିଉଜିୟମ୍ ବୁଲାଇଲା ବେଳେ ଏଇଭଳି କହିଥିଲା ।

କମାଲ ଅରୁଣାକୁ ଏ କଥା କହିବାକୁ ଠିକ୍ ମନେ କଲାନି ଯେ ସେ ଏକଦା ଏହି ଦେଶର ବାସିନ୍ଦା ଥିଲା ।

ଅରୁଣା ପ୍ରାଚୀନ ସଭ୍ୟତାର ପ୍ରସ୍ତରଖୋଦିତ ନୃତ୍ୟରତା ନର୍ତ୍ତକୀର ମୂର୍ତ୍ତି ଦେଖିବାକୁ କମାଲକୁ ଡାକିନେଲା । କମାଲକୁ ସବୁ ବିଷୟ ଜାଣିଶୁଣି ଅନଭିଜ୍ଞ ଭଳି ଅଭିନୟ କରିବାକୁ ପଡୁଥାଏ । ଡଃ ହୋମ୍‌ର ତାଙ୍କ ପୁସ୍ତକ ପାଇଁ ଆବଶ୍ୟକୀୟ ବସ୍ତୁ ଟିପି ନେଉଥାନ୍ତି ।

"ବୁଭୁକ୍ଷିତଂ ନ ପ୍ରତିଭାତି କିଂଚିତ୍—ମୁଁ ସୌନ୍ଦର୍ଯ୍ୟ ଓ ବ୍ରହ୍ମଜ୍ଞାନର ଆଲୋଚନା ଆଦୌ ବୁଝିପାରେ ନା ଅରୁଣା" ଡାକ୍ତର ହୋମ୍‌ର ଓ ଅନ୍ୟମାନେ କଳାତତ୍ତ୍ୱର ଆଧ୍ୟାତ୍ମିକ ବ୍ୟଞ୍ଜନା କଲାବେଳେ କମାଲ ମନ୍ତବ୍ୟ ଦେଲା ।

Digitized by PPRACHIN, SOA

“ଏ ଜଣେ ପକ୍‌କା କମ୍ୟୁନିଷ୍ଟ”— ଜଣେ ଆମେରିକାନ୍ ମନ୍ତବ୍ୟ ଦେଲା ।

“ଏହାଙ୍କର ଫ୍ରଷ୍ଟ୍ରେସନର କାରଣ କ'ଣ ହୋଇପାରେ ?” ଅରୁଣା ପଚାରୁଥିଲା । ସେ ଆମେରିକାରୁ ମନସ୍ତତ୍ତ୍ୱରେ ଡକ୍‌ଟରେଟ୍ କରି ଆସିଥାଏ ।

“ଆପଣ ସଂସ୍କୃତ ବି ଜାଣନ୍ତି ? ଅରୁଣା ପ୍ରଶଂସାସୂଚକ କଣ୍ଠରେ ପଚାରିଲା ।

“ଏକଦା କିଛି କିଛି ପଢ଼ିଥିଲି ।”

ଆଉ କିଛି ସମୟ ବୁଲି କମାଲ୍ ଗ୍ୟାଲେରିରୁ ବାହାରକୁ ଆସିଲା । ଅନ୍ୟମାନେ ମ୍ୟୁଜିୟମ୍‌ର ମୂର୍ତ୍ତିକଳାରେ ଆତ୍ମବିଭୋର ହୋଇ ଆଲୋଚନାରତ ଥିଲେ ।

କମାଲ ବାହାରକୁ ଆସି ପି. ବ୍ଲକ ଆଡ଼କୁ ଚାଲିବାକୁ ଲାଗିଲା । କଷ୍ଟୋଡ଼ିଆନ ସଙ୍ଗରେ ବିରକ୍ତିକର ସାକ୍ଷାତ ପରେ ସେ ଗୌତମକୁ ସାକ୍ଷାତ କରିବାକୁ ‘ଆଲପସ୍’ ନ ଯାଇ ସିଧା ଲଜ୍ ଘରକୁ ଫେରିଆସିଲା ।

ସେଠାରେ ପହଞ୍ଚି ଲଜ୍‌କୁ କହିଲା, “ମୋର ଯଦି ଫୋନ୍ ଆସେ ମୁଁ ନାହିଁ ବୋଲି କହିଦେବ ।” ଏତିକି କହି ଗାଡ଼ି ସମୟ ପର୍ଯ୍ୟନ୍ତ ସେ ଶୋଇଗଲା ।

ଗୌତମ ଘଣ୍ଟାଏ ପର୍ଯ୍ୟନ୍ତ କମାଲର ଅପେକ୍ଷା କରି କେତେ ଜାଗାକୁ ଫୋନ୍ କଲା । କେଉଁଠାରୁ କିଛି ସୂଚନା ନପାଇ ପୁଣି ନିଜ ଅଫିସକୁ ଫେରିଗଲା । ବୁଦ୍ଧ ଜୟନ୍ତୀ ବିଷୟରେ ସରକାର ଖୁବ୍ ପ୍ରଚାର ଚଳାଇଥାନ୍ତି । କେତେକ ଜରୁରୀ କାଗଜପତ୍ର ଦେଖିବାକୁ କୁମାରୀ ଅରୁଣା ବାଜପେୟୀଙ୍କ ନିକଟକୁ ଫୋନ୍ କଲା; ମାତ୍ର ସେ ବି ଅନୁପସ୍ଥିତ । ଡଃ ହୋମର୍‌ଙ୍କୁ ନେଇ ସେ ମ୍ୟୁଜିୟମ୍ ଚାଲିଯାଇଥିଲେ ।

ଗୌତମ ବିରକ୍ତିରେ ଫୋନ ରଖିଦେଲା । ସମସ୍ତଙ୍କ ପ୍ରତି ମନରେ ତା'ର କ୍ରୋଧ ଜମାଟ ବାନ୍ଧୁଥିଲା । ନିହାତି ଦରକାରୀ ଫାଇଲଟା ତା'ର ଲୋଡ଼ାଥିଲା । କମାଲ୍ ସାଙ୍ଗରେ ସାକ୍ଷାତ ବି କରିବାକୁ ଥିଲା । ଅଥଚ କୌଣସିଟା ହୋଇପାରିଲାନି ।

ଟ୍ରେନ୍ ସମୟ ହେବାରୁ କମାଲ୍ ଲଜ୍ ଘରୁ ବିଦାୟ ନେଇ ଗାଡ଼ିରେ ବସିଲା । ଟ୍ରେନ ଧୀରେ ଧୀରେ ଷ୍ଟେସନ ବାହାରକୁ ଚାଲିଆସିଲା । ଯମୁନା ପୋଲ···ଲାଲକିଲ୍ଲାର ପ୍ରାଚୀର··· ସଡ଼କ··· ଘର··· ସେ ବାହାରକୁ ଚାହିଁ ଦେଖୁଥାଏ ···ସେ ବର୍ତ୍ତମାନ ହିନ୍ଦୁସ୍ଥାନ ଛାଡ଼ି ଚାଲିଯାଉଛି ।

ଜୀବନସ୍ରୋତ ଏହିପରି ଚାଲିଥିବ—ଜଣେ ବ୍ୟକ୍ତି ଚାଲିଗଲେ କିଛି ଅସୁବିଧା ହେବ ନାହିଁ । ଏ ଲୋକମାନଙ୍କର ରାସ୍ତା ବର୍ତ୍ତମାନ ଅଲଗା ଅଲଗା ଥିଲା । ବର୍ତ୍ତମାନ

Digitized by PPRACHIN, SOA

କେହି ତାହାର ଅନୁପସ୍ଥିତିକୁ ଅନୁଭବ କରିବେ ନାହିଁ ।

ସେ ରାଧାକୃଷ୍ଣନ୍‌ଙ୍କର ଲିଖିତ ବହିଟିଏ ବାହାର କଲା ।

"ଭାରତୀୟ ଦର୍ଶନରେ କିଏ କାହାକୁ ଆଦେଶ ଦିଏ ନାହିଁ—ଏହା ନିଷ୍ଟସ୍ୱ କର କିମ୍ବା ଏହା ତୁମକୁ ନିଷ୍ଟସ୍ୱ କରିବାକୁ ପଡ଼ିବ ! ଏଠାରେ ମନୁଷ୍ୟ ନିଜ କର୍ମର ନିଜେ ହର୍ତ୍ତା କର୍ତ୍ତା ।"

ସେ ବହିଟିକୁ ଝରକାବାଟେ ଟ୍ରେନ ବାହାରକୁ ଫିଙ୍ଗିଦେଲା ଓ ନିଜ ସିଟ୍‌ରେ ଆସି ବସିଲା ।

ଟ୍ରେନ୍ ଗ୍ଲୁଛି ବିଲମାଳ, କାନନ, ପ୍ରାନ୍ତର ମଧ୍ୟଦେଇ । ମନରେ ତା'ର କେତେ କେଜାଣି ଭାବନାର ସୂତା ଗୁଡ଼େଇ ହେଉଛି । ପଞ୍ଜାବର ଷ୍ଟେସନଗୁଡ଼ିକ ଅତିକ୍ରମ କରି ଗାଡ଼ି ଗ୍ଲୁଛି । କାନ୍ଥରେ ଉର୍ଦ୍ଦୁ ସିନେମାର ବିଜ୍ଞାପନ । ପ୍ଲାଟଫର୍ମରେ ରଙ୍ଗୀନ ସଲଓ୍ୱାର ପିନ୍ଧିଥିବା ଶିଖ ମହିଳାମାନେ ! ଅଳ୍ପଅଳେ ସେମାନଙ୍କର ପରିଧାନ ଝଲ୍‌ମଲ୍ କରୁଛି ।

ସକାଳ ହେଲା । ଟ୍ରେନ ଅମୃତସରର ନିକଟବର୍ତ୍ତୀ ହେଲାଣି । ସ୍ଥାନେ ସ୍ଥାନେ ମୁସଲମାନ ପୀରମାନଙ୍କର ନିର୍ଜନ କବର ।

ହଠାତ୍ ଆଉ ଏକ ଦେଶ ଆରମ୍ଭ ହୋଇଗଲା । ଦୁଇ ଜଣ ସର୍ଦ୍ଦାର ପହରା ଦେଉଥାନ୍ତି ।

ମୁଁ ବର୍ତ୍ତମାନ ପାକିସ୍ତାନରେ ଅଛି । ହିନ୍ଦୁସ୍ତାନରୁ ଆସିଛି । ଶରଣାର୍ଥୀ···ଉତ୍ତର-ପ୍ରଦେଶର ମୁସଲମାନ···ଶରଣାର୍ଥୀ···ଆଶ୍ରା ଖୋଜୁଛି···ଘରଦ୍ୱାର କିଛି ନାହିଁ ।

ଟ୍ରେନ୍ ଯେତେବେଳେ ହିନ୍ଦୁସ୍ତାନ୍‌ର ସୀମା ଅତିକ୍ରମ କଲା ଅନେକ ଦିନ ଧରି ଚାପି ରଖିଥିବା ଉଦ୍‌ଗତ ଅଶ୍ରୁ ସେ ଆଉ ସମ୍ବରଣ କରିପାରିଲାନି । ସୀମାନ୍ତରକ୍ଷୀ ସର୍ଦ୍ଦାରଙ୍କୁ ଦେଖି ସେ କହିଁ କହିଁ କାନ୍ଦିବାକୁ ଲାଗିଲା । ତା'ପରେ ସେ ଅନୁଭବ କଲା ଯେ ସହଯାତ୍ରୀ ଜଣେ ତାକୁ ଗ୍ହୁଁଛନ୍ତି । ସହଯାତ୍ରୀ ଜଣକ ହେଉଛନ୍ତି ପାକିସ୍ତାନୀ ବର୍ଡର ପୋଲିସ୍ ଅଫିସର— ଅମୃତସରରୁ ଲାହୋର ଫେରୁଥାନ୍ତି ।

କମାଲ ବହୁତ ଲଜ୍ଜିତ ହେଲା । ସେ ଅନୁଭବ କଲା ଯେପରି ସାରା ଦୁନିଆର ଦୃଷ୍ଟି ତା'ର ଉପରେ । ତାକୁ ଜଣାଗଲା, ଯେପରି ପୋଲିସ ଅଫିସର ଜଣକ କହୁଛନ୍ତି—'ତୁମେ ଏପର୍ଯ୍ୟନ୍ତ ଏକ ପରସ୍ପରବିରୋଧୀ ଭାବନାରେ ଦ୍ୱିଧାଗ୍ରସ୍ତ ହୋଇ ରହିଛ ? ଧନ୍ୟ ତୁମେ— !' ଦୁନିଆସାରା ସଭିଙ୍କର ଆଖି ଯେପରି ତା'ରି ଆଡ଼କୁ । ସମସ୍ତେ ଯେପରି ଚିତ୍କାର କରି କହୁଛନ୍ତି 'ତୁ ହିନ୍ଦୁସ୍ତାନୀ ଜାସୁସ୍······"

ଟ୍ରେନ୍ ଶବ୍ଦରେ ଯେପରି ଏଇ ଧ୍ୱନିକାର ଅନୁରଞ୍ଜିତ ହେଉଛି ।

Digitized by PPRACHIN, SOA

ସେ ବିଚଳିତ ହୋଇ ଆଖି ଖୋଲିଲା । ଟ୍ରେନ ଧୀରେ ଧୀରେ ଲାହୋର ଷ୍ଟେସନ ମଧ୍ୟକୁ ପ୍ରବେଶ କରୁଥିଲା । ମନ ତା'ର ଶିହରି ଉଠିଥିଲା ।

ଲାହୋରରୁ ସେ ଉଡ଼ାଜାହାଜରେ ବସି କରାଚୀ ଅଭିମୁଖେ ଯାତ୍ରାକଲା । ଏବେ ତା'ର ନୂଆ ଜୀବନ ତା ସମ୍ମୁଖରେ । ସେ ଡାଇରୀ ବାହାର କଲା । କରାଚୀ ଫେରିଯାଇ ତାକୁ ଅନେକ କାମ କରିବାକୁ ପଡ଼ିବ । ତା' କୋଠି ନିର୍ମାଣ ପାଇଁ ଅନେକ ସରଞ୍ଜାମ ଯୋଗାଡ଼ କରିବାକୁ ପଡ଼ିବ ।

ପତନଶୀଳ ସମାଜରେ ମଣିଷ ସଚ୍ଚୋଟ ହୋଇ ରହିବା କେତେ ଦୂର ସମ୍ଭବ ? ସେ ଏୟାର୍ ହୋଷ୍ଟେସଠାରୁ ପୁଣି କଫି ମଗାଇଲା ଓ 'ଡନ୍' ଖବର କାଗଜ ଖୋଲି ପଢ଼ି ବସିଲା ।

"ପାକିସ୍ତାନ ମନ୍ତ୍ରିମଣ୍ଡଳରେ ସଂକଟ···ପ୍ରଧାନମନ୍ତ୍ରୀଙ୍କ ତ୍ୟାଗପତ୍ର······ନୂଆ ପ୍ରଧାନ ମନ୍ତ୍ରୀଙ୍କର ଜାହାଙ୍ଗୀର ବାଗରେ ଅଭିଭାଷଣ······ ।"

ସେ ବାହାରକୁ ଚାହିଁଲା । ଆକାଶରେ ମେଘ ଉଠୁଚି । କିଛି ସମୟପରେ ବର୍ଷା ହେବ ।

ସେ ୱିଣ୍ଡୋର ପର୍ଦ୍ଦା ଟାଣିଦେଲା ।

"ମୁଁ ଗୋଟାଏ ଶବ । ମୁଁ ପୁଣି ଶବବାହକ । ଆଉ ମଧ୍ୟ ମୁଁ ଶୋକ କରୁଥିବା ଲୋକମାନଙ୍କ ମଧ୍ୟରୁ ଜଣେ—" ମନକୁମନ କହୁଥିଲା କମାଲ ।

୫୮

କଚ୍ଚା ସଡ଼କରେ ବଳଦଗାଡ଼ିଟା ଧକେଇ ଚକେଇ ଚାଲିଥିଲା । ଷ୍ଟେସନୱାଗନ୍‌ଟା ଧୂଆଁ ଛାଡ଼ି, ଧୂଳି ଉଡ଼ାଇ ଆଗକୁ ଚାଲିଗଲା । ଆଗରୁ ଆଉ ଗୋଟାଏ ବଳଦଗାଡ଼ି ଆସୁଥିଲା । ଗାଡ଼ିବାଲା ମୋଟର ଡ୍ରାଇଭରକୁ ବଡ଼ ବଡ଼ କରି ଗାଳିଗୁଲଜ କରୁଥାଏ । ଆମେରିକାନ୍ ପତ୍ରକାର ତୁରନ୍ତ କାମେରା ବାହାର କରି ଶଗଡ଼ିଆର ଫଟୋ ଉଠାଇନେଲେ । ପଛରେ ଆଉ ଗୋଟାଏ ମୋଟର ଆସୁଥିଲା । ସେଥିରେ ବସିଥିବା ଶ୍ରୀମତୀ 'ରାଜବାଡ଼େ' ବାହାରକୁ ଚାହିଁ ପୁଣି ଭିତରେ ବସିଥିବା ଲେଡ଼ି କମଳେଶ ବର୍ମାଙ୍କ ସାଙ୍ଗରେ ଆଳାପରତ ରହିଲେ । ଶ୍ରାବସ୍ତି ଏଠାରୁ ଅନେକ ଦୂର । ସୂର୍ଯ୍ୟ ବାଦଲ ଭିତରେ ମୁହଁ ଲୁଚାଉଥିଲା । ବର୍ଷାର ସମ୍ଭାବନା ଥିଲା । 'ମୋସିଅ ରାଓଲ'

Digitized by PPRACHIN, SOA

ଅନ୍ୟ ଷ୍ଟେସନୱାଗନରେ ବସିଥିବା କୁମାରୀ ଅରୁଣା ବାଜପେୟୀଙ୍କୁ କିଛି ପଚାରିବାକୁ ଚାହିଁଲେ । କିନ୍ତୁ ଅରୁଣା ସେ ପ୍ରଶ୍ନରୁ ରକ୍ଷାପାଇବା ପାଇଁ ସୂଚନା ବିଭାଗର ବହିଗୁଡ଼ିକ ତାଙ୍କୁ ଧରାଇ ଦେଇ ନିଜେ ସିଗାରେଟରେ ମନଦେଲେ । ତୃତୀୟ ମୋଟର ଗାଡ଼ିରେ ସିଂହଳ ଓ ଜାପାନର କେତେକ ବୌଦ୍ଧଭିକ୍ଷୁ ବସିଥିଲେ । ସେମାନଙ୍କ ସାଙ୍ଗରେ ଫିଲ୍ମ ଡିଭିଜନର କାମେରାମ୍ୟାନ୍ ଥିଲେ । ଦୁଇ ତିନିଜଣ ଗ୍ରାମୀଣ ବାଳିକା ହିଡ଼ ଉପରେ ଠିଆହୋଇ ଏହି ପର୍ଯ୍ୟଟକଗଣଙ୍କୁ ଦେଖୁଥିଲେ । ପଛ ସିଟରେ ଉଚ୍ଚକଣ୍ଠରେ କେତେ ଜଣ ଆଳାପରତ । ଗୌତମ ନୀଳାମ୍ବର ଏପର୍ଯ୍ୟନ୍ତ ଗାଡ଼ି ଚଳାଉଥିଲା । ସେ କୁମାରୀ ଅରୁଣା ବାଜପେୟୀଙ୍କୁ କହିଲା, "ଯଦି ତୁମେ ଏଇଠୁ ଡ୍ରାଇଭ୍ କରିବ ତ ମୁଁ ଓହ୍ଲାଇ ଯାଇ ଘରକୁ ଚାଲିଯାନ୍ତି ।"

"କ'ଣ ତମେ ଖୁବ୍ ବୋର ହେଇଗଲ କି ?" ଅରୁଣା ବି ଏ ଲମ୍ବା ଚୌଡ଼ା ଯାତ୍ରାରେ କ୍ଳାନ୍ତ ବୋଧ କରୁଥିଲା ।

"ହିଁ, ମୁଁ ଏଠାରେ ଓହ୍ଲାଇ ବିଲ ଭିତର ଦେଇ ଚାଲିଯିବି; ଖୁବ୍ ଅଳ୍ପବାଟ । ରାତିକ ବିଶ୍ରାମ ନେଇ ପୁଣି ସକାଳୁ ଯାତ୍ରା ଆରମ୍ଭ କରିଦେବି···'ମୋସିଓ ରାଓଲ୍' ···ମୋତେ ଯଦି ଅନୁମତି ଦିଅନ୍ତି···" ଗୌତମ ଫରାସୀ ଲେଖକଙ୍କୁ ଲକ୍ଷ୍ୟ କରି କହିଲା ।

ସେ ମୋଟର ରଖି ତଳକୁ ଓହ୍ଲାଇ ଠିଆହେଲା । ଗୋଟି ଗୋଟି କରି ମୋଟର-ଗୁଡ଼ିକ ଆଗକୁ ଚାଲିଗଲେ । ଗୌତମ କେତେ ସମୟ ଧରି ସେଠି ଠିଆହେଇ ରହିଲା । ବର୍ଷାର ଜଳ ବୁନ୍ଦା ଆସି ତା' ମୁଣ୍ଡରେ ପଡ଼ୁଥାଏ । ସେ ହରଡ଼ ଗଛଟାଏ ଉପାଡ଼ି ଆଣି ଧରିଲା । ତାପରେ ସେ ଚାଲିବାକୁ ଲାଗିଲା ।

ଜୋରରେ ବର୍ଷା ଆରମ୍ଭ ହୋଇଯାଇଥାଏ । ସେ ଗୋଟାଏ ଝଙ୍କାଳିଆ ଆମ୍ବଗଛ-ତଳେ ଠିଆହେଇ ବର୍ଷାବିରତିକୁ ଅପେକ୍ଷା କଲା । ବର୍ଷା ପବନରେ ଗଛପତ୍ରଗୁଡ଼ାକ ମର୍ମର ହୋଇ ଏକପ୍ରକାର ସଙ୍ଗୀତ ସୃଷ୍ଟି କରୁଥାନ୍ତି । ଅଧଘଣ୍ଟା ଖଣ୍ଡେ ଅପେକ୍ଷା କରି ସେ ପୁଣି ଚାଲିବାକୁ ଲାଗିଲା । ଦୃଷ୍ଟିର ଦିଗନ୍ତ ପର୍ଯ୍ୟନ୍ତ ସବୁଜ କ୍ଷେତର ବିସ୍ତୃତି ! ସହର ଏଠାରୁ ଅନେକ ଦୂର ।

ଗୌତମ ଚାଲୁ ଚାଲୁ ରହିଯାଇ ପଛକୁ ଫେରି ଚାହିଁଲା । ବର୍ଷା ଯୋଗୁଁ ଆଉ ଧୂଳି ଉଡ଼ୁନଥାଏ । ବର୍ଷାପାଣିରେ ଗାଧୋଇ ଗଛଲତା ଅଧିକ ସବୁଜ ସୁନ୍ଦର ଦିଶୁଛନ୍ତି । ଚାରିଆଡ଼ ସଜଳ ଅନୁରାଗରେ ଭରା । ଘାଟପାଖରେ ଡଙ୍ଗାଟିଏ ବନ୍ଧା ହୋଇଥିଲା । ଘାଟ ପାଖ ବରଗଛ ତଳେ କିଏ ସଙ୍ଗୀତର ସ୍ୱର ତୋଳୁଛି । ଆମ୍ବତୋଟାରେ ଏକାକୀ ଗୋଟିଏ ମୟୂର ପୁଚ୍ଛ ଟେକି ଠିଆହେଇଛି । ବରଗଛ ଗୁଡ଼ିରେ ଅନ୍ଧାର ଜମାଟ

Digitized by PPRACHIN, SOA

ବାନ୍ଧୁଛି । ଚାରି ପାଞ୍ଚ ଜଣ ଲୋକ ତରତର ହୋଇ ଗାଁକୁ ଯାଉଥାନ୍ତି ।

ଗୌତମ ସିଭିଲ ଲାଇନସର ଚୁସ୍ତାଦାର ସଡ଼କ ଉପରକୁ ଉଠି ତା' ବାବାଙ୍କର ଦ୍ୱିତଳ କୋଠିରେ ପହଞ୍ଚିଲା ।

ତା'ର ପିତା ଶ୍ରୀ ହରିନାରାୟଣ ଲନ୍ ଉପରେ ପଦଚାରଣା କରୁଥିଲେ ।

"ହଲୋ ବେଟା ! ମୁଁ ଭାବୁଥିଲି ତୁମେ ବିଦେଶୀ ଅତିଥିମାନଙ୍କୁ ଧରି ସିଧା ଶ୍ରାବସ୍ତୀ ଚାଲିଗଲ..."

"ନା ବାବା !" ଗୌତମ କହିଲା । ତାପରେ ସେ ଭିତରକୁ ଯାଇ ନିଜ ମାଆଙ୍କୁ ଭେଟିଲା ।

ମା' ପୁଅଙ୍କ ମଧ୍ୟରେ କୁଶଳ ପ୍ରଶ୍ନୋତ୍ତର ଭିତରେ ଘରଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଦୁନିଆଁଯାକର କଥା ପଡ଼ିଲା । କଥା ପ୍ରସଙ୍ଗରେ ପାକିସ୍ତାନ କଥା ବି ଉଠିଲା । ପାକିସ୍ତାନ ନାଁଟା ଶୁଣିବାମାତ୍ରେ ମନର ତାରଗୁଡ଼ାକ ଯେପରି ଚାରି ଝଣ ଝଣ କରି ଉଠିଲା । ପାକିସ୍ତାନକୁ ସେ ସର୍ବଦା ଭୁଲିଯିବାକୁ ଚେଷ୍ଟା କରୁଥିଲା । ଏବେ ତାକୁ ଶ୍ରାବସ୍ତିରେ ବିଦେଶୀମାନଙ୍କ ସମାବେଶରେ କାଶ୍ମୀର ସମସ୍ୟା ବିଷୟରେ ବୁଝାଇବାକୁ ପଡ଼ିବ ।

"ମୁଁ ଟିକେ ନଈକୂଳରୁ ବୁଲିଆସୁଛି ।" ଗୌତମ ମାଆଙ୍କୁ କହିଲା ।

"ଆରେ ଏତେ ଦୂରରୁ ଏଇନେ ଆସି ଘରେ ଗୋଡ଼ ଦେଇଛୁ କି ନା ବୁଲି ବାହାରିଲୁ ? ଟିକେ ଆରାମ କର ।"

ଗୌତମ କିନ୍ତୁ ମାନିବାକୁ ପ୍ରସ୍ତୁତ ନଥିଲା । ବାହାରକୁ ଆସି ବାବାଙ୍କ ଗାଡ଼ି ନେଇ ନଈକୂଳକୁ ଚାଲିଗଲା । ବର୍ଷା ବନ୍ଦ ହୋଇଯାଇଥିଲା । ନଈକୂଳରେ ପହଞ୍ଚି ଚଣ୍ଡିମନ୍ଦିର ପାହାଚରେ ଯାଇ ବସିଲା ଗୌତମ । ଏଇ ଏକାନ୍ତ ନିର୍ଜନତା ଭିତରେ ସେ ସହଜ ହେବାକୁ ଚେଷ୍ଟା କଲା । ଜୀବନରେ ପ୍ରଥମ ଥରପାଇଁ ନିର୍ବାଣ ପ୍ରତି ଐକାନ୍ତିକ ଅନୁରକ୍ତିରେ ସେ ବିହ୍ୱଳ ହୋଇ ଉଠିଲା । ଭୟ, ନିଃସହାୟତା, ଦୁଃଖ, ଘୃଣା, ପଳାୟନର ଇଚ୍ଛାରୁ ନିର୍ବାଣ । ନିର୍ବାଣ ପୁଣି ଜୀବନରୁ, ମୃତ୍ୟୁରୁ ।

ଏ ବିଦେଶୀ ବୁଦ୍ଧିଜୀବୀମାନେ ହିନ୍ଦୁସ୍ଥାନରେ ଆତ୍ମାର ଦୁଃଖ କ'ଣ ବୁଝିପାରିବେ ? ସେ ସିଗାରେଟ୍‌ରେ ନିଆଁ ଧରାଇ ମନ୍ଦିର ପ୍ରାଙ୍ଗଣରେ ଶୋଇଗଲା । ବର୍ଷାଦିନ । ଏଠାରେ ସାପ ବେଙ୍ଗ ନିଶ୍ଚୟ ଥିବେ; ମାତ୍ର ସେ ମନେକଲା ଯେପରି ଜଙ୍ଗଲ ସାଙ୍ଗରେ ତା'ର ବହୁଦିନରୁ ବନ୍ଧୁତା ହୋଇଯାଇଛି । ସେ ତ ପୁଣି ଏଇ ଗଛଗହଳର ଛାଇତଳେ ମଣିଷ ହୋଇଛି !

ତାକୁ ହଠାତ୍ କାହାର ପାଦଶବ୍ଦ ଓ ମୃଦୁ ହସର ଝଙ୍କାର ଶୁଭିଲା ।

Digitized by PPRACHIN, SOA

"ତୁମେ କିଏ ଭାଇ, ଅନ୍ଧାର ଭିତରେ ବସିଛ ?"

"ମୁଁ—" ଗୌତମ ସେହିପରି ଶୋଇ ରହି ଉତ୍ତର ଦେଲା ।

ଆଉ ଜଣେ ଯୁବକ ପ୍ରାଙ୍ଗଣ ତଳୁ ଡେଇଁ ଗୌତମ ନିକଟକୁ ଆସିଲା ।

"ଆରେ—ଏ କ ପାଗଳାମି—ସେଆଡ଼େ ମୁଁ ତମକୁ ଖୋଜୁଛି । ତମ ମା' ଖବର ଦେଲେ ଯେ ତୁମେ ନଈକୂଳକୁ ଯାଇଛ—"

"ହଁ ଏମିତି ଚାଲି ଆସିଛି । ଏବେ କମିତି ସବୁ ଚାଲିଛି ?"

"ମୁଁ ଖୁବ୍ ବୋର ହେଇଗଲିଣି—" ହରଶଙ୍କର ପାଖ ପାହାଚରେ ବସୁ ବସୁ କହିଲା । "ଏଇ ବୁଦ୍ଧ ଜୟନ୍ତୀ ଆଉ କଚ୍ଛାବନ ଚାଲିବ ତ ଅବସ୍ଥା ଅସମ୍ଭାଳ ହୋଇଯିବ । ଟିକିଏ ହେଲେ ଫୁରୁସତ୍ ନାହିଁ । ଏଇ କାମରେ ବ୍ୟସ୍ତ ରହି ମୁଁ ଟିକେ ଲକ୍ଷ୍ନୌ ବି ଯାଇପାରିଲିନି । ବାଙ୍ଗାଲୋରରୁ 'ଜେ: ଏସ୍:'ର ତାର ପାଇବାମାତ୍ରେ ଦିଲ୍ଲୀ ପହଞ୍ଚି ଦେଖେ ତ ସେମାନେ କପିଲବାସ୍ତୁ ଓ ଗୟା ଅଭିମୁଖରେ ଯିବାକୁ ବାହାରିଲେଣି । ଗ୍ରିସ୍ଥାସାଗ୍ ଡଃ କୋମର୍ ମୋତେ ମହାଯାନ ଓ ହୀନଯାନ ମଧ୍ୟରେ ଥିବା ତଫାତ ଉପରେ ଲେକଚର ଶୁଣାଇ ଚାଲିଥାନ୍ତି । ତମ ମୋଟର ଭିତରେ ତ କେବଳ ମୋସିୟୋ ଗ୍ରିଓଲ ଥିଲେ ।"—ଏତିକ କହି ହରଶଙ୍କର କିଛିକ୍ଷଣ ଚୁପ୍ ହେଇଗଲା । ନଈରେ ଅସ୍ତଗାମୀ ସୂର୍ଯ୍ୟର କିରଣ ବଢେଇ ହେଇଗଲା । ଦୁହେଁ ଖୁବ୍ ଉଦାସ ଦେଖାଯାଉଥାନ୍ତି ।

"ଆଚ୍ଛା ଗୌତମ—!"

"କ'ଣ ?"

"ଏ କମାଲ ଆମକୁ ଦଗାଦେଇ ଚାଲିଗଲା ।" ହରଶଙ୍କର କିଛିକ୍ଷଣ ପରେ ଖୁବ ଧୀରେ କହିଲା ।

"ହଁ ।"

"ତମେ ଜାଣିଛ—ସେ ଦିଲ୍ଲୀବାଟେ ଗଲା, ମୋତେ ଖବର ଦେଇଥିଲେ ମୁଁ କଣ ଆସି ଦେଖାକରି ନ ଥାନ୍ତି ?"

"ମୁଁ ତ ଦିଲ୍ଲୀରେ ଥିବା ସତ୍ତ୍ୱେ ସେ ମୋତେ ଦେଖା କଲାନି ।" ଗୌତମ ଧୀରେ କହିଲା ।

ଦୁହେଁ ଚୁପ୍ ରହିଲେ ।

" କିଏ ଜାଣେ ଏଇନେ ସେ କେଉଁଠି ।" ଦୀର୍ଘଶ୍ୱାସ ପକାଇ ହରଶଙ୍କର କହିଲା ।

"କରାଚୀରେ ଥିବ ଆଉ ଯିବ କୁଆଡ଼େ ?" ଗୌତମ ନମ୍ର ସ୍ୱରରେ କହିଲା ।

ତାପରେ ଦୁହେଁ ପୁଣି ଚୁପ୍ ରହିଲେ । ସେଠାରୁ ସେମାନେ ନଈକୂଳରେ ଆସି

Digitized by PPRACHIN, SOA

ଠିଆହେଲେ । ସମ୍ଭବତଃ ସେମାନେ ଭାବୁଥିଲେ ଅବୁଲ୍ ମନସୁର୍ କମାଲୁଦ୍ଦିନ୍ କାଘରୁ ହିନ୍ଦୁସ୍ଥାନକୁ ଆସି ପୁଣି ହିନ୍ଦୁସ୍ଥାନରୁ ଚାଲିଗଲ ! ନଈ ବହିଯାଉଥାଏ । ଦୁହେଁ ପାଣିରେ ନିଜ ନିଜର ଛାଇ ଦେଖୁଥାନ୍ତି । ଗୌତମ ଟେକା ଖଣ୍ଡେ ପାଣିକୁ ପକାଇଲା । ଲହରୀ ଗୋଲାକାର ହୋଇ କ୍ରମେ ବଢ଼ିଗଲା । ସେମାନଙ୍କ ଛାଇ ମଧ୍ୟ ସେମିତି ପାଣିରେ ଖେଳେଇ ହେଇଗଲା ।

ଘାଟଠାରୁ କିଛି ଦୂରରେ କମ୍ୟୁନିଟି ପ୍ରୋଜେକ୍ଟ କେନ୍ଦ୍ରରେ ଆଲୁଅ ଦିଶୁଥାଏ । ଲୋକଗୀତ ମଣ୍ଡଳୀ ବାର୍ଷିକ ୟୁଥ୍ ଫେଷ୍ଟିଭାଲ ପାଇଁ ପ୍ରାକ୍ଟିସ ଆରମ୍ଭ କରି ଦେଇଥାନ୍ତି । ଦୂର ଗାଆଁ ମଣ୍ଡପରେ ନାଟକ ହେଉଥାଏ । କଂଗ୍ରେସ କମିଟି ଅଫିସରେ ନିର୍ବାଚନ ପ୍ରସ୍ତୁତି ଚାଲିଥାଏ । ଆଗରେ, ସିଭିଲ ଲାଇନସରେ ଥିବା ଜିଲ୍ଲା କଲେକ୍ଟରଙ୍କ କୋଠିରେ ୟୁରୋପୀୟ ଅତିଥି ଡିନର୍ ଖାଉଥାନ୍ତି । ହରଶଙ୍କର ଜଣେ ଚାଷୀ ସାଙ୍ଗରେ କମ୍ୟୁନିଟି ପ୍ରୋଜେକ୍ଟ ସେଣ୍ଟରକୁ ଚାଲିଗଲା । ଗୌତମ ଏକା ରହିଗଲା ନଈ କୂଳରେ । ମେଘମାଳା ଖୁବ୍ ତଳକୁ ନଇଁଆସିଲାଣି । ସେ ତା'ର କ୍ଳାନ୍ତ ପାଦକୁ ଚାହିଁଲା । ବର୍ଦ୍ଧିଷ୍ଣୁ ଅନ୍ଧକାର ଭିତରେ ଦୃଷ୍ଟି ସଂଚାରଣ କଲା; କିନ୍ତୁ ଉତ୍ତର କିଛି ନ ଥିଲା । ସେ ମାଟିରେ ଠିଆହୋଇଛି । ମାଟି ତା'ର ମା । ମାଟି କେବେ ତାକୁ ଛାଡ଼ି ଯିବନି । ସେ ଆଗକୁ ଚାଲିବାକୁ ଲାଗିଲା । ଘାସ ଫୁଲର ସୁଗନ୍ଧ ! ପଥର ଖଣ୍ଡଗୁଡ଼ାକର ଶୀତଳତା ଆଉ ମାଟିର ଶକ୍ତିକୁ ସେ ପାଦତଳେ ଅନୁଭବ କରୁଥିଲା । ଉପରକୁ ହାତଟେକି ଗୁଣୁଗୁଣୁ କରି ସ୍ୱଗତୋକ୍ତି କଲା "ହେ ଧରଣୀ ! ତୋ'ର ବନ ପ୍ରାନ୍ତର ସବୁ ହସୁଛନ୍ତି । ମୁଁ ବି ସେମାନଙ୍କ ଭିତରେ ଠିଆହୋଇଛି । ମୁଁ ହାରିନାହିଁ । ମୋତେ କେହି ଆଘାତ ଦେଇନି । ମୁଁ ପୂର୍ଣ୍ଣତା ଲାଭ କରିଛି । ମୋତେ କେହି ଶେଷକରି ପାରିବେନି !"

କେତେ କିସମର ଫୁଲ ଗଛ ତା' ଚଲାବାଟକୁ ନଇଁ ଆସୁଥାନ୍ତି । ପକ୍ଷୀ ତା ସାଙ୍ଗରେ ସିଟି ବଜାଉଥାଏ । ଶ୍ରାବଣ ମେଘର ଜଳକଣା କମଳପତ୍ର ଉପରେ ଜଳ ତରଙ୍ଗ ବଜାଉ ଥିଲେ ।

ସେ ଏକ ହିଡ଼ମୁଣ୍ଡରେ ଠିଆହେଇ ଆର୍ଦ୍ର ଆଖିରେ କ୍ଷେତକୁ ଦେଖିବାରେ ଲାଗିଲା ।

ବଢ଼ିଯାଅ···ବଢ଼ିଉଠ···ଧନଧାନ୍ୟରେ ଆମର ଘର ଭରି ଯାଉ···ବନ୍ୟା ମରୁଡ଼ିରୁ ହେ ଶସ୍ୟରାଣୀ ତୁମେ ମୁକ୍ତ ! ତମର ଯେ ସେବାକରେ ସେ ଅମର !!'

ହିଡ଼ମୁଣ୍ଡିରୁ ସେ ପୁଣି ରାସ୍ତାକୁ ଫେରି ଆସିଲା ଓ ନଈ କୂଳେ କୂଳେ ଚାଲିଲା । ଆକାଶରେ କଳାମେଘ ଗର୍ଜନ କରୁଛି । ମନ ତାର ଅଶାନ୍ତ । ଦୂରରୁ, ସଙ୍ଗୀତମଣ୍ଡଳୀରୁ

Digitized by PPRACHIN, SOA

ଗୀତର ଲହରୀ ଭାସିଆସୁଥାଏ ।

ସେ ନିର୍ବାକ୍ ଚିତ୍ତରେ ଶୁଣୁଥାଏ । ଗୀତର ଅର୍ଥ ସେ ଯେତେବେଳେ ବୁଝିପାରିଲା, ଓଠରେ ତା'ର ହସ ଫୁଟି ଉଠିଲା । ସଙ୍ଗୀତର ଲହରରେ ସେ ଯେମିତି ଉପରକୁ ଉପରକୁ ଭାସିଯାଉଛନ୍ତି । ଶେଷରେ ସେ ଯେମିତି ମହାଶୂନ୍ୟରେ ଯାଇ ଉଠୁଛନ୍ତି । ସେଠାରେ ସେ ଏକାନ୍ତ ଏକାକୀ ! ଦୁନିଆର ପ୍ରଥମ ଓ ଶେଷ ମଣିଷ—କ୍ଲାନ୍ତ, ଶ୍ରାନ୍ତ, ପରାଜିତ, ଉଲ୍ଲସିତ, ଅଂଶାବାନ ମଣିଷ । ଯିଏ ଈଶ୍ୱର ମଧ୍ୟରେ ଓ ନିଜେ ସ୍ୱୟଂ ଈଶ୍ୱର ରୂପେ ବିରାଜମାନ ହୁଏ—ସେ ହସି ହସି ତଳକୁ ଓହ୍ଲାଇଲା ଓ ଆଖି ଖୋଲି ଚାହିଁଲା । ଜାଗ୍ରତ ଲୋକର ସାଧନା ଶୁଭମସ୍ତୁ ହେଉ ! ନ୍ୟାୟ-ନୀତିର ପ୍ରଚାର ମଙ୍ଗଳମୟ ହେଉ ! ସଂଘରେ ଶାନ୍ତି ବିରାଜମାନ ହେଉ ! ସଂଘ-ଶରଣାର୍ଥୀମାନଙ୍କର ସାଧନା ମଙ୍ଗଳମୟ ହେଉ !

ଶାକ୍ୟମୁନିଙ୍କ ମୁକ୍ତି ସ୍ମରଣ କଲି ସେ ।

ହାଡ଼ମୁଣ୍ଡରୁ ଓହ୍ଲାଇ ଧୀରେ ଧୀରେ ବସ୍ତି ଆଡ଼କୁ ଫେରିଚାଲିଲି ଗୌତମ ।

Digitized by PPRACHIN, SOA

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୫୦ ରୁ ଅଧିକ ପୁସ୍ତକ ଇଂରାଜୀ ଓ ବିଭିନ୍ନ ଭାରତୀୟ ଭାଷାରେ ପ୍ରକାଶ କରିସାରିଲାଣି । ଟ୍ରଷ୍ଟର ବର୍ତ୍ତମାନ ପ୍ରକାଶନ କାର୍ଯ୍ୟକ୍ରମ ମଧ୍ୟରେ ନିମ୍ନଲିଖିତ ପୁସ୍ତକମାଳା ଅନ୍ତର୍ଭୁକ୍ତ ।

୧ । ଭାରତବର୍ଷ : ଦେଶ ଓ ଦେଶବାସୀ

ଆମର ସାଧାରଣ ଶିକ୍ଷିତ ବ୍ୟକ୍ତିମାନଙ୍କୁ ଦେଶର ଭୂଗୋଳ, କୃଷି, ଭାଷା, ସାହିତ୍ୟ, ସଂସ୍କୃତି ଓ ଜନ-ଜୀବନ ପ୍ରଭୃତି ବିଭିନ୍ନ ବିଷୟରେ ସମ୍ୟକ୍ ଧାରଣା ଦେବା ହିଁ ଏହି ପୁସ୍ତକମାଳାର ଉଦ୍ଦେଶ୍ୟ । ସଂକ୍ଷେପରେ କହିବାକୁ ଗଲେ, ସରଳ-ସୁବୋଧ-ଶୈଳୀରେ ଲିଖିତ ଏହି ପୁସ୍ତକମାଳା ଯେପରି ଏକ ବିଶ୍ୱକୋଷରେ ପରିଣତ ହେବ ସେଥିଲାଗି ଆମେ ଆଶା ରଖୁଛୁ ।

୨ । ଜାତୀୟ ଜୀବନଚରିତମାଳା

ଏହି ପୁସ୍ତକମାଳାର ପ୍ରାୟ ଏକ ଶତ ପୁସ୍ତକରେ ଭାରତର ମହାନ୍ ସ୍ତ୍ରୀ-ପୁରୁଷମାନଙ୍କର ସଂକ୍ଷିପ୍ତ ଜୀବନୀ ଦେବାର ପ୍ରଚେଷ୍ଟା କରାଯାଉଛି ।

୩ । ଲୋକପ୍ରିୟ ବିଜ୍ଞାନମାଳା

ଆଧୁନିକ ବିଜ୍ଞାନର ବିକାଶ ଓ ପ୍ରଗତି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇ ତଥା ଆଜିର ଜୀବନରେ ବିଜ୍ଞାନର ଉପଯୋଗିତା ଓ ଗୁରୁତ୍ୱ ବିଷୟରେ ସମ୍ୟକ୍ ଧାରଣା ଦେବା ହିଁ ଏହି ପୁସ୍ତକମାଳାର ଉଦ୍ଦେଶ୍ୟ ।

୪ । ବିଶ୍ୱବିଖ୍ୟାତ ଗ୍ରନ୍ଥମାଳା

ବିଭିନ୍ନ ରାଷ୍ଟ୍ରର ଉନ୍ନତ ଚିନ୍ତାଧାରା ବହନ କରି ପ୍ରକାଶିତ ହୋଇଥିବା ପୁସ୍ତକାବଳୀକୁ ବିଭିନ୍ନ ଭାରତୀୟ ଭାଷାରେ ସରଳ ଅନୁବାଦ କରିବା ଏହି ଯୋଜନାର ଅନ୍ତର୍ଭୁକ୍ତ ।

୫ । ଭାରତୀୟ ଲୋକସଂସ୍କୃତି

ଦେଶର ବିଭିନ୍ନ ପ୍ରାନ୍ତର ଲୋକସଂସ୍କୃତି ଉପରେ ଆଧାରିତ ଏହି ପୁସ୍ତକମାଳା ଜାତୀୟ ଏକତା ବୃଦ୍ଧିରେ ସାହାଯ୍ୟ କରିବ ବୋଲି ଆଶା ।

୬ । ଆଜିର ଦୁନିଆ

ବିଭିନ୍ନ ଦେଶର ଇତିହାସ ବା ତଥ୍ୟମୂଳକ ବିଷୟବସ୍ତୁସମ୍ବଳିତ ଏହି ପୁସ୍ତକାବଳୀ ସୁବୋଧ ଭାଷାରେ ଲେଖାଯିବ ଓ ସାଧାରଣ ପାଠକମାନଙ୍କୁ ଯୋଗାଇଦିଆଯିବ ।

Digitized by PPRACHIN, SOA

୭ । ତରୁଣ-ଭାରତୀ

ଭାରତର ତରୁଣଗୋଷ୍ଠୀର ଆବଶ୍ୟକତାକୁ ଆଖିଆଗରେ ରଖି ଏହି ପୁସ୍ତକମାଳା ଆରମ୍ଭ କରାଯାଇଛି । ଦେଶର ଗରିମାମୟ ଅତୀତ ଓ ପ୍ରେରଣାଦାୟକ ଘଟଣାବଳୀରେ ଏହି ପୁସ୍ତକଗୁଡ଼ିକୁ ସମୃଦ୍ଧ କରିବାର ଚେଷ୍ଟା କରାଯାଉଛି ।

ଜାତୀୟ ଏକତାରେ ସହଯୋଗ

୮ । ନେହେରୁ ବାଳପୁସ୍ତକାଳୟ

ଶିଶୁର ହୃଦୟରେ ଜାତୀୟ ଏକତାର ଭାବନା ଉଦ୍ରେକ କରିବା ଲକ୍ଷ୍ୟ ନେଇ ଏହି ସଚିତ୍ର ପୁସ୍ତକଗୁଡ଼ିକୁ ସହାୟକ ପାଠ୍ୟପୁସ୍ତକରୂପେ ପ୍ରସ୍ତୁତ କରାଯିବ । ଇଂରାଜୀ ଓ ସମସ୍ତ ଭାରତୀୟ ଭାଷାରେ ପୁସ୍ତକଗୁଡ଼ିକ ପ୍ରକାଶିତ ହେବ ।

୯ । ଆଦାନ-ପ୍ରଦାନ

ପ୍ରତ୍ୟେକ ଭାରତୀୟ ଭାଷାର ଦଶଟି ବିଖ୍ୟାତ ପୁସ୍ତକ ଅନ୍ୟ ସମସ୍ତ ଭାରତୀୟ ଭାଷାରେ ଅନୁବାଦ କରିବା ଏହି ଯୋଜନାର ଅନ୍ତର୍ଭୁକ୍ତ ।

ବର୍ତ୍ତମାନ ଉପଲବ୍ଧ ହେଉନଥିବା ମହତ୍ତ୍ୱପୂର୍ଣ୍ଣ ପୁରାତନ ପୁସ୍ତକ ଓ ଉପାଦେୟ ନୂତନ ପାଣ୍ଡୁଲିପିର ପ୍ରକାଶନ ଦାୟିତ୍ୱ ମଧ୍ୟ ଟ୍ରଷ୍ଟ ବହନ କରିଥାଏ ।

ଉପରୋକ୍ତ ପୁସ୍ତକମାଳାର ପୁସ୍ତକାବଳୀ ସଂପୃକ୍ତ କ୍ଷେତ୍ରରେ ଗବେଷଣା କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କଦ୍ୱାରା ଲେଖାଯାଏ । ସୁନ୍ଦର ଓ ସୁଦୃଶ୍ୟ ମୁଦ୍ରଣ ସଙ୍ଗେ ସଙ୍ଗେ ଉଚିତ ମୂଲ୍ୟରେ ଯେପରି ପୁସ୍ତକ ଯୋଗାଇ ଦିଆଯାଇ ପାରିବ, ସେଥିପ୍ରତି ଲକ୍ଷ୍ୟ ରଖାଯାଏ ।

Digitized by PPRACHIN, SOA

ଜାତୀୟ ଜୀବନଚରିତମାଳା

ପ୍ରକାଶିତ ପୁସ୍ତକାବଳୀ

୧। ପଣ୍ଡିତ ବିଷ୍ଣୁ ଦିଗମ୍ବର	ଭି. ଆର୍. ଆଠଓ୍ୱାଲେ	ଟ ୧.୫୦
୨। ପଣ୍ଡିତ ଭାତଖଣ୍ଡେ	ଏସ୍. ଏନ୍. ରତନଜଙ୍କାର	ଟ ୧.୭୫
୩। ତ୍ୟାଗରାଜ	ପି. ଶାମ୍ବମୂର୍ତ୍ତି	ଟ ୨.୦୦
୪। ରାମାନୁଜାଚାର୍ଯ୍ୟ	ଆର୍. ପାର୍ଥସାରଥୀ	ଟ ୨.୦୦
୫। ଚୈତନ୍ୟ	ଦିଲ୍ଲୀପକୁମାର ମୁଖାର୍ଜୀ	ଟ ୨.୫୦
୬। କବୀର	ପାରସନାଥ ତିଓ୍ୱାରୀ	ଟ ୨.୨୫
୭। ଗୁରୁ ନାନକ	ଗୋପାଲ ସିଂହ	ଟ ୩.୦୦
୮। କାଜୀ ନଜରୁଲ୍ ଇସଲାମ୍	ବସୁଧା ଚକ୍ରବର୍ତ୍ତୀ	ଟ ୨.୦୦
୯। ଈଶ୍ୱରଚନ୍ଦ୍ର ବିଦ୍ୟାସାଗର	ଏସ୍. କେ. ବୋଷ	ଟ ୨.୫୦

ଭାରତବର୍ଷ : ଦେଶ ଓ ଦେଶବାସୀ

ପ୍ରକାଶିତ ପୁସ୍ତକ

୧। ଦେଶ ଓ ମାଟି	ଡକ୍ଟର ଏସ୍. ପି. ରାୟଚୌଧୁରୀ	ଟ ୪.୭୫

Digitized by PPRACHIN, SOA

ଭାରତର କୌଣସି ନିର୍ଦ୍ଦିଷ୍ଟ ଭାଷା-ଭାଷୀ ପ୍ରଦେଶର ସାମାଜିକ ବ୍ୟବସ୍ଥା, ସଂସ୍କୃତି, ରୀତି-ନୀତି, ଚାଲି-ଚଳଣ ତଥା ସୁଖ-ଦୁଃଖ ବିଷୟରେ ସେହି ଭାଷାର ଉତ୍କୃଷ୍ଟ ଜନପ୍ରିୟ ପୁସ୍ତକାବଳୀ ମାଧ୍ୟମରେ ଦେଶର ଅନ୍ୟ ପ୍ରାନ୍ତର ପାଠକମାନଙ୍କୁ ସମ୍ୟକ୍ ଧାରଣା ଦେବାହିଁ ଏହି ପୁସ୍ତକମାଳାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟକୁ ହିଁ ଦୃଷ୍ଟିରେ ରଖି ପୁସ୍ତକାବଳୀ ବଛାଯିବ ଏବଂ ସାଧାରଣତଃ ଆଧୁନିକ ସାହିତ୍ୟରୁ ହିଁ ଏହି ନିର୍ବାଚନ କରାଯିବ ।

ଭାରତ ଏକ ବହୁ ଭାଷା-ଭାଷୀ ଦେଶ ଅଟେ । କିନ୍ତୁ ଦୁଃଖର କଥା ଯେ, ପଡ଼ୋଶୀ ଭାଷା-ଭାଷୀ ଅଞ୍ଚଳର ବିଚାରଧାରା, ସାଂସ୍କୃତିକ ଓ ସାମାଜିକ ଜୀବନ ବିଷୟରେ ଆମେ ବହୁତ କମ୍ ଜାଣୁ ଏବଂ ଏଥିପ୍ରତି ବି ଖୁବ୍ କମ୍ ଧ୍ୟାନ ଦିଆଯାଉଛି । ୟୁରୋପୀୟ ଭୂଖଣ୍ଡରେ ଭିନ୍ନ ଭିନ୍ନ ଦେଶମାନଙ୍କର ଭିନ୍ନ ଭିନ୍ନ ଭାଷା ହୋଇଥିଲେ ମଧ୍ୟ ସେମାନେ ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ପର୍କ ରଖିଛନ୍ତି ଏବଂ ପରସ୍ପର ମଧ୍ୟରେ ସାହିତ୍ୟିକ ତଥା ସାଂସ୍କୃତିକ ଆଦାନ-ପ୍ରଦାନ କରୁଛନ୍ତି ।

ଆଶା, ଏହିଭଳି ଆଦାନ-ପ୍ରଦାନଦ୍ୱାରା ବିଭିନ୍ନ ଭାଷା-ଭାଷୀ ଭାରତର ଜନସାଧାରଣଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାରେ ସହାୟତା ମିଳିବ । ଜଣେ ଅନ୍ୟକୁ ଠିକ୍‌ରୂପେ ବୁଝିବାକୁ ସକ୍ଷମ ହେବ । ରାଷ୍ଟ୍ରୀୟ ଏକତା ବୃଦ୍ଧି କରିବାରେ ଏହା ସହାୟକ ହେବ ।

Digitized by PPRACHIN, SOA